# ଓଡ଼ିଆ ସ୍ୱଭାବ : ଓଡ଼ିଆ ଚରିତ

ବିଜୟିନୀ - ୨୦୧୯

# ଓଡ଼ିଆ ସ୍ୱଭାବ : ଓଡ଼ିଆ ଚରିତ

ପ୍ରକାଶକ
ବିଜୟିନୀ ସ୍ମୃତି ଟ୍ରଷ୍ଟ
ସମାରୋହ, ୧୨୮, ଡୁମୁଡୁମା (କ), ଭୁବନେଶ୍ୱର-୩୦

ପ୍ରକାଶ କାଳ : ୧୬-୯-୨୦୧୯

ମୁଦ୍ରଣ :
ଶ୍ରୀରାମ ସ୍କ୍ରିନ୍ ପ୍ରିଣ୍ଟିଂ, ୩୭୧, ସହିଦନଗର, ଭୁବନେଶ୍ୱର-୭

ମୂଲ୍ୟ : ୧୫୦ ଟଙ୍କା

# ଉତ୍ସର୍ଗ

ମହୋଦଧିତୀରରେ ଚିର ଆଶ୍ରୟ ମନାସିଥିବା ବିଜୟିନୀଙ୍କୁ ଏଇ ଓଡିଆ ସ୍ୱଭାବ : ଓଡିଆ ଚରିତ ସଂସ୍କରଣଟି ଉତ୍ସର୍ଗୀତ...

– ଇନ୍ଦ୍ରମଣି

# ପ୍ରଫେସର ବିଜୟିନୀ ମହାନ୍ତି

(୧୪.୧୧.୧୯୫୭ - ୧୬.୦୯.୨୦୧୩)

ପ୍ରଫେସର ବିଜୟିନୀ ମହାନ୍ତି ଜୀବନରେ ୩୭ ବର୍ଷ ଅଧ୍ୟାପନାରେ ବ୍ୟସ୍ତ ରହିଛନ୍ତି । ସେହି ଅବଧି ମଧ୍ୟରେ ତାଙ୍କର ଗବେଷଣା କ୍ଷେତ୍ର ହୋଇଛି ପୌର ଶାସନ (ଭୁବନେଶ୍ୱର ପୌରପାଳିକାରେ ଲୋକମାନଙ୍କର ଅଂଶଗ୍ରହଣ), ମହିଳା ସଶକ୍ତିକରଣ, ଅନୁସୂଚିତ ଗିରିଜନ, ପଞ୍ଚାୟତିରାଜ, ଓଡିଶା ପ୍ରଶାସନ, ଅମଲାତନ୍ତ୍ର ଓ ଅନେକ ନୂତନ ପ୍ରଶାସନିକ ଭାବଧାରା । ପ୍ରଥମ ଦୁଇଟି ବିଷୟରେ ନିଜର ପି.ଏଚ.ଡି ଓ ଡି.ଲିଟ୍ ଲାଭ କରିଛନ୍ତି । ବହୁ ଗୁଡିଏ ଅମୂଲ୍ୟ ପୁସ୍ତକ ରଚନା କରିଛନ୍ତି ।

ସାମାଜିକ ଜୀବନରେ ବିଜୟିନୀ ଅନେକ କ୍ଷେତ୍ରରେ ଉଦାହରଣ ହୋଇ ରହିଛନ୍ତି । ସମାଜରେ ଆଦର୍ଶ କନ୍ୟା, ଭଉଣୀ ହେବା ସହିତ ସମସ୍ତଙ୍କର ଆଦରଣୀୟା ହୋଇଛନ୍ତି । ମଣିଷପଣିଆ ନେଇ ହସ ହସ ମୁହଁରେ ବିଜୟିନୀ କାର୍ଯ୍ୟ କ୍ଷେତ୍ରରେ ବି ପୂର୍ଣ୍ଣ ଲକ୍ଷ୍ୟ ହାସଲ କରିଥିଲେ - ପାଠପଢା, ଘରକରଣା, ଗବେଷଣା. ଶିକ୍ଷାଦାନ ଅବା ପୁସ୍ତକ ପ୍ରଣୟନ ।

ତାଙ୍କର ତିରୋଧାନ ପରେ ତାଙ୍କର ସ୍ମୃତି ପାଇଁ ଗଠିତ ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ କିଛି କାର୍ଯ୍ୟକ୍ରମ କରାଯାଉଛି । 'ବିଜୟିନୀ ସ୍ମୃତି ସଭା' ତିରୋଧାନ ଦିବସ, ସେପ୍ଟେମ୍ବର ୧୬ ତାରିଖରେ ହୁଏ । ଏହି ଉପଲକ୍ଷେ 'ବିଜୟିନୀ' ସ୍ମରଣିକା ପ୍ରକାଶିତ ହୁଏ । ଆତ୍ମୀୟ ଓ ବନ୍ଧୁମାନଙ୍କ ପରାମର୍ଶକ୍ରମେ ବିଜୟିନୀ ମହାନ୍ତିଙ୍କ ସମ୍ମାନରେ ଜଣେ କୃତୀ ମହିଳାଙ୍କୁ 'ବିଜୟିନୀ ସମ୍ମାନ' ଦିଆଯାଉଛି । ଶିକ୍ଷା କ୍ଷେତ୍ରରେ ତାଙ୍କର କର୍ମକ୍ଷେତ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗର ସ୍ନାତକୋତ୍ତର ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିକ୍ଷାର୍ଥୀଙ୍କୁ 'ବିଜୟିନୀ ମେମୋରିଆଲ ଆୱାର୍ଡ', ରମାଦେବୀ ମହିଳା ମହାବିଦ୍ୟାଳୟ (ବିଶ୍ୱବିଦ୍ୟାଳୟ)ର ରାଜନୀତି ବିଜ୍ଞାନରେ ସ୍ନାତକ ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନରେ ଥିବା ଛାତ୍ରୀଙ୍କୁ 'ବିଜୟିନୀ ସ୍ମୃତି ପୁରସ୍କାର' ଓ ଶୈଳବାଳା ମହିଳା ମହାବିଦ୍ୟାଳୟରେ ସେହି ପରି 'ବିଜୟିନୀ ସ୍ମାରକୀ ପୁରସ୍କାର' ୨୦୧୪ରୁ ଦିଆ ହେଉଛି ।

ଏହା ବ୍ୟତୀତ ତାଳପଦେଶ୍ୱରୀ ସାହିତ୍ୟ ଆସରର ମୂଳ ଉପଦେଷ୍ଟା ଭାବରେ ଏହି ଅନୁଷ୍ଠାନର ଜଣେ କୃତୀ ସାହିତ୍ୟିକଙ୍କୁ 'ତାଳପଦେଶ୍ୱରୀ ପ୍ରଫେସର ବିଜୟିନୀ ମହାନ୍ତି ସମ୍ମାନ' ଦିଆଯାଉଛି ।

ନିଜର ଅନେକ ଅଭୀପ୍ସା ରହିଥିଲା, ଯାହା ଅପୂରଣୀୟ ହୋଇ ରହିଯାଇଥିଲା, ଯଥା - କେତେ ଜଣ ପି.ଏଚ୍.ଡି ପ୍ରାର୍ଥୀ ନିଜର ଡିଗ୍ରୀ ପାଇସାରିଲେଣି । ଉତ୍କଳ ବିଶ୍ୱ ବିଦ୍ୟାଳୟର ଲୋକ ପ୍ରସାଶନ ବିଭାଗ, ବ୍ୟକ୍ତିଗତ ଭାବରେ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀଙ୍କ ସଯତ୍ନ ଆଗ୍ରହରୁ ସେ ସବୁ ପରିପୂର୍ଣ୍ଣ ହୋଇପାରିଛି । ବିଭାଗର କେତୋଟି ପୁସ୍ତକ ପ୍ରଣୟନ କରିବା ବିଜୟିନୀଙ୍କର ଲକ୍ଷ୍ୟଥିଲା, ସେହି କାର୍ଯ୍ୟକ୍ରମରେ ଲୋକ ପ୍ରଶାସନ ବିଭାଗ ସହଯୋଗରେ ସମ୍ପାଦିତ ହେବ ବୋଲି ଆଶା ।

ପ୍ରଫେସର ବିଜୟିନୀ ମହାନ୍ତିଙ୍କର ଅନେକ ଅସଂପୂର୍ଣ୍ଣ ପ୍ରବନ୍ଧ, ଗବେଷଣା ଲବ୍ଧ ସାମାଜିକ ତତ୍ତ୍ୱକୁ ପ୍ରକାଶ ଉପଯୋଗୀ କରି ଆତ୍ମୀୟ ଓ ଛାତ୍ରଛାତ୍ରୀ ବିଭିନ୍ନ ମାଗାଜିନ୍‌ରେ ପ୍ରକାଶ କରି ବିଜୟିନୀର ସ୍ମୃତିର ଧାରାକୁ ଜୀବନ୍ତ କରି ରଖିଛନ୍ତି । ଗତ ବର୍ଷ ବିଜୟିନୀଙ୍କର ଉତ୍କଳ ପ୍ରସଙ୍ଗ ଆଉ ଓଡିଶା ରିଭିଉ ପତ୍ରିକାରେ ତାଙ୍କର ଅପ୍ରକାଶିତ ଚାରିଗୋଟି ପ୍ରବନ୍ଧ ପ୍ରକାଶିତ ହୋଇଛି ।

୧୯୧୬ ଡିସେମ୍ବରରୁ ଉତ୍କଳ ବିଶ୍ୱବିଦ୍ୟାଳୟର ଲୋକ ପ୍ରଶାସନ ବିଭାଗରେ 'ପ୍ରଥମ ବିଜୟିନୀ ମେମୋରିଆଲ ବକ୍ତୃତା' ଅନୁଷ୍ଠିତ ହେଲା, ବକ୍ତା ଥିଲେ ଦିଲ୍ଲୀ ଜାମିଆ ମିଲିଆର ପ୍ରଫେସର ରୁମ୍‌କି ବସୁ । ୨୦୧୭ ମସିହା ଠାରୁ ବିଜୟିନୀ ମେମୋରିଆଲ ବକ୍ତୃତା ତାଙ୍କ ସ୍ମୃତି ସଭାସହିତ ଅନୁଷ୍ଠିତ ହେବାର ନିଷ୍ପତ୍ତି ନିଆଯାଇଛି । ଏଥର ବନାରସ ହିନ୍ଦୁ ୟୁନିଭରସିଟିର ପ୍ରାକ୍ତନ ପ୍ରଫେସର ଆର୍.ଆର୍. ଝା 'ଦ୍ୱିତୀୟ ସ୍ମାରକୀ ବକ୍ତୃତା' ଦେଇଛନ୍ତି । ୨୦୧୮ ମସିହାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପ୍ରଫେସର ଅମିତା ସିଂହ 'ତୃତୀୟ ବିଜୟିନୀ ମେମୋରିଆଲ ବକ୍ତୃତା' ଦେଇଛନ୍ତି । ଏହି ବର୍ଷ ୨୦୧୯ରେ କଲିକତାର ରାଜନୀତି ବିଜ୍ଞାନ ଓ ଲୋକ ପ୍ରଶାସନ ବିଭାଗର ପ୍ରଫେସର ପ୍ରଭାତ କୁମାର ଦତ୍ତ ଏହି ଚତୁର୍ଥ ବିଜୟିନୀ ମେମୋରିଆଲ ବକ୍ତୃତା ପ୍ରଦାନ କରିବେ ।

**ଡାକ୍ତର ଇନ୍ଦ୍ରମଣି ଜେନା**

*ସଭାପତି, ବିଜୟିନୀ ସ୍ମୃତି ଟ୍ରଷ୍ଟ*

# ସ୍ୱଭାବେ ଓଡିଆ

ପ୍ରତିଦିନ ସକାଳୁ ନିଦରୁ ଉଠି ଆଖି ଖୋଲିଲେ ମଙ୍ଗଳମୟ ମୁଖଟିଏ କିମ୍ବା ଜୀବଟିଏ ଦେଖିବାର ଆନ୍ତରିକ ଆଶାଥାଏ । ଦିନଟି ସୁଖମୟ ହେବ, ଜୀବନ ଧାରଣ ମଧୁର ହେବ । ନିଜ ମନ-ମସ୍ତିଷ୍କ ଅଭ୍ୟନ୍ତରର ଅନନ୍ତ ଚେତନାର ମହାସମୁଦ୍ରରେ ଅମଙ୍ଗଳ ଚିନ୍ତାରେ ଅଶାନ୍ତ ଢେଉ ଆସିବନି । ଏଇଟା ଆମ ଅଜ୍ଞାତସାରରେ ଆମ ମୁଣ୍ଡ ଭିତରେ ସୃଷ୍ଟିରୁ ଖଚିତ ସକାରାତ୍ମକ ଧାରା । ସ୍ଥାନ, କାଳ ଓ ପାତ୍ର ନେଇ ଏହା ଭିନ୍ନ ହୋଇପାରେ ।

ସେମିତି ଓଡିଆ ଭାବରେ ଜନ୍ମ ହୋଇ ବା ଓଡିଶାରେ ବାସକରି ଆମ ମନରେ ଅନେକ ମଧୁର ତରଙ୍ଗ ସୃଷ୍ଟି ହେଉଛି । ଜଗତର କେଉଁ ସୂର୍ଯ୍ୟୋଦୟ ଆମ ଜୀବନକୁ ଏହି ମଧୁରତାରେ ଭରିଦେଲା, ଆମେ ଜାଣି ନପାରିଲେ ବି ଆମ ଦୈନନ୍ଦିନ ଜୀବନ ସରସ ଓ ସୁନ୍ଦର, ସୁଖମୟ ଓ ମଧୁର ହୋଇ ରହିଛି ଏହା ଆମେ ଚିନ୍ତାକଲେ ମନ ଉଶ୍ୱାସ ହୋଇ ଉଠେ । ଓଡିଶା ଓ ଓଡିଆ ବସ୍ତୁତଃ ପ୍ରାକୃତିକ । କାହା ଜୀବନକୁ ଏହାର ସୁମଧୁର ଭୂଗୋଳ ଆଉ ପରିବେଶ ସ୍ପର୍ଶ କରୁନାହିଁ ? ସମସ୍ତଙ୍କୁ ଏହାର ମହୋଦଧିର ନୀଳିମା, ବନାନୀର ସବୁଜିମା ଆଉ ଜୀବଜଗତର ସ୍ୱରତରଙ୍ଗ ଆପ୍ୟାୟିତ କରେ ।

ଓଡିଆ ଜୀବନ ଯମୁନାରେ ଆସିଛି ଅନେକ ମଧୁର ଲହରି । କେଉଁ ପ୍ରାଚୀନ କାଳରୁ କଳିଙ୍ଗ କୋଳରୁ ଉଭୁରି ଆସିଛି ଏହାର ସୁମଧୁର ଭାଷା । ସୃଜନଶୀଳ ଜାତିର ସନ୍ତାନ ଆନନ୍ଦରେ ନୃତ୍ୟରତ । ବହକି ଆସିଛି ମନଲୋଭା ଓଡିଶୀ ଶୈଳୀକୁ । ପିନ୍ଧିବାକୁ ବୁଣିଦେଲେ ଓଡିଶୀ ଶାଢୀ, ପାଟ ଦକ୍ଷ ଓଡିଶାର କାରିଗର କୁଳ, ଇତିହାସର ଅମା ଅନ୍ଧକାରରୁ । ଜୀବଦୟା ଓଡିଆ ପ୍ରାଣରେ ଅନୁବନ୍ଧିତ ସଭ୍ୟତାର ଅୟମାରମ୍ଭରୁ । ଅହିଂସା ତିଷ୍ଠି ରହିଛି ଓଡିଆ ମନରେ, ମଙ୍ଗଳପଣରେ ପରହିତ କାମନାରେ । କାତର ହୋଇଯାଇନି ଓଡିଆ ସନ୍ତାନ । ନିର୍ମାୟା ହୋଇ ହୀନବଳ ହୋଇନି । ଉଦାହରଣ ଟୋକିଛି ଦୁଃସାହସୀ ବୀର ସନ୍ତାନ । ଜଣେ ନୁହେଁ, କେଇଜଣ, ଯେଉଁମାନଙ୍କ ଜୀବନର ମଧ୍ୟାହ୍ନରେ ଦିଗ୍‌ବିଜୟ ଆଉ ବାନପ୍ରସ୍ତ ଭରିଯାଇଛି ଆଧ୍ୟାତ୍ମିକତାରେ । ଅଧ୍ୟାତ୍ମ୍ୟ ସମଗ୍ର ମାନବ ଜାତିର ଉପନଦୀ ଭାର ନେଇ ମୂଳନଦୀ ହୋଇ ବୋହି ଯାଇଛି ପୁରୁଷୋତ୍ତମଙ୍କୁ । ସହନଶୀଳତାରେ ତରଳ ଓ ସରଳ ଓଡିଆ ଜୀବନ । ପଖାଳ ଶାଗରେ ସନ୍ତୁଷ୍ଟ । ପରଶ୍ରୀକାତର ନୁହେଁ । କିନ୍ତୁ ଆଜି ଅବହେଳା ଆଉ ଆଧୁନିକତାରେ ମତିଭ୍ରମ । ଉତ୍ସର୍ଗ କରିଦେବକି କାଳକାଳର ଓଡିଆ ସ୍ୱଭାବ, ଓଡିଆ ଚରିତ ? ନାଁ ଏଇଟି ମୂଳ-ସନ୍ତକ । ଆଧୁନିକତା ସ୍ୱାଗତମ୍ ! ମାତ୍ର ଭର୍ତ୍ତିହୋଇଯାଅ ଆମ ଓଡିଆ ମାଣକୁଞ୍ଚାରେ । ବାସ୍ ।

ବହୁ ତପସିଦ୍ଧ ମୁନିଋଷି ଜୀବନର ମୂଲ୍ୟ ବା ଲକ୍ଷ୍ୟ ଭେଦ କରିବାକୁ ଚେଷ୍ଟାକରି ଜୀବନ ସାରିଦେଇଛନ୍ତି । ସତରେ କଅଣ ମଣିଷ କର୍ମଗୁଣେ ଫଳ ପାଏ ? ନା ଜନ୍ମଗୁଣେ ଫଳପାଏ ? ବଂଶଜ ଗୁଣ କି ପରିବେଶ ଗୁଣ ? ନା ନା, ହୋଇପାରେ ସବୁର ମିଶ୍ରିତ ଫଳ ଆଉ କାହାର କିଛିଟା ଅଙ୍କ ବେଶି । ଜୀବନ ଗଛଟିର ଜୀବନ ହୋଇପାରେ । ଯଦି ଏହି ପ୍ରାଥମିକ ସ୍ତରର ଜୀବନକୁ ଆମେ ବିଶ୍ଳେଷଣ କରିବା, ଉଦ୍ଭିଦ ଜୀବନର ଗୋଟିଏ ଲକ୍ଷ୍ୟ ଦେଖାଯାଏ । ମୋ ମତରେ ବଂଶରକ୍ଷା କରି ଦୁନିଆରୁ ବିଦାୟ ନେବା । ସତରେ ମଣିଷ ଜୀବ ଶ୍ରେଷ୍ଠ ହୋଇ ତା କପାଳ କୁହନ୍ତୁ କି ବଂଶକଣିକା ବା ଜିନ୍ ଅବା କ୍ରୋମଜମ୍ କୁହନ୍ତୁ, ତାହାର ଅନ୍ତିମ ଲକ୍ଷ୍ୟ କଅଣ ପ୍ରଜନନ, ମଣିଷ ଜୀବନର ଅମୃତ ଅବୟବ ଦୁନିଆର ପରିବେଶରେ ବଞ୍ଚାଇ ରଖିବା ? ହୋଇପାରେ ଏହା ଜୀବର ପରମ ଲକ୍ଷ୍ୟ, ଆଉ ଅନ୍ୟ ସବୁ ଆନୁଷଙ୍ଗିକ ।

ଏହି ଅଲକ୍ଷ୍ୟର ଲକ୍ଷ୍ୟକୁ ନେଇ ମଣିଷର ଧଉଳ ଧବଳ ସଭ୍ୟସମାଜ । ସଭ୍ୟତାର ପାର୍ଶ୍ୱ ପରିବର୍ତ୍ତନ, ସମାଜ ଆଉ ସଂସ୍କୃତି । ସମୟ ସ୍ରୋତରେ ବହୁ ସଭ୍ୟତା ଆଉ ସଂସ୍କୃତି ବିସ୍ମୃତ ହୋଇଗଲେଣି । ଅନେକ ପ୍ରାଚୀନ ସମାଜ ନିଜ ପୁରାତନ ସଂସ୍କୃତିର ନାବରେ ବୁଡିବାକୁ ଟଳମଳ । ଆଜିର ସଂସ୍କୃତିର ନିର୍ଣ୍ଣାୟକ ହୋଇଛି ଆମେରିକା ଇଂଲଣ୍ଡ ପରି ଉନ୍ନତ ଦେଶ ଗୁଡିକର ଦିନକୁ ଦିନ ପରିବର୍ତ୍ତିତ ବିକାଶ ଧାରାର ସୂଚକ । ଆମର ପୁରାତନ ସଭ୍ୟତା ଆଉ ସଂସ୍କୃତି ଗୁଡିକ ସହସ୍ରାଧିକ ବର୍ଷର ଅଭିଜ୍ଞତା ନେଇ ପ୍ରତିପାଳିତ । ସେଗୁଡିକୁ ଯେ ଆମେ ହଜାଇଦେଇ ନୂତନତାର ଆଶ୍ରୟ ଆଦରିନେବା ଏତେ ସହଜ ନୁହେଁ । ଯଦି ନୂତନ ଓ ଜୀବନ ପାଇଁ ଅପରିହାର୍ଯ୍ୟ ଅବା ପ୍ରକୃତିମତେ ଲାଭଜନକ ତେବେ ନୂତନତାର ସ୍ୱାଦ ସହିତ ସାମାଜିକ ସଂସ୍କୃତିର ନିଦର୍ଶନ ବଞ୍ଚାଇ ରଖିବା ଶ୍ରେୟସ୍କର ।

ପ୍ରତିଟି ଜାତିର ଆଚାର ବ୍ୟବହାର, ଭାଷା, ପୋଷାକ ପରିଚ୍ଛଦ ଇତିହାସ ପୃଷ୍ଠାରେ ବିବର୍ତ୍ତନ ଗତି ଭାବରେ ଦୃଷ୍ଟିଗୋଚର ହୁଏ । ସଭ୍ୟତା ଯେପରି ବିକଶିତ ହୋଇଛି, ସେମିତି ପ୍ରତି ଜାତି ନିଜର ଭୌଗୋଳିକ ପରିବେଶରେ ଅର୍ଥନୈତିକ ଭିତିଭୂମିରେ ଅଗ୍ରଗତି କରିପାରିଛନ୍ତି । ପ୍ରଚଳିତ ପୁରାତନ ଧର୍ମ ସହିତ ନୂତନ ଧର୍ମର ପ୍ରବେଶ ସେମିତି ବିରାଟ ପରିବର୍ତ୍ତନର ସ୍ୱର ଉତ୍ତୋଳନ କରିଥାଏ । ସେମିତି ଉତ୍‌ଥାନ ପତନ ଭିତରେ ଗଢି ଉଠିଛି ଗୋଟିଏ ଜାତିର ମାନସିକତା । ଓଡିଆ ସ୍ୱଭାବେ ସରଳ, ନିରୀହ ଏବଂ ଅଳ୍ପରେ ସନ୍ତୁଷ୍ଟ ଜାତି । ଅତ୍ୟନ୍ତ ଧର୍ମ ପରାୟଣ, ଅତିଥି ଓ ବନ୍ଧୁବତ୍ସଳ, ସାହାସୀ ଏବଂ ଧୈର୍ଯ୍ୟବାନ । ଆଧୁନିକ ଓଡିଆ ଜାତିର ମାନସିକତା ତଥା ଆଚାର ବ୍ୟବହାରର ଶୈଳୀ କେବଳ ଧର୍ମ ଓ ଇତିହାସ ନିର୍ଣ୍ଣୟ କରିନି, ତା ସହିତ ରହିଛି ବିଦେଶୀ ଶାସନର ପୁଞ୍ଜୀଭୂତ ନିର୍ଯ୍ୟାତନା ଆଉ ଆର୍ଥିକ ଶୋଷଣ, ଧାର୍ମିକ ବିରୁଦ୍ଧାଚରଣ ଆଉ ରାଜନୈତିକ ପ୍ରତିଶୋଧ । ଏମିତି ଇତିହାସର ଅମା ଅନ୍ଧକାରରୁ ଆଜି ଯାଏ ଗଢି ଉଠିଛି ଓଡିଆ ସମାଜ, ଓଡିଆ ସ୍ୱଭାବ, ଓଡିଆ ଚରିତ ।

ଓଡିଆ ଜାତିର ପ୍ରାଚୀନତା ବା ସାଂସ୍କୃତିକ ବିଭବ ମୋ ମନକୁ ଯେତିକି ଉନ୍ମାଦନା ଦିଏ, ମୋର ମନେହୁଏ ଗୋଟିଏ ବିହଙ୍ଗ ହୋଇ କ୍ଷଣକ ମଧ୍ୟରେ ବିଶ୍ୱର ସାମୟିକ ସାମାଜିକ ଉତ୍ସବ ଗୁଡିକୁ ଅବଲୋକନ କରି ପାରନ୍ତି କି ? ମୁଁ ଗରୁଡ ନୁହେଁ, କିନ୍ତୁ ମୋତେ ସ୍ପଷ୍ଟ ଦେଖାଯାଉଛି ପୁରୁଷୋତ୍ତମ ପୁରୀର ରଥଯାତ୍ରା ଯେମିତି ବିଶ୍ୱର ଚତୁଷ୍କୋଣକୁ ବ୍ୟାପୀ ଚାଲିଛି । ସତରେ ଦୁନିଆଟା କଅଣ ଓଡିଶା ହେବାକୁ ବସିଛି ନା ସମସ୍ତେ ଓଡିଆ ହେବାକୁ ମନରେ ଆଶା ବାନ୍ଧି ବସିଛି ? ସେମିତି ପଖାଳ ସଂସ୍କୃତି ସର୍ବାଦୃତ ହୋଇପଡିଛି । ପ୍ରକୃତିପ୍ରିୟ ଆଉ ଜନ୍ମ ମାତୃକାର ଉପଭୋଗୀ ଏଇ ଓଡିଆ ଜାତି ।

ମନକୁ ଗୋଟିଏ ଚିନ୍ତା ଆସୁଛି କିଏ ସେଇ ମହାନ୍ ଦିଗଦ୍ରଷ୍ଟା ଯିଏ ଗୋଟିଏ ବ୍ରହ୍ମ ମୁହୂର୍ତ୍ତରେ ଦୁନିଆର ସର୍ବଶକ୍ତିମାନ ଶୂନ୍ୟ ଶକ୍ତିକୁ ମଣିଷ ରୂପରେ ଜୀବନ କଟାଇବାର ଦୃଷ୍ଟାନ୍ତ ଦେଇଗଲେ ଓଡିଆ ଜାତିକୁ । ଏହା ମାନବିକତାର ଏକ ଦାର୍ଶନିକ ନିର୍ଣ୍ଣୟ, ଯାହା ପାଖରେ ସମସ୍ତ ଧର୍ମ, ନୀତି, ସାମାଜିକତା ଓ ଆଧ୍ୟାତ୍ମିକତା ଦ୍ରବୀଭୂତ ହୋଇଯାଏ । ସିଏ ଯଯାତି କେଶରୀଙ୍କ କାଳର ଆଦି ଶଙ୍କର ହୁଅନ୍ତୁ କି ଅନଙ୍ଗଭୀମଦେବଙ୍କ ସମୟରେ ରାମାନୁଜ ହୁଅନ୍ତୁ ଏହି ଅନନ୍ତ ଶକ୍ତିର ଅନାବରଣ କରି କେବଳ କଳିଙ୍ଗ କି ଓଡିଶାରେ ନୁହେଁ, ସମଗ୍ର ମାନବ ସମାଜରେ ବିବେକବାନ ଜଗନ୍ନାଥ ଶକ୍ତି ନାମକ ଏକ ସମ୍ମୋହନୀ ଶକ୍ତିର ଅବତାରଣା କରିଛନ୍ତି । ଓଡିଆ ସ୍ୱଭାବର ଉଦ୍ରେକ କରି ଆଚରଣକୁ ପ୍ରସାରିତ କରିଛନ୍ତି ।

ଏହି ପୁରାତନ ଓଡିଆ ଜାତି ସ୍ୱର୍ଦ୍ଧିତ ହୋଇଛି ପୁରୁଷୋତ୍ତମ ଜଗନ୍ନାଥଙ୍କ ଉଚ୍ଚାଟରେ । ମାନବିକ ମାୟାରେ ତାଙ୍କର କବଳିତ ହୋଇଯାଇଛି । ନିଜର ଖାଦ୍ୟ, ବସ୍ତ୍ର, ସାମାଜିକ ପର୍ବପର୍ବାଣି, ଭାଷା ସାହିତ୍ୟ, ଆଶା ନିରାଶା, ଜୀବନ ମୃତ୍ୟୁ ସବୁର ସୂତ୍ରଧର ଆଉ ତତ୍ତ୍ୱାବଧାରକ ହୋଇ ପଡିଛନ୍ତି ବଡ ଠାକୁର । ତାହାରି ଭିତରେ ସହସ୍ରାବ୍ଦ ଧରି ପ୍ରତିଷ୍ଠିତ ହୋଇଛି ଓଡିଆ ବ୍ୟକ୍ତିଗତ ଓ ସାମାଜିକ ଜୀବନ । ସ୍ୱଭାବ ଓ ଚରିତ ଗୋଟିଏ ସମାଜର ଅନେକ ବାଧାବିଘ୍ନର ସମ୍ମୁଖୀନ ହୁଏ । କିନ୍ତୁ ଇତିହାସ ଏହା କଅଣ କହୁଛି ? ଅତି ଭକ୍ତ ଓଡିଆ ଆଉ ଓଡିଶାର ସାମରିକ ସମାଜ ଶ୍ରୀଚୈତନ୍ୟଙ୍କ ସଂକୀର୍ତ୍ତନରେ ଆସି ତ୍ୟାଗ କରିଦେଲା । ତିନିଶ ବରଷ ଯବନକୁ ପ୍ରତିରୋଧ କରିବା ପୌରୁଷ ହରାଇଲା । ବିଶ୍ୱାସଯୋଗ୍ୟ କି ?

ଏହି ଉକ୍ତିକୁ ଆମେ ହୃଦୟଙ୍ଗମ କରି ପାରୁନୁ, ଭକ୍ତକୁ ଜଗନ୍ନାଥ କହନ୍ତି ଗୀତାର ଉବାଚ । ନିଜ କର୍ମରେ ତିଳେମାତ୍ର ଅବହେଳା କରିବା ଅଧର୍ମ । କର୍ମରେ ଅବହେଳା କଲେ, ଉପରକୁ ଶତ୍ରୁ କୁଦି ପଡିବେ । ମୋତେ କୁଆଡେ ନେଇ ଲୁଚାଇବା ଅପେକ୍ଷା ସମର୍ଥ ହୁଅ, ଶତ୍ରୁକୁ ଶକ୍ତିରେ ଭୟଭୀତ କରିବାକୁ । ଶାସ୍ତ୍ର, ପୁରାଣ, ସାହିତ୍ୟ, ନୃତ୍ୟ, କଳା, ଭାସ୍କର୍ଯ୍ୟ, ଖାଦ୍ୟ, ଶିଳ୍ପ ସବୁ ଗୁଡିକରେ ଉତ୍କର୍ଷ ସାଧନ କରିବାର ଭିତ୍ତିଭୂମି ଆଉ ପ୍ରୋତ୍ସାହନ ରହିଛି ଏହି ଭୌଗୋଳିକ ଓଡିଶା ମଣ୍ଡଳରେ ଜଗନ୍ନାଥଙ୍କର ଅପଲକ ଚକାଡୋଳା ସମ୍ମୁଖରେ । ସେଇ ଚୁମ୍ବକୀୟ ଶକ୍ତିନେଇ ନବଜାତ ଓଡିଆ ଜୀବନ ଆରମ୍ଭ ହୁଏ ଆଉ ଓଡିଆ ଜୀବନ ଅନ୍ତରେ ସେହି ପଦାରବିନ୍ଦରେ ଆଶ୍ରୟ ନିଏ । ସେ ସବୁ ଉକ୍ତିର ପ୍ରତ୍ୟୁତ୍ତର ମିଳେ ବୀର ଓଡିଆ ହେବାକୁ, କର୍ମଠ ବଳବନ୍ତ ଓ ଦକ୍ଷ ହେବାକୁ । କାଞ୍ଚି-କାବେରୀ ପରି ପୁରୁଷୋତ୍ତମ ଯେପରି କହୁଛନ୍ତି, ସମନ୍ୱୟରେ ଯେଉଁ ଓଡିଆ ଭାବ ଧାରଣ କରିଛି, ତାହାର କୃତିତ୍ୱ ଅର୍ଜନ କର । ମୁଁ କରି କରାଉଥାଏ । କରିଲାବାଲା ତୁମେ ନିଜେ । ସାହସ ତୁମର । କର୍ମଭୂମି ତୁମର । ସାରଥି ମୁଁ । ଜାଗି ଉଠ ।

ପୁରାତନ ସଭ୍ୟତା, ସମାଜ ଆଉ ପରିବେଶ ଆଜିର ବିଜ୍ଞାନ, ତଥ୍ୟ ଆଉ ଗଣ ମାଧ୍ୟମ ବାମ୍ପରେ ବିକୃତ  ହୋଇଯାଉଛି । ଏହାର ସୂଚକ ହେଉଛି ସବୁଆଡେ ପ୍ରାଚୀନ ସହର କ୍ରମଶଃ ଜନାକୀର୍ଣ୍ଣ ଆଉ ସଂକୀର୍ଣ୍ଣ ହୋଇ ପଡୁଛନ୍ତି । ସେମିତି ଜନସଂଖ୍ୟା ବୃଦ୍ଧିରେ ଗଣମାଧ୍ୟମର ପର୍ଯ୍ୟାଲୋଚନାରେ ଆଜିର ମଣିଷ ନିଜ ଜନ୍ମମାଟିର ଆକର୍ଷଣ ହରାଏ । ମନ୍ଥନ ଚାଲିଛି ସଭ୍ୟତାର, ସଂସ୍କୃତିର ଆଉ ମଣିଷର ଚିରାଚରିତ ସ୍ୱଭାବର । ଓଡିଆ ସ୍ୱଭାବ ଚରିତର ମୂଳ ଅବୟବ ଯେତିକି ଦୃଶ୍ୟ, ସେତିକି ପ୍ରୋଥିତ । ଆଜିର ଓଡିଆ ଚରିତର କିୟଦାଂଶ ନିରାବରଣ ଏ ବର୍ଷ ବିଜୟିନୀ ପୁସ୍ତିକାର ମୂଳ ଲକ୍ଷ୍ୟ । ସେଇ ଓଡିଆ ଆଚରଣ ଭିତ୍ତିଭୂମିରେ ଆମକୁ ଅବକାଶ ମିଳିବ ଆମର ସମାଜକୁ ଆକଳନ କରିବାକୁ, କୂଳ ଖାଉଥିବା ମୂଳ ଚରିତକୁ ସଂରକ୍ଷିତ କରିବାକୁ । ମଣିଷ ବିବର୍ତ୍ତନ-ଉଦ୍‌ଭବ ଶକ୍ତିରେ ଦଣ୍ଡାୟମାନ । ଅସମର୍ଥର ଦୁନିଆରେ ତିଷ୍ଠି ରହିବାର ଶକ୍ତି ନାହିଁ । ସେଇ ଦୃଷ୍ଟିରୁ ଆମ ସ୍ୱଭାବ ସର୍ବାଗ୍ରେ ବିବର୍ତ୍ତନବାଦୀ ହେବା ସ୍ୱାଭାବିକ । କିନ୍ତୁ ଆମ ଅର୍ଜିତ ମୂଳ ସ୍ୱଭାବ ଆଉ ଆଚରଣ ପୂର୍ବବତ୍ ବଜାୟ ରହୁ, ଆମ ଓଡିଆପଣ ଆନ୍ତର୍ଜାତୀୟତା ସମ୍ମୁଖରେ ବଳି ନପଡୁ ।

ବିଗତ ପାଞ୍ଚଟି ବିଜୟିନୀ ମାଗାଜିନ୍ ପ୍ରସଙ୍ଗ ଭିତ୍ତିକ ହୋଇଛି, ପ୍ରଥମଟି ବିଜୟିନୀର ଶ୍ରଦ୍ଧା ସୁମନକୁ ବାଦ୍ ଦେଇ ଅନ୍ୟ ଗୁଡିକର ପ୍ରସଙ୍ଗ ରହିଛି - ଜୀବନ ପାତ୍ର, ଦୀନବନ୍ଧୁ ଦଇତାରି, ଆମ ସ୍ୱାଭିମାନ ଆମ ଅସ୍ମିତା, ମହାନଗରୀ ଏକାମ୍ର ମନ୍ଦିରମାଳିନୀ ଭୁବନେଶ୍ୱର ଆଉ ଏଇ ଚଳନ୍ତି ପ୍ରସଙ୍ଗ ଓଡିଆ ସ୍ୱଭାବ ଓଡିଆ ଚରିତ । ପ୍ରକାଶକଙ୍କ ଅନୁରୋଧରେ ନିଜର ସମସ୍ତ ଚେତନା ଖଟାଇ ଏହି ପ୍ରସଙ୍ଗ ଭିତ୍ତିକ ପୁସ୍ତିକାଟିର ପ୍ରବନ୍ଧଦାତା ମାନେ ନିଜର ବୁଦ୍ଧିମତ୍ତାର ପରିଚୟ ଦିଅନ୍ତି । ଏହି ଆନ୍ତରିକତା ନିମିତ୍ତ ବିଜୟିନୀ ସ୍ମୃତି ପ୍ରକାଶନ ପ୍ରବନ୍ଧଦାତା ମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି । ଏହି ପୁସ୍ତିକାଟିର ଉପଦେଷ୍ଟା ପ୍ରଫେସର ଅଭିନ୍ନ ଚନ୍ଦ୍ର ସାହୁ, ଡ. ଗୌରହରି ଦାସ ଓ ପ୍ରଫେସର ନାରାୟଣ ସାହୁଙ୍କୁ ପ୍ରକାଶନ ତରଫରୁ ବିଶେଷ କୃତଜ୍ଞତା ।

**ଡାକ୍ତର ଇନ୍ଦ୍ରମଣି ଜେନା**
ଚେୟାରମାନ୍, ବିଜୟିନୀ ସ୍ମୃତି ଟ୍ରଷ୍ଟ,
ସମାରୋହ, ୧୨୮ ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୯୩୮୦୦୭୫୦୯

### ଅଭିମତ:

# ଓଡ଼ିଆ ସ୍ୱଭାବ : ଓଡ଼ିଆ ଚରିତ

### ଗୌରହରି ଦାସ

ଚଳିତବର୍ଷର "ବିଜୟିନୀ' ସଂକଳନର ପ୍ରସଙ୍ଗ ରଖାଯାଇଛି ଓଡ଼ିଆ ସ୍ୱଭାବ: ଓଡ଼ିଆ ଚରିତ । ସାଧାରଣ ଦୃଷ୍ଟିରେ ଦେଖିଲେ କେହି ହୁଏତ ମନ୍ତବ୍ୟ ଦେଇପାରନ୍ତି ଯେ ଓଡ଼ିଶାରେ ପୁଣି ଓଡ଼ିଆ ସ୍ୱଭାବ କି ଓଡ଼ିଆ ଚରିତ ସମ୍ପର୍କରେ ସ୍ୱତନ୍ତ୍ର ଚର୍ଚ୍ଚାର ପ୍ରୟୋଜନ କ'ଣ ? ମାତ୍ର ଟିକିଏ ଗହୀରେଇ ଦେଖିଲେ ବୁଝାପଡ଼ିବ ଯେ ଯାହା ଉପରକୁ ଯେତିକି ସହଜ କି ସାଧାରଣ ଦିଶୁଥାଏ ତାହାକୁ ବୁଝାଇ କହିବା ସେତିକି କଷ୍ଟ ଓ ଅସାଧାରଣ । ଉଦାହରଣ ସ୍ୱରୂପ କେହି ଯଦି ଆମକୁ ପଚାରେ ଓଡ଼ିଶାର ପରିଚୟ କ'ଣ ତାହାହେଲେ ଆମେ ତାହାର ସିଧାସଳଖ କି ଉତ୍ତର ଦେବା ? ଏହି ପ୍ରଶ୍ନର ଉତ୍ତର ଖୋଜିବା କେବଳ ଯେ ଆଜି କଷ୍ଟକର ମନେହେଉଛି ତାହା ନୁହେଁ, ଅତୀତରେ ମଧ୍ୟ କଷ୍ଟକର ଥିଲା ଓ ଭବିଷ୍ୟତରେ କଷ୍ଟକର ମନେହେବ । ସେଥିପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଶା ବା ଉତ୍କଳର ପ୍ରତୀକ ଭାବେ ଶ୍ରୀଜଗନ୍ନାଥଙ୍କୁ ଗ୍ରହଣ କରି ଏକଦା ଲେଖିଥିଲେ, "ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ, ଉତ୍କଳର ନେତା ନିଜେ ନାରାୟଣ ।'' ନାରାୟଣଙ୍କର ପରିଚୟ ପାଇଗଲେ ଉତ୍କଳର ପରିଚୟ ମଧ୍ୟ ମିଳିଯିବ । ଉତ୍କଳର ନେତା ନାରାୟଣ ବା ନାରାୟଣଙ୍କର ଯାହା ଯାହା ଗୁଣ ସେହି ଗୁଣ ଓଡ଼ିଶାର ନରନାରାୟଣଙ୍କ ପାଖେ ମଧ୍ୟ ରହିବା ଆଶା କରାଯାଏ । ଜଗନ୍ନାଥ ଓଡ଼ିଶାର ନେତା, ପରିଚୟ ସିଏ, ସ୍ୱାଭିମାନ ସିଏ, ଅହଙ୍କାର ମଧ୍ୟ ସିଏ । ତେବେ ଏହା ମୂଳ ପ୍ରଶ୍ନର ଆଂଶିକ ଉତ୍ତର, ସମ୍ପୂର୍ଣ୍ଣ ନୁହେଁ। ସମ୍ପୂର୍ଣ୍ଣ ଉତ୍ତର ସଂକ୍ଷେପରେ ଦେବା କଦାପି ସମ୍ଭବ ନୁହେଁ। ସେଥିପାଇଁ ଏହି ସଂକଳନର ଲେଖକ ଲେଖିକା ନିଜ ନିଜ ଢଙ୍ଗରେ ଏହାର ଉତ୍ତର ଖୋଜିଛନ୍ତି ।

୧୯୦୭ ମସିହାରେ ଏଲ୍.ଏସ୍.ଏସ୍. ଓ'ମାଲେ ବାଲେଶ୍ୱର ଗେଜେଟିୟର ସଂପାଦନା କରିଥିଲେ । ଏଥିରେ ସେ ବାଲେଶ୍ୱର ଲୋକମାନଙ୍କ ସମ୍ପର୍କରେ କିଛି କଥା ବିଭିନ୍ନ ସୂତ୍ରରୁ ସଂଗ୍ରହ କରି ଲେଖିଥିଲେ । ତା' ମଧ୍ୟରୁ ଗୋଟିଏ ଉଦ୍ଧୃତି ଥିଲା ଷ୍ଟର୍ଲିଂଙ୍କର । ମାଲେ ଉଦ୍ଧାର କରିଥିବା ଷ୍ଟର୍ଲିଂଙ୍କର ସେହି ମନ୍ତବ୍ୟ ଆଜି ଅନେକଙ୍କୁ ଗ୍ରହଣଯୋଗ୍ୟ ହେବନାହିଁ । ଷ୍ଟର୍ଲିଂ କହିଥିଲେ ଯେ ଓଡ଼ିଆଙ୍କର ଉଚ୍ଚ ଅଭିଳାଷ ନାହିଁ । ତାଙ୍କ ଭାଷାରେ ତାହା ପଢ଼ାଯାଉ, "The Oriya has long had an unenviable reputation as a weak, effeminate and stupid creature; and early writers almost all condemn them. It is said that they "prefer dirt and scarcity of food with idleness to cleanliness and plenty with hard labour;" that "industry and enterprise are as foreign to them as opium-eating and noon-day sleep to the English husbandmen;" that "there are few, if any, districts in India where the natives are so listless and idle as in this — as long as the poorer classes have food enough to eat from day to day, they will not exert themselves to get more or make provision for an evil hour; hence the misery, disease, and starvation occasioned by a dearth of grain." ତେବେ ଆଶ୍ୱସ୍ତିର କଥା ଯେ ଷ୍ଟର୍ଲିଂଙ୍କର ଏହି ମତକୁ ମାଲେ ଗ୍ରହଣ କରି ନ ଥିଲେ । ଅତ୍ୟନ୍ତ ମିତ୍ର ଦୃଷ୍ଟିରେ ସେ ଲେଖିଥିଲେ, "In justice to the Oriyas it should be remembered that for ages they have been a conquered nation, and that within the last few centuries they suffered at the hands first of the Mughals and then of Maratha conquerors. From the end of the 17the century they were continually harried and oppressed; and miserable as their lot had been under the Mughals, it was worse under the Marathas. The misrule of these marauders presents a decimal scene of extortion, desolation and rapine; their cavalry harried the country at stated periods each year; and, to quote Stirling's Account, "their administration was fatal to the welfare of the people and the prosperity of the country, and exhibits a picture of misrule, anarchy, weakness, rapacity and violence

combined, which makes one wonder how society can have kept together under so calamitous a tyranny." It would have been strange if the Oriya character had not been affected by this tyranny; and it is not surprising that the bitter experience of their forefathers should have discouraged thrift, promoted improvidence, and tended to make the people a feeble and timid race."

ଓଡ଼ିଆମାନେ ସଚ୍ଚୋଟ, ସେମାନଙ୍କର ମେଧାଶକ୍ତି ଦୁର୍ବଳ ନୁହେଁ ଏବଂ ସେମାନେ ଏକ କୃତଜ୍ଞ ଜାତି ବୋଲି ମାଲେ ଲେଖିଛନ୍ତି । " "ଓଡ଼ିଆ ସ୍ୱଭାବ: ଓଡ଼ିଆ ଚରିତ' ସଂପାଦକ ଡାକ୍ତର ଇନ୍ଦ୍ରମଣି ଜେନା ତାଙ୍କର ଦୁଇଟି ଲେଖାରେ ଏହି ଗୁଣଗୁଡ଼ିକ ସାଙ୍ଗକୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପରି ଶ୍ରୀଜଗନ୍ନାଥଙ୍କ ନିକଟରେ ସମଗ୍ର ଓଡ଼ିଆତ୍ୱ ପ୍ରକଟିତ ହୋଇଥିବା ଲେଖିଛନ୍ତି । ଡକ୍ଟର ସଂଘମିତ୍ରା ମିଶ୍ର ଲେଖିଛନ୍ତି, "ସେବା, ସଂକଳ୍ପ ଓ ସହୃଦୟତା ହେଉଛି ଓଡ଼ିଆର ମଜ୍ଜା' ଏବଂ ସ୍ୱାଭିମାନ ଏହାର ସ୍ୱଭାବ ।'' ଡକ୍ଟର ଉଦ୍ଧବ ନାୟକ ଖାରବେଳ ଓ କପିଳେନ୍ଦ୍ର ଦେବଙ୍କ ବୀରତ୍ୱକୁ ଓଡ଼ିଆଙ୍କର ଗୁଣ ଭାବେ ଅଭିହିତ କରିଛନ୍ତି । ଡକ୍ଟର ପଦ୍ମାଳୟା ମହାପାତ୍ର ବଳରାମ ଦାସଙ୍କ "ଲକ୍ଷ୍ମୀପୁରାଣ'ରେ ନାରୀ ପ୍ରତି ସମ୍ମାନ ଓ ଭେଦଭାବ ନୀତିର ଊର୍ଦ୍ଧ୍ୱରେ ପରିଲକ୍ଷିତ ମାନବିକ ସଂପ୍ରୀତି ଓଡ଼ିଶାର ବିଶେଷତ୍ୱ ବୋଲି କହିଛନ୍ତି । ପ୍ରଫେସର ଫକୀରମୋହନ ସାହୁ ଓଡ଼ିଆ ନାରୀ ଚରିତ୍ର ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଫକୀରମୋହନ ସେନାପତିଙ୍କ ଗଳ୍ପ ନାୟିକା ରେବତୀଠାରୁ ଆରମ୍ଭ କରି ନିକଟରେ ପ୍ରାଣବଳି ଦେଇଥିବା ଏଭେରେଷ୍ଟ ଆରୋହୀ କଳ୍ପନା ଦାଶଙ୍କ ପର୍ଯ୍ୟନ୍ତ କେହି ଯଥୋଚିତ ସୁଯୋଗ-ସମ୍ମାନ ପାଇ ନ ଥିବା ଯୋଗୁଁ କ୍ଷୋଭ ପ୍ରକାଶ କରିଛନ୍ତି । ଡକ୍ଟର ପ୍ରସନ୍ନ କୁମାର ମିଶ୍ର ପାଇକ ବିଦ୍ରୋହର ଉଲ୍ଲେଖ କରି ଓଡ଼ିଆଙ୍କ ଶୌର୍ଯ୍ୟ ଓ ସ୍ୱାଧୀନଚେତା ଗୁଣ ଉଲ୍ଲେଖ କରିଛନ୍ତି । ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର ଓ ଡକ୍ଟର ଦେବୀଲାଲ ମିଶ୍ର ଓଡ଼ିଆ ଭୋଜନ କଳାର ସ୍ୱାତନ୍ତ୍ର୍ୟ ବର୍ଣ୍ଣନା କରିଛନ୍ତି । ଇଂଜିନିୟର ଶ୍ରୀଚନ୍ଦନ ରାଉତରାୟ କଳିଙ୍ଗ ଯୁଦ୍ଧରେ ଅଶୋକଙ୍କ ସହ ଲଢ଼ିଥିବା ଓଡ଼ିଆ ବୀରଙ୍କ କଥା ବର୍ଣ୍ଣନା କରିଛନ୍ତି । ପ୍ରଫେସର ପ୍ରଫୁଲ୍ଲ ମହାପାତ୍ର ଆଶାବାଦ ଓ ନୀତିବୋଧ ହିଁ ଓଡ଼ିଆଙ୍କ ସ୍ୱଭାବ କଥା ବୋଲି ଦର୍ଶାଇ ମଧୁସୂଦନ ରାଓ ଆମକୁ ନୀତିର ନିକିତିରେ ଜୀବନକୁ ତଉଲିବାକୁ ନିର୍ଦ୍ଦେଶ ଦେଇଯାଇଥିବା ଉଲ୍ଲେଖ କରିଛନ୍ତି । ଗବେଷକ ଭାସ୍କର ମିଶ୍ର ଚର୍ଯ୍ୟାଗୀତିର ଆଲୋଚନା ମାଧ୍ୟମରେ ଓଡ଼ିଶାର ବିଭବଶାଳୀ ସାଂସ୍କୃତିକ ପରମ୍ପରା, ପ୍ରଫେସର ବିଷ୍ଣୁପ୍ରିୟା ଓତା ପାଲା ସଂସ୍କୃତି ଓ ଓଡ଼ିଶାର ଜ୍ୟୋତ୍ସ୍ନା ମହାପାତ୍ର ପର୍ବପର୍ବାଣି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ଏହାଛଡ଼ା ଆହୁରି ଅନେକ ଗବେଷକ ଓ ତରୁଣ ପିଢ଼ିର ଲେଖକ ଲେଖିକା ମଧ୍ୟ ନିଜ ନିଜ ଦୃଷ୍ଟିରେ ଓଡ଼ିଆ ସଂସ୍କୃତିର ଚର୍ଚ୍ଚା କରିଛନ୍ତି । ଏହି ସଂକଳନର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରବନ୍ଧ ପ୍ରଫେସର ଅଜିତ ମହାନ୍ତିଙ୍କର "ଓଡ଼ିଆଙ୍କ ଭାଷା ମାନସିକତା: ଓଡ଼ିଆ ଭାଷା ଓ ଭବିଷ୍ୟତ' । ଏଥିରେ ପ୍ରଫେସର ମହାନ୍ତି ଲେଖିଛନ୍ତି ଯେ ପ୍ରତିଦିନ ପୃଥିବୀର କୌଣସି ନା କୌଣସି ସ୍ଥାନୀୟ ଭାଷା ଖୁନୀ ଭାଷା ହାତରେ ମୃତ୍ୟୁବରଣ କରୁଅଛି । ଏପରି ପରିସ୍ଥିତିରେ ଓଡ଼ିଆଭାଷୀମାନେ ଆମ ଭାଷା ପ୍ରତି ବିପଦ ନାହିଁ କହି ନିଷ୍କ୍ରିୟ ବସିରହିଲେ ତାହା ଓଡ଼ିଆ ଭାଷା ଲାଗି ଆତ୍ମଘାତୀ ହୋଇପଡ଼ିବ । ଓଡ଼ିଆମାନଙ୍କର ଭାଷା ମାନସିକତାରେ କେତେକ ମୌଳିକ ବୁଝାମଣାର ମୂଲ୍ୟାୟନ ଜରୁରୀ ବୋଲି ପ୍ରଫେସର ମହାନ୍ତିଙ୍କର ମତ ।

ଏକଥା ସତ ଯେ ଓଡ଼ିଆମାନେ ଧର୍ମପରାୟଣ, ଅତିଥିବତ୍ସଳ, ଧୈର୍ଯ୍ୟବାନ୍ ଏବଂ ସାହସୀ । ମାତ୍ର ଆମେ ଯେ ଗୁଜୁରାଟୀଙ୍କ ପରି ଉଦ୍ୟୋଗୀ ନୋହୁଁ ବା ପଞ୍ଜାବବାସୀଙ୍କ ପରି ପରିଶ୍ରମୀ ନୋହୁଁ କିମ୍ବା କେରଳବାସୀ ବା କର୍ଣ୍ଣାଟକବାସୀଙ୍କ ପରି ମାତୃଭାଷା ଅନୁରାଗୀ ନୋହୁଁ ତାହା ମଧ୍ୟ ସତ୍ୟ । ଆମର ପ୍ରତ୍ୟେକ ବି'ଳତା ଲାଗି ଆମେ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା କ୍ଷତାକ୍ତ ଇତିହାସକୁ ଦାୟୀ କରିପାରିବା ନାହିଁ । ପୃଥିବୀର ସବୁ ଦେଶ ଏଭଳି କିଛି ନା କିଛି ବିପର୍ଯ୍ୟୟ ସାମ୍ନା କରୁଛନ୍ତି । ସେମାନଙ୍କର ଇତିହାସ ମଧ୍ୟ ଉଣାଅଧିକେ କ୍ଷତାକ୍ତ । କଳିଙ୍ଗ ଯୁଦ୍ଧର ପରାଜୟର ଉତ୍ତର ମହାମେଘବାହନ ଐର ଖାରବେଳ ଭଲ ଭାବେ ନେଇପାରିଥିଲେ । ସେହିପରି ଶ୍ରୀ ପ୍ରଶାନ୍ତ କୁମାର ଭୂୟାଁ ତାଙ୍କ ପ୍ରବନ୍ଧରେ ଲେଖିବା ପରି ସବୁକଥାରେ ଆମର ଅତୀତ ସମୃଦ୍ଧ ଥିଲା କହି ବର୍ତ୍ତମାନର ଦୈନ୍ୟ-ଦାରିଦ୍ର୍ୟକୁ ଆମେ ଘଣ୍ଟ ଘୋଡ଼ାଇ ପାରିବା ନାହିଁ । ଅନ୍ୟପକ୍ଷରେ ଓଡ଼ିଶାରେ ବହୁ କଥା ଅଛି, ଯାହା ଅନ୍ୟତ୍ର ନାହିଁ । ଆମର ଖଣିଜ ସମ୍ପଦ, ବିସ୍ତୀର୍ଣ୍ଣ ବେଳାଭୂମି, ନଦନଦୀ, ହ୍ରଦ, ଘଞ୍ଚ ଅରଣ୍ୟ, ପାହାଡ଼ ପର୍ବତ ଏପରି ବହୁ ବିଭାବ ରହିଛି । ଆମର ଅଛି ଶାସ୍ତ୍ରୀୟ ଭାଷା, ଶାସ୍ତ୍ରୀୟ ନୃତ୍ୟ ଏବଂ ଚମତ୍କାର ଆଦିବାସୀ କଳା ଓ ସଂସ୍କୃତି । ସବୁଠାରୁ ଭଲ କଥା ଆମର ଉଦାର ସଂସ୍କୃତି, ଯାହା ଯୋଗୁଁ ଓଡ଼ିଶାରେ ସାଂପ୍ରଦାୟିକ ସଂପ୍ରୀତି ରକ୍ଷା କରାଯାଇଆସିଛି । ତେଣୁ ଆମେ ହୀନମନ୍ୟତାର ଶିକାର ହେବାର କୌଣସି କାରଣ ନାହିଁ ।

ଏ ସଂକଳନର ବାର୍ତ୍ତା ହେଉଛି ଆମେ ବର୍ତ୍ତମାନର ଭୂମି ଉପରେ ଠିଆ ହୋଇ ଅତୀତକୁ ଅନୁଶୀଳନ କରିବା ଏବଂ ତଦନୁଯାୟୀ ଭବିଷ୍ୟତର କର୍ମପନ୍ଥା ନିର୍ଦ୍ଧାରଣ କରିବା । ପାଠକପାଠିକା ଯଦି ଏତକ ମାତ୍ର ହୃଦୟଙ୍ଗମ କରନ୍ତି ତାହାହେଲେ "ବିଜୟିନୀ'ର ଏହି ସଂକଳନ ପ୍ରକାଶନର ସାର୍ଥକତା ପ୍ରତିପାଦିତ ହେବ ।

**- ଗୌରହରି ଦାସ**
**"ଅନୁଭବ'**
**୩୭୮ ବରମୁଣ୍ଡା ଗାଁ**
**ଭୁବନେଶ୍ୱର- ୭୫୧୦୦୩**

# ଓଡିଆ ସ୍ୱଭାବ : ଓଡିଆ ଚରିତ


| | | | |
|---|---|---|---|
| | ସ୍ୱଭାବେ ଓଡ଼ିଆ | ଡା ଇନ୍ଦ୍ରମଣି ଜେନା | ୦୫ |
| | ଅଭିମତ | ଡ. ଗୌରହରି ଦାସ | ୦୭ |
| **୧.** | **ଓଡିଆ ସ୍ୱଭାବ ଓ ଚରିତ : ମୌଳିକତା ଓ ସ୍ୱତନ୍ତ୍ରତା** | | |
| | ଅଭାବ ଭାବରେ ଭାବଗ୍ରାହୀ – | ଡ. ଫନି ମହାନ୍ତି | ୧୩ |
| | ସ୍ୱଭାବ ଚରିତ : ଗୋଟିଏ ମହାଜାତିର | ପ୍ରଫେସର ଅଭିନ୍ନ ଚନ୍ଦ୍ର ସାହୁ | ୧୪ |
| | ହଜି ଯାଉନି ତ ଓଡ଼ିଆର ଓଡ଼ିଆତ୍ୱ, ସ୍ୱଭାବ, ଚରିତ୍ର | ଡ. ଶାନ୍ତନୁ କୁମାର ରଥ | ୧୭ |
| | ଓଡିଆ ଚରିତରେ ସମନ୍ୱୟାତ୍ମକ ଭାବନା | ପ୍ରଫେସର ସଂଘମିତ୍ରା ମିଶ୍ର | ୨୧ |
| | ଓଡିଆ ସଂସ୍କୃତିକୁ କୁଠାରାଘାତ | ଡ. ସୁଜାତା ପ୍ରିୟଦର୍ଶିନୀ | ୨୫ |
| | କଳିଙ୍ଗାଃ ସାହସିକାଃ | ଡ. ଉଦ୍ଧବ ଚରଣ ନାୟକ | ୩୦ |
| | ଥିଲି କି ମୁଁ କଳିଙ୍ଗ ସୈନିକ ? | ଇଂ ଶ୍ରୀଚନ୍ଦନ ରାଉତରାୟ | ୩୭ |
| | ଓଡିଶାର ଲୋକଚରିତ୍ର | ପ୍ରଫେସର ପଦ୍ମାଳୟା ମହାପାତ୍ର | ୪୨ |
| | ଓଡିଶାର ନାରୀ – ରେବତୀ ଠାରୁ କଳ୍ପନା ଦାଶ ପର୍ଯ୍ୟନ୍ତ | ପ୍ରଫେସର ଫକୀର ମୋହନ ସାହୁ | ୪୫ |
| | ଓଡିଆ ପାଇକ - ଜାତିର ସନ୍ତକ | ପ୍ରଫେସର ପ୍ରସନ୍ନ କୁମାର ମିଶ୍ର | ୪୮ |
| | ଓଡିଆ ପ୍ରକୃତି ନକଲିଆ – ଓଡିଆ ଜୀବନ ରହସିଆ | ଡା. ଆଦିକନ୍ଦ ସାହୁ | ୫୦ |
| **୨.** | **ଓଡିଆ ମାନସିକତା : ସ୍ୱତନ୍ତ୍ରତା ଓ ସୃଜନଧର୍ମୀତା** | | |
| | ଓଡିଆ ସନ୍ତାନର ନାମକରଣ: ବିଶୁଦ୍ଧ ଓଡିଆ ନାମର ମହକ | ଡା. ଇନ୍ଦ୍ରମଣି ଜେନା | ୫୫ |
| | ପାଲା - ଓଡିଆ ସଂସ୍କୃତିର ବିଭବ | ଡ. ବିଷ୍ଣୁପ୍ରିୟା ଓତା | ୫୮ |
| | ଓଡିଆ ଓ ଓଡିଆତ୍ୱ | ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର, ଡ. ଦେବୀଲାଲ ମିଶ୍ର | ୬୨ |
| | ସୁନ୍ଦରୀ | ଡା. ତନୟା ଜେନା | ୬୪ |
| | ଓଡିଆ ନୂଆ ବୋହୂ | ଆଶାଲତା ପାଣ୍ଡବ | ୬୯ |
| | ଲକ୍ଷ୍ମୀ ପୁରାଣ ଓ ଓଡିଆଣୀ | ବିଜୟଲକ୍ଷ୍ମୀ ଦାଶ | ୭୧ |
| | ଓଡିଆ ମୁଁ, ମନ ମୋର କୁଣ୍ଢେ ମୋଟ | ବିରଞ୍ଚି ନାରାୟଣ ପଟ୍ଟନାୟକ | ୭୩ |
| | ଆମ ଓଡିଆଙ୍କ ମତିଗତି କେଉଠି ହେଲାଣି ରାଜନୀତି | ପ୍ରଫେସର ପ୍ରତାପ ଚନ୍ଦ୍ର ସ୍ୱାଇଁ | ୭୫ |
| | ଓଡ଼ିଆ ନିଜ ସ୍ୱଭାବ : କ୍ୟୁ ଆଉ ବଫେ ବାଧ୍ୟବାଧକତା | ଡା. ସୋମନାଥ ପ୍ରସାଦ ଜେନା | ୭୮ |
| | ଚଉଦିଗ ବାଙ୍ମୟ | ଉମାକାନ୍ତ ମହାପାତ୍ର | ୮୧ |
| **୩.** | **ଓଡିଆ ଧାର୍ମିକତା : ଅନେକରେ ଏକ ଓ ଏକରେ ଅନେକ** | | |
| | ଜଗନ୍ନାଥ | ସୁଜାତା ସିହ୍ନା | ୮୫ |
| | ଜଗନ୍ନାଥ ଦେଶର ଲୋକ | ଡ. ମନୋରମା ବିଶ୍ୱାଳ ମହାପାତ୍ର | ୮୬ |
| | ବାରମାସରେ ତେରପର୍ବର ଓଡିଆ ଜୀବନ | ଜ୍ୟୋସ୍ନା ମହାପାତ୍ର | ୮୮ |
| | ଓଡିଶୀ ଭାବନାର ମାନଚିତ୍ର | ପ୍ର. ନାରାୟଣ ସାହୁ | ୯୩ |
| | ଧର୍ମପଦ | ହଂସନାଥ ମୁଦୁଲି | ୯୫ |

**୪. ଓଡିଆ ମୁହଁର ଭାଷା : ପ୍ରାଚୀନ ପାରମ୍ପରିକତା, ପ୍ରଗତିଶୀଳତା ଓ ସ୍ଥିତିସ୍ଥାପକତା**

| | | |
|---|---|---|
| ଓଡିଆଙ୍କ ଭାଷା ମାନସିକତା: ଓଡିଆ ଭାଷା ଓ ଭବିଷ୍ୟତ ଓଡିଆ ଜୀବନଧାରାରେ | ପ୍ରଫେସର ଅଜିତ ମହାନ୍ତି | ୯୯ |
| ଭକ୍ତକବି ମଧୁସୂଦନ ରାଓଙ୍କ ଦର୍ଶନପ୍ରବାହ | ପ୍ରଫେସର ପ୍ରଫୁଲ୍ଲ କୁମାର ମହାପାତ୍ର | ୧୦୪ |
| ଓଡିଆ ଚିଟାଉ | ଭବାନୀ ଶଙ୍କର ଦାଶ | ୧୦୯ |
| ଭାଷା ଓ ସଂସ୍କୃତି ସ୍ରୋତରେ ଓଡିଆ | ଡ. ଭାସ୍କର ମିଶ୍ର | ୧୧୧ |
| ଓଡିଆ ଭାଷା ଓ ସଂସ୍କୃତି – ବିଚ୍ଛିନ୍ନ ଓଡିଶାରେ | ପର୍ଶୁରାମ ଦ୍ୱିବେଦୀ | ୧୧୫ |
| ଓଡିଆ ଭାଷା ସାହିତ୍ୟର କ୍ରମ ବିକାଶ | ସୋନାମିକା ରାୟ | ୧୧୭ |
| ଓଡିଆ ସାହିତ୍ୟରେ ନାରୀ ଚରିତ୍ରର ଜୀବନ୍ୟାସ | ଡ. ପ୍ରଭାତ ନଳିନୀ ମହାପାତ୍ର | ୧୨୦ |
| ଅବୁଝା ଚିଠିଟିଏ | ଡା. ପ୍ରେରଣା ବିଶ୍ୱାଳ | ୧୨୨ |
| ଓଡିଆ ସାହିତ୍ୟରେ ଆଦର୍ଶ ନାରୀ ଚରିତ୍ର – ଶ୍ରୀୟା | ଡ. ମଞ୍ଜୁଳା ମହାନ୍ତି | ୧୨୬ |
| ଭାଷା ପ୍ରସାରରେ ପ୍ରବାସୀ ଓଡିଆ | ପ୍ରଶାନ୍ତ କୁମାର ଭୂୟାଁ | ୧୨୯ |
| ମୋ ଭାଷା ମୋ ସାହିତ୍ୟ | ବେଣୁଧର ସୁତାର | ୧୩୪ |

**୫. ଓଡିଆ ରଚିର ଭିନ୍ନତା : ଅନନ୍ୟ ସ୍ୱାଦ ଓ ବିଚିତ୍ର ବର୍ଣ୍ଣବିଭା**

| | | |
|---|---|---|
| ବାଟ ଅବାଟ | ମନଜ୍ୟୋସ୍ନା ସାମଲ | ୧୩୭ |
| ଆମ ଖାଦ୍ୟ, ଆମ ସଂସ୍କୃତି | ଅସିତ ମହାନ୍ତି | ୧୩୮ |
| ବୈତରଣୀ ଉତ୍କଳୀୟ ସଂସ୍କୃତି | ଡ. ଉର୍ମିମାଳା ଆଚାର୍ଯ୍ୟ | ୧୪୭ |
| ଏକ ଅଖ୍ୟାତ ଓଡିଆ ଇଲାକାର ପରିଭାଷା | ଡ. ରାମଚନ୍ଦ୍ର ମହାନ୍ତି | ୧୫୦ |
| ପଖାଳଖିଆର ଅନୁଚିନ୍ତନ | ଶ୍ୟାମାପଦ ଚାଟାର୍ଜୀ | ୧୫୪ |
| ଓଡିଆ ଜୀବନ ଓ ଜୀବିକା | ସୁଶାନ୍ତ କୁମାର ଆଚାର୍ଯ୍ୟ | ୧୫୫ |
| ଓଡିଆ ଆଚାର ଓ ସ୍ୱଭାବର ଆନ୍ତର୍ଜାତିକ ସମାଦର | ପ୍ରଫେସର ବିନାୟକ ରଥ | ୧୫୭ |
| ବନାଞ୍ଚଳର ଓଡିଆ ଜୀବନ : ପଙ୍ଗାଙ୍ଗୀ ଡାଇରୀ | ଡ. ବିଜୟଲକ୍ଷ୍ମୀ ମହାନ୍ତି | ୧୬୧ |

**୬. ଓଡିଆ ମହକିତ ଚିନ୍ତା ଓ ଚେତନା : ବିବର୍ତ୍ତନବାଦୀ ସଂସ୍କାରଧର୍ମୀତା**

| | | |
|---|---|---|
| ପ୍ରବହମାନ ସଂସ୍କାର ସ୍ରୋତରେ ଓଡିଆ ସଂସ୍କୃତି | ପ୍ରଫେସର ନବନୀତା ରଥ | ୧୬୫ |
| ଓଡିଆ ପରବ – ହରାଏ ଗୌରବ | ମନୋଜ ମହାପାତ୍ର | ୧୬୯ |
| ଏକଦା ଆମେ | ବଳଭଦ୍ର ରଥ | ୧୭୨ |
| ଆଜିର ସଂସାରେ ଓଡିଆ ପରିବାର | ଡ. ଭାରତ ଭୂଷଣ ରଥ | ୧୭୪ |
| ଆମେ ଓଡିଆ – ପୁରୁଣାରୁ ନୂଆ | ବିଦେଶୀ ଭଞ୍ଜ | ୧୭୮ |
| ନୂଆଟା ନକଲି, ପୁରୁଣା ଅସଲି | ରଞ୍ଜନ କୁମାର ସାମଲ | ୧୮୧ |
| Life Lessons From My Lovely State Odisha | Aswasana Kar | 182 |

**୭. ସ୍ୱଭାବ ବିଚିତ୍ରା**

| | | |
|---|---|---|
| ହାଟର ସଉଦା ବାଟର କଥା | ତପନ ମହାପାତ୍ର | ୧୮୭ |
| ଏକ ଅବିସ୍ମରଣୀୟ ସଂଧ୍ୟା କୋଣାର୍କରେ | ପ୍ରତିମା ମହାପାତ୍ର | ୧୯୦ |
| ଏ ମନ ବୃନ୍ଦାବନ | ଦ୍ୱାରିକା ମୋହନ ମିଶ୍ର | ୧୯୫ |
| ରୁବାଇୟତ (ଓମାର ଖାୟାମ୍) | ଆଶାଲତା ବେଉରା | ୧୯୯ |
| ଓଡିଆ ବୈଶିଷ୍ଟ୍ୟ | ଡ. କେଶବ ଚନ୍ଦ୍ର ଶତପଥୀ | ୨୦୬ |
| ଓଡିଶା ଜନନୀ | ଡ. ଦେବେନ୍ଦ୍ର ପତି | ୨୦୭ |
| ରିଚେଲ ସ୍ମିଥ୍ | ଭୋର୍ ପତ୍ରିକାରେ ପ୍ରକାଶିତ ଗଳ୍ପ ଆଧାରରେ | ୨୦୮ |
| ମଧୁର ଓଡିଆ ମଧୁର ଓଡିଶା | କିଶୋର ମହାନ୍ତି | ୨୧୧ |

॥ ଏକ ॥

# ଓଡିଆ ସ୍ୱଭାବ ଓ ଚରିତ : ମୌଳିକତା ଓ ସ୍ୱତନ୍ତ୍ରତା

# ଅଭାବ-ଭାବରେ ଭାବଗ୍ରାହୀ

ଡ. ଫନୀ ମହାନ୍ତି

କୋଉ ଅବ୍ୟକ୍ତ ଦୁଃଖରେ ତମେ
ଘାଂଟି ବିଦାରି ହେଉଛ ଭାବଗ୍ରାହୀ ?

ଅବଚେତନର କୋଉ ଅଦୃଶ୍ୟ ଲୋକରେ
କେତେବେଳେ ଅକ୍ତିଆର କରି ରଖିଛ
ସଯତ୍ନରେ ତମ ମଥାମଣିକୁ
ପବିତ୍ର ପାପାଚାରକୁ, ବିଶ୍ୱାସ
ଅବିଶ୍ୱାସରେ ଉବୁଟୁବୁ ହୋଇ
କ୍ଷଣୁକ୍ଷଣ ନିଶ୍ଚିହ୍ନ ହେବାକୁ ବସିଥିବା
ତମ ପାପପୁଣ୍ୟର ପ୍ରିୟକ୍ଷର ପୃଥିବୀକୁ ।

ଦୁଃଖ ଓ ଶୋକର ଖାଂଡବ ବନରେ ହୁତୁହୁତୁ
ଜାଳିପୋଡି ଭସ୍ମ ହେଉଥିବା ଅଂଗୁଷ୍ଠ ମାତ୍ର
ପୁରୁଷକୁ ଓ ଶ୍ୟାମଳ ମୃତ୍ୟୁର
ମୁଲାୟମ କୋଳରେ ମସ୍‌ଗୁଲ
ଥିବା ତମ ପ୍ରଥମ ଓ ଶେଷ ପ୍ରେମିକାକୁ ।

ଭୁଲିଯାଅ ଚିରକାଳ ପାଇଁ ପାସୋରି ଯାଅ
ଭାବଗ୍ରାହୀ କର୍ମ ଅବଳକୁ ପାଇଥିବା ସ୍ଥିରୀକୃତ
ଭାଗ୍ୟକୁ, ନଟଖଟିଆ ଅଦୃଶ୍ୟ ଈଶ୍ୱରଂକୁ
ସ୍ୱର୍ଦ୍ଧିତ ପୌରୁଷର ଅନିଶ୍ଚିତ କର୍ମଫଳକୁ
ଅଥଚ, କୋଟିକୋଟି
ଦୁର୍ଲଭ ଆଲୋକବର୍ଷ ଡେଇଁ ଅମୃତ ସ୍ପର୍ଶ
ଟିକେ ପାଇଁ ତମେ ପ୍ରୟାସ କରୁଛ
ସ୍ଥାବର ଅସ୍ଥାବର ଜଗତର ଭୂତ ପ୍ରେତ
କୃଶ୍ୟ କୀଟ ଗଂଧର୍ବ କିନ୍ନର ନର ଓ ଅଣ-
ଈଶ୍ୱର ସମେତ ସକଳ
ପ୍ରାଣୀଂକୁ, ମୁଗ୍ଧ-ଚକିତ କରୁଛ ରସହୀନ
ବଶୀଭୂତ ମଂତ୍ରରେ ।

ଅଭାବ ଭାବରେ
ଉତ୍ତାଳ ତରଂଗାୟିତ ମହାସାଗରରେ
ବଟପତ୍ର ପରି ଭାସମାନ ଆମ ଅଂଧ
ଇତିହାସ ଅପନିଂଦିତ ଭାଗ୍ୟର ଅବଧାରିତ
ଅପଯଶ ଅଜାତଶତ୍ରୁଙ୍କ ରଣ
ହୁଂକାର ଓ ବିଷାଦ ଅପନୋଦନର ଝିଲିମିଲି
ଆରୋଗ୍ୟଶାଳା
ସବୁ ତ ଗୋଟେ ରେଶମୀ ରାତିର ଦୁଃସ୍ୱପ୍ନ
ଗରି ଦୃଶ୍ୟମାନ ଭାବଗ୍ରାହୀ ।

ପ୍ରେମରେ ଥରେ ମୋତେ ଡାକିଦିଅ ଭାବଗ୍ରାହୀ
ଦେଖିବ, ଶଦ୍ଦର ପୃଥିବୀ କେମିତି
ଲୋଟି ପଡିବ ନିଃସର୍ତ୍ତରେ
ତମ ଦୁଇ ହାତର କଟା ପାପୁଲିରେ
ପୌରୁଷର ଗୁପ୍ତଗଙ୍ଗା କେମିତି କୂଳ ଲଂଘି
ଉଚ୍ଛୁଳିବ ଦୃଶ୍ୟ ଅଦୃଶ୍ୟ
ଜଗତରେ ନିଡର ଓ ନିର୍ଭୟରେ ।

ପ୍ରେମରେ ଥରେ ମତେ ଡାକି ଦିଅ ଭାବଗ୍ରାହୀ
ପ୍ରେମରେ, ଶେଷ ଥର ପାଇଁ ଥରେ ମତେ । ।

ପୁଷ୍ପଧନୁ, ବମିଖାଲ, ଭୁବନେଶ୍ୱର
ମୋ - ୯୯୩୭୯୬୧୮୭୮

✠✠✠

# ସ୍ୱଭାବ-ଚରିତ : ଗୋଟିଏ ମହାଜାତିର

**ପ୍ରଫେସର ଅଭିନ୍ନ ସାହୁ**

ଓଡ଼ିଆ ସ୍ୱଭାବ : ଓଡ଼ିଆ ଚରିତର ଦୁଇଟି ପାର୍ଶ୍ୱ, ଦୁଇଟି ବିଭାଗ । ପ୍ରଥମ କଥା ସ୍ୱଭାବ କହିଲେ ଆମେ କ'ଣ ବୁଝିବା ? ମୂଳତଃ ସ୍ୱଭାବ ଶବ୍ଦଟି ତାତ୍ପର୍ଯ୍ୟପୂର୍ଣ୍ଣ । ଆପାତତଃ ଖୁବ୍ ସରଳ ମନେ ହେଉଛି; ଭାବ ବା ନିଜର ସ୍ୱରୂପ ହିଁ ହେଉଛି ସ୍ୱଭାବ । ଏଇ 'ସ୍ୱ'ଟି ହେଉଛିବ୍ୟକ୍ତିସତ୍ତା ବା ବ୍ୟକ୍ତି ବିଶେଷର ନିଜସ୍ୱ ସ୍ଥିତି, ଯାହା ମନସ୍ତତ୍ତ୍ୱ ବିଜ୍ଞାନରେ 'ଇଗୋ' ବା ବ୍ୟକ୍ତିସତ୍ତା, ବ୍ୟକ୍ତିର ନିଜସ୍ୱ ପରିଚୟ ବା ସ୍ଥିତି ।

ଓଡ଼ିଆ କିନ୍ତୁ ଏକ ବ୍ୟକ୍ତି ନୁହେଁ, ଏକ ଜାତି ବରଂ ମହାଜାତି କହିଲେ, ଅଧିକ ଠିକ୍ ହେବ । ଓଡ଼ିଆ ବା ଓଡ଼ିଆ ଜାତିର ଜାତୀୟତା ଓ ଓଡ଼ିଆର ଆତ୍ମ ପରିଚିତ କଥାରେ କେତେକ ଗବେଷକ ଏକ ମୌଳିକ ପ୍ରଶ୍ନ ଉଠାନ୍ତି; ଯେଭଳି ଓଡ଼ିଆ ଏକ ଜାତି ବା ମହାଜାତି କି ? "ଦ ଆଇଡ଼ିଆ ଅଫ ନ୍ୟାସ୍‌ନାଲିଜିମ୍" ପୁସ୍ତକକୁ ଉଲ୍ଲେଖ କରି ସେମାନେ ଯୁକ୍ତି କରନ୍ତି ଯେ ବିଭିନ୍ନ ଜାତି ବା ସଂପ୍ରଦାୟ (ନେସନ୍) ଏକ ଚଳମାନ ଜୀବନ୍ତ ଜୀବଶକ୍ତି ବା ଫୋର୍ସରୁ ସମ୍ଭବତଃ ସମ୍ଭୂତ । ଏମାନେ ସଦା ସର୍ବଦା ପରିବର୍ତ୍ତନଶୀଳ, ନିତ୍ୟନିୟତ, ପରିବର୍ତ୍ତମାନ, କସ୍ମିନକାଳେ ସ୍ଥାଣୁ ବା ସ୍ଥିର ନୁହଁନ୍ତି । ବିଭିନ୍ନ ସାମାଜିକ, ରାଷ୍ଟ୍ରୀୟ ଭାଷା ଧର୍ମ- ସଂସ୍କୃତିର ଘାତ- ପ୍ରତିଘାତ, କ୍ରିୟା-ଅନୁକ୍ରିୟା (ଆକ୍ସନ-ଇଣ୍ଟରଆକ୍ସନ) ସଂଘାତରେ, ଜାତୀୟତାର ରୂପରେଖ ପରିବର୍ତ୍ତିତ ହୋଇପାରେ । ଏହା ସ୍ୱତଃସ୍ଫୂର୍ତ୍ତ ସ୍ୱୟଂଚାଳିତ ଏକ ସ୍ୱାଭାବିକ ପ୍ରକ୍ରିୟା, ଏ ସମସ୍ତ ବିଚାରରେ ଭାରତ ତଥା ଭାରତୀୟ ହିଁ ଏକ ଜାତି ବା ନେସନ୍ ପଦବାଚ୍ୟ ହୋଇପାରେ ସିନା, ଓଡ଼ିଶା ବା ଓଡ଼ିଆ ଏକ ଆଞ୍ଚଳିକ (ରିଜିଓନାଲ) ଜାତି ବିଶେଷ । କିନ୍ତୁ ଯଥାର୍ଥରେ ଓଡ଼ିଶା ଏକ ସୀମିତ ଅଞ୍ଚଳ ନୁହେଁ; ଏକଦା ଗଙ୍ଗା ଠାରୁ କୃଷ୍ଣାକାବେରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ବିରାଟ ଦେଶ । ଏଇ ପରିପ୍ରେକ୍ଷୀରେ ବିଚାର କଲେ ଓଡ଼ିଆର ସ୍ୱଭାବ ଚରିତରେ, 'ଚରିତ' ଶବ୍ଦ 'ଯଥାକ୍ରମେ ଓଡ଼ିଆଙ୍କର ପ୍ରଥା, ରୀତି-ନୀତି, ଘଟଣା, ଚରିତ୍ର, ଜୀବନଚର୍ଯ୍ୟା, ଆଚରଣ, ଆଚାର ବିଚାର କେଇ ଶତାବ୍ଦୀର ନୁହେଁ, ଅନେକ ସହସ୍ରାବ୍ଦର ।

ଶଂସିତ ନିବନ୍ଧର ଶୀର୍ଷକରେ ସୂଚିତ ସ୍ୱଭାବ-ଚରିତ ମଧ୍ୟରୁ 'ଚରିତ' ଏକ ବ୍ୟାପକ ଅର୍ଥବୋଧକ ଶବ୍ଦ; ଏହା ସଂସ୍କୃତ 'ଚର୍' ଧାତୁରୁ ନିଷ୍ପନ୍ନ । 'ଚର୍' ଧାତୁର ସାଧାରଣ ଅର୍ଥ ବିଚରଣ କରିବା, ଭାବେ 'ତ' ପ୍ରତ୍ୟୟ । କିନ୍ତୁ ଶବ୍ଦର ଚଉହଦୀ ଏତିକିରେ ସୀମିତ ନରହି, ପରିବ୍ୟାପ୍ତ ସୁଦୂର ପ୍ରସାରୀ ଏହାର ବହୁପାର୍ଶ୍ୱିକ ଅର୍ଥବୋଧରୁ ଗୋଟିଏ ହେଉଛି ପୁରାଣ, ଇତିହାସର 'ବର୍ଣ୍ଣିତ ବିଷୟ ବା ଘଟଣା ବୃତ୍ତାନ୍ତ । ଦୃଷ୍ଟାନ୍ତ ସ୍ୱରୂପ, ରାମାୟଣ 'ଲଙ୍କା-ଦହନ ଚରିତ' ବା ମହାଭାରତରେ କପଟପଶା ଚରିତ; କିମ୍ବା ଇତିହାସରେ 'ପାନିପଥ ଯୁଦ୍ଧ ଚରିତ' । ପ୍ରଥମରୁ ସ୍ପଷ୍ଟ କରିଦେବା ଉଚିତ, ଚରିତ ଓ ଚରିତ୍ର ଆଦୌ ଏକାର୍ଥବୋଧକ ନୁହେଁ । ଚରିତର ଏକ ଅଂଶବିଶେଷ ହେଉଛି 'ଚରିତ୍ର', ଅର୍ଥାତ୍ ଯିଏ ବା ଯେଉଁମାନେ, ଚରିତ୍ର ଭାବେ ବିଭିନ୍ନ ଭୂମିକା ନିଭାଇଛନ୍ତି । କପଟପଶାର ଚରିତ୍ର ଶକୁନି ଓ ପଞ୍ଚପାଣ୍ଡବମାନଙ୍କ ଚରିତ୍ର ସଂଗରେ, ଗଳ୍ପାଂଶ ବା କଥାବସ୍ତୁ ଓ ଆବଶ୍ୟକୀୟ ପରିବେଶ ସଂଯୋଜିତ ହେଲେ ଯାଇଁ, ଚରିତ ବା କାହାଣୀ ନିର୍ମିତ ହେବ । ଓଡ଼ିଆର ସ୍ୱଭାବ ଚରିତ କହିଲେ, ତା'ର ସ୍ୱଭାବଗତ ଚାରିତ୍ରିକ ବୈଶିଷ୍ଟ୍ୟ ବା ସ୍ୱାତନ୍ତ୍ର୍ୟକୁ ବୁଝାଏ ।

ଚରିତ ଶବ୍ଦବୋଧକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଶବ୍ଦସମ୍ଭାର ହେଉଛି 'ଆଚରଣ' । ଯେଭଳି ଶବ୍ଦ ଭୋଜବାଜିର ଅନ୍ୟତମ ଯାଦୁକର କବିସୂର୍ଯ୍ୟଙ୍କ 'କିଶୋର ଚମ୍ପୂ', 'ସ' ଗୀତରେ "ସବୁ ଅନ୍ୟାୟଚରିତ, 'ଶିକ୍ଷାର ଗୁରୁ ତୁହିତ'" ପଦ୍ୟାଂଶ ଶଂସିତ ପଦରେ ପାଠକେ, ସାବଧାନତା ସହ, ପଦଟିର ତାତ୍ପର୍ଯ୍ୟପୂର୍ଣ୍ଣ ପୂର୍ବାପର ସଂପର୍କ ପ୍ରସଙ୍ଗ ଅବହିତ ହେଲେ, 'ଚରିତ' ଶବ୍ଦର ଭିନ୍ନ ପ୍ରୟୋଗ ସ୍ପଷ୍ଟ ହୋଇଯିବ । ଶ୍ରୀରାଧାଙ୍କ ସହ ବହୁ ଇପ୍‌ସିତ ସମ୍ଭୋଗ ଶୃଙ୍ଗାର ପରେ, ନଟପଟ୍ଟଳୀ-ମୁକୁଟ ଶ୍ରୀକୃଷ୍ଣ ତାଙ୍କର ଅନ୍ତରଙ୍ଗ ସଖା ମଧୁମଙ୍ଗଳ ସହ, ହାସପରିହାସ ଜନିତ ଶାଣିତ କଟାକ୍ଷର ମୁହାଁମୁହିଁ ହୋଇଛନ୍ତି । ମଧୁମଙ୍ଗଳ ଆକ୍ଷେପ କରି କହିଛନ୍ତି, "ତୁମେ ଶ୍ରୀରାଧାଙ୍କୁ ଅନାୟାସରେ ପାଇ, ମଧୁମୟ ଶୃଙ୍ଗାରରେ କାଳାତିପାତ କରିପାରିଛ ବୋଲି, ତୁମ ମନରେ ସ୍ପର୍ଦ୍ଧିତ ଅହମିକା-ଗର୍ବ ଆସିଛି । ଠିକ୍ ଅଛି, ଆଜି ତୁମ ବାପାଙ୍କ ସମ୍ମୁଖରେ ଏକଥା ପଡ଼ିବ ।" ମଧୁମଙ୍ଗଳର ଏପରି ଧମକରେ, ଶ୍ରୀକୃଷ୍ଣ ଭିତରେ ଭିତରେ ଭୟ ପାଇଲେ ମଧ୍ୟ, ବାହାରକୁ ତାହା ପ୍ରକାଶ ନକରି, ମଧୁମଙ୍ଗଳକୁ ସ୍ୱଭାବସୁଲଭ ହସ ଓ ସଂପ୍ରୀତିରେ ଶଙ୍ଖୋଳି କହିଛନ୍ତି; "ଶୁଣିଲେ ଆଉ କେ ବ୍ରଜେ, ସରିଯିବି କି ନା ଲାଜେ" । ତେଣୁ ସଖା ତୁ' ଦୟାକରି ଏକଥାକୁ ପ୍ରକାଶ

କରନାହିଁ । କାରଣ ଏହିସବୁ ପ୍ରେମ ଯଦି 'ଅନ୍ୟାୟ ଚରିତ' ହୁଏ, ତୁ ତ ଏ ପ୍ରେମଶିକ୍ଷାର ଗୁରୁ ।! ତୁ' ତ ଗୁରୁ, ପୁଣି ସଖା । ଗୁରୁ କ'ଣ ସମୟ ସୁଯୋଗ ଉଣ୍ଡି, ସଖାର ତୋଟି କାଟିବା ଅନ୍ୟାୟ ଆଚରଣ ନୁହେଁ କି ?" ପ୍ରକାରାନ୍ତରେ ସେଇ କବିସୂର୍ଯ୍ୟ 'ଢଙ୍ଗ ଚାଲିଚଳନ' ଅର୍ଥରେ ଚରିତର ପ୍ରୟୋଗ କରିଛନ୍ତି, ଯେଉଁଭଳି "ମା ର ରଖିଛି ଶାଣି, ତା'ର ଚରିତ ଅଛି ଜାଣି ।" ଅର୍ଥାତ୍ "ପ୍ରେମର ଅଧିଦେବତା କନ୍ଦର୍ପ ତାଙ୍କ ପୁଷ୍ପଧନୁର ଫୁଲଶର, ମୋ ପ୍ରତି ପ୍ରୟୋଗ କରିବାକୁ ସଜାଇ ରଖିଛନ୍ତି । ଏଠାରେ ଚରିତ ଶବ୍ଦ, ଢଙ୍ଗ, ଚାଲିଚଳଣଦ୍ୟୋତକ ପ୍ରୟୋଗ ଏକାନ୍ତ ଚମତ୍କାର ।

ଏଇ ପର୍ଯ୍ୟାୟରେ ଦେଖିଲେ, ଓଡ଼ିଆର ସ୍ୱଭାବ ଚରିତରେ ଯଥାକ୍ରମେ, ଓଡ଼ିଆଙ୍କର ପ୍ରଥା, ରୀତି-ନୀତି, ଜୀବନଚର୍ଯ୍ୟା, କାର୍ଯ୍ୟକଳାପ, ବିଧି-ବିଧାନ, ସଂହିତା-ଜୀବନୀ ସବୁକିଛି ଆବୋରି ବସିଛି । ଓଡ଼ିଆର ମୌଳିକତା-ସ୍ୱତନ୍ତ୍ରତା, ମାନସିକତା, ଧର୍ମଧାରଣା, ଚିନ୍ତା-ଚେତନା, କାର୍ଯ୍ୟନିପୁଣତା, ଖାଦ୍ୟବସ୍ତ୍ର, ରୁଚିବୋଧ, ସର୍ବୋପରି ଓଡ଼ିଆ ଭାଷାସାହିତ୍ୟ ବିଭବ ଏଥିରେ ଅନ୍ତର୍ଭୁକ୍ତ । ଏ ସବୁର ସମାହାର ହିଁ, ଓଡ଼ିଆ ସ୍ୱଭାବ-ଚରିତ ।

ଓଡ଼ିଆର ସ୍ୱଭାବ ଚରିତ ସ୍ୱାତନ୍ତ୍ର୍ୟକୁ ଏକାନ୍ତ ସହଜ-ସରଳ ଓ ସଂକ୍ଷିପ୍ତ ଭାବେ ମଧ୍ୟ କୁହାଯାଇପାରେ । ଏଇ ଓଡ଼ିଆ ମହାଜାତିର ଶୌର୍ଯ୍ୟ, ସୌନ୍ଦର୍ଯ୍ୟବୋଧ, ଚାରୁକଳା, କାରୁକଳା, ସ୍ଥାପତ୍ୟ-ଭାସ୍କର୍ଯ୍ୟ, ସଂଗୀତ-ସାହିତ୍ୟ ଓ ସଭ୍ୟତା-ସଂସ୍କୃତି, ଏହାକୁ ଅନ୍ୟାନ୍ୟ ନେସନ୍ ଠାରୁ ଭିନ୍ନ କରି ଏକ ମହାଜାତିର ମାନ୍ୟତା ଦିଏ ।

ଶୌର୍ଯ୍ୟଦୃପ୍ତ ବୀର ଓଡ଼ିଆ ସମ୍ରାଟ ଖାରବେଳ, ଅନଙ୍ଗ ଭୀମ ଦେବ, ସୂର୍ଯ୍ୟବଂଶୀ ସମ୍ରାଟ କପିଳେନ୍ଦ୍ରଦେବ ପ୍ରଭୃତି ମହାଧିପତି, ଭାରତ ଦିଗ୍‌ବିଜୟ କରିଥିଲେ । ସେଭଳି କାରୁକଳା-ସ୍ଥାପତ୍ୟରେ ଖଣ୍ଡଗିରି-ଉଦୟଗିରି, କୋଣାର୍କ, ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱର ମନ୍ଦିର ପ୍ରଭୃତି ସୂକ୍ଷ୍ମାତିସୂକ୍ଷ୍ମ ଭାସ୍କର୍ଯ୍ୟ ନୈପୁଣ୍ୟ ପାଇଁ ବିଶ୍ୱବନ୍ଦିତ ହୋଇ ପାରିଥିଲେ । ପ୍ରାଗ୍‌ଐତିହାସିକ ଯୁଗୀୟ କେନ୍ଦୁଝରର ରାବଣଛାୟା, ସୁଶୋଭିତ ପଟ୍ଟଚିତ୍ର ଓ ପୋଥିଚିତ୍ର, ସମ୍ବଲପୁରୀ-ବରହମପୁରୀ ପାଟ ଓ ବୟନଶିଳ୍ପ, କଟକର ତାରକସୀ ଶିଳ୍ପର କୁଟିକମ, ବିଶ୍ୱର ବିସ୍ମୟ ହୋଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି ।

ଓଡ଼ିଆ ସ୍ୱଭାବ-ଚରିତ ନିଖୁଣଭାବେ ରସୋତ୍ତୀର୍ଣ୍ଣ ହୋଇଛି, ତା'ର ସମୃଦ୍ଧ ଭାଷାସାହିତ୍ୟ ବିଭାବରେ । ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖର ଖୋଦିତ ବିବରଣୀରେ, କିଭଳି ସାମ୍ପ୍ରତିକ ଓଡ଼ିଆ ଭାଷାର ଅବିକୃତ ସଙ୍କେତ ମିଳେ, ତାହା ସତ୍ୟନାରାୟଣ ରାଜଗୁରୁ, ଡକ୍ଟର ନବୀନ ସାହୁ ପ୍ରମୁଖ ପ୍ରମାଣ କରିଛନ୍ତି । ଏଇ ଶିଳାଲେଖର ଏକ ଗୁରୁତ୍ୱପୂର୍ଣ୍ଣ ବିଭାବ ହେଉଛି ଗୀତିମୟତା । ଅଶୋକଙ୍କ ଶିଳାଲେଖ ଓ ହାତୀଗୁମ୍ଫାର ଶିଳାଲେଖର ଏକ ତୁଳନାତ୍ମକ ବିବରଣୀ ଦେବାକୁ ଯାଇ, ଗବେଷକ ଡ. ଇନ୍ଦ୍ରମଣି ଜେନା ଏଇ ଗୀତିମୟତା ସଂପର୍କରେ ବିଶେଷ ଅଲୋକପାତ କରିଛନ୍ତି । ହାତୀଗୁମ୍ଫା ଶିଳାଲେଖର ହଜାରବର୍ଷ ପରେ, ଗୀତିମୟ-ଗୀତିଗୁଚ୍ଛ ହେଉଛି ବୌଦ୍ଧଗାନ ଦୋହା, "କାୟାତରୁବର ପଞ୍ଚବିଡ଼ାଳ/ଚଞ୍ଚଳ ଚିଏ ପୈଠକାଳର ଆନୁପ୍ରାସିକ ଓ ସାଙ୍ଗୀତିକ, ସ୍ୱରୂପ ଲକ୍ଷଣୀୟ । କିନ୍ତୁ ଶଂସିତ ଲିପିବଦ୍ଧ ସାହିତ୍ୟର ଶତସହସ୍ର ବର୍ଷ ପୂର୍ବରୁ ଲୋକଗୀତିକା ତଥା ପଲ୍ଲୀଗୀତିକାରେ, ରସୋତ୍ତୀର୍ଣ୍ଣ ଭାବ-ଭାଷା-ସାହିତ୍ୟ ସମ୍ଭାର ଦେଖିବାକୁ ମିଳେ ।

ଲୋକସାହିତ୍ୟ ହିଁ ଯଥାର୍ଥରେ ଲୋକବେଦ । ଏଇ ଲୋକବେଦର ଜନନୀ ଓ ଧାତ୍ରୀ ହେଉଛନ୍ତି ଓଡ଼ିଆଣୀ ନାରୀ । ଏଥିରେ ଓଡ଼ିଆଜାତିର ସ୍ୱଭାବ-ଚରିତର ଝଲକ, ଗୀତିମୟତା ଭିତରେ ଅନୁରଣିତ । ଓଡ଼ିଆନାରୀ ଗୀତ ଗାଇ କାନ୍ଦେ, କାନ୍ଦିଲେ ଗୀତ ଗାଏ । ଏଇ କାନ୍ଦଣା ଏକ ଉପରଠାଉରିଆ ବିଧିବିଧାନ ନୁହେଁ । ଶୈଶବ-କୈଶୋରରୁ ତାରୁଣ୍ୟ ପର୍ଯ୍ୟନ୍ତ ସେ ପିତାଗୃହରେ ପରିପାଳିତ ହୋଇ, ପୁଣି ଆଉ ଏକ ପରଘରକୁ ଆପଣେଇବା ପାଇଁ ପ୍ରସ୍ତୁତ ହୁଏ । ଦୁର୍ଭାଗ୍ୟକୁ ଯଦି ଶାଶୁ-ନଣନ୍ଦ ଅତ୍ୟାଚାରୀ ହୁଅନ୍ତି, ତା'ର ନିର୍ଯ୍ୟାତନା ଆଖିର ଲୁହ ହୋଇ, କାରୁଣ୍ୟର ଝଙ୍କାର ତୋଳେ ।

"କାଲି ଏତେବେଳେ,
କେଳା କୁହୁକରେ
କଂସ ବନ୍ଦିଘରେ,
ଯମ ଜଉଶାଳେ
ଥିବି ଲୋ ବୋଉ ।"

ଅଥବା-

"ଶାଳଗ୍ରାମ କୀଟ କାଟିଲା ପରି ହେ ବାପା
ମତେ ତ କାଟିବେ ସେହି ସେପରି ହେ ବାପା
ଦାରୁ ସିନା ସହେ କରତ ଧାର ଲୋ ବୋଉ
ଦୁବ କି ସହିବ କରତ ଭାର ଲୋ ବୋଉ,
ଥୀରି ପାଣି ଧାର ପଥର କାଟେ ଲୋ ବୋଉ
ବାଆପାଣି ସିନା ମୁହଁକୁ ଛାଟେ ଲୋ ବୋଉ ।।"

ଅଜ୍ଞାତ ଅପରିଚିତ ଶାଶୂଘରକୁ ବିଦା ହୋଇଯିବା ବେଳେ ଉପରୋକ୍ତ ବୁକୁଫଟା କାନ୍ଦଣାର ମୂର୍ତ୍ତିମନ୍ତ ଅଶ୍ଳୀଳ କାରୁଣ୍ୟର, ସାକାର ସଂଗୀତମୟ ରୂପ । କେବଳ ଅଶ୍ଳୀଳ ସଂଗୀତ ନୁହେଁ, ଏହା ରସୋତ୍ତୀର୍ଣ୍ଣ କାବ୍ୟାୟନ । ଏଥିରେ ସଂଯୋଜିତ ରୂପକଳ୍ପ ତର୍କଣା ଅନନ୍ୟ କବିତ୍ୱର ପରିଚାୟକ । କାପତା (କାପ୍ତା) ବନରେ ଝୁରି ହୋଇ ବାହୁନେ । ସେଭଳି ହୁଏତ ସାରାଜୀବନ ଦୁଃଖ ନିର୍ଯ୍ୟାତନାରେ କଟାଇବାକୁ ପଡିବ । ସେଭଳି ଶାଶୂଘରର ଶାଣିତ କଟାକ୍ଷ ଥିବା କରତ ଧାର ସାଙ୍ଗରେ ତର୍କଣା କରାଯାଇଥିବା ବେଳେ, ନିଜକୁ କଅଁଳିଆ ଦୁବ ସହିତ ତୁଳନା କରାଯାଇଛି । ଏଇ କଅଁଳିଆ ଲୋକଗୀତ ପର୍ଯ୍ୟାୟରେ ପୁରପଲ୍ଲୀର ଲୋକ ସାଧାରଣ କୃଷକ, ହଳିଆ, ନାଉରିଆ ପ୍ରଭୃତି ଶ୍ରମଜୀବୀଙ୍କ ସଂଗୀତ ସୂଚାଇ ଦିଏ, ଆମ ଓଡ଼ିଆ ସ୍ୱଭାବ-ଚରିତ ହେଉଛି, ଦୁଃଖ-ଶୋକରେ ମଧ୍ୟ ସେ ମନଫୁଲାଣିଆ ଗୀତ ଗାଇପାରେ ।

ସେଭଳି ଦୋଳିଗୀତ, କୁଆର ପୂନେଇଁର ଫୁଲବଉଳ ବେଣୀ ଗୀତ, ଚଇତି ଘୋଡା, ପଉଷପରବ ଗୀତରେ ଲୋକକବିଙ୍କର ବିମୁଗ୍ଧ କାବ୍ୟାୟନ ଦେଖିବାକୁ ମିଳେ । ଡାଲଖାଇ, ରସରକେଲି, ଗୁଞ୍ଜିକୁଟା, କର୍ମାଗୀତରେ ଶ୍ରୋତା ଆତ୍ମବିଭୋର ହୋଇପଡ଼େ ।

ଓଡ଼ିଆ ଲୋକକାହାଣୀ ବିଶ୍ୱର ଲୋକକାହାଣୀ ମଧ୍ୟରେ ସମୃଦ୍ଧତମ ଓ ଅନନ୍ୟ । ବିଭିନ୍ନ ଚରିତ ମଧ୍ୟରେ ଆତ୍ମପ୍ରକାଶ କରେ ।

ଓଡ଼ିଆ ଜନଜାତିର ଅସଂଖ୍ୟ ଲୋକ ସଂଗୀତ ଓ ଲୋକ-କାହାଣୀରେ ସେମାନଙ୍କର ସୁଖ-ଦୁଃଖ, ପ୍ରେମ-ପ୍ରୀତି-ପ୍ରଣୟ ଓ ଅଙ୍ଗେଲିଭା ଅନୁଭୂତି ସାର୍ଥକଭାବେ ଆତ୍ମପ୍ରକାଶ କରିଛି । ଧାଙ୍ଗଡ଼ା-ଧାଙ୍ଗିଡ଼ୀଙ୍କର ନୃତ୍ୟଗୀତର ଉଦ୍ଦାମ ଛନ୍ଦୋମୟତା ଓ ସାଙ୍ଗୀତିକତା ଉଲ୍ଲେଖନୀୟ । ଏଭଳି ପର୍ଯ୍ୟାଲୋଚନା କଲେ ଓଡ଼ିଆ ଜାତିର ସ୍ୱଭାବ-ଚରିତ ଧନୀ-ନିର୍ଦ୍ଧନ, ପୌର-ଗ୍ରାମୀଣ ନିର୍ବିଶେଷରେ ନିଖୁଣ ଭାବେ ଉଦ୍ଧାର କରିହେବ ।

ଓଡିଆ ଲିଖିତ, ଖୋଦିତ ବା ଲିପିବଦ୍ଧ ହେବାର ହଜାର ହଜାର ବର୍ଷ ପୂର୍ବରୁ ପ୍ରାକ୍ ଓଡିଆର ସୁଦୃଢ ଆଧାରଶିଳା ନିର୍ମିତ ହୋଇଥିବାର ଗବେଷକ ମାନେ ପ୍ରମାଣ କରିଛନ୍ତି । ଓଡିଆ ଢଗ-ଢମାଳୀ, ରଢି ପ୍ରୟୋଗ, ଲୋକଗୀତ, ଲୋକଭାଷା, ଲୋକକାହାଣୀ ସୁପ୍ରାଚୀନ । ପ୍ରାକ୍ ସାରଳା ଯୁଗର ଏସମସ୍ତ ବଳିଷ୍ଠ ଉପାଦାନ, ମାଟିର ମହାକବି ସାରଳା ଦାସ ସାରଳା ମହାଭାରତ ସଂକଳିତ କଲେ । ସେପରି ଲୋକମୁଖୀ ଚଳନ୍ତି ଜିଅଁନ୍ତା ଭାଷାରେ ବଳରାମ ଦାସ, ଜଗନ୍ନାଥ ଦାସ ପ୍ରମୁଖ ପଞ୍ଚସଖାମାନେ ମଧ୍ୟ ପ୍ରୟାସ କଲେ । ଭାଗବତର ସରଳ ସହଜ ମନଛୁଆଁ ପ୍ରାକୃତ ଓଡିଆ ଭାଷା ଉତ୍କଳ-କଳିଙ୍ଗ-କୋଶଳ-କଙ୍ଗୋଦର ବିସ୍ତୀର୍ଣ୍ଣ ଭୂଖଣ୍ଡରେ, ଷ୍ଟାଣ୍ଡାର୍ଡ ବା ମାନକ ଭାଷାର ମାନ୍ୟତା ପାଇଲା । ତାହା ହିଁ ହେଲା ଓଡିଆ ସ୍ୱଭାବ ଚରିତର ସଂବାହକ ଯଥାର୍ଥ ଚରିତ, ଜାତୀୟତା । ପରବର୍ତ୍ତୀ କାଳରେ ଆମ ସାମ୍ପ୍ରତିକ ସତ୍ୟବାଦୀ ଯୁଗର ପଞ୍ଚସଖା ପଣ୍ଡିତ ଗୋପବନ୍ଧୁ, ନୀଳକଣ୍ଠ-ଗୋଦାବରୀଶ ପ୍ରମୁଖ ଭାଷା ସାହିତ୍ୟର ରୋଲ୍ ମଡେଲ୍ ହୋଇଗଲେ ।

ଶଂସିତ ନିବନ୍ଧର ନିଷ୍କର୍ଷ ତଥା ସବୁଠାର ଉଲ୍ଲେଖନୀୟ ଓ ପ୍ରଣିଧାନଯୋଗ୍ୟ ବିଷୟ ହେଉଛି ପ୍ରାକ୍ ଐତିହାସିକ କାଳରୁ ଏଯାବତ୍ ଓଡିଆ ଓ ଓଡିଆର ଭାଷା ସାହିତ୍ୟ-ସଂସ୍କୃତିର ବିଧିବଦ୍ଧ ବିବର୍ତ୍ତନ । ଆମ ଚଳଣି ମଧ୍ୟରେ ଓଡିଆମିର ଚମକ ଓ ଚାହାଣୀ ତଥା ପରମ୍ପରାକୁ ପୁରୋଦୃଷ୍ଟିରେ ବିଶ୍ଲେଷଣ ନକଲେ, ଓଡିଆ ସ୍ୱଭାବ - ଚରିତର ନିଆରାପଣ-ମୌଳିକତା ଜାଣି ହେବନି । ଲୋକଭାଷା-ଲୋକସାହିତ୍ୟ ଆମର ଜାତୀୟ ଭାଷା ସାହିତ୍ୟ ତଥା ଜାତୀୟତା । ଜାତିର ମେରୁଦଣ୍ଡକୁ ଏଇ ଐତିହ୍ୟ-ପରମ୍ପରାର ରସ ଓ ଜାତୀୟତାରେ ପରିପୁଷ୍ଟ ନକଲେ, ଏ ସୌନ୍ଦର୍ଯ୍ୟଦୀପ୍ତ-ଶୌର୍ଯ୍ୟଦୃପ୍ତ ଜାତି ଅଚିରେ ମେରୁଦଣ୍ଡବିହୀନ ହୋଇଯିବନି ତ ?

୯୬୬ ବି, ପ୍ରକୃତି ବିହାର, ବରମୁଣ୍ଡା, ଭୁବନେଶ୍ୱର
ମୋ - ୯୪୩୭୫୭୭୫୦୦



# ହଜି ଯାଉନି ତ ଓଡ଼ିଆର ଓଡ଼ିଆତ୍ୱ ସ୍ୱଭାବ ଓ ଚରିତ୍ର ?

**ଡକ୍ଟର ଶାନ୍ତନୁ କୁମାର ରଥ**

ଏ ପ୍ରସଙ୍ଗରେ ଆଲୋଚନା କରିବାକୁ ଗଲାବେଳେ ମନରେ ପ୍ରଥମେ ପ୍ରଶ୍ନ ଆସେ ଯେ, ଓଡ଼ିଆ ବୋଲି ଆମେ କାହାକୁ କହିବା ? ଏଠାରେ କେତେକ ଗୁଣ ଏବଂ ଲକ୍ଷଣକୁ ନେଇ ହେବ । ପ୍ରଥମ ହେଲା ଯେ ପୁରୁଷାନୁକ୍ରମିକ ଭାବେ ଓଡ଼ିଶାରେ ବସବାସ କରୁଥିବେ । ଓଡ଼ିଶା ଭାଷା ଓ ସଂସ୍କୃତିରେ ଲାଳିତପାଳିତ ହୋଇଥିବେ । ଓଡ଼ିଶାର ଇତିହାସ ପରଂପରା, ସାହିତ୍ୟ ଓ ସଂସ୍କୃତିକୁ ନେଇ, ଗୋଟିଏ ଗୌରବବୋଧ ତାଙ୍କ ଭିତରେ ଥିବ ଏବଂ ତାହା ତାଙ୍କ ଆଚରଣରେ ଫୁଟୁଥିବ । ଏ ରାଜ୍ୟକୁ ନିଜର ବୋଲି ଗୋଟିଏ ଭାବ, ତାଙ୍କ ଭିତରେ ନିରନ୍ତର ରହୁଥିବ ଏବଂ ଏହାର ସୁଖଦୁଃଖକୁ ସେ ନିଜର ସୁଖଦୁଃଖ ବୋଲି ମନେକରୁଥିବେ । ଏ ସମସ୍ତ ବିଚାରଧାରାକୁ ସେ ତାଙ୍କ ଘର ପୀଢ଼ି ପ୍ରତି ସଂପ୍ରସିଦ୍ଧ କରୁଥିବେ । ଏଇଠାରୁ ଆହୁରି ଅଧିକ କଥାଥିଲେ ମଧ୍ୟ ଅନ୍ତତଃ ଏତିକି ଥିଲେ, ଆମେ ଜଣକୁ 'ଓଡ଼ିଆ' କହିପାରିବା ଏବଂ ଏଗୁଡ଼ିକ ଯେତେବେଳେ ଜଣକର ବ୍ୟକ୍ତିତ୍ୱରେ ଫୁଟି ଉଠିବ ତାହାହିଁ ହେବ ତାର ଓଡ଼ିଆତ୍ୱ ।

ନିଜ ଜାତିକୁ ନେଇ ଜଣକ ଭିତରେ ସ୍ୱାଭିମାନ ଏବଂ ଗୌରବ କେତେବେଳେ ଆସିବ ? ଏହା ଆସିବ ସେତେବେଳେ, ଯେତେବେଳେ ସେ ଠିଆ ହୋଇଥିବା ଭୂମିର ଏକ ବଳିଷ୍ଠ ଇତିହାସ ଥିବ, ସମୃଦ୍ଧି ଥିବ, ବୀରତ୍ୱ ଥିବ ଏବଂ ନିଜ ଛାତି ଫୁଲି ଉଠିଲା ଭଳି ଏଭଳି ଅନେକ କଥା ଥିବ । ଏ ଦୃଷ୍ଟିରୁ ବିଚାର କଲେ ଇତିହାସ, କଳା ସ୍ଥାପତ୍ୟ, ଧର୍ମଧାରା, ଭାଷା ସାହିତ୍ୟ, ସଂସ୍କୃତି – ଏ ସମସ୍ତ ଦୃଷ୍ଟିରୁ ଓଡ଼ିଆ ଜାତି ଯେ ଏକ ସମୃଦ୍ଧ ଜାତି ଏଥିରେ କୌଣସି ସନ୍ଦେହ ନାହିଁ । ଏହାର ଭୁରି ଭୁରି ଦୃଷ୍ଟାନ୍ତ ଆମ ଇତିହାସରେ ଅଛି ଏବଂ ଏହାର ପ୍ରତିଭୂମାନେ ଏବେ ବି ସମଗ୍ର ବିଶ୍ୱ ଆଗରେ, ସାକ୍ଷୀ ଭଳି ଦଣ୍ଡାୟମାନ ରହିଛନ୍ତି ।

ଆଜିର ଓଡ଼ିଶା ପ୍ରଦେଶ ଏକଦା ଓଡ୍ର, ଉତ୍କଳ, କୋଶଳ, କଳିଙ୍ଗ ଆଦି ନାମରେ ମଧ୍ୟ ପରିଚିତ ଥିଲା । ଓଡ୍ର ଓ କଳିଙ୍ଗର ଉଲ୍ଲେଖ ମହାଭାରତରେ ଅଛି । ପ୍ରାଚୀନ ପଲ୍ଲୀ ସାହିତ୍ୟରେ, ଉତ୍କଳକୁ ଗୌତମ ବୁଦ୍ଧଙ୍କ ସମସାମୟିକ ଜନପଦ ଭାବରେ ଉଲ୍ଲେଖ କରାଯାଇଛି । ବୁଦ୍ଧ ଜ୍ଞାନପ୍ରାପ୍ତି ପରେ ପ୍ରଥମେ ଉତ୍କଳର ଦୁଇଜଣ ବଣିକଙ୍କ ପାଖରୁ ଅନ୍ନ ଗ୍ରହଣ କରିଥିଲେ । ଜୈନ ସାହିତ୍ୟରେ କଳିଙ୍ଗର ଉଲ୍ଲେଖ ଅଛି । ସମ୍ରାଟ ଖାରବେଳଙ୍କ ସମୟରେ ଜୈନଧର୍ମ ରାଜକୀୟ ପୃଷ୍ଠପୋଷକତା ଲାଭ କରିଥିଲା । ସେ ଗମଧ ବିଜୟ ପରେ କଳିଙ୍ଗ ଜୀନଙ୍କ ପ୍ରତିମାକୁ ପାଟଳିପୁତ୍ରରୁ ଶୋଭାଯାତ୍ରାରେ କଳିଙ୍ଗ ଆଣି, ପିଥୁଣ୍ଡଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପ୍ରତିଷ୍ଠିତ ବସାଇଥିଲେ । ସମ୍ଭବତଃ କଳିଙ୍ଗ ଜୀନମୂର୍ତ୍ତି ରାଷ୍ଟ୍ର ଦେବତା ଭାବରେ ମାନ୍ୟତା ଲାଭ କରିଥିଲେ ।

ପ୍ରତ୍ନତାତ୍ତ୍ୱିକ ଦୃଷ୍ଟିରୁ ବିଚାର କଲେ, ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବିଭାଗ ତରଫରୁ, ଖୋର୍ଦ୍ଧା ଜିଲ୍ଲାର ମଳାଗୁଣୀ ନଦୀ ତଟରେ, ଗୋଳବାଇ ଗ୍ରାମରେ ଭୂଖନନ ହୋଇଥିଲା, ସେଠାରୁ ତମ୍ବା ନିର୍ମିତ ଅଳଙ୍କାର ଲୌହ ନିର୍ମିତ କୁରାଢ଼ି, ବାରିସି ଓ ନିହାଣ, ପ୍ରସ୍ତର ନିର୍ମିତ ଅସ୍ତ୍ର, ପୋଡ଼ାମାଟି ପାତ୍ର ମିଳିଥିବାରୁ ପ୍ରତ୍ନତାତ୍ତ୍ୱିକମାନେ, ଏହି ସଭ୍ୟତାର ସମୟ ଖ୍ରୀ.ପୂ. ୧୬୦୦ରୁ ଖ୍ରୀ.ପୂ. ୮୦୦ ବୋଲି ନିରୂପଣ କରିଛନ୍ତି ।

ଓନିଶା ଇତିହାସର ଗୋଟିଏ ବିଶେଷତ୍ୱ ହେଲା, ଅଶୋକଙ୍କ କଳିଙ୍ଗ ବିଜୟ ସମୟରୁ ଚାରୋଟି ରାଜତ୍ୱ ପର୍ଯ୍ୟନ୍ତ, ଓଡ଼ିଶାରେ ଶାସନର ଏକ ନିରବଚ୍ଛିନ୍ନ ଧାରା ପ୍ରଚଳିତ ଥିଲା ନନ୍ଦ, ମୌର୍ଯ୍ୟ, ଚେଦୀ, କୁଶାଣ, ଗୁପ୍ତ, ଭୌମକର, ପ୍ରାଚ୍ୟତ୍ୟକା ଓ ସୋମବଂଶୀ ରାଜାମାନେ ବିଦେଶାଗତ ହୋଇଥିଲେ ମଧ୍ୟ ଓଡ଼ିଶାକୁ ଋଦ୍ଧିମନ୍ତ କରିବା ପାଇଁ ବହୁବିଧ ଉଦ୍ୟମ କରିଥିଲେ । ଭାରତର ସବୁ ମୁଖ୍ୟ ଧର୍ମମତ ଯଥା ହିନ୍ଦୁ, ଜୈନ, ବୌଦ୍ଧ ଓ ସେମାନଙ୍କର ଭିନ୍ନ ଭିନ୍ନ ସଂପ୍ରଦାୟ ଓଡ଼ିଶାରେ ଥିଲେ । ଇତିହାସ ପୃଷ୍ଠାରେ କୌଣସି ସାଂପ୍ରଦାୟିକ ସଂଘର୍ଷ ଲିପିବଦ୍ଧ ହୋଇନଥିବା, ଓଡ଼ିଶା ସଂସ୍କୃତିର ଏକ ବୈଶିଷ୍ଟ୍ୟ, ଶାନ୍ତିପୂର୍ଣ୍ଣ ସହାବସ୍ଥାପନ ଥିଲା, ଓଡ଼ିଶାର ପରଂପରା । ଉତ୍କଳର ରାଜାମାନେ ରାଜ୍ୟ ବିସ୍ତାର କରିଥିଲେ, ସତ, କିନ୍ତୁ ହତ୍ୟା–ଲୁଣ୍ଠନ କରିନଥିଲେ । ରାଜାମାନେ କିପରି ବିଭିନ୍ନ ଧର୍ମକୁ ସମ୍ମାନ ଦେଉଥିଲେ, ତାହା ସମ୍ରାଟ ଖାରବେଳ ହାତୀଗୁମ୍ଫା ଅଭିଲେଖାରେ ଉଲ୍ଲେଖନୀୟ ।

ଧର୍ମୀୟ ଦୃଷ୍ଟିରୁ ବିଚାର କଲେ ବ୍ରାହ୍ମଣ୍ୟଧର୍ମର ଅନୁପ୍ରବେଶ ପରେ, ଜନଜାତି ଅଧ୍ୟୁଷିତ ଓଡ଼ିଶାରେ ଗ୍ରାମ ଦେବଦେବୀଙ୍କୁ ସସମ୍ମାନେ ହିନ୍ଦୁ ଧର୍ମରେ ଗ୍ରହଣ କରିନେବା ଏବଂ ସାମାଜିକ ଚଳଣିରେ ଆଦିମ ଅନାର୍ଯ୍ୟ ମାନବ ଶବର ସଂସ୍କୃତିକୁ ଆର୍ଯ୍ୟମାନଙ୍କ ବ୍ୟବସ୍ଥିତ ସଂସ୍କୃତି ସହ ସହ ମିଶାଇ ଦେବାର ସର୍ବୋତ୍କୃଷ୍ଟ ଉଦାହରଣ, ପୁରୀରେ ଜଗନ୍ନାଥ ଧର୍ମ । ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ହେଉଛନ୍ତି ଲୋକ ସଂସ୍କୃତି ଓ ଆର୍ଯ୍ୟ

ସଂସ୍କୃତି ସମନ୍ୱୟର ପ୍ରତୀକ । ଓଡ଼ିଆ ଜାତୀୟ ଜୀବନକୁ ସହନଶୀଳ ଗୁଣରେ ଅନୁପ୍ରାଣିତ କରିଛି ଜଗନ୍ନାଥ ଧର୍ମର ମହାନ ଆଦର୍ଶ । ସର୍ବଧର୍ମ ସମନ୍ୱୟ ଚେତନାର ବଳିଷ୍ଠ ପ୍ରକାଶ ଜଗନ୍ନାଥ ଧର୍ମରେ ହୃଦୟଙ୍ଗମ କରିହୁଏ ଏବଂ ତାହାହିଁ ଓଡ଼ିଆ ଜାତିର ପ୍ରକୃତ ପରିଚୟ ଭାବେ ପ୍ରତିଷ୍ଠିତ ହୋଇଛି ।

ମନ୍ଦିର ଓ କଳା ସ୍ଥାପତ୍ୟ ଦୃଷ୍ଟିରୁ ଓଡ଼ିଶା ଏକ ପରିପୂର୍ଣ୍ଣ ରାଜ୍ୟ । ଆବହମାନ କାଳରୁ ଆଜିଯାଏଁ ମନ୍ଦିର ଓ ଧର୍ମାନୁଷ୍ଠାନ ନିର୍ମାଣ କ୍ଷେତ୍ରରେ ଓଡ଼ିଶା ଏକ ବଳିଷ୍ଠ ପରଂପରା ସୃଷ୍ଟି କରିଛି ଏବଂ ତା'ର ପ୍ରତିଭୂ ଭାବରେ ଦଣ୍ଡାୟମାନ ରହିଛନ୍ତି ଭୁବନେଶ୍ୱର, ପୁରୀ, କୋଣାର୍କ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଅସଂଖ୍ୟ ମନ୍ଦିର । ସର୍ବଭାରତୀୟ ସ୍ତରରେ ଓଡ଼ିଆ ଭାଷା, ଶାସ୍ତ୍ରୀୟ ଭାଷାର ସ୍ୱୀକୃତି ପାଇବା ପ୍ରମାଣିତ କରିଛି, ଏ ଭାଷାର ପ୍ରାଚୀନତା ଏବଂ ସମୃଦ୍ଧି । ଖ୍ରୀ.ପୂ. ୧ମ ଶତାବ୍ଦୀର ସମ୍ରାଟ ଖାରବେଳଙ୍କ ଠାରୁ ପଞ୍ଚଦଶ ଶତାବ୍ଦୀର ସୂର୍ଯ୍ୟବଂଶୀ ଶାସନ ପର୍ଯ୍ୟନ୍ତ, ଏକ ବଳିଷ୍ଠ ସାମାରିକ ପରଂପରାର ପ୍ରମାଣ ମିଳୁଛି, ଯାହା ଫଳରେ ଉତ୍କଳର ସୀମା ଚତୁର୍ଦ୍ଦିଗରେ ବିସ୍ତାରିତ ହୋଇଥିଲା । ଉତ୍କଳର ନୌବାଣିଜ୍ୟର ମୂକସାକ୍ଷୀ ଭାବରେ ରହିଛନ୍ତି ତାମ୍ରଲିପ୍ତ, ଚେଲିତାଲୋ ଏବଂ ପାଲୁର ପରି ବନ୍ଦର ସମୂହ । ସାରଳା ଦାସଙ୍କ ମହାଭାରତ, ପଞ୍ଚସଖାଙ୍କ ରଚନା ଭିତରେ ଓଡ଼ିଆ ଭାଗବତ, ଦାଣ୍ଡୀ ରାମାୟଣ, ହରିବଂଶ ଏବଂ ପରବର୍ତ୍ତୀ କାଳରେ କୋଣାର୍କର ଅଲୌକିକ ଭାସ୍କର୍ଯ୍ୟ ପରି ରୀତିଯୁଗରେ କାବ୍ୟସମ୍ଭାର ପ୍ରତିବେଶୀ ରାଜ୍ୟମାନଙ୍କ ଅପେକ୍ଷା ଯଥେଷ୍ଟ ଉନ୍ନତ ଏବଂ ବର୍ଣ୍ଣାଢ୍ୟ ଥିଲା । ଏହା ସହିତ ଆମର ଏକ ସମୃଦ୍ଧ ଲୋକ ସଂସ୍କୃତି ମଧ୍ୟ ରହିଛି ।

ଏ ସମସ୍ତ ତଥ୍ୟ ଦେବାର ଉଦ୍ଦେଶ୍ୟ ହେଉଛି ଯେ, ଏଭଳି ଏକ ପୃଷ୍ଠଭୂମି ଉପରେ ଆମେ ଠିଆ ହେଇଛେ । ଏ ସମସ୍ତ ଆମ ଭିତରେ ଗୌରବବୋଧ ଏବଂ ସ୍ୱାଭିମାନ ସୃଷ୍ଟି କରିବା ପାଇଁ ଯଥେଷ୍ଟ ନୁହଁନ୍ତି କି ? ନିଶ୍ଚୟ ଯଥେଷ୍ଟ । କିନ୍ତୁ ଆମେ ସମସ୍ତେ, ଐତିହ୍ୟ ସହ ପରିଚିତ କି ? ବୋଧହୁଏ ନୁହେଁ । କାରଣ ଆମର ଜାତୀୟ ଇତିହାସ ସହ ଆମେ ଉପଯୁକ୍ତ ଭାବରେ ପରିଚିତ ନୋହୁଁ, ଏଥିପାଇଁ ବିଧିବଦ୍ଧ ପ୍ରୟାସ ମଧ୍ୟ ହୋଇନାହିଁ । ଆମେ ତୀବ୍ର ଭାବରେ ଅନୁଭବ କରିନାହୁଁ ଯେ ଆମର ଏ ସମସ୍ତ ଜାଣିବା ଉଚିତ । ନିରପେକ୍ଷ ଭାବରେ କାରଣ ସଂଧାନ କଲେ ଷୋଡଶ ଶତାବ୍ଦୀ ମଧ୍ୟ ଭାଗରୁ, ଊନବିଂଶ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଗୋଟିଏ ବିସ୍ତୃତ କାଳ ଖଣ୍ଡରେ ଓଡ଼ିଆ ଜାତି ଭୋଗିଥିବା ଦୁଃଖ, ଦୁର୍ଦ୍ଦଶା, ଲାଞ୍ଛନା, ଅପମାନ ଆମର ସ୍ୱାଭିମାନକୁ ସ୍ତିମିତ କରିବା ପାଇଁ ଦାୟୀ । ଏ କଥାକୁ ଅସ୍ୱୀକାର କରିହେବନାହିଁ । ୧୮୦୩ ରେ ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ଐତିହାସିକ ରାଖାଲ ଦାସ ବାନାର୍ଜୀ ତାଙ୍କ ଓଡ଼ିଶା ଇତିହାସରେ ଓଡ଼ିଶାବାସୀଙ୍କ ଦୁର୍ଦ୍ଦଶାର କାହାଣୀ ଖୋଲା ହୃଦୟରେ ବର୍ଣ୍ଣନା କରିଛନ୍ତି- କଲିକତା ରାଜଧାନୀରୁ ଇଂରେଜମାନଙ୍କ ସହିତ ସହକାରୀ ଭାବରେ ଆସିଥିଲେ ନୂତନ ଇଂରାଜୀ ଶିକ୍ଷାପ୍ରାପ୍ତ ବଙ୍ଗାଳୀମାନେ । ସେମାନଙ୍କ କୁପରାମର୍ଶ ଓ ଚକ୍ରାନ୍ତ ଯୋଗୁଁ ଓଡ଼ିଶାର ଜମିଦାରଗଣ ସୂର୍ଯ୍ୟାସ୍ତ ଆଇନ ବଳରେ ସର୍ବହରା ହୋଇଥିଲେ । ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ ହେଲା ଏବଂ ଓଡ଼ିଶାର ଶିଳ୍ପ ଓ ବାଣିଜ୍ୟ ଧ୍ୱଂସସ୍ତୁପରେ ପରିଣତ ହେଲା । ସ୍ୱଳ୍ପକାଳର ମରହଟ୍ଟା ଶାସନରେ ବର୍ଗୀମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଓଡ଼ିଶାବାସୀ ଜଙ୍ଗଲରେ ଆଶ୍ରୟ ନେଇ ରହୁଥିଲେ । ମାତ୍ର କଲିକତା ଆଗତ ପ୍ରବାସୀ ବଂଗୀୟମାନଙ୍କ ଅତ୍ୟାଚାରରେ ଜଙ୍ଗଲ ମଧ୍ୟ ସୁରକ୍ଷା ପ୍ରଦାନ କରିପାରିନଥିଲା । ଏହି ଅବହେଳା ଓ ଅତ୍ୟାଚାରର ପରିଣତ ହେଲା ୧୮୧୭ ମସିହାର ଖୋର୍ଦ୍ଧାର ପାଇକ ବିଦ୍ରୋହ ଯହିଁରେ ଇଂରେଜ ପ୍ରଶାସନ ବିଚଳିତ ହୋଇପଡ଼ିଥିଲା । ସମଗ୍ର ଊନବିଂଶ ଶତାବ୍ଦୀ ଥିଲା ଓଡ଼ିଶାବାସୀଙ୍କ ଉପରେ ଏହିପରି କ୍ରମାଗତ ଅବହେଳା ଓ ଅତ୍ୟାଚାରର ମୂକ ସାକ୍ଷୀ ।

ଉତ୍କଳ ସମ୍ମିଳନୀ ଗଠନ କରିବା ପୂର୍ବରୁ ଓଡ଼ିଆମାନଙ୍କ ଦୟନୀୟ ଅବସ୍ଥାକୁ ମଧୁବାବୁ ଯେପରି ଦେଖିଥିଲେ ସେ ସଂପର୍କରେ ଲେଖିଛନ୍ତି- "ଉତ୍କଳ ମାଟିରେ ମୁଁ କେବଳ ମେଦହୀନ କୁଡ଼ କୁଡ଼ ଅସ୍ଥିର ଶୋଭାଯାତ୍ରା ଦେଖିଥିଲି । କେବଳ ଅସ୍ଥି ଆଉ ଅସ୍ଥି, ଅସ୍ଥିସାର ପିଞ୍ଜରାରେ ଜୀବନ ସଂଚାର କଠୋର କାର୍ଯ୍ୟ କରିବାକୁ ମୁଁ ମନୋନିବେଶ କଲି, ସେଥିରେ ମାଂସପେଶୀ ଦେଲି, ମହାହବ ରଚନା ନିମନ୍ତେ ସେମାନଙ୍କ ହାତରେ ଅସ୍ତ୍ର ଦେଲି । ଏଥିପାଇଁ ଈଶ୍ୱରଙ୍କ ବ୍ୟତୀତ ମୁଁ କାହାର ସହାୟତା ଲୋଡ଼ି ନାହିଁ ।" ୧୮୬୫-୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜାତିକୁ ଅତ୍ୟନ୍ତ ଦୁର୍ଦ୍ଦଶାଗ୍ରସ୍ତ କରିପକାଇଥିଲା । ଦଶଲକ୍ଷ ଲୋକ ମରିଥିବା ଏହି ଦୁର୍ଭିକ୍ଷର କରାଳ ଚିତ୍ର ଫକୀରମୋହନ ନିଜେ ବର୍ଣ୍ଣନା କରିଛନ୍ତି-"ଫଗୁଣ ସରିକି ଚାଷୀଲୋକ, ଅଧିକାଂଶ କାରିଗର ଶ୍ରେଣୀୟ ପ୍ରାୟ ସମସ୍ତେ ଛିନ୍ନ ଭିନ୍ନ ହୋଇ ଯେ ଯାହା ପାଇଲା ଚୋବାଉଥାଏ । ତେନ୍ତୁଳି ଗଛରେ କଅଁଳିଆ ପତ୍ର ବାହାରିବାରୁ ଗୋଟାଏ ଗୋଟାଏ ଗଛରେ ଦଶ-କୋଡ଼ିଏ ଜଣ ଲେଖାଏଁ ଚଢ଼ି ମାଙ୍କଡ଼ ପରି ପତ୍ର ସବୁ ଖୁଣ୍ଟି ଖୁଣ୍ଟି ଖାଉଥାନ୍ତି । ଯେଉଁ ଲୋକଙ୍କୁ ଅନାଅ ହାଡ଼ ଆଉ ଚମ, ଆଖି ଭିତରକୁ ପଶିଗଲାଣି । ଅନେକ ଭଦ୍ରଘର ଯୁବତୀ, ବୋହୂ, ଝିଅ ଦୁଇ-ତିନି ହାତ ଲମ୍ବ ଗଣ୍ଠି ଗଣ୍ଠି କରି କନା ଖଣ୍ଡେ ଖଣ୍ଡେ ଅଣ୍ଟାରେ ଭିଡ଼ିଦେଇ ଦାଣ୍ଡେ ଦାଣ୍ଡେ ବୁଲୁଥାନ୍ତି । ସେମାନଙ୍କ ମାତୃଚିହ୍ନ ଚର୍ମ ଦୁଇଖଣ୍ଡ ଛାତିରେ ଝୁଲୁଥାଏ । କାହାରି କାହାରି କୋଳରେ ଅସ୍ଥି ଚର୍ମମୟ ପିଲା ସେହି ଚର୍ମମୟ ସ୍ତନଟି ମୁହଁରେ ଦେଇ ଝୁଲିପଡ଼ିଥାଏ । ଶିଶୁଟି ମୃତ କି ଜୀବିତ ଚିହ୍ନି ହେଉନଥାଏ । ଚୈତ୍ରଠାରୁ ମୃତ୍ୟୁ ସଂଖ୍ୟା କ୍ରମଶଃ ବଢ଼ିବାକୁ ଲାଗିଲା । ଦାଣ୍ଡରେ, ଘାଟରେ, ବଣରେ, ପୋଖରୀ ତୁଠରେ ଯହିଁ ଦେଖିବ ମଡ଼ା ପଡ଼ିରହିଥାନ୍ତି ।" ଇଏ ଗଲା ଦୁର୍ଭିକ୍ଷର ଆତଙ୍କ । ଏହା ସଂଗକୁ ବାର୍ଷିକ କଥା ବିଭୀଷିକା, ଏ ସମସ୍ତ କାରଣ ଓଡ଼ିଆମାନଙ୍କ ଆତ୍ମାକୁ ବହୁ ଭାବରେ ଆହତ କରି ମ୍ରିୟମାଣ କରିଦେଇଥିଲେ - ଏହା ଅବଶ୍ୟ ସ୍ୱୀକାର କରିବାକୁ ପଡ଼ିବ । ଏହା ପୂର୍ବରୁ ଉତ୍କଳରେ ଗଜପତି ରାଜତ୍ୱ ଶେଷ ହେବା ପରେ ଇଂରେଜ ଶାସନ ଆସିବା ପୂର୍ବ କାଳଖଣ୍ଡରେ ମୁସଲମାନ ରାଜତ୍ୱରେ ଓଡ଼ିଶାରେ ଏକତାର ସୂତ୍ରଟି ଶିଥିଳ ହୋଇଯାଇଥିଲା । ଏଭଳି ଏକ ପୃଷ୍ଠଭୂମିରେ ମଧୁବାବୁ ଉତ୍କଳ ସମ୍ମିଳନୀ ଗଠନ କରି ଓଡ଼ିଆମାନଙ୍କୁ ଏକତ୍ରିତ କରିବାର ପ୍ରୟାସ ଆରମ୍ଭ କଲେ ଏବଂ ସଫଳ ମଧ୍ୟ ହେଲେ । ଉତ୍କଳୀୟମାନଙ୍କୁ ଏଥିପାଇଁ ଆହ୍ୱାନ ଦେଇ ସେ କହିଥିଲେ-

"ଏହି ସମ୍ମିଳନୀ ଜାତି ପ୍ରାଣସିନ୍ଧୁ, କୋଟି ପ୍ରାଣବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ, ଡେଇଁପଡ଼ି ସିନ୍ଧୁ ନୀରେ ।"

ଉତ୍କଳ ସମ୍ମିଳନୀ ଘୋଷଣା କଲେ – 'ଓଡ଼ିଶାବାସୀ କେବଳ ଓଡ଼ିଆ ଭାଷାଭାଷୀ ନୁହନ୍ତି । ଯେଉଁମାନେ ଭାଷା, ଧର୍ମ, ଗୋଷ୍ଠୀ ନିର୍ବିଶେଷରେ ଉତ୍କଳ ଜନନୀ କୋଳରେ ଜନ୍ମିତ ଏବଂ ପ୍ରତିପାଳିତ, ଏମାନେ ସମସ୍ତେ ଓଡ଼ିଶାବାସୀ । ଓଡ଼ିଶାରେ ଥିବା ବହୁ ଗଡ଼ଜାତମାନଙ୍କ ମଧ୍ୟରେ ସମନ୍ୱୟ ନଥିଲା । ଯେଉଁ ଗଡ଼ଜାତର ଲୋକ ସହି ଗଡ଼ଜାତ ଭିତରେ ସୀମାବଦ୍ଧ ହୋଇ ରହିଥିଲେ । ନିଜ ଗଡ଼ଜାତକୁ ନେଇ ସେମାନଙ୍କ ଭିତରେ ଏକ ବୃଥା ଅହମିକା ସହ ଅନ୍ୟ ଗଡ଼ଜାତ ଲୋକଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖିବା ଏକ ଅଭ୍ୟାସରେ ପରିଣତ ହୋଇଥିଲା । ଗୋଟିଏ ଗଡ଼ଜାତର ଲୋକ ଅନ୍ୟ ଗଡ଼ଜାତର ଲୋକଙ୍କୁ ସହି ପାରୁନଥିଲେ । ଇଏ ମଧ୍ୟ ଥିଲା ଓଡ଼ିଆ ଲୋକଙ୍କ ଭିତରେ ଏକ ସଂକୀର୍ଣ୍ଣ ମାନସକତା ସୃଷ୍ଟି କରିବାର କାରଣ । ଏହାକୁ  ନେଇ ଯଦିଓ କୌଣସି ସଂଘର୍ଷ, ବାଦ, ବିସମ୍ବାଦ ସୃଷ୍ଟି ହୋଇନଥିଲା । ତେବେ ଓଡ଼ିଶା ଯେ ଏକ ଭୂଖଣ୍ଡ ଏବଂ ସମସ୍ତ ଓଡ଼ିଆ ଏହାର ଅନ୍ତେବାସୀ – ଏହାହିଁ ଏକ ସାର୍ବଜନୀନ ଉଦାର ମନୋଭାବ ସୃଷ୍ଟି କରିବା ଦିଗରେ ଏ ସଂକୀର୍ଣ୍ଣ ମନୋଭାବ, ଏକ ବଡ଼ ଅନ୍ତରାୟ ଥିଲା । ଏଭଳି ଏକ ବହୁଧା ଖଣ୍ଡିତ ଓଡ଼ିଆମାନଙ୍କୁ ଗୋଟିଏ ମଂଚରେ ଏକାଠି କରିବା ପାଇଁ ମଧୁବାବୁ କଠୋର  ପରିଶ୍ରମ କରି, ପ୍ରଥମେ ରାଜା, ମହାରାଜା, ଜମିଦାରମାନଙ୍କୁ ଏକାଠି କରି ଉତ୍କଳ ସମ୍ମିଳନୀ ଗଠନ କଲେ ଏବଂ ଏହା ହେଲା ଓଡ଼ିଶାବାସୀଙ୍କ ପାଇଁ ନବଜାଗରଣର ପ୍ରଥମ ବାର୍ତ୍ତାବହ । ଏହାର ପ୍ରଥମ ଅଧିବେଶନରେ ମଧୁବାବୁ ଉଦ୍‌ବୋଧନ ଦେଇ କହିଥିଲେ– "ସ୍ଥିର ସମୁଦ୍ରରେ ଚନ୍ଦ୍ରର ଗୋଟିଏ ଛାୟା ପ୍ରତିଫଳିତ, ମାତ୍ର ତରଙ୍ଗାୟିତ ହେଲାପରେ, ଚନ୍ଦ୍ରର ଅସଂଖ୍ୟ ପ୍ରତିରୂପ ଖେଳିବୁଲେ । ଆଜି ମୋର ଭାଇମାନଙ୍କୁ ଦର୍ଶନ କରି ମୋର ହୃଦୟରେ ସ୍ନେହ ଓ ପ୍ରେମର ଅସୁମାରି ତରଙ୍ଗ । ମାଆ ଉତ୍କଳ ଜନନୀ ଆଜି ଅଭିଶପ୍ତା ଏବଂ ଦୁଃଖିନୀ । ଆମେ ସମସ୍ତେ ମିଳିମିଶି ତାର ଦୁଃଖରେ ଅଂଶୀଦାର ହେବା ଏବଂ ଦୁଃଖ ଦୂର କରିବା ପାଇଁ ଚେଷ୍ଟା କରିବା । ଏହି ପ୍ରସଙ୍ଗରେ ମହାପୁରୁଷ ମହମ୍ମଦଙ୍କର କଥାଟିଏ ମନେପଡ଼େ । ସେ କହିଥିଲେ– ଭାଇଚାରର ପ୍ରଚାର, ପ୍ରତିଷ୍ଠା ପାଇଁ ଅଗ୍ରସର ହେଲାବେଳେ, ମନରୁ ସମସ୍ତ ପାପଚିନ୍ତା ଓ କପଟତା ଦୂର କରିବା ଆବଶ୍ୟକ । ତେଣୁ ମୋର ଭାଇମାନେ ମାତୃଭୂମି ସେବାରେ ନିଃସ୍ୱାର୍ଥପର ଭାବରେ ସେବା ପାଇଁ ଆଗେଇ ଆସିବେ । ସ୍ୱାର୍ଥପରତା ତ୍ୟାଗ ନକଲେ ପ୍ରଗତି ହେବ ନାହିଁ । ଏହା ସତ୍ୟ ଯେ ଅସୁମାରି ନଦୀ ଓ ହ୍ରଦର ଜଳ ନାନା ରଙ୍ଗରେ ପ୍ରବାହିତ ହୋଇ ସାଗର ସଙ୍ଗମ କାଳରେ ଏକ ରୂପ ହୋଇଯାଏ । ସେଇମିତି ଆମେ ନାନା ଧର୍ମ, ଭାଷା, ଜାତି, ଗୋଷ୍ଠୀ ଓଡ଼ିଶାବାସୀ ଏକାଠି ହୋଇ ବ୍ରତ ଗ୍ରହଣ କରିବା ଉତ୍କଳମାତାର ସେବା କରିବା ପାଇଁ ।" (ଉତ୍କଳ ଦୀପିକା-ତା୨।୧।୧୯୦୪)

ଉତ୍କଳ ସମ୍ମିଳନୀ ମାଧ୍ୟମରେ ଓଡ଼ିଆମାନଙ୍କୁ ମନ ଓ ପ୍ରାଣରେ ଏକତା ସୂତ୍ରରେ ବାନ୍ଧିବା ପାଇଁ ଆରମ୍ଭ ହୋଇଥିବା ଉଦ୍ୟମ ୧୯୩୬ ମସିହା ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା ଏବଂ ଏହାର ଫଳଶ୍ରୁତି ସ୍ୱରୂପ ୧୯୩୬ ମସିହାରେ ଦେଶରେ ପ୍ରଥମ ଥର ପାଇଁ, ରାଜ୍ୟ ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶାପ୍ରଦେଶ ଗଠନ ହୋଇଥିଲା । ଦୁର୍ଭାଗ୍ୟବଶତଃ ଏହାର ଦୁଇବର୍ଷ ପୂର୍ବରୁ ମଧୁବାବୁ ଇହଧାମ ତ୍ୟାଗ କରିଗଲେ । ଫଳ ମିଳିଗଲେ ବା ଉଦ୍ଦେଶ୍ୟ ସଫଳ ହୋଇଗଲେ ଯେପରି ଉଦ୍ୟମ ଶିଥିଳ ହୋଇଯାଏ, ଉତ୍କଳ ସମ୍ମିଳନୀ କ୍ଷେତ୍ରରେ ତାହାହିଁ ହେଲା । ସେତେବେଳକୁ ବ୍ୟାପକ ଏବଂ ଉଗ୍ର ହୋଇଆସୁଥିବା ସ୍ୱାଧୀନତା ଆନ୍ଦୋଳନ ଭିତରେ ଉତ୍କଳ ସମ୍ମିଳନୀର କାର୍ଯ୍ୟଧାରା ମଉଳିଗଲା । ମନେହେଲା ସତେ ଯେମିତି ଗୋଟିଏ କାମ ପାଇଁ ଉତ୍କଳ ସମ୍ମିଳନୀ ଗଢ଼ା ହୋଇଥିଲା । ସେ  କାମ ହାସଲ ହୋଇଗଲା ପରେ ଆଉ ଏହାର ଆବଶ୍ୟକତା ନାହିଁ । ସମଗ୍ର ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ସମସ୍ତ ଉତ୍କଳୀୟଙ୍କୁ ଭାବବନ୍ଧନରେ ବାନ୍ଧିବା ପାଇଁ ଯେ, ଏକ ନିରନ୍ତର ଉଦ୍ୟମ ଆବଶ୍ୟକ ତାହା ଆଉ କେହି ଅନୁଭବ କଲେ ନାହିଁ । ଓଡ଼ିଆମାନଙ୍କୁ ଏକତା ସୂତ୍ରରେ ବାନ୍ଧିଥିବା ଉତ୍କଳ ସମ୍ମିଳନୀର ଏହି ବନ୍ଧନର ସୂତ୍ର କ୍ରମେ ଶିଥିଳ ହୋଇଗଲା । ସ୍ୱାଧୀନତା ପରେ ଆମ ନିଜର ଶାସନ ଆସିଛି ସତ, ଗତ ସତୁରୀ ବର୍ଷ ଭିତରେ ବହୁ ସରକାର ଆସି ରାଜ୍ୟରେ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ କରିଛନ୍ତି ସତ, ଓଡ଼ିଆମାନଙ୍କ ଭିତରେ ଭାବଗତ ଐକ୍ୟ, ଭ୍ରାତୃତ୍ୱବୋଧ ଏବଂ ସ୍ୱାଭିମାନ ଯେତିକି ଆସିବା କଥା ସେତିକି ଆସିନାହିଁ । ଏବେ ବି କୋରାପୁଟ, କଳାହାଣ୍ଡି ପରି ଅଞ୍ଚଳକୁ ବଦଳି ହେଲେ, ଆମେ କୋଉ କଳାପାଣିକୁ ଗଲାଭଳି ଅନୁଭବ କରୁଛୁ । ପଛୁଆ ଅଂଚଳରେ ରହୁଥିବା ଆମର ଓଡ଼ିଆ ଭାଇମାନଙ୍କ ବିକାଶ ପାଇଁ ଆସୁଥିବା ଅର୍ଥର ସିଂହଭାଗ ଆମେ ଲୁଟି ନେଉଛୁ । ସେମାନଙ୍କର ବିକାଶ କରେଇବାର ଦାୟିତ୍ୱ ଯେ ଆମର –ଏକଥା ଆମେ ଅନୁଭବ କରୁଥିଲେ ଆମେ ସେମାନଙ୍କ ଅର୍ଥ ଲୁଟନ୍ତୁ ନାହିଁ । ସମଗ୍ର ଓଡ଼ିଶା ଯେ ଆମର ଏବଂ ଏହାର ସମସ୍ତ ଅଞ୍ଚଳ ବିକଶିତ କେମିତି କରିବା ଆମର କର୍ତ୍ତବ୍ୟ ଏକଥା ଆମ ହାତରେ ଶତପ୍ରତିଶତ ପ୍ରତିଷ୍ଠିତ ହୋଇପାରିନାହିଁ । ଏହାର ପ୍ରତ୍ୟେକ ଅଂଶ ସ୍ୱକୀୟ ମହିମାରେ ମହିମାନ୍ୱିତ । କେଉଁଠି ପ୍ରକୃତି, କେଉଁଠି ପ୍ରତ୍ନତତ୍ତ୍ୱ, କେଉଁଠି ମନ୍ଦିର, କେଉଁଠି କ୍ଷେତ୍ର, କେଉଁଠି ତୀର୍ଥ ସବୁ ମହନୀୟ ପବିତ୍ର ସ୍ଥାନ ଭେଦରେ ଏ ସମସ୍ତ ପ୍ରତି ଆମର ମମତ୍ୱବୋଧ ରହିବା କଥା ।

ଓଡ଼ିଆ ଭାଷା କଥା ନକହିବା ଭଲ । ଓଡ଼ିଆରେ ଗୋଟିଏ ପୂର୍ଣ୍ଣବାକ୍ୟ ମଧ୍ୟ ଆଜିର ସଭ୍ୟ, ଶିକ୍ଷିତ ଲୋକମାନେ କହିପାରୁନାହାନ୍ତି । ଏ ଲେଖକ ଆକାଶବାଣୀରେ ଦୀର୍ଘଦିନ କାର୍ଯ୍ୟ କରିବା ଭିତରେ ଅନେକ ବୁଦ୍ଧିଜୀବୀ, ବିଶେଷଜ୍ଞଙ୍କୁ ବିଭିନ୍ନ ବିଷୟରେ ଆଲୋଚନା କରିବାକୁ ଆମନ୍ତ୍ରଣ କରିଛି । ସମସ୍ତେ ପ୍ରଥମେ ପଚାରିଛନ୍ତି ଆଲୋଚନା ଇଂରାଜୀରେ ନା ଓଡ଼ିଆରେ ? ଓଡ଼ିଆରେ ବୋଲି ଶୁଣିବା ପରେ, ସେମାନେ କହିଛନ୍ତି ଇଂରାଜୀରେ ସୁବିଧା ହୋଇଥାନ୍ତା, ଓଡ଼ିଆରେ ଲେଖିବା କଷ୍ଟ । ଉଦାହରଣ ସ୍ୱରୂପ 'ମାନବିକ ଅଧିକାର' ପ୍ରସଙ୍ଗ । ସେମାନେ ଓଡ଼ିଆରେ ଲେଖିବାକୁ  ଚେଷ୍ଟା କରି ସଫଳ ହୋଇଛନ୍ତି । ବିଷୟଟିକୁ ଇଂରାଜୀରେ ପଢ଼ିଥିଲେ ସୁଦ୍ଧା ତାକୁ ଯେ ଆମେ ଓଡ଼ିଆରେ ଲେଖିବା ବା  ବା କହିପାରିବା ନାହିଁ ଏଭଳି ଏକ ଧାରଣା ଅମୂଳକ । ଯଦି ଲେଖି ହେଉନଥିଲା ଶେଷରେ ଲେଖି ହେଲା କେମିତି ? ଯେମିତି ଓଡ଼ିଆରେ ଲେଖିବା, ସେମିତି ଓଡ଼ିଆରେ କହିବା । ଚେଷ୍ଟାକଲେ

ଆମେ ପାରିବା । ନିଶ୍ଚୟ ପାରିବା । ଏଥିପାଇଁ ଟିକିଏ ଅଭ୍ୟାସ କରିବାକୁ ହେବ । ନକଲେ ଧୀରେ ଧୀରେ ଇଂରାଜୀରେ ପଢ଼ିଥିବା ବିଷୟମାନ ଆମେ ଆରାମରେ ଓଡ଼ିଆରେ ଲେଖିପାରିବା, କହି ମଧ୍ୟ ପାରିବା । କିନ୍ତୁ ଆନ୍ତରିକ ଭାବରେ ଏ ଦିଗରେ କେହି ଉଦ୍ୟମ କରିନାହାନ୍ତି । ଭାଷା ବଂଚେଇବା ପାଇଁ ଭାଷାକୁ ଯେ ବ୍ୟବହାର କରିବାକୁ ପଡ଼ିବ ଏବଂ ଏଇଟା ଆମର କର୍ତ୍ତବ୍ୟ ଏକଥା ଆମେ ବୁଝୁନାହୁଁ । ଇଂରାଜୀ, ହିନ୍ଦି ଶବ୍ଦ ବ୍ୟବହାର କରି, ଯଦି ଆମେ ଆମ ଓଡ଼ିଶାକୁ ଖଣ୍ଡିଆ କରି ଝୁଲେଇଦବା ତେବେ ଚଳିଯିବ, ଚଳିଯାଉଛି ମଧ୍ୟ । କିନ୍ତୁ ଏ ପ୍ରକାର ପ୍ରକ୍ରିୟାରେ ଆମ ଶବ୍ଦମାନେ ପ୍ରଚଳନରେ ନରହି, ଯେ କାଳକ୍ରମେ ଝୁଲି ହେଇଯିବେ, ଏକଥା ଆମକୁ ମନେରଖିବାକୁ ହେବ । ଏବେ ଗାଁ ଗହଳିରେ ଚାଷର ଯାନ୍ତ୍ରିକୀକରଣ ହେବା ପରେ ଗୁଡ଼ାଏ ଚାଷ ଭିତ୍ତିକ ଶବ୍ଦ ହିଯିବାକୁ ବସିଛି । ଏବେ ଆଉ ଲଙ୍ଗଳରେ ଚାଷ ହଉନାହିଁ । ଧାନ ଅମଳ ପାଇଁ ବେଙ୍ଗଳା ଆଉ ପଡୁନାହିଁ କି ସେଥିରେ ଗୋରୁ ବୁଲୁନାହାନ୍ତି । ଏସବୁକୁ କେନ୍ଦ୍ର କରି ଯେତେ ଶବ୍ଦ ପ୍ରଚଳିତ ଥିଲେ ସେମାନେ ଆଉ ଲୋଡ଼ା ପଡୁନାହାନ୍ତି । ଏ ଶବ୍ଦ ସଂଖ୍ୟା ଅନେକ । ଏତିକି ଶବ୍ଦ ହଜିଯିବ କି ନାହିଁ ? ନିଶ୍ଚୟ ହଜିବ । ଗୋଟିଏ ଭାଷାର ପୁଞ୍ଜି ତା'ର ଶବ୍ଦ ସମ୍ଭାର, ଶବ୍ଦ ହଜିଲେ ଭାଷା ହଜିବ । ସେ ସମୟ ଆଜି ଉପସ୍ଥିତ । କ'ଣ କରିବା ଆମେ ଓଡ଼ିଆମାନେ ? ଏ ଚିନ୍ତା ଆଜି ସମସ୍ତଙ୍କର । ଓଡ଼ିଆ ଭାଷା କେତେ ଜନମୁଖୀ ହୋଇପାରେ ତା' ପ୍ରମାଣ କରି ଦେଖାଇଦେଲେ ଭାଗବତକାର ଜଗନ୍ନାଥ ଦାସ । ଭାଷା ବିସ୍ତାର ସହିତ ଧର୍ମୀୟ ସଂସ୍କୃତିର ବିସ୍ତାର ପାଇଁ ସୃଷ୍ଟି ହୋଇଥିବା ଭାଗବତ ଟୁଙ୍ଗୀ ସମୂହ ଆଜି ଲୁପ୍ତ । ଏକ ଅନାନ୍ତରିକ, ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଏକ ପ୍ରଦର୍ଶନକାରୀ ସରକାରୀ ପଦକ୍ଷେପ ଏ କ୍ଷେତ୍ରରେ ବିଫଳ ହୋଇଛି ।

ସଂସ୍କୃତି ନାମରେ ବାହାରୁ ଆସୁଥିବା ଢଙ୍ଗରଙ୍ଗକୁ ଆମେ ଆମ ମୂଳ ସଂସ୍କୃତି ଉପରେ ମଢ଼େଇ ଆମେ ଏଭଳି ଗ୍ରହଣ କରି ସେଥିରେ ମାତୁଛେ ଯେ ବେଳେ ବେଳେ ମନକୁ ପ୍ରଶ୍ନ ଆସୁଛି ଆମେ କ'ଣ ଓଡ଼ିଆ ? କଥାଭାଷା, ବେଶଭୂଷା, ରୀତିନୀତି, ଚାଲିଚଳଣି ଭିତରେ ଆମର ଓଡ଼ିଆତ୍ୱ କେତେ ଫୁଟୁଛି ନଫୁଟୁଛି ତାହା ଆମ ସମସ୍ତଙ୍କୁ ପଚାରିବାକୁ ପଡ଼ିବ । ଏଗୁନିକ ହେଲା ଆମ ଓଡିଆତ୍ୱର ସୂଚକ ଯାହା ଦୃଶ୍ୟମାନ । ଇଏ ହେଲା ଓଡ଼ିଆତ୍ୱର ଗୋଟିଏ ଦିଗ । ଆର ଦିଗଟି ହେଲା ଆମର ଆତ୍ମିକ ଅନୁଭବ ଯାହା ଆମର ଇତିହାସ, ସଂସ୍କୃତି, ବିଭିନ୍ନ ପରଂପରାକୁ ନେଇ ଏକ ଗୌରବବୋଧ ଭାବରେ ପ୍ରତିଷ୍ଠିତ, ଯାହାର ଫଳଶ୍ରୁତି ହୋଇଛି ଆମର ସାମଗ୍ରିକ ବ୍ୟବହାରରେ ପ୍ରକାଶ ପାଉଥିବା ଏକ ସ୍ୱାଭିମାନ । ଏ ଦୁଇଟି ସମନ୍ୱିତ ଭାବେ ପ୍ରକାଶିତ ହେଲେ ଯାଇ ଆମେ କହିପାରିବା ଯେ ଆମର ଓଡ଼ିଆତ୍ୱ ପ୍ରକାଶିତ କରିବାରେ ଆମେ ସମର୍ଥ । କିନ୍ତୁ ସଂପ୍ରତିକ କାଳ, ବ୍ୟବସ୍ଥା ସବୁକୁ ଅନୁଧ୍ୟାନ କଲେ ମନେହେଉଛି ଆମର ଓଡ଼ିଆତ୍ୱ ଏବେ ସଂକଟ ଦେଇ ଗତିକରୁଛି । ଆଗକୁ କ'ଣ ହେବ ତାହା କେବଳ ସମୟ ହିଁ କହିପାରିବ । ଭଲହେଲେ ଓଡ଼ିଆଙ୍କ ଜୟ, ମନ୍ଦ ହେଲେ ଓଡ଼ିଆତ୍ୱର ଲୟ ।

ଓଡ଼ିଆଙ୍କ ଚରିତ୍ର ଏବଂ ସ୍ୱଭାବର କେତେକ ମହନୀୟ ଦିଗ ମଧ୍ୟ ଅଛି । ଉଦାରତା ହେଉଛି ଏଥିରୁ ଗୋଟିଏ । ସମସ୍ତଙ୍କୁ ଶୁଣିବା, ଗ୍ରହଣ କରିବାର ସର୍ବଶ୍ରେଷ୍ଠ ନିଦର୍ଶନ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ଆଜି ଯଦି ଶ୍ରୀକ୍ଷେତ୍ର ଏବଂ ମହାପ୍ରଭୁ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରୁଛନ୍ତି, ତାହା ଏହି ଧର୍ମୀୟ ଉଦାହରଣ ପାଇଁ । ଓଡ଼ିଆଙ୍କ ଏହି ଉଦାରତା ପାଇଁ ଆଜି ଓଡ଼ିଶାରେ ଓଡ଼ିଶା ବାହାରର ଲୋକମାନେ ମଧ୍ୟ ପ୍ରମୁଖ ଏବଂ ପ୍ରତିଷ୍ଠିତ ହୋଇ ରହିଛନ୍ତି । ସେମାନଙ୍କୁ ସେ ସୁଯୋଗ ଦେଇଛନ୍ତି ଓଡ଼ିଆମାନେ । ସେମାନଙ୍କ ସମୃଦ୍ଧିରେ, ପ୍ରତିଷ୍ଠାରେ କେବେ ବି ଈର୍ଷାନ୍ୱିତ ହୋଇନାହାନ୍ତି । ଏଇଟା ବେଶ୍ ବଡ଼ କଥା ନୁହେଁ । ଓଡ଼ିଆଙ୍କ ଆଉ ଗୋଟିଏ ବଡ଼ ଗୁଣ ହେଉଛି ମହାଭାରତୀୟ ଭାବନା ଏବଂ ସ୍ୱାର୍ଥ ଆଗରେ ନିଜ ରାଜ୍ୟର ସ୍ୱାର୍ଥକୁ ତ୍ୟାଗ କରିବା । ନିଜେ ସମ୍ରାଟ ଖାରବେଳ ଏକଥା ପ୍ରମାଣ କରିଦେଇ ଯାଇଛନ୍ତି । ମଗଧ ଆକ୍ରମଣ ସମୟରେ ମଗଧ ରାଜା ବୃହସ୍ପତି ମିତ୍ର ବିନା ଯୁଦ୍ଧରେ ତାଙ୍କ ନିକଟରେ ସମର୍ପଣ କରିଥିଲେ ସୁଦ୍ଧା ଭାରତ ଉପରେ ଆକ୍ରମଣ କରିବାକୁ ଆସିଥିବା ଗ୍ରୀକ୍ ରାଜା ଡିମିଟ୍ରିଅସ୍‌ଙ୍କୁ ହଟାଇବା ପାଇଁ ସେ ବୃହସ୍ପତି ମିତ୍ରଙ୍କୁ ସଂଗରେ ନେଇ ଯୁଦ୍ଧ କରି ଭାରତକୁ ରକ୍ଷା କରିଛନ୍ତି ।

ଏକଦା ଉତ୍କଳର ରାଜାମାନେ ବିପୁଳ ରାଜ୍ୟ ଜୟକରି ଗଙ୍ଗାଠାରୁ ଗୋଦାବରୀ, କର୍ଣ୍ଣାଟ, କଳବର୍ଗ ଯାଏଁ ଏ ରାଜ୍ୟର ସୀମାକୁ ବିସ୍ତାରିତ କରିଥିଲେ ବୋଲି ଇତିହାସରୁ ଆମେ ଜାଣୁ । କିନ୍ତୁ ଏଥିରେ ସେମାନଙ୍କର ବିଲକ୍ଷଣ ସ୍ୱଭାବ ହେଉଛି ଏଥିପାଇଁ ସେମାନେ କୌଣସି ହିଂସ୍ରତା, ନିଷ୍ଠୁରତା, ରକ୍ତପାତ ଅବା ଲୁଣ୍ଠନ କରିନାହାନ୍ତି । ସେମାନଙ୍କ ବୀରତ୍ୱ ଆଗରେ ଅନ୍ୟ ରାଜାମାନେ ଅଧୀନତା ସ୍ୱୀକାର କରି ଯାହା ଦେଇଛନ୍ତି ତାହାହିଁ ସେମାନେ ଆଣିଛନ୍ତି । ଯାହା ବି ଆଣିଛନ୍ତି, ତାକୁ ସମର୍ପି ଦେଇଛନ୍ତି ମହାପ୍ରଭୁଙ୍କ ପାଖରେ । ନିଜକୁ ମହାପ୍ରଭୁଙ୍କ ରାଉତ ଜ୍ଞାନ କରିଛନ୍ତି । ଏହା ହେଉଛି ଓନିଆଙ୍କ ସମର୍ପଣ ସ୍ୱଭାବର ନିଦର୍ଶନ ।

ମହାକବି ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଜଗନ୍ନାଥ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ରାଧାନାଥ, ଫକୀରମୋହନ, ଗଙ୍ଗାଧର, ଭୀମଭୋଇଙ୍କ ପର୍ଯ୍ୟନ୍ତ କବିମାନେ ଓଡ଼ିଆ ବାଣୀଭଣ୍ଡାରକୁ ଏତେ ସମୃଦ୍ଧ କରିଛନ୍ତି ଏବଂ ନିଜ ରଚନାରେ ଏତେ ଶବ୍ଦ ସମ୍ଭାର ସୃଷ୍ଟି କରିଯାଇଛନ୍ତି ଯେ ସେଗୁଡ଼ିକ ଲୁଚିଯିବେ, ହଜିଯିବେ - ଏଖତା ଭାବିଲେ ହିଁ ମନ ମରିଯାଉଛି । ଏହା ସାଙ୍ଗକୁ ଲୋକ ମୁଖରେ ଥିବା ଲୋକଭାଷା ଏବଂ ଲୋକୋକ୍ତି, ବିବିଧ ଲୋକସଂସ୍କୃତି ଯାହା ଦ୍ରୁତ ବିଲୟ ପଥରେ ଅଗ୍ରସର ହେଉଛି, ତାକୁ ଲକ୍ଷ୍ୟ କଲେ ନିରବରେ ଅଶ୍ରୁପାତ କରିବାକୁ ପଡୁଛି । କ'ଣ କରିବା ? ଏ ସବୁକୁ ରକ୍ଷା କରିବା ଜଣକର କାମ ନୁହେଁ । ସବୁ ଓଡ଼ିଆ ଏଥିପାଇଁ ଆଗ୍ରହ ପ୍ରକାଶ ନକଲେ, ଏସବୁ ସ୍ୱଭାବ ଏବଂ ବିଭବ ଖୁବ୍ ଶୀଘ୍ର ଇତିହାସ ପାଲଟିଯିବ । ଗୋଟିଏ ମହନୀୟ, ରସାଳ ଏବଂ ନିର୍ମଳ ସାଂସ୍କୃତିକ ଏବଂ ସରଳ ପରିଚୟଟିଏ ହଜିଯିବାର ଆଶଙ୍କା ଜଳଜଳ ଦେଖାଯାଉଛି ।

ସି-୧୦୮, ଶୁଭମ୍ ଦଇତାରି ଏନ୍‌କ୍ଲେଭ୍
ପ୍ରଶାନ୍ତି ବିହାର, ପଟିଆ, ଭୁବନେଶ୍ୱର - ୨୪

# ଓଡ଼ିଆ ଚରିତରେ ସମନ୍ୱୟାତ୍ମକ ଭାବନା

ପ୍ରଫେସର ସଂଘମିତ୍ରା ମିଶ୍ର

ଓଡ଼ିଶା ଭାରତ ମାନଚିତ୍ରର ଏକ ରାଜ୍ୟ ବିଶେଷ । ଓଡ଼ିଶାବାସୀମାନଙ୍କ ପାଇଁ ଏହା ସ୍ୱାଭିମାନ ଓ ଆତ୍ମୀୟତାର ଜୀବନସତ୍ତା । ଓଡ଼ିଶାରେ ବାସ କରୁଥିବା ମଣିଷମାନେ ଓଡ଼ିଆ ଓ ସେମାନଙ୍କର ଭାଷା ମଧ୍ୟ ଓଡ଼ିଆ । ଭାରତ ଓ ଭାରତ ବାହାରେ ଓଡ଼ିଶା 'ଜଗନ୍ନାଥ ଦେଶ' ଭାବେ ପରିଚିତ । ଓଡ଼ିଶାବାସୀମାନେ ଓଡ଼ିଶାର ଦୁଃଖ ସୁଖର ଭାଗୀଦାର ଓ ସେମାନେ ଜଗନ୍ନାଥ ଚେତନାରେ ଉଦ୍‌ବୁଦ୍ଧ । ତେଣୁ ଓଡ଼ିଶା ବିଶ୍ୱବାସୀମାନଙ୍କୁ ଆଦର ସମ୍ମାନରେ ବାନ୍ଧିପାରେ । ଏହା ଓଡ଼ିଆ ଚରିତ । ଯୁଗ ଯୁଗ ଧରି ଓଡ଼ିଶାର କବି ଲେଖକମାନେ ଓଡ଼ିଶାର ଜୟଗାନ କରିଛନ୍ତି । ମହାଭାରତରେ ଆଦିକବି ସାରଳା ଦାସ ମହାପ୍ରସ୍ଥାନରେ ବାହାରିଥିବା ପାଣ୍ଡବମାନଙ୍କୁ ଯାଜପୁର ଆଣିଛନ୍ତି ଓ ଯୁଧିଷ୍ଠିରଙ୍କ ସହିତ ସୁହାଣୀକନ୍ୟାଙ୍କୁ ବିବାହ କରାଇଛନ୍ତି । କବି କାଳିଦାସ 'ରଘୁବଂଶ'ରେ ଓଡ଼ିଶାର କାନନ ନଦୀ ପର୍ବତର ବର୍ଣ୍ଣନା କରିଛନ୍ତି । ଅଂଗବଂଗ କଳିଂଗ ଓ ଉତ୍କଳ 'ଓଡ଼ିଶା'ର ଭିନ୍ନ ଭିନ୍ନ ନାମ ଯାହା ବହୁ ପୁରାଣରେ ଦୃଷ୍ଟିଗୋଚର ହୁଏ । କବିବର ରାଧାନାଥ ମହାଯାତ୍ରାରେ ସମୁଦ୍ର ତୀରସ୍ଥ ପୁଣ୍ୟଧାମରେ 'ଭାବଗ୍ରାହୀ' କେଶବଙ୍କର ଭାବୀ ଅବତାର ହେବା କଥା ବର୍ଣ୍ଣନା କରିଛନ୍ତି ।

"ପର୍ଣ୍ଣଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ
ଶ୍ରେଷ୍ଠ ଏ ଉତ୍କଳଭୂମି ଗୁଣେ ଗରୀୟସୀ ।"

ଏଠାରେ ସେ 'ଉତ୍କଳ' ନାମକୁ ଗୁରୁତ୍ୱ ଦେଇଛନ୍ତି ଓ ଜଗନ୍ନାଥଙ୍କର ପତିତପାବନ ବାନାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି । କବି ଗୋପବନ୍ଧୁ ଓ ତାଙ୍କ ସମଧର୍ମୀମାନଙ୍କ ସହିତ ଶପଥ କରିଥିଲେ ଆମେ ଓଡ଼ିଶାକୁ ଯେଉଁଭଳି ଦେଖିଛେ ମୃତ୍ୟୁ ବେଳକୁ ତାଠାରୁ ଉନ୍ନତ ଦେଖିବାର ପ୍ରୟାସ କରିବା । ସେ 'ବନ୍ଦୀର ଆତ୍ମକଥା'ରେ ଲେଖିଛନ୍ତି ଯେ ଗାନ୍ଧି ମହାତ୍ମା ହିଁ ଅସହଯୋଗର ସ୍ରୋତ ଓଡ଼ିଶା ଭୂମିରେ ବୁହାଇଛନ୍ତି । ତା ପୂର୍ବରୁ ଭାରତ ପାଞ୍ଜିରେ ଓଡ଼ିଶାର ନାମ ମଧ୍ୟ ନଥିଲା ।

"ଜଗତ ସରସେ ଭାରତ କମଳ,
ତା ମଧ୍ୟେ ଦେଶର ପୁଣ୍ୟନୀଳାଚଳ ।
ଥିଲେ ଯହିଁ ତହିଁ ଭାରତ ବକ୍ଷରେ,
ମଣିବି ମୁଁ ଅଛି ଆପଣା କକ୍ଷରେ ।।
x x x x x x
ଭାରତର ପ୍ରତି ବୃକ୍ଷ କଳ୍ପବଟ,
ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ ।
ସାମ୍ୟ ସ୍ୱାଧୀନତା ପ୍ରେମ ସମୁଦାୟ,
ନୀଳାଚଳ ଶୁଦ୍ଧ ଭାରତ ହୃଦୟ ।।"

ଗୋପବନ୍ଧୁ ନୀଳାଚଳକୁ ଭାରତର ମଧ୍ୟମଣି ଭାବେ ପରିକଳ୍ପନା କରିଛନ୍ତି । ତାଙ୍କ ପାଇଁ 'ହିନ୍ଦୁ' ଏକ ଧର୍ମ ନୁହେଁ ବିଶ୍ୱହିତରେ ଯିଏ ନିଜର ରକ୍ତବିନ୍ଦୁ ଦେଇପାରେ ସେ ହିଁ ହିନ୍ଦୁ ପଦବାଚ୍ୟ । ସତ୍ୟବାଦୀର ସ୍ରଷ୍ଟାମାନେ ବିଭିନ୍ନ ନରପତିମାନଙ୍କ ଲୋକହିତକର କାର୍ଯ୍ୟର ସୂଚନା ଦେଇଛନ୍ତି ଯାହା ଅନ୍ୟ ଏକ ଆଲୋଚନାର ଅପେକ୍ଷା ରଖେ । ମାତ୍ର ଏକଥା ସତ୍ୟ ଯେ ଓଡ଼ିଶାର ଅସ୍ମିତା ନିର୍ମାଣ ଓ ସେମାନଙ୍କୁ ବୃହତ୍ତର ମାନବିକତାର ସ୍ୱାଦ ଚଖାଇବାରେ ଏମାନଙ୍କ ଭୂମିକା ରହିଥିଲା ।

ଓଡ଼ିଆ ସ୍ୱଭାବ କଥାଟିକୁ ବୁଝିବାକୁ ହେଲେ ଆମକୁ ଟିକିଏ ଭିନ୍ନ ଭାବରେ ଚିନ୍ତା କରିବାକୁ ହେବ । କାରଣ ସ୍ୱଭାବ ସ୍ୱତଃସିଦ୍ଧ ଭାବ ବା ସ୍ୱୀୟ ଭାବ । ସାଧାରଣତଃ ସ୍ୱଭାବ ପରଂପରା ସହିତ ଓ ପରିବେଶ ନିୟନ୍ତ୍ରିତ ଭାବନା । ଏହା ବ୍ୟକ୍ତିଠାରୁ ଅନ୍ୟବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଦର୍ଶାଏ । ମାତ୍ର ଓଡ଼ିଆ ସ୍ୱଭାବ ଏଭଳି କେତେକ ଭାବ ଯାହା ପ୍ରତ୍ୟେକ ଓଡ଼ିଆ ନିକଟରେ ରହିଥାଏ । ସମୟ ପରିବର୍ତ୍ତନରେ ତାହା ସମୁଦାୟ ବଦଳିପାରେ ନାହିଁ ଖାଲି କଡ଼ ଲେଉଟାଏ ।

ଶ୍ରୀମଦ୍ ଭଗବତ୍ ଗୀତାର ୫ମ ଅଧ୍ୟାୟରେ "ନ କର୍ମଫଳ ସଂଯୋଗ ସ୍ୱଭାବସ୍ତୁ ପ୍ରବର୍ତ୍ତତେ" ବା ୮ମ ଅଧ୍ୟାୟରେ "ଅକ୍ଷର ବ୍ରହ୍ମ ପରମଂ ସ୍ୱଭାବୋଽଧ୍ୟାତ୍ମ ମୁଖତେ" ଭଳି ପ୍ରୟୋଗ ରହିଛି, ଯାହା 'ସ୍ୱଭାବ'ର ଗୁରୁତ୍ୱ ପ୍ରତିପାଦିତ କରିଥାଏ । ଶ୍ରୀମଦ୍ ଭାଗବତରେ-"ସର୍ପରେ ଜାତ କଲୁ ମୋତେ । ସ୍ୱଭାବ ଛାଡ଼ିବି କେମନ୍ତେ ।" ଭଳି ଅନେକ ପଦ ରହିଛି, ଯାହା ସ୍ୱଭାବର ଗୁରୁତ୍ୱ ପ୍ରତିପାଦନ କରିଥାଏ । ଏହି 'ସ୍ୱଭାବ' ମଧ୍ୟରେ 'ଆଭିଜାତ୍ୟ' ପ୍ରକାଶିତ ହୁଏ । ଅଭ୍ୟାସ ଦ୍ୱାରା ସ୍ୱଭାବକୁ ମଣାଇ ନିଆଯାଇପାରେ । ପୁଣି ଏହି ସ୍ୱଭାବ ଭିତରେ ବ୍ୟକ୍ତିର ପରଂପରା ଫୁଟିଉଠେ । ପରିବେଶ ହିଁ ସ୍ୱଭାବର ବିକାଶ ପାଇଁ ଦାୟୀ ।

ସେହିପରି 'ଚରିତ' କଥାଟି ଦେଖିବା । ଚରିତ ତ ପୁରାଣ, ବୃତ୍ତାନ୍ତ ଆଖ୍ୟାନ ସହିତ ଜଡ଼ିତ । 'ଚର୍' ଅର୍ଥ ଧାରଣ କରିବା । ମଣିଷର ଚାଲିଚଳନ, ଆଚାର ବ୍ୟବହାର ଆଧାରରେ ତାର 'ଚରିତ' ନିର୍ମିତ ହୁଏ । ଆମେ 'ରାମ ଚରିତ ମାନସ' କଥା କହୁ । ରାମଙ୍କ ଚରିତକୁ ନେଇ ଗୋସ୍ୱାମୀ ତୁଳସୀଦାସ ଏହାକୁ ବର୍ଣ୍ଣନା କରିଛନ୍ତି । ମୁଁ କହିବି 'ଆପଣଙ୍କୁ ଦେଖି ମୋର ବହୁ ଦିନର ଆଶା ଚରିତାର୍ଥ ହେଲା' କିମ୍ବା ମୋର ଯାତ୍ରା ସଫଳ ହେଲା । ଏସବୁ ଅର୍ଥାତ୍ 'ଓଡ଼ିଆ ସ୍ୱଭାବ ଓଡ଼ିଆ ଚରିତ'କୁ ନେଇ କିଛି ଆଲୋଚନା କରିବା ପୂର୍ବରୁ ଆମେ ଦେଖିବା ଓଡ଼ିଶା ଭୂଖଣ୍ଡରେ ବାସ କରୁଥିବା ଶିକ୍ଷିତ ଚିନ୍ତାଶୀଳ ସ୍ୱାଭିମାନୀ ଓଡ଼ିଆଟିଏ ନିଜ ବାବଦରେ କଣ ଭାବେ ? ସେ କଣ ସତ୍ୟବାଦୀର ପଞ୍ଚସଖାଙ୍କ ଭଳି ଦେଶ ସ୍ୱାଧୀନତା ପାଇଁ ପ୍ରତ୍ୟହ ପାଞ୍ଚମିନିଟ୍ ଦେବାକୁ ଶପଥ କରିପାରେ ? ସତରେ ଆମେ କେତେଜଣ ଏହିଭଳି ଭାବି ପାରିବା ? କେତେ ଜଣ କହି ପାରିବା – "ଧନ ଅର୍ଜନେ ଧର୍ମକରି, ଧର୍ମେ ପ୍ରାପତ ନରହରି ।" ସେ ସ୍ୱଭାବ କ'ଣ ଆମର ଅଛି ? ଆମେ ତ ନିଜ ଦୁଃଖଶୋକରେ ଏତେ ମଗ୍ନ ଯେ ଆଉ କାହା କଥା ଭାବିବା ଆମ ପାଇଁ ମୁସ୍କିଲ୍ ।

**ଓଡ଼ିଆ ସ୍ୱଭାବ–**

ଏହି କଥାଟି ବେଶ୍ ଆଲୋଚନାର ଅପେକ୍ଷା ରଖେ । ଓଡ଼ିଆଟିଏ ବନ୍ଧୁ ସଂଖୋଳିବାରେ ବଡମନର ପରିଚୟ ଦେଇଥାଏ । ତା ଘରେ ଯାଆ ଅଛି ତାହା ବନ୍ଧୁଙ୍କୁ ଦେଇ ସ୍ୱାଭାବିକ ସଂପର୍କ ପ୍ରତିଷ୍ଠା କରିଥାଏ । ବନ୍ଧୁଙ୍କୁ ମର୍ଯ୍ୟାଦା ଦେବାରେ ଓଡ଼ିଆମାନଙ୍କ ସ୍ଥାନ ସ୍ୱତନ୍ତ୍ର । ସଂପନ୍ନ ପରିବାର ହୋଇଥିଲେ ଯିବାଆସିବା ଦେବାନେବା ଲାଗି ରହିଥାଏ । ସେଥିପାଇଁ ତ ଆମର ବର୍ଷସାରା ନାନା ପର୍ବ ରହିଛି । ରଜରେ ବାପଘରୁ ଭାର ଆସିବ, କୁମାର ପୂର୍ଣ୍ଣିମାରେ ନୂଆ ବୋହୂର ଶାଶୂଘରୁ ଭାର ଲୁଗାପଟା ନିଶ୍ଚୟ ଆସିବ । ପୁଣି ଭଣଜା-ଭାଣିଜୀଙ୍କର ପ୍ରଥମାଷ୍ଟମୀ ଅଛି । ମାମୁଁଙ୍କୁ ତ ଆମେ ଅଷ୍ଟମୀ କୁଣିଆ କହୁ । ତାର ଅର୍ଥ ହେଲା ଯେ ବାପା ଆମ ପିଲାଙ୍କ ପାଇଁ ନୂଆ ଲୁଗାଜାମା ଆଣି ଦେବାକୁ ଅସମର୍ଥ । ତାର ଅର୍ଥ ଯେ ବନ୍ଧୁ ସଂଖୋଳିବା ଆମ ଜୀବନ ଧାରାର ସ୍ୱାତନ୍ତ୍ର୍ୟ । ବାହାଘର ବେଳେ ଝିଅ ନିଶ୍ଚୟ ମାମୁଁଘରୁ ଆସିଥିବା ଶାଢ଼ୀ ପିନ୍ଧିବ । ଏମିତି ଅଗଣିତ ଆୟୋଜନ ଆମ ସ୍ୱଭାବରେ ମିଶିଯାଇଛି ।

ସେମିତି ଆମ ଖାଦ୍ୟପେୟ । ଆମେ ବନ୍ଧୁଙ୍କୁ ଆତିଥ୍ୟ ଦେଉ । ସେଥିରେ ଆପଣାପଣ ଥାଏ । ଖୁବ୍ ଆଡ଼ମ୍ବର ନ ଥିଲେ ଯାଏଆସେ ନାହିଁ । ଓଡ଼ିଆମାନଙ୍କୁ 'ପଖାଳଖିଆ' କହି ପରିହାସ କରାଯାଏ । ମାତ୍ର ଜାତିର ପିତା ମହାତ୍ମା ଗାନ୍ଧୀ ଓଡ଼ିଆମାନଙ୍କର ପଖାଳ ଖାଇବା କଥାକୁ ପ୍ରଶଂସା କରିଥିଲେ । ଆଜି ତ ପଞ୍ଚତାରକା ହୋଟେଲରେ ପଖାଳ ମିଳିଲାଣି । ମାତ୍ର ମାଟିହାଣ୍ଡିରେ ଥିବା ପଖାଳ, ବାଡ଼ିରୁ ତୋଳିଆଣି ବୋଉ ଭାଜିଥିବା ଶାଗର ସୁଆଦ ସେଥିରେ ନାହିଁ ବୋଧହୁଏ । ବିଲରୁ ଛୋଟମାଛ ଆଣି ଭାଜିବାର ଆନନ୍ଦ ଆମ ସ୍ୱଭାବ ସହିତ ଦିନେ ମିଶି ରହିଥିଲା । ଯେକେହି ନଈକୁ ଗାଧୋଇ ଗଲେ ଛୋଟମାଛ କିଛି କାନିରେ ଆଣୁଥିଲେ, ଯାହା ଶୁଣିଲେ ଆଜିର ପିଲାଙ୍କୁ ଗପ ଭଳି ଲାଗିବ କିନ୍ତୁ ଆମର ସ୍ୱଭାବ ହେଉଛି ବାଣ୍ଟି ଖାଇବା । ପିଲାଙ୍କୁ ଆଗନ୍ତୁକଙ୍କୁ ଗୁରୁଜନଙ୍କୁ ଦେଇସାରିବା ପରେ ତରକାରୀ ନ ଥିଲେ ବି ଗୃହିଣୀମାନେ ଦୁଃଖ କରିବା କେହି ଦେଖି ନାହାନ୍ତି । କାରଣ ଆମେ ଜାଣିଛୁ 'ଅତିଥି ଦେବୋଭବ' ଆମେ କାହାକୁ ଭଲ ବ୍ୟବହାର କଲେ ଆମକୁ ମଧ୍ୟ ଉତ୍ତମ ବ୍ୟବହାର ମିଳିବ ।

ଏହି 'ସ୍ୱଭାବ' ଆସେ ଆମ ପରଂପରାରୁ । ପିଲାଟିଏ ବାପା ମା'ଙ୍କଠାରୁ ଶିଖି ଠାକୁରଙ୍କ ଆଗରେ ହାତଯୋଡି ଠିଆ ହୁଏ । ଗୁରୁ ଗୁରୁଜନଙ୍କୁ ପ୍ରଣାମ କରେ । ନମ୍ର ଭାବରେ ନିଜର ଜିଜ୍ଞାସା ବ୍ୟକ୍ତ କରେ । ଏହି ସ୍ୱଭାବ ସହିତ ଆମ Ego ବା ଅହଂକାରର ସଂପର୍କ ରହିଛି । Id, Ego ଓ Super Ego । ସହଜ ଭାବରେ କହିଲେ ବୁଝିବାକୁ ହେବ ଆମର ଅହଂକାର ହିଁ ଆମକୁ ଅନ୍ୟଠାରୁ ସ୍ୱତନ୍ତ୍ର କରିଥାଏ । ଏଠାରେ 'ଅହଂକାର' ସ୍ଥାନରେ 'ସ୍ୱାଭିମାନ' ଶବ୍ଦଟି ଯୋଡିଦେଲେ ଉଦ୍ଦେଶ୍ୟ ସ୍ପଷ୍ଟ ହେବ । ମୁଁ ଅମୁକ ବଂଶର ସନ୍ତାନ । ମୋ ବାପା ଆମ ଅଞ୍ଚଳର ମୁଖ୍ୟ ଥିଲେ । ମୋ ଶିକ୍ଷାନୁଷ୍ଠାନ ସବୁଠାରୁ ସ୍ୱତନ୍ତ୍ର । ଏହି ବିଚାର ମଣିଷକୁ ଭୁଲ କାମ କରିବାକୁ ଦିଏ ନାହିଁ । 'ଲୋକେ କ'ଣ କହିବେ ?' ଠାରୁ ବଡ ହୋଇ ଦିଶେ ମୋ ବଂଶର ସ୍ୱାଭିମାନ ଭୂଲୁଣ୍ଠିତ ହେବ । ତେଣୁ ଏହି 'ସ୍ୱାଭିମାନ' କ୍ରମେ 'ସ୍ୱଭାବ'ରେ ପରିଣତ ହୋଇଯାଏ ।

ମାତ୍ର ଏହି ସ୍ୱଭାବ ତ ଚରିତ ସବୁବେଳେ ଆଦର୍ଶ ଭିତରେ ରହିପାରେ ନାହିଁ । ଅନେକ ଆଶୁ ସଂପଦ ଲାଳସା ଏ ସ୍ୱଭାବରେ ପରିବର୍ତ୍ତନ ଆଣେ । ସାଧାରଣ ମଣିଷଟିଏ ତା ଆଗରେ ଅନେକ ନିଜ ସ୍ୱଭାବ ସହିତ ସାଲିସ୍ କରି ଅନେକ ସାଂସାରିକ ପ୍ରାଚୁର୍ଯ୍ୟ ଭୋଗ କରୁଛନ୍ତି । ସେତେବେଳେ ସେ କହିପାରେନି ଯେ "ସମସ୍ତେ ତ୍ରୁଟିଯୁକ୍ତ ଓ ମୁଁ ଏକମାତ୍ର ତ୍ରୁଟିଶୂନ୍ୟ" । ସେ ମଧ୍ୟ ସ୍ରୋତର ଅନୁକୂଳରେ ଭାସିଯାଏ ।

ଆଜି ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ, ଯେତେବେଳେ ଆମେ L.P.G : Liberalisation (ଉଦାରୀକରଣ) Privatisation (ଘରୋଇକରଣ) Globalisation (ବିଶ୍ୱାୟନ) ଭିତରେ ବଂଚିଛୁ ସେଠାରେ ସ୍ୱଭାବ ବଦଳି ଯିବା ସ୍ୱାଭାବିକ । ଦୁଇ ତିନୋଟି ଉଦାହରଣ ଦେବି । ଯଦି ଫୋନ୍ କରି ପାଞ୍ଚ ମିନିଟ୍ ଭିତରେ ଜଣେ ମନପସନ୍ଦ ଖାଦ୍ୟ ପାଇପାରୁଛି ସେ ରନ୍ଧାଘରେ ଝାଳନାଳ ହେବ କାହିଁକି ? ଯଦି Video callରେ ବା Face bookରେ ବନ୍ଧୁତ୍ୱ ରକ୍ଷା ହୋଇପାରୁଛି, ସେଠି ବନ୍ଧୁଘରକୁ ଯିବା କ'ଣ ଲୋଡା ? ପୁଣି କେତେ ହଜାର ଟଂକା ପଠାଇଦେଇ ମାମୁଁଘର ଦାୟିତ୍ୱମୁକ୍ତ । କାରଣ ଭଣଜା/ଭାଣିଜୀ ମନପସନ୍ଦର ଲୁଗା କିଣିବେ । ଆଜିର ସାମାଜିକ ବିଧି ବ୍ୟବସ୍ଥାରେ ଦାରିଦ୍ରମାନଙ୍କ ପାଇଁ ଅନେକ ସୁବିଧା ସୁଯୋଗ । ତେଣୁ କାହା ଦାରିଦ୍ର୍ୟପାଇଁ ବ୍ୟସ୍ତ ହେବା ଅନୁଚିତ ।

ଅନ୍ୟକୁ ବିପଦରେ ସାହାଯ୍ୟ କରିବା ଓଡ଼ିଆମାନଙ୍କର ବୈଶିଷ୍ଟ୍ୟ । ସେମାନେ ଲାଭ କ୍ଷତିର ବିଚାର ନ କରି ସାହାଯ୍ୟ ପାଇଁ ଅଣ୍ଟାଭିଡି

ବାହାରି ପଡନ୍ତି । ଭାଇ ଭାଇରେ କଳିଗୋଳ ମାଲିମକଦ୍ଦମା ଲାଗିଥିଲେ ବି ଭାଇର ପୁଅ ଝିଅଙ୍କ ବାହାଘରରେ ମିଳିମିଶି ଦାୟିତ୍ୱ ସମ୍ଭାଳିବା କଥାଟି ଓଡ଼ିଆମାନଙ୍କୁ ଜଣା । ଭାଇ ଭଉଣୀ ସଂପର୍କ ତ ଅଲଗା । କିନ୍ତୁ ଅଜଣା-ଅଶୁଣା ଲୋକଙ୍କୁ ଆଶ୍ରା ଦେବା ତ ସେଥିପାଇଁ ବିପଦରେ ପଡ଼ିବାର ଆଗ୍ରହ ଓଡ଼ିଆମାନଙ୍କ ଠାରେ ଦେଖାଯାଏ । ଏପରିକି ବିନା ଦୋଷରେ ଥାନା କଚେରି ଧାଇଁବାକୁ ପଡୁଥିଲେ ହେଁ ରାସ୍ତାରେ ଦୁର୍ଘଟଣା-କ୍ଷତିଗ୍ରସ୍ତ ବ୍ୟକ୍ତିକୁ ସେମାନେ ଅଣଦେଖା କରିପାରନ୍ତି ନାହିଁ ।

ଈଶ୍ୱର ବିଶ୍ୱାସ ଓଡ଼ିଆ ଜନଜୀବନର ଅନ୍ୟ ଏକ ସ୍ୱାତନ୍ତ୍ର୍ୟ । ଆମ ଜନଜୀବନର କେନ୍ଦ୍ରରେ ଜଗନ୍ନାଥ ଓ ସର୍ବଧର୍ମ ସମନ୍ୱୟ ଭାବନା ବିରାଜିତ । ତେଣୁ ଓଡ଼ିଆମାନେ ସହିଷ୍ଣୁ, ଉଦାର ଓ ଉଚ୍ଚମନା । ସେମାନେ ଦୁଃଖକୁ ଭାଗ୍ୟର ଦୋଷ ମାନି ପ୍ରତିକ୍ରିୟାଶୀଳ ହୁଅନ୍ତି ନାହିଁ । ଭୋକ ପେଟରେ ଠାକୁରଙ୍କ ପାଦୁକ ପାଇ ଆନନ୍ଦରେ ବଞ୍ଚିବା ଅଭ୍ୟାସ କରନ୍ତି । ସନ୍ଧ୍ୟାରେ ଭାଗବତ ଅଧ୍ୟାୟେ ପଢ଼ି କୃତ୍ୟକୃତ୍ୟ ହୁଅନ୍ତି । ପିଲାଙ୍କୁ ଶିଖାନ୍ତି ସେହି ବିଚାର-

ଧନ ଅର୍ଜନେ ଧର୍ମ କରି, ଧର୍ମେ ପ୍ରାପତ ନରହରି ।

X X X

କର୍ମ କଷଣ ଦେହ ସହେ, ଅରଣ୍ୟେ ଅଜଗରପ୍ରାୟେ

ବା

ଗୁରୁଙ୍କୁ ନ ମଣିବ ନର, ଗୁରୁହିଁ ସାକ୍ଷାତ ଈଶ୍ୱର ।

ତେଣୁ ଆମ ଲୋକ ସ୍ୱଭାବ ସେହି ଅନୁସାରେ ନୟନ୍ତ୍ରିତ ହୋଇଯାଏ । ଏହି ଈଶ୍ୱର ବିଶ୍ୱାସ ଓ କର୍ମରେ ନିଷ୍ଠା ଓଡ଼ିଆମାନଙ୍କୁ ଭିଡ ଭିତରେ ଚିହ୍ନାଇଦିଏ । ଏପରିକି ଆମ ଠାକୁର ଜଗନ୍ନାଥ ଦିନରେ ଏକାଧିକ ଥର ବେଶ ବଦଳାନ୍ତି, ସଜବାଜ ହୁଅନ୍ତି । ଆମ ହାଣ୍ଡିଶାଳ ଓ ଠାକୁରଘରେ ମୁରୁଜ ପଡ଼େ । ଆମ ଦାଣ୍ଡବାଡି ଝୋଟି ଚିତାରେ ହସୁଥାଏ । ଶୀତଦିନର ନୂଆ ଧାନଗଦା, ଘରଛପର ସବୁ ଭିତରେ ଗୋଟେ ଦିବ୍ୟ ଭାବନା ଝଲସି ଉଠୁଥାଏ । ଏଇ ଈଶ୍ୱର ବିଶ୍ୱାସ ବେଳେବେଳେ ଯେ ଆମକୁ ନିଶ୍ଚେଷ୍ଟ କରିଦିଏ, ତାହା ମଧ୍ୟ ଚିନ୍ତାର ବିଷୟ । ତେବେ ଜନ୍ମାନ୍ତରବାଦ, ପୂର୍ବଜନ୍ମର ଫଳଭୋଗ ସଂପର୍କୀୟ ଭାବନା, ଏସବୁ ଆମ ଜନଜୀବନର ସ୍ୱଭାବ । ଏହା ଆମର ଚଳିଚଳଣିର ଧାରାକୁ ନିୟନ୍ତ୍ରଣ କରିଥାଏ । ସାଧାରଣ ଓଡ଼ିଆ ମଣିଷଟିଏ ପୃଥିବୀର ସମସ୍ତଙ୍କର ମଙ୍ଗଳ ଚାହେଁ । ସାଧାରଣ ଗୃହ, ବେଶପୋଷାକ ଭିତରେ, ଅଳ୍ପ ଆବଶ୍ୟକତା ମେଣ୍ଟାଇ ଓଡ଼ିଆଟିଏ ହିଁ କହିପାରେ-

ଗୌରବଶାଳିନୀ କୀରତିମାଳିନୀ, ସନ୍ତାନପାଳିନୀ
ଧନ୍ୟ ଏ ଉତ୍କଳ ଜନନୀ ମାଆ, ଗାଅ ସେହି ମାଆ ମହିମା

ଉତ୍କଳଗାଥା- ଭକ୍ତକବି ମଧୁସୂଦନରାଓ

ତେବେ ବୟସ୍କ ଗଛଟି ବାରମ୍ବାର ଖୋଳପା ବା ପଲଖା ଛଡାଏ । ବାରମ୍ବାର ତାକୁ ହାଣି କାଟି ଦେବାପରେ ମଧ୍ୟ ବଞ୍ଚିରହେ ଓ ବଢୁଥାଏ । ମାତ୍ର ତା ଭିତରେ ଥିବା ମଞ୍ଜିଟି ଥାଏ ଅକ୍ଷତ । ସେ ମଞ୍ଜି ହିଁ ବୃକ୍ଷର ଜୀବନୀ ଶକ୍ତିର ଆଧାର । ସେଇମିତି ଆମ ଓଡ଼ିଆ ଜନଜୀବନ ଯେତେ ବିଶ୍ୱାୟନ ଦ୍ୱାରା ଆକ୍ରାନ୍ତ ହେଲେ ମଧ୍ୟ ତାର ମୂଳ ସ୍ୱଭାବ ଅପ୍ରତିହତ ରହିଛି । ସେବା, ସଂକଳ୍ପ ଓ ସହୃଦୟତା ନେଇ ଆଜି ମଧ୍ୟ ଓଡ଼ିଆ ସ୍ୱଭାବ ଓଡ଼ିଆ ଚରିତ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର । ଆଜି ମଧ୍ୟ ଓଡ଼ିଆଟିଏ ଜଗନ୍ନାଥଙ୍କ ବାନା ଦେଖି ଦେଖି ଲୁହ ଝରାଏ । ତାଙ୍କ କୈବଲ୍ୟ କଣିକା ପାଇଁ ହାତ ପତାଇଦିଏ । ସେମିତି ନିଜର ପୃଷ୍ଠଭୂମିକୁ ମନେପକାଇ କହିଉଠେ -

'ସର୍ବେ ଭବନ୍ତୁ ସୁଖୀନଃ ସର୍ବେଂସନ୍ତୁ ନିରାମୟ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାଗଭବେତ୍ ।'

ଓଡ଼ିଆର ସ୍ୱଭାବକୁ ନେଇ ବହୁ କଥା କୁହାଯାଇଛି । ତେବେ ଓଡ଼ିଆର ଚରିତ ଆମପାଇଁ ସର୍ବଦା ସ୍ୱତନ୍ତ୍ର । ତାର ସୁରକ୍ଷା ଆମର ଦାୟିତ୍ୱ ବୋଲି ମନେକରିବାକୁ ହେବ । ଓଡ଼ିଶାର ଗୌରବ ଗାନ କରି କବି କୃଷ୍ଣମୋହନ ପଟ୍ଟନାୟକ (ପ୍ରାଣନାଥ ପଟ୍ଟନାୟକଙ୍କ ଶ୍ୱଶୁର) ଗାଇଛନ୍ତି-

"ଯେ ଜାତିର ଯଯାତି ଅନଙ୍ଗ ମରକତ ଭୀମ ରକତ ଧାର
ଶିରୁ ଯାର ଲିଭିନାହିଁ ଆଜି କପିଳ ମୁକୁନ୍ଦ ଗାରିମା ଗାର
ସେ ଜାତିକୁ ହତଭାଗା ବୋଲି
ଏତେ ଛାତି କା'ର ଯିବ କହିରେ-

X X X

ଯେ ଜାତିର ସାମନ୍ତଶେଖର ବାଉଁଶ କାଠିରେ ସରଗମାପି
ବିଦେଶୀର ଦରପ ଭାଙ୍ଗିଛି ଆଖି ଆଗେ ଦରପତାକୁ ଥାପି
ଯେ ଜାତିର ଛାତି ଫୁଲି ଉଠେ
ପତିତପାବନ ବାନା ଚାହିଁରେ ।"

ଏହି ସଂଗୀତ ଭିତରେ ଆମର ସ୍ୱଭାବ ଚରିତର ଯେଉଁ ଅପୂର୍ବ ବର୍ଣ୍ଣନା ରହିଛି ତାହା ଗାନ କଲେ ସତରେ ଗର୍ବରେ ଛାତି ଫୁଲି ଉଠେ । ଆମର ନୌବାଣିଜ୍ୟ, ଆମର ସୂକ୍ଷ୍ମ ଚିତ୍ରକଳା, ଭାସ୍କର୍ଯ୍ୟ ଅନନ୍ୟ । ଆମର ଖାଦ୍ୟ ସ୍ୱାତନ୍ତ୍ର୍ୟ ଭିତରେ ମହାପ୍ରଭୁ ଜଗନ୍ନାଥଙ୍କର ସମନ୍ୱୟାତ୍ମକ ଦୃଷ୍ଟିଭଙ୍ଗୀ ନିହିତ । ପୂର୍ବ ଭାରତର ଏହି ଶଙ୍ଖକ୍ଷେତ୍ର ପୁରୀ ସମଗ୍ର ବିଶ୍ୱର ପର୍ଯ୍ୟଟକ, ଭକ୍ତ ଆର୍ତ୍ତ ତଥା ଜ୍ଞାନୀ-ଗୁଣୀଙ୍କୁ ଆକର୍ଷିତ କରିଛି । ତେଣୁ ଓଡ଼ିଆ ଚରିତ ଭିତରେ ଆମେ ସମନ୍ୱୟାତ୍ମକ ଚିନ୍ତାଧାରା ଦେଖିଥାଉ । ଆମ ଭାଷା ମଧ୍ୟରେ ବଙ୍ଗୋପସାଗରର ଗମ୍ଭୀର ସ୍ୱର ଶୁଭେ । ଆମ ମନ୍ଦିରରେ ସମଗ୍ର ଭାରତୀୟ ପୂଜା ଅର୍ଚ୍ଚନାର ସମନ୍ୱୟ ଦେଖାଯାଏ । ଓଡ଼ିଆ ଚରିତ ଭିତରେ ଏକାକାର ହୋଇଯାଇଛି ସର୍ବଭାରତୀୟ ।

'ସ୍ୱଭାବ' ଅର୍ଥ ନିଜର ଭାବ ଯାହା ଆମେ ଉତ୍ତରାଧିକାର ସୂତ୍ରରେ ପାଇଥାଉ । ଚରିତ ଭିତରେ ମିଶିଯାଏ ବାହ୍ୟ ପ୍ରଭାବ । ଆମର ଶିକ୍ଷା, ଜୀବନାନୁଭବ, ପରିବେଶ ଆମକୁ ବହୁତ କଥା ଶିଖାଏ । କ୍ରମେ ଆମେ ସେସବୁ ସ୍ୱାତନ୍ତ୍ର ଆମ ସ୍ୱଭାବ ଭାବେ ଗ୍ରହଣ କରିନେଉ । ନିପଟ ମଫସଲରୁ ଆସିଥିବା ପିଲାଟି ଭୁବନେଶ୍ୱରରେ ଯେଉଁଭଳି ନିଜକୁ ନ୍ୟୁନ ମନେକରେ, ଭୁବନେଶ୍ୱରର ପିଲାଟି ଦିଲ୍ଲୀ, ବମ୍ବେରେ ନିଜକୁ ସେହିଭଳି

ନ୍ୟୂନ ଅପାରଗ ଭାବେ । ଏ ବିରହର ବିଦେଶ ମାଟିରେ ଆହୁରି ଗଭୀର ହୋଇଯାଏ । ମାତ୍ର କିଛିଦିନ ପରେ ସେ ନିଜକୁ ସେହି ସ୍ଥାନରେ ଖାପଖୁଆଇ ନିଏ ଓ ନିଜର ବୈଶିଷ୍ଟ୍ୟ ମାଧ୍ୟମରେ ସେହି ଅଧାଚିହ୍ନା ମଣିଷମାନଙ୍କ ସହିତ ମିଶିଯାଏ । କେବେ ପୁଣି ସେମାନଙ୍କ ନେତୃତ୍ୱ ବି ନେଇପାରେ । ଓଡ଼ିଆମାନେ ଯେତେ ପଢ଼ିବାକୁ, ଜୀବିକାର୍ଜନ କରିବାକୁ ବା ଅନ୍ୟଦାୟ ନେଇ ଭାରତ ବାହାରକୁ ଯାଇଛନ୍ତି, ପ୍ରାୟ ସମସ୍ତେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠା ପାଇଛନ୍ତି । ଓଡ଼ିଆଙ୍କ ସ୍ୱଭାବ ନେଇ ପାଞ୍ଚ ଜଣରେ ଜଣେ ପାଲଟିଛନ୍ତି ।

ତେବେ ଏକଥା ଭାବିବା ଲୋଡ଼ା ଆମ ସ୍ୱଭାବରେ ଯେତେ ରଂଗ ଲାଗୁ ପଛେ ଆମେ ସ୍ୱଭାବର ମତ ଅକ୍ଷତ ଥାଉ । ନଚେତ ଆମର ସ୍ୱାତନ୍ତ୍ର୍ୟ କାହା ଉପରେ ଭାରା ଦେଇ ଠିଆ ହେବ? ଆମର ସଂସ୍କୃତି କାହା ଉପରେ ନିର୍ଭର କରି ତିଷ୍ଠି ରହିବ ?

ପ୍ରାକ୍ତନ ପ୍ରଫେସର
ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ପ୍ଲଟ-ବି-୩୫, ସହିଦନଗର, ଭୁବନେଶ୍ୱର-୭
ମୋ : ୯୪୩୭୦୧୯୧୩୩

✠✠✠



# ଓଡ଼ିଆ ସଂସ୍କୃତିକୁ କୁଠାରଘାତ

ଡ. ସୁଜାତା ପ୍ରିୟଦର୍ଶିନୀ

ସଭ୍ୟତା ଆଉ ସଂସ୍କୃତି ଗୋଟିଏ ଜୀବନ ଭଳି । ତାହାର ଜନ୍ମ ଓ ମୃତ୍ୟୁ ସହିତ ଉତ୍ଥାନ ପତନ ଏବଂ ଘାତ ପ୍ରତିଘାତ ରହିଛି । କିଛି ଯୋଗଜନ୍ମା ଜାତିର ସଂସ୍କୃତିର ଏମିତି ଜାଗରଣ ଘଟାଇ ପାରନ୍ତି, ତାହା ବିଶ୍ୱ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଯାଏ । ଅମାବାସ୍ୟାର ଘନ ତିମିରାଚ୍ଛନ୍ନ ନିଶାର୍ଦ୍ଧରେ ପଡୋଶୀ ବା ଦୂର ଆକ୍ରମଣକାରୀ କାଳକଣ୍ଟକ ହୋଇପାରନ୍ତି । ଦୁନିଆରେ ଏମିତି ସଭ୍ୟତା ନାହିଁ ଯାହାର ମଣିଷ ଜୀବନ ପରି ଅହରହ ଦୁଃଖ ସୁଖର ଢେଉ ନାହିଁ, ଯାହାର ନିରନ୍ତର ହୃତ୍‌ସ୍ପନ୍ଦନ ନାହିଁ କି ନିଶ୍ଚିହ୍ନ ହୋଇ ଯିବାର ଆଶଙ୍କା ନାହିଁ । ସଭ୍ୟତାର ଧାରକ ଅସଂଖ୍ୟ ଜନରାଶି କ୍ଷୟ ହୋଇ ନପାରନ୍ତି, କିନ୍ତୁ ସମାଜରେ କୌଣସି ସଂସ୍କୃତି ଲୋପ ପାଇବାକୁ ମାତ୍ର କେଇ ମୁହୂର୍ତ୍ତ ସମୟ ନିଏ । ଭାଷା, ଖାଦ୍ୟ, ଆଚାର ବ୍ୟବହାର, ସ୍ୱଭାବ, ଚରିତ ଏବଂ ସାମାଜିକ ମନୋଭାବ ନୂତନତା ଓ ବିବର୍ତ୍ତନ ପଦ୍ଧତିରେ ବିସ୍ମୃତ ହୋଇଯାଆନ୍ତି । ଆଜିର କୁହକୀ ବିଜ୍ଞାନ ଓ ପ୍ରୟୋଗକ୍ଷମ ବିଦ୍ୟାର ଅପରିଣାମଦର୍ଶୀ ଆଦର ପ୍ରତିଟି ସଂସ୍କୃତିର କଣ୍ଟକ ସାଜିଛି ।

ଆଜିର ଓଡିଆ ଜାତି ଇତିହାସର ଘନ ଅନ୍ଧାର ମଧ୍ୟରୁ କ୍ଷୀଣ ଆଲୋକର ବାତାବରଣକୁ ଆସିବାକୁ ବହୁ ସମୟ ଲାଗିଛି । ଇତିହାସର କଳିଙ୍ଗ, ଉତ୍କଳ, ଉଡ୍ର, କୋଶଳ, ତୋଷାଳି ପରି ଭୌଗୋଳିକ ପରିସୀମା ମଧ୍ୟରେ ଅସଂଖ୍ୟ ରାଜବଂଶର ପ୍ରଜାନୁଭବ କାର୍ଯ୍ୟ ସ୍ୱରୂପ ଏକ ନିର୍ଦ୍ଦିଷ୍ଟ ଦିଗରେ ଗତିଶୀଳ ହୋଇ ସମସ୍ତ ସଂସ୍କୃତି ଓ ଚରିତର ଅଧିକାରୀ ହୋଇପାରିଛି । ଆମର ବୃତ୍ତି ଓ ବ୍ୟବହାର ନିଶ୍ଚିତ ଭାବରେ ସ୍ଥାନୀୟ ଜଳବାୟୁ, କୃଷି ଉତ୍ପନ୍ନ ଖାଦ୍ୟ ପରି ଭୂମିଜ ସମ୍ପଦରୁ ଅବଗତ ହୋଇଥିବା ବେଳେ, ଭାଷା ଓ ଶିଳାଶିଳ୍ପ ପରି ସଂସ୍କୃତି ନିଶ୍ଚୟ ପ୍ରବାହିତ ଧର୍ମ ଓ ଉଦାର ଶାସକମାନଙ୍କର କୌଣସି ଦୈବ ମୁହୂର୍ତ୍ତର ନିର୍ବାଚନ ହୋଇଥିବା ସମ୍ଭବ ମନେହୁଏ ।

ଘଞ୍ଚ ଜଙ୍ଗଲ ପରିବେଶିତ କଳିଙ୍ଗ ରାଜ୍ୟକୁ କୌଣସି ଧର୍ମ ବା ସଭ୍ୟତା ଭେଦ କରିବା ସହଜ ନୁହେଁ । ଏହାର ପ୍ରଶସ୍ତ ନଦୀ ଗୁଡିକ ବାହ୍ୟ ଶତ୍ରୁ ବା ଧର୍ମପ୍ରଚାରକ ମାନଙ୍କର ଆଗମନର ଗତିରୋଧ କରେ । ସୀମିତ ହୋଇ ଥାଉ ବାହ୍ୟ ପ୍ରବେଶ ବା ଅନୁପ୍ରବେଶ । ସହସ୍ରାବ୍ଦ ଧରି ଏହା ବାରିଧିକୁ ନିଜର କର୍ମକ୍ଷେତ୍ର ଭାବରେ ବାଛି ନେବାରେ ସ୍ୱତନ୍ତ୍ରତା ଆସିଛି । ଧର୍ମ ଯାହାକି 'ଧମ୍ମ' ଭାବରେ ପୁରାତନ ପାଲି ଭାଷାର ସମ୍ଭାର, ତାହା କୌଣସି ଧର୍ମ ନ ହୋଇ ମାନବିକତାର ଅନ୍ୟ ନାମ, ସେହି ଜାଗରଣ ସୃଷ୍ଟି ହୋଇଛି କଳିଙ୍ଗ ସମାଜରେ । ସେଇ ଆଚରଣ ଭିତ୍ତିକ ଆଦିଧର୍ମ ଆଶ୍ରୟ ନେଇଛି କଳିଙ୍ଗର ଗ୍ରାମେ ଗ୍ରାମେ । ପ୍ରାକୃତ ଭାଷାର ସଞ୍ଚାର ଘଟିଛି ଏଠାରେ । ଗଢି ଉଠିଛି ସମାଜ, ସାମାଜିକ ବ୍ୟବହାର ଆଉ ସାମାଜିକ ପରିଶିଷ୍ଟ । ପରିପୁଷ୍ଟ ହୋଇଛି ସଂସ୍କୃତି । ରାଜକୀୟ ସମ୍ପର୍କ ଗଢି ଉଠିଛି ଇତିହାସର ଅମା ଅନ୍ଧକାର ଯୁଗରୁ । ମହାଭାରତର କୌରବ ପରିବାର ହେଉ ଅବା ତାମ୍ରପର୍ଣ୍ଣୀର ବୌଦ୍ଧ ରାଜକୁମାର ହୁଅନ୍ତୁ । ମହୋଦଧି ହାତୀ ସହିତ ଦେଖିଛି ସଂସ୍କୃତି ବ୍ୟାପିବାର କଳିଙ୍ଗରୁ । କଳିଙ୍ଗର ଶିଳାଶିଳ୍ପର ଉତ୍କର୍ଷ ସଂକ୍ରମଣ ହେବା ପରି ଡେଇଁ ଚାଲିଛି ସୁଦୂର ସୁବର୍ଣ୍ଣ ଦ୍ୱୀପକୁ ।

ଏହି ବଳିଷ୍ଠ କ୍ରମବର୍ଦ୍ଧିଷ୍ଣୁ ସମାଜ ଗୋଟିଏ ସବୁଜିମା ଭରା ଅଙ୍କୁର ଘୋର ଆଘାତ ପାଇଛି କଳିଙ୍ଗ ସମରରେ । ବହୁ କାରଣ ନେଇ କଳିଙ୍ଗର ଶୌର୍ଯ୍ୟ ଓ ସଂସ୍କୃତି ଶରବ୍ୟ ହୋଇଛି ସମସ୍ତ ଭାରତବର୍ଷର ଶକ୍ତିରେ ଶକ୍ତିମାନ ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କର । ସତ୍ୟତାର ପ୍ରତ୍ନତତ୍ତ୍ୱ ଉଦ୍‌ଜୀବିତ କରେ ତଦାନୀନ୍ତନ ବିଶ୍ୱର ଗୋଟିଏ କରୁଣ ଯୁଦ୍ଧର । କଳିଙ୍ଗ ସମର । ଆଜକୁ ୨୨୮୦ ବର୍ଷ ତଳର । ଇତିହାସର ଅନ୍ଧକାରରେ ଆଲୋକପାତ କରେ କଳିଙ୍ଗ ରାଜଧାନୀ ତୋଷାଳିର ପୃଷ୍ଠଭୂମିରେ । କଳିଙ୍ଗ ସମରରେ ଏକ ଲକ୍ଷ ମୃତ, ଏକ ଲକ୍ଷ ଆହତ ଓ ଦେଢ ଲକ୍ଷ ବନ୍ଦୀ । ସଂଖ୍ୟା ଯଦି ସତ ହୋଇଥାଏ, ଏହା କଳିଙ୍ଗର ସମାଜ ଓ ସଂସ୍କୃତିର ପରିଚୟ ଦିଏ । ପ୍ରମାଣ କରେ କଳିଙ୍ଗାଃ ସାହସିକାଃ । ଆବାଳ ବୃଦ୍ଧବନିତା ଯୁଦ୍ଧ କ୍ଷେତ୍ରକୁ ଆସି ଜୀବନମୂର୍ଚ୍ଛା ସଂଗ୍ରାମ କରି ମାତୃଭୂମିକୁ ରକ୍ଷା କରିବାର ପ୍ରବାହିତ ଉଷ୍ଣ ରୁଧିରର ପ୍ରମାଣ କେବଳ ନୁହେଁ, ଏକାଗ୍ରତା ପରିଚୟ ।

ଯୁଦ୍ଧ କ୍ଷେତ୍ରରେ ବିଜିତ ହୋଇ ଆନନ୍ଦରେ ବିଭୋର ହୋଇପାରି ନାହାନ୍ତି ବିଜେତା ଅଶୋକ ବର୍ଦ୍ଧନ । ସ୍ୱକୀୟ ଭାଷାରେ ରଚିଛନ୍ତି ସାହାବଜାଦା ଶିଳାଲିପିରେ । ନୈତିକତାରେ ହାରି ଯାଇଛନ୍ତି କଳିଙ୍ଗ ସମରରେ । କଳିଙ୍ଗ ହରାଇଛି ତାଙ୍କୁ । ତୋଷାଳିର ଅସଂଖ୍ୟ ଦେଶମାତୃକାର ସାହାସୀ ସନ୍ତାନ ମରି ପଡିନାହାନ୍ତି ରଣକ୍ଷେତ୍ରରେ । ଜବାବ ମାଗନ୍ତି

ଚଣ୍ଡାଶୋକଙ୍କର ଅବିବେକୀ ମାନବିକତାକୁ । କହ ତୁମର ନିଷ୍ପତ୍ତି କଳିଙ୍ଗ ଆତ୍ମସମର୍ପଣ କରିବାର ନିର୍ଣ୍ଣୟ କେତେ ଦୂର ସତ୍ୟ ହୋଇଛି ? ଦୁନିଆର ବର୍ବରତମ ସମ୍ରାଟ କିଏ କହି ବୋଲାଇବ ? ମୁଣ୍ଡ ଉଠାଇ ଶାସନ କରିବା ତ ଦୂରର କଥା ନିଜ ସେନା ସାମନ୍ତଙ୍କ ପାଖରେ ନୈତିକ ସାହସ ଆସି ପାରିବକି ?

କଳିଙ୍ଗ ସଂସ୍କୃତି ସାମନା କରିଛି ଘୋର ବିପର୍ଯ୍ୟୟର । ସମାଜ ଯାହା କି ଅହିଂସା ଅଚୌର୍ଯ୍ୟ ଅପରିଗ୍ରହ ନିର୍ଗ୍ରନ୍ଥି ଭାବନାରେ ପ୍ଲାବିତ, ପରିସ୍ଥିତିରେ ଆତ୍ମରକ୍ଷାର୍ଥେ ଜୀବନ ଉତ୍ସର୍ଗ କରି ସମାଜରେ ସୃଷ୍ଟି କରିଛନ୍ତି ଶୂନ୍ୟତା । ଅବଶିଷ୍ଟ ସମାଜ ଧ୍ୱଂସ ହୋଇଛି ବିରାଟ ମୌର୍ଯ୍ୟ ସୈନ୍ୟବାହିନୀର ଅଣସାମରିକ କ୍ଷେତ୍ରର ଗୃହ ଓ ଫସଲ ଦାହ ପ୍ରକ୍ରିୟାରେ । ଭୟର ଶିହରଣରେ ଜର୍ଜରିତ କଳିଙ୍ଗ ସମାଜ ନରଭକ୍ଷୀ ରାକ୍ଷସ ବ୍ୟାଘ୍ରିୟାର ବରାଦୀ ସୈନିକଙ୍କ ଉପସ୍ଥିତି ସ୍ମରଣରେ ।

ସାମାଜିକ ଅଙ୍କୁରଟି ଭାଙ୍ଗିଯାଇନି । ପୁନଃ ପରିପୁଷ୍ଟ ହୋଇଛି । ବଳିଷ୍ଠ ହୋଇଛି । ବିରାଟ ସମାଜ ଓ ବିଶାଳ ସଂସ୍କୃତି ଗଢିଛି । ଭାଷା, ଧର୍ମ, ସମାଜ, କୃଷି, ସାମୁଦ୍ରିକ ବାଣିଜ୍ୟ ତେଜି ଉଠିଛି । ସେଇ କଳିଙ୍ଗ ନୈତିକତା ବଳରେ ଭାରତବର୍ଷର ଆଦର୍ଶ ସାଜିଛି କଳିଙ୍ଗ ସମରର ଦୁଇ ଶହ ବର୍ଷ ଭିତରେ । ଶିଳାଶିଳ୍ପରେ ନୃତ୍ୟନାଟିକାରେ ତଥା ଭାଷାର ମାଦକତାରେ । ସଂସ୍କୃତିର ପରାକାଷ୍ଠାରେ ଉତ୍କର୍ଷ ତୋଳିଛି ।

ଇତିହାସର ଅମା ଅନ୍ଧକାରରେ ସମାଜ ଓ ସଂସ୍କୃତି ବିଷୟରେ କିଛି ଉଲ୍ଲେଖ ନଥିଲେ ବି କଳିଙ୍ଗ ସଂସ୍କୃତି ଦିନେ ଉତ୍କଳୀୟ ସଂସ୍କୃତିକୁ ବିବର୍ତ୍ତିତ ହୋଇଥିଲା । ସାତକର୍ଣ୍ଣୀ ହୁଅନ୍ତୁ କି ସମୁଦ୍ରଗୁପ୍ତ ସେମାନେ ବିକ୍ଷିପ୍ତ ଭାବରେ କଳିଙ୍ଗ ଜୀବନକୁ ସ୍ପର୍ଶ କରିଥିବା ସମୀଚୀନ ମନେ ହୁଏନା । କିନ୍ତୁ ସବୁ କଳା ସଂସ୍କୃତି ଆମଦାନି ରପ୍ତାନି ଭିତରେ ଭୌଗୋଳିକ ଆଉ ଜଳ-ବାୟୁ-ସାଗର ଉପାଦାନରେ ସ୍ୱତନ୍ତ୍ର ଉତ୍କଳ ସାଜିଛି ଉତ୍କୃଷ୍ଟ କଳାର ଦେଶ । ହୁଅନ୍ତୁ ଶୈଳୋଦ୍ଭବ, ସୋମବଂଶୀ କି ଗଜପତି ସବୁ ରାଜବଂଶ ନିଜର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । କେବେ ଶିଳାଶିଳ୍ପ ତ କେବେ ଭାଷାର ଉଚ୍ଚତର ଆରୋହଣ କରିଛି ଉତ୍କଳ । ଗଢିଉଠେ ଏକାମ୍ର, ପୁରୁଷୋତ୍ତମ ଓ ଅର୍କ କ୍ଷେତ୍ର । ପୋଥି ଭାବରେ ରୂପ ନିଏ ସାରଳା ମହାଭାରତ, ପଞ୍ଚସଖାଙ୍କର ଅମୃତ ଓଡିଆ ଭାଷା । ନିରବଚ୍ଛିନ୍ନ ନଅ ଶତାବ୍ଦୀର ଉନ୍ନତ ଓଡିଶା । ବିଜାତୀୟଙ୍କ ଅନୁପ୍ରବେଶକୁ ପ୍ରତିରୋଧ କରି ବିଶୁଦ୍ଧ ହିନ୍ଦୁ ରାଜ୍ୟ ଓ ପରମ ବୈଷ୍ଣବ ତଥା ସର୍ବ ଧର୍ମଶକ୍ତିର ଉତ୍ସ ପୁରୁଷୋତ୍ତମ ଜଗନ୍ନାଥଙ୍କ କର କମଳରେ ରାଜ୍ୟ, ରାଜା ଆଉ ପ୍ରଜାଙ୍କୁ ଥଇଥାନ କରିଥିବା ଅଧ୍ୟାତ୍ମବାଦୀ ଓଡିଆ । ଭାରତବର୍ଷର ଦଶଦିଶରେ ସଂସ୍କୃତିର ଆଦର୍ଶ ବୋଲାଉଥିବା ଓଡିଆ ଜାତି !

ପୁନଶ୍ଚ ବିପତ୍ତି । ଶେଷ ଓଡିଆ ରାଜା ମୁକୁନ୍ଦଦେବଙ୍କର ହତ୍ୟା ଓ ଓଡିଶା ଅଭ୍ୟନ୍ତରକୁ ମହାବିପତ୍ତି । ବାରବାଟୀରେ ମୁକୁନ୍ଦଦେବଙ୍କ ରାଣୀ କି ପ୍ରସମନ କରିବେ ବଙ୍ଗଳା ନବାବଙ୍କ ପ୍ରତିମା ନାଶକ ଶିଳାଶିଳ୍ପ ବିଧ୍ୱଂସୀ ଆଫଗାନୀ ଶକ୍ତିକୁ ? ଚଣ୍ଡାଶୋକର କଳିଙ୍ଗ ସମରରେ ତ ଜନରାଶି ନିହତ କଳିଙ୍ଗ ସଂସ୍କୃତିର ବିଲୟ ପାଇଁ ଏକକ କାରଣ ହୋଇଥିଲା । ଅର୍କ କ୍ଷେତ୍ରର ମନ୍ଦିର ଅମଳକ ସହିତ ପ୍ରତ୍ୟେକ ଓଡିଶା ଧର୍ମାନୁଷ୍ଠାନ ମୂଳୋତ୍ପାଟନ ଧାରାର ଶିକାର ହୋଇ ପଡିଲା । ଏବେ ଜଳ ଜଳ କରି ଚାହିଁ ରହିଥିବା ଓଡିଆ ଜାତି ସମ୍ମୁଖରେ ତା'ର ଇଷ୍ଟଦେବ ପୁରୁଷୋତ୍ତମ ଜଗନ୍ନାଥଙ୍କ ସହିତ ଉତ୍କଳର ସର୍ବଦେବାଦେବୀଙ୍କୁ ହାତୀ ଉପରେ ଭାର କରି ବିଧର୍ମୀ କଳାପାହାଡ ପୁରୁଷୋତ୍ତମ କ୍ଷେତ୍ରରୁ ଗଙ୍ଗାକୂଳକୁ ଘେନି ଯାଉଥିଲା । ଏଇଟା ଓଡିଆ ଜାତିକୁ ଶକ୍ତ ପ୍ରହାର । କୁଆଡେ ଲୁଚିଲେ ପାଇକବାହିନୀ ? କୁଆଡେ ଗଲେ ପଣ୍ଡା ପଢିଆରି ?

ଜାତିର ପ୍ରତୀକ, ସକଳ ଓଡିଆ ହୃଦୟର ନମସ୍ୟ ଧାରାରେ ମଣିଷ ଢଙ୍ଗରେ ଚଳୁଥିବା ଠାକୁର ଆଜି ହାତୀ ପିଠିରେ ବନ୍ଦୀ ହୋଇ ଗଙ୍ଗା ଆଡକୁ ମାଡି ଚାଲୁଛନ୍ତି, ଏହା ଶୋଚନା ଆଉ ଅନୁଶୋଚନାର ବିଷୟ ହୋଇଛି । ହୃତ୍‌କମ୍ପନ ହେଉଛି ପ୍ରତିଟି ଓଡିଆର ।

କଳାପାହାଡ ଆକ୍ରମଣର ପ୍ରତ୍ୟକ୍ଷ ଆଧ୍ୟାତ୍ମିକତାକୁ କୁଠାରାଘାତ ଓ ଶ୍ରୀ ଜଗନ୍ନାଥ ବିହୁନେ ଓଡିଆ ଅଧିକ ସାଂସ୍କୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଲା ଦଶ ବର୍ଷର ଆଫଗାନ ଆତ୍ମଗୋପନରେ ଓଡିଶାର ଅଭ୍ୟନ୍ତରରେ । ମୋଗଲ ବଙ୍ଗଳା ଦଖଲ କରି ଓଡିଶାରୁ ଆଫଗାନଙ୍କୁ ବହିଷ୍କାର କରିବାରେ ଦୀର୍ଘ ଏକ ଦଶନ୍ଧିକାଳ ଏ ଜାତିର ମୌଳିକତା ନିମନ୍ତେ କଟାକ୍ଷ ରୂପ ନେଲା । ଜାତିର ମର୍ଯ୍ୟାଦାଜନକ ନୃତ୍ୟକଳା, ଭାଷା ଆଉ ବ୍ୟବହାରରେ ଅନୁପ୍ରବେଶ କରିବାକୁ ଲାଗିଲା ଇସଲାମୀୟ ନାରୀ ଦମନଶୀଳ, ବଳ ପ୍ରୟୋଗୀ ସାମାଜିକ ପ୍ରଥା । ମୁହଁ ଲୁଚାଇଦେଲା ଓଡିଶାରେ ମୁକ୍ତ ଭାବରେ ଚଳାଚଳ କରୁଥିବା ମହିଳାମାନେ । ହଜିଗଲା ଗୀତ-ନାଚର ବାଦ୍ୟ ଓ ବାଦକମାନେ । ଲେଖନୀମୁକ୍ତ ହୋଇଗଲେ ଓଡିଶାର ଲେଖକ ବୃନ୍ଦ । ତା ସହିତ ଆଗରୁ ରାଧା ଧର୍ମରେ ଅନୁପ୍ରାଣିତ ପ୍ରତିରୋଧୀ ପାଇକମାନେ ନିଜର ମୁହଁ ଲୁଚାଇ ସାରିଥିଲେ । ରସାତଳକୁ ଚାଲିଗଲା ଓଡିଆ ସଂସ୍କୃତି । ଭିକାରୀ ହେବାକୁ ବି ଶ୍ରୀକ୍ଷେତ୍ରର ଦାଣ୍ଡ ନାହିଁ । ନିଜ ଘର ଓ ଗାଁଗଣ୍ଡାରେ ଆତ୍ମଗୋପନ କରି ଓଡିଆ ଜାତି ନିଜର ଆଚାର ବ୍ୟବହାର ବଦଳାଇ ଓ ସଂସ୍କୃତିକୁ ଛପେଇ ଯାହା ପ୍ରାଣରେ ବଞ୍ଚିଥିଲା !

ଓଡିଆରେ କହନ୍ତି, ମଲାରୁ ଘୋଷରା କାଟେ । ମରୁଥିବା ଓଡିଆ ଜାତିର ସ୍ୱଭାବ ଓ ସଂସ୍କୃତିକୁ ଆହୁରି ଦେଢଶହ ବର୍ଷ ଘୋଷାରିନେଲା ମୋଗଲ ଉତ୍ପୀଡନ, ବାଦସାହୀ ଭାଷା ଓ ମହିଳାଙ୍କୁ ପଣ୍ୟ ଭାବରେ ଦିଲ୍ଲୀ ଦରବାରକୁ ଭେଟି । ଓଡିଆ ପାଠକ କିଂକର୍ତ୍ତବ୍ୟବିମୂଢ ହୋଇପଡନ୍ତି ଯେତେବେଳେ ଇତିହାସ ବଖାଣେ ଜଗନ୍ନାଥଙ୍କ ପ୍ରଥମ ସେବକ ସମୟ ଚକ୍ରରେ ବିଜାତୀୟ ହେବାକୁ ବାଧ ହୁଏ । ଓଡିଆ ଗଜପତି କନ୍ୟାଙ୍କୁ ବିଜାତୀୟ ହାରେମ୍‌ରେ ତିନି ଲକ୍ଷ ଅର୍ଥ ସହିତ ଅର୍ପଣ କରି ଗାଦି ରକ୍ଷା କରାଯାଏ । ନାହାନ୍ତି ଆଉ ଜଗତବଜୟୀ ବୀର ପାଇକମାନେ । ହଜି ଯାଇଛନ୍ତି ଓଡିଶା ମୁଲକରୁ । ଶକ୍ତିହୀନ ଗଜପତି । ସଂସ୍କୃତି ରକ୍ଷକ ହେବେ ବା କିପରି ? ମୁସଲମାନେ ହୋଇ ବି ପତିତ ପାବନଙ୍କୁ ଦୂରରୁ ଦର୍ଶନ

କରନ୍ତି । ଦିନକୁ ଦିନ ଶ୍ରୀମନ୍ଦିରର ରତ୍ନ ଭଣ୍ଡାର ଉପରେ ଲୋଲୁପ ଦୃଷ୍ଟି ପଡେ । କେତେ ପ୍ରକାରରେ ଲୁଣ୍ଠନ ହୁଏ, ଗଣି ହେବନି ।

ଜୋକ ମୁହଁରେ ଲୁଣ ଥିବା ପରି ମୋଗଲ ଅମଳର ଓଡିଆ ଜାତି । କହିବାକୁ ପାଟି ବନ୍ଦ, କରିବାର ଶକ୍ତି ନାହିଁ । ନିଜର ଗଜପତି ଯେତେବେଳେ ନିର୍ଯ୍ୟାତିତ, ଲାଞ୍ଛିତ ସେତେବେଳେ ସାଧାରଣ ପ୍ରଜାର ଶକ୍ତି କେତେ ? ତା ସାଥିକୁ ଦିନକୁ ଦିନ ଧର୍ମ ବିରୋଧି ଆଦେଶ । ଦିଲ୍ଲୀରୁ ଆଲାମଗିରିଙ୍କ ଦୃଢ ନିର୍ଦ୍ଦେଶ । ନୂତନ ମନ୍ଦିର ମୂଳପୋଛ କର । ପୁରୁଣା ମନ୍ଦିରକୁ ସମୟ ନେଇ ଧ୍ୱଂସ କର । ଏମିତି କି ପୁରୀ ପୁରୁଷୋତ୍ତମ ମନ୍ଦିରକୁ ନଷ୍ଟ କରିଦିଅ । ମୋଗଲ ଶାସନାଧୀନ ପ୍ରତିଟି ଜାତି ଏମିତି ସଂସ୍କୃତି ବିରୋଧି ବାତାବରଣରେ ଗତି କଲାବେଳକୁ ଓଡିଆଙ୍କ ଅବସ୍ଥା ଏଠିକାର ମୋଗଲ ପ୍ରଶାସକ ଶୋଚନୀୟ କରିଥିଲେ । ଏହି ସମୟରେ ପୁରୁଷୋତ୍ତମ କ୍ଷେତ୍ର ଆଉ ଲୋକମାନଙ୍କର ଆଧାତ୍ମିକତା ଓ ଓଡିଆ ସ୍ୱାର୍ଥାନୁଭବ ପାଇଁ ଆଦର୍ଶ ହେବା ଅପେକ୍ଷା ନିଜର ସ୍ଥିତି ଉପରେ ଅନିଶ୍ଚିତ ହୋଇଥିଲା । ସ୍ୱାଧୀନ ଗଜପତି ମୁକୁନ୍ଦ ଦେବଙ୍କ ପାଖରୁ ସମାପ୍ତ ହୋଇଯାଇଛି । ବୀରତ୍ୱ ଓ ଭାଷାର ପୃଷ୍ଠପୋଷକ ହେବାକୁ କେହି ନାହାନ୍ତି । ଶିଳାଶିଳ୍ପୀ ମାନେ କାଳ କାଳ ଧରି ମନ୍ଦିର ତୋଳା ବନ୍ଦ ରହିଥିବାରୁ ନିଜର ବେଉଷା ହରାଇ ଅନ୍ୟ ବୃତ୍ତି ଆଦରି ନେଲେଣି ।

ମୋଗଲ ଶାସନ ସମୟରେ ପୂର୍ବତନ ବିଶାଳ କଳିଙ୍ଗ ସମ୍ରାଜ୍ୟ ଖଣ୍ଡଖଣ୍ଡ ହୋଇ ବିଚ୍ଛିନ୍ନ ହୋଇ ପଡିଲାଣି । ଆକବରଙ୍କ ବାଲେଶ୍ୱରରୁ ରାଜମହେନ୍ଦ୍ରୀ ବ୍ୟାପୀ ଗଙ୍ଗାରୁ ଗୋଦାବରୀ କଳିଙ୍ଗ କାଳର ସାମରିକ ପଶାପାଲିରେ ବିଚ୍ଛିନ୍ନ ହୋଇ ପଡିଲା । ଏହାର ଲୌହର ବଳୟ ଅବଚ୍ଛିନ୍ନ ହୋଇଗଲା । ରହିଗଲା ଓଡିଶାର ନାଭିକେନ୍ଦ୍ର ମୋଗଲବନ୍ଦୀ ଓଡିଶା ଭାବରେ । ଏହି ପ୍ରକ୍ରିୟାରେ ଜାତିର ସଂହତି, ଭାଷା, ଜଗନ୍ନାଥ ସଂସ୍କୃତି କିପରି ବଞ୍ଚି ରହି ପାରିଥିବ ? ଜୀବନ୍ତ ମଣିଷକୁ ବାଘ ଘୋଷାଡି ନେଲା ବେଳକୁ ଚେତା କି ଚୈତନ୍ୟ ନଥିବା ପରି ସୀମା-ବିଚ୍ଛୁରିତ ଓଡିଶା ରାଜ୍ୟ । ଏହି ସମୟରେ ଓଡିଆ ସଂହତି, ସଂସ୍କୃତି ଗଭୀର ଭାବରେ କ୍ଷତ ହେଲା । ରାଜନୈତିକ ବା ଅର୍ଥନୈତିକ ଦୃଷ୍ଟି କୋଣରୁ ଓଡିଶା ଯେତିକି ପରାହତ ହେଲା, ଓଡିଆ ସାମାଜିକ ଜୀବନ ସେତିକି ନିରାଶାଜନକ, ଭୟ-ସଂକୁଳ, ନିର୍ଜନତା-ବୋଧ, ଭାଗ୍ୟ-ହୀନ ପ୍ରତୀୟମାନ ହେଲା । ଅସହାୟ ଓଡିଆ ଜୀବନ ।

ସେଇ ସ୍ୱୟଂ-ଦୁର୍ଦ୍ଦଶାଗ୍ରସ୍ତ ପୁରୁଷୋତ୍ତମଙ୍କୁ ଆଶ୍ରା କରିବା ବ୍ୟତୀତ ଓଡିଆ ଜୀବନରେ ଆଉ କୌଣସି ମୂଲ୍ୟବୋଧ ନଥିଲା ।

ମରିନାହିଁ ଓଡିଆ । ଘୋଷରା ହେଉଛି । ମନେ ପକାଇ ପାରୁନି ନିଜର ପୌରୁଷ । ସିଂହ ଶାବକ ଯେ ଆଜି ସାଦା ଶିକାରୀ ଜାଲରେ ବନ୍ଦୀ, ତାହା ଭାଗ୍ୟକୁ ଆଦରିନେବା ଛଡା ଆଉ କିଛି ବାଟନାହିଁ । ବିସ୍ମୃତ ଅତୀତ । ନମନୀୟ ବର୍ତ୍ତମାନ । ଦୟନୀୟ ଭବିଷ୍ୟତ । ଏହି ଶାରୀରିକ ଓ ମାନସିକ ଯନ୍ତ୍ରଣାଭରା ଓଡିଆ ଜୀବନ । ଓଡିଆଙ୍କର ଓଡିଆ ରାଜ୍ୟ ତୁଟିଗଲା । ଭଗବାନ ବି ବନ୍ଦୀ ହୋଇଗଲେ । କେହି ବି ମେଧାବୀ ଆଧାତ୍ମିକ ବା ସୃଜନଶୀଳ ଓଡିଆ, ବାଟ ପାଇଲେନି ପୁରୁଷୋତ୍ତମ କ୍ଷେତ୍ରକୁ । ଓଡିଆ ବଞ୍ଚି ରହିଲା ଗାଁ ଗଣ୍ଡାରେ, ନିପଟ ମଫସଲରେ । ଯେଉଁଠାରେ ଯବନ ମାନଙ୍କର ପ୍ରବେଶ ନାହିଁ । ଯେତିକି ମାତ୍ରାରେ ଯାନିଯାତ୍ରାରେ, ପର୍ବପର୍ବାଣିରେ, କଥାଭାଷାରେ ଓଡିଆ ଜୀବନ ଗଡି ଚାଲିଲା ତୃଣମୂଳରେ । କେବଳ ଖଜଣା ବ୍ୟତୀତ ଆଉ ସମ୍ପର୍କନାହିଁ ଶୋଷକ ଶାସକ ସହିତ । ମଧ୍ୟସ୍ଥ ଭାବରେ ମହାଜନ ମାନଙ୍କର ପ୍ରାଧାନ୍ୟ ମଫସଲ ଜୀବନକୁ ଦୁର୍ବିସହ କରିବା ପାଇଁ ନିଶ୍ଚୟ ଜୀବନ୍ୟାସ ପାଇଗଲା ।

ସମ୍ଭବତଃ ଏଇଠୁ ଆରମ୍ଭ ଆମର ଆଜିର ଓଡିଆ ମାନସିକତା । ପରାହତ ଓଡିଆ ସାମାଜିକତା । ପ୍ରାଣ ବଞ୍ଚାଇବାର ନିଶାରେ କୌଣସି ପ୍ରକାର ଅପଚେଷ୍ଟାର ଆଶ୍ରୟ । ମାଗି ଯାଚି ଚଳିବାର ଯୌକ୍ତିକତା । ଭାଗ୍ୟ ଆଦରି ଚଳିବାର ପ୍ରୟାସ । ଯେତେ ଲେଖକ, ପାଠକ ବା ଗବେଷକ ଆଜିର ଓଡିଆ ମାନସିକତାର ବିଶ୍ଳେଷଣ କଲେ ବି ଇତିହାସର ଏହି ଶୂନ୍ୟକାଳକୁ ଆଧାର କରିବା ବିଧେୟ ।

ମୋଗଲ ଶାସନ ଶେଷକୁ ମୃତବତ୍ ସ୍ତରକୁ ଓଡିଆ ଜୀବନ ଅସିଗଲେ ବି, ମରହଟ୍ଟା ଆସିଲା ବେଳକୁ ଆଉ ବାହାରେ ବଳନାହିଁ । କେବଳ ଆଖିଦୁଇଟି ଜୁକୁଜୁକୁ ହୋଇ ଦେଖୁଛି । ମରହଟ୍ଟୀ ଚଉଥୀ ଖଜଣା ଆହୁରି ଦୟନୀୟ କରିଦେଲା ଓଡିଆ ଜୀବନ । ଜଗନ୍ନାଥ, ଜଗନ୍ନାଥ ଡାକି ସେଇ ମରହଟ୍ଟା ନିଜପାଇଁ ଯାହା ଯାତ୍ରୀ ବ୍ୟବସାୟ ବଢାଇଲେ । ହିନ୍ଦୁ ଶାସକ ଭାବରେ ମନ୍ଦିର ନତୋଳି କୋଣାର୍କ ସୂର୍ଯ୍ୟମନ୍ଦିରର ଅରୁଣ ସ୍ତମ୍ଭକୁ ବିସ୍ଥାପିତ କଲେ । କି ସାମାଜିକତା ଓ ରାଜକୀୟ ସମ୍ମାନ ଏହି ହିନ୍ଦୁ ଶାସକମାନେ ଓଡିଶାରେ ଜନ୍ମାଇପାରିଥିବେ ?

ଦୁର୍ବିସହ ମରହଟ୍ଟୀ ଶାସନରେ କେବଳ ଶ୍ରୀମନ୍ଦିର ନାମ ଭାରତ ବିଖ୍ୟାତ କରି ଯାତ୍ରୀକର ଓ ତଦଲବଧ ଧନ ବ୍ୟତୀତ ଭୋନ୍‌ସଲେଙ୍କର ଭାସ୍କର ପଣ୍ଡିତ ଆଉ କି ସ୍ୱାର୍ଥ ଥାଇପାରେ ? ପୁଣି ମରହଟ୍ଟା ଅମଳ ଓଡିଶା ଗୋଟିଏ ଯୁଦ୍ଧ ଭୂମି ଥିଲା ପଶ୍ଚିମର ମରହଟ୍ଟା ଶକ୍ତି ଆଉ ଉତ୍ତରର ଆଫଗାନ ବଙ୍ଗଳା ଶାସକ ଆଲିବର୍ଦ୍ଦି ଖାଁଙ୍କର । ସେମାନଙ୍କର ଚୁକ୍ତିର ଖିଲାପ ହୋଇଛି । ଫଳ ଭୋଗିଛି ନିରସ୍ତ୍ର ନିଜ କୁଟୀରରେ ସୁପ୍ତ ପ୍ରାଣ ବଞ୍ଚାଇବାର ପ୍ରୟାସ କରୁଥିବା ଓଡିଆ । ମରହଟ୍ଟା ଭୋଂସଲେ ଦଳ ଆଦେଶ ଦିଅନ୍ତି ନିଜର ବର୍ଗୀ ସେନାନୀଙ୍କୁ । ଗୋଟିଏ ଗୋଟିଏ ଅଞ୍ଚଳ ଅତର୍କିତ ଭାବରେ ଲୁଟ୍ କରି ନିଜର ଖଜଣା ଭରିନିଅ ।

ଚହଳ ପଡିଯାଏ ଏଇ ଗରିବ ହୋଇ ଅର୍ଥହୀନ ହୋଇଯାଇଥିବା ଓଡିଶାରେ । ବରଗୀ ଅଇଲେ ରେ ବରଗୀ ଅଇଲେ । ନିଜ ମାନ ମହତ୍ତ ଆଉ ଜୀବନରକ୍ଷାର ପ୍ରୟାସ । ଅସହାୟ ଓଡିଆ । ଶାସକ ଶୋଷକ ଆଉ ଭକ୍ଷକ ହେଲେ ଯାହା ହୁଏ ସେଇ ଅବସ୍ଥା । ହିନ୍ଦୁ ମରହଟ୍ଟା ଶାସନ ମାତ୍ର ପଚାଶ କି ଏକାବନ ବର୍ଷରେ ତାଣ୍ଡବ ରଚିଲେ ଓଡିଶାରେ । ପ୍ରତିଟି କାର୍ଯ୍ୟ କେବଳ ମରହଟ୍ଟା ଖଜଣା ପାଇଁ । ନା ରାସ୍ତାଘାଟ, ନା ଡାକ୍ତରଖାନା । ଯେଉଁ ସମୟରେ ଓଡିଶାର ଚତୁଷ୍ପାର୍ଶ୍ୱରେ ଗମନାଗମନ, ଶିକ୍ଷା ଆଉ ସ୍ୱାସ୍ଥ୍ୟର ସୁବିଧା କରିବାରେ ଇଂରେଜମାନେ ମନ ଦେଇଥିଲେ,

ଓଡିଶାର ଦୁର୍ଭାଗ୍ୟ ହିନ୍ଦୁ ମରହଟ୍ଟା ଶାସକ ଆଉ ଦୁଇ ଶହ ବର୍ଷ ପଛକୁ ଠେଲିଦେଲେ ।

ଏଠାରେ ଆମର ଦେଖିବା କଥା । ଆମର ରାଜ୍ୟ ଯେତିକି ଶୋଷିତ ହୋଇଛି, ଓଡିଆ ବ୍ୟକ୍ତିତ୍ୱ ଓ ମାନସିକତା କେଉଁ ଦିଗକୁ ଗତି କରିଛି । ଗାଁଗଣ୍ଡା ନିପଟ ମଫସଲରେ ଲୁଣ୍ଠିତ ହେବାର କୋକୁଆ ଭୟ ରହିଛି । ଓଡିଆ ନିଜର କବାଟ ଝରକାକୁ ସଂକୁଚିତ କରିଦେଇଛି । ବର୍ଗୀର ଭାଳି ଆକ୍ରମଣରୁ ଜୀବନ ରଖିବାକୁ । ଘରର ତାଟି କବାଟ ନିବୁଜ କରିବାର ମାନସିକତା ନେଇଛି । ଓଡିଆ ସମାଜ ଓ ଏକତା ଆଜି ପୂରା ମାତ୍ରାରେ ବିଦୀର୍ଣ୍ଣ । ଗୋଟେ ଲୋକ ଏକତ୍ର ହୋଇ ବିପଦ ଟାଳି ପାରିବେ, ଏହି ବିଶ୍ୱାସ ହରାଇଛି । ଏହି ବିପଦଜନକ ସାମାଜିକ ସ୍ଥିତି ଆସିଛି ଓଡିଶାରେ । ଏହା ଅଦ୍ୟାବଧି ଓଡିଆ ମନର ନିଭୃତ କୋଣରେ ଜାଗି ରହିଛି । ଏକତ୍ର ହେବା, ବିପଦକୁ ସାମନା କରିବା - ଏ ମନୋବୃତ୍ତି ଆଉ ଆସେନି । ଏକା ନିଜକୁ ବଞ୍ଚାଇ ସାରା ରାଜ୍ୟରେ କଅଣ ହେଉଛି ତା ପ୍ରତି ଆଖି ବୁଜିଦେବା । କୌଣସି ସଂଗଠନ ଗଢିଲେ, ସେଠାରେ ନିଜର ସ୍ୱାର୍ଥ ହିଁ ସର୍ବସ୍ୱ । ଏହି ଶକ୍ତ ବ୍ୟକ୍ତିଗତ ସ୍ୱାର୍ଥ ନିଶ୍ଚିତ ବିବିଧ ଅମାନବିକ ଶାସନଗତ ଅତ୍ୟାଚାରର ପରାଭବ ଓ ତଦ୍‌ଜନିତ ମାନସିକତା ଭାବରେ ବଂଶାନୁକ୍ରମେ ଗଢି ଚାଲିଛି ।

ଏମିତି ଭାରତର ବିଭିନ୍ନ ଅଞ୍ଚଳରେ ସାମାଜିକତାର ସୂର୍ଯ୍ୟ ଉଦୟ ହେବା ବେଳକୁ ବିଖଣ୍ଡିତ ଇଂରେଜ ଶାସିତ ଭାରତରେ ଗାଢ ନିଦ୍ରାରେ ସୁପ୍ତ ଓଡିଆ ଜାତି । ତିମିରାଚ୍ଛନ୍ନ ରାଜ୍ୟ । ସୂର୍ଯ୍ୟ ଉଦୟ ହେବାର ଉପକ୍ରମ ନାହିଁ, ଶିକାରୀ ଇଂରେଜ ମରହଟ୍ଟାଠାରୁ ଓଡିଶାକୁ ଶିକାର ପରି କାନ୍ଧରେ ପକାଇବା ବେଳକୁ ତାହାର ଡାହାଳ କହୁଛି, ଓଡିଆ ସ୍ୱତନ୍ତ୍ର ଭାଷା ନୁହେଁ । ଓଡିଆ ଜାତିର ନିଶ୍ୱାସର ଶେଷାଶେଷି ଅବସ୍ଥା । ଗୋଟିକିଆ ପଡୁଛି । ତିନିଟା ଗୋଟିକିଆ ନିଶ୍ୱାସରେ ଜୀବନ ଶେଷ । ମଲ୍ଲଯୁଦ୍ଧରେ ରେଫରୀ ଏକ ଆଉ ଦୁଇ ଡାକି ସାରିଲେଣି ।

ତିନି ଡାକିବା ମୁହୂର୍ତ୍ତେ ପୂର୍ବରୁ ଓଡିଆ ଭାଷା ପଟ୍ଟ ପରିବର୍ତ୍ତନ କରି ଇଙ୍ଗିତ ଦେଇଛି, ମୁଁ ମରିନି । ମୋର ଜୀବନ ଅଛି । ଜାତିର ଭାଗ୍ୟକୁ କିଛି ସୁଯୋଗ୍ୟ ସନ୍ତାନ ଭାଷାକୁ ସଜେଇ ଦେଲେଣି, ଯାହାକୁ ନେଇ ଇଂରେଜ ଗବେଷକ ମାନେ ଭାଷାର ପ୍ରାଚୀନତାକୁ ମୌଳିକ ବୋଲି ମତ ଦେବା ପରେ ଏହି ଭାଷା ପାଥେୟ ହୋଇଛି ସ୍ୱତନ୍ତ୍ର ରାଜ୍ୟ ଓଡିଶା ଗଠନରେ । କିନ୍ତୁ ଏହି ସମୟ ଚିର ବନ୍ୟା, ବାତ୍ୟା ଓ ମରୁଡିର ପୃଷ୍ଠଭୂମି ଓଡିଶା ରାଜ୍ୟରେ ଘାରିଛି ନଅଙ୍କ ଦୁର୍ଭିକ୍ଷ । ଅପରିଣାମଦର୍ଶୀ ଅପ୍ରସ୍ତୁତ ଇଂରେଜ ସରକାରଙ୍କ ସମ୍ମୁଖରେ ମରୁଡି ତାଣ୍ଡବ । ଲକ୍ଷ ଲକ୍ଷ ଜୀବନହାନୀ । ଗାଁଗଣ୍ଡା ଶୂନଶାନ । ଏହା ଓଡିଆ ସ୍ୱଭାବ ଓ ଚରିତ୍ରର ଆହୁରି ପଟ୍ଟ ପରିବର୍ତ୍ତନ କରିଛି ।

ନଅଙ୍କର ବର୍ଣ୍ଣନା କୌଣସି ଓଡିଆକୁ ଅଗୋଚର ନୁହେଁ । ମୃତ୍ୟୁଦୂତଙ୍କର ତାଣ୍ଡବ ରଚିଛି ଗାଁ ଗଣ୍ଡାରେ । ଖାଦ୍ୟ ପାନୀୟ ଅଭାବରେ ରୁଦ୍ଧଦ୍ୱାର ମଧ୍ୟରେ ଆବଦ୍ଧ ହୋଇ ନିଃଶବ୍ଦରେ ମରିଛନ୍ତି ଅସୁମାରି ଓଡିଆ । ଏ ଜାତିକୁ ମୁଠାଏ ଖାଇବାକୁ ଦେବାକୁ ଶାସକ ଫିରିଙ୍ଗି ଯେତିକି ଅସମର୍ଥ ହୋଇଛି, ଜମିଦାର ମାନେ ଆହୁରି କଠୋର ହୋଇଛନ୍ତି । ପେଟରେ ଓଦାକନା ପକାଇ ଓଳିଏ କିଏ ବଞ୍ଚିପାରେ, ହେଲେ ଦି ବର୍ଷ କିପରି ବଞ୍ଚିବ ନଅଙ୍କିଆ ? ମୁହଁ ଖୋଲିବା, ପେଟ ଦେଖାଇ ଗୁହାରି କରିବା କି କୋଉ ବିଧର୍ମୀ ହାତରୁ ଦାନାଟିଏ ନେବା ଓଡିଆ ରଚି ଆଉ ସ୍ୱାଭିମାନର ପରିପନ୍ଥୀ । ନଅଙ୍କ ମରୁଡି ଯାହା ଓଡିଶାକୁ ମଶାଣିରେ ପରିଣତ କରିଦେଲା, ସେଇଠି ଖାଦ୍ୟ ବିନା ହାହାକାର ଆର୍ତ୍ତନାଦ ଯୁଗ ଯୁଗକୁ ଶୁଭୁଥିବା । ନଅଙ୍କ ଆଉ ନଅଙ୍କିଆ ପରି ଶବ୍ଦ ଯୋଡି ହୋଇଗଲା ଓଡିଆ ଭାଷାରେ । ସମସାମୟିକ ବ୍ରିଟିଶ୍ ଶାସନାଧୀନ ଭାରତରେ ଓଡିଶାରେ ବଞ୍ଚିବାର ମାନଦଣ୍ଡ ରସାତଳଗାମୀ ହୋଇଗଲା । ସେଇ ନଅଙ୍କର କରାଳ ଦୃଶ୍ୟ ନଦେଖିବି ଓଡିଆ ମାନସିକତା ଆଶୁ ଭୟରେ ଶିହରି ଉଠେ ।

ଓଡିଶାର ଜଳସେଚନ ଆଉ ଶିକ୍ଷାର ଉନ୍ନତି ପାଇଁ ଇଂରେଜ ସରକାର ବାଧ୍ୟହେଲେ । କିନ୍ତୁ ଯାହା ହେଲେ ବି ଓଡିଶା ସବୁଦିଗରେ ସବୁଗୁଣରେ ପଡୋଶୀ ଆଉ ଦେଶର ଅନ୍ୟାନ୍ୟ ରାଜ୍ୟ ଅପେକ୍ଷା ଅନେକ ଦଶନ୍ଧି ପଛରେ ରହିଗଲା । ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଆଦିର ବିକାଶଧାରାରେ ପଛରେ ପଡିଗଲା । ସେହି ନିଶ୍ଚେଷ୍ଟତା ଯେ ଦେଢ ଶହ ବର୍ଷ ଧରି ଲାଗି ରହିଛି, ଆଜିର ସଜାଗ ପ୍ରତ୍ୟକ୍ଷଦର୍ଶୀ ଅନୁଭବ କରନ୍ତି । ଓଡିଶାରେ ବି ଅନ୍ୟ ରାଜ୍ୟ ତୁଳନାରେ ପଇସାପତ୍ର, ଧନଦ୍ରବ୍ୟର ଚଳାଚଳ ନିମ୍ନ ପରିମାଣର । ଏକଥା ମହାତ୍ମା ଗାନ୍ଧୀ ସ୍ୱାଧୀନତା ସଂଗ୍ରାମରେ ଉପଲବ୍ଧି କରିଛନ୍ତି ଓ ଓଡିଶାର ଦାରିଦ୍ର୍ୟର କଷାଘାତ ପାଇଁ ରାଜ୍ୟର ଉନ୍ନତି କାମନା କରିଛନ୍ତି ।

ଇଂରେଜ ଶାସନାଧୀନ ଭାରତରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ କେବେ ବଙ୍ଗ ତ କେବେ ବିହାର ସହିତ ଯୋଡି ହୋଇ ନିଜର ସ୍ୱାତନ୍ତ୍ର୍ୟ ହରାଇଥିଲା । ଯୋଗଜନ୍ମା କେତେଜଣ ସୁପୁତ୍ରମାନଙ୍କର ମାନସିକତା ଆଉ ସୁଚିନ୍ତିତ ଦାବି ଫଳରେ ଓଡିଆ ଭାଷା ଭିତ୍ତିରେ ଓଡିଶା ସ୍ୱତନ୍ତ୍ର ରାଜ୍ୟ ଗଠିତ ହେଲା, ସ୍ୱାଧୀନତା ପରଠାରୁ ଦେଶର ଗୋଟିଏ ପ୍ରତିଷ୍ଠିତ ରାଜ୍ୟ ଭାବରେ ପ୍ରଶାସିତ । କିନ୍ତୁ  ରାଜ୍ୟର ପଶ୍ଚିମ, ଉତ୍ତର ଆଉ ଦକ୍ଷିଣ ପ୍ରାନ୍ତରେ ବିଚ୍ଛିନ୍ନ ହୋଇ ରହିଥିବା ପ୍ରତି ଓଡିଆ ମନରେ ବିଚ୍ଛିନ୍ନ ହୋଇ ରହିଥିବା ଓଡିଆଭାଷୀଙ୍କ ପ୍ରତି ରହିଛି ଅକୁଣ୍ଠ ଆପଣାପଣ, ଭ୍ରାତୃଭାବ ଆଉ ମମତା । ଦେଶର ନିୟମ ଏଯାବତ ସହାୟକ ହୋଇନି ବିଚ୍ଛିନ୍ନାଞ୍ଚଳ ମିଶ୍ରଣରେ । ରାଷ୍ଟ୍ରୀୟ ନୀତି ନେଇ ରାଜ୍ୟଗୁଡିକର ପୁନର୍ଗଠନ ଘଟିଛି ସ୍ୱାଧୀନତା ଲାଭପରେ, କିନ୍ତୁ ଓଡିଶାକୁ କି ଓଡିଆ ଭାଷୀଙ୍କୁ କିଛି ସୁଫଳ ମିଳିନି ଏଥିରୁ ।

ଓଡିଶାର ଜନ ସାଧାରଣ ସ୍ୱାଧୀନତା ପରେ ଗୋଟିଏ ବିଶାଳ କୃତିତ୍ୱ ବୋଲି ମନେକରି ଦେଶର ବିକାଶର ଧାରାକୁ ଚାହିଁ ବସିଛନ୍ତି । ଓଡିଆମାନେ ନିଶ୍ଚିତ ଭାବରେ ଶିକ୍ଷା ଆଉ ସ୍ୱାସ୍ଥ୍ୟ କ୍ଷେତ୍ରରେ ପୂର୍ବାପେକ୍ଷା ଉନ୍ନତ, କିନ୍ତୁ ଦେଶର ବିକାଶର ଧାରାରେ ସମସ୍ତଙ୍କର ପଛରେ ଧାଇଁ ଧାଇଁ ଚାଲିଛନ୍ତି । ଦେଶର ବହୁବିଧ ଉନ୍ନତିକଳ୍ପେ, ଯଦି କେଉଁଟିରେ

ଉନ୍ନତି ଘଟିଥାଏ, ତାହା ବିଜ୍ଞାନ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଅବା କୃଷି କ୍ଷେତ୍ର ନୁହେଁ, ସେଇଟି ଗଣତନ୍ତ୍ର ଓ ଗଣତାନ୍ତ୍ରିକ ପଦ୍ଧତିରେ ନାଗରିକ ମାନଙ୍କର ଅଂଶ ଗ୍ରହଣ ।

ଓଡିଶା ଏଇ ଗଣତାନ୍ତ୍ରିକ ପଦ୍ଧତିରେ ନିଜର ନିଜସ୍ୱ ପ୍ରତିପାଦନ କରିଛି । ଜାତୀୟତା ଦୃଷ୍ଟିରୁ ଓଡିଆ ନିଜକୁ ସ୍ୱତନ୍ତ୍ର ଭାବରେ ଦେଖେ । ଓଡିଶାର ସରକାର ସ୍ୱାଧୀନତା ପରଠାରୁ କେନ୍ଦ୍ର ସହିତ ଏକ ଦଳର ହେବା ରାଜନୀତିରେ ସମ୍ଭବପର ହୋଇନି । ଏହାର କାରଣ ପ୍ରତ୍ୟେକ ଓଡିଆ ଜାଣନ୍ତି । ଓଡିଶା ପରି ଅନୁନ୍ନତ ରାଜ୍ୟକୁ କେନ୍ଦ୍ରର ସହାୟତାରେ ରାଜ୍ୟବାସୀ ସନ୍ତୁଷ୍ଟ ନୁହଁନ୍ତି । ରାଜ୍ୟର ବିକାଶ ନିମିତ୍ତ ଅଧିକ ଦୃଷ୍ଟିର ଆବଶ୍ୟକତା ଏହାର ଜନରାଶି ଆଉ ଭୌଗୋଳିକ ବିପତ୍ତି । ପ୍ରାୟ ଏକ ତୃତୀୟାଂଶ ବନଜାତି ଓ ଅନୁସୂଚିତ ଜାତିଙ୍କୁ ନେଇ ରାଜ୍ୟପ୍ରତି ସ୍ୱତନ୍ତ୍ରତା ନ ରହିଲେ, ଏହାର ବିକାଶ ସମ୍ଭବ ହୋଇପାରିବ ନାହିଁ ।

ପ୍ରାକୃତିକ ଓ ସାଂସ୍କୃତିକ ଭିତ୍ତିଭୂମିର ପ୍ରାଚୁର୍ଯ୍ୟ ମଧ୍ୟରେ ଏହି ରାଜ୍ୟ କେବଳ ଖଣିଜ ସମ୍ପଦର ଖଣିରୁ ଦେଶକୁ ଯେତିକି ସମୃଦ୍ଧ କରୁଛି, ନିଜର ପର୍ଯ୍ୟଟନ, ଗମନାଗମନ, ଶିକ୍ଷାୟନ ଆଦିରେ ବହୁ ପଛରେ ବୋଲି ସାଧାରଣ ଓଡିଆ ନିଜକୁ ତୁଳନା କରେ । ଓଡିଶାର ଉନ୍ନତି ପାଇଁ ରାଜ୍ୟର ଶାସନ ଓ ପ୍ରଶାସନ ପ୍ରଚାରମୁଖୀ । କିନ୍ତୁ ତୃଣମୂଳରେ ସରକାରଙ୍କର ଆଭିମୁଖ୍ୟ କେବଳ ଶାସନଗାଦିକୁ ବଞ୍ଚାଇବା ଛଡା ଓଡିଆ ଭାବରେ ଓଡିଶାର ଆଞ୍ଚଳିକ ଦଳ ଭାବରେ କିଛି ବିଶେଷତ୍ୱ ଦେଖାଯାଏନି ।

ଆଜିର ସାଧାରଣ ଓଡିଆ କର୍ମ ନିଯୁକ୍ତି ସୁଯୋଗ ପାଏନି, ନିଜର ଅର୍ଜନକ୍ଷମତା ନଥିଲେ ବି ଉପାସ ରହେନି । ଦୁଇଟଙ୍କିଆ ଚାଉଳ ଯାହା ରାଜନୀତିଜ୍ଞ ମାନଙ୍କର ବିଚକ୍ଷଣତାର ଉପାଦାନ ହୋଇଛି, ଏହା ଓଡିଆଙ୍କୁ ଗାଁ ଗଣ୍ଡାରେ ପଙ୍ଗୁ କରି ଦେଇଛି । ଆହୁରି ଅନେକ ଏପରି ଭେଳିକି ହୋଇପାରିଛି ରାଜନୀତି ଭୋଟ ପାଇଁ ଅଫିମ । ଲୋକ ସେଥିରେ ମାତାଲ । ଏହାର ଫଳ ଦିନେ ଓଡିଶାରେ କାହିଁକି, ଭାରତରେ ଫଳିବ ।

ଓଡିଆ ଲୋକ ଏହି ସ୍ଥିତିରେ ନିଶ୍ଚିତ ହତଚକିତ । ଗଣତନ୍ତ୍ର କୁଆଡେ ଚାଲିଛି । ପାଟିରେ ଚାମଚରେ ଖାଦ୍ୟ ଦେବା ପର୍ଯ୍ୟନ୍ତ ଗଲାଣି । ସତରେ କଅଣ ଆରାମଟା ହାରାମ ?

ଓଡିଆ କାହାର ମୂଲ୍ୟାୟନ କରିବାକୁ ପଛାଏ ନାହିଁ । ଆଜିର ଓଡିଆ କାହାକୁ ଓଡିଆପ୍ରିୟ ଆଉ କାହାକୁ ଓଡିଶାର ସ୍ୱାର୍ଥହାନୀକାରୀ ବୋଲି ଅଭିହିତ କରିବ, ତାହା ରାଜନୀତି ଗୋଳିପାଣିରେ ଜଣାଯାଏନି । ଯିଏ ନିଃସ୍ୱାର୍ଥରେ ଓଡିଶାର ଓ ଓଡିଆ ମାନଙ୍କର ଉନ୍ନତିପାଇଁ ବାଟ ଦେଖାଏ ସିଏ ଆମର ପ୍ରିୟ, ଯିଏ ନିଜ ପାଇଁ ମୁନାଫା ଗଣି କାମ କରେ ବା ଆମପାଇଁ ଚକ୍ରାନ୍ତ କରେ ସିଏ ସ୍ୱାର୍ଥୀ । ଆମ ଜାତି ପାଇଁ ଚଣ୍ଡାଶୋକ କି କଳାପାହାଡ ।

ଓଡିଆ ମାନସିକତା ବଞ୍ଚିଛି । ନିଶ୍ଚୟ ଆତ୍ମପ୍ରକାଶ କରି ଦିନେ ସଫଳ ହେବ ।

ପ୍ରଧ୍ୟାପିକା, ଇଂରାଜୀ ବିଭାଗ, ରାଜଧାନୀ କଲେଜ
ମୋ - ୯୪୩୭୧୩୭୩୭୭



# କଳିଙ୍ଗାଃ ସାହସିକାଃ

ଡ. ଉଦ୍ଧବ ଚରଣ ନାୟକ

କଳିଙ୍ଗ ବା ଉତ୍କଳ ଭାରତର ଏକ ପ୍ରାଚୀନ ଦେଶ । ଆର୍ଯ୍ୟର ଆଦିମ ଗ୍ରନ୍ଥ ଋକ୍‌ବେଦରେ କଳିଙ୍ଗ ଦେଶର ନାମ ଉଲ୍ଲେଖ ଅଛି । ରାମାୟଣରେ କଳିଙ୍ଗ ଓ ଉତ୍କଳ ଦେଶର ନାମ ଉଲ୍ଲେଖ ଅଛି । ରାମଚନ୍ଦ୍ର ବନବାସ ଯିବା ସମୟରେ ଉତ୍କଳ ଦେଶର ପଥ ଦେଇ ଗୋଦାବରୀ ତୀର ପଞ୍ଚବଟୀକୁ ଯାତ୍ରା କରିଥିଲେ । ମହାରାଜା ରଘୁ ଦିଗ୍‌ବିଜୟ କାଳରେ ଉତ୍କଳ ଓ କଳିଙ୍ଗ ଦେଇ ଦାକ୍ଷିଣାତ୍ୟ ଆଡକୁ ଯାତ୍ରା କରିଥିଲେ । ମହାଭାରତରେ କଳିଙ୍ଗ, ଉତ୍କଳ ଓ ଓଡ୍ର ଏହି ତିନି ଦେଶର ନାମ ଦେଖିବାକୁ ମିଳେ । ପଣ୍ଡିତମାନଙ୍କ ମତରେ ଋକ୍‌ବେଦ ଚାରି ହଜାର ବର୍ଷ ପୂର୍ବେ ରଚନା କରାଯାଇଥିଲା । ସୁତରାଂ କଳିଙ୍ଗ ଆଜକୁ ଛ ହଜାର ବର୍ଷ ପୂର୍ବରୁ ଭାରତରେ ତାର ସ୍ୱାତନ୍ତ୍ର୍ୟ ବଜାୟ ରଖିଥିଲା ।

କଳିଙ୍ଗ ଦେଶର ଲୋକଙ୍କୁ କଳିଙ୍ଗା, କଳିଙ୍ଗ ବା କାଳିଙ୍ଗକ ବୋଲି କୁହା ଯାଉଥିଲା । କଳିଙ୍ଗମାନଙ୍କର ସଂଖ୍ୟା ଥିଲା ବହୁତ ବେଶି ବୋଲି ମହାଭାରତର ଭୀଷ୍ମ ପର୍ବ (୧୭ - ୬୬୮ ଓ ୬୬ - ୩୧୩୨)ରେ ଉଲ୍ଲେଖ ଅଛି । କଳିଙ୍ଗ ଏକ ପ୍ରାଚୀନ ଦେଶ ଥିଲା ଏବଂ ଏହି ଦେଶର ତିନିଜଣ ପ୍ରଧାନ ରାଜା ମାନଙ୍କର ନାମ ଦେଖିବାକୁ ମିଳେ । ସେମାନେ ହେଲେ ଅଗ୍ରତୀର୍ଥ, କୁହର ଓ ସିମ୍ । ସେମାନଙ୍କର କନ୍ୟମାନେ ଚନ୍ଦ୍ରବଂଶୀୟ ରାଜକୁମାର ମାନଙ୍କର ପାଣିଗ୍ରହଣ କରିଥିବାର ଜଣାଯାଏ । କଳିଙ୍ଗର ରାଜକନ୍ୟାଙ୍କ ସ୍ୱୟମ୍ବରକୁ ଦୁର୍ଯୋଧନ ଆସିଥିଲେ ଓ କନ୍ୟା ଚିତ୍ରାଙ୍ଗଦାକୁ ବଳପୂର୍ବକ ନେଇ ଯାଇଥିବାର ମହାଭାରତର ଶାନ୍ତି ପର୍ବରେ ଉଲ୍ଲେଖ ଅଛି । ଶ୍ରୀକୃଷ୍ଣ କଳିଙ୍ଗ ରାଜା ମାନଙ୍କୁ ଦନ୍ତକୁଶ ଠାରେ ପରାସ୍ତ କରିଥିବା କଥା ମହାଭାରତର ଉଦ୍ୟୋଗ ପର୍ବରେ ଉଲ୍ଲେଖ ଅଛି । ମହାଭାରତର କୁରୁ ପାଣ୍ଡବ ଯୁଦ୍ଧରେ କଳିଙ୍ଗ ରାଜା ଶ୍ରୁତାୟୁ ୬୦ ହଜାର ରଥ ଓ ୧୦ ହଜାର ପର୍ବତ ସମାନ ହାତୀ ନେଇ କୌରବ ମାନଙ୍କ ସପକ୍ଷରେ ଯୁଦ୍ଧ କରିଥିଲେ । ତାଙ୍କ ଆକ୍ରମଣରେ ମହାଯୋଦ୍ଧା ଭୀମ ମଧ୍ୟ କାତର ହୋଇପଡିଥିଲେ ବୋଲି ଜଣାଯାଏ ।

ବୀରଜାତି ଭାବରେ ଓଡିଆମାନଙ୍କର ଭାରତବ୍ୟାପୀ ପ୍ରତିଷ୍ଠା ଥିଲା । ତେଣୁ 'କଳିଙ୍ଗାଃ ସାହସିକାଃ' ଏ ପ୍ରବାଦ ବାକ୍ୟ ସର୍ବତ୍ର ଗୃହୀତ ହୋଇଥିଲା । କଳିଙ୍ଗ ରାଜାଙ୍କ ଅଗଣିତ ସୈନ୍ୟମାନଙ୍କ ଅପ୍ରତିହତ ଗତି ଦେଖିଲେ, ସ୍ୱୟଂ ମହେନ୍ଦ୍ର ପର୍ବତ ଆଗେ ଆଗେ ଯାଉଥିବାର ମନେହୁଏ । କଳିଙ୍ଗ ନାମ ଅବିଦିତ ନୁହେଁ; ଅଙ୍ଗ, ବଙ୍ଗ, କଳିଙ୍ଗ ନାମ ଅତି ପ୍ରାଚୀନ ନାମ । ଉତ୍କଳ ଦେଶ କେତେବେଳେ କଳିଙ୍ଗ ଦେଶର ଅନ୍ତର୍ଭୁକ୍ତ ଥିଲା ତ କେତେବେଳେ ସ୍ୱତନ୍ତ୍ର ଥିଲା । କଳିଙ୍ଗ ନାମକରଣ ସମ୍ପର୍କରେ ଜଣାଯାଏ - ବଳିରାଜାଙ୍କ ଭାର୍ଯ୍ୟା ସୁଦେଷ୍ଣାଙ୍କ ଗର୍ଭର ଅଙ୍ଗ, ବଙ୍ଗ, କଳିଙ୍ଗ, ପୁଣ୍ଡ୍ର ଓ ସୁହ୍ମ ନାମରେ ପାଞ୍ଚପୁତ୍ର ଜନ୍ମ ନେଇଥିଲେ । ଏହି ପୁତ୍ରମାନେ ଶାସନ କରୁଥିବା ପ୍ରଦେଶ ଗୁଡିକ ସେମାନଙ୍କ ନାମରେ ନାମିତ । ଦୁର୍ଯୋଧନ କଳିଙ୍ଗକନ୍ୟା ଚିତ୍ରଙ୍ଗଦାଙ୍କୁ ବିବାହ କରିଥିବା ସମୟରେ ତାଙ୍କ ରାଜଧାନୀ ଥିଲା ରାଜପୁର । ରାଜପୁରର ନାମ ଏବେ ରାଜମହେନ୍ଦ୍ରୀ ହୋଇଛି ।

ଉତ୍କଳ ବା କଳିଙ୍ଗ ରାଜ୍ୟ ଉତ୍ତରରେ ଗଙ୍ଗାନଦୀ ଓ ଗୟାଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା । ଏହାର ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ମରାଠା ଭାଷୀ ପ୍ରଦେଶ, ମେଖଳ ପର୍ବତ ଶ୍ରେଣୀ ଓ ଅମରକଣ୍ଟକ ପର୍ବତ, ଗଣ୍ଡୱାନା ରାଜ୍ୟ ମଧ୍ୟ ପ୍ରଦେଶ, ସିଂହଭୂମି, ବାଙ୍କୁଡା ଓ ମେଦିନୀପୁର ଜିଲ୍ଲା ଆଦି ପ୍ରାଚୀନ ତାମ୍ରଲିପ୍ତ ରାଜ୍ୟ ସହିତ କଳିଙ୍ଗ ବା ଉତ୍କଳ ଦେଶ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା ।

ଅତି ପ୍ରାଚୀନ କାଳରେ ମହାଭାରତ ଯୁଦ୍ଧ ପୂର୍ବରୁ ଉତ୍ତରରେ ଦାମୋଦର ନଦୀଠାରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ଏବଂ ପୂର୍ବରେ ମହୋଦଧିଠାରୁ ପଶ୍ଚିମରେ ରାୟଗଡ ପର୍ଯ୍ୟନ୍ତ କେତୋଟି ଅଞ୍ଚଳ ଭିନ୍ନ ଭିନ୍ନ ନାମରେ ବିଭକ୍ତ ହୋଇଥିଲା । ଏହାର ଦକ୍ଷିଣ ଉପକୂଳକୁ 'ଦକ୍ଷିଣ କଳିଙ୍ଗ'; ଉତ୍ତର ଉପକୂଳ ଅଞ୍ଚଳକୁ ଅର୍ଥାତ୍ ଆଧୁନିକ ସିଂହଭୂମି, ମୟୂରଭଞ୍ଜ, ମେଦିନୀପୁର ଏବଂ କଟକ ଜିଲ୍ଲା ଉତ୍ତରାଞ୍ଚଳକୁ ନେଇ 'ଉତ୍ତର କଳିଙ୍ଗ' ଏବଂ ମଧ୍ୟ ଅଂଶକୁ କଳିଙ୍ଗ ନାମକରଣ କରାଯାଇଥିଲା । ପଶ୍ଚିମରେ ପାଟଣା, ସୋନପୁର, ସମ୍ବଲପୁର ଆଦିକୁ ନେଇ କୋଶଳ ରାଜ୍ୟ, କଳାହାଣ୍ଡି, ବସ୍ତର ଓ ଜୟପୁର ଆଦିକୁ ନେଇ ମୂଷିକ ରାଜ୍ୟ ଏବଂ ବୌଦ୍ଧ ଆଦି ଗଡଜାତ ରାଜ୍ୟ ଓ ଖୋର୍ଦ୍ଧାର କେତେକ ଅଂଶକୁ ନେଇ ତୋଷଳରାଜ୍ୟ ଅବା ଓଡ୍ର ରାଜ୍ୟ ଗଠିତ ହୋଇଥିଲା । କାଳକ୍ରମେ ଉତ୍ତର କଳିଙ୍ଗ ଉତ୍‌କଳିଙ୍ଗରେ ପରିଣତ ହୋଇ ଶେଷକୁ ଉତ୍କଳ ନାମ ଧାରଣ କଲା ଓ ତା'ସହିତ କଳିଙ୍ଗ ମଧ୍ୟ ମିଶିଗଲା । ମିତ୍ର ରାଜତ୍ୱ ପରେ

ଉଡ୍ର ରାଜ୍ୟ ମଧ୍ୟ ଉତ୍କଳର ଅନ୍ତର୍ଭୁକ୍ତ ହୋଇଥିଲା । ପ୍ରତାପରୁଦ୍ରଙ୍କ ରାଜତ୍ୱ ସମୟ ବେଳକୁ ପୂର୍ବୋକ୍ତ ସମସ୍ତ ଅଞ୍ଚଳ ଗଜପତି ରାଜ୍ୟଭୁକ୍ତ ହୋଇ ଉତ୍କଳ ସମ୍ରାଜ୍ୟ ନାମରେ ଅଭିହିତ ହେଲା ।

କଳିଙ୍ଗ, ଉତ୍କଳ, ଓଡ୍ର ରାଜ୍ୟର ଅଧିବାସୀ ଓଡିଆମାନେ କାଳେ କାଳେ ନିଜ ବୀରତ୍ୱ ଓ ଶକ୍ତିମତ୍ତାର ପରିଚୟ ପ୍ରଦାନ କରି ପାରିଛନ୍ତି ଭାରତର ସ୍ୱାଧୀନତା ସଂଗ୍ରାମ ପର୍ଯ୍ୟନ୍ତ ।

ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଉତ୍କଳ ସମ୍ରାଜ୍ୟ ଥିଲା ବିସ୍ତୃତ । ତେଣୁ ଦୃଢ କଣ୍ଠରେ କୁହାଯାଇ ପାରେ ଯେ, ଆମ ଗଜପତି ରାଜାଙ୍କ ନାମ ପୂର୍ବରୁ ପ୍ରଦାନ କରାଯାଇଥିବା 'ବୀରାଧିବୀରବର ନବକୋଟି କର୍ଣ୍ଣାଟକଳବର୍ଗେଶ୍ୱର' ଉପାଧି ଅଭିମାନ ସୂଚକ ବା ନିରର୍ଥକ ଉପାଧି ନୁହେଁ । ଏହା ନିରାଟ ସତ୍ୟ । କାରଣ, ସିଂହଳ, ଜାଭା, ବାଲି, ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପମାନ ପ୍ରତାପଶାଳୀ ଉତ୍କଳର ସମ୍ରାଟମାନଙ୍କ କ୍ଷମତା ଓ ଶାସନ ପରିସରଭୁକ୍ତ ଥିଲା । ସୁଦୂରପ୍ରସାରୀ ବୀରତ୍ୱ ଯୋଗୁ ଖାରବେଳ, ଅନଙ୍ଗଭୀମଦେବ, ନରସିଂହ ଦେବ, କପିଳେନ୍ଦ୍ରଦେବ ଓ ପୁରୁଷୋତ୍ତମଦେବ ଭାରତୀୟ ଇତିହାସ ପୃଷ୍ଠାରେ ଅବିସ୍ମରଣୀୟ ।

ଏହି ଓଡିଆ ଜାତି ମାତୃଭୂମିର ସ୍ୱାଧୀନତା ରକ୍ଷାକରିବା ଲାଗି ଅକାତରେ ପ୍ରାଣବଳି ଦେଇଥିଲେ । ବିଶ୍ୱ ଇତିହାସରେ ଏପରି ଆଦର୍ଶ ବିରଳ । ତାହା ହେଲା କଳିଙ୍ଗ ଯୁଦ୍ଧରେ ଲକ୍ଷ ଲକ୍ଷ ଓଡିଆ ମୃତ୍ୟୁବରଣ କରିବା ସହ କ୍ଷତ ବିକ୍ଷତ ହୋଇ ବନ୍ଦୀ ହୋଇଥିଲେ । ଏହି ଓଡିଆ ବୀର ମାନଙ୍କର ଶବ ଉପରେ ଯାତ୍ରାକରି ଅଶୋକ ବର୍ଦ୍ଧନ ମୌର୍ଯ୍ୟ କଳିଙ୍ଗର ଅଧୀଶ୍ୱର ହୋଇଥିଲେ । ହେଲେ ସେ ବୀର ଓଡିଆ ପୁଏ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରି ଦେଇଥିଲେ । ନରହନ୍ତା ରକ୍ତପିପାସୁ ସମ୍ରାଟ ଅଶୋକ ହେଲେ – 'ଦେବାନାଂ ପ୍ରିୟ ପ୍ରିୟଦର୍ଶୀ' ଆଉ ପ୍ରଜାମାନେ ହୋଇଗଲେ ତାଙ୍କର ପୁତ୍ର । ଭୁବନେଶ୍ୱର ନିକଟବର୍ତ୍ତୀ ଦୟାନଦୀ କୂଳରେ ଅଶୋକଙ୍କ ସୈନ୍ୟବାହିନୀ ସହ କଳିଙ୍ଗ ସୈନ୍ୟମାନଙ୍କର ଭୟଙ୍କର ଯୁଦ୍ଧ ହୋଇଥିଲା । କଳିଙ୍ଗ ଯୁଦ୍ଧ ତଦାନୀନ୍ତନ ବିଶ୍ୱର ସବୁଠାରୁ ଭୟାନକ ଯୁଦ୍ଧ ଭାବରେ ପରିଗଣିତ । କଳିଙ୍ଗବୀର ଓଡିଆମାନେ ସେତେବେଳେ ବୀରଜାତି ଭାବରେ ସମଗ୍ର ଭାରତବର୍ଷରେ ଥିଲେ ପରିଚିତ । ଏହି ଯୁଦ୍ଧରେ ଓଡିଆଙ୍କର ଉଷ୍ମ ବୀର ରକ୍ତରେ ଦୟାନଦୀର ଜଳ ରକ୍ତରଞ୍ଜିତ ହୋଇ ଉଠିଥିଲା । ପୃଥିବୀରେ ଏପରି ଯୁଦ୍ଧ ଦେଖିବାକୁ ବିରଳ । ସେତେବେଳେ ଉତ୍କଳର ଶାସକ ଥିଲେ ଐର ରାଜା । ସେ ଯୁଦ୍ଧରେ ପରାଜୟ ଲାଭକରି ବଶ୍ୟତା ସ୍ୱୀକାର ନକରି କୋଶଳ ଦେଶକୁ ଚାଲି ଯାଇଥିଲେ । ବିନ୍ଧ୍ୟ ପର୍ବତ ଓ ଉତ୍କଳ ରାଜ୍ୟ ମଧ୍ୟରେ କୋଶଳ ରାଜ୍ୟ ଥିଲା ଅବସ୍ଥିତ ।

ଅଶୋକଙ୍କର ପରଲୋକ ଗମନର ଷୋଳବର୍ଷ ପରେ ଅର୍ଥାତ୍ ଖ୍ରୀଷ୍ଟ ପୂର୍ବ ୨୨୦ରେ ଐରମାନେ ପ୍ରତ୍ୟାବର୍ତ୍ତନ କରି ନିଜ ପିତୃରାଜ୍ୟକୁ ଅଧିକାର କରିନେଲେ । ଏଥର ଯେଉଁ ଐର ରାଜା କଳିଙ୍ଗ ସିଂହାସନରେ ଅଧିଷ୍ଠିତ ହୋଇଥିଲେ ତାଙ୍କ ନାମ ଚୈତ୍ର ଐର । ଫଳରେ ଏହି ବଂଶର ନାମ ଐର ବଂଶରୁ ଚୈତ୍ର ବା ଚେତି ବଂଶ ଭାବରେ ପ୍ରସିଦ୍ଧି ଲାଭକଲା । ଏମାନେ ନିଜକୁ ସୂର୍ଯ୍ୟବଂଶୀ ଭାବରେ ପରିଚୟ ଦେଇଥିଲେ । ଏହି ବଂଶରେ ନଅ ଜଣ ରାଜା ରାଜତ୍ୱ କରିଥିଲେ । ଏମାନେ ଧର୍ମରେ ରାଜ୍ୟ ଶାସନ କରୁଥିବା ହେତୁ ଏହି ରାଜାମାନଙ୍କୁ ରାଜର୍ଷି ବୋଲି କୁହାଯାଏ । ଏହି ରାଜାମାନଙ୍କର ଉପାଧି ହେଉଛି 'ମେଘବାହନ', ରାଜା ଚୈତ୍ର ହେଉଛନ୍ତି ଖାରବେଳଙ୍କର ପିତା । ଚୈତ୍ରଙ୍କ ୨୩ ବର୍ଷ ରାଜତ୍ୱ ପରେ ଖ୍ରୀଷ୍ଟପୂର୍ବ ୧୯୭ ଅବ୍ଦରେ ଖାରବେଳ ଜନ୍ମଲାଭ କରିଥିଲେ । ଖାରବେଳ ଖ୍ରୀଷ୍ଟପୂର୍ବ ୧୮୨ରେ ୧୫ ବର୍ଷ ବୟସରେ ଯୁବରାଜ ପଦରେ ଅଧିଷ୍ଠିତ ହୋଇଥିଲେ । ଖାରବେଳ ଥିଲେ ବୀର – ମହାବୀର । ତାଙ୍କୁ ୨୪ ବର୍ଷ ବୟସ ହୋଇଥିବା କାଳରେ ପିତା ତାଙ୍କର ସ୍ୱର୍ଗାରୋହଣ କଲେ । ଦେଶ ଜୟ କରିବାର ଅଭିଳାଷ ତାଙ୍କର ବାଲ୍ୟକାଳରୁ ଥିଲା ।

ଏହି ବୀର ଖାରବେଳ ବୀର ଓଡିଆ ସୈନ୍ୟମାନଙ୍କ ସହାୟତାରେ ପ୍ରଥମେ ମୂଷିକ ରାଜ୍ୟ ଜୟକଲେ । ଯୁଦ୍ଧରେ ଆନ୍ଧ୍ରରାଜା ସାତକର୍ଣ୍ଣୀଙ୍କୁ ପରାସ୍ତ କରି ଖ୍ରୀଷ୍ଟପୂର୍ବ ୧୭୧ରେ ମୂଷିକ ରାଜ୍ୟ ଉତ୍କଳ ସମ୍ରାଜ୍ୟ ଅନ୍ତର୍ଭୁକ୍ତ ହେଲା । ଏହାପରେ ସେ ମହାରାଷ୍ଟ୍ର ଓ ବେରାର ରାଜ୍ୟ ଜୟକଲେ । ତା ପରେ ମଗଧ ସମ୍ରାଜ୍ୟ ଆକ୍ରମଣ କରି ମଗଧ ଓ ପଞ୍ଜାବ ରାଜ୍ୟ ଜୟକଲେ । ଦକ୍ଷିଣ ଭାରତର କୁମାରିକା ଅନ୍ତରୀକ୍ଷକୁ ଲାଗି ପାଣ୍ଡ୍ୟ ନାମରେ ଥିଲା ଏକ ବିରାଟ ରାଜ୍ୟ । ମଗଧ ପରେ ସେ ଏହି ପାଣ୍ଡ୍ୟରାଜ୍ୟ ଜୟ କଲେ । ସର୍ବ ଶେଷରେ ଖାରବେଳ ଗ୍ରୀକ୍ ରାଜା ବିରୁଦ୍ଧରେ ଯୁଦ୍ଧ ଯାତ୍ରା କରି ବିଜୟୀ ହୋଇଥିବାର ଜଣାଯାଏ ।

ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର ଭାରତ ଜୟ ନିମନ୍ତେ ଅଗ୍ରସର ହୋଇଥିବା ସମୟରେ ଆଫଗାନିସ୍ଥାନ ଭାରତବର୍ଷ ଅନ୍ତର୍ଭୁକ୍ତ ଥିଲା । ସେ ମଧ୍ୟ ସେହି ରାଜ୍ୟକୁ ଜୟ କରିଥିଲେ । ତାଙ୍କ ମୃତ୍ୟୁପରେ ତାଙ୍କର ଜଣେ ସେନାପତି ଓ ସୈନ୍ୟମାନେ ଆଫଗାନିସ୍ଥାନ ଓ ପାରସ୍ୟର କେତେକ ଅଂଶକୁ ମିଶାଇ ବକଟ୍ରିୟା ନାମରେ ଏକ ନୂତନ ରାଜ୍ୟ ଗଠନ କରିଥିଲେ । ଏହି ବକଟ୍ରିୟା ରାଜ୍ୟର ରାଜା ଡିମେଟ୍ରିୟସ୍ ଆମ ଦେଶର ବୋଇତିଆଳ ବା ବେପାରୀ ମାନଙ୍କୁ ଯାତ୍ରାପଥରେ ଅପମାନିତ କରୁଥିଲେ । ଡିମେଟ୍ରିୟସ୍ ଆଖପାଖର ରାଜ୍ୟମାନଙ୍କୁ ଜୟକରି ନିଜ ରାଜ୍ୟରେ ମିଶାଇ ଦେଉଥିଲେ । ରାଜା ଡିମେଟ୍ରିୟସ୍‌ଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ ଖାରବେଳ । ଏହାଥିଲା ତାଙ୍କ ଜୀବନର ଶେଷ ଯୁଦ୍ଧ ବୋଲି ଜଣାଯାଏ । ସେ ଯୁଦ୍ଧରେ ବିଜୟୀ ହୋଇ ସେହି ରାଜ୍ୟର ରାଜଜେମା ଧୂଷିଙ୍କର ପାଣିଗ୍ରହଣ କରିଥିଲେ ।

ଉତ୍କଳର ଅନ୍ୟ ଜଣେ ବୀର ଗଜପତି ଭାବରେ ଉତ୍କଳ ସାମ୍ରାଜ୍ୟର ଉତ୍ତରାଧିକାରୀ ହୋଇଥିଲେ । ତାଙ୍କ ନାମ କପିଳେନ୍ଦ୍ର ଦେବ । ସେ ଥିଲେ ଜଣେ ଉତ୍ତମ ଶାସକ, ବିଚକ୍ଷଣ ରାଜନୀତିଜ୍ଞ ତଥା ବୀର । ତାଙ୍କର ରାଜତ୍ୱକାଳ ୧୪୩୫ – ୧୪୬୫ ମସିହା । ଓଡିଶାର ଗଙ୍ଗବଂଶର ଶେଷ ରାଜା ଚତୁର୍ଥ ନରସିଂହଦେବ ନିଃସନ୍ତାନ ଥାଇ ପ୍ରାଣତ୍ୟାଗ କରିବାରୁ ତାଙ୍କର ପାତ୍ରମନ୍ତ୍ରୀଙ୍କ ସମ୍ମତିକ୍ରମେ ୧୪୩୫

ମସିହାରେ କପିଳେନ୍ଦ୍ରଦେବ ରାଜା ହେଲେ । କପିଳେନ୍ଦ୍ରଦେବ ସୂର୍ଯ୍ୟବଂଶୀ କ୍ଷତ୍ରିୟ ଥିବାରୁ ତାଙ୍କ ପ୍ରତିଷ୍ଠିତ ରାଜବଂଶକୁ 'ସୂର୍ଯ୍ୟବଂଶ' ବୋଲି କୁହାଯାଏ । କପିଳେନ୍ଦ୍ରଦେବଙ୍କ ରାଜ୍ୟଜୟର ସ୍ମାରକୀ ରୂପେ ସେ ଏକ ଦୀର୍ଘ ଉପାଧି ଗ୍ରହଣ କରିଥିଲେ - "ବୀର ଶ୍ରୀ ଗଜପତି ଗୌଡେଶ୍ୱର ନବକୋଟୀ କର୍ଣ୍ଣାଟ କଳବର୍ଗେଶ୍ୱର ପ୍ରତାପୀ କପିଳେନ୍ଦ୍ର ଦେବ ମହାରାଜା" । କପିଳେନ୍ଦ୍ରଦେବଙ୍କର ଅଭିଷେକ ୧୪୩୫ ମସିହା ଜୁନ୍ ୨୯ ତାରିଖ ବୁଧବାର ଦିନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା ।

ଗଙ୍ଗବଂଶ ରାଜତ୍ୱର ଶେଷ ଭାଗରେ ଓଡିଶାର ରାଜନୈତିକ ଅବସ୍ଥା ଥିଲା ଜଟିଳ । ଫଳରେ କପିଳେନ୍ଦ୍ର ଦେବ ସିଂହାସନ ଆରୋହଣର ଅବ୍ୟବହିତ ପରେ ବଙ୍ଗ ଓ ମାଳବର ମୁସଲମାନ ଶାସକ ମାନଙ୍କ ବିରୁଦ୍ଧରେ ସଂଗ୍ରାମ କରି ବିଜୟ ଲାଭ କରିଥିଲେ । ଏହା ଫଳରେ ସେ 'ଗୌଡେଶ୍ୱର' ନାମରେ ଅଭିହିତ । ଉତ୍ତର ସୀମାରେଖା ଦାୟିତ୍ୱ ଗୋପୀନାଥ ମହାପାତ୍ରଙ୍କ ହସ୍ତରେ ପ୍ରଦାନକରି ଦାକ୍ଷିଣାତ୍ୟ ଅଭିଯାନ ଆରମ୍ଭ କଲେ । ୧୪୪୭ ମସିହାରେ କର୍ଣ୍ଣାଟ ରାଜ୍ୟ ବିଜୟ ନଗର ଅବରୋଧ କରି ୧୪୪୮-୧୪୫୦ ମଧ୍ୟରେ ଉଡ୍‌ବାଜି, ପତନୁର ଆଦି ଜୟକଲେ । ଏହି ସବୁ ଦୁର୍ଗରେ ରେଡି-ବଂଶୀ ରାଜାମାନେ ଶାସନ କରୁଥିଲେ । ରାଜମହେନ୍ଦ୍ରୀ ଅଧିକାର କରି ସେନାପତି ରଘୁଦେବ ନରେନ୍ଦ୍ର ମହାପାତ୍ରଙ୍କୁ ଓ କୋଣ୍ଡାଭିଡୁ ଦୁର୍ଗ ଜୟ କରି ଗଣଦେବଙ୍କୁ ସେଠାକାର ଶାସନ ଦାୟିତ୍ୱ ଅର୍ପଣ କଲେ । ଏହିପରି ଭାବରେ କପିଳେନ୍ଦ୍ରଦେବ ବଲ୍ଲମ କୋଣ୍ଡ, ବିନୁ କୋଣ୍ଡ, କୋଣ୍ଡବିଡୁ, ନାଗାର୍ଜୁନ କୋଣ୍ଡ, ରାଜମହେନ୍ଦ୍ରୀ, ପେଡ୍‌ପୁରମ, କଲୁବଲ୍ଲପାଲ୍ଲୀ, ଇଡବାଡି ଓ ପତନୁର ନାମକ ୯ଗୋଟି ଦୁର୍ଗର ଅଧିକାରୀ ହୋଇଥିଲେ । ତେଲୁଗୁ ଭାଷାରେ କୋଟ ବା କୋଟୀ ଶବ୍ଦର ଅର୍ଥ ଦୁର୍ଗ । ତେଣୁ କପିଳେନ୍ଦ୍ର ଦେବଙ୍କ ଉପାଧିରେ ବର୍ଣ୍ଣିତ ନବକୋଟୀ ଶବ୍ଦ ତାଙ୍କର ଏହି ଦୁର୍ଗ ବିଜୟର ସଙ୍କେତ ।

୧୪୫୭ ମସିହାରେ ପୁତ୍ର କୁମାର ହମ୍ବିର କର୍ଣ୍ଣାଟକ ରାଜ୍ୟ ଜୟ କରୁଥିବା ବେଳେ ନିଜେ କପିଳେନ୍ଦ୍ର ଦେବ ସୈନ୍ୟବାହିନୀ ପରିଚାଳନା କରି ଶ୍ରୀଶୈଳମ ବା ମଲ୍ଲିକାର୍ଜୁନ କୋଣ୍ଡାକୁ ଅଧିକାର କରିଥିଲେ । ଏହି ସମୟରେ କପିଳେନ୍ଦ୍ର ଦେବ ବାହାମନି ସମ୍ରାଜ୍ୟ ଆକ୍ରମଣ କରି ସାମ୍ରାଜ୍ୟର ରାଜଧାନୀ ବିଦର ପର୍ଯ୍ୟନ୍ତ ବିଜୟ ବାହିନୀକୁ ନେଇଯାଇଥିଲେ । ବାହାମନି ରାଜ୍ୟର ପୁରାତନ ନାମ 'ଗୁଲବର୍ଗ' । ଏହାକୁ ଜୟକରି କପିଳେନ୍ଦ୍ରଦେବ 'କଳବର୍ଗେଶ୍ୱର' ଉପାଧି ଲାଭ କରିଥିଲେ । ସେ ପ୍ରତ୍ୟେକ ଯୁଦ୍ଧରେ ସୈନ୍ୟ ପରିଚାଳନା କରୁଥିଲେ । ଦକ୍ଷିଣ ଭାରତର ଶାସନ ପରିଦର୍ଶନ ନିମନ୍ତେ ଭ୍ରମଣ କରୁଥିବା କାଳରେ ୧୪୬୬ ମସିହା ନଭେମ୍ବର ୨୫ ତାରିଖରେ କୃଷ୍ଣାନଦୀ ତୀରରେ ଦେହତ୍ୟାଗ କରିଥିଲେ । ଖାରବେଳଙ୍କ ପରେ କପିଳେନ୍ଦ୍ରଦେବଙ୍କ ବ୍ୟତୀତ କୌଣସି ରାଜା ଏତେ ବଡ ସାମ୍ରାଜ୍ୟ ପ୍ରତିଷ୍ଠା କରି ପାରି ନଥିବା ଜଣାଯାଏ ।

କପିଳେନ୍ଦ୍ରଦେବଙ୍କ ପୁତ୍ର ପୁରୁଷୋତ୍ତମ ଦେବ ଥିଲେ ଅନନ୍ୟ ବୀର । ପିତାଙ୍କ ଅନ୍ତେ ପୁରୁଷୋତ୍ତମ ୧୪୬୬ ମସିହାରେ ସିଂହାସନ ଆରୋହଣ କରି ମହାନଦୀ ବେଷ୍ଟିତ କଟକ ନଗରୀରେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ । ବିଜୟନଗର ସାଲ୍ୱ ନରସିଂହ ନାମରେ ଜଣେ ସାମନ୍ତରାଜା ସେ ସମୟରେ ଥିଲେ କାଞ୍ଚିର ରାଜା । ସାଲ୍ୱ ନରସିଂହ ୧୪୫୭ ମସିହାରେ ରାଜା ହେବା ପରେ ନିଜ ରାଜ୍ୟ ବିସ୍ତାର ପାଇଁ ପ୍ରବଳ ଉଦ୍ୟମ କରିଥିଲେ । କିନ୍ତୁ ତାଙ୍କର ଏହି ସାମ୍ରାଜ୍ୟ ପ୍ରତିଷ୍ଠା କ୍ଷେତ୍ରରେ କପିଳେନ୍ଦ୍ର ଦେବ ଥିଲେ ପ୍ରଧାନ ଅନ୍ତରାୟ । କପିଳେନ୍ଦ୍ର ଦେବଙ୍କ ମୃତ୍ୟୁ ପରେ ସାଲ୍ୱ-ନରସିଂହ ୧୪୬୮ ମସିହାରେ ଅଭିଯାନ ଆରମ୍ଭ କରି ଚନ୍ଦ୍ରଗିରି ଓ ଉଦୟଗିରି ମଧ୍ୟରେ ଥିବା ସମସ୍ତ ଓଡିଆ ଦୁର୍ଗ ଅଧିକାର କରିନେଲେ । ଉଦୟଗିରି ଅଧିକାର କରିବା ପୂର୍ବରୁ ତାଙ୍କ ସୈନ୍ୟବାହିନୀ ସହ ଓଡିଆ ସୈନ୍ୟବାହିନୀର ତୁମୁଳ ଯୁଦ୍ଧ ହୋଇଥିଲା । ଏହି ଯୁଦ୍ଧରେ ବହୁ ଓଡିଆ ସୈନ୍ୟଙ୍କ ସମେତ ସେନାପତି ନିହତ ହେଲେ । ଏହି ସମୟରେ ପୁରୁଷୋତ୍ତମ ଦେବ ବିଶାଳ ସେନାବାହିନୀ ଧରି ଅତର୍କିତ ଭାବରେ ସାଲ୍ୱ ନରସିଂହଙ୍କ ଉପରେ ଆକ୍ରମଣ କଲେ । ସାଲ୍ୱ ବାହିନୀ ଯୁଦ୍ଧରେ ପରାସ୍ତ ହେଲେ ଓ ସାଲ୍ୱ ନରସିଂହ ବନ୍ଦୀ ହେଲେ । କ୍ଷମା ପ୍ରାର୍ଥନା ପୂର୍ବକ ସନ୍ଧି ସୂତ୍ରରେ ଆବଦ୍ଧ ହୋଇ ପୁରୁଷୋତ୍ତମ ଦେବଙ୍କୁ ଉଦୟଗିରି ରାଜ୍ୟ ଛାଡିଦେଲେ । ଏହା କାଞ୍ଚି-କାବେରୀ ଯୁଦ୍ଧ ନାମରେ ଇତିହାସରେ ଲିପିବଦ୍ଧ । କପିଳେନ୍ଦ୍ର ଦକ୍ଷିଣ ରାଜ୍ୟ ମାନଙ୍କରେ ଯୁଦ୍ଧ କରୁଥିବା ସମୟରେ ପୁରୁଷୋତ୍ତମ ଦେବ ତାଙ୍କ ସହିତ ଥିଲେ । ଏହି ସମୟରେ କାଞ୍ଚି ରାଜକନ୍ୟା ପଦ୍ମାବତୀଙ୍କ ସହ ସେ ପ୍ରଣୟ ସୂତ୍ରରେ ଆବଦ୍ଧ ହୋଇଥିଲେ ।

ବିବାହ ପ୍ରସଙ୍ଗ ଉଠିବାରୁ କାଞ୍ଚିରାଜା କହିଲେ, "ଓଡିଶାର ରାଜାମାନେ ଶ୍ରୀ ଜଗନ୍ନାଥଙ୍କ ସାମନାରେ ଚଣ୍ଡାଳ ଭଳି କାମ କରୁଛନ୍ତି, ଏଣୁ ଏ ବିବାହ ହୋଇ ପାରିବ ନାହିଁ" । ଏହାର ପ୍ରତିଶୋଧ ନେବା ପାଇଁ ବିଶାଳ ସୈନ୍ୟବାହିନୀ ସହିତ କାଞ୍ଚି ବିରୁଦ୍ଧରେ ଅଭିଯାନ ଆରମ୍ଭ କଲେ ପୁରୁଷୋତ୍ତମ । ଚିଲିକା କୂଳରେ ମାଣିକ ଗଉଡୁଣୀ ଠାରୁ ରତ୍ନ ମୁଦି ପାଇ ବୁଝିଲେ ଯେ ସ୍ୱୟଂ ଜଗନ୍ନାଥ ବଳଭଦ୍ର ତାଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଆଗରେ ସୈନ୍ୟ ବେଶରେ ଯାଉଛନ୍ତି । ପୁରୁଷୋତ୍ତମ ଦେବ କାଞ୍ଚି ବିଜୟ କରି ଜଣେ ପ୍ରକୃତ ଚଣ୍ଡାଳ ସହ ପଦ୍ମାବତୀଙ୍କର ବିବାହ କରାଇ ଦେବାର ମନସ୍ଥ କଲେ । ସେ ରଥଯାତ୍ରା ସମୟରେ ଛେରା ପହଁରା କରୁଥିବା ସମୟରେ ତାଙ୍କ ମନ୍ତ୍ରୀ ତାଙ୍କୁ ଶ୍ରେଷ୍ଠ ଚଣ୍ଡାଳ ବୋଲି ସମ୍ବୋଧନ କରି ପଦ୍ମାବତୀଙ୍କୁ ପତ୍ନୀ ଭାବରେ ଗ୍ରହଣ କରିବାକୁ ବାଧ୍ୟକଲେ । ପଦ୍ମାବତୀଙ୍କ ପ୍ରକୃତ ନାମ ରୁପାମ୍ବିକା । ସେହି ସମୟେ ସେ ବିଜୟନଗରରୁ ସାକ୍ଷୀଗୋପାଳ ମୂର୍ତ୍ତି, ଗୋଟିଏ ରତ୍ନ ସିଂହାସନ ଓ ଗୋଟିଏ ଗଣେଶ ମୂର୍ତ୍ତି ଘେନି ଆସିଥିବାର ଦେଖାଯାଏ ।

ଯୁଦ୍ଧକ୍ଷେତ୍ରରେ ବିଶେଷ କୃତିତ୍ୱ ଅର୍ଜନ କରିଥିବା ବୀର ରାଜାମାନଙ୍କ ନାମାନୁସାରେ ଗ୍ରାମ ମାନଙ୍କ ନାମ ପୂର୍ବରୁ ବୀର ଶବ୍ଦ ଯୁକ୍ତ ହୋଇଥିବାର ଜଣାଯାଏ - ବୀର ରାମଚନ୍ଦ୍ରପୁର, ବୀର

ପୁରୁଷୋତ୍ତମପୁର, ବୀର ନରସିଂହପୁର, ବୀର ପ୍ରତାପ ପୁର ଓ ବୀର ତୁଙ୍ଗ ଇତ୍ୟାଦି । ଆବୁଲ୍ ଫାଜଲ ଙ୍କ ବିବରଣୀ ଅନୁସାରେ, "ଓଡିଶାର ସ୍ଥାୟୀ ସୈନ୍ୟ ସଂଖ୍ୟା ଥିଲା ଲକ୍ଷେରୁ ଅଧିକ । ଏହାର ଗଜାରୋହୀ ବାହିନୀ ରଣକ୍ଷେତ୍ରରେ ଥିଲା ଦୁର୍ଦ୍ଧର୍ଷ । ଦରକାର ବେଳେ ଶୃଙ୍ଖଳିତ ଯୁଦ୍ଧ ବିଶାରଦ ଓଡିଆମାନେ ରଣକ୍ଷେତ୍ରକୁ ଲମ୍ଫ ପ୍ରଦାନ କରୁଥିଲେ" । ବାସ୍ତବରେ ମାତୃଭୂମିର ସୁରକ୍ଷାପାଇଁ ତଥା ସ୍ୱାଧୀନତା ରକ୍ଷା ନିମନ୍ତେ ଅକାତରରେ ଓଡିଆମାନେ ପ୍ରାଣବଳୀ ଦେଇ ଯାଇଛନ୍ତି ।

ବର୍ତ୍ତମାନ ସୁଦ୍ଧା ଅତୀତର ଗୌରବମୟ ଅସ୍ତିତ୍ୱ ଲୋପ ପାଇ ନାହିଁ । ଓଡିଆ ବୀର ମାନଙ୍କର ସେହି ଦୀର୍ଘକାୟ ବପୁ, ବାଘୁଆ ନିଶ, ସିଂହ ଠାଣି ଓ ଭୀମରଡି ଗ୍ରାମାଞ୍ଚଳ ପାଇକ ମାନଙ୍କ ଠାରେ ଦେଖିବାକୁ ମିଳେ । କପାଳରେ ସିନ୍ଦୂର କଲି ମାରି ଏବେ ବି ବୀର ଓଡିଆ ପାଇକ କୁହାଟ ମାରି ଆମ ଉଜ୍ଜ୍ୱଳ ଅତୀତକୁ ମନେ ପକାଇ ଦିଏ । ଏହି ବୀର ଓଡିଆ କ୍ଷତ୍ରିୟର ସନ୍ତକ ହେଉଛି 'ଖଣ୍ଡା' ବା 'କଟାରୀ' । ତାର ଆଖେଡାଘରର ଇଷ୍ଟ ଦେବତା ହେଉଛନ୍ତି ମହାବୀର ହନୁମାନ । ପାଇକାଳିଆ ଗ୍ରାମରେ ଗୋଟିଏ ପାଖରେ ଭାଗବତ ଟୁଙ୍ଗି ଅନ୍ୟ ପଟରେ ଆଖେଡାଘର; ଏସବୁ ସୂଚାଇ ଦିଏ ଏକ ଦିଗରେ ଶାନ୍ତି ଓ ଅନ୍ୟ ଦିଗରେ ଶକ୍ତିର ସାଧନା । ଏହା ସହିତ ବଂଶ ପରମ୍ପରା କ୍ରମେ ଚାଲିଆସିଛି ବୀରତ୍ୱ ନିଶାଣର ସାମରିକ ସମାଧି । ସେଗୁଡିକ ହେଲା - ରାଉତରାୟ, ବାଘସିଂହ, ପାଲଟାସିଂହ, ଝପଟ୍ ସିଂହ, ପାହାଡସିଂହ, ରଣସଂ, ଭୁଜବଳ, ପାଇକରାୟ, ମହାରଥୀ, ପର୍ଶ୍ଚିମକବାଟ, ଉତ୍ତରକବାଟ, ଦକ୍ଷିଣକବାଟ, ବାହିନୀପତି, ଚମ୍ପତିରାୟ, ମାନସିଂହ, ରାଏସିଂହ, ଶତ୍ରୁଶଲ୍ୟ, ମାନଧାତା, ଗଡନାୟକ, ପଦାତିକରାୟ, ସାହାଣୀ, ଡିଆଁବାଘ, ଗୁମାନସିଂହ ଆଦି ।

ଓଡିଶାରେ ମରହଟ୍ଟା ଶାସନକାଳରେ (୧୭୫୧ - ୧୮୦୩) ବର୍ଗୀମାନଙ୍କର ଅତ୍ୟାଚାର ଭୀଷଣ ଭାବରେ ବୃଦ୍ଧି ପାଇଥିଲା । ମରହଟ୍ଟା ଶାସକ ଓଡିଶାର ରାଜା ଜମିଦାରଙ୍କ ଉପରେ ଅଧିକ ପେସ୍‌କସ୍ ବା କର ବସାଇବାରେ ଲାଗିଲେ । ଏହାକୁ ଢେଙ୍କାନାଳର ତତ୍‌କାଳୀନ ରାଜା ତ୍ରିଲୋଚନ ସିଂହ ଭ୍ରମରରାୟଙ୍କ ସମେତ ଅନ୍ୟାନ୍ୟ ଗଡଜାତ ରାଜାମାନେ ମଧ୍ୟ ପ୍ରତିବାଦ କରିବାରେ ଲାଗିଲେ । କାରଣ ଓଡିଶାର ମରହଟ୍ଟା ଗଭର୍ଣ୍ଣର ରାଜାରାମ ପଣ୍ଡିତ (୧୭୭୮ - ୯୩) ଢେଙ୍କାନାଳ ରାଜ୍ୟ ଉପରେ ବାର୍ଷିକ ୬୦, ୦୦୦ କାହାଣ କଉଡି ପେସ୍‌କସ୍ ବସାଇଥିଲେ । ତ୍ରିଲୋଚନ ସିଂହ ଏହି ପେସକସ୍ ଦେବାକୁ ମନା କରି ଦେବାରୁ ମରହଟ୍ଟାମାନେ ୧୭୮୦ ମସିହାରେ ଢେଙ୍କାନାଳ ଆକ୍ରମଣ କଲେ । ରାଜାରାମଙ୍କ ହାତରେ ଥିଲେ ୩୦, ୦୦୦ ରୁ ୪୦, ୦୦୦ ସୈନ୍ୟ । ଢେଙ୍କାନାଳ ରାଜା ତ୍ରିଲୋଚନ ସିଂହ ଭ୍ରମରବରଙ୍କ ହାତରେ ଥିଲେ ୧୦,୦୦୦ ସ୍ଥାନୀୟ ପାଇକ ସୈନ୍ୟ, ୧୮୦୦ ତେଲୁଗୁ ଓ ୫୦୦ ନାଗା ସୈନ୍ୟ । ଏହି ଯୁଦ୍ଧ ୧୭୮୦ ମସିହା ମେ ମାସରେ ଅନୁଷ୍ଠିତ ହୋଇଥିଲା । ଢେଙ୍କାନାଳ ସୈନ୍ୟବାହିନୀରେ ଯୋଗଦେଇଥିବା ପାଇକମାନେ ହେଲେ ପରଜଙ୍ଗ, ମେରାମୁଣ୍ଡଳୀ, ନିହାଲପ୍ରସାଦ, ଭାପୁର, ବଲରାମପୁର ଓ ଛ ଦେଶ ଅଞ୍ଚଳ ତଥା ଢେଙ୍କାନାଳ ରାଜ୍ୟର । ଏହି ସୈନ୍ୟବାହିନୀ ସ୍ଥାନୀୟ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ୩୦ ପ୍ରକାର ଅସ୍ତ୍ର-ଶସ୍ତ୍ର ଧାରଣ କରି ବିପୁଳ ମରହଟ୍ଟା ବାହିନୀ ସହିତ ଯୁଦ୍ଧ କରିଥିଲେ । ଢେଙ୍କାନାଳ ସୈନ୍ୟବାହିନୀଙ୍କ ବ୍ୟବହୃତ ଅସ୍ତ୍ର-ଶସ୍ତ୍ର ଗୁଡିକର ନାମ ହେଲା - ଗୁପ୍ତି, ଫାରଶା, ଟାଙ୍ଗି, କଟାରୀ, ଚକ୍ର, ଛେରା, ବାଡି ବନ୍ଧୁକ, ଭାଲା, ବଲମ, ବର୍ଛା, ଚଡକ ନଳୀ, କରବାର, ପଟା (Gauntlet), ଧୂପ (One-edged sword), ଖଡଗ (Double-edged sword), ଜଲାଲ, ଘସା ଓ ଢାଲ ଇତ୍ୟାଦି ସମେତ ଡମ୍ଫ ନାଗର, ନାଗରା, ମହୁରି ଓ ଢୋଲ ଆଦି ରଣବାଦ୍ୟ । ଢେଙ୍କାନାଳ ରାଜାଙ୍କର ମରହଟ୍ଟା ସୈନ୍ୟ ମାନଙ୍କ ସହ ୧୮ଦିନ ଯୁଦ୍ଧ ଅନୁଷ୍ଠିତ ହୋଇଥିଲା । ଶେଷରେ ମରହଟ୍ଟା ମାନଙ୍କର ହଜାର ହଜାର ସୈନ୍ୟଙ୍କୁ ନିପାତକରି ଢେଙ୍କାନାଳ ରାଜା ତ୍ରିଲୋଚନ ସିଂହ ବିଜୟ ଲାଭ କରି ପୁରୀ ଗଜପତିଙ୍କ ଠାରୁ 'ମହେନ୍ଦ୍ର ବାହାଦୁର' ଉପାଧି ପ୍ରାପ୍ତ ହୋଇଥିଲେ । ଢେଙ୍କାନାଳ ମରହଟ୍ଟା ଯୁଦ୍ଧପରେ ଚିରଦିନ ପାଇଁ ମରହଟ୍ଟାମାନେ ଓଡିଶାରୁ ବିଦାୟ ନେଇଥିଲେ ।

ଏହାପରେ ୧୮୦୩ ମସିହାରେ ଇଂରେଜମାନେ ଓଡିଶାର ଶାସନ ଦାୟିତ୍ୱ ମରହଟ୍ଟା ମାନଙ୍କଠାରୁ ଗ୍ରହଣ କଲେ । ଓଡିଶାର ସ୍ୱାଧୀନତା ରକ୍ଷା କରିବା ଉଦ୍ଦେଶ୍ୟରେ ବ୍ରିଟିଶ୍ ସରକାର ବିରୁଦ୍ଧରେ ପ୍ରଥମ ସଂଗ୍ରାମ ଦେଖାଦେଲା । ୧୮୦୪ ମସିହାରେ ଜୟୀ ରାଜଗୁରୁ ହେଲେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ପ୍ରଥମ ବିଦ୍ରୋହୀ । ବ୍ରିଟିଶ୍ ସରକାର ତାଙ୍କ ଉପରେ ନିର୍ମମ ଅତ୍ୟାଚାର କରି ତାଙ୍କୁ ଚରିତ୍ରହୀନ ଓ ଦେଶଦ୍ରୋହୀ ଭାବରେ ଚିତ୍ରଣ କରି ୧୮୦୫ ମସିହାର ପ୍ରଥମ ଭାଗରେ ମେଦିନୀପୁରର ଏକ ପ୍ରକାଶ୍ୟ ସ୍ଥାନରେ ଗୋଟିଏ ବରଗଛ ଡାଳରେ ଅତ୍ୟନ୍ତ ନିର୍ମମ ଭାବରେ ପ୍ରାଣଦଣ୍ଡ ଦେଇଥିଲା । ହେଲେ ଆଜୀବନ ବ୍ରହ୍ମଚାରୀ, ଜାତୀୟ ଜୀବନର ପଥ ପ୍ରଦର୍ଶକ ପଣ୍ଡିତ ପ୍ରବର ଜୟକୃଷ୍ଣ ରାଜଗୁରୁ ମହାପାତ୍ର ଓଡିଆ ଜାତି ନିମନ୍ତେ ନିଜର ପ୍ରତି ରକ୍ତବିନ୍ଦୁ ଦାନ କରି ଆମ ପାଇଁ ରଖି ଯାଇଛନ୍ତି କେବଳ ଆଦର୍ଶ । ତାଙ୍କର ବୀରତ୍ୱ, ସ୍ୱାଭିମାନ ଓଡିଆ ଜାତିର ଗର୍ବ, ଗୌରବ ରୂପେ ପରିଗଣିତ ।

୧୮୦୪-୧୮୨୫ ପର୍ଯ୍ୟନ୍ତ ଉଷ୍ଣରକ୍ତା ଓଡିଆ ପାଇକମାନେ ବ୍ରିଟିଶ୍ ସରକାର ବିରୁଦ୍ଧରେ ବିଦ୍ରୋହ କରିଥିଲେ । ଏହାକୁ କୁହାଯାଏ ପାଇକ ବିଦ୍ରୋହ । ଖୋର୍ଦ୍ଧା ପାଇକ ବିଦ୍ରୋହ ଦୁଇ ଭାଗରେ ବିଭକ୍ତ । (୧) ୧୮୦୪ର ବିଦ୍ରୋହ ଏବଂ (୨) ୧୮୧୭ର ବିଦ୍ରୋହ । ୧୮୦୪ରେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଏବଂ ୧୮୧୭ରେ ବକ୍‌ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ହୋଇଥିଲା ଖୋର୍ଦ୍ଧା ପାଇକ ବିଦ୍ରୋହ ଇଂରେଜ ଶାସକ ମାନଙ୍କ ଆଖି ଖୋଲି ଦେଇଥିଲା । ଫଳରେ ସେମାନେ ରଣକୁଶଳୀ ଓଡିଆ ପାଇକମାନଙ୍କର ବୃତ୍ତିକୁ ସମୂଳେ ଧ୍ୱଂସ କରିଦେବା ପାଇଁ ଚେଷ୍ଟା କରିବାରେ ଲାଗିଲେ । 'ପାଇକ ବିଦ୍ରୋହ' ପରେ ଇଂରେଜ ସରକାର

ଆଦେଶ ଜାରିକଲେ ଯେ, ଓଡ଼ିଆ ମାନଙ୍କୁ ସୈନ୍ୟ ବିଭାଗରେ ଗ୍ରହଣ କରାଯିବ ନାହିଁ । ବିଦ୍ରୋହ ଶାନ୍ତ ହେବା ପରେ ବିଦ୍ରୋହୀ ମାନଙ୍କର ବିଚାର ନିଜାମତ୍ ଅଦାଲତରେ ହୋଇଥିଲା । ଏହି ବିଚାରରେ ସାତଜଣଙ୍କୁ ମୃତ୍ୟୁଦଣ୍ଡ, ବାମଦେବ ପାଟ୍ଟଯୋଶୀ ଓ ନାରାୟଣ ପରମଗୁରୁଙ୍କୁ ଆଲିପୁର ଜେଲ୍‌ରେ ଯାବଜ୍ଜୀବନ ସଶ୍ରମ କାରାଦଣ୍ଡ, ନଅ ଜଣ ବିଦ୍ରୋହୀଙ୍କୁ ୧୪ ବର୍ଷ ଲେଖାଏଁ ଓ ୨୫ ଜଣଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥାନାନ୍ତର କାରାବାସ, ୩୦ ଜଣଙ୍କୁ ଯାବଜ୍ଜୀବନ କାରାବାସ ଓ ୧୦୩ ଜଣଙ୍କୁ ଦ୍ୱୀପାନ୍ତରରେ ଯାବଜ୍ଜୀବନ କାରାବାସ ଦଣ୍ଡ ପ୍ରଦାନ କରାଯାଇଥିଲା । ଏହି ବିଚାର ୧୮୧୭ ରୁ ୧୮୧୯ ପର୍ଯ୍ୟନ୍ତ ଚାଲିଥିଲା । ଓଡ଼ିଆ ବୀର ପାଇକମାନେ ଦେତେ ଦୁର୍ଦ୍ଧର୍ଷ ଓ ସ୍ୱାଭିମାନୀ ଥିଲେ ବ୍ରିଟିଶ୍ ସରକାର ହୃଦେ ହୃଦେ ଅନୁଭବ କରିଥିଲା ।

ବକ୍‌ସି ଜଗବନ୍ଧୁ ଥିଲେ ପାଇକ ବିଦ୍ରୋହର ନେତା । ଖୋରଧା ଗଜପତି ରାଜାଙ୍କ ପ୍ରଧାନ ସେନାପତିଙ୍କ ଉପାଧି ହେଉଛି ବକ୍‌ସି । ପୁରୀ ଜିଲ୍ଲା ରୋଡଙ୍ଗ କିଲ୍ଲା ତାଙ୍କୁ ଜାଗିରି ସ୍ୱରୂପ ମିଳିଥିଲା । ତାଙ୍କର ଏହି ଜାଗିରି ନିଲାମ ହୋଇଯିବାରୁ ସେ ବ୍ରିଟିଶ୍ କମିଶନରଙ୍କ ପାଖରେ ଆପତ୍ତି ଜଣାଇଲେ । ହେଲେ ଇଂରେଜ ସାହେବ ତାଙ୍କୁ  ମକଦମା କରିବାକୁ ଉପଦେଶ ଦେଲେ । ଫଳରେ ନିଃସମ୍ବଳ ବକ୍‌ସି ଜଗବନ୍ଧୁ ଇଂରେଜ ସରକାର ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଦେଲେ । ଦୀର୍ଘ ଦିନ ଧରି ଇଂରେଜ ସରକାର ସହ ଛକା ପଞ୍ଝା ଖେଳି ଶେଷରେ ସମ୍ମାନଜନକ ସର୍ତ୍ତରେ ଧରାପଡ଼ିଲେ । ତାଙ୍କୁ କଟକରେ ମାସିକ ୧୫୦ ଟଙ୍କା ଭତ୍ତା ଦେଇ ରଖାଗଲା । ୧୯୨୯ ମସିହାରେ ସେ କଟକ ସହରରେ ପ୍ରାଣ ତ୍ୟାଗ କଲେ । କଟକରେ ଯେଉଁ ସ୍ଥାନରେ ସେ ରହୁଥିଲେ, ତାହା ଆଜି ବକ୍‌ସି ବଜାର ନାମରେ ନାମିତ । ସେ ମୃତ୍ୟୁ ମୁଖରେ ପଡ଼ିଲେ ମଧ୍ୟ ଇଂରେଜ ସରକାର ପାଖରେ ମୁଣ୍ଡ ନୁଆଇଁ ନଥିଲେ । ସେ ଥିଲେ ସ୍ୱାଭିମାନୀ ବୀର ଓଡ଼ିଆ ।

ଏହାପରେ ଆମ ଆଖିରେ ନାଚି ଉଠେ ଓଡ଼ିଶାର ଗଡଜାତ ଆନ୍ଦୋଳନର କଥା । ଦେଶୀୟ ରାଜାମାନେ ବ୍ରିଟିଶ୍ ସରକାର ଛତ୍ରଛାୟା ତଳେ ଚଳାଉଥିଲେ ପ୍ରଜାମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର । ବେଠି, ବେଗାରୀ, ଭେଟି, ରସଦ, ମାଗଣ ଆଦିର ଶିକାର ହେଉଥିଲେ ପ୍ରଜାକୁଳ । ରାଜା ମହାରାଜା ମାନଙ୍କୁ ସାହାଯ୍ୟ କରୁଥିଲେ ବ୍ରିଟିଶ୍ ସରକାର । ବେଠି ଥିଲା ବିଭିନ୍ନ ପ୍ରକାରର - ରଥ ବେଠି, ଦଶହରା ବେଠି ଓ ଭେଟି, ସଡକ ବେଠି, ପହରାପାଳି ବେଠି, ଘର ଛପର ବେଠି, ଶିକାର ଆଦି ଅନେକ ରକମର ବେଠି । ଫଳରେ ଲୋକ ବିଦ୍ରୋହୀ ହୋଇ ଉଠିଲେ । ଗଠିତ ହେଲା 'ପ୍ରଜା ମଣ୍ଡଳ' । ପ୍ରଜା ମଣ୍ଡଳର ନେତାମାନେ ରାଜତନ୍ତ୍ର ବିରୁଦ୍ଧରେ ସଂଗ୍ରାମ ଚଳାଇଲେ । ୧୯୩୮ ମସିହା ସେପ୍ଟେମ୍ବର ୧୧ ତାରିଖ ଦିନ ଢେଙ୍କାନାଳ ପ୍ରଜାମଣ୍ଡଳ କର୍ମକର୍ତ୍ତାଙ୍କୁ ଢେଙ୍କାନାଳ ରାଜା ଶଙ୍କର ପ୍ରତାପ ଗିରଫ କରିନେଲେ । ଫଳରେ ରାଜ୍ୟର ହଜାର ହଜାର ଲୋକ ମାଡ଼ି ଆସିଲେ ଢେଙ୍କାନାଳ ଗଡର ରାଜାର ଉଆସକୁ ଟିକି ଟିକି କରି ଭାଙ୍ଗି ଚୂରମାର କରିଦେବା ପାଇଁ । 'ମହାତ୍ମା ଗାନ୍ଧୀକି ଜୟ', 'ପ୍ରଜା ମଣ୍ଡଳର ଜୟ' ଧ୍ୱନିରେ ଢେଙ୍କାନାଳ ଗଡ କମ୍ପୁଥାଏ । ଢେଙ୍କାନାଳ ଗଣ ଆନ୍ଦୋଳନ ଏପରି ରୂପ ନେଲା ଯେ, ରାଜା ସାଲିସର ବାଟ ଖୋଜିଲେ । ପ୍ରଜା ମଣ୍ଡଳର ସର୍ତ୍ତ ଅନୁଯାୟୀ କର୍ମକର୍ତ୍ତାମାନେ ବିନା ସର୍ତ୍ତରେ ଖଲାସ ହେଲେ ସେପ୍ଟେମ୍ବର ୧୨ ତାରିଖ ଦିନ । ହେଲେ ରାଜା ଶଙ୍କର ପ୍ରତାପ ପଲିଟିକାଲ ଏଜେଣ୍ଟ ମେଜର ବେଜେଲ୍‌ଗେଟ୍‌କୁ ଅନୁରୋଧ କଲେ ଆସି ପ୍ରଜାମଣ୍ଡଳ ଦାବି ଉପରେ ଆଲୋଚନା କରିବା ପାଇଁ । ହେଲେ ଏହା ଥିଲା ଏକ ବାହାନା । ଅସଲରେ ବେଜେଲ୍‌ଗେଟ୍ ଆସିଥିଲେ ଆନ୍ଦୋଳନକୁ ଦବାଇ ପ୍ରଜାମାନଙ୍କୁ ଜବତ କରିବା ପାଇଁ । ସେହି ମାସ ୨୦ ତାରିଖରେ ଢେଙ୍କାନାଳରେ ଆସି ପହଞ୍ଚିଲେ ଗୋରା ପଲଟଣ, ଡୋଗ୍ରା, ପଞ୍ଜାବୀ, ହାଇଦରାବାଦୀ ପଲଟଣ । ଏମାନଙ୍କ ସହ ମିଶିଲେ ଢେଙ୍କାନାଳର ପୋଲିସ୍ ବାହିନୀ । ଦମନଲୀଳା ଚାଲିଲା ପ୍ରଜା ମାନଙ୍କ ଉପରେ । ପ୍ରଜା ଆନ୍ଦୋଳନ ଉଗ୍ର ରୂପ ଧାରଣ କଲା । ଲୋକେ କପିଳାସ ଠେଙ୍ଗା, ଧନୁତୀର, ବର୍ଚ୍ଛା, ଖଣ୍ଡା ଧରିଲେ । ନାରୀମାନେ ଧରିଲେ ପନିକି, ପିଠା ପାତିଆ ଆଦି ଅସ୍ତ୍ର । ଘୋର ସଂଗ୍ରାମ ହେଲା ବ୍ରିଟିଶ୍ ଫଉଜ - ଢେଙ୍କାନାଳ ବୀର ପ୍ରଜା ମାନଙ୍କ ମଧ୍ୟରେ । ଅକ୍ଟୋବର ୧୦ ତାରିଖ ରାତ୍ରୀରେ ଫଉଜମାନଙ୍କୁ ବିରୋଧ କରି ବାର ବରଷର ବାଳକ ବୀର ବାଜି ରାଉତ ବ୍ରିଟିଶ୍ ଫଉଜ-ଢେଙ୍କାନାଳ ରାଜା ପୋଲିସ୍ ଦ୍ୱାରା ଗୁଳିକାଣ୍ଡରେ ସବୁଦିନ ପାଇଁ ବିଦାୟ ନେଇ ଢେଙ୍କାନାଳରେ ବୀରତ୍ୱ ବଜାୟ ରଖିଲା । ତା' ସହିତ ସେହିଦିନ ବ୍ରାହ୍ମଣୀ ନଦୀଘାଟ ନୀଳକଣ୍ଠପୁର ଠାରେ ଅନ୍ୟ ଛ'ଜଣ ବୀର ପ୍ରଜା ଗୁଳିକାଣ୍ଡରେ ମୃତ୍ୟୁବରଣ କରିଥିଲେ ।

ଏତିକିରେ ଢେଙ୍କାନାଳ ଗୁଳିକାଣ୍ଡ ପ୍ରଶମିତ ହେଲାନାହିଁ । ବୀର ବୈଷ୍ଣବ ପଟ୍ଟନାୟକଙ୍କର ନେତୃତ୍ୱରେ ଆଠ ହଜାର ବିପ୍ଳବୀ ୩୦ଟି ବନ୍ଧୁକ, ୧୫ଟି ରାଇଫଲ୍, ବହୁ ପରିମାଣର ଖଣ୍ଡା, ଶାବଳ ଓ କପିଳାସ ଠେଙ୍ଗା ଧରି ପଟୁଆରରେ ବାହାରି ପଡ଼ିଲେ । ଗୋରା ଫଉଜ-ରାଜା ପୋଲିସ୍ ସହ ଦିନ ଦିନ ଧରି ଆକ୍ରମଣ ଓ ପ୍ରତି ଆକ୍ରମଣ । ବହୁ ସଂଖ୍ୟାରେ ବିପ୍ଳବୀ ଆତ୍ମବଳିଦାନ କଲେ । ତଥାପି ବିଦ୍ରୋହ ଚାଲିଥାଏ । ଶେଷରେ ଢେଙ୍କାନାଳ ରାଜା ଘୋଷଣା କଲେ ବୈଷ୍ଣବ ପଟ୍ଟନାୟକ ଶବ ଆଣି ଦେଲେ ମିଳିବ ପାଞ୍ଚ ହଜାର ଟଙ୍କା ପୁରସ୍କାର !

ବ୍ରିଟିଶ୍ ସରକାରର ସେବକ ନୃଶଂସ ବେଜଲଗେଟ୍ ରଣପୁର ରାଜ୍ୟର ପ୍ରଜାମେଳି ଓ ବିଦ୍ରୋହକୁ ଦମନ କରିବା ପାଇଁ ୧୯୩୯ ମସିହା ଜାନୁଆରୀ ମାସରେ ଆସି ପହଞ୍ଚିଲେ ରଣପୁର ଗଡଜାତ ରାଜ୍ୟରେ । ସେହିଦିନ ରଣପୁର ବଡ ଦାଣ୍ଡରେ ହଜାର ହଜାର ପ୍ରଜା ଉପସ୍ଥିତ ହୋଇ ଥାଆନ୍ତି ରାଜାର ଅତ୍ୟାଚାର ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ । ରଣପୁର ପ୍ରଜାମଣ୍ଡଳ ସମ୍ପାଦକ ରଘୁନାଥ ମହାନ୍ତି ଓ ସଂଗଠନ ସମ୍ପାଦକ ବିଦ୍ରୋହୀ ଦିବାକର ପରିଡା ରାଜବାଟୀ ସମ୍ମୁଖରେ ପ୍ରଜାଙ୍କ ମେଳରେ ଦେବାନ୍ ଚଣ୍ଡେଶ୍ୱର ମିଶ୍ରଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଥିଲେ ଆଲୋଚନାରତ । ହଠାତ୍ ଉତ୍ୟକ୍ତ ଜନତାଙ୍କ ମଧ୍ୟରେ

ଏକ ଆନ୍ଦୋଳନ ସୃଷ୍ଟି ହେଲା । ପ୍ରଜାମାନେ ଦେଖିଲେ ଗୋଟିଏ ଶଗଡରେ କେତୋଟି ରକ୍ତାକ୍ତ ଶରୀର ଲଦାହୋଇଛି ଏବଂ କେତେଜଣ ବ୍ୟକ୍ତି ସେହି ଶଗଡଟିକୁ ଟାଣି ଟାଣି ଆଣୁଛନ୍ତି । ପ୍ରଜାମାନେ ଜାଣିଲେ ଉତ୍ୟକ୍ତ ଲୋକଙ୍କ ଉପରେ ବେଜେଲଗେଟ୍ ଲୋଧୁଆ ଠାରେ ଭୋବନି ପୃଷ୍ଟି ଓ କାଶୀ ରାଉତଙ୍କ ଉପରକୁ ଗୁଳିକରି ଅବସ୍ଥା ସଙ୍କଟାପନ୍ନ କରିଦେଇଛନ୍ତି । ପ୍ରଜାମାନେ ଏହି ଶଗଡଟିକୁ ଧରି ଟାଙ୍ଗୀ ଆଡକୁ ଚାଲିଲେ ଗୁଳିବିଦ୍ଧ ପ୍ରଜାମାନଙ୍କ ଚିକିତ୍ସା ନିମନ୍ତେ । ଶଗଡ ଚାଲିଛି । ବେଜେଲଗେଟ୍ ଶଗଡ ଆଗରେ ଠିଆ ହୋଇ ଶଗଡକୁ ଆଗକୁ ଯିବା ନିମନ୍ତେ ମନାକଲେ । ହେଲେ ପ୍ରଜା ମାନଙ୍କର ଏକା ଜିଦ୍ - ଶଗଡ ଯିବ ହିଁ ଯିବ - ବେଜେଲଗେଟ୍ଙ୍କର ନାହିଁ, ନାହିଁ । ବେଜେଲଗେଟ୍ ଭୟରେ ଛାନିଆ ହୋଇ ଆତ୍ମରକ୍ଷା ପାଇଁ ନିଜ ରିଭଲଭରରୁ ଗୁଳି ଚଳାଇଲେ । ଗୁଳିମାଡରେ ମୟୂରଝାଲିଆର ଯୁବକ ଅର୍ଜୁନ ରାଉତ ସେଇଠି ଟଳି ପଡିଲା । ଲୋକେ ରାଗରେ ପାଚିଗଲେ । ସାହେବ ଉପରକୁ ଟେକା ପଥର ମାଡ କଲେ । ବିଚରା ବେଜେଲଗେଟ୍ ପ୍ରାଣ ଭୟରେ ଗୋଟିଏ ଘରର ବାରଣ୍ଡା ଉପରକୁ ଉଠିଲେ । ସେଇ ପିଣ୍ଡାରେ ଡେରା ହୋଇଥିଲା ଶଗଡ ଚକ । ତା'ର ଆର ପାଖରେ ଲୁଚି ରହିଥିଲେ ବେଜେଲଗେଟ୍ ଆତ୍ମରକ୍ଷା ଉଦ୍ଦେଶ୍ୟରେ । ବେଜେଲଗେଟ୍ ଆର ପାଖକୁ ଯାଇ ନପାରି ଦୁଇ ଅର ମଝିରେ ଥିବାଫାଙ୍କ ସ୍ଥାନରେ ନିଜ ମୁଣ୍ଡଟିକୁ ଭର୍ତ୍ତିକରିଦେଲେ, ଏହି ସମୟରେ ପ୍ରଜାମାନେ ଚାଳରୁ ରୁଅ ଟାଣି ଆଣି ବେଜେଲଗେଟ୍କୁ ନିଷ୍ଠୁର ପ୍ରହାର କଲେ । ଛେଚିଲେ ଅଦା ଛେଚିବା ପରି । ଶେଷରେ ବେଜେଲଗେଟ୍ ଗଁ ଗଁ ଶବ୍ଦ କରି ଛଟପଟ ହୋଇ ନିସ୍ତେଜ ହୋଇ ପଡିଗଲେ । ସେଇଠି ମୃତ୍ୟୁ ହୋଇଗଲା ବେଜେଲଗେଟ୍ଙ୍କର । ଏହା ଥିଲା ବୀର ଓଡିଆମାନଙ୍କର ପରାକ୍ରମ । ଏହି ବେଜଲଗେଟ୍ ଯୋଗୁ ଢେଙ୍କାନାଳର ବାରବର୍ଷର ବାଜି ରାଉତ ସମେତ ଅନ୍ୟ ଛଅ ଜଣ ବ୍ରାହ୍ମଣୀ ନଦୀ କୂଳରେ ଗୁଳିମାଡରେ ସହିଦ ହୋଇଥିଲେ ।

କଳିଙ୍ଗବୀର ବିଜୁ ପଟ୍ଟନାୟକଙ୍କ ବୀରତ୍ୱ, ସାହସିକତା ଓ ଉଦାରପଣ କଳିଙ୍ଗବାସୀଙ୍କୁ ଚିରଦିନ ଧନ୍ୟ ଧନ୍ୟ କରି ରଖିବ, ଏଥିରେ ସନ୍ଦେହ ନାହିଁ । ୧୯୩୪ ମସିହାରେ ରେଭେନ୍ସା କଲେଜରେ ବି.ଏସ୍.ସି. ଅଧ୍ୟୟନ କରୁଥିବା ବେଳେ ବିଜୁ ପଟ୍ଟନାୟକ ପାଠପଢା ଛାଡି ରୟାଲ୍ ଇଣ୍ଡିଆନ୍ ଏୟାର ଫୋର୍ସରେ ଚାକିରି କଲେ । ତା'ପରେ ଭାରତୀୟ ଜାତୀୟ ବିମାନ ସଂଚାଳନ ସଂସ୍ଥାରେ ଯୋଗଦାନ କଲେ । ସେ ଗୋରା ସରକାର ଅଧୀନରେ ଚାକିରି କରୁଥିଲେ ହେଁ ଗୋରା ସରକାର ବିରୁଦ୍ଧରେ ଲଢିବାକୁ ଚାହୁଁଥିଲେ । ସେ ଥିଲେ ଜଣେ ଦକ୍ଷ ପାଇଲଟ୍ । ସେହି ସମୟରେ ଜୟପ୍ରକାଶ ନାରାୟଣ ଥାଆନ୍ତି ବଡ ବିପ୍ଳବୀ । ତାଙ୍କ ନାମରେ ବ୍ରିଟିଶ୍ ସରକାର ହୁଲିଆ ଜାରି କରିଥାଏ । ସେ ବିଜୁ ପଟ୍ଟନାୟକଙ୍କୁ ଭେଟି ସାହାଯ୍ୟପ୍ରାର୍ଥୀ ହେଲେ । ଜୟ ପ୍ରକାଶଙ୍କ ଠାରୁ ସମସ୍ତ ବିଷୟ ଶୁଣି ବିଜୁବାବୁ ନିଜକୁ ଧିକ୍କାର କରି ଚାକିରି ଛାଡି ଦେବାପାଇଁ ଠିକ୍ କଲେ । ହେଲେ ଜୟ ପ୍ରକାଶ ତାଙ୍କୁ ବାରଣ କରି କହିଲେ, ଚାକିରିରେ ଥାଇ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସାହାଯ୍ୟ କର ।

ବିଜୁବାବୁ ଛଦ୍ମବେଶ ଓ ଛଦ୍ମନାମ ଧାରଣକରି ନିଜ ବିମାନରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନେବା ଆଣିବା କଲେ । ଏହା ଫଳରେ ସ୍ୱାଧୀନତା ସଂଗ୍ରାମୀମାନେ ବିଶେଷ ଉପକୃତ ହେଲେ । ଭାରତୀୟ ଜାତୀୟ କଂଗ୍ରେସ ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରକାଶ କରିଥିବା ପ୍ରଚାର ପତ୍ରକୁ ନିଜ ବିମାନରେ ନେଇ ତଳକୁ ପକାଇଥିଲେ । ତାଙ୍କର ଏହି କଥା ଲୁଚି ରହିଲା ନାହିଁ । ୧୯୪୩ ମସିହା ଜାନୁଆରୀ ୧୩ ତାରିଖରେ ସେ ଧରାପଡି ଦିଲ୍ଲୀରେ ଗିରଫ ହେଲେ । ହାତରେ କଡି, ଗୋଡରେ ବେଡି ଦେଇ ତାଙ୍କୁ ଚଲାଇ ଚଲାଇ ଦିଲ୍ଲୀ ରାଜପଥରେ ନିଆଗଲା । ଲୋକେ ତାଙ୍କର ପରିଚୟ ପାଇଲେ । ପ୍ରଥମେ ତାଙ୍କୁ ଦିଲ୍ଲୀର ଲାଲକିଲା ଦୁର୍ଗ ଜେଲରେ ଓ ପରେ ଫିରୋଜପୁର ଜେଲ୍କୁ ନିଆଗଲା । ସେଠାରେ କିଛି ଦିନ ରହିବା ପରେ ତାଙ୍କୁ କଟକ ଜେଲ୍କୁ ଅଣାଗଲା । ୧୯୪୫ ମସିହାରେ ସେ ଏହି କଟକ ଜେଲ୍ରୁ ଖଲାସ୍ ହେଲେ । ୧୯୪୬ ସମିହାରେ ବିଧାନ ସଭା ନିର୍ବାଚନରେ ସେ ପ୍ରାର୍ଥୀ ହୋଇ କଂଗ୍ରେସ ଦଳର ବିଧାୟକ ହେଲେ ଚୌଦ୍ୱାର ନିର୍ବାଚନ ମଣ୍ଡଳୀରୁ ।

୧୯୪୭ ମସିହା ଭାରତ ସ୍ୱାଧୀନ ହୋଇ ନଥାଏ । ନୂଆ ଦିଲ୍ଲୀଠାରେ ବସିଥାଏ ଗୋଟିଏ ସଭା । ଏହି ସଭାରେ ଦକ୍ଷିଣ ଏସିଆ ଓ ଆଫ୍ରିକାର ବହୁ ପ୍ରତିନିଧି ଯୋଗ ଦେଇଥିଲେ । ଆଜିର ନେତା ଆସନ୍ତାକାଲି ସରକାର ଗଢିବେ, ଏହି ବିଷୟରେ ଆଲୋଚନା ହେଉଥାଏ । ଜବାହାରଲାଲ ପ୍ରତିନିଧି ମାନଙ୍କୁ ଭଲମନ୍ଦ କଥା ପଚାରୁ ଥାଆନ୍ତି । ତାଙ୍କ ପଛରେ ଥାଆନ୍ତି ବିଜୁ ପଟ୍ଟନାୟକ । ଇଣ୍ଡୋନେସିଆ ପ୍ରତିନିଧିଙ୍କ ପାଖରେ ନେହେରୁ ଟିକିଏ ରହିଗଲେ । ସେହି ପ୍ରତିନିଧି ନେହେରୁଙ୍କୁ ପଚାରିଲେ, "ଡଚ୍ କବଳରୁ ତାଙ୍କ ନେତା ସୁଲତାନ ସାରିଅର କେମିତି ରକ୍ଷା ପାଇବେ? ଏଥିପାଇଁ ଆପଣ ସାହାଯ୍ୟ କରନ୍ତୁ ।" ଏ କଥା ଶୁଣି ନେହେରୁ କିଛି ନକହି ପଛ ଆଡକୁ ବୁଲିପଡି ବିଜୁବାବୁଙ୍କ ଆଡକୁ ଚାହିଁଦେଲେ । ସଙ୍ଗେସଙ୍ଗେ ନେହେରୁ ଇଣ୍ଡୋନେସିଆ ପ୍ରତିନିଧିଙ୍କୁ କହିଲେ, "ଏଇଠି ଜଣେ ପାଇଲଟ୍ ଅଛନ୍ତି, ତାଙ୍କୁ ପଚାରନ୍ତୁ, ସେ ଯଦି ପାରିବେ!" ତାଙ୍କୁ ଏତିକି କହିସାରି ବିଜୁବାବୁଙ୍କୁ କହିଲେ, "ତାଙ୍କୁ ଟିକିଏ ସାହାଯ୍ୟ କର ।"

ଏହା ପରେ ବିଜୁବାବୁ ଓ ନେହେରୁଙ୍କ ମଧ୍ୟରେ କଥାବାର୍ତ୍ତା ଓ ଆଲୋଚନା ହେଲା । ନେହେରୁ କହିଲେ, "ବିଜୁ! ମୁଁ ଶୁଣିଛି ଇଣ୍ଡୋନେସିଆର ନେତା ସୁକର୍ଣ୍ଣ ଜଣେ ଜାପାନ ଦଲାଲ । ଏହା ସତ କି ମିଛ ମୋତେ ବୁଝିକରି କହିବ" । ବୀର ସାହାସୀ ବିଜୁବାବୁ ଗୋଟିଏ ଡାକୋଟା ବିମାନ ନେଇ ଇଣ୍ଡୋନେସିଆ ବାହାରି ପଡିଲେ । ସାଙ୍ଗରେ ପତ୍ନୀ ଜ୍ଞାନ ପଟ୍ଟନାୟକ । ସେତେବେଳେ ଇଣ୍ଡୋନେସିଆ ସହିତ ଭାରତର ସୁସମ୍ପର୍କ ଥିଲା । ବିଜୁବାବୁ ଯାଇ ଇଣ୍ଡୋନେସିଆ ବିମାନବାହିନୀର ମୁଖ୍ୟ ମାର୍ଶାଲ ଶୁଦ୍ଧ ବର୍ମାଙ୍କୁ ଭେଟିଲେ । ୧୯୪୭

ମସିହା ଜୁଲାଇ ୨୨ ତାରିଖ । ପ୍ରବଳ ବର୍ଷା । ବିଜୁବାବୁ ସେଦିନ ସୁମାତ୍ରାର ଗୋଟିଏ ଘାଟିରେ ସୁକର୍ଣ୍ଣଙ୍କୁ ଭେଟିଲେ । ସେତେବେଳକୁ ସୁକର୍ଣ୍ଣଙ୍କ ପତ୍ନୀ ଗର୍ଭଯନ୍ତ୍ରଣା ଭୋଗୁଥାଆନ୍ତି । ତାପରେ ତାଙ୍କର କନ୍ୟାଟିଏ ଜନ୍ମ ହେଲା । ସୁକର୍ଣ୍ଣ ବିଜୁବାବୁଙ୍କୁ କହିଲେ, ମୋ ଝିଅର ଗୋଟିଏ ଭଲ ନାଁ ଭାରତୀୟ ସଂସ୍କୃତିଆ ଭାଷାରେ ଦିଅ । ସେମାନେ ମୁସଲମାନ ହେଲେ ବି ସଂସ୍କୃତ ଭାଷାରେ ନାମକରଣ କରିଥାଆନ୍ତି । ବିଜୁବାବୁ ସୁକର୍ଣ୍ଣଙ୍କ ଅନୁରୋଧ ରକ୍ଷାକରି ଝିଅଟିର ନାମକରଣ କଲେ - ମେଘାବତୀ ସୁକର୍ଣ୍ଣା ପୁତ୍ରୀ ।

ବିଜୁବାବୁ ସୁକର୍ଣ୍ଣଙ୍କର ଭାଷଣ ଶୁଣିଲେ । ସଭାରେ ଉପସ୍ଥିତ ଅନେକ ଲୋକ । ତାଙ୍କ ଭାଷଣ ଶୁଣିବାକୁ ସେଠାକାର ଲୋକଙ୍କର ବଡ ଶ୍ରଦ୍ଧା । ବିଜୁବାବୁ ସୁକର୍ଣ୍ଣଙ୍କୁ ସାହାଯ୍ୟ କଲେ । ନିଜ ବିମାନରେ ତାଙ୍କୁ ଭାରତକୁ ଧରି ଚାଲିଆସିଲେ । ପରେ ସେହି ଦେଶ ବିଜୁବାବୁଙ୍କୁ ଭୂମିପୁତ୍ର ଉପାଧି ପ୍ରଦାନ କଲା । ଏହି ଭୂମିପୁତ୍ର ସମ୍ମାନ ହେଉଛି ଇଣ୍ଡୋନେସିଆର ସବୁଠାରୁ ବଡ ସମ୍ମାନ । ଏହି ସମ୍ମାନ ପ୍ରଦାନ ସହ ବିଜୁବାବୁଙ୍କୁ ସେମାନେ ଗୋଟିଏ ବଡ କୋଠା, ଗୋଟିଏ ତେଲ ଖଣି, କିଛି ଜଙ୍ଗଲ ସମେତ ଗୋଟିଏ ବନ୍ଦର ଉପହାର ହେଲେ, ଯାହାର ମୂଲ୍ୟ ହେବ ୧୦,୦୦୦ କୋଟି ଟଙ୍କା । ହେଲେ ବିଜୁବାବୁ ସେ ସବୁକୁ ନମ୍ରତାର ସହିତ ଇଣ୍ଡୋନେସିଆ ବାସୀଙ୍କୁ ଫେରାଇ ଦେଇ କହିଲେ, "କଳିଙ୍ଗର ରାଜା କୌଣସି ଉପହାର ନିଅନ୍ତି ନାହିଁ । ମୁ ସେହି କଳିଙ୍ଗ ମାଟିର ସନ୍ତାନ । ଏ ସବୁକୁ ଗ୍ରହଣ କରିବି କେମିତି ?"

ଏହାପରେ କଳିଙ୍ଗବୀର ବିଜୁ ପଟ୍ଟନାୟକ ସାହସିକତାର ସହ ଆଉ ଗୋଟିଏ କାମ କରିଥିଲେ । ୧୯୪୮ ମସିହାରେ ପ୍ରଥମଥର ପାଇଁ ଭାରତ ପାକସ୍ତାନ ଯୁଦ୍ଧ ହେଲା । ସେ ଭାରତୀୟ ସୈନ୍ୟ ମାନଙ୍କୁ ଧରି ପ୍ରଥମ ବିମାନଟି ଚଳାଇଥିଲେ । ବିମାନଟିକୁ ସେ ସାହସର ସହିତ କାଶ୍ମୀର ଠାରେ ଅବତରଣ କରି ସୈନ୍ୟମାନଙ୍କୁ ସେଠାରେ ଛାଡି ଦେଇଥିଲେ । ଇଣ୍ଡୋନେସିଆ ଓ କାଶ୍ମୀର ଘଟଣା ପାଇଁ ତତ୍‌କାଳୀନ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ବିଜୁବାବୁଙ୍କୁ ଖୁବ୍ ଭଲ ପାଉଥିଲେ ।

ପୁରାଣ ଯୁଗରୁ ଏବଂ ଖାରବେଳଙ୍କଠାରୁ ଆରମ୍ଭ କରି ବିଜୁ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ କଳିଙ୍ଗମାଟିର ସନ୍ତାନମନେ ନିର୍ଭୀକତା, ସାହସିକତା ଆଉ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରି ଯାଇଛନ୍ତି । ତେଣୁ କଳିଙ୍ଗାଃ ସାହସିକାଃ, ଏଥିରେ କେହି ଦ୍ୱିମତ ହେବେନାହିଁ, ବିଶ୍ୱବାସୀ ଏକଥା ଭଲ ଭାବରେ ଜାଣନ୍ତି । ଆଜିର ସ୍ୱଚ୍ଛ ଗଣତାନ୍ତ୍ରିକ ପରିବେଶରେ ସାହସିକତା ବିବର୍ଦ୍ଧିତ ହୋଇଯାଇଛି ସମାଜର ସବୁ ସ୍ତରରେ ସତତ ଅଂଶଗ୍ରହଣ ପରି ପ୍ରକ୍ରିୟାକୁ । ଏଥି ନିମିତ୍ତ ପ୍ରାଣମୂର୍ଚ୍ଛା ଉଦ୍ୟମ, ନିର୍ଭୀକତା ଆଉ ସ୍ପଷ୍ଟବାଦିତାର ଯଥେଷ୍ଟ ଆବଶ୍ୟକତା ରହିଛି । ଆଜିର ଶିକ୍ଷିତ ଓଡିଆ ସମାଜ ନିଜର ଦାବି ଓ ମତାମତ ଉପସ୍ଥାପନ କରିବାରେ ସାହସିକତା ପ୍ରଦର୍ଶନ କରିବା ବାଞ୍ଛନୀୟ ।


ସାଇ ଦିଗ୍‌ବଳୟ, ଇ-୧୯୨,

ବରମୁଣ୍ଡା ହାଉସିଂବୋର୍ଡ କଲୋନି, ଭୁବନେଶ୍ୱର-୭୫୧୦୦୩

ମୋ - ୯୪୩୮୨୯୯୧୭୪


✠✠✠



# ଥିଲି କି ମୁଁ କଳିଙ୍ଗ ସୈନିକ

ଇଂ ଶ୍ରୀଚନ୍ଦନ ରାଉତରାୟ

ଜୀବନରେ କେତେଥର ସେଇ ଦୟାନଦୀ ଉପର ଦେଇ ପୁରୀ ଯାଇଥିବି, ତାର ହିସାବ ନାହିଁ । ପିଲାଦିନେ ଦି ଚାରିଥର ବାପାଙ୍କ ମାମୁଁଘରକୁ ଯିବାର ମନେଅଛି । କିନ୍ତୁ ମାଟ୍ରିକ୍ ପରୀକ୍ଷା ପରେ କେତେଜଣ ସାଙ୍ଗଙ୍କ ସହିତ ଭୋଜି କରିବାକୁ ଯାଇଥିଲୁ ଅର୍ଜୁନେଶ୍ୱର, ଦୟାନଦୀର ଦକ୍ଷିଣବନ୍ଧରେ ଚାରି ମାଇଲ ତଳକୁ ଚାଲିଲେ ସେ ମନ୍ଦିର । କିଏ ଜଣେ କହିଗଲେ, ଦୟା ନଦୀ କୂଳରେ ବହୁ ଅତୀତରେ ହୋଇଥିବା କଳିଙ୍ଗ ଯୁଦ୍ଧ । ଦୟାନଦୀରେ ରକ୍ତର ସୁଅ ବୋହି ଚାଲିଥିଲା, କଳିଙ୍ଗର ରକ୍ତ । ନଦୀ ପଠାରେ ହଜାର ହଜାର ମୃତଦେହ ପଡି ରହିଥିଲା ସତ୍‌ସାହାସୀ କଳିଙ୍ଗ ଦେଶବାସୀଙ୍କର । ମନର କୋଣରୁ କିଏ ଜଣେ ଚେଇଁ ଉଠିଲା, କାଳ କାଳର ନିଦ ଯେମିତି ଭାଙ୍ଗିଗଲା । କାନ ଡେରି ଶୁଣି ଚାଲିଲା । ଆଉଥରେ ଦୟାନଦୀର ଜଳସ୍ରୋତକୁ ସ୍ୱତଃ ଦୃଷ୍ଟି ଚାଲିଗଲା, ସତରେ କଅଣ ତାହା ଲାଲରଙ୍ଗ ବହନ କରିଛି !

ସତକୁ ସତ ଲାଲ ଦେଖାଗଲା । ମନରେ କ୍ରୋଧ ବିକଟ ରୂପ ଧାରଣକଲା । ଶତ୍ରୁର ରୂପ ଅବତାରଣା ହେଲା ମାନସପଟରେ ।

ବିଶ୍ୱର ନରହନ୍ତା ଜଣେ ନିଷ୍ଠୁର ରାଜାର କାହାଣୀ, ନିଷ୍ଠୁର ଓ କ୍ରୂର ଅମଣିଷ ଭାବରେ ମଗଧ ନରେଶ ଯେଉଁ ତାଣ୍ଡବର ନୃତ୍ୟ ରଚି କରି ଦେଇଗଲେ କଳିଙ୍ଗ ବକ୍ଷରେ ତାହା ବିଶ୍ୱ ଇତିହାସରେ ଅଦ୍ୱିତୀୟ ହୋଇଗଲା । ମୃତ ଲକ୍ଷେ, ଆହତ ତତୋଽଧିକ, ବନ୍ଦୀ ଦେଢ ଲକ୍ଷ କେବଳ ଶତ୍ରୁପକ୍ଷ କଳିଙ୍ଗର । କଳିଙ୍ଗର ଏହି ଦୁର୍ଦ୍ଦିନରେ କେହି ନ ଥିଲେ ସାହା ହେବାକୁ, ଯେଉଁ ରାଜା ଯୁଦ୍ଧ କରିବାକୁ ଆସିଥିଲେ, ସିଏ ଥିଲେ ଚଣ୍ଡାଶୋକ, ଯୁଦ୍ଧର କରାଳ ଦୃଶ୍ୟରେ ସେ ନିଜର ଅମାନବିକତା ଉପଲବ୍ଧି କରି ମାନବିକତା ସ୍ପର୍ଶକଲେ, ବୌଦ୍ଧଧର୍ମ ଆଦରିନେଇ ଧର୍ମାଶୋକ ହୋଇଗଲେ ।ତା ପରେ କେବଳ ବୌଦ୍ଧଧର୍ମ ଓ ବୋଦ୍ଧଧର୍ମ । ଶାନ୍ତି ଓ ମାନବିକତା ।

ତା ପରେ ଯେବେ ମୁଁ ଦୟା ନଦୀ ପାରି ହୁଏ, ମନରେ ମୋର ଆସିଯାଏ ଶିଥିଳତା, ଗୋଟିଏ ପ୍ରକାଣ୍ଡ ଯୁଦ୍ଧଭୂଇଁ ଅବା ମଶାଣି କଡରେ ଚାଲିଗଲା ମଣିଷ ମନର ଅସୀମ ବେଦନା । କଥିତ ନଅଙ୍କ ଦୁର୍ଭିକ୍ଷରେ ବୁଭୁକ୍ଷୁ ଜାତି ବର୍ଷ ଦି'ଟାର ବର୍ଷା ଅଭାବରୁ ଘର କୋଣରେ ପଡି କାହାରି ପାଖେ ହାତ ନ ପତାଇ ଯେମିତି ମରିଯାଇଥିଲା, ଅତି ପୁରାତନ ଇତିହାସରେ ଦେଶଟାକୁ ଶତ୍ରୁମୁଖରୁ ରକ୍ଷା କରିବାକୁ ଡେଇଁ ପଡିଥିଲା ଏଇ ଦୟାନଦୀକୂଳର ରଣଭୂମିକୁ, ତାହାର ଅନେକଗୁଣା ସଂଖ୍ୟାରେ ମୃତ୍ୟୁ ଲଭିଥିଲା ବୀରତ୍ୱର ବାଜି ମାରି !

ସେଇ ମୌର୍ଯ୍ୟ ଶତ୍ରୁପକ୍ଷ କଳିଙ୍ଗ ଯୁଦ୍ଧର ତିରିଶ ବର୍ଷ ଆଗରୁ କଳନା କରିଥିଲେ, କଳିଙ୍ଗ ନରେଶ ସୁରକ୍ଷିତ, ଚତୁଷ୍ପାର୍ଶ୍ୱରେ ସଦା ଜାଗ୍ରତ ସତୁରି ହଜାର ପଦାତିକ, ଦଶ ହଜାର ଅଶ୍ୱାରୋହୀ ଓ ସାତ ଶହ ଗଜାରୋହୀ । ଶକ୍ତିମାନ ମୌର୍ଯ୍ୟରାଜ ଚନ୍ଦ୍ରଗୁପ୍ତଙ୍କର ଉପଦେଷ୍ଟା କୌଟିଲ୍ୟ ମନ୍ତବ୍ୟ କରିଥିଲେ କଳିଙ୍ଗର କଳା ହାତୀ ସର୍ବ ବଳବାନ । ବିଶାଳ ଭାରତବର୍ଷର ମାନଚିତ୍ରରେ ସବୁ ଛତ୍ରଗୁଡିକ ମୌର୍ଯ୍ୟ ସମ୍ରାଜ୍ୟ ନିକଟରେ ନତମସ୍ତକ ହୋଇସାରିଥିବା ବେଳେ, କଳିଙ୍ଗୋଦ୍ର କୂଳର ସବୁଜିମା ବିସ୍ତାରିତ ଗର୍ବିତ କଳିଙ୍ଗ । ଚନ୍ଦ୍ରଗୁପ୍ତ ଓ ବିନ୍ଦୁସାରଙ୍କ ଭାରତ ମାନଚିତ୍ରରେ ସ୍ୱତନ୍ତ୍ର କଳିଙ୍ଗ । ଚନ୍ଦ୍ରଗୁପ୍ତ ଏହି ମାନଚିତ୍ର ଦେଖି ନ ଦେଖିଲା ପରି ମୁହଁ ବୁଲାଇ ଦେଇଛନ୍ତି ଦେଶର ପଶ୍ଚିମ ଦିଗକୁ, ଯେଉଁ ଆଡୁ ଯୁଦ୍ଧ ଅନ୍ତେ ଯୁଦ୍ଧର ବିଜେତା ରାଜା ଭାବରେ ଲାଭ କରିଛନ୍ତି ଯବନ ରାଜକନ୍ୟା ହେଲେନ୍‌ଙ୍କୁ । ସିକନ୍ଦରଙ୍କର ବଳିଷ୍ଠ ସେନାପତି ସେଲିଉକସ୍ ନିକେଟର୍‌ଙ୍କର କନ୍ୟା । ସବୁ କୀର୍ତ୍ତିମାନ ରାଜଶକ୍ତି ସହ ମନର ନିଭୃତ ଅନୁକୋଣରେ ତାଙ୍କର ଯେଉଁ ସ୍ୱପ୍ନ ଗଢିଉଠେ, ସେଇଥିରେ ଥାଏ କଳିଙ୍ଗର ସବୁଜିମା, କଳିଙ୍ଗୋଦ୍ରର ଉତ୍ତାଳ ତରଙ୍ଗରେ କୋଳାହଳ ବୋଇତମାଳା । ଅପ୍ରାପ୍ତ ହୋଇଛି କଳିଙ୍ଗ ରାଜ୍ୟ ମୌର୍ଯ୍ୟ ସମ୍ରାଜ୍ୟକୁ, ବିଶ୍ୱର ସବୁଠାରୁ ବଳବାନ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କୁ ।

ସେଇ କଳିଙ୍ଗ କାହିଁକି ବା ପୁଣି ତୃତୀୟ ମୌର୍ଯ୍ୟରାଜ ଅଶୋକଙ୍କର ନଜରକୁ ଆସିଲା ? ମନରେ ଅଂସଖ୍ୟ କୁହେଳି ଉଭଁରି ସୃଷ୍ଟିକରେ । ମନ ଶିହରିଯାଏ ଦୁଷ୍ଟବୁଦ୍ଧି ଚଣ୍ଡାଶୋକ ମାନସିକ ଅସ୍ଥିରତାରେ, କ୍ରୂରତାରେ । ନିଜର ଛଅ ଭାଇଙ୍କୁ ଅମାନୁଷିକ ଭାବରେ ଶିରଚ୍ଛେଦ କରି ମୁକୁଟ ଲାଭ ଯିଏ କରିପାରେ, ସିଏ ନିଜ ମନରେ

ଶାସନର ଆଠ ବର୍ଷ ବେଳକୁ ଏକ ନାରକୀୟ ରକ୍ତାକ୍ତ କଳ୍ପନା କାହିଁ ନ ଗଢିବ । ସୁସଜ୍ଜିତ ମୌର୍ଯ୍ୟସେନାକୁ କଳିଙ୍ଗ କି ଟାଳି ପାରିବ? କେତେ ପଦାତିକ, କେତେ ଅଶ୍ୱାରୋହୀ, କେତେ ଗଜାରୋହୀ, କେତେ ରଥାରୋହୀ ମୁକାବିଲା କରିବ ? ସବୁଥିରେ ବହୁ ଗୁଣ ଅଧିକ । ଗୁପ୍ତରେ ଅଛନ୍ତି ଭଡାଟିଆ ଯବନ ଲୌହସଜ୍ଜିତ ବାହିନୀ । କଳିଙ୍ଗକୁ ଦଖଲ କରିଦେଲେ ତାହା ଭାରତବର୍ଷର ଶ୍ରେଷ୍ଠ ସମୁଦ୍ରକୂଳ ରାଜ୍ୟ ଭାବରେ ମୌର୍ଯ୍ୟ ସମ୍ରାଜ୍ୟର ଶୋଭାବର୍ଦ୍ଧକ ହେବ । ମୌର୍ଯ୍ୟ ସମ୍ରାଜ୍ୟ ପୂର୍ବ ଉପକୂଳ ଦେଶମାନଙ୍କୁ ସାଗର ଯାତ୍ରା କରିବା ପାଇଁ କଳିଙ୍ଗର ଦୟାର ପାତ୍ର ହେବାକୁ ସମ୍ମାନଜନକ ମନେ କରେନା ! କଳିଙ୍ଗକୁ ଅନୁରୋଧ କରିବ ମଗଧ ସମ୍ରାଟ  ନିଜର ମଣିମୁକ୍ତାଭରା ବିଦେଶାଗତ ବୋଇତର ସୁରକ୍ଷା ଜଳଦସ୍ୟୁ କବଳରୁ କରିବାକୁ ? ଆକାରରେ ମୌର୍ଯ୍ୟସମ୍ରାଜ୍ୟରୁ କ୍ଷୁଦ୍ର ହୋଇପାରେ, ମାତ୍ର ଶକ୍ତି ଅକଳନୀୟ । ଚଣ୍ଡାଶୋକ କି ଡରିଛି ରକ୍ତକୁ, ମାନବିକତାକୁ ଅବା ଧର୍ମାନ୍ଧତାକୁ ! ଚଣ୍ଡାଶୋକ ଧାରଣାରେ କଳିଙ୍ଗଶକ୍ତି ମୌର୍ଯ୍ୟଶକ୍ତିବର୍ଦ୍ଧକ ହେବା ସ୍ପୃହଣୀୟ । ଯେଉଁ ଉପଦେଷ୍ଟା ଅମାତ୍ ରାଧାଗୁପ୍ତଙ୍କ ପରାମର୍ଶରେ ଅଶୋକ ବିମାତା ମାନଙ୍କର ଛଅ ପୁଅ ହତ୍ୟା କରିଥିଲେ, ସେଇ କି କଳିଙ୍ଗ ବିରୁଦ୍ଧରେ ସମର କରିବାର ବୁଦ୍ଧି ଦେଇ ନ ଥିବେ ?

ଚଣ୍ଡାଶୋକ ଦିନେ ହିଁ ଚିନ୍ତା କରିଥିଲେ, କେଉଁ କାରଣରୁ ପିତାମହ ଚନ୍ଦ୍ରଗୁପ୍ତ କଳିଙ୍ଗର ଦଶଗୁଣା ପଦାତିକ, ତିନିଗୁଣା ଅଶ୍ୱାରୋହୀ, ଦୁଇଶହ ଅଧିକ ଗଜାରୋହୀ ସମେତ ଆଠ ଶହ ରଥାରୋହୀ ସାମରିକଶକ୍ତିରେ ଶକ୍ତିମାନ ହୋଇ ପରାଙ୍ମୁଖ ସେଇ କ୍ଷୁଦ୍ର ରାଜ୍ୟଟିକୁ ମୌର୍ଯ୍ୟ ଶାସନାଧୀନ କରିବାକୁ ? ବାପା ବିନ୍ଦୁସାରଙ୍କ ଶାସନରେ ଦୁଇ ଦୁଇଟି ବଡ ବିଦ୍ରୋହ ମୁଣ୍ଡ ଟେକିଛି ଉଜ୍ଜୟିନୀ ଓ ତକ୍ଷଶିଳାରେ । ସେମିତି ରୁକ୍ଷ ଭାବରେ ସେଗୁଡିକ ଦମନ ନ କରିଥିଲେ ମୌର୍ଯ୍ୟସମ୍ରାଜ୍ୟ ତିଷ୍ଠି ରହି ନ ଥାଆନ୍ତା । ପିତା ବିନ୍ଦୁସାର ସମ୍ମାନିତ 'ଅମିତ୍ରାଘାତ' ନାମରେ, ସିଏ କିନ୍ତୁ ବହୁ ଉପକ୍ରମ କରି କଦାପି କୃତକାର୍ଯ୍ୟ ହୋଇ ପାରିଲେନି କଳିଙ୍ଗକୁ ଆକ୍ରମଣ କରିବାରେ । ପୁଣି ବିନ୍ଦୁସାରଙ୍କ ଶାସନକାଳରେ ଗ୍ରୀସ୍ ପରିବ୍ରାଜକ ଡିମାକସ୍ ସୂଚନା ଦେଇଥିଲେ, କଳିଙ୍ଗ ଦୁର୍ଦ୍ଦାନ୍ତ, ଅସୀମ ବଳଶାଳୀ । ମୌର୍ଯ୍ୟ ଗୁରୁଦେବ କୌଟିଲ୍ୟଙ୍କ ଶାସ୍ତ୍ରବିଧିରେ ଅଜସ୍ର କୂଟନୀତିଜ୍ଞ ନ୍ୟସ୍ତ ଅଛନ୍ତି କଳିଙ୍ଗର ଅବସ୍ଥା ଅନୁଧ୍ୟାନ କରିବାରେ, ଏମିତି ଗଲାଣି ତିନି ପୁରୁଷ । ସବୁଠାରୁ ବିସ୍ମୟ, କଳିଙ୍ଗର ରାଜା କିଏ କେହି ଜାଣିପାରୁ ନାହାନ୍ତି ! ବିନା ଶାସକରେ ଚାଲିଛି କଳିଙ୍ଗ ! ଯିଏ କେହି ଏ ଗୁପ୍ତଚର ମାନଙ୍କୁ ଅବିଶ୍ୱାସ କରିବ । ଯେତେ ଧନୀ ବଣିକର ଦେଶ ହେଉ, ଆମେ ସମଗ୍ର ଭାରତବର୍ଷରେ ଦେଖୁଛୁ, ପୁଣି ପଶ୍ଚିମର ସିରିଆ, ବାକ୍ଟ୍ରିୟା, ଗ୍ରୀସ ଓ ରୋମ୍ । କେଉଁଠି ତ ନାହିଁ ଏମିତି ବଣିକପ୍ରଧାନ ଦେଶ ଯେ କି ବିନା ରାଜାରେ ଚାଲିଛି । ଯଦି ଏମିତି ରାଜ୍ୟ ରହିଛି, ତାହାର ସୈନ୍ୟସାମନ୍ତ, ଖଜଣା ରାଜକୋଷ କିଏ ବୁଝୁଛି ? ଦୁର୍ଦ୍ଧର୍ଷ ହସ୍ତୀକୁ ଯେତିକି ଭୟ, ଅଦୃଶ୍ୟ ରାଜଶକ୍ତିକୁ ସେତିକି ଆଶଙ୍କା, ପୁଣି ନଦନଦୀ ଓ ଘଞ୍ଚ ବନରାଜି ସାଜିଛନ୍ତି କଳିଙ୍ଗର ଗଡଖାଇ !

ସମସ୍ତେ କହନ୍ତି କଳିଙ୍ଗର ଜମି ନିଷ୍କର, କଳିଙ୍ଗର ପ୍ରଜା ରାଜାଙ୍କୁ କର ଦିଅନ୍ତି ନାହିଁ । ପୁଣି ରାଜକୋଷ ସଦା ପରିପୂର୍ଣ୍ଣ । କଅଣ କଳିଙ୍ଗୋଦ୍ର ଏତେ ରତ୍ନଗର୍ଭା ? ସମ୍ଭବ ମନେହୁଏ, କାହିଁକି କଳିଙ୍ଗ ନିଜ ସାଗର ଉପକୂଳରେ ବ୍ୟସ୍ତ, ସନ୍ତୁଷ୍ଟ । ଅଣଉପକୂଳ ରାଜ୍ୟ ଦଖଲ କରିବାକୁ ସର୍ବଦା ଅନାଗ୍ରହୀ । ଆୟର ହିସାବ ଆସି ଦେଖ ତାମ୍ରଲିପି କାରବାରରୁ । ସମଗ୍ର ଭାରତର ରପ୍ତାନି ବନ୍ଦର-ବଙ୍ଗ, ମଗଧ, କୋଶଳ, ଭାରତର ମୁଖ୍ୟ ରାଜ୍ୟଗୁଡିକ ସୀମା ସରହଦ ଭୁଲି କଳିଙ୍ଗର ଦୟାଧୀନ । ଯଦି ଆମଦାନି ଅବା ରପ୍ତାନି କ୍ଷେତ୍ରରେ ମଗଧ ପ୍ରତି କିଛି ଅବିଚାର ହୁଏ, ମଗଧରାଜଙ୍କର ଆଦେଶ ସେଠାରେ ଶିରୋଧାର୍ଯ୍ୟ କି ? ବହୁ ମଗଧ ବ୍ୟବସାୟୀ ମଗଧ ସମ୍ରାଟଙ୍କ ପାଖରେ ଆପତ୍ତି କରନ୍ତି କଳିଙ୍ଗର ଔଦ୍ଧତ୍ୟକୁ । ଏହା ମଗଧ ସମ୍ରାଟଙ୍କର ଦେହସୁହା ହୋଇଗଲାଣି । ମଗଧ କଳିଙ୍ଗ ବିବାଦର ଅନ୍ତ ନାହିଁ ।

ଅଶୋକ ବର୍ଦ୍ଧନ ମୌର୍ଯ୍ୟ ଶାସନ ଆରମ୍ଭର କଳିଙ୍ଗ । ଉତ୍ତରର ଗଙ୍ଗାକୂଳରୁ ଦକ୍ଷିଣର ଗୋଦାବରୀ ମଧ୍ୟର ପ୍ରକୃତ କଳିଙ୍ଗ । ବାଣିଜ୍ୟ ବୋଇତଭରା ବଣିକଙ୍କର ଆବାସ । ତାମ୍ରଲିପ୍ତିରୁ ଜଳପଥରେ ହାତୀ ରପ୍ତାନି କରୁଥିବା କଳିଙ୍ଗ । ସଦାଜାଗ୍ରତ ଶକ୍ତିମାନ ସାମରିକ ବାହିନୀର ଦେଶ । ପୁଣି ପଛକୁ ରହିଛି ଜଙ୍ଗଲଭରା ବିଦ୍ୟାଧର ରାଜ୍ୟ ସମୂହ, କଳିଙ୍ଗର ସହୋଦର, ଆଟାଭିକା ପରି ଶକ୍ତିମାନ ବିଦ୍ୟାଧର ରାଜ୍ୟ । ଦକ୍ଷିଣ ଅଂଶ ଆହୁରି ବଳଶାଳୀ ମୋଡୋ କଳିଙ୍ଗ । ବଣିକ ଦେଶର ଏହି ଭୂଗୋଳ ଧାରଣ କରି ଚଳଚଞ୍ଚଳ କଳିଙ୍ଗ ।  ନିଜର ଗଜ, ଅଶ୍ୱ, ରଥ ଓ ପଦାତିକ । ନିଜ ମାଟିର ସିଂହ ସେମାନେ । ଏକ ହଜାର ବର୍ଷ ଧରି ନିଜର ପ୍ରତିପତ୍ତି ବିସ୍ତାର କରି ରହି ଆସିଛନ୍ତି ଭାରତଭୂମିରେ । ବନ୍ୟଗଜ ପ୍ରଶିକ୍ଷଣ ଓ ଗଜ ବାହିନୀର ସମ୍ପ୍ରସାରଣ କଳିଙ୍ଗଶକ୍ତିର ପରିଚାୟକ । ପ୍ରମାଣ ଦେଇ ସାରିଛି ହଜାର ବର୍ଷ ଆଗରୁ ମହାଭାରତ ସମରରେ । ତିନି ଭାଗର କଳିଙ୍ଗ, ତିନି ଗଜ ସେନାନୀ ଉପସ୍ଥିତ ହୋଇଥିଲେ କୁରୁକ୍ଷେତ୍ରରେ । ତାହା ହିଁ ଗଢିଚାଲିଛି କଳିଙ୍ଗରେ । କଳିଙ୍ଗର ଅଭ୍ୟନ୍ତର ସତ୍ୟ, ଅଚୌର୍ଯ୍ୟ, ଅହିଂସା, ଅପରିଗ୍ରହ ପରି ଆଦିଧର୍ମରେ ପ୍ଲାବିତ । ନିର୍ଗ୍ରନ୍ଥ ଓ ଅର୍ହତ ମାନଙ୍କ ଦୀକ୍ଷିତ ଆତ୍ମସନ୍ତୁଷ୍ଟ କଳିଙ୍ଗ । ଆତ୍ମ ନିର୍ଭରଶୀଳ କଳିଙ୍ଗ । ଦରିଆପାରିରେ ପ୍ରତିଷ୍ଠା କରିସାରିଛନ୍ତି କେତେ କେତେ ଅନୁରୂପ କଳିଙ୍ଗ ଉପନିବେଶ । ଭାଷା ଓ ସଂସ୍କୃତିର ପରିଚୟ ନେଇ ସୁବର୍ଣ୍ଣ ଭୂମିରୁ ଦୂରନ୍ତ ଚମ୍ପା (ଭିଏତନାମ୍)ରେ ପ୍ରତିଷ୍ଠା କରିସାରିଛନ୍ତି ନିଜର ପୃଷ୍ଠଭୂମି । ବିଶାଳ ଉଦାରଧର୍ମୀ କଳିଙ୍ଗ । ନିଜ ଧନଧାନ୍ୟ ମଧ୍ୟରେ ସୀମିତ ଦେଶ, ଭାରତବର୍ଷର ସାମଗ୍ରିକ ପୂର୍ବ କଳିଙ୍ଗୋଦ୍ର ସାଗରର ନୌବାଣିଜ୍ୟ ପରିଚାଳନା ଶକ୍ତିର ଆଧାର କଳିଙ୍ଗ ।

ମନରେ ଆସେ ଅଗଣିତ ଦ୍ୱନ୍ଦ୍ୱ, ସତରେ କଅଣ ରାଜନୈତିକ ଘଡିସନ୍ଧିରେ ଫସି ରହିଥିଲା କଳିଙ୍ଗ ? କଳିଙ୍ଗରେ କେହି ବଳଶାଳୀ ରାଜା ନ ଥିଲେ ? କିମ୍ବା କୌଣସି କାରଣରୁ ସୀମିତ ଗଣତନ୍ତ୍ର ବର୍ତ୍ତିଥିଲା ? ସୀମା ସରହଦ ସେକାଳ ରାଜ୍ୟ ଗୁଡିକରେ ତ ନଥିଲା, ମଗଧର ହେଉ କି କଳିଙ୍ଗରେ ହେଉ । କଳିଙ୍ଗର କୌଣସି ଦୁର୍ବଳତା ଶତ୍ରୁପକ୍ଷକୁ ଜଣାପଡିଗଲା କି ? ଅସମ୍ଭବ ନୁହେଁ, କଳିଙ୍ଗ ସବୁ ସଂହତିର ସହିତ ଇତିହାସରେ ବି କିଛି ଦୁରଭିସନ୍ଧି ମୂଳକ ଚକ୍ରାନ୍ତରେ ଫସି ଯାଇଛି । ଅତୀତର କେତେ ଶିଖି ମଣେଇ ଥିବେ, ମଗଧ ସମ୍ରାଟଙ୍କୁ ବାଟ କଢେଇ ଆଣିଥିବେ । ତଥାପି ସେଭଳି ବିଚ୍ଛିନ୍ନତା ଭାବର ଲୋକ ମଣ୍ଡୁକ ପରି କୃଷ୍ଣସର୍ପକୁ ଆମନ୍ତ୍ରଣ କରିଥିବା ଆଶଙ୍କା ବି ରହିଛି ।  ଏତେ ପୁରାତନ ଘଟଣା ବିଷୟ ଚିନ୍ତାକୁ ଆସିଲେ, ମନ ସେଇଠି ରହିଯାଏ ।

ଧର୍ମ ଅବା କଳିଙ୍ଗ ଯୁଦ୍ଧର ମୂଳ ସୂତ୍ର ହୋଇଥିଲା, ଜଣାଯାଏ ନି । ନିଜକୁ ଅଶୋକବର୍ଦ୍ଧନ ବୌଦ୍ଧ ବୋଲି କହୁଥିଲେ ଯୁଦ୍ଧର ଦୁଇବର୍ଷ ଆଗରୁ । କିନ୍ତୁ କଳିଙ୍ଗ ଶୁଦ୍ଧ ଆଦିଧର୍ମ ଜୈନ ମାନଙ୍କର ଆଶ୍ରୟସ୍ଥଳ । କୌଣସି ନା କୌଣସି ଧର୍ମ ସଂକଟ ଏହି ଯୁଦ୍ଧଟି ପାଇଁ ବୈରଭାବ ସୃଷ୍ଟି କରିଥାଇପାରେ । କଳିଙ୍ଗ ବିଜୟକୁ ମଗଧ ନରେଶ ଧର୍ମ ବିଜୟ ବୋଲି ନାମିତ କରି ଧର୍ମର ଦ୍ୱାହି ଦେଇଛନ୍ତି । ଦେବାନାଂ ପ୍ରିୟଦର୍ଶୀ ନାମ ବହନ କରି ବି ଜୈନ ଅର୍ହତ ମାନଙ୍କ ଜୀବନ ପ୍ରତି ବିପଦ ହୋଇଥିବାର ସଂକେତ ମିଳେ ।

କଳିଙ୍ଗ ଯୁଦ୍ଧ ପୂର୍ବର କଳିଙ୍ଗ ତନୟା, କାରୁବାକି । ମଗଧ ରାଜକୁମାରଙ୍କ ନିର୍ବାସିତ ଜୀବନରେ ତାଙ୍କ ପାଇଁ ବସନ୍ତର ମୃଦୁମଳୟ ଆଣିଥିଲେ । ସେହି ଅଶୋକଙ୍କୁ କାରୁବାକିଙ୍କ ସହ କଳିଙ୍ଗର ସୁମଧୁର ପରିବେଶ ସ୍ୱର୍ଗସମ ମନେ ହୋଇଥିବ । ପ୍ରେମମୟ ଜୀବନ ଅଶୋକ କେବଳ କାରୁବାକିଙ୍କ ସହ କଟାଇଥିବା ସ୍ପଷ୍ଟ ତାଙ୍କର କୌସମ୍ବୀ ସ୍ତମ୍ଭଲିପିରୁ ଜଣାଯାଏ । ବହୁ ପରେ ଅବଶ୍ୟ ସେଇ କାରୁବାକି ଗର୍ଭରୁ ଜାତ କଳିଙ୍ଗର ଭଣଜା ତୀବର ଦିନେ ଅଧିଷ୍ଠିତ ହୋଇଥିଲେ ତକ୍ଷଶିଳାର ଶାସକ ଭାବରେ । କଅଣ ଏତେ କଳିଙ୍ଗ ପ୍ରେମ ରାଜଦଣ୍ଡଧାରୀ ଅଶୋକବର୍ଦ୍ଧନ ମୌର୍ଯ୍ୟଙ୍କର ଧୂଳିସାତ ହୋଇଗଲା କଳିଙ୍ଗ ବିଜୟ ଅଭିଯାନ ବେଳେ ? ସେଇ ରାଜ୍ୟର ପାଣି ପବନରେ ନିର୍ବାସିତ ଜୀବନକାଳ ଭୁଲି ପାରିଲେ ସିଏ ? ଅତୀତର ଅତଳ ଗର୍ଭରୁ ଏବେ ଏତେ କିଛି ଦେଖାପଡୁ ନାହିଁ, ଅଶୋକବର୍ଦ୍ଧନ ଛଳ କରି କଳିଙ୍ଗନଗରୀ ସନ୍ନିକଟରେ ଯେ ସୈନ୍ୟବାହିନୀ ଶିବିର ଗଢିତୋଳି ନ ଥିବେ, କିଏ ମନା କରିବ ? ବିଶ୍ୱାସରେ ବିଷ ଯେ ସେହି କୌଟିଲ୍ୟଙ୍କ ବିଷ ସର୍ବସ୍ୱ କୂଟନୀତିର ପ୍ରଶ୍ରୟ ନ ନେଇଥିବେ, କିଏ କହିବ ?

ବର୍ଷାଦିନେ ଯିବାବେଳେ ଦୟାନଦୀର ସ୍ଫିତ ବନ୍ୟାଜଳ ଦୃଷ୍ଟିରେ ପଡେ, ଯୁଦ୍ଧ ଘମାଘୋଟ ଲଢେଇର ବିଭୀଷିକା ଆଉ ଥରେ ମାନସପଟ୍ଟରେ ନାଚିଉଠେ, କଳିଙ୍ଗର ସେଇ ପ୍ରାଚୀନ ଯୁଦ୍ଧ ଆଜିର ବିଶ୍ୱଯୁଦ୍ଧସମ ପରାଭବ । ସବୁବେଳେ କାହିଁକି ଏ ଦୟାନଦୀ ମନଟାକୁ ଭାରି କରିଦେଉଛି । ଦକ୍ଷିଣ ଦିଗରେ ମଗଧ, ଅଶୋକ ଉପବିଷ୍ଟ ସୌରଭଗିରି ପାଦଦେଶରେ, ଉତ୍ତର ଦିଗରେ କଳିଙ୍ଗର ରାଜ ପରିଷଦ ସତର୍କ କଳିଙ୍ଗନଗରୀ ରାଜଧାନୀ ମଧ୍ୟରେ । କେତେକାଳ ଛକାପଞ୍ଝା । କଳିଙ୍ଗ ଆତ୍ମସମର୍ପଣ କରିବା ଅସମ୍ଭବ । ତା ପରେ ଯୁଦ୍ଧାରମ୍ଭର ଦୃଶ୍ୟ ।

ମନରେ ବିଶ୍ୱାସ ଆସେନି, କଳିଙ୍ଗ କିପରି ଏତେ ବିଶାଳ ଭାରତବର୍ଷର ସାମୂହିକ ମୌର୍ଯ୍ୟ ବାହିନୀର ସମ୍ମୁଖୀନ ହୋଇପାରିଲା । ଯୁଦ୍ଧ ପୂର୍ବରୁ କିଛି ଆଭାସ ଆସିଥିବ, ନିଶ୍ଚୟ କିଛି ଧମକ ବା ଭୀତି ପ୍ରଦର୍ଶନ ଥିବ । ଏତେ କ୍ଷୁଦ୍ର ଦେଶଟି ଜାଣି ଜାଣି କିପରି ମଗଧକୁ ଅବଜ୍ଞା କରିପାରିଲା ? କେବେ ହେଲେ ବି କଳନା କରିପାରିଥିବ ମଗଧର ଦୁର୍ବଳତା ! କିନ୍ତୁ କଳିଙ୍ଗର ନିଶ୍ଚିତ ଆଶା ଓ ବିଶ୍ୱାସ ରହିଥିବ, ଯୁଦ୍ଧ ହେଲେ ତାହାର ପକ୍ଷ ନେବେ ବିଦ୍ୟାଧର ଆଉ ଅଟାଭିକା ମଣ୍ଡଳୀ । ସଫଳ ଧନୁର୍ଦ୍ଧାରୀ ଅଟାଭିକା ବାହିନୀ । ଶରମୂନ ଲୌହରେ ଗଠିତ, ବସ୍ତର ଲୋହାରଖାନା ଦେଶଜ ସମ୍ପଦ । କେତେ ବନ୍ୟ ଗୁଳ୍ମରେ ରଞ୍ଜିତ ସେ ତୀକ୍ଷ୍ଣ ତୀର, ଅବ୍ୟର୍ଥ ତୀରନ୍ଦାଜ ବାହିନୀ । ପ୍ରତିଟି କ୍ଷଣରେ ହୃଦ୍‌କମ୍ପ କରିପାରେ ମଗଧରାଜଙ୍କର, କେହି ଧନୁକଧାରୀ ବକ୍ଷଭେଦ କରିଦେଇପାରେ ।

ଏପରି କଳ୍ପନା ମନରେ ଦିନୁ ଦିନ ସଜଳ ହୋଇ ଉଠୁଛି । ଥରେ ଅଧେ ପୁଣି ଦୟାନଦୀ ପଠା ଯଦି ଦେଖାଯାଏ, ମନେ ହୁଏ ସତେ କି କଳିଙ୍ଗ ସେନା ହୋଇ ଆମେ ସବୁ ଖଡ୍ଗହସ୍ତରେ ଯୁଦ୍ଧରେ ଅବତୀର୍ଣ୍ଣ । କିନ୍ତୁ ସବୁ ମଗଧର ସୈନ୍ୟ ବାହିନୀ ତ ପରାହତ, ପଳାୟନ ପନ୍ଥୀ, କଅଣ ଘଟିବ ଆଜି ମଗଧ ନରେଶ ଶିବିରରେ ! ନାଁ ବିଶ୍ୱାସ ନାହିଁ ସେଇ ଦୁଷ୍ଟମତି ମୌର୍ଯ୍ୟରାଜଙ୍କୁ, ସିଏ କଅଣ ଏଇ ମଗଧ ବାହିନୀ ଉପରେ ଭରସା କରିଥିବେ ? ତାଙ୍କର ଦକ୍ଷିଣାତ୍ୟ ଉଜ୍ଜୟିନୀ ବାହିନୀକୁ କଳିଙ୍ଗ ସମର ପାଇଁ ହେୟ ମନେ କରିଥାଇ ପାରନ୍ତି, କିନ୍ତୁ ନିଶ୍ଚିତ ଗାନ୍ଧାର, ପାରସ୍ୟ, ମାର୍ସିଡୋନିଆଁ ଓ ଆନାଟୋଲାର କଦାକାର ନରଭକ୍ଷକ ଲୌହଖୋଳ ସଜ୍ଜିତ ଭଡାଟିଆ ପେଷାଦାର ଯକ୍ଷ ସେନା ଦଳକୁ ନିଜର ଅନ୍ତିମ ଓ ଶ୍ରେଷ୍ଠ ପରାକ୍ରମ ଭାବରେ ପ୍ରଦର୍ଶିତ କରିବାର ଖେଳ ରଚିଥିବେ । ଭାରତର ପଶ୍ଚିମକୁ ଲମ୍ବିଛି ମୌର୍ଯ୍ୟ ତିନି ପୁରୁଷର ସମ୍ପର୍କ । ସିଏ କେତେ ପାଠ, ଶିକ୍ଷା, ଭାଷା ଓ ସମର ବିଦ୍ୟାର ବାଟ ଖୋଲିଛନ୍ତି, ଭାରତର ପଶ୍ଚିମ ଦ୍ୱାର ଉନ୍ମୁକ୍ତ । ପେଷାଦାର ଗ୍ରିକ୍ ମାସିଡୋନିଆଁର ସିକନ୍ଦର ବାହିନୀ, ଧୁରନ୍ଧର, ବିଶାଳ ବପୁ ଓ ବଳଶାଳୀ ପ୍ରଶିକ୍ଷିତ ଯବନ ଯକ୍ଷବାହିନୀ ! ମାତ୍ର ସବୁବେଳେ ଗଜ ଶକ୍ତି ପରାକ୍ରମରେ ଆଚମ୍ବିତ ଓ ଆତଙ୍କିତ ।

ଡରି ନାହିଁ କଳିଙ୍ଗ ! ମଗଧର ଧମକପୂର୍ଣ୍ଣ ଆକ୍ରମଣରେ ଅବିଚଳିତ ! ମଗଧ କି କଳିଙ୍ଗକୁ ଧର୍ମ, କର୍ମ ଓ ସମରରେ ଚିହ୍ନି ନି ? ଥରେ ତ ନନ୍ଦରାଜ କଳିଙ୍ଗ ଆକ୍ରମଣ କରିଥିଲା । ନିର୍ଦ୍ଦୟ ଭାବରେ ରାଜଗାଦୀକୁ ଅବମାନନା କରି ରାଜପରିବାରକୁ ସମୂଳେ ନାଶ କରି ଅପହରଣ କରି ନେଇ ପଳାଇଲା କଳିଙ୍ଗ ଜୀନା, କଳିଙ୍ଗର ଶିରି । କଳିଙ୍ଗ ନୂତନ ଧର୍ମର ସ୍ତାବକ ବୋଲି ମନେ କରିଥିଲା ନନ୍ଦରାଜା ମହାପଦ୍ମ ।

ଅଧର୍ମରେ ଯାଇ କଳିଙ୍ଗକୁ ବଶୀଭୂତ କଲେ ସିନା, କଳିଙ୍ଗକୁ ଅପ୍ରତ୍ୟାଶିତ ଭାବରେ ବର୍ବରୋଚିତ ଆକ୍ରମଣ କରିବା ହୋଇପାରେ ସିକନ୍ଦରଙ୍କର ପ୍ରଭାବ, ଅମାନୁଷିକ ଅତ୍ୟାଚାର ଓ ନିର୍ଦ୍ଦୟ ଅମାନବିକ ପ୍ରକୃତି । ମଗଧସେନା ଯୁଦ୍ଧ କରିବା ବେଳେ ଅଶେଷ କ୍ଷତି ଘଟାନ୍ତି ଚାଷ, ଧନସମ୍ପଦ, ଦେବାଦେବୀଙ୍କର, ପୁଣି ନୃଶଂସ ଭାବରେ ବନ୍ଦୀ କରନ୍ତି ଅସଂଖ୍ୟ ନିରୀହ ଜନସାଧାରଣଙ୍କୁ । କଳିଙ୍ଗ ଏପରି ଯୁଦ୍ଧରେ ବିଶ୍ୱାସ କରେନି । ରାଜ୍ୟଜୟ, ପରାଧୀନତା ସ୍ୱୀକାର, ଧନଲାଭ ଏହା ହିଁ ଅହିଂସା ଆଶ୍ରିତ କଳିଙ୍ଗର କାଳେ କାଳେ ରାଜଧର୍ମ । ସବୁବେଳେ କଳିଙ୍ଗ ରାଜ୍ୟ ଶାସନ ଓ ସାମରିକ କାର୍ଯ୍ୟକ୍ରମରେ ସାଧାରଣ ଲୋକମାନଙ୍କର ସ୍ୱାର୍ଥ ଓ ସଦିଚ୍ଛା ସନ୍ନିବେଶିତ । ରାଜ୍ୟ ଜୟ କରି ବିଜେତା ଭାବରେ ପରାଜିତ ରାଜ୍ୟର ପୋଡାଜଳା, ଫସଲ ହାନୀ, ସାଧାରଣ ଲୋକଙ୍କୁ ନିର୍ଯ୍ୟାତନା ଏମାନଙ୍କର କଳ୍ପନାତୀତ । ବସ୍ତୁତଃ ଏମାନଙ୍କର ସମର କେବଳ ଆତ୍ମରକ୍ଷା ପାଇଁ, ବିଶେଷ କରି ମଗଧ ତାର କାଳେ କାଳେ ଶତ୍ରୁ । ଯୁଦ୍ଧ ପରଦିନ ବି ମଗଧ ପୁଣି କଳିଙ୍ଗର ସେଇ ତାମ୍ରଲିପ୍ତରେ ଆଶ୍ରା ଲୋଡେ । ବୋଧ ହୁଏ ମଗଧର କିଛି ସମୁଦ୍ରକୂଳ ଥିଲେ ଏପରି ଚିର ଶତ୍ରୁତା ନ ଥା'ନ୍ତା !

ଏଇ ସବୁ ଭାବନାଗୁଡିକ ବିସ୍ତାର କରିଚାଲିଛି ମନରେ । ବେଳେବେଳେ ମନ ଖୋଜିବୁଲେ ତଥ୍ୟ, ନୂଆ ନୂଆ ଗବେଷଣା ଓ ତର୍କ, ବିଭିନ୍ନ ଲୋକଙ୍କ ମତାମତ ଦୋହଲାଇଦିଏ ମନର ଭାବନା । ଶାନ୍ତ ପ୍ରକୃତିର ଉତ୍କଳୀୟ ବ୍ୟବହାର, ଧର୍ମପ୍ରାଣ ଓ ଅତିଥି ବତ୍ସଳତା । କିଏ ସେଇ ଚଣ୍ଡାଶୋକକୁ ଏମିତି ଏତେ ରାଗରେ ତତାଇ ଦେଇ ପାରିଲା ଯେ ସିଏ କଳିଙ୍ଗକୁ ସତରେ ନିଅଂଶିଆ କରିଦେଇ ଚାଲି ଯିବାର ମନ୍ଦଭାବ ଧରି ଧାଇଁ ଆସିଥିଲା ! ମନ ମାନେ ନା, ମନ ବୁଝେ ନା ।

ହତାହତର ଗୋଟିଏ ସୀମାରେ ପହଞ୍ଚିଲେ, ଯୁଦ୍ଧ ଶେଷ ବୋଲି ଘୋଷଣା ହୁଏ । ପ୍ରଶ୍ନ ଉଠେ ମନରେ, କିପରି ପରିସ୍ଥିତି ଆସିଲା ଯେ, ଅଶୋକ ବର୍ଦ୍ଧନ ମୌର୍ଯ୍ୟ ତୁମେ ଯୁଦ୍ଧକ୍ଷେତ୍ରରୁ ବହକି ସର୍ବସାଧାରଣ ଓ ଆବାଳବୃଦ୍ଧବନିତା ତୁମର ଶାଣିତ ଅସିର ଶିକାର କରିଦେଲ ! ଧନ୍ୟ ତୁମର ମାନବ ହୃଦୟ, ଧନ୍ୟ ତୁମର ନାରୀ ଓ ଶିଶୁମାନଙ୍କପ୍ରତି ରହିଥିବା ଅନୁକମ୍ପା, ଯାହା ଦୁନିଆର କୌଣସି ଶାସକକୁ ଅମାନବିକତାର ଦ୍ୱାର ସ୍ପର୍ଶ କରିବାକୁ ବାଧାଦିଏ । କଅଣ କଳିଙ୍ଗର ନାରୀମାନେ ବି ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ, ତୁମର କ୍ରୋଧର ପାତ୍ର ହୋଇଗଲେ ? କଳିଙ୍ଗର ବାଳୁତ ପୁତ୍ର କନ୍ୟାମାନେ କଅଣ ମଗଧସେନା ବାହିନୀକୁ ଏମିତି ପ୍ରତିହତ କଲେ ଯେ, ତୁମର ରଣନୀତି ମହାଭାରତର ଶାନ୍ତିପର୍ବ ଉପଦେଶ ଟାଳିଦେଲା ?

ଯୁଦ୍ଧ ଅନ୍ତେ ବି କଳିଙ୍ଗର ସମ୍ପଦ ତୁମର ଅପରାଧୀ ହେଲେ, ଅଗ୍ନିରେ ଦାହ କଲ ତୁମ ଦୃଷ୍ଟିରେ ଆସୁଥିବା ବାସସ୍ଥଳୀ, ଫସଲ ଆଉ ବନ୍ୟସମ୍ପଦ ! ଧନ୍ୟ ତୁମେ ଦେବାନାଂ ପ୍ରିୟ, ଧନ୍ୟ ତୁମେ ବିଶାଳ ହୃଦୟ ! ଏହି ବିଶାଳତାର ଉତ୍ସ ହିଁ ମୋ କଳିଙ୍ଗ !

ଏତେ ବର୍ଷ ତଳର ଇତିହାସ, ପ୍ରକୃତି ଗର୍ଭରେ ଲୀନ ହୋଇଗଲାଣି । ଏଇ ଅବକ୍ଷୟପ୍ରାପ୍ତ ଅବଶିଷ୍ଟ କଳିଙ୍ଗପାଇଁ ଠିକ୍ ନଅଙ୍କ ଦୁର୍ଭିକ୍ଷ ଯୁଗରେ ଗିରନାର ଓ ସାହାବଜାଦୀ ଶିଳାଲିଖନର ଅନୂଦିତ ତଥ୍ୟ ଭାରତୀୟ ଇତିହାସକୁ ଯେତିକି ଜୀବନ୍ତ କଲା, କଳିଙ୍ଗ ନାମକ ଏକ ଐତିହାସିକ ଶକ୍ତିର ଆବିଷ୍କାର କଲା, ଯାହା କି ସବୁଆଡୁ ଏହି ଜାତିର ବିସ୍ତୃତି ପ୍ରତିପାଦନ କରିପାରିଲା, ତାମ୍ରପର୍ଣ୍ଣୀ ଶ୍ରୀ ଲଙ୍କାରୁ ପୁର୍ବପ୍ରାଚ୍ୟ ଦ୍ୱୀପମାଳା ଓ ସୁବର୍ଣ୍ଣଭୂମି ପର୍ଯ୍ୟନ୍ତ । କିନ୍ତୁ ନିଜର ମନୁଷ୍ୟତ୍ୱର ବିବର୍ତ୍ତନ, ଧର୍ମାଶୋକ ଓ ଦେବପ୍ରିୟ ହେବାରେ ଯେଉଁ ଅମାନୁଷିକ ଯୁଦ୍ଧର ପରିପାର୍ଶ୍ୱ ଶିଳାବକ୍ଷରେ ଚିରକାଳ ପାଇଁ ରଚି ଦେଇଗଲ, ଏହା ପ୍ରତିଟି ପାଠକକୁ ତିନିଲକ୍ଷ ପଚାଶ ହଜାରରୁ ଉର୍ଦ୍ଧ୍ୱ ନରସଂହାର ଚିତ୍ର ମନରେ ଆନ୍ଦୋଳନ ସୃଷ୍ଟିକରେ । ଦୁଇ ସହସ୍ରାବ୍ଦ ବର୍ଷ ଅନ୍ତର ହେଲେ ହେଁ, କଳିଙ୍ଗ ଭାବରେ ଚିହ୍ନିତ ସେଇ ରାଜ୍ୟର ପ୍ରଜାମାନଙ୍କର ମନରେ କି ଭାବ ଜାତ ହେଉଥିବ ଚିନ୍ତାର ବିଷୟ ।

ସତରେ ମନରେ ଆସେ ସେ ପରିସ୍ଥିତିରେ କିପରି ତେଜଃ ପ୍ରଦର୍ଶନ କରିପାରିଛନ୍ତି କଳିଙ୍ଗର ଅଧିବାସୀମାନେ । ଧନ୍ୟ ସେମାନଙ୍କର ସାହସ ଓ ବୀରତ୍ୱ । ନିଶ୍ଚିତ ଭାବରେ ସେମାନେ ମଗଧରାଜଙ୍କର ଫୁଙ୍କାରକୁ ହେୟ ମନେକରିଛନ୍ତି । ମଗଧର ସେନାଛାଉଣୀକୁ ଛାର ମଣିଛନ୍ତି । ନିଜ ଜନ୍ମଭୂମିର ରକ୍ଷା କରିବାପାଇଁ ସମସ୍ତ ଜନ ସାଧାରଣ ବି ଏହି ଦୟାନଦୀ କୂଳର ରଣକ୍ଷେତ୍ରକୁ ଜୀବନ ମୂର୍ଚ୍ଛି ଡେଇଁ ପଡିଛନ୍ତି । ନିଜର ପିତା, ସ୍ୱାମୀ ଓ ପୁଅ ତିନି ପୁରୁଷଙ୍କୁ ହରାଇ କଳିଙ୍ଗ ରମଣୀ ମଗଧରାଜଙ୍କର ଚେତନା ଭେଦ କରିଛନ୍ତି । ମୂଲ୍ୟବାନ ମଣିଷ ଜୀବନର ମୂଲ୍ୟ ବୋଧ କରିଛନ୍ତି ରାଜନ୍ । ସମଗ୍ର କଳିଙ୍ଗ ଅଧିକାରର ଗୋଟିଏ ସାଧାରଣ ପ୍ରଶ୍ନରେ ।

ପାଖରେ ଗଲାବେଳେ ମନେ ହୁଏ ପଚାରିବାକୁ, "କହ ଦୟାନଦୀ, ତୁମକୁ ଦେଖିବା ପରେ ମନ କାହିଁକି ଆନ୍ଦୋଳିତ ହେଉଛି ? କଅଣ ତୁମର ନାମ ଥିଲା କଳିଙ୍ଗ ଯୁଦ୍ଧ ପୂର୍ବରୁ ? ଶ୍ୱେତ, ସୌରଭ ବା ଧଉଳି ଗିରି ନାମର ବିବର୍ତ୍ତନ ଘଟିଛି ତ ତୁମ ପାଖରେ, ତୁମେ କିନ୍ତୁ କଳିଙ୍ଗ ଯୁଦ୍ଧ ପରଠାରୁ ନିଶ୍ଚିତ ଭାବରେ ଦୟାର ମାନସିକତା ବହନ କରିଛ । ତୁମର ନାମ ସ୍ମରଣ କରିବା ମାତ୍ରେ ମନେ ପଡିଯାଏ ଏ ଜାତିର ମରମ ବ୍ୟଥା, ଅତୀତର ଗୌରବୋଜ୍ଜ୍ୱଳ ଐତିହ୍ୟ, ମନରେ ଜାଗି ଉଠେ ଅପୂର୍ବ ସାହସ, ଶୌର୍ଯ୍ୟ ଓ ଦମ୍ଭ । ଅନୁଭବ ହୁଏ ଏ ଜାତିର ଆତ୍ମ ପରିଚୟ ।"

କଳିଙ୍ଗର ଦାୟାଦ ଭାବରେ ଆଜି କଳିଙ୍ଗ ଯୁଦ୍ଧ ଶିଳାଲିପି ପାଠକଲେ ରକ୍ତ ଉଷ୍ମ ହୋଇଉଠେ, ମନର ଦୃଢତା ବଢିଯାଏ । ପ୍ରତ୍ୟେକ ପାଠକ ନିଜକୁ ଜଣେ କଳିଙ୍ଗ ଯୋଦ୍ଧା ଭାବରେ ମଣିନିଅନ୍ତି । ମନ ଖୋଜି ବୁଲେ ଅଧିକରୁ ଅଧିକ ତତ୍‌ସମ୍ବନ୍ଧୀୟ ତଥ୍ୟ । ତତ୍କାଳୀନ ଭାରତର ଓ କଳିଙ୍ଗର ଜନରାଶି ଅଟକଳ ଏହି ଯୁଦ୍ଧର ବର୍ଣ୍ଣିତ ସଂଖ୍ୟା ଉପରେ ସନ୍ଦେହ ସୃଷ୍ଟି କରେ । ଯେତେବେଳେ ସର୍ବବୃହତ୍ ମୌର୍ଯ୍ୟ ସାମ୍ରାଜ୍ୟର ଜନସଂଖ୍ୟା ପଚାଶ ଲକ୍ଷ, ଏକ ବିଂଶତି ଭୌଗୋଳିକ ଆୟତନର ଓ ଅଳ୍ପ ଘନତ୍ୱ ଜନରାଶିର କଳିଙ୍ଗରେ ଚାରିଲକ୍ଷ ମୃତାହତର

ଆକଳନ କେମିତି ଟିକିଏ ଆଶଙ୍କା ସୃଷ୍ଟି କରେ ମନରେ । ପୁଣି ଏହି ପ୍ରକାଣ୍ଡ ଯୁଦ୍ଧର ଗୋଟିଏ କି ଦୁଇଟି ଶତାବ୍ଦୀ ପରର ସୁସମୃଦ୍ଧ ମହାମେଘ ବାହାନଙ୍କ କଳିଙ୍ଗ ଓ ତାଙ୍କର ସମୃଦ୍ଧ ହାତୀଗୁମ୍ଫା ଶିଳାଲିଖନ ଯୁଦ୍ଧ ବିଷୟରେ ମୂକ ! ଅଶୋକଙ୍କର ଆସ୍ୱର୍ଦ୍ଧ ଶିଳାଲିଖନର ପରିସଂଖ୍ୟାନ ପୁନଃ ବିଶ୍ଳେଷଣ କରିବାର ଇଙ୍ଗିତ ଦିଏ । ମୌର୍ଯ୍ୟ ଭାରତର ପଶ୍ଚିମ ସୀମା କାନ୍ଦାହାର ଶିଳାଲିପିର ଗ୍ରୀକ୍ ଭାଷାରେ ଲିଖିତ ଏହି କଳିଙ୍ଗଯୁଦ୍ଧ ବିବରଣୀ ଓ ଖୋଦ୍ କଳିଙ୍ଗ ତଥା ଦେଶର ଅଭ୍ୟନ୍ତର ଏହି ବର୍ଣ୍ଣନାରୁ ବାଦ୍ ପଡିବା କିଛିଟା ଛଳନାର ଅବତାରଣା କରେ । ମନରେ ଆସେ ଶିଳାଲିଖନ ନୂତନ ଭାବରେ ସେଇ ପଶ୍ଚିମ ଜଗତରୁ ଅଶୋକଙ୍କ ସମୟରେ ଧୀରେ ଧୀରେ ଦେଶରେ ବିକଶିତ ହେବାବେଳେ ଘଟିଥିବା ପ୍ରକୃତ ଇତିହାସ ଓ ମୌର୍ଯ୍ୟ ସମ୍ରାଟଙ୍କର ମର୍ଯ୍ୟାଦାଲିଖନ ଭିତରେ ଅନେକ ଅନ୍ତର ଦେଖାଯିବା ବାସ୍ତବିକ । ମଗଧ ସମ୍ରାଟ ଧର୍ମ ଆଚରଣର କାରଣ ନିମନ୍ତେ ଅଧିକ କାରୁଣ୍ୟ ରସର ସଂଯୋଜନା କରିପାରିଥାଆନ୍ତି । ଏହି ସଂଖ୍ୟାଧିକ ବିବରଣୀ ଅନ୍ୟ ରାଜଶକ୍ତି ମାନଙ୍କୁ ନିଜର ବଳ ପ୍ରଦର୍ଶନର ମାଧ୍ୟମ ହୋଇପାରେ ।

କଳିଙ୍ଗ ଚେତନାରେ ପରିପୁଷ୍ଟ କଳିଙ୍ଗ ସୈନିକ ମନରେ ଗର୍ବ ଆସେ ବୀରତ୍ୱ ଓ ମାତୃଭକ୍ତିର ନିଦର୍ଶନ ପାଇଁ, କିନ୍ତୁ ମନ ମାନେ ନା ଏମିତି ଏକ ଅତିରଞ୍ଜିତ ସଂଖ୍ୟାତୀତ କଳିଙ୍ଗବାସୀଙ୍କର ନରସଂହାର ।

ସମଦର୍ଶନ, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୯୪୩୮୬୯୪୩୧୦

✠✠✠



# ଓଡ଼ିଶାର ଲୋକଚରିତ୍ର

ଡ. ପଦ୍ମାଳୟା ମହାପାତ୍ର

ଭାରତୀୟ ଐତିହ୍ୟର ଏକ ସୁନ୍ଦର ଓ ସମୁଜ୍ଜ୍ୱଳ ରାଜ୍ୟ ହେଉଛି କଳିଙ୍ଗ - ଉତ୍କଳ - ଓଡ଼ିଶା । ଅନେକ ବିଭବରେ ପରିପୂର୍ଣ୍ଣ ଓଡ଼ିଶାର ଚିତ୍ର ଓ ଅବୟବ, ଏ ମାଟିର ଅନୁପମ ପ୍ରାକୃତିକ ଏବଂ ନୈସର୍ଗିକ ଶୋଭା ଦେଶ ବିଦେଶର ପର୍ଯ୍ୟଟକ ମାନଙ୍କୁ ଆବହମାନ କାଳରୁ ଆକର୍ଷିତ କରି ଆସିଛି । ଦୂର ଅତୀତରେ ଏହାର ନୌବାଣିଜ୍ୟ ବିଶ୍ୱ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି ଓ ଏହାର ପ୍ରାକୃତିକ ଖଣିଜ ସମ୍ପଦ ଏ ମାଟିକୁ ରତ୍ନଗର୍ଭାର ପରିଚୟ ପ୍ରଦାନ କରିଛି ।

ଓଡ଼ିଶାର ଲୋକଚରିତ୍ରକୁ ଅନୁଧ୍ୟାନ କରିବାକୁ ହେଲେ ଏହାର ପାରିପାର୍ଶ୍ୱିକ ପରିବେଶକୁ ପ୍ରାଧାନ୍ୟ ଦେବାକୁ ପଡ଼ିବ । ଜଣେ ମଣିଷର ଚରିତ୍ର ଯେପରି ତାର ପରିବାରର ସଂସ୍କାର ତଥା ନୀତି ନିୟମ ଦ୍ୱାରା ଗଠିତ ହୋଇଥାଏ. ଗୋଟିଏ ଜାତିର ଚରିତ୍ର ମଧ୍ୟ ତାର ସାମୂହିକ ପରିସ୍ଥିତି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । । ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା । ବହୁ କଷ୍ଟଲବ୍ଧ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଏହି ମାଟିର ପୂର୍ବସୂରୀ ମାନଙ୍କର ବହୁମୂଲ୍ୟ ଅବଦାନ ଅବିସ୍ମରଣୀୟ । ବର୍ତ୍ତମାନ ୩୦ଟି ଜିଲ୍ଲାକୁ ନେଇ ଓଡ଼ିଶାର କ୍ଷେତ୍ରଫଳ ୧,୫୫,୭୦୭ ବର୍ଗ କିଲୋମିଟର । ଅଧିକାଂଶ ଗ୍ରାମକୁ ନେଇ ଗଠିତ ଓଡ଼ିଶାର ଚଳଣି ମୁଖ୍ୟତଃ ଗ୍ରାମସଂସ୍କୃତି ଉପରେ ପର୍ଯ୍ୟବେଶିତ । ଓଡ଼ିଶାରେ ଗାଁ ବେଶି, ଗାଁବାଲା ଖାଣ୍ଟି ଓଡ଼ିଆ ।

ଓଡ଼ିଶାର ଗୌରବାବହ ଐତିହ୍ୟ ତଥା ଏଠିକାର ଲୋକମାନଙ୍କର ଚରିତ୍ର ବାବଦରେ ଆଲୋଚନା କରିବାକୁ ହେଲେ ଏହାର ସାମାଜିକ, ସାଂସ୍କୃତିକ ତଥା ଅର୍ଥନୈତିକ ଦିଗ ଉପରେ ଆଲୋକପାତ କରିବାକୁ ହେବ । ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଏହାର ସ୍ୱାଭିମାନ ଓ ଶ୍ରୀକ୍ଷେତ୍ର ଏହାର ବୈକୁଣ୍ଠ ସମାନ । ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ହୋଇଛି ଆମର ସାମାଜିକ ବ୍ୟବସ୍ଥା । ସର୍ବଧର୍ମ ସମନ୍ୱୟବାଦୀ ପ୍ରଭୁ ଶ୍ରୀଜଗନ୍ନାଥ ଯୁଗେଯୁଗେ ବହୁଧର୍ମ ମତବାଦର ଉପାସକ ମାନଙ୍କ ଦ୍ୱାରା ପୂଜିତ ହୋଇ ଆସୁଛନ୍ତି । ଓଡ଼ିଶାର ଲୋକମାନେ ହିନ୍ଦୁଧର୍ମାବଲମ୍ବୀ -ମାତ୍ର ଅନ୍ୟ ଧର୍ମକୁ ମଧ୍ୟ ସମ୍ମାନ କରନ୍ତି । ତାହାର ଜ୍ୱଳନ୍ତ ଉଦାହରଣ ହେଉଛି ପୁରୀର ରଥଯାତ୍ରା । ଯେହେତୁ ଅନ୍ୟ ଧର୍ମର ଲୋକମାନେ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିପାରନ୍ତି ନାହିଁ । ସେମାନଙ୍କୁ ଦର୍ଶନ ଦେବାପାଇଁ ହିଁ ପ୍ରଭୁ ରଥରେ ଚଢ଼ି ଓହ୍ଲାଇ ଆସନ୍ତି ବଡ଼ଦାଣ୍ଡକୁ । ସମସ୍ତେ ତାଙ୍କ ଦଉଡ଼ି ଧରି ରଥ ଟାଣିବାର ଅଧିକାର ପାଇଛନ୍ତି । 'ଅତିଥି ଦେବ ଭବଃ' ମନ୍ତ୍ରରେ ଦୀକ୍ଷିତ ଓଡ଼ିଶାବାସୀ ଆଦରରେ ସ୍ୱାଗତ କରନ୍ତି ଅତିଥିମାନଙ୍କୁ । ଜଗନ୍ନାଥଙ୍କ ପାଇଁ ଥିବା ଭକ୍ତି ଲୋକମାନଙ୍କୁ ଧର୍ମପରାୟଣ, ଅତିଥିପରାୟଣ ତଥା ସଂସ୍କୃତିସମ୍ପନ୍ନ କରିଥାଏ ।

ବିଭିନ୍ନ ସମୟରେ ମୁସଲମାନ, ମୋଗଲ, ମରାଠା ଏବଂ ବ୍ରିଟିଶ୍ ମାନଙ୍କର ଶାସନାଧୀନ ହୋଇ ଏହି ଓଡ଼ିଶା ପ୍ରଦେଶ, ଶାସନତନ୍ତ୍ର, ଜନ ସଂସ୍କୃତି, ଭାଷା ଓ ରଚି ଏକ ସ୍ୱତନ୍ତ୍ର ଦିଗରେ ଅଗ୍ରସର ହୋଇଛି । ଓଡ଼ିଆ ଜାତି ଇତିହାସର ଆରମ୍ଭରୁ ବିଭିନ୍ନ ଧର୍ମଧାରାର ଶୃଙ୍ଖଳିତ ଜୀବନ ନିର୍ବାହ କରିଥାଏ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଅବଶେଷରେ ବହୁ ସଂଗଠନ ଆଉ ସମ୍ମିଶ୍ରଣର ପରିଣାମ ସଦୃଶ ଦୀର୍ଘ ଏକ ସହସ୍ରାବ୍ଦ ହେବ ଜଗନ୍ନାଥ ଧର୍ମ ନାମରେ ଯେଉଁ ନୂତନ ଜୀବନଧାରା ପ୍ରବାହିତ ହେଉଛି, ସେହି ସ୍ରୋତରେ ପ୍ରତ୍ୟେକ ଉତ୍କଳୀୟ ସନ୍ତରଣ କରି ନିଜର ଅନୁଭବ ଆଉ ଚରିତ୍ରକୁ ପ୍ଲାବିତ କରନ୍ତି । ଜଗନ୍ନାଥ ଧର୍ମ ଓଡ଼ିଶାର ଲୋକ ଚରିତ୍ରକୁ ଅଧିକ ସୌହାର୍ଦ୍ଦ୍ୟପୂର୍ଣ୍ଣ, ସାମାଜିକ ଓ ଶାନ୍ତିପୂର୍ଣ୍ଣ ପାଇଁ ସହାୟକ । ଓଡ଼ିଆମାନେ ଅଧିକ ସହାନୁଭୂତିଶୀଳ, କ୍ଷମାଶୀଳ, ସରଳ ଓ ବିଶ୍ୱାସୀ । ଏହି ଭାବନାରେ ପରସ୍ପରର ଆଦର, ବିଶ୍ୱଭାତୃଭାବ ଓ ମାନବିକତାର ଗୁଣ ଭରି ରହିଛି ।

ମହାନ ଉତ୍କଳୀୟ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଦିଗରେ ପର୍ବପର୍ବାଣୀ ଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଚନ୍ଦନଯାତ୍ରା, ରଜପର୍ବ, ଖୁଦୁରୁକୁଣୀ, ଗହ୍ମା ପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ଭାଗବତ ଜନ୍ମ, କାର୍ତ୍ତିକ ପୂର୍ଣ୍ଣିମା, ମାର୍ଗଶିର ମାଣବସା ଗୁରୁବାର, ଦୋଳପର୍ବ ଆଦି ଓଡ଼ିଶାର ଘରେ ଘରେ ପାଳିତ ହେଉଥିବା ପର୍ବ । ମାର୍ଗଶିର ମାସରେ ଓଡ଼ିଶାର କେବଳ ପୁରପଲ୍ଲୀ କାହିଁକି, ଆଜିକାଲି ସହର ମାନଙ୍କରେ ବି ଗୁରୁବାର ଲକ୍ଷ୍ମୀପୂଜା ଝୋଟି ଚିତ୍ର ଓଡ଼ିଆ ଗୃହଲକ୍ଷ୍ମୀକୃତ କୁଶଳୀ ହାତର ସାମାଜିକତା ଓ ସଂସ୍କୃତି ଦେଖିବାକୁ ମିଳେ । ଏଗୁଡ଼ିକ ପ୍ରାୟତଃ ଦେଶର ଅନ୍ୟ କୌଣସି ରାଜ୍ୟରେ ଦେଖାଯାଏନି । ରାଜ୍ୟର ଜଳବାୟୁ ଓ କୃଷି ଉତ୍ପାଦନ, ବର୍ଷା ଓ ପ୍ରାଚୀନ ନୌବାଣିଜ୍ୟ ସହିତ ଓତପ୍ରୋତ ଭାବେ ଜଡ଼ିତ । ପ୍ରତି ପର୍ବକୁ ସାମୂହିକ ଭାବରେ ପାଳନ କରିବା ଦ୍ୱାରେ ରାଜ୍ୟ ଉତ୍ସବ-ମୁଖର ହୋଇଉଠେ ।

ଭାତୃଭାବ ଉତ୍ପନ୍ନ ହୁଏ । ସାମାଜିକ କ୍ଷେତ୍ରରେ ନେତୃତ୍ୱ ନେବାର ଶୈଳୀ ଏମିତି ଗ୍ରାମ ବା ସହର ପରିବେଶରୁ ହିଁ ଆରମ୍ଭ ହୁଏ । ପର୍ବପର୍ବାଣି ଗୁଡ଼ିକ ନିଜର ଧାର୍ମିକ ଚେତନା ଆଉ ସାମାଜିକ ଶୃଙ୍ଖଳା ବଳବତ୍ତର ହୁଏ । ଯାନିଯାତ୍ରାରେ ଏକାଠି ହୋଇ ପରସ୍ପର ଭିତରେ ଥିବା ସ୍ନେହ ଓ ମମତାର ବନ୍ଧନ ଏବଂ ଗ୍ରାମ୍ୟଚେତନା, ଏକତା ଦୃଢ଼ୀଭୂତ ହୁଏ । ସାହାଯ୍ୟ ମନୋବୃତ୍ତି ଏବଂ ସାମାଜିକ ସମନ୍ୱୟ ସ୍ୱତଃ ଗଢ଼ିଉଠେ । ପ୍ରତିଟି ପରିବାରରେ ଗୁରୁଜନ ମାନଙ୍କୁ ଭକ୍ତି ଓ ସମ୍ମାନ, ପରସ୍ପର ମଧ୍ୟରେ ସଦ୍‌ଭାବ, ପାରିବାରିକ ଶୃଙ୍ଖଳା, ଯାହା ହିନ୍ଦୁ ପରିବାରର ଆଦର୍ଶ ତାହା ଆଜିର ଉଗ୍ର ଆଧୁନିକତା ଦ୍ୱାରା କଳୁଷିତ ହୁଏନି । ଆଜି ବି ଓଡ଼ିଶାର ଗ୍ରାମ୍ୟ ଜୀବନ ଆଧୁନିକତାର ଜୀବନଶୈଳୀ ଓ ତୀକ୍ଷ୍ଣ ସମୟ ନିର୍ଘଣ୍ଟ ଦ୍ୱାରା ପ୍ରଭାବିତ ହୋଇପାରିନି କି ସାଧାରଣ ହିନ୍ଦୁ ପରିବାର ପ୍ରଥା ଲୋପ ପାଇଯାଇନି ।

ଓଡ଼ିଶାର ପୁରପଲ୍ଲୀରେ ଏବେ ବି ସନ୍ଧ୍ୟାହେଲେ ଭାଗବତ ଟୁଙ୍ଗୀରୁ ଭାସିଆସେ ଓଡ଼ିଆ ନବାକ୍ଷରୀ ଭାଗବତର ସ୍ୱର । ଏବେ ବି ଗାଁର ପୁରୁଖାମାନେ ସାଧାରଣ ମନୋମାଳିନ୍ୟ, ପଡ଼ୋଶୀ ସମସ୍ୟା ତୁରନ୍ତ ସମାଧାନ କରନ୍ତି । ସେମାନଙ୍କ ଦ୍ୱାରା ସମାହିତ ନହୋଇ ପାରିଲେ, ପୋଲିସ୍ କି ନ୍ୟାୟାଳୟ କଥା ଉଠେ । ଓଡ଼ିଶାର ଗ୍ରାମ ସଂହତି ଆଉ ବ୍ୟକ୍ତିଗତ ଆଚରଣ ନିଶ୍ଚିତ ଦୂରଦର୍ଶନ ପ୍ରଚାର ଓ ସମ୍ବାଦ ସରବରାହ ପଦ୍ଧତି ଦ୍ୱାରା ଅନେକ ପ୍ରଭାବିତ, କିନ୍ତୁ ଲୋକମାନଙ୍କର ଅହିଂସା, ପରସ୍ପରକୁ ସାହାଯ୍ୟ କରିବାର ମନୋଭାବ, ଶାନ୍ତିରେ ସମୟ କଟାଇବାର ଆକାଂକ୍ଷା ଆଉ ପଡ଼ୋଶୀ ତଥା ଗ୍ରାମବାସୀମାନଙ୍କ ଦୁଃଖ ଦୂର କରିବାର ପ୍ରବୃତ୍ତି, ଗାଁର ରୋଗୀଟିର ଚିକିତ୍ସା ବା କାହା ଘରେ ମୃତ୍ୟୁ ଘଟିଲେ ମଡ଼ାସାଙ୍ଗିଆ ହୋଇ ସତ୍କାର କରିବାର ବିଧି ଆଜି ସକାରାତ୍ମକ ହୋଇଛି । ଏବେ ଗାଁ ଗଣ୍ଡାରେ ଭୋଜିଭାତ ହେଉ କି ଜନ୍ମଦିନ ବା ଶୁଦ୍ଧିଘର ହେଉ, ଏହା ପୂର୍ବ ଅପେକ୍ଷା ଅଧିକ ସାମାଜିକତା ଭିତ୍ତିଭୂମିରେ ପାଳିତ ହେଉଛି ।

ଏବେ ଓଡ଼ିଶାର ଶିଳ୍ପ ସମ୍ପଦ ଆଉ ମାନବ ସମ୍ବଳର ପରିଚାଳନା ସାଧାରଣ ଲୋକର ଦୈନନ୍ଦିନ ଜୀବନକୁ ସେତେଟା ପ୍ରଭାବିତ କରିପାରିନାହିଁ । କିନ୍ତୁ ଓଡ଼ିଆ କୁଟୀର ଶିଳ୍ପ ଆଉ ଲୋକାଦୃତ କ୍ଷୁଦ୍ରଶିଳ୍ପ ବଞ୍ଚି ରହିଛି ନିଜର ସ୍ୱାତନ୍ତ୍ର୍ୟ ଆଉ ଆକର୍ଷଣ ବଳରେ କେବଳ ଦେଶରେ ନୁହେଁ, ସାରା ବିଶ୍ୱରେ । ଓଡ଼ିଆ ଶିଳ୍ପୀ ପ୍ରସ୍ତୁତ ବୟନଶିଳ୍ପ, ହସ୍ତତନ୍ତ, ପଟ୍ଟଚିତ୍ର, ଚାନ୍ଦୁଆ, ସିଂଘକାମ, ତାରକସୀ, ଶିଳାଶିଳ୍ପ, ବାଲୁକା କଳା କ୍ଷେତ୍ରରେ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ତଥା ବାଣିଜ୍ୟ ରପ୍ତାନିରେ ବିଶେଷ ଭୂମିକା ନିଏ । ଏଗୁଡ଼ିକ ଆଜିର ଜଗତୀକରଣ ପଦ୍ଧତିରେ ବିଶ୍ୱବ୍ୟାପୀ ଜନସମାଜର ଆକର୍ଷଣ ହୋଇଗଲାଣି । ତା ସହିତ ଓଡ଼ିଶୀନୃତ୍ୟ ସଂଗୀତ, ସମ୍ବଲପୁରୀ ନୃତ୍ୟଗୀତ ବିଶ୍ୱଦରବାରରେ ଓଡ଼ିଆ ଜୀବନଧାରାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିସାରିଲାଣି । ପାଲା, ଦାସକାଠିଆ, ଘୋଡ଼ାନାଚ, ଛଉନାଚ, ଘୁମୁରା, ଡାଲଖାଇ, ରସରକେଳି, ଗୋଟିପୁଅ ନାଚ ଓଡ଼ିଆ ସଂସ୍କୃତିର ବିଚିତ୍ରା ଆଜି ଓଡ଼ିଶା ବାହାରେ ଓଡ଼ିଆ ଚରିତର ଆତ୍ମପ୍ରକାଶ କରୁଛି । ବିଦେଶରେ ଏଗୁଡ଼ିକର ଆଦର ପ୍ରତି ଦର୍ଶକ ମନକୁ କେବଳ ବିମୁଗ୍ଧ କରୁନି, ମାନବିକତା ଆଉ ଜୀବନଧାରାର ପ୍ରାକୃତିକ ଦିଗ ଉପରେ ଗୁରୁତ୍ୱ ଦେଉଛି । ଓଡ଼ିଆ ଜୀବନ ଦର୍ଶନ ଆଉ ପ୍ରକୃତି ଓ ପରିବେଶ ସହମତିର ପ୍ରସାର କରୁଛି । ବିଦେଶରେ ଏ ସବୁର ପ୍ରଦର୍ଶନ ମୈତ୍ରୀ ଓ ପ୍ରୀତିର ଧାରା ଦର୍ଶାଇବା ସହିତ ଆନ୍ତର୍ଜାତୀୟ ସମ୍ପର୍କ ସୃଷ୍ଟି କରୁଛି ।

ଓଡ଼ିଆ ଜୀବନ ବହୁ ପରିମାଣରେ ଓଡ଼ିଶାର ଇତିହାସ ଓ ଐତିହାସିକ ଚରିତ୍ର ଦ୍ୱାରା ବଳିଷ୍ଠ ଭାବରେ ପ୍ରଭାବିତ । ବୀରତ୍ୱ ଆଉ ଦୁଃସାହସର ଅପୂର୍ବ ଉଦାହରଣରେ ସମୃଦ୍ଧ ପାଞ୍ଚ ସହସ୍ରାବ୍ଦର ସଭ୍ୟତା କେବଳ ଓଡ଼ିଆ ପ୍ରାଣକୁ ଗର୍ବିତ କରେନି, ଅନେକମତେ ଓଡ଼ିଆ ଚରିତର ସଂଗଠକ । ମହାନ୍ କଳିଙ୍ଗାଧିପତି ଖାରବେଳ, ଦିଗବିଜୟୀ କପିଳେନ୍ଦ୍ରଦେବ ଯେଉଁ ମାଟିର ସନ୍ତାନ, ସେଇ ମାଟି ବି ଚଣ୍ଡାଶୋକ ବିବେକରେ ପ୍ରତ୍ୟାରୋପଣ କରିଛି ମାନବୀୟ ଧର୍ମ ଆଉ ମାନବିକତା, ସେଇ ମାଟି ଗଜ ଆଉ ପାଇକ ସାମର୍ଥ୍ୟର ସମନ୍ୱୟରେ ବୀରତ୍ୱର ପରାକାଷ୍ଠା ରଚାଇ ଓଡ଼ିଆ ପ୍ରାଣର ଉଦାହରଣ ସୃଷ୍ଟି କରିଛି ।

ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଜି ଓଡ଼ିଶାର ସ୍ଥାନ ଉଚ୍ଚରେ । ବହୁ ଉଚ୍ଚଶିକ୍ଷିତ ବ୍ୟକ୍ତି ରାଜ୍ୟ ଓ ଦେଶ ବାହାରେ ଓଡ଼ିଶାର ଗୌରବ ମଣ୍ଡନ କରିଛନ୍ତି । ନାରୀଶିକ୍ଷାର ଅଗ୍ରଗତି ବଳରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ସମ୍ମାନର ସହିତ ସାମାଜିକ ଜୀବନ ନିର୍ବାହ କରିବାର ଅଧିକାର ପାଇଛନ୍ତି । ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ବହୁ ପ୍ରତିଷ୍ଠିତ ଓଡ଼ିଆ ଡାକ୍ତର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଆ ଜାତିର କୃତିତ୍ୱ ପରିପ୍ରକାଶ କରୁଛନ୍ତି । ଶିଳ୍ପ, ବାଣିଜ୍ୟ ବିକାଶ ସହିତ ଓଡ଼ିଶାର ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରିଛି । ଓଡ଼ିଆ ଯୁବପିଢ଼ିର ଦୃଢ଼ ମନୋବଳ, କଠୋର ପରିଶ୍ରମ ଆଉ କର୍ମନିଷ୍ଠା ହେତୁ ବହୁ ଆନ୍ତର୍ଜାତୀୟ କମ୍ପାନୀରେ ନିଯୁକ୍ତି ପାଇ ରାଜ୍ୟର ଶିଳ୍ପ ଓ ଅର୍ଥନୀତିକୁ ବଳିଷ୍ଠ କରିବାର ସୁଯୋଗକୁ ସଫଳ କରୁଛନ୍ତି ।

ପର୍ଯ୍ୟଟନ କ୍ଷେତ୍ରରେ ଆଶାଜନକ ନହେଲେ ବି ଅନେକାଂଶରେ ଉନ୍ନତି ପରିଲକ୍ଷିତ ହୁଏ । ବିସ୍ତୃତ ଭିତ୍ତିଭୂମି ଦଣ୍ଡାୟମାନ ଓଡ଼ିଶା ପର୍ଯ୍ୟଟନଶିଳ୍ପ ନିମିତ୍ତ । କୋଣାର୍କର ସ୍ଥାପତ୍ୟର ଉତ୍କର୍ଷତା, ବିସ୍ତୃତ ସୁନେଲି ବେଳାଭୂମି, ରୂପସୀ ଚିଲିକା, ସାତପଡ଼ାର ଡଲ୍‌ଫିନ୍, ମନ୍ଦିରମାଳିନୀ ଏକାମ୍ରନଗରୀ, କଳିଙ୍ଗଯୁଦ୍ଧର ମୂକସାକ୍ଷୀ ଧଉଳି ପାହାଡ଼, ଖଣ୍ଡଗିରି ଉଦୟଗିରିର ଶିଳାଶିଳ୍ପ, ନନ୍ଦନକାନନର ବନ୍ୟଜୀବ ଚିଡ଼ିଆଖାନା ତଥା ଓଡ଼ିଶା ଅଭ୍ୟନ୍ତର ଜିଲ୍ଲା ଗୁଡ଼ିକରେ ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକ ବାହାରର ପର୍ଯ୍ୟଟକଙ୍କୁ ଅପୂର୍ବ ଆନନ୍ଦ ଦିଏ । ଓଡ଼ିଶା ପର୍ଯ୍ୟଟନରେ ଆସିଥିବା ପର୍ଯ୍ୟଟକ ଓଡ଼ିଆ ଜୀବନଶୈଳୀ ଓ ଓଡ଼ିଶାର ବନଜାତି ମାନଙ୍କର ସଂସ୍କୃତିକୁ ବେଶ୍ ଉପଭୋଗ କରନ୍ତି, ଗମନାଗମନ ଦୃଷ୍ଟିରୁ ଏଇ ଅପନ୍ତରା ରାଜ୍ୟରେ ଅନ୍ତର୍ନିହିତ ଥିବା ସଂସ୍କୃତି ଓ ଆତିଥ୍ୟରେ ବିସ୍ମିତ ହେବାର ଲକ୍ଷ୍ୟ କରାଯାଏ । ବହୁ ସମୟରେ ସେମାନଙ୍କର ଓଡ଼ିଆ ଜୀବନଶୈଳୀକୁ ପ୍ରକୃତି କୋଳର ସରଳ, ନିଷ୍କପଟ ଆଉ ସାଧୁ ବୋଲି ମନ୍ତବ୍ୟ ଆମ ନୈତିକ ଆଉ ଆଧ୍ୟାତ୍ମିକ ଜୀବନର ସାର୍ଥକତାର ଉଦାହରଣ ହୋଇପାରେ ।

ଭାଷା ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଓଡିଆ ନିଜର ପାରଦର୍ଶିତା ପ୍ରତିପାଦନ କରିଛନ୍ତି । ଏହା ନିଃସନ୍ଦେହ ଯେ, ସାହିତ୍ୟ ଯେଉଁ ସମାଜରେ ଯେତିକି ସମୃଦ୍ଧ, ସଂସ୍କୃତି ସମାନୁପାତରେ ବିକଶିତ । କବି ଓ ଲେଖକ ସମାଜରେ ଚରିତ୍ର ଗଠନ ଠାରୁ ଆରମ୍ଭ କରି ସାମାଜିକ ସଂସ୍କାର, ପ୍ରତିଭା ବିକାଶ ଏବଂ ନୂତନ ଜାଗରଣ ସୃଷ୍ଟି କରିପାରନ୍ତି । ନିଜର ବଳିଷ୍ଠ ଲେଖନୀ ସମାଜକୁ ଅର୍ପଣ କରିଥାଏ ଅମୂଲ୍ୟ ସମ୍ପଦ - ଇତିହାସ, ବର୍ତ୍ତମାନ ଆଉ ଭବିଷ୍ୟତ ପାଇଁ କାଳଜୟୀ ରଚନା । ଗୋଦାବରୀଶ ମହାପାତ୍ରଙ୍କର 'ଉଠ କଙ୍କାଳ' କବିତା ଶୁଣିଲେ ସୁପ୍ତ ଓଡିଆ ମନରେ ପ୍ରାଣ ସଞ୍ଚାରିତ ହୁଏ ଓ ଦେଶାତ୍ମବୋଧର ବହ୍ନି ପ୍ରଜ୍ଜ୍ୱଳିତ ହୁଏ । ଏମିତି ଅନେକ ଜୀବନ୍ତ ସାହିତ୍ୟ ରହିଛି ବ୍ୟାସକବି ଫକୀର ମୋହନଙ୍କ ଠାରୁ ଆଜିର ପ୍ରତିଭା ରାୟଙ୍କ ପର୍ଯ୍ୟନ୍ତ । ଓଡିଆ ଭାଷା ଏକ ସମୃଦ୍ଧ ଭାଷା, ଏହା ପ୍ରମାଣିତ । ଆଜିର ବିଶ୍ୱରେ ପ୍ରତିଟି ଭାଷା ବଜାର-ଭିତ୍ତିକ ସଭ୍ୟତାରେ ବିପନ୍ନ ହେବାର ଭୟ ବି ରହିଛି ଓଡିଆ ଭାଷାକୁ । ଓଡିଆ ଜୀବନରେ ଆନ୍ତର୍ଜାତୀୟତାକୁ ପାଥେୟ କରିବାରେ ଏପରି ଭୟ ଦୃଶ୍ୟମାନ । ଏମିତି ଗୋଟିଏ ଅଚିରସ୍ଥାୟୀ ପ୍ରଭାବ ଦିନେ ଦୂର ହେବ ଏବଂ କେବଳ ଆମ ଓଡିଆ ନୁହେଁ, ପ୍ରତିଟି ପ୍ରାଦେଶିକ ଭାଷା ନିଜ ନିଜ ଭୂମିକା ନିଭାଇବେ । ଆଜିର ସଂକଟରେ ଓଡିଆଭାଷୀ ନିଜର ଭାଷାକୁ ଦୃଢ ଆଉ ସ୍ଥିର ଭାବରେ ବଞ୍ଚାଇ ରଖିବା ଉଦ୍ୟମ ଜରୁରୀ ।

ଏତେ ସବୁ ବିଭବ ଆଉ ସ୍ୱଭାବ ସତ୍ତ୍ୱେ ଆମ ରାଜ୍ୟ ଓଡିଶାକୁ ଅନଗ୍ରସର, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ପଛୁଆ ବୋଲି କାହିଁକି ଜାତୀୟ ସ୍ତରରେ ସ୍ୱର ଶୁଣାଯାଏ ? ରାଜନୀତି ଆଉ ପ୍ରଚାର ମୁଖର ସମ୍ବାଦ ସରବରାହ ପ୍ରତିଟି ପାଠକକୁ ଭ୍ରମରେ ପକାଇବା ନିଶ୍ଚିତ । ତେବେ ସତଟା କଅଣ ? ଆମର ରାଜନୀତି, ପ୍ରଶାସନ ଆଉ ସମାଜରେ କିଛି ଗୁରୁତର ତ୍ରୁଟି ରହିଛି କି ?

କିଛି ଟା ପରିଦୃଷ୍ଟ ହୁଏ । ରାଜନୀତିର ବିକେନ୍ଦ୍ରୀକରଣ ପ୍ରତିଟି ଜୀବନର ଭାରସାମ୍ୟ ତୁଟାଇ ଦେଇଛି । 'ଦାରିଦ୍ର୍ୟ ଦୂରୀକରଣ' ଆଉ 'ଦରିଦ୍ର ସୀମାରେଖା' ଦୁଇଟି ରାଜନୈତିକ ଆଉ ପ୍ରଶାସନିକ ଶବ୍ଦ ଆଜି କେବଳ ଓଡିଶାରେ ନୁହେଁ ସମୁଦାୟ ଦେଶରେ ସାମାଜିକ ସନ୍ତୁଳନ ନଷ୍ଟ କରିଦେଇଛି । ରାଜନୈତିକ ଦୁରଭିସନ୍ଧିରେ ଜଡିତ ଏହି ଦୁଇଟଙ୍କିଆ ଚାଉଳ, ପାଞ୍ଚଟଙ୍କିଆ ମିଲ୍, ବିଭିନ୍ନ କୃଷକ କଲ୍ୟାଣ ଯୋଜନା, ସ୍ୱାସ୍ଥ୍ୟ ବୀମ ଯୋଜନା ରାଜନୀତିଜ୍ଞ ମାନଙ୍କ ସ୍ୱାର୍ଥ ବ୍ୟତୀତ ଅନ୍ୟ କୌଣସି ଉପାଦେୟତା ସାଧନ କରିପାରିବେ ନାହିଁ । ସାମାଜିକ ଜୀବନ ଉପରେ ନକାରାତ୍ମକ ପ୍ରଭାବ ସହିତ କର୍ମଠ ଜୀବନକୁ ଆଳସ୍ୟମୟ କରିବା ସହିତ ପରଶ୍ରୀକାତର, ହିଂସ୍ର, ଚୋରୀ, ତସ୍କରୀ ଆଉ ଅମାନବିକ ହେବାକୁ ସମୟ ଓ ସମ୍ବଳ ଦିଏ । ଆମର ଓଡିଆ ଗ୍ରାମ-ଜୀବନ ଆଜି ଚାଷ ନକରି କୁଟୀର ଶିଳ୍ପ ଛାଡି ଦିଟଙ୍କିଆ ଚାଉଳରେ ପେଟ ଭରିବାରେ ଲାଗିଛି । ରାଜନୈତିକ ନେତା ମାନଙ୍କ ଭୋଟଖୋର୍ ପ୍ରବୃତ୍ତିର ଅନ୍ତ ନହେଲେ, ସାମାଜିକ ଜୀବନ ସମ୍ପୂର୍ଣ୍ଣ ଧୂଳିସାତ ହେବ, ଜଳଜଳ ହୋଇ ଦିଶୁଛି । ଦାରିଦ୍ର୍ୟ ଦୂରୀକରଣର ଉପଚାର ପାଇଁ ସୁଚିନ୍ତିତ ଯୋଜନାର ଆବଶ୍ୟକତା ରହିଛି ଆଉ ଗଣତନ୍ତ୍ରରେ ମତଦାନର ବି ସ୍ୱଚ୍ଛ ପଦ୍ଧତି ଭବିଷ୍ୟତରେ ସାମାଜିକ ଓ ବ୍ୟକ୍ତିଗତ ଜୀବନକୁ ସରଳ କରିବ ବୋଲି ଆଶା ରହିଛି ।

ଲୋକ ପ୍ରଶାସନ ବିଭାଗ, ଉତ୍କଳ ବିଶ୍ୱ ବିଦ୍ୟାଳୟ,
ବାଣୀ ବିହାର, ଭୁବନେଶ୍ୱର
ମୋ - ୯୪୩୭୪୯୧୬୦୬

✠✠✠



# ଓଡ଼ିଶାର ନାରୀ: ରେବତୀଠାରୁ କଳ୍ପନା ଦାଶ ପର୍ଯ୍ୟନ୍ତ

**ଡ. ଫକୀର ମୋହନ ସାହୁ**

ପୁରୁଷ ଓ ନାରୀ ସୃଷ୍ଟିର ଏକ ପରିପୂରକ ସ୍ଥିତି । ସ୍ଥିତି କେବଳ ଉଦ୍‌ବର୍ତ୍ତନର ପରିଣତ ନୁହେଁ କି ପରିବେଶର ପୂର୍ଣ୍ଣ-ନିୟନ୍ତ୍ରିତ ଫଳାଫଳ ନୁହେଁ । ନାରୀ ଓ ପୁରୁଷର ସ୍ୱାତନ୍ତ୍ର୍ୟ-ସୃଷ୍ଟିରେ ଉଦବର୍ତ୍ତନ ଯେପରି ଭୂମିକା ନେଇଛି, ସାମାଜିକ-ସାଂସ୍କୃତିକ ପରିବେଷ୍ଟନୀ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରିଛି । ଅବଶ୍ୟ ରୁଥ୍ ବେନେଡିକ୍ଟ ଏବଂ ମାର୍ଗାରେଟ୍ ମିଡ୍‌ଙ୍କ ଭଳି ବିଶ୍ୱବିଖ୍ୟାତ ନୃବିଜ୍ଞାନୀମାନେ ନାରୀ ଓ ପୁରୁଷ ବ୍ୟକ୍ତିତ୍ୱକୁ ସାଂସ୍କୃତିକ ଅଭ୍ୟୁନୁକୁଳନର (Cultural Conditioning) ପରିଣତ ବୋଲି ବିଚାର କରନ୍ତି । ଏପରି ଯୁକ୍ତିର ପ୍ରମାଣ ଦେବାକୁ ଯାଇ ସେମାନେ ମୁଣ୍ଡୁଗୁମର୍, ଆରାପେଶ୍ ଏବଂ ଚାମ୍ବୁଲି ପରି କେତେକ ସମ୍ପ୍ରଦାୟର ଦୃଷ୍ଟାନ୍ତ ଦିଅନ୍ତି ଯେଉଁଠାରେ ନାରୀ ଓ ପୁରୁଷର ବ୍ୟବହାରରେ ପୂରାପୂରି ବିପରୀତ ଶୈଳୀ ପରିଦୃଷ୍ଟ ହୁଏ । ନାରୀମାନେ ବାଣିଜ୍ୟ ବ୍ୟବସାୟ ଓ କୃଷିକାର୍ଯ୍ୟ ପରି ଅପେକ୍ଷାକୃତ କଠିନ କାର୍ଯ୍ୟ କରିବା ସ୍ଥଳେ ପୁରୁଷମାନେ ନୃତ୍ୟ, ସଂଗୀତ ଓ ଅନ୍ୟସବୁ କଳାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତି । ଏସବୁ ଦୃଷ୍ଟାନ୍ତ ସତ୍ତ୍ୱେ ବ୍ୟକ୍ତିତ୍ୱ ନିର୍ଦ୍ଧାରଣରେ କୌଣସି ଗୋଟିଏ ଉପାଦାନର ପ୍ରଭାବକୁ ଶତ ପ୍ରତିଶତ ଗ୍ରହଣ କରିହେବ ନାହିଁ । ବିଶେଷତଃ ବାହ୍ୟ ଉପାଦାନର ପ୍ରଭାବକୁ ଅତିକ୍ରମ କରିଯିବାର ସାମର୍ଥ୍ୟ ଯେ ମନୁଷ୍ୟର ରହିଛି, ଏପରି ସମ୍ଭାବନାକୁ ବୈଜ୍ଞାନିକ ସ୍ୱୀକୃତି ଦିଆଯାଇଛି ।

ଅବଶ୍ୟ ଯେ କୌଣସି ବୃହତ୍ତର ଭୂଖଣ୍ଡର ପରିବେଶ (ଜଳବାୟୁ, ବୃକ୍ଷଲତା, ଜୀବଜନ୍ତୁ ଓ ଭୂପୃଷ୍ଠର ଗଠନ) ବ୍ୟକ୍ତିତ୍ୱ ଓ ବ୍ୟବହାରର ମୋଟାମୋଟି ଛାଞ୍ଚ ତିଆରି କରେ । ସାମାଜିକ-ସାଂସ୍କୃତିକ ଉପାଦାନକୁ ଏଥିରେ ରକ୍ତମାଂସ ଦେଇ ବ୍ୟକ୍ତିତ୍ୱର ରୂପରେଖ ନିର୍ମାଣ କରେ । ସେଥିପାଇଁ ଶିକାର କରି ଯାଯାବର ଜୀବନଯାପନ କରୁଥିବା ଲୋକମାନେ ଅପେକ୍ଷାକୃତ ଆକ୍ରମଣାତ୍ମକ ବ୍ୟବହାର ଓ ପ୍ରତିଯୋଗିତା ଭାବାପନ୍ନ ହେବା ସ୍ଥଳେ କୃଷିପ୍ରଧାନ ଦେଶରେ ଲୋକମାନେ ସହନଶୀଳତା ଓ ସହଯୋଗିତା ଦର୍ଶାନ୍ତି ।

ଓଡ଼ିଶାର ସାମାଜିକ ସାଂସ୍କୃତିକ ପଟ୍ଟଭୂମି ପରିପ୍ରେକ୍ଷୀରେ ନାରୀବ୍ୟକ୍ତିତ୍ୱ କିପରି ବିବର୍ତ୍ତିତ ହୋଇଛି, ତାହାର ଆକଳନ ପାଇଁ ଆମକୁ ସାହିତ୍ୟ ଉପରେ ନିର୍ଭର କରିବାକୁ ହେବ । ଜଣେ ବିଶିଷ୍ଟ ଲେଖକ ଥରେ କହିଥିଲେ: ନାମ ଓ ତାରିଖକୁ ବାଦ୍ ଦେଲେ ଇତିହାସରେ ବର୍ଣ୍ଣିତ ସବୁକଥା କାଳ୍ପନିକ । ମାତ୍ର ନାମ ଓ ତାରିଖକୁ ବାଦ ଦେଲେ ଉପନ୍ୟାସର ସବୁକଥା ସତ୍ୟ-ଆଧାରିତ । ଏ ଦୃଷ୍ଟିରୁ ଉଚ୍ଚତର ଓଡ଼ିଆ ସାହିତ୍ୟରେ ରୂପାୟିତ ହୋଇଥିବା ନାରୀ ଚରିତ୍ର ଗଭୀର ଅନୁଧ୍ୟାନର ବିଷୟ ।

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଗଳ୍ପ ଉପନ୍ୟାସ ସବୁ ଚରିତ୍ରର ଚିତ୍ରଶାଳା । ଏଥିରେ ଅଳ୍ପ କେତୋଟି ଚରିତ୍ରର ଦୃଷ୍ଟାନ୍ତ ନିଆଯାଇ ତତ୍‌କାଳୀନ ନାରୀଚରିତ୍ରର ବିଶ୍ଳେଷଣ କରାଯାଇପାରେ । ରେବତୀ ଚରିତ୍ର ଏକ ବହୁଚର୍ଚ୍ଚିତ ପ୍ରତିନିଧି-ଚରିତ୍ର । ଫକୀର ମୋହନଙ୍କ ପ୍ରଥମ ଗଳ୍ପ ରେବତୀ ୧୮୯୮ ମସିହାର ପ୍ରକାଶ ପାଏ ଏବଂ ପ୍ରଥମ ଓଡ଼ିଆ ଗଳ୍ପର ସ୍ୱୀକୃତି ଲାଭ କରେ ।

ରେବତୀ ଏକ ପୃଥକୀକୃତ ଚରିତ୍ର ନୁହେଁ । ନୂଆ ଜୀବନ ପ୍ରତି ଉନ୍ମୁଖ ହୋଇଥିବା ବାଳିକାଟିଏ । ଶିକ୍ଷାଲାଭ କରିବାକୁ ସେ ମନସ୍ଥ କରିଛି ଏବଂ ଶିକ୍ଷକ ରୂପେ ବାସୁଦେବ ଏ ଦିଗରେ ସହାୟତା କରିଛି । ବାଧକ ହେଉଛି କୁସଂସ୍କାରଗ୍ରସ୍ତ ସମାଜ । ପ୍ରାଚୀନ କୁସଂସ୍କାର ରୂପର ପ୍ରତିଭୂ ବୁଢ଼ୀଟିଏ ପ୍ରତିବାଦ କରିଆସିଛି । ଯେଉଁମାନେ ପାଠପଢ଼ିବେ ସେମାନେ ଦୁର୍ଯୋଗର ଶରବ୍ୟ ହେବେ । କଠୋର ଦୈବ ବିଧାନ ଫଳରେ ରେବତୀର ବାପା ମା' ଏବଂ ପରିଶେଷରେ ବାସୁଦେବ ମଧ୍ୟ ଟଳିପଡ଼ିଛନ୍ତି । ବୁଢ଼ୀମା'ର ଭବିଷ୍ୟବାଣୀ ସତ ହେବାର ପରିବେଶ ସୃଷ୍ଟି ହୋଇଛି । ରେବତୀର ମଧ୍ୟ ମୃତ୍ୟୁ ଘଟିଛି । ଏବେ ବି "ଲୋ ରେବତୀ, ଲୋ ରେବି, ଲୋ ନିଆଁ, ଲୋ ଚୂଲୀ" ପ୍ରତିଧ୍ୱନିତ । ଶେଷ ପର୍ଯ୍ୟନ୍ତ କରୁଣ କୋମଳ ଝିଅଟିର ଅଭୀପ୍ସା ଏବଂ ସଂଗ୍ରାମଶୀଳ ନାରୀଜାତିର ଆକାଂକ୍ଷା 'ରେବତୀ' ନିର୍ଘୋଷଣ କରେ । ଜ୍ଞାନଲାଭର ଆହ୍ୱାନ ଓ ମନୁଷ୍ୟତ୍ୱର ପ୍ରାପ୍ତି ଦିଗରେ ରେବତୀର ଯାତ୍ରା ଅସଂପୂର୍ଣ୍ଣ ହୋଇପାରେ, ମାତ୍ର ଅସଫଳ ନୁହେଁ ।

ରେବତୀ ଗୋଟିଏ କିଶୋରୀ ଚରିତ୍ରରେ ପ୍ରତିନିଧିତ୍ୱ କରୁଥିବା ସ୍ଥଳେ ଛ'ମାଣ ଆଠଗୁଣ୍ଠର ରାମଚନ୍ଦ୍ର ମଙ୍ଗରାଜଙ୍କ ପତ୍ନୀ (ସାନ୍ତାଣୀ) ଓ

ଭଗିଆର ପତ୍ନୀ 'ସାରିଆ' ତତ୍‌କାଳୀନ ନାରୀସମାଜର ମୁଖ୍ୟ ଚରିତ୍ର । ଛ'ମାଣ ଆଠଗୁଣ୍ଠ ଫକୀର ମୋହନଙ୍କ ଶ୍ରେଷ୍ଠ କୃତି । ଘଟଣାର ସମୟ ୧୮୦୧ ରୁ ୧୮୪୦ ହୋଇପାରେ ବୋଲି ଅନେକ ସମାଲୋଚକ ମତ ଦିଅନ୍ତି । ଦୀର୍ଘକାଳର ସାମାଜିକ ଅଭିଜ୍ଞତା, ସହାନୁଭୂତି, କଳ୍ପନାଶକ୍ତି ଓ ଶିଳ୍ପଚାତୁର୍ଯ୍ୟ ନେଇ ଫକୀର ମୋହନ ଚରିତ୍ର ସୃଷ୍ଟି କରିଛନ୍ତି । ସାନ୍ତାଣୀ ଚରିତ୍ର ମାଧ୍ୟମରେ ତତ୍‌କାଳୀନ ଧନିକ ଜମିଦାର ପରିବାରର ସରଳ ନିଷ୍କପଟ ଗୃହଲକ୍ଷ୍ମୀଙ୍କ ଚରିତ୍ର ପ୍ରକାଶ ପାଇଛି । ଅନ୍ୟପକ୍ଷରେ ସାଧାରଣ ଜୀବନର ଆତଯାତ ହେଉଥିବା ସରଳବିଶ୍ୱାସୀ ଧର୍ମପରାୟଣା 'ସାରିଆ'ର ଚରିତ୍ର ପାଠକ-ସମ୍ବେଦନର କେନ୍ଦ୍ରବିନ୍ଦୁ । ତତ୍‌କାଳୀନ ସମାଜରେ ନାରୀ ଅନ୍ୟମାନଙ୍କର ଚକ୍ରାନ୍ତର କିପରି ଶରବ୍ୟ ହେଉଥିଲା, ସାରିଆ ତାହାର ନିର୍ଭରଯୋଗ୍ୟ ପ୍ରମାଣ ।

ଅବଶ୍ୟ କେହି କେହି ଯୁକ୍ତି କରିପାରନ୍ତି ଯେ ତତ୍‌କାଳୀନ ସମାଜରେ ସାରିଆ ପରି ନିଷ୍ପାପ ନିଷ୍କପଟ ଚରିତ୍ର ଯେପରି ଥିଲା ଚମ୍ପା ପରି ଧୂର୍ତ୍ତ ଓ ବିପର୍ଯ୍ୟୟର ବିନ୍ଧାଣୀ ମଧ୍ୟ ରହିଥିଲା । ତେବେ ବିଶିଷ୍ଟ ଔପନ୍ୟାସିକ ଇ.ଏମ୍. ଫଷ୍ଟରଙ୍କ ମତ ଅନୁଯାୟୀ ପ୍ରତି ଉପନ୍ୟାସରେ Flat ଚରିତ୍ର ରୁହନ୍ତି ଏବଂ Round ଚରିତ୍ର ମଧ୍ୟ ରୁହନ୍ତି । Flat ଚରିତ୍ରବି ପ୍ରତିନିଧିମୂଳକ ହୋଇଥିବା ସ୍ଥଳେ Round ଚରିତ୍ରବି ଅନନ୍ୟତାର ଅଧିକାରୀ । ଏପରି ପରିପ୍ରେକ୍ଷୀରେ 'ସାନ୍ତାଣୀ'ଙ୍କ ଚରିତ୍ର ଏବଂ 'ସାରିଆ'ର ଚରିତ୍ର ପ୍ରତିନିଧିମୂଳକ (Flat ଚରିତ୍ରର) ସମାଜରେ ଏମାନଙ୍କ ସଂଖ୍ୟା ଖୁବ୍ ବେଶୀ । ଅନ୍ୟ ପକ୍ଷରେ ଚମ୍ପା ଏକ ବ୍ୟତିକ୍ରମ । କ୍ଷୁରଧାର ପରି ତା'ର ବୁଦ୍ଧି । ମଙ୍ଗରାଜଙ୍କୁ କିପରି ଫିସାଦିରେ କାବୁ କରିହେବ ସେ କଥା ତା'କୁ ଜଣା । ଧନ ଲାଳସାରେ ମଙ୍ଗରାଜଙ୍କ ମନଗହ୍ୱରରେ ଯେଉଁ ଧୂଆଁ କୁହୁଳି ଉଠୁଥିଲା ଚମ୍ପା ହିଁ ସେଥିରେ ନିଆଁ ଲଗାଇଛି । ସାରିଆ ଭଗିଆଠାରୁ ଆରମ୍ଭ କରି ସାଆନ୍ତାଣୀ ପର୍ଯ୍ୟନ୍ତ ସବୁଠି ନିଜର ପ୍ରଭୁତ୍ୱ ବିସ୍ତାର କରିଛି । ବାଘସିଂହ ବଂଶକୁ ନିମିଷକ ମଧ୍ୟରେ ଧ୍ୱଂସସ୍ତୂପରେ ପରିଣତ କରିଛି । ଏପରି ନକାରାତ୍ମକ ଚରିତ୍ର ଓଡ଼ିଆ ନାରୀର ସ୍ୱାଭାବିକ ପରିପ୍ରକାଶ ନୁହେଁ । ଏ ଏକ ଅସ୍ୱଭାବୀ ଚରିତ୍ର । ମୂଳ ସ୍ରୋତରୁ ବିଚ୍ଛିନ୍ନ ହୋଇଥିବା ଚରିତ୍ର । ଦୂର ଅତୀତକୁ ବାଦ ଦେଲେ ବିଂଶଶତକର ପ୍ରାରମ୍ଭରୁ ଓଡ଼ିଆ ନାରୀର ଯେଉଁ ବ୍ୟକ୍ତିତ୍ୱର ରୂପରେଖ ପରିଦୃଷ୍ଟ ହୁଏ, ତାହା ମୁଖ୍ୟତଃ ସରଳ ନିଷ୍ପାପ ଓ ପରମ୍ପରାବାଦୀ ସ୍ୱଭାବ । ଗୃହ ଓ ପରିବାରର ମର୍ଯ୍ୟାଦାକୁ ରକ୍ଷାକରି ସନ୍ତାନ ସନ୍ତତିଙ୍କ ପରିପାଳନ ଓ ବିକାଶ ପ୍ରତି ଏ ନାରୀ ସଦାସର୍ବଦା ଧ୍ୟାନଶୀଳ । ନିଜର ସ୍ୱାର୍ଥକୁ ପଛରେ ରଖି ପରିବାରରୁ ଉନ୍ନତି ପାଇଁ ସବୁବେଳେ ସକ୍ରିୟ ରହୁଥିବା ନାରୀଟିଏ ହେଉଛି ଓଡ଼ିଶାର ନାରୀ ।

ଏପରି ନାରୀଠାରୁ ସହନଶୀଳତା ଶିକ୍ଷା କରାଯାଏ । ଏପରି ନାରୀକୁ ପର୍ଯ୍ୟବେକ୍ଷଣ କଲେ ପରିଚାଳନା ବିଜ୍ଞାନର ମୌଳିକ ନୀତିସବୁ ଆଖିରେ ଧରାପଡିଯାଏ । ସୀମିତ ସମ୍ବଳର ଗଣ୍ଡି ମଧ୍ୟରେ ଓ ଆର୍ଥିକ ଅନଟନ ମଧ୍ୟରେ ସମସ୍ତଙ୍କୁ ଖାଦ୍ୟ ଯୋଗାଇବା ଓ ସମସ୍ତଙ୍କୁ ପୋଷାକ ଯୋଗାଇବାର କଳା ଓଡ଼ିଆ ନାରୀର କାର୍ଯ୍ୟକଳାପରେ ସୁସ୍ପଷ୍ଟ । କେଉଁ ପିଲା କି ପ୍ରକାର ଖାଦ୍ୟ ଖାଇବ ଏବଂ କେତେବେଳେ ଖାଇବ ତାହାର ସମନ୍ୱୟ ବୁଦ୍ଧିମତ୍ତାର ନିଦର୍ଶନ ନୁହେଁକି ? ଏହାର ଅର୍ଥ ନୁହେଁ ଓଡ଼ିଆ ନାରୀ ମୁଦ୍ରାହୀନ କି ଅଭୀପ୍ସାହୀନ । କିନ୍ତୁ ପାରିବାରିକ ପ୍ରଗତିର ଯାତ୍ରାପଥରେ ନିଜକୁ ପଛରେ ରଖି ମାନସିକ ସମ୍ବଳ ଓ ସହାୟତା ଯୋଗାଉଥିବା ଓଡ଼ିଶାର ନାରୀ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ସମାଜଗତ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଇଆସିଛି ।

ପରିବର୍ତ୍ତନ ସମୟର ଅନୁଗାମୀ । ଏ ଦୃଷ୍ଟିରୁ ଓଡ଼ିଶାର ନାରୀ ଯେ ପୂରାପୂରି ଅପରିବର୍ତ୍ତିତ ରହିଛି, ତାହା କୁହାଯିବ ନାହିଁ । ଜୀବିକା ଜଗତର ଆହ୍ୱାନ ଯେତେବେଳେ ଓଡ଼ିଶାର ନାରୀମାନଙ୍କୁ ସ୍ପର୍ଶ କରିଛି, ସେମାନେ ଅନୁରୂପ ଭାବରେ ଏହାର ସମ୍ମୁଖୀନ ହୋଇଛନ୍ତି । ହୁଏତ ଅଚଳନକ ଭାବରେ ଓ ବୃହତ୍ ଆକାରରେ ଓଡ଼ିଆ ନାରୀ ପାରିବାରିକ ବଳୟରୁ ବାହାରି ଆସି କର୍ମଜୀବୀର ଭୂମିକାକୁ ଆଦରି ନେଇନାହିଁ । ଏ ପରିବର୍ତ୍ତନ ପ୍ରକ୍ରିୟା ଧୀରେ ଧୀରେ ଆରମ୍ଭ ହୋଇଛି ଏବଂ ପର୍ଯ୍ୟାୟକ୍ରମେ ବିସ୍ତାରିତ ହୋଇଛି । ବହୁ ଦୃଷ୍ଟିରୁ ଏହା ସୁଫଳ ଦେଇଛି । ପରିବାରର ଦାୟିତ୍ୱ ଓ କର୍ମମୟ ଜୀବନର ଦାୟିତ୍ୱ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଯେଉଁ ଧୈର୍ଯ୍ୟ ଓ ସ୍ଥୈର୍ଯ୍ୟ ଆବଶ୍ୟକ ତାହା ଧୀରେ ଧୀରେ ବିକଶିତ ହୋଇଛି ।

କେବଳ ପାରିବାରିକ ଦାୟିତ୍ୱ ଓ ଜୀବିକା ଗ୍ରହଣର ସମନ୍ୱୟ ନୁହେଁ, ସାମାଜିକ ଜୀବନର କ୍ରମପ୍ରସାରିତ ଆକର୍ଷଣୀୟ ଭୂମିକା ସବୁର ଆହ୍ୱାନ ଓଡ଼ିଶାର ନାରୀ ଗ୍ରହଣ କରିପାରିଛି । ଦେଶର ସ୍ୱାଧୀନତା ସଂଗ୍ରାମ ସମୟରୁ ଆରମ୍ଭ କରି ଓଡ଼ିଆ ନାରୀ ବିପ୍ଳବାତ୍ମକ କାର୍ଯ୍ୟକ୍ରମରେ ମଧ୍ୟ ଅଂଶୀଦାର ହୋଇଛନ୍ତି । ରାଜନୀତି ଓ ସାମାଜିକ ପରିବର୍ତ୍ତନ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଛନ୍ତି । କଳାତ୍ମକ ବିକାଶ ପରିପ୍ରେକ୍ଷୀରେ ଏମାନଙ୍କ ପ୍ରତିଭାର ସ୍ୱାକ୍ଷର ସାହିତ୍ୟ ସୃଷ୍ଟିର ଯେପରି ସୁସ୍ପଷ୍ଟ ନୃତ୍ୟକଳାର ନିପୁଣତାର ମଧ୍ୟ ସେପରି ପ୍ରଦର୍ଶିତ । ବାହ୍ୟ ପ୍ରମୋଶନ ଓ ପୃଷ୍ଠପୋଷକତାର ଅଭାବ ସତ୍ତ୍ୱେ ଓଡ଼ିଆ ନାରୀର ସାଫଲ୍ୟ କେବଳ ରନ୍ଧନ କଳା ଓ ଗୃହ ପରିଚାଳନା ମଧ୍ୟରେ ସୀମିତ ନ ରହି ରାଜନୀତି ପ୍ରଶାସନିକ ବ୍ୟବସ୍ଥା ଶିକ୍ଷା ବ୍ୟବସ୍ଥା ଏବଂ ସାହିତ୍ୟ ସଂଗୀତ ପରି ଲଳିତ କଳାର ବିକାଶ ଓ ବିସ୍ତାରରେ ସକ୍ରିୟ ଭୂମିକା ନେଇଛି । ଅନେକ ହୁଏତ ସ୍ମରଣ କରିବେ ଯେ ଉତ୍କଳ ବିଶ୍ୱବିଦ୍ୟାଳୟର Public Administrationର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ରୂପେ ଡ. ବିଜୟିନୀ ମହାନ୍ତି କେବଳ ଜଣେ ଡିଗ୍ରୀଧାରୀ ପଦସ୍ଥ ମହିଳା ନଥିଲେ । ପରିଚାଳନା ବିଜ୍ଞାନ, ସାହିତ୍ୟ ଓ ସଂଗୀତରେ ତାଙ୍କ କାର୍ଯ୍ୟଧାରାର ଉତ୍କୃଷ୍ଟ ସଫଳତା ତାଙ୍କୁ ବହୁମୁଖୀ ପ୍ରତିଭାର ଅଧିକାରୀ କରିଥିଲା ।

ପ୍ରତିକୂଳ ପରିସ୍ଥିତି ସହିତ ସଂଗ୍ରାମ କରି ଜୀବନ ପ୍ରାଚୁର୍ଯ୍ୟର ସଫଳତମ ଶିଖରକୁ ଯିବାର ସଦ୍ୟତମ ଉଦାହରଣ ହେଉଛନ୍ତି ଓଡ଼ିଆ ନାରୀ କଳ୍ପନା ଦାଶ । ବିଶ୍ୱର ଉଚ୍ଚତମ ଗିରିଶୃଙ୍ଗ ଏଭରେଷ୍ଟ ବିଜୟ କରିବାର ଦ୍ୱିତୀୟ ପ୍ରୟାସ ଭୌତିକ ସ୍ତରରେ ହୁଏ ସଫଳ ହେଲାନାହିଁ ।

ତାଙ୍କର ପାର୍ଥିବ ଶରୀରର ଅବସାନ ଘଟିଲା । କିନ୍ତୁ ତାଙ୍କର ସାହସିକତା ତାଙ୍କର ସଂକଳ୍ପର ପରାଜୟ କାହିଁ ? Earnest Hemingway ଥରେ କହିଥିଲେ "Man may be destroyed, but idea can't be destroyed." ଏ ଦୃଷ୍ଟିରୁ କଳ୍ପନାଙ୍କ ମହତ୍ତର ସାଧନାର ଅନ୍ତ ନାହିଁ । ତାଙ୍କର ଜୀବନ ଓ ତାଙ୍କ ସାଧନା କୀର୍ତ୍ତି ସବୁବେଳେ ପ୍ରେରଣାର ଉତ୍ସ ହୋଇ ରହିବ ।

ଓଡ଼ିଶାର ନାରୀର ଜୀବନ ଯାତ୍ରା ଏକ ବ୍ୟଥା ଓ ବେଦନାର କାହାଣୀ ନୁହେଁ । ଏଥିରେ ସଂଗ୍ରାମ ଅଛି, ସଫଳତା ବି ଅଛି । କିନ୍ତୁ ଆମ୍ଭମାନଙ୍କୁ ସ୍ମରଣ ରଖିବାକୁ ହେବ ଯେ ଓଡ଼ିଆ ନାରୀର ପ୍ରଯତ୍ନ ଓ ପ୍ରୟାସ ଯଥେଷ୍ଟ ବୃଦ୍ଧି ପାଇଥିଲେ ମଧ୍ୟ ସାମାଜିକ ସାହଚର୍ଯ୍ୟ ଅନୁରୂପ ଭାବରେ ବୃଦ୍ଧି ପାଇନାହିଁ ।

ଏବେ ମଧ୍ୟ ସ୍କୁଲ ପରିସରରେ ବାଳିକା ବାଳକଙ୍କ ତୁଳନାରେ ଅପେକ୍ଷାକୃତ ଅଧିକ ଅସୁବିଧାର ଶରବ୍ୟ ହୁଏ । ଝିଅଟିଏ ଅସମୟରେ ଆବଶ୍ୟକ ପଡ଼ିଲେ କେଉଁ ସ୍ଥାନକୁ ଯିବାକୁ ପଡ଼ିଲେ ତା'ର ନିରାପତ୍ତା ପାଇଁ ଆଉ ଜଣକୁ ଦାୟିତ୍ୱ ଦେବାକୁ ହୁଏ । ପାରିବାରିକ ଜୀବନରେ ବୋହୂମାନେ କେତେ ନର୍ଯାତୀତ, ଖବରକାଗଜରେ ବର୍ଦ୍ଧିତ ଅଂଶବିଶେଷ ତା'ର ପ୍ରମାଣ ଦିଏ । ସୁରକ୍ଷାର ଅଭାବ, ପୃଷ୍ଠପୋଷକତାର ଅଭାବ ଏବଂ ସର୍ବୋପରି ସମ୍ବେଦନଶୀଳତାର ଅଭାବ ନାରୀର ସାଧନା ପଥକୁ ଏବେ ବି କଣ୍ଟକିତ କରେ । ମନୋବୃତ୍ତିର ପରିବର୍ତ୍ତନ ପାଇଁ ଏକ ବିପ୍ଳବାତ୍ମକ ପଦକ୍ଷେପ ଆବଶ୍ୟକ । ଓଡ଼ିଶାର ନାରୀ ମଧ୍ୟରେ ଯେଉଁ ପ୍ରଚ୍ଛନ୍ନ ସମ୍ଭାବନାର ମଞ୍ଜି ରହିଛି, ତାହାର ଅଂକୁରଣ ଓ ବିକାଶ କେବଳ ନାରୀର ଦାୟିତ୍ୱ ନୁହେଁ, ଏ ଦାୟିତ୍ୱ ଆମ ସମସ୍ତଙ୍କର । ଏ ସଚେତନତାର ଆହ୍ୱାନ ସମଗ୍ର ଓଡ଼ିଆ ସମାଜ ପାଇଁ ଅଭିପ୍ରେତ ।

ପ୍ରଫେସର,
ଜାଭିୟର ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୧୨୧୨୭୯

✠✠✠



# ଓଡିଆ ପାଇକ - ଜାତିର ସନ୍ତକ

**ଡ. ପ୍ରସନ୍ନ କୁମାର ମିଶ୍ର**

ଏକଦା ଖୋରଧାକୁ 'ଓଡ଼ିଶା' ବୋଲି କୁହାଯାଉଥିଲା । ଖୋରଧାର ଭାଷା ଓଡ଼ିଆ ବୋଲି କୁହାଯାଉଥିଲା । ଖୋରଧାର ଭାଷା ଓଡ଼ିଆ । ଏହା ଏକ ସାମରିକ ସାଧନାର ପୀଠ ଥିଲା । ଖୋରଧାର ଲୋକ ସଂଖ୍ୟାର ଏକ ପ୍ରଧାନ ଅଂଶ ଥିଲେ ପାଇକ । ଖୋରଧାର ପାଇକ ଶକ୍ତି ଓଡ଼ିଆ ସାମରିକ ଶକ୍ତିର ଏକ ତୁଙ୍ଗ ସ୍ତମ୍ଭ । ପାଇକମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷତ୍ରୀୟ ଶ୍ରେଣୀର । ଗଙ୍ଗ-ଗଜପତି ରାଜତ୍ୱର ପରବର୍ତ୍ତୀ ସମୟରେ ପଦାତିକ ସନ୍ୟମାନଙ୍କୁ 'ପାଇକ' ଆଖ୍ୟା ଦିଆଯାଇଥିଲା । ଏହି ପାଇକ ଶକ୍ତି ଶୃଙ୍ଖଳିତ ତଥା ସୁଗଠିତ ଥିଲା । ସତୁରୀ ଜଣ ପାଇକଙ୍କୁ ନେଇ ଏକ ଭୂୟାଁ ବା ଗୋଷ୍ଠୀ; ସତେଇଶ ଜଣ ଭୂୟାଁଙ୍କୁ ନେଇ ଏକ ଦଳ ଗଠନ କରାଯାଉଥିଲା । ସାଧାରଣତଃ ପାଇକମାନେ ରହୁଥିବା ଅଞ୍ଚଳରେ ଜଣେ ଜଣେ ଦଳପତିରହୁଥିଲେ । ଏହି ପାଇକମାନେ ଖଡ୍‌ଗ, ଖଣ୍ଡା, ଧନୁଶର ଏବଂ କୁନ୍ତ ଧରି ଯୁଦ୍ଧ କରୁଥିଲେ । ଯୁଦ୍ଧକ୍ଷେତ୍ର ଥିଲା ଏମାନଙ୍କର କର୍ମସ୍ଥଳୀ । ପଦାତିକ ବାହିନୀ ସାଧାରଣତଃ ଫରିକାର, ଇତିକାର ବା ବର୍ଚ୍ଛାଧାରୀ ଏବଂ ଧନୁର୍ଦ୍ଧାରୀ ନାମରେ ବିଭକ୍ତ ହେଉଥିଲେ । ଖୋରଧାର ପାଇକମାନେ ଅସାଧାରଣ ବୀରତ୍ୱ, ରଣସଜ୍ଜା ଓ ଯୁଦ୍ଧ କୌଶଳ ପ୍ରଦର୍ଶନ କରୁଥିଲେ ।

୧୫୪୦ ମସିହା ପରେ ଓଡ଼ିଆ ସୈନ୍ୟ ଓ ସାମରିକ ଶକ୍ତିର ଅଧୋପତନ ଆରମ୍ଭ ହେବାକୁ ଲାଗିଲା । ସାମରିକ ଶକ୍ତି କ୍ରମଶଃ ସାମନ୍ତବାଦୀ ମନୋଭାବ ନେଇ କୃଷି ଉପରେ ଅଧିକ ଦୃଷ୍ଟି ଦେଲେ । ଫଳତଃ ସାମରୀକ ଗୌରବ ନଷ୍ଟ ହେବାକୁ ଲାଗିଲା । ତଥାପି ୧୮୦୦ ମସିହା ପର୍ଯ୍ୟନ୍ତ ସାମରିକ ଶକ୍ତି ସଂପୁର୍ଣ୍ଣ ନଷ୍ଟ ହୋଇ ନଥିଲା । ୧୮୦୪ ମସିହାରେ ଜୟକୃଷ୍ଣ ରାଜଗୁରୁ ମହାପାତ୍ରଙ୍କ ନେତୃତ୍ୱରେ ପାଇକମାନେ ଇଂରେଜ ବିରୁଦ୍ଧ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ପରବର୍ତ୍ତୀ ତେରବର୍ଷର ଇଂରେଜ ଶାସନ ଓଡ଼ିଶାର ଇତିହାସରେ ଥିଲା ଏକ କଳଙ୍କିତ ଅଧ୍ୟାୟ । ଖୋରଧାର ପାଇକମାନଙ୍କର ଆର୍ଥିକ ଅବସ୍ଥା ନିହାତି ଅସ୍ୱଚ୍ଛଳ ଥିଲା । ବର୍ଷର ଅଧା ସମୟ ଚାଷଜମିରେ ଚାଷ କରନ୍ତି ଅନ୍ୟ ସମୟ କର୍ମଶୂନ୍ୟ ହୋଇ ପଡ଼ିରହନ୍ତି । ଅଭାବ ଅନାଟନରେ କାଳାତିପାତ କରନ୍ତି ।

୧୮୧୭ ମସିହାର 'ଖୋରଧା ବିଦ୍ରୋହ' କିଂବା 'ପାଇକ ବିଦ୍ରୋହ' କିଂବା 'ଜଗବନ୍ଧୁ ବିଦ୍ରୋହ' ଓଡ଼ିଶା ଇତିହାସରେ ଏକ ଚମକପ୍ରଦ ଘଟଣା । ଏହି ବିଦ୍ରୋହ ଇଂରେଜ ସରକାରଙ୍କୁ ଥରହର କରି ଦେଇଥିଲା । ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ନେତୃତ୍ୱରେ ଖୋରଧାର ପାଇକମାନେ ଅପୂର୍ବ ରଣ କୌଶଳ, ଅସୀମ ସାହସ, ଦୃଢ଼ ମନୋବଳ ଏବଂ ଭ୍ରାତୃତ୍ୱର ପରାକାଷ୍ଠା ପ୍ରଦର୍ଷନ କରି ସଂଘବଦ୍ଧ ଭାବେ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିଥିଲେ । ବାସ୍ତବରେ ପାଇକମାନଙ୍କର ଏହି ଆନ୍ଦୋଳନ ଏକ ଗୌରବମୟ ଐତିହାସିକ ଘଟଣା । ଇଂରେଜ ସରକାର ନିଜର ତୃଟିପୂର୍ଣ୍ଣ ଶାସନ ହୃଦୟଙ୍ଗମ କରିପାରିଥିଲେ ଏବଂ ଏହି ବିଦ୍ରୋହକୁ ସୀମିତ ଆକାରରେ ନଦେଖି ଏହାକୁ ଓଡ଼ିଶାର ପ୍ରଥମ ସାମାଜିକ ଓ ଅର୍ଥନୈତିକ ଆନ୍ଦୋଳନ ରୂପେ ଆଖ୍ୟାୟିତ କରିଥିଲେ । ଐତିହାସିକ ଦୃଷ୍ଟିକୋଣରୁ ଖୋରଧା ପାଇଁ ଆନ୍ଦୋଳନର ମହତ୍ୱ ଓ ବିଶେଷତ୍ୱ ଭାରତ ବର୍ଷର ସମକାଳୀନ ଆନ୍ଦୋଳନର ବହୁତ ଉଚ୍ଚରେ ଥିଲା, କହିଲେ ଅତ୍ୟୁକ୍ତି ହେତବ ନାହିଁ । ଏତାଦୃଶ ଆନ୍ଦୋଳନ ଭାରତରେ ଅନ୍ୟାନ୍ୟ ଅଞ୍ଚଳରେ ସମ୍ଭବତଃ ବିରଳଥିଲା । ଯଥାର୍ଥରେ ଖୋରଧା ଭାରତର ପ୍ରଥମ ସଂଗ୍ରାମ ପୀଠ ।

୧୮୧୭-୨୪ ମସିହାର ପାଇକ ବିଦ୍ରୋହ ସମୟରେ ଇଂରେଜ ସରକାର ଖୋରଧାର ପାଇକମାନଙ୍କୁ ନେଇ ଗୋଟିଏ ସାମରିକ ଦଳ ଗଠନ କରିବାକୁ ସ୍ଥିର କଲେ । ୧୮୧୮ ମସିହାରେ ଏହି ସାମରିକ ଦଳକୁ ଏକ ବାଟାଲିଏନ ରୂପେ 'କଟକ ଲେଜିୟନ'ରେ ଭର୍ତ୍ତୀ କରାଗଲା । ପରବର୍ତ୍ତୀ ସମୟରେ ଏହି ଦଳଟିକୁ ନେଇ ଗୋଟିଏ ଆଞ୍ଚଳିକ ପୋଲିସ ପାଇକ ବାହିନୀ ଗଠନ କରାଗଲା । ଏହା 'ଖୋରଧା ପୋଲିସ ପାଇକ କଂପାନୀ' ନାମରେ ଅଭିହିତ ହେଲା । ପାଇକ ଓ ଅନ୍ୟମାନଙ୍କୁ ନେଇ ଗଠିତ ଏହି କଂପାନୀ ୧୮୫୯ ମସିହା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲା । ଇଂରେଜ ସରକାରଙ୍କ ନୂତନ ନୀତି ପ୍ରଣୟନ ଫଳରେ ଏହି କଂପାନୀ ବଙ୍ଗଳାର ଅଷ୍ଟମ ପୋଲିସ ବାଟାଲିୟନରେ ସାମିଲହୋଇ ନିଜର ଅସ୍ତିତ୍ୱ ହରାଇଲା । ପାଇକମାନଙ୍କୁ ଏଥିରେ ନିଯୁକ୍ତି ହେବାକୁ ଦିଆଗଲା ନାହିଁ

୧୮୬୬ ମସିହାରେ ଓଡ଼ିଶାରେ ନ'ଅଙ୍କ ଦୁର୍ଭିକ୍ଷ ଦେଖାଦେଇଥିଲା । ଏହାଥିଲା ଏକ ମନୁଷ୍ୟକୃତ ଦୁର୍ଭିକ୍ଷ । ପ୍ରାୟ ଦଶଲକ୍ଷ ଭେଲାକ ପ୍ରାଣ ହରାଇଥିଲେ । ଦୁର୍ଭିକ୍ଷ ଦାଉ ବହୁତ ଅସହ୍ୟ ଓ କଷ୍ଟକର ଥିଲା । ଅସହ୍ୟ ଯନ୍ତ୍ରଣା ହେତୁ ସେମାନେ ସିକୋ ଦଳବେହେରାଙ୍କ ପୁତ୍ର ନାରାୟଣ ହରିଚନ୍ଦନଙ୍କ ନେତୃତ୍ୱରେ ଆନ୍ଦୋଳନ କଲେ । ପାଇକମାନଙ୍କର ଏହି ଆନ୍ଦୋଳନକୁ ଇଂରେଜ ସରକାର ନ'ଅଙ୍କ ଫିତୁରୀ ଏବଂ 'ବ୍ରେନ୍ ରାୟଟ୍ସ' ବୋଲି ଆଖ୍ୟା ଦେଇଥିଲେ ।

ପାଇକମାନେ ସେମାନଙ୍କର ଜାତିର ସମ୍ମାନକୁ ତଳେ ପକାଇବାକୁ ଚାହାନ୍ତି ନାହିଁ । ତେଣୁ ସେମାନେ ରାସ୍ତାକୁ ଆସି ନ'ଅଙ୍କିଆଙ୍କ ସହିତ ଧାଡ଼ିରେ ସାମିଲ ହୋଇ ଭିକ ମାଗିବାକୁ ପସନ୍ଦ କରିନଥିଲେ । ଫଳରେ ଅଧିକାଂଶ ପାଇକ ପରିବାର ନରଙ୍କକାଳ ହୋଇଗଲେ ।

ଦୁର୍ଭିକ୍ଷ ସମୟରେ ପାଇକମାନଙ୍କର ଅନ୍ଦୋଳନ ଇଂରେଜମାନଙ୍କୁ ୧୮୧୭ ମସିହାର ପାଇକ ବିଦ୍ରୋହ ମନେ ପକାଇଦେଲା । କାଳେ ଏହା ସେହିପରି ଏକ ଭୀଷଣ ରୂପ ନେବ ସେଥିଲାଗି ଦମନମୂଳକ କାର୍ଯ୍ୟ ଆରମ୍ଭ କରିଦେଲେ । ଫଳତଃ ୫୫୨ ଜଣ ପାଇକ ଧରା ହେଲେ ଏବଂ ନାରାୟଣ ହରିଚନ୍ଦନ ବନ୍ଦୀ ହେଲେ । ପାଇକ ଶ୍ରେଣୀ ସେମାନଙ୍କ ଜାତିର ସମ୍ମାନକୁ ବଳି ଦେଇନଥିଲେ । ଇଂରେଜ ସରକାରଙ୍କ କୂଟନୀତି ଫଳରେ ବୀର ଜାତିଟା କେଇଟା ଦଶକ ମଧ୍ୟରେ ଲୋପ ପାଇବାକୁ ବସିଲା ।

୧୦, ଆନି ଏନ୍‌କ୍ଲେଭ
ଆଇଗିଣିଆ, ଭୁବନେଶ୍ୱର

✠✠✠



# ଓଡ଼ିଆ ପ୍ରକୃତି ନକଲିଆ - ଓଡ଼ିଆ ଜୀବନ ରହସିଆ

**ଡା. ଆଦିକନ୍ଦ ସାହୁ**

ଓଡିଶାର ଗାଁ ଗଣ୍ଡାରେ ଯେଉଁମାନେ ପିଲାଦିନରୁ ବଢି ଆସିଛନ୍ତି, ସେମାନେ ନିଶ୍ଚୟ ଆଧୁନିକ ସହରରେ ଅନେକ ଅଭାବ ଅନୁଭବ କରୁଥିବେ । ଏଇଟା ପାଣି ପବନ କି ବଣ ଜଙ୍ଗଲ କଥା ନୁହେଁ, ଗାଁ ଗହଳିରେ ହସ ଖୁସି ଆଉ ଆନନ୍ଦ ଲହରିର କଥା । ଏମିତି ପ୍ରତି ଗାଁରେ ଅନେକ କୌତୁକିଆ ଆଉ ମଜାଦାର ଗପ ତଥା ସମ୍ପର୍କ ଅଛି ଯେମିତି ଅଜା-ନାତି ରହସିଆ ସମ୍ପର୍କ । କୌଣସି କଥାର ମଜାଦାର ଅଂଶ ଗୁଡିକର କଥୋପକଥନରେ କୌଣସି ବିଷୟ ଗମ୍ଭୀରରୁ ସହଜ ଓ ଗ୍ରହଣୀୟ ହୋଇଯାଏ । ଏମିତି ଅଜା-ନାତି ପରି ଶଳା, ଶଳା-ଭାଉଜ ଆଉ କେତେ ସମ୍ପର୍କ ରହିଛି ଯେଉଁଠାରେ କଥାରେ ଆଉ କୌଣସି ସତ୍ୟତା ନଥାଇ ପାରେ, କେବଳ ହସ କି କୌତୁକ ଭରି ରହିଥାଏ । ଯେତେ ଅନ୍ଧାରକଣା ଜ୍ୱାଇଁର କି କାଲ ଜ୍ୱାଇଁର ଶଶୁର ଘରର ନିମନ୍ତ୍ରଣ କଥା ଆମେ ପଢିଛେ କି ଶୁଣିଛେ, କୌଣସି ଗାଁ ପିଲା ତାଠାରୁ ଅଧିକ କୌତୁକିଆ କଥା ଶୁଣୁଥିବା ବା ଦେଖୁଥିବେ । ସତରେ ଗ୍ରାମ୍ୟ-ଜୀବନରେ ଏହା ସମୟ ଆଉ ଅଭାବ ଅନାଟନର ଦୁଃଖକୁ ଲାଘବ କରେ । ଅନେକ ଗାଁ ପିଲା ସହରକୁ ଗଲାବେଳେ ସେଠିକାର ଶୁଷ୍କ ଆଉ ଗମ୍ଭୀର ପରିବେଶରେ ରହିବାକୁ ଅସ୍ୱସ୍ତିକର ବୋଧ କରି ନିଜର ଭାତ ଆଉ ଭାତିଆକୁ ଆଖିବୁଜି ପୁଣି ସେଇ କଉତୁକିଆ ଗାଁ ପରିବେଶକୁ ଫେରି ଆସନ୍ତି । ଘରକୁ ଫେରି କହନ୍ତି, ବାପରେ ବାପ, ସହର ଜୀବନ କେତେ ସିରିୟସ । ନିଶ୍ୱାସ ନେବାକୁ କି ଟିକେ ମନ କୋହଳ କରିବାକୁ ସମୟ କି ସୁଯୋଗ ନାହିଁ ।

ଆମେ ନିଜେ ଜାଣି ନପାରିଲେ ବି ଅନେକ କହନ୍ତି । ଅନେକ ଅଣ-ଓଡିଆ ଭାରତୀୟ । ବହୁ ବିଦେଶୀ ପର୍ଯ୍ୟଟକ । ସମ୍ପୂର୍ଣ୍ଣ ବୁଝି ନପାରିଲେ ବି ଓଡିଆ ଲୋକ ମାନଙ୍କର କଥା କହିବା ଢଙ୍ଗ, ମୁହଁ ଆଉ ହସର ପ୍ରକାର କିଛି ରହସ୍ୟ ସୂଚାଇଦିଏ । ମନ ଖୁସିରେ ବିଦେଶୀ ଅନୁମାନ କରନ୍ତି, କିଛି ଗୋଟେ ରହସିଆ କଥା ଚାଲିଛି । ଦୋହରାଇବାକୁ ଓ ଇଂରାଜୀରେ ଟିକିଏ ଅନୁବାଦ କରିବାକୁ ଅନୁରୋଧ ଆସେ । ଆମ କଥାର ମୋଡ ବାଙ୍କ ବୁଲିବା ପରେ ତାହା ସେମାନଙ୍କର ଉଦ୍ଧୃତ ବଚନ ହୋଇଯାଏ ।

କ୍ୱୋରାରେ ଗୋଟିଏ ସମୀକ୍ଷା ମିଳିଲା ୨୨ ନଭେମ୍ବର ୨୦୧୮ରେ । ରାକେଶ ସାବତ ଲେଖିଛନ୍ତି । ପ୍ରବାସୀ ଓଡିଆ ଭାବରେ ସିଏ ଜୀବନର ବହୁ ବର୍ଷ ଅନେକ ବିଦେଶୀଙ୍କ ସହିତ ଚଳିଛନ୍ତି । ଆଜି ଗର୍ବର ସହିତ କହନ୍ତି, ମୁଁ ଓଡିଆ । ମୁଁ ଓଡିଶାରେ ପଢିଛି । ଗର୍ବର ସହ କହୁଛନ୍ତି, ବିଶ୍ୱାସ କରନ୍ତୁ, ଓଡିଆଙ୍କ ଠାରୁ ଅଧିକ ଭଲ ଓ ହୃଦୟସ୍ପର୍ଶୀ କେହି ନାହାନ୍ତି । ଏହା ପୁରାତନ କଳିଙ୍ଗର ଅଂଶ ଯାହାର ସମ୍ରାଟ ଖାରବେଳଙ୍କ ପରି ରାଜା ଥିଲେ । ଏହାର ଜଳବାୟୁ ଭାରତର ଅନ୍ୟ ଅଞ୍ଚଳଠାରୁ ପୃଥକ୍ ।

ସାବତଙ୍କ ପ୍ରଶଂସା କେବଳ ଓଡିଶାର ଇତିହାସ ଆଉ ଭୂଗୋଳ ପାଇଁ ନୁହେଁ । ସେ ମର୍ମକଥା କହିଛନ୍ତି ଓଡିଆ ଚରିତ ସମ୍ବନ୍ଧରେ । କହିଛନ୍ତି, ଭାଗ୍ୟକୁ ଜଣେ ଓଡିଆ ବନ୍ଧୁ ଥିଲେ, ଆପଣ ଭାଗ୍ୟବାନ୍ । ସେମାନେ ସହୃଦୟ, ସରଳ, ହସକୁରା ଆଉ ବେଶ୍ ଗମାତିଆ । ଖାଦ୍ୟ ଦେଖିଲେ ସେମାନେ କେବଳ ଖୁସି ହୁଅନ୍ତି ନି, ବରଂ ବନ୍ଧୁମାନଙ୍କୁ ଭରପୂର ଖାଇବାକୁ ଦେଇ ପାକସ୍ଥଳୀରେ ବିନ୍ଦୁଏ ବି ଖାଲି ଛାଡନ୍ତିନି !

ଏତେ କଥା ଭିତରୁ ଗମାତିଆ ଶବ୍ଦଟି ଓଡିଆ ଚରିତ ଗୋଟିଏ ଦିଗ ଦର୍ଶାଏ । ଦୁଇ ଜଣ ଇଂରେଜ ଲୋକ ନ ଜାଣିଲା ପରି ନିଜ ନିଜ ଠାଣିରେ ବାଁ ଡାହାଣ ବିପରୀତ ଦିଗକୁ ଚାହିଁ ପାଖ ପାଖ ହୋଇ ବସିରହି ପାରନ୍ତି, ଦୁଇ ଜଣ ଅଣଓଡିଆ ଭାରତୀୟ ପରସ୍ପର ସହିତ ବନ୍ଧୁତା ବାନ୍ଧିବାକୁ ଦୋଦୋପାଞ୍ଚ ହୋଇପାରନ୍ତି, କିନ୍ତୁ ଦୁଇ ଜଣ ଓଡିଆ ପ୍ରହସନରୁ ଆରମ୍ଭ କରିବେ ସମ୍ପର୍କ ଯୋଡିବା । ଦିଅଁ ଦେଖା ବା କୌଣସି ନା କୌଣସି ହସ ମଉଜ ଘଟଣା ପ୍ରସଙ୍ଗ କରି କଥାହେବେ । ନିଜ ଅଞ୍ଚଳର ହାସ୍ୟାସ୍ପଦ ବିଷୟରୁ ନିଜର ଉପକ୍ରମ ଆରମ୍ଭ କରିଦେବେ । ଏଇଟା ଓଡିଶାର ଆଞ୍ଚଳିକ ମନୋଭାବ । ଜଣେ ନୂତନ ଅଣଓଡିଆ ଜୁଟିଗଲେ, ତାକୁ ହସାଇ ହସାଇ ଅଧାପ୍ରାଣ କରିଦେବେ ।

ସତରେ ଆମର ଏମିତି କୌତୁକିଆ ଚରିତ କେଉଁଠୁ ଆସିଲା ? ଏଗୁଡିକର ଚେର ମୂଳ ରହିଛି ଆମର ଗାଁ ଗଣ୍ଡାରେ । ଆମ ରାଜ୍ୟର ସର୍ବ ପୁରାତନ ସଂସ୍କୃତିର ପୀଠ ପୁରୁଷୋତ୍ତମ କ୍ଷେତ୍ରରୁ ଆରମ୍ଭ କରି ପୁରାତନ ନଗର କଟକ ମଧ୍ୟ ଅନେକ ହାସ୍ୟରସର ଅଦୃଷ୍ଟ କେନ୍ଦ୍ର ହୋଇପାରନ୍ତି ।

ଏହା ସଂକ୍ରାମକ ରୋଗ ପରି ଗାଁ ଗଣ୍ଡାକୁ ବ୍ୟପି ଯାଇ ସେଠାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ତିଷ୍ଠି ରହେ । ଗାଁ ଗହଳ ଯେ କେବଳ ହସ ଖୁସିର ସାହିତ୍ୟ ରଚନ୍ତି, ତା ନୁହେଁ । ଗାଁ ପରିବେଶରେ ଲୋକମାନଙ୍କର ସମ୍ପର୍କ, ଆତ୍ମୀୟତା, କଥାବାର୍ତ୍ତା ବେଶ୍ ଆନ୍ତରିକ, ଅନ୍ତରଙ୍ଗ ଆଉ ହସ ମଉଜରେ ପରିପୂର୍ଣ୍ଣ । ଦିଅର ଭାଉଜ କି ନଣନ୍ଦ ଭାଉଜ ଘରେ ମଜାରେ କଥା ହୁଅନ୍ତି । ଗାଁ ଦାଣ୍ଡରେ ଅଜା ନାତି କି ଆଈ ନାତୁଣୀ ମଉଜିଆ କଥା ହୁଅନ୍ତି । ଆଉ ଗାଁକୁ ବାହାର ଗାଁର ଜ୍ୱାଇଁ କିଏ ଆସିଥିଲେ ସବୁ ଗମାତ ସେଇଠି ଝଡ଼ିପଡ଼େ ।

ଏମିତି କେତେ କଥା ଗାଁଗଣ୍ଡାରେ ଏତେ ମଜାରେ ଲୋକ କଥା ହୁଅନ୍ତି, ସମସ୍ତେ ସାଧାରଣ ବିଷୟ ବୋଲି କେହି ଏହି ନକଲିଆ କଥା ନ ଜାଣିଥିବେ, ବିଶ୍ୱାସ ହେଉନି । ଗୋଟିଏ ବିଷୟ ଅନ୍ଧାରକଣା ଜ୍ୱାଇଁର ଶଶୁରଘର ନିମନ୍ତ୍ରଣ ଆଉ ଆରଟି କାଲ ଜ୍ୱାଇଁଟିର ଶଶୁରଘର ଯିବା ବିଷୟ । ସାଧାରଣ ଜ୍ୱାଇଁ ମାନେ ଶଶୁରଘର ଗଲେ, ଟିକିଏ ଚାଲାକ ଚତୁର ଆଉ ସତର୍କ ରହିବା ନିହାତି ଦରକାର । ନ ହେଲେ ଶଶୁରଘର ଗାଁର ଶଳା ହିସାବ ପିଲାମାନେ ଆଉ ଶାଳୀମାନେ ଖାଲରେ ପକାଇଦେବେ । କଥାବାର୍ତ୍ତାରେ ସାବଧାନ, ନହେଲେ ସବୁ କଥାରୁ କିମର୍ଥ ବାହାର କରିବେ । ସମ୍ବୋଧନକରିବା, ଖାଇବା ପିଇବାର ଠାଣି ବହୁ ଶଳାଶାଳୀ ଚାରିପଟେ ଜମାହୋଇ ଦେଖୁଥିବେ । ଏମିତି କି ଆଈଶାଶୂ ଥିଲେ ଗେଲରେ ଆସି କହିବେ, ମୋର ଓଲୁ ନାତୁଣୀ ଜ୍ୱାଇଁ ଆସିଛି । ଗାଁକୁ ନୂଆ ବୋହୂଟିଏ ଆସିଲେ, ସିଏ ସେମିତି ଘରେ ନଣନ୍ଦ, ଦିଅର, ଜେଜେମା କି ଆଈ ଠାରୁ କେତେ କଉତୁକିଆ ଆଚାର ବ୍ୟବହାର ପାଇଥାଏ । ଏଗୁଡିକ ଯୁଗ ଯୁଗରୁ ରହି ଆସିଥିବା ଓଡିଆ ଗ୍ରାମ୍ୟଜୀବନର ଆନୁଷଙ୍ଗିକ ଆଚରଣ ।

ଆଉ କାଲ କି ଅନ୍ଧାରକଣା ହେଲେ, ଜ୍ୱାଇଁର ଅବସ୍ଥା କଅଣ ହେଉଥିବ, ପାଠକ ନିଶ୍ଚୟ ଜାଣିଥିବେ । ଅନ୍ଧାରକଣା ଜ୍ୱାଇଁର ପରଷା ଯାଇଥିବା ଗିନାରୁ ପୁଷି ବିଲେଇ ମାଛ ଖାଇଲାଣି ତ କାଲ ଜ୍ୱାଇଁ ଶଶୁରଙ୍କ କ୍ରୋଧିତ ଉତ୍ତର – "ମୁଁ ଯମ ଦ୍ୱାରା ଚିକିତ୍ସିତ ହେଉଛି" ଶୁଣିବାରେ ଅକ୍ଷମ ହେବାକୁ ଠାସୁକୁ ମାରି କହୁଥିବା ଆଶ୍ୱାସନା ହେଲା, "ହଁ ସେ ତ ସବୁଠାରୁ ଭଲ ଡାକ୍ତର" ।

ଗାଁ ଗଣ୍ଡାରେ କେତେ ଯେ ଖଳିଆ ବେଳିଆ ପୂରି ରହିଛନ୍ତି, ତାର ହିସାବ ନାହିଁ । କଥାରେ କଥାରେ, ଚାଲିଚଳନରେ, ଛଳ କରିବାରେ କି ଅନୁକରଣରେ ସେମାନଙ୍କର ନକଲିଆ ବ୍ୟବହାର କୌଣସି ଗମ୍ଭୀର ଲୋକ ମୁହଁରେ ହସ ଫୁଟାଇଦେବ । ପାଲା ଓ ଦାସକାଠିଆ ଗାଁ ଦାଣ୍ଡରେ ରୀତିମତ କୋଠ ପଇସାରୁ ଅନୁଷ୍ଠିତ ହୁଏ । ଏଗୁଡିକରେ ରହସିଆ ପ୍ରସଙ୍ଗ ଦାୟିତ୍ୱର ପାଲା ଦଳର କି ଦାସକାଠିଆ ପାଳିଆର ପ୍ରଧାନ କାମ । ତା ପାଟିରୁ କଥା ବାହାରିଲେ, ଦର୍ଶକ ହସି ଉଠିବେ । ସେଇ ହସର କିଛି ଉପାଦାନ ପିଲା କି ବଡ ଅନୁକରଣ କରିବାକୁ ଶିଖିଯାଇ ଥାଆନ୍ତି ।

କାଞ୍ଜି ଗାଁରେ ଶୀତଦିନ ମାନଙ୍କରେ ଗୋଟିଏ ସୁଆଦିଆ ପାଗରେ ରୋଷେଇ ହୋଇଥିବା ନୂଆ ପେଜର ବ୍ୟଞ୍ଜନ । ସବୁ ଘରେ ତିଆରି ହୁଏ, କିନ୍ତୁ କିଏ କେମିତି ସୁଆଦିଆ କରନ୍ତି, ତାହା କର୍ମକାରର ବେଉଷା ଭିତ୍ତିରେ ମଜାରେ ଉଦାହରଣ ହୋଇଯାଏ । ଗାଁର ଧୋବା ହେଉ କି ଭଣ୍ଡାରୀ, କାଞ୍ଜି ଗୋଟିଏ ଜନ୍ତୁ ଭାବରେ ସବୁ ଘରେ ପସି କି ବ୍ୟବହାର ପାଇବ, ତାହା ପାଲା ଓ ଦାସକାଠିଆ ଦଳ ଦର୍ଶକ ମାନଙ୍କୁ ହସାଇ ହସାଇ ପେଟ ଫଟାଇ ଦିଅନ୍ତି –

"ଏଣୁ କାଞ୍ଜି ଗଲା ଖରେ, ଯାଇ ପଶିଲା ଭଣ୍ଡାରି ଘରେ,
ଏଣୁ ଭଣ୍ଡାରିକୁ ତେଣୁ ଭଣ୍ଡାରୀ, କାଞ୍ଜିକୁ ଦେଲେ ଖିଅର କରି ।"

କିନ୍ତୁ ଓଡିଶାରେ ସହର ବଜାରରେ ଗାଁଗହଳି ପରି ରହସିଆ ପରିବେଶ ସମ୍ଭବତଃ ଦିଶେନି । ସମସ୍ତେ ଗମ୍ଭୀର । ଟିକିଏ ହସିଦେଲେ କି ପଦେ ନକଲିଆ କଥା କହିଲେ, ବକବକ କରି ଚାହିଁବେ । ଶିକ୍ଷିତ ସହରବାସୀଙ୍କ ଭିତରେ ନିପଟ ମଫସଲରୁ କିଏ ମଫଟାଏ ଆସି ଏ ସବୁ ବାଜେ କଥା ହେଉଛି ବୋଲି କହିବେ । ହସ ଫୁଟିବନି, ମଉଳିଯିବ । ସତରେ ସହରବାସୀ ଗୁଡାକ ମଜା ଉପଭୋଗ କରିବାକୁ ଯେମିତି ଜନ୍ମ ହୋଇନାହାନ୍ତି । ଖାଲି ପାଠ ପାଠ ଆଉ ପଇସା ପଇସା । ଏମିତି ନିରସିଆ ଦୈନନ୍ଦିନ ଜୀବନ କେତେ ପିଲା, ଦିନ ମଜୁରିଆ ଆଉ ପେଶାଦାର ଲୋକଙ୍କୁ ନିରୁତ୍ସାହିତ କରେ ଏମିତି ଗମ୍ଭୀର ପରିବେଶରେ ରହିବାକୁ । ସେମାନେ ସହର ଛାଡି ଗାଁକୁ ଫେରିଆସନ୍ତି ।

ଘରେ ଘରେ ବି ମଜା ଗପ ଆଉ ବ୍ୟବହାର ରହିଛି । ଓଡିଶାରେ ଯେତେ ଗାଁ, ଯେତେ ଘର ସେତିକି ମଜାଳିଆ ଗପ ରହିଛି । ମୋର ମନେଅଛି ଆମ ଘରେ ଗୋଟିଏ ଛାବିଲା ରଙ୍ଗର ବିଲେଇ ଥିଲା । ଖାଇବା ବେଳେ ପାଖରେ ବସି ଖୁବ୍ ହଇରାଣ କରେ । ଘରେ ପଶି ଶିକାରେ ବୋଉ ଯଦି ମାଛ ରଖିଥିବ, ଖାଇଦିଏ । ମାଛ ଭଜା କି ତରକାରି ଖାଇବାବେଳକୁ ଖୁଆଇ ଦିଏନି । ପାଖରେ ବସି ଥାଳିରୁ ଖାଇଦେବା ପରି ହାତ ଉଠାଉଥାଏ, ଉହୁଁକି ପଡେ । ଭାରି ମଜାରେ ଜେଜେ ମା କହନ୍ତି, କି ଗେଲବସରୀ ବିଲେଇ, ତା ମା'ର ଅପର୍ତ୍ତି ଛୁଆ । ଆମ ଘରେ ସେ ବିଲେଇ ନା ଥିଲା ଅପର୍ତ୍ତି ବିଲେଇ ।

ଏହି ଅପର୍ତ୍ତି ଅର୍ଥ ବୁଝିପାରୁ ନଥିଲି ପିଲାବେଳେ । ବହୁ ଛୁଆ ମରିଗଲା ପରେ ମା' ମାନେ ନାଁ ଦିଅନ୍ତି ଅପର୍ତ୍ତିଆ । ସେମିତି ଗେଲବସରିଆ ହୋଇଥିଲା ଅପର୍ତ୍ତି ଆମ ଘରେ । ଏଡେ ଓଲେଇ, ଦୁନିଆରେ ମିଳିବେନି । ସେ ବିଲେଇ ଆଉ ଦେଖା ଗଲାନି । ଜେଜେ ମାକୁ ପଚାରିବାରୁ ମୋତେ କହିଥଲେ, ନାତିରେ ସେ ବିଲେଇଟିକୁ ଟିକେଟ୍ କାଟି ବରହମ୍ପୁର ବସରେ ଛାଡିଦେଲୁ, ସେଇ ବାଟରେ ବେଶି ଚିଲିକା ମାଛ ଶୁଖୁଆ । ଯେତେ ଖାଇ ପାରିବ । ବିଲେଇଟିଏ ଦେଖିଲେ ମୋର ଅପର୍ତ୍ତି ବିଲେଇ କଥା ମନେପଡେ ।

ଆମେ ପାଖ ପଡୋଶୀ ରାଜ୍ୟର ଲୋକମାନଙ୍କ ସହିତ ଯେତିକି ପାଖକୁ ଆସୁ, ମନେ ହୁଏ ଆମ ଓଡିଶାରେ ଥଟ୍ଟା ତାମସା, ମଜା ଗପ

ବେଶ୍ ଅଧିକ । ଅଚିହ୍ନା ଲୋକକୁ ଆଦରି ନେବାର କଳା ରହିଛି ଏହି ମୁହଁ ଖୋଲା ଛଳହୀନ ବାର୍ତ୍ତାଳାପରେ । ମନକୁ ଆସେ ଆମ ଆଚାର ବ୍ୟବହାର ଆଉ ଖୁସ୍ ମିଜାଜ କଥାବାର୍ତ୍ତାର କାରଣ କଅଣ ହୋଇପାରେ ?

ଆମ ପୁରାତନ ଚଳଣିରେ ଗତ ବହୁ ବର୍ଷଧରି ଓଡିଶା ଗୋଟିଏ ମନ୍ଦିରମୟୀ ଧାର୍ମିକ ରାଜ୍ୟ ଭାବରେ ସମଗ୍ର ହିନ୍ଦୁ ପରିବାରର ଆକର୍ଷଣ ହୋଇଛି । ସୁଦୂର କର୍ଣ୍ଣାଟକ, ଗୁଜରାଟ୍, ନେପାଳ ଠାରୁ ବଙ୍ଗଳାର ନବଦ୍ୱୀପ ପର୍ଯ୍ୟନ୍ତ ଭାରତର ବିଶାଳ ଆୟତନରୁ ଧାର୍ମିକ ଆଉ ସାଧାରଣ ପର୍ଯ୍ୟଟକ ମାନଙ୍କର ଧାଡି ଲାଗିଥିଲା ପୁରୁଷୋତ୍ତମ କ୍ଷେତ୍ର ପୁରୀକୁ । ଆମ ଓଡିଆ ମାନଙ୍କ ସହିତ ସେମାନଙ୍କର ବହୁ ସାମାଜିକ ଆଉ ଭାଷାଗତ, ଆଚରଣ ପରି ଭାବ ବିନିମୟ ହୋଇଛି । ଲକ୍ଷେ ରାଜାର ମଉଡମଣି ଗଜପତିଙ୍କର ଅଭିଳାଷ ନିଜ ରାଜ୍ୟର ପ୍ରଜାମାନେ ବିଦେଶରେ ଯେତେବେଳେ ଜଗନ୍ନାଥଙ୍କ ସ୍ପର୍ଶରେ ଆସି ଧାର୍ମିକ ଦୃଷ୍ଟିରେ ସମ୍ମାନିତ, ସେମାନେ ଆଗନ୍ତୁକ ପର୍ଯ୍ୟଟକ ମାନଙ୍କୁ ଆତ୍ମୀୟ ଭାବରେ ଅତିଥି ସତ୍କାର କରନ୍ତି ଆଉ ବହୁ ବନ୍ଧୁବତ୍ସଳ । ଏଇ ଓଡିଆ ବ୍ୟବହାରର ଗୋଡିଏ ଅନ୍ତରଙ୍ଗ ବ୍ୟବହାର ହୋଇ ପଡିଲା ମଜାଳିଆ କଥା, ଟାହିଆ, ଟାପରିଆ ଭାଷା । ଏମିତି କି ଠାକୁରଙ୍କର ବି ମାନବୀୟ ଲୀଳାରେ ରହିଛି ମଜାଦାର ଗଳ୍ପ ଆଉ ଛଳନା । ସେଗୁଡିକ ପୁରାଣକାର ଆଉ ସାହିତ୍ୟିକ ମାନେ ଭରିଦେଲେ ଶାସ୍ତ୍ରରେ ଆଉ ପାଲାବାଲା, ନାଚବାଲା, ଏକାଙ୍କିକା ସବୁ ସାଧାରଣ ଓଡିଆ ଜୀବନରେ ।

ଓଡଶାର କବିମାନେ ଯେତିକି ଗମ୍ଭୀରର ସହିତ ପୌରାଣିକ ଉପାଖ୍ୟାନ ଲେଖନ୍ତି, ସେତିକି ମୁକୁଳା ଭାବରେ ପ୍ରାକୃତିକ ଦୃଶ୍ୟ କି ଆଚାର ବ୍ୟବହାର ଲେଖନ୍ତି । କବିସୂର୍ଯ୍ୟଙ୍କ ଜଗତେ କେବଳ ଏହାର ନିଛକ ଉଦାହରଣ । ଭଞ୍ଜ ସାହିତ୍ୟ, ଫକୀରମୋହନଙ୍କ କୃତିରୁ ଆରମ୍ଭ କରି ଫତୁରାନନ୍ଦଙ୍କ ପର୍ଯ୍ୟନ୍ତ ହସର ପେଟେରା । ଓଡିଆ ସଂସ୍କୃତି ଆଉ ହାସ୍ୟ ଆଚରଣର ଛବି ।

ଆକବରଙ୍କ ଦରବାରର ବିରବଲ୍‌ଙ୍କ ବାଦଶାହୀ ହାସ୍ୟରସ ଓଡିଶା ରାଜା ଓ ରାଜ୍ୟରେ ଯଦୁମଣିଙ୍କ ଉପାଖ୍ୟାନ ରହିଛି । ଯଦୁମଣି ନାମଟି ଶୁଣିଲେ ଓଡିଆ ମନରେ ହସ ଓ କୌତୁକର ଲହରିଟିଏ ଆସିଯାଏ । ଆମ ପରିବେଶ ଆଉ ଆମ ପ୍ରକୃତିକୁ ନେଇ ଘଟଣାଟିଏ ଦୂର ବା ବିଦେଶ କୌତୁକଠାରୁ ନିଶ୍ଚୟ ଅଧିକ ହାସ୍ୟରୋଳ ସୃଷ୍ଟି କରିବ । ଏଥିପାଇଁ ଆମ ଓଡିଆ ହସପେଡିର ସଂରକ୍ଷଣ ଆବଶ୍ୟକ ।

✠✠✠

କ୍ଲବ ଟାଉନ୍, ଚନ୍ଦ୍ରଶେଖରପୁର
ମୋ - ୯୪୩୭୦୩୪୬୧୩



॥ ଦୁଇ ॥

# ଓଡିଆ ମାନସିକତା : ସ୍ୱାତନ୍ତ୍ର୍ୟତା ଓ ସୃଜନଧର୍ମୀୟତା

# ଓଡିଆ ସନ୍ତାନର ନାମକରଣ: ବିଶୁଦ୍ଧ ଓଡିଆ ନାମର ମହକ

ଡା. ଇନ୍ଦ୍ରମଣି ଜେନା

ଓଡିଶାରେ କେତେ ଗୁଡିଏ ପୁଅ ଆଉ ଝିଅଙ୍କର ନାମ ଏମିତି, ତାହା ଭାରତର ଅନ୍ୟ ରାଜ୍ୟରେ ବିରଳ । ଏପରି ଗୋଟିଏ ନାମ ଯଦି ଆପଣ କୌଣସି ବିଦେଶରେ ଶୁଣିବାକୁ ପାଇବେ, ଜାଣିବେ ସେ ନିଶ୍ଚିତ ଜଣେ ଓଡିଆ । ଏମିତି ଗୋଟିଏ ନାଁ ଆମେ ଶୁଣିଲୁ କାନାଡାର ମଣ୍ଟ୍ରିଲ୍ ସହରରେ ଯେଉଁଠାରେ ହାତ ଗଣତି ଓଡିଆ ଲୋକ ରହିଥିବେ । ଲୋକଟିର ନାଁ ଥିଲା ଉଚ୍ଛବ, ଯାହା କି ଭାରତର ଅନ୍ୟ ରାଜ୍ୟରେ ଶୁଣିବାକୁ ମିଳେନି । ହୋଟେଲରେ ଖାଇବା ବେଳେ ପରଷିବା ପିଲାମାନେ କହିଲେ ଆମ ମୁଖ୍ୟ ରୋଷେୟା ନା ଉଚ୍ଛବ । ଉଚ୍ଛବ ଆସି ଆମର ସ୍ୱାଦମତେ ତୁରନ୍ତ ରୋଷେଇକରି ଆଣିଦେଲେ ଆଉ ଆମ ପାଖରେ ଆନନ୍ଦ ଆବେଗର ସହିତ କଥାବାର୍ତ୍ତା ହେଲେ । ଏହି ଓଡିଆ ମେଳଣ ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା ଓ ଉଚ୍ଛବ କହିଲେ, ପଇସା ପାଇଁ ସୁଦୂର ମଣ୍ଟ୍ରିଲ୍ ଆସିଛି ସତ, କିନ୍ତୁ ଦୀର୍ଘ ଦଶମାସ ଧରି ଓଡିଆ ଭାଷା କାନରେ ବାଜିନି । ଆଜି କାନଟା ଧନ୍ୟ ହୋଇ ଗଲା !

ଏହା ଦେଖିବା ପରେ ମନରେ କୌତୂହଳ ଆସିଲା ଏମିତି କେତୋଟି ନାମ ଆମ ରାଜ୍ୟର ନିପଟ ମଫସଲ ବା ପୁରପଲ୍ଲୀରୁ ସଂଗ୍ରହ କରିବାକୁ । ପ୍ରତିଟି ନାଁର ଯେ ଯଥାର୍ଥତା ରହିଛି, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ନିଜ ନାମ କେଉଁ ପରିସ୍ଥିତିରେ ଆତ୍ମୀୟମାନେ ଦେଇଛନ୍ତି, କହିଲା ବେଳକୁ ବହୁ ଭାବପ୍ରବଣ ହୋଇପଡନ୍ତି । ବୃତ୍ତି ଅନୁଯାୟୀ ଲେଖକ ନିଜେ ଦୈନିକ ବହୁ ନାମ ସହିତ ପରିଚିତ ହେବା ସହିତ ପ୍ରତି ଲୋକର ବିଶ୍ୱାସଭାଜନ ହେବାକୁ ତାର ନାମକରଣର ବୃତ୍ତାନ୍ତ ସଂଗ୍ରହ କରିବାର ଆଗ୍ରହ ପ୍ରକାଶ କରିବାରେ ଅଭ୍ୟସ୍ତ । ଅତି ଶିକ୍ଷିତ ଓ ଗମ୍ଭୀର ଲୋକଙ୍କୁ ଛାଡିଦେଲେ, ସମସ୍ତେ ବଡ ଭାବପୂର୍ଣ୍ଣ ହୋଇ ପଡନ୍ତି ନିଜ ନାମ କରଣ ବିଷୟରେ ତୁଷ୍ଟି କରିବାକୁ । ନିଜର ହୋଇଯାଆନ୍ତି ଷୋଳପଣେ ।

ବାସ୍ତବିକ ଏମିତି ବିଶୁଦ୍ଧ ଓଡିଆ ନାମ ଆମ ରାଜ୍ୟରେ ରହିଛି ଏବଂ ଆମର ପାରମ୍ପରିକ ନାମକରଣ ବିଧିରେ । ଓଡିଶା ପ୍ରକୃତିର ଆଧାର, ଓଡିଆ ଜାତି ବଞ୍ଚେ ପ୍ରକୃତି ଅଭ୍ୟନ୍ତରରେ । ତେଣୁ ନାଆଁ ଗୁଡିକ ସେହିପରି । ବିଦେଶୀମାନେ ସିନା ଯନ୍ତ୍ରପାତି ତିଆରି କରି କୃତ୍ରିମ ହୋଇପଡିଛନ୍ତି । ସେମାନେ ଆଜିକାଲିର ମିଶ୍ର ସଭ୍ୟତାରେ ସରବରାହ ପ୍ରଧାନ ଜୀବନଯାତ୍ରାରେ ବି ଆମମାନଙ୍କର ନାମକରଣ ବିକ୍ଷିପ୍ତ କରି ପକେଇଲେଣି । ଆମ ଓଡିଶାରେ ବି ନାଆଁଟି ଓଡିଶା ଛାଡି ଭାରତ ଛାଡି କୋଉ ଦୂର ରାଇଜରୁ ଆସିଗଲାଣି ଗଣ ମାଧ୍ୟମରେ । ତଥାପି ସ୍ୱତନ୍ତ୍ରତା ରହିଛି ଓଡିଆ ନାମରେ । ମଧ୍ୟବିତ୍ତ ଓଡିଆ ପରିବାରର ସନ୍ତାନର ନାମକରଣ କରିବା ବିଧିରେ ।

ପିଲାଟିଏ ଜନ୍ମ ହେଲେ, ଓଡିଶାରେ ତାର ଜନ୍ମ ଜାତକଟିଏ ତିଆରି ହୁଏ । ଏହା ତାଳପତ୍ରରେ ଲିଖନୀ ଦ୍ୱାରା ମୁଦ୍ରିତ ଲେଖାଟିଏ । ଏଥିରେ ପିତାଙ୍କ ନାମ, ଜନ୍ମ ସମୟ ଆଉ ରାଶି ନକ୍ଷତ୍ର ସହିତ ଗଜପତି ରାଜାଙ୍କର ଶାସନାଙ୍କ ଉଲ୍ଲେଖ ରହେ । "ଶ୍ରୀଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ବୀରାଧିବୀରବର ଶ୍ରୀ ଶ୍ରୀ ଦିବ୍ୟସିଂହଦେବଙ୍କ ......ଅଙ୍କ"ରେ ପରି ସମୟ ନିର୍ଘଣ୍ଟ ବି ରହେ । ପିଲାର ନାମ କରଣ ସାଧାରଣତଃ ମଉଳା ପକ୍ଷରୁ ଦିଆଯିବାର ବିଧି ରହିଛି ଓଡିଶାରେ ଯଦିଚ ସମସ୍ତଙ୍କର ସମ୍ମତିକ୍ରମେ ଶ୍ରଦ୍ଧାନାମ ଓ ଡାକନାମ ଦିଆଯାଏ । ନାମକରଣ ପର୍ବ ଏକୋଇଶିଆ ଦିନ କିମ୍ବା ଅନ୍ୟ କେବେ ବି ଦିଆଯାଏ । ବର୍ଷକ ବେଳକୁ ନାମକରଣ ସରିଯାଇଥାଏ । ଏହି ଶ୍ରଦ୍ଧାନାମ ହେଉଛି ଅସଲନାମ, ଏହା ସହିତ ରହିଛି ଆଉ ଗୋଟିଏ ଦୁଇଟି ନାମ ବା ଡାକ ନାମ । ବିବାହ ବ୍ରତରେ ଏହି ଜାତକଟି ମେଳକ ହୁଏ ଓଡିଆ ପରମ୍ପରା ଅନୁସାରେ । ଆଜିଠାରୁ ପୁରୁଷଟିଏ ପୂର୍ବରୁ ମାନେ ପଚାଶ ବର୍ଷ ଆଗରୁ ଯେତିକି ଓଡିଆ ବିବାହ ଅନୁଷ୍ଠାନ ହୋଇଛି, ସବୁଥିରେ ଜାତକ ମେଳକ ବିଷୟ ନିଶ୍ଚିତ । ଆଜି ତ ଆଉ ସେ ପ୍ରଥା ଚଳୁନି । ଓଡିଆ ମାଟ୍ରିମନି ବା ସ୍ୱୟଂ ଚୟନ କି ସ୍ୱୟମ୍ବର ପ୍ରଥା । ଜାତକ ବି ସେମିତି ତାଳ ପତ୍ରରେ ଲେଖନୀ ଲିଖିତ ନୁହେଁ । ଦରକାର ହେଲେ ବାର୍ଥ ସାର୍ଟିଫିକେଟ୍ କି ମାଟ୍ରିକୁଲେସନ୍ ସାର୍ଟିଫିକେଟ୍ । ତାଳପତ୍ର ଜାତକ କଉଡି ପରି ମୂଲ୍ୟହୀନ ଅଫିସରେ, ନ୍ୟାୟାଳୟରେ । ମାତ୍ର ଦୁର୍ମୂଲ୍ୟ ତିଆରି କରିବାକୁ ।

କିନ୍ତୁ ପ୍ରାଚୀନ ଓଡିଶା ଆଉ ପାରମ୍ପରିକ ଓଡିଆ ଯେଉଁଠି ନିଶ୍ୱାସ ନେଉଛି, ତୃଣମୂଳ ପଲ୍ଲୀ ଅଞ୍ଚଳରେ ସେଠି ନାମକରଣ ଆମ ଓଡିଆ ମତରେ ରହିଯାଇଛି । ସେମାନେ ଠାକୁର ଠାକୁରାଣୀ କି ପ୍ରକୃତି ପରିବେଶ ଠାରୁ ଦୂରେଇ ଯାଇ ନାହାନ୍ତି । ସେଠାରେ ନାମ କରଣ ରହିଛି ପାରମ୍ପରିକ

ରୀତିରେ । ଯେମିତି ବାପା ଅଜା ମାନଙ୍କର ନାମ କରଣ ଥିଲା । ସେମାନେ ପରିବେଶ, ପାଗ, ବୃକ୍ଷ, ଲତା, ଫୁଲ, ଫଳ, ଜୀବଜନ୍ତୁ, ଭୂମି, ଜଳ, ବାୟୁ ଆଦି ଅନୁସାରେ ନାମ କରଣ କରୁଥିଲେ ଯଥା - ଫୁଲ, ଗୋଲାପ, ମଲ୍ଲୀ, ଡାଳିମ୍ବ, କଦମ୍ବ, କାମିନୀ, ଅପରାଜିତା, ବର୍ଷା, ବସନ୍ତ, ହେମନ୍ତ, ଝରଣା । ଜଙ୍ଗଲ ଅଞ୍ଚଳରେ ଗାଁରେ ବାଘ, ଭାଲୁ, ହାତୀ, ଏମିତି ନାମକରଣ ରହିଛି । ଗୋଟିଏ ଗୋଟିଏ ଗାଁରେ ୪/୫ଟି ଭାଲୁ ନାମଧାରୀ ଲୋକ ଥାଆନ୍ତି ଏବଂ ଏହାକୁ ସ୍ପଷ୍ଟ କରିବାକୁ ଗୁଡିଆ ଘର ଭାଲୁ କି ସ୍ୱାଇଁଘର ଭାଲୁ ସ୍ପଷ୍ଟ କରିବାକୁ ପଡେ । ବେଳେ ବେଳେ ପିଲାଟିର ଜନ୍ମ ସହିତ ବହୁ ଦିନରୁ ଅପେକ୍ଷା କରିଥିବା ବର୍ଷା ଆସିଗଲେ, ପିଲାଟିର ନାମ ହୋଇଯାଏ ଇନ୍ଦ୍ର ବା ଇନ୍ଦ୍ରମଣି । ବାପା କୌଣସି ସରକାରୀ ପ୍ରତିଦ୍ୱନ୍ଦ୍ୱିତାରେ ପ୍ରତିବାଦୀ ଉପରେ ବିଜୟ ସମୟରେ କନ୍ୟାଟିଏ ଜନ୍ମ ନେଲେ, ନାମକରଣ କରନ୍ତି ବିଜୟିନୀ । ଝିଅଟିଏ ଓଡିଶାରୁ ଦୂରରେ ଜନ୍ମ ହେଲେ, ନାଆଁ ଦିଆ ଯାଏ ବିଦେଶୀ କି ବିଦେଶିନୀ । ଏମିତି ପ୍ରତ୍ୟେକ ପାଠକ ନିଜ ନାମର ଯଥାର୍ଥତା ବିଶ୍ଳେଷଣ କରିପାରିବେ । ଜନ୍ମଦାତା ଆଉ ପରିବାରର ମାଙ୍ଗଳିକ ପରିବେଶର ଉନ୍ମାଦନା ଚେତାଇ ପାରିବେ ନିଜ ମାନସପଟରେ । ନିଜ ଜୀବନୀର ପ୍ରଥମ ପଦ ପଢିପାରିବେ ।

ଓଡିଆ ଭାଷା ଯେତିକି ପ୍ରାଚୀନ, ଓଡିଆ ନାଁ ଗୁଡିକ ସେମିତି ପ୍ରାଚୀନ ବୋଲି ମନେ ହୁଏ । ପୁରାଣରେ ମହାଭାରତରେ କଳିଙ୍ଗର (ଚିତ୍ରାଙ୍ଗଦ, ଶ୍ରୁତାୟୁଧ, ଭାନୁମତ) ଓ ଇତିହାସରେ ଓଡିଶାର ରାଜନ୍ୟବର୍ଗଙ୍କ ନାମ ପୁରୋହିତଙ୍କ ଦ୍ୱାରା ମନୋନିତ ହେବା କାରଣରୁ ସଂସ୍କୃତିଆ (କନ୍ଦର୍ପ, ଯଯାତି, ନରସିଂହ, ଲଲାଟେନ୍ଦୁ, ପଦ୍ମ, ଉଦ୍ୟୋତ, ଅନଙ୍ଗ, କପିଳେନ୍ଦ୍ର, ପୁରୁଷୋତ୍ତମ, ପ୍ରତାପରୁଦ୍ର) ହେଲେ ହେଁ ଅଳ୍ପ କେତୋଟି ଓଡିଆ ଢଙ୍ଗର ନାଁ ଆମକୁ ଜଣା । ଖାରବେଳଙ୍କ ସମୟର ଶିଳାଲିପିରେ ଭୂତି, କର୍ମ, କୁସୁମ, ନାକିୟା, ବରିୟା ଆଦି ମୂଳ କଳିଙ୍ଗର ଦେଶୀଆ ନାମ ଉଲ୍ଲେଖ ରହିଛି । ଲାଙ୍ଗୁଡା ନରସିଂହଙ୍କ କୋଣାର୍କ ମନ୍ଦିର ନିର୍ମାଣ ସ୍ଥପତି ହେଉଛନ୍ତି ଶିବେଇ ସାମନ୍ତରା । ଗଜପତି କପିଳେନ୍ଦ୍ର ଦେବଙ୍କର ପ୍ରଧାନ ମନ୍ତ୍ରୀ କାଶୀନାଥ ମହାପାତ୍ରଙ୍କୁ ଓଡିଆ କଥାରେ ରାଜା ମନ୍ତ୍ରୀଙ୍କୁ କାଶିଆ -କପିଳା ବୋଲି କୁହାଯାଏ । ଏମିତି ଆଜି ବି ଗାଁ ଗଣ୍ଡାର ଡାକ ନାମ ଶିବେଇ - ଲେଖାନାମ ସଦାଶିବ, ରଘୁଆ - ରଘୁନାଥ, ପୁରିଆ - ପୁରୁଷୋତ୍ତମ, ବିଶିଆ - ବିଶ୍ୱନାଥ, ହରିଆ - ହରିହର, କାଳିଆ - କାଳିନ୍ଦୀ ବା କାଳିଚରଣ । ଏଇଟା ଆମ ଭାଷାର ମହକ, କହିବାରୁ ଲେଖିବାକୁ ନାମାନ୍ତର, ରୂପାନ୍ତର ।

ଓଡିଆ ନାମ ଓ ସାଙ୍ଗିଆ ଗୁଡିକ ଓଡିଶା ସାମରିକ ବା ସୁରକ୍ଷାର ଶବ୍ଦ ବହନ କରେ । ବିଶେଷ ଭାବରେ କୁଳ ସାଙ୍ଗିଆ ସାମନ୍ତରାୟ, ପାଇକରାୟ, ପଦାତିକରାୟ, ସାହାଣୀ, ଚମ୍ପତିରାୟ, ମାନସିଂ, ରଣସିଂ, ଗୁମାନସିଂ, ଉତ୍ତର କବାଟ, ଦକ୍ଷିଣ କବାଟ, ଡିଆଁ ବାଘ । ଏମିତି ଗୁରୁତ୍ୱପୂର୍ଣ୍ଣ ଉପାଧି ବିଶେଷ କରି ଓଡିଶାର ସମର-ସମର୍ଥ ଗଜପତି ରାଜାମାନେ ଦେଇଛନ୍ତି । ଲାଙ୍ଗୁଡା ନରସିଂହ, କପିଳେନ୍ଦ୍ର, ପୁରୁଷୋତ୍ତମ ଓ ପ୍ରତାପରୁଦ୍ର ଏମିତି ଅନେକ ସାମରିକ ଉପାଧି ପ୍ରଦାନ କରିଯାଇଛନ୍ତି, ଯାହା ଆଜି କାହାର ନାମ ଲେଖିଲା ବେଳକୁ ସ୍ମରଣରେ ଆସେ ।

ଏହାକୁ ଆମେ କହି ପାରିବା, ଓଡିଆ ଘରର ପାରିବାରିକ ସ୍ନେହ ଓ ମମତା ବୋଳା ଡାକ । ଗାଁର ଆତ୍ମୀୟତା ପରିପୂର୍ଣ୍ଣ ଅନ୍ତରଙ୍ଗ ନାମକରଣ । ଜଣକୁ ରଘୁନାଥ ଡାକିଲେ, ଦୁଇଜଣଙ୍କର ବାର୍ତ୍ତାଳାପରେ ଯେତିକି ଦୂରତ୍ୱ ରହେ, ରଘୁ କି ରଘୁଆ ଡାକିଲେ, ସେ ଦୂରତ୍ୱ ଘୁଞ୍ଚିଯାଏ, ଦୁଇଜଣ କୌଣସି ବିଷୟରେ ନିକଟତର ହୋଇ ଯାଆନ୍ତି । ଜଣକୁ ବାପରେ ଧନରେ ଶ୍ରଦ୍ଧାରେ ପଦେ କଥା କହିବାକୁ ହେଲେ ଓଡିଆ ଭାଷା ନରମି ଯାଇ ବାଇୟା, ବାଇଧନ, ଧନଟା ମୋର, ଧନୁଲି ଏମିତି କେତେ ପ୍ରାଣବନ୍ତ ହୃଦୟସ୍ପର୍ଶୀ ନାମରେ କଥା ହୁଅନ୍ତି । ମିଷ୍ଟର ମହାପାତ୍ର ବୋଲି ଜଣେ ସାଙ୍ଗଙ୍କୁ କହିଲେ, ତା ଠାରୁ କେତେ ଦୂର ଅତୀତ ଆଉ ଭବିଷ୍ୟତକୁ ଜଣେ ଚାଲିଯାଏ, ସମସ୍ତେ ଅନୁଭବ କରିଥିବେ । ଆମ ଗାଁ ମାନଙ୍କରେ ଜଣେ ବାବୁ ହୋଇଗଲେ, ତାକୁ ଲୋକ ଆଉ ସେମିତି ଜଗା ଡାକିବାକୁ ଦ୍ୱିଧାବୋଧ କରନ୍ତି । ଜଗନ୍ନାଥ ବାବୁ ଡାକନ୍ତି । ବାବୁ ମମତା ଭରା କଣ୍ଠରେ କହନ୍ତି ଆରେ ମୋତେ କଅଣ ଦୂରେଇ ଦେଉଛ, ମୁଁ ପରା ସେଇ ଜଗା । ବାବୁ ଓଡିଆ ଜାତି ଓ ଓଡିଆ ଭାଷାରୁ ଯଦି ମନେମନେ ଦୂରେଇ ଯାଇଥିବେ, ତେବେ ସ୍ପଷ୍ଟ ଦାବି କରିବେ, ମୁଁ ଡକ୍ଟର ଜଗନ୍ନାଥ ସାମନ୍ତରାୟ, ମୋ ନାଁଟା ଠିକ୍‌ରେ ସମ୍ବୋଧନ କର । ମୁଁ ଆମେରିକାରେ ରହେ, ଆଉ ଗାଁରେ ଚଳିପାରୁନି ।

ମୌଳିକ ଭାବରେ ଜନ୍ମ ସମୟର ପ୍ରାଧାନ୍ୟ ନେଇ ନାମ ଦେବାର ମାନସିକତା ସବୁ ମା ବାପଙ୍କର ରହିଛି । ସମୟ, ବାର, ଘଟଣା ନେଇ ନାମ ଦିଆଯାଏ । ଏମିତି ଆମେ ଦେଖିବା ରବି, ସୋମ, ମଙ୍ଗଳ ପରି ସାତୋଟି ନାମ ରହିଛି । କେବେ ବି ମାସର ନାମ କାର୍ତ୍ତିକ ବି ହୋଇପାରେ । ତିଥି ବା ପର୍ବରେ ଜନ୍ମ ହେଲେ, ଉଛବ, ଧରମା, ଗୁଣ୍ଡିଚା, ବାହୁଡା, ପୂନିଆଁ, ପୂର୍ଣ୍ଣିମା, ପୂର୍ଣ୍ଣଚନ୍ଦ୍ର, ଦୋଳ ହୋଇପାରେ । ପିଲା ଜନ୍ମ ବେଳକୁ ବାପା ବିଦେଶରେ ଥିଲେ, ପିଲାଟିର ନାମ ବି ଆଲ୍‌ମା ହୋଇପାରେ । ବାପା ନୌଯାତ୍ରା କରି ଇଉରୋପର ଆଲ୍‌ମା ଆଟା ସହରରେ ଥିବା ବେଳେ ଲେଖକଙ୍କ ଜ୍ଞାତିରେ କନ୍ୟାରତ୍ନଟିର ନାମକରଣ ଅନୁଭବ କରିଛନ୍ତି ।

ଖୁସି କିମ୍ବା ଦୁଃଖ ସମୟରେ ଜନ୍ମ ହୋଇଥିବା ପିଲାମାନଙ୍କର ନାମକରଣ ବି ଚେତାଇଦିଏ । ଦୁଃଖିଆ ବା ଦୁଃଖିଶ୍ୟାମ, ବହୁ ସମୟରେ ଅନେକ ସନ୍ତାନ ହାନି ହେବା ପରେ ଜନ୍ମ ହେଉଥିବା ପିଲାର ନାମ ପଠାଣିଆ, ହାଡିଆ, ପାଣୁଆ, ବାଉରିଆ ବୋଲି ମା ମାନେ ଦେଇ ଥାଆନ୍ତି । ସେମିତି ହତାଶ ଭାବ ମିଳେ ବାପା କି ମା ଛେଉଣ୍ଡ ପିଲାମାନଙ୍କ ନାମକରଣରେ ।

ପଢୁଆ ଘରର ନାମକରଣ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ମାଉସୀ ଦୁଇଜଣଙ୍କ ନାଁ ଶୁଣି ଚମକି ପଡିବେ । ବସନ୍ତ ମଲ୍ଲିକା ଆଉ ସ୍ନେହ ସୁହାଗିନୀ । ଏମିତି ନାମ କିପରି ଦିଆଯାଇଛି ଜାଣିବା ପୂର୍ବରୁ ସେ

ଦୁଇଜଣଙ୍କ ବାପା ମା'ଙ୍କ ବିଷୟରେ ଆପଣ ଅନୁସନ୍ଧିତ୍ସୁ ହେବେ ନିଶ୍ଚୟ । ଜଣେ ସଫଳ ଓଡିଆ ଶିକ୍ଷକ ଯେ କି ପ୍ରଧାନ ଶିକ୍ଷକ ପଦକୁ ଉନ୍ନୀତ ହୋଇଥିଲେ । ଆଉ ଜଣେ ସଂସ୍କୃତ ପଣ୍ଡିତ । ଏମିତି ବହୁ ସୁନ୍ଦର ସାରଗର୍ଭକ ନାମ ମିଳିବ ଶିକ୍ଷିତ ପରିବାର ଗୁଡିକରେ । ଠାକୁର ଠାକୁରାଣୀଙ୍କର ସୁନ୍ଦର ସୁନ୍ଦର ନାମ ଅମର କୋଷ ଖୋଜି ପଣ୍ଡିତମାନେ ଦିଅନ୍ତି । ଏବେ ତ ନାମକରଣ ଯନ୍ତ୍ର ଆସିଗଲାଣି । ବହୁ ନାମ ଦେଖି ବାଛିବ । ଯେଉଁଟା ମ୍ୟାଚ କରିବ ସେଇ ନାମଟି ଦେବ । ଏମିତି ଇଣ୍ଟରନେଟ୍‌ରେ ବେବି ନେମ୍ ଡାଇରେକ୍ଟୋରିରେ ଏବେ ସୁଦ୍ଧା ଓଡିଆ ପୁଅ ନାମ ୨୭୦୯ଟି ଆଉ ଝିଅ ନାମ ୨୮୨୬ଟି ରହିଛି । ଅନେକ ପୁରାଣ, ହିନ୍ଦି, ଅନ୍ୟ ଛୋଟ ଛୋଟ ଅଣ ଓଡିଆ ମିଶି ରହିଛି । ଯେତେହେଲେ ପାରମ୍ପରିକ ଓଡିଆ ନାଁ ସେତେଟା ନାହିଁ ।

ଝିଅ ମାନଙ୍କର ନାମ ଏହି ଇଣ୍ଟରନେଟ୍ ଲିଷ୍ଟରେ ଯାହା ପାଇବେନି, ସବୁ ଭୁବନେଶ୍ୱର ଭିତରେ ଚାଲୁଥିବା ଅଟୋରିକ୍ସା ପଛରେ ଛପା ହୋଇଥିବାର ସମୟ ସମୟରେ ଦଖିବାକୁ ମିଳେ । ସତେକି ରମାଦେବୀ ବିଶ୍ୱ ବିଦ୍ୟାଳୟର ସମସ୍ତ ଛାତ୍ରୀ ମାନଙ୍କର ଲିଷ୍ଟ ଛାପି ଦିଆ ଯାଇଛି !

କେତୋଟି ପରିବେଶରେ ନାମକରଣ ଶୁଣିଲେ ହସ ଲାଗିବ । ପରିବାର କଲ୍ୟାଣ କି ପରିବାର ନିୟୋଜନ ଯୋଜନା ସରକାର ଚିନ୍ତା କରିବାର ବହୁତ ଆଗରୁ ଲୋକମାନଙ୍କର ବହୁତ ଗୁଡିଏ ପୁଅ କି ଝିଅ ହେବାର ଉଦାହରଣ ଦେଖାଯାଏ । ସଂଖ୍ୟାଧିକ ପୁଅ ହେବାରେ ତାହା ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ ପଞ୍ଚୁ ପାଣ୍ଡବଙ୍କୁ ଟପି ପୁଣି ଦିପଟ କୌରବ ଦୁର୍ଯ୍ୟୋଧନ ଆଉ ଦୁଃଶାସନ ନାମକରଣ ଆସିଛି । ଆଉ ଗୋଟିଏ ସେଇଭଳି ଉଦାହରଣରେ ବାପାମାଆଙ୍କ ନିଷ୍ପତ୍ତିରେ ଶେଷ ପଞ୍ଚମ ପୁଅର ନାମ ରହିଲା ଶେଷଦେବ । କିନ୍ତୁ ତା ପରେ ଆଉ ଦୁଇଜଣ ଦେବ ଆସି ଗଲେ । ଜଣେ ଶିକ୍ଷିତ ଡାକ୍ତର (ପଶୁ) ନିଜର ପ୍ରଥମ ସନ୍ତାନ ଝିଅଟିର ନାମ ଦେଲେ ସମାପିକା । କାହିଁକି ସ୍ୱାଗତିକା ନ ଦେଲେ ପଚାରିବାରୁ କହିଲେ, ନାମକରଣ ତ ଏତେ ବାଛ ବିଚାର କାହିଁକି ? ଆସନ୍ତା ନାମଟି ଏମିତି ଦେଲେ ବି ଚଳିବ ।

ବେଶୀ ଦୂରଦୁରାନ୍ତ କଥା ନୁହେଁ, ଆମ ସାହିର ଘଟଣା । ଅନେକ ପୁଅ ଜନ୍ମ କରିଛି ସେ ନୂଆବୋଉ । ଘୋଷି ଘୋଷି ପୁଅ ମାନଙ୍କ ନାମକରଣ କରିଛି ଜାପାନୀ, କମ୍ପାନୀ, ଜର୍ମାନୀ ଆଉ ଋଷିଆ । ଆଉ ଗୋଟିଏ ପରିବାରରେ କେତେ ଜାତୀୟ ନାମ । ବଡ ପୁଅ ଗାନ୍ଧି ଆଉ ତା ତଳ ନେହୁରୁ । ଗାନ୍ଧି ନେହୁରୁ ଆମ ଗାଁରେ ଦି ଭାଇ !

କୋରାପୁଟର ଆଦିବାସୀ ଗାଁ ଗୁଡିକରେ ସାତଟି ନାଁ । ସୋମରୁ ରବି । ସମ୍ବରୁ, ମଙ୍ଗଳୁ, ବୁଧୁ, ଗୁରୁ, ଶୁକ୍ରା, ଶନିଆ, ରବି । ସାଙ୍ଗିଆ ଯଦି ମୁଣ୍ଡାଗାଡିଆ ତେବେ ଅନେକ ମୁଣ୍ଡାଗାଡିଆ ସମ୍ବରୁ, ମୁଣ୍ଡାଗାଡିଆ ମଙ୍ଗଳୁ, ମୁଣ୍ଡାଗାଡିଆ ବୁଧୁ ଇତ୍ୟାଦି ନାମରେ ଗାଁ ଭୋଟର ଲିଷ୍ଟ ଭର୍ତ୍ତି । ଭୋଟର ବାକ୍ସ ଧରି ଯାଇଥିବା ଅଧିକାରୀଙ୍କର ହୋସ୍ ଉଡିଯିବ ଚିହ୍ନୋଟ କରିବାରେ ।

କିନ୍ତୁ ଭୁବନେଶ୍ୱର ପାଖ ପଟିଆ କେଳା ଗାଁ ପଦ୍ମକେଶରୀପୁରରେ ଭୋଟ୍ ନେବାକୁ ଆସିଥିବା ଅଧିକାରୀ କେବେ ବି ଦୁଇଟି ଏକା ନାଁ ପାଇବେନି । ଏହି ପଟିଆ କେଳାମାନେ ସାପ ଚିହ୍ନିବାରେ ଯେମିତି ଧୁରନ୍ଧର, ନାମ କରଣରେ ବି ସେମିତି । ସ୍ଥାନ, କାଳ, ଯୋଡିଯମକରେ ଏମାନେ ନା ଦିଅନ୍ତି । ବଡ ଭଉଣୀ ବିନୋଦିନି ହେଲେ, ସାନର ନାଁ ଦେବେ କିନୋଦିନି । ଯଦି ପଚାରିବେ - କିହୋ ଇଏ କି ନାଁ । ଉତ୍ତର ପାଇବେ ଆଜ୍ଞା ଯତିପାତ ନାଁ । ନାଁର ଅର୍ଥରୁ ଆମକୁ କଅଣ ମିଳିବ ? ଏମାନେ ସବୁଠାରୁ ବିସ୍ମୟକର ନାମକରଣ କରନ୍ତି । କାରଣ ଏହି ଗାଁର ୨୦୦ ଘରର ୧୫୦୦ ଲୋକଙ୍କର ନାମ ଏହି ପରି - ସିନେମା ଦାସ, ବାଣୀ ବିହାର ଦାସ, କଲିକତା ଦାସ, ରକେଟ୍ ଦାସ, ସମାଜ ଦାସ, ପ୍ରଫେସର ଦାସ, ଇଞ୍ଜିନିୟର ଦାସ, ଡାକ୍ତର ଦାସ, ବାଲେଶ୍ୱରୀ ଦାସ, ସ୍କାଇଲାବ୍ ଦାସ, ଆସେମ୍ଲି ଦାସ, ସେକ୍ରେଟେରିଏଟ୍ ଦାସ, ଏରୋପ୍ଲେନ୍ ଦାସ, ସ୍କୁଟର ଦାସ, ହିରୋହୋଣ୍ଡା ଦାସ -ଏମିତି ଯେତେ ଯେତେ ନାମ ଆପଣଙ୍କ ମନରେ ଅଛି ।

କେତୋଟି ନାଁ ମୋ ପାଇଁ ଅବୁଝା ହୋଇ ପଡିଲା । ମୁଁ ବୁଝି ପାରିଲିନି କିଏ ଝିଅବେଳଠାରୁ ଝିଅଟିର ନାଁ ପାସୋରୀ ନାମରେ କିଏ ନାମିତ କଲା । ଘରବାଲା ବି ବୁଝାଇବାକୁ ସମର୍ଥ ହେଲେନି, ମନେ ରଖିବା ତ ନାମକରଣ ପରେ ଆସେ । ସବୁ ଭୁଲିଯାଉ ଥିବାରୁ ତା ମୂଳ ନାମକୁ ବାଦ କରି ପଛରେ ଏ ପାସୋରୀ ନାମ ଦିଆ ଯାଇଛି । ସବୁ ପାସୋରି ପକାଉଛି, ଖାଇଚି କି ନା, ପଇସା ଦେଇଚି କି ନା ଆଉ ଦେଖିଚି କି ନା । ସବୁ ପାସୋରି ପକାଉଛି ପାସୋରୀ ।

ସବୁ ଆଲୋଚନା ସତ୍ତ୍ୱେ ସବୁ ଭାଷା ବିକାଶ ବା ପ୍ରଦୂଷଣ ସତ୍ତ୍ୱେ ଅନେକ ବିଶୁଦ୍ଧ ଓଡିଆ ନାମ ରହିଛି, ଯାହା କି ଓଡିଆ ଛଡା ଅଣ-ଓଡିଆଙ୍କର ନାହିଁ ।ଏମିତି କେତେ ନାମ ହେଲେ ତଅପୋଇ, କାଳିଜାଇ, ଋଷିକୁଲ୍ୟା, ବାଲେଶ୍ୱରୀ, ଖାରବେଳ, ଝରଣା, ଚମ୍ପା, ବ୍ରାହ୍ମଣୀ, ଗୁଣ୍ଡିଚା, ବାହୁଡା, ଲିଙ୍ଗରାଜ, ବିନ୍ଦୁସାଗର, କେଦାର, ସାକ୍ଷୀଗୋପାଳ, ବାଇଧର, ଗୁରେଇ, ଚରଣ, ଉଛବ, ପାଣ୍ଡୁ, ଚଇତନ, ତାରିଣୀ, ମଙ୍ଗଳା, ବାମନ, ସରବା, ସାଗେରୀ, ବାଜେଣୀ ଇତ୍ୟାଦି ଅସଂଖ୍ୟ ନାମ ।

ପୁଣି ସବୁ ନାମ ଗୁଡିକର ଓଡିଆ ସ୍ୱାଦଭରା ଡାକନାମ ରହିଛି । ସେଇଟି ଆମ ଚଳଣି ଆଉ ସଂସ୍କୃତିର ପ୍ରାଚୀନତମ ଅଭିଲେଖ ।

ସମାରୋହ, ୧୨୮, ଡୁମୁଡୁମା (କ), ଭୁବନେଶ୍ୱର-୩୦
ମୋ - ୯୪୩୮୦୦୭୫୦୯

✠✠✠

# ପାଲା: ଓଡିଆ ସଂସ୍କୃତିର ବିଭବ

ଡ. ବିଷ୍ଣୁପ୍ରିୟା ଓତା

ଲୋକ ସଂସ୍କୃତିହିଁ ସଂସ୍କୃତିର ଜନ୍ମଦାତ୍ରୀ । Folk Literature is the mother of culture. ଲୋକସଂସ୍କୃତି ମଣିଷର ଜୀବନ ସହ ଓତପ୍ରୋତ ଭାବରେ ଜଡ଼ିତ । ଏଥିରେ ଲୋକମାନଙ୍କ ଚଳଣି, ଜୀବନଶୈଳୀ ପରମ୍ପରା ସବୁକିଛି ନିହିତ ଥାଏ । ସାଧାରଣ ଲୋକ ଜୀବନସହ ଏହା ଏକାତ୍ମ ଭାବରେ ଜଡ଼ିତ ଥାଏ । ଲୋକ ଜୀବନର ପ୍ରାଣାସ୍ପନ୍ଦନ ଏଥିରେ ପ୍ରକାଶ ପାଇଥାଏ । 'ପାଲା' ବା 'ଷୋଳପାଲା' ଆମ ଲୋକସଂସ୍କୃତିର ଏକ ବିଭବ, ଏକ ଗୁରୁତ୍ୱପୂର୍ଣ୍ଣ ବିଭବ ଭାବରେ ଓଡ଼ିଶା ଘରେ ଘରେ ଜନପ୍ରିୟ ।

ଯେ କୌଣସି ଦେଶ ଓ ଜାତିର ଉନ୍ନତି ତଥା ପ୍ରଗତି ସଂସ୍କୃତିର ଦର୍ପଣରେ ପ୍ରତିଫଳିତ ହୋଇଥାଏ । ଜାତି ତା'ର ଅତୀତର ପ୍ରତିଛବି ଏହି ସଂସ୍କୃତି ମଧ୍ୟରେ ଦେଖେ ଓ ଅତୀତକୁ ଦେଖି ବର୍ତ୍ତମାନ ପାଇଁ କର୍ତ୍ତବ୍ୟରତ ହୁଏ ଆଉ ଭବିଷ୍ୟତ ପାଇଁ ସ୍ୱପ୍ନ ଦେଖେ । ଉନ୍ନତ ତଥା ସଂସ୍କୃତିସମ୍ପନ୍ନ ଅତୀତ ଯେ କୌଣସି ଦେଶ ଓ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ, ଏଥିରେ ସନ୍ଦେହ ନାହିଁ । ତେଣୁ ଅତୀତ ସଂସ୍କୃତିର ଭିତିଭୂମି ଉପରେ ବନୁଷ୍ୟ ତାର ସୁନ୍ଦର ଭବିଷ୍ୟତର ସ୍ୱପ୍ନ ଦେଖିବା ଓ ବର୍ତ୍ତମାନର ସୌଧ ନିର୍ମାଣ କରିବା ସମ୍ଭବ ହୁଏ । ସାହିତ୍ୟ ସଂସ୍କୃତିର ପ୍ରଧାନ ଅଙ୍ଗ; କାବ୍ୟ, କବିତା, ନାଟକ, ସଙ୍ଗୀତ, କଳା ଆଦି ସାହିତ୍ୟର ଗୋଟିଏ ଗୋଟିଏ ବଶିଷ୍ଟ ଅଙ୍ଗ । ସମଗ୍ର ବିଶ୍ୱସାହିତ୍ୟର ବିଶ୍ଲେଷଣରୁ ଜଣାଯାଏ ଯେ, ପ୍ରାଥମିକ ସ୍ତରରେ ସଂଗୀତରୁ ସାହିତ୍ୟର ସୃଷ୍ଟି । ସଙ୍ଗୀତ କେବଳ ମଣିଷ କାହିଁକି ପଶୁପକ୍ଷୀ, ଜୀବଜଗତ ସମସ୍ତଙ୍କୁ ବିପୁଳ ଆନନ୍ଦ ପ୍ରଦାନ କରେ । ସଙ୍ଗୀତର ମଧୁର ମୂର୍ଚ୍ଛନା ବିଷଧର ସାପକୁ ମଧ୍ୟ ବଶୀଭୂତ କରିପାରେ ।

ଶରନ୍ଦ୍ କ୍ରୋଞ୍ଚ ଦମ୍ପତିଙ୍କୁ ଅବଲୋକନ କରି ଋଷିଙ୍କ ପ୍ରାଣରେ ଯେଉଁ କରୁଣ ଭାବର ସଂଜାତି ହେଲା, ତାହା ରୂପନେଲା ସଙ୍ଗୀତ ମାଧ୍ୟମରେ, ଜନଜୀବନ ଓ ଜନମାସରେ । ତେଣୁ ସଙ୍ଗୀତରେ ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସଙ୍ଗୀତରେ ଉପତ୍ତି ମନୋରଞ୍ଜନ ନିମିତ୍ତ । ସଙ୍ଗୀତର ମଧୁର ମୂର୍ଚ୍ଛନା ପ୍ରାଣର ମର୍ମସ୍ପର୍ଶ କରିଥାଏ । କୁଶଳୀ ଉତ୍କଳୀୟ କେବଳ ପଥର ଦେହରେ ତା'ର ଶିଳ୍ପ ନୈପୁଣ୍ୟର ପରିଚୟ ଦେଇନାହଁ, ସେ ମଧ୍ୟ ଭରି ଦେଇଛି ସାହିତ୍ୟ ଓ ସଙ୍ଗୀତର ଅଖଣ୍ଡ ପ୍ରଭାବ ।

ଓଡ଼ିଶାର 'ପାଲା' ସେହି ସଙ୍ଗୀତର ଅମୂର୍ତ୍ତ ପରିପ୍ରକାଶ । ଏହା ଏକ ସାରସ୍ୱତ କଳା । ଯୁଗ ଯୁଗ ଧରି ଓଡ଼ିଶାର ଜନଜୀବନରେ । ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ବିସ୍ତାର କରି ଜନସାଧାରଣଙ୍କ ସହ ନିବିଡ଼ ସମ୍ପର୍କ ରକ୍ଷା କରିପାରିଛି । ଉତ୍କଳ ସଂସ୍କୃତିର ବିଶିଷ୍ଟ ବିଭବ 'ପାଲା' ଛନ୍ଦ, ସ୍ୱର, ଲୟ ଓ ତାଳର ମଧୁର ମୂର୍ଚ୍ଛନାରେ ଅନୁରଣିତ ହୋଇ ଗଭୀର ଭାବରେ ପ୍ରଭାବ ବିସ୍ତାର କରିଛି ଓଡ଼ିଶୀ ସମାଜରେ । ପାଲାର ମଧୁର ସ୍ୱର ଓ ଭାବ ସବୁରି ପ୍ରାଣରେ ଭରିଦିଏ ନିର୍ମଳ ଆନନ୍ଦ ।

'ପାଲା' ମାଧ୍ୟମରେ ସାଂସ୍କୃତିକ ଆଧ୍ୟାତ୍ମିକ ଓ ବୌଦ୍ଧିକ ଚେତନା ବିସ୍ତାର ଲାଭକରେ ଜନ ମାନସରେ ଜୀବନର ସାରସ୍ୱତ ମୂଲ୍ୟବୋଧ ପ୍ରଚାରିତ ହୁଏ । ପୁରାଣବର୍ଣ୍ଣିତ କାହାଣୀ ବିଷୟବସ୍ତୁ ଓ ଚରିତ୍ର ସବୁକୁ ଉପଜୀବ୍ୟ କରି ପାଲା ଗାୟକମାନେ ପାଲା କରିଥାନ୍ତି । ପଣ୍ଡିତ କବିଗଣଙ୍କର କାବ୍ୟ କବିତାକୁ ନିଜେ ପଢ଼ି ତା'ର ରସ ଉପଲବ୍ଧି କରିବା ସମସ୍ତ ସାଧାରଣ ପାଠକଙ୍କ ନିକଟରେ ସମ୍ଭବ ତଥା ସହଜସାଧ ହୋଇଥାଏ । ପାଲାଗାୟକଙ୍କ ଭଳି ଉତ୍ସାହୀ ରସଗ୍ରାହୀ ବ୍ୟକ୍ତିମାନେ ନିଜ କଣ୍ଠର ସୁଲଳିତ ସ୍ୱରରେ ଧିଶକ୍ତି ଓ ବାକ୍‌ପଟୁତାର ପରିଚୟ ଦିଅନ୍ତି । ଅନେକ ବିଷୟବସ୍ତୁ ଜନସାଧାରଣଙ୍କ ନିକଟରେ ପାଲା ଜରିଆରେ ସହଜରେ ପହଞ୍ଚାଇ ହୁଏ । ତେଣୁ ଉତ୍କଳୀୟ ସମାଜରେ ଶିକ୍ଷାର ପ୍ରସାର ଘଟିନଥିବା ସମୟରେ ଓ ବହୁଲୋକ ନିରକ୍ଷର ତଥା ଅଶିକ୍ଷିତ ଥିବା ଅବସ୍ଥାରେ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ବିଦଗ୍ଧକବି ଅଭିମନ୍ୟୁ ଓ ଚମ୍ପୂକାର କବିସୂର୍ଯ୍ୟ ବଳଦେବରଥଙ୍କ ରଚିତ ବହୁକାବ୍ୟର ମଧୁର ଛନ୍ଦସବୁ ଗ୍ରାମୀଣ ପରିବେଶରୁ ସରଳ, ସୁନ୍ଦର ଓ ସୁଲଳିତ କରି ଓଡିଆ ମନରେ ଝଙ୍କାର ତୋଳିଥିଲା । ସେତେବେଳେ ପୁରାଣ ଓ ଧର୍ମଗ୍ରନ୍ଥ ସବୁ ସଂସ୍କୃତ ଭାଷାରେ ରଚନା କରାଯାଉଥିଲା, ସାଧାରଣ ମଣିଷଙ୍କ ପାଇଁ ତାହା ପାଠ କରିବା ଓ ତା ରସ ଆସ୍ୱାଦନ କରିବା ଅସମ୍ଭବ ଥିଲା । ସମସାମୟିକ ଓଡ଼ିଶାର ସୁସାହିତ୍ୟିକ କବି ଜଗନ୍ନାଥ ଦାସ ଓ କବି ବଳରାମ ଦାସ ଭାଗବତ ଓ ବେଦାନ୍ତକୁ ପ୍ରାକୃତ ଭାଷାରେ ପରିବେଷଣ କଲେ । ତାହା ଅଶିକ୍ଷିତ ଅର୍ଦ୍ଧଶିକ୍ଷିତ ଓ ସଂସ୍କୃତ ପଢ଼ି ବୁଝି ପାରୁନଥିବା ଜନସାଧାରଣଙ୍କର ଅନେକ ହିତ ସାଧନ କରିପାରିଥିଲା । ଓଡ଼ିଶାର ପାଲା ଗାୟକମାନଙ୍କର ସୁଲଳିତ ଗାୟନ ମାଧ୍ୟମରେ ଓ ଗଭୀର ତତ୍ତ୍ୱ ସମୀକରଣରେ ପୁରାଣ, ଦର୍ଶନ ଆଦି

ଶାସ୍ତ୍ର ଗଣମାନସରେ ଏକ ସାରସ୍ୱତ ଚେତନା ସୃଷ୍ଟି କରିବାରେ ସହାୟକ ହୋଇପାରିଥିଲା । ଏହା ଗୋଷ୍ଠୀର ଲୋକଙ୍କୁ ପାଲାକାର କୁହାଯାଉଥିଲେ ମଧ୍ୟ ବ୍ୟାଖ୍ୟାକାର ଭଳି ଏମାନେ ଖୁବ୍ କଠିନ ବିଷୟକୁ ସହଜ, ସରଳ ଓ ଲାଳିତ୍ୟପୂର୍ଣ୍ଣ ଭାବରେ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇ ଦେଉଥିଲେ ।

ପାଲା ଅଭିନୟ ଶ୍ରେଣୀର ଅର୍ନ୍ତଭୁକ୍ତ ସାହିତ୍ୟ-ଦର୍ପଣାକାର ବିଶ୍ୱନାଥ କବିରାଜ କହନ୍ତି 'ତତ୍ରାଭିନେୟଂ ଦୃଶ୍ୟମ୍' ପାଲାରେ ବିଷୟବସ୍ତୁ ଉପସ୍ଥାପନ କାଳରେ ଗାୟକ ଓ ପାଳିଆ ବା ସହକର୍ମୀ ଗାୟକମାନେ ଅଭିନୟାତ୍ମକ ଶୈଳୀରେ ଗାନକରି ଲୋକମାନସରେ ଆନ୍ତରିକ ପ୍ରଭାବ ବିସ୍ତାର କରି ପାରି ଥାଆନ୍ତି । ପାଲାରେ ଈଶ୍ୱର ବିଶ୍ୱାସ ସହିତ ଧର୍ମ ପ୍ରତି ବିଶ୍ୱାସ ଓ ଈଶ୍ୱରପ୍ରେମ ସମ୍ପର୍କରେ ଉପଦେଶ ପ୍ରଦାନ କରାଯାଉଥାଏ ଯାହା ଫଳରେ ସମାଜରେ ଗୋଟିଏ ନିର୍ଦ୍ଦିଷ୍ଟ ଧାର୍ମିକ, ସାତ୍ତ୍ୱିକ ଓ ନ୍ୟାୟର ପରିବେଶ ସୃଷ୍ଟି ହୋଇଥାଏ । ଯୁଗ ଯୁଗ ଧରି ଉତ୍କଳୀୟମାନେ ଧର୍ମପ୍ରାଣ, ତେଣୁ ସେମାନଙ୍କ ଆରାଧ୍ୟ ଦେବାଦେବୀଙ୍କର କଥା ବର୍ଣ୍ଣନା ସମୟରେ ବିଧର୍ମୀ, ଦୋଷୀ କିଭଳି ଦଣ୍ଡିତ ହୁଏ, ଧାର୍ମିକ ଲୋକର ପକ୍ଷ କିପରି ଭଗବାନ ନିଅନ୍ତି- ଏହି ସବୁ ବିଷୟ ପାଲାରେ ପରିବେଷିତ ହୋଇଥାଏ ।

ପାଲା ଉଦ୍ଦେଶ୍ୟରେ ଯେଉଁ ଦେବତାଙ୍କର ଆସ୍ଥାନ ସ୍ଥାପନ କରାଯାଏ, ସେଥିରେ ଏକକାଳୀନ ପଞ୍ଚ ଦେବତାଙ୍କ ପୂଜା କରାଯାଏ । ହିନ୍ଦୁଦର୍ଶନର ମୂଖ୍ୟ ପାଞ୍ଚଜଣ ଦେବତାଙ୍କ ଉଦ୍ଦେଶ୍ୟରୁ ଅର୍ପିତ ହୋଇ ଥିବାରୁ ଏହାକୁ ନାମିତ କରାଯାଇଛି ବୋଲି କେହି କେହି କହିଥାନ୍ତି । ବହୁବିଦଗ୍ଧ ସାହିତ୍ୟିକ ପାଲାକୁ ଲୋକସାହିତ୍ୟ ଓ ଲୋକନାଟ୍ୟ ଭାବରେ ଚିତ୍ରଣ କରିଛନ୍ତି । ବିଷୟବସ୍ତୁ ଉପସ୍ଥାପନା କାଳରେ ପାଲାଗାୟକ ବହୁ ବାଗ୍ମୀ ତଥା ପଣ୍ଡିତମାନଙ୍କ କଥା, ନୀତି ଉପଦେଶ ଓ ଉଦାହରଣ ଦେଇଥାନ୍ତି । ପାଲାରେ ପରିପୂର୍ଣ୍ଣ ବିଷୟବସ୍ତୁ ବିଦଗ୍ଧତାରେ ପରିପୂର୍ଣ୍ଣ । ଏହାକୁ ବିଦଗ୍ଧସାହିତ୍ୟ ଓ ଲୋକ ସାହିତ୍ୟର ମିଶ୍ରଣ କଳା ବୋଲି କୁହାଯାଏ । ଏଥିରେ ଗାୟକ ଏକକ ଅଭିନୟ କରିଥାନ୍ତି, ରାଜା, ରାଣୀଠାରୁ ଆରମ୍ଭ କରି କଟୁଆଳ ଦାସୀ ସମସ୍ତ ଚରିତ୍ରର ବକ୍ତବ୍ୟ ସେ ଗାନ କରନ୍ତି ଓ ଅଭିନୟ କରି ବୁଝାନ୍ତି । ସଙ୍ଗୀତ ଶାସ୍ତ୍ରରେ ସଫଳତା ହାସଲ କଲେହେଁ ଜଣେ ଉନ୍ନତ ପାଲାଗାୟକ ହୋଇପାରିବ । ତେଣୁ ଦେଖାଯାଏ କେହି କେହି ଶାସ୍ତ୍ର ଅଧ୍ୟୟନ କରନ୍ତି । କେହି କେହି ଦୈବୀକୃପା ନିମିତ୍ତ ଆରାଧନା ବି କରନ୍ତି । ସତ୍ୟନାରାୟଣ ହେଉଛନ୍ତି ଷୋଳପାଲାର ଆରାଧ୍ୟ ଦେବତା । 'ସତ୍ୟ' ହିନ୍ଦୁର 'ନାରାୟଣ' ଓ 'ପୀର' ପାରସ୍ୟଭାଷାରେ ଧର୍ମସମ୍ପ୍ରଦାୟର ପ୍ରତିଷ୍ଠାତା । ଏହି ସତ୍ୟପୀରଙ୍କର ଗୁଣ କୀର୍ତ୍ତନ କରିବା ପାଇଁ କବିକର୍ଣ୍ଣଙ୍କ ରଚିତ ଗୁଣାବଳୀ ପୁରୋହିତ ଗାନ କରିଥାଆନ୍ତି ।

ବଙ୍ଗଳାଭାଷାରେ 'ପାଞ୍ଚାଲୀ' କହିଲେ ଏହି 'ପାଲା'କୁ ବୁଝାଏ । ଏହାର ଅର୍ଥ ପାଳି ବା ପର୍ଯ୍ୟାୟ ଓଡ଼ିଶାରେ ଏହି 'ପାଲା'ର କଳାପାଟବତାର ଉତ୍କର୍ଷ ବେଶ୍ ଉପଲବ୍ଧି କରିହୁଏ । ଭଙ୍ଗଳା ଭାଷାରେ 'ଠିଆପାଲା' ନାହିଁ । ସତ୍ୟନାରାୟଣ ପୂଜାରେ ପୁରୋହିତ ପ୍ରଥମେ ଗାଇ ଗାୟକ ସାଜନ୍ତି ଅନ୍ୟ କେତେଜଣ ପାଳି ଧରି ସତ୍ୟନାରାୟଣଙ୍କ ନାମ ସଂକୀର୍ତ୍ତନ କରଥାନ୍ତି । ଅଳ୍ପଲୋକଙ୍କ ମିଳିତ ଆନୁକୁଲ୍ୟରେ ଏହି ସଙ୍ଗୀତ ଅନୁଷ୍ଠାନଟି ହୋଇଥାଏ । ଏହାକୁ 'ବୈଠକୀ ପାଲା' କୁହାଯାଇଥାଏ । କାରଣ ପ୍ରାରମ୍ଭିକ କାଳରେ ଗାହାଣ ବା ଯିଏ ପ୍ରଥମେ ଗାଇବେ ସେ ବସିକରି ଗାଇବା ଆରମ୍ଭ କରୁଥିଲେ ଓ ଅଳ୍ପଶ୍ରୋତା ହେତୁ ତାହା ଅସୁବିଧା ସୃଷ୍ଟିକରୁନଥିବ । ମାତ୍ର ଧୀରେ ଧୀରେ ପରବର୍ତ୍ତୀ ସମୟରେ ବହୁଲୋକଙ୍କର ସମାଗମ ହେତୁ ଗାୟକ ବସିରହି ବୋଲିବା ସମ୍ଭବ ହେଲାନାହିଁ । ଦୂରସ୍ଥାନରେ ବସିଥିବା ଲୋକମାନେ ତାଙ୍କୁ ଭଲଭାବରେ ଦେଖିପାରିଲେ ନାହିଁ କି ଶୁଣି ପାରିଲେ ନାହିଁ । ସେତେବେଳେ ପୁରୋହିତ ଗାୟକ ଓ ପାଳିଆମାନେ ଠିଆ ହୋଇ ଗାଇଲେ ବରବର୍ତ୍ତୀ ପର୍ଯ୍ୟାୟରେ ସୁନ୍ଦର ସୁନ୍ଦର ପୋଷାକ ପରିଧାନ କଲେ । ସେମାନଙ୍କ ସୁଦୃଶ୍ୟ ଦର୍ଶକମାନଙ୍କୁ ବିମୋହିତ କରିପାରିଲା । ଏହି ଭଳି ସମୟ ସହ ତାଳ ଦେଇ ଠିଆପାଲାର କ୍ରମୋନ୍ନତି ଘଟିଲା । କେବଳ କବିକର୍ଣ୍ଣଙ୍କ ରଚିତ ଷୋହଳ ପ୍ରକାର ବିଷୟଗାନ କରାନଯାଇ ମହାଭାରତ ଓ ରାମାୟଣ ପରି ପୁରାଣର ବିଷୟବସ୍ତୁକୁ ରଚନା କରି ବିଭିନ୍ନ ସ୍ୱରରେ ପ୍ରୟୋଗ ମାଧ୍ୟମରେ ଗାନ କରାଗଲା ଓଡ଼ିଶାରେ ପାଲାସଂସ୍କୃତିର ପରିବର୍ତ୍ତନ ଘଟିଲା ।

ଓଡ଼ିଶାର ପୁରପଲ୍ଲୀରେ ପାଲାହିଁ ଥିଲା ଓଡ଼ିଶୀ ସଂସ୍କୃତିର ପ୍ରାଣକେନ୍ଦ୍ର । ସଂଧ୍ୟାରେ ପାଲା ଆରମ୍ଭ ହେବ ବୋଲି ଗାଁର ପୁରୁଷମାନେ ବିଲବାଡ଼ି, ହାଟ ସଉଦା, ଗାଈଗୋରୁ କାମ ସହଳ ସାରି ଦେଉଥିଲେ । ଗ୍ରାମ୍ୟ ଲଳନାମାନେ ବେଶ୍ ପୁର୍ତ୍ତି ଓ ଉନ୍ମାଦନାର ସହ ସଂଧ୍ୟାରୁ ପାଣି ଆଣିବା ରୋଷେଇକରିବା ସାନ ପିଲାଟିଏ ଥିଲେ ତାକୁ ଖୁଆଇ ପିଆଇ ବୋଧକରି ଶୁଆଇ ପକାଇବା ଆଦି ସାରିଦେଉଥିଲେ । ତେଣୁ ଓଡ଼ିଶୀ ଗ୍ରାମ୍ୟ ସଂସ୍କୃତି ସହିତ ପାଲା ଓତପ୍ରୋତ ଭାବରେ ଜଡ଼ିତ ଥିବାରୁ କେହି କେହି ସମାଲୋଚକ କବିକର୍ଣ୍ଣଙ୍କ ବାହାପୂର୍ବରୁ ଆମ ରାଜ୍ୟରେ 'ପାଲା' ବା 'ପୂଜା'ର ପରମ୍ପରା ରହିଥିଲା ବୋଲି କହିଥାନ୍ତି । ଏହି ଲୋକପ୍ରିୟ ବିଭବକୁ ମାଧ୍ୟମ ଭାବି ହିନ୍ଦୁ ଓ ମୁସଲମାନ ଦୁଇ ସଂସ୍କୃତିର ସମନ୍ୱୟ ପାଇଁ ହୁଏତ ଏଭଳି ପାଲା ରଚନା କରିଥିଲେ ଓ ଏହା ମିଶ୍ର ସଂସ୍କୃତିର ପ୍ରତୀକ ଭାବରେ ପରିଚିତ ହେଲା । ଠିଆପାଲାର ଗାୟକ ବା ଗାହାଣ ଓ ପାଳିଆମାନଙ୍କର ପରମ୍ପାରିକ ପୋଷାକ ବେଶ ବୈଚିତ୍ର୍ୟପୂର୍ଣ୍ଣ । ସେମାନେ ଦେହରେ ରୂପା ଅଳଙ୍କାର, ନିତମ୍ବ ଦେଶରେ ରୁପାର ଚନ୍ଦ୍ରହାର ଲମ୍ବିଥାଏ । କାନରେ ସୁନାର କୁଣ୍ଡଳ, ପାଦରେ ଘୁଙ୍ଗୁର, ଆଖିରେ କଜଳ, କପାଳ ଓ ଗଳାଦେଶରେ ସାରଳା ଠାକୁରାଣୀଙ୍କର ସିନ୍ଦୁର, ଗାହାଣଙ୍କ ହାତରେ ଗିନି ଓ ଚାମର ଏବଂ ପାଳିଆମାନଙ୍କ ହାତରେ କରତାଳ ସ୍ଥାନ ପାଇଥାଏ ।

ସତ୍ୟନରାୟଣ ପାଲାର ସୃଷ୍ଟି ମୂଳରେ ଯଦିଓ ହିନ୍ଦୁ ଓ ମୁସଲମାନ ଧର୍ମର ସଂହତି ଉଦ୍ଦେଶ୍ୟ ରହିଛି, ଏହାର ପରବର୍ତ୍ତୀ କାଳରେ ସତ୍ୟନାରାୟଣ ମଧ୍ୟ ପାଲାର ଅଧିଷ୍ଠାତ୍ରୀ ଦେବୀ ବୋଲି ଗୃହୀତା ହୋଇଛନ୍ତି । କାରଣ ମା ସାରଳା ଓଡ଼ିଶାର ବାଗ୍‌ଦେବୀ । ସେ ଗଳାରେ ବସିଲେ ପଦ ପଲଟିବ ବୋଲି ଗାହଣ ବୋଲନ୍ତି । ଓଡ଼ିଆଲୋକଗୀତିର ବିଭିନ୍ନ ସ୍ଥାନରେ ମଧ୍ୟ ଶୁଣିବାକୁ ମିଳେ । ଗାହାଣ ଓ ପାଳିଆମାନେ ଦେହରେ ଘାଗରା ଅଳଙ୍କାର ଏବଂ ପାଦରେ ଅଳଙ୍କାର ମଧ୍ୟରେ ନିଜକୁ ନାରୀ ରୂପରେ ସଜ୍ଜିତ କରିଥାନ୍ତି । ସାରଳାଙ୍କ ସେବିକା ଭାବରେ ସେମାନେ

ନିଜକୁ ପରିଚିତ କରାଇବା ପାଇଁ ସେ ଚାହାନ୍ତି । ପଶ୍ଚିମ ଓଡ଼ିଶାର 'ସମ୍ପ୍ରଦା' ଓ 'ଦିଗ୍‌ସଞ୍ଚାରୀ' ମଧ୍ୟ ଠିକ୍ ଏହି ଠିଆପାଲା ପରି ।

ସତ୍ୟନାରାୟଣ ପାଲା ସମ୍ପର୍କରେ ଆଲୋଚନା କାଳରେ ଏହାର ପୂଜାପଦ୍ଧତି ସମ୍ପର୍କରେ ବିଶେଷ ଆଲୋଚନା ଆବଶ୍ୟକ । ସତ୍ୟ ନାରାୟଣ ପାଲାର ଗାୟକ ହେଉଛନ୍ତି- ପୁରୋହିତ । ସେ ଅରୁଆ ଚାଉଳ ଗୁଣ୍ଡରେ ଘର ଅଙ୍କନ କରି କଳସ ସ୍ଥାପନ କରି ଖଟୁଲିରେ ପାନ ଦଶଟା ଓ ତା ଉପରେ ଛଡ଼ା କଦଳୀ ଓ ଗୋଟାଗୁଆ ଦେଇ ପୂଜାକରିଥାନ୍ତି । ପାଞ୍ଚଟି ବେତରେ ମୟୂରଚନ୍ଦ୍ରିକା ବନ୍ଧାଯାଇ ଏହି କାଣ୍ଡ ପ୍ରସ୍ତୁତ କରାଯାଏ ।

"ଚାରିକୋଳେ ଚାରି ତୀର ଯତନେ ପୋତିଲେ
ନୂତନ ବସନ ଦିୟା ଗାହାଡା ଫେରିଲେ ।"

ପୁଣି ଶେଷରେ କବିକର୍ଣ୍ଣଙ୍କ ଯାହା ରଚିତ, ସେ ପାଲା କରାଯାଏ ଏହା କିପରି ଶେଷରେ କବିକର୍ଣ୍ଣଙ୍କର ରଚିତ ଯାହା ପାଲା କରାଯାଏ, ଏହା କିପରି ପୂଜା କରାଯିବ ତାହା ଷୋଳଖଣ୍ଡ ପାଲାରେ ବାରମ୍ବାର ଉଲ୍ଲେଖ ରହିଛି । ଏହାର କିଛି ପଂକ୍ତିରୁ ତାହା ଜାଣିହେବ ।

"ଚାରିତୀରେ ଚାରିଦିଗେ ପୁତିଲ ନିଶାନ
ଉପରେ କରିଲ ଖାଡା ତାମ୍ବସାହେବାନ
ବ୍ରାହ୍ମନ୍ କରେନ୍ ପୂଜା ସତ୍ୟନାରାୟନ ।
ଶୁକ୍ଳପାଟ ଦିୟା ତଥା କରିଲ ଆସ୍ଥାନ
ସୱା ହଜାର ପାନ ସୱାହଜାର ସୁପାରି,
ସୱା ହଜାର ପାକାକଲ ନିବେଦନ କରି ।"

ସତ୍ୟନାରାୟଣ ପୂଜାରେ ଶିରିଣି ଭୋଗ ଲାଗିଥାଏ । ଅଟା ଓ ଚିନିରୁ ଏହା ତିଆରି ହୋଇଥାଏ । ସେଥିପାଇଁ ମର୍ଜଗାଜୀ ଜନ୍ମପାଲାରେ ରାଜା ପଚାରିଛନ୍ତି ଏବଂ ଫକୀର ଉତ୍ତର ଦେଇଛନ୍ତି ।

"ରାଜାବଲେ ମହାପ୍ରଭୁ ଶିରିନି କେମନେ ଦିବୁ
କହପଭୁ ଏଥିର ପ୍ରକାରେ,
ସୱାସେର ଅଟା ଆନିତାଏ ସୱାସେର ଚିନି
ସୱା ସେର ଶିତା ଦିବେ ମୋରେ ।"

ସ୍କନ୍ଧ ପୁରାଣରେ ରହିଛି-ପାଚିଲା କଦଳୀ ଚକଟା ଶିରିଣୀ କ୍ଷୀର ଆଦି ଭୋଗ କରାଯାଏ ।

"ରମ୍ଭା ଫଳଂ ଘୃତଂ କ୍ଷୀରଂ ଗୋଧୂମସ୍ୟ ଚ ଚୂର୍ଣ୍ଣକମ୍,
ଅଭାବେ ଶାଳୀ ଚୂର୍ଣ୍ଣ ବା ।ର୍କରାଂ ବା ଗୁଡ଼ସ୍ତଥା ।"

ଅନେକ ସ୍ଥାନରେ ଅଟା ଓ ଗୁଡରେ ତିଆରି ଲଡୁ ତିଆରି କରି ଶିରିଣି ପରିବର୍ତ୍ତେ ଭୋଗ କରାଯାଏ । ଏଥିରେ ପାଞ୍ଚଦେବତା ଗଣେଷ, ନାରାୟଣ, ରୁଦ୍ର, ଅମ୍ବିକା ଓ ସୂର୍ଯ୍ୟଙ୍କୁ ଷୋଡ଼ଶ ଉପଚାର କରାଯାଏ ।

ବାଲେଶ୍ୱରର ଉତ୍ତରାଞ୍ଚଳରେ ଓ କାନ୍ଥି (ମେଦିନୀପୁର) ଅଞ୍ଚଳରେ ଯେଉଁ 'ଷଷ୍ଠୀମଙ୍ଗଳ' ପ୍ରଚଳିତ ତାହା ଓଡ଼ିଶାର ପାଲାପରି । ଏହି ଷଷ୍ଠୀ ହେଉଛନ୍ତି ବ୍ରହ୍ମାଙ୍କ କନ୍ୟା । ତାଙ୍କୁ ବ୍ରହ୍ମା ଗଣେଷଙ୍କ ପାଇଁ ସୃଷ୍ଟି କରିଥିଲେ । କିନ୍ତୁ ଗଣେଷ ବିବାହ କଲେନାହିଁ । ସେହି ଦିନଠାରୁ ସେ ନରନାରୀଙ୍କର ସନ୍ତାନ କାମନା ପୁର୍ଣ୍ଣକରି ପୂଜା ପାଉଛନ୍ତି । ଗାୟକ ଷଷ୍ଠୀ ମଙ୍ଗଳର ଗୋଟିଏ ଗୋଟିଏ ଗାଥା ଗାନ କରାଯାଇଥାଏ, ଜଣେ ପଖଉଜ ବଜାଏ ଓ ଅନ୍ୟଜଣେ ନୃତ୍ୟ କରିଥାଏ ।

ପାଲାର ମାହାତ୍ମ୍ୟ ପ୍ରକ୍ଷାପନ ପୂର୍ବକ କୁହାଯାଏ ଯେ ଓଡ଼ିଶାର ବ୍ରତ ଓ ଓଷାର ସତ୍ୟନାରାୟଣ ପୂଜାକରି ପାଲା ଶୁଣିଲେ ସଙ୍କଟ ମୁକ୍ତ ହେବ, ମନସ୍କାମନା ପୂର୍ଣ୍ଣ ହେବ । ଅପୁତ୍ରିକ ପୁତ୍ର ଲାଭ କରିବ, ନିର୍ଦ୍ଧନ ଧନୀ ହେବ, ମର୍ଦ୍ଦରାଜୀ-ଜନ୍ମପାଲାରେ ଶେଷ ଆଡ଼କୁ ଏହାର ଉଲ୍ଲେଖ ରହିଛି ।

"ଅନ୍ଧ ଶୁଣିଲେ ଭାଇରେ ପ୍ରାୟ ଚକ୍ଷୁଦାନ,
ନର୍ଦ୍ଧନୀ ଶୁଣିଲେ ହୟ ସେହୁ ଧନବାନ
ଅପୁତ୍ରିକ ଶୁଣିଲେ ଯେ ହୟ ପୁତ୍ରତାର
ସଙ୍କଟ ହଇତେ ରଖେ ବାବା ସତ୍ୟପୀର
ସତ୍ୟନାରାୟଣ ପଦେ କରିୟା ପ୍ରନାମ
ଦାତାର ଯେ ମନୋରଥ ଫତେ ସେବେ କାମ ।"

ଏହିପରି ବିଦ୍ୟାଧର-ପାଲା, ସ୍ୱର୍ଗାରୋହଣ-ପାଲା ଆଦିରେ ବିଭିନ୍ନ ବିଷୟରେ ରଚନା କରାଯାଇଛି ଯେପରିକି-ସ୍ୱର୍ଗାରୋହଣ ପର୍ବରେ

"ରାଜସୂୟ ନରମେଧ ଅଶ୍ୱମେଧ ସମ,
ଯାତେ ଚତୁର୍ଗୁଣ ଫଳ ଲଭନ୍ତି ଯେ ଜନ ।
ଜ୍ଞାନଦାନ, ଦୟା ସେବା ଉଦ୍ୟାପନ କରେ,
ଅନ୍ତକାଳେ ବୈକୁଣ୍ଠେ ଗମନ ସେ କରେ ।"

କବିକର୍ଣ୍ଣ ପଶ୍ଚିମବଙ୍ଗଳାର ମେଦିନୀପୁରରେ ଜନ୍ମଗ୍ରହଣ କରିଛନ୍ତି । ତାଙ୍କ ରଚିତ ଷୋଳପାଲାରେ ବଙ୍ଗଳା, ଓଡ଼ିଆ ଓ ଉର୍ଦ୍ଦୁ ଭାଷାର ପ୍ରୟୋଗ ରହିଛି । ଏହି ଷୋଳପାଲା ରଚନା ମୂଳରେ ରହିଛି ଭଗବାନ ଶ୍ରୀକୃଷ୍ଣଙ୍କର "ଷୋହଳ କଳାର ତତ୍ତ୍ୱ" ।

ଏହି ଷୋହଳପାଲାରେ ଓଡ଼ିଆ, ବଙ୍ଗଳା ଓ ଉର୍ଦ୍ଦୁ ଭାଷା ସହିତ ହିନ୍ଦୀ, ଇଂରେଜୀ ଓ ଅପଭ୍ରଂଶ ଓଡ଼ିଆ ଶବ୍ଦମାନ ସ୍ଥାନିତ ହୋଇଛି । ଓଡ଼ିଆରେ ଦୁହା, ଚୌପଦୀ, ନବାକ୍ଷର ବୃତ୍ତର ରଚନା ଏହାର ଉଦାହରଣ । ବାକ୍ୟମଧ୍ୟରେ ବଙ୍ଗଳାଶବ୍ଦ ସ୍ଥାନ ପାଇଛି । ଯଥା-ବସିୟା ବରିତେଛିଲ ଛେଡେଗେଲ୍, କାଛେ ପ୍ରଭୃତି ହିନ୍ଦୀ ଓ ଉର୍ଦ୍ଦୁ ଭାଷାରେ ଶବ୍ଦ ହମେସା, ବିତେ, ଆପନା, ଉଜିର, ସଲାମତ୍, କବୁଲ୍, ସଫର, ରେଜା ଇଂରେଜୀର କୋରଳ, ସାହେବ ଇତ୍ୟାଦି । ଏଥିରେ ପ୍ରସଙ୍ଗ କ୍ରମେ ମହାଭାରତ, ରାମାୟଣ ଓ ଭାଗବତରେ ବିଭିନ୍ନ ଉପାଖ୍ୟାନ ଖୁବ୍ ସଂକ୍ଷେପରେ ସ୍ଥାନ ପାଇଛି । ପାଲାର ପଦ ରଚନା ସଂପର୍କରେ ସେ ନିଜେ କହନ୍ତି-

ଶୁନ ତୁମି ସଭାଜନ, ଷୋଳପାଲାର ବିଧାନ,
ଛାନ୍ଦ ପଦି କହେ ଦିବ୍ୟ ହୃଷ୍ଟେ ।
ଦୁଇ ଏକୋଇଶ ଛାନ୍ଦ, ପୟାର, ତ୍ରିପଦବନ୍ଧ,
ଆବର ଆଛେୟେ ନାନାମତ

ଧର୍ମସଂହତି ପାଲାରେ ଦେଖା ଦେଇଛି ଅର୍ଥାତ୍ ହିନ୍ଦୁ ଓ ମୁସଲମାନ୍ ଧର୍ମ ସମ୍ପ୍ରଦାୟ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି ନିମନ୍ତେ ସତ୍ୟନାରାୟଣ ପାଲାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ଆଲୋଚିତ ହୋଇଛି । ଗୋଟିଏ ଦୃଷ୍ଟାନ୍ତରୁ ଏହା ଉପଲବ୍ଧ କରିହେବ ।

"ଅତଶୁନି ମହାରାଜା କର୍ଣ୍ଣେଦିଲ ହାତ,

ହିନ୍ଦୁ ହୟା ମୁଖେ ନିଦ ମୁସଲମାନ ବାତ୍ ।
ନାରାୟଣ ବଲେ ଶୁନ ଆମାର ବଚନ
ରାମ ଯେହୁ ଭଜେ ସେଇ ହିନ୍ଦୁ ଭଗବାନ,
ରହୀମକ ଯେ ପୂଜାକରେ ସିଦ୍ଧହୟାଁ କାମ ।"

ବୌଦ୍ଧଧର୍ମ, ଅଲେଖଧର୍ମ ଆଦିର ବିଶେଷତ୍ୱ ପାଲାରେ ରହିଛି ।

ଷୋଳପାଲାରେ ଉତ୍କଳୀୟ ଭାବ ଉପଲବ୍ଧ ହୋଇଥାଏ । ଓଡ଼ିଶାର ଧର୍ମ ସଂସ୍କୃତି ତଥା ସାମାଜିକ ଜୀବନର ପ୍ରାଣକେନ୍ଦ୍ର ହେଉଛନ୍ତି ଶ୍ରୀ ଜଗନ୍ନାଥ କବିକର୍ଣ୍ଣ ପଶ୍ଚିମବଙ୍ଗର ହୋଇ ମଧ୍ୟ ଓଡ଼ିଆ ସଂସ୍କୃତିର ପ୍ରାଣକେନ୍ଦ୍ର ଓଡ଼ିଆର ପ୍ରଥମ ବଡ଼ଠାକୁର ଶ୍ରୀଜଗନ୍ନାଥଙ୍କୁ ବେଶ୍ ଗୁରୁତ୍ୱ ପ୍ରଦାନ କରି ରଚନା କରିଛନ୍ତି-

"ଫକୀର ହଇୟା ଆମି ଦୁନିୟା ଭିତରେ
ଅକିଦା ବାନ୍ଧିୟା ଦୀନଜନ ଉପକାରେ
ଜଗନ୍ନାଥ ରୂପେ ଆମି ଓଡ଼ିଶାତେ ଆର
ହିନ୍ଦୁ, ମୁସଲମାନ ସର୍ବ କରି ଏକାକାର ।"

'ଓଡ଼ିଶା' ବା 'କଳିଙ୍ଗ' ଶବ୍ଦକୁ କବିକର୍ଣ୍ଣ ବହୁବାର ବ୍ୟବହାର କରିଛନ୍ତି ପାଲାରେ । ଓଡ଼ିଶା ପ୍ରତି ତାଙ୍କର ଶ୍ରଦ୍ଧା ଓ ଆନ୍ତରିକତାର ସୂଚନାଦିଏ ତାଙ୍କର ଜନ୍ମପାଲାର ପ୍ରଥମାଂଶ । ଅର୍ଥାତ୍- ଜଗନ୍ନାଥ ରୂପେ ଆମି ଓଡ଼ିଶାରେ... ଇତ୍ୟାଦି ମଧ୍ୟରେ ଓଡ଼ିଶାର ନାମକୁ ପ୍ରଥମେ ବର୍ଣ୍ଣନା କରିଛନ୍ତି । ଓଡ଼ିଶା, ବଙ୍ଗଳା, ବିହାର ଏକତ୍ର ମିଶି ରହିଥିବାର ସୂଚନା ତାଙ୍କର "ସଦାନନ୍ଦ ସୌଦାଗର" ପାଲାରେ ରହିଛି । ସଦାନନ୍ଦ ଜାହାଜରେ ବିଦେଶ ଯାତ୍ରା କାଳରେ ଅଙ୍ଗବଙ୍ଗ ଓ କଳିଙ୍ଗ ଦେଶ ଯାତ୍ରା କରିଛି ।

"ଅଙ୍ଗବଙ୍ଗ ବିରାଟ କଳିଙ୍ଗ ଦେଶ ଜିନି
ମଗଧ କୋଶଲ ଦେଶେ ଗେଲ ଯାଦୁମନି ।"

ମର୍ଦ୍ଦରାଜୀ କନ୍ୟାର ଅନ୍ୱେଷଣରେ କର୍ଣ୍ଣାଟ ଗଲାବେଳେ ଓଡ଼ିଶା ଭିତରେ ଯାଉଛି ଯାହାକି ମର୍ଦ୍ଦରାଜୀ ପାଲାରେ ଅଛି-

"ମଘ ମତ୍ସ୍ୟ ଦେଶେ ଜିନି ବିରାଟ ନଗର
କଳିଙ୍ଗ ଉତ୍କଳ ଜିନି ଚନ୍ଦ୍ରଭାଗାତୀର ।"

କେବଳ ଉତ୍କଳ ନୁହେଁ ଅର୍କକ୍ଷେତ୍ର ଚନ୍ଦ୍ରଭାଗା ସ୍ଥାନର ନାମ ମଧ୍ୟ ଉଲ୍ଲେଖ ରହିଛି । ଓଡ଼ିଶାର ପୁରପଲ୍ଲୀରେ ପ୍ରଚଳିତ ଲୋକବାଣୀ ଏଥିରେ ସ୍ଥାନ ପାଇଛି । କଥା କହିବାର ଭଙ୍ଗୀ ସଂପୂର୍ଣ୍ଣ ଭାବରେ ଓଡ଼ିଆ । ଅର୍ଥାତ୍-

"ମାଆବୋଲେ ପୁତ୍ର ତୁମି କି ଲାଗି ଶୋଇଁଆ
ନାଦା ଓ ଉତ୍ତର କେନ ମୋର ମାଆ ଖାଆ"

ଢୋଲ, ଶଙ୍ଖ, ମହୁରୀ, ହୁଳହୁଳି ଓଡ଼ିଶାର ସୁପରିଚିତ ଲୋକବାଦ୍ୟ ବିଭିନ୍ନ ଉତ୍ସବ ଅଥବା ଆନନ୍ଦ ମୁଖରିତ ପରିବେଶ ଉପଲକ୍ଷେ ଏହା ବାଦନ କରାଯାଏ । ବିଭିନ୍ନ ପାଲାରେ ବିଷଶଷ କରି ବିବାହ, ଶିଶୁଜନ୍ମ ପ୍ରଭୃତିରେ ଏହି ବାଦ୍ୟ ସବୁ ବାଦନ କରାଯାଉଛି । ଉଦାହରଣ ସ୍ୱରୂପ-

ଶଙ୍ଖ, ଘଣ୍ଟା, ହୁଳହୁଳି ଦିବେ କୁତୁହଳେ,
ସବେ ମିଳି ହରିଶବ୍ଦ କରି କୋଲାହଳେ ।

'ପାଲା' ଓଡ଼ିଶାର ଜନଜୀବନ ଓ ସଂସ୍କୃତି ସହ ବେଶ ନିବିଡ଼ ଭାବେ ଜଡ଼ିତ । ଏହା ଏକ ସୂକ୍ଷ୍ମକଳା ଓ ଓଡ଼ିଶୀ ସଂସ୍କୃତିର -ଏକ ପ୍ରାଚୀନ ବିଭବ । ଆଧ୍ୟାତ୍ମିକତା ଓ ଦର୍ମପ୍ରଣତାର ଆଦର୍ଶ ମଧ୍ୟରେ ରହି ପାଲା ଆଜି ମଧ୍ୟ ବେଶ୍ ଜନପ୍ରିୟ । ଯୁଗେ ଯୁଗେ ସାହିତ୍ୟ ଓ ସଂସ୍କୃତି ସମାଜକୁ ସମୃଦ୍ଧ କରେ । ଯେଉଁ ଦେଶର ସଂସ୍କୃତି ଯେତେ ଉନ୍ନତ, ସେହି ଦେଶ ସେତିକି ଉନ୍ନତି ଓ ପ୍ରଗତି ହାସଲ କରିପାରିଛି । "ପାଲା" ଓଡ଼ିଶୀ ସଂସ୍କୃତି ତଥା ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ଏହା ଓଡ଼ିଶୀ ସଂସ୍କୃତିର ସୂକ୍ଷ୍ମ ଅବବୋଧକୁ ବଜାୟ ରଖିପାରିଛି ।

ତେବେ ପ୍ରବନ୍ଧଟିରେ କେତୋଟି ବିଶିଷ୍ଟ ଦିଗ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

୧. ଓଡ଼ିଶାର ଲୋକସଂସ୍କୃତିରେ ଷୋଳପାଲା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

୨. ଏହି ପାଲାମାନଙ୍କରେ ଓଡ଼ିଶାର ପ୍ରଥା ପରମ୍ପରା ସାମାଜିକ ଚଳଣି ପ୍ରତିଫଳିତ ।

୩. ଓଡ଼ିଆଣୀଟିଏର ଅଳଙ୍କାର ବର୍ଣ୍ଣନା ମଧ୍ୟ ଏହି ପାଲାରୁ ମିଳିଥାଏ ।

୪. ଏହି ପାଲାରେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ମଧୁର ସମନ୍ୱୟ ଘଟିଥାଏ ।

୫. ଓଡ଼ିଶାର ପ୍ରାଚୀନ କାବ୍ୟରୀତି, ଚୌପଦୀ, ତ୍ରିପଦୀ, ଢୁହା, ପହଳି ପୟାର ଓ ନବାକ୍ଷରୀ ବୃତ୍ତର ପ୍ରଚଳନ ଏଥିରେ ରହିଛି ।

୬. ଓଡ଼ିଆ, ବଙ୍ଗଳା, ଉର୍ଦ୍ଦୁ, ଇଂରାଜୀ ଓ ଅପଭ୍ରଂଶ ବା କଥିତ ଶବ୍ଦ ଏଥିରେ ରହିଛି ।

୭. ଏହି ପାଲାଗୁଡ଼ିକରେ ଉତ୍କଳୀୟ ସ୍ଥାନ, ଦେବାଦେବୀ ଭାଷାସଂପର୍କରେ ରହିଛି ।

୮. ଓଡ଼ିଆ ଲୋକବାଣୀ ଓ ଲୋକବାଦ୍ୟର ପ୍ରଚଳନ ପାଲାଗୁଡ଼ିକରେ ଦେଖାଯାଏ ।

ପ୍ରଧାପିକା, ପୂର୍ବତନ ମୁଖ୍ୟ, ଓଡିଆ ଭାଷା ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ମୋ-୯୪୩୭୩୫୩୭୧୭

# ଓଡ଼ିଆ ଓ ଓଡ଼ିଆତ୍ୱ

**ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର, ଡ. ଦେବୀଲାଲ ମିଶ୍ର**

ଓଡିଆ ଆଜି କେବଳ ଏକ ପରିଚୟ ହୋଇ ରହିଯାଇନାହିଁ; ଏହା ଏକ ମାନସିକତା ଓ ଚରିତ୍ର ପାଲଟି ଯାଇଛି । ଦେଶଠାରୁ ଆରମ୍ଭ କରି ବିଦେଶ ମାଟିରେ ଓଡିଆତ୍ୱକୁ ନେଇ ଅନେକ ଆତ୍ମୀୟତା ଦେଖିବାକୁ ମିଳେ । ଓଡିଆଭାଷା, ଓଡିଆଢଙ୍ଗ ଓ ଓଡିଆପଣିଆ ଆଜି ସୁଦୂରପ୍ରସାରୀ । ଓଡିଆ ଆଜି କେବଳ ଓଡିଶା ଭିତରେ ସୀମିତ ନୁହଁନ୍ତି, ସେମାନଙ୍କର ଅନନ୍ୟ ବୈଶିଷ୍ଟ୍ୟ ପାଇଁ ସେମାନେ ସର୍ବତ୍ର ଚର୍ଚ୍ଚିତ । କେବଳ ଏବେ ନୁହେଁ, ପୌରାଣିକ ଯୁଗରୁ ଓଡିଆ ମାନଙ୍କର କୀର୍ତ୍ତି ଓ ଯଶ ଇତିହାସର ମହିମା ମଣ୍ଡନ କରିଆସୁଛି । ମହାଭାରତରେ ମଧ ଓଡିଶାର ବର୍ଣ୍ଣନା ରହିଛି । ଇତିହାସର ଅନୁଶୀଳନ କଲେ ଜଣାଯାଏ ଯେ ଷୋଡଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡିଶା ଏକ ସ୍ୱତନ୍ତ୍ର ପ୍ରାନ୍ତୀୟ ଶକ୍ତି ହିସାବରେ ପ୍ରତିଷ୍ଠିତ ଥିଲା । ଆକବରଙ୍କ ମୋଗଲ ଶାସନକାଳରେ ୧୫୬୮ ମସିହାରୁ ଶେଷ ସ୍ୱାଧୀନ ଗଜପତି ମୁକୁନ୍ଦଦେବଙ୍କ ଠାରୁ ଆଫଗାନ ମାନଙ୍କ ଦ୍ୱାରା ଛିନ୍ନ ହୋଇଥିବା ଓଡିଶା ଦଶବର୍ଷରେ ମୋଗଲ ସେନାପତି ମାନସିଂହଙ୍କ ନେତୃତ୍ୱରେ ମୋଗଲ ଶାସନାଧୀନ ହେଲା । ମୋଗଲ ପରେ ମରାଠା ମାନଙ୍କର ଅର୍ଦ୍ଧଶତାବ୍ଦୀ ଓଡିଶା ଶାସନ ପରେ ୧୮୦୩ ମସିହାରେ ଇଂରେଜ ଅଧୀନକୁ ଚାଲିଯାଇଥିଲା ।

ଇଂରେଜମାନଙ୍କ ବିରୁଦ୍ଧରେ ପ୍ରଥମ ବିଦ୍ରୋହ ଏହ ଓଡିଶାରୁ ହିଁ ଆରମ୍ଭ ହୋଇଥିଲା । ଏହା ୧୮୧୭ ପାଇକ ବିଦ୍ରୋହ ନାମରେ ବିଶ୍ୱବିଖ୍ୟାତ । ଏହା କେବଳ ଏକ ବିଦ୍ରୋହ ନଥିଲା, ପରନ୍ତୁ ଏହା ଅସଂଖ୍ୟ ଓଡିଆଙ୍କର ଅମର ଦେଶପ୍ରେମ, ସାହସ, ସ୍ୱାଭିମାନ, ବୀରତ୍ୱ ଓ ବଳିଦାନର ଅଜୟ ସ୍ମାରକୀ ଥିଲା । ଜୟୀ ରାଜଗୁରୁ ଓ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଇଂରେଜ-ବିରୋଧୀ ସଂଗ୍ରାମ ପରେ ପରେ ତାପଙ୍ଗ ବିଦ୍ରୋହ (୧୮୨୭), ବାଣପୁର ବିଦ୍ରୋହ (୧୮୩୫) ସମ୍ବଲପୁର ବିଦ୍ରୋହ (୧୮୨୭-୬୨), ଘୁମୁସର କନ୍ଧ ବିପ୍ଳବ (୧୮୩୪), କନ୍ଧ ବିପ୍ଳବ (୧୮୪୫-୫୫), ଭୂୟାଁ ବିପ୍ଳବ (୧୮୬୪), ରଣପୁର ପ୍ରଜା ଆନ୍ଦୋଳନ (୧୯୩୭) ଆଦିକୁ ଜନ୍ମ ଦେଇଥିଲା, ଯାହା ଇଂରେଜମାନଙ୍କ ଆତ୍ମବଳକୁ ଗଭୀର ଭାବରେ ଦୋହଲାଇ ଦେଇଥିଲା । ଏଥିରୁ ଓଡିଆମାନଙ୍କର ସାହସିକତା, ଅସୀମ ଆତ୍ମଶକ୍ତି ଓ ପୁରୁଷାର୍ଥର ପ୍ରମାଣ ମିଳେ ।

ଓଡିଆ ଭାଷା ଆଜି ଏକ ଶାସ୍ତ୍ରୀୟ ମାନ୍ୟତା ପାଇଛି । ବିଶ୍ୱର ଏକ ପ୍ରାଚୀନ ଓ ସମୃଦ୍ଧ ଭାଷା ରୂପେ ଓଡିଆ ଭାଷାବିତ୍ ଓ ଭାଷା-ବିଜ୍ଞାନୀ ମାନଙ୍କ ଦ୍ୱାରା ଏକ ବୌଦ୍ଧିକ, ବିକଶିତ ଓ ପ୍ରଗତିଶୀଳ ଭାଷା ଭାବରେ ଆଦୃତ । ଅଶୋକ ବର୍ଦ୍ଧନ ମୌର୍ଯ୍ୟଙ୍କ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀ ଧଉଳି ଓ ଜଉଗଡ ଶିଳାଲେଖ ଆଉ ମହାମେଘବାହନ କଳିଙ୍ଗାଧିପତି ଖାରବେଳଙ୍କ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ହାତୀଗୁମ୍ଫା ଶିଳାଲେଖରୁ ଓଡିଆ ଭାଷାର ଉତ୍ପତ୍ତି ପ୍ରକଟିତ । ଦୀର୍ଘ ୧୫୦୦ ବର୍ଷରୁ ଉର୍ଦ୍ଧ୍ୱ ଓଡିଆ ଭାଷାର ସ୍ଥିତି ସ୍ପଷ୍ଟ ହୋଇଥିବାବେଳେ ଏହା ମୁଖ୍ୟତଃ ଦ୍ୱାଦଶ ଓ ଚତୁର୍ଦ୍ଦଶ ଶତାବ୍ଦୀରେ ନିଜର ମହନୀୟତା ପରିପ୍ରକାଶ କରି ବିଶେଷ ଭାବରେ ବିକଶିତ ହୋଇଛି । ସାରଳା ଦାସ ଆଉ ମଧ୍ୟଯୁଗୀୟ ପଞ୍ଚସଖାଙ୍କର ଅବଦାନ ଅତୁଳନୀୟ ।

ଓଡିଆ ସଂସ୍କୃତି ଏକ ବିକଶିତ ଚେତନାଶୀଳ ଦର୍ଶନ । ସାମାଜିକତାର ଓ ମାନବିକତାର ସ୍ୱଚ୍ଛ ଉଦାହରଣ । ସମସ୍ତଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ଓ ଆଦର ଓଡିଆ ଆଚରଣର ମୂଳଧାରା । ଏହାର ଆଧାର ହେଉଛି ଜୀବନକୁ ଭଲ ପାଇବା ସହିତ ସମାଜ, ଆଧ୍ୟାତ୍ମିକତାକୁ ପାଥେୟ କରିଥିବା ଜାତିର ଦେବାଦେବୀ ଓ ଆରାଧ୍ୟ ଦେବତାଙ୍କ ପ୍ରତି ଭକ୍ତି ଓ ସମର୍ପଣ ଓଡିଆ ଜୀବନର ତତ୍ତ୍ୱ । ଓଡିଆ ଗୁରୁଜନଙ୍କୁ ସମ୍ମାନ ଦିଏ, ବୟସକୁ ମାନ୍ୟକରେ, ପାରିବାରିକ ପ୍ରତିବଦ୍ଧତାକୁ ଶ୍ରେୟ ମନେକରେ, ନାରୀକୁ ସମ୍ମାନ ଦିଏ, ଆଦର୍ଶ ମାନବିକତା, ଧର୍ମ ଆଉ ଅଧ୍ୟାତ୍ମବାଦକୁ ଆପଣେଇ ନିଏ । ଏହି ସବୁର ଫଳ ହେଉଛି ସ୍ୱତନ୍ତ୍ର ଓଡିଆ ପରିଚୟ - ଓଡିଆ ମାନସିକତା, ଧାର୍ମିକତା, ସାଂସ୍କୃତିକ ଆବେଗ - ଶ୍ରୀଜଗନ୍ନାଥ ଓ ଜଗନ୍ନାଥ ଧର୍ମ । ଓଡିଆତ୍ୱ ଉପାଦାନର ପ୍ରାଣକେନ୍ଦ୍ର ହେଉଛି ଶ୍ରୀଜଗନ୍ନାଥ । ଓଡିଆ ଆଦର୍ଶ, ଓଡିଆ ପାରିବାରିକ ଆଦର୍ଶ, ଓଡିଆ ସାମାଜିକ ଆଦର୍ଶ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥ ଓଡିଶାରେ ମାନବୀୟ । ତାଙ୍କର ସମସ୍ତ ଦୈନିକ, ସୌର ଓ ଚନ୍ଦ୍ର ସମୟ ନିର୍ଘଣ୍ଟର କାର୍ଯ୍ୟାବଳୀ ଓଡିଆ ଜୀବନର ଆଦର୍ଶ । ଏମିତି ବଞ୍ଚେ ଆଉ ଚଳେ ଓଡିଆ । ଓଡିଆ ଖାଦ୍ୟ, ପାନୀୟ, ପୂଜା, ବିଧି ସବୁ ଜଗନ୍ନାଥ ଆଶ୍ରିତ । ଏମିତି ଜଗନ୍ନାଥ ତତ୍ତ୍ୱ ଓଡିଆର ଚେତନାକୁ ପୂର୍ଣ୍ଣତାରେ ଭରିଦିଏ, ଓଡିଆ ପ୍ରାଣରେ ଅନ୍ତଃଦର୍ଶନର ପ୍ରେରଣାର ନିର୍ଝରିଣୀ ହୋଇ ଉତ୍ସାହରେ ଭରିଦିଏ ।

ଓଡିଆ କଳା ଭାସ୍କର୍ଯ୍ୟ, ମନୋରଞ୍ଜନ ସବୁଥିରେ ଲୁଚି ରହିଛି ଏକ ଅନନ୍ୟ ଆଧ୍ୟାତ୍ମିକ ଆକର୍ଷଣ । ଓଡିଆ ଯୁଗେ ଯୁଗେ ସୃଜନଶୀଳ । ଶିଳାଶିଳ୍ପରୁ ଆରମ୍ଭ କରି ନୃତ୍ୟ, ସଂଗୀତ, ସାହିତ୍ୟ, ଲୋକ କଥା, କୁଟିରଶିଳ୍ପ ଆଦିରେ ଅଦ୍ୱିତୀୟ । ଏଗୁଡିକର ବୈଶିଷ୍ଟ୍ୟ ହେଲା ଅନନ୍ୟ ମୌଳିକତା ଆଉ ଅନୁକରଣାତୀତ ସୌନ୍ଦର୍ଯ୍ୟ ।

ଓଡିଆ ସଂସ୍କୃତିରେ ଭୋଜନର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏଠି ଭୋଜନ କେବଳ କ୍ଷୁଧାଭଞ୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ, ଅପରନ୍ତୁ ଆତ୍ମୀୟ-ରଞ୍ଜନର ଅନ୍ୟ ଏକ ପ୍ରମୁଖ ମାଧ୍ୟମ । ଓଡିଆ ବ୍ୟଞ୍ଜନରେ ଭରି ରହିଛି ଆତ୍ମୀୟତା, ଖୁଆଇ ପେଟ ଭରିଦେବାର ଓଡିଆ ପ୍ରକୃତି । ଘରେ ଘରେ ସମାଜର ପ୍ରତିଟି ସାମାଜିକ କାର୍ଯ୍ୟକ୍ରମରେ ସୁସ୍ପଷ୍ଟ । ଓଡିଆ ମାଟି ହେଉଛି ବରପୁତ୍ର ମାନଙ୍କର ଜନ୍ମମାଟି । ସବୁ କ୍ଷେତ୍ରରେ ଏହି ସୁପୁତ୍ରମାନେ ଅକ୍ଷୁଣ୍ଣ ସମ୍ମାନର ଅଧିକାରୀ । ରାଜନୀତିରେ ବିଜୁ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ସାହିତ୍ୟରେ ଜୟଦେବ, ଉପେନ୍ଦ୍ର ଭଞ୍ଜ, ଫକୀର ମୋହନ, ଅଭିମନ୍ୟୁ ସାମନ୍ତସିଂହାରଙ୍କ ଠାରୁ ମନୋଜ ଦାସଙ୍କ ପର୍ଯ୍ୟନ୍ତ ଓଡିଶାର ବିରଳ ଇତିହାସ ସର୍ବଦା  ଋଦ୍ଧିମନ୍ତ ।

ଏମିତ କୌଣସି କ୍ଷେତ୍ର ନାହିଁ, ଯେଉଁଠି ଓଡିଆମାନଙ୍କର ପ୍ରବେଶ ଓ ପ୍ରତିଷ୍ଠା ନାହିଁ । ସେ କଳା, ବିଜ୍ଞାନ, ଶିକ୍ଷା, ଗବେଷଣା, ପ୍ରଶାସନ, ନେତୃତ୍ୱ,  ଶିଳ୍ପ, ଧର୍ମ, ସ୍ଥାପତ୍ୟ ଅବା ଆଧ୍ୟାତ୍ମିତା ହେଉ, ଓଡିଆ ସର୍ବଦା ଓ ସର୍ବତ୍ର ନିଜର ସାମର୍ଥ୍ୟ ପ୍ରତିପାଦନ କରିବାରେ ସକ୍ଷମ ହୋଇପାରିଛି ।

ସେଥିପାଇଁ ଲୋକେ କହନ୍ତି, ଓଡିଆ ଭାରି ବଢିଆ । ସତରେ ଆଜି ଆମ ଆଗରେ ଏହା ସବୁଠୁ ବଡ ଆହ୍ୱାନ । ଆଜିର ପରିବର୍ତ୍ତିତ ସାମାଜିକ, ମନସ୍ତାତ୍ତ୍ୱିକ ପରିବେଶରେ ଆମର ଚାରିତ୍ରିକ ଆଚରଣ ସର୍ବଦା ଏହି ଉକ୍ତିକୁ ପ୍ରମାଣିତ କରିବା ଦରକାର । ଆମ ମହନୀୟ ଓଡିଆତ୍ୱକୁ ସର୍ବଦା ଜୀବିତ ରଖିବା ଆମର ଦାୟିତ୍ୱ ।

ଜୟ ଜଗନ୍ନାଥ

ପ୍ରାକ୍ତନ ପ୍ରଫେସର, ରାଜନୀତି ବିଜ୍ଞାନ,
ଉତ୍କଳ ବିଶ୍ୱ ବିଦ୍ୟାଳୟ, ବାଣୀ ବିହାର
ବାଣୀବିହାର, ମୋ- ୯୩୩୭୧୨୫୬୨୯
ଏବଂ
ଆସିଷ୍ଟାଣ୍ଟ ପ୍ରଫେସର, ମାସ୍ କମ୍ୟୁନିକେସନ୍,
ରେଭେନସା ବିଶ୍ୱ ବିଦ୍ୟାଳୟ

✠✠✠



# ସୁନ୍ଦରୀ

ଡା. ତନୟା ଜେନା

[ଜାଭା ସୁମାତ୍ରାର 'ସୁଣ୍ଡି' ପୁରାତନ ଉତ୍କଳୀୟ ଉପନିବେଶ ବସତିର ଲୋକ କଥା ଆଧାରରେ ଗଳ୍ପାୟିତ]

ଜାଭାରେ କଳିଙ୍ଗ ସମାଜ ଗଠନର ସହସ୍ରବର୍ଷ ପୂରିଗଲାଣି । ନୌବାଣିଜ୍ୟ ପ୍ରଖର ଗତିରେ ଚାଲିଛି । ଜାଭାକୁ ଯେତେ ପୋତ ଦୁନିଆରୁ ଆସୁଛି, ସବୁଠାରୁ ବେଶି କଳିଙ୍ଗ ବୋଇତ । ଜାଭା ବି ପ୍ରବାସୀ କଳିଙ୍ଗ ଜନସଂଖ୍ୟାରେ ପରିପୂର୍ଣ୍ଣ । ଗୌତମ ବୁଦ୍ଧ ତିରୋଧାନ ହେବା ସହସ୍ରାବ୍ଦରୁ ଊର୍ଦ୍ଧ୍ୱ ହୋଇଗଲାଣି ।

ସେଇ ଜାଭା ରାଇଜର ପରିବାରଟିଏ । ଘଡିଏ ହେବ ସମସ୍ୟା ଆସି ଯାଇଛି ।

ସୁନ୍ଦରୀ କୋଳି ଖାଇବାକୁ ଗାଁ ପାଖ ଝାଡ ଜଙ୍ଗଲରେ ବାନ୍ଧବୀ କଜଳୀ ସହିତ ବାଟ ବଣା ହୋଇ ଗଲା । ତାର ଆଉ ଦୁଇ ଜଣ ସହି ସଙ୍ଗାତ ଉଜଳୀ  ଆଉ କମଳା ବସ୍ତିକୁ ଆସି ଖବର ଦେଇ ସୁନ୍ଦରୀ ଘରେ ସମସ୍ତଙ୍କୁ ବ୍ୟସ୍ତ ବିବ୍ରତ କରି ଦେଇଛନ୍ତି ।

ସେମାନେ କଅଣ ବିବ୍ରତ କରିବେ, ଷୋଡଶୀ କନ୍ୟା । ସେକାଳର ଜାଭାର ଉତ୍କଳୀୟ ବସତିର କଥା, ଝିଅ ଆଉ ଘିଅ । ଝିଅ ଟିଏ ବଢିଗଲେ, ମନରେ ଅନେକ ଆଶା ଆଉ ଭବିଷ୍ୟତ ଚିନ୍ତା ସହିତ ଅଜଣା ଭୟ ଭରି ରହିଥାଏ । ଆଖି ଆଗରୁ ଅପସରି ଗଲେ, ସବୁ ଚିନ୍ତା ଦକ ଘାରିବ । ପରିବାରର ବାପା, ମାଆ, ଜେଜେମା ତିନି ଜଣଯାକ ବୁଝୁଛନ୍ତି ଉଜଳୀ ପାଖରୁ । କେମିତି ସୁନ୍ଦରୀ ବାଟ ବଣା ହୋଇଗଲା ।

ଆକାଶ ଦି ପହରରେ ଯାହା ଦୋଅଡା ଖାଇବାକୁ ବସୁଥିଲେ, ଧାଇଁଲେ ଗାଁ ମୁଣ୍ଡ ଜଙ୍ଗଲକୁ । ମାଆ ଜହ୍ନ ଦେବୀ ଯାହା ବାହାରୁଥିଲେ, ଶାଶୂ ଶଇଳ କହିଲେ ପୁଅ ତ ଗଲାଣି ଖୋଜିବାକୁ । ତୁ ଟିକିଏ ଘରେ ଅପେକ୍ଷା କର । ନାତୁଣୀ ମୋର ବାଟ ବଣା ହୋଇ ଯାଇଛି । ଏକୁଟିଆ ନୁହଁ ପୁଣି ତା ସହି ସହିତ । ତୁ ଗାଁ ଦାଣ୍ଡକୁ ଚାହିଁ ଥା । ନିମିଷକେ ଫେରି ଆସିବ ।

ମା ମନ । ଝିଅକୁ ଛାଡି କି ରହି ପାରୁଛି ? ଆଖି ଲୁହରେ ଭରି ଯାଉଛି । ଗାଁର ଚାରିଟା ଯାକ ଝିଅ । ଏକାଠି ବସିବେ, ଏକାଠି ଖେଳିବେ । ଖାଲି ଖାଇବା ଶୋଇବା ବେଳକୁ ନିଜ ଘର । କାହିଁକି ଖରାବେଳେ କୋଳି ଖାଇବାକୁ ଗଲେ ?

ନିଜ ମନକୁ ଥୟ ଧରି ଜହ୍ନ ନିଜକୁ ଆଶ୍ୱାସନା ଦେଉଛନ୍ତି । ଏଇ କଣ୍ଟାଝଣ୍ଟା ବଣରେ ବାଟ ବଣା ସମସ୍ତେ ହୁଅନ୍ତି । କିନ୍ତୁ ବଣା ହୋଇଗଲେ ବଡ ପାଟିରେ ରଡି ଛାଡିଲେ ସିନା କିଏ ଶୁଣିବ । ଚୁପ ଚାପ ରାସ୍ତା ଖୋଜିଲେ କିଏ ଜାଣିବ ହଜିଗଲେ । ବାପା ତାର ଗଲେଣି ନିଶ୍ଚୟ ବଡ ପାଟିରେ ଡାକି ଡାକି ଝିଅକୁ ପାଇଯିବେ ।

ପୁଣି ଟିକେ ଦାଣ୍ଡର ଦି ଦିଗକୁ ଚାହିଁ ମା ଜହ୍ନ ଦେବୀ ଶାଶୂଙ୍କ ମୁହଁକୁ ଚାହିଁଛନ୍ତି ।

ଶାଶୂ ଶଇଳ ଦେବୀ ସ୍ଥିର ଭାବରେ ବସିଛନ୍ତି । ଏମିତି ଅଜଣା ଭୟରେ ଆଦୌ ବିଚଳିତ ନୁହଁନ୍ତି । ଝିଅଟି ଟିକିଏ ବାଟବଣା ହୋଇଯାଇଛି । ନିଜ ଗାଁ ମାଟି । ଦୁଇ ଜଣ ବାନ୍ଧବୀ ଏକାଠି । ହଜିବ କେମିତି ?

ଯାହା ହେଲେ ବି ଏହି ଦୀପରେ ଉତ୍କଳ ବସ୍ତିରେ ଲୋକକଥା ଜୀଇଁ ରହିଛି । ସୁନ୍ଦରୀ ଝିଅ ଟିଏ ଥିଲେ ପଶ୍ଚିମ ଦିଗର ବଡ ବନ୍ଦର ପାହାଡ ଆଡରୁ କେମିତି ରାଜକୁମାର ସୁନ୍ଦରୀର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ଓହ୍ଲାଇ ଆସନ୍ତି । ତା ପରେ ସୁନ୍ଦରୀ ହୋଇଯାଏ ରାଇଜର ରାଣୀ !

ସୁନ୍ଦରୀ ଫେରିବାରେ ଡେରି ହେଉଛି । ଅଜଣା ଭୟରେ ଯାହା ମନ ଦକ ଦକ ହେଉଛି, ବୋହୂ ଜହ୍ନକୁ ଶଇଳ କିନ୍ତୁ ଆଶ୍ୱାସନା ଦେଇ କହୁଛନ୍ତି, ଆଉ ଟିକିଏ ଥୟ ଧର । ହେଇ ଆକାଶ ଫେରୁଥିବ ସୁନ୍ଦରୀକୁ ଧରି । ଯିବ କୁଆଡେ ଗାଁ ପାଖରୁ ?

କିନ୍ତୁ ମନ ଭିତରେ ଶିହରି ଉଠୁଛନ୍ତି ଜେଜେ ମା ଶଇଳ । ଗତ ରାତିରେ ନାତୁଣୀକୁ ଶୁଣାଇଥିବା ପୁରୁଣା କଥାଟିଏ । ତାଙ୍କ ଜେଜେ ମାଙ୍କ କାହାଣୀ । ବହୁ ରାତି ଯାଏ ଚେଇଁ ରହିଥିଲେ ଦୁଇ ଜଣ । ଶୋଇବା ବେଳେ ବଖାଣିଥିଲେ ଶଇଳ । ହୁଁ ମାରି ଶୁଣୁଥିଲା ନାତୁଣୀ ସୁନ୍ଦରୀ । ଆଉ ଗୋଟିଏ ସୁନ୍ଦରୀର କଥା । ପାପ ଛୁଉଁଛି ମନ । କଅଣ କେହି ସୁନ୍ଦର ଯୁବରାଜ ଆଉ ଥରେ ପାହାଡରୁ ଓହ୍ଲାଇ ଆସିଲେ କି ?

ସୁନ୍ଦରୀ ତାର ଜେଜେ ମାଙ୍କ କଥା ଶୁଣିବା ଭିତରେ ପଚାରିଥିଲା, ଜେଜେ ମା, ତୁମେ ତୁମ ଜେଜେ ମାଙ୍କୁ ଦେଖିଛ ? ସିଏ କଅଣ ତୁମ ପରି ଅତି ସୁନ୍ଦର ?

ଶଇଳ ଉତ୍ତର ଦେଲେ ମୋ ଜେଜେ ମା ମୋ ଠାରୁ ବେଶି ସୁନ୍ଦର । ତାଙ୍କର ଗୋଲ ମୁହଁ, ଚାହାଣି ଆଉ କାନ ସବୁ ଚମତ୍କାର ଦେଖିବାକୁ । ବାଳ ଚିକ୍କଣ କଳା ଆଉ ଓଠ ସତେକି ସବୁବେଳେ କିଛି କହୁଛି । ତାଙ୍କଠାରୁ ମୁଁ ବହୁତ କଥା ଶୁଣିଛି । ସବୁଦିନ ରାତିରେ ନିଦ ହେବାଯାଏ ନିଜେ ଦେଖିବା କଥା କହନ୍ତି । ନ ଦେଖିବା କଥା କହିଲେ ବି ମୁଁ ଜାଣି ପାରେନା, ମୋତେ ଲାଗେ ସିଏ ଯେମିତି ଦେଖିଛନ୍ତି । ସିଏ କହୁଥିଲେ, ତାଙ୍କର ଜେଜେ ମାଙ୍କର ଜଣେ ସହି ସଙ୍ଗାତଙ୍କ କଥା.. ..

ସୁନ୍ଦରୀ କହି ପକାଇଲା, ତୁମ ଜେଜେ ମାଙ୍କର ନାଁ କଅଣ ଥିଲା ?

ଶଇଳ କହିଲା, ମୋ ଜେଜେ ମା ବହୁତ ପୂଜା କରନ୍ତି । ତାଙ୍କ ନାଁ ହେଉଛି ଶ୍ରୀ । ନିଜେ ସିଏ ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀ । ତୁ ବୁଝି ପାରୁଛୁ ଲକ୍ଷ୍ମୀ ଠାକୁରାଣୀ କିଏ ?

ଜାଣିଛି ଆମ କଳିଙ୍ଗ ବସ୍ତିର ଘରଣୀମାନେ ଧନଦେବୀ ଲକ୍ଷ୍ମୀଙ୍କର ପୂଜା କରନ୍ତି । ପିଠା କରନ୍ତି, ଫୁଲ ଦିଅନ୍ତି ଆଉ ଧାନ କେଣ୍ଡାରେ ସୁନ୍ଦର ମାଳ ପରି କରନ୍ତି । ଆମରି ଘରେ ତ ହୁଏ ।

ଶଇଳ କହିଲେ, ମୋ ନାତୁଣୀଟା ତ କେତେ ଚତୁର । ଆମ ଜାତିର କେତେ ସଣ୍ଣା ଶିଖିଲାଣି । ତତେ ଜେଜେ ମାଙ୍କର ସହି ସଙ୍ଗାତ କଥା କହିବି । ତୋତେ ଭାରି ଭଲ ଲାଗିବ ।

ସୁନ୍ଦରୀ ଶୋଇବା ସପ ମସିଣାରୁ ଉଠି ବସିଲା । କହିଲା, ମା ତୁ କହ । ମୁଁ ଶୁଣୁଛି । କାଳେ ନିଦ ଆସିଯିବ, ତୁ କହି ଚାଲିଥିବୁ । ପୁରୁଣା କାଳର କଥା ଶୁଣିବାକୁ ମୋତେ ଭାରି ଭଲଲାଗେ ।

ତୋତେ ମୁଁ ଯେଉଁ ସହୀ ସଙ୍ଗାତ କଥା କହିବାକୁ ଯାଉଛି, ତାଙ୍କ ନାଁ ତୋର ନିଶ୍ଚୟ ପସନ୍ଦ ହେବ । କାହିଁକି ନା ତାଙ୍କ ନାଁ ହେଉଛି ତୋ ନାଆଁ ପରି ସୁନ୍ଦରୀ ।

ସୁନ୍ଦରୀ ଚମକି ପଡ଼ିଲା । ତାକୁ ଆଶ୍ଚର୍ଯ୍ୟ ଲାଗିଲା । ଏତେ ପୁରୁଣା କାଳରେ ଜେଜେ ମାଙ୍କ ଜେଜେ ମା ସମୟରେ ବି ଝିଅ ନାଁ ଥିଲା ସୁନ୍ଦରୀ ।

ପଚାରିଲା, ମା, ସିଏ କେତେ ସୁନ୍ଦର ଥିଲେ ?

ଶଇଳ କହିଲେ, ମୁଁ କଅଣ ତାଙ୍କୁ ଦେଖିଛି ? ଯେତେହେଲେ ବି ତୋ ଠାରୁ କିଏ ସୁନ୍ଦର ପଣରେ ବଳିବ ? ତୁ ଆମର ଆଜିକା ଜାଭା ସୁନ୍ଦରୀ । କିନ୍ତୁ ସେଇ ସୁନ୍ଦରୀ ନାମକ ରମଣୀ ଆଜିର ଜାଭା ଲୋକ ମାନଙ୍କର ଉଦାହରଣ ହୋଇଛନ୍ତି । କେତେ ଭାଗ୍ୟବତୀ ଆଉ କେତେ ସଳଖ ତାଙ୍କର ଭାଗ୍ୟରେଖା ! ଏମିତି କାହାଣୀ ପାଲଟି ଯାଇଛି ଯେ, ଆମ ଦେଶର ପିଲାମାନଙ୍କୁ ରାତିରେ ଗପ କହି ଶୁଆଇ ପକାଇବାର ଲୋକକଥା ପାଲଟି ଯାଇଛି ।

ସୁନ୍ଦରୀ କହିଲା ମା ସେଇ ସୁନ୍ଦରୀ କାହିଁକି ଭାଗ୍ୟବତୀ ବୋଲି କହୁଛୁ ?

ଶଇଳ କହିଲେ, ଶୁଣ ଆମ ଉତ୍କଳୀୟ ବଂଶର ଗୋଟିଏ ସାଧାରଣ ପଥର ଶିଳ୍ପୀ ଘରର ଝିଅ ହୋଇ ବି ସିଏ ନୂଆ ରାଜାଙ୍କର ମନୋନୀତ ରାଣୀ ହୋଇ ପାରିଥିଲେ । ସବୁ ବାଡୁଅ କନ୍ୟା ମାନଙ୍କର ଆଦର୍ଶ ନ ହେବେ କାହିଁକି ? ଶୁଣ ସେ କାଳର କଥା ।

ଗୋଟିଏ ସମୟରେ ଜାଭା ଦ୍ୱୀପ ଶୂନ ଶାନ ଖାଲି ଦ୍ୱୀପଟିଏ ଥିଲା । ଗୋଟିଏ ବୋଇତ ଆସି ଲାଗିଲା ଆଉ ବୋଇତ ଲୋକମାନେ ଭିତରକୁ ଯାଇ ଜମିବାଡି ନଦନଦୀ ତନ୍ନ ତନ୍ନ କରି ଦେଖିଲେ । ସେମାନଙ୍କୁ ପସନ୍ଦ ହେଲା ଏ ଜାଭା ସ୍ଥାନଟି । ମାଟି ଭଲ । ଭଲ ଫସଲ ହେବ । ସେମାନେ ହେଉଛନ୍ତି କଳିଙ୍ଗ ରାଇଜର ଲୋକ । ପସନ୍ଦ କରିଗଲେ ଏଇଠି ବସତି କରିବେ । କଳିଙ୍ଗ ପୋତ ସବୁ ବେଳେ ଏହି କଳିଙ୍ଗୋଦ୍ର ସାଗର ଭିତରେ ବହୁ ଯାତାୟତ କରୁଛି । ଉର୍ବର ମାଟିର ଦେଶରେ ବସତି ସ୍ଥାପନ କରି ଦୁନିଆରେ ବହୁ କଳିଙ୍ଗ ନ ବସେଇବେ କାହିଁକି ?

ସେ ସମୟର କଳିଙ୍ଗ ରାଜା ବାଛି ବାଛି ହଜାର ହଜାର କର୍ମଠ ପରିବାର ଏଠାକୁ ପଠାଇଲେ । ଜାଭା ଆଉ ଖାଁ ଖାଁ ଲାଗିଲା ନି । ଚଳ ଚଞ୍ଚଳ ପାଲଟି ଗଲା । ଲୋକ ମାଟି ପାଣି ଦେଖି ଚାଷ ରଚିଲେ, କିନ୍ତୁ ଦେଖିଲେ ଏଠିକା ଜଙ୍ଗଲରେ ଭରି ରହିଛି ଲବଙ୍ଗ, ଡାଲଚିନି, ଗୁଜୁରାତି ପରି ଅନେକ ମସଲା ଗଛ । ଭାଗ୍ୟବାନ ମଣି ଜାଭାକୁ ଏକ ଉତ୍ପାଦକ ଦ୍ୱୀପ ଭାବରେ ଗଢି ତୋଳିଲେ ।

ପୁରୁଷ କେଇଟାରେ ସମଗ୍ର ଦ୍ୱୀପଟି ସବୁଜିମାରେ ଭରିଗଲା । ବର୍ଷା ଋତୁର ଜାଭା ଗୋଟିଏ ବିରାଟ ଧାନ ବିଲ ପରି ଦେଖାଦେଲା । ଜାଭାର ଲବଙ୍ଗ, ଡାଲଚିନି ଆଉ କେତେ ମସଲା ମସଲି ସେଇ କଳିଙ୍ଗରେ ଏମିତି ସୁଆଦ ଲାଗିଲା, ପୋତ ଭରି ନେଇ ଚାଲିଲେ । ସେତିକି ସୁନା ଏଇଠୁ ନ ପାଇଲେ ବି ସାଧବ ହୋଇ ବେପାର ଚାଲିଲା । ଏହା ଦେଖାଦେଖି ଚାରିଆଡୁ ଲୋକମାନେ ଆସିଗଲେ, ସବୁ ପୋତ ସାଗରରେ ପ୍ରତିଦ୍ୱନ୍ଦ୍ୱିତା କରି ଜାଭା ବଡ ବନ୍ଦରକୁ ଆସିଲେ । କିନ୍ତୁ କଳିଙ୍ଗପୋତ ସବୁବେଳେ ଆଗୁଆ ।

ସେତିକି ବେଳକୁ ଆମ ଉତ୍କଳୀୟ ଦେଶରେ ନୂଆ ରାଜବଂଶ ଆସିଲା ଶୈଳସୂତ ବା ପଥର ସନ୍ତାନ ଭାବରେ । ବଂଶ ପରମ୍ପରା ରହିଛି ଶୈଳସୂତ ପରିବାରର । ମାତୃଭୂମି ମହେନ୍ଦ୍ର ପର୍ବତ । ପଶ୍ଚିମ ମହେନ୍ଦ୍ରଗିରିରୁ ଆରମ୍ଭ କରି ପୂର୍ବ କଳିଙ୍ଗ ଉପକୂଳ ମହାନଦୀ ଅବବାହିକା ଏମାନଙ୍କର କଙ୍ଗୋଦ ରାଜ୍ୟ । କଳିଙ୍ଗ ଯୁଦ୍ଧର ଏକ ସହସ୍ର ବର୍ଷ ପରର କଳିଙ୍ଗ । ନିଃସହାୟ କଳିଙ୍ଗ ଯୁଦ୍ଧର ଅବଶ ପରେ ଚଳଚଞ୍ଚଳ ହୋଇ ପଡିଥିଲା ଚେଦି ବଂଶ ଶାସନରେ । ସେହି କଳିଙ୍ଗ ସାମନା କରି ସାରିଛି ସାତବାହନ, ଶଶାଙ୍କ ଆଉ ହର୍ଷବର୍ଦ୍ଧନଙ୍କୁ ।

ଶୈଳସୂତ ମାନେ ମହେନ୍ଦ୍ର ତନୟ ବୋଲି ଶୈଳଶିଳ୍ପର କଳ୍ପନା ଦେଖାନ୍ତି କଙ୍ଗୋଦ ପୃଷ୍ଠରେ । ଏକାମ୍ରରେ ପ୍ରଦର୍ଶନ କରନ୍ତି ପର୍ଶୁରାମେଶ୍ୱର ମନ୍ଦିର ।  ନିଜ ନାମର ସାର୍ଥକତା ଶିଳାଶିଳ୍ପରେ ଉଦ୍ରେକ କରନ୍ତି, କଙ୍ଗୋଦରେ ଶିଳାଶିଳ୍ପର ଆଦର ବହୁତ । ଏହି ପଥର ଶିଳ୍ପର ସର୍ବଶ୍ରେଷ୍ଠ ଶିଳ୍ପୀ ନୃପତିଙ୍କର ପୁରସ୍କାର ପାଇବା ସହ ରାଜପାର୍ଷଦର ସଭ୍ୟ ହେବାର ଯୋଗ୍ୟତା ପାଆନ୍ତି ।

ଧୁରନ୍ଧର ହୋଇଛି କଙ୍ଗୋଦ ସାଗର ଯାତ୍ରାରେ । ତିର୍ତ୍ତୋଲରୁ ଚନ୍ଦ୍ରଭାଗା, ପାଲୁର, ମହେନ୍ଦ୍ର ତନୟା ସବୁ ନଦୀ କୂଳରୁ ବିଦେଶ ବଣିଜ । ଶହ ଶହ ନୌବହର ଚଳେ ଜାଭା, ବାଲି, ଚମ୍ପା ଆଉ ସବୁ ସୁବର୍ଣ୍ଣ ଦ୍ୱୀପକୁ । ଭିନ୍ନ ଦିଗରେ ତାମ୍ରପର୍ଣ୍ଣୀ ସିଂହଳ । ଶୈଳୋଦ୍ଭବ ରାଜକୋଷ ଅନେକାଂଶରେ ଭରିଯାଏ ସାଗର ସମ୍ପତ୍ତି ଆୟରେ ।

ଅହିଂସା ପରମଧର୍ମ । ଏଇ କଙ୍ଗୋଦର ପୁଲିନ୍ଦସେନ ସ୍ୱପ୍ନ ଦେଖିଲେ ଭଗବାନ ସ୍ୱୟମ୍ଭୂଙ୍କୁ ପ୍ରାର୍ଥନା କରନ୍ତି । ଏମିତି ଜଣେ ମଣିଷ ସୃଷ୍ଟି କରନ୍ତୁ ଯିଏ ରାଜ୍ୟର ଶାସନଭାର ହାତକୁ ନେବେ । ସେଇଠୁ ଆଧ୍ୟାତ୍ମିକତା ଭରା ଶୈଳୋଦ୍ଭବ ବଂଶର ଉତ୍ପତ୍ତି । ପ୍ରଥମ ଶଇଳସୂତ ଧର୍ମରାଜ । ଧର୍ମର ପୁରୁଷ, ରଣ ଖୋର ନୁହନ୍ତି, ତାଙ୍କର ଅନ୍ୟନାମ ରଣଭୀରୁ । ସେମିତି ଅନେକ ରାଜନ୍ ଆଉ ଅହିଂସ ନାମଧାରୀ । ଦୁଇ ଶତକ କଙ୍ଗୋଦ ଶାସନକାଳରେ ଅଛନ୍ତି  ସୈନ୍ୟଭୀତ ତ ଆୟଶୋଭିତ । ଏମିତି ପ୍ରବଳ ସୈନ୍ୟବାହିନୀ ସପକ୍ଷରେ ଏ ରାଜକୁଳ ନାହିଁ, କେତେବେଳ ଶଶାଙ୍କ ବଙ୍ଗ ଦିଗରୁ ଆସି ଏମାନଙ୍କୁ କରଦ ରାଜା ଭାବରେ ଦେଖିଲେଣି ତ କେତେବେଳେ ହର୍ଷବର୍ଦ୍ଧନ ବି ସେମିତି ନେଇଛନ୍ତି ଏମାନଙ୍କୁ । ପଡୋଶୀ ଭୌମକର ପୂର୍ବରୁ ଆଉ ସାମନ୍ତ ଗଙ୍ଗରାଜ ଶ୍ୱେତକ ରାଜ୍ୟରୁ ଏବେ ଯେପରି ଆକ୍ରମଣ ଆରମ୍ଭ କଲେଣି, ଶୈଳସୂତ ଅଳପପାଦ ସ୍ୱଳ୍ପ ଶାସନରୁ ଅବସର ନେବାକୁ ବସିଲେଣି । କେବଳ ପାଳି ପଡିଛି ଏବେ ରାଜ୍ୟ ଭାର ଯୁବରାଜ ପ୍ରଶାନ୍ତପାଦଙ୍କ ଉପରେ ।

ମାତୃଭୂମି ଠାରୁ ଲୋଭ ତୁଟି ଯାଉଛି କଙ୍ଗୋଦ ରାଜପୁତ୍ର ପ୍ରଶାନ୍ତପାଦଙ୍କର । ରାଜେନ୍ଦ୍ରାସନ ଛାଡି ଆଜି ଶୈଳୋଦ୍ଭବ ରାଜବଂଶ ଫକୀର ହୋଇଯାଇଛି । ନିଃଶବ୍ଦରେ ପଡୋଶୀ ରାଜା ମାନଙ୍କର ଉତ୍ପାତ ପାଖରୁ ବିଦାୟ ନେବାର ନିଷ୍ପତ୍ତି ନେଉଛନ୍ତି । ପତ୍ତା ହରାଇବାକୁ ବସିଛି ଶୈଳୋଦ୍ଭବ ବଂଶ । କଙ୍ଗୋଦ ଚାଲି ଗଲାଣି ଭୌମକର ପରିସୀମାକୁ । ପ୍ରତିରୋଧ ନାହିଁ କାହାର । ଏମିତି କେଉଁ ରାଜା ରାଜ୍ୟ ଛାଡି ପଳାତକ ହୋଇଯାଇନି । କିନ୍ତୁ ଶୈଳସୂତ ମାନେ ଧର୍ମରେ ଶାସନ କରି କଅଣ ବିନା ଅସ୍ତ୍ରେ ତିଷ୍ଠି ପାରିବେ ?

ଯାହା ସନ୍ଦେହ ଥିଲା ତାହା ଆଜି ପ୍ରମାଣିତ ହୋଇଛି । ବଳ ଯାହାର ଗାଦି ତାହାର । ଭୌମକର ରାଜବଂଶ ବିନା ଯୁଦ୍ଧରେ ଶୈଳୋଦ୍ଭବମାନଙ୍କ ଠାରୁ  କଙ୍ଗୋଦ ଛଡାଇ ନେଇ ପାରିବ ବୋଲି ନିଶ୍ଚିତ, ପୁଣି ଗଙ୍ଗ ସାମନ୍ତ ମାନେ ବି କିଛି ଅଂଶ ପାଇଯିବାକୁ ଅପେକ୍ଷା କରିଛନ୍ତି ।

ପ୍ରଶାନ୍ତପାଦ ଶାନ୍ତିରେ ରହିବାକୁ ଚାହାନ୍ତି । ବୟସ ଅଠେଇଶ ବର୍ଷ । ଅବିବାହିତ । ବଂଶ ମର୍ଯ୍ୟାଦାରେ ଯୁଦ୍ଧ ମନୋବୃତ୍ତି ବିରହିତ ।

ସିଏ ଭୌମରାଜ କି ଗଙ୍ଗ ସାମନ୍ତଙ୍କର କରଦ ହେବାକୁ ଅନାଗ୍ରହୀ । ବରଂ ନିଜେ ରାଜଧାନୀ ବାଣପୁରରୁ ଅନ୍ତର୍ଦ୍ଧାନ ହୋଇଯିବେ, କାହାର ବଶତା ସ୍ୱୀକାର କରିବେନି । ସତକୁ ସତ ଏମିତି ଘଟିଗଲା କଙ୍ଗୋଦ ରାଇଜରେ । ରାତି ପାହାନ୍ତାରେ କଅଣ ଘଟିଲା, କେହି ବି ସକାଳୁ ଟେର ପାଇଲେ ନି ଶୈଳସୂତ ମାନେ କୁଆଡେ ଗଲେ ।

ଭୁଲିଗଲେ କଳିଙ୍ଗ, ଉତ୍କଳ, ତୋଷାଳି, କଙ୍ଗୋଦ ଆଉ କୋଶଳ । ସତ୍ତା ରହିନାହିଁ ଧର୍ମପ୍ରାଣ ଶୈଳୋଦ୍ଭବ ରାଜବଂଶର ।

ଯୁଗ କେଇଟା ଅନ୍ତର ହୋଇଛି କି ନା, କଙ୍ଗୋଦ ଆଉ ତୋଷାଳି ରାଜ୍ୟର ଅନେକ ମଛା ମଛା ଶିଳାଶିଳ୍ପୀଙ୍କୁ ଜାଭାରୁ ଉଚ୍ଚ ମୁଦ୍ରା ବିନିମୟରେ ବୌଦ୍ଧ ମନ୍ଦିର ନିର୍ମାଣ କରିବାର ଆକର୍ଷଣ ଆସିଲା । କିନ୍ତୁ ଗୋଟିଏ ସର୍ତ୍ତ ରହିଲା, ବିଶ୍ୱର ସବୁଠାରୁ ସୁନ୍ଦର ବୁଦ୍ଧମୂର୍ତ୍ତି କରାହେବ, ଏମିତି କି ବୈତରଣୀ ଅବବାହିକାର ଲଳିତଗିରିର ବିଶାଳ ବୁଦ୍ଧ ମସ୍ତକଠାରୁ ଆହୁରି ବହୁଗୁଣା ସୁନ୍ଦର ମୂର୍ତ୍ତି ସହିତ ବହୁ ମୁଦ୍ରାର ବୁଦ୍ଧ ପୂଜା ପାଇବେ ଜାଭାରେ । ବଡ ବନ୍ଦର (ବୋର ବଦୁର) ପାଖ ହ୍ରଦ ଦୁଇ ପାର୍ଶ୍ୱ ପାହାଡରେ ବିଶ୍ୱ ବିଖ୍ୟାତ ବୌଦ୍ଧ କୀର୍ତ୍ତି ରଚାଇବାର ଦୁର୍ବାର ପରିକଳ୍ପନା କରୁଥିଲେ ଜାଭାର ପ୍ରତାପୀ ନୃପତି ।

ଉତ୍କଳୀୟ ଶିଳ୍ପୀ ମାନେ ବୋଇତରେ ଯାଇ ବଡ ବନ୍ଦରରେ ପହଞ୍ଚିଗଲେ । ଜାଭାରେ ପହଞ୍ଚି ଜାଣିଲେ ସେଠିକାର ନୃପତିଙ୍କ ବଂଶ ଉତ୍କଳୀୟ । ସିଏ ମହାଜାନ ବୌଦ୍ଧ ସମ୍ପ୍ରଦାୟର । ତାଙ୍କ ବିଷୟରେ ସକଳ ବୃତ୍ତାନ୍ତ ଶୁଣିବାକୁ ପାଇଲେ । ଶୈଳେନ୍ଦ୍ର ରାଜବଂଶ ପ୍ରତିଷ୍ଠା କରି ରହିଥିବା ରାଜନ୍ ଆଉ କେହି ନୁହନ୍ତି, କଙ୍ଗୋଦ ରାଜପରିବାର ବଂଶୋଦ୍ଭବ । କେଇ ଦଶକ ଆଗରୁ ସେଇ ରାଜବଂଶ ସତ୍ତା ହରାଇ ସାରିଛି କଙ୍ଗୋଦ ରାଜ୍ୟରୁ ।

ଶୈଳସୂତଙ୍କର କଙ୍ଗୋଦ ରାଜଭବନରୁ ନିର୍ଗମନର ପଥ ଖୋଜି ବୁଲିଲେ ଶିଳ୍ପୀବୃନ୍ଦ । ତଥ୍ୟ ମିଳିଲା ଜାଭା ଉତ୍କଳୀୟ ବସତିରୁ ।

ଯେଉଁ ଦିନ  ଶୈଳସୂତ କଙ୍ଗୋଦ ରାଜଧାନୀ ବାଣପୁର ଛାଡି ଜାଭାମୁଖୀ ପୋତରେ ନିଜର ମାତୃଭୂମି ତ୍ୟାଗ କରୁଥିଲେ, ସେ ଜାଣି ପାରି ନଥିଲେ  କଅଣ ଘଟିବାକୁ ବାକୁ ଯାଉଛି । ବୋଇତରେ ପରିଚୟହୀନ ଭାବରେ ସେ କଙ୍ଗୋଦର ଚିଲିକାରୁ ଆସି ଜାଭାରେ ପହଞ୍ଚି ଗଲେଣି ଅଥଚ ସେହି ଯାନରେ ସହଯାତ୍ରୀମାନେ ତାଙ୍କର ପରିଚୟ ପାଇନାହାନ୍ତି । ଗମ୍ଭୀର ଭାବରେ ଚିନ୍ତାଶୀଳ ଶୈଳନନ୍ଦନ ପ୍ରଶାନ୍ତପାଦ । ନିଜ ଜନ୍ମ ଅଧିକାର କଙ୍ଗୋଦରେ ନିଜ ପାଦତଳୁ ସିନା ମାଟି ଖସିଗଲା । ଏଇ ଜାଭାରେ ତାଙ୍କର ପାଦକୁ ଆଶ୍ରା ମିଳିବ ତ ? ମନରେ କିନ୍ତୁ ଆଶା ରହିଛି ତାଙ୍କର । ଏହି ଜାଭାର ଉତ୍କଳୀୟ ତଥା କଙ୍ଗୋଦ ପ୍ରବାସୀ ଜନସଂଖ୍ୟାର ବହୁଭାଗ । ଜାଭା ରୂପ ନେଇଛି ଦ୍ୱିତୀୟ କଙ୍ଗୋଦର ।

ତାଙ୍କ ମନରେ ଦୃଢ ବିଶ୍ୱାସ, ଜାଭା ତାଙ୍କର ଧାର୍ମିକ ରାଜବଂଶର ମର୍ଯ୍ୟାଦା ଆଉ ଧର୍ମଭାବକୁ ମହତ୍ତ୍ୱ ଦେବ । ଜାଭା ଦ୍ୱୀପରେ କଳିଙ୍ଗପରି ସୀମା ବିବାଦର ପ୍ରଶ୍ନ ନାହିଁ ।

ଜାଭା ବଡ ବନ୍ଦର ବୋଇତରୁ ବାହାରି ପାହାଡ ଉପରୁ ତଳକୁ ଓହ୍ଲାଇ ନିଛାଟିଆ ଡଗରରେ ଗଲାବେଳକୁ ଜଣେ ସୁନ୍ଦରୀ ତରୁଣୀ କାଠଚମ୍ପାର ଫୁଲମାଳଟିଏ ଆଣି ତାଙ୍କ ଗଳାରେ ଦେଲାଣି । ଏଇ ଫୁଲଟି ଜାଭା ଆଉ ବାଲିରେ ଉତ୍କଳୀୟ ରଚିର । ଦେବ ଆଉ ଅତିଥି ସତ୍କାରର ଉତ୍ତମ ପନ୍ଥା ।

ତରୁଣୀଟିକୁ ଦେଖି ପ୍ରଶାନ୍ତପାଦଙ୍କ ପାଦ ସ୍ଥିର ହୋଇଯାଇଛି । ଆକର୍ଷଣୀୟ ମୁଖମଣ୍ଡଳ ଯୁବତୀଟିର । ସତେକି ସିଏ କଙ୍ଗୋଦ ଶିଳାଶିଳ୍ପୀର ସେଇ ନବଯୁବତୀ, ମୁହୂର୍ତ୍ତକ ଆଗରୁ ନିଜର ପ୍ରସାଧନ ସାରି ଆଇନାରେ ମୁହଁ ଦେଖି କେଶରାଶି ସଜାଡି ନେଇଛି । ସୁନ୍ଦର ମୃଗନୟନୀ କାହିଁକି ଏକୁଟିଆ ଏହି ଅରଣ୍ୟରେ ଫୁଲମାଳଟିଏ ଧରି ଅପେକ୍ଷା କରିଛି ? ଏଇ ଚମ୍ପା ଫୁଲ ତ ଆମ ରାଇଜର । ନିଶ୍ଚୟ ଉତ୍କଳୀୟ ମାନେ ପ୍ରବାସରେ ଏହାର ମହକରେ ଜନ୍ମମାଟିର ସ୍ମୃତି ଜାଗରଣ କରୁଥିବେ । ମନରେ ସନ୍ଦେହ ଆସୁଛି ତରୁଣ ଯୁବରାଜଙ୍କର । କଅଣ ଯୁବତୀ କେହି ଜଣା ପ୍ରେମିକପାଇଁ ଗଳାମାଳଟିଏ ତିଆରିକରି ଭୁଲବସତଃ ତାଙ୍କୁ ବରଣ କରିଦେଇଛି କି ?

କଳିଙ୍ଗ, କଙ୍ଗୋଦ କି ଉତ୍କଳର କନ୍ୟା ପାଖରୁ ଏମିତି ଚୋରା ପ୍ରୀତି ଆଶା କରାଯାଏନା । ସେ ନିଶ୍ଚିତ ଭ୍ରମରେ ପଡିଛି ପ୍ରେମିକର ସମରୂପ ଦର୍ଶନରେ । ବାୟାଣୀ ହୋଇଛି ସୁନ୍ଦରୀ !

ଆଶ୍ଚର୍ଯ୍ୟ ହୋଇ ଆଗନ୍ତୁକ ପଚାରିଛନ୍ତି, "ତରୁଣୀ ତୁମେ ମୋତେ ଠିକ୍‌ରେ ଚିହ୍ନି ପାରୁଛ ତ ?"

ସରଳ ବାଳିକା ଲାଜଭରା ଦୃଷ୍ଟିରେ ଉତ୍ତର ଦିଅନ୍ତି, "ଏହି ରାସ୍ତାରେ କେବଳ ଦେବତାମାନେ ଯା ଆସ କରନ୍ତି ।"

ଆଗନ୍ତୁକ ଚମକି ପଡିଲେ । କହିଲେ, "ମୁଁ ଦେବତା ନୁହେଁ, ଭୁଲ୍ ରାସ୍ତାରେ ଚାଲି ଆସିଲି ।"

ବଡ ଦୃଢ ଭାବରେ ବାଳିକା କହିଲା, "ଏ ରାସ୍ତାରେ ଯିଏ ଯାଏ, ସିଏ ଦେବତା । ଆପଣ ଯିଏ ହେଲେ ବି ଆମର ଦେବତା ।"

ଅଧିକ କଥା ନହୋଇ ପ୍ରଶାନ୍ତପାଦ ଆଗେଇ ଚାଲିଲେ । ମନଟା ଟିକିଏ ଦୋହଲିଗଲା । ତାଙ୍କର ରୁପରେ ଭୋଳିନି ସୁନ୍ଦରୀ । ଏଇ ରାଜ୍ୟରେ ଉତ୍କଳୀୟ ମାନେ କିଛି ପ୍ରଥା ପ୍ରଚଳନ କରିଥିବେ । ଆକଟ ନଥିବା ସୁନ୍ଦରୀ କନ୍ୟା ମାନଙ୍କର ଦେବପୂଜା କରିବାକୁ । ଦେବତାଙ୍କୁ ବରମାଲ୍ୟ ଦେବାକୁ । ଆଉ ମଣିଷକୁ ମନର ଭାଷାରେ ଦେବତ୍ୱ ଦେବାକୁ । ସମାଜରେ ଏଇ ମୂଲ୍ୟବୋଧକୁ କଦର୍ଥ କରିବାର ମାନସିକତା କାହିଁକି ନିଜ ମନରେ ଆସିଲା, ସେଥିପାଇଁ ଅନୁତପ୍ତ ହେଲେ । ଏହି ସୁନ୍ଦରୀଠାରୁ ଶିକ୍ଷାନେଲେ, ମନର ମାୟା କ୍ଷଣିକ ଭ୍ରମରେ ମତି ହରାଇବା ବେଳକୁ ବିବେକବନ୍ତ ହେବା ସର୍ବାଦୌ ସ୍ପୃହଣୀୟ ।

ସିଏ ସୁନ୍ଦରୀ ମୁହଁକୁ ଟିକିଏ ଭଲରେ ଦେଖି ହସିଦେଲେ ଆଉ ଡଗରରେ ଆଗେଇ ଚାଲିଲେ ।

ଜାଭା ତାଙ୍କୁ ଚାହିଁ ରହିଛି ଭବ୍ୟ ସମ୍ବର୍ଦ୍ଧନା ଦେବାକୁ । ସୁନା କଳସ ପୂର୍ଣ୍ଣହୋଇ ଅପେକ୍ଷା କରିଛି କିପରି ନୂଆ ରାଜା ନିର୍ବାଚନ ହେବ । ଅରାଜକ ରାଇଜର ରାଜା ଚୟନରେ ଭାଗ୍ୟବାନ ପ୍ରଶାନ୍ତପାଦ ହିଁ ରାଜଗାଦି ଲାଭକଲେ । ମନରୁ ହଜିନି କଙ୍ଗୋଦର ସ୍ମୃତି । ନିଜର ନୂତନ ନାମକରଣ କଲେ ଶୈଳେନ୍ଦ୍ର । ରାଜବଂଶର ନାମ ରଖିଲେ ତଦନୁଯାୟୀ । ରାଜ୍ୟର ଯାବତୀୟ ଦୁର୍ଦ୍ଦଶା ଉପଲବ୍ଧି କରିବାକୁ ତାଙ୍କର କଙ୍ଗୋଦ ଅଭିଜ୍ଞତା ସାହାଯ୍ୟ କଲା । ଦେଶର ଉତ୍ପାଦନ ଆଉ ବଣିଜ ସମ୍ପ୍ରସାରିତ ହୋଇ ଜାଭା ସୁବର୍ଣ୍ଣ ଦ୍ୱୀପର ଦିପିଦନ୍ତି ସାଜିଲା । ସୁବର୍ଣ୍ଣ ଯୁଗ ଆସିଲା ଶୈଳେନ୍ଦ୍ର ରାଜବଂଶ ରାଇଜକୁ ।

ଭଗବାନଙ୍କ ଦ୍ୱାରରେ କିଏ କୋଉଠି ଉପସ୍ଥାନ ଦେବ, ତାହା କେବଳ ଭଗବାନଙ୍କୁ ହିଁ ଜଣା । ନିଜର ଭାଗ୍ୟ ବଳରେ ଶୈଳେନ୍ଦ୍ର ସମୟକ୍ରମେ ଶତ୍ରୁ ସାଜିଥିବା କଳିଙ୍ଗ ଭୌମକର ନୌବାଣିଜ୍ୟର ଗନ୍ତବ୍ୟ ସ୍ଥଳରେ ଜାଭାରେ ଯେ ନିର୍ଣ୍ଣାୟକ ହେବେ, କାହାର କଳ୍ପନାରେ ନଥିଲା । କଳିଙ୍ଗ ମାନସପଟରୁ ପୂର୍ବତନ ରାଜବଂଶର ସ୍ମୃତି ହଜି ଯାଇଥିଲେ ବି ଶୈଳେନ୍ଦ୍ର ବଂଶ ପ୍ରବାସରେ କଳିଙ୍ଗ ରାଜ୍ୟର ମର୍ଯ୍ୟାଦା ବଢାଇଛନ୍ତି ।

ପାଖ ଦ୍ୱୀପ ଗୁଡିକ ଜାଭାର ସମୃଦ୍ଧିରେ ଆନନ୍ଦିତ ଥିଲେ । ସୁବର୍ଣ୍ଣ ଦ୍ୱୀପର ଏମିତି ବିକାଶ ସମ୍ଭବ, ସେଇ ଆଶାରେ ସେମାନେ ଜାଭାର ଶତ ପ୍ରଶଂସା କରିବାକୁ ଲାଗିଲେ । ସବୁଆଡେ ଶୈଳେନ୍ଦ୍ର ଯୁବରାଜଙ୍କ ପରିଣୟ ବିଷୟରେ ଆଲୋଚନା ହେଲା । ବହୁ ଆମନ୍ତ୍ରଣ । କିନ୍ତୁ ଯୁବରାଜ କୌଣସି ରାଜପରିବାରରେ ବିବାହ କରିବାକୁ ମନା କରିଦେଲେ ।

ପୁନର୍ବାର ବଡ ବନ୍ଦରର ସେଇ ସୁନ୍ଦରୀର ସନ୍ଧାନ ନେଲେ । ଜାଣିଲେ ପାହାଡ ତଳର ସେଇ ଉତ୍କଳୀୟ ବସତିର ସେଇ କନ୍ୟାଟି ସେଠିକାର ମୁଖ୍ୟ ସ୍ଥପତି ସୁସ୍ଥାପକଙ୍କର କନ୍ୟା । କନ୍ୟାଟି ଯେବେ ଜନ୍ମ ନେଲା, ତାହା ପିତାଙ୍କର ଦଶମାସ ସମୟ ନେଇ ପ୍ରସ୍ତୁତ ଶୈଳସୁନ୍ଦରୀର ଅବିକଳ ମୁଖମଣ୍ଡଳ ଧାରଣ କରିଥିଲା । ବାପାମାଆ ଆଗ୍ରହରେ ନାମକରଣ କଲେ ସୁନ୍ଦରୀ !

ଶୈଳେନ୍ଦ୍ର ଯୁବରାଜ ନିଜ ଇଚ୍ଛାରେ ବିବାହ କଲେ ଉତ୍କଳୀୟ ବସତିର ସେଇ ସାଧାରଣ ସରଳ ତରୁଣୀ ସୁନ୍ଦରୀ କୁ । କି ଅପୂର୍ବ ଭଗବତ ବିଶ୍ୱାସ ତାର । ପ୍ରତିଟି ମଣିଷ ଦେବତା । ନିଜେ ମନରେ ଦେବତୁଲ୍ୟ ନହେଲେ ଏମିତି ଧାରଣା କେଉଁଠୁ ଆସିବ? ଅତିଥି ହିଁ ଦେବତା । ସେଇ ମର୍ମରେ ସେ ଅଯାଚିତ ଆଦରରେ ମହକିତ କାଠଚମ୍ପା ଫୁଲମାଳରେ ନିମନ୍ତ୍ରିତ କରିଥିଲା ତାଙ୍କୁ । ଭାଗ୍ୟବତୀ ହୋଇ ଯେଉଁ ଆଗମନୀ ଫୁଲହାର ସମର୍ପଣ କରିଥିଲା, ତାହା ଶୈଳତନୟଙ୍କ ପାଇଁ ଆଣିଥିଲା ସୌଭାଗ୍ୟ ।

ସେଇ ଉତ୍କଳୀୟ ରମଣୀ ଶୈଳେନ୍ଦ୍ର ରାଜପ୍ରାସାଦ କଳିଙ୍ଗ ସଣ୍ଢଣାରେ ସୁସଜ୍ଜିତ କରିଥିଲେ । ବର୍ଦ୍ଧିତ ଶୋଭାରେ ସେଠିକାର ବସତି ଅନୁଭବ କରିବାକୁ ଲାଗିଲା ଉତ୍କଳ ଯେମିତି ସାଗର ଦେଇ ଜାଭାରେ ସ୍ଥାନ ନେଇଗଲାଣି । ରାଜା ଶୈଳେନ୍ଦ୍ରଙ୍କୁ ସୁନ୍ଦରୀ ରାଣୀ ଦୁଇ ପୁତ୍ର ଉପହାର ଦେଇ ରାଜବଂଶକୁ ସୁପ୍ରତିଷ୍ଠିତ କରିଥିଲେ । ଶୈଳେନ୍ଦ୍ର ରାଜବଂଶର ଉଜ୍ଜ୍ୱଳ ଭବିଷ୍ୟତ ।

ସେଇ ଦିନରୁ ଜାଭାରେ ସୁନ୍ଦରୀ ଝିଏଟିଏ ଜନ୍ମନେଲେ, ସାଇଭାଇ କହନ୍ତି ତା ପାଇଁ ରାଜକୁମାର ସ୍ୱର୍ଗରୁ ପାହାଡ ତଳକୁ ଓହ୍ଲାଇ ଆସିବେ । ସୁନ୍ଦରୀକୁ ବାହା ହୋଇ ଜାଭାରେ ରାଜା ହେବେ !

ଜେଜେ ମା କହି ଚାଲିଛନ୍ତି, ସୁନ୍ଦରୀ ଶେଯରେ ବସିରହି ଶୁଣୁଛି ।

ପଚାରିଲା, ମା, ସେଇ ସୁନ୍ଦରୀ ନିଶ୍ଚୟ ହୋଇଥବେ ଅତି ସୁନ୍ଦରୀ । ସିଏ ଏତେ ଇତିହାସ କରି ଲୋକ ମୁହଁରେ ଆଜି ବି ରହିଛନ୍ତି !ଖାଲି ସୁନ୍ଦରରେ ନୁହେଁ, ଅନେକ ଉତ୍କଳୀୟ ସ୍ମୃତି ଆଉ ଐତିହ୍ୟକୁ ସାଉଁଟି ଧରିଛନ୍ତି ।

ଶଇଳଙ୍କ ମନର ଭାବନା ଅନ୍ତହେଲା । ସତକୁ ସତ ନାତୁଣୀକୁ ଘରକୁ ଫେରିବାର ଦେଖିଲେ । ଗୋଡରେ ଝାଡ କଣ୍ଟା ପଶିଯାଇ ଥିବାରୁ ଦୁଇ କନ୍ୟା ଫେରିବାରେ ଡେରି ହୋଇଥିଲା ।

## ଗଳ୍ପଟିର ଭୂମିକା -

୧. ମୁଖାର୍ଜୀ.ଆର.କେ (ଇଣ୍ଡିଆନ୍ ସିପିଂ, ଆଲାହାବାଦ, ୧୯୬୨) ଖ୍ରୀଷ୍ଟ ଜନ୍ମର ମାତ୍ର ୭୫ ବର୍ଷ ବେଳକୁ କଳିଙ୍ଗ ନାବିକ ମାନେ ଜାଭାରେ ପହଞ୍ଚି ସାରିଥିଲେ ।

୨. ମଜୁମଦାର, ଆର.ସି. (ହିନ୍ଦୁ କଲୋନିଜ୍ ଇନ ଫାର୍ ଇଷ୍ଟ) ଜାଭାର କିମ୍ବଦନ୍ତୀ ଅନୁଯାୟୀ ଖ୍ରୀଷ୍ଟ ଜନ୍ମର ପ୍ରଥମ କେଇ ଶତାବ୍ଦୀରେ କଳିଙ୍ଗ ରାଜପୁତ୍ର ୨୦ ହଜାର ପରିବାର ଜାଭାରେ ବସବାସ କରିବାକୁ ପଠାଇଥିଲେ । ଜାଭାର ଅର୍ଥନୈତିକ ବିକାଶ ଗୋଟିଏ ଲକ୍ଷ୍ୟ ଥିଲା ।

୩. ବେହେରା କରୁଣା ସାଗର, (ଉତ୍କଳ ହିଷ୍ଟୋରିକାଲ୍ ଜର୍ଣ୍ଣାଲ, ୧୯୯୩) - ମାଲୟ ଆନାଲ୍ସ ବର୍ଣ୍ଣନା ଅନୁଯାୟୀ ସୁନ୍ଦର ଲୋକ କଥା ହେଉଛି, କଳିଙ୍ଗ ବିଚିତ୍ରା ସ୍ୱର୍ଗରୁ ଓହ୍ଲାଇ ପାଲେମ୍ବାଙ୍ଗ୍ ପର୍ବତରେ ପହଞ୍ଚିଲେ ଏବଂ ଦେଶ ଶାସନ ହାତକୁ ନେଲେ । ସୁନ୍ଦରୀକୁ ବାହା ହୋଇ ଦୁଇ ପୁଅର ଜନକ ହେଲେ ।

୪. ଅନେକ ଶବ୍ଦ କଳିଙ୍ଗର ବୋଲି ପ୍ରମାଣିତ - କଳିଙ୍ଗ, କ୍ଲିଙ୍ଗ, ସୁବର୍ଣ୍ଣଦ୍ୱୀପ, ମହାୟାନ ବୌଦ୍ଧଧର୍ମ, ବୋର-ବୁଦୁର ବା ବଡ-ବନ୍ଦର, ଲଳିତଗିରି ବୁଦ୍ଧ ମୂର୍ତ୍ତି ପରି ବୋର-ବୁଦୁର ବୁଦ୍ଧ, କଳିଙ୍ଗ ଲିପି ସଦୃଶ ପୂର୍ବ-ନାଗରୀ ଲିପି, କଳିଙ୍ଗ ଆର୍ଯ୍ୟ, କୁଞ୍ଜ (ଗଜ) ଦେଶ, ଚନ୍ଦ୍ରଭାଗା କେନାଲ, କଳିଙ୍ଗପୁର, ସଜନା ଶାଗ, ପିଠା, ଶ୍ରୀ, ଅଷ୍ଟଭୂଜା ଦୁର୍ଗା,

୫. ମହତାବ, ହରେକୃଷ୍ଣ, (ହିଷ୍ଟୋରୀ ଅଫ୍ ଓଡିଶା, ୧୯୮୧) ଅଷ୍ଟମ-ନବମ ଶତାବ୍ଦୀର ସୁବର୍ଣ୍ଣ ଦ୍ୱୀପର ଶୈଳେନ୍ଦ୍ର ରାଜବଂଶ କଙ୍ଗୋଦ (ମହାନଦୀରୁ ମହେନ୍ଦ୍ରଗିରି ମଧ୍ୟରେ ଅବସ୍ଥିତ ରାଜ୍ୟ) ସପ୍ତମ-ଅଷ୍ଟମ ଶତାବ୍ଦୀର ଶୈଳୋଦ୍ଭବ ରାଜବଂଶଜ ବୋଲି ଆକଳନ କରାଯାଏ ।

୬. ପାତ୍ର, ବେଣୁଧର, (ଓଡିଶା ରିଭ୍ୟୁ, ୨୦୧୩ । ଜାଭା-ଓଡିଶା ସମ୍ପର୍କ ।

ସମାରୋହ, ୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୮୭୬୩୬୬୬୦୩୧



# ଓଡ଼ିଆ ନୂଆ ବୋହୂ

**ଆଶାଲତା ପାଣ୍ଡବ**

ଜୀବନର ଧାରା ଗୋଟିଏ ଚଳଚିତ୍ରର କାହାଣୀ ପରି । ଆମ ଦୈନନ୍ଦିନ ଜୀବନର ନିଖୁଣ ଚିତ୍ର ଫୁଟି ଉଠେ ଏହା ମାଧ୍ୟମରେ । ଜୀବନର ସୌନ୍ଦର୍ଯ୍ୟ ସ୍ଥାନ, କାଳ, ପାତ୍ର ନେଇ ଫୁଟି ଉଠେ । ସମସ୍ତଙ୍କ ଜୀବନର ଅନୁଭୂତି ଭିନ୍ନ ଭିନ୍ନ । ବ୍ୟକ୍ତି ବିଶେଷରେ କଥାବାର୍ତ୍ତା, ଚାଲିଚଳନ ସ୍ୱତନ୍ତ୍ର । ତା ସହିତ ଅନ୍ତର୍ନିହିତ ଆଚାର, ବ୍ୟବହାର, ଆଶା ଓ ଆକାଂକ୍ଷା ଲୁକ୍‌କାୟିତ ମାତ୍ର ଅନ୍ତରରୁ ଅହରହ ସତର୍କ ରହିଥାଏ ।  ପରିସ୍ଥିତି ଆଉ ପରିବେଶ ଅନୁକୂଳ ହେଲେ ଆଗ୍ନେୟଗିରିର ଲାଭା ପରି ଉଦ୍‌ଗୀରଣ ହୋଇଯାଏ ସ୍ୱତଃସ୍ଫୂର୍ତ୍ତ ଶୈଳୀରେ ।

ଦିନ ଗଡିଲେ ସଭ୍ୟତା ବଦଳେ, ପ୍ରାରମ୍ଭରୁ ଯାହା ପ୍ରଚଳିତ ଥିଲା, ତାହା ଆଜି କାହିଁ କେତେ ଉର୍ଦ୍ଧ୍ୱରେ । ଦୀର୍ଘ ୩୧ ବର୍ଷ ପରେ ଆଜି ମୁଁ ଉପଲବ୍ଧ କରୁଛି, ମୋ ସ୍ୱାମୀଙ୍କ କେଇପଦ ନିରୋଳା କଥାକୁ । ମୁଁ ମାଆ ବାପାଙ୍କର ଏକୋଇର ବଳା ବିଶିକେଶନ । ତେଣୁ ପ୍ଲସ୍ ଟୁ ପାଠପଢା ସମୟରେ ମୋର ବିବାହ  ହୋଇଥିଲା । ଅଳ୍ପ ବୟସରେ ବିବାହ କରି ମୁଁ କେତେ ଯେ ସାଂସାରିକ ଅଭିଜ୍ଞତା ସାଉଁଟିଛି ତାର କଳନା ନାହିଁ । ଛନ୍ଦ କପଟଠାରୁ ମୁଁ ଥିଲି ବହୁତ ଦୂରରେ, ଭଲମନ୍ଦ ସବୁ ମୋ ପାଇଁ ସମାନ ଥିଲା । ମୋର ସ୍ୱଭାବ ଯାହା ଥିଲା, ତାହା ନିଆରା ।

ଦିନକର କଥା । ବାହାଘର ମାସେ କି ଦୁଇମାସ ହେବ, ମୁଁ ସେତେବେଳେ ଗାଁରେ ରହୁଥାଏ । ମୋ ଶାଶୂ ଟିକିଏ ସମ୍ଭ୍ରାନ୍ତ ଢାଞ୍ଚାର ମଣିଷ ଥିଲେ । ସବୁ ଭଲ ହେବା ତାଙ୍କ ମହତପଣିଆରେ ସେ ଚାହୁଁଥିଲେ । ଶାଢ଼ି, ମୁଣ୍ଡରେ ଓଢଣା, ଗହଣା ସହିତ ସବୁ କାମଦାମ ପୋଖତ ଢଙ୍ଗରେ ନକଲେ କେତେ ଗଞ୍ଜଣା.....ଯେତେ ଭଲ ମଜା, ପୋଛା, ଧୁଆ, ପଖଳା ଇତ୍ୟାଦି  .... ତା ଭିତରେ କାହାର ମୁଣ୍ଡକୁଣ୍ଡା, ହଳଦୀମଖା, ଅଳତା ନାଇବା, ଗୁରୁଜନ ସେବା, ଅମଳି ପାଣିଦେବା । ମୋଡାଘଷା ତ ବାଧ୍ୟତାମୂଳକ କାମ ।

କେତେଥର ପାନଭାଙ୍ଗି ପାଛିଆରେ ଥୋଇଥାଏ, ମନେ ପଡେନି ଦେବାକୁ । ଖୁଣ୍ଟା ଶୁଣେ । ଏ ଆଖିରେ ଲୁହ ଆସେ, ସେ ଆଖିରେ ମାରେ । କେଉଁଦିନ ନକାନ୍ଦେ, ତାର ହିସାବ ରଖିନି । ବାଡିପଡେ ଲୁଚି ଲୁଚି .... ନଳକୂଳ ପାଖେ ।

ରାତି ପାହିଲାଠାରୁ ହେଲା ପର୍ଯ୍ୟନ୍ତ ଜବରଦସ୍ତ ରୁଟିନ୍ ବନ୍ଧା କାମ । ତା ଭିତରେ ପାଠପଢା, ବହି ଚିହ୍ନ ଦିଆହୋଇ ଲେଉଟି ପଡିଥିବ ପଲଙ୍କ ଉପରେ.... କାମ ଭିତରେ ପଢିବାକୁ ହୁଏ । ଏହିଭଳି ମୋ ଦୈନନ୍ଦିନ କାର୍ଯ୍ୟଧାରା ଚାଲିଥିବା ବେଳେ ହଠାତ୍ ପଶି ଆସନ୍ତି ସାଇ ପଡିଶାଏ ଖୁଡି, ଜେଜେ'ମା ଇତ୍ୟାଦି । ସେମାନଙ୍କୁ ଦେଖି ମୁଁ ଖୁସିହୁଏ, ପାଟିରେ ବାଟୁଳି ବାଜେନି । ବସିବାକୁ ଆସନ ଓ ଅମଳ ପାଣି ଆଦି ଦେବାକୁ ମଧ୍ୟ ଭୁଲେନି, ସେମାନେ ବି ଖୁସି ହୁଅନ୍ତି, କିନ୍ତୁ ପଛରେ କିଏ କ'ଣ ଗପେ ମୁଁ ବା ଶୁଣିବି କେମିତି ? ତାପରେ ମାଆଙ୍କ କଟକଣା ମୋ କାନରେ ବାଜେ, ମୁଣ୍ଡରେ ଓଢଣା ଟାଣିଥିଲେ ହୋଇ ନଥା'ନ୍ତା ? ନ ଗପିଥିଲେ ଚଳି ନଥା'ନ୍ତା ? ଝିପଟେଇ ଚାଲିବା, କିରିକିରି ହସିବା ନିହାତି ଦରକାର ?

ଏ କଥାରେ ମୋ ଦେହରେ ଛୁରି ଚାଲିଯାଏ । ମନ ଚହଲାଇ ଦିଏ । କୋହ ସମ୍ଭାଳି ପାରେନି । ଲୁହ ନିଗାଡେ । ପାଠ ପଢି ପାରେନି । ଦିନେ ଅବ୍ୟବସ୍ଥିତ ଢଙ୍ଗରେ ମୋର ଅତି ଆପଣାର ଲୋକକୁ ଗୁହାରି କଲି । ମୋ ଦେହି ଏ ସବୁ ହବନି, ମୁଁ ଯେମିତି ସେମିତି ବାସ୍... ମୁଁ ତ କାହାକୁ ଖରାପ ବ୍ୟବହାର ଦେଖାଉନି, ଭଦ୍ରତା ସହକାରେ ଅଭ୍ୟର୍ଥନା କରୁଛି ନା...

ଆପ୍ୟାୟିତ କରୁଛି ମୋ ଅନାବିଳ ପଣରେ...

ସମସ୍ତଙ୍କୁ ଖୁସି କରିବା ମୋ କାମ ନା.....

ମୋର ଭୁଲ୍ କେଉଁଠି ରହିଲା ?

ମୁଁ ପାରିବିନି ଅଭିନୟ କରି....

ଚୁପି ଚୁପି ଚାଲି, ଛୁପି ଛୁପି କଥା, ମୁଣ୍ଡରେ ହାତେ ଓଢଣା, ଝୁଣ୍ଟି ପଡିବି ଯେ ମରିଯିବି............

ମୋ ସ୍ୱାମୀ ବେଦମ୍ ହସିଲେ । ତାଙ୍କ ନିଛକ୍ ମନରେ ଭାଷା ପରିପ୍ରକାଶ କଲେ ।

ଆରେ ତୁମେ ଶୁଣ.........ମୋ ବୋଉ ଚାହୁଁଛି ତା ବୋହୂକୁ ସମସ୍ତେ ଭଲ କୁହନ୍ତୁ, ତା ବୋହୂର ସେ ସୁନାମ ଚାହେଁ, ଏ'ଟା ବଂଶ ମର୍ଯ୍ୟାଦା ।

ତାଙ୍କ ହୃଦୟରୁ କେଇପଦ କଥା କହି ମୋ ମନ କିଣିନେଲେ........

ଦେଖ ! ଯେଉଁମାନେ ତୁମକୁ ଦେଖିବାକୁ ଆମ ଘରକୁ ଆସୁଛନ୍ତି, ସେମାନେ ଖାସ୍ ଯେ ତୁମପାଇଁ ଆସୁଛନ୍ତି, ତା ନୁହଁ । ସେମାନେ କିଛି ନା କିଛି ମତଲବ୍‌ରେ ଆସୁଛନ୍ତି । ତାଙ୍କ ଠାକୁର ଦେଖା, କଦଳୀ ବିକା । କିଏ ବାଡିରୁ ଶାଗ ମୁଠାଏ ପାଇଁ ତ (ସେତେବେଳର ଗାଁ ଚଳଣି ଅନୁସାରେ) କିଏ ଆଉ କଅଣଟିଏ ପାଇବା ପାଇଁ ।

ତୁମେ ସେ ଘଡିକ ପାଇଁ ଅଭିନୟ କରିଦେବ .......... ମୁଣ୍ଡରେ ଓଢଣା, ଧୀର ଚାଲି, ଥିରି କଥା, ବାସ୍ ....... ତୁମର ସୁନାମ...........

ଶାଶୂ ଖୁସ୍, ବୋହୂ ଖୁସ୍, ସାଇ ପଡିଶାଏ ଖୁସ୍.........

କଥା ମୋ ମନକୁ ପାଇଲା ......... ମୋ ମୁହଁରେ ହସ ଦେଖି ସେ ବି ଠୋ ଠୋ ହସିଲେ ।

ଏତିକିବେଳେ ମୋ ପାଟିରୁ ସ୍ୱତଃସ୍ଫୂର୍ତ୍ତ ବାଜି ଉଠିଲା ପଣ୍ଡିତ ଗୋଦାବରୀଶଙ୍କ ମାନସ ସନ୍ତାନ ଓଡିଆ ଝିଅ କାଳିଜାଈର ଆତ୍ମାର ବିଳାପ ପଦଟି

(ମୋ ବାପାଙ୍କ ଉଦ୍ଦେଶ୍ୟରେ):

"ବର ବୋଲି ଯା'ର ଧରାଇଲ ହାତ,
କି ତା'ର ଦେଖିଲ ଶିରୀ
ରୂପ ଗୁଣ ଆଉ ବିଭବ ବାପା ହେ
ତିନିହେଁ ତିନିକୁ ବଳି ।"

ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ - ୭୯୭୮୬୭୨୬୫୩

✠✠✠



# ଲକ୍ଷ୍ମୀପୁରାଣ ପ୍ରଭାବରେ ଓଡ଼ିଆଣୀ

**ବିଜୟଲକ୍ଷ୍ମୀ ଦାଶ**

"ନମସ୍ତୁଂତେ ମହାମାୟେ ଶ୍ରୀ ପୀଠେ ସୁର ପୂଜିତେ
ଶଙ୍ଖଚକ୍ର ଗଦା ହସ୍ତେ ମହାଲକ୍ଷ୍ମୀ ନମୋସ୍ତୁଂତେ ।"

ଓଡ଼ିଆମାନେ ଅତୀବ ଧର୍ମପରାୟଣା ଓ ଧର୍ମବିଶ୍ୱାସୀ । ସେମାନେ ଜୀବନରେ ସୁଖ, ଶାନ୍ତି ପାଇବା ଉଦ୍ଦେଶ୍ୟରେ ଅନେକ ପର୍ବପର୍ବାଣି ପାଳନ କରନ୍ତି ଓ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ଥିବା ବିଧିବିଧାନକୁ ମଧ୍ୟ ମାନିଥାନ୍ତି । ପିଠାପଣା, ରୋଷେଇବାସରେ ଓଡ଼ିଆ ଗୃହିଣୀମାନେ ଅଧିକ ସମୟ ଅତିବାହିତ କରିଥାନ୍ତି । ଅବସର ବିନୋଦନ ପାଇଁ ଏପରି ଏକ ପରଂପରା ଓଡ଼ିଶାର ପୁରପଲ୍ଲୀରେ ସମସ୍ତ ଗୃହିଣୀଙ୍କ ପାଇଁ ନିର୍ଦ୍ଧାରିତ କରାଯାଇଛି । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ମାର୍ଗଶିର ମାସ ମହାଲକ୍ଷ୍ମୀଙ୍କ ମାସ । ଏହି ମାସରେ ଶସ୍ୟ ଅମଳରେ କୃଷକର ଗୃହ ଧାନ, ମୁଗ, ବିରି ଆଦି ଅମଳରେ ଭରିଯାଇଥାଏ । ମାର୍ଗଶିର ମାସ ଗୁରୁବାର ଦିନ ଗୃହିଣୀମାନେ ଲକ୍ଷ୍ମୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂର୍ବପୁରୁଷ ସୁରକ୍ଷିତ ଥିବା ମାଣକୁ ଲିପି ନୂଆ ଅମଳ ହୋଇଥିବା ଧାନକୁ ପୂର୍ଣ୍ଣକରି ପୂଜା କରିଥାନ୍ତି । ପରିବାରର ସମସ୍ତ ବିବାହିତା ମହିଳା ଘର ରୋଷେଇ ଉଦାହରଣ ସହି ଲକ୍ଷ୍ମୀପୂଜା କରିଥାନ୍ତି ଓ ଲକ୍ଷ୍ମୀ ପୁରାଣ ପଢ଼ିଥାନ୍ତି ।

ଓଡ଼ିଆ ସମାଜ ପରପଂରା ଦ୍ୱାରା ପ୍ରଭାବିତ ସ ପରିଚାଳିତ ହେଉଥିବାରୁ ଓଡ଼ିଆ ଗୃହିଣୀମାନେ ଅନେକ ପ୍ରକାର ବ୍ରତ ଓ ଉପାସନା ପାଳନ କରିଥାନ୍ତି । ପରିବାରରେ ସ୍ୱାମୀ, ସନ୍ତାନ ଓ ବନ୍ଧୁପରିଜନଙ୍କ ଶୁଭକାମନା ପାଇଁ ସେମାନେ ବାରମାସରେ ତେର ପର୍ବ ଓ ଦେବାଦେବୀଙ୍କ ଶୁଭ ପୂଜାର୍ଚ୍ଚନା କରିଥାନ୍ତି । ସେଥିଯୋଗୁଁ ସେମାନେ ଅନେକ ନୀତି ନିୟମରେ ବାନ୍ଧି ହୋଇଥାନ୍ତି । ସେମାନଙ୍କର ଜୀବନଶୈଳୀ ପୁରାଣ ଶାସ୍ତ୍ରଦ୍ୱାରା ବହୁ ପରିମାଣରେ ନିର୍ଣ୍ଣିତ ହୋଇଥାଏ । ଯେପରି 'ଲକ୍ଷ୍ମୀପୁରାଣ' ପ୍ରାୟତଃ ଓଡ଼ିଆ ଗୃହଣୀଙ୍କ ଚାଲିଚଳଣ, ରୀତିନୀତି ଏହି 'ଲକ୍ଷ୍ମୀପୁରାଣ' ଦ୍ୱାରା ଅନେକାଶଂରେ ପ୍ରଭାବିତ ହୋଇଥାଏ । ଧନଧାନ୍ୟ ଗୋପଲକ୍ଷ୍ମୀ ପ୍ରାପ୍ତିର ଆଶାରେ ଓଡ଼ିଆ ଗୃହିଣୀମାନେ ପ୍ରତିଦିନ ପ୍ରଭାତରୁ ଉଠି ପ୍ରଥମେ ଘରଦ୍ୱାର ଓ ବାହାର ଓଳାଇ ଗୋବର ପାଣି ପକାଇଥାନ୍ତି । ଦୁଆର ମୁହଁରେ ମୁରୁଜ ପକାଇ ଫୁଲ ରଖିଥାନ୍ତି । ଗାଧୋଇ ପାଧୋଇ ଲକ୍ଷ୍ମୀଙ୍କୁ ସୁମରଣା କରି ପୂଜା ଆରମ୍ଭ କରିଥାନ୍ତି । ଲକ୍ଷ୍ମୀ ପୁରାଣ ଅନୁସାରେ ଶ୍ରୀୟା ଚାଣ୍ଡାଲୁଣୀ ଆଦର୍ଶରେ ଲକ୍ଷ୍ମୀମାତାଙ୍କୁ ସନ୍ତୁଷ୍ଟ କରିବାପାଇଁ ମଗୁଶିର ମାସ ପ୍ରତି ଗୁରୁବାର ଦିନ ପ୍ରତି ଓଡ଼ିଆ ଘରର ସ୍ତ୍ରୀ ଲୋକମାନେ ଘରଦ୍ୱାର ଲିପାପୋଛା କରି ଝୋଟି ମୁରୁଜ ପକାନ୍ତି । ଘରର ପ୍ରତି ଦୁଆର ମୁହଁରେ ଲକ୍ଷ୍ମୀଙ୍କୁ ସ୍ୱାଗତ କରିବା ଉପଲକ୍ଷେ ଲକ୍ଷ୍ମୀପାଦପଦ୍ମ ଚିତା ପକାଯାଏ । ଶେଷ ଗୁରୁବାର ଦିନ ମୁଖ୍ୟ ଲକ୍ଷ୍ମୀ ପୂଜା ହୁଏ ।

ଘରର ମାଣ ପେଡିରେ ଲକ୍ଷ୍ମୀଙ୍କ ଧାତବ ପିତ୍ତଳ ମୂର୍ତ୍ତି ଓଡିଆ ଘରର ସନ୍ତକ । ତା ସହିତ ଏ ପେଡିରେ ପୁଜାମାଣ, ପୁଜା ବାସନ, ବର୍ଷ ବର୍ଷଧରି ସନ୍ତକ ଥିବା ଗୋଟା ଗୁଆ ଆଦି ଥାଏ । ମଗୁଶିର ମାସର ଶେଷ ଗୁରୁବାର ଦିନ ମାଣ ପୂଜା ପୂର୍ବ ଦିନ ପୂଜାମାଣକୁ ବିଧି ଅନୁସାରେ ହଳଦିପାଣିରେ ଧୋଇ ଶୁଖାଇ ପୂଜା ଘରେ ପାହାନ୍ତା ପହରୁ  ଲକ୍ଷ୍ମୀଙ୍କୁ ପୂଜାରମ୍ଭ କରାଯାଏ । ଲକ୍ଷ୍ମୀ ପୁରାଣ ମତେ ନୂଆ ଅମଳ ଧାନପୂର୍ଣ୍ଣ ମାଣ ଶୀର୍ଷରେ ଲକ୍ଷ୍ମୀଙ୍କ ମୂର୍ତ୍ତି ସ୍ଥାପନ କରି ଧାନ ମେଣ୍ଟାରେ ଆଭରଣକରି ସୁନ୍ଦର ରଙ୍ଗିନ ଠାକୁର ଶାଢୀରେ ବୋହୂ ବେଶରେ ସଜ୍ଜିତ କରାଯାଏ । ଚାରି କଡରେ ଅମଳ ଧାନ, ମୁଗ, ବିରି, ଆଖୁ, ମୂଳା ଆଦି ସଜାଇ ଓଡିଆ କୃଷି ଉତ୍ପାଦନର ମନବୁଝା ଲକ୍ଷ୍ମୀ ଠାକୁରାଣୀଙ୍କୁ ଆବାହନ କରାଯାଏ । ଠାକୁରାଣୀଙ୍କୁ ସନ୍ତୁଷ୍ଟ କରିବାକୁ ପାହାନ୍ତାରୁ ଛେନା, କଦଳୀ ଆଉ କାଣ୍ଡିଆ କୁଣ୍ଡାର ଚକଟା ତୁଳସୀ ପତ୍ର ସହିତ ଦିଆଯାଏ ।

ତା ପରେ ସକାଳ ରୋଷେଇ କରାଯାଏ - ଗେଟେଇ, ଅଟକାଳି, ଭାତ, ଡାଲି, ତରକାରି, ଖଟା, ଖିରି, ଖେଚୁଡି, ଚକୁଳି, ଛୁଞ୍ଚିପତର, ଆରିସା, ମଣ୍ଡା ପିଠା, ଶାଗ, ଦହିପଖାଳ ଇତ୍ୟାଦି  ପ୍ରସ୍ତୁତ କରି ମା'ଙ୍କୁ ସମର୍ପଣ କରାଯାଏ । ନୂତନ ଧଳାବସ୍ତ୍ର ପରିଧାନ କରି ଏହିଦିନ ସମସ୍ତ ଗୃହିଣୀ 'ଲକ୍ଷ୍ମୀପୁରାଣ' ପାଠ କରିଥାନ୍ତି । 'ଲକ୍ଷ୍ମୀପୁରାଣ'ର ଭୂମିକା ଓଡ଼ିଆ ଗୃହିଣୀମାନଙ୍କ ଚରିତ୍ର ଗଠନରେ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଓଡ଼ିଆ ନାରୀମାନଙ୍କ ଉପରେ ଓଡ଼ିଆ ସଂସ୍କୃତିର ଗୃହ ପରିଚାଳନା ଦାୟିତ୍ୱ ଆଧାତ୍ମିକ ଭାବରେ ଛାପି ଦିଆଯାଉଛି । କାରଣ ଓଡ଼ିଆ ଗୃହିଣୀମାନେ ଓଡ଼ିଆ ସଂସ୍କୃତିର ମୂଳସ୍ତମ୍ଭ । ଓଡ଼ିଆ ନାରୀଟିଏ ପରିବାରର ସମସ୍ତ ଲୋକଙ୍କର ଦାୟିତ୍ୱ ତୁଲାଏ । ଗୃହର ଆସବାବ, ଦୈନିକ ରୋଷେଇ, ସକାଳୁ ସଂଧ୍ୟା ଯାଏ ଠାକୁରଙ୍କ ପୂଜାବିଧି, ଅମଳ ଲବ୍ଧ ଧାନ ଚାଉଳର

ସଂରକ୍ଷଣ, ସନ୍ତାନ ସନ୍ତତିଙ୍କ ଯତ୍ନ, ବନ୍ଧୁବାନ୍ଧବଙ୍କ ଚର୍ଚ୍ଚା ଆଦି ସମସ୍ତ ଘରକରଣା ପାଇଁ ପ୍ରୋତ୍ସାହନ ମିଳେ ଏହି ଲକ୍ଷ୍ମୀ ପୁରାଣରୁ । ଓଡ଼ିଆ ଗୃହିଣୀମାନଙ୍କ ପାଇଁ 'ଲକ୍ଷ୍ମୀପୁରାଣ' ଏକ ପ୍ରୟାସ କହିଲେ ଅତ୍ୟୁକ୍ତି ହେବନାହିଁ ।

ଲକ୍ଷ୍ମୀପୁରାଣର ରଚୟିତା ଶ୍ରୀ ବଳରାମ ଦାସ । ପଞ୍ଚଶଖା ଭାବରେ ପଞ୍ଚଦଶ ଶତାବ୍ଦୀରେ ଗଜପତି ପ୍ରତାପରୁଦ୍ରଙ୍କ ଶାସନକାଳରେ ଏହି ସମାଜ ସଂସ୍କାରକଙ୍କର ରଚନା । ଓଡିଆ ସମାଜରେ ଘରେ ଘରେ ଶ୍ରୀମନ୍ଦିର ସୃଷ୍ଟି କରିବାର ମାନସିକତା ନେଇ ବଳରାମ ଦାସ ଏହି ପୁରାଣ ସହିତ ଦାଣ୍ଡି ରାମାୟଣ ଆଦି ରଚନା କରିଛନ୍ତି । ଜାତିଭେଦ, ସାମାଜିକ ସମ୍ପର୍କ, କୃଷି ସଂରକ୍ଷଣ ଆଦିକୁ ଧାର୍ମିକ ଦୃଷ୍ଟିରେ ସକାରାତ୍ମକ ରୂପରେ ରଚିତ ଏହି ଲକ୍ଷ୍ମୀପୁରାଣ । ଅବଶ୍ୟ ପାଞ୍ଚ ଶହ ବର୍ଷ ତଳେ ଦର୍ପଣ, ଆଲୋକ, ଘରକରଣା କିପରି ଥିବ ତଦାନୀନ୍ତନ ଓଡିଆ ଘର ମାନଙ୍କରେ, ସେ ଦୃଷ୍ଟିରୁ ଅନେକ ସଣ୍ଢଣା ଆଜି ଆମକୁ ଆଜିର ସମାଜରେ ସମୟୋପଯୋଗୀ ମନେ ହୁଏନା । କିନ୍ତୁ ତାଙ୍କର ପରିକଳ୍ପନା ଯାହା ଥିବ, ତାହାର କୋଟି କୋଟି ଗୁଣ ପ୍ରଭାବ ପଡିଛି ପ୍ରତି ଓଡିଆଣୀ ମାନସପଟରେ । ପ୍ରତି ଓଡିଆଣୀ ଲକ୍ଷ୍ମୀ ସାଆନ୍ତାଣୀଙ୍କ ପରି ଶକ୍ତିମନ୍ତ ଆଉ ସ୍ୱର୍ଦ୍ଧିତ । ସିଏ ଗୃହଲକ୍ଷ୍ମୀ । ତାର ପଣତକାନି ସବୁ ସ୍ନେହ, ଧନ ସମ୍ପତ୍ତିର ଆଧାର ।

ଏହି ଲକ୍ଷ୍ମୀପୁରାଣର ରଚନା ଭିତ୍ତିରେ ଲକ୍ଷ୍ମୀବନ୍ତ, ଅଲକ୍ଷଣା, ଅଲକ୍ଷଣୀ ଆମ ଭାଷାର ସାଧାରଣ ଶବ୍ଦ । କିଏ ବିନା କାରଣରେ ଅପବ୍ୟୟ କଲେ କି ଜାଣୁ ଜାଣୁ କ୍ଷତିର ପଥ ବାଛିନେଲେ, ସାଧାରଣରେ ଏମିତି ଶବ୍ଦ ପ୍ରୟୋଗ କରାଯାଏ ।

ଏକ ସୁସ୍ଥ ଓ ଆଦର୍ଶ ପରିବାର ପାଇଁ କ'ଣ ସସବୁ ନିୟମ ମାନିବାକୁ ପଡ଼ିବ ତାହା ଏହି ଲକ୍ଷ୍ମୀପୁରାଣରେ ବର୍ଣ୍ଣନା କରାଯାଇଛି ଯେପରି ଖାଇବା ସମୟରେ ଭୂଇଁରେ ଅନ୍ନ ପକାଇଲେ ଓ ଖାଦ୍ୟ ଫୋପାଡିଲେ ମା' ଅସନ୍ତୁଷ୍ଟ ହୁଅନ୍ତି । ଗୁରୁବାର ଦିନ ଧାନ ଉଁଷେଇଲେ, ଖଇ ଭାଜିଲେ, ତେଲ ଲଗାଇଲେ, ପିଲାଙ୍କୁ ମାରିଲେ, ପୋଡାଖାଦ୍ୟ ଖାଇଲେ, ବାସି ଶେଯରେ ଶୋଇଲେ, ସ୍ତ୍ରୀ ସଙ୍ଗ କଲେ ମା' ଲକ୍ଷ୍ମୀ କୋପ କରନ୍ତି । ଘରୁ ଲକ୍ଷ୍ମୀ ଛାଡିଯାଏ । ଯେଉଁ ନାରୀ ସ୍ୱାମୀଙ୍କୁ ଦେବତା ସମ ମଣିଥାଏ, ସ୍ୱାମୀର ସୁଖ ଦୁଃଖରେ ଭାଗୀ ହୁଏ, ସ୍ୱାମୀଙ୍କର ମନଜାଣି ସେବାକରେ ମା' ଲକ୍ଷ୍ମୀ ସର୍ବଦା ସେହି ନାରୀର ଘରେ ବିରାଜମାନ କରିଥାନ୍ତି । ତେଣୁ ଆମ ଓଡ଼ିଆ ପରିବାରରେ ସ୍ତ୍ରୀମାନେ ସ୍ୱାମୀଙ୍କ ଅନୁଗାମିନୀ ହୋଇଥାଆନ୍ତି । ଯେଉଁ ନାରୀ ଗୁରୁଜନମାନଙ୍କୁ ଭକ୍ତିକରେ ସେବାକରେ, ସାନବଡ଼ ସମସ୍ତଙ୍କୁ ସମାନ ଭାବେ ଦେଖିଥାଏ, ଖାଦ୍ୟ ପରଷିବା ସମୟରେ ପକ୍ଷପାତ କରିନଥାଏ ସେହି ନାରୀର ଘରେ ସର୍ବଦା ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ ପୂରି ରହିଥାଏ । ଘରକୁ ଅତିଥି ଆସିଲେ ଯେଉଁ ନାରୀ ତାଙ୍କର ସେବା କରିଥାଏ ତାକୁ ପୁଣ୍ୟବତୀ ବୋଲି କୁହାଯାଇଥାଏ । ଯେଉଁ ନାରୀ ସନ୍ଧ୍ୟାରେ ମୁଣ୍ଡ କୁଣ୍ଡାଏ, ବାସି ଶେଯରେ ଶୁଏ, ସର୍ବଦା କଳି କରେ, ସ୍ୱାମୀଙ୍କର କଥାକୁ ନ ମାନେ, ବ୍ରାହ୍ମଣ ଓ ଅତିଥିରେ ବିଶ୍ୱାସ କରେ ନାହିଁ ତା' ଘରେ ଲକ୍ଷ୍ମୀ ରୁହନ୍ତି ନାହିଁ । ଯେଉଁନାରୀ ଆପଣାର କୁଳଧର୍ମ ନ ଛାଡ଼ି ସବୁବେଳେ ଉତ୍ତମ ବ୍ୟବହାର କରେ ତା'ର ପାଖେ ପାଖେ ଲକ୍ଷ୍ମୀ ରହିଥାନ୍ତି ।

ଦେଖିବାକୁ ଗଲେ ଓଡ଼ିଆ ସମାଜରେ ଗୃହିଣୀମାନଙ୍କୁ 'ଲକ୍ଷ୍ମୀପୁରାଣ' ଦ୍ୱାରା ଧାର୍ମିକ ଅନୁଶାସନରେ ନିୟନ୍ତ୍ରିତ କରିବାପାଇଁ ସମସ୍ତ ପ୍ରକାର ପ୍ରୟାସ କରାଯାଇଛି । ଘରର ସ୍ତ୍ରୀଲୋକମାନଙ୍କୁ ପ୍ରଭୁ ଶ୍ରୀ ଜଗନ୍ନାଥ ଓ ବଡ଼ ଠାକୁର ଲକ୍ଷ୍ମୀଙ୍କୁ ଘରୁ ତଡ଼ିଦେବାରୁ ଭୋକ ଉପାସରେ ଦୁଆର ଦୁଆର ବୁଲି ଭିକ୍ଷା ମାଗିଛନ୍ତି । ଶେଷରେ ଜଗନ୍ନାଥ ଓ ବଳଭଦ୍ର ଅନୁତାପ କରି ଲକ୍ଷ୍ମୀଙ୍କ ନିକଟରେ ଶରଣାପନ୍ନ ହୋଇ ଶ୍ରୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଅନୁରୋଧ କରିଛନ୍ତି । ଏହି ପୁରାଣରେ ସାଂସ୍କୃତିକ ସଚେତନତା ସହିତ ଅସ୍ପୃଶ୍ୟ ନିବାରଣ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଏହି ପୁରାଣ ମାଧ୍ୟମରେ ସାମାଜିକ ଓ ଧାର୍ମିକ ନୀତି ଆଦର୍ଶ ଉପସ୍ଥାପନ କରାଯାଇଛି । ଏହି ପୁରାଣର ରଚୟିତା ବଳରାମ ଦାସ ପ୍ରତ୍ୟେକ ଗୃହିଣୀକୁ ଆଦର୍ଶ ଗୃହଲକ୍ଷ୍ମୀ କରାଇବା ସହିତ ଓଡ଼ିଶାର ସାଂସ୍କୃତିକ ପରମ୍ପରାକୁ ଉଦ୍‌ଜୀବିତ କରାଇବା ପାଇଁ ପ୍ରୟାସ କରିଛନ୍ତି ।

ଓଡ଼ିଆ ଜାତି ଧର୍ମ ବିଶ୍ୱାସୀ । ଧର୍ମ ହେଉଛି ମାନବ ଜାତିର ଜୀବନଶକ୍ତି । ଜନ ସମାଜରେ ରୀତିନୀତି, ଆଚାର ବ୍ୟବହାର ଲୋକଧର୍ମ ରୂପେ ଅଭିହିତ । ଓଡ଼ିଆ ପରିବାରରେ ଯେଉଁ ସ୍ତ୍ରୀ ଗୁରୁବାର ଦିନ ଲକ୍ଷ୍ମୀପୁରାଣ ପାଠ କରିବା ଓ ଶୁଣିବ ଜନ୍ମଜନ୍ମାନ୍ତର ଧରି ତା'ର ପାପ କ୍ଷୟ ହେବ ଓ ସେ ବୈକୁଣ୍ଠ ପ୍ରାପ୍ତି କରିବ ଏହି ବିଶ୍ୱାସ ନେଇ ପ୍ରତ୍ୟେକ ଗୃହିଣୀ ଲକ୍ଷ୍ମୀ ପୁରାଣର ପବିତ୍ରତାକୁ ଆଦରି ନେଉଛନ୍ତି । ତେଣୁ ଲକ୍ଷ୍ମୀଙ୍କ ପୂଜା ଓ ଆଦର ସବୁ ହିନ୍ଦୁ ଘରେ ପ୍ରଚଳିତ । ଲକ୍ଷ୍ମୀପୁରାଣ ଓ ଲକ୍ଷ୍ମୀ ପୂଜାର ପରମ୍ପରା ଯେତେ ପୁରାତନ ହେଲେ ମଧ୍ୟ ତା'ର ନିଷ୍ଠା ଓ ମହତ୍ୱ ପାଇଁ ଓଡ଼ିଆ ଜୀବନରେ ଅତି ଜନପ୍ରିୟ ଓ ପ୍ରଭାବଶାଳୀ ହୋଇ ରହିଯାଇଛି । ଏକ ସୁସ୍ଥ ସମାଜ ଗଠନ ଉଦ୍ଦେଶ୍ୟରେ ସମଗ୍ର ଓଡ଼ିଆ ଜାତି ପାଇଁ 'ଲକ୍ଷ୍ମୀପୁରାଣ' ଅତୀତ ବର୍ତ୍ତମାନ ପାଇଁ ଅପୂର୍ବ ପ୍ରେରଣାର ଉତ୍ସ ରୂପେ ଗୃହୀତ ହୋଇଛି ଓ ଭବିଷ୍ୟତ ପାଇଁ ଗୃହୀତ ହେବ । ଓଡ଼ିଶାର ପରମ୍ପରାରେ 'ଲକ୍ଷ୍ମୀପୁରାଣ'ର ପ୍ରଭାବ ଅପରିସୀମ ଓ ଓଡ଼ିଆ ଗୃହିଣୀଙ୍କ ଜୀବନଦାରାକୁ ସୁଦୃଢ଼ କରିବା ପାଇଁ ଏହାର ମୂଲ୍ୟ ଅମୂଲ୍ୟ । ଏହା ଏକ ଚିରନ୍ତନ ଓ ଶାଶ୍ୱତ ସୃଷ୍ଟି ।

**ଶିକ୍ଷୟିତ୍ରୀ,** ଜି-୧୦୨, ବ୍ୟାସଭବନ
ଶ୍ରୀକ୍ଷେତ୍ର ଭକ୍ତ ନିବାସ, ଗ୍ରାଣ୍ଡରୋଡ୍, ପୁରୀ
ମୋ- ୯୪୩୯୦୧୨୨୬୭

# ଓଡ଼ିଆ ମୁଁ, ମନ ମୋର କୁଣ୍ଢେ ମୋଟ

**ବିରଞ୍ଚି ନାରାୟଣ ପଟ୍ଟନାୟକ**

ମୁଁ ଓଡିଆ ବୋଲି ଯେବେ ମନକୁ ଆସେ, ମନରେ ଖୁବ୍ ଗର୍ବ ଆସେ । କାହିଁକି ବା ଗର୍ବ ନ ଆସିବ? ମାଟି, ପାଣି ପବନରୁ ସୃଷ୍ଟି ହୋଇଛି ଯେତେବେଳେ, ସେଇ ମାତୃଭୂମିର ମନୋରମ ପ୍ରକୃତି, ଦିନ ରାତି, ଖରା ବର୍ଷା, ସ୍ୱର ଶବ୍ଦ ଆଉ ମହକ ମନରେ ସାଗରର ଢେଉ ପରି ତରଙ୍ଗାୟିତ ହେଉଛି । ତା ସହିତ ଏଇ ଜାତିର ଅତୀତ, ବୀରତ୍ୱର ଗାଥା, କଳା ସ୍ଥାପତ୍ୟର ଆଭିଲେଖ, ବାଣିଜ୍ୟର ଉଦାହରଣ ଆଉ ଆଧ୍ୟାତ୍ମିକତାର ପରିଚୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ।

ଓଡିଆ ପ୍ରକୃତରେ ସ୍ୱାଧୀନଚେତା । ଏ ଜାତି ସହି ପାରେନି ପରାଧୀନତା, ଉପନିବେଶବାଦ । ଦୁର୍ଦ୍ଧର୍ଷ ବ୍ରିଟିଶ୍ ସରକାର ଯେବେ ଓଡିଶାରେ ପାଦଦେଲେ, ଏହି ଜାତି ସତର୍କ ହୋଇଗଲା ପରାଙ୍ଗପୁଷ୍ଟ ବିଦେଶୀମାନଙ୍କର ପଦଚାରଣରେ । ବିଦ୍ରୋହ କରି ଉଠିଲା ଖୋରଧା ଗଡରୁ । ଜୀବନକୁ ଭୟ ନକରି ବହୁ ବର୍ଷ ସଂଘର୍ଷ କରିଚାଲିଲା ବିଶାଳ ଶକ୍ତି ବିରୁଦ୍ଧରେ । ବହୁ ପ୍ରାଣବଳି ଦେଲେ, ଜୀବନ ହରାଇଲେ ଦେଶମାତୃକା ପାଇଁ । ଆଜି ଆମେ ଖୋରଧା ପାଇକ ବିଦ୍ରୋହକୁ ନୂତନ ଭାବରେ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ଉଜ୍ଜ୍ୱଳିତ କରୁଛୁ । ଇତିହାସ ଅଜାଣତରେ ଉପେକ୍ଷା କରିଯାଇଥିବା ସତ୍ୟତାକୁ ପୁନଃ ପ୍ରତିଷ୍ଠା କରୁଛୁ । ମାତ୍ର ଏହାକୁ ଓଡିଆ ଜାତିର ନିଜତ୍ୱ ଆଉ ଅପୂର୍ବ ସାହସିକତା କୁହାଯିବ ନାହିଁ କି? ଯେଉଁ ଓଡିଆ ସୁପୁତ୍ର ମାନଙ୍କ ମାନସପଟରେ ଏମିତି ମାତୃଭକ୍ତି ଜାତ ହୋଇଛି, ସେଇ ମାନସିକତାର ଧାରଟିଏ ପ୍ରତିଟି ଓଡିଆ ମନରେ ନିଶ୍ଚିତ ରହିଛି । ସ୍ଥାନ କାଳରେ ଏହାର ଅଙ୍କୁରୋଦ୍‌ଗମ ଅବଶ୍ୟମ୍ଭାବୀ ! ସେଇ ପ୍ରଚ୍ଛନ୍ନ ଅନ୍ତର୍ନିହିତ ଶକ୍ତି ଯେ ସମନ୍ୱିତ ହୋଇ ଓଡିଆ ଜାତିକୁ ବିଶିଷ୍ଟ ସମ୍ମାନିତ କରିବ, ଏଥିରେ ସନ୍ଦେହ ନାହିଁ ।

ମନ୍ଦିରମୟ ମୋର ମାତୃଭୂମି । କଳା ଓ ଭାସ୍କର୍ଯ୍ୟର ନମୁନା ରଚି ଯାଇଛନ୍ତି ମୋର ପୂର୍ବ ପୁରୁଷମାନେ । ଏତେ ଉଚ୍ଚ ମନ୍ଦିର ଭାରତବର୍ଷରେ ଏତେ ସଂଖ୍ୟାରେ କେଉଁଠି ନାହିଁ ମୋ ଜନ୍ମଭୂମି ଉତ୍କଳ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ । ମାଳ ମାଳ ମନ୍ଦିର ଆଜି ନାମକରଣ ଆଣେ ମନ୍ଦିରମାଳିନୀ ଏକାମ୍ର କ୍ଷେତ୍ର ଭାବରେ । କେତେ ଥିଲେ ଶିଳ୍ପୀ ଆଉ ଶିଳାଶିଳ୍ପର ଶିକ୍ଷା ପାଇଲେ କେଉଁଠୁ? ସେଇ ଭାବନା ଯଦି ମନକୁ ଆସେ, ମୋ ପୂର୍ବ ପୁରୁଷଙ୍କ ବହୁ ବର୍ଷର ଅଭିଜ୍ଞତା ବଳରେ ସ୍ୱତନ୍ତ୍ର ଉତ୍କଳୀୟ ଶିଳାଶିଳ୍ପ ଗଢି ଉଠି ଥିବାର ଚେତନା ଆସେ । ଧନ୍ୟ ଆମର ଉତ୍କଳର ନୃପତିଙ୍କୁ । ଏହି ପଥରରେ ସୂକ୍ଷ୍ମ କାରୁକାର୍ଯ୍ୟକୁ ଆଦରି ନେଇ ପ୍ରୋତ୍ସାହନ ଦେଇଥିଲେ ଦେବାଦବୀଙ୍କ ମନ୍ଦିର ତୋଳାଇବାରେ, କାହାର ସ୍ମୃତିରେ ଅବା ବିଜୟର ଚିରସ୍ଥାୟୀ ସ୍ମାରକୀ ଗଢି ତୋଳିଥିଲେ ଅପୂର୍ବ କଳାନୈପୁଣ୍ୟରେ । ଏମିତିକି ଆମର ଶିଳ୍ପୀ କାହିଁକି, ଆମର ନୃପତି ବି ଖୁସିରେ ଏତେ ନିମଗ୍ନ ହୋଇ ଉଠିଥିଲେ, କୌଣସି ଶିଳ୍ପୀ କିମ୍ବା ମନ୍ଦିରର ନିର୍ମାଣକର୍ତ୍ତାଙ୍କ ନାମ ଖୋଦନକୁ ଗୁରୁତ୍ୱ ଦେଇ ନଥିଲେ । ଏହା ହିଁ ଉତ୍କଳୀୟ ଗୁଣ । ଆତ୍ମ ପ୍ରଚାର ବା ଆତ୍ମ ବଡିମାର ପରିପନ୍ଥୀ ଏ ଓଡିଆ ଜାତି । ଦିନକୁ ଦିନ ତହୁଁ ବଳା ତହୁଁ ବଳା କୀର୍ତ୍ତି ରଚି ଚାଲିବେ, ମନରେ କାଣିଚାଏ ଆତ୍ମଗର୍ବ ନାହିଁ । କୋଣାର୍କ ସୂର୍ଯ୍ୟ ମନ୍ଦିର ଆଜି ଯେଉଁ ଅବସ୍ଥାରେ ଥାଉ, ସେକାଳର ଉତ୍କଳୀୟ ଶିଳ୍ପୀର ସୂକ୍ଷ୍ମାତିସୂକ୍ଷ୍ମ ଦକ୍ଷତା ଆଉ ମୂଲ୍ୟବୋଧ ପରିପ୍ରକାଶ କରେ । ମୋ ଜାତିର ସେହି ପୁରୁଷର ଦକ୍ଷତା ଆଉ ପାରଙ୍ଗମତା ନେଇ ମନରେ ଗର୍ବ ଆସେ ନିଶ୍ଚୟ । ଛଅ ଶହ ବର୍ଷ ତଳେ ମୋ ପୂର୍ବପୁରୁଷ ଏଭଳି କାରୁକାର୍ଯ୍ୟ ରଚିତ ବିଶାଳ ଶିଳାରେ ନଭଶ୍ଚୁମ୍ବୀ ମନ୍ଦିର ତୋଳି ତା ସାମନାରେ ହାତୀ ଓ ସିଂହର ପରାକ୍ରମ ଦର୍ଶାଇ ବଙ୍ଗ ବିଜୟର ବିଜୟ-ସ୍ତମ୍ଭର ପରିଚୟ ଦେଇଯାଇଛନ୍ତି ।

ଓଡିଆ ଆଧ୍ୟାତ୍ମିକତାକୁ ଶିଖରରେ ରଖିଯାଇଛନ୍ତି ଉତ୍କଳୀୟ ନୃପତି ବର୍ଗ । ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଉପରେ ଆକ୍ରମଣ, ତାଙ୍କୁ ଗୁପ୍ତରେ ଲୁଚାଇ ରଖି ବା ସହିତ ତାଙ୍କୁ ପୁନର୍ବାର ରତ୍ନବେଦୀରେ ବସାଇ ସର୍ବଧର୍ମ ସଂଶ୍ଳିଷ୍ଟ କରିବା ଆମ ଉତ୍କଳୀୟ ଉଦାରତା ଓ ଦର୍ଶନର ଜ୍ୱଳନ୍ତ ଉଦାହରଣ । ଦେଶର ବିଶିଷ୍ଟ ଧାର୍ମିକ ମତବାଦ ଗୁଡିକ ଢଳି ପଡିଛନ୍ତି ଜଗନ୍ନାଥଙ୍କ ପାଦତଳେ । ଦେବତାଙ୍କ ଆଦର୍ଶରେ ରାଜ୍ୟ ଓ ପ୍ରଜାଙ୍କୁ ଚଳାଇବା ପାଇଁ ଉତ୍କଳର ନୃପତି ନିଷ୍ପତ୍ତି ନିଅନ୍ତି ଶ୍ରୀ ଜଗନ୍ନାଥଙ୍କର ମାନବୀୟ ଲୀଳା ରଚିବାକୁ । ଶହ ଶହ ବର୍ଷ କେବଳ ଉତ୍କଳ ନୁହେଁ, ସାରା ଭାରତ ଏମିତି କି ଆଜି ସମ୍ପୂର୍ଣ୍ଣ ବିଶ୍ୱ ଆଚମ୍ବିତ ହୁଏ ରଥଯାତ୍ରାରେ, ବଡ ଦେଉଳରେ ଠାକୁରଙ୍କ ବିଧିରେ କୌଣସି ବିଳମ୍ବ ଘଟିଲେ ମନରେ ଗ୍ଲାନି ଆସେ ସମଗ୍ର ବିଶ୍ୱର । କୋଟି କୋଟି ଆତ୍ମା ସନ୍ତୋଷ ଲାଭ କରନ୍ତି

ଯାହାର ଚକାଆଖି ଦର୍ଶନରେ । ମଣିଷର ସବୁ ଜ୍ଞାନ ବିଜ୍ଞାନ ଢଳି ପଡିଛି ସେଇ ଶୂନ୍ୟ ଦେବଙ୍କ ଜଗନ୍ନାଥ ରୂପରେ । ସେଇ ପରମାନନ୍ଦଙ୍କୁ ମାନବ ରୂପରେ ଅବତାରଣା କରି ଜୀବନ କଟାଇଦେବା ହୋଇଛି ଓଡିଆ ଜୀବନ ଦର୍ଶନ । ମୃତ୍ୟୁ ନାହିଁ ଓଡିଆ ଆତ୍ମାର । ତା ପାଇଁ ପ୍ରଭୁଙ୍କ ପଦାରବିନ୍ଦ ହିଁ ପରମ ଲକ୍ଷ୍ୟ ।

ଆଉ ମୋ ଜନ୍ମଭୂମି ଅପରୂପା ଓଡିଶା । ପାଦ ଲମ୍ୱାଇ ବସିଛି ପୂର୍ବର ସୂର୍ଯ୍ୟଦେବଙ୍କୁ ମୁହଁ କରି । ପାଦ ଦୁଇଟି ଲହରୁଛି ମହୋଦଧିର ନୀଳ ଜଳରାଶିରେ । ଶରୀରଟି ତାର ସବୁଜିମାରେ ପୂରି ରହିଛି । ସବୁଠାରେ ଆନନ୍ଦ ହିଁ ଆନନ୍ଦ । ବଣ, ଜଙ୍ଗଲ, ନଦୀ ନାଳ, ପାହାଡ ପର୍ବତ ଆଉ ବଣ୍ୟ ପ୍ରାଣୀ ସମସ୍ତେ ଆନନ୍ଦରେ ବିଭୋର । ସେମାନେ ଦେଶ ମାତୃକାର, ସେମାନେ ସ୍ୱତନ୍ତ୍ର, ସେମାନେ ଉତ୍କଳୀୟ । ପ୍ରକୃତି ଅକୁଣ୍ଠଚିତରେ ଢାଳି ଦେଇଛି ନିଜର ସମସ୍ତ ସମ୍ଭାର । ଏହି ଉତ୍କଳରେ ।

ନ ଦେଖିଲେ ବି କାନ ଡେରି ଶୁଣେ ଏ ଓଡିଆ । ଅତୀତର ଗର୍ବ ଆଉ ଗୌରବ ଆମର ସାଧବ ପୁଅ ଆଉ ଉତ୍କଳ ବୋଇତ । ସଭ୍ୟତାର କେଉଁ ଅମା ଅନ୍ଧକାରରୁ ବାଟ ଦେଖିଲାଣି ସୁଦୂର ସୁବର୍ଣ୍ଣ ଦ୍ୱୀପକୁ । କେତେ ନିଏ କେତେ ଆଣେ ଜଣା ନ ହେଲେ ବି ମନ ପୂରିଯାଏ ଆଜି ପାଠକର । ପୂର୍ବଜ ତାହାର, ଗଢିପାରେ ବିଦେଶରେ ଅନେକ କଳିଙ୍ଗ ଓ ଅନେକ ଶ୍ରୀକ୍ଷେତ୍ର । ଭାଷା ଧର୍ମ ବାଣ୍ଟିପାରେ ସେଠି । ତଥାପି ବି ବୋହି ଆଣେ ସୁନାର ଭଣ୍ଡାର, ମସଲା ଦୀପ ଅଭ୍ୟନ୍ତର ଭେଦି ଜାଣେ । ବହୁ ଉପଢୌକନ ଯାଚେ ଲେଉଟାଣିରେ କଳିଙ୍ଗ ନୃପତିଙ୍କୁ । ନ କହିଲେ ବି ନୃପତି କୃତଜ୍ଞତା ଜ୍ଞାପନ କରନ୍ତି, ତୋଳି ଅନେକ ପାଗୋଡା ମହୋଦଧି କୂଳେ କୂଳେ । ଖୁସି ହେବ ଫେରନ୍ତା ସାଧବ !

ଓଡିଆର ପରିବାର, ଗାଁ ଗଣ୍ଡାର ସଂସାର । ସବୁ କ୍ଷୁଦ୍ରାକାର ପୁରୀ ଶ୍ରୀମନ୍ଦିର । ସକାଳୁ ସନ୍ଧ୍ୟା କି ଶୟନ ପର୍ଯ୍ୟନ୍ତ, ସବୁ ବେଳେ ମନକୁ ଆସିଯାଏ । ଶ୍ରୀଜଗନ୍ନାଥଙ୍କ ଲୀଳା । କାଣିଚାଏ ହସ ମନେପଡେ, ଅନେକ ମୁରିକି ହସ । କର୍ମମୁଖର ଓଡିଆ । ମନରୁ ତାର ଉତ୍ସାହ ପାଏ । କେବେ ଯଦି ବିଷାଦର କଳା ମେଘ ପରି ଢାଙ୍କି ବସେ ମନକୁ ତାର, ଦୂର ହୋଇଯାଏ ସବୁ ପ୍ରତିବନ୍ଧ ଶ୍ରୀମୁଖ ସ୍ମରଣେ । ବାରମାସର ତେର ପର୍ବରେ ହେଉ କି କୌଣସି ପଞ୍ଜିକା ଖୋଲିଲେ, ପ୍ରଭୁ ରଚନ୍ତି ନିଜ ଭାଷ୍ୟ । ଆଧ୍ୟାତ୍ମିକ ବାଣୀ । ବାର ମାସର ତେର ପର୍ବ । ପାଞ୍ଜିକାର ଘଟସୂତ୍ର ସାଜେ । କେତେ ଯେ କର୍ମଠ ଓଡିଆଙ୍କୁ ବତାଏ, ପ୍ରେରଣା ଭରି ରହିଚି ଶ୍ରୀଜଗନ୍ନାଥ ସ୍ମରଣରେ ।

ଆମର ଓଡିଶୀ ନୃତ୍ୟ । ତ୍ରୀଭଙ୍ଗୀରେ ବିଶାଳ ପରିପ୍ରକାଶ । ଏମିତି ପୂର୍ଣ୍ଣାଙ୍ଗ ନୃତ୍ୟ ଅନ୍ୟତ୍ର ବିରଳ । ବିଶ୍ୱର କୋଣ ଅନୁକୋଣରୁ ନିମନ୍ତ୍ରଣ ଆସେ ନୃତ୍ୟ ବିଶେଷଜ୍ଞ ମାନଙ୍କୁ ନିଜର କୃତି ପ୍ରଦର୍ଶନ ପାଇଁ । ହଜି ଯାଇଥିବା ଏଇ ଓଡିଶୀର ତରଙ୍ଗ ଇତିହାସରୁ ପୁଣି ଗୋଟାଇବା ପାଇଁ । କେତେ କୃତିତ୍ୱର ସହ ପୁନଃ ସଂଗୃହୀତ ମନ୍ଦିର ଗାତ୍ରର ସେଇ ମାନସୀ ତରୁଣୀର ପ୍ରସାଧନ ବେଶ ଅବା ସେ ଶାଳଭଞ୍ଜିକାର ମନଲୋଭା ହସ । ଏ ଜାତିର ଦମ୍ ଅଛି । ନିଜ ଭାଷା କି ସଂସ୍କୃତିକୁ ଦଣ୍ଡାୟମାନ କରିବାରେ ଜାତୀୟ ବା ଆନ୍ତର୍ଜାତୀୟ ମଞ୍ଚରେ ।

ସଭ୍ୟତାର ବିବର୍ତ୍ତନରେ ଓଡିଆର ରାଣୀହଂସପୁର ନୃତ୍ୟନାଟିକା ସମାରୋହରୁ ଝରୁଛି ଅନ୍ତରର ଭାଷା । ସେଇ ଭାଷା ଅନବଦ୍ୟ ହୋଇଗଲେ ହେଁ ମନ୍ଦିରଗାତ୍ରର ବିରହିଣୀ ଆଜିର ଦର୍ଶକ ମନରେ ସ୍ୱତଃ ଫୁଟାଇ ପାରୁଛି ସହାନୁଭୂତିର ଆବେଗ । ଯେତେବେଳେ ଏହି ଭାଷାକୁ ସଂକଳନ ଆୟତନରେ ମାପି ତାର ସ୍ଥିତି ନିର୍ଣ୍ଣୟ କରାଯାଏ, ଓଡିଆ ଭାଷା କି ନା ବାଦ ପ୍ରତିବାଦ ଉଠେ, ସ୍ୱାଭିମାନୀ ଓଡିଆ ଲେଖନୀ ଗଢିପାରେ ଭାଷାର ବିପ୍ଳବ, ସାଉଁଟି ପାରେ ପ୍ରତ୍ନତତ୍ତ୍ୱରେ ଭରି ରହିଥିବା ଓଡିଶାର ପଥର କାନ୍ଥରେ ସର୍ବ ପ୍ରାଚୀନ ବିଭବ, ତୋଳି ପାରେ ଗର୍ବରେ ନିଜର ପାରମ୍ପରିକ ଶାସ୍ତ୍ରୀୟ ମାନ୍ୟତା । ମାନ୍ୟତା ସାର୍ଥକ କରେ କବି ଓ ଲେଖକ ମାନଙ୍କର କଳିଙ୍ଗ ଉତ୍କଳ ଓଡିଶା କାହାଣୀ । ଏହି ସମୃଦ୍ଧି ପ୍ରତିଟି ଓଡିଆକୁ ଅନୁପ୍ରାଣିତ କରେ ପୁସ୍ତକଟିକୁ ତନ୍ନ ତନ୍ନ କରି ପଢି ଖୋଜିବାକୁ ନିଜ ଜାତିର କଥା, ନିଜ ମାତାର ଗାଥା ।

ଓଡିଆ ପୁଅ । ରୂପରେ ଗୁଣରେ ସ୍ୱତନ୍ତ୍ର । ବିଶ୍ୱାସୀ ଆଉ ବିଶ୍ୱାସର ବନ୍ଧୁ । ଧର୍ମର ଗଭୀରରେ ବ୍ୟବହାର, ଅଧର୍ମକୁ ନିନ୍ଦା କରେ । ପରିବାରରେ ଓଡିଆ ଯୌଥ ମାନସିକତା । ଅଭାବ ଅନାଟନରେ ନିରବରେ ଭୋକ ଉପାସରେ ବି ଗୁରୁଜନଙ୍କ ଯତ୍ନ, ନିର୍ଭରଶୀଳ ପରିବାରର ସୁରକ୍ଷା ଓଡିଆ ଜାତିର ଗୃହ ପରମ୍ପରା । ଦୁନିଆ ଯାକର ଦୃଶ୍ୟ ଆଜି ମାଡି ପଡୁଛି ଓଡିଆ ମନରେ । ଘର, ଗାଁ, ଜାତି ସବୁ ଉପରେ ସ୍ୱାର୍ଥ ଆଉ ଅମାନୁଷିକ ବିଭୀଷିକା । ଦ୍ୱନ୍ଦ୍ୱରେ ଓଡିଆ ଯୁବପିଢି ।

ନିଶ୍ଚୟ ଆଦରିନେବେ ନିଜ ପରମ୍ପରା । ଓଡିଆ ଗୁଣର ପସରା । ମୁଁ ଓଡିଆ ।

ବନ୍ଦେ ଉତ୍କଳ ଜନନୀ ।


୯୯, ଜଗମୋହନ ନଗର, ଜାଗମରା,

ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦

ମୋ - ୮୭୬୩୨୧୧୪୪୬


✠✠✠

# ଆମ ଓଡ଼ିଆଙ୍କ ମତିଗତି: କେଉଁଠି ହେଲାଣି ରାଜନୀତି

**ପ୍ରଫେସର ପ୍ରତାପ ଚନ୍ଦ୍ର ସ୍ୱାଇଁ**

ଶିକ୍ଷା ବା ରାଜନୀତିରେ ଅଂଶଗ୍ରହଣ ଓଡିଆଙ୍କ ପାଇଁ ଯେତିକିରେ ଥାଉ, ସେମାନଙ୍କର ପସନ୍ଦ ଆହୁରି ଅନେକ ଉପାଦାନ ଉପରେ ନିର୍ଭର କରେ । ଏଇଟା ଦେଶର ଗୋଟିଏ ରାଜ୍ୟ ଯେ କି ସ୍ୱାଧୀନତା ପରଠାରୁ ଜାତୀୟ ସ୍ରୋତରୁ ଗୋଠଛଡା ପରି ଲାଗେ । ଓଡିଶାର ବିକାଶର ଧାରା ଯାହା ହେଉନା କାହିଁକି କାଳେ କାଳେ ପ୍ରତି ଓଡିଆର ପସନ୍ଦ ସ୍ୱତନ୍ତ୍ର । ଏମିତି ୬୮ ବର୍ଷର ନିଜର ରାଜନୈତିକ ପସନ୍ଦକୁ ବଳି ପଡିଲା ବିଗତ କେଇମାସ ତଳେ ହୋଇଥିବା ସାଧାରଣ ନିର୍ବାଚନ-୨୦୧୯ । ପ୍ରତି ଓଡିଆ ମନ, ମୂନ ଆଉ ଚଇତନ ରାଜନୀତି ପିଢିରେ ଅବଲୋକନ କରେ, ଦୁଇ ବ୍ୟକ୍ତିତ୍ୱ - ଦୁଇ ପୃଥକ୍ ମନ୍ତ୍ର । ମାତ୍ର ଜାହିର କଲେ ନିଜସ୍ୱ । କେବଳ ସମସ୍ତଙ୍କୁ ଚମକାଇଲା ପରି ନୁହେଁ, ଏ ଦୁଇ ବ୍ୟକ୍ତିତ୍ୱଙ୍କୁ ମଧ୍ୟ । ସଜାଗ ନାଗରିକ । ପସନ୍ଦ ସ୍ୱତନ୍ତ୍ର, ଇଚ୍ଛାଶକ୍ତି ସୁସ୍ପଷ୍ଟ । କାହାକୁ କିପରି ବାଛିବେ । କାହାକୁ କେଉଁଠି ବସାଇବେ ।

ସାଧାରଣ ନିର୍ବାଚନ ୨୦୧୯ ଭାରତର ରାଜନୀତିରେଏକ ନୂଆ ମୋଡ ଆଣିଦେଇଛି । ପୁଣିଥରେ ଏକ ଦଳୀୟ ପ୍ରାଧାନ୍ୟ ଫେରି ଆସିବା ସହିତ ଆମ ଦେଶର ରାଜନୀତି ଅଧିକ ବ୍ୟକ୍ତିକୈନ୍ଦ୍ରିକ ହୋଇପଡିଛି । ବିଶିଷ୍ଟ ବିରୋଧୀ ଦଳଗୁଡିକ ଏହି ନିର୍ବାଚନକୁ ଭାରତୀୟ ଜନତା ପାର୍ଟି ବନାମ ନ କରି ନରେନ୍ଦ୍ର ମୋଦୀ ବନାମ କରିଥିଲେ । ଆହୁରି ମଧ୍ୟ ନିଜ ନିଜ ମଧ୍ୟରେ ଅନ୍ତର୍ବିବାଦ ଆଉ ରାଜନୈତିକ ଅବସରବାଦୀତାର ଶିକାର ହୋଇ ବିରୋଧୀମାନେ ସଂଯୁକ୍ତ ମେଣ୍ଟ ଗଢିବାରେ ବିଫଳ ହୋଇଥିଲେ । ସୁତରାଂ ବିରୋଧୀଦଳ ଗୁଡିକର ଅପରିପକ୍ୱତା ପାଇଁ ଭାରତର ରାଜନୀତି ଜବରଦସ୍ତ ମୋଦୀ ସୁନାମୀରେ ଟଳିବାକୁ ଲାଗିଲା । ଦେଶର ମତଦାତା ବିକଳ୍ପ ଅଭାବରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ବିଜେପିକୁ ଲୋକସଭାରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ଭେଟିଦେଲେ ।

ଅପରପକ୍ଷରେ ଓଡିଶାର ରାଜନୀତି ମଧ୍ୟ ନିରବଚ୍ଛିନ୍ନ ଭାବରେ ବ୍ୟକ୍ତିକୈନ୍ଦ୍ରିକ ହେବାରେ ଲାଗିଛି । ଓଡିଶାରେ ବିଧାନସଭା ଓ ଲୋକସଭା ନିର୍ବାଚନ ଏକତ୍ର ଅନୁଷ୍ଠିତ ହୋଇଥିଲା । ଏଠାରେ ପ୍ରମୁଖ ବିରୋଧୀଦଳ ଯଥା ବିଜେପି ଓ କଂଗ୍ରେସ ନିର୍ବାଚନକୁ ନବୀନ ବନାମ କରି ବହୁତ ବଡ ଭୁଲ୍ କରିଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସମ୍ମାନରେ ବିକଳ୍ପ ପ୍ରସ୍ତୁତ କରିବାରେ ବ୍ୟର୍ଥ ହୋଇ ବିରୋଧୀଦଳ ଗୁଡିକ ନବୀନଙ୍କର ବ୍ୟକ୍ତିଗତ ଜୀବନଶୈଳୀ ଉପରେ ଅନେକ ପ୍ରଶ୍ନବାଚୀ ଉଠାଇଥିଲେ । ପରୋକ୍ଷ ଭାବରେ ଓଡିଆ ଜନମାନସରେ ନବୀନଙ୍କ ପ୍ରାସଙ୍ଗିକତା ଆହୁରି ବଢିଯାଇଥିଲା । ଫଳରେ ଓଡିଆ ମତଦାତାଙ୍କ ବଳିଷ୍ଠ ସମର୍ଥନରେ ନବୀନ ପଟ୍ଟନାୟକଙ୍କର ବିଜେଡି ୨୦୧୯ ମସିହା ଓଡିଶା ବିଧାନସଭା ସାଧାରଣ ନିର୍ବାଚନରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କଲା । ନବୀନ ପଟ୍ଟନାୟକ ପଞ୍ଚମଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇ ନୂଆ ରେକର୍ଡ ସୃଷ୍ଟି କଲେ ।

ଉପରୋକ୍ତ ଆଲୋଚନାରୁ ଏହା ଅତ୍ୟନ୍ତ ସ୍ୱଷ୍ଟ ଯେ, ସର୍ବଭାରତୀୟ ରାଜନୀତି ଏବଂ ଓଡିଶାର ରାଜନୀତି ସାଂପ୍ରତିକ ପରିସ୍ଥିତିରେ ବ୍ୟକ୍ତିକୈନ୍ଦ୍ରିକ ହୋଇ ପଡିଛି । ଦୁଇ ଭିନ୍ନ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ନିଜର ରାଜନୈତିକ କାୟା ବିସ୍ତାର କରି ନିଜ ନିଜ ଦଳକୁ ଶିଖର ସ୍ଥାନରେ ପହଞ୍ଚାଇ ପାରିଛନ୍ତି । କେନ୍ଦ୍ରରେ ବିଜେପି ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱରେ ଏବଂ ଓଡିଶା ରାଜ୍ୟରେ ବିଜେଡି ନେତୃତ୍ୱରେ ନବୀନ ପଟ୍ଟନାୟକଙ୍କ ଅପ୍ରତିଦ୍ୱନ୍ଦ୍ୱୀ ନେତୃତ୍ୱରେ ପ୍ରାଧାନ୍ୟ ସ୍ପଷ୍ଟ କରିଛନ୍ତି । ସାଧାରଣ ନିର୍ବାଚନ ୨୦୧୯ ଭିନ୍ନ ଭିନ୍ନ ପରିପ୍ରେକ୍ଷୀରେ ଦଳୀୟ ରାଜନୀତି ବ୍ୟବସ୍ଥାକୁ ଏକ ନୂଆ ସ୍ୱରୂପ - 'ଏକ ନେତା, ଏକ ଦଳୀୟ ପ୍ରାଧାନ୍ୟତା' ପ୍ରଦାନ କରିଛି । ବାସ୍ତବ ପକ୍ଷରେ କେନ୍ଦ୍ରରେ 'ମୋଦୀ-ବିଜେପି ପ୍ରାଧାନ୍ୟତା' ଏବଂ ଓଡିଶାରେ ''ନବୀନ-ବିଜେଡି ପ୍ରାଧାନ୍ୟତା' ଧାରଣ କରି ନୂଆ ରାଜନୈତିକ ଯୁଗର ଆରମ୍ଭ ହୋଇଛି ।

ଆହୁରି ମଧ୍ୟ ଦୁଇ ପ୍ରଭାବଶାଳୀ ନେତା ନିର୍ବାଚନ ରଣଭୂମିରେ ପାଖାପାଖି କେତେକ ଦୃଷ୍ଟିରୁ ଗୋଟିଏ ପ୍ରକାର କୌଶଳ ଅବଲମ୍ବନ କରିଛନ୍ତି । ରାଜନୈତିକ ଶବ୍ଦାଡମ୍ବର (ପଲିଟିକା ରିଓଟିକ୍ - Political rheotic) ଓ ପ୍ରଲୋଭନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ମତଦାତାମାନଙ୍କୁ ନିଜର ବଶ କରିପାରିଛନ୍ତି । ସୁତରାଂ ମୋଦୀ ଏବଂ ନବୀନଙ୍କର ନିର୍ବାଚନ ମନ୍ତ୍ର ଉପରେ ବିଶେଷ ଆଲୋକପାତ ଅତ୍ୟନ୍ତ ଆବଶ୍ୟକ ।

**ଓଡିଶାରେ ମୋଦୀ ମନ୍ତ୍ର – "ଡବଲ୍ ଇଞ୍ଜିନ ସରକାର"**

୨୦୧୯ ସାଧାରଣ ନିର୍ବାଚନରେ ନରେନ୍ଦ୍ର ମୋଦୀ ପୂର୍ବ ଭାରତରେ ବିଶେଷକରି ଓଡିଶାରେ ବିଜେପିର ପ୍ରାଧାନ୍ୟ ବିସ୍ତାର କରିବାପାଇଁ ଅଦମ୍ୟ ପ୍ରୟାସ କରିଥିଲେ । "ପୂର୍ବୋଦୟରୁ ଭାରତ ଉଦୟ" – ଏକ ପ୍ରଲୋଭନକାରୀ ନୀତି ଗ୍ରହଣ କରିଥିଲେ । ତାଙ୍କର ମୂଳ ବିକାଶ ମନ୍ତ୍ର "ସବ୍କା ସାଥ, ସବ୍କା ବିକାଶ, ସବ୍କା ବିଶ୍ୱାସ" ସହିତ ସେ ନିର୍ବାଚନ ପ୍ରଚାର କରିଥିଲେ । ଓଡିଶାରେ ଅନେକ ତୋଫାନୀ ନିର୍ବାଚନ ସଭା କରିବା ସଙ୍ଗେ ସଙ୍ଗେ ମୋଦୀ ଓଡିଆ ଭୋଟରଙ୍କ ପାଖରେ "ଡବଲ୍ ଇଞ୍ଜିନ ସରକାର" ମନ୍ତ୍ର ଫୁଙ୍କି ସମର୍ଥନ କାମନା କରିଥିଲେ । ସେ ବାରମ୍ବାର ଓଡିଆ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବା ସହିତ ଜଣାଇବାକୁ ଚାହୁଥିଲେ ଯେ, ତାଙ୍କ ନେତୃତ୍ୱରେ ବିଜେପି ନିଶ୍ଚିତ କେନ୍ଦ୍ରରେ ସରକାର ଗଠନ କରିବ । ଯଦି ରାଜ୍ୟରେ ବିଜେପି ସରକାର ଗଠନ ହୁଏ, ତେବେ କେନ୍ଦ୍ର-ରାଜ୍ୟ (ଦୁଇ ବିଜେପି ସରକାର) ବିକାଶର ରେଳରେ ୨ଟି ଇଞ୍ଜିନ ଭାବରେ ବିକାଶକୁ ଦ୍ରୁତଗତିରେ ବଢାଇ ନେଇପାରିବେ । ଦୁଇଟି ଯାକ ବଳିଷ୍ଠ ସରକାର ଉତ୍ତମ ବୁଝାମଣା ସହିତ ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିରନ୍ତର କାମ କରିବେ । ନିର୍ବାଚନୀ ସଭା ଗୁଡିକରେ ବାରମ୍ବାର ମୋଦୀ ଭାରତ ସରକାରଙ୍କର ଲୋକପ୍ରିୟ ଯୋଜନା ଯଥା – ଉଜ୍ଜ୍ୱଳା, ଜନଧନ, ଶୌଚାଳୟ ଯୋଜନା ଆଦି ଆଲୋଚନା କରି ଭୋଟରଙ୍କୁ ଡବ୍ଲ ଇଞ୍ଜିନ୍ ସରକାର ଗଠନ କରିବାକୁ ଆହ୍ୱାନ ଦେଉଥିଲେ । ବିଚକ୍ଷଣ ପ୍ରଚାର, ନିର୍ବାଚନ ପ୍ରତିଶ୍ରୁତି ଆଉ ଭାରତୀୟଙ୍କ ସ୍ୱାସ୍ଥ୍ୟ ପାଇଁ ଆୟୁଷ୍ମାନ ଯୋଜନା ।

କିନ୍ତୁ ଓଡିଆ ଭୋରଟମାନେ ମୋଦୀ ମନ୍ତ୍ର / ମୋଦୀ ମାଜିକ୍‌ରେ ଆଂଶିକ ଭାବେ ପ୍ରଭାବିତ ହୋଇଥିଲେ । ନିର୍ବାଚନ ଫଳାଫଳ ଅନୁସାରେ – ବିଜେପିକୁ ବିଧାନସଭାରେ ୨୩ ଆସନ ଓ ଲୋକସଭାରେ ୮ଟି ଆସନ ମିଳିଲା । ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ପଷ୍ଟ ହେଲା – ବିଜେପିର ଭୋଟ ହାର ୩୨.୫% କୁ ବୃଦ୍ଧି ପାଇଗଲା । ପୂର୍ବ ନିର୍ବାଚନ ଗୁଡିକରେ ବିଜେପି ପଶ୍ଚିମ ଓଡିଶାରେ କାୟା ବିସ୍ତାର କରିଥିବା ବେଳେ, ୨୦୧୯ ନିର୍ବାଚନରେ ଏହା ଉପକୂଳ ଓଡିଶାକୁ ଅଗ୍ରସର ହୋଇପାରିଛି । ଏଥିରୁ ଅନୁମେୟ ହେଉଛି ଯେ, ମୋଦୀମନ୍ତ୍ର ଓଡିଶାରେ ବିଜେପିକୁ ଆଶାନୁରୂପ ଫଳ ପ୍ରଦାନ କରି ପାରିନାହିଁ । ମାତ୍ର ଏହି ମନ୍ତ୍ର କଂଗ୍ରେସ ଓ ବିଜେଡି ଭୋଟକୁ ଦଳ ସପକ୍ଷରେ ଆଣିବାରେ ସହାୟ ହୋଇ ପାରିଛି ।

**ନବୀନ ମନ୍ତ୍ର – "ଆପନ୍ ମାନେ ଖୁଚି ତୋ ?"**

ନବୀନଙ୍କ ନେତୃତ୍ୱରେ ବିଜେଡି ନିଜର ତଥାକଥିତ କୌଶଳ ସହିତ ୨୦୧୯ ନିର୍ବାଚନ ଲଢିଥିଲା । ବିଜେଡି ସପ୍ରିମୋ ନବୀନ ପଟ୍ଟନାୟକ ଦଳର ଷ୍ଟାର୍ ପ୍ରଚାରକ ଥିଲେ । ଏଠି ମଧ ପ୍ରମୁଖ ରାଜନୈତିକ ଦଳ ଗୁଡିକ ନବୀନ ବନାମ ଆଧାରରେ ନିର୍ବାଚନ ଲଢିଥିଲେ । ମୋଦୀଙ୍କ ରାଜନୈତିକ ପ୍ରତିଶ୍ରୁତିକୁ ପାଣି ଫଟାଇବାକୁ ଏବଂ ନିଜର ସ୍ୱାତନ୍ତ୍ର୍ୟ ଓ ସାମର୍ଥ୍ୟ ପ୍ରତିପାଦିତ କରିବାକୁ ଅନେକ ଗୁଡିଏ ଲୋକଦେଖାଣିଆ ଯୋଜନା ଦ୍ୱାରା ବିଜେଡି ସରକାର ଭୋଟରମାନଙ୍କ ନିକଟତର ହେବାକୁ ଚେଷ୍ଟା କରିଥିଲା । ନବୀନଙ୍କର ଗୋଟିଏ ପରେ ଗୋଟିଏ ଲୋକପ୍ରିୟ ଯୋଜନା ଯଥା – ୨ଟଙ୍କିଆ ଚାଉଳ, ୫ଟଙ୍କିଆ ଭୋଜନ, ବିଜୁ କୁଟୀର, ମୋ ବସ୍, କାଳିଆ ଆଦି ନିମ୍ନ ମଧ୍ୟମ ବର୍ଗ ଓ ନିମ୍ନ ବର୍ଗଙ୍କ ପାଖରେ ବେଶ୍ ଆଦୃତ ହୋଇଥିଲା । ଏଥି ସହିତ ନବୀନବାବୁ ବିଜୁ ଯୁବସେନା ଦ୍ୱାରା ଓଡିଆ ଯୁବକମାନଙ୍କୁ ପ୍ରଭାବିତ କରିପାରିଥିଲେ । ନାରୀ ସଶସ୍ତ୍ରୀକରଣ ଆଳରେ ପ୍ରତ୍ୟେକ ଗାଁରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (୯ରକ୍ଷଲ ଐରକ୍ଷକ୍ତ୍ର ଏକ୍ସକ୍ଟଙ୍କକ୍ତ୍ର) ଗୁଡିକୁ ଆର୍ଥିକ ଅନୁଦାନ ପ୍ରଦାନ କରି ଗ୍ରାମୀଣ ମହିଳା ବର୍ଗଙ୍କ ପାଖରେ ନିଜ ଦଳକୁ ସୁଦୃଢ କରିପାରିଥିଲେ । ତା ସହିତ ନିର୍ବାଚନ ରଣାଙ୍ଗନରେ ମହିଳା ପ୍ରାର୍ଥୀ ମାନଙ୍କ ପାଇଁ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣର ସତ୍ୟତା ପ୍ରାର୍ଥୀ ଚୟନ ସମୟରେ ପ୍ରତିପାଦିତ କରିଦେଲେ ।

ନିର୍ବାଚନ ପ୍ରଚାର ସଭା ଗୁଡିକରେ ବିରୋଧୀମାନେ ନବୀନଙ୍କୁ ଟାର୍ଗେଟ୍ କରିବାରେ ଲାଗିଲେ । ଅପର ପକ୍ଷରେ ନବୀନ ନିଜ ସରକାରର ବିକାଶମୂଳକ ଯୋଜନା ଗୁଡିକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ସହିତ କେନ୍ଦ୍ର ସରକାରଙ୍କର ଓଡିଶାକୁ ଅବହେଳା, ଦେଶର ପ୍ରମୁଖ ମୁଖ୍ୟମନ୍ତ୍ରୀ ଭାବରେ ମାଗାଜିନ୍ ଆଦିରେ ପ୍ରଚାରଧର୍ମୀ ରାଜନୀତି, ଆନ୍ତର୍ଜାତୀୟ ହକି ପରିଚାଳନା ଆଉ ଦେଶର ନାରୀଶକ୍ତି ଓ ନାରୀ ସ୍ଥାନ ସଂରକ୍ଷଣ ଉପରେ ଲୋକାଦୃତ କଳାଭଳି ନିଜ ଅନ୍ତରର ଭାଷା ଜଣେ ନେତା ଭାବରେ ଉତ୍କ୍ଷେପଣ କରି ନିଜର ରାଜନୈତିକ ଜୀବନଧାରାରେ ବହୁ ପରେ ଜାତୀୟ ସ୍ତରରେ ନିଜର ରାଜନୈତିକ ବ୍ୟକ୍ତିତ୍ୱ ଉପସ୍ଥାପନ କଲେ । ଅକର୍ମଣ୍ୟ ଏବଂ ଅସୁସ୍ଥ ବୋଲି ବିରୋଧୀମାନଙ୍କ ଅପପ୍ରଚାରକୁ ନିଜ ବାହୁବଳ ଆଉ ବ୍ୟାୟାମର ଡକ୍ୟୁମେଣ୍ଟାରୀ ମାଧମରେ ପ୍ରଦର୍ଶନକଲେ । ବାରମ୍ବାର କେନ୍ଦ୍ରର ଚରମ ଅବହେଳାର ଶିକାର ଓଡିଶା ଭାବରେ ସମସ୍ତ ପ୍ରସଙ୍ଗ ଓଡିଆ ମାନଙ୍କ ମନରେ ଭରିଦେଲେ । ଯୁଗାଧିକ ଓଡିଶା ମୁଖ୍ୟମନ୍ତ୍ରୀ ଭାବରେ ଓଡିଆ ଭାଷା କହି ନଜାଣି ବି ଓଡିଆ ମାନଙ୍କର ଭାଷାପ୍ରେମକୁ ଲାଘବ କରିଦେଲେ ଅନ୍ୟ କେତୋଟି ସମ୍ବେଦନଶୀଳ ଏବଂ କେନ୍ଦ୍ର ସରକାରଙ୍କ ଠାରୁ ଉନ୍ନତ ପ୍ରଦର୍ଶନର ଅହରହ ପ୍ରଚାର ମାଧ୍ୟମରେ । ଏଗୁଡିକ ହେଉଛି ସାଧାରଣ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଓଡିଶାରେ କୃଷି ବିପର୍ଯ୍ୟୟ ସୁଧାରିବା ପାଇଁ ସେ ତାଙ୍କର ମହତ୍ତ୍ୱପୂର୍ଣ୍ଣ କାଳିଆ ଯୋଜନା ପ୍ରାରମ୍ଭ କରିଥିଲେ । ଏହି ଯୋଜନାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଯାଇ, ନବୀନ ଓଡିଶାବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରସଙ୍ଗରେ ତୁଟା ଫୁଟା ଓଡିଆରେ କହିବାର ଗର୍ବରେ ଫାଟି ଉଠୁଥିଲେ – **"ଆପନ୍ ମାନେ ଖୁଚି ତୋ ?"** ନରେନ୍ଦ୍ର ମୋଦୀଙ୍କ "ସବ୍କା ସାଥ୍ ସବ୍କା ବିକାଶ୍" ମୂଳମନ୍ତ୍ର ଆଧାରିତ "ଡବ୍ଲ ଇଂଜିନ୍ ସରକାର" ଉପରେ ମହଙ୍ଗା ପଡିଗଲା ।

ଓଡିଶାର ମତଦାତା ମାନେ ନବୀନଙ୍କ ବିଜେଡିକୁ ବିଧାନସଭାରେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ଦେବାସହିତ ୧୧୨ଟି ଆସନରେ ଜୟଯୁକ୍ତ କରାଇଲେ । ସେହି ପରି ୨୧ଟି ଲୋକସଭା ଆସନରୁ ବିଜେଡି ୧୨ଟି ଆସନରେ ଜୟଲାଭ କଲା । ଦଳର ଭୋଟ ହାର ୪୪.୭% ସୀମିତ ରହିଲା ।

ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଦୁଇ ଦଶନ୍ଧି ଧରି ନବୀନଙ୍କର ବିଜେଡି ଓଡିଶାର ନିର୍ବାଚନ ରାଜନୀତିକୁ ସର୍ବଭାରତୀୟ ନିର୍ବାଚନ ପରିଣାମର ପ୍ରତିକୂଳରେ ଅବସ୍ଥାପିତ କରି ଆସୁଅଛି । ସୁତରାଂ ନବୀନଙ୍କର ବଳିଷ୍ଠ ନେତୃତ୍ୱରେ ତାଙ୍କର ଆଞ୍ଚଳିକ ଦଳ ବିଜେଡି କ୍ରମାନ୍ୱୟରେ ୫ ଥର ରାଜ୍ୟର ଶାସନ ଭାର ଗ୍ରହଣ କରିଛି । ଏଥିରୁ ନିର୍ବିବାଦରେ ପ୍ରତିପାଦିତ ହେଲ ଯେ, ଓଡିଶାରେ ଦଳୀୟ ରାଜନୈତିକ ବ୍ୟବସ୍ଥା – "ଏକ ଆଞ୍ଚଳିକ ନେତା ଓ ଆଞ୍ଚଳିକ ଦଳ ପ୍ରାଧାନ୍ୟ" ବିଶିଷ୍ଟ ହୋଇପଡିଛି । ବସ୍ତୁତଃ ୨୦୧୯ ସାଧାରଣ ନିର୍ବାଚନରେ ଓଡିଶାର ବିଭାଜିତ ମତଦାନର ସଙ୍କେତ ମିଳୁଛି । ସର୍ବଭାରତୀୟ ସ୍ତରରେ ମୋଦୀଙ୍କ ସପକ୍ଷରେ ମତଦାତା ୧୩% ଅଧିକ ମତଦାନ କରି ବିଜେପିକୁ ଦ୍ୱିତୀୟ ସ୍ଥାନରେ ରଖିଛନ୍ତି । ସେହିପରି ଓଡିଶା ପାଇଁ ନବୀନଙ୍କୁ ପସନ୍ଦ କରି ବିଜେଡିକୁ ପଞ୍ଚମ ଥର ପାଇଁ ରାଜ୍ୟର ଏକ ନମ୍ବର ରାଜନୈତିକ ଦଳର ମାନ୍ୟତା ଦେଇଛନ୍ତି ଓଡିଆ ମତଦାତାମାନେ ।

ଏଥିରୁ ଓଡିଆ ଯେ ନିର୍ବାଚନୀ ହାଓ୍ୱାରେ ଉଡି ନଯାଇ ନିଜର ସୁଚିନ୍ତିତ ସ୍ଥିର ମତାମତ ଦେବେ, ତାହା ସ୍ପଷ୍ଟ ପ୍ରମାଣିତ ହୋଇଛି । ମତଦାତା ସ୍ପଷ୍ଟ ନିଷ୍ପତ୍ତି ନେଇଛି । ନିର୍ବାଚନ ପୂର୍ବର ମନଭୁଲା ପ୍ରତିଶ୍ରୁତିରେ ଚହଲି ଯାଇନି । ଓଡିଆ ମନ ଓଡିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ନିଶ୍ଚିତ ଭାବରେ ନବୀନ ପଟ୍ଟନାୟକ ନେତୃତ୍ୱାଧୀନ ବିଜେଡିକୁ ପୂର୍ଣ୍ଣ ସମର୍ଥନ ଦେଇଛି । ନବୀନ ସରକାରକୁ ବିଜେପି ଦଳ ଯେତେ କୁତ୍ସିତ ଭାବରେ ଦୈନିକ ଚରିତ୍ର ସଂହାର କରିଛି, ଓଡିଆ ମତଦାତା ସେଥିରେ ତିଳେମାତ୍ର ବିଶ୍ୱାସଯୋଗ୍ୟ ଭାବରେ ବିବେଚନା କରିନି । ତା ସହିତ ବି କେନ୍ଦ୍ରରେ ଓଡିଶାର ସମସ୍ତ ଲୋକସଭା ସଦସ୍ୟ ବିଜେଡିର ହୋଇଗଲେ, ଓଡିଶା ବିଜେପିର ନିର୍ଦ୍ଧାରକ ହେବ, ଏହି ବିଷୟ ଓଡିଆ ମତଦାତାକୁ ପ୍ରଭାବିତ କରିନି । ରାଷ୍ଟ୍ରଶାସନ ପାଇଁ ଓଡିଆ ମତଦାତାଙ୍କ ମତାମତ ବି ଦେଶର ସ୍ଥିର ରାଜନୀତି ନିମିତ୍ତ ମୋଦୀଙ୍କ ବିଜେପିକୁ ପୂର୍ବାପେକ୍ଷା ଅଧିକ ସମର୍ଥନ କରି ପ୍ରମାଣିତ କରୁଛି ।

ଓଡିଆ ମତଦାତା ସତରେ କହୁଛି, ମୋଦୀଙ୍କ ପରି ପ୍ରଚାରମୁଖୀ ଚିତ୍କାର କର ବା ନବୀନଙ୍କ ପରି ନିରବ ରହ, ଆମର ମୂଲ୍ୟାୟନର ଘ୍ରାଣଶକ୍ତି ଉଚିତ ନେତା ବାଛିବାରେ ଦ୍ୱିମତ ହେବନି ।

ପ୍ରଫେସର, ରାଜନୀତି ବିଜ୍ଞାନ,
ଇନ୍ଦିରାଗାନ୍ଧୀ ସରକାରୀ ମହାବିଦ୍ୟାଳୟ, ତେଜୁ, ଅରୁଣାଚଳ ପ୍ରଦେଶ
ମୋ - ୯୮୬୨୯୪୩୦୪୦



# ଓଡିଆ ନିଜ ସ୍ୱଭାବ:  କ୍ୟୁ ଆଉ ବଫେ ବାଧ୍ୟବାଧକତା

**ଡା. ସୋମନାଥ ପ୍ରସାଦ ଜେନା**

କୌଉ ଓଡିଆ ଧାଡି ଭାଙ୍ଗିଲା କି ଧାଡି ମଝିରେ ପଶିଗଲା, ଏକଥା କହିବା ଅପେକ୍ଷା ନିଜେ ଲେଖକ ଜାଣତରେ ବା ଅଜାଣତରେ ଧାଡିରେ ଯିବାକୁ କି ଆଚରଣ କରିଛି, ତାହାର ଏକ ନିଛକ ଉଦାହରଣ ଦେଲେ ଭଲହେବ ।

ସିଙ୍ଗାପୁରର ମୁସ୍ତାଫି ହରେକ୍ ମାଲ୍ ଭଣ୍ଡାର । ବେଶ୍ ଶସ୍ତାରେ ଅନେକ ପଦାର୍ଥ ମିଳେ ବୋଲି ସମସ୍ତଙ୍କର ଧାରଣା । ସତେ ବି ବଡ ବଡ ଦୋକାନର ହାଇ ଫାଇ ସୋ କେଶ୍ ଓ ଦାମ୍ ଦେଖିବା ପରେ ଭାରତୀୟମାନେ ଦେଶକୁ ଫେରିବାବେଳେ ଏଠାରୁ କିଛି ଗିଫ୍ଟ କି ଫରେନ୍ ଜିନିଷଟିଏ ଆଣିବାକୁ ମନକରି ଥାଆନ୍ତି । ମୁଁ ବି ସେମିତି ଥରେ ଫେରିବା ବାଟରେ ମୋର ବନ୍ଧୁମାନଙ୍କ ସହିତ ସେହି ବିରାଟ ବହୁତଳ ଦୋକାନକୁ ଯାଇ କିଛିଟା ଗିଫ୍ଟ କିଣିଥିଲି ।

ଦୁଇମହଲାରେ କିଛିଟା ଜିନିଷ କିଣି ପଇସା ଦେବା ବେଳକୁ କାଉଣ୍ଟରରୁ କ୍ୟାସିୟର ଜଣାଇଲେ, ଧାଡି କ୍ରମରେ ଆସନ୍ତୁ । ମୋତେ ଅସଂଯତ ଲାଗିଲା । ସତରେ ଏମିତି ଗୋଟାଏ କ୍ୟୁଉ୍ କି ଧାଡି ସେଠାରେ ନଥିଲା, ଜଣେ ଦି ଜଣ କାନ୍ଥ ପାଖକୁ ଦୂରେଇ ଦୂରେଇ ଠିଆ ହୋଇଥିଲେ । ଏମାନେ ଯେ ଏଇ ଧାଡିର, ମୁଁ ଜାଣି ଅପ୍ରସ୍ତୁତ ହୋଇ, ସରି କହି ମୋ କ୍ରମ ଆସିବା ପର୍ଯ୍ୟନ୍ତ ଅପେକ୍ଷା କଲି ।

ଉପର ମହଲାକୁ ଯାଇ ଆଉ କିଛି ଜିନିଷ କିଣିଲି । କ୍ୟାସ୍ କାଉଣ୍ଟରରେ, ସେମିତି ଅବସ୍ଥାରେ ପଡିଲି । ଲାଜ ଲାଗିଲା ନିଜକୁ । ଖାଲି କାଉଣ୍ଟରଟିଏ ଦେଖି ପଇସା ଦେବା ବେଳକୁ ଲାଇନ୍‌ରେ ଆସନ୍ତୁ କହିବା ବେଳକୁ ମୋତେ ଏଥର ଅପମାନିତ ହେବାପରି ଲାଗିଲା । ମୁଁ ବୋଧହୁଏ ତରବରରେ ଏମିତି କରୁଛି, ମୋତେ ପ୍ରତୀୟମାନ ହେଲା । କିନ୍ତୁ ମୁଁ ତରବର ନଥିଲି । ସେଠାରେ ମୋତେ ଭାରତ ଭିତରେ କୌଣସି ଦୋକାନରେ କାରବାର କରିବାପରି ବୋଧ ହେଉଥିଲା । କିନ୍ତୁ ଏଇଟା ସୁସ୍ପଷ୍ଟ କି ଦୁଇ ତିନି ଜଣ ଯେଉଁମାନେ ଏଠାରେ ଅପେକ୍ଷା କରିଥିଲେ ସେମାନେ ଆମ ଦେଶ ପରି ଶକ୍ତ ଧାଡିବାନ୍ଧି ପାଖକୁ ପାଖ ଲାଗି ଠିଆ ହୋଇ ନଥିଲେ । କାଉଣ୍ଟର ମୁହଁରେ ହାତ ଉହୁଂକାଇ ଏକାଲୟରେ କ୍ୟାସିୟରକୁ ଚାହିଁ ନଥିଲେ । କେବଳ ପାଖ କାନ୍ଥକୁ ଲାଗି ଅପେକ୍ଷା କରିଥିଲେ ।

ସେତିକିରେ ମୁସ୍ତାଫି ଦୋକାନ କଥା ସରି ନଥିଲା । ଆହୁରି ଉପର ମହଲାକୁ ଗଲାବେଳକୁ ସୁନାଦୋକାନ, ଛୋଟ ଲକେଟ୍‌ଟିଏ ଆଣି ପଇସା ଦେବା ବେଳକୁ ସେମିତି ଧାଡି ଭାଙ୍ଗି ପଇସା ଦେବାର ଅପମାନ ମୋତେ ନିଜକୁ କ୍ଷମା କରିବାକୁ ଦୋଦୋପାଞ୍ଚ ହେଲି । ଏଇଟା କଅଣ ମୋର ବ୍ୟକ୍ତିଗତ ଦୋଷ ନା ଆମ ଗାଁ କି ସମାଜର ଦୋଷ ମୋ ମନ ଛୁଇଁଲା ।

ମୋର ଜଣେ ଶିକ୍ଷକ ଆମର ଏହି ବ୍ୟବହାରକୁ ଧାଡିଭଙ୍ଗା ଆଚରଣ ବୋଲି ଥଟ୍ଟାରେ କହନ୍ତି । କେହି ଧାଡି ଭାଙ୍ଗିବା ଦେଖିଲେ ନିଜେ ଉପଭୋଗ କରନ୍ତି କିପରି ଜଣେ ଧାଡି ଭାଙ୍ଗୁଛି ଆଉ କିପରି ଧାଡିର ଶୃଙ୍ଖଳିତ ଲୋକମାନେ ଏହାକୁ ସହୁଛନ୍ତି ।

ମୁଁ ଧରି ନେଲି, ବହୁବାର ବିଦେଶ ଆସିଲେ ବି ମୋର ନିଜର ବ୍ୟବହାର ଓ କ୍ୟୁଉ ସଚେତନତା ପ୍ରତି ଅନାଗ୍ରହ ଏମିତି ବିଦେଶରେ ମୋତେ ଭାଣ୍ଡିଆ ହେବାକୁ ବାଧ୍ୟ କରୁଛି । ଅଜାଣତରେ ମୋର ଏହି ସାଧାରଣ ଶିଷ୍ଟାଚାର ପ୍ରତି ଖାତିର ରହୁନି । ନିଶ୍ଚିତ ମୋ ରାଜ୍ୟରେ ମୋ ବାସସ୍ଥାନରେ ଏମିତି କ୍ୟୁଉ ମାନସିକତାର ଗାମ୍ଭୀର୍ଯ୍ୟ ଉପଲବ୍ଧ କରିବାର ସମୟ ଆସିନି । ଆମେ ଏତେ ସହରୀ ହେବାର ପରାକାଷ୍ଠା ଆମ ମାନସିକତାରେ ନାହିଁ ।

ତା ହେଲେ କଅଣ ଆମେ ଓଡିଆମାନେ ଏମିତି ଧାଡି ପ୍ରତି ସଚେତନ ନୋହୁଁ କି ଧାଡିକୁ ଗୁରୁତ୍ୱ ଦେଉନି ?

ସତରେ ଆମେ ନିଜ ଦେଶରେ ଧାଡି ବା କ୍ୟୁଉର କ୍ରମକୁ ଏତେ ଗୁରୁତର ଭାବରେ ନେଉନି । ଜାଣିଶୁଣି ଧାଡି ଭାଙ୍ଗିବା ଆମ ଲୋକଙ୍କ ମାନସିକତାରେ ସେମାନଙ୍କର ବଡପଣ । ମାନ୍ୟଗଣ୍ୟ ବ୍ୟକ୍ତି ହିସାବରେ ସାଧାରଣ ଧାଡିରେ ଠିଆ ହେଲେ ସମ୍ମାନ ହାନୀ ନହେଲେ ବି ନିଜକୁ ଛୋଟ ଲାଗିବ । ସେଇ ଧାଡିରେ ଠିଆ ନହେବାକୁ ପାଞ୍ଚଥର କ୍ୟାସିୟର ସହିତ ପୂର୍ବରୁ ନଣ୍ଡସଣ୍ଡ ହେବାକୁ ସମୟ ଥିବ । ସେହି ସମ୍ପର୍କ ବଳରେ ଜଣେ ହିଁ ଧାଡିଭଙ୍ଗା ଭାବରେ ଅଗ୍ରାଧିକାର ପାଇବ । ପରିଶେଷରେ ଧାଡି ପାଇଁ ଜଣେ ସହକାରୀ ବା ବେଠିଆକୁ କ୍ୟୁରେ ଠିଆ କରାଇବାକୁ ପଡେ ।

ଜଣେ କ୍ୟାସିୟର କି ପଞ୍ଜୀକାର ଧାଡିର କ୍ରମ ଅନୁସାରେ ନିଜର କାମ କରିବାକୁ ଯେତିକି ପ୍ରତିଜ୍ଞାବଦ୍ଧ, ନିଜ ଇଚ୍ଛାରେ ଜଣକୁ ଅଗ୍ରାଧିକାର ଦେବାକୁ ଗର୍ବିତ ମନେକରେ । ସେଥିପାଇଁ ବି ଆଗରୁ ବା ପରେ ସଲାସୁତରା ନିଶ୍ଚୟ ଅନ୍ତର୍ନିହିତ । ଆମ ଦେଶର ବର୍ଦ୍ଧିତ ଜନସଂଖ୍ୟାରେ ଷ୍ଟେସନ ହେଉ କି ସିନେମାଘର ସବୁଠାରେ ଭିଡ । ସେହି ଭିଡରେ ଯଦି ଧାଡିର ମୂଲ୍ୟ ନରହେ, ସମସ୍ତେ ଚାହିବେ ଧାଡିଭଙ୍ଗା ହୋଇ ଅଗ୍ରାଧିକାର ପାଇବାକୁ ।

ସେମିତି ଓଡିଶାରେ ସରକାରୀ ହେଉ କି ବେସରକାରୀ, ସବୁ ଡାକ୍ତରଖାନାରେ କେବେ ଲାଇନ୍ ହୋଇ ରୋଗୀ  ବା ରୋଗୀମାନଙ୍କର ସହକାରୀମାନେ ଠିଆ ହୋଇ ନଥାନ୍ତି । ପିମ୍ପୁଡି ଗୁଡ ମେଞ୍ଚାଏକୁ ଯେପରି ଘେରି ରହିଥାଆନ୍ତି, ସେମିତି ଡାକ୍ତରଙ୍କ ଟେବୁଲକୁ ଘେରି ରହିଥାଆନ୍ତି । କଣ୍ଟ୍ରୋଲ ଦୋକାନ ହେଉ କି କୌଣସି ବ୍ୟବସାୟ ହେଉ, ଓଡିଶାରେ ଧାଡି ନାହିଁ କି ଧାଡିକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ । ଘରେ ଆଉ ଗାଁ ଗଣ୍ଡାରେ ଆଲୋଚନା ହୁଏ କିପରି ଧାଡିର ନିୟମକୁ ଟାଳି ଉପରକୁ ଯିବ । କେଉଁଠି ମହିଳା ଭାବରେ, ଅତି ବୟସ୍କ ଭାବରେ ଅବା ପିଲା ଭାବରେ ନିୟମ ଟାଳିବାର ଆଳ ମିଳିଯାଏ । କେଉଁଠି ଅବା ବ୍ୟାଙ୍କ କାଉଣ୍ଟରରେ ଟଙ୍କା ଜମାକଲେ, ଧାଡି ପଛରୁ ଆସି ଆଗର ଜଣେ ଚିହ୍ନା ଲୋକକୁ ତିନି ଚାରିଟି ଡିପୋଜିଟ୍ ଭାଉଚର ଓ ଟଙ୍କା ଧରାଇଦେବାର ଦେଖିବାକୁ ମିଳେ । ଏଥିପାଇଁ ପଛ ବାଲାଙ୍କର କିଛି ବିଶେଷ ଆପତ୍ତି ନଥାଏ । ସେମାନେ ମେଣ୍ଢାପରି ଚାହିଁ ଥାଆନ୍ତି ।

ଏମିତି କରିବା ଦ୍ୱାରା ମଝି ଲାଇନ୍ ରେ ଅପେକ୍ଷା କରିଥିବା ଲୋକ ନିଜକୁ ସାଧାରଣ ନିୟମରେ କିଛିଟା ଅସହାୟ ମନେ କରନ୍ତି ଓ କ୍ୟୁଉର ବ୍ୟତୀକ୍ରମକୁ ଏତେ ଗମ୍ଭୀର ଭାବରେ ଦୋଷାବହ ବୋଲି ମନେକରନ୍ତି ନାହିଁ । କିନ୍ତୁ ନୀତି ନିୟମର ଦେଶରେ ଏମିତି କରିବାକୁ କେହି ସାହସ କରିବେନି । ଧାଡିରେ ଠିଆ ହୋଇଥିବା ପ୍ରତିଟି ଅପେକ୍ଷା କରୁଥିବା ବ୍ୟକ୍ତି ତୀବ୍ର ଭାବରେ ପ୍ରତିବାଦ କରିବେ । ଲେଖକ ନିଜେ ଥରେ ଦେଖିଛନ୍ତି, ଲଣ୍ଡନର ଗୋଟିଏ ଛୋଟ ରେଳ ଷ୍ଟେସନ ଓ୍ୱେଷ୍ଟ ଡଲୱିଚ୍‌ଠାରେ ସାତ ଜଣର ଗୋଟିଏ କ୍ୟୁଉରେ ପଞ୍ଚମ ବ୍ୟକ୍ତିଙ୍କର ଜରୁରୀ କାମ ହେତୁ ସାମନାର ଚାରିଜଣଙ୍କୁ ଜଣ ଜଣ ହୋଇ ନେହୁରା ହେବା ପରେ ସମସ୍ତେ ତାଙ୍କୁ ପ୍ରଥମେ ଯିବାର ଅନୁମତି ଦେଇଥିଲେ ।

କିନ୍ତୁ ଆମ ଦେଶରେ ଜନମତ କ୍ୟୁଉ ସପକ୍ଷରେ କି ବିପକ୍ଷରେ ମୋତେ ସ୍ପଷ୍ଟ ଭାବରେ ପ୍ରତୀୟମାନ ହେଉନି । କିନ୍ତୁ ଓଡିଶାର ଯେଉଁ ଆଗଧାଡିର ନେତା କି ଶିକ୍ଷିତ ବର୍ଗ ଦେଶର ଅନ୍ୟସ୍ଥାନ ବା ବିଦେଶକୁ ବାରମ୍ବାର ଯାଆନ୍ତି ଓ ସେଠାରେ ଅନେକ ଦିନ ଚଳପ୍ରଚଳ ହୁଅନ୍ତି, ସେମାନେ ଓଡିଶା ଆସିଲେ ଏଠାରେ ଧାଡିରେ ଠିଆ ହେବାକୁ ନ୍ୟୂନ ମନେକରନ୍ତି । ଅନେକ ସମୟରେ ନିଜ ସହକାରୀ ବା ଚାକରକୁ ଧାଡିରେ ଠିଆ କରାଇ ନିଜର ମାମଲତିପଣିଆ ସାବ୍ୟସ୍ତ କରନ୍ତି । ବହୁ ପୂର୍ବରୁ ଲୋକମାନେ ବଡି ସକାଳୁ ଯେଉଁଠି ଧାଡି ବାନ୍ଧି ରେଳଟିକଟ ପରି ଜରୁରୀ ସେବାର ଉପ ଯୋଗ କରୁଥିଲେ, ସେମାନେ ରାତି ଅଧରୁ ଆସି ନିଜକୁ ଇଟାଖଣ୍ଡେ ଧାଡି ବା କ୍ୟୁର ପ୍ରତୀକ ଭାବରେ ରଖିଦେଇ ଚାଲିଯାଉଥିଲେ ଓ ସମୟରେ ଆସି ନିଜର ଉପସ୍ଥାନ ଦାବି କରୁଥିଲେ । ବିଦେଶରେ କମ୍ ଲୋକସଂଖ୍ୟାରେ ଧାଡି ବାନ୍ଧିବା ନଗଣ୍ୟ ହୋଇପାରେ, କିନ୍ତୁ ସେଠାରେ ଧାଡିର କାର୍ଯ୍ୟ ସମ୍ପାଦନ କରୁଥିବା ଦକ୍ଷ ସେବାଦାତା ମାନେ ଆମ ଜନଗହଳି ଦେଶରେ କର୍ମ-ଶିଥିଳ ହେଉଥିବାର ଦେଖିବାକୁ ମିଳେ । ତେଣୁ ଧାଡି ଆହୁରି ବଢିଚାଲେ, ଶେଷରେ ନିଜର କାର୍ଯ୍ୟ ସମୟ ମୁତାବକ ସମ୍ପନ୍ନ କରିପାରେ ନାହିଁ ।

କେବଳ ଏମିତି କ୍ୟୁଉ ନୁହେଁ, ଏହା ଗୋଟିଏ ଉଦାହରଣ ମାତ୍ର । ସେମିତି ଦୈନନ୍ଦିନ କାର୍ଯ୍ୟକ୍ରମରେ ବହୁ କ୍ରମର ସାମନା କରିବାକୁ ପଡେ । ପାଠ ହେଉ କି ଶାଠ, ବ୍ୟବସାୟ କି ସରକାରୀ ଚାକିରୀ  ସବୁଠି ପଦୋନ୍ନତି କି କୌଣସି ନିଯୁକ୍ତି ବା ଯୋଗ୍ୟତା । ମୂଲ୍ୟାୟନରେ ଫାଙ୍କ ରଖିବାର ମନୋବୃତ୍ତି ସବୁଠାରେ ଦେଖିବାକୁ ମିଳେ । ଏହା ଆମର ନୀତି ବା ନିୟମର ଅଭାବ ନୁହେଁ ବରଂ ଆମର ମାନସିକତା । ଆମେ କୌଣସି ଆଳରେ ଆମର ନିଜର ସିନିଅର ଲୋକଙ୍କ ଠାରୁ ଅଧିକ ଦକ୍ଷ, ଜ୍ଞାନୀ ବୋଲି ଜାହିର କରି ଆଇନ ଅଦାଲତ ପର୍ଯ୍ୟନ୍ତ ବି ଯିବାର ମାନସିକତା ରଖିଥାଉ । ଦୁନିଆ ଯେତେବେଳେ ମାନବିକତା ଆଉ ନିଷ୍ପକ୍ଷତାର ପୃଷ୍ଠଭୂମିରେ ଅବତୀର୍ଣ୍ଣ ଆଉ ମଣିଷ ଏହି ସବୁ କାମ ପାଇଁ ନିରନ୍ତର ଅଣମଣିଷ ରୋବୋଟ୍ କି କମ୍ପ୍ୟୁଟରଟିଏ ବସାଇ ସବୁ କ୍ରମ ଅନୁସାରେ ସମ୍ପାଦନ କରିବାକୁ ଆଗ୍ରହୀ, ଆମର ଧାଡିଗତ ଦୁର୍ନୀତିର ଆଉ ସ୍ଥାନ କାହିଁ ? କିନ୍ତୁ କ୍ରମ ଅନୁସାରେ କାମ ନକରିବା ଏକ ସାମାଜିକ ବ୍ୟାଧି । ସରକାରୀ ଚାକିରି ହେଉ ବଦଳି କି ପଦୋନ୍ନତି ପାଇଁ କ୍ରମିକ ଲିଷ୍ଟ୍ କିପରି ଧାରାରେ ନଚାଲିବ, ସେଇଟା ଆମେ ସାବ୍ୟସ୍ତ କରିବାକୁ ଚାହିଁ ଥାଉ ।

ଆମ ଓଡିଶା ଆଉ ଆମ ଓଡିଆ ମାନସିକତାର ପୃଷ୍ଠଭୂମି ବିଷୟରେ ସମ୍ୟକ୍ ଆଲୋଚନା ହେବା ଆବଶ୍ୟକ । ଆମ ପ୍ରଦେଶ ଗୋଟିଏ କୃଷି ପ୍ରଧାନ ଆଉ ବିକାଶମୁଖୀ ରାଜ୍ୟ ଭାବରେ ଜଣାଶୁଣା । ଦେଶ ତୁଳନାରେ ସହରୀକରଣ ଶୈଳୀରେ  ଓଡିଆ ଅପେକ୍ଷାକୃତ ବେଶୀ ଗ୍ରାମପ୍ରେମୀ । ଆଉ ଗାଁଗଣ୍ଡାର ସମ୍ପର୍କ ଓ ବିଧି ସବୁ ବି ସହର ମାନଙ୍କରେ ପ୍ରଚଳିତ । ଆମର କଟକ ସହର ଗୋଟିଏ ବୃହତ୍ ଗାଁ କହିଲେ ଚଳେ । ଆମେ ଉଗ୍ର ମହାନଗରୀ ଶୈଳୀର ପରିପନ୍ଥୀ । ତେଣୁ ଆମର ସହର ଗୁଡିକ ଗାଁ ପରି ଧୀର ମନ୍ଥର ଭାଇଚାରାର ନ ହେଲେ ଆମକୁ ରାସ୍ତାରେ ଶୋଷ ହେଲେ ପାଣି ଗିଲାସେ ମିଳିବନି କି ବର୍ଷା ଅସରାଏ ଅସମୟରେ ଆସିଗଲେ ମୁଣ୍ଡ ଗୁଞ୍ଜିବାକୁ ଜାଗା ମିଳିବନି ।

କିନ୍ତୁ ଆମର ଗାଁଗଣ୍ଡାର ସରଳ ଜୀବନ ଆଜି ଆଧୁନିକତା ଆଉ ଗଣତାନ୍ତ୍ରିକ ମୂଲ୍ୟବୋଧର ସମ୍ମୁଖୀନ । ସେଇ ଦୃଷ୍ଟିରୁ ଅନେକ ବିଷୟରେ ଆମକୁ ନିଜର ମୂଲ୍ୟାୟନ କରିବାର ସମୟ ଆସିଛି ।

ସତରେ ଆମର ଓଡିଆ ଲୋକମାନେ ଖୁବ୍ ଭଲ ଇଂରାଜୀ ଲେଖନ୍ତି ଓ କହନ୍ତି । ଅବଶ୍ୟ ସେମାନଙ୍କର ଇଂରାଜୀ ଅକ୍ଷର ଗୁଡିକ

ଓଡିଆ ଢାଞ୍ଚାରେ ମାଛମଞ୍ଜି ପରି ଗୋଲ ଗୋଲ ହୋଇଯାଏ । ଚଳିବ । କହିବାବେଳେ ଅନେକଙ୍କର ଟିକିଏ ଓଡିଆ ଇଂଲିଶ ହୋଇଯାଏ । ମଠୁଆ ଆଉ ଫିସ୍ ଫାସ୍ ଟିକିଏ ଧିମା ହୋଇଯାଏ । ଚଳିବ । କିନ୍ତୁ ଜଣେ ଓଡିଆ ବିଲାତ ଫେରନ୍ତା ହୋଇପାରନ୍ତି, ଅତି ବିଚକ୍ଷଣ ବା ପ୍ରଗଳ୍ଭ ଭାବରେ ଇଂରାଜୀ କହି ପାରନ୍ତି, ଆପଣ ନିଶ୍ଚୟ ଜାଣିପାରିବେ ସିଏ ଓଡିଆ ବୋଲି । ଯଦି କେବଳ ଇଂରାଜୀ ଭାଷଣ ମଧ୍ୟରେ ଗୋଟିଏ ତାରିଖ ପଡିଯିବ ! ସିଏ ପଛେ ଲଣ୍ଡନର ଗୋଟିଏ ମଞ୍ଚରେ ଭାଷଣ ଦେଉ ଥାଆନ୍ତୁ ଏହି ତାରିଖଟିକୁ ନିଶ୍ଚୟ ମାତୃଭାଷା ଓଡିଆରେ ପଢିଦେବେ । ଛବିଶ ଏକ ଉଣେଇଶ ପଚାଶ । ପରେ ଅବଶ୍ୟ ସରି ଉଚ୍ଚାରଣ କରି ନିଜକୁ ଶୁଦ୍ଧ କରିପାରନ୍ତି । ଆପଣ ଏହି ତଥ୍ୟଟିକୁ ମାତୃଭାଷା ପ୍ରେମ କହିବେ ନା ନାହିଁ ?

ସଭ୍ୟତା ଯେତିକି ପୁରାତନ, ସାମାଜିକ ସମ୍ପର୍କ ଆଉ ସଂସ୍କୃତି ସେତିକି ଜଟିଳ ଆଉ ସହର ବା ମଫସଲ୍ ସବୁଆଡେ ସାଧାରଣ ରାସ୍ତା ଉପରେ ଲୋକମାନଙ୍କର ସର୍ବାଙ୍ଗୀନ ଉନ୍ନତିର ପରିକଳ୍ପନା । ଓଡିଆମାନେ ଟିକିଏ ପଛରେ ପଶ୍ଚିମ ସଭ୍ୟତାକୁ ଆଦରି ନେବାରେ । ଧୀରେ ଧୀରେ ଭଲ ମନ୍ଦ, ନ୍ୟାୟିକ ଦୃଷ୍ଟିକୋଣ ଆଉ ଯଥାର୍ଥତା ଭୋଗ କରିବା ପରେ ଧାଡି ସଭ୍ୟତାକୁ ଆଦରିନେବେ । ଏମିତି କେତେ ଅଣକୁହା ବିଷୟ ଗ୍ରହଣ କରି ସାରିଲେଣି.

ଗୋଟିଏ ବିଷୟ ହେଲା, ବଫେ ପ୍ରଣାଳୀରେ ଭୋଜି ଖାଇବା । ବାହାରେ ଦେଖିବା ଶୁଣିବା ପରେ ପଙ୍ଗତ ପକାଇ ପରଶୁଣୀକୁ ଚାହିଁ ଚାହିଁ ସମୟ ନଷ୍ଟ କରୁଥିବା ସଚେତନ ଭୁକ୍ତା ନିଶ୍ଚୟ କହିବ ମୁଁ ପଛେ ହାତରେ ଥାଳିଟିଏ ଧରି ଯେତିକି ଖାଇବି ସେତିକି ନେଇ ଖାଇବା କାମ ଯଲଦି ସାରି ଚାଲିଯିବି, ଏଠି ଲମ୍ବା ପଙ୍ଗତ ଧାଡିରେ ବସି ପାଣିଆ କ୍ଷୀରୀ ହାପୁଡା ଗଗନଭେଦୀ ଶବ୍ଦରେ ମୋର କାନ ତାବଦା ହୋଇ ଯିବନି । ଏମିତି ଭୋଜିରେ ଲୋକ କେତେ ଖାଉଛନ୍ତି, କେତେ ନଷ୍ଟ ହେଉଛି କି କେତେ ସମୟ ଲାଗୁଛି ଏ କଥା ଆମ ଗାଁ ବାଲା ଶୁଣିବା ଆଗରୁ କହୁଥିଲେ, କିଏ ଏମିତି ମାଗଣା ଭୋଜି ଖାଇବ ? ମାନ ସମ୍ମାନ ନାହିଁ, ଭିକାରି ପରି ହାତରେ ଥାଳିଟିଏ ଧରି ମାଗି ମାଗି ଠିଆ ହୋଇ ଖାଉଥିବ ? ମନ ପୂରିବ ନାହିଁ କି ପେଟ ପୂରିବ ନାହିଁ । ବସିବାକୁ ଟିକିଏ ଜାଗା ନାହିଁ, ଶାନ୍ତିରେ ଖାଇବ କେମିତି ?

ବଫେ ପଦ୍ଧତି ଯେବେ ଆମ ରାଜ୍ୟରେ ପ୍ରଚଳିତ ହେବା ଆରମ୍ଭ ହେଲା, ଲୋକ ଦୂରରୁ ଦେଖିଲେ । ଓଡିଆ ପ୍ରଥମେ ଚାମଚରେ ଖାଇବାକୁ ଡରିଲେ । ଚାମଚରେ ଖାଇବା ଆମ ଦେଶରେ କି ରାଜ୍ୟର ପ୍ରଥା ନୁହେଁ । ଆମର ପାଞ୍ଚ ଆଂଗୁଠି ନରମ, ଗରମ ବା ପଖାଳ ପାଟିରେ ଏମିତି ନେଇ ଭୁଞ୍ଜିଦେବେ, ଚାମଚ କୁଆଡେ ତା ସରି ହେବ ? ବିଦେଶୀ ଲୋକ ଅନ୍ତରର ସହିତ ଚାହିଲେ ବି ବାର ବରଷରେ ପଖାଳ ପୁଞ୍ଜିଏ ଆମପରି ଚୁପୁଡି ଖାଇପାରିବେନି । ଆମେ ବି ଚାମଚକୁ ପ୍ରଥମେ ଦୁଧିଖିଆ ପିଲା କି ରୋଗୀଙ୍କର ଖାଇବା ହାତ ବୋଲି ଧାରଣା କରିଥାଉଁ । ଏବେ ଅବଶ୍ୟ ସହର, ଗାଁ ସବୁଆଡେ ଲୋକ ଚାମଚ ବ୍ୟବହାର କଲେଣି । ତଥାପି ଗାଁ ଗଣ୍ଡାରେ ଓଡଆ ବଫେ ଖାଇବାବେଳେ ଚାମଚର ଏତେ ଚାହିଦା ନାହିଁ ।

ଏଇଟା ସେଇ ଜାତି, ଯିଏ ବରଷକ ବାରମାସରେ ତେର ପର୍ବ କରି ଠାକୁରଙ୍କୁ ମାନସିକ ଭାବରେ ଅର୍ପଣ କରି ବିବିଧ ବ୍ୟଞ୍ଜନ ନିଏ । ଋତୁ ଆଉ ପାଗ ଅନୁସାରେ ଖାଦ୍ୟର ପ୍ରକାର ଭେଦ । ସଭ୍ୟତା ଆଉ ସଂସ୍କୃତି କ୍ଷେତ୍ରରେ ଏତେ ପ୍ରାଚୀନ ଓଡିଆ । ମଠ ହେଉ କି ମନ୍ଦିର, ସବୁଠାରେ ଖାଇବାର ବ୍ୟବସ୍ଥା । ଅନ୍ୟ କେହି ଯଦି କହେ ଆମେ ରସଗୋଲା ପ୍ରଥମେ ତିଆରି କରିଛୁ, ତାହା ସତ୍ୟର ଅପଳାପ । ଏମିତି ପଙ୍ଗତଖିଆ ଜାତି ପୃଥିବୀରେ ଏକ । ଗାଁ ଗଣ୍ଡାରେ ଲୋକମାନେ କାହାର ଖାଇବା ଉପରେ ମନ୍ତବ୍ୟ ଦିଅନ୍ତିନି । ଜଣେ ପଛେ ଖାଉଥିବା ଭାତ ଥାଳିକୁ ବିଲେଇ ଡେଇଁ ନପାରୁ, ଦେଖିଲା ବାଲା ସିଏ ଅଧିକ ଖାଉଛି ବୋଲି କହିବାକୁ ନିଜକୁ ନିକୁଛିଆ ମଣନ୍ତି । ଖୋଇ ଖାଇବାରେ ଆନନ୍ଦିତ ଓଡିଆ ।

ଗାଁର ସେଇ ମାମଲତକାର ମାନେ ଆଜି ମାନିଲେ । ବହୁ ବର୍ଷ ଦେଖିବା ପରେ ଚେତା ପଶିଲା । ବଫେ ପ୍ରଥାରେ ଖାଇଲେ ନଷ୍ଟ ହୁଏନି । ଅଳପ ରନ୍ଧାକୁ ବେଶି ଖାଇବା ଲୋକ । ପୁଣି ହାଣ୍ଡି ପାଣି ବ୍ୟବସ୍ଥାରେ ଟିକିଏ ସୁଆଦ ବେସୁଆଦ ହୋଇଗଲେ, ବଫେରେ ଚଳିବ, ପଙ୍ଗତରେ ମୋଟେ ନୁହେଁ । ଏବେ ନିପଟ ମଫସଲରେ ବି ସେଇ ଠିଆ ଠିଆ ଖାଇବା ସୁନ୍ଦର ଭାବରେ ଗୃହୀତ ହୋଇଗଲାଣି । ଖାଲି ଠିଆ ହୋଇପାରୁ ନଥିବା ସିନିୟର ସିଟିଜେନ ମାନଙ୍କ ପାଇଁ ଗୋଟିଏ ଗୋଟିଏ ଚଉକି ଢୁକାଇଦେଲେ ହେଲା ।

ଆମ ଓଡିଆ, ଭାରି ବଢିଆ । 'କ୍ୟୁଟି' କେବଳ 'ବଫେ' ପ୍ଲେଟ୍ ପାଇଁ ସେଇଠାରେ ମୋଟେ ନାହିଁ ଅଳିଆ ।

ସମାରୋହ, ୧୨୮, ଡୁମୁଡୁମା (କ),
ଖଣ୍ଡଗିରି, ଭୁବନେଶ୍ୱର
ମୋ - ୯୦୭୮୬୭୧୪୭୯

✠✠✠

# ଚଉଦିଗ ବାସ୍ନାମୟ

**ଉମାକାନ୍ତ ମହାପାତ୍ର**

ସ୍ୱର୍ଗ ମର୍ତ୍ତ୍ୟ ପାତାଳକୁ
ଏକାକାର କରି
ଜଳ ସ୍ଥଳ ଆକାଶକୁ
ଆକଣ୍ଠ ଆବୋରି
ଶୁଭୁଅଛି ଶବ୍‌ଦଟିଏ, ଓଁ'କାର
ସହସ୍ର ଶତାବ୍ଦୀ ଧରି ନିଭୃତେ ନିଖାରି
ଧୂଳିର ଏ ପୃଥ୍ୱୀପରେ,
ଧୀରେ ଓ ଅଧିରେ ଚରିଯାଏ
ଭାବଟିଏ ଇଥରରେ
ସେ ଚେତନା ଛୁଇଁଯାଏ ସାରା ମନ ପ୍ରାଣ
ଚେଇଁଉଠେ ମୁଗ୍‌ଧ ଆବେଗରେ
ଗଗନ ପବନ ।

ଶତଦଳ ପଦ୍ମର ପାଖୁଡ଼ାପରି
ଫିଟିଯାଏ କାହିଁ
ମୋ' ଭିତରେ ମୁହିଁ
ଲୋଟିଯାଏ, ଲୁଟିଯାଏ, କେନାମେଲେ
ବିଭୋଳ ବାତୁଳ ପ୍ରାୟ ଲାଗୁଥାଏ
ନିଜକୁ ଆଉଟେ ନିଜେ
ଚହଚହ ଚହଟଇ ସ୍ମୃତିର ବଖରା ।
ବାସ୍ନାମୟ ଚଉହଦି ଧୂପ ଦୀପ ଆଗରୁ
ଓ ଛପନ ଭୋଗରେ,
ହାତମାନେ ଆଖିମାନେ
ଆତୁର ଆଡ଼ପେ
ନାଚିକୁଦି କୋଳାଗ୍ରତେ
ଭାବର ବିପଣି ଖୋଲି ବସିଥା'ନ୍ତି
ଆନନ୍ଦ ବଜାରେ,
ରତ୍ନ ମଣ୍ଡପରେ ବିରାଜିତ ବିଗ୍ରହରେ
ପୂଜା ଓ ନୈବେଦ୍ୟ ବାଢ଼ିଦ୍ୟନ୍ତି ପୂଜାପଣ୍ଡା
ମହ ମହ ବାସୁଥାଏ କ୍ଷଠିଏ ପଉଟି
ସେ ସବୁ ତ ଚିର ଅପାସୋରା ।

ସମୟର ଚକ୍ରବାଳ ଡେଇଁଯାଇ
ଚକ୍ରନାଭି ଛୁଉଁଥାଏ ଚକ୍ରବାଳଟିଏ
ଚପଳା ଚମକୁଥାଏ, ଚଉଦିଗ ଚକ୍‌ଚକ୍
ଚଞ୍ଚଳ ଚକିତ ।
ଟାହିଆ ଟହଲୁଥାଏ, ଉଡୁଥାଏ
ଫରଫର ପତିତର ନେତ ।
କଳ୍ପନାର କାଳରୋଳ ଚାଲିଥାଏ ଚାରିଆଡ଼େ
ନିୟତିର ଲଗ୍ନ-ନହବତ ।

ଡହକରେ ଡହଡହ
ଶଶାଗରା ଧରା
ଟକମକ ପାଣିପରି ଖରା ।
ଦୁଃଖ ଶୋକ ସନ୍ତାପର ଦୁନିଆକୁ
ଆଦରେ ଆଦରି
ଚିତ୍ତକୁ ଚିପୁଡ଼ି ମୋହେ
ଆନନ୍ଦେ ଅଧିର କରି
କିଏ ଆସି ଡାକିନିଏ ହାତଧରି
ଜଣାନାହିଁ, ଚକ୍ର ମଣୋହିରେ ଏଠି
ଛଳଛଳ ହୁଏ ମୋର ପ୍ରାଣ
ଆକୁଳେ ଆତୁର !
ଗୁମୁଟରୁ ଶୁଭୁଥାଏ ଗହଗହ ନାଦ ।
ଶଙ୍ଖ ଆଉ ହୁଳହୁଳି, ବାଜଣା ମାଜଣା
ଘଣ୍ଟଘଣ୍ଟା ଆଳତି ଓ ଅର୍ଚ୍ଚନାରେ
ନିର୍ବାଣର ନିସର୍ଗ ନିନାଦ ।

ପ୍ରାର୍ଥନାରେ କଟିଯାଏ ଜୀବନର
ନନ୍ୟ ଓ ଅନ୍ତିମ ପ୍ରହର ।

ଫୁଲର ତୋରଣ ଭାଙ୍ଗି, ନିଘନେ ନଥିବି
ଭାଙ୍ଗିଦେଇ ଆଷାଢ଼ର ଆକାଶରେ
ମେଘର ଆଟୋପ ଆଉ
ମୁଗ୍‌ଧ ମେହେରାବି;
ଦେହମାନେ ଉଡୁଥାନ୍ତି ଆଡ଼ପ ମଣ୍ଡପେ
ଆଖିମାନେ ପରିତାପେ
ଭିଜୁଥାନ୍ତି ଅସରା ଶ୍ରାବଣେ ।
ଛାତି ଚିରି ଛଳନାର ଛବିଳ ହୃଦକୁ
ଫିଙ୍ଗିଦ୍ୟନ୍ତି ପଙ୍ଗୁ ଓ ଅଥର୍ବମାନେ
ଅନାହୂତ ଅସୂୟାର ମହାସମୁଦ୍ରକୁ ।
ସ୍ୱପ୍ନମାନେ ତିରୋହିତ ହେଲେ ବି ତ
ସୁଦର୍ଶନ ସକୁଳେ
ଭାବର ଦରିଆ ପାରି କରୁଥାନ୍ତି
କରୁଣ କାରଣେ ।

ମୁଗ୍‌ଧ ଓ ମଧୁର ଯେତେ
ମୁହ୍ୟମାନ ମୁହୂର୍ତ୍ତକୁ
ସାଦରେ ଶଙ୍ଖୋଳି ନେଇ
ଝାସଦେବା ପାଇଁ ହେଲେ
ଭବ୍ୟ ଏକ ଭାବନାର ଅଗାଧ ସମୁଦ୍ରେ
ହାତଟେକି ନାଚୁଥାନ୍ତି କୁଳ ଗୋତ୍ର ଭୁଲି ସବୁ
ବିଭୋର ବିକଳେ ।
ନିୟତିର ନିତ୍ୟ ରାସ ଚାଲିଥାଏ
ଅନିତ୍ୟ ଆସରେ ଏଠି, ଦିବ୍ୟ ଏକ
ଉଲଙ୍ଗ ଉଲ୍ଲାସେ ।
ଅନ୍ତର ନିଗାଡ଼ି ସର୍ବେ
ଶ୍ରଦ୍ଧା ଆଉ ଶୁଦ୍ଧିର ପ୍ରାର୍ଥନା ବାଡ଼ି
ଶୁଚିପୂତେ
ପ୍ରାଣର ଆକୁଳେ ହଜିଥାନ୍ତି ଯେତେ
ମାୟାର ମୂରତି ଦେଖି ଅଶରୀରି ଆତ୍ମାପରି
ଆନନ୍ଦ ଉଦାସେ,
କାଳରାତ୍ରି କଟେ କୋଳାହଳେ ।

ବିଷଣ୍ଣତା ବିଶେଷ ବିଶାଳ,
ଚାରିଆଡ଼େ ମାତିଛନ୍ତି
ମାଳମାଳ ତସ୍କରର ଦଳ
କୁତ୍ସିତ ଓ କୁଟିଳ ପ୍ରବଳ ।
ପୁଣ୍ୟମୟ ପୃଥିବୀରେ ପାପାଚାରୀ ଯେତେ
ବୁଲୁଛନ୍ତି ସାଧୁସନ୍ଥ ପରି
ସତ୍ୟକୁ ଆଦରି ମରେ
ନିତି ଏଠି ସତ୍ୟର ପୂଜାରୀ ।
ଗୋପନରେ ମଥାକୋଡ଼ି
କାନ୍ଦୁଅଛି ରୂପବତୀ ଅରୁନ୍ଧତୀ-ହତଶିରି
ଗୋପର ଗୁହାଳେ ଆଜି
ରକତମୁଖା
କ୍ଷୁଧାର କଟୁରି
ଚାରିଆଡ଼େ ଚରିଯାଏ କାତର କାକୁତି ।

ଅସହନ ଅସୂୟାରେ ସଢ଼ିଯାଏ
ସାରା ଦେହ ମନ
ହୃଦୟର ହରିତ ଅଳିନ୍ଦ ଯେତେ
ସୁନ୍ଦର ସୋପାନ
ବାସ୍ନାମୟ ବିଭୂତିର ବଡୁରା ମନ୍ତରେ
କଟିଯାଏ ସବୁ ପରାପର.
ଜାଗତିକ ଜଞ୍ଜାଳକୁ ଫିଙ୍ଗିଦେଇ
ଆଜି ମୁଇଁ ଆଡ଼ପ ଆସରେ
ବିନୀତ ପ୍ରଣାମି ବାଢ଼େ
ହେ ମୁକୁନ୍ଦ, ହେ ମାଧବ ଆର୍ତ୍ତତ୍ରାଣ
ପ୍ରଥମ ପ୍ରଣାମ କରେ
ତୋର ପ୍ରିୟ
ଜନ୍ମ ବେଦୀପରେ;
ଯିବାକୁ ମୋ' ମନ ପ୍ରଭୁ !
କ୍ଷୋଭ ଆଉ କ୍ଷମାର ପୃଥିବୀକୁ ଛାଡ଼ି
ତୋ'ର ସେହି ମୋହମୟ ଚଉପାଟ-
ଅଜଣା ଅଦେଖା ପୁର - ସବୁଜ ସୁନ୍ଦର
ଆଲୋକିତ ଅନ୍ଧରର ଆରପାରି
ମୋର ଚିର ଇପ୍‌ସିତ ମନ୍ଦିର
ଯେଉଁଠାରେ ନିରନ୍ତର
ଦେଖୁଥିବି ତୋରେ !!

ଉଦୟରାଗ କମ୍ପ୍ଲେକ୍ସ
ବଳିଆପଣ୍ଡା, ସିପସରୁବାଲି, ପୁରୀ-୧
ମୋ: ୭୦୦୮୪୪୮୯୦୭, ୯୨୩୮୫୯୨୪୮୨

॥ ତିନି ॥

# ଓଡିଆ ଧାର୍ମିକତା : ଅନେକରେ ଏକ ଓ ଏକରେ ଅନେକ

# ଜଗନ୍ନାଥ

ସୁଜାତା ସିହ୍ନା

ଜଗତ ଉଦ୍ଧାର ପାଇଁ ତୁମେ ପ୍ରଭୁ
ବିଜେ ଜନ୍ମବେଦୀ ପରେ ।
ରଥ-ପଥ ସବୁ ଜନଗହଳିରେ
ସଅଁପି ସକଳ ତୋରେ ।।

ସବୁରି ଦୁଃଖକୁ ହରିବା ପାଇଁ କି
ନିଜେ ତୁହି ଜଗନ୍ନାଥ ।
ତୋ କରୁଣା ବିନା ଏ ଭବ ନାଗରେ
ଜଡ଼-ଜୀବ ଅଣାୟତ୍ତ ।।

ଜୀବନ ମୃତ୍ୟୁର ଶେଷରେ ତୁମେ ହିଁ
ଚକ ଚକ ଚକାଆଖି ।
ପାପ ଓ ପୁଣ୍ୟର କାରଣ ବି ତୁମେ
ମୁଁ ତ ଗୋଟେ ନିରିମାଖି ।।

କର୍ମ-ଅକର୍ମର ଭାବନାରେ ହଜି
ଦିବାନିଶି ସରିଯାଏ ।
କେଉଁ ନାମଧରି ଡାକିବି ତୁମକୁ
ଅନ୍ଧକାର ଘୋଟିଯାଏ ।।

ଖନି ମାରିଯାଏ ପାଟି ମୋର ଆଜି
ମୁକ କି ହେବି ମୁଁ ପ୍ରଭୁଃ ।
ଯାହା ଦେଇଥିଲ ନେଇଯାଅ ତୁମେ
ଲୋଭ ମୋହ ମାୟା ସବୁ ।।

ଆଡ଼ପ ମଣ୍ଡପେ ତୁମେ ଥାଅ ପ୍ରଭୁ
ଆଡ଼ପ ଆସରେ ମୁଇଁ ।
ତୁମ ଦର୍ଶନରେ ଦିବ୍ୟ ପୁଲକରେ
ଆଜି ଏଠି ହଜୁଥାଇ ।।

ଅଧ୍ୟକ୍ଷା, ବିନାୟକ ଇଂରାଜୀ ମିଡ଼ିୟମ ସ୍କୁଲ, ଦଳନ, ପୁରୀ
ମୋ : ୯୨୩୮୮୨୯୯୪୪



# ଜଗନ୍ନାଥ ଦେଶର ଲୋକ

ଡ. ମନୋରମା ବିଶ୍ୱାଳ ମହାପାତ୍ର

ମୋତେ ସେଦିନ ଭାରି ଆଶ୍ଚର୍ଯ୍ୟ ଲାଗୁଥିଲା ଯେ ସୁଇଡେନ୍‌ର ଗଟ୍‌ଲ୍ୟାଣ୍ଡ ବିଶ୍ୱ ବିଦ୍ୟାଳୟରେ ଆମେ ଦୁଇଜଣ ଓଡ଼ିଆ ଲୋକ ସାହିତ୍ୟ ସଂପାନରେ ଭାଗନେବା ପାଇଁ ନିମନ୍ତ୍ରିତ ହୋଇଥିଲୁ । ଲୋକ ସାହିତ୍ୟ ମୋ ଗାଁ ଲୋକଙ୍କର ସାହିତ୍ୟ । ଯେଉଁ ଗାଁ ଲୋକମାନେ ସାହିତ୍ୟ ବୋଲି କିଛି ବୁଝନ୍ତି ନାହିଁ । କେବଳ ବୁଝନ୍ତି ଢଗ, ଢ଼ମାଳୀ, ଛଟା, କାନ୍ଦଣାଗୀତ । ସେଗୁଡ଼ିକୁ ଯେ ଲୋକସାହିତ୍ୟ କୁହାଯାଏ, ତାହା ତାଙ୍କ ଧାରଣା ବାହାରେ । ଏସବୁକୁ ନେଇ ପୁଣି ଗବେଷଣା କରାଯାଇପାରେ ବୋଲି ସେମାନେ କେମିତି ଅନୁମାନ କରି ପାରିବେ । ଭାରତବର୍ଷରୁ ଅନେକ ପ୍ରଫେସର ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ଭିତରେ ଥିଲେ ପ୍ରଫେସର ଭେନୁଗୋପାଲ୍ ସରସ୍ୱତୀ । ସେ ତାମିଲ୍‌ନାଡୁ ବିଶ୍ୱ ବିଦ୍ୟାଳୟ ପ୍ରଫେସର । 'କାରିନା ଜାକିବ୍‌ସନ୍' ଥିଲେ ସେମିନାର ଅର୍‌ଗାନାଇଜର୍ । ସବୁ ଭାଷାଭାଷୀ ଲୋକମାନଙ୍କ ସହିତ କେତେ ଚମତ୍କାର ଭାବରେ ଭାବବିନିମୟ କରିପାରୁଥିଲେ ଦେଖିଲେ ଅବାକ୍ ଲାଗୁଥିଲା । ପୃଥିବୀର ବିଭିନ୍ନ ରାଜ୍ୟର ଲୋକ ସାହିତ୍ୟିକମାନଙ୍କର ସମବେତ ଉପସ୍ଥିତି ସମସ୍ତଙ୍କୁ ଆନନ୍ଦ ଦେଉଥିଲା । ଓଡ଼ିଶାର ସତୀର୍ଥ ଜଣକ ନିଜକୁ ସେମାନଙ୍କ ସହିତ ସମାନ ବୋଲି ଭାବୁଥିଲେ । ମଣିଷ ତା ନିଜର ହୀନମନ୍ୟତାକୁ ଲୁଚାଇବାକୁ ଯାଇ ଏହିପରି ଅଦ୍ଭୁତ ବ୍ୟବହାର ବେଳେବେଳେ କରିଥାଏ । ମୋ ସହିତ ଓଡ଼ିଆରେ କଥାବାର୍ତ୍ତା କରିବାକୁ ସେ ଆଦୌ ପସନ୍ଦ କରୁନଥିଲେ ।

ଭାରତଛାଡ଼ି ଏତେ ଦୂର ଯାଉଥିବା ହେତୁ ଭୀଷଣ ଏକୁଟିଆ ଲାଗୁଥିଲା । ଭାବିଥିଲି ଆଉ ଜଣେ ଓଡ଼ିଆ ତ ଅଛନ୍ତି । ନିଜ ମାତୃଭାଷାରେ କଥା ଦିପଦ ତ ହୋଇପାରିବି । ନିଜ ମନକଥା ତ ଖୋଲି କହିପାରିବି । କିନ୍ତୁ ଏସବୁଗୁଡ଼ିକ ଥିଲା ବୃଥା ଭାବନା । ପ୍ରଥମତଃ ସେ ନିଜକୁ କେଉଁଠି ଓଡ଼ିଆ ବୋଲି ପରିଚୟ ଦେବାକୁ କୁଣ୍ଠିତ ଥିଲେ, ପୁଣି ତାଙ୍କ ଗାଁ ଯେ ଓଡ଼ିଶାର ନିପଟ ମଫସଲରେ, ଏକଥା ବି ସେ ପ୍ରକାଶ କରିବାକୁ ଅନିଚ୍ଛୁକ ଥିଲେ । ସମସ୍ତଙ୍କୁ କହୁଥିଲେ ଓ I am Folklorist of India । ଜଣେ ଲୋକସାହିତ୍ୟିକ ଯୁକ୍ତି ଦେଖାଇ କହିଥିଲେ, ଜଣେ ଲୋକ ସାହିତ୍ୟିକର ଆଉ କଣ ପରିଚୟ ଥାଇପାରେ । ତାଙ୍କର ଏଭଳି କଥାରେ ମୁଁ ଯେତିକି ବିସ୍ମିତ ହୋଇଯାଇଥିଲି, ସେତିକି ବିରକ୍ତ ମଧ୍ୟ ହେଉଥିଲି ମନେମନେ । ଜଗନ୍ନାଥ ଦେଶର ଲୋକ ଆମେମାନେ ଏତିକି କହିଲେ ତ ଯଥେଷ୍ଟ ହେବ । ଅଧିକ ପରିଚୟର ଲୋଡ଼ା କ'ଣ ? ମୋତେ ପଚାରୁଥିଲେ ଭାରତର କେଉଁ ସ୍ଥାନରୁ ମୁଁ ଆସିଛି ବୋଲି । ମୁଁ ତାଙ୍କୁ ଜଗନ୍ନାଥଙ୍କ ଫଟୋ ଦେଖାଇ କହୁଥିଲି । ଚିହ୍ନିଛ ଏ ଠାକୁରଙ୍କୁ ? Universal God Sri Jagannath - ସେଇ ଓଡ଼ିଶା । ଓ I am folklorist of Odia. ଓଡ଼ିଶାର ଗୋଟିଏ ଗାଁରେ ମୋ ଘର । ଯେଉଁ ଗାଁର ପୋଖରୀରେ ଅପର୍ଯ୍ୟାପ୍ତ ପାଣି ଶିଉଳି ଫୁଟେ । ତାକୁ ତୁମେ defodil ବୋଲି କହିପାର ।

ମୋ କପାଳରେ ସିନ୍ଦୂର ଟୋପା ଦେଖି ସେମାନେ ଅଭିଭୂତ ହୋଇଯାଇଥିଲେ । ବାରମ୍ବାର ପଚାରୁଥିଲେ "What is this? Perhaps this is your third eye." ମୁଁ ଭାବୁଥିଲି ଏଇଟା ତୃତୀୟ ଚକ୍ଷୁ ନୁହେଁ ତ ଆଉ କଣ ? ଆମ ଓଡ଼ିଆ ମାନଙ୍କର ତୃତୀୟ ଚକ୍ଷୁ ଅଛି ତ ? ମୋର ସମ୍ବଲପୁରୀ ଶାଢ଼ୀ ଏବଂ ପିପିଲି ବ୍ୟାଗ୍ ଦେଖି ସେମାନେ କମ୍ ଖୁସି ହୋଇ ନଥିଲେ ସେଦିନ । ଆମର ଐଶ୍ୱର୍ଯ୍ୟମୟ ପରମ୍ପରା ପାଖରେ ବିଦେଶୀମାନଙ୍କର କୃତ୍ରିମ ଜଗତ କେତେ ତୁଚ୍ଛ । ଅଥଚ ଆମେ ଆମକୁ ଚିହ୍ନିପାରିଲୁନି ଆଜି ପର୍ଯ୍ୟନ୍ତ । ଅନ୍ୟମାନଙ୍କୁ ଅନୁକରଣ କରି ନିଜକୁ ଧନ୍ୟ ମନେକଲୁ । ବର୍ଷ ବର୍ଷ ବିଦେଶରେ ରହି ନିଜ ଗାଁକୁ ଫେରିବାଟାକୁ ନାପସନ୍ଦ କଲୁ । ନିଜ ପ୍ରତିଭା ବଳରେ ଜଣେ ଓଡ଼ିଆ କଙ୍କଡ଼ା ପରି ତାକୁ ବାରମ୍ବାର ତଳକୁ ଟାଣିବାରେ ଆମେ ଆଜି ସେଇ କଙ୍କଡ଼ା ସ୍ତରରେ ହିଁ ରହିଯାଇଛୁ ।

ସେମିନାର ସରିବା ପରେ ମୁଁ ଦିଲ୍ଲୀ ଫେରିଆସିଥିଲି । ଦିଲ୍ଲୀରେ ଝିଅ ଥାଏ ବୋଲି । ଭୁବନେଶ୍ୱରରେ ପହଞ୍ଚିବା ପରେ ଇମେଲ୍ ପାଇଲି, ଯେଉଁଥିରେ କରିନା ଜାକବ୍‌ସନ୍ ଲେଖିଥିଲା, ମନୋରମା, **"ତମ ଜଗନ୍ନାଥଙ୍କୁ ମୁଁ ସ୍ୱପ୍ନରେ ଦେଖିଛି ।"** ତମ ପାଣି ଶିଉଳି ଫୁଟୁଥିବା ଗାଁକୁ ମୁଁ ସ୍ୱପ୍ନରେ ଦେଖିଲି । ଭାରି ଇଚ୍ଛା ହେଉଛି ଥରେ ଯାଇ ତୁମ ଗାଁରେ ବୁଲି ଆସିବା ପାଇଁ । ଭାବୁଛି ଟଙ୍କା ସଞ୍ଚୟ କରିବି ଆସନ୍ତା ବର୍ଷ ନିଶ୍ଚୟ ଜଗନ୍ନାଥଙ୍କ ଦେଶକୁ ଯିବି । ତମ Indian folklorist ଜଣକ ଏଇଠି ତାଙ୍କ Boy friend ଘରେ ରହୁଛନ୍ତି । ଓଡ଼ିଆମାନଙ୍କର ଜାତୀୟ ଚରିତ୍ର କଣ ନିଜର ଓଡ଼ିଆତ୍ୱକୁ ଜଳାଞ୍ଜଳି ଦେଇ ବିଦେଶୀମାନଙ୍କୁ ଅନୁକରଣ କରିବା ? ବିଦେଶରେ ନିଜ ମାତୃଭାଷାରେ କଥା ନହେବା ? ଏଭଳି

ବିପର୍ଯ୍ୟୟର କାରଣ କଣ ବୋଲି ଅନେକ ଥର ନିଜକୁ ପ୍ରଶ୍ନ କରେ ।

ଆମମାନଙ୍କର ଏଇ ହୀନମନ୍ୟତା କେବେ ଶେଷ ହେବ ?

ପ୍ରାୟ ଦୁଇବର୍ଷ ତଳେ ବାଙ୍ଗାଲୋରଠାରେ ସର୍ବ ଭାରତୀୟ କବି ସମ୍ମିଳନୀରେ ଯୋଗ ଦେବା ପାଇଁ ସାହିତ୍ୟ ଏକାଡ଼େମୀ ଦ୍ୱାରା ନିମନ୍ତ୍ରିତ ହୋଇ ବାଙ୍ଗାଲୋର ଯାଇଥିଲି । ଓଡ଼ିଶାରୁ ଆଉ ଜଣେ କବି ନିମନ୍ତ୍ରିତ ହୋଇ ସସ୍ତ୍ରୀକ ଯାଇଥିଲେ । ସେହି କବିତା ଉତ୍ସବରେ ଅନ୍ୟ ଭାଷାର କବିମାନେ ନିଜ ନିଜ ସ୍ଥାନରେ ବସି ଅନ୍ୟମାନଙ୍କୁ କରତାଳି ଦ୍ୱାରା ଉତ୍ସାହିତ କରୁଥିବାର ଦୃଶ୍ୟ ଖୁବ୍ ଚମତ୍କାର ଥିଲା । କିନ୍ତୁ ମୁଁ କବିତା ପଢ଼ିଲା ବେଳେ ଲକ୍ଷ୍ୟ କଲି ମୋ ମାତୃଭାଷାର ସେଇ କବି ଜଣକ ନିଜ ସ୍ତ୍ରୀଙ୍କୁ ବାଙ୍ଗାଲୋର ବୁଲି ଦେଖାଇବା ପାଇଁ ନିଜ କବିତା ପଢ଼ି ସାରିବା ମାତ୍ରେ ସଭାଗୃହ ଛାଡ଼ି ଚାଲିଯାଇଛନ୍ତି । ନିଶ୍ଚିତ ଭାବରେ ମୋ ପାଇଁ ଆନନ୍ଦଦାୟକ ହୋଇଥାଆନ୍ତା ଯଦି ସେ ସମ୍ମିଳନୀରେ ଉପସ୍ଥିତ ରହିଥାନ୍ତେ । ଆମେ ଦୁଇଜଣ ଓଡ଼ିଶାରୁ ନିମନ୍ତ୍ରିତ ହୋଇଥିଲୁ । ଅନ୍ୟ ଭାଷାରେ କବିଙ୍କ ଆଖିରୁ ଏହି ଘଟଣା ନିଶ୍ଚୟ ବାଦ ଯାଇ ନଥିବ । ଜଗନ୍ନାଥ ଦେଶର ଲୋକଙ୍କୁ ନିଶ୍ଚୟ ସେଦିନ କରୁଣା ଦୃଷ୍ଟିରେ ଦେଖିଥିବେ ସେମାନେ । ରାତ୍ରି ଭୋଜନରେ ତାଙ୍କ ସହିତ ଦେଖା ହେବା ମାତ୍ରେ ସେ କହିଲେ, ଆପଣଙ୍କ ଉପସ୍ଥାପନା ନିଶ୍ଚୟ ଭଲ ହୋଇଥିବ ! ଆମେ ରହିପାରିଲୁନି, ସେଥିପାଇଁ ଦୁଃଖିତ । ଏଇଟା ବୋଧହୁଏ ଆମର ଆଜିର ଓଡିଆ ଚରିତ୍ର ।

ଏହିପରି ଏକାଧିକ ଘଟଣାର ସାକ୍ଷୀ ମୁଁ ନିଜେ । ଯୁଗ ଯୁଗ ଧରି ଓଡ଼ିଶା ଅତ୍ୟାଚାରିତ, ଅବହେଳିତ ହୋଇଆସିଛି । ଶ୍ରୀ ଅରବିନ୍ଦ କହିଥିଲେ ଭାରତବର୍ଷ ତଥା ବିଶ୍ୱକୁ ଦିଗ୍‌ଦର୍ଶନ ଦେବାର ସାମର୍ଥ୍ୟ ରହିଛି ଓଡ଼ିଶାର । ଜଗନ୍ନାଥ ଦେଶର ଲୋକ ଆମେ । ଆଜି ଆତ୍ମସମୀକ୍ଷା କରିବାର ବେଳ ଆସିଛି ଆମର ହୀନମନ୍ୟତା, ଅସହିଷ୍ଣୁତା ତ୍ୟାଗ କରି ପରସ୍ପର ପ୍ରତି ସହାନୁଭୂତିଶୀଳ ହୋଇ ଏକ ଆଦର୍ଶ ଜାତି ଭାବରେ ନିଜକୁ ପ୍ରତିଷ୍ଠା କରିବା ।

**ପ୍ରୀତମପୁରୀ, ୧୨୫, ଆଚାର୍ଯ୍ୟ ବିହାର**
**ଭୁବନେଶ୍ୱର, ଫୋନ୍-୦୯୪୩୭୦୧୧୦୦୩**

✠✠✠



# ବାରମାସେ ତେର ପର୍ବର ଓଡିଆ ଜୀବନ

**ଜ୍ୟୋସ୍ନା ମହାପାତ୍ର**

କେବଳ ଓଡିଶାରେ କାହିଁକି, କୌଣସି ଜାତି, ସମାଜ ଅବା ବ୍ୟକ୍ତିର ଜୀବନଧାରାରେ ଆଦୃତ ଯାନିଯାତ୍ରା, ଉତ୍ସବ, ପର୍ବ ପର୍ବାଣି, ବ୍ରତ ଉପବାସ ସେଇ ଜାତିର ପରମ୍ପରା, ଜୀବନ-ଧାରା-ଧର୍ମ-ବୋଧ ପରି ସୁଦୃଢ ଭିତ୍ତିଭୂମି ଉପରେ ପ୍ରତିଷ୍ଠା ଲାଭ କରେ । ଜାତି ଓ ସମାଜକୁ ସମନ୍ୱିତ କରେ, ବଳିଷ୍ଠ ପ୍ରାଣରେ ଗଢି ତୋଳେ । ଜାତି ପ୍ରାଣବନ୍ତ ହୁଏ । କୌଣସି ପର୍ବ ଗୋଟିଏ ବର୍ଷରେ ଗଢି ଉଠେନି । ବଳିଷ୍ଠ ସାମାଜିକ ନିଷ୍ପତ୍ତିରେ ଧର୍ମାବତାର ବା ଧାର୍ମିକ ପରିଭାଷାରେ ଆଧାତ୍ମିକ ପରିବେଶରେ ଅୟମାରମ୍ଭ ହୁଏ କୌଣସି ପର୍ବ । ରାଜକୀୟ ସ୍ୱୀକୃତି ଓ ମନ୍ଦିରରେ ପ୍ରଚଳନ ବି ଅନେକ ପର୍ବପର୍ବାଣିର ସମାବେଶ ବଢାଇଦିଏ, ଏମିତି ଯୁଗଯୁଗର ପାଳନ ପରେ ପର୍ବପର୍ବାଣି ଶତ ସହସ୍ର ବର୍ଷ ସମାଜରେ ପାଳିତ ହୋଇ ଚାଲେ, ଏହାର ବିଲୟ ହୁଏନି । ଜାତିର ପରିଚୟ ହୋଇ ରହେ । ଜାତି ଦୂର ଜଗତରେ ଉପନିବେଶ ବା ଜୀବିକା ନିର୍ବାହ କଲେ, ତାହା ତାଙ୍କ ଜାତି ଲକ୍ଷଣ ବୋଲି ପରିଚିତ ହୁଏ । କେବଳ ଧର୍ମ ପରିବର୍ତ୍ତନ କରୁଥିବା ବିଧର୍ମୀ ମାନେ ଆଉ ପାରମ୍ପରିକ ଜାତିଗତ ପର୍ବ ପର୍ବାଣି ପାଳନ୍ତି ନାହିଁ ।

ଏଥିରୁ ସ୍ପଷ୍ଟ ଅନୁମେୟ, ଆମ ପର୍ବ ପର୍ବାଣି ପ୍ରାଚୁର୍ଯ୍ୟ ପ୍ରାଚୀନ ଓଡିଆ ଜୀବନ ପ୍ରବାହର ଅନେକ ପରମ୍ପରା, ଅନେକ ଲୋକକଥା, ବହୁ ପୌରାଣିକ ଯୋଗସୂତ୍ର, ଯଥେଷ୍ଟ ଐତିହାସିକ ପ୍ରମାଣ ମିଳେ ପ୍ରତିଟି ଉତ୍ସବ ଆୟୋଜନରୁ । କିଏ କେଉଁ ଦିନଠାରୁ କଳିଙ୍ଗ-ଉତ୍କଳ-କୋଶଳ-ଓଡିଶାରେ ଉଦ୍‌ଭବ ହେଲେ ତାହା ନିର୍ଣ୍ଣୟ କରିବା ଆଦୌ ସହଜସାଧ୍ୟ ନୁହେଁ, ମାତ୍ର ପ୍ରତିଟିର ଧାର୍ମିକ, ସାଂସ୍କୃତିକ, ସାମାଜିକ, ଭୌଗୋଳିକ, ବୈଜ୍ଞାନିକ ତଥା ସାହିତ୍ୟିକ ଦୃଷ୍ଟିକୋଣ ରହିଛି ।

ଭାରତର ସବୁ ରାଜ୍ୟରେ ପର୍ବପର୍ବାଣି ଭିନ୍ନ ଧରଣର । ଧର୍ମ ପରମ୍ପରା କ୍ଷେତ୍ରରେ ଅନେକ ସମାନ ପର୍ବ ରହିଥିଲେ ବି ସେଗୁଡିକର ପ୍ରାଧାନ୍ୟ ପ୍ରତି ରାଜ୍ୟରେ ଅଲଗା । ସେମିତି କଲିକତାରେ ଦୁର୍ଗାପୂଜା, ଆସାମରେ ବିହୁ, ଆନ୍ଧ୍ର ପ୍ରଦେଶରେ ପୋଙ୍ଗଲ୍, କେରଳରେ ଓନମ୍, ବିହାରରେ ଛଟ୍, ମହାରାଷ୍ଟ୍ରରେ ଗୁଡି ପଡୱା, ମୁମ୍ବାଇରେ ଗଣେଶପୂଜା, ଉତ୍ତର ଭାରତରେ ହୋଲି, ଦିୱାଲି, କରୱାଁ, ଚୌଥ୍ ଆଦି ମୁଖ୍ୟ ପର୍ବ ଭାବରେ ପାଳିତ ହୁଏ । କଲିକତାରେ ଦେବୀ ପୂଜା ଯଥା - ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା, ସରସ୍ୱତୀ ପୂଜା ଗୁଡିକର ପ୍ରାଧାନ୍ୟ ରହିଥିବା ବେଳେ ଦେବପୂଜାର ଉଦାହରଣ ବିରଳ ।

ଆମ ଓଡିଶାରେ ସେମିତି କିଛି ନିର୍ଦ୍ଦିଷ୍ଟ ପର୍ବ ନାହିଁ । ବାରମାସରେ ତେର ପର୍ବ । ସବୁ ପୂଜା ପର୍ବ ମଧ୍ୟରୁ ରଥଯାତ୍ରା ଓ ରଜ ପର୍ବର ସ୍ୱତନ୍ତ୍ରତା କେବଳ ଓଡିଶାରେ ନୁହେଁ, ଦେଶ ବିଦେଶର ଓଡିଆ ସମାଜ ବା ପରିବାରଗୁଡିକରେ ଜାକଜମକରେ ପାଳିତ ହୁଏ । ଓଡିଶା ଭିତରେ ପୁରୀର ରଥଯାତ୍ରା, କଟକର ଦୁର୍ଗାପୂଜା ଆଉ ବାଲିଯାତ୍ରା, ଜଟଣୀର ଗଣେଶ ପୂଜା, ଢେଙ୍କାନାଳର ଲକ୍ଷ୍ମୀପୂଜା, ପଶ୍ଚିମ ଓଡିଶାର ନୂଆଖାଇ, ମୟୁରଭଞ୍ଜ ଓ କେନ୍ଦୁଝରର ମକରମେଳା ଏବଂ ଭୁବନେଶ୍ୱରର ଲିଙ୍ଗରାଜ ମହାପ୍ରଭୁଙ୍କର ରକୁଣା ରଥଯାତ୍ରା ଖୁବ୍ ନିଆରା ।

ଆମ ଓଡିଶାରେ ବର୍ଷ ଆରମ୍ଭ ହୁଏ ମହାବିଷୁବ ସଂକ୍ରାନ୍ତିରୁ । ଏହାକୁ ପଣା ସଂକ୍ରାନ୍ତି ଅବା ଛତୁଆ ସଂକ୍ରାନ୍ତି ମଧ୍ୟ କୁହାଯାଏ । ଏଇଦିନ ବି ହନୁମାନ ଜୟନ୍ତୀ । ବୈଶାଖ ମାସ ଧର୍ମ ମାସ ଭାବରେ ପରିଗଣିତ । ଏହି ଦିନ ଜଳଛତ୍ର ଖୋଲାଯାଏ ବାଟୋଇ, ଗୋରୁଗାଈ ଆଉ ପଶୁପକ୍ଷୀ ମାନଙ୍କ ପାଇଁ । ଚଉରାରେ ଠେକି ବନ୍ଧାଯାଏ । ଏହି ଦିନ ବେଲ ସହିତ ଛେନା, ଗୁଡ, କଦଳୀ, ନଡିଆ, କ୍ଷୀର, ଦହି ମିଶାଇ ପଣା ପ୍ରସ୍ତୁତ କରାଯାଏ । ଭୋଗ ଲାଗେ । ନିଜ ନିଜ ମଧ୍ୟରେ ପଣାର ଆଦାନ ପ୍ରଦାନ କରାଯାଏ ।

ଜ୍ୟେଷ୍ଠ ପୂର୍ଣ୍ଣମା ବା ଚନ୍ଦନ ପୂର୍ଣ୍ଣିମା ଘରର ଜ୍ୟେଷ୍ଠ ସନ୍ତାନ ନୂଆ ଲୁଗା ପିନ୍ଧନ୍ତି । ଚନ୍ଦନ ଯାତ୍ରାରେ ଠାକୁରଙ୍କର ଚାପ ଖେଳ ଆରମ୍ଭ ହୁଏ । ଏହି ସମୟରେ ଅମାବାସ୍ୟା ଦିନ ସାବିତ୍ରୀ ବ୍ରତ ପାଳନ ହୁଏ । ଓଡିଆ ଘରର ପରମ୍ପରାକ୍ରମେ ଝିଅଘରକୁ ସାବିତ୍ରୀ ଭାର ପଠାଯାଏ । ଶାଢୀ, ଚୁଡି, ସିନ୍ଦୂର ଓ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀ ସହିତ ଆମ୍ବ ପଣସ ସପୁରି ଭାର ମଧ୍ୟ ଦିଆଯାଏ । ସାବିତ୍ରୀ ପୂଜାରେ ଠାକୁରାଣୀଙ୍କ ପାଖରେ ଶାଢୀ ଶଙ୍ଖା, ଫଳ ମୂଳ ପୂଜା କରି ଓଡିଆ ରମଣୀ ସ୍ୱାମୀଙ୍କର ଦୀର୍ଘଜୀବନ କାମନା କରେ ।

ରଜ ସଂକ୍ରାନ୍ତି ଆସେ ଜ୍ୟେଷ୍ଠ ମାସ ଶେଷ ଆଡକୁ । ଏହି ସମୟରେ ଓଡିଶାରେ ଚାରି ପାଞ୍ଚ ଦିନ ବ୍ୟାପୀ ଘରେ ଘରେ ରଜ ପର୍ବ ପାଳିତ ହୁଏ । ଓଡିଶା ରାଜ୍ୟରେ ଏହି ପର୍ବ ଏକ ଗଣ ପର୍ବ । ଉପକୂଳ ଅଞ୍ଚଳରେ ଏହା ମହା ଆଡମ୍ବରରେ ଅନୁଷ୍ଠିତ ହୁଏ । ଏହି ରଜ ପାଞ୍ଚଦିନ ଏମିତି ନାମକରଣ କରାଯାଏ - ରଜ ସଜବାଜ, ପହିଲି ରଜ, ରଜ ସଂକ୍ରାନ୍ତି, ଭୂମି ଦାହ ଓ ବସୁମତୀ ସ୍ନାନ । ବସୁମତୀ ସ୍ନାନ ପରଠାରୁ ସମସ୍ତେ ନିଜ ନିଜ କାମରେ ଲାଗି ପଡନ୍ତି । ଏହି ପର୍ବରେ କୌଣସି ଦେବାଦବୀଙ୍କୁ ପୂଜାର୍ଚ୍ଚନା କରାଯାଏନି, ଏହା ଏକ ମଉଜ ମଜଲିସ୍‌ର ପର୍ବ । ରଜ ପାନ, ରଜ ପୋଡ ପିଠା. ରଜ ଦୋଳି ଏହି ପର୍ବର ମୁଖ୍ୟ ଆକର୍ଷଣ । ନାନା ପ୍ରକାର ପିଠାପଣା, ମାଛ ମାଂସ, ଫଳମୂଳରେ ଘର ପୂରି ଉଠେ । ଲୁଡୁ, ବାଗୁଡି ଆଉ ତାସ୍ ଖେଳରେ ଲୋକ ମଜି ଯାଆନ୍ତି । ଏହି ସମୟରେ ଚାଷ କାମ ସମ୍ପୂର୍ଣ୍ଣ ବନ୍ଦ, କଟା ବଟା ବନ୍ଦ, ରନ୍ଧା ରନ୍ଧି ବି ବନ୍ଦ ହୁଏ, ଉଠା ଚୁଲିରେ ରୋଷେଇ କରାଯାଏ, ଘର ସାଜ ସରଞ୍ଜାମ ସବୁ ବିଶ୍ରାମ ପାଆନ୍ତି । ରଜର ପାରମ୍ପରିକ ଗୀତ ହେଉଛି -

ବନସ୍ତେ ଡାକିଲା ଗଜ,<br>
ବରଷକେ ଥରେ ଆସିଛି ରଜ<br>
ଆସିଛି ରଜ ଲୋ<br>
ଘେନି ନୂଆ ସଜବାଜ ।<br>
ରଜ ଦୋଳି କଟ କଟ<br>
ମୋ ଭାଇ ମଥାରେ ସୁନା ମୁକୁଟ<br>
ସୁନା ମୁକୁଟ ଲୋ,<br>
ଦିଶୁଥାଏ ଝଟମଟ ।<br>
ପାନ ଗୁଆ ରସିକ ପାଟି,<br>
ଖୋଜି ବୁଲୁଥିଲା ରାଜାଙ୍କ ହାତୀ ।<br>
ଢାଳି ଦେଇଗଲା ଶିରରେ<br>
ରାଜା ହୋଇଗଲେ ରଜରେ । ।

ଏମିତି ଗୀତ ଗାଇ ଝିଅମାନେ ନୂଆ ଲୁଗା ପିନ୍ଧି ଅଳତା କୁଙ୍କୁମ ଲଗାଇ ମୁଣ୍ଡରେ ଚନ୍ଦନ ଟୋପା ଦେଇ ଘରକୁ ଘର ଗାଁ ବୁଲି ପାନ ଖାଇ ରଜ ଦୋଳି ଖେଳି ହର୍ଷୋଲ୍ଲାସରେ ରଜ ପର୍ବ ପାଳନ କରନ୍ତି । ଗାଁଗଣ୍ଡା ଉତ୍ସବମୁଖର ହୋଇଉଠେ । ରଜ ସଂକ୍ରାନ୍ତି ପ୍ରମୁଖ ରୂପ ନେଇଥାଏ । ଏହି ସଂକ୍ରାନ୍ତିକୁ ମିଥୁନ ସଂକ୍ରାନ୍ତି ମଧ୍ୟ କୁହାଯାଏ । ଏହି ସମୟରେ ବାୟୁମଣ୍ଡଳରେ ଏକ ପରିବର୍ତ୍ତନ ଦେଖାଯାଏ । ଆକାଶ (ମେଘ) ଆଉ ମାଟି (ପୃଥିବୀ)ର ମହାମିଳନ ଘଟେ । ବର୍ଷା ଋତୁର ଶୁଭାଗମନ ଘଟେ । ଧରଣୀରାଣୀ ରୌଦ୍ରତାପରୁ ମୁକ୍ତ ହୋଇ ବର୍ଷା ଜଳ ସ୍ପର୍ଶରେ ଉତ୍‌ଫୁଲ୍ଲିତ ହୋଇଉଠେ । ସମସ୍ତେ ଚଳଚଞ୍ଚଳ ହୋଇ ଉଠନ୍ତି । ରଜପର୍ବ ଓ ପାଗ ବେଶ୍ ଉପଭୋଗ୍ୟ । ଦକ୍ଷିଣରେ ଏହି ସଂକ୍ରାନ୍ତି 'ସଂକ୍ରମଣମ୍', ପୂର୍ବାଞ୍ଚଳରେ 'ଆଷାଢ' ଏବଂ କେରଳରେ 'ମିଥୁନମ୍ ଓଣ୍ଟ' ନାମରେ ପରିଚିତ ।

ଏହା ପରେ ଆସିଯାଏ ରଥ ଯାତ୍ରା । ରଥଯାତ୍ରାର ପ୍ରସ୍ତୁତି କଷ୍ଟକର, ବ୍ୟୟବହୁଳ ଆଉ ସମୟ ସାପେକ୍ଷ ମଧ୍ୟ । ଏହାର ପ୍ରତିଟି ରୀତି, ନୀତି, ପରମ୍ପରା ଶାସ୍ତ୍ରମତେ ପାଳନ କରାଯାଏ । ରଥ, କାଠ, ଅନୁକୂଳ, ରଥ ନିର୍ମାଣ, ସ୍ନାନ ମଣ୍ଡପରେ ସ୍ନାନ, ଗଜବେଶ, ଜୀଉଙ୍କର ଅସୁସ୍ଥତା, ଅଣସର ଗମନ, ମହୌଷଧି ଆଉ ମଇଲମ ସେବନ, ସୁସ୍ଥ ହୋଇ ନବଯୌବନ ଦର୍ଶନ ଆଦି ପର୍ବ ଗୁଡିକ ରଥଯାତ୍ରା ପୂର୍ବର ବିଧି । ଠାକୁର ବର୍ଷରେ ଥରେ ଆସି ଥାଆନ୍ତି । ମନରେ ଓଡିଆ ଜାତିର ଭକ୍ତି, ମାନ ମହତ ସବୁ ମନେ ପକାଇ ଦେବାକୁ । ଓଡିଆ ସମାଜରେ ପରମ୍ପରାରେ ଭାଇ-ଭଉଣୀର ସମ୍ପର୍କ ଆଉ ସ୍ତ୍ରୀର ଅଧିକାରର ମୂଳ ଧାରଣା ସୂଚାଇ ଦେବାକୁ । ମନରେ ସମର୍ପଣର ଏକ ଭାବ ସୃଷ୍ଟି କରିବାକୁ । ମନେ ପଡିଯାଏ ସବୁ ବର୍ଷ ପରି -

"ରଥା ରଢ଼ୋ ଗଛନ୍ ପଥି ମିଳିତ-ଭୂଦେବ -ଅଟଳୈଃ<br>
ସ୍ତୁତି-ପ୍ରାଦୁର୍ଭାବଂ ପ୍ରତିପଦ ମୁପାକର୍ଣ୍ୟ ସଦୟଃ<br>
ଦୟା-ସିନ୍ଧୁ ବନ୍ଧୁଃ ସକଳ ଜଗତାଂ ସିନ୍ଧୁ ସୁତୟା,<br>
ଜଗନ୍ନାଥ ସ୍ୱାମୀ ନୟନପଥ ଗାମୀ ଭବତୁମେ ।"

ଓଡିଶା ପ୍ରଶାସନଏହି ଜଗନ୍ନାଥ ପରମ୍ପରାକୁ ତତ୍ପରତା ସହିତ ପାଳନ କରିଆସୁଅଛି । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ସମାବେଶ ଓଡିଆ ପରମ୍ପରା ଆଉ ଆଧ୍ୟାତ୍ମିକତାର ନିଦର୍ଶନ । ଏହା ଏବେ ବିଶ୍ୱବ୍ୟାପୀ ପାଳିତ ହେବା ଆମ ଓଡିଆ ଐତିହ୍ୟର ଆଦର ଆଉ ମାନବିକତାର ଆଦର୍ଶ ନିଶ୍ଚୟ ।

ଚତୁର୍ମାସ୍ୟାର ଧାରାଶ୍ରାବଣରେ ପ୍ରତି ସୋମବାର ଦିନ ଶିବଭକ୍ତମାନେ ବୋଲେ ବମ୍ ଧ୍ୱନିରେ ଗଗନ ପବନ ମୁଖରିତ କରି ମହାଦେବଙ୍କ ଉପରେ ପାଣି ଢାଳନ୍ତି ଏବଂ ନିଜର ମନସ୍କାମନା ବ୍ୟକ୍ତ କରନ୍ତି ।

ଶ୍ରାବଣ ମାସରେ ଓଡିଆ ଘରର ମୌଳିକ ପର୍ବ ଦୁଇଟି ହେଉଛି ଚିତାଲାଗି ଅମାବାସ୍ୟା ଆଉ ଗହ୍ମା ପୁନେଇଁର ବଳଦେବ ଜନ୍ମ ଓ ରାକ୍ଷୀ ବନ୍ଧନ ପର୍ବ । ଭାଦ୍ରବ ମାସର ଜନ୍ମାଷ୍ଟମୀ, ଖୁଦୁରୁକୁଣୀ, ଗଣେଷ ପୂଜା ଆଉ ବିଶ୍ୱକର୍ମା ପୂଜା । ଗହ୍ମା ପୁନେଇଁରେ ଓଡିଆ ଘର ମାନଙ୍କରେ ବଳଭଦ୍ର ପୂଜା ଅବସରରେ ବଳଦ ଗାଧୋଇଦେଇ ମୁଣ୍ଡରେ ହଳଦି ଲଗାଇ ପୂଜା କରନ୍ତି । ବ୍ରାହ୍ମଣ ନନା ମାନେ ଘରେ ଘରେ ପଇତା ଦେଇ ଆଗରୁ ଯାହା ପାରମ୍ପରିକ ରୀତିରେ ପର୍ବଟି ପାଳନ କରୁଥିଲେ, ଆଜି ତାହା ଦେଖାଣିଆ ଭାବରେ ରାକ୍ଷୀ ବନ୍ଧନ ପର୍ବ ଭାବରେ ସମାରୋହରେ ପାଳିତ ହେଉଛି । ଭାଇ-ଭଉଣୀ ମଧ୍ୟରେ ସମ୍ପର୍କର ମାଧ୍ୟମ ହୋଇଛି ରାକ୍ଷୀ ।

ବିଘ୍ନରାଜ ଗଣେଶଙ୍କ ପୂଜା ସ୍କୁଲ କଲେଜ ଆଉ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ମାନଙ୍କରେ ଧୁମ୍‌ଧାମ୍‌ରେ ପାଳିତ ହୁଏ । "ନମୋ ଗଣେଶ

ବିଘ୍ନେଶ ଗିରିଜା ନନ୍ଦନ ପ୍ରଭୋ; ମମ ବିଘ୍ନ ବିନାଶାୟ ଗଣାଧିପତୟେ ନମଃ” ସମସ୍ତଙ୍କ ମୁଖରେ ଉଚ୍ଚାରିତ ହୁଏ ।

ଏହି ସମୟରେ ନୂଆ ଖାଇ ପଶ୍ଚିମ ଓଡିଶାର ବଡ ପର୍ବ । ନୂଆ ଲୁଗା ପିନ୍ଧି ଇଷ୍ଟଦେବୀ ସମଲେଶ୍ୱରୀଙ୍କ ପାଖରେ ନବାନ୍ନ ଅର୍ପଣ କରି ଖୁବ୍ ଆଡମ୍ବରରେ ଭେଟ୍‌ଭାଟ୍ ଅନୁଷ୍ଠିତ ହୁଏ । ଏହି ସମୟର ଅନ୍ୟାନ୍ୟ ପର୍ବପର୍ବାଣି ଗୁଡିକ ହେଉଛନ୍ତି, ରାଧାଷ୍ଟମୀ, ବାମନଜନ୍ମ, ସୁନିଆ, ଅନନ୍ତ ବ୍ରତ, ଭାଗବତ ଜନ୍ମ, ବିଶ୍ୱକର୍ମା ପୂଜା, ଦୁତୀୟା ଓଷା ଓ ମହାଳୟା ।

ଖୁଦୁରୁକୁଣୀ ଓଷା ଓଡିଆ ଜାତିର ଗୋଟିଏ ଲୋକପ୍ରିୟ ପାରିବାରିକ ଓଷା, ଯାହା କୁମାରୀ କନ୍ୟାମାନେ ପାଳନ କରନ୍ତି । ଇତିହାସ ଖୁଅରେ ବଞ୍ଚିରହିଥିବା ସାଧବ ଆଉ ଓଡିଆ ବୋଇତ ବିଦେଶ ବଣିଜକୁ ନେଇ ଓଡିଆ କନ୍ୟା ଭାଉଜ ମାନଙ୍କ ନିର୍ଯ୍ୟାତନାର ଶିକାର ହେବା ପରେ ଭାଇମାନେ ବିଦେଶରୁ ଫେରି ପ୍ରତିଶୋଧ ନେଇଛନ୍ତି । ଭାଇ-ଭଉଣୀର ନୈସର୍ଗିକ ସମ୍ପର୍କର ଅବତାରଣା ସହିତ ବିଶାଳ ଉତ୍କଳର ମହାନ୍ ଦରିଆପାରି ବାର୍ଷିକ ବଣିଜର ଅଭିଲେଖ ବହନ କରିଛି ଏହି ଲୋକପ୍ରିୟ ପର୍ବ ।

ଏହାପରେ ଆରମ୍ଭ ହୁଏ ପାର୍ବଣ ଋତୁ ।  ନବରାତ୍ର ଓ ଶାରଦୀୟ ଦଶହରା ଚାରିଆଡେ ଆଡମ୍ବରରେ ପାଳନ କରାଯାଏ । ପରେ ପରେ କୁମାରୋତ୍ସବ ଓଡିଶାରେ ଝିଅ ମାନଙ୍କର ଗୋଟିଏ ବିଶିଷ୍ଟ ପର୍ବ ।  ଏହା ସହିତ ଗଜଲକ୍ଷ୍ମୀପୂଜା ଆରମ୍ଭ ହୁଏ । କୁମାର ପୂର୍ଣ୍ଣିମାର ସାମାଜିକ ବ୍ୟାପ୍ତି ନବବଧୂ ଶରତ ଋତୁର ସରସ ବଦନ ଆଉ ଉଜ୍ଜ୍ୱଳ ଶରଦ ଶଶୀର ନିର୍ମଳ ଜ୍ୟୋତ୍ସ୍ନା ଆଲୋକରେ ଗାଁର କୁଆଁରୀ କନ୍ୟାମାନେ ଉଡଳା ମନରେ ପୁଚିଳେଳି ଗାଉଛନ୍ତି, “କୁଆଁର ପୁନେଇଁ ଜହ୍ନ ଲୋ ଫୁଲ ବଉଳବେଣୀ” । ରଜ ପର୍ବ ପରେ କେଇ ମାସ ଗୋଠ ଛାଡି ମଉଜ ଭୁଲି ଯାଇଥିବା ପଲ୍ଲୀ ବାଳିକା ମାନେ ସ୍ୱର ଲମ୍ବାଇ ଗାଉଛନ୍ତି –

“ଠିଆ ପୁଁଚି ନାରଙ୍ଗ, ଗୋଡ ଦି ଟି ସାରଙ୍ଗ
ସାରଙ୍ଗ ବାଡିକି ଯାଇଥିଲି, ନାରଙ୍ଗ ପୁଞ୍ଜିଏ ଆଣିଥିଲି
ଅଧେ କଲି ଭଜା, ଅଧେ କଲି ରାଇ,
ମୋ ଭାଇ ରଜା, ତୋ ଭଉଣୀ ରାଣୀ
କଟକରେ ଅଛି ବଡ ଭଉଣୀ ଦେଇ ପଠାଇବି ପାଣି ।”

ପରେ ପରେ ଆସେ ଦୀପାବଳୀ । ଏ ଦିନ ପୟାଶ୍ରାଦ୍ଧ ପାଳନ କରାଯାଏ । ପୂର୍ବ ପୁରୁଷଙ୍କ ଉଦ୍ଦେଶ୍ୟରେ ବଡବଡୁଆ ଡାକି କାଉଁରିଆ ବିଡାରେ ଅଗ୍ନି ସଂଯୋଗ କରି ପୟା ଡକାଯାଏ ।  “ବଡବଡୁଆ ହୋ, ଅନ୍ଧାରେ ଆସି ଆଲୁଅରେ ଯାଅ । ବାଇଶ ପାହାଚରେ ଗଡଗଡଉ ଥାଅ ।” ଦୀପ ଆଲୋକ ଆଉ ଆତସବାଜିର ଶବ୍ଦରେ ବାୟୁମଣ୍ଡଳ ସ୍ୱତନ୍ତ୍ର ରୂପ ନିଏ । ଏହି ଦୀପାବଳୀ ଦିନ କାଳୀପୂଜା ଅନୁଷ୍ଠିତ ହୁଏ । ଭଦ୍ରକରେ କାଳୀପୂଜା ମହା ଆଡମ୍ବରରେ ପାଳିତ ହୁଏ ।

କୁମାର ପୂର୍ଣ୍ଣିମା ପରଠାରୁ କାର୍ତ୍ତିକ ମାସ ଓଡିଶାରେ ଗୋଟିଏ ପୁଣ୍ୟ ମାସ, ଲୋକମାନେ କାର୍ତ୍ତିକ ବ୍ରତ ପାଳନ କରନ୍ତି । ଚଉରା ମୂଳରେ ମୁରୁଜରେ ଚିତା ପକାଇ ନିରାମିଷ ହବିଷ ଭୋଜନ ସହିତ ମାସର ଶେଷ ପାଞ୍ଚଦିନର ପଞ୍ଚକ ପାଳନ କରାଯାଏ, ଅନେକ ଗାଁଗଣ୍ଡାରେ ଆକାଶ ଦୀପ ଜଳାଇ ପୂଜାନୁଷ୍ଠାନ କରାଯାଏ । କାର୍ତ୍ତିକ ପୂର୍ଣ୍ଣିମା ଦିନ ବଡି ଭୋରରୁ ଓଡିଶାର ପୁରପଲ୍ଲୀରେ ଡଙ୍ଗା ଭସାଣ ବା ବୋଇତ ବନ୍ଦାଣ ପରମ୍ପରା ଅନୁଷ୍ଠିତ ହୁଏ । ଗାଁ ଗଣ୍ଡାରେ କଦଳୀ ପଟୁଆରେ ଡଙ୍ଗା ତିଆରି କରି ନଈ, ପୋଖରୀ କି ଜଳାଶୟରେ ଭସାଇ ଥାଆନ୍ତି । ପାନ ଗୁଆ ଫୁଲ ଦୀପ ଦେଇ କହନ୍ତି, “ଆ, କା, ମା, ବୈ, ପାନ ଗୁଆ ତୋର ; ମାସକ ଧରମ ମୋର” । ଏବେ ବଡ ଧରଣର ବୋଇତ ବନ୍ଦାଣ ପର୍ବ କଟକ, ପାରାଦୀପ ଆଉ କେତେ ଅଞ୍ଚଳରେ ପାଳିତ ହେଉଛି । ଏହା ପ୍ରାଚୀନ  ଉତ୍କଳର ସାଧବ ମାନଙ୍କର ବାଲି, ଜାଭା, ବୋର୍ଣ୍ଣିଓ ଆଦି ସୁବର୍ଣ୍ଣଦ୍ୱୀପମୁଖୀ ବୋଇତର ବର୍ଷ-ମାସର ପ୍ରସ୍ଥାନ ଆଉ ଆଗମନ ଇଙ୍ଗିତ ଦିଏ । ଆଷାଢ, କାର୍ତ୍ତିକ, ମାର୍ଗଶିର ଓ ବୈଶାଖ ଜଳବାୟୁ ବୋଇତ ଆଉ ପାଲଟଣା ଡଙ୍ଗା ଗୁଡିକର ଗତିପଥରେ ସହାୟକ  ହୋଇଥାଏ ।

ମାର୍ଗଶିର ଗୁରୁବାର ଦିନ ଓଡିଆ ଘରେ ମୁଖ୍ୟ କୃଷି ସମ୍ପର୍କୀୟ ପାରମ୍ପରିକ ମାଣବସା ଓଷା । ଶେଷ ରବିବାର ଦିନ ମା ଲକ୍ଷ୍ମୀଙ୍କୁ ଅମାର ଘରେ ଧାନ ମେଣ୍ଟା ଭିତରେ ସଜାଇ ପୂଜା କରିବାକୁ ଓଡିଆ ଘରଣୀ ପାଖରେ ଅନେକ ବିଧି ରହିଛି । ସୁନ୍ଦର ଝୋଟି ଆଉ ଚିତା ପକାଇ ଗେଣ୍ଡୁଫୁଲରେ ପୂଜା ମାଣ ସଜାଇ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଭୋଗ ଆଉ ଲକ୍ଷ୍ମୀ ପୂଜା ବହି ପଢି ମା’ ଙ୍କର ଆରାଧନା । ଘରେ ସବୁ ପ୍ରକାର ପିଠାପଣା ହୁଏ, ଭୋଗ ଲାଗି ହୁଏ । ଏହି ପର୍ବରେ ଓଡିଆ ଘରର ବହୁ ସଣ୍ଣା ପାଳିତ ହୁଏ, ଯାହାକି କେତେ ଶତାବ୍ଦୀ ଧରି ରହିଆସିଛି ।

ପୁଷମାସରେ ପ୍ରାୟ ପର୍ବ ନଥାଏ । କାରଣ ଗାଁଗଣ୍ଡାରେ ଲୋକମାନେ ଧାନ ଅମଳରେ ବ୍ୟସ୍ତ ରହନ୍ତି । କିନ୍ତୁ ପରମ୍ପରା ଦୃଷ୍ଟିରୁ ଶେଷ ଧାନ ଗଛ କେତୋଟି ଯେଉଁ ଦିନ କଟାଯାଏ, ସେ ଦିନ ବିଲରେ କ୍ଷେତ -ବଢା ଅନୁଷ୍ଠିତ ହୁଏ । ଏଥିପାଇଁ କିଛି ଦିନ ବାର ଧାର୍ଯ୍ୟ ନାହିଁ । ଏହା ପରେ ଆସେ ଉତ୍ତରାୟଣରେ ମକର ପର୍ବ । ଭାରତୀୟ ସଂସ୍କୃତି ଓ ଧାର୍ମିକ ପରମ୍ପରାରେ ମକର ସଂକ୍ରାନ୍ତିର ଗୁରୁତ୍ୱ ଅନନ୍ୟ । ଆମ ରାଜ୍ୟ ପରି ଛତିଶଗଡ, ଗୋଆ, ବିହାର, ଝାଡଖଣ୍ଡ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା,  ମଧ୍ୟ ପ୍ରଦେଶ, ମଣିପୁର, ରାଜସ୍ଥାନ, ସିକିମ୍‌ରେ ଏହା ମକର ସଂକ୍ରାନ୍ତି / ତାମିଲ୍ ନବବର୍ଷ / ପୋଙ୍ଗଲ୍ / ତିରମୌରୀ / ଖିଚିଡି ସଂକ୍ରାନ୍ତି / ଉତ୍ତରାୟଣ ବା ଉତ୍ତରାୟଣୀ ନାମରେ ପାଳନ କରାଯାଏ । ସାରା ଦେଶରେ ଏହା ବିଭିନ୍ନ ନାମରେ ଗୋଟିଏ ଦିନରୁ ଆରମ୍ଭ କରି ତିନି ଦିନ ଯାଏ ପାଳନ କରାଯାଏ । କେତେକ ସ୍ଥାନରେ ଗୁଡି ଉଡାର

ସମାରୋହ ବି ରହିଛି ଏହି ପର୍ବ ଦିନରେ ।

ମକର ସଂକ୍ରାନ୍ତି ବେଳକୁ ଓଡିଶାରେ ଧାନ, ଆଖୁ ଆଦି ଅମଳ ହୋଇଥାଏ । ଚାଉଳ, ଗୁଡ, ନଡିଆ, ଛେନା, କଦଳୀ ଆଦି ମିଶାଇ ଓଡିଶାର ଘରେ ଘରେ ମକର ଚାଉଳ ପ୍ରସ୍ତୁତ ହୁଏ, ଲୋକ ଏହାକୁ ଭୋଗ ଭାବରେ ପୂଜା କରି ଖାଆନ୍ତି ଓ ଶୀତକୁ ବିଦାୟ ଦେବାକୁ କହନ୍ତି ମକର ଚାଉଳ ଖାଇଲେ ଶୀତ ବକର (ବକ୍ର) ହୁଏ, ଶେଷ ହୁଏ । ପୁରୁଷୋତ୍ତମ କ୍ଷେତ୍ର ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଉତ୍ତରାୟଣ ଯାତ୍ରା ପାଳିତ ହୁଏ । ଓଡିଶାର କେନ୍ଦୁଝର ଜିଲ୍ଲାରେ ଆଦିବାସୀ ସମ୍ପ୍ରଦାୟ ଏହାକୁ ଟୁସୁ ପର୍ବ ଭାବରେ ପାଳନ କରନ୍ତି । ସେମାନେ ହୃଦୟସ୍ପର୍ଶୀ ଟୁସୁ ଲୋକଗୀତ ଗାଇ ଥାଆନ୍ତି ।

ମାଘ ମାସରେ ଶୁକ୍ଳ ପଞ୍ଚମୀଦିନ ବିଦ୍ୟାଧାତ୍ରୀ ମା ସରସ୍ୱତୀ ପୂଜା । ଗଣେଶ ପୂଜା ପରି ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡିକ ଚଳଚଞ୍ଚଳ ଉତ୍ସବ ମୁଖର ହୋଇପଡନ୍ତି । "ଯା କୁନ୍ଦେନ୍ଦୁ ତୁଷାର ହାର ଧାବଳା, ଯା ଶ୍ୱେତ ପଦ୍ମାସନା, ଯା ବୀଣା ବରଦଣ୍ଡ ମଣ୍ଡିତ କରା ଯା ଶ୍ୱେତବସ୍ତ୍ରାବୃତ୍ତା" ଧ୍ୱନୀରେ ପରିବେଶ ମୁଖରିତ ହୋଇ ଉଠେ ? ମାଘ ପୂର୍ଣ୍ଣିମା ହେଉଛି ଅଗ୍ନି ଉତ୍ସବ । ଗାଁ ମୁଣ୍ଡରେ ଅଗିଜଳା ହୁଏ, ଶୀତ ବିଦାୟର ଉତ୍ସବ ।

ଏହା ପରେ ବସନ୍ତ ଋତୁର ଆଗମନରେ ଓଡିଶାର ପୁରପଲ୍ଲୀରେ ପାଳିତ ହୁଏ ରାଧାକୃଷ୍ଣଙ୍କର ଦୋଳ ଉତ୍ସବ । ବର୍ଷ ସାରା ପୂଜା ଘରେ ଘରେ ହେଉଥିବା ବେଳେ, ଏବେ ଉପଭୋଗ୍ୟ ପରିବେଶରେ ଠାକୁର ଘର ଘର ବୁଲି ଭୋଗ ଖାଆନ୍ତି, ଗାଁ ଭିତରେ, ଗାଁ ଗାଁ ଭିତରେ ଉପୁଜିଥିବା ସମସ୍ତ ମତଭେଦ ଦୂର କରି ମହାନ ଉତ୍କଳୀୟ ସାମାଜିକତା ଗଢି ବସନ୍ତି । ଗାଁରେ ମେଳଣ ଅନୁଷ୍ଠିତ ହୁଏ । ଦୋଳ ପୂର୍ଣ୍ଣିମା ପରଦିନ ରଙ୍ଗର ଉତ୍ସବ ହୋଲି । ମହା ସମାରୋହରେ ପାଳନ କରନ୍ତି ସବୁ ବୟସର ଲୋକ, କେବଳ ଓଡିଶାରେ ନୁହେଁ, ସମଗ୍ର ଭାରତ ବର୍ଷରେ ।

ପରମ୍ପରା କ୍ରମେ, ଦୋଳ ପୂନେଇଁ ଦିନ ପ୍ରତି ଗାଁରେ ଆଖଡା ଘରେ ବା ଭାଗବତ ଟୁଙ୍ଗୀରେ ଆସନ୍ତା ବର୍ଷର ନୂଆ ପାଞ୍ଜି ଉନ୍ମୋଚନ ହୁଏ, ବର୍ଷକର ପର୍ବପର୍ବାଣୀ, ବାହା ବ୍ରତ, ଜଳବାୟୁ, ଆୟବ୍ୟୟ, ଲାଭକ୍ଷତି ଆଦିର ସୁଚିନ୍ତିତ ବାର୍ଷିକ ପରିକଳ୍ପନା ପାଠ କରାଯାଏ । ଏହା ପରେ ଆସି ଯାଏ ଚଇତ ବା ଚୈତ୍ର ମାସ । ମା ମଙ୍ଗଳାଙ୍କ ମାସ, ମଙ୍ଗଳ ବାର ଦିନ ପୂଜା ପଣା । ଘୋଡା ନାଚ, ପାଟୁଆ ନାଚ ଆଉ ଝାମୁ ଯାତ । ଏ ସବୁ ଓଡିଶା ପୁରପଲ୍ଲୀର ସ୍ୱତନ୍ତ୍ର ସାଂସ୍କୃତିକ ଧାରା ।

ଓଡିଶାର ପୂଜାପର୍ବର ପାଳନ ପରମ୍ପରା ଦେଖିଲେ ଆନନ୍ଦ ଲାଗେ । ଆମ ପରିବେଶରେ ଋତୁ ପରିବର୍ତ୍ତନ, ଜଳବାୟୁ ସହିତ କୃଷି ଉତ୍ପାଦନ ସହିତ ବୋଇତ ବଣିଜ ଅନୁସାରେ ପର୍ବ ଗୁଡିକ ଉପଭୋଗ କରିବା ପାଇଁ ଆମ ପୂର୍ବ ପୁରୁଷ ସୃଷ୍ଟି କରିଛନ୍ତି, ଏହା ନିଃସନ୍ଦେହ । ପରିବାର, ସମାଜ ଆଉ ରାଜ୍ୟ ସବୁର ସ୍ୱାର୍ଥ ଆଉ ହିତ ପାଇଁ ଏହି ପର୍ବ ଗୁଡିକର ଭୂମିକା ରହିଛି । ସଂସ୍କୃତିର ପଟଭୂମି ଭାବରେ ଆମ ଓଡିଆ ଜୀବନ ପ୍ରବାହରେ ପର୍ବପର୍ବାଣି ବିଶେଷ ଭୂମିକା ନିଅନ୍ତି । ଅନେକ ଲୋକ ଗୀତ, ନୃତ୍ୟ ଆଉ ଅନୁଷ୍ଠାନ ଏହି ପର୍ବ ପର୍ବାଣିରୁ ଉଦଭବ, ସ୍ୱଷ୍ଟଭାବରେ ପ୍ରମାଣିତ ହୁଏ । ଓଡିଆ ସ୍ୱଭାବ ଓ ଆଚରଣ ନିମନ୍ତେ ଏହି ବାରମାସର ତେର ପର୍ବ ବହୁ ପ୍ରଭାବ ପକାଇ ଥାଆନ୍ତି । ଓଡିଆ ଘରଣୀର ସଣ୍ଟଣାରୁ ଆରମ୍ଭ କରି ଘରର କର୍ତ୍ତା ବି ନିଜର ଚାରିତ୍ରିକ ପରିସୀମା ସମାଜିକ ଶୃଙ୍ଖଳ ସହ ସମନ୍ୱିତ କରିବାର ମାନସିକ ନିର୍ଣ୍ଣୟ ନିଅନ୍ତି । ନିପଟ ମଫସଲ ହେଲେ ବି ପ୍ରତ୍ୟେକଙ୍କର ଓଡିଆ ମାନସିକତା ଗଢି ଉଠେ ।

ବିଗତ ଶତାବ୍ଦୀରୁ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ଓ ଦୃତ ସହରୀକରଣ ସୃଷ୍ଟି କରିଛି ନୂତନ ଶିକ୍ଷିତ ମ୍ଧ୍ୟବିତ୍ତ ଶ୍ରେଣୀ । ସହରୀ ଜୀବନର ଲୋଭନୀୟ ଓ ଆକର୍ଷଣୀୟ ଉପଭୋଗ ଓଡିଆ ଗ୍ରାମ୍ୟ ଜୀବନର ପରମ୍ପରା ଓ ସୌନ୍ଦର୍ଯ୍ୟମୟ ଜୀବନର ମୂଲ୍ୟବୋଧ କ୍ରମଶଃ ଅନାଦୃତ ହୋଇ ଅନେକ ଯାନିଯାତ୍ରା, ବ୍ରତ ଉପାସ ଅକ୍ଷତ ଭାବରେ ସଂରକ୍ଷିତ ରହିଥିବା ମନେ ହୁଏନାହିଁ । ପୁଣି ଏକବିଂଶ ଶତାବ୍ଦୀ ବେଳକୁ ଜଗତୀକରଣ ଆଉ ଗଣ ମାଧ୍ୟମ ଆଣିଛନ୍ତି ବହୁ ସାମାଜିକ ପରିବର୍ତ୍ତନ, ସାଂସ୍କୃତିକ ପ୍ରହେଳିକା, ଅର୍ଥ ଆଉ ବଜାର ତାମସା । ଏଗୁଡିକ ଚିକ୍କଣ ଭାବରେ ରଥଯାତ, ରଜ ଦୋଳି ଆଉ କୁମାର ପୂନେଇଁ ଆଦିର ଚଳଚିତ୍ର ଦେଖାଇଲେ ବି ଓଡିଶାର ଘରେ ଘରେ ପର୍ବପର୍ବାଣି ପୂର୍ବବତ୍ ନିଷ୍ଠାର ସହିତ ଅନୁଷ୍ଠିତ ହେଉନି । ଦେଖାଣିଆ ହୋଇଗଲାଣି ଆମର ସଂସ୍କୃତି, ପାଣିଚିଆ ହେଲାଣି ଆମର ଭକ୍ତି ଆଉ ପରମ୍ପରା ।

ପ୍ରତି ଓଡିଆ ନିଜ ଜୀବନରେ ପର୍ବ ପର୍ବାଣି ସହିତ ଓତପ୍ରୋତ ଭାବରେ ଜଡିତ । ବିଶେଷ ଭାବରେ ଗାଁ ବାସୀ ଓଡିଆ । ମର୍ମେ ମର୍ମେ ଅନୁଭବ କରିଥିବା ପର୍ବଟିର ପ୍ରାଧାନ୍ୟ । ଏମିତି କି ଆମ ଲୋକ ମାନଙ୍କର ନାମ କରଣ ବି ଜନ୍ମଦିନ ତିଥି ଅନୁସାରେ ହୋଇଥାଏ । କାହା ନାମ କାର୍ତ୍ତିକ ତ କାହାର ନାମ ଉଚ୍ଛବ । ଅବଶ୍ୟ ଗତ ଦୁଇ ତିନି ଦଶନ୍ଧିରେ ଅନେକ ଋତୁ ପରିବର୍ତ୍ତନରେ ଆମ ପାର୍ବଣ ଋତୁ ଆଉ ପୂର୍ବ କଳନା ଅନୁସାରେ ଆସେନା, ବସନ୍ତ ଋତୁ କୁଆଡେ ହଜିଗଲାଣି ତ ବର୍ଷା ଋତୁ ଘୁଞ୍ଚିଗଲାଣି । କିନ୍ତୁ ଗାଁ ଗଣ୍ଡାର ପାର୍ବଣ ମାନସିକତାକୁ ନିଶ୍ଚିତ ଭାବରେ ପ୍ରଭାବିତ କରିଛି ଆଜିର ସରବରାହ ମାଧ୍ୟମ । ଅନେକାଂଶରେ ସକାରାତ୍ମକ ଦିଗରେ ତ ବହୁ ଅଂଶ ନକାରାତ୍ମକ ଢଙ୍ଗରେ । ଗାଁ ଗଣ୍ଡାରେ ବି ଆଜି ଦୋଳ କାନ୍ଧେଇବାକୁ କେହି ରାଜି ନୁହଁନ୍ତି ତ ରଜ ଦୋଳି ବାନ୍ଧିବାକୁ ଗଛ ନାହିଁ ।  ଓଡିଆ ଘରଣୀ ଆଜି ନିଜ ବିଲର ଧାନ କେଣ୍ଡା ଆଉ ମେଣ୍ଢା ହାଟ ବଜାରରୁ କିଣି ଆଣୁଛି । ପୂଜା ମାଣ କଅଣ ଜାଣିବାର ଅବକାଶ ନାହିଁ । କାହିଁକି ନା ଆଜିକାଲି ଆଉ ମାଣରେ କିଛି ମାପ କରାଯାଉନି । ମାଣ ରହିଯାଇଛି ପରମ୍ପରା ଭାବରେ । ପରିବର୍ତ୍ତନ ପଥରେ ଆମ ପରମ୍ପରା ।

ପ୍ରତିଟି ପରିବର୍ତ୍ତନ ସହ ତାଳ ମେଳାଇ ଆଜିର ଏହି ଓଡିଆ ମାନସିକତା ଯେ ଗୋଟିଏ ଦ୍ୱନ୍ଦ୍ୱର ସମ୍ମୁଖୀନ ଏଥିରେ ସନ୍ଦେହନାହିଁ । ଓଡିଶାର କେତୋଟି ମୌଳିକ ପର୍ବ ଆଜି ଉଗ୍ର ଆଧୁନିକତା ସମ୍ମୁଖରେ ନିଜର ମୌଳିକତା ହରାଇବାକୁ ବସିଛି । ଗ୍ରାସ କରିବାକୁ ବସିଛି ଉଗ୍ର ଆଧୁନିକତା ଆଉ ସହରୀକରଣ । ରାଜନୀତି ଆଉ ଜଗତୀକରଣର ତୃଣମୂଳ ଅବକ୍ଷୟକାରୀ ପ୍ରଭାବ । ଅକ୍ଷୟ ତୃତୀୟାର ଅକ୍ଷିମୁଠିରୁ ଆରମ୍ଭ କରି ରଜ ଦୋଳି, ମାଣ ବସା, ବୋଇତ ବନ୍ଦାଣ, କାର୍ତ୍ତିକ ବ୍ରତ ଆଦି ଗୁଡିକରେ ରାଜନୀତିଜ୍ଞ ମାନଙ୍କର ଅନୁପ୍ରବେଶ ଆମ ପରମ୍ପରାକୁ କିପରି ପ୍ରଭାବିତ କରିଛି ତାହା ପାଠକ ହିଁ ମୂଲ୍ୟାୟନ କରିବେ ।

ପରିବର୍ତ୍ତିତ ପରିସ୍ଥିତିରେ ଆମର ପରମ୍ପରା ବଞ୍ଚାଇ ରଖିବାକୁ ଯତ୍ପରୋନାସ୍ତି ଉଦ୍ୟମ କରିବା ଆବଶ୍ୟକ ମନେହୁଏ । ଶିକ୍ଷାନୁଷ୍ଠାନ, ବିଶ୍ୱ ବିଦ୍ୟାଳୟର ସମାଜତତ୍ତ୍ୱ ବିଭାଗ ଓ ଇତିହାସ ବିଭାଗର ଗବେଷକ, ବହୁ ସାମାଜିକ କର୍ମୀ, ଅନୁଷ୍ଠାନ ଆଉ ଅଣ-ସରକାରୀ ଅନୁଷ୍ଠାନ ଓଡିଶାର ପର୍ବ-ପର୍ବାଣି ଉପରେ ସ୍ୱତନ୍ତ୍ର ଗବେଷଣା କରି ଅନେକ କିଛି ପ୍ରକାଶ କରି ପାରିବେ । ସରକାରୀ ପ୍ରୋତ୍ସାହନରେ ସଂସ୍କୃତି ଏବଂ ଲୋକ ସମ୍ପର୍କ ବିଭାଗ ଆମ ପାର୍ବଣ ଐତିହ୍ୟକୁ ବଜାୟ ରଖିବାର ସଂକଳ୍ପ କରିବା ଦରକାର । ଦୈନିକ ଖବର କାଗଜ ଗୁଡିକ, ପାଞ୍ଜି ଏବଂ ସାପ୍ତାହିକ ବା ମାସିକ ପତ୍ରିକା ସେଇ ସମୟର ପର୍ବ ପର୍ବାଣି ଉପରେ ବିସ୍ତୃତ ବର୍ଣ୍ଣନା ରଖିବା ଆବଶ୍ୟକ ମନେହୁଏ ।

ଅବଲମ୍ବନ -

* ଭଗବାନ ମହାନ୍ତି, ଆମ ପର୍ବ ପର୍ବାଣି, ସ୍ମୃତି ପ୍ରକାଶନୀ, ସତ୍ୟନଗର, ଭୁବନେଶ୍ୱର, ୨୦୦୭

ଚନ୍ଦ୍ରଶେଖରପୁର,
ମୋ - ୮୮୯୫୬୨୪୦୧୬

✠✠✠



# ଓଡିଶୀ ଭାବନାର ମାନଚିତ୍ର

ଡ. ନାରାୟଣ ସାହୁ

ଗୋଟାଏ ଜାତିକୁ ମହାନ୍ କରି ଗଢି ତୋଳିଥାଏ ତାର ଅତୀତ, ତାର ଇତିହାସ, ତାର ସଂସ୍କୃତି । ଅତୀତର ଅଇନାରୁ ସେ ସଂଜୀବନୀର ସ୍ୱର ଶୁଣିଥାଏ । ଯେଉଁ ଜାତିର ସଂସ୍କୃତି ମହାନ୍, ସେ ଜାତି ସେତିକି ଉନ୍ନତ । ବିଶ୍ୱ ସଂସ୍କୃତି ପରିପ୍ରେକ୍ଷୀରେ ଆମେ ମହାଜାଗତିକ ଦୃଷ୍ଟିକୋଣରୁ ବିଚାର କଲେ, ଖୁବ୍ ଶୀଘ୍ର ଆମ ଆଖି ଆଗରେ ପ୍ରତିଭାତ ହେବ ଜଗନ୍ନାଥ ସଂସ୍କୃତି - ଉତ୍କଳୀୟ ସଂସ୍କୃତି - ଆମ ସଂସ୍କୃତି ।

ଉତ୍କଳୀୟ ସଂସ୍କୃତିର ଅବଦାନ କଳନା କରିବା ଏବଂ କଳ୍ପନା କରିବା ଉଭୟ କଷ୍ଟସାଧ୍ୟ, ସର୍ବେ ଭବନ୍ତୁ ସୁଖୀନଃ ମହାମନ୍ତ୍ର ଭିତରେ ଆର୍ଯ୍ୟ ଋଷି ଛାଡି ଯାଇଛନ୍ତି ବିଶ୍ୱପାଇଁ ଜଗତକଲ୍ୟାଣକାରୀ ମନ୍ତ୍ର । ଆମ କୃଷିସଂସ୍କୃତି, ଆମ ଅର୍ଥନୈତିକ ସଂସ୍କୃତି, ଆମ ଯୌଗିକ ସଂସ୍କୃତି ଭିତରେ ସେହି ଗୋଟିଏ ସ୍ୱର ବାରମ୍ବାର ଘୋଷଣା କରେ - 'ବିଭିନ୍ନତା ମଧ୍ୟରେ ଏକତା' । ଏହା କେବଳ ଉତ୍କଳୀୟ ସଂସ୍କୃତି, ଜଗନ୍ନାଥ ସଂସ୍କୃତି ହିଁ କରିପାରେ ।

ଆଦିମାନବର ସଂସ୍କାର ମନୋବୃତ୍ତିରୁ ଜନ୍ମ ନେଇଥିଲା ସେଦିନ ସଂସ୍କୃତି, ଯାହାର ପ୍ରତିଷ୍ଠା ସମ୍ଭବ ହୋଇଥିଲା ଆଦର୍ଶ ଆଉ ତ୍ୟାଗର ଭିତ୍ତିଭୂମି ଉପରେ । ମହାମାନବ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ କହନ୍ତି - 'ଖାଦ୍ୟ ବସ୍ତ୍ର ବିନା ଯାହା ମାନବଜୀବନକୁ ସୁଖମୟ ଓ ଉପଭୋଗ୍ୟ କରେ, ତାହା ହିଁ ସଂସ୍କୃତି' । ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ, 'ଚାହାଣି - ଚଳଣି - ଚମକ ଭିତରେ ସଂସ୍କୃତି ଉକୁଟି ଉଠିଥାଏ' ।

ଆମ ସଂସ୍କୃତି ଆମକୁ ଶିଖାଇଛି ସମର୍ପଣର ମନ୍ତ୍ର । ସନ୍ଥକବି ଭୀମଭୋଇଙ୍କ ଭାଷାରେ - 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେ ବା ସହୁ, ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।'

ଏଠି ସନ୍ଥକବି ବିଶ୍ୱବାସୀଙ୍କ ପାଇଁ କେତେ ବଡ କଥା କହିନାହାନ୍ତି ! ରାଜା ଇନ୍ଦ୍ରଦ୍ୟୁମ୍ନ ଏଇ ଓଡିଶାରେ କେବଳ ଜଗନ୍ନାଥଙ୍କୁ ପ୍ରାର୍ଥନା କରିପାରନ୍ତି - 'ହେ ମହାବାହୁ, ମୋ ବଂଶ ବୁଡିଯାଉ' । ସଂସ୍କୃତିର ଏହି ମହାନତା, ଏହି ସମର୍ପିତ ଭାବ କେବଳ ଉତ୍କଳ ହିଁ ଉଦ୍‌ଘୋଷଣ କରିପାରେ । ଆମ ସଂସ୍କୃତିର ଚେର ବହୁତ ତଳକୁ ଲମ୍ବିଯାଇଛି । ଆମ ସଂସ୍କୃତିର ପୃଷ୍ଠପିଠିକାରେ ଦେଖିବାକୁ ମିଳିବ ଆମ ସମାଜର ପ୍ରତିଛବି । ଆମ ଧର୍ମ ଧାରଣା, ଚାଲିଚଳଣି, ଆଚାର ବ୍ୟବହାର ସବୁଠି ରହିଛି ସଂସ୍କୃତିର ବାସ । ଆମ ଚିନ୍ତାଚେତନା ତାରି ସୁଗନ୍ଧିରେ ସୁରଭିତ ।

ଆମ ସଂସ୍କୃତି ପ୍ରଚାର କରିଛି ସଂହତିର ବାର୍ତ୍ତା । ଏହି ସଂହତି ଆମର ଯାବତୀୟ ସଂକୀର୍ଣ୍ଣ ଚିନ୍ତାଧାରାକୁ ଆମଠାରୁ ଦୂରେଇ ଦେଇଛି । ଗୋଟିଏ ଛାତ ତଳେ ଆଉ ଗୋଟିଏ ଛତା ତଳେ ସଭିଙ୍କୁ ଏକାକାର କରିଛି ଆମ ସଂହତି । ଏକତାବଦ୍ଧ ପାଇଁ ଆହ୍ୱାନ ଦେଉଛି ସଂହତି । ଜାତିପ୍ରତି, ଦେଶପ୍ରତି, ମଣିଷ ପ୍ରତି ସମ୍ମାନବୋଧ ସୃଷ୍ଟିକରେ ସଂହତି । ବ୍ୟକ୍ତି ମନରେ ଭାତୃତ୍ୱ ଭାବର ସଞ୍ଚାର କରେ । ଆମ ଭିତରେ ଆତ୍ମଗୋପନ କରିଥିବା 'ମୁଁ'ତ୍ୱର ବିନାଶ କରି ଏହାକୁ 'ଆମେ'ତ୍ୱ ରେ ପରିଣତ କରିବା ପାଇଁ ପ୍ରେରଣା ଦେଇଥାଏ । ଏକ ପ୍ରକାର ବିଶ୍ୱତାରକ ଦୃଷ୍ଟିରୁ ଜୟଗାନ କରେ ସଂହତି ।

ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ ଅର୍ଥାତ୍ ଜଗତୀକରଣର ବାର୍ତ୍ତା ପ୍ରଦାନକରେ ଆମ ସଂହତି । ଜାତୀୟବାଦୀ ମନୋଭାବର ଉଦ୍ରେକ କରେ ସଂହତି । ଧର୍ମନିରପେକ୍ଷତା ଉପରେ ଗୁରୁତ୍ୱ ଆରୋପକରେ ଆମ ସଂହତି । ସର୍ବଧର୍ମ ସମନ୍ୱୟର ବାର୍ତ୍ତା ବିଶ୍ୱକୁ ପ୍ରଦାନ କରେ ଆମ ସଂହତି । ଜାତିଗତ ବୈଷମ୍ୟର ବିଲୋପ ସାଧନ ସହିତ ନୈତିକ ଶିକ୍ଷା ଉପରେ ଜୋର୍ ଦିଏ ସଂହତି । ଏହା ମାନବିକତାର ଜୟଜ୍ଞାନ କରେ, ପ୍ରଚାର କରେ, 'ଧର୍ମର ଜୟ ଆଉ ପାପର କ୍ଷୟ' ।

ଭାରତୀୟ ଉପମହାଦେଶକୁ ଅନେକ କିଛି ଦେଇଛି ଉତ୍କଳ । ଆମ ଜଗନ୍ନାଥ ଆମ ସଂସ୍କୃତିର ପ୍ରତୀକ । ସେ ହେଉଛନ୍ତି ଉତ୍କଳର ଇଷ୍ଟଦେବତା, ରାଷ୍ଟ୍ରୀୟ ଦେବତା । ଜଗନ୍ନାଥ ଧର୍ମ ସଂସ୍କୃତିର ବିଶାଳତା ଭିତରେ ହଜି ଯାଇଛି ଶୈବ, ଶାକ୍ତ, ଗାଣପତ୍ୟ, ସୌର ଆଦି ଧର୍ମଧାରା । ଶ୍ରୀକ୍ଷେତ୍ରକୁ ଟାଣି ହୋଇ ଆସିଛନ୍ତି ଚୈତନ୍ୟ, ନାନକ, କବୀର, ତୁକାରାମ ଆଦି ମହାପୁରୁଷ କେବଳ ଜଗନ୍ନାଥ ସଂସ୍କୃତିର ଆକର୍ଷଣରେ । ଜଗନ୍ନାଥ ସଂସ୍କୃତି କର୍ମବାଦରେ ବିଶ୍ୱାସକରେ । ତ୍ୟାଗ ଉପରେ ଗୁରୁତ୍ୱ ଆରୋପ କରେ ଆମ ଜଗନ୍ନାଥ ସଂସ୍କୃତି ।

ବେଦ, ଗୀତା, ଭାଗବତ, ରାମାୟଣ, ମହାଭାରତ ଆଦି ଗ୍ରନ୍ଥ

ଆମକୁ ଶିଖାଇଛି 'ଆମର ଆଦର୍ଶ ତ୍ୟାଗ, ଭୋଗ ନୁହେଁ' । ସମର୍ପିତ ଭାବନା ସହିତ ସହିଷ୍ଣୁତା ଭଳି ଉଦାରନୀତିକୁ ଆପଣେଇ ନେଇଛି ଆମ ସଂସ୍କୃତି । ଆମ ସଂସ୍କୃତିର ମୂଳପିଣ୍ଡ ଆଧାତ୍ମିକତା ଉପରେ ଦଣ୍ଡାୟମାନ । ସର୍ବଧର୍ମ୍ମ ସମନ୍ୱୟ ଭାବନା ପ୍ରତି ଆକର୍ଷିତ ହୋଇ ଉତ୍କଳ ଭୂମିରେ ପଦାର୍ପଣ କରିଛନ୍ତି ଶଙ୍କର, ରାମାନୁଜ, ମାଧବାଚାର୍ଯ୍ୟ, ନିମ୍ବାର୍କ, ବିଷ୍ଣୁସ୍ୱାମୀ ଆଉ ଚୈତନ୍ୟଙ୍କ ପରି ସନ୍ଥ ଗଣ । ଜଗନ୍ନାଥ ଚେତନା ଭିତରେ ଏହି ସନ୍ଥମାନେ ନିଜକୁ ଏକାକାର କରିଦେଇଛନ୍ତି ।

ଆମ ମନ୍ଦିରର ଶିଳା ଭାସ୍କର୍ଯ୍ୟରେ ଭରି ରହିଛି ଉତ୍କଳୀୟ କଳାର ଚରମ ଆଉ ପରମ ପରାକାଷ୍ଠା । । ପୁରୀ, କୋଣାର୍କ, ଭୁବନେଶ୍ୱର ମନ୍ଦିର ଦେହରେ ସାଇତା ହୋଇ ରହିଛି ଓଡିଶୀ ନୃତ୍ୟକଳା । ଓଡିଶାର ନାଟ୍ୟ ଓ ନୃତ୍ୟକଳାରେ ଭରି ହୋଇ ରହିଛି ଓଡିଶୀ ମନର ସ୍ୱଚ୍ଛନ୍ଦ ପରିପ୍ରକାଶ ।

ଆମ ଜଗନ୍ନାଥ ହେଉଛନ୍ତି ଜଗତର ନାଥ । ତାଙ୍କ ଦେଉଳ ବଡ ଦେଉଳ । ତାଙ୍କ ଦାଣ୍ଡ ବଡଦାଣ୍ଡ । ତାଙ୍କ ପ୍ରସାଦ ମହାପ୍ରସାଦ । ସେ ହେଉଛନ୍ତି ପୁରୁଷୋତ୍ତମ । ସେ ହେଉଛନ୍ତି ଓଡିଆର ପ୍ରାଣର ଠାକୁର । ସେ ହେଉଛନ୍ତି କୃଷି ଓ କୃଷକର ଠାକୁର । କୃଷକ ପରିବାରରେ ପାଳିତ ହେଉଥିବା ପର୍ବପର୍ବାଣି, ପିଠା, ଖେଚୁଡି ଭୋଗ ହେଉଛି ଜଗନ୍ନାଥଙ୍କ ପ୍ରିୟ । ଜଣେ ସାଧାରଣ ମଣିଷ ପରି ଜଗନ୍ନାଥ ଦାନ୍ତ ଘଷନ୍ତି, ଗାଧାନ୍ତି ଆଉ ବେଶ ହୁଅନ୍ତି, ଦରବାର ବସାନ୍ତି, ନୃତ୍ୟ ଉପଭୋଗ କରନ୍ତି । ସାଧାରଣ ମଣିଷ ଭଳି ଆହାର ଗ୍ରହଣ କରନ୍ତି ଆଉ ଶୟନ କରନ୍ତି ।

ଓଡିଆ ଘରର ପୋଡପିଠା ହେଉଛି ତାଙ୍କର ପ୍ରିୟ ଖାଦ୍ୟ । ତାଙ୍କ ଉଦଧି ହେଉଛି ମହୋଦଧି । ତାଙ୍କ ବାଲି ହେଉଛି ଶରଧାବାଲି । ତାଙ୍କ ଅନ୍ନ ହେଉଛି ଅନ୍ନବ୍ରହ୍ମ । ସାଧାରଣ ମଣିଷ ଭଳି ସେ ପର୍ବପର୍ବାଣିରେ ସୁସଜ୍ଜିତ ହୋଇ ଯାତ୍ରାକରନ୍ତି । କ୍ରୀଡା କରନ୍ତି । ତାଙ୍କ ଯାତ୍ରା ହେଉଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା । ରଥଯାତ୍ରାରେ ସେ ସବୁଧର୍ମର ମଣିଷ ମାନଙ୍କୁ ଦର୍ଶନ ଦିଅନ୍ତି । ଆମ ରାଜା ହେଉଛନ୍ତି ତାଙ୍କର ଆଦ୍ୟସେବକ । ସେ ରାଜପୁରୁଷ ନୁହଁନ୍ତି, ଜଣେ ସାଧାରଣ ସେବକ, ଯେ କି ଛେରାପହଁରା କରିବାକୁ ନିଜର ପରମ ସୌଭାଗ୍ୟ ମନେକରନ୍ତି ।

ଜଗନ୍ନାଥ ହେଉଛନ୍ତି ଓଡିଆ ପ୍ରାଣର ଆରାଧ୍ୟ ଦେବତା । ଓଡିଶାର ଜନ ସାଧାରଣଙ୍କର ପାରିବାରିକ ଓ ସାମାଜିକ ଜୀବନର ସାଥୀ । ଓଡିଆଙ୍କ ପିଠା ଆଉ ମିଠାରେ ତାଙ୍କର ଲୋଭ । ସାଧାରଣ ମଣିଷ ପରି ସେ ମଧ ମାନ ଅଭିମାନ, ରାଗରଷା, ଥଟ୍ଟା ପରିହାସ କରନ୍ତି । ମଣିଷ ଭଳି ପାନ ଖାଆନ୍ତି, ପଖାଳ ଖାଆନ୍ତି । ଆମଭଳି ଠାକୁର ସ୍ନାନ ଶୌଚ, ଦନ୍ତମାର୍ଜନ, ବେଶପୋଷାକ ମଣ୍ଡନ କରନ୍ତି । ଜଣେ ସାଧାରଣ ଓଡିଆର ନିତ୍ୟନୈମିତ୍ତିକ ଜୀବନଚର୍ଯ୍ୟା ସହିତ ଆମ ଠାକୁର ବେଶ୍ ଜଡିତ । ଏ ଗର୍ବ ଓଡିଆ ହିଁ କରିପାରେ । ବାସ୍ତବରେ ଓଡିଶା ମାଟିର ଠାକୁର, ଓଡିଆର ଠାକୁର କେମିତି ବା ଅଲଗା ହୋଇପାରନ୍ତେ ଓଡିଶୀ ଚିନ୍ତାଚେତନା, ଧର୍ମଧାରଣାରୁ ?

ଓଡିଶାରେ ତିନୋଟି ଧର୍ମର ପ୍ରାଧାନ୍ୟ ଦେଖିବାକୁ ମିଳେ । ସେଇ ତିନି ଧର୍ମ ହେଲେ - ବୈଷ୍ଣବ, ଶୈବ ଓ ଶାକ୍ତ । ଓଡିଶାର ପ୍ରତିଟି ଗାଁରେ ଏହି ତିନି ଧର୍ମର ଦେବତାଙ୍କୁ ଦେଖିବାକୁ ମିଳିବ । ପ୍ରତିଟି ଗାଁର ପ୍ରତିଟି ଓଡିଆ ନିଜ ଗାଁରେ ଏଇ ତିନି ଠାକୁର ଅର୍ଥାତ୍ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ସତ୍ତା ଅନୁଭବ କରେ । ଶ୍ରୀମନ୍ଦିର ତିନି ମୂର୍ତ୍ତିଙ୍କୁ ସେ ନିଜ ହାତପାହାନ୍ତାରେ ସ୍ଥାପନ କରି ଅସ୍ତିତ୍ୱ ଅନୁଭବ କରେ । ଜଗନ୍ନାଥ ହେଉଛନ୍ତି ବୈଷ୍ଣବ ଧର୍ମର, ବଳଭଦ୍ର ହେଉଛନ୍ତି ଶୈବଧର୍ମର ଆଉ ସୁଭଦ୍ରା ହେଉଛନ୍ତି ଶାକ୍ତ ଧର୍ମର । ପ୍ରତି ଗାଁରେ ଆମେ ବିଷ୍ଣୁମନ୍ଦିର, ଶିବ ମନ୍ଦିର ଆଉ ଠାକୁରାଣୀ ମନ୍ଦିର ଦେଖିବାକୁ ପାଉ । ଏଇ ତିନୋଟି ମନ୍ଦିରର ତିନି ଠାକୁରଙ୍କ ଭିତରେ ଆମେ ଜଗନ୍ନାଥ, ବଳଭଦ୍ର ଆଉ ସୁଭଦ୍ରାଙ୍କୁ ଦେଖୁ । ଏ ଭାବନା କେବଳ ଓଡିଶାର ଆଉ ଓଡିଆର ଏକାନ୍ତ ନିଜସ୍ୱ । ଓଡିଶାର ଅର୍ଥନୀତି, ସଂସ୍କୃତି, ପରଂପରା ତଥା ସାମାଜିକ ଜୀବନ ସହିତ ଭକ୍ତ ଓ ଭଗବାନଙ୍କର ସମ୍ପର୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହାକି ଓଡିଆ ଜାତିକୁ ତାର ମାନସିକତାକୁ ଅନ୍ୟମାନଙ୍କଠାରୁ ଯଥେଷ୍ଟ ଅଲଗା କରି ମାପିବାକୁ ସୁଯୋଗ ଦେଇଛି ।

ଘର ନଂ. ୫୮, ମୈତ୍ରୀଜନପଦ
ରୁଦ୍ରପୁର, ନହରକଣ୍ଟା, ଭୁବନେଶ୍ୱର
ମୋ - ୭୦୦୮୪୮୮୭୫୬



# ଧର୍ମପଦ

ହଂସନାଥ ମୁଦୁଲି

ବାର ବରଷର ବାଳକଟିଏ ସେ
ଧରମା ତାହାର ନାଆଁ
ନିଜକୁ ହଜାଇ ରଖିଗଲା ସିଏ
ବାରଶ ବଢ଼େଇ ନାଆଁ । (୦)

ବିଶୁମହାରଣା ପିଅର ତାହାର
ଗଢ଼ିବାକୁ କୋଣାରକ
ରାଜା ନରସିଂହ ଦେବଙ୍କ ଆଦେଶେ
ଯାଇଥିଲେ ହୋଇ ମୁଖ୍ୟ
ଜନମ ବେଳରୁ ପିତାଙ୍କୁ ନ ଦେଖି
ଧରମା ଆତୁର ଯାହା । (୧)

ମାଆ ପାଖେ ଦିନେ ଅଳି କଲା ସିଏ
ଯିବଟି ପିତାଙ୍କୁ ଖୋଜି
ପିତା ନ ମିଳିଲେ ଜୀବନ ହାରିବ
ଆହାର ବସନ ତେଜି
ବୁଦ୍ଧି ହଜିଗଲା ଅନ୍ଧାର ଦିଶିଲା
ନିରୁପାୟ ହେଲେ ମାଆ । (୨)

ଘର ଚୁଡା ମୁଢି ଗଣ୍ଠିଲି ସଜାଇ
ବାରି ବରକୋଳି ଦେଲେ
ପୋଷା କୁକୁରକୁ ସାଥିରେ ପଠାଇ
ବୁଦ୍ଧି ବାଟ ବତାଇଲେ
ସାହସୀ ଧରମା ମାଆ ପାଦ ଛୁଇଁ
ଟପିଲା ଗାଁ କୁ ଗାଁଆଁ । (୩)

ସାଗର କୂଳରେ ପାଇଲା ଶେଷରେ
ପିତାଙ୍କର ପରିଚୟ
ମନ୍ଦିର ଗଢ଼ାରେ ମଜ୍ଜିଥିଲା ଚିତ୍ତ
ତଥାପି ମନରେ ଭୟ
ବାଡି ବରକୋଳି ସୁଆଦୁ ବୁଝିଲେ
ନିଜ ସନ୍ତାନର ମାୟା । (୪)

ବିଶୁ ମହାରଣା ପୁଅକୁ କୋଳେଇ
ନିଅନ୍ତେ ଅଧିର ହୋଇ
ଧରମା ବୁଝିଲା ପିତାଙ୍କ ଅନ୍ତରେ
ଦୁଃଖ ଅଛି ଖୁନ୍ଦି ହୋଇ
ଏତେ ବଡ଼ ଶିଳ୍ପୀ ଦୁଃଖ ଅନୁଭବ
ଫାଟିଗଲା ତାର ହିଆ । (୫)

ଦୁଃଖେ ଭାଙ୍ଗିପଡି ପିତା ବଖାଣିଲେ
ବାରଶ ବଢ଼େଇ କଥା
ଏମିତି ଘଟିଲା ସକାଳ ପାହିଲେ
କଟିବ ସଭିଙ୍କ ମଥା
ସବୁକଥା ଶୁଣି ପିତାଙ୍କ ମୁଖରୁ
ସହସା ହେଲା ସେ ଠିଆ । (୬)

ବାରଶ ବଢ଼େଇ ଆଖି ଖୋସିହେଲା
ଦେଖି ପିଲାଟିର ହସ
ଆଖି ପିଛୁଳାକେ ନୂଆ ମନ୍ଦିରର
ମୁଣ୍ଡିମରା ହେଲା ଶେଷ
ସଭିଙ୍କ ମହତ ରହିଗଲା ସିନା
ମନରେ ଛାନିଆ ନୂଆ । (୭)

କାମ ଶେଷ ପରେ  ବାରଶ ବଢ଼େଇ
କହିଲେ ବିଶୁକୁ ଯାଇ
"ଶୁଣିଲେ ରାଜନ ପିଲାଟିର ବୁଦ୍ଧି
ଆମକୁ ରଖିବେ ନାହିଁ !
ସକାଳ ପାହିଲେ ଆମକୁ ଜାଳିବ
ରାଜାଙ୍କ କ୍ରୋଧର ନିଆଁ ।" (୮)

ଅତି ଭକ୍ତିଭରେ ପିତାଙ୍କୁ ପ୍ରଣମି
ମନ୍ଦିର ଶିଖକୁ ଚଢ଼ି
ସାଗର ଗର୍ଭକୁ ପଡ଼ିଲା ସେ ଡେଇଁ
ଜଳ ମଧ୍ୟେ ଗଲା ବୁଡ଼ି

ରହିଗଲା ସିନା ବାରଶ ଜୀବନ
ଧରମାକୁ ଝୁରେ ମାଆ । (୯)

ଟିକି ଧରମାର ନାଆଁ ରହିଗଲା
ଯୁଗ ପରେ ଯୁଗ ପାଇଁ
ବାଳୁତ ଧରମା ଧର୍ମପଦ ହେଲା
ଧନ୍ୟ କରି ଏହି ଭୂଇଁ
ମନ୍ଦିର ତୋଳିବା କାମ ହୋଇଗଲା
କୀର୍ତ୍ତିରେ ଯୋଡ଼ିଲା ନାଆଁ । (୧୦)

ଡୁମୁଡୁମା-(କ), ଖଣ୍ଡଗିରି,
ଭୁବନେଶ୍ୱର-୭୫୧୦୩୦
ମୋ-୯୭୭୭୯୬୮୭୧୯

✠✠✠



॥ ଚାରି ॥

# ଓଡ଼ିଆ ମୁହଁର ଭାଷା : ପ୍ରାଚୀନ ପାରମ୍ପରିକତା, ପ୍ରଗତିଶୀଳତା ଓ ସ୍ଥିତିସ୍ଥାପକତା

# ଓଡିଆଙ୍କ ଭାଷା ମାନସିକତା: ଓଡିଆ ଭାଷା ଓ ଭବିଷ୍ୟତ

ପ୍ରଫେସର ଅଜିତ ମହାନ୍ତି

କେତେ ସୁରକ୍ଷିତ ଆମ ଭାଷାମାନେ ? କେତେ ସୁରକ୍ଷିତ ଆମ ଓଡିଆ ଭାଷା ? ବିଶ୍ୱରେ ବର୍ତ୍ତମାନ ୬୯୦୦ଟି ଭାଷା । ତହିଁରୁ ଅନ୍ୟୂନ ୩୦୦୦ ଭାଷାକୁ ଅସୁରକ୍ଷିତ ମନେକରାଯାଏ, କାରଣ ନିକଟ ଭବିଷ୍ୟତରେ ଏଗୁଡିକ ବିଲୁପ୍ତ ହୋଇଯିବାର ଆଶଙ୍କା ରହିଛି । ଏମିତି ତ ପ୍ରତି ଦୁଇ ତିନି ସପ୍ତାହରେ ପୃଥିବୀର କୌଣସି ନା କୌଣସି କୋଣରେ ଏମିତି ଜଣେ ବ୍ୟକ୍ତି ନିଜର ଶେଷ ନିଶ୍ୱାସ ନେଉଛି, ଯିଏ ଥିଲା ତା ଭାଷାର ଶେଷ ଭାଷା ଭାଷ୍ୟ । ତା ଅନ୍ତେ ଭାଷାଟି ଶେଷ ହୋଇଗଲା । ହୁଏତ ଭାଷାର ନାଆଁଟିଏ ଥିବ ଇତିହାସ ପୃଷ୍ଠାରେ । ଭାଷା ସହିତ ହଜିଯିବ ସେ ଭାଷାରେ ସାଇତା ହୋଇଥିବା ଯୁଗ ଯୁଗର ଜ୍ଞାନର ଭଣ୍ଡାର; ପରିବେଶ, ପ୍ରାଣୀ ଓ ଉଦ୍ଭିଦ ଜଗତକୁ ବଞ୍ଚାଇ ରଖିବାର, ପରିବେଶକୁ ପୁଷ୍ଟ କରିବାର ନିଜସ୍ୱ ଜ୍ଞାନ; ଆଉ ଚିହ୍ନି ହେବନାହିଁ ସେ ଭାଷା ପରିବେଶରେ ଥିବା ଗଛ, ଲଟା, ଚେରମୂଳୀ ଆଦିକୁ ଏବଂ ହଜିଯିବ ସେ ଭାଷାର ଶହ ଶହ ବର୍ଷର ପେଡିରେ ସାଇତା ହୋଇଥିବା ସଂସ୍କୃତି, ଲୋକକଥା ଆଉ ବିଜ୍ଞତା ।  ଭାଷା ହଜିଗଲେ ପୃଥିବୀ କେବଳ ଦରିଦ୍ର ହୋଇଯାଏ ନାହିଁ, ବିପନ୍ନ ମଧ୍ୟ ହୋଇଯାଏ କାରଣ ସାଂସ୍କୃତିକ ବିବିଧତା ସହିତ ଜୈବ ବିବିଧତା ମଧ୍ୟ ହ୍ରାସ ହୁଏ ଯାହା ମାନବ ଜାତି ପାଇଁ ଅଶୁଭ ସଂକେତ । ଗଲା ସାତ ଆଠ ଦଶନ୍ଧି ମଧ୍ୟରେ ପୃଥିବୀ ହରାଇଛି ଅନ୍ୟୂନ ୫୦୦ଟି ଭାଷା । ଆଜିର ସମୟରେ ପ୍ରାୟ ଅଠରଟି ଭାଷାରେ ଅଛନ୍ତି ମାତ୍ର ଜଣେ ଜଣେ ବ୍ୟକ୍ତି ଯିଏକି ସେହି ଭାଷା କହିପାରନ୍ତି । ପୁଣି ୧୪୪ଟି ଭାଷାରେ ଭାଷାଭାଷୀଙ୍କ ସଂଖ୍ୟା ୧୦ରୁ କମ୍, ୪୩୭ଟି ଭାଷାରେ ୧୦୦ରୁ କମ୍ ଏବଂ ୧୫୩୭ଟି ଭାଷାରେ ୧୦୦୦ରୁ କମ୍ । ଖୁବ୍ ଅଳ୍ପଦିନ ମଧ୍ୟରେ ଏ ଭାଷାମାନେ ମରିଯିବେ । ମରିଯିବେ ସ୍ୱାଭାବିକ ଭାବରେ ନା ସେମାନଙ୍କୁ ହତ୍ୟା କରାଯାଉଛି ? ଭାଷାର ମୃତ୍ୟୁ ଜୀବଜଗତ ପରି ସ୍ୱାଭାବିକ ମୃତ୍ୟୁ ନୁହେଁ, କାରଣ ଭାଷାର ସ୍ଥିତି ଜୈବିକ ନୁହେଁ, ଏହା ସାମାଜିକ ଆଉ ସାଂସ୍କୃତିକ । ବିଶିଷ୍ଟ ଭାଷାବିତ୍ ଓ ଗବେଷକଙ୍କ ମତରେ ଭାଷା ଅବହେଳାରୁ ମରେ । ସାମାଜିକ ଓ ରାଷ୍ଟ୍ରୀୟ ନୀତିରେ କେତେକ ଭାଷାକୁ ଅଗ୍ରାଧିକାର ଦେଇ ଅନ୍ୟାନ୍ୟ ଭାଷାକୁ ଉପେକ୍ଷା କରିବା ଫଳରେ ଏବଂ ଶିକ୍ଷା, ଶାସନ ଓ ଗୁରୁତ୍ୱପୂର୍ଣ୍ଣ ସାମାଜିକ କ୍ଷେତ୍ରରୁ ଭାଷାଗୁଡିକୁ ଦୂରେଇ ରଖିବା ଫଳରେ ବ୍ୟବହାର ବିନା ଭାଷା କ୍ରମଶଃ ଦୁର୍ବଳ ହୋଇପଡେ । ଭାଷା ଉପେକ୍ଷାର ଏହା ଏକ କାଳଚକ୍ର - ବିଭିନ୍ନ ସାମାଜିକ କ୍ଷେତ୍ରରେ କେତେକ ଭାଷା କୌଣସି ବ୍ୟବହାର ବା ସ୍ଥାନ ନ ପାଇ ଦୁର୍ବଳ ହୋଇଯାଆନ୍ତି ଏବଂ ଦେଶର ନୀତି-ନିର୍ଦ୍ଧାରକ ମାନେ ସେହି ଦୁର୍ବଳତାର ଆଳରେ ଭାଷାମାନଙ୍କୁ ଆହୁରି ଉପେକ୍ଷିତ କରନ୍ତି । ଆମ ଦେଶରେ ଏବଂ ରାଜ୍ୟରେ ଅନେକ ଆଦିବାସୀ ଓ ସଂଖ୍ୟାଲଘୁ ମାନଙ୍କ ଭାଷା ଅବସ୍ଥା ଏଇଆ । ଯୁଗ ଯୁଗ ଧରି ଜନଜୀବନର ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ, ବିଶେଷ କରି ଶିକ୍ଷାରେ ଏ ଭାଷାଗୁଡିକ ସ୍ଥାନ ନପାଇ ସବୁମନ୍ତେ ଉପେକ୍ଷିତ ହୋଇ ଦୁର୍ବଳ ହେବାଛଡା ଅନ୍ୟ ଗତି ନାହିଁ । ଆମର ନୀତି ନିର୍ଦ୍ଧାରକମାନେ ସାଧାରଣତଃ ଏହି ଭାଷାଗତ ଦୁର୍ବଳତାକୁ ଆଳ କରି ସ୍ଥିର କରନ୍ତି ଯେ, ଶିକ୍ଷାପାଇଁ ବ୍ୟବହୃତ ହେବାକୁ ଏହି ଭାଷା ଗୁଡିକ ଅନୁପଯୁକ୍ତ । ଯିଏ ଆଖି ଫୁଟାଇଲା ସେ ହିଁ କହୁଛି ଅନ୍ଧ ! ପଚାଶ ବର୍ଷ ତଳେ ଓଡିଶାରେ ଥିଲା ୩୮ଟି ଜନଜାତି ଭାଷା । ବର୍ତ୍ତମାନର ଗଣନାରେ ମାତ୍ର ୨୨ଟି । ବ୍ୟବହାର ପାଇଁ ସୁଯୋଗ ନପାଇ, ଦେଶର ଓ ରାଜ୍ୟର ପ୍ରଶାସନରେ ଉପେକ୍ଷିତ ହୋଇ ତଥା ଏଇ ଭାଷାଭାଷୀ ପିଲାମାନଙ୍କର ଶିକ୍ଷାରେ ବ୍ୟବହାର ନହୋଇ ଏ ୧୬ଟି ଭାଷା   ଚିରକାଳ ପାଇଁ ହଜି ଯାଇଛନ୍ତି । ବହୁ ପ୍ରଭାବଶାଳୀ ଓ ପାଠୁଆ ଲୋକ ବାରମ୍ବାର କହୁଥିବାର ମୁଁ ଶୁଣିଛି ଯେ, ଆଦିବାସୀ ଭାଷାଗୁଡିକର ଲେଖିବା ପଦ୍ଧତି ନାହିଁ । ତେଣୁ ସେଗୁଡିକ ଭାଷା ପଦବାଚ୍ୟ ନୁହଁନ୍ତି, ବରଂ ଉପଭାଷା । ତେଣୁ ସେଗୁଡିକ ଭାଷା ଭାବରେ ନାମିତ ହେବାକୁ ଅନୁପଯୁକ୍ତ ।  ଇଂରାଜୀ ଭାଷା ଭଳି ପୃଥିବୀ ସାରା ମାଡିଚାଲିଥିବା ଭାଷାର ଯେ ନିଜସ୍ୱ ଲିପି ନାହିଁ, ତାହା ଉଧାର ଆଣିଥିବା ଲିପିରେ ଲେଖାଯାଏ (ପୃଥିବୀର  ଆହୁରି ଅନେକ ବଡ ବଡ ଭାଷା ମଧ୍ୟ ସେଇ ଲିପିରେ ଲିଖିତ) - ଏ କଥା ମୁଁ ଯେତେବେଳେ କହେ, ସେମାନଙ୍କର ଉତ୍ତର ନଥାଏ । ତଥାପି ଅନେକ କହନ୍ତି, "ଇଂରାଜୀ କଥା ଭିନ୍ନ" । ରାଷ୍ଟ୍ର ଏବଂ ରାଜ୍ୟ ସ୍ତରୀୟ ନୀତି, ଯାହା ଫଳରେ କେତେକ ଭାଷା ଗୁରୁତ୍ୱ ଲାଭ କରି ଅନ୍ୟ ଭାଷାଗୁଡିକ ତୁଳନାରେ ଅଧିକ କ୍ଷମତାସମ୍ପନ୍ନ ହେଉଛନ୍ତି, ଅଥଚ ଉପେକ୍ଷିତ ଭାଷାମାନେ ଶିକ୍ଷାକ୍ଷେତ୍ରରେ ବଞ୍ଚିତ ଏବଂ ମହତ୍ତ୍ୱପୂର୍ଣ୍ଣ ସାମାଜିକ କ୍ଷେତ୍ରରେ ବିନା ବ୍ୟବହାରରେ ଦୁର୍ବଳ ହୋଇପଡନ୍ତି । କାଳକ୍ରମେ ବିପନ୍ନ ହୋଇ ଅବଶେଷରେ ବିଲୁପ୍ତ ହୋଇଯାଆନ୍ତି । ଏହି

ପ୍ରକ୍ରିୟାରେ ଅହରହ ବିଶ୍ୱର ଅନେକ ଭାଷାର ପରମାୟୁ ପ୍ରାୟ ସରିଆସୁଛି ।

ଓଡିଆମାନେ ହୁଏତ ଭାବିପାରନ୍ତି ଯେ ଅସ୍ତ ହୋଇଯାଉଥିବା ଏ ସବୁ ଭାଷା ତ ଖୁବ୍ ଛୋଟ ଛୋଟ ଭାଷା । ନିଜର ଐତିହ୍ୟ ଯୋଗେ ଶାସ୍ତ୍ରୀୟ ମାନ୍ୟତା ପାଇଥିବା ସାଢେ ଚାରି କୋଟି ଭାଷାଭାଷୀଙ୍କ ଓଡିଆ କଣ ଏତେ ସହଜରେ ଲୁପ୍ତ ହୋଇପାରିବ ? ତେବେ ମନେ ରଖିବାକୁ ହେବ ଯେ ପରିସଂଖ୍ୟାନ ଓ ଐତିହ୍ୟ ବଳ ଥାଇ ମଧ୍ୟ ଅନେକ ଭାଷା ଲୁପ୍ତ ହୋଇ ଗଲେଣି, ଲାଟିନ୍ ଭାଷା ଭଳି ଅବା ଖୁବ୍ ବିପନ୍ନ ଅବସ୍ଥାରେ ଅଛି ଇରାନ୍‌ର ଫାର୍ସି ଭାଷା ଭଳି । ଭାଷାଭାଷୀଙ୍କ ସଂଖ୍ୟା ନିଶ୍ଚୟ ଭାଷାର ବଳ ହୋଇପାରେ । ତେବେ ଭାଷାର ଜୀବନଶକ୍ତି ଓ ବିକାଶ ସମ୍ଭାବନା କେବଳ ସଂଖ୍ୟାରେ ନୁହେଁ, ଏଥିପାଇଁ ଲୋଡା ଅନେକ କିଛି ଯାହା ଉପରେ ଭାଷାର ଭବିଷ୍ୟତ ନିର୍ଭର କରେ । ପ୍ରତ୍ୟେକ ଭାଷାର ଜୀବନଶକ୍ତି ନିର୍ଭର କରେ ଭାଷାଭାଷୀ ମାନଙ୍କର ଭାଷାପ୍ରାଣ ମାନସିକତା, ସେମାନଙ୍କର ଭାଷାପ୍ରତି ପ୍ରତିବଦ୍ଧତା । ତେବେ ଏକଥା ମଧ୍ୟ ସତ ଯେ ଭାଷା ମାନସିକତା କେବଳ ଭାଷାଭାଷୀମାନଙ୍କର ଅନ୍ତର୍ନିହିତ ନିଷ୍ଠା ବା ଭକ୍ତି ନୁହେଁ । ଭାଷାଭାଷୀଙ୍କ ଜୀବନରେ ସ୍ୱାଭାବିକ ଚଳଣି ଓ ପ୍ରଗତି ପାଇଁ ଭାଷାର ମୂଲ୍ୟ ବା ଗୁରୁତ୍ୱ ଦ୍ୱାରା ପ୍ରଭାବିତ ହୁଏ ଭାଷା ପ୍ରତିବଦ୍ଧତା ଓ ଭାଷା ମାନସିକତା । ମୋଟାମୋଟି ଭାବରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ବା ସାମୂହିକ ଭାବରେ କୌଣସି ଏକ ଭାଷାଭାଷୀ ଗୋଷ୍ଠୀ ପାଇଁ ଭାଷାର ମୂଲ୍ୟ ଦୁଇ ପ୍ରକାର । ପ୍ରଥମଟି ହେଲା ଭାଷା ପ୍ରତି ଆତ୍ମୀୟତାଭାବ, ନିଜର ଭାଷା ପରିଚୟ ନେଇ ଗର୍ବ । ସାଧାରଣତଃ ପ୍ରତ୍ୟେକ ମଣିଷର ପରିଚୟରେ ଧର୍ମ, ଜାତି ଇତ୍ୟାଦି ପରି ଭାଷା ମଧ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଉପାଦାନ । "ମୁଁ ଜଣେ ଓଡିଆ" - ଏ ପ୍ରକାରର ଭାବନା ହିଁ ଭାଷା ମାନସିକତାର ଗୋଟିଏ ମୁଖ୍ୟ ଦିଗ । ତେବେ ସେତିକିରୁ ବ୍ୟକ୍ତିର ଆତ୍ମ-ପରିଚୟ ନିଶ୍ଚୟ ଆସେ, କିନ୍ତୁ ପୂର୍ଣ୍ଣ ପ୍ରତିବଦ୍ଧତା ଆସେନାହିଁ । ପ୍ରତ୍ୟେକ ମଣିଷର ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଭାଷାର ଉପାଦେୟତା ରହିଛି । ବ୍ୟକ୍ତିର, ପରିବାରର ଓ ଭାଷାଭାଷୀ ଗୋଷ୍ଠୀର ସାମାଜିକ, ଅର୍ଥନୈତିକ, ସାମୂହିକ ପ୍ରଗତି ପାଇଁ ଭାଷା କେତେ ମୂଲ୍ୟବାନ - ଏହାର ବାସ୍ତବ ମୂଲ୍ୟାୟନ ଉପରେ ନିର୍ଭର କରେ ଭାଷାର ଉପାଦେୟତା । ଯଦି ଭାଷା ଶିକ୍ଷାରେ, ପ୍ରଶାସନରେ ତଥା ଅନ୍ୟାନ୍ୟ ବ୍ୟବହାରିକ କ୍ଷେତ୍ରରେ ପ୍ରୟୋଗ କରାଯାଉଛି, ଏବଂ ଭାଷା ଯୋଗେ ଅର୍ଥନୈତିକ ସୁଫଳ ମିଳିବାର ସମ୍ଭାବନା ରହିଛି, ତେବେ ଭାଷା ପ୍ରତି ଅଧିକ ଆଗ୍ରହ ଓ ପ୍ରତିବଦ୍ଧତା ଜାତ ହେବା ନିଶ୍ଚିତ । ଅଧିକାଂଶ ଜନଜାତି ଭାଷା ସେମାନଙ୍କର ଆତ୍ମପରିଚୟର ଓ ଗୋଷ୍ଠୀ-ସଂହତିର ଭାଷା । ଏହା ସେମାନଙ୍କର ସାମୂହିକ ପରିଚୟ ଓ ଆତ୍ମସତ୍ତା ବ୍ୟକ୍ତ କରେ । କନ୍ଧ ଲୋକମାନେ କୁଇଭାଷୀ । ଏହା ସେମାନଙ୍କର ଆତ୍ମ-ପରିଚୟ ଓ ଗୋଷ୍ଠୀ ପରିଚୟ ସହିତ ଗଭୀର ଭାବରେ ଜଡିତ । ଏପରିକି, ଯେଉଁ ଅଞ୍ଚଳରେ କନ୍ଧଲୋକମାନେ କୁଇ ଭାଷା କହିବା ଛାଡି ଓଡିଆ ଭାଷୀ ହେଲେଣି ସେମାନେ ମଧ୍ୟ ନିଜକୁ କୁଇ ଲୋକ ବୋଲି କହନ୍ତି । ତେଣୁ କୁଇ ସେମାନଙ୍କର ପରିଚୟର ଭାଷା, ଆତ୍ମୀୟତାର ଭାଷା, ଗୋଷ୍ଠୀ ସଂହତିର ଭାଷା । ମାତ୍ର କନ୍ଧ ଲୋକମାନଙ୍କର ଶିକ୍ଷା, କର୍ମଜୀବନ ଓ ଅର୍ଥନୈତିକ ପ୍ରଗତି ପାଇଁ କୁଇର ଉପାଦେୟତା ପ୍ରାୟ ନଥିବାରୁ କୁଇ ସେମାନଙ୍କର ପରିଚୟର ଭାଷା ହୋଇପାରେ, କିନ୍ତୁ ଆଉ ଉପାଦେୟ ଭାଷା ହୋଇନାହିଁ । କୁଇ ଲୋକମାନଙ୍କର ପିଲାଙ୍କ ଶିକ୍ଷା, ଚାକିରୀ ଓ ଅର୍ଥନୈତିକ ବିକାଶ ପାଇଁ ନିଜର କୁଇଭାଷା ବିଶେଷ କାମରେ ଆସେନାହିଁ । ତେଣୁ ନିଜର, ନିଜ ବଂଶଧରମାନଙ୍କର ପ୍ରଗତି ଓ ବିକାଶ ନିମନ୍ତେ ଯଦି କୁଇଭାଷୀମାନେ ଭବିଷ୍ୟତକୁ ଅଧିକ ଗୁରୁତ୍ୱ ଦିଅନ୍ତି, ସେଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । ସେଥିପାଇଁ ପ୍ରତ୍ୟେକ ଭାଷାଭାଷୀଙ୍କ ଭାଷା-ମାନସିକତା, ମାତୃଭାଷା ପ୍ରତି ନିଷ୍ଠା ଓ ଭକ୍ତିଭାବ ଏକତରଫା ନୁହେଁ । ଏହା ଭାଷା ନେଇ ସେମାନଙ୍କର ଆତ୍ମ-ପରିଚୟ ଓ ଗୌରବ ସହିତ ସେମାନଙ୍କର ଜୀବନ, ଜୀବିକା ଓ ଭବିଷ୍ୟତ ପାଇଁ ଭାଷାର ଉପାଦେୟତା ଉପରେ ନିର୍ଭର କରେ ।

ଏକଥା ମଧ୍ୟ ବୁଝିବା ଆବଶ୍ୟକ ଯେ, ପୃଥିବୀ ସାରା ଭାଷାଗୁଡିକ ମଧ୍ୟରେ କ୍ଷମତା ଦ୍ୱନ୍ଦ୍ୱ ଏବଂ ସାମାଜିକ ଗୁରୁତ୍ୱ ପାଇଁ ଅଦୃଶ୍ୟ ଠେଲାପେଲା ଲାଗି ରହିଛି । ବାସ୍ତବରେ ଦେଖିଲେ, ଯେ କୌଣସି ଅଞ୍ଚଳରେ ତିଷ୍ଠି ରହିଥିବା ଭାଷାଗୁଡିକ ମଧ୍ୟରେ ସ୍ଥିତି, ଶକ୍ତି ଓ ପ୍ରଭାବ ଭିତ୍ତିରେ ଶ୍ରେଣୀ ବିଭାଜନ ପରିଦୃଷ୍ଟ ହୁଏ । ଏହା ତିନୋଟି ଥାକରେ ବିଭାଜିତ ହେବାର ଦେଖାଯାଏ । ଉପର ଥାକରେ କେତୋଟି ଅତି ପ୍ରଭାବଶାଳୀ ଆନ୍ତର୍ଜାତୀୟ ବା ଜାତୀୟ ସ୍ତରର ଭାଷା, ଦ୍ୱିତୀୟ ସ୍ତରରେ ଜାତୀୟ ଓ ଆଞ୍ଚଳିକ ମୁଖ୍ୟ ଭାଷା ଏବଂ ସର୍ବନିମ୍ନ ସ୍ତରରେ ଜନଜାତି ଓ ସଂଖ୍ୟାଲଘୁ ସମ୍ପ୍ରଦାୟଗୁଡିକର ଭାଷା । ଆମ ଦେଶରେ କ୍ଷମତା ଓ ମାନ୍ୟତା ଦୃଷ୍ଟିରୁ ଇଂରାଜୀ ନିଶ୍ଚିତ ସବୁଠାରୁ ଅଧିକ ପ୍ରଭାବଶାଳୀ ଏବଂ ସର୍ବୋଚ୍ଚ ସ୍ତରର ଭାଷା ଏବଂ ତାହା ତଳେ ଆମ ଜାତୀୟ ସ୍ତରର ଭାଷା ହିନ୍ଦୀ । ଭାରତୀୟ ସମ୍ବିଧାନ ଅନୁଯାୟୀ ହିନ୍ଦୀ ଭାରତର ସରକାରୀ ପ୍ରଶାସନର ଭାଷା (ଏହା ସହିତ ଇଂରାଜୀ ମଧ୍ୟ ପ୍ରାରମ୍ଭରୁ ୧୫ ବର୍ଷ ପାଇଁ ଏବଂ ପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନ୍ୟ ଏକ ସହଯୋଗୀ ଭାଷା), ମାତ୍ର ହିନ୍ଦୀକୁ ଜାତୀୟ ଭାଷାର ମାନ୍ୟତା ବିଷୟ ଆମ ସମ୍ବିଧାନରେ ଉଲ୍ଲେଖ ନାହିଁ । ହିନ୍ଦୀ ସହିତ ବଙ୍ଗଳା, ଓଡିଆ, ତାମିଲ୍, ମରାଠୀ, ତେଲୁଗୁ ଇତ୍ୟାଦି ମୁଖ୍ୟ ଆଞ୍ଚଳିକ ଭାଷା ଗୁଡିକ ଦେଶର ଭାଷା ସୋପାନରେ ଦ୍ୱିତୀୟ ସ୍ତରର ଭାଷା । ସିଡିର ତଳ ସୋପାନରେ ଆଦିବାସୀ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ଭାଷା । ଭାଷା ଗୁଡିକ ତିନି ସ୍ତରରେ ଦେଖାଯାଏ କାରଣ ସାମଗ୍ରିକ କ୍ଷମତା ଦୃଷ୍ଟିରୁ ଏଇ ତିନି ସ୍ତର ମଧ୍ୟରେ ରହିଥିବା ଦୁଇଟି ଫାଙ୍କ । ହିନ୍ଦୀ ଓ ଅନ୍ୟାନ୍ୟ ଆଞ୍ଚଳିକ ମୁଖ୍ୟ ଭାଷାଗୁଡିକ ମଧ୍ୟରେ ହୁଏତ ହିନ୍ଦୀ ଓ ଅନ୍ୟ କେତୋଟି ଭାଷା ସାମାନ୍ୟ ଅଧିକ ପ୍ରଭାବଶାଳୀ । ସେଇ ଭାଷାଭାଷୀ ମାନଙ୍କର କେତେକ କ୍ଷେତ୍ରରେ ଅଗ୍ରାଧିକାର ରହିଛି । ତେବେ ମୋଟାମୋଟି ଭାବରେ ଏହି ଦ୍ୱିତୀୟ ସ୍ତରର ଭାଷାଭାଷୀମାନେ ନିଜ ନିଜ ଭାଷାର କ୍ଷମତା ଓ ପ୍ରଭାବ ବଳରେ ଯେଉଁ ସୁବିଧା ହାସଲ କରନ୍ତି, ତାହା ଉପର ସ୍ତରରେ ଥିବା ଇଂରାଜୀ ତୁଳନାରେ ବହୁତ କମ୍ । ଠିକ୍ ସେହିପରି ଆଞ୍ଚଳିକ ବା ରାଜ୍ୟ ସ୍ତରରେ ଦ୍ୱିତୀୟ ଥାକର ମୁଖ୍ୟ ଭାଷା ତୁଳନାରେ ଜନଜାତି ଓ ସଂଖ୍ୟାଲଘୁ ଭାଷାଗୁଡିକର ସ୍ଥାନ ଓ ପ୍ରଭାବ ଅନେକ କମ୍ । ଆମ ଦେଶରେ ୧୯୭ଟି

ଭାଷା ବିପନ୍ନ ଅବସ୍ଥାରେ ଥିବା କଥା ୟୁନେସ୍କୋର ବିପନ୍ନ ଭାଷା ମାନଚିତ୍ରରେ ଦର୍ଶାଯାଇଛି । ଏ ସମସ୍ତ ଭାଷା ତୃତୀୟ ସୋପାନର ଅବହେଳିତ ଭାଷା ଗୋଷ୍ଠୀରେ ଅଛନ୍ତି । ସେ ଦୃଷ୍ଟିରୁ ମଝି ବରଡାର ଅବସ୍ଥା ପରି ଓଡ଼ିଆ ଭାଷା ହୁଏତ ବର୍ତ୍ତମାନ ସୁରକ୍ଷିତ । ତେବେ, ଆମର ଚିନ୍ତା କରିବା କଥା ଏହା ଯେ, କୌଣସି ଭାଷା ଏବଂ ଆମ ଓଡ଼ିଆ ଭାଷା ସ୍ୱତଃସିଦ୍ଧ ଭାବରେ ସୁରକ୍ଷିତ ନୁହେଁ । ଦେଶର ଭାଷା ସୋପାନରେ ମଝି ଥାକରେ ଥିବା ଆଞ୍ଚଳିକ ମୁଖ୍ୟ ଭାଷାଗୁଡ଼ିକ ମଧ୍ୟରେ ବିଭିନ୍ନ କାରଣରୁ ଭାଷା-ମାନସିକତା ଓ ନିଜ ଭାଷା ନେଇ ଗର୍ବ ଅଲଗା ଅଲଗା ସ୍ତରର । ତେଣୁ ଆମର ଚିନ୍ତା କରିବା କଥା ଯେ ଭାଷା ଗୁଡ଼ିକର ଠେଲାପେଲାରେ ଓ ତା ସହିତ ଅଧିକ ପ୍ରଭାବଶାଳୀ ଭାଷା ଗୁଡ଼ିକର ଉପସ୍ଥିତ ପ୍ରଭାବର ଫଳ ସ୍ୱରୂପ ଓଡ଼ିଆମାନଙ୍କର ନିଜ ମାତୃଭାଷା ପ୍ରତି ନିଷ୍ଠା ଓ ଆନୁଗତ୍ୟ ହ୍ରାସ ପାଉଛି କି ?

ଓଡ଼ିଆ ମାନସିକତା ଓ ଓଡ଼ିଆ ଭାଷା ପ୍ରତି ଓଡ଼ିଆମାନଙ୍କର ନିଷ୍ଠା ନିଶ୍ଚୟ ପ୍ରତିଫଳିତ ଓଡ଼ିଆମାନଙ୍କର ବ୍ୟବହାରରେ - ଓଡ଼ିଆ ଲେଖିବା ପଢ଼ିବା ଏବଂ ବିଭିନ୍ନ କ୍ଷେତ୍ରରେ ଓଡ଼ିଆର ପ୍ରୟୋଗରେ । ଆମ ପିଲାଏ ଓଡ଼ିଆ କହିବା ଶିଖୁଛନ୍ତି କି ? ଓଡ଼ିଆ ପଢୁଛନ୍ତି କି ? ଏବଂ ବୟସ୍କ ଲୋକମାନେ ଦୈନନ୍ଦିନ ଜୀବନରେ ଓଡ଼ିଆର କେତେ ବ୍ୟବହାର କରୁଛନ୍ତି ? ଘର ଆଗରେ ନିଜର ନାମଫଳକଟିଏ ଲେଖାଇବା ବେଳେ, ନିମନ୍ତ୍ରଣ ପତ୍ରଟିଏ ଛାପିବାବେଳେ କି ଖବରକାଗଜଟିଏ ଖରିଦ କଲାବେଳକୁ ଆମେ ଓଡ଼ିଆ ଭାଷାକୁ ଅଗ୍ରାଧିକାର ଦେଉଛୁ କି ? ଏମିତି ଅନେକ ବ୍ୟବହାରିକ ପ୍ରଶ୍ନ ଆସିବ ଓଡ଼ିଆ ଭାଷା ପ୍ରତି ନିଷ୍ଠା ଓ ଓଡ଼ିଆ ମାନସିକତା କଥା ଚିନ୍ତା କଲାବେଳେ, କାରଣ "ମୁଁ ମୋ ଭାଷାକୁ ଭଲପାଏ", ଏକଥା କେବଳ ଘୋଷଣାର କଥା ନୁହେଁ । ଭାଷା ପ୍ରତି ପ୍ରତିବଦ୍ଧତା ପ୍ରକାଶିତ ହୁଏ ଭାଷାର ବ୍ୟବହାରରେ ଏବଂ ଗୋଟିଏ ପିଢ଼ିରୁ ଆଉ ଗୋଟିଏ ପିଢ଼ିକୁ ଭାଷାର ସମ୍ପ୍ରସାରଣରେ ।

ବର୍ତ୍ତମାନ ଆମ ରାଜ୍ୟର ପ୍ରାୟ ୪୯ ଲକ୍ଷ ପିଲା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗୁଡ଼ିକରେ । ଏମାନଙ୍କର ବୟସ ଛଅରୁ ଅଠର ବର୍ଷ । ଏମାନଙ୍କ ବ୍ୟତୀତ ଲକ୍ଷ ଲକ୍ଷ ଛଅ ବର୍ଷରୁ କମ୍ କୁନି ପିଲା ବିଭିନ୍ନ କିସମର ନର୍ସରୀ ସ୍କୁଲ, ଖେଳ ନଥିବା "ପ୍ଲେ ସ୍କୁଲ" ଆଦିରେ ଅବୋଧ ଇଂରାଜୀ ନର୍ସରୀ ରାଇମ୍ ଘୋଷୁଛନ୍ତି । ଗଲା ୧୦ - ୧୫ ବର୍ଷ ଭିତରେ ଇଂରାଜୀ ମିଡ଼ିୟମ୍ ସ୍କୁଲ ମାନଙ୍କରୁ ପାସ୍ କରି ରାଜ୍ୟ ଓ ରାଜ୍ୟ ବାହାରେ କାମ କରୁଥିବା ବୟସ୍କ ଓଡ଼ିଆ ମାନଙ୍କ ମଧ୍ୟରୁ ଅନ୍ୟୂନ ୨୨ ଲକ୍ଷ ହୁଏତ ଓଡ଼ିଆ କହି ଜାଣନ୍ତି, କିନ୍ତୁ ଓଡ଼ିଆରେ ଲେଖାପଢ଼ା ଜାଣନ୍ତି ନାହିଁ । ଏମାନେ ଓଡ଼ିଆରେ ଛପା ହୋଇଥିବା ନିମନ୍ତ୍ରଣ ପତ୍ରଟିଏ ମଧ୍ୟ ପଢ଼ି ପାରନ୍ତିନି । ତେଣୁ ଦୃଢ଼ ଭାବରେ ଏହି ଅନୁମାନ କରିହେବ କି ବର୍ତ୍ତମାନର ଓଡ଼ିଆ ଲୋକଙ୍କ ମଧ୍ୟରୁ ନିରକ୍ଷର ମାନଙ୍କୁ ବାଦ୍ ଦେଲେ, ସାତ ବର୍ଷରୁ ଉର୍ଦ୍ଧ୍ୱଙ୍କ ଭିତରେ ୭୧ ଲକ୍ଷରୁ ଅଧିକ ପାଠୁଆ ଓଡ଼ିଆ ପଢ଼ିବାକୁ ଅସମର୍ଥ ।

୧୯୩୬ ମସିହା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମୟରେ ରାଜ୍ୟର ଜନସଂଖ୍ୟା ଥିଲା ଏକ କୋଟି ୩୧ ଲକ୍ଷ । ଏହା ବର୍ତ୍ତମାନ ଚାରି କୋଟି ଷାଠିଏ ଲକ୍ଷ । ସ୍ୱତନ୍ତ୍ର ଓଡ଼ିଶାର ଶହେ ବର୍ଷ ପୂର୍ତ୍ତି ବେଳକୁ ଜନସଂଖ୍ୟା ଆକଳିତ ପାଞ୍ଚକୋଟି ସତସ୍ତରୀ ଲକ୍ଷ । ଜନସଂଖ୍ୟା ବୃଦ୍ଧି ଅନୁପାତରେ ଇଂରାଜୀ ମାଧ୍ୟମ ସ୍କୁଲ ଏବଂ ତହିଁରେ ପିଲାମାନଙ୍କ ସଂଖ୍ୟାବୃଦ୍ଧି ଘଟିବ । ସେହି ୨୦୩୬ ମସିହାରେ ଓଡ଼ିଶା ରାଜ୍ୟରେ ସ୍କୁଲ ଯିବା ବୟସର ପିଲା ଥିବେ ଏକ କୋଟି ଛପନ ଲକ୍ଷରୁ ଅଧିକ । ବର୍ତ୍ତମାନ ଇଂରାଜୀ ମିଡ଼ିୟମ୍ ସ୍କୁଲମାନଙ୍କରେ ଆନୁମାନିକ ୪୦ ପ୍ରତିଶତ ପିଲା ପଢୁଛନ୍ତି ଏବଂ ଏହା ବାର୍ଷିକ ୧୦ ପ୍ରତିଶତ ହାରରେ ବୃଦ୍ଧି ପାଉଛି । ଏବେ ରାଜ୍ୟର ଗାଁଗଣ୍ଡା ଓ ସହରତଳି ଅଞ୍ଚଳ ମାନଙ୍କରେ ବ୍ୟବସାୟିକ ବେସରକାରୀ ଇଂରାଜୀ ମାଧ୍ୟମର ବିଦ୍ୟାଳୟମାନ ଛତୁ ଫୁଟିଲା ଭଳି ମାଡ଼ିଚାଲିଛନ୍ତି ଏବଂ ବାପାମାଆମାନଙ୍କର ସାମର୍ଥ୍ୟକୁ ଚାହିଁ ଅଳ୍ପ ଦେୟର ମାତ୍ର ଅନେକ କ୍ଷେତ୍ରରେ ନିମ୍ନମାନର ଇଂରାଜୀ ସ୍କୁଲ ଗୁଡ଼ିକ ଖୋଲା ଚାଲିଛି ।ଶସ୍ତା ଇଂରାଜୀ ମାଧ୍ୟମ ସ୍କୁଲ ଉପଲବ୍ଧ ହେବା ସଙ୍ଗେସଙ୍ଗେ ସାଧାରଣ ଜନତାଙ୍କ ଆର୍ଥିକ ଅବସ୍ଥାର ଆଶାନୁରୂପ ଉନ୍ନତି ହେଲେ, ନିଃସନ୍ଦେହରେ ଅଧିକରୁ ଅଧିକ ପିଲା ଇଂରାଜୀ-ମାଧ୍ୟମ ସ୍କୁଲ ଗୁଡ଼ିକରେ ଭର୍ତ୍ତି ହେବେ । ଏବେ ମଧ୍ୟ ବେସରକାରୀ ଇଂରାଜୀ-ମିଡ଼ିୟମ ସ୍କୁଲ ମୁହାଁଇବା ସ୍ରୋତରେ ସରକାରୀ ଓଡ଼ିଆ-ମାଧ୍ୟମ ବିଦ୍ୟାଳୟଗୁଡ଼ିକ ଖାଲି ହେବାରେ ଲାଗିଲେଣି । ଜନସଂଖ୍ୟା, ସ୍କୁଲ ବୟସର ପିଲାଙ୍କ ସଂଖ୍ୟା ଓ ଇଂରାଜୀ-ମାଧ୍ୟମ ସ୍କୁଲ ପିଲାଙ୍କ ସଂଖ୍ୟାର ବୃଦ୍ଧି ହାର ଅନୁପାତରେ ହିସାବ କଲେ ଜଣାଯାଏ ଯେ, ୨୦୩୧-୩୨ ମସିହା ବେଳକୁ ପ୍ରାୟ ସମସ୍ତ ଓଡ଼ିଆ ପିଲା ଥିବେ ଇଂରାଜୀ-ମାଧ୍ୟମ ବିଦ୍ୟାଳୟଗୁଡ଼ିକରେ । ଏହି ଧାରାକୁ ଯଦି ଅବ୍ୟାହତ ଭାବରେ ଛାଡ଼ି ଦିଆଯାଏ ଏବଂ ଓଡ଼ିଆ-ମାଧ୍ୟମ ସରକାରୀ ବିଦ୍ୟାଳୟ ଗୁଡ଼ିକର ଗୁଣାତ୍ମକ ମାନରେ ପରିବର୍ତ୍ତନ ଅଣା ନଯାଏ, ତେବେ କେବଳ ଇଂରାଜୀ ମାଧ୍ୟମ ଖୋଲି ନଥିବା ଅଳ୍ପ କେତେକ ଦୁରନ୍ତ ମଫସଲ ଅଞ୍ଚଳର ସରକାରୀ ବିଦ୍ୟାଳୟ ଗୁଡ଼ିକୁ ଛାଡ଼ିଦେଲେ ସ୍ୱତନ୍ତ୍ର ଓଡ଼ିଶାର ଶହେ ବର୍ଷ ପୂର୍ତ୍ତି ବେଳକୁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ଗୁଡ଼ିକରେ କେହି ପିଲା ପଢୁ ନଥିବେ । ଏକ ଦୁଃସ୍ୱପ୍ନ ପରି ମନେ ହେଲେ ମଧ୍ୟ, ଏହା ଏକ ତଥ୍ୟ ପର୍ଯ୍ୟବସିତ ପୂର୍ବାନୁମାନ । ଇଂରାଜୀ-ମାଧ୍ୟମ ଶିକ୍ଷାର ସ୍ରୋତରେ ଓଡ଼ିଆ ଭାଷାର ପଢ଼ାଲେଖା ମଧ୍ୟ ଦ୍ରୁତ ଗତିରେ ହ୍ରାସ ପାଇବ ।

ଏହି ଇଂରାଜୀ-ମାଧ୍ୟମ ସ୍କୁଲ ସ୍ରୋତ ମଧ୍ୟ କଥିତ ଓଡ଼ିଆ ଭାଷାର ସମ୍ପ୍ରସାରଣକୁ ହ୍ରାସ କରିବ । ଇଂରାଜୀ ମାଧ୍ୟମ ଶିକ୍ଷାର ଆକର୍ଷଣ ଫଳରେ ବର୍ତ୍ତମାନ ଲକ୍ଷ ଲକ୍ଷ ପରିବାରରେ ଓଡ଼ିଆ ପିଲାଙ୍କର ପ୍ରାରମ୍ଭିକ ସାମାଜିକ ବିକାଶରେ ଓଡ଼ିଆ ଭାଷାର ବ୍ୟବହାର ସଂକୁଚିତ । ପିଲାଙ୍କୁ ଇଂରାଜୀ-ମାଧ୍ୟମରେ ପଢ଼ାଇବା ଲକ୍ଷ୍ୟରେ ଇଂରାଜୀ ଜାଣିଥିବା ଶିକ୍ଷିତ ଓଡ଼ିଆ ବାପାମା ପିଲାଙ୍କ ସହିତ ଓଡ଼ିଆରେ କଥାହେବା ବନ୍ଦ କଲେଣି । ପିଲାଙ୍କର ଗପ-ଗୀତ, ଟିଭି ଦେଖା, ଛପାବହି ଇତ୍ୟାଦି ପ୍ରାୟତଃ ଇଂରାଜୀରେ । ପିଲାଙ୍କ ପାଇଁ ଗୀତମାନ ମଧ୍ୟ "ଆ ଜହ୍ନମାମୁ ସରଗ ଶଶୀ" ଛାଡ଼ି "ଟ୍ୱିଙ୍କଲ୍ ଟ୍ୱିଙ୍କଲ୍ ଲିଟ୍‌ଲ ଷ୍ଟାର୍" ହେଲାଣି । ଆଧୁନିକ ପରିବାର ଗୁଡ଼ିକରେ ମଧ୍ୟ ଜେଜେ ମା, ଜେଜେ ବାପା ମାନେ ଅଦୃଶ୍ୟ ହୋଇଗଲେଣି । ଫଳରେ

ଓଡିଆ କାହାଣୀ, ଢଗ ଢମାଳି, ପୁରାଣ କଥାମାନ ପିଲାଙ୍କ ପାଇଁ ଦୁର୍ଲଭ । ନିତ୍ୟ ବ୍ୟବହୃତ ସାମଗ୍ରୀ, ପନି ପରିବା, ପରିବେଶର ଗଛଲତାର ନାମଗୁଡିକ ମଧ୍ୟ ପିଲାମାନେ ଓଡିଆରେ କହିବା-ବୁଝିବା ଶିଖୁ ନାହାନ୍ତି । ଇଂରାଜୀ-ମାଧ୍ୟମ ଶିକ୍ଷାର ଉଚ୍ଚାକାଂକ୍ଷା ଆଗରେ ଏବଂ ଉନ୍ନତ ଭବିଷ୍ୟତର ସମ୍ଭାବନା ସମ୍ମୁଖରେ ଓଡିଆ-ପ୍ରୀତି ହାର ମାନିଲାଣି । ଭାଷା ବଞ୍ଚେ ଗୋଟିଏ ପିଢିରୁ ତଳ ପିଢିକୁ ଶତ ପ୍ରତିଶତ ସମ୍ପ୍ରସାରଣ ବଳରେ । ଯଦି ପରିବାର ଓ ବାପାମାଆଙ୍କ ଗହଣରେ ପିଲାଏ ଓଡିଆ ନ ଶିଖିଲେ, ତେବେ ଭାଷାର ଭବିଷ୍ୟତ ବିପନ୍ନ । ଯେଉଁ ଗତିରେ ପର ପିଢିକୁ ଓଡିଆ ଭାଷାର ସମ୍ପ୍ରସାରଣ ହ୍ରାସ ପାଉଛି, ତାହା ନିଶ୍ଚୟ ଉଦ୍‌ବେଗଜନକ ।

ଓଡିଆ ପଢିବାର ଶିକ୍ଷା ଓ ଜନ-ଅନୁରାଗ ମଧ୍ୟ ଅନେକ କମିଛି ଏବଂ କମିବାରେ ଲାଗିଛି । ଓଡିଆ ପାଠକଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଉଛି । ଓଡିଶାରେ ବଡ, ମଧ୍ୟମ ଓ ସାନ ଧରଣର ରାଜ୍ୟ ଓ ଆଞ୍ଚଳିକ ସ୍ତରର ସମ୍ବାଦପତ୍ରଗୁଡିକର ଘୋଷିତ ପକାଶନ ସଂଖ୍ୟା ପ୍ରାୟ ୪୪ ଲକ୍ଷ ପଚାଶ ହଜାର । ଏ କଥା ସତ ଯେ, ପ୍ରକୃତ ପ୍ରକାଶନର ସଂଖ୍ୟା ଯାହା ଘର ଗୁଡିକରେ ପହଞ୍ଚେ ତାହା ଏହି ସଂଖ୍ୟାରୁ ବେଶ୍ କମ୍ । ତଥାପି ଘୋଷିତ ହାରରେ ଏବଂ ଖଣ୍ଡେ ଖବର କାଗଜର ହାରାହାରି ପାଠକ ସଂଖ୍ୟା ଅନୁପାତରେ ଏହା ସ୍ପଷ୍ଟ ଯେ, ଓଡିଶାରେ ପ୍ରାୟ ୬୦ ଲକ୍ଷରୁ ୮୦ ଲକ୍ଷ ଲୋକ ଦୈନନ୍ଦିନ ଓଡିଆ ଖବରକାଗଜ ପଢନ୍ତି । ଜନସଂଖ୍ୟାରୁ ସାତବର୍ଷରୁ ଅଧିକ ସାକ୍ଷରମାନଙ୍କ ମଧ୍ୟରେ ଓଡିଆ ଖବରକାଗଜ ପାଠକଙ୍କ ହାର ମାତ୍ର ୨୭ ପ୍ରତିଶତରୁ ବି କମ୍ । ଖବରକାଗଜ ବ୍ୟତୀତ ଅନ୍ୟାନ୍ୟ ଓଡିଆ ବହି ଇତ୍ୟାଦିର ପାଠକ ସଂଖ୍ୟା ମଧ୍ୟ ବିଶେଷ ଉତ୍ସାହଜନକ ନୁହେଁ ।

ତେଣୁ ମୋଟାମୋଟି ଭାବରେ ଦେଖିଲେ, ଓଡିଆ ଭାଷାର ବ୍ୟବହାର ଉଦ୍‌ବେଗଜନକ ଭାବରେ କମି କମି ଯାଉଛି ଏବଂ ଏହି ଧାରାରେ ଚାଲିଲେ, ଓଡିଆ ଭାଷାର ଭବିଷ୍ୟତ ବିଶେଷ ଉଜ୍ଜ୍ୱଳ ଦେଖା ଯାଉନାହିଁ । ଆଉ ବର୍ଷ କେତୋଟିରେ ଶିକ୍ଷିତ ଓଡିଆ ଯୁବକ ଯୁବତୀ ଓଡିଆରେ ଖବରକାଗଜ, ନିମନ୍ତ୍ରଣ ପତ୍ର ଆଦି ପଢି ପାରିବେ ନାହିଁ । ଓଡିଆରେ ମୁଦ୍ରିତ ଲେଖା ଓ ସାହିତ୍ୟରେ ଜନ-ଅନୁରାଗ ରହିବ ନାହିଁ । ସ୍ୱତନ୍ତ୍ର ଓଡିଶାର ଶତକ ଜୟନ୍ତୀରେ ଯୁବ ପିଢିର ବାପାମାଆମାନଙ୍କ ପିଲାଏ ଆଉ ଓଡିଆ କହି ଶିଖିବେ ନାହିଁ । କେବଳ ମୁଖ୍ୟତଃ ନିମ୍ନ ବର୍ଗ ଓ ଗ୍ରାମୀଣ ପରିବେଶରେ କିଛିଟା କଥିତ ଓଡିଆର ସମ୍ପ୍ରସାରଣ ହେଉଥିବ ଉପରୁ ତଳ ପିଢିକୁ । ଫଳରେ ଲିଖିତ ଓଡିଆ ଭାଷା ଓ କଥିତ ଓଡିଆ ଭାଷା ଆସ୍ତେ  ଆସ୍ତେ ପରସ୍ପରଠାରୁ ବିଛିନ୍ନ ହେବାକୁ ଲାଗିବେ । ଏହା କୌଣସି ବିପନ୍ନ ଓ ଲୁପ୍ତ ହେବାକୁ ବସିଥିବା ଭାଷାର ପ୍ରଥମ ପର୍ଯ୍ୟାୟ । ଯଦି ଓଡିଆ ଶିକ୍ଷାର ସରକାରୀ ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ମାନର ଦ୍ରୁତ ଅଭିବୃଦ୍ଧି ନ ଘଟେ ଏବଂ ସରକାରୀ ସ୍ତରରେ ପ୍ରଶାସନରେ, ଆଇନ ବ୍ୟବସ୍ଥାରେ ଏବଂ ଜନଜୀବନର ବିଭିନ୍ନ କ୍ଷେତ୍ରରେ ଓଡିଆ ଭାଷାର ଶତ ପ୍ରତିଶତ ବ୍ୟବହାର ନହୁଏ, ତେବେ ଭାଷାଭାଷୀମାନଙ୍କ ପାଇଁ, ଓଡିଆ ଲୋକଙ୍କ ପାଇଁ ଓଡିଆ ଭାଷା ତାର ଉପାଦେୟତା ହରାଇବ । ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ମଧ୍ୟ ଯଦି ସାମଗ୍ରିକ ଭାବରେ ଓଡିଆ ଭାଷାର ବ୍ୟବହାର, ପ୍ରୟୋଜନ ଓ ଶିକ୍ଷା ବ୍ୟବସ୍ଥାର ବିପ୍ଳବାତ୍ମକ ପରିବର୍ତ୍ତନ କରା ନଯାଏ, ତେବେ ଆଜିର ସ୍ଥିତିରେ ଗତି କରି ଆଉ କିଛି ବର୍ଷ ପରେ ଓଡିଆ କେବଳ ଏକ କଥିତ ଭାଷା ହୋଇ ଯାଇପାରେ - ଏ ସମ୍ଭାବନା ଓଡିଆ ଭାଷାପ୍ରେମୀ ମାନଙ୍କ ପାଇଁ ଏକ ଅପ୍ରୀତିକର ବାସ୍ତବତା । ଭାଷାର ବ୍ୟବହାରିକ ସଂକୁଚନ ଅବ୍ୟାହତ ରହିଲେ ଏବଂ ସାମ୍ପ୍ରତିକ ଓଡିଆ ଭାଷା ଶିକ୍ଷା ଓ ଅବକ୍ଷୟ ଲାଗି ରହିଲେ ହୁଏତ ସ୍ୱତନ୍ତ୍ର ଓଡିଶାର ଦ୍ୱିତୀୟ ଶତାବ୍ଦୀ ହେବ ଓଡିଆ ଭାଷାର ଅନ୍ତିମ ଶତାବ୍ଦୀ !

ଇଂରାଜୀ ଭଳି ପ୍ରଭାବଶାଳୀ ଭାଷାଗୁଡିକର ସମ୍ରାଜ୍ୟବାଦୀ ପ୍ରସାର ଓ ଆଞ୍ଚଳିକ ଭାଷା ମାନଙ୍କ ଉପରେ ଏହାର ବିନାଶକାରୀ ପ୍ରଭାବ ଫଳରେ ଭାଷାମାନ ବିପନ୍ନ । ସେଥିପାଇଁ ଇଂରାଜୀ ସମେତ ସାମ୍ରାଜ୍ୟ ସମ୍ପ୍ରସାରଣ କରିଚାଲିଥିବା ବିଶ୍ୱର କ୍ଷମତା ସମ୍ପନ୍ନ ଭାଷା ମାନଙ୍କୁ "ଖୁନୀ ଭାଷା" ବା "କିଲର ଲାଙ୍ଗୁଏଜ୍" ବୋଲି ନାମିତ କରାଯାଏ; ଏ ଭାଷାଗୁଡିକ ବିଶ୍ୱର ଯେଉଁ ଯେଉଁ ଅଞ୍ଚଳକୁ ବ୍ୟାପିଛନ୍ତି, ସେହି ଅଞ୍ଚଳ ଗୁଡିକରେ ଭାଷାମାନ ବିପନ୍ନ ତଥା ଲୁପ୍ତ ହୋଇ ଯାଇଛନ୍ତି ଏବଂ ଅଞ୍ଚଳର ଭାଷାଗତ ବିବିଧତା ହ୍ରାସ ପାଇଛି । ଭାରତ ଭଳି ଏକ ବହୁଭାଷୀ ରାଷ୍ଟ୍ରରେ ଏବଂ ସାମ୍ପ୍ରତିକ ବିଶ୍ୱରେ ଏକାଧିକ ଭାଷା ଶିକ୍ଷା ମୂଲ୍ୟବାନ । ଇଂରାଜୀ ଶିକ୍ଷାର ଆବଶ୍ୟକତା ରହିଛି ନିଶ୍ଚୟ, ମାତ୍ର ଏଥିପାଇଁ ଓଡିଆ ବା ଅନ୍ୟାନ୍ୟ ମାତୃଭାଷାକୁ ଉପେକ୍ଷା କରିବା ଅନାବଶ୍ୟକ । ଉତ୍କୃଷ୍ଟ ମାନର ଇଂରାଜୀ ଓ ବହୁଭାଷୀ ଶିକ୍ଷାପାଇଁ ମାତୃଭାଷା ମାଧ୍ୟମରେ ପ୍ରାଥମିକ ଶିକ୍ଷା ହିଁ ବିଜ୍ଞାନ ସମ୍ମତ ମାର୍ଗ । ପୃଥିବୀ ସାରା ବିଭିନ୍ନ ବହୁଭାଷୀ କ୍ଷେତ୍ରରେ ଗବେଷଣା ଓ ପ୍ରୟୋଗ ବଳରେ ଏହା ସିଦ୍ଧ ହୋଇ ସାରିଛି ଯେ ମାତୃଭାଷାରେ ପିଲାମାନଙ୍କର ପ୍ରାରମ୍ଭିକ ସାମାଜିକ ଦକ୍ଷତା ଭିତ୍ତିରେ ସେମାନଙ୍କର ପ୍ରାଥମିକ ଶିକ୍ଷାସ୍ତରରେ ମାତୃଭାଷାର ବୌଦ୍ଧିକ ଓ ଶିକ୍ଷାଗତ ପ୍ରୟୋଗ ଉନ୍ନତ ହେଲେ ହିଁ ପିଲାଏ ଅନ୍ୟ ଭାଷା ଓ ଇଂରାଜୀ ଭଲରେ ଶିଖିବେ, ପାଠ୍ୟ ବିଷୟରେ ଅଧିକ ବୁଝାମଣା ରଖିବେ ଏବଂ ସାମଗ୍ରିକ ଭାବରେ ଶିକ୍ଷା ଉନ୍ନତ ମାନର ହୋଇପାରିବ । ଅଧିକାଂଶ ପରିଣତ ବୟସର ପ୍ରତିଷ୍ଠିତ ଓଡିଆ ମାତୃଭାଷା ମାଧ୍ୟମରେ ପାଠ ପଢି ପରେ ଇଂରାଜୀ ଭାଷାରେ ଓ ଶିକ୍ଷାରେ ଦକ୍ଷତା ହାସଲ କରିଛନ୍ତି । ତେଣୁ ବର୍ତ୍ତମାନର ଇଂରାଜୀ ଶିକ୍ଷା ପାଇଁ ଓଡିଆ ଭାଷା ଓ ତାର ବ୍ୟବହାରକୁ ଗୌଣ କରିଦେବାର ମାନସିକତା ବିଷୟରେ ଚିନ୍ତା କରାଯାଉ । ମାତୃଭାଷାରେ ଦକ୍ଷତା ଏବଂ ଦୃଢ ମୂଳଦୁଆ ଶିକ୍ଷାକୁ ଏବଂ ଇଂରାଜୀ ଭାଷା ଶିକ୍ଷାକୁ ଉନ୍ନତ କରେ । ଭାରତରେ ଏବଂ ବିଶ୍ୱସାରା ଇଂରାଜୀର ପ୍ରସାର କରୁଥିବା ବ୍ରିଟିଶ୍ କାଉନ୍‌ସିଲ୍ ମଧ୍ୟ ସ୍ୱୀକାର କରନ୍ତି ଯେ ଭାରତ ଭଳି ଯେ କୌଣସି ବହୁଭାଷୀ ରାଷ୍ଟ୍ରରେ ଭଲ ଇଂରାଜୀ ଶିକ୍ଷା ମାତୃଭାଷାର ପ୍ରାଥମିକ ଶିକ୍ଷା ଓ ଦକ୍ଷତା ବଳରେ ହିଁ ସମ୍ଭବ । ତେଣୁ ଆମର ଇଂରାଜୀ-ପ୍ରଧାନ ଶିକ୍ଷା ବ୍ୟବସ୍ଥାରେ ସଂକଳ୍ପବଦ୍ଧ ଗୋଟିଏ ବିପ୍ଳବ ଲୋଡା ଏବଂ ସାମାଜିକ ଓ ସରକାରୀ ସ୍ତରରେ ବିଜ୍ଞାନସମ୍ମତ ପରିବର୍ତ୍ତନ ଆବଶ୍ୟକ । ଓଡିଆମାନଙ୍କର ଭାଷା ମାନସିକତାରେ କେତେକ ମୌଳିକ ବୁଝାମଣାର ମୂଲ୍ୟାୟନ ମଧ୍ୟ ଜରୁରୀ ।

ଓଡିଆ ଭାଷାର ଜୀବନଶକ୍ତି ଦୃଢ କରିବାକୁ ଓ ଭାଷାର ବ୍ୟବହାର ଓ ଐତିହ୍ୟକୁ ଆଗେଇ ନେବାକୁ ଇଚ୍ଛାଶକ୍ତିର ଅଭାବ ନାହିଁ । କିଛିଟା ପ୍ରୟାସ ମଧ୍ୟ ଅଛି । ଯେ କୌଣସି ଭାଷାଭାଷୀଙ୍କ ସାମୂହିକ ଚେତନାରେ ଭାଷାର ଅଗ୍ରାଧିକାର ରହିଛି ନିଶ୍ଚୟ, କିନ୍ତୁ ଏହି ଚେତନାକୁ ବ୍ୟବହାରିକ ସ୍ତରରେ ଓ ଭାଷାର ସମ୍ପ୍ରସାରଣ ସ୍ତରରେ ଏକ ପ୍ରତିବଦ୍ଧତାରେ ପରିବର୍ତ୍ତନ କରିବା ଜରୁରୀ । ଓଡିଆ ଭାଷା-ମାନସିକତାକୁ ଅଧିକ ସକ୍ରିୟ ଓ ଭାଷା ଚେତନାକୁ ଉଦ୍‌ବୁଦ୍ଧ କରିବାର ବେଳ ଆସିଛି । ସମୟ ଉପନୀତ ଆମ ଶିକ୍ଷା ଓ ପ୍ରଶାସନିକ ସ୍ତରରେ ଭାଷାର ବ୍ୟବହାରକୁ ସମ୍ପ୍ରସାରଣ କରିବାପାଇଁ, ଭାଷାଭିତ୍ତିକ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ । ତା ନହେଲେ, ଆଜି ହୁଏ ତ ଓଡିଆ ଭାଷା-ପ୍ରେମୀମାନଙ୍କୁ ଭାଷା-ମୃତ୍ୟୁ ଚିନ୍ତା ଘାରି ନପାରେ, ମାତ୍ର ଯେଉଁ ସଙ୍କେତଗୁଡିକ ଆଜିର ଭାଷା ବ୍ୟବହାର ଓ ଇଂରାଜୀମୁହାଁ ଶିକ୍ଷା ବ୍ୟବସ୍ଥାରେ ସ୍ପଷ୍ଟ ବାରି ହୋଇପଡୁଛି, ସେ ଦୃଷ୍ଟିରୁ ମନେହୁଏ କିଛି ବର୍ଷ ପରେ ହୁଏ ତ ସମୟ ଆସିଯିବ ପଚାରିବାକୁ, "ଓଡିଆ ଭାଷାର ପାଳି କେବେ ? କିଏ ହେବ ଶେଷ ଓଡିଆଭାଷୀ ?"

ପ୍ରାକ୍ତନ ପ୍ରଫେସର,
ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ
ମୋ - ୯୪୩୮୩୬୦୦୦୩

✠✠✠

* ବି.ଦ୍ର. ଏହି ପ୍ରବନ୍ଧଟି ଲେଖକଙ୍କ ଦ୍ୱାରା ପ୍ରଦତ୍ତ ପ୍ରଫେସର ଅବନୀ ବରାଳ ସ୍ମାରକୀ ବକ୍ତୃତା ଆଧାରରେ ଲିଖିତଧ



# ଓଡିଆ ଜୀବନଧାରାରେ
# ଭକ୍ତକବି ମଧୁସୂଦନ ରାଓଙ୍କ ଦର୍ଶନ ପ୍ରବାହ

ଡ. ପ୍ରଫୁଲ୍ଲ କୁମାର ମହାପାତ୍ର

[ଉପକ୍ରମମଣିକା: ବିଭିନ୍ନ କାଳଖଣ୍ଡରେ ଅନେକ ଓଡିଆ କବି, କଥାକାର ଏବଂ ଅନ୍ୟାନ୍ୟ ବର୍ଗର ଲେଖକ / ଚିନ୍ତାନାୟକ ଓଡିଶାର ଜନଜୀବନକୁ ନାନା ଭାବରେ ପ୍ରଭାବିତ କରିଛନ୍ତି । ଜଗନ୍ନାଥ ଦାସଙ୍କର ଭାଗବତ ଓଡିଆ ପ୍ରାଣକୁ ଧାର୍ମିକ / ଆଧ୍ୟାତ୍ମିକ ଚେତନାରେ ଉଦ୍‌ବୁଦ୍ଧ କରିଛି, ଏବେ ମଧ ଭାଗବତ ଟୁଙ୍ଗୀ ପରମ୍ପରା ବେଶେଷକରି ଗ୍ରାମୀଣ ଓଡିଶାର ଜୀବନଧାରା ହୋଇ ରହିଅଛି । ଉପେନ୍ଦ୍ର ଭଞ୍ଜଙ୍କର କବିତା / କାବ୍ୟସମ୍ଭାର ସବୁ ଶ୍ରେଣୀର ଓଡିଆ ପ୍ରାଣକୁ ରସାପ୍ଲୁତ କରିଚାଲିଛି । "ଗାଏ ତୁମ ଗୀତ ସଭାରେ ପଣ୍ଡିତ ପଥେ ପାନ୍ଥ ହୃଷ୍ଟମନା, ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା ନୃତ୍ୟ ରଂଗେ ବାରାଙ୍ଗନା" । - ଏଇ ଦୁଇଟି ପଂକ୍ତି ତାଙ୍କ କବିତାର ଅନ୍ତରଙ୍ଗ ଲୋକପ୍ରିୟତାର ସ୍ପଷ୍ଟ ସୂଚନା ଦିଏ । ତତ୍ ସଙ୍ଗେ ସଙ୍ଗେ ଭଞ୍ଜଙ୍କର ଅମର ସୃଷ୍ଟି ବୈଦେହୀଶ ବିଳାସ ଓଡିଆ ପ୍ରାଣକୁ ରାମରସ ଓ ରାମଙ୍କ ଆଦର୍ଶରେ ଉଦ୍‌ବୁଦ୍ଧ କରିଛି । ଆଦିକବି ସାରଳା ଦାସ ଏବଂ ବ୍ୟାସକବି ଫକୀରମୋହନଙ୍କ ରଚନାବଳୀ ଓଡିଆଙ୍କ ସାମାଜିକ ଓ ନୈତିକ ଜୀବନରେ ଲକ୍ଷ୍ୟଣୀୟ ସଚେତନତା ସୃଷ୍ଟି କରିଛି । ଏହିଭଳି ବହୁ ବିଚିତ୍ର ସ୍ରଷ୍ଟା ଓଡିଆ ଜୀବନରେ ଚିନ୍ତା, ଚରିତ୍ର ଓ ଆଚାର ବ୍ୟବହାରକୁ ବହୁଭାବରେ ପ୍ରଭାବିତ କରନ୍ତି । ସେହିପରି ଜଣେ ଅତ୍ୟନ୍ତ ପ୍ରଭାବଶାଳୀ କବି ଥିଲେ ଭକ୍ତକବି ମଧୁସୂଦନ ରାଓ । ତାଙ୍କର ସମସ୍ତ କବିତା ଅଗଣିତ ଓଡିଆ ପାଠକଙ୍କ ଚିନ୍ତା ଓ ଚେତନାରେ ନୀତିପୂର୍ଣ୍ଣ, ସୁରଚିସମ୍ପନ୍ନ ଜୀବନ ଦର୍ଶନର ଦିବ୍ୟ ପ୍ରେରଣା ଭରି ଦେଇଥାଏ । ସେହି ମହାନ ଦାର୍ଶନିକ କବିଙ୍କ ସୃଷ୍ଟି ସମ୍ଭାରର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିବା ପାଇଁ ଏହି ପ୍ରବନ୍ଧର ଉପସ୍ଥାପନା ।

କଦାଚିତ୍ ଉତ୍କଳ ବିଶ୍ୱ ବିଦ୍ୟାଳୟରେ ମୋର ପ୍ରବୀଣା ସହକର୍ମୀ, ବ୍ୟକ୍ତିଗତ ଜୀବନରେ ଅନୁଜା ପ୍ରତିମା ସଦାପ୍ରସନ୍ନ ଆଦରଣୀୟା ବ୍ୟକ୍ତିଟିଏ, ତୀକ୍ଷ୍ଣ ଧୀଶକ୍ତିସଂପନ୍ନା ଏବଂ ସୁସାହିତ୍ୟିକା ବିଜୟିନୀଙ୍କ ପବିତ୍ର ସ୍ମୃତିରେ ପ୍ରବନ୍ଧଟି ସମର୍ପିତ ।]

ଦିନ ଥିଲା ଶ୍ରୀପଞ୍ଚମୀ, ୧୮୫୩ ମସିହା ଜାନୁଆରୀ ୨୯ ତାରିଖ । ବାଗ୍‌ଦେବୀ ସରସ୍ୱତୀଙ୍କର ଆରାଧନାରେ ଉତ୍ସବ ମୁଖରିତ ଥିଲା ଓଡିଶାର ପୁରପଲ୍ଲୀ । ଏହି ପବିତ୍ର ବାସରରେ ଶ୍ରୀଜଗନ୍ନାଥଙ୍କର ପୁଣ୍ୟଧାମ ପୁରୀଠାରେ ପୁରୁଷ ପୁରୁଷ ଧରି ବାସ କରୁଥିବା ଏକ ମରହଟ୍ଟା ପରିବାରରେ ଜନ୍ମ ନେଇଥିଲା ଏକ ଦିବ୍ୟ ଶିଶୁପତ୍ର । ସିଏ ଜନ୍ମ ତିଥିର ଗୁରୁତ୍ୱକୁ ସାର୍ଥକ କରି ପିଲାଟି ଆଗାମୀ ଦିନରେ ବିଦ୍ୟାର୍ଜନ ଓ ପରେ ପରେ ବିଦ୍ୟାଦାନ କରିବାରେ ଅନନ୍ୟ ସାଧାରଣ ପ୍ରତିଭା ପ୍ରଦର୍ଶନ କରିଥିଲା । ଜନ୍ମପୀଠର ପବିତ୍ରତାକୁ ସାର୍ଥକ କରି ସେ ଜଣେ ଅତ୍ୟନ୍ତ ଧର୍ମପ୍ରାଣ ଦାର୍ଶନିକ ଓ ପରମ ନୀତିବାନ ବ୍ୟକ୍ତି ଭାବରେ ଓଡିଶାର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରି ପାରିଥିଲା । ପିତା ଭାଗୀରଥି ରାଓ ଓ ମାତା ଅମ୍ବିକା ବାଈଙ୍କର ଜ୍ୟେଷ୍ଠ ସନ୍ତାନ ଏହି ଶିଶୁଟିର ନାଁ ଥିଲା ମଧୁସୂଦନ, ଯିଏ ପରବର୍ତ୍ତୀ ସମୟରେ ଭକ୍ତକବି ମଧୁସୂଦନ ରାଓ ନାମରେ ଉତ୍କଳ ସାରସ୍ୱତ ଜଗତରେ ସାହିତ୍ୟ ସୃଜନଶୀଳତାର କିମ୍ବଦନ୍ତୀ ପୁରୁଷର ଗୌରବ ଅର୍ଜନ କରିଥିଲେ । ଧର୍ମ ଓ ନୈତିକତାର ତେଜୋମୟ ବ୍ୟକ୍ତିତ୍ୱ ସହିତ ସୁନୀତି ଓ ସୁରୁଚିରେ ସମୃଦ୍ଧ ମଧୁସୂଦନ ରାଓଙ୍କର କାବ୍ୟିକ କୃତି-ସମ୍ଭାରକୁ ଓଡିଆ ସାହିତ୍ୟର ଇତିହାସ ସ୍ୱତନ୍ତ୍ର ସମ୍ମାନରେ ଭୂଷିତ କରେ ।

ଭଞ୍ଜଯୁଗର ପରବର୍ତ୍ତୀ କାଳରେ ଓଡିଆ ସାହିତ୍ୟରେ ମଧୁସୂଦନ ରାଓ ଏବଂ ରାଧାନାଥ ରାୟଙ୍କୁ ଆଧୁନିକ ଓଡିଆ ସାହିତ୍ୟର ଦୁଇ ପ୍ରମୁଖ ବିନ୍ଧାଣି ବୋଲି କୁହାଯାଏ । ଗଳ୍ପ, ଉପନ୍ୟାସର ଅନନ୍ୟ ସ୍ରଷ୍ଟା ଫକୀର ମୋହନ ସେନାପତିଙ୍କ ସମେତ ଏହି କବିଦ୍ୱୟ ଆଧୁନିକ ଓଡିଆ ସାହିତ୍ୟର ତିନି ପ୍ରାଣବନ୍ତ ସ୍ରଷ୍ଟା ଥିଲେ ।

ସାହିତ୍ୟ କ୍ଷେତ୍ରରେ ଉଚ୍ଚକୋଟୀର ସୃଜନଶୀଳ ପ୍ରତିଭା ସହିତ ମଧୁସୂଦନଙ୍କ ଅଗଣିତ କବିତାଗୁଡିକରେ ଦାର୍ଶନିକ ଓ ଆଧ୍ୟାତ୍ମିକ ଭାବଧାରାର ସମୁଜ୍ଜଳ ରଶ୍ମିରାଶି ବିଚ୍ଛୁରିତ ହେଉଥିଲା । ତାହା ଥିଲା ଅବିମିଶ୍ର ଐଶ୍ୱରୀୟଭାବ, ସର୍ବେଶ୍ୱରବାଦ ଏବଂ ତହିଁରୁ ସମ୍ଭୂତ ଏକ ବଳିଷ୍ଠ ଆଶୀର୍ବାଦ, ଯାହା 'ଆନନ୍ଦବାଦ' ନାମରେ ସାହିତ୍ୟ ଜଗତରେ ସୁବିଦିତ । ପ୍ରକୃତରେ ଏହା ହିଁ ଥିଲା ମଧୁସୂଦନଙ୍କ କାବ୍ୟକୃତିର ବିଶେଷତ୍ୱ । ସେ ଯାହା ଲେଖୁଥିଲେ, ତାହା ମାନବୀୟ ବ୍ୟାପାର ସମ୍ମୁଖରେ ହେଉ ଅବା ସଚରାଚର ସୃଷ୍ଟି ସମ୍ବନ୍ଧରେ ହେଉ, ସବୁଥିରେ ଥିଲା ଭଗବତ୍ ପ୍ରଭାବର ଦୁର୍ବାର ବ୍ୟଞ୍ଜନା । ଏହି କାରଣରୁ ସେ ଓଡିଆ ସାହିତ୍ୟରେ 'ଭକ୍ତକବି'ର ପରିଚିତି ଲାଭ କରିଥିଲେ । ତାଙ୍କ କବିତାରେ

ଗଭୀର ଈଶ୍ୱର ବିଶ୍ୱାସ ଓ ପ୍ରଗାଢ଼ ଭଗବତ୍ ପ୍ରୀତି ଭରି ରହିଥିଲା । ଈଶ୍ୱର ସ୍ଥିତି ସପକ୍ଷରେ ଦାର୍ଶନିକମାନଙ୍କ ପ୍ରଦତ୍ତ ଅଭିକଳ୍ପ ଯୁକ୍ତି (Argument from design), ଆଦିକାରଣ ଯୁକ୍ତି (First cause argument ) ଏବଂ ପ୍ରତ୍ୟୟସତ୍ତା ଯୁକ୍ତି (Ontological argument) ଆଦିରେ ତାଙ୍କ କାବ୍ୟକୃତି ଅନେକାଂଶରେ ଆଧିଭୌତିକ ତତ୍ତ୍ୱ ଉପରେ ପର୍ଯ୍ୟବେସିତ ହୋଇଥିବାର ଦେଖାଯାଏ । 'ଜୀବନ ଚିନ୍ତା', 'ଋଷିପ୍ରାଣେ ଦେବାବତରଣ', 'ହିମାଚଳେ ଉଦୟ ଉତ୍ସବ' ଭଳି ତାଙ୍କ ପ୍ରମୁଖ କବିତା ଗୁଡ଼ିକରେ ସାହିତ୍ୟ ଓ ଦର୍ଶନର ପାର୍ଥକ୍ୟ ଖୋଜିବା କଷ୍ଟକର ହୋଇଥାଏ । ମଧୁସୂଦନଙ୍କର ଅଧିକାଂଶ ରଚନା ବିଶ୍ୱସ୍ତରୀୟ ; କାରଣ ଟଲ୍‌ଷ୍ଟୟ ନିତସେ ଏବଂ ସାର୍ତ୍ତ୍ରଙ୍କ ଲେଖା ଭଳି ତାଙ୍କ ଲେଖାଗୁଡ଼ିକ "ଦର୍ଶନ ନା ସାହିତ୍ୟ ?" - ଏହି ପ୍ରଶ୍ନର ଉତ୍ତର ହଁ / ନାହିଁରେ ଦେବା ଅସମ୍ଭବ । ଏହି ଦୃଷ୍ଟିରୁ ଶ୍ରୀମଦ୍ ଭଗବତ୍ ଗୀତାକୁ ପୃଥିବୀର ଅନ୍ୟତମ ଶ୍ରେଷ୍ଠ ସାହିତ୍ୟ ଭାବରେ ବିବେଚନା କରାଯାଏ ।

ମାତ୍ର ପାଞ୍ଚବର୍ଷର କଅଁଳ ବୟସରେ ଶିଶୁ ମଧୁସୂଦନ ମାତୃହରା ହୋଇଥିଲେ । ପିତା ଭାଗୀରଥି ଗୋପ ଥାନାରେ ଜଣେ ଅଧସ୍ତନ ପୁଲିସ୍ କର୍ମଚାରୀ ଭାବରେ ନିଯୁକ୍ତି ପାଇଲା ପରେ ସେଠାରେ ଗୋଟିଏ ଚାଟଶାଳୀରେ ତାଙ୍କର ଆଦ୍ୟ ଶିକ୍ଷା ଆରମ୍ଭ ହୋଇଥିଲା । ଅନନ୍ୟସାଧରଣ ପ୍ରତିଭାଶାଳୀ ଏହି ଶିଶୁଟି ମାତ୍ର ବର୍ଷକ ମଧ୍ୟରେ ଚାଟଶାଳୀର ସମସ୍ତ ବିଦ୍ୟା ଆୟତ୍ତକରି ସମସ୍ତଙ୍କୁ ଚମତ୍କୃତ କରିଦେଇଥିଲେ । ପରେ ପିତାଙ୍କର ଭୁବନେଶ୍ୱର ବଦଳି ହେବାରୁ ବାଳକ ମଧୁସୂଦନ ଏଠାକାର ଗୋଟିଏ ସରକାରୀ ସ୍କୁଲ୍‌ରେ ପାଠ ପଢ଼ିଲେ । ତାଙ୍କ ପ୍ରତିଭା ଓ ପାଠପଢ଼ାରେ ଆଗ୍ରହ ସ୍କୁଲ୍ ପରିଦର୍ଶକ ଉଡ୍ରୋ ସାହେବଙ୍କୁ ମୁଗ୍ଧ କରିଥିଲା ଏବଂ ସେ ମହାଶୟ ପୁରୀ ଜିଲ୍ଲା ସ୍କୁଲ୍‌ରେ ଏହି ବାଳକଟିର ମାଗଣା ପାଠପଢ଼ାର ବ୍ୟବସ୍ଥା କରିଦେଇଥିଲେ ।

ବହୁଦୃଷ୍ଟିରୁ ମଧୁସୂଦନଙ୍କ ଜୀବନରେ ଏହାଥିଲା ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ ଘଟଣା । କାରଣ ପିତାଙ୍କର ଆର୍ଥିକ ସ୍ୱଚ୍ଛଳତା ନଥିବା ସତ୍ତ୍ୱେ ଗୋଟିଏ ଆଦର୍ଶ ବିଦ୍ୟାଳୟରେ ପଢ଼ିବାକୁ ପାଇବା ତାଙ୍କର ଥିଲା ସୌଭାଗ୍ୟ । କହିବାକୁ ଗଲେ ଏହା ବି ଏକ ସୁଯୋଗ ବୋଲି କୁହାଯିବ କାରଣ ମଧୁସୂଦନଙ୍କର ଏହି ସ୍କୁଲ୍ ସହ ସୁସମ୍ପର୍କ ଗଢ଼ି ଉଠିଥିଲା । ତାଙ୍କ ଜୀବନରେ ରାଧାନାଥଙ୍କର ପ୍ରଭୂତ ପ୍ରଭାବ ପଡ଼ିଥିଲା ଏବଂ ଉତ୍ତର ଜୀବନରେ ଏ ଦୁହେଁ ଓଡ଼ିଶା ସାହିତ୍ୟ ଜଗତରେ ପ୍ରମୁଖ ଭୂମିକା ନିଭାଇଥିଲେ । ପୁରୀ ଜିଲ୍ଲା ସ୍କୁଲରେ ପଢ଼ିବା ସମୟରେ ମଧୁସୂଦନ ପଣ୍ଡିତ ହରିହର ଦାସ ନାମକ ଜଣେ ବିଶିଷ୍ଟ ସଂସ୍କୃତ ଏବଂ ବେଦାନ୍ତ ବିଶାରଦଙ୍କ ସଂସ୍ପର୍ଶରେ ଆସିଥିଲେ । ଇତି ମଧ୍ୟରେ ଜିଲ୍ଲା ସ୍କୁଲ୍‌ରେ ତାଙ୍କର ଶିକ୍ଷକ ହୋଇ ସାରିଥିବା ରାଧାନାଥ ରାୟଙ୍କ ସହିତ ସେ ହରିହରଙ୍କୁ ଭେଟୁଥିଲେ ଏବଂ ତାଙ୍କ ସହିତ ଧର୍ମ, ଦର୍ଶନ, ସାହିତ୍ୟ ଆଲୋଚନା କରୁଥିଲେ । ପଣ୍ଡିତ ହରିହର ଜଣେ ଅସାଧାରଣ ବିଜ୍ଞ ବ୍ୟକ୍ତି ଥିଲେ ଏବଂ ମଧୁସୂଦନ ତାଙ୍କୁ ନିଜର 'ଜ୍ଞାନଦାତା' ଭାବରେ ସମ୍ମାନ କରୁଥିଲେ ।

ମାତ୍ର ହରିହରଙ୍କର ଗୋଟିଏ ବିଶେଷ ଗୁଣ ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ବିଚଳିତ ମଧ୍ୟ କରୁଥିଲା । ହରିହର ଜଣେ ଯୁକ୍ତିପ୍ରିୟ ହେତୁବାଦୀ ବିଦ୍ୱାନ ଥିଲେ ଏବଂ ତର୍କ ବିଦ୍ୟାରେ ଅତ୍ୟନ୍ତ ପାରଙ୍ଗମ ଥିଲେ, ଯାହା ତାଙ୍କୁ ଜଣେ ଉଗ୍ର ନିରୀଶ୍ୱରବାଦୀରେ ପରିଣତ କରିଥିଲା । ମଧୁସୂଦନଙ୍କ ଈଶ୍ୱରବିଶ୍ୱାସୀ କଅଁଳ ମନ ଏଥିରେ ଏତେ ମାତ୍ରାରେ ବିଚଳିତ ହେଉଥିଲା ଯେ, ଦିନେ ସେ ସ୍ୱପ୍ନରେ ଦେଖିଲେ ହରିହର ଗୋଟିଏ ଜଳନ୍ତା କାଠ କାନ୍ଧରେ ଧରି ବଡଦାଣ୍ଡରେ ଶ୍ରୀମନ୍ଦିର ଆଡ଼କୁ ଦୌଡ଼ୁଛନ୍ତି ଓ ଲୋକଙ୍କ ଉପରକୁ ଜ୍ୱଳନ୍ତ ଅଗ୍ନିଖଣ୍ଡମାନ ଫିଙ୍ଗି ଚାଲିଛନ୍ତି । ଏହି ଘଟଣାର ଅଳ୍ପଦିନ ପରେ ପଣ୍ଡିତ ହରିହର ଏକ ଦୁଃଖଦ ଦୁର୍ଘଟଣାରେ ଅଗ୍ନିଦଗ୍ଧ ହୋଇ ପ୍ରାଣ ହରାଇଲେ । ଦୃଢ଼ ଭଗବତ୍ ବିଶ୍ୱାସ ଆଗରେ ତର୍କବିଦ୍ୟାର ଅସାରତା ସୂଚାଇ ମଧୁସୂଦନ ଲେଖିଛନ୍ତି :

"ଦୂରେ ଫିଙ୍ଗି ଅଭିମାନ ପ୍ରମାଣ ପ୍ରମାଦ
ପଢ଼ ଆସି ସେ ଅନନ୍ତ ପ୍ରଭୁ ପାଦତଳ ।
ହେ ଚତୁର ସୁଧୀ, ଛାଡ଼ି ବିଚାର ଚାତୁରୀ
ଭୁଞ୍ଜ ମହାନନ୍ଦେ ମହା ବିଶ୍ୱାସ ମାଧୁରୀ ।"

(ମଧୁସୂଦନ ଗ୍ରନ୍ଥାବଳୀ, ପୃ-୨୨୮)

ସମ୍ଭବତଃ ଏ ପଦ୍ୟାଂଶଟି ହରିହରଙ୍କ ପରି ନିରୀଶ୍ୱରବାଦୀ ତର୍କବିତ୍‌ମାନଙ୍କ ଉଦ୍ଦେଶ୍ୟରେ ଲେଖି ଥାଇ ପାରନ୍ତି ମଧୁସୂଦନ । ତେବେ ହରିହରଙ୍କର ବ୍ୟକ୍ତିତ୍ୱର ଏହି ଶକ୍ତିଶାଳୀ ଦିଗଟି ପରୋକ୍ଷରେ ତାଙ୍କ ବିଶ୍ୱାସଧାରାକୁ ରସାଣିତ ଏବଂ ଅଧିକ ଦୃଢ଼ୀଭୂତ କରିଥିଲା । ପ୍ରତିପକ୍ଷର ସମାଲୋଚନାକୁ ସାମ୍ନା କରି ପୂର୍ବପକ୍ଷର ମତ ସୁନିୟନ୍ତ୍ରିତ ଓ ପ୍ରମାଣିତ ହୋଇଥାଏ । ଭାରତୀୟ ତର୍କବୋଧର ଏହା ଏକ ବିଶିଷ୍ଟ ବିଭବ । ହରିହରଙ୍କ ନିରୀଶ୍ୱରବାଦୀ ତର୍କର ତୀକ୍ଷ୍ଣତା ମଧୁସୂଦନଙ୍କ ଆସ୍ତିକତା ଓ ଧର୍ମଭାବନାକୁ ଚିରାଚରିତ ଧର୍ମବିଶ୍ୱାସଠାରୁ ବୈପ୍ଲବିକ ରୂପରେ ସ୍ୱତନ୍ତ୍ର ଭାବେ ଗଢ଼ି ତୋଳିଲା । ଅନ୍ଧବିଶ୍ୱାସରହିତ ବିଶୁଦ୍ଧ ଈଶ୍ୱର ଭକ୍ତି ଦିଗରେ ପ୍ରତିଷ୍ଠିତ କଲା ।

ମଧୁସୂଦନ ଥିଲେ ଜଣେ ଋଷିପ୍ରାଣ କାବ୍ୟସ୍ରଷ୍ଟା ଏବଂ ନୀତିସର୍ବସ୍ୱ ଆଦର୍ଶ ଶିକ୍ଷକ । ସୁତରାଂ ତାଙ୍କର ସମସ୍ତ ରଚନାରେ ଥିଲା ଦୃଢ଼ ଈଶ୍ୱର ବିଶ୍ୱାସ ଏବଂ ଶିକ୍ଷଣୀୟ ନୈତିକ ବିଚାର । ଈଶ୍ୱର ବିଶ୍ୱାସର ଫଳ ସ୍ୱରୂପ ତାଙ୍କ ଚେତନାରେ ଅପ୍ରମିତ ଆଶାବାଦର ପରିପ୍ରକାଶ ଦୃଷ୍ଟ ହୁଏ । ଈଶ୍ୱର ଏ ସୃଷ୍ଟିର ଆଦ୍ୟ କାରଣ ଏବଂ ସର୍ବମୟ କର୍ତ୍ତା, ସମସ୍ତ ଘଟଣା ପଛରେ ଐଶ୍ୱରୀୟ ନିଶ୍ଚିତ ପ୍ରଭାବ ରହିଥିବା ଦାବି କରିଥିଲେ ଭକ୍ତକବି । ସୁତରାଂ ତାଙ୍କ ମତରେ ମନୁଷ୍ୟ ଜୀବନ ଅବଶ୍ୟ ଆନନ୍ଦମୟ ହେବ, କାରଣ ଈଶ୍ୱର ସୃଷ୍ଟ ଏହି ପୃଥିବୀ ସମସ୍ତ ସମ୍ଭାବ୍ୟ ସୃଷ୍ଟି ମଧ୍ୟରେ ସର୍ବଶ୍ରେଷ୍ଠ । ମଧୁସୂଦନଙ୍କ ଅନ୍ୟତମ କୃତି "କୁସୁମାଞ୍ଜଳି" କବିତାରେ ଏପରି ଆଶୀର୍ବାଦର ଉଚ୍ଛ୍ୱସିତ ଭାବ ପ୍ରକାଶ ଦେଖିବାକୁ ମିଳେ । ତାଙ୍କ ଭାଷାରେ ଏ ସୃଷ୍ଟି ହେଉଛି ମଧୁମୟ, ସୁଧାମୟ ଏବଂ ଅମୃତମୟ:

"ସୁଧାମୟ ସୃଷ୍ଟି, ମଧୁମୟ ସୃଷ୍ଟି
ଏ ସୃଷ୍ଟି ଅମୃତମୟ ହେ..... "(କୁସୁମାଞ୍ଜଳି, ପୃ-୧୬୦)

ବିଶ୍ୱ ସାହିତ୍ୟରେ ଅନେକ ପ୍ରଥିତଯଶା କବି ନିରାଶାବାଦର ବାର୍ତ୍ତା ଦେଇଥିବା ସ୍ଥଳେ ମଧୁସୂଦନ ଆଶାର ଆଲୋକରେ ଉଦ୍‌ଭାସିତ ସନ୍ଦର ସୃଷ୍ଟିର ଚିତ୍ର ପ୍ରଦର୍ଶନ କରୁଥିଲେ । ଶେଲି, ସେକ୍‌ସପିଅର୍, ଏପରିକି ତାଙ୍କ ନିଜ ଗୁରୁ ରାଧାନାଥ ରାୟ ସେମାନଙ୍କ ରଚନାରେ ମଣିଷର ନୈତିକ ଅଧୋଗତି ଦେଖି ହତାଶା ପ୍ରକାଶ କରୁଥିଲେ; ମାତ୍ର ଆଧ୍ୟାତ୍ମିକତା ଓ ନୈତିକତାର ଜୀବନଚର୍ଯ୍ୟାରେ ମଣିଷ ବହୁ ଶୀର୍ଷକୁ ଉଠିପାରିବ, ସେହି ଭବ୍ୟ ସମ୍ଭାବନାର ଔଜଲ୍ୟରେ ମଧୁସୂଦନଙ୍କର ଆଶାବାଦୀ ଭକ୍ତପ୍ରାଣ ଉଲ୍ଲସିତ ହେବାର ଦେଖାଯାଏ ତାଙ୍କର ରଚନାବଳୀରେ । ଉଇଲିୟମ ୱାର୍ଡସ୍‌ୱାର୍ଥଙ୍କ ପରି ମଧୁସୂଦନ ଜୀବନର ସକାରାତ୍ମକ ସମ୍ଭାବନାରେ ହିଁ ତାଙ୍କ କାବ୍ୟକୃତିକୁ ଋଦ୍ଧିମନ୍ତ କରିଥିଲେ । ବିଶିଷ୍ଟ ବାସ୍ତବବାଦୀ ଦାର୍ଶନିକ ଉଇଲିୟମ୍ ଜେମ୍‌ସଙ୍କପରି ପ୍ରଚଣ୍ଡ ଇଚ୍ଛାଶକ୍ତି (will tobelieve) ତାଙ୍କୁ ଈଶ୍ୱର ବିଶ୍ୱାସରେ ଉଦ୍‌ବୁଦ୍ଧ କରିଥିଲା ଏବଂ ଈଶ୍ୱରଙ୍କ ଇଚ୍ଛାରେ ସବୁକିଛି ଏ ସୃଷ୍ଟିରେ ମଙ୍ଗଳମୟ ହେବାର ଦୁର୍ବାର ଆଶା ତାଙ୍କ ରଚନାରେ ସ୍ପଷ୍ଟ ଭାବେ ପ୍ରକାଶ ପାଉଥିଲା । ନବ ବସନ୍ତ ଭାବନା କବିତାଟିର ଶୀର୍ଷକ ଏବଂ ବିଶେଷକରି ନିମ୍ନ ପଦଟି ପ୍ରଣିଧାନଯୋଗ୍ୟ:

"ଆଶା ପାରିଜାତ ଫୁଟିବ ହୃଦ ନନ୍ଦନ ବନେ
ଜ୍ଞାନ-ଭକ୍ତି, କର୍ମ ସୌରଭ ବ୍ୟାପିଯିବ ଜୀବନେ ।"

ଏଠାରେ ଆଶାବାଦର ଗଭୀର ଦାର୍ଶନିକ ଚେତନା ସୁସ୍ପଷ୍ଟ ।

ଭାରତୀୟ ଦର୍ଶନ ନିରାଶାବାଦୀ ବୋଲି ଅନେକ ମତପୋଷଣ କରନ୍ତି । କାରଣ ଜୀବନର ସମସ୍ୟା ବହୁଳତା ଏବଂ ଅସାରତା ପରିହାର କରି ମୁକ୍ତିମାର୍ଗର ସନ୍ଧାନ କରିବା ଉପରେ ଭାରତର ପ୍ରମୁଖ ଦାର୍ଶନିକ ଚିନ୍ତାଧାରା ଗୁରୁତ୍ୱ ଆରୋପ କରିଥାଏ । କିନ୍ତୁ ଏହି ଆପାତ ନିରାଶାବାଦ ହିଁ ବିପରୀତ ହୋଇ ପ୍ରକୃତ ଆଶାବାଦର ପଥ ଉନ୍ମୋଚନ କରିଥାଏ । କାରଣ ସତ୍‌ଭାବନା ଓ ସତ୍‌କାର୍ଯ୍ୟ ସମ୍ବଳିତ ନୈତିକ ଜୀବନଚର୍ଯ୍ୟା ସକଳ ସମସ୍ୟା ଦୂରକରି ମୁକ୍ତି ମାର୍ଗର ବାଟ ଦେଖାଇଥାଏ । ଜୀବନରେ ଦୁଃଖ ଯଦି ଅଛି, ସେ ଦୁଃଖର କାରଣ ବି ପ୍ରଚ୍ଛନ୍ନ, ସେ କାରଣ (କାମନା)ର ବିନାଶରେ ଦୁଃଖର ବିନାଶ ହୁଏ ବୋଲି ଗୌତମ ବୁଦ୍ଧ ବିଶ୍ୱକୁ ବାର୍ତ୍ତା ଦେଇଯାଇଛନ୍ତି । ଦୁଃଖଠାରୁ ପଳାୟନ କରିବା ପାଇଁ ସେ ଆଦୌ ଶିକ୍ଷା ଦେଇନାହାନ୍ତି । ବୁଦ୍ଧଚରିତରେ ଅନୁପ୍ରାଣିତ ମଧୁସୂଦନ ଜୀବନକୁ ତଦନୁରୂପ ଜିଇବାର ବାର୍ତ୍ତା ଦେଇଛନ୍ତି ନିଜର କବିତା ଗୁଡ଼ିକରେ । ବିଶ୍ୱାସ ଓ ସତ୍‌କର୍ମର ମାର୍ଗ ଆପଣାଇ ସକାରାତ୍ମକ ଜୀବନର ଆନନ୍ଦମୟ ସମ୍ଭାବନାର ସନ୍ଧାନ କରିବାକୁ ବାର୍ତ୍ତା ଦେଇ ଯାଇଛନ୍ତି ତାଙ୍କ ରଚନାବଳୀରେ ।

ମଧୁସୂଦନ ରଚନାର ସାହିତ୍ୟ ଓ ଦର୍ଶନର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ । ମାଥ୍ୟୁ ଆର୍ନୋଲ୍‌ଡ ଥରେ କହିଲେ ପଦ୍ୟ ଜୀବନର ବୈଷମ୍ୟର ପ୍ରତିଫଳନ (poetry is the critical reflection on life) । ନିଜ କବିତା ଗୁଡ଼ିକରେ ଜୀବନ ସମ୍ବନ୍ଧରେ ଗଭୀର ଅନୁଚିନ୍ତା ପ୍ରକାଶ କରି ମଧୁସୂଦନ ଏହ ଉକ୍ତିର ସତ୍ୟତା ପ୍ରତିପାଦନ କରିଛନ୍ତି । ସେ ଭାରତୀୟ ଦର୍ଶନର ପ୍ରକୃତ ସକାରାତ୍ମକ ଦିଗ ଉପରେ ଆଲୋକପାତ କରି ପାଠକକୁ ଅନୁପ୍ରାଣିତ କରିପାରିଛନ୍ତି । ତାଙ୍କର ଅନ୍ୟତମ ବିଶିଷ୍ଟ କୃତି "ଜୀବନ ଚିନ୍ତା" କବିତାର ନିମ୍ନ ଉଦ୍ଧୃତିରେ ଏହାର ଯଥେଷ୍ଟ ସୂଚନା ମିଳେ:

"ରେ ହୃଦୟ, ନ ହୁଅ କାତର
ସଂସାରର ବିଡ଼ମ୍ବନା, ପାପ, ସନ୍ତାପ, ଯାତନା,
ବିପଦ, ଦୁର୍ଦ୍ଦିନ, ତମ, ଘୋର ଭୟଙ୍କର
ନିରେଖି ନିରାଶା ବିଷେ ନ ହୁଅ ଜର୍ଜର ।
ଧର ଧୈର୍ଯ୍ୟ ଘେନରେ ସାନ୍ତ୍ୱନା
ଅଛି ସେହି ମହାଧାମ, ସେ ମହା ସ୍ୱର୍ଣ୍ଣ ରତନ
ସେ ଅମୃତ ମହୌଷଧି ଯାହାର କାମନା
ଆଶା ଜାଗ୍ରତ ସତତ କରେ ଉଦ୍ଦୀପନା ।"
(ଗ୍ରନ୍ଥାବଳୀ, ପୃ-୧୨୮-୨୯)

ପୁଣି ସେ ଲେଖିଛନ୍ତି:

"ପ୍ରୀତି ଜପବନ ରତନ
ଦେବେ ତୋତେ ପରମେଶ, ତାଙ୍କରି ପବିତ୍ରାଦେଶ
ନିଃସ୍ୱାର୍ଥେ ପବିତ୍ର ଚିତ୍ତେ କରରେ ସାଧନ
ଜଗତର ହିତ ଅର୍ଥେ ଦିଅରେ ଜପବନ ।"
(ଗ୍ରନ୍ଥାବଳୀ,ପୃ-୧୩୦)

ପ୍ରଥମ ଉଦ୍ଧୃତିଟିରେ ଅଛି ଆଶାବାଦର ନିର୍ମଳ ନିର୍ଘୋଷ ଏବଂ ଦ୍ୱିତୀୟଟିରେ ରହିଛି ନିଃସ୍ୱାର୍ଥ ପରହିତଧର୍ମୀ ମାନବବାଦ ଯାହାକୁ ଇଂରାଜୀରେ ପରାର୍ଥପର ମାନବଧର୍ମ (Altruistic Humanism) ଭାବରେ ଅଭିହିତ । ମଧୁସୂଦନଙ୍କ ଜୀବନଦର୍ଶନର ଏ ଦୁଇଟି ପରସ୍ପରର ପରିପୂରକ ବିଭବ । କାରଣ ବିଶୁଦ୍ଧ ଈଶ୍ୱର ବିଶ୍ୱାସରେ ପ୍ରତିଷ୍ଠିତ ଧର୍ମଧାରଣା ସ୍ୱାର୍ଥହୀନ ନୈତିକତାକୁ ହିଁ ନିର୍ଦ୍ଦେଶ କରିବ, ଏହା ଥିଲା ତାଙ୍କର ଦୃଢ଼ ଧାରଣା । ନିଜର ହିତ ସାଧନ ଓ ନିଜ ପାଇଁ ମୁକ୍ତି କାମନା ସାଧାରଣ ମଣିଷଙ୍କ ସ୍ୱଭାବ ହୋଇଥାଏ । କିନ୍ତୁ ଏହି ଆତ୍ମକୈନ୍ଦ୍ରିକ ନୀତିବୋଧର ଊର୍ଦ୍ଧ୍ୱକୁ ଉଠି ସାରା ଜଗତର ସମଗ୍ର ମାନବ ଜାତିର ହିତ କାମନା କରିବା ଏକ ଉଚ୍ଚତର ମାନସିକତା । ବରଂ ଯଥାର୍ଥରେ ଏହା ହିଁ ଅସଲ ନୈତିକତା ବା ଧର୍ମ ବୋଲି କହିବା ସମୀଚୀନ ହେବ । ସମସ୍ତଙ୍କ ପାଇଁ ଶୁଭଙ୍କର ନହେଲେ, ବ୍ୟକ୍ତିଗତ ଭାବରେ କୌଣସିଟି ଆମପାଇଁ ସ୍ପୃହଣୀୟ ନୁହେଁ ("Nothing is better for us, individuals, if it is not better for all") ବୋଲି କହନ୍ତି ବିଶିଷ୍ଟ ଅସ୍ତିତ୍ୱବାଦୀ ଦାର୍ଶନିକ ଜ୍ୟାଁ ପଲ୍ ସାର୍ତ୍ତ୍ର । ସତକୁ ସତ ଏହା ହିଁ ଭାରତୀୟ ଦର୍ଶନର ସର୍ବମୁକ୍ତିବାଦର ସାର ମର୍ମ । ଏହିଭଳି ନୈତିକତା ମଧୁସୂଦନଙ୍କ ଜୀବନ ଚିନ୍ତାର ଅନ୍ୟ ଏକ ପରିଭାଷା । ତାଙ୍କ ପାଇଁ ପରହିତୋନ୍ମୁଖୀ ନିଃସ୍ୱାର୍ଥ ଜୀବନଚର୍ଯ୍ୟା ହିଁ ପ୍ରକୃତ ଧର୍ମ । ସବୁ ଶୁଦ୍ଧ ଈଶ୍ୱର ବିଶ୍ୱାସରେ ହିଁ ସମ୍ଭବ ।

ମଧୁସୂଦନଙ୍କ ପ୍ରତିବଦ୍ଧ ନୀତିବୋଧର ଅନ୍ୟତମ ଉତ୍ସ ଥିଲା ତାଙ୍କ ଆଦର୍ଶ ଶିକ୍ଷକ ଜୀବନ । ଜଣେ ଧର୍ମପ୍ରାଣ ନୀତିବାନ ବ୍ୟକ୍ତି ଶିକ୍ଷକତାର ମହନୀୟ ଭୂମିକା ନିଅନ୍ତି, ଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ଗଠନ କରାଇବା ପ୍ରଧାନ କର୍ତ୍ତବ୍ୟ ହୋଇପଡେ । ନିଜେ ଜଣେ ସଚ୍ଚରିତ୍ର ଛାତ୍ରରୁ ଶିକ୍ଷକ ଭାବରେ ମଧୁସୂଦନ ବହୁ ଛାତ୍ରଛାତ୍ରୀମାନଙ୍କର ନୈତିକ ଜୀବନ ଗଢିବାରେ ବ୍ରତୀ ହୋଇଥିଲେ । ଯାଜପୁର, ବାଲେଶ୍ୱର, କଟକ ଆଦର୍ଶ ସ୍କୁଲ ଗୁଡିକରେ ଶିକ୍ଷକତା କରି ଶେଷରେ ରେଭେନ୍‌ସା କଲେଜିଏଟ୍ ସ୍କୁଲ୍‌ର ଓଡିଆ ପ୍ରଧାନ ଶିକ୍ଷକ ହେଲେ ଏବଂ ତା ପରେ ଓଡିଶା ସ୍କୁଲ ସମୂହର ଇନ୍‌ସପେକ୍ଟର୍ ହେବାର ଗୌରବ ଅର୍ଜନ କରିଥିଲେ । ଚାକିରିର ଶେଷ ପର୍ଯ୍ୟାୟରେ ଏହି ବିଶିଷ୍ଟ ଶିକ୍ଷାବିତ୍ ଭାରତୀୟ ଶିକ୍ଷାସେବାରେ ଅନ୍ତର୍ଭୁକ୍ତ ହୋଇ ଶିକ୍ଷକ ଓ ଶିକ୍ଷା ପ୍ରଶାସକ ଭାବେ ପ୍ରଭୂତ ପ୍ରତିଷ୍ଠାର ଅଧିକାରୀ ହୋଇଥିଲେ । ଶେଷୋକ୍ତ ଭୂମିକାରେ ଶିକ୍ଷାର ମାନ ବଢାଇବା ପାଇଁ ଶିକ୍ଷକମାନଙ୍କୁ ଶିକ୍ଷାଦାନ କରିବା ମଧ ତାଙ୍କର ଗୋଟିଏ ପବିତ୍ର କାର୍ଯ୍ୟ ବୋଲି ତାଙ୍କର ଦୃଢ ଧାରଣା ରହିଥିଲା । କଟକ ଟ୍ରେନିଂ ସ୍କୁଲ୍‌ରେ ଶିକ୍ଷକତା କରିବାରେ ସେ ଅପାର ଆନନ୍ଦ ଅନୁଭବ କରୁଥିଲେ ଏବଂ ପରେ ପରେ ତାଙ୍କ ଦ୍ୱାରା ସମ୍ପାଦିତ ଶିକ୍ଷକବନ୍ଧୁ ପତ୍ରିକା ଓ ତାଙ୍କ ରଚିତ ଅବଧାନ ବନ୍ଧୁ ପୁସ୍ତକ ବହୁ ଶିକ୍ଷକଙ୍କୁ ଉତ୍ତମ ଶିକ୍ଷାଦାତା ହେବାରେ ସହାୟକ ହୋଇଥିଲା । ଶିକ୍ଷାଦାନର ସବୁସ୍ତରରେ ମଧୁସୂଦନ ନେତିକତା ଓ ନୀତିଶିକ୍ଷାକୁ ଗୁରୁତ୍ୱ ଦେଉଥିଲେ । ଏମିତିକି ପ୍ରାଥମିକ ସ୍ତରରେ କୋମଳମତି ଶିଶୁମାନଙ୍କୁ ଅକ୍ଷର ଓ ଶବ୍ଦ ଶିଖାଇବା ଅବସରରେ ସେ ନୀତି ଶିକ୍ଷା ଦେବାପାଇଁ ସଯତ୍ନ ଚେଷ୍ଟା କରିଥିଲେ । ବର୍ଣ୍ଣ ପରିଚିତି ପାଇଁ ତାଙ୍କ ଲିଖିତ ବର୍ଣ୍ଣବୋଧ ଓଡିଶାର ଘରେ ଘରେ ପରିଚିତ ଏବଂ ବିଂଶ ଶତାବ୍ଦୀର ଶେଷାର୍ଦ୍ଧ ପର୍ଯ୍ୟନ୍ତ ଭାଷା ଶିକ୍ଷା ଓ ନୀତି ଶିକ୍ଷାର ଏହା ଥିଲା ପ୍ରଥମ ସୋପାନ । ଏବେ ମଧ ଶିଶୁ ଶିକ୍ଷା ପାଇଁ ଏହାର ଉପାଦେୟତା ଅନେକ ସଚେତନ ଅଭିଭାବକ ଅନୁଭବ କରନ୍ତି ବୋଲି ଲେଖକ ବିଶ୍ୱାସ କରନ୍ତି । ବର୍ଣ୍ଣବୋଧରେ ସ୍ଥାନିତ ମିତ୍ରାକ୍ଷର ସମନ୍ୱିତ ଶିଶୁଗୀତ ଗୁଡିକର ଚମତ୍କାର ଶବ୍ଦ ସଂଯୋଜନା ଅତ୍ୟନ୍ତ ଗଠନ ମୂଳକ ଶିକ୍ଷାଦାନ ବୋଲି ମୂଲ୍ୟାୟନ କରାଯାଏ । ଯୁକ୍ତାକ୍ଷରରେ ବ୍ୟଞ୍ଜନବର୍ଣ୍ଣ ସଂଯୋଜକ (consonant connective) "ଜ୍ୟ" ଫଳ ବା "ୟ" ଫଳା ଶିକ୍ଷାଦେବାପାଇଁ ଏହିପରି ଲେଖା ଯାଇଛି :

"କୁ ବାକ୍ୟ କେବେ ନ କହିବ
ଆଳସ୍ୟ କେବେ ନ କରିବ ।
ମିଥ୍ୟାକୁ ପାପ ବୋଲି ଜାଣି
କହିବ ସଦା ସତ୍ୟ ବାଣୀ ।" (ଗ୍ରନ୍ଥାବଳୀ, ପୃ-୨୩୮)

ସେହିପରି ଅନ୍ୟ ଗୋଟିଏ ଶିଶୁ ଗୀତର ଏକ ଅଂଶରେ ସଂଯୋଜକ ଚିହ୍ନ " ർ "(ରେଫ୍)ର ବ୍ୟବହାର ଶିଖାଇବା ଅବସରରେ ସେ ଏହିପରି ଲେଖିଥିଲେ :

"ନିର୍ଦ୍ଦୟ କର୍କଶ କଥା
ମୁଖେ ନ କହିବ । "(ଗ୍ରନ୍ଥାବଳୀ, ପୃ-୭୦୧୮)

ତାଙ୍କ ସମୟରେ ଓଡିଆ ଭାଷାର ପାଠ୍ୟ ପୁସ୍ତକର ଘୋର ଅଭାବ ଦେଖି ମଧୁସୂଦନ ନିଜେ ଅନେକ ପୁସ୍ତକ ରଚନା କରିଥିଲେ । ସେହି ଗୁଡିକ ବିଦ୍ୟାଳୟର ପ୍ରାଥମିକ ସ୍ତରରୁ ଆରମ୍ଭ କରି ସବୁ ଶ୍ରେଣୀର ପାଠ୍ୟପୁସ୍ତକ ଭାବେ ବହୁ କାଳ ଧରି ଓଡିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରି ଚାଲିଲା ।

ପିଲାଙ୍କୁ ଶିକ୍ଷା ଦେବାପାଇଁ, ବିଶେଷ କରି ଶିଶୁମାନଙ୍କ ଶିକ୍ଷା ପାଇଁ ନୈତିକ ମୂଲ୍ୟବୋଧ ଊଣା ଥିବା ବିଷୟ ଲେଖିବାକୁ ପସନ୍ଦ କରୁ ନଥିଲେ । ମଧୁ ବର୍ଣ୍ଣବୋଧ ଏହି ଉକ୍ତିର ସୂଚନା ଦିଏ ।

ବାସ୍ତବରେ ଭକ୍ତକବିଙ୍କର ନୈତିକ ମୂଲ୍ୟବୋଧର ଅନନ୍ୟସାଧାରଣ ଏବଂ ଏହା ତାଙ୍କର ସମସ୍ତ କବିତାରେ ସ୍ପଷ୍ଟ ଭାବରେ ପରିଦୃଷ୍ଟ । ନୀତି ଶିକ୍ଷା ସହିତ ଭଗବତ୍ ବିଶ୍ୱାସ ଏବଂ ଆଶାବାଦ ତାଙ୍କର ଆଦର୍ଶ ଭାବରେ ଛାତ୍ର ତଥା ପାଠକ ମନରେ ପ୍ରତିଫଳନର ଆଶା ରଖିଥିଲେ । ଭାରତୀୟ ଦର୍ଶନ ଓ ନୈତିକ ପରମ୍ପରାରେ 'ଧର୍ମ'ର ଅର୍ଥ 'ନୈତିକ କର୍ତ୍ତବ୍ୟ' । ସେହି ଅର୍ଥରେ ମଧୁସୂଦନଙ୍କ କବିତା ଧର୍ମ ଓ ନୈତିକତା ଆଧାରରେ ରଚିତ । ସେହି କାରଣରୁ ତାଙ୍କ ରଚିତ ରଚନାବଳୀ ଅଧିକାଂଶ ବିଦ୍ୟାଳୟ ପାଠ୍ୟ ପୁସ୍ତକର ବିଷୟବସ୍ତୁ ପାଇଁ ଉଦ୍ଦିଷ୍ଟ ଥିଲା, ତଥାକଥିତ ସୁସାହିତ୍ୟର ମାନ୍ୟତା ହୁଏତ ପାଇ ପାରି ନଥିଲା ।

କବିବର ରାଧାନାଥ ରାୟ ଏବଂ ଭକ୍ତକବି ମଧୁସୂଦନ ରାଓଙ୍କର ଏକ ତୁଳନାତ୍ମକ ପ୍ରବନ୍ଧରେ ଓଡିଶାର ଅନ୍ୟତମ ପ୍ରଥିତଯଶା ଲେଖକ କାଳିନ୍ଦୀ ଚରଣ ପାଣିଗ୍ରାହୀ ଏହିପରି ମନ୍ତବ୍ୟ ଦେଇଛନ୍ତି ।

"ରାଧାନାଥ ରସଜ୍ଞ କବି, ମଧୁସୂଦନ ସାଧକ, ମଧୁସୂଦନ ରସୋତ୍ତୀର୍ଣ୍ଣ ନୀତିର ନିକିତି ଧରି ଚାଲିଛନ୍ତି ।"(କବିଦ୍ୱୟଙ୍କ ସଂସାର ଓ ଜୀବନଚିତ୍ର, ଉତ୍କଳ ସାହିତ୍ୟ, ୧୫୬ଶ ଖଣ୍ଡ, ୯ମ ସଂଖ୍ୟା)

ତୁଳନାତ୍ମକ ଭାବରେ ନୈତିକତା ଓ ରସବୋଧ ଭିତରେ ବେଶ୍ ପାର୍ଥକ୍ୟ ରହିଛି, ପ୍ରଥମଟି ଦ୍ୱିତୀୟଠାରୁ ବେଶ୍ ଉର୍ଦ୍ଧ୍ୱରେ । ନୈତିକତା ଅନୁସରଣ କଲେ ରସବୋଧ କିୟଦଂଶ ଊଣା ହୋଇପାରେ ତଥା କାବ୍ୟିକ ଉତ୍କର୍ଷତା ପ୍ରତିପାଦିତ ହୋଇ ନପାରେ । କିନ୍ତୁ ଭକ୍ତକବିଙ୍କର ଦୃଢ କବିମାନସ ନୈତିକ ଧାରାରୁ ବିଚ୍ୟୁତ ହେବାର ଅବକାଶ ନଥିଲା । କବିମାନେ ସାଧାରଣତଃ ନୀତି-ନିରପେକ୍ଷ (amoral) ହୋଇଥାନ୍ତି । ଅନେକ ସମୟରେ ରସାତ୍ମକ ଅନ୍ତଃପ୍ରଜ୍ଞାର ଅନୁସରଣ କରି ରସିକ କବିମାନେ କାବ୍ୟିକ ସୌନ୍ଦର୍ଯ୍ୟବୋଧକୁ ପ୍ରାଧାନ୍ୟ ଦେଇ ତାଙ୍କ ରଚନାରେ ନୈତିକତାକୁ ଉଲଙ୍ଘନ କରିବାକୁ ଦ୍ୱିଧାବୋଧ କରନ୍ତି ନାହିଁ । ମାତ୍ର ଭକ୍ତକବି ମଧୁସୂଦନ ନିଚ୍ଛକ ନୀତିବାନ ମଣିଷ ଥିଲେ ଏବଂ ତାଙ୍କ ଅନ୍ତରରେ କବି ଅପେକ୍ଷା ଶିକ୍ଷକ ମାନସିକତା ବିରାଜମାନ କରି ଆତ୍ମପ୍ରକାଶ କରୁଥିଲା । ଏଥିପାଇଁ ସେ ନିରସ ଭାଷାର ଆଶ୍ରୟ ନେଉଥିଲେ । ଫଳତଃ ତାହା ଶିକ୍ଷାଯୋଗ୍ୟ ନୈତିକ ଏବଂ ଆଧ୍ୟାତ୍ମିକ

ଶୀର୍ଷରେ ପହଞ୍ଚିବାର ପନ୍ଥା ହୋଇପାରିଥିଲା । ତାଙ୍କର ଭାଷା ମାର୍ଜିତ ଆଉ ରଚିସମ୍ପନ୍ନ ସାହିତ୍ୟର ମାଧ୍ୟମ ।

ତଥାପି ମଧୁସୂଦନ ଥିଲେ ଓଡିଆ ସାହିତ୍ୟର ଆଧୁନିକ ଯୁଗର ଅନ୍ୟତମ ପ୍ରାଣ ପ୍ରତିଷ୍ଠାତା ଏବଂ "ଋଷିପ୍ରାଣେ ଦେବାବତରଣ", " ହିମାଚଳେ ଉଦୟ ଉତ୍ସବ", ଓ "ଜୀବନ ଚିନ୍ତା" ଭଳି ଅନେକ ଉଚ୍ଚକୋଟୀର ସାହିତ୍ୟାକୃତିର ଅମର ସ୍ରଷ୍ଟା । ଏ ସବୁ ରଚନାରେ ତାଙ୍କର କାବ୍ୟିକ ବ୍ୟକ୍ତିତ୍ୱ ଏବଂ ଉଚ୍ଚତର ଚିନ୍ତାଧାରା ସମ୍ବଳିତ ସାହିତ୍ୟିକ ଅଭିବ୍ୟକ୍ତି ବିଶ୍ୱସ୍ତରୀୟ ସୃଜନଶୀଳତାର ମାନ୍ୟତା ଦାବିକରେ ।

ମାତ୍ର ଦୁଃଖର କଥା, ଏସବୁ ସତ୍ତ୍ୱେ ଓଡିଆ ସାହିତ୍ୟରେ ତାଙ୍କୁ ଯଥୋଚିତ ସ୍ୱୀକୃତି ମିଳି ନଥିଲା । ନୀତିପୁଷ୍ଟ ଏବଂ ସେହି କାରଣରୁ ରସହୀନ ଭାଷା ବିନ୍ୟାସ ଯୋଗୁ ତାଙ୍କୁ ରସଜ୍ଞ କବିର ସମ୍ମାନ ଦେବାରେ କୁଣ୍ଠା ପ୍ରକାଶ କରାଯାଇଥିଲା ରସିକ ସାହିତ୍ୟିକ ମହଲରେ ।

ଆଜିକୁ ୧୦୦ ବର୍ଷ ତଳେ ୧୯୧୨ ମସିହାରେ ଡିସେମ୍ବର ମାସ ୨୮ ତାରିଖରେ ଏହି ଯୋଗଜନ୍ମା, ମହାନ୍ ଚିନ୍ତାନାୟକ, ସାର୍ଥକ ସାହିତ୍ୟ ସ୍ରଷ୍ଟା, ସଫଳ ଶିକ୍ଷକ ଏବଂ ଅତ୍ୟନ୍ତ ପ୍ରଭାବଶାଳୀ ଶିକ୍ଷାବିତ୍‌ଙ୍କର କର୍ମମୟ ଜୀବନର ଅବସାନ ଘଟିଥିଲା । ସେ ଦିନ ବି ଥିଲା ସରସ୍ୱତୀ ପୂଜା, ଯେଉଁ ଶୁଭ ଅବସରରେ ୧୮୫୩ ଜାନୁଆରୀ ୨୯ ତାରିଖର ବାଗ୍‌ଦେବୀଙ୍କ ଏହି ବରପୁତ୍ରଙ୍କର ଧରାବତରଣ ହୋଇଥିଲା ଏବଂ ତାଙ୍କୁ ପାଇ ଉତ୍କଳ ଜନନୀ ଓ ଓଡିଆ ସାହିତ୍ୟ ଉଭୟେ ଧନ୍ୟ ହୋଇଥିଲେ ।

ପ୍ରାକ୍ତନ ପ୍ରଫେସର,
ଦର୍ଶନ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ମୋ- ୯୪୩୭୧୦୧୫୧୧

✠✠✠



# ଓଡ଼ିଆ ଚିଟାଉ

**ଭବାନୀ ଶଙ୍କର ଦାଶ**

ପୃଥିବୀର ପ୍ରତ୍ୟେକ ଭାଷାରେ ଭାବ ପ୍ରକାଶର ଏକ ବିଶିଷ୍ଟ ଓ ସମ୍ଭ୍ରାନ୍ତ ବିଭାବ ଭାବେ ଚିଠିର ଏକ ସମ୍ବେଦନଶୀଳ ସ୍ୱତନ୍ତ୍ର ଭୂମିକା ରହିଛି । ଲୋକ କଥାରେଏହାକୁ ପତ୍ର ଚିଟାଉ, ବାର୍ତ୍ତା, ବାତେନୀ ବା ଖବର ବା ସମ୍ବାଦ ନାମରେ ନାମିତ କରାଯାଇଥାଏ । ଚିଠିର ପ୍ରାଚୀନ ସ୍ୱରୂପ ଚିଟାଉ ବହୁ ପୁରାତନକାଳ ଏପରିକି ରାମାୟଣ-ମହାଭାରତ ସମୟରୁ ପ୍ରଚଳିତ । ଲିଖିତ ସ୍ୱରୂପ ଧାରଣ କରିବା ପୂର୍ବରୁ ଏହା ସଂକେତ ଭାବେ ବ୍ୟବହୃତ ଥିଲା । କାଳକ୍ରମେ ଲିଖନ-କଳାର ବିକାଶ ପରେ ଚିଟାଉ ଲିଖନ ଧାରା ପ୍ରସାରିତ ହେଲା । ସେ ଧାରା ପାହାଡ଼ କାନ୍ଥରୁ ଆସି ଆଜି କଂପ୍ୟୁଟରର ଚାଟିଂ ବା ମେସେଜିଂ ଠାରେ ପହଞ୍ଚିଲାଣି ।

ଚିଟାଉ ଶବ୍ଦ ଦେଶଜ ଶବ୍ଦ ଅଟେ । ସଂସ୍କୃତ 'ଚିଟ୍' ଧାତୁରୁ ଏହା ନିଷ୍ପନ୍ନ ହୋଇଥାଏ । ଅନୁମେୟ, ଓଡ଼ିଆ ଚଳଣି, ଓଡ଼ିଆ ଭାଷା, ସଂସ୍କୃତି ଓ ସାହିତ୍ୟରେ ଏହାର ପ୍ରବର୍ତ୍ତନ ବ୍ୟାପକ । ରାଜା ରାଜୁଡ଼ା ଅମଳରେ ଆଜ୍ଞା ପତ୍ରିକା, ବିନୟ ପତ୍ରିକା ଓ ପ୍ରେମ ପତ୍ରିକା ରୂପେ ଏହାର ପ୍ରଚଳନ ଥିଲା । ଚିଟାଉ ରଚନା ପଛରେ ସଂସ୍କୃତ ଦୂତକାବ୍ୟମ୍ ଯଥେଷ୍ଟ ପ୍ରଭାବ ଥିବା କଥା ଗବେଷକମାନେ କହିଥାନ୍ତି । କାଳିଦାସଙ୍କ 'ମେଘଦୂତ' ହେଉଛି ସର୍ବପ୍ରଥମ ଦୂତକାବ୍ୟ । ଅବଶ୍ୟ ଏହା ପୂର୍ବରୁ ଋଗ୍‌ବେଦ ଦଶମ ମଣ୍ଡଳରେ ସରମା ଦୂତର ଭୂମିକା ନିଭେଇଥିବା ଜଣାଯାଏ । ରାମାୟଣରେ ପବନପୁତ୍ର ହନୁମାନ ବା ନଳୋପାଖ୍ୟାନରେ ହଂସ ଇତ୍ୟାଦି ଏହି ଦୂତକାବ୍ୟ ରଚନାର ମୂଳଭିତ୍ତି ହୋଇପାରନ୍ତି । ଏହିପରି ଏକ ଧରାବନ୍ଧା ପ୍ରଣାଳୀ ଚଳିଆସିଥିଲା । ଫଳତଃ ମେଘଦୂତ ସମ୍ଭବ ହେଲା । 'ମେଘଦୂତ' ପରେ ଏହାର ଶୈଳୀ ଓ ଭାବାନୁକରଣରେ ପରବର୍ତ୍ତୀ ସମୟରେ ଅନେକ ଦୂତକାବ୍ୟ ରଚିତ ହେଲା । ସଂସ୍କୃତ ସାହିତ୍ୟରେ ଚଳି ଆସିଥିବା ଦୂତକାବ୍ୟର ପରଂପରା ଓଡ଼ିଶାର ପ୍ରାଚୀନ 'କୋଇଲି' ରଚନାରୁ ପ୍ରଭାବିତ କଲା । ତଦାନୀନ୍ତନ ସାହିତ୍ୟ ମୂଳତଃ ପ୍ରାଚୀନ ଆଳଙ୍କାରିକ ରସ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ ଥିଲା । ପ୍ରାଚୀନ ଓଡ଼ିଆ କବିପଣ କୋଇଲିକୁ ସମ୍ବୋଧନ କରି ଯେଉଁ କେତୋଟି ସାର୍ଥକ ଭାବୋଚ୍ଛ୍ୱାସପୂର୍ଣ୍ଣ ଗୀତିକବିତା ରଚନା କରିଥିଲେ ସେ ସବୁ ମଧ୍ୟରେ ଚଉତିଶା ପରି ଗୋଟିଏ ସୁନ୍ଦର ସାହିତ୍ୟିକ ବିଭାଗ ବିଗ୍ରହବନ୍ତ ହୋଇପାରିଲା । ଏଣୁ 'କୋଇଲି'ର ସାର୍ବଜନୀନ ଓ ବ୍ୟାପକ ମହତ୍ତ୍ୱକୁ ଅସ୍ୱୀକାର କରାଯାଇ ନପାରେ । କୋଇଲି ରଚନାର ଅପୂର୍ବ ଗୀତିମୟତା ଚିଟାଉ ରଚନାରେ ନଥାଏ । ମାତ୍ର କୋଇଲି ରଚନା ହିଁ ଚିଟାଉ ରଚନାର ପ୍ରାୟତଃ ଅନୁପ୍ରେରଣା ।

ଓଡ଼ିଆ ସାହିତ୍ୟରେ ସର୍ବପ୍ରଥମ ଚିଟାଉ ଅଚ୍ୟୁତାନନ୍ଦଙ୍କ ହରିବଂଶରୁ ମିଳିଥାଏ । ଏହି ଗ୍ରନ୍ଥରେ ଦୁଇଟି ଚିଟାଉ ରହିଛି । ଗୋଟିଏ ହେଲା ନନ୍ଦ ପ୍ରତି ରାଜାଙ୍କର ଚିଟାଉ ଓ ଅନ୍ୟଟି ହେଲା ଶ୍ରୀକୃଷ୍ଣଙ୍କ ନିକଟକୁ ରୁକ୍ମିଣୀଙ୍କ ବିନୟ ପତ୍ରିକା । ରୀତୀଯୁଗୀୟ କବି ଭକ୍ତଚରଣ ଦାସଙ୍କ 'ମଥୁରାମଙ୍ଗଳ' କାବ୍ୟରେ 'ଚିଟାଉ'ର ସୂକ୍ଷ୍ମ ପଦାଙ୍କ ରହିଛି । ଏଠି ଚିଟାଉ ବାହକ ଅନ୍ୟ କେହି ନୁହେଁ ବରଂ ଭକ୍ତ ଶ୍ରେଷ୍ଠ ଅକ୍ରୁର । କଂସ ଚିଟାଉଟି ନିଜ ହାତରେ ଲେଖି (ଆଜ୍ଞା ପତ୍ରିକା) ମୁଦ ଦେଇ ଅକ୍ରୁର ହାତରେ ପଠାଇଥିଲା ନନ୍ଦରାଜାଙ୍କ ପାଖକୁ । ସବୁଠୁ କୌତୂହଳପ୍ରଦ କଥାଟି ହେଉଛି ଏଇ ସମୟକୁ ଚିଟାଉରେ ଅଧୁନା ଚିଠି ଶେଷରେ 'ଇତି' ଲେଖା ହେବା ଭଳି ଲେଖା ଯାଉଥିଲା । ଏଣୁ ଚିଠିରେ ଇତି ସମ୍ବୋଧନ କରିବାର ଧାରା ଓଡ଼ିଆରେ ଅଚ୍ୟୁତାନନ୍ଦ ଆରମ୍ଭ କରିଥିଲେ । ଯଥା-

କଦାପି ମୋର ଆଗରୁ ନିକ୍ଷିଦୂର ବସି
ବସିଲା ଥାନରୁ ଉଠି ଆସ ଦୁଇ ଇତି ।।

ମହାଭାରତର ଚରିତ୍ର ରୁକ୍ମିଣୀ ବିବାହ ପ୍ରସଂଗରେ ଲକ୍ଷ୍ୟ କରାଯାଏ ଯେ ଶିଶୁପାଳ ସହ ରୁକ୍ମିଣୀଙ୍କ ବିବାହ ସ୍ଥିର ହେବା କଥା ଜାଣି ବିବାହର ମାତ୍ର ଗୋଟିଏ ଦିନ ପୂର୍ବରୁ ରୁକ୍ମିଣୀ କୃଷ୍ଣଙ୍କ ନିକଟକୁ ଚିଟାଉ ପଠାଇ ଉଦ୍ଧାର କରିବା ପାଇଁ ନିବେଦନ କରିଥିଲେ । ଏହାପରେ କବିସମ୍ରାଟଙ୍କ ନାୟିକା ଓ ନାୟକଙ୍କ ଚିଟାଉଲେଖ ଲକ୍ଷ୍ୟ କରିବାର କଥା । କେବଳ କବିସମ୍ରାଟ ନୁହେଁ ଅପରନ୍ତୁ ରୀତିକାବ୍ୟରେ ଅନେକ ଚିଟାଉ ଲକ୍ଷ୍ୟ କରାଯାଇଥାଏ । ବିଶେଷତଃ ବୈଷ୍ଣବ କବିଙ୍କର ଲେଖନୀ ମୁନରେ ଚିଟାଉ ରଚନା ଖୁବ୍ ପ୍ରାଣବନ୍ତ । ବିଶେଷତଃ କବି ଭକ୍ତଚରଣଙ୍କ ଶ୍ରୀରାଧା ଯେଉଁ ଚିଟାଉ ଲେଖିଛନ୍ତି, ତାହା ଅନେକ ପ୍ରେମରେ ତ୍ୟାଗର ଗୁରୁତ୍ୱ ଏଥିରେ ଚମତ୍କାର ବ୍ୟଂଜିତ ହୋଇଛି । ଅତଏବ ଓଡ଼ିଆ ସାହିତ୍ୟରେ ଏ ଚିଟାଉ ରଚନା ଅତୁଳନୀୟ । ଗଂଗାଧର ମେହେରଙ୍କ ତପସ୍ୱିନୀ ସୀତା ଶ୍ରୀରାମଚନ୍ଦ୍ରଙ୍କ ନିକଟକୁ ବାଲ୍ମୀକି ଆଶ୍ରମରୁ ଲେଖିଥିବା ଚିଟାଉଟି ଏକାନ୍ତ ଭାବେ କରୁଣ ରସର ବନ୍ୟା ସୃଷ୍ଟି କରିଛି ।

ଯାହା ମୁହଁରେ କହି ହୁଏ ନାହିଁ ତାହା ଚିଠିରେ ଲେଖିହୁଏ ଓ ଏଥିରେ ଏକ ଅଦ୍ଭୁତ ଆକର୍ଷଣ ଥାଏ । ରାମଚନ୍ଦ୍ରଙ୍କ ଦ୍ୱିତୀୟ ଦାରାଗ୍ରହଣ ଖବରରେ ମ୍ରିୟମାଣା ଜନନୀ ସୀତା ନିଜ ପାଇଁ ଯେତିକି ନୁହେଁ ନିଜପିଲାଙ୍କ ଭବିଷ୍ୟତ ଚିନ୍ତାକରି ତତୋଽଧିକ ବିଚଳିତ ବୋଧ କରିଛନ୍ତି । ଫଳତଃ ଚିଟାଉରେ ଅନ୍ତରର ଉଚ୍ଛ୍ୱାସ ଅଜାଡ଼ି ହୋଇପଡ଼ିଛି । ନାରୀ ହୃଦୟର ସହଜାତ ନାରୀସୁଲଭ ଈର୍ଷା, ଦ୍ୱେଷ, ଦୁଃଖ ଓ ରୋଷର ଅଭାବନୀୟ ଉଦ୍‌ଗାର ଚିଟାଉଟିରେ କମନୀୟ ବାଣୀ ବିନ୍ୟାସ ମାଧ୍ୟମରେ ପ୍ରକଟିତ ହୋଇଛି । ଚିଟାଉର ଓଡ଼ିଆ ସାହିତ୍ୟରେ ପ୍ରଖ୍ୟାପନକୁ ଲକ୍ଷ୍ୟକଲେ ଦେଖାଯାଏ ଯେ ସେଗୁଡ଼ିକରେ ମୁଖ୍ୟତଃ ବୀର, ଶୃଙ୍ଗାର ଓ କରୁଣ ରସ ହିଁ ଉନ୍ମିଳିତ ହୋଇଥିବା ହେତୁ ଏକାନ୍ତ ଭୃତ୍ୟ, ସ୍ୱାଦ୍ୟ ତଥା ମନୋରମ ଆକାଶରେ ପ୍ରତିଭାତ ହୁଅନ୍ତି ।

ଏକ ଅଧ୍ୟୟନରୁ ଜଣାଯାଏ ଯେ ଭାରତରେ ପ୍ରାଚୀନ କାଳରୁ ଚିଟାଉ ଲେଖା ପ୍ରଚଳିତ "ଭାରତୀୟ ପ୍ରାଚୀନ ଲିପିମାଳା" (ThePalangraphy of India) ଗ୍ରନ୍ଥରେ ରାୟବାହାଦୂର ଗୌରୀଶଙ୍କର ହିରାଚାନ୍ଦ ଓଝା ବିଭିନ୍ନ ସମୟାନ୍ତରେ ଚିଟାଉ ଲିଖନ ପାଇଁ ବ୍ୟବହୃତ ସାମଗ୍ରୀର ଏକ ପାଣ୍ଡିତ୍ୟପୂର୍ଣ୍ଣ ଆକଳନ କରିଛନ୍ତି । ତାଙ୍କ ମତରେ ଉତ୍ତର ଭାରତରେ ଭୁର୍ଜପତ୍ର ଉପରେ କଳାରଂଗରେ ଲିଖନକାର୍ଯ୍ୟ, ସଂପାଦନା କରିବା ପ୍ରଶସ୍ତ ଥିଲା । ଓଡ଼ିଶାରେ ବି ଏହାର ପ୍ରଚଳନ ଥିଲା । ମାତ୍ର ତାଳପତ୍ରର ବ୍ୟାପକ ପ୍ରଚଳନ ଥିଲା । ଲୁହା ଲେଖନୀରେ ତାଳପତ୍ରରେ ଖୋଦେଇ କରି ଲେଖାଯାଉଥିଲା । ଏହି ଗ୍ରନ୍ଥରୁ ଆହୁରି ଜଣାଯାଏ ଯେ ଭାରତରେ କାଗଜର ପ୍ରଚଳନ ଖ୍ରୀଷ୍ଟପୂର୍ବ କାଳରୁ ରହିଥିଲା । ବିଶେଷତଃ ଭଂଜବୀରଙ୍କ 'ଲାବଣ୍ୟବତୀ' ବା 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ରଚନାରେ ଚିଟାଉ ପାଇଁ କାଗଜ ବ୍ୟବହୃତ ଥିବା ଜଣାଯାଏ । ଯଥା-

ଆଣି କାଗଜକୁ ନବବାଳି
ଅନୁରାଗୁଁ ନଲେଖିଲା କାଳି

ଅନ୍ୟତ୍ର-

ଯଥାକଥା କରି ତାକୁ ଜଣାଣ
ଲେଖିବା ତୁଳିକ କାଗଜ ଆଣ ।

ଚିଟାଉ ରଚନା ଭଳି ଏହାର ବାହକ ମଧ୍ୟ ଥିଲେ ସ୍ୱତନ୍ତ୍ର । ଏ ବାହକମାନେ ଥିଲେ କର୍ତ୍ତବ୍ୟପରାୟଣ, ବିଶ୍ୱସ୍ତ ଓ ପବିତ୍ର ବୁଦ୍ଧିସମ୍ପନ୍ନ । ଏମାନେ କେବଳ ବହନ କରନ୍ତି । ଚିଠି ଲେଖା ସରିଲା ପରେ ଏହା ମୁଦ ଦିଆଯାଏ । ଏ ମୁଦଦିଆ କାର୍ଯ୍ୟ କେତେବେଳେ ଚନ୍ଦନରେ ତ କେତେବେଳେ ଜଉରେ ଓ ଅନ୍ୟ କେତେବେଳେ କୁସୁମ ସଣ୍ଢା ଭିତରେ ହୋଇଥାଏ । ଅନୁଧ୍ୟାନ କଲେ ଜଣାଯାଏ ଯେ ଚିଟାଉ ରଚନା ଖୁବ୍ ପ୍ରାଚୀନ । ଏହାର ଲେଖନ ଶୈଳୀ, ବାହକ, ବହନକ୍ରିୟା ଓ ଏଥିରେ ପ୍ରକଟିତ ବୈଦ୍‌ଗଧ୍ୟ ଖୁବ୍ ଜୀବନ୍ତ । ମୁଦ୍ରାଯନ୍ତ୍ରର ବିକାଶ ପରେ ବୈଦ୍ୟୁତିକ ମାଧ୍ୟମ ସଂପ୍ରସାରଣ ପରେ ଏହି ଚିଟାଉ ବା ଚିଠି ଲେଖିବା ବନ୍ଦହୋଇଛି । କ୍ରମଶଃ ହ୍ରାସପାଇ ଚାଲିଛି ଗୁଣିତକ ହାରରେ । ଆଜିର ଚିଠିଲେଖା କଂପ୍ୟୁଟର ଉଦ୍ଭାବନ ପରେ ଏକ ବିଚିତ୍ର ରୂପ ଧାରଣ କରିଛି । ସେ ରୂପରେ ଅନ୍ତରର ଅନୁମୋଦନ ନାହିଁ । ଅଛି କେବଳ ଯାନ୍ତ୍ରିକ ପରିପ୍ରକାଶ ।

ପ୍ରାକ୍ତନ ଓଡିଆ ପ୍ରାଧ୍ୟାପକ, ବାଲିପାଟଣା, ଜିଲ୍ଲା - ପୁରୀ
ମୋ - ୯୪୩୭୨୭୯୧୪୨



# ଭାଷା ଓ ସଂସ୍କୃତି ସ୍ରୋତରେ ଓଡିଆ

ଡ. ଭାସ୍କର ମିଶ୍ର

ଭ୍ରୂଣଟିଏ ଗଜାହୋଇ ମୃତ୍ତିକା ଉପରକୁ ମୁହଁ ଟେକିଲା ବେଳକୁ ବାୟୁମଣ୍ଡଳ ସଂଲଗ୍ନ ପରିବେଶ ଯେପରି ମାଡି ପଡେ, ମଣିଷ ଜୀବନରେ ଚେତନା ଆସିବା ବେଳକୁ ତାହର ପରିପାର୍ଶ୍ୱର ପୂର୍ବଜକୃତ ଭାଷା, ସଂସ୍କୃତି ଓ ଲୋକ ଚରିତ ଅଦୃଶ୍ୟ ଭାବରେ ତା'ର ମାନସିକତା ଆଉ ରଚିକୁ ପ୍ରଭାବିତ କରିଥାଆନ୍ତି । ଏହି କାରଣରୁ ଓଡିଶା ପରି ପ୍ରତି ଅଞ୍ଚଳରେ ସ୍ଥାନୀୟ ଐତିହ୍ୟ ଆଉ ସଂସ୍କୃତିର ଛାପ ସେଠିକାର ଲୋକ ସ୍ୱଭାବ ଓ ଚରିତରେ ପ୍ରତିଫଳିତ ହେବାର ଦେଖାଯାଏ । ଓଡିଆ ଜୀବନ ଦର୍ଶନରେ ସବୁ ଧର୍ମ, ଦେବାଳୟ, ଇତିହାସ ବର୍ଣ୍ଣିତ ଲୋକ ଚରିତ୍ର ଆଉ ଦେବାଦେବୀ ସବୁମନ୍ତେ ବିଦ୍ୟମାନ । ସେହି ପରି ବିପରୀତ ଧର୍ମୀ କଳାପାହାଡ ପରି ବିନାଶକାରୀ ଶକ୍ତି ବିଷୟ ଉଚ୍ଚାରଣ ହେବା ମାତ୍ରେ ଓଡିଆ ମନରେ ସନ୍ଦେହ ଓ ଘୃଣାର ଅବସାଦ ଆସିଯାଏ । ଇତିହାସର ପ୍ରଥମ ପୃଷ୍ଠାରୁ କିପରି ସଂସ୍କୃତିର ବିକାଶ ସହିତ ଓଡିଆ ଚରିତ ମୂର୍ତ୍ତ ହୋଇଛି, ତାହାର ଏକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ବିଧେୟ ।

ଓଡିଶା ଏବଂ ଓଡିଆ ଜାତିର ଇତିହାସ ଅତି ପ୍ରାଚୀନ । ପ୍ରାଗୈତିହାସିକ ଯୁଗରୁ ଅୟମାରମ୍ଭ ହୋଇଛି ଓଡିଶାର ଜୀବନଧାରା ଆଉ ସ୍ୱତନ୍ତ୍ରତା । ହଜାର ହଜାର ବର୍ଷର କ୍ରମ ବିବର୍ତ୍ତନ ମଧ୍ୟରେ ଓଡିଆ ଜାତି ବିକଶିତ, ସୁସ୍ଥ ଓ ସୌଷ୍ଠବାନ୍ୱିତ ହୋଇଛି । ଏଠାର ଆଦିମ ଅଧିବାସୀମାନେ ମୁଖ୍ୟତଃ ଦ୍ରାବିଡ ଭାଷାରେ ଭାବ ବିନିମୟ କରନ୍ତି । ଓଡିଶାର ମୁଖ୍ୟ ଭାଷା ଓଡିଆ ଏକ ଆର୍ଯ୍ୟ ଭାଷା ଓ ସଂସ୍କୃତ ଏହାର ଆଦିମାତା । ଖ୍ରୀଷ୍ଟ ଜନ୍ମର ବହୁ ଶତାବ୍ଦୀ ପୂର୍ବରୁ ଓଡିଶାରେ ଆର୍ଯ୍ୟମାନେ ବାସ କରୁଥିଲେ ଓ ଆର୍ଯ୍ୟ ଭାଷାର ପ୍ରଚଳନ ଥିଲା, ଯାହାର ଅଭ୍ରାନ୍ତ ଓ ବଳିଷ୍ଠ ପ୍ରମାଣ ମିଳେ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ କଳିଙ୍ଗ ସମ୍ରାଟ ଖାରବେଳଙ୍କ ଶିଳାଲେଖ ମାନଙ୍କରୁ । ବାୟୁ ପୁରାଣ, ମତ୍ସ୍ୟ ପୁରାଣ, ବ୍ରହ୍ମ ପୁରାଣ, ସ୍କନ୍ଦ ପୁରାଣ, କୂର୍ମ ପୁରାଣ, ନୃସିଂହ ପୁରାଣ, ବୃହତ୍ ସଂହିତା, ମହାଭାରତ (ଆଦି ପର୍ବ ୧୦୪ ଅଧ୍ୟାୟ), ହରିବଂଶ ପ୍ରଭୃତି ପୁରାଣ ମାନଙ୍କରେ ଉତ୍କଳ, କଳିଙ୍ଗ, ଉଡ୍ର ରାଜ୍ୟ ମାନଙ୍କର ଉତ୍ପତ୍ତି ସମ୍ପର୍କୀୟ ମୂଳ ସୂତ୍ର ଉପଲବଧି ହୋଇଥାଏ । ଏହି ରାଜ୍ୟ ମାନଙ୍କର ନଦନଦୀ, ତୀର୍ଥ କ୍ଷେତ୍ର, ଦେବାୟତନ ଓ ଗୌରବାବହ ବୀରତ୍ୱର ଭୂୟସୀ ପ୍ରଶଂସା ବର୍ଣ୍ଣନ କରିବା ପ୍ରସଙ୍ଗରେ । କେତେକ ପୁରାଣ ପ୍ରାୟ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ରଚିତ ହୋଇଥିଲା । ଏତଦ୍‌ବ୍ୟତୀତ ତନ୍ତ୍ରଶାସ୍ତ୍ର ମାନଙ୍କରେ ଭାରତର ଚାରିଗୋଟି ପ୍ରସିଦ୍ଧ ପୀଠ ମଧ୍ୟରେ 'ଉଡ୍‌ଡୀୟମାନ' ପୀଠକୁ ଶ୍ରେଷ୍ଠ ସ୍ଥାନ ଦିଆ ଯାଇଛି ।

'କପିଳ ସଂହିତା'ରେ ଭାରତକୁ ବିଶ୍ୱର ସର୍ବୋତ୍ତମ ରାଷ୍ଟ୍ର ଭାବରେ ବର୍ଣ୍ଣନା କରାଯାଇ ଓଡିଶାକୁ ତହିଁରେ ସର୍ବୋତ୍କୃଷ୍ଟ ରାଜ୍ୟ ବୋଲି ସ୍ୱୀକାର କରାଯାଇଛି । ସେହିପରି କବି ମାନଙ୍କ ବର୍ଣ୍ଣନାରେ ଭାରତ ପଦ୍ମର କେଶର ହେଉଛି ଉତ୍କଳ । ପ୍ରାଚୀନ ଗ୍ରନ୍ଥ 'ମନୁସ୍ମୃତି'ରେ 'ଓଡ୍ର' ଶବ୍ଦଟି ସଂଯୋଜିତ ରହିଛି ଏବଂ ସଂସ୍କୃତ 'ଓଡ୍ର ବିଷୟ' ବା 'ଓଡ୍ରଦେଶ' ଖଣ୍ଡ ବାକ୍ୟର ବିବର୍ତ୍ତନ ହୋଇ 'ଓଡିଶା' ଶବ୍ଦଟି ଜନ୍ମ ଲାଭ କରିଛି । ବ୍ୟାସଦେବଙ୍କ ମହାଭାରତରେ 'କଳିଙ୍ଗ', 'ଉଡ୍ର' ଓ 'ଉତ୍କଳ' ପ୍ରଦେଶର ନାମ ଉଲ୍ଲେଖ ରହିଛି । ଭରତ ମୁନିଙ୍କ ନାଟ୍ୟ ଶାସ୍ତ୍ରରେ ରହିଥିବା ସାତଗୋଟି ପ୍ରାଚୀନ ନୃତ୍ୟ ଶୈଳୀ ମଧ୍ୟରେ ଉଡ୍ର ନୃତ୍ୟ ଶୈଳୀ ବିସ୍ତୃତ ଭାବରେ ଉଲ୍ଲିଖିତ ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ରୋମ ଐତିହାସିକ ପ୍ଲିନି ତାଙ୍କ ରଚିତ 'ପ୍ରାକୃତିକ ଇତିହାସ' ଗ୍ରନ୍ଥରେ ଭାରତର ପୂର୍ବ ଉପକୂଳରେ ଥିବା 'ଓରିଟେସ୍' ନାମକ ଏକ ରାଜ୍ୟ ସମ୍ପର୍କରେ ବର୍ଣ୍ଣନା ରହିଛି । ସମ୍ଭବତଃ ବର୍ତ୍ତମାନର ଓଡିଶାକୁ ସେହି ରାଜ୍ୟ ରୂପେ ଚିହ୍ନିତ କରାଯାଇ ପାରେ । ସେହିପରି ୬୩୯ ଖ୍ରୀଷ୍ଟାବ୍ଦରେ ଚୀନ ପରିବ୍ରାଜକ ହୁଏନ୍‌ସାଂ ଓଡିଶାକୁ 'ଉ-ଚା' ବୋଲି ଅଭିହିତ କରିଛନ୍ତି । ତେବେ ପରବର୍ତ୍ତୀ ସମୟରେ ତିବ୍ବତୀୟ ପଣ୍ଡିତମାନେ ଓଡିଶାକୁ 'ଓଡିବିଶା' ବା 'ଓଡ୍ଡିଶା' ବୋଲି ନାମକରଣ କଲେ । ପୁରାଣ ମାନଙ୍କରେ ଓଡିଶା ରାଜ୍ୟର ନାମ ଉତ୍କଳ, କଳିଙ୍ଗ, ଓଡ୍ର ଭାବରେ ଭିନ୍ନ ଭିନ୍ନ ଭାବରେ ଉଲ୍ଲେଖ କରାଯାଇଛି । ଓଡିଶାର ଐତିହାସିକ ଭୂଗୋଳ କଥା ଉଠିଲେ ଉଡ୍ର, ଉତ୍କଳ, କଳିଙ୍ଗ, କୋଶଳ, କଙ୍ଗୋଦ ପାଞ୍ଚଗୋଟି ପୁରାତନ ମଧ୍ୟଯୁଗୀୟ ରାଜ୍ୟ କଥା ସ୍ୱତଃ ଆସେ । ଉଡ୍ର ଶବ୍ଦଟି ସର୍ବ ପ୍ରାଚୀନ । ଏହା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ସୁବିସ୍ତୃତ ମହୋଦଧି ଉପକୂଳରେ ଅବସ୍ଥିତ ଅଞ୍ଚଳଟିକୁ ବୁଝାଉଥିଲା । ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡିଶା ପ୍ରଦେଶ ଦିନେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଓଡିଶାର ଐତିହାସିକ ଯୁଗର ଅୟମାରମ୍ଭ ଦିନରୁ କଳିଙ୍ଗ ନାମରେ ଇତିହାସ ପୃଷ୍ଠା ମଣ୍ଡନ କରିଛି ।

ଚେଦୀ ବା ଐର ରାଜବଂଶର ପ୍ରମୁଖ ଓ ସର୍ବଶ୍ରେଷ୍ଠ ଶାସକ ହେଉଛନ୍ତି କଳିଙ୍ଗାଧିପତି ମହାମେଘବାହନ ଖାରବେଳ । ତାଙ୍କ ସମୟରେ କଳିଙ୍ଗ ସାମରିକ, ଅର୍ଥନୈତିକ ଆଉ ସାମାଜିକ ପ୍ରତିଷ୍ଠାରେ ଥିଲା ଏକ ସମୃଦ୍ଧ ରାଜ୍ୟ । ଏପରିକି ସମୃଦ୍ଧି, ସଂସ୍କୃତି ଆଉ ପ୍ରାଚୁର୍ଯ୍ୟର ଏକ ଜ୍ୱଳନ୍ତ ପ୍ରତୀକ ଥିଲା କଳିଙ୍ଗ । ପରବର୍ତ୍ତୀ ସମୟରେ ଶୈଳୋଦ୍ଭବ, ଭୌମକର ଓ ସୋମବଂଶୀ ରାଜାମାନେ ଶାସନ କରିଥିଲେ । ଭୌମକର ରାଜବଂଶର ଶାସକମାନେ ନିଜ ରାଜ୍ୟର ନାମକରଣ କରିଥିଲେ ଉତ୍କଳ । ଏହି ରାଜବଂଶର ଗୌରବ ଆମକୁ ଆଚମ୍ବିତ କରେ କାରଣ ଅନ୍ୟୂନ ପାଞ୍ଚଜଣ ନାରୀ ମହାରାଣୀ ନାମ ଧରି ରାଜପଦରେ ଅଭିଷିକ୍ତା ହୋଇ ରାଜ୍ୟ ଶାସନ କରିଛନ୍ତି । ସେମାନଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି ତ୍ରିଭୁବନ ମହାଦେବୀ ଓ ପୃଥିବୀ ମହାଦେବୀ । ସେମାନେ ଉତ୍କଳୀୟ ନାରୀ-ପୁରୁଷ ସମାଦର ସମାଜର ତଥା ନାରୀ ଜାତିର ସ୍ୱାଭିମାନର ପ୍ରତୀକ । ଭୌମକର ଶାସନ (ସପ୍ତମ / ଅଷ୍ଟମ ଶତାବ୍ଦୀ ଓଡିଶା) ସମୟରେ ୮୪ ଜଣ ସିଦ୍ଧାଚାର୍ଯ୍ୟଙ୍କ ମଧ୍ୟରୁ ୨୪ ଜଣ ହେଉଛନ୍ତି ଓଡିଆ ଏବଂ ଏମାନଙ୍କ ଦ୍ୱାରା ରଚିତ ବୌଦ୍ଧଗାନ ଓ ଦୋହାରେ ଓଡିଆ ଭାଷା, ସଂସ୍କୃତି, ନୃତ୍ୟ, ଗୀତ, ତାଳ ଓ ଲୟର ଆଦ୍ୟ ଲକ୍ଷଣମାନ ସ୍ପଷ୍ଟ ଭାବରେ ବାରି ହୋଇଯାଏ । ଏହି ସିଦ୍ଧାଚାର୍ଯ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ କାହ୍ନୁ ପା, ଲୁଇ ପା, ଶବରୀ ପା, ହାଡି ପା, ତାରୁକ ପା, ଭସୁକୁ ପା ଇତ୍ୟାଦି । ଏପରିକି ହାଡି ପା ଥିଲେ ପ୍ରସିଦ୍ଧ ନାଥ ସାହିତ୍ୟର ଟିକା ଗୋବିନ୍ଦ ଚନ୍ଦ୍ରର ମୁଖ୍ୟ ଚରିତ୍ର । ଭୁସୁକୁ ପା ହେଉଛନ୍ତି କେନ୍ଦୁଝରର (ଜାହେର ରାଜ୍ୟର) ରାଜା ଶାନ୍ତି ପାଦ ଭଞ୍ଜ । ତାଙ୍କ ଭଗ୍ନୀ ସମ୍ବଲକର ରାଜା ଇନ୍ଦ୍ରଭୂତିଙ୍କର ପୁତ୍ର ପଦ୍ମ ସମ୍ଭବଙ୍କୁ ବିବାହ କରିଥିଲେ ।

ଉତ୍କଳୀୟ ଭୌମକରମାନଙ୍କର ସର୍ବ ଶ୍ରେଷ୍ଠ ଅବଦାନ ଥିଲା ପୁଷ୍ପଗିରି ବିଶ୍ୱବିଦ୍ୟାଳୟ । ହର୍ଷବର୍ଦ୍ଧନଙ୍କ ସମୟରେ ଭାରତକୁ ଆସିଥିବା ଚୀନ ପରିବ୍ରାଜକ ହୁଏନସାଂ ଏହି ବିଦ୍ୟାଳୟର ଭୂୟସୀ ପ୍ରଶଂସା କରିଥିଲେ । ଭୌମକରଙ୍କ ଶାସନ ସମୟରେ ପ୍ରସିଦ୍ଧି ଲାଭ କରିଥିବା ଉତ୍କଳ ପ୍ରଦେଶର ମାହାତ୍ମ୍ୟ ସ୍କନ୍ଦ ପୁରାଣ ଉତ୍କଳ ଖଣ୍ଡ ଶ୍ରୀ ପୁରୁଷୋତ୍ତମ (କ୍ଷେତ୍ର) ମାହାତ୍ମ୍ୟରେ ବିଶେଷ ଭାବରେ ବର୍ଣ୍ଣନା କରାଯାଇଛି । ସମୟ କ୍ରମେ ଭୌମକରମାନେ ଅବଲୁପ୍ତ ହୋଇଥିଲେ ।

ଉତ୍କଳ ଓ କୋଶଳକୁ ନେଇ ସମଗ୍ର ଓଡିଶା ସୋମବଂଶୀ ମାନଙ୍କର ଶାସନାଧୀନ ହୋଇଥିଲା । କେଶରୀ ଉପାଧି ଧାରଣ କରି ସୋମବଂଶୀ ମାନେ ଓଡିଶାକୁ ଶାସନ କଲେ ୯୫୦ ର ୧୧୧୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ । ଏହି ରାଜବଂଶର ପ୍ରମୁଖ ସମ୍ରାଟ ଯଯାତି କେଶରୀ ଉତ୍କଳ ଓ କୋଶଳକୁ ଏକତ୍ର କରି ଓଡିଶା ରାଜ୍ୟ ପ୍ରତିଷ୍ଠା କରିଥିଲେ । ଏକାଦଶ ଶତାବ୍ଦୀରେ ଓଡିଶାରେ ପ୍ରତିଷ୍ଠିତ ହେଲା ଗଙ୍ଗ ରାଜବଂଶ ଶାସନ । ଏହି ବଂଶର ପ୍ରତିଷ୍ଠାତା ଅନନ୍ତ ବର୍ମନ ଚୋଡଗଙ୍ଗ ଦେବ ଏହି ରାଜ୍ୟର ସୀମାକୁ ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ କରି ଏକ ବିଶାଳ ସାମ୍ରାଜ୍ୟ ଗଠନ କରିବା ସଙ୍ଗେ ସଙ୍ଗେ ବିଡାନାସୀ କଟକ ଠାରେ ତାଙ୍କର ରାଜଧାନୀ ପ୍ରତିଷ୍ଠା କଲେ । ଏହି ନୂତନ ରାଜ୍ୟ 'ଉତ୍କଳ' ଭାବରେ ଅଭିହିତ ହେଲା । ଏହି ସମୟରେ ଓଡିଶାର ସର୍ବାଙ୍ଗୀନ ଉନ୍ନତି ସାଧିତ ହେବା ସହ କଳା, ଭାସ୍କର୍ଯ୍ୟ, ସାହିତ୍ୟ, ଧର୍ମ ସମ୍ବନ୍ଧୀୟ ଗ୍ରନ୍ଥ ରଚନା ସମେତ ବିଭିନ୍ନ ପ୍ରସିଦ୍ଧ ମନ୍ଦିରମାନ ଗଢି ଉଠିଥିଲା । ଚୋଡଗଙ୍ଗ ଦେବଙ୍କ ଦ୍ୱାରା ପୂର୍ବରୁ ଅବହେଳିତ ହୋଇ ରହିଥିବା ନୀଳାଚଳ ତଥା ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର ଠାରେ ଶ୍ରୀ ଜଗନ୍ନାଥଙ୍କ ପାଇଁ ଉତ୍ତୁଙ୍ଗ ଭବ୍ୟ ନୂତନ ମନ୍ଦିର ନିର୍ମାଣର ଶୁଭାରମ୍ଭ କଲେ । ଏହି ରାଜବଂଶଙ୍କ ସମୟରେ ନିର୍ମିତ ହୋଇଥିଲା ବିଶ୍ୱ ପ୍ରସିଦ୍ଧ ଅର୍କ କ୍ଷେତ୍ରର କୋଣାର୍କ ସୂର୍ଯ୍ୟ ମନ୍ଦିର ।

ଚୋଡଗଙ୍ଗ ଦେବଙ୍କ ଶାସନକାଳରେ ହିଁ ଓଡିଆ ଭାଷାର ଦ୍ରୁତ ପ୍ରଗତି ଘଟିଥିଲା । ସେହି ସମୟରେ ହିଁ ବିକଶିତ ହେଲା ଓଡିଆ ଭାଷାର ସ୍ୱତନ୍ତ୍ର ଲିପି, ସ୍ୱତନ୍ତ୍ର ବ୍ୟାକରଣ, ସ୍ୱତନ୍ତ୍ର ଶବ୍ଦ ବିନ୍ୟାସ, ସ୍ୱତନ୍ତ୍ର ପଦ୍ୟ ଓ ଗଦ୍ୟ ରଚନା ଶୈଳୀ । ସୁତରାଂ ଗଙ୍ଗ ରାଜତ୍ୱ କାଳକୁ ଓଡିଶାର ସୁବର୍ଣ୍ଣ ଯୁଗ ରୂପେ ଅଭିହିତ କରାଯାଏ । ଏହାପରେ ସୂର୍ଯ୍ୟବଂଶୀ ରାଜାମାନଙ୍କ ଶାସନ କାଳରେ (୧୪୩୫ - ୧୫୪୨) କେତେକ ଅଭିଲେଖ, ତାଳପତ୍ର ପୋଥି, ରାଜକୀୟ ସନନ୍ଦ, ଛାମୁ ଚିଟାଉ ଆଦି ଗୁଡିକରେ ଓଡିଶା ନାମର ବହୁଳ ବ୍ୟବହାର ଆରମ୍ଭ ହୋଇଥିଲା । ଓଡିଆ ଜାତିର ନିଜସ୍ୱ ଭାଷା ଓ ସଂସ୍କୃତି ମଧ୍ୟ ଏହି ସମୟରେ ବିକାଶ ଲାଭ କଲା । ଫଳସ୍ୱରୂପ ଆଦି କବି ସାରଳା ଦାସଙ୍କ ଓଡିଆ ମହାଭାରତ ଠାରୁ ଆରମ୍ଭ କରେ ଅତିବଡୀଙ୍କ ନିଜସ୍ୱ ଶୈଳୀରେ ଓଡିଆ ଭାଷାରେ ରଚିତ ଶ୍ରୀମଦ୍ ଭାଗବତ ସାରସ୍ୱତ କୃତି ଗୁଡିକ ସର୍ବ ଭାରତୀୟ ସ୍ତରରେ ଓଡିଆର ପରିଚିତିକୁ ସମୃଦ୍ଧ କରି ପାରିଥିଲା । ସମଗ୍ର ଉଡ୍ର ବିଶେଷ ଚାରୁକଳାରେ ଉତ୍କର୍ଷ ଲାଭ କରିଥିବାରୁ ଏହାକୁ ଉତ୍କଳ କୁହାଯାଉଥିଲା । ସେହିପରି କଳିଙ୍ଗ ଶବ୍ଦଟି ଓଡିଆ ଜାତିର ମହାନତା, ଗର୍ବ ଗୌରବର ପ୍ରତୀକ ଅଟେ । ସୂର୍ଯ୍ୟବଂଶ ରାଜତ୍ୱ କାଳରେ କେତେକ ସାହିତ୍ୟ କୃତିର ସୃଷ୍ଟି ହୋଇଥିଲା । ପ୍ରତାପରୁଦ୍ର ଦେବଙ୍କ ସମୟର ମଧ୍ୟଯୁଗୀୟ ଓଡିଆ ସାହିତ୍ୟର ପଞ୍ଚସଖା ବଳରାମ, ଅନନ୍ତ, ଜଗନ୍ନାଥ, ଅଚ୍ୟୁତ ଓ ଯଶୋବନ୍ତ ସେମାନଙ୍କର କାଳଜୟୀ ଆଧାତ୍ମିକ ସାହିତ୍ୟ ରଚନା କରି ଓଡିଆ ସାହିତ୍ୟକୁ ସୁସମୃଦ୍ଧ କଲେ । ଓଡିଆ ସାହିତ୍ୟ ପରିପକ୍ୱ ରୁଚିସମ୍ପନ୍ନ ହେଲା । ଅତିବଡୀ ଜଗନ୍ନାଥ ଦାସ ସଂସ୍କୃତ ଶ୍ରୀମଦ୍ ଭାଗବତର ଅବିକଳ ଓଡିଆ ଅନୁବାଦ ନକରି ନିଜସ୍ୱ ଶୈଳୀ ଓ ପାଣ୍ଡିତ୍ୟରେ ଓଡିଆ ଭାଗବତ ରଚନା କରି ଓଡିଶାର ଗ୍ରାମ୍ୟ ଜୀବନ ଓ ଆଧାତ୍ମିକ ପରମ୍ପରାର ଏକ ଆଲୋଡନ ସୃଷ୍ଟି କରି ଓଡିଆ ଜୀବନର ମାନ ଏକ ସ୍ୱତନ୍ତ୍ର ସୋପାନକୁ ଉନ୍ନୀତ କରିପାରିଥିଲେ । ସେ ଓଡିଆ ସଂସ୍କୃତି ଓ ବ୍ରଜ ବୋଲି ଭାଷାରେ ଅନେକ ଉପାଦେୟ ଗ୍ରନ୍ଥ ରଚନା କରି ସମଗ୍ର ଉତ୍କଳରେ ପ୍ରସିଦ୍ଧି ଲାଭ କରିଥିଲେ । ଓଡିଆ ସାହିତ୍ୟରେ ଆରମ୍ଭ ହେଲା ଏହି ମଧ୍ୟଯୁଗୀୟ ପଞ୍ଚସଖାଙ୍କ ଯୁଗ । ସୂର୍ଯ୍ୟବଂଶୀୟ ରାଜା ପ୍ରତାପରୁଦ୍ରଙ୍କ ଶାସନକାଳରେ ଏକ ଉଲ୍ଲେଖନୀୟ ଘଟଣା ଘଟିଲା । ଗୌଡୀୟ ବୈଷ୍ଣବାଗ୍ରଣ୍ୟ ଆଚାର୍ଯ୍ୟ ଶ୍ରୀଚୈତନ୍ୟଙ୍କ ଓଡିଶା ଆଗମନ । ସେ ଥିଲେ ମଧୁର ରସ ଉପାସନାର ପଥପ୍ରଦର୍ଶକ । ଏହି ସମୟରେ ଓଡିଆ ପଞ୍ଚସଖା ଆଚାର୍ଯ୍ୟବୃନ୍ଦ ଶ୍ରୀ ଚୈତନ୍ୟଙ୍କ ସଂସ୍ପର୍ଶରେ

ଆସି ତାଙ୍କ ଦ୍ୱାରା ଯଥେଷ୍ଟ ଭାବରେ ପ୍ରଭାବିତ ହୋଇଥିଲେ । ଶ୍ରୀ ଚୈତନ୍ୟ ପୁରୀସ୍ଥ କାଶୀ ମିଶ୍ରଙ୍କ ଗମ୍ଭୀରା ଘରେ ଦୀର୍ଘ ୧୭ ବର୍ଷ ଅବସ୍ଥାନ କରି ଭକ୍ତିରସକୁ ଗୌଡ଼ୀୟ ଭକ୍ତ ଓ ଶିଷ୍ୟମାନଙ୍କୁ ପ୍ରଦାନ କରିଥିଲେ । ଶ୍ରୀ ଜଗନ୍ନାଥ ଧାମର ଆଧ୍ୟାତ୍ମିକତା ତାଙ୍କୁ ବିମୁଗ୍ଧ କରିଥିଲା । ସେ ମୁକ୍ତ କଣ୍ଠରେ ଘୋଷଣା କରିଥିଲେ ଯେ, ଶ୍ରୀ ଜଗନ୍ନାଥ ହେଉଛନ୍ତି ବିଶ୍ୱ ବ୍ରହ୍ମାଣ୍ଡର ଶ୍ରେଷ୍ଠ ଦେବତା ଏବଂ ଭଗବାନ ବିଷ୍ଣୁ ବିରାଜମାନ କରୁଥିବା ଏହି ଶ୍ରୀପୁରୁଷୋତ୍ତମ ଧାମ ହେଉଛି ମର୍ତ୍ତ୍ୟ-ବୈକୁଣ୍ଠ । ତାଙ୍କ ପ୍ରଣିତ ଦର୍ଶନ ଥିଲା ଅଚିନ୍ତ୍ୟ ଭେଦାଭେଦ ଦର୍ଶନ । ଏହାପରେ ଭୋଇ ରାଜବଂଶର ଦୀର୍ଘ ରାଜତ୍ୱ କାଳରେ ଅନେକ ପଣ୍ଡିତ, ଆଚାର୍ଯ୍ୟମାନଙ୍କ ବହୁ ସାରସ୍ୱତ କୃତି ରଚିତ ହୋଇ ଉଭୟ ଓଡ଼ିଶା ଓ ଓଡ଼ିଆ ଭାଷାକୁ ଶୀର୍ଷ ସ୍ତରରେ ପହଞ୍ଚାଇ ପାରିଥିଲା । ସପ୍ତଦଶ ଆଉ ଅଷ୍ଟାଦଶ ଶତାବ୍ଦୀ ବେଳକୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସ, ଅଭିମନ୍ୟୁ ସାମନ୍ତସିଂହାର ପ୍ରଭୃତି ସାହିତ୍ୟ ଓ କାବ୍ୟ କବିତା କ୍ଷେତ୍ରରେ ତଥା ଗଦାଧର ରାଜଗୁରୁ ଓ ଅନ୍ୟାନ୍ୟ ପଣ୍ଡିତ ବର୍ଗ ଧର୍ମ, ଦର୍ଶନ କ୍ଷେତ୍ରରେ ସର୍ବ ଭାରତୀୟ ସ୍ତରରେ ଓଡ଼ିଶାର ନାମକୁ ପହଞ୍ଚାଇ ଥିଲେ ।

ଓଡ଼ିଆ ଭାଷା ଆର୍ଯ୍ୟ ଗୋଷ୍ଠୀର ଏକ ଭାଷା ରୂପେ ଐତିହାସିକ ମାନେ ମତ ପ୍ରଦାନ କରିଛନ୍ତି । ଖ୍ରୀଷ୍ଟପୂର୍ବ ୬୦୦ ବେଳକୁ ଏହି କଥିତ ଭାଷା ଅନ୍ୟ ଏକ ରୂପ ଧାରଣ କଲା । ଏହାର ନାମ ପ୍ରାକୃତ । ପ୍ରାକୃତ କାଳକ୍ରମେ ବହୁ ଆଞ୍ଚଳିକ ଧାରାରେ ବିଭକ୍ତ ହେଲା । ପ୍ରାକୃତ କ୍ରମେ ପରିବର୍ତ୍ତିତ ହୋଇ ଅର୍ଦ୍ଧ-ମାଗଧୀ ପ୍ରାକୃତ ବା ଅପଭ୍ରଂଶରୁ ବିକାଶ ଲାଭ କଲା ଓଡ଼ିଆ, ବଙ୍ଗଳା, ଆସାମୀ, ହିନ୍ଦୀ,  ମରାଠୀ, ଗୁଜୁରାଟୀ ପ୍ରଭୃତି ପ୍ରାଦେଶିକ ଭାଷା ଗୁଡ଼ିକ । ସୁତରାଂ ଓଡ଼ିଆ ଭାଷାର ଉତ୍ପତ୍ତି ଯେ ବହୁକାଳରୁ ହୋଇଛି, ଏଥିରେ ସନ୍ଦେହର ଅବକାଶ ନାହିଁ । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଅଭିଲେଖ ମାନଙ୍କରେ ଓଡ଼ିଆ ଭାଷା ବିକାଶର ଏକ ତାତ୍ତ୍ୱିକ ସଙ୍କେତ ପରିଦୃଷ୍ଟ ହୁଏ । ଖ୍ରୀଷ୍ଟପୂର୍ବ ଦ୍ୱିତୀୟ-ପ୍ରଥମ ଶତାବ୍ଦୀ ବେଳକୁ ଉଡ୍ର ବିଭାଷା ସୃଷ୍ଟି ହୋଇ ସାରିଥିଲା । ଅନ୍ତତଃ ସପ୍ତମ ଶତାବ୍ଦୀ ବେଳକୁ ଏହି ଭାଷା ଏକ ସ୍ୱତନ୍ତ୍ର ଭାଷା ରୂପରେ ଓଡ଼ିଶାରେ ପ୍ରଚଳିତ ହୋଇଥିବାର ନିର୍ଧାର୍ଯ୍ୟ ପ୍ରମାଣ ମିଳେ ହୁଏନଂସାଙ୍କ ବିବରଣୀରୁ ।  ଏହି ଉଡ୍ର ବିଭାଷା ହଜାର ହଜାର ବର୍ଷର ବିବର୍ତ୍ତନ ଧାରାରେ ଆଧୁନିକ ଓଡ଼ିଆ ଭାଷାରେ ପରିଣତ ହୋଇଛି । ଏହାର କ୍ରମବିକାଶର ଧାରା ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଉତ୍କୀର୍ଣ୍ଣ ଅଭିଲେଖ ଗୁଡ଼ିକରେ ଉପଲବ୍ଧ ହୁଏ । ସପ୍ତମ-ଅଷ୍ଟମ ଶତାବ୍ଦୀ ପରଠାରୁ ପ୍ରତ୍ନ-ଓଡ଼ିଆ ଭାଷାର ଅନ୍ତିମ ସ୍ୱରୂପ ପରିଦୃଷ୍ଟ ହୁଏ ପରବର୍ତ୍ତୀ କାଳରେ ରଚିତ ସିଷ୍ଟୁ ବେଦ, ଗୋରେଖ ଗୀତା, ଅମର କୋଷ ଗୀତା ଇତ୍ୟାଦି ପ୍ରାଚୀନ ଓଡ଼ିଆ ନାଥ-ସାହିତ୍ୟରେ । ବିଶେଷତଃ ଓଡ଼ିଆ ଭାଷାରେ ଦ୍ରାବିଡ ଭାଷାର ପ୍ରଭାବ ପରିଲକ୍ଷିତ ହୁଏ । ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ସୂର୍ଯ୍ୟବଂଶ ରାଜାମାନଙ୍କ ରାଜତ୍ୱକାଳରେ ଓଡ଼ିଆ ଭାଷାର ଶ୍ରୀବୃଦ୍ଧି ଘଟିଲା । ଓଡ଼ିଆ ଭାଷା ସାହିତ୍ୟ ବିକଶିତ ହେବା ପୂର୍ବରୁ ଓଡ଼ିଶାର ସଂସ୍କୃତ ସାହିତ୍ୟ ଜାତୀୟ ମାନ୍ୟତା ଲାଭ କରିଥିଲା । 'ପଞ୍ଚତନ୍ତ୍ର'ର କଥାକାର ବିଷ୍ଣୁ ଶର୍ମା ମାଠର ମାନଙ୍କ ରାଜତ୍ୱ କାଳରେ ଓଡ଼ିଶାରେ ହିଁ ଭାଷାର ବିକାଶ ଲାଭ କରିଥିଲା । 'ଗୀତ ଗୋବିନ୍ଦ'ର ରଚୟିତା କବି ଜୟଦେବ ଗଙ୍ଗ ରାଜତ୍ୱ କାଳରେ ପ୍ରସିଦ୍ଧି ଲାଭ କରି 'ଜୟ ଜଗଦିଶ ହରେ' ମହାମନ୍ତ୍ରରେ ଓଡ଼ିଶାର ଜନମାନସକୁ ମୋହାଚ୍ଛନ୍ନ କରି ରଖିଥିଲେ । ପ୍ରାକ୍ ସାରଳା ଯୁଗର ଓଡ଼ିଆ ଭାଷା ସାହିତ୍ୟ ଏହି ରାଜା ମାନଙ୍କର ପ୍ରରୋଚନା ଓ ପ୍ରୋତ୍ସାହନରେ ସମୃଦ୍ଧ ହୋଇଛି । ଓଡ଼ିଶାର ନୃତ୍ୟ, ସଙ୍ଗୀତ, ଗାନ୍ଧର୍ବ କଳା ତା'ର ସ୍ୱତନ୍ତ୍ର ଶୈଳୀରେ ଜନ ମାନସକୁ ଝଙ୍କୃତ କଲା ।

ବିକଶିତ ହେଲା ଓଡ଼ିଶୀ ପ୍ରସ୍ତର ଶିଳ୍ପ, ସ୍ଥାପତ୍ୟ ଓ ନିର୍ମାଣ ବିଦ୍ୟା । ଏହି ଶିଳ୍ପକଳା ଓ ନିର୍ମାଣ ବିଦ୍ୟାର ଉତ୍କର୍ଷ ପ୍ରଦର୍ଶିତ ହେଲା ନବନିର୍ମିତ ଉତ୍କଳୀୟ ମନ୍ଦିର ମାନ ; ଯାହାର ନିଦର୍ଶନ ଲିଙ୍ଗରାଜ ମନ୍ଦିର, ଶ୍ରୀମନ୍ଦିର ଓ କୋଣାର୍କ ସୂର୍ଯ୍ୟ ମନ୍ଦିର । ଏହି ମନ୍ଦିର ଗାତ୍ରରେ ଖୋଦିତ ଶିଳ୍ପକଳା, ଭାସ୍କର୍ଯ୍ୟ ଆଜି ସମଗ୍ର ବିଶ୍ୱକୁ ଚମତ୍କୃତ କରିପାରିଛି ।

ପରିଶେଷରେ ଏତିକି କୁହାଯାଇପାରେ ଯେ, ଓଡ଼ିଶାର ସାଂସ୍କୃତିକ ବିକାଶର ପ୍ରବହମାନ ଧାରା ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ଶାସନର ଅପେକ୍ଷା ରଖେ । କାରଣ ଓଡ଼ିଶାର ଭୌଗୋଳିକ ଦୃଷ୍ଟିରୁ ଉତ୍ତରପଥ ଓ ଦକ୍ଷିଣପଥର ମଧ୍ୟବର୍ତ୍ତୀ ସ୍ଥାନରେ ରହିଥିବା ହେତୁ ଏହାର ସାଂସ୍କୃତିକ ପ୍ରଭାବର ବଳୟ ବହୁଭାବରେ ସୁଦୂର କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ଓଡ଼ିଶା ଯେତେବେଳେ ଧର୍ମ, ଭାଷା ଓ ସଂସ୍କୃତି କ୍ଷେତ୍ରରେ ଏତେ ଉତ୍କର୍ଷତା ଲାଭ କରିଥିଲା, ଏହା ପଣ୍ଡିତ ଓ ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ନିଶ୍ଚୟ ଜାଗରଣ ସୃଷ୍ଟି କରିଥିବ ଏଥିରେ କୌଣସି ସନ୍ଦେହ ନାହିଁ । ସାଧାରଣ ଲୋକ କେତେ ପରିମାଣରେ ଆକର୍ଷିତ ହୋଇଥିବେ ତାହା ହିଁ ଦେଖିବା କଥା । ଓଡ଼ିଶାର ଲୋକ ଧର୍ମଭାବାପନ୍ନ । ପ୍ରତିଟି ପରିବାରରେ ବାପାମା ଓ ପୁତ୍ର କନ୍ୟା ମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ପର୍କ ରାମାୟଣ ଆଉ ମହାଭାରତ ମତେ । ଭାଇ-ଭାଇ କି ବନ୍ଧୁ-ବାନ୍ଧବ ସମ୍ପର୍କ ବିବେକ ଆଉ ଶାସ୍ତ୍ରମତେ ଚଳି ଆସୁଛି କେତେ ଶତାବ୍ଦୀ ଧରି । ଗାଁ ଭାଗବତ ଟୁଙ୍ଗୀ ଶ୍ରୀଚୈତନ୍ୟ ଓ ଗଜପତି ପ୍ରତାପରୁଦ୍ର ଦେବଙ୍କ ଅମଳରୁ । ସାରଳା ମହାଭାରତ, ଓଡ଼ିଆ ଭାଗବତ ସହିତ ଅନେକ ପୁରାଣ ଓଡ଼ିଆ ମାନଙ୍କର ମାନସିକତା ଆଉ ଆଧ୍ୟାତ୍ମିକତାର ଚିତା ଚୈତନ୍ୟ ସଜାଏ ।

ଭାଷା ଦିଗରୁ ଦେଖିଲେ ମୂଳ ଓଡ଼ିଆ ଭାଷା ତିଷ୍ଠି ରହିଛି ଓଡ଼ିଶାର ପୁରପଲ୍ଲୀରେ । ବ୍ୟବହାର ଆଉ ପ୍ରକୃତି କୋଳର ଓଡ଼ିଆ ଭାଷା । ଓଡ଼ିଆର ଯୁଗ ଯୁଗର ବୃତ୍ତିର ଭାଷା, କେଉଁଠି ଝାଟିମାଟିର ତ କେଉଁଠି ହଳଲଙ୍ଗଳର । ଖାଣ୍ଟି ସାରଳା ଦାସଙ୍କର ଭାଷା ଯାହା କି ଅନ୍ୟୂନ ଏକ ସହସ୍ର ବର୍ଷ ସାମାଜିକ ଚଳଣି ପରେ ହିଁ ଲିଖନ ଯୋଗ୍ୟ ହୋଇଥିଲା । ତାହା ଆଜି ହିଁ ଆଠ ଶହ ବର୍ଷ ପରେ ବି ବଞ୍ଚିଛି ନିପଟ ମଫସଲରେ, ଆଦୌ ପାଠ ପଢ଼ି ନଥିବା ଜନରାଶି ମଧ୍ୟରେ । ସେମାନେ କୌଣସି ଭାଷାଦ୍ୱାରା ପ୍ରଦୂଷିତ ହୋଇନାହାନ୍ତି, କିନ୍ତୁ ଯାହା କୁହନ୍ତି ତାହା ଆଜିକାଲିକାର ଓଡ଼ିଆ ଶିଖୁ ନଥିବା ପିଢ଼ିକୁ ଅବୋଧ ହେବା ସ୍ୱାଭାବିକ ।

ଆକାଶ କାକର ପରି । ସଂଗ୍ରହ ହୋଇପାରିଲେ, ନୂତନ ଦିଗନ୍ତ ଆଶା କରା ଯାଇ ପାରନ୍ତା ଆମ ମାତୃଭାଷା ପକ୍ଷରେ ।

ସେମିତି ଓଡିଆ ପର୍ବ-ପର୍ବାଣୀ ଗଡି ଚାଲିଛି ସଂସ୍କୃତିକ୍ରମେ । ବାରମାସରେ ତେର ପରବ । ଆମ ଜାତିକୁ ନେଇ, ଆମ ବୃତ୍ତିକୁ ନେଇ ଆଉ ଆମର ଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କୁ ନେଇ । ଆମର ଖାଦ୍ୟ ବି ଆମ ଜାତିର ବ୍ୟଞ୍ଜନ, ଆମ ଜିହ୍ୱାର ସ୍ୱାଦରେ ଗୃହୀତ, ଆମର ଉତ୍ପନ୍ନରୁ ପ୍ରସ୍ତୁତ ଆଉ ଆମର ଜଳବାୟୁ ସମତାଳରେ ସନ୍ତୁଳିତ ।

ଓଡିଆ ଜୀବନ । ଅତୀତ ଆଉ ସଂସ୍କୃତିରେ ଭିଜା ଅପୂର୍ବ ସ୍ୱାଦର ସମ୍ମିଶ୍ରଣ । ଆମର ଚରିତ ଗଢି ଉଠିଛି ଜୀବନ ଦର୍ଶନରୁ, ଦେବ ସ୍ମରଣୀୟ ଆଧ୍ୟାତ୍ମିକତାରୁ । ଜୈନ ଅର୍ହତଙ୍କର ଘୋର ଅହିଂସାରୁ ବିବର୍ତ୍ତିତ ଆଜିର ଜଗନ୍ନାଥଧର୍ମୀ କଲ୍ୟାଣ ପିପାସୁ ଓଡିଆ ମାନସିକତା । ଏବେ ବି ସାଧାରଣ ଓଡିଆ ମୌଳିକତାକୁ ପଥଭ୍ରଷ୍ଟ କରିପାରିନି ଜଗତୀକରଣ ।

ମୁଖ୍ୟ ସମ୍ପାଦକ, ନୀଳାଦ୍ରି, ଶ୍ରୀ ଜଗନ୍ନାଥ ଧାମ, ପୁରୀ,
ମୋ - ୯୪୩୭୨୮୧୧୦୨
ଇ-ମେଲ୍ - drbhaskarmishra@gmail.com

✠✠✠



# ଓଡ଼ିଆ ଭାଷା ଓ ସଂସ୍କୃତି-ବିଚ୍ଛିନ୍ନ ଓଡିଶାରେ

ପର୍ଶୁରାମ ଦ୍ୱିବେଦୀ

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ବିନ୍ଧାଣୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ସ୍ୱତନ୍ତ୍ର ଓଡ଼ିଶା ଗଠନ ହେବା ପୂର୍ବରୁ ଦେହାନ୍ତ ହୋଇଗଲା । ଫଳରେ ତାଙ୍କ କଳ୍ପନାରେ ଥିବା ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଓଡ଼ିଶାରେ ମିଶିପାରିଲାନି । ଫଳରେ ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣରେ ବହୁତ ଅଞ୍ଚଳ ଓଡ଼ିଶା ପ୍ରଦେଶରେ ମିଶିନପାରି ବିଚ୍ଛିନ୍ନ ହୋଇ ରହିଗଲା । ତା'ଛଡ଼ା ମଧ୍ୟପ୍ରଦେଶ ଆଡ଼କୁ ହୀରାକୁଦ ବୁଡ଼ି ଅଞ୍ଚଳର ବହୁଲୋକ ଉଠି ଚାଲିଗଲେ, ଯାହାକି ଏବେ ଛତିଶଗଡ଼ରେ ରହିଅଛି । ଗଞ୍ଜାମ ଜିଲ୍ଲାର ଦକ୍ଷିଣକୁ ବହୁ ଅଞ୍ଚଳ ମଞ୍ଜୁଷା, ବୁଡ଼ାରସିଂ, ଟକାଲି, ତରଳା ଇତ୍ୟାଦି ସେତେବେଳର ମାନ୍ଦ୍ରାଜ ଓ ଏବେକାର ଆନ୍ଧ୍ରରେ ରହିଲା । ପୁଣି ଜୟପୁର ଜମିଦାରୀ ଓଡ଼ିଶା ସହ ସଂପୂର୍ଣ୍ଣ ମିଶିଥିଲେ ବି ଆରୁଖ ଅଞ୍ଚଳ ଓଡ଼ିଶା ଦଖଲ ନକରିବାରୁ ଆନ୍ଧ୍ରକୁ ଚାଲିଗଲା । ପୂର୍ବରେ ଥିବା ଓଡ଼ିଆ ଅଞ୍ଚଳ ପଶ୍ଚିମବଙ୍ଗରେ ରହିଲା । ପଶ୍ଚିମରେ ଥିବା ସିଂହଭୂମି ଜିଲ୍ଲା, ତତ୍‌କାଳୀନ ବିହାର ଓ ଏବେ ଝାଡ଼ଖଣ୍ଡ ରାଜ୍ୟରେ ରହିଲା । ଓଡ଼ିଶା ସହ ଏକ ଶାସନରେ ଥିବା ଛବିଶିଟି ଗଡ଼ଜାତ ମଧ୍ୟରୁ ଷଢ଼େଇକଳା ଓ ଖରସୂଆଁର ରାଜାମାନେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉପସ୍ଥିତିରେ ଓଡ଼ିଶାରେ ମିଶି ରହିବାକୁ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ ମଧ୍ୟ ସୀମା କମିଶନଙ୍କ ରିପୋର୍ଟ ଆଳରେ ସବୁଦିନ ପାଇଁ ବିହାରରେ ଓ ଏବେ ଝାଡ଼ଖଣ୍ଡରେ ରହିଗଲେ । ଏ ସମସ୍ତ ଅଞ୍ଚଳ ହେଉଛି ଓଡ଼ିଶାର ବିରାଟ ବିଚ୍ଛିନ୍ନାଞ୍ଚଳ । କେଉଁ କେଉଁ ଅଞ୍ଚଳକୁ ବିଚ୍ଛିନ୍ନାଞ୍ଚଳର ମାନ୍ୟତା ଦିଆଯାଇ କେତେକ ବିଶେଷ ସୁବିଧା ଦିଆଯିବ ସେ ସମ୍ବନ୍ଧରେ ଓଡ଼ିଶା ସରକାର ଏକ ତାଲିକା ସମ୍ୱଳିତ ବିଜ୍ଞପ୍ତି ୧୯୫୪ରେ ଗୃହବିଭାଗରୁ ପ୍ରକାଶ କରିଛନ୍ତି । ଯାହା ଫଳରେ ସେସବୁ ସ୍ଥାନର ଚିହ୍ନିତ ଓଡ଼ିଆମାନେ ଓଡ଼ିଶାରେ ପାଠପଢ଼ା ଓ ଚାକିରି ଇତ୍ୟାଦି କ୍ଷେତ୍ରରେ ସ୍ୱଳ୍ପ ହେଲେ ମଧ୍ୟ କିଛି କିଛି ସୁବିଧା ପାଉଛନ୍ତି ।

ଏସବୁ ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆମାନେ ଆମ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ସ୍ୱଳ୍ପ ଭାଷାଭାଷୀ ଭାବେ ନିଜ ମାତୃଭାଷାରେ ଶିକ୍ଷା ସହ ଅନ୍ୟାନ୍ୟ ସୁବିଧା ପାଇବା କଥା । ଏଥିପାଇଁ ସ୍ୱଳ୍ପ ଭାଷାଭାଷୀ କମିଶନ ତ ଅଛନ୍ତି, ତା'ବାଦ ସଂପୃକ୍ତ ରାଜ୍ୟ ଓ କେନ୍ଦ୍ର ସରକାର ମଧ୍ୟ ସାମ୍ବିଧାନିକ ବ୍ୟବସ୍ଥାନୁଯାୟୀ ଏମାନଙ୍କ କଥା ଦେଖିବା ଓ ବୁଝିବା ଦରକାର । ମାତ୍ର ତାହା ଠିକ୍‌ଭାବେ କାର୍ଯ୍ୟକାରୀ ହେଉନଥିବାରୁ ସେଠାକାର ଓଡ଼ିଆ ଭାଇମାନେ ଆମରି ରକ୍ତର ସଂପର୍କ ହେଲେ ମଧ୍ୟ ଅକଳନ ଅସୁବିଧା ଭୋଗ କରୁଛନ୍ତି । ଆପଣା ଘର ଭିତରେ ଓଡ଼ିଆ କହୁଥିବା ବେଳେ ଦାଣ୍ଡକୁ ଆସିଲେ ହିନ୍ଦୀ, ତେଲୁଗୁ, ବଙ୍ଗାଳୀ ଭାଷା କହୁଛନ୍ତି । ଏତେଗୁଡ଼ିଏ ବିଚ୍ଛିନ୍ନାଞ୍ଚଳର ଅସରନ୍ତି ସମସ୍ୟାକୁ ଏକାଠି ବର୍ଣ୍ଣନା କରିବା ଏହି କ୍ଷୁଦ୍ର ପ୍ରବନ୍ଧରେ ଅସମ୍ଭବ । ତେଣୁ ଗୋଟିଏ ବୃହତ୍ ଅଞ୍ଚଳର ସମସ୍ୟା ଏଠାରେ ଆଲୋଚନା କରୁଅଛୁଁ । ତାହା ହେଲା ସଂକ୍ଷେପରେ ସିଂହଭୂମି ଓ ବିସ୍ତାରରେ ପୂର୍ବ ସିଂହଭୂମି, ପଶ୍ଚିମ ସିଂହଭୂମି ଓ ଷଢ଼େଇକଳା-ଖରସୂଆଁ ଅଞ୍ଚଳ । ଆଗରୁ ଏହା ଗୋଟିଏ ଜିଲ୍ଲା ଥିଲା । ଆହୁରି ସଂକ୍ଷେପ କରିବାକୁ ଯାଇ ଓଡ଼ିଶା ମାଟି, ପାଣି, ପବନ, ଶିକ୍ଷା, ସଂସ୍କୃତି, ଶାସନ, ପ୍ରଶାସନ ନିବିଡ଼ ଭାବେ ଜଡ଼ିତ ଥିବା ଓ ପ୍ରାୟ ସର୍ବଜନବିଦିତ ଷଢ଼େଇକଳା ଓ ଖରସୂଆଁ କଥା ଏଠାର ଲେଖୁଛି । ପରେ ଅବସର ଓ ସୁବିଧା ଦେଖି ଗୋଟିଗୋଟିକରି ଅନ୍ୟ ବିଚ୍ଛିନ୍ନାଞ୍ଚଳ କଥା ବର୍ଣ୍ଣନା କରିବା । ଷଢ଼େଇକଳା ଓ ଖରସୂଆଁ ଦୁଇଟି ଭିନ୍ନ ଭିନ୍ନ ଗଡ଼ଜାତ ଅଞ୍ଚଳ । ଷଢ଼େଇକଳାର ରାଜା ମଧ୍ୟ ଓଡ଼ିଆ । ସେ ଆମ ବଲାଙ୍ଗୀର ରାଜବଂଶୀୟ । ସେଠାରେ ୬୮୦ଟି ସାନବଡ଼ ଓଡ଼ିଆ ବିଦ୍ୟାଳୟ ଥିଲା ଯାହା ଏବେ ୩୬୦କୁ ଖସି ଆସିଛି । ଏ ଦୁଇ ରାଜ୍ୟ ୧୯୪୮ ମସିହା ଜାନୁଆରୀ ୧ ତାରିଖରେ ଓଡ଼ିଶା ସହିତ ମିଶିବାପରେ ସେଠାରେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଓ ଆରକ୍ଷୀ ଓଡ଼ିଆ ଲୋକ ହୋଇଥିଲେ, ଆଗରୁ ଓଡ଼ିଆରେ ଶାସନ ଚଳୁଥିଲା । ଷଢ଼େଇକଳାର ରାଜପତ୍ର, ବଜେଟ୍, ଶାସନ ଓ ବିଚାର ବିଭାଗର ରାୟ, ବିଦ୍ୟାଳୟମାନଙ୍କ ପାଇଁ ପ୍ରସ୍ତୁତ ବହି ଓଡ଼ିଆରେ ଚଳୁଥିଲା । ଷଢ଼େଇକଳା-ଖରସୂଆଁ ସମେତ ସମଗ୍ର ସିଂହଭୂମି ଯାହାକି ବିଭିନ୍ନ ଖଣିଜ ପଦାର୍ଥରେ ସମୃଦ୍ଧ, ସେସବୁ ଇଲାକାରେ ଓଡ଼ିଆ ଭାଷାରେ ହିଁ ଶିକ୍ଷା ପ୍ରଦାନ କରାଯାଉଥିଲା । ଷଢ଼େଇକଳାର ଭୂଗୋଳ ବହି ଷଢ଼େଇକଳା ବଜେଟ୍, କୋର୍ଟ କଚେରୀର ରାୟ, ପଞ୍ଚବାର୍ଷିକ ଯୋଜନା ଇତ୍ୟାଦିର ଛାଞ୍ଚ ବା ନକଲ ଏବେ ମଧ୍ୟ ଏ ଲେଖକର ସମ୍ପତ୍ତି ହୋଇ ରହିଛି । ସଂପୂର୍ଣ୍ଣ ସିଂହଭୂମି (ଅଖଣ୍ଡ) ଓଡ଼ିଶା ପ୍ରଦେଶ ସହ ଥିଲା ଓ "ଉତ୍କଳ ପ୍ରଦେଶ କଂଗ୍ରେସ କମିଟି" ଜରିଆରେ ସର୍ବଭାରତୀୟ କଂଗ୍ରେସ ପ୍ରତିନିଧିତ୍ୱ କରୁଥିଲା । ଏ ବିଷୟ "କଂଗ୍ରେସ ବାର୍ତ୍ତା"ରେ ପ୍ରକାଶିତ ଓ ତାର ମଧ୍ୟ ନକଲ ରହିଅଛି । ପିଅରସନ୍ ସାହେବଙ୍କ ରିପୋର୍ଟ

ଓ ପ୍ରକାଶିତ ନକ୍ସାରେ ପ୍ରଦର୍ଶିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଭାବେ ଏହା ଚିହ୍ନିତ । ଚକ୍ରଧରପୁର ଓଡ଼ିଆ ବସ୍ତିର କାହ୍ନୁ ପାଣି ଓ ତାଙ୍କ ପୁଅ ବିଜୟ ଓଡ଼ିଶା କଂଗ୍ରେସର ସଭ୍ୟ ଥିଲେ ଓ ରାଜସଭାରେ ପ୍ରତିନିଧିତ୍ୱ କରିଥିଲେ । କର୍ପୂର ଗଲେ ମଧ କନା ପଡ଼ିଥିଲେ ବାସନା ରହିଥାଏ । ସେହିପରି ସେତେବେଳେ ଚାଲୁଥିବା ଶହ ଶହ ଓଡ଼ିଆ ବିଦ୍ୟାଳୟ କାନ୍ଥରେ ଓଡ଼ିଆ ବିଦ୍ୟାଳୟ ବୋଲି ଲେଖାଥିଲେ ମଧ ଭିତରେ ହିନ୍ଦୀ ଶିକ୍ଷା ଚାଲିଛି । ବର୍ଷବର୍ଷ ଧରି ଓଡ଼ିଆ ପାଠ୍ୟପୁସ୍ତକ ମିଳୁନାହିଁ । ୧୯୯୭ରେ ଆରମ୍ଭ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗୀୟ ସଚ୍ଚିଦାନନ୍ଦ ମିଶ୍ର ଓ ଭଗବାନ ରଥଙ୍କ ସହ ଚକ୍ରଧରପୁର ଯାଇ କୁଳବୃଦ୍ଧ ପ୍ରବୋଧ ମିଶ୍ରଙ୍କ ଘରେ ପହଞ୍ଚି ଯାହା ଦେଖିଲୁ ସେଥିରେ ସଚ୍ଚିବାବୁ କାନ୍ଦିପକାଇଲେ । ୧୭ (ସତର) ଜଣ ପିଲାଙ୍କ ମଧରୁ ଜଣେ ପିଲା ଦୁଇଖଣ୍ଡ ଚିରାଫଟା ଓଡ଼ିଆ ବହି ଥିବାର ଦେଖାଇ ଶିକ୍ଷକ ନିଜେ ପ୍ରସ୍ତୁତ କରିଥିବା ଟିପାଖାତରୁ ସାହିତ୍ୟ ପଢ଼ାନ୍ତି । ଏହାହେଲା "ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସି" ବସାଇଥିବା ମାଧମିକ ବିଦ୍ୟାଳୟର ଅବସ୍ଥା । ପିଲା ପ୍ରତିବର୍ଷ ପରୀକ୍ଷା ଦିଅନ୍ତି ଓଡ଼ିଆରେ । ଖାତା ଦେଖି ଅନୁମାନ କରି ନମ୍ବର ଦିଅନ୍ତି ହନ୍ଦୀ ପରୀକ୍ଷକ । ଫଳ ପ୍ରକାଶ ହେଲେ ଓଡ଼ିଆ ପିଲାଏ ବଞ୍ଚିତ ହୁଅନ୍ତି । ଜୋର ଆପତ୍ତି କଲେ କଷ୍ଟରେ ଫଳ ପ୍ରକାଶ ହୁଏ । ୧୯୯୯ରେ ବୁଝିଲୁ ଯେ ଆମ ଓଡ଼ିଶାର ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ଓ ବିହାରର ଶ୍ରୀକୃଷ୍ଣ ସିହ୍ନାଙ୍କ ମଧରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ବିହାର ସରକାର ଓଡ଼ିଆ ବହିର ଆବଶ୍ୟକତା ଜଣାଇଲେ ଓଡ଼ିଶା ସରକାର ଯୋଗାଇ ଦେବାକଥା । ମାତ୍ର ଏ ବ୍ୟବସ୍ଥା ଦୀର୍ଘଦିନରୁ କାର୍ଯ୍ୟକାରୀ ହେଉ ନଥିବାରୁ ଓଡ଼ିଆରେ ପାଠପଢ଼ା ଭୁଲ୍ ହୋଇଯାଇଛି । ଯାହାହେଉ ପରବର୍ଷ "ମହାବାତ୍ୟା" ପୂର୍ବଦିନ ସେଠାକାର ପ୍ରତିନିଧି ଓ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଥାଇ ବ୍ୟବସ୍ଥା ହେଲା ଯେ ଚୁକ୍ତିନାମା ପ୍ରକାରରେ ଓଡ଼ିଶା ସରକାର ଓଡ଼ିଆ ପଢ଼ାବହି ଦେବେ । ଆମ ପୂର୍ଣ୍ଣାଙ୍ଗ ଉତ୍କଳ ତରଫରୁ ମୁଁ (ଲେଖକ) ସେ ବହି ଟ୍ରକ୍‌ରେ ଲଦି ନେଇ ଚକ୍ରଧରପୁରରେ ଦେବାପରେ ସେଠାରୁ ଅନ୍ୟ ବିଦ୍ୟାଳୟ ଶିକ୍ଷକ ଆସି ବହିନେଇ ପଢ଼ାଇଲେ । ତା' ପରବର୍ଷ ୧ ଟ୍ରକ ବହି ନେଇ ଚମ୍ପୁଆରେ ଶ୍ରୀଯୁକ୍ତ ସାବସ ବେହେରାଙ୍କ ଜିମା ଦେବାରେ ସେ ବହିଗୁଡ଼ିକୁ ଚକ୍ରଧରପୁରକୁ ନେଇ ବଣ୍ଟନ କରିଥିଲେ । ଏକଥାଟା ସେଠା ସରକାରଙ୍କୁ ବାଧିଲା । ତେଣୁ ସେ ଗୋଟେ ବର୍ଷ ବହି ନେଲେ ମଧ ବାଣ୍ଟିଲେନି । ତା'ପରେ ଓଡ଼ିଶା ସରକାର କେବଳ ମାତୃଭାଷା ଓଡ଼ିଆ ବହି ନେଇ ଚମ୍ପୁଆ ଶିକ୍ଷାଧିକାରୀଙ୍କୁ ଦେଲେ । ସେବେଠାରୁ ସେହି ପଦ୍ଧତି ଚାଲିଛି । ସବୁ ବିଷୟ ଓଡ଼ିଆରେ ପଢ଼ିବା ବ୍ୟବସ୍ଥା ଥିଲେ ମଧ କେବଳ ସାହିତ୍ୟ ବହିରେ କାମ ଚଳିଛି । ୩ବର୍ଷ ତଳେ ଖବର ମିଳିଲା ଯେ ଅଷ୍ଟମରୁ ଦଶମ ଶ୍ରେଣୀ ସାହିତ୍ୟ ବହି ୩ ବର୍ଷ ଧରି ଯାଇନି । ସରକାର ବା ମାଧମିକ ବୋର୍ଡଙ୍କୁ କହି କିଛି ଫଳ ହେଲାନି । ବାଧହୋଇ ସମାଜ ଅନୁଷ୍ଠାନରୁ ଦଶ ହଜାର ଟଙ୍କା ସହାୟତାରେ ଆଣି ଜେରୋକ୍ସ କରି ତିନିଖଣ୍ଡ କରି ୧୫୦କପି ପଠାଇବାରୁ ଗୋଟେ ସ୍କୁଲ ୫ଖଣ୍ଡ କରି ବାଣ୍ଟିନେଲେ । ଏଇଥିରୁ ବୁଝୁଥିବେ ଝାଡ଼ଖଣ୍ଡରେ ଆମ ମାତୃଭାଷା ଓଡ଼ିଆ କିପରି ପଢ଼ାଯାଉଛି । ପ୍ରଥମ ଶ୍ରେଣୀରୁ ଅକ୍ଷର ଶିକ୍ଷା ବ୍ୟବସ୍ଥା ନଥାଇ ପଢ଼ାବହି ଦେଲେ ପସିଲାଏ କିପରି ପଢ଼ିବେ । ସେଥିପାଇଁ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ତରଫରୁ ପ୍ରଥମରୁ ଅକ୍ଷର ଶିକ୍ଷା ପାଇଁ ପ୍ରତିବର୍ଷ ହଜାର ସଂଖ୍ୟାରେ ବର୍ଣ୍ଣବୋଧ କିଣି ଯୋଗାଇ ଦିଆଯାଉଛି । ୨୦୦୦ ମସିହାରେ ଝାଡ଼ଖଣ୍ଡ ସରକାର ଘୋଷଣା କଲେ ଯେ ସେ ରାଜ୍ୟରେ ସବୁ ବିଦ୍ୟାଳୟର ସବୁ ବିଷୟର ଶିକ୍ଷାର ମାଧମ ହିନ୍ଦୀ ହେବ । ଏହା ବିରୁଦ୍ଧରେ ରାଞ୍ଚିର ଉଚ୍ଚ ଅଦାଲତରେ ମକଦ୍ଦମା କରିବାରୁ ତାହା ସିନା ୨ବର୍ଷ ପରେ କାର୍ଯ୍ୟକାରୀ ହେଲାନି, ହେଲେ ହିନ୍ଦୀ ଶିକ୍ଷକମାନଙ୍କୁ ଓଡ଼ିଆ ବିଦ୍ୟାଳୟକୁ ଓ ଓଡ଼ିଆ ଶିକ୍ଷକଙ୍କୁ ହିନ୍ଦୀ ସ୍କୁଲକୁ ବଦଳି କରାଗଲା ।ତା ବିରୁଦ୍ଧରେ ସଂଗ୍ରାମର ଉତ୍ତରରେ କୁହାଗଲା ଓଡ଼ିଆ ଶିକ୍ଷକ ବାହାରେ ନିଯୁକ୍ତି ହେଉନାହିଁ । ତେଣୁ ପୁଣି ଆନ୍ଦୋଳନ ହେବାରୁ କଛି ଓଡ଼ିଆ ପିଲାଙ୍କୁ ସାନ୍ତ୍ୱନାମୂଳକ ସ୍ୱଳ୍ପ ପାରିଶ୍ରମିକରେ ଶିକ୍ଷକ ନିଯୁକ୍ତି କରାଗଲେ ମଧ ତାଙ୍କ ଭିତରୁ ଅନେକଙ୍କୁ ହିନ୍ଦୀ ବିଦ୍ୟାଳୟରେ ରଖାଗଲା । ବର୍ଷ ବର୍ଷ ଧରି ପ୍ରାୟ ୧୦ଟି ଉଚ୍ଚ ବିଦ୍ୟାଳୟକୁ ଅସ୍ଥାୟୀ ଆଦେଶରେ ଚଳାଯାଉ ?ଥିଲା । ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବାବେଳେ ସେଠାକାର ମୁଖ୍ୟ ଲାଲୁ ଯାଦବଙ୍କୁ କହିବାରୁ ସେ ସବୁକୁ ବିତ୍ତରହିତ ପଞ୍ଜୁରୀ ମିଳିଲା ଓ ସେବେଠାରୁ ସାମାନ୍ୟ ହାତଟେକା ଅନୁଦାନରେ ସେସବୁ ଚାଲିଛି । ବହୁ ଆନ୍ଦୋଳନ ପରେ ଝାଡ଼ଖଣ୍ଡ ସରକାର ଅନ୍ୟ ନଟି ଭାଷା ସହ ଓଡ଼ିଆକୁ ସେ ରାଜ୍ୟର ଦ୍ୱିତୀୟ ଭାଷାର ମାନ୍ୟତା ଦେଲେ ସିନା ଓଡ଼ିଆ ଭାଷାରେ ଶିକ୍ଷା ପ୍ରଦାନର ସୁବ୍ୟବସ୍ଥା ଏବେଯାଏ କରିଲେନି । ବାହାର କାନ୍ଥରେ ଓଡ଼ିଆ ମାଧମିକ ବିଦ୍ୟାଳୟ ଲେଖାଇଥିଲେ ବି ଭିତରେ ୭ଜଣ ହିନ୍ଦୀ ଶିକ୍ଷକ ହିନ୍ଦୀ ପଢ଼ାଉଛନ୍ତି । କହିଲେ ବା ଲେଖିଲେ କିଛି ପ୍ରତିକାର ହେଉନି । ସ୍ୱତନ୍ତ୍ର ଓଡ଼ିଶାର ବିନ୍ଧାଣୀ ମଧୁବାବୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଓ ଗୋପବାବୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ସିଂହଭୂମିରେ ଓଡ଼ିଆମାନଙ୍କୁ ତାଙ୍କ ମାତୃଭାଷାରେ ଶିକ୍ଷା ଦେବାକୁ ଓ ଓଡ଼ିଆ ଭାଷା ସହ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଦାୟିତ୍ୱ ଦେବାରେ ପଣ୍ଡିତ ଗୋଦାବରୀଶ ସେଠାରେ ରହି ବହୁ ସଂଖ୍ୟାରେ ଓଡ଼ିଆ ବିଦ୍ୟାଳୟ ଖୋଲି ଓଡ଼ିଆ ଶିକ୍ଷକ ରଖାଇଥିଲେ । ୧୯୩୮ ମସିହାରେ ଉତ୍କଳପ୍ରାଣ ସଚ୍ଚିଦାନନ୍ଦ ମିଶ୍ର ଓ ଭଗବାନ ରଥ ଇତ୍ୟାଦି ପଶ୍ଚିମ ସିଂହଭୂମିରେ ଗର୍ଜ୍ଜି ତୋଳିଥିବା ହାଟ ଗମ୍ହାରିଆ ବିଦ୍ୟାଳୟ ଏକ ବିରାଟ ହିନ୍ଦୀ ଉଚ୍ଚ ବିଦ୍ୟାଳୟର ରୂପ ନେଇଛି । ଏହିପରି ଶହ ଶହ ଓଡ଼ିଆ ବିଦ୍ୟାଳୟ ନାମକୁ ମାତ୍ର ଥିଲେ ମଧ ସେଠାରେ ହିନ୍ଦୀ ମାଧମରେ ପାଠ ପଢ଼ାଯାଉଛି । ଯେଉଁ କେତୋଟି ଓଡ଼ିଆ ବିଦ୍ୟାଳୟ ଅଛି ସେଠାରେ ଓଡ଼ିଆ ଶିକ୍ଷକ, ଓଡ଼ିଆ ବହିର ଘୋର ଅଭାବ । ଆମେ ଓଡ଼ିଆ, ଆମ ଭାଇ, ଆମ ରକ୍ତ ଏତେ ହୀନମନ୍ୟତାର ଶିକାର ହେଉଛନ୍ତି, ତାଙ୍କ ପାଇଁ ଆମର କର୍ତ୍ତବ୍ୟ ରହିଅଛି ବୋଲି ମୂଳ ଭୂଖଣ୍ଡରେ ଥିବା ଆମେ ଓଡ଼ିଆମାନେ ସଂକଳ୍ପବଦ୍ଧ ହେବା ଉଚିତ ।

ସାଧାରଣ ସଂପାଦକ, ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ
ବିମାନଘାଟୀ ଅଞ୍ଚଳ, ଭୁବନେଶ୍ୱର-୭୫୧୦୨୦
ଫୋନ୍ : ୯୪୩୭୭୬୪୦୮୮

# ଓଡ଼ିଆ ଭାଷା ସାହିତ୍ୟର କ୍ରମବିକାଶ

**ସୋନାମିକା ରାୟ**

ଉତ୍କଳ ରାଜ୍ୟ ଓ ତାର ଅଧିବାସୀଙ୍କ କଥିତ ଓଡ଼ିଆଭାଷା ଅତି ପ୍ରାଚୀନ । ବାସ୍ତବରେ କଳାଶ୍ରୀ ବିମଣ୍ଡିତ ଉତ୍କଳର ତୁଳନା ନାହିଁ । ଏହି ଉତ୍କଳର ସୃଷ୍ଟି କେବେ ହୋଇଥିଲା-ଇତିହାସରେ ଉଲ୍ଲେଖ ନାହିଁ । ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଏହି ଭୂମି କେତେବେଳେ କଳିଙ୍ଗ, କଙ୍ଗୋଦ, ଉତ୍କଳ, ଉଡ୍ର ଓ ଓଡ଼ିଶା ଆଦି ବିଭିନ୍ନ ନାମରେ ପରିଚିତ ହୋଇଆସିଛି । ବହୁ ପ୍ରାଚୀନ କାଳରୁ କଳିଙ୍ଗର ବୀରତ୍ୱ, ନୌବାଣିଜ୍ୟ, ଗଜସେନା ଆଦି ପ୍ରସିଦ୍ଧି ଅର୍ଜନ କରିଛନ୍ତି । "କଳିଙ୍ଗାଃ ସାହାସିକାଃ" ଉକ୍ତିରୁ ଏହାର ମହାନତା ସ୍ପଷ୍ଟ ବାରି ହୋଇପଡ଼େ । ଆଜି ମଧ୍ୟ ଶ୍ରୀଲଙ୍କା, ମାଳୟ, ଜାଭା, ବାଲି, ସୁମାତ୍ରା, ଥାଇଲାଣ୍ଡ, କମ୍ବୋଡ଼ିଆ ଆଦି ଦେଶମାନଙ୍କରେ ଉତ୍କଳୀୟ ସଂସ୍କୃତି ଓ ସଭ୍ୟତାର କଳିଙ୍ଗ ବା ଓଡ଼ିଶା ସଂସ୍କୃତି ସହ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଇଣ୍ଡୋନେସିଆର ପ୍ରାଚୀନ ଅଧିବାସୀ ମାନେ କ୍ଲିଙ୍ଗ ବା କଳିଙ୍ଗ ବୋଲି ପରିଚିତ । ଉତ୍କଳ ରାଜପୁତ୍ର ସିଂହବାହୁଙ୍କ ନାମାନୁସାରେ ସିଂହଳ ବା ଶ୍ରୀଲଙ୍କାର ସୃଷ୍ଟି ହୋଇଛି । ସାଂପ୍ରତିକ 'ଓଡ଼ିଶା'ର କଳେବର ଓ ଉନ୍ନତିକୁ ଲକ୍ଷ୍ୟ କଲେ ସେଗୁଡ଼ିକ କଳ୍ପନାବିଳାସ ପରି ଲାଗେ, ମାତ୍ର ଇତିହାସ ତାହା ସ୍ୱୀକାର କରେ । ଉଡ୍ର ଦେଶରୁ ଓଡ଼ିଶାର ସୃଷ୍ଟି । ବିଶେଷତଃ ଉଡ୍ରୀୟ କୃଷକ, ସମୁଦ୍ରୋପକଣ୍ଠବାସୀ ଧୀବର ଓ ଆରଣ୍ୟକ ଅଧିବାସୀଙ୍କ ଏହା ଅଧିଷ୍ଠିତ ଥିଲା । ପରେ ଆର୍ଯ୍ୟମାନଙ୍କର ଆଗମନ ଫଳରେ ଏହାର ବହୁବିଧ ପ୍ରଗତି ସାଧିତ ହୋଇଛି ।

ଓଡ଼ିଶା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିବାର ପ୍ରମାଣ ମିଳେ । ବିଶେଷତଃ ମେଦିନାପୁର, ଷଢ଼େଇକଳା, ଖରସୁଆଁ, ଜଗଦଲପୁର, ମଛଲୀପଟ୍ଟନମ, ରାଜମହେନ୍ଦ୍ରୀ ଆଦି ସ୍ଥାନରେ ଆଦ୍ୟାବିଧି ଓଡ଼ିଆ ଭାଷା ଓ ସଂସ୍କୃତିର ଛାପ ପରିଲକ୍ଷିତ ହୁଏ । ୧୯୩୬ ମସିହା ଅପ୍ରେଲ ୧ ଓଡ଼ିଶା ପ୍ରଦେଶ ଗଠିତ ହୋଇ ସ୍ୱତନ୍ତ୍ର ଭାଷାଭାଷୀ ରାଜ୍ୟ ରୂପେ ପ୍ରତିଷ୍ଠିତ । ଛ'ଟି ଜିଲ୍ଲାରୁ ଆଜି ତିରିଶିଟି ଜିଲ୍ଲାରେ ପରିଣତ ହୋଇପାରିଛି । କୌଣସି ରାଜ୍ୟର ମହାନତା ତା'ର ଭାଷା ଓ ସଂସ୍କୃତିରୁ ଜଣା ପଡ଼େ । ଜାତିର ଆତ୍ମା ସଂସ୍କୃତି ଓ ଭାଷା ତାର ପ୍ରତିବିମ୍ବ । ଓଡ଼ଶା ରାଜ୍ୟର ଭାଷା ଓଡ଼ିଆ ସମ୍ବିଧାନରେ ସ୍ୱୀକୃତ ଭାଷାମାନଙ୍କ ମଧ୍ୟରେ ଅନ୍ୟତମ । ଏହାର ମୌଖିକ ଓ ଲିଖିତ ସ୍ୱରୂପ ଅନ୍ୟ ଭାଷାମାନଙ୍କ ଠାରୁ ସ୍ୱାତନ୍ତ୍ର୍ୟ ବହନ କରେ । ଭାରତ ବର୍ଷରେ ପୂର୍ବରୁ ପାଲି, ପ୍ରାକୃତ ଓ ଅପଭ୍ରଂଶ ତିନିପ୍ରକାରର ଲୋକଭାଷା ଓ ସଂସ୍କୃତ ରାଜଭାଷା ରୂପେ ପ୍ରଚଳିତ ଥିବାର ଜଣାଯାଏ । ଅଶୋକଙ୍କ ଧଉଳି ଓ ଜଉଗଡ଼ରେ ଲିଖିତ ଶିଳାଲିପିରେ ପୁରାତନ ବାହ୍ମୀଲିପିରେ ପାଲିଭାଷା ବ୍ୟବହାର ଦେଖାଯାଏ । କିନ୍ତୁ, ପରବର୍ତ୍ତୀ ଖାରବେଳଙ୍କ ସମୟରେ ଖଣ୍ଡଗିରି ଓ ଉଦୟଗିରିରେ ସେହିପରି ପୁରାତନ ବ୍ରାହ୍ମୀଲିପି ରହିଛି । ଭାରତରେ ପ୍ରଚଳିତ ବିଭିନ୍ନ ପ୍ରାକୃତ ମଧ୍ୟରୁ ଅର୍ଦ୍ଧମାଗଧୀ ପ୍ରାକୃତର ଆଦର ବହୁ ସ୍ଥାନରେ ଥିଲା । ବିଶେଷତଃ ଭାରତରେ ଉତ୍ତର ପୂର୍ବାଞ୍ଚଳରେ ଏହି ପ୍ରାକୃତ ଭାଷା ବେଶୀ ପ୍ରଚଳିତ ଥିଲା । କାଳକ୍ରମେ ଏହି ଅର୍ଦ୍ଧଗାମୀ ପ୍ରାକୃତଭାଷାରୁ ଓଡ଼ିଆ, ବଙ୍ଗଳା ଓ ଅହମିଆ ଭାଷାଗୁଡ଼ିକର ସୃଷ୍ଟି ହୋଇଥିବାର ଜଣାଯାଏ । 'ଚର୍ଯ୍ୟାଗୀତିକା' ପୁସ୍ତକରେ ବ୍ୟବହୃତ ଭାଷାକୁ ଓଡ଼ିଆ, ବଙ୍ଗାଳି ଓ ଆସାମୀମାନେ ନିଜର ଭାଷାରେ ଅନ୍ୟରୂପ ବୋଲି ଦାବି କରନ୍ତି । ଏହି ଅର୍ଦ୍ଧଗାମୀ ପ୍ରାକୃତରୁ ଅନୁମାନିକ ଅଷ୍ଟମ, ନବମ ଶତାବ୍ଦୀ ବେଳକୁ ଓଡ଼ିଆ ଭାଷାର ପ୍ରଥମ ସଂକେତ ମିଳେ । "ବୀରପୂଜା" ଉଦ୍ଦେଶ୍ୟରେ ରଚିତ ଓଡ଼ିଆ ଭାଷାର ଶବ୍ଦାବଳୀ ଏଥିରେ ଦୃଷ୍ଟି ଗୋଚର ହୁଏ । ପରବର୍ତ୍ତୀ କାଳରେ ବିଭିନ୍ନ ତାମ୍ର ଅନୁଶାସନ ଓ ଶିଳାଲିପିଗୁଡ଼ିକରେ ସଂସ୍କୃତ ଓ ଓଡ଼ିଆ ଭାଷାର ମିଶ୍ରଣ ପରିଲକ୍ଷିତ ହୁଏ । ଦାନପତ୍ରମାନଙ୍କରେ ସଂସ୍କୃତ ସହିତ ଓଡ଼ିଆଭାଷାର ପ୍ରୟୋଗ ମଧ୍ୟ ହୋଇଆସିଛି ।ଚର୍ତୁଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆଭାଷା ସଂସ୍କୃତରେ ଛାୟା ରୂପେ ବ୍ୟବହୃତ ହୋଇଥିଲେ ମଧ୍ୟ କବିମାନେ ସଂସ୍କୃତକୁ ବ୍ୟବହାର କରି କାବ୍ୟନାଟକ ଆଦି ରଚନା କରିଛନ୍ତି । ତେଣୁ ରାଜଦରବାରରେ ସଂସ୍କୃତର ଆଦର ଥିଲା ବୋଲି ପ୍ରମାଣିତ ହୁଏ ।

ଓଡ଼ିଆ ଭାଷାର ପ୍ରାରମ୍ଭିକ ଉତ୍ଥାନ ହୁଏ ପଞ୍ଚଦଶ ଶତାବ୍ଦୀରେ । ଓଡ଼ିଆ ନରପତି କପିଳେନ୍ଦ୍ର ଦେବଙ୍କ ପ୍ରୋତ୍ସାହନରେ ରାଜଦରବାର ଓ ରାଜକୀୟ ଶାସନତନ୍ତ୍ରରେ ଓଡ଼ିଆ ଭାଷାର ପ୍ରୟୋଗ କରାଯାଏ । ଏହି ସମୟରେ ଜନ୍ମ ନିଅନ୍ତି ଯୋଗଜନ୍ମା ପୁରୁଷ ମହାନ କବି ସାରଳା ଦାସ ଓରଫ ସିଦ୍ଧେଶ୍ୱର ପରିଡ଼ା । ସେ ସଂସ୍କୃତ ସାହିତ୍ୟର ବିବିଧ ରଚନାକଳୀକୁ ଓଡ଼ିଆ ଭାଷାରେ ରୂପାନ୍ତରିତ କରନ୍ତି । ମହର୍ଷି ବ୍ୟାସଦେବଙ୍କ ସଂସ୍କୃତ ମହାଭାରତର ଓଡ଼ିଆ ଅନୁବାଦ ସେଥିରୁ ଅନ୍ୟତମ । ସେ କେବଳ ଆକ୍ଷରିକ ଅନୁବାଦ ନକରି ଉତ୍କଳୀୟ ରୀତି-ନୀତି, ଆଚାର-ବ୍ୟବହାର,

ଲୋକଗାଥା, ସଂସ୍କୃତି, ଖାଦ୍ୟପେୟ ଆଦି ସେଥିରେ ସଂଯୋଜିତ କରନ୍ତି । ଏଥି ସହିତ 'ଦେବୀ ଭାଗବତମ୍'ର ଉତ୍କଳାନୁବାଦ, ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟାଣ ଆଦି ସୃଷ୍ଟି କରନ୍ତି । ଓଡ଼ିଆ ଭାଷା ସାହିତ୍ୟରେ ପରିଣତ ହୁଏ । ଗଜପତି କପିଳେନ୍ଦ୍ର ଦେବଙ୍କ ପୃଷ୍ଠପୋଷକତା ଲାଭ କରି ସାରଳା ଦାସଙ୍କ ବ୍ୟତୀତ ମାର୍କଣ୍ଡ ଦାସ, କେଶବ ଦାସ ଆଦି ଓଡ଼ିଆ ଭାଷାରେ ବହୁ କାବ୍ୟକବିତା ରଚନା କରନ୍ତି । ଏଗୁଡ଼ିକ ମୁଖ୍ୟତଃ କୋଇଲି, ପୋଇ, ଚଉତିଶା ଓ ଚଉପଦୀ ଆଦି ଭିନ୍ନ ଭିନ୍ନ ରୂପ ଗ୍ରହଣ କରନ୍ତି ।

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ  ଶ୍ରୀଚୈତନ୍ୟ ଦେବଙ୍କ ଉତ୍କଳ ଆଗମନ ପରେ ଓଡ଼ିଶାରେ ବୈଷ୍ଣବ ଭକ୍ତି ରସାତ୍ମକ ଧାରା ପ୍ରଚଳିତ ହେଲା । ତାଙ୍କର ଶିଷ୍ୟ ସନ୍ଥ ବଳରାମ ଦାସ, ଜଗନ୍ନାଥ ଦାସ, ଅନନ୍ତ ଦାସ, ଯଶୋବନ୍ତ ଦାସ ଓ ଅଚ୍ୟୁତାନନ୍ଦ ଦାସ ବହୁ ଜଣାଣ, ମାଳିକା ଆଦି ରଚନା କରିବା ସହିତ ଓଡ଼ିଆରେ ରାମାୟଣ, ହରିବଂଶ ଓ ଭାଗବତ ଆଦି ରଚନା କରିଥିଲେ । ଗଜପତି ପ୍ରତାପରୁଦ୍ରଙ୍କ ପରେ ଓଡ଼ିଶା ରାଜ୍ୟ ଖଣ୍ଡବିଖଣ୍ଡିତ ହୋଇ ବିଭିନ୍ନ ରାଜ୍ୟସବୁ ସୃଷ୍ଟି ହେଲା । ମୋଗଲ, ଆଫଗାନ ଓ ମରାଠାମାନେ ଏଗୁଡ଼ିକୁ ଅଧିକାର କରିନେଲେ । ଦୁର୍ବଳ ରାଜଶକ୍ତି ଓଡ଼ିଆ ଭାଷାର ଉନ୍ନତି କରିପାରିଲା ନାହିଁ । ବରଂ କରଦ ରାଜାମାନେ ବିଳାସୀ ହୋଇ ପ୍ରଜାଶୋଷଣ କରିଚାଲିଲେ । ରାଜାମାନଙ୍କ ଦରବାରରେ କବିମାନେ ରାଜାମାନଙ୍କ ସ୍ତୁତିଗାନ କରିବା ସହିତ ଆଳଙ୍କାରିଆ ରଚନାବଳୀ ସୃଷ୍ଟି କରି ପଚୁର ପାରିତୋଷିକ ଲାଭ କରିବା ପାଇଁ ଚେଷ୍ଟିତ ହେଲେ ।

ଏହି ସମୟରେ ଓଡ଼ିଆ ଭାଷାରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାର, ଭକ୍ତକବି ଗୋପାଳକୃଷ୍ଣ ପଟ୍ଟନାୟକ, କବି ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ ଆଦିଙ୍କ ନାମ ଉଲ୍ଲେଖନୀୟ । ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଆଧୁନିକ କବିତାର ବ୍ୟାପକ ପ୍ରଚଳନ ସାହିତ୍ୟ ସାଧନାର ଦିଗ ବଦଳାଇ ଦିଏ । ମୁକ୍ତ ଛନ୍ଦରେ ଗଦ୍ୟାତ୍ମକ ପଦ ସୃଷ୍ଟି ତଥା ହାସ୍ୟ ବ୍ୟଙ୍ଗ ପ୍ରଧାନ ରମ୍ୟ ରଚନାବଳୀ ଓ ଗବେଷଣାତ୍ମକ ବହୁ ସାହିତ୍ୟ ଓଡ଼ିଆ ସାହିତ୍ୟକୁ ଆଜି ଋଦ୍ଧିମନ୍ତ କରି ତୋଳିଛି ।

ତତ୍‌ପରେ ଇଂରେଜ ଶାସକମାନେ ଇଂରାଜୀ ଭାଷା ସହିତ ଭାରତରେ ଆଧୁନିକ ସଭ୍ୟତାର ବୀଜବପନ କଲେ । ଏଣୁ ଉତ୍କଳୀୟମାନେ ମଧ୍ୟ ଦେଶୀ ବିଦେଶୀ ସାହିତ୍ୟର ଅଧ୍ୟୟନ କରି ନୂତନ ଭାଷାଶୈଳୀରେ ରଚନାସବୁ ସୃଷ୍ଟିକଲେ । ବିଶେଷତଃ କବିବର ରାଧାନାଥ ରାୟ, ବ୍ୟାସକବି ଫକୀରମୋହନ, ସ୍ୱଭାବକବି ଗଙ୍ଗାଧର ମେହେର ପ୍ରଭୃତିଙ୍କ ସୃଷ୍ଟି ଏ ସମୟରେ ପ୍ରମୁଖ ସାହିତ୍ୟ ଭାବରେ ପରିଚିତ ହୁଏ ।

ଏହାପରେ କଂଗ୍ରେସର ପ୍ରେରଣାରେ ଦେଶରେ ଜାତୀୟବାଦୀ ଆନ୍ଦୋଳନର ସୂତ୍ରପାତ ହୁଏ । ତାହା ନବୀନ କିଶୋର ଓ ଯୁବକମାନଙ୍କ ହୃଦୟକୁ ଭାବପ୍ରବଣ କରି ତୋଳେ । ଓଡ଼ିଶାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସହିତ ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ଐତିହାସିକ କୃପାସିନ୍ଧୁ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦି ଦେଶପ୍ରେମ ଭାବନା ସହିତ ସମାଜ ସଂସ୍କାରଧର୍ମୀ ରଚନାବଳୀ ସୃଷ୍ଟି କରିଚାଲିଲେ । ରକ୍ଷଣଶୀଳତାକୁ ପରିହାର କରି ବୈପ୍ଳବିକ ବିଚାରଧାରାରେ ସୃଷ୍ଟି ହୁଏ ସବୁଜ ଯୁଗ । ନୂତନ ଆଶା ଆକାଂକ୍ଷା ମନୁଷ୍ୟ ମନରେ ସୃଷ୍ଟିକରି ମୁକ୍ତକଶୈଳୀରେ ସାହିତ୍ୟ ସାଧନା କରି ଜନଚେତନାକୁ ପ୍ରଭାବିତ କରନ୍ତି କବି କାଳିନ୍ଦୀଚରଣ ପାଣିଗ୍ରାହୀ । ଅନ୍ନଦାଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, କୁନ୍ତଳାକୁମାରୀ ସାବତ ପ୍ରଭୃତି ବହୁ ଯୁବପ୍ରତିଭା ।

ପରିବର୍ତ୍ତନର ତାଳଦେଇ ସମାଜରେ ସମାଜବାଦୀ ଚେତନାର ହୁଏ ଅଭ୍ୟୁଦୟ । ସାମ୍ୟବାଦ ଓ ପ୍ରଗତିବାଦକୁ ଆଧାର କରି ସ୍ୱାଧୀନତାତ୍ତୋର କାଳରେ ଓଡ଼ିଶାରେ ସାହିତ୍ୟ ସାଧନା ସୃଷ୍ଟି ହୁଏ । କବି ସଚ୍ଚି ରାଉତରାୟ ଏହାର ପ୍ରମୁଖ ସୂତ୍ରଧର । ଏତଦ୍‌ବ୍ୟତୀତ କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି, ପ୍ରତିଭାରାୟ, ବିଭୂତି ପଟ୍ଟନାୟକ, ଗୋଲୋକ ବିହାରୀ ଧଳ ଆଦି ଭାଷା ସାହିତ୍ୟ ଗବେଷକମାନେ ବହୁ ପ୍ରବନ୍ଧ, ଇତିହାସ, ଆଲୋଚନାତ୍ମକ ବିଶ୍ଳେଷଣ, ଉପନ୍ୟାସ ଓ ଗଳ୍ପ ପ୍ରଭୃତି ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ।

ଫକୀର ମୋହନଙ୍କ ମାମୁଁ, ଲଛମା, ପ୍ରାୟଶ୍ଚିତ ଓ ଛ'ମାଣ ଆଠଗୁଣ୍ଠ ଉପନ୍ୟାସ ତଥା ରେବତୀ, ଧୂଳିଆ ବାବା ଆଦି ରଚନା ଓଡ଼ିଆ ଭାଷାର ଗଦ୍ୟ ସାହିତ୍ୟ ସୃଷ୍ଟିର ମୂଳଦୁଆ କହିଲେ ଅତ୍ୟୁକ୍ତି ହେବନାହିଁ । ସେହିପରି ଜଗନ ମୋହନଙ୍କ 'ବାବାଜୀ' ନାଟକ ଅବିସ୍ମରଣୀୟ । ଫକୀର ମୋହନ ଆତ୍ମଚରିତ, ଗୋଦାବରୀଶ ମିଶ୍ରଙ୍କ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଆଦି ମହତ୍ତ୍ୱପୂର୍ଣ୍ଣ ଆତ୍ମଚରିତ ରଚନା ମଧ୍ୟରେ ଗଣନୀୟ । ଗୋପବନ୍ଧୁ ଦାସଙ୍କ ଦେଶାତ୍ମବୋଧକ ପ୍ରବନ୍ଧଗୁଡ଼ିକ  'ଆଶା ଓ ସମାଜ'ରେ ପ୍ରକାଶିତ ହୋଇ ଜନମାନସରେ ବିପ୍ଳବର ବହ୍ନି ଜାଳିଥିଲା । ବିଂଶ ଶତାବ୍ଦୀରେ ବହୁ ଜୀବନୀ ଓ ଆତ୍ମଜୀବନୀ ସବୁ ପ୍ରକାଶିତ ହୋଇପାରିଛି, ସବୁଗୁଡ଼ିକର ବିଶଦ ଆଲୋଚନା ଏଠାରେ ସମ୍ଭବ ନୁହେଁ । ଏତଦ୍‌ବ୍ୟତୀତ ନାମୀଦାମୀ ପଣ୍ଡିତମାନଙ୍କ ଦ୍ୱାରା ବହୁ ପାଲା, ଲୋକଗୀତ, ଓଡ଼ିଶୀ, ଛାନ୍ଦ, ଚମ୍ପୂ ଆଦି ରଚିତ ହୋଇ ଆମ ଭାଷାଭଣ୍ଡାରକୁ ସମୃଦ୍ଧ କରି ତୋଳିଛି । ସାମ୍ପ୍ରତିକ କାଳରେ ବିଜ୍ଞାନଭିତ୍ତିକ ବହୁ ପତ୍ରପତ୍ରିକା ପ୍ରକାଶିତ ହେବା ସହିତ ବୈଜ୍ଞାନିକ ଗୋକୁଳାନନ୍ଦ ମହାପାତ୍ରଙ୍କ କାଳ୍ପନିକ ଉପନ୍ୟାସଗୁଡ଼ିକ ପ୍ରକାଶିତ ହୋଇଛି । ସେହିପରି ବହୁ ଦେଶୀବିଦେଶୀ ପୁସ୍ତକର ଉତ୍କଳାନୁବାଦ ଆମ ସାହିତ୍ୟକୁ ପରିପୁଷ୍ଟ କରି ତୋଳିଛି ।

ଓଡ଼ିଆ ସାହିତ୍ୟସମ୍ଭାର ମହୋଦଧି ପରି ଅସୀମ, ଅକଳନୀୟ । ସାଂପ୍ରତିକ କାଳରେ ଓଡ଼ିଆ ସାହିତ୍ୟର ବିବିଧ ଧାରା ଅତ୍ୟନ୍ତ ବିକଶିତ ଓ ସମୃଦ୍ଧ ହୋଇ ହିନ୍ଦୀ ଓ ବଙ୍ଗଳା ସାହିତ୍ୟକୁ ଟକ୍କର ଦେଇ ପୁରସ୍କୃତ ହେଉଛନ୍ତି । ଓଡ଼ିଆ ରଚନାବଳୀ ଇଂରେଜୀ ଓ ହିନ୍ଦୀ ଆଦି ଭାଷାରେ ଅନୁଦିତ ହୋଇ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କଲେଣି । ତେଣୁ ଓଡ଼ିଆ ସାହିତ୍ୟ ଯେ ବିଶ୍ୱସ୍ତରୀୟ ହୋଇସାରିଛି – ଏହା ଅନସ୍ୱୀକାର୍ଯ୍ୟ । ଅବଶ୍ୟ ଆଜିର ଓଡ଼ିଆ ସାହିତ୍ୟରେ ଇଂରେଜୀ, ହିନ୍ଦୀ,

ଉର୍ଦ୍ଦୁ, ବଙ୍ଗଳା ଆଦି ଭାଷାମାନଙ୍କ ଶବ୍ଦାବଳୀ ପ୍ରବେଶ କରିଗଲେଣି । ଦୈନିକ ସମ୍ବାଦପତ୍ର ଓ ଟିଭିରେ ବ୍ୟାପକ ପ୍ରଭାବ ସାହିତ୍ୟକୁ ମନୋରଞ୍ଜନର ଜନଚେତନା ଆଡ଼କୁ ଟାଣି ନେଉଛି । ତେଣୁ ଓଡ଼ିଆ ଭାଷା ସାହିତ୍ୟ ଆଜି ପଣ୍ଡିତ ଜନଗ୍ରାହ୍ୟ ନୁହେଁ, ବରଂ ସାଧାରଣ ଜନତାର ବ୍ୟବହାର୍ଯ୍ୟ ଓ ପ୍ରୟୋଜନୀୟ ହୋଇପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ସାହିତ୍ୟ ଜାତିର ଆଦର୍ଶ । ଗାଁ ପରିମଳ ଗାଁ ତୁଠରୁ, ଭାଷା ସାହିତ୍ୟରୁ ଜାତିର ସଭ୍ୟତା ଓ ସଂସ୍କୃତିର ପରିଚୟ ମିଳିଥାଏ । ଆଜି ଓଡ଼ିଆ ଭାଷା ଆନ୍ଦୋଳନ, ଓଡ଼ିଆ ଭାଷା ବିଶ୍ୱ ବିଦ୍ୟାଳୟ ସ୍ଥାପନ, ଓଡ଼ିଆରେ ସରକାରୀ କାର୍ଯ୍ୟ ସଂପାଦନ, ଓଡ଼ିଆ ଭାଷାର ସୁରକ୍ଷା ଓ ବିସ୍ତାର ପାଇଁ ବିଭିନ୍ନ ଜନ ଆନ୍ଦୋଳନ ଓଡ଼ିଆ ପ୍ରଗତିର ସୂଚନା ଦିଏ । "ଉତ୍କଳ ସମ୍ମିଳନୀ" ର ପ୍ରୟାସ ସାମାଜିକ ଜୀବନରେ ଏକ ପ୍ରେରଣାସ୍ରୋତ ସୃଷ୍ଟି କରିପାରିଛି ।

ଆଜିର ଏ ଜଗତୀକରଣ ଯୁଗରେ ଭାରତରେ ଆଞ୍ଚଳିକ ଭାଷା ଗୁଡିକ ପରିଚୟ ହରାଇବାକୁ ବସିଛି । ନୂତନ ଶିକ୍ଷା ଇଂରେଜୀ ଅଭିମୁଖୀ ହେବାରୁ କଥିତ ଭାଷା ବିପନ୍ନ । ତା ସହିତ ଓଡିଶାରେ ଲୋକମାନଙ୍କର ପୁସ୍ତକ ଅନାଦର ଭାଷାର ବିପତ୍ତି ବଢାଉଛି । ବେଳ ଥାଉ ଥାଉ ଏହାର ପ୍ରତିକାର ଆବଶ୍ୟକ । ଓଡିଶା ପ୍ରଶାସନିକ ଭାଷା ଓଡିଆ ହେବାର ଗୁରୁତ୍ୱ ରହିଛି ।

ପ୍ରଧାନ ଶିକ୍ଷକ (ପ୍ରଧାନ ଶିକ୍ଷୟିତ୍ରୀ,
କ୍ୟାପିଟାଲ ହାଇସ୍କୁଲ, ଭୁବନେଶ୍ୱର
ମୋ - ୯୪୩୯୫୪୬୦୩୧



# ଓଡିଆ ସାହିତ୍ୟରେ ନାରୀ ଚରିତ୍ରର ଜୀବନ୍ୟାସ

ଡଃ. ପ୍ରଭାତ ନଳିନୀ ମହାପାତ୍ର

ସାହିତ୍ୟ ଏକ ପ୍ରବହମାନ ଧାରା । ଏଥିରେ 'ଆଧୁନିକ' ବୋଲି କୌଣସି ସ୍ଥିର ପ୍ରତିଶବ୍ଦ ନାହିଁ । ଏହା ଏକ ଆପେକ୍ଷିକ ଶବ୍ଦ । କାରଣ ଆଜି ଯାହା ଆଧୁନିକ, ପରବର୍ତ୍ତୀ ସମୟରେ ତାହା ପୁରାତନ । ତେବେ ସମୟ ସର୍ବଦା ଗତିଶୀଳ ହୋଇଥିଲେ ମଧ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ସମୟର ସାହିତ୍ୟକୁ ଏକ ଚିନ୍ତାଧାରା ଓ ଭାବ ଲକ୍ଷ୍ୟ କରାଯାଏ । ସାହିତ୍ୟ ସମାଜର ଦର୍ପଣ । ତେଣୁ ସାହିତ୍ୟର ବିଭିନ୍ନ ବିଭାଗରେ ଏହି ଧର୍ମ ସ୍ଥୂଳତଃ ପ୍ରତିଫଳିତ ହୋଇଥାଏ ।

ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ମଧ୍ୟ ୧୯୭୫-୮୦ ମସହା ବେଳକୁ ଏକ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ପୂର୍ବବର୍ତ୍ତୀ ସମୟଠାରୁ ଏହି ସମୟର ସାହିତ୍ୟରେ ଅନେକ ପାର୍ଥକ୍ୟ ପରିଦୃଷ୍ଟ ହୁଏ । କେତେକ ଆଲୋଚକ ଏହାକୁ ଉତ୍ତର-ଆଧୁନିକ ଯୁଗ ନାମରେ ନାମିତ କରନ୍ତି । ଅବଶ୍ୟ ୧୯୩୫-୩୬ ମସିହା ବେଳକୁ 'ପ୍ରଗତି ଯୁଗ' ସମୟରେ ସାହିତ୍ୟରେ ମଣିଷର ଦାବି, ଅଧିକାର ସାବ୍ୟସ୍ତ ହେଲା । ସେ ଆଉ ମୂକ ପରି ସମସ୍ତ ଅତ୍ୟାଚର, ଶୋଷଣ ନିରବରେ ସହ୍ୟ ନକରି ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର' ଗଳ୍ପର ନାୟକ 'ଘିନୁଆ' ପରି ଅତ୍ୟାଚାରୀ ଉପରେ ପ୍ରତିଶୋଧ ନେଲା । ଫକୀର ମୋହନଙ୍କ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସର ନାୟକ ଭଗିଆ ପରି ନିରବରେ ଖଳନାୟକ ଜମିଦାର ରାମଚନ୍ଦ୍ର ମଂଗରାଜଙ୍କ ଅତ୍ୟାଚାର ସହି ଭାଗ୍ୟ ହାତରେ ନିଜକୁ ସମର୍ପଣ କରି ଦେଲା ନାହିଁ । ଅବଶ୍ୟ ଭଗିଆ ରାମଚନ୍ଦ୍ର ମଂଗରାଜଙ୍କ ନାକକୁ କାମୁଡ଼ି ଖଣ୍ଡିଆ କରିଦେଇଛି; କିନ୍ତୁ ତାହା ପ୍ରତିଶୋଧ ନୁହେଁ, କାରଣ ସେ ପାଗଳ ଅବସ୍ଥାରେ ଏହା କରିଛି । କିନ୍ତୁ ଘିନୁଆ ସଂପୂର୍ଣ୍ଣ ଜ୍ଞାତସାରରେ ଅତ୍ୟାଚାରୀ 'ଗୋବିନ୍ଦ ସରଦାର'ର ମୁଣ୍ଡ କାଟିନେଇଛି । ଏ ସ୍ୱରଟି ୧୯୭୫-୮୦ ମସିହା ବେଳକୁ ତୀବ୍ର ହେଲା । ନିଜର ଦାବି, ଅଧିକାର ସାବ୍ୟସ୍ତ କରିବା ସହ ସାହିତ୍ୟର ବିଭିନ୍ନ ବିଭାଗରେ ଆଧୁନିକ ଯୁଗର ସମାଜ, ସଂସ୍କୃତି ବ୍ୟବସ୍ଥାକୁ ଭାଙ୍ଗିଦେଇ ଉତ୍ତର ଆଧୁନିକତା ନିଜ ବିଶ୍ୱାସର ନୂତନ ପୃଥିବୀ ଗଢ଼ିବାରେ ଆସ୍ଥା ପ୍ରକଟ କରିଛି । ଏହା ଆତ୍ମକୈନ୍ଦ୍ରିକତା ଅପେକ୍ଷା ଅନ୍ତଃସ୍ୱର ଓ ଅନ୍ତଃସଂପର୍କ ପ୍ରତିକ୍ଷା ଦିଗରେ ......

ଗଳ୍ପ ଓ କବିତା ଉଭୟ ବିଭାଗରେ ଏହି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । କାରଣ ଏହି ସମୟକୁ ସମଗ୍ର ବିଶ୍ୱ ପାଖାପାଖି ହୋଇଗଲାଣି । ବ୍ୟାପକ ରାଜନୈତିକ ପରିବର୍ତ୍ତନ ଘଟିଛି । ସଂତ୍ରାସବାଦର ଉତ୍‌ଥାନ ଘଟିଛି । ଏହା ସହିତ ବେକାରୀ ସମସ୍ୟା, ନାରୀ ନିର୍ଯାତନା, ବାଳ ଶ୍ରମିକ ସମସ୍ୟା, ପରିବେଶ ସୁରକ୍ଷା, ସାମ୍ବିଧାନିକ ସଂକଟ, ବ୍ୟକ୍ତିଗତ ନିରାପତ୍ତା ଯୋଗାଇବାରେ ରାଷ୍ଟ୍ରର ବିଫଳତା, ନଗର ଜୀବନ ପ୍ରତି ଜୀତସ୍ପୃହତା ଓ ଗ୍ରାମ୍ୟ ଜୀବନ ପ୍ରତି ଆସକ୍ତି ଉଭୟ କବିତା ଓ ଗଳ୍ପର ଆଙ୍ଗିକ ଓ ଆତ୍ମିକ ପରିବର୍ତ୍ତନ ଘଟାଇଛି । ଏ ସମୟର ସଂସ୍କୃତି ଭୀତତ୍ରସ୍ତ, ସାମାଜିକ ସ୍ଥିତି ଅସନ୍ତୁଳିତ । ତେଣୁ ସାହିତ୍ୟିକ ଏ ସମୟରେ ଜାଗ୍ରତ ପ୍ରହରୀ । ତା'ର ସ୍ୱରଟି ତୀକ୍ଷ୍ଣ ଓ ଶାଣିତ ।

୧୯୭୫-୮୦ ମସିହା ବେଳକୁ ଓଡ଼ିଆ ଗଳ୍ପ କ୍ଷେତ୍ରରେ ନାରୀ ମୁକ୍ତି ଓ ନାରୀ ସ୍ୱାଧୀନତାର ସ୍ୱରଟି ତୀବ୍ର ହୋଇଛି । ପୂର୍ବ ଭଳି ନାରୀ ଆଉ ଦୁର୍ବଳା, ଅବଳା ନୁହେଁ । ସେ ଲତା ଭଳି ଅନ୍ୟ ଉପରେ ନିର୍ଭରଶୀଳ ନୁହେଁ । ସେ ପୁରୁଷର ସହଯାତ୍ରୀ ଓ ସହଭାଗୀ । ତାର ମଧ୍ୟ ପୁରୁଷ ଭଳି ସମାନ ଅଧିକାର ଅଛି । ସେ ଆଉ ପୁରୁଷର ଦାସୀ ନୁହେଁ । ତାର ବାକ୍ ସ୍ୱାଧୀନତା ରହିବା ଆବଶ୍ୟକ । ଅନ୍ୟାୟ ବିରୁଦ୍ଧରେ ସେ ଦୃପ୍ତ ସ୍ୱର ଉତ୍ତୋଳନ କରିପାରିବ । ତା' ଦେହ ଉପରେ ତାର ସଂପୂର୍ଣ୍ଣ ଅଧିକାର ରହିଛି । ସେ କେବଳ ପୁରୁଷର ଭୋଗ୍ୟା ନୁହେଁ । ସେ ଶକ୍ତିମୟୀ । ସଶକ୍ତିକରଣ ମନ୍ତ୍ରରେ ଦୀକ୍ଷିତା । ପୁରୁଷକୁ ତାକୁ ଯଥୋଚିତ ସମ୍ମାନ ଦେବାକୁ ହେବ । ପାରମ୍ପରିକ ବିଚାରବୋଧ ଭାଙ୍ଗିଯାଇଛି । ତେଣୁ ନାରୀ ଆଉ ଅସତୀ, ନଷ୍ଟ ନାରୀ ସଂବୋଧନରେ ବିବ୍ରତ ହେଉନାହିଁ । ପତିତା, କୁଳଟା ଆଦି ଆକ୍ଷେପରେ ସେ ଡରିଯାଉନାହିଁ । ବରଂ ସମାଜ ବିପକ୍ଷରେ ଦମ୍ଭର ସହ ଛିଡ଼ା ହୋଇ ସାମ୍ନା କରୁଛି । ପରକୀୟା ପ୍ରେମକୁ ସେ ପାପ ବୋଲି ଭାବୁନାହିଁ । ଯଦି ବିବାହିତ ପୁରୁଷ ପରନାରୀ ସହ ସଂପର୍କ ରଖିପାରେ, ବିବାହିତା ନାରୀ ମଧ୍ୟ ଅନ୍ୟ ସହ ସଂପର୍କ ରଖି ପାରେ ବୋଲି ସେ ମତ ବାଢୁଛି । ତେଣୁ ଏହି ପରିପ୍ରେକ୍ଷୀରେ ସମକାଳୀନ ସମୟର ଜଣେ ପ୍ରତିଷ୍ଠିତ ଗାଳ୍ପିକା ବୀଣାପାଣି ମହାନ୍ତିଙ୍କର 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୧୯୮୦) ପାଇଥିବା 'ପାଟଦେଈ' ଗଳ୍ପ ସଂକଳନ.....

ପ୍ରାୟ ପାଞ୍ଚଶହ ଗଳ୍ପ, ତିନୋଟି ଉପନ୍ୟାସ, ଗୋଟିଏ କବିତା ସଂକଳନ, ଗୋଟିଏ ଏକାଙ୍କିକା ଓ ପାଞ୍ଚୋଟି ଅନୁବାଦ ପୁସ୍ତକର ସ୍ରଷ୍ଟା ବୀଣାପାଣି ମହାନ୍ତି ସମକାଳୀନ ସମୟରେ ଜଣେ ସ୍ୱନାମଧନ୍ୟ ଲେଖିକା । ୧୯୬୮ ମସିହାରେ ନିଜର ଗଳ୍ପ ସଂକଳନ 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ନିଜର ପାଟଦେଈ' ଗଳ୍ପ ପୁସ୍ତକ ପାଇଁ ସେ ୧୯୯୦ ମସିହାରେ କେନ୍ଦ୍ର

ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କଲେ । 'ପାଟଦେଇ' ଗଳ୍ପ ସଂକଳନରେ ବାରଟି ଗଳ୍ପ ରହିଛି । ଏହାର ଶେଷ ଗଳ୍ପ 'ପାଟଦେଇ' ନାମରେ ଗଳ୍ପ ସଂକଳନଟି ନାମିତ ହୋଇଛି । ଏହି ସଂକଳନର ପ୍ରକାଶ ପରେ 'ପାଟ' ବା 'ପାଟଦେଇ' ଚରିତ୍ରଟି ପାଠକମାନଙ୍କ ଦ୍ୱାରା ଏତେ ଆଦୃତ ହେଲା ଯେ ଲୋକେ ଗାଳ୍ପିକା ବୀଣାପାଣି ମହାନ୍ତିଙ୍କୁ 'ପାଟଦେଇ' ନାମରେ ଡାକିଲେ । ଝଙ୍କାର ପୁରସ୍କାର, କାଦମ୍ବିନୀ ସମ୍ମାନ, ସୁଚରିତା ସମ୍ମାନ, ପ୍ରଜାତନ୍ତ୍ର ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ସମ୍ମାନ, ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର, ସାରଳା ସମ୍ମାନ ଆଦି ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଥିବା ସ୍ରଷ୍ଟା ବୀଣାପାଣି ମହାନ୍ତି । 'ଓଡ଼ିଶା ଲେଖିକା ସଂସଦ' ନାମକ ଲେଖିକାମାନଙ୍କର ଏକ ସଂଗଠନ ମଧ୍ୟ ପ୍ରତିଷ୍ଠା କରିଛନ୍ତି । ନାରୀମାନଙ୍କର ଦାବି ଓ ଅଧିକାରକୁ ସାବ୍ୟସ୍ତ କରିବା, ସେମାନଙ୍କୁ ଯଥାଯୋଗ୍ୟ ସମ୍ମାନ ଓ ସୁଯୋଗ ଦେବା, ସାହିତ୍ୟ କ୍ଷେତ୍ରରେ ସେମାନଙ୍କୁ ପ୍ରତିଷ୍ଠା ଦେବା ଏହି ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏଠାରେ ଗୋଟିଏ କଥା ଉଲ୍ଲେଖଯୋଗ୍ୟ ଯେ ସୃଜନଶୀଳ ସାହିତ୍ୟ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାରେ ବୀଣାପାଣି ମହାନ୍ତି ହେଉଛନ୍ତି ଓଡ଼ିଶାର ପ୍ରଥମ ଲେଖିକା ।

ଗାଳ୍ପିକା ବୀଣାପାଣି ମହାନ୍ତି ଜଣେ ନାରୀ । ତେଣୁ ମାତୃତ୍ୱ ଗୁଣ ତାଙ୍କର ସହଜାତ । ନିଜେ ବିବାହ ନକରି ମଧ୍ୟ ଗଳ୍ପ ଜଗତର ଅସଂଖ୍ୟ ଚରିତ୍ର ମାଧ୍ୟମରେ ତାଙ୍କର ସହଜାତ ମାତୃତ୍ୱ ଗୁଣ ଫୁଟିଉଠିଛି । କିନ୍ତୁ ମାଆର ମମତା ସହିତ ତା'ର ସ୍ୱାଭିମାନ ଉପରେ ଗୁରୁତ୍ୱ ଦେଇଛନ୍ତି ଲେଖିକା । ତାଙ୍କ ଗଳ୍ପର ନାରୀ ଚରିତ୍ରମାନ ରହିବା ଚରିତ୍ର ନୁହନ୍ତି । ସେମାନେ ଶକ୍ତିମୟୀ, ନିଜ ଅନ୍ତଃ ଶକ୍ତିରେ ବିଦ୍ରୋହିଣୀ । ସେଥିପାଇଁ 'ପାଟଦେଇ' ଗଳ୍ପର ପାଟ, ଫକୀରମୋହନଙ୍କ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସର ସାଆନ୍ତାଣୀ ଚରିତ୍ର ଭଳି ଆଖି ବୁଜି ନିରବରେ ସ୍ୱାମୀର ଅନୈତିକ ସଂପର୍କକୁ ସହ୍ୟ କରିନାହାନ୍ତି । ନିଜର ଶାରୀରିକ ଅସୁସ୍ଥତା କଥା କାହାକୁ ନକହି ଚଉରାମୂଳରେ ପଡ଼ି ପ୍ରାଣ ହରାଇ ନାହାନ୍ତି । ବୀଣାପାଣି ମହାନ୍ତିଙ୍କ ଗଳ୍ପର ଚରିତ୍ରମାନେ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସର ନାୟିକା ସାରିଆ ଚରିତ୍ର ଭଳି ସାଆନ୍ତଙ୍କ ବାରିପଢ଼େ କାନ୍ଦି କାନ୍ଦି ଅଖିଆ ଅପିଆ ପ୍ରାଣତ୍ୟାଗ କରିନାହାନ୍ତି । ସେମାନେ ମୁହଁ ଖୋଲିଛନ୍ତି । ତେଣୁ 'ପାଟଦେଇ' ଗଳ୍ପର ମୁଖ୍ୟ ଚରିତ୍ର 'ପାଟ' ବିଦ୍ରୋହିଣୀ ହୋଇଛି ପରିସ୍ଥିତିରେ ପଡ଼ି । ସେ ଜନନୀ ମାତ୍ର ତାର ପିଲାର ବାପ କିଏ ? ସମାଜ ତାକୁ ନିନ୍ଦା କରିଛି, ଘୃଣା କରିଛି । ତା' ପିଲାର ପିତୃ ପରିଚୟ ପଚାରିଛି । କିନ୍ତୁ ସେ ନିର୍ଭୀକ ଭାବରେ ଉତ୍ତର ଦେଇଛି- ଏ ଛୁଆର ବାପ କିଏ ବୋଲି ପଚାରୁଛ ତ ? ଏ ଛୁଆର ବାପ ତ ହେଇଟି ସମସ୍ତେ ଛିଡ଼ା ହୋଇଛନ୍ତି । ରମୁ, ବୀରା, ଗୋପୀ, ମାଗୁଣି, ହରିଆ ଆଉ ତା ପଛକୁ ସେଥିରୁ ବି ଦି'ଚାରିଟା ସଭିଏଁ ତ । କେମିତି କହିବି ଛୁଆ କାହାର ବୋଲି ?" ସେ ପୁଣି ତା ପୁଅକୁ କହିଛି - 'ଏ ଜଗତରେ କିଏ ମରଦ ପୁଅ ଅଛି ଯେ, ତୋ ବାପ ବୋଲି ଚିହ୍ନା ଦେବ? ସେଥିପାଇଁ କାନ୍ଦନାରେ ପୁଅ, ତୋ ମାଆ ତ ଅଛି ।' ଦୁଷ୍କର୍ମ ପୀଡ଼ିତା, ଲାଞ୍ଛିତା ପାଟର ଏହି ଉକ୍ତି ଯେମିତିକି ଛାନ୍ଦୋଗ୍ୟ ଉପନିଷଦର ଅବହେଳିତା ସାମାନ୍ୟ ପରିଚାରିକା ଜାବାଳୀର ଉକ୍ତି, ଯିଏ କି ସତ୍ୟ କାମଜାବାଳଙ୍କ ମାଆ । ପର ଘରେ ଦାସୀ ବୃତ୍ତି କରୁ କରୁ ଦୁଷ୍କର୍ମ ପୀଡ଼ିତା ହୋଇ ସେ ସତ୍ୟକାମ ଜାବାଳଙ୍କୁ ଜନ୍ମ ଦେଇଥିଲେ । କିନ୍ତୁ ପାଟଦେଇ ଗଳ୍ପର ସ୍ୱାମୀ ପରିତ୍ୟକ୍ତା ପାଟ ବାପଘରେ ଆଶ୍ରୟ ନେଇଥିବା ବେଳେ ଦୋଳପୂର୍ଣ୍ଣିମା ରାତ୍ରିରେ ଯେତେବେଳେ ଝାଞ୍ଜ ମୃଦଙ୍ଗ ବଜାଇ ଠାକୁରମାନେ ଘରକୁ ଘର ବୁଲି ମେଳଣ ପଡ଼ିଆରେ ରୁଣ୍ଡ ହେଉଥିଲେ, ଚାରିଆଡ଼େ ଗହଳି ଲାଗିଥିବା ଓ ଗାଁ ସାରା ଲୋକ ସେଇଠି ରୁଣ୍ଡ ହୋଇଥିଲେ, ସେତିକିବେଳେ ପାଟ କୁଆଡେ ଚାଲିଗଲା । ଝିଅଟିଏ ଘରୁ କୁଆଡେ ଚାଲିଗଲେ, ତା ଚରିତ୍ର ବିଷୟରେ କେତେ କଥା ମୁଣ୍ଡ ଟେକେ । ତା ସହିତ ଯେ କିଛି ଦୁଷ୍କର୍ମ ହୋଇପାରେ, ଅନ୍ୟାୟ ହୋଇପାରେ, ଏକଥାରେ କେହି ମୁଣ୍ଡ ଖେଳାଏ ନାହିଁ ।

ପାଟ ଚାଲିଗଲା ପରେ ତା ନାଆଁରେ କେତେ ଦୁର୍ନାମ ଉଠିଲା । ସେ ଅଘରୀ, ଦୋଚାରୁଣୀ ବୋଲି ଝିଅ ନାଆଁରେ ବଦ୍‌ନାମ ଶୁଣି ଶୁଣି ବାପ ଜଗୁ ବେହେରା ବି ଦଶଦିନ ପରେ ଆଖି ବୁଜିଲା । ଅଥଚ ପ୍ରକୃତ କଥା କ'ଣ କେହି ଜାଣିବାକୁ ଚେଷ୍ଟା କଲେ ନାହିଁ । ତିନିବର୍ଷ ପରେ ପାଟ ପୁଣି ତା ଗାଆଁ, ଘରକୁ ଫେରିଲା । ଦୁଇବର୍ଷର ଛୁଆ ପୁଅଟିଏ ତା ସାଙ୍ଗରେ । ସେ କିନ୍ତୁ କାହାକୁ ଖାତିର କଲାନାହିଁ । ବାପର କୁଡ଼ିଆ ଘରେ ମୁଣ୍ଡ ଟେକି ରହିଲା । କାହାକୁ କିଛି ଉତ୍ତର ଦେଲାନାହିଁ । କେତେବେଳେ ଟିକିଏ ହସିଲା ତ କେତେବେଳେ ଅନ୍ୟମନସ୍କ ହୋଇ ଭୂଇଁରେ ଗାର କାଟିଲା । ସମସ୍ତେ ତାକୁ କହିଲେ 'କଳଙ୍କିନୀ'ଟା, ଟିକେ ଜହର ମିଳିଲା ନାହିଁ ତାକୁ ।

ଶେଷରେ ଗାଆଁବାଲା ନିଷ୍ପତ୍ତି ନେଲେ ପାଟଦେଇ ଗାଆଁ ଛାଡ଼ି ଚାଲିଯିବ, ଯଦି ତାର ଜୀବନର ଆଶା ଥାଏ, ନହେଲେ ଜଗୁ ବେହେରାର ସେଇ ଘରଟାକୁ ନିଆଁ ଲଗେଇ ପୋଡ଼ି ଦିଆଯିବ । ସେଦିନ ମାଇସଂଜବୁଡ଼େ ଗାଆଁବାଲା ମେଳି କରି ଯେତେବେଳେ ପାଟଦେଇ ଦୁଆର ମୁହଁରେ ଛିଡ଼ାହୋଇ କୈଫିୟତ ମାଗିଲେ, ସେ ଛିଣ୍ଡା ଲୁଗାକାନିଟା ମୁହଁରେ ଧରି କହିଲା – ହଁ, ହଁ, ଏ ପୁଅ ମୁଁ ଜନ୍ମ କରିଛି । ପୁଣି ମଣିଭାଉଜଙ୍କ ଶାଶୁବୁଢ଼ୀର ଗୋଇଠା ମାଡ଼ର ଜବାବରେ ସେ ପୁଅର ବାପ କିଏ ପ୍ରଶ୍ନର ଉତ୍ତର ସଗର୍ବରେ ପ୍ରକାଶ କରିଛି । ସେଦିନର ଦୋଳପୂନେଇଁ ରାତିରେ, ଯେତେବେଳେ ଗାଆଁରେ ପାଲା ଲଢ଼େଇ ଚାଲିଲା, ତା ମୁହଁରେ ଗାମୁଛା ମାଡ଼ିଦେଇ ତାକୁ ଶୂନ୍ୟେ ଶୂନ୍ୟେ ଟେକି ନେଇଥିଲେ ସେମାନେ ଓ ବୁଦାମୂଳରେ ଦୁଷ୍କର୍ମ କଲେ । ପୁଣି ନିଜର ଦୁର୍ନାମ ଲୁଚେଇବାକୁ ଯାଇ ତାକୁ କଟକରେ ଛାଡ଼ିଆସିଥିଲେ । ପାଟ କିନ୍ତୁ ହାରିନାହିଁ, ଲଜ୍ଜାରେ ସେ ମୁହଁ ଲୁଚାଇ ନାହିଁ, କି ବେଶ୍ୟାପଡ଼ାକୁ ଆଶ୍ରୟ କରିନାହିଁ । ସ୍ୱାଭିମାନର ସହ ସେ ଫେରିଛି ଗାଆଁକୁ ଓ ଦୃପ୍ତ କଣ୍ଠରେ ସେଇ ଭଦ୍ର ମୁଖାପିନ୍ଧା ଚୋରମାନଙ୍କୁ ଚିହ୍ନାଇ ଦେଇଛି ।

ଏହା ହିଁ ନାରୀର ଉତ୍ତରଣ । ତର ସ୍ୱାଭିମାନ । ସେ ସର୍ବସହା ଧରିତ୍ରୀ, ଅଥଚ ପରିସ୍ଥିତି ଚାପରେ ମହିଷାମର୍ଦ୍ଦିନୀ ଦୁର୍ଗା । କାନ୍ଦି କାନ୍ଦି ମୁହଁ ଲୁଚାଇ ସେ ଜୀବନ ହାରେନାହିଁ । ସ୍ୱାଭିମାନର ସହ ବଞ୍ଚେ ।

ପ୍ରାକ୍ତନ ଓଡିଆ ପ୍ରାଧ୍ୟାପିକା, ସମରାଇପୁର, ଭଦ୍ରକ
ମୋ-୯୪୩୭୧୯୩୯୪୦

# ଅବୁଝା ଚିଠିଟିଏ

ଡା. ପ୍ରେରଣା ବିଶ୍ୱାଳ

କି ଶୁଭ ଲକ୍ଷଣରେ ଆଜି ସୂର୍ଯ୍ୟ ଉଦୟ ହେଲେ କେଜାଣି, ସକାଳୁ ସକାଳୁ କାଉଟିଏ କା' କରି ଗଲାଣି । କୋଉଠୁ କୁଣିଆ କିଏ ଆସିବେ ବୋଲି ବୋଉ ସବୁବେଳେ ଗାଁଉଲି ଭାଷାରେ ଅର୍ଥ କରିଥାଏ । ଏବେ ତ ବୋଉ ଗାଁକୁ ଯାଇଛି । ବାପା, ଭାଇ ଓ ମୁଁ ଆମେ ତିନିଜଣ ଏଠି ଆମେରିକାର ଚିକାଗୋ ସହରରେ ରହିଛୁ । କୁଣିଆ ଆସିଲେ ଆମର ସମୟ ନାହିଁ ଚର୍ଚ୍ଚା କରିବାକୁ । ସମସ୍ତେ ଚାକିରିଆ । ସକାଳ ଦଶଟା ଭିତରେ ଯିଏ ଯୁଆଡେ ଛୁ । ଘର ତାଲା । ଏଠାରେ କୁଣିଆ ଆସିଲେ ଫେରିଯିବା ଛଡା ଅନ୍ୟ ପନ୍ଥା ନାହିଁ । କାଉ ବୋବାଇଲେ କଅଣ ହେବ, ସେଇଟା ହୋଇପାରେ ଓଡିଆ ବିଶ୍ୱାସ । ଆମେରିକା ପ୍ରଥାରେ ତ କୁଣିଆ ଆଗରୁ ଫୋନ୍‌କରି ନିଶ୍ଚିତ ହୋଇ ଆସନ୍ତି ।

ବୋଉ ପରି କାଉର କାଆକୁ ଅର୍ଥ କରୁଥିବା ମଲ୍ଲିକା ମହାଶ୍ୱେତା ଘର ତାଲାପକାଇବା ସମୟରେ ଡାକବାଲା ଆସି ପୋଷ୍ଟବକ୍ସରେ ଚିଠିଟିଏ ରଖିବାକୁ ଯାଉଥିବାବେଳେ ମଲ୍ଲିକା ହାତକୁ ଲଫାପାଟି ବଢାଇଦେଲା । ମଲ୍ଲିକା ସେଇଟିକୁ ଭାନିଟି ଭିତରେ ରଖିଲା । କଅଣ ମନକୁ ଆସିଲା କେଜାଣି ଲଫାପାଟିକୁ ବାହାର କରି ଉପରଠାଉରିଆ ଭାବରେ ଠିକଣା ଦେଖିନେଲା । ତା ନିଜ ଠିକଣାରେ ବାପାଙ୍କ ମାର୍ଫତରେ ଚିଠିଟି ଆସିଛି । ଓଡିଶାରୁ ଆସିଛି, ନିଜ ମାମୁଁଘର ଅଞ୍ଚଳ ଜଗତସିଂହପୁରରୁ । ପ୍ରେରକ କିଏ ଜଣେ ଅରୁଣ ଉଦୟ ମହାପାତ୍ର । ପରିଚୟ ନାହିଁ ଏମିତି କୌଣସି ଲୋକ ସହିତ । ଶୁଣିନି କେବେ ସେହି ଅଞ୍ଚଳର ଏପରି କୌଣସି ବ୍ୟକ୍ତିଙ୍କୁ । ଯଦିଚ ଜୀବନରେ ବାପା ମାଆ କହୁଥିବା ଜନ୍ମସ୍ଥାନ ସହିତ ମଲ୍ଲିକାର କୌଣସି ସମ୍ପର୍କ ନାହିଁ, ତଥାପି ମୋହ ରହିଛି ମନରେ । ସେମିତି କୌଣସି ବିପତ୍ତି ପଡିଲେ, ବାପା ମାଆ ସେଇଠାକୁ ହିଁ ଆଶ୍ରାପାଇଁ ଧାଇଁଯିବେ । ସେଇ ମାଟିକୁ ନିଜର ବୋଲି ଦାବି କରିବାର ଯୁକ୍ତି ରହିଛି ମନରେ । ସେମାନଙ୍କ ବୟସ ଲୋକମାନଙ୍କର ମାତୃଭୂମି ପ୍ରତି ଦୁର୍ବଳତା ।

ବାପା କେବେ କେବେ ଆମେରିକାର ପ୍ରଶାସନର ପ୍ରବାସୀ ମାନଙ୍କ ଉପରେ ସଙ୍କୁଚିତ କରୁଥିବା ଅଧିକାର ନିମନ୍ତେ ମନ ଉଣା କରନ୍ତି । ନିଜର ସବୁଜ ନାଗରିକତ୍ୱକୁ ବିଶ୍ୱାସ କରନ୍ତିନି । କହନ୍ତି ଡାଳ ଭାଙ୍ଗିଲେ, ଗଛ ମୂଳରେ ସିନା ପଡିବ । ଆମେ ଓଡିଆ ପୃଥିବୀରେ ଯେଉଁଠି ଥାଉନା କାହିଁକି ବିପତ୍ତିବେଳେ ଆମ ଗାଁକୁ ହିଁ ପଳାଇବୁ । ସୁଦୂର ପୁରୀ ଜିଲ୍ଲାର ଇଟାପୋଖରୀରେ ଘର । ଦୁଇ ପୁରୁଷ ହେବ ରାଜ୍ୟ ଛାଡିଲେ କଅଣ ହେବ, ସେଇଟା ଆମର ମାତୃଭୂମି ।

ଅନେକ ଅଜଣା ଚିଠି ଆସେ ମଲ୍ଲିକାଙ୍କ ପାଖକୁ କେତେ କେତେ ଜାଗାରୁ । ବହୁ ନିବେଦନ, ପ୍ରେମ ଆଉ ନିଜର କରିନେବାର ସୁଆଗିଆ ଭାଷା । ମଲ୍ଲିକା ସେଇ ଚିଠି ଗୁଡିକୁ ଚିରି ଟୁକୁରା ଟୁକୁରା କରି ଦୂର କେହି ନଜାଣି ପାରିବା ଡଷ୍ଟବିନ୍‌ରେ ଫିଙ୍ଗିଦିଏ । ଦୂର ଜଗତର ଏଇ ଆଚାର ବ୍ୟବହାର ତା ମନକୁ ଛୋଟ କରିଦିଏ । ଏଠିକାର ଚିକ୍କଣ ସଭ୍ୟତା ଭିତରେ ରହିଛି ଅଦେଖା ପାଶବିକ ପିପାସା । ସୁନ୍ଦର ବେଶର ଛାଡପତ୍ରମୟ ଜୀବନ । ଜୀବନର ବହୁ ଅକୁହା ଇତିହାସ ଆଉ ପାଉରୁଟି ପରି ଟୁକୁରା ଟୁକୁରା ହୋଇଥିବା ଅଗଭୀର ପ୍ରେମ ।

ଆଜିର ଚିଠିଟି କିନ୍ତୁ ତାକୁ ସେମିତି ବ୍ୟସ୍ତ କରୁନି । ସେ ଆଶ୍ୱସ୍ତ । ଏଇଟି ଆସିଛି ବୋଉର ମାମୁଁଘର ପାଖରୁ । କେହି ନିଜ ଦୂର ସମ୍ପର୍କୀୟ ଦେଇ ଥାଇପାରନ୍ତି । ପୁଣି ବାପାଙ୍କ ମାର୍ଫତରେ ଆସିଛି । ବୋଉର ମନ କଅଣ ବୁଝି ନହେଲେ ବି ଠଉରେଇ ପାରୁଛି ମଲ୍ଲିକା । ବୋଉ ବି ବୁଝିଛି ତା ଝିଅ ଏହି ଦୂର ରାଇଜର କୋଉ ପୁଅକୁ ଜୀବନସାଥୀ କରିବାକୁ ଚାହେନି । ବହୁ ଯାଗାରେ ରହି ସମସ୍ତଙ୍କର ଅନୁଭବ ଅଲଗା । ଦେଖୁଛି ନିଜର ସାଙ୍ଗମାନେ କେତେ କେତେ ଥର ସ୍ୱାମୀଙ୍କ ପାଖରୁ ବାହୁଡିଲେଣି । ମନ ମରିଯାଏ ତାର ଏମିତି ସାଧାରଣ ଛୋଟ ଛୋଟ କଥାରେ ଦାମ୍ପତ୍ୟ ଜୀବନ ସରିଯାଏ । ଏତେ ବଡ ସଭ୍ୟତା ବୋଲାଇ ଏଠାରେ ବି ଗଙ୍ଗା ବୋଇଲେ ଥିବି ଗାଙ୍ଗୀ ବୋଇଲେ ଯିବି !

ସେଇଥିପାଇଁ ବୋଧେ ବୋଉ ଓଡିଶା ଯାଇଛି । ମାମୁଁ ଘରକୁ ବୁଲି ଯାଇଥିବ । ଏ ଚିଠିଟି କୌଣସି ମତେ ବୋଉର ହାତସଫେଇ ହୋଇପାରେ ବୋଲି ଧାରଣା ଆସୁଛି ମନରେ ମଲ୍ଲିକାର । ଏ ଚିଠିଟି ସେଇ ସୂତ୍ରରୁ ଆସିନି ତ ?

ନିଜ ଅଫିସ୍ ଯିବାକୁ ଡେରି ହୋଇଯାଉଛି । ପରେ ଖୋଲି ପଢିବି । କେତେ ଏମିତି ଚିଠି ଆସୁଛି । ନିଜ ଇଞ୍ଜିନିୟରିଂ ସଂଗଠନର ବାର୍ଷିକ ନିର୍ବାଚନ ଆସିଗଲାଣି । ଦୁନିଆ ସାରାର ପ୍ରାର୍ଥୀ ଏମିତି ଘରୋଇ ଭାବରେ ଅନୁରୋଧ କରିବେ । ତାଙ୍କୁ କୌଣସି ନା କୌଣସି କାର୍ଯ୍ୟକାରୀ ସଭ୍ୟ ବା

ସହ-ସମ୍ପାଦକ କି ସମ୍ପାଦକ ପଦ ପାଇଁ ସମର୍ଥନ କରିବାକୁ । କିନ୍ତୁ ଏମିତି ପାତଳା ହାଲୁକା ଚିଠିଟି ସେଇ ନିର୍ବାଚନ ଚିଠି ପରି ଲାଗୁନି । ଏବେ ବହୁତ ଅଫିସ୍ କାମ ଅଛି । ପରେ ସମୟ ମିଳିଲେ ଖୋଲି ଦେଖିବି । ମାମଲା ଯାହା ହୋଇଥାଉ ।

ମଲ୍ଲିକା ସୁଦର୍ଶନ ମହଲଙ୍କର କନ୍ୟା । ସୁଦର୍ଶନ ବାବୁ ଏବେ ଆମେରିକାରେ ଅବସ୍ଥାପିତ । ନିଜେ ପ୍ରଥମେ ଯେବେ ବିଦେଶ ଯାଇଥିଲେ, ତା ହେଲାଣି ତିରିଶ ବର୍ଷର କଥା । ସେତେବେଳେ ଯୁକ୍ତରାଷ୍ଟ୍ର ଆମେରିକାରେ ପଶିବା ଦୁରୂହ ଥିଲା । ବସବାସ କରିବା ତ ଦୂରର କଥା । କିନ୍ତୁ ନିଜ ଶିକ୍ଷାଗତ ଯୋଗ୍ୟତାର ପରିମାର୍ଜନା କରି ଅଧ୍ୟବସାୟ ବଳରେ ଆଜି ଚିକାଗୋ ସହରରେ ରହନ୍ତି । ଏବେ ସେଠିକାର ନାଗରିକତ୍ୱ ପାଇବାର ଅନେକ ବର୍ଷ ହେଲାଣି । ନିଜର ପତ୍ନୀ ମାଳତୀଙ୍କୁ ଅବଶ୍ୟ ଅନେକ ବର୍ଷ ପରେ ଆମେରିକା ନେଇଛନ୍ତି । ନିଜେ ସିନା ଭାରତ ସରକାରଙ୍କ ଚାକିରିରୁ ଅବ୍ୟାହତି ପାଇଲେ, କିନ୍ତୁ ଏଠିକାର ପାଠ୍ୟକ୍ରମ ଅଧାରେ ଝିଅକୁ ଅହମଦାବାଦ୍‌ରୁ ବିଦେଶ ନେବା ସମ୍ଭବ ନଥିଲା । ପୁଅ ଚନ୍ଦ୍ରକାନ୍ତ କାନପୁର ଆଇ.ଆଇ.ଟି.ରୁ ଇଂଜିନିୟରିଂ ଶେଷକରି ଆମେରିକାର ନାଗରିକତ୍ୱ ପାଇସାରିଛି । ହେଲେ ତାର ପୋଷ୍ଟିଂ ଆଉ କାର୍ଯ୍ୟସ୍ଥାନ ଲସ୍ ଆଞ୍ଜେଲସ୍‌ରୁ ଏବେ ଦୁଇ ମାସ ହେବ ଚିକାଗୋ ସହରକୁ ହୋଇଛି । ବାପାଙ୍କ ପାଖରେ ରହୁଛି ।

ମଲ୍ଲିକା ନିଜର କାମ ସାରି ଘରକୁ ଫେରିଲା । ବ୍ୟସ୍ତ ଯନ୍ତ୍ରବତ୍ ଜୀବନରେ ସେଇ କମ୍ପୁଟର କି ଲାପଟପ ମୁହଁ ଚାହିଁଚାହିଁ ଜୀବନ ଓ ଜୀବିକା । କଅଣ କରାଯିବ । ନିଜର ସମସ୍ତ ସମୟ ଓ ବୁଦ୍ଧିତ ଆମେରିକାର ସଫ୍ଟୱେୟାର ସଂଗଠନ ପାଖରେ ସମର୍ପିତ । ନିଜର ଭାବନା ଆଉ ଚେତନାକୁ ଏଠାରେ ବନ୍ଧା ପକାଇବା ପରି ଲାଗୁଛି ତାକୁ । ଚାକିରି କରିବା ଛଅବର୍ଷ ପୂରିଗଲାଣି । ଏଠିକାର ଚାଲିଚଳଣ ଏବଂ ଯୁବକ ଯୁବତୀଙ୍କର ମତିଗତି ଆଦୌ ପସନ୍ଦ ହେଉନି ମଲ୍ଲିକାର । ପ୍ରତିଦିନ ଅଫିସରେ ଆଉ ରାସ୍ତାରେ ଘାଟରେ ଖୋଲା ପ୍ରେମ ଦୃଶ୍ୟ ଦେଖିଦେଖି ପାଗେଳି ହୋଇଗଲାଣି ସିଏ ।

ଦିନର ଆସକ୍ତିରେ ଆଖି ବୁଜି ହୋଇଯାଉଛି । ବାପା ଭାଇ ଶୋଇଗଲେଣି । ଶୋଇବାକୁ ବାହାରିଲାଣି ମଲ୍ଲିକା । ମନର କୋଣରେ ଦିନର କିଛି ଗୋଟେ କାମ ବାକି ରହିଗଲା ପରି ମନେ ପଡୁଛି ।

'ହଁ, ସେଇ ଚିଠିଟା । ଏବେ ବି ନିଦ ଆସୁଛି । କାଲି ସକାଳୁ ଖୋଲିଲେ କଅଣ ଚଳିବନି ?' ଏମିତି ଚିନ୍ତା ଆସୁଛି ମଲ୍ଲିକା ମନରେ ।

'ନାଁ ଆଦୌ ଚଳିବନି ! ତୁମକୁ ସେଇ ଚିଠିଟି କେବଳ ପଢିବାକୁ ପଡିବ । ନଚେତ୍ ଅଣଦେଖା ହୋଇ ଭାନିଟି କାଗଜରେ ଚୋପା ହୋଇଯିବ ।' ଏମିତି ବିବେକ ବାଧା ଦେଉଛି ମଲ୍ଲିକା ମନରେ ।

ଚିଠିଟା ପାଇବା ପରେ ଚିଠି ପ୍ରତି କିପରି ମନୋଭାବ ବଦଳିଯାଇଛି । ପାତଳା ଚିଠିଟିଏ । ଭିତରେ କଅଣ ବା ଥିବ । ତେବେ ଖୋଲି ଦେଖିବାକୁ ଓ ପଢିବାକୁ କେତେ ବା ସମୟ ଲାଗିବ ? ଏମିତି ଭାବନା ଆସିଛି ମଲ୍ଲିକା ମନରେ ।

ସେ ବେଡ୍ ସ୍ୱିଚ୍ ଅଫ୍ କରିବା ପୂର୍ବରୁ ଉଠିଗଲା ରୁମ୍‌ର ଆଉ ଗୋଟିଏ କୋଣକୁ । ନିଜ ବ୍ୟାଗ୍ ଅଣ୍ଡାଳି ପକାଇଲା କେଉଁଠି ସେ ଚିଠିଟି ରଖିଛି । ଚିଠିଟି ଦେଖି ମନେମନେ ଖୁସି ହେବାକୁ ଲାଗିଲା । ତାର ଅତିପ୍ରିୟ ନିର୍ମଳ ଆକାଶ ପରି ନୀଳ ରଙ୍ଗର ଖାମଟି । ସୁନ୍ଦର ଗୋଲ ଗୋଲ ହାତଲେଖା ଅକ୍ଷରରେ ଠିକଣା ଲେଖା ହୋଇଛି । ତାର ନିଜ ନାମଟି ହାତଲେଖା ଇଂରାଜୀରେ ମଲ୍ଲିକା ମହାଶ୍ୱେତା ଏତେ ସୁନ୍ଦର ଭାବରେ ଲେଖାଯାଇଛି, ସେ କେବେ ନିଜ ଆଖିରେ ଦେଖିନି । ପୁଣି ନିଜର ସମ୍ପୂର୍ଣ୍ଣ ଠିକଣା ସଠିକ୍ ଭାବରେ ଗୋଟିଏ ଆୟତାକାର ବକ୍ସ ଭିତରେ ଥିବା ପରି ବୋଧ ହେଉଛି । ମାତ୍ର ଏମିତି କୌଣସି ଗାରପକା ବକ୍ସ ଲାଇନ୍ ପଡିନି, ହାତଲେଖା କିନ୍ତୁ କମ୍ପୁଟର ଛାପା ଠାରୁ ଅଧିକ ଆକର୍ଷଣୀୟ !

ଏହି ଚିଠିଟିର ରଙ୍ଗ ଆଉ ଠିକଣା ତାର ଘାରି ଆସୁଥିବା ନିଦକୁ ଯେମିତି ତା ରୁମ୍‌ରୁ ପେଲି ବାହାର କରିଦେଲା । ସିଏ ପ୍ରେରକର ନାମ ଓ ଠିକଣା ଦେଖିବାକୁ ଲାଗିଲା ।

ଓଃ, ଅରୁଣ ଉଦୟ ମହାପାତ୍ର । ପଢିଥିଲି ଡାକବାଲାଠୁ ପାଇବା ବେଳେ । ସୁନ୍ଦର ନାଁ ଟିଏ ତ । ଇଏ କଅଣ ଆମ ମାମୁଁ ଘର ଗାଁ ଲୋକ ? ମୋ ମାମୁଁ ତ ଧନୁ ସାମନ୍ତରାୟ । ହୋଇପାରେ ମାଆର ପରିଚିତ ଲୋକ । ମାଆ ପାଖକୁ ଚିଠି ନଦେଇ ମୋ ପାଖକୁ ଦେବାର ଉଦ୍ଦେଶ୍ୟ କଅଣ ହୋଇପାରେ ?

ନା, ନା । ଏତେ ଦୂରରୁ ଅଜଣା ଭାବରେ ପ୍ରେମ ନିବେଦନ କରୁଥିବା ଚିଠି ଇଏ ନୁହେଁ ! ଆଶ୍ୱସ୍ତ ହେଉଛି ମଲ୍ଲିକା ।

ତେବେ ମୋ ଠିକଣାରେ ଦେବାର ଅର୍ଥ କଅଣ ? ମାଆ କି ବାପାଙ୍କ ପାଖକୁ ଆସିଥାଆନ୍ତା । ବାପାଙ୍କ ମାର୍ଫତରେ ଆସିଛି । ବାପାଙ୍କ ପାଖକୁ ଆସି ପାରିଥାଆନ୍ତା । କଅଣ ହୋଇପାରେ ପ୍ରେରକର ମତଲବ୍ ?

ଏମିତି ଅସଂଖ୍ୟ ପ୍ରଶ୍ନବାଚୀ ମଧ୍ୟରେ ବୁଡି ରହିଛି ମଲ୍ଲିକା । ନିଦ ସମ୍ପୂର୍ଣ୍ଣ ଅପସରି ଯିବାକୁ ବସିଲାଣି ।

ଛୋଟ କତୁରିଟି ଆଣି ନିଜର କୌତୂହଳ ମେଣ୍ଟାଇବାକୁ ଚିଠିଟି ଖୋଲିଲା । ସେଇ ଏନ୍‌ଭେଲପ୍ ଆକାଶିଆ ରଙ୍ଗପରି ନୀଳ ରଙ୍ଗର କାଗଜରେ ଚାରିଭଙ୍ଗା କାଗଜ ଚିଠିଟି । ଖୋଲି ଦେଖୁଛି ମଲ୍ଲିକା ।

ସୁନ୍ଦର ଗୋଲଗୋଲ ମାଛମଞ୍ଜିପରି ଅକ୍ଷର ଲେଖା । ଓଡିଆ ଅକ୍ଷର ପରି ଲାଗୁଛି, କିନ୍ତୁ ଟିକିଏ ଚେପେଟା । ହୋଇଥିବ ନିଶ୍ଚୟ ଲେଖକର ଠାଣି । ଚାଷ ନାହିଁ ମଲ୍ଲିକାର ଓଡିଆ କି ତେଲୁଗୁ ବାଛିବାକୁ । ମୁଣ୍ଡ ଢୁକୁନି ଏହି ଅଜଣା ଭାଷାରେ । ଜୀବନରେ ଯଦି ଗୋଟିଏ ଭୁଲ୍ କରିଛି ମଲ୍ଲିକା ତାହା ନିଜର ଓଡିଆ ପଢିବାର ଆନ୍ତରିକତାକୁ ମୂଲ ଦେଇନି । ମାଆ ଯେତେ ଉପଦେଶ ଦେଇଛି, ଝିଅ ଓଡିଆ ଅକ୍ଷକେ ପଢିଥା, କାମରେ ଆସିବ । ଦୂର ଜଗତରେ ନିଜର ଜୀବନ କଟିଯିବାର ବାସନା ଯେବେ ରହିଛି, କାହିଁକି ବା ଓଡିଆ ଶିଖିବି ? ଏହି ମାନସିକତାରେ ହେୟ ଜ୍ଞାନ କରି ଆସିଛି ପିଲାଦିନରୁ ।

ବାପା ମାଆ ସିନା ମାତୃଭାଷା କହନ୍ତି । ମଲ୍ଲିକା ଆଉ ତା ଭାଇ ତାହା ମାନନ୍ତିନି । ଇଂରାଜୀ ପରି ଆନ୍ତର୍ଜାତୀୟ ଭାଷା କହୁଛୁ, ଆମର ଓଡିଆ କି କାମରେ ଆସିବ ବୋଲି ଦୁଇ ଜଣଙ୍କ ମନରେ ଯୁକ୍ତି ରହିଛି । ବାପା ମାଆଙ୍କର ଓଡିଆ ବହିଗୁଡିକୁ ସେମାନେ ଆଡେଇ ଦିଅନ୍ତି । କିନ୍ତୁ ଓଡିଶାର ଚାଲିଚଳଣ, ଖାଦ୍ୟ ଓ ଦେବାଦେବୀଙ୍କ ବିଷୟରେ ଆଗ୍ରହ ରହିଛି ଶୁଣିବାର । ଓଡିଆ ପରିଧାନ ଆଉ କଥିତ ଭାଷା ପାଇଁ ରହିଛି ଦୁର୍ବଳତା । ସେଥିପାଇ ତାଙ୍କ ପରିବାର ଅନ୍ୟମାନଙ୍କ ତୁଳନାରେ ସ୍ୱତନ୍ତ୍ର ।

ଯାହା ହେଉ, ଏଇ ସୁନ୍ଦର ଚିଠିଟିର ବିଷୟ ନିଜପାଇଁ ନିରର୍ଥକ ବୋଲି ମଲ୍ଲିକା ମନେକଲା । କିନ୍ତୁ ଚିଠିର ରଙ୍ଗ ଆଉ ମହକ ତାକୁ କାହିଁକି ଅଜଣା ଅନୁରାଗରେ ଭରିଦେଲା ।

ପଢି ଅର୍ଥକରିବାକୁ ଗୋଟିଏ ଉପାଦାନ ଥିଲା ତା ପାଇଁ । ଲାଲ କାଳିରେ ସବାତଳେ ସୁନ୍ଦର ଗୋଲାପଫୁଲ ଚିତ୍ର କରାଯାଇଛି । ହାତ ଅଙ୍କା ଗୋଲାପ ଦୁଇଟି ଗୋଟିଏ ପାଖୁଡାରେ, ପାଖରେ ଗୋଟିଏ କଢ । ପାଖୁଡା ଆଉ କଢରେ ସରୁ ନାଲି ଧାର ଯେମିତି ଫୁଲଟିକୁ ଜୀବନ୍ତ ଆଉ ମନମୋହକ କରି ରଖିଛି । ଥର ଥର କରି ଦେଖିବାକୁ ଇଚ୍ଛା ହେଉଛି । ଗୋଲାପଟି କାଗଜର ସାଦା ଚିତ୍ର ନୁହେଁ । ସଜତୋଳା ଗୋଲାପ ।

ମନରେ ହସର ଲହରି ଖେଳୁଛି ମଲ୍ଲିକାର । କାହିଁ କେଉଁଠିକାର । ଅରୁଣ ଉଦୟ । କେଉଁଠୁ ପାଇଲା ମୋ ନାଁ ଆଉ ଠିକଣା । ଗୋଲ ଗୋଲ ହସ୍ତାକ୍ଷର ଲେଖିଛି ମୋ ପାଖକୁ । ଚିତ୍ର କରିଛି ଲାଲ ଗୋଲାପ । ପୁଣି ବଡ ଗୋଲାପ, ପାଖକୁ ଲାଗି ଟିକିଏ ସାନ । ଅନତି ଦୂରରେ ଗୋଲାପ କଢଟିଏ । ଅର୍ଥ କଅଣ ହୋଇପାରେ ?

ଚିଠିଟିର ଉପରେ ଗୋଟିଏ କ୍ଷୁଦ୍ର ପୋଷ୍ଟାଲ ଷ୍ଟାମ୍ପ୍ ଆକାରର ଛବିଟିଏ ଉପରେ ଆଖି ପଡିଲା । ଈଷତ୍ ରଙ୍ଗିନ ହୋଇଥିବାରୁ ଆଖିକୁ ଆକର୍ଷଣ କରୁନି । ଆଖି ପାଖକୁ ଆଣି ଦେଖିଲା ମଲ୍ଲିକା । ଜାଣି ହେଉନି, କିନ୍ତୁ ଗୋଟିଏ ମଣିଷର ଛବିପରି ବୋଧ ହେଉଛି । ସେଇ ଛବିର ମଣିଷଟିକୁ ଦେଖିବାକୁ ତା ମନରେ ଉତ୍କଣ୍ଠା ଆସିଲା ।

ନିଜ ଡ୍ରୟରରୁ ମାଗ୍ନିଫାଇଙ୍ଗ୍ ଗ୍ଲାସ୍ ବାହାରକରି ଆଲୋକ ପାଖରେ ଛବିଟିର ବୃହତ୍ ଅବୟବ ଦେଖିବାକୁ ଲାଗିଲା । ସୁନ୍ଦର ରାଜକୁମାର ଜଣେ ବାଦାମୀ ପ୍ୟାଣ୍ଟ୍ ଆଉ ମନଲୋଭା ଗୋଲାପୀ ରଙ୍ଗର ଫୁଲ୍‌ସାର୍ଟଟିଏ ପିନ୍ଧି ଗୁଡି ଉଡାଉଛନ୍ତି । ନୀଳ ଆକାଶରେ ଗୋଲାପୀ ଗୁଡି !

ଏଇ ନିଶ୍ଚୟ ଚିଠିର ଲେଖକ । ବଡ ସଉକିଆ ଆଉ ରସିକିଆ ମନେହୁଏ । ଭାବିଲା ବେଳକୁ ମନକୁ ମନ ହସ ଆସି ଯାଉଛି ମଲ୍ଲିକା ମୁହଁରେ । କିଏ କାଳେ ସେ ହସ ଦେଖିଦେବ, ସତର୍କ ହୋଇ କବାଟ ଆଡକୁ ଟିକିଏ ଆଖି ପକାଇ ଦେଉଛି ।

ସତରେ ଏହି ଫଟୋଟି ଅରୁଣ ଉଦୟଙ୍କର । ଆହୁରି ଟିକିଏ ମାଗ୍ନିଫାଇ କରି ଦେଖୁଛି । ବାଳସୂର୍ଯ୍ୟଙ୍କ ପରି ମୁକ୍ତ ବଦନ, ମୃଦୁ ହସ । ସଫଳତାର ଆଶାରେ ଉଜ୍ଜ୍ୱଳ ଆକାଂକ୍ଷା ।

ସତରେ ଅରୁଣଙ୍କର ପେଡିଆଟ୍ରିକ୍ ଚେହେରା । ସେ ଚେହେରା ଯେତେ ବୟସ ହେଲେ ବି ସେମିତି ଥିବ । ଅରୁଣର ପିତାମାତା କେତେ ଦାର୍ଶନିକ ଭାବାପନ୍ନ ! ନାଁଆଟି ବାଛି ବାଛି ଦେଇଛନ୍ତି ଅରୁଣ ଉଦୟ !

ଦୁର୍ଭାଗ୍ୟକୁ ଚିଠିଟି ପଢିପାରୁନି । ନିଶ୍ଚୟ ନିଜ ବିଷୟରେ ଅରୁଣ ବଡ କରି କିଛି ଲେଖିଥିବ । ସେଇଟା ତ ଅଦେଖା ସେ ଅରୁଣ ପରି ହିରୋର ପରିଭାଷା ନିଶ୍ଚୟ ହୋଇଥିବ । ପ୍ରଥମ ପାଞ୍ଚଧାଡିର ପାରାଟି ନିଶ୍ଚୟ ଅରୁଣଙ୍କ ଗାରିମା । ସତରେ ହିରୋଟିଏ । ନହେଲେ ଅଜଣା ଅଶୁଣା, ଗୋଲାକାର ପୃଥିବୀର ବିପରୀତ ପାର୍ଶ୍ୱରେ ମୋ ପାଖକୁ ଉପଗ୍ରହପରି ଚିଠିଟିଏ କେମିତି ପଠାଇଛି ?

ଅଜଣା ପତ୍ର ପ୍ରେରକ ଜଣେ ନିଶ୍ଚୟ ନିଜ ବିଷୟରେ ଡିଣ୍ଡିମ ନପିଟିଲେ, ପତ୍ର ଲେଖିବ ବା କିପରି ?

ମୁଁ ବି ବୋକୀ ସେମିତି ପ୍ରେମ ନିବେଦନ ଚିଠିଟି କିପରି ଧରି ରଖିଛି ? ସତରେ ଚିଠିଟିକୁ କଅଣ ଚିରି ପାରୁଛି ନା ଫୋପାଡି ପାରୁଛି ?

ପର ବଡ ପାରାଟି ନିଶ୍ଚୟ ମୋର ଅନାହୂତ ସ୍ତୁତିଗାନ କରିଥିବ ଅରୁଣ ଉଦୟ । ହେଲା, କଅଣ ଲେଖିଛି ମୁଁ ତ ପଢିପାରୁନି । ନିଶ୍ଚୟ ମୋର ଶତ ପ୍ରଶଂସାରେ ପୋତି ପକାଇଥିବ ମୋତେ ! ମୋ ମୁହଁ, ମୋ ଚାଲି ଆଉ କେତେ କଅଣ ଲେଖିପକାଇଥିବ । ମୂଳରୁ ତ ମୋତେ ଦେଖିନି, ଜାଣିନି । କେତେ ଠାସୁକୁ ମାରି କେତେ କଅଣ ଲେଖି ନଥିବ ?

ମନରେ ଉତ୍ସୁକତା । ଟିକିଏ ପଢିପାରନ୍ତି କି !

କାଲିକୁ ଆଉ ଥରେ ଭଲ ଭାବରେ ଅର୍ଥ କରିବାର ନିର୍ଣ୍ଣୟ ନେଇଛି ମଲ୍ଲିକା । ଅଜଣା ଆନନ୍ଦରେ ନିଦ ଆସିଛି ତାକୁ ।

ଆଖି ବନ୍ଦ ହୋଇଗଲାଣି, ମନଟା ଚେଇଁଛି ତାର ।

ଦେଖୁଛି ମାଆ ଓଡିଶାରୁ ଚିକାଗୋ ଘରକୁ ଫେରି ଆସିଲାଣି । ସାଉଁଳି ପକାଉଛି ତାକୁ, ତା ମୁଣ୍ଡବାଳକୁ । କହୁଛି, 'ମୋ ବାୟାଣୀ ଝିଅଟାକୁ ଛାଡି କୋଉଠି ରହିଲେ ବି ମନଟା ଏଇଠି !''

ମାଆ ଆଉଁସି ଦେବା ବେଳକୁ ମଲ୍ଲିକା ମନରେ ଛନକା ପଶିଲା । କାଳେ ମାଆ ସେ ନୀଳ ଚିଠିର ଲାଲ ଗୋଲାପ ଦେଖି କଅଣ ଭାବିବ ତା ଝିଅକୁ ?

ମନ କରିଥିଲି କାହାକୁ ଦେଖାଇ ଚିଠିଟି ପଢାଇବି । ହେଲେ ସେମିତି ଅନ୍ତରଙ୍ଗ କିଏ ଅଛି ଏଠାରେ ? ବାପା ଜାଣନ୍ତି ଓଡିଆ । କିନ୍ତୁ ଏମିତି ଚିଠି ପୁଣି ବାପା ! ଚାରି ପାଞ୍ଚଜଣ ଓଡିଆ ସାଙ୍ଗ । ଝିଅମାନେ ସବୁ ମୋପରି । ଅଧା ଓଡିଆ ବୁଝନ୍ତି, ପଢିବା ଆଉ ଲେଖିବା ତ ଦୂରକଥା । ଗୋଟିଏ ପୁଅ ଅଛି ବିନୋଦ । ଛକି ବସିଥାଏ ମୋତେ ଦେଖିବାକୁ । ମୋତେ ଭଲ ଲାଗେନି ସେ ପିଲାଟା । ତାକୁ ମୋତେ ପଢାଇବିନି ।

କାହିଁକି କେଜାଣି ମୋତେ ଚିଠିଟିକୁ ଚିରି ଫିଙ୍ଗିବାକୁ ମନ ଯାଉନି ।

ମାଆ କହୁଛି, 'ଆଲୋ ମା, ଆସନ୍ତା ରବିବାର ଦିନ ଆମ ଘରକୁ କେତେଜଣ ଲୋକ ଓଡିଶାରୁ ଆସିବେ । ବିଭିନ୍ନ ସ୍ଥାନ ବୁଲିବା ଆଜି ଓଡିଶାରେ ଫେସନ ହୋଇଯାଇଛି । ପିଲାପିଲି ସବୁ ବାହାର ଦୁନିଆରୁ ପଇସା ରୋଜଗାର କରି ବାପା ମାଆଙ୍କ ପାଇଁ ବିଭିନ୍ନ ପର୍ଯ୍ୟଟନ ପ୍ୟାକେଜ୍ କରିଦେଉଛନ୍ତି । ତେଣୁ ଆଗକାଳର ବଙ୍ଗାଳୀଙ୍କ ପରି ଯେଉଁଠି ଦେଖିବ ଆମ ଓଡିଆ ବି ହାଉଯାଉ ।'

'କିନ୍ତୁ ଗୋଟିଏ ପିଲା ଆସିବ, ଜଗତସିଂହପୁରରୁ । ତୋର ଜଣା ବୋଲି ମୋତେ କହୁଥିଲା । କ'ଣ ତୁମ ଆମେରିକା କମ୍ପାନୀର ଭାରତ ଆଉ ଓଡିଶାରେ କର୍ମଚାରୀ ଅଛନ୍ତି କି? ସେ ସେଠାରେ ଗୋଟିଏ ଉଚ୍ଚ ପଦବୀରେ କାମକରେ ।'

କାନରେ ପଡୁ ପଡୁ ମଲ୍ଲିକା କହିବାକୁ ଆଗଭର ହୋଇଗଲା । ତାହାର ସେମିତି କେହି ଚିହ୍ନା ନାହାନ୍ତି ବୋଲି । କାଳେ ବୋଉ କହି ପକାଇବ, 'ସେ ପିଲା କେମିତି ତୋତେ ଜାଣିଲା ?'

କିନ୍ତୁ ବୋଉ ବିଶ୍ୱାସ କରିବାକୁ ନାରାଜ ।

କିଛି ସମୟ ପରେ ନିଜେ ଦେଖୁଛି ଜଣେ ସୁନ୍ଦର ଯୁବକ ବାଦାମୀ ପ୍ୟାଣ୍ଟ ଆଉ ଗୋଲାପୀ ସାର୍ଟ ପିନ୍ଧି ହସିହସି ତାଙ୍କ ଘର ଆଡକୁ ଆସୁଛନ୍ତି । ମୁହଁରେ ସ୍ମିତ ହସ ।

ମଲ୍ଲିକା ଦେଖୁଛି, ସେଇ ଚିଠି ଛବିର ମଣିଷ । ସେଇ ପୋଷାକ, ସେଇ ଠାଣି !ଏଇ କି ସେ ଗୁଡି ଉଡା ଅରୁଣ ଉଦୟ !

କିନ୍ତୁ ବଲବଲ କରି ଅନାଇଛି ମଲ୍ଲିକା । କିଏ ଏ ଆଗନ୍ତୁକ । ଆମ ଘରେ ପଶିବାର କି ଅଧିକାର ? ବାପା, ଭାଇ ଆଉ ମା ସମସ୍ତେ ଡ୍ରଇଂ ରୁମ୍ ଭିତର କବାଟ ଫାଙ୍କରୁ ଅନାଇଛନ୍ତି । କେହି ପାଟି ଖୋଲୁନାହାନ୍ତି ଆଗନ୍ତୁକଙ୍କୁ କିଛି କହିବାକୁ ।

ମଲ୍ଲିକା ମନରେ ଦ୍ୱନ୍ଦ୍ୱ । ସତରେ କଅଣ ଆଗନ୍ତୁକ କିଛି ସଲାସୁତରା କରି ମୋ ବାପାମା ଆଉ ଭାଇର ଜଣା, ଅଥଚ ମୋ ପାଖରେ ନୂଆ । ଆଗନ୍ତୁକ ଆସି ଡ୍ରଇଂ ରୁମ୍ ସୋଫା ଉପରେ ବସିଗଲେଣି ।

ଡାକୁଛନ୍ତି, "ମଲ୍ଲିକା ମାଡାମ୍, ନମସ୍କାର । ଆସନ୍ତୁ ମୋ ସାମନାରେ ବସନ୍ତୁ ।"

ମୁହଁରେ କିଛି ବି ଛଳ କି କପଟର ଭାବ ଦେଖା ଯାଉନି । ସ୍ମିତ ହସ ସହିତ ତାଙ୍କ ଦାନ୍ତ ଗୁଡିକ ବେଶ୍ ଆକର୍ଷଣୀୟ । ଆଖିର ପତା ତାଙ୍କର କଥା ତାଳରେ ଚାଲିଛି । ସୁନ୍ଦର ଓଡିଆ କହୁଛନ୍ତି । ସତରେ ଏଇ ହିଁ ଅରୁଣ ଉଦୟ !

ମଲ୍ଲିକା ନିଜକୁ ଓଡିଆ ବାପାମାଆଙ୍କ ସନ୍ତାନ ଭାବିଲେ ବି ତାର ଓଡିଆ ପ୍ରତି ଏତେ ଆସକ୍ତି ନାହିଁ । କିନ୍ତୁ କୌଣସି କାରଣରୁ ଏହି ହୃଦୟରୁ ତା ବାହାରୁଥିବା ଭାଷାପ୍ରତି ଶ୍ରଦ୍ଧା ଅଛି । ଯେ କେହି ସୁନ୍ଦର ସରଳ ବୁଝିବା ଭାଷାରେ କହିଲେ ତାକୁ ଶାନ୍ତିଲାଗେ । କେତେ ଭାଷା ତ ସିଏ ଜାଣିଛି, କିନ୍ତୁ ଲାଗେ ସବୁ ଗୁଡିକ ତାର ମନର କହିବା ପଦ୍ଧତିରେ ପ୍ରଥମେ ଓଡିଆ ହୁଏ, ତା ପରେ ଇଂରାଜୀ ବା ଫ୍ରେଞ୍ଚ୍ ହୁଏ । କୌଣସି କାରଣରୁ ସିଏ ଓଡିଆ ସିନା ପଢିନି, ଆଦୌ ଅକ୍ଷର ସହିତ ପରିଚିତ ହୋଇନି । କିନ୍ତୁ ମନର ନିଭୃତ କୋଣରେ ଓଡିଆ ଭାଷା ପାଇଁ ଆକର୍ଷଣ ରହିଛି । ସେଥିପାଇଁ ଆଜି ଆଗନ୍ତୁକଙ୍କର ସୁନ୍ଦର ଓଡିଆ ଶୁଣି ସେ ଖୁସି ହେଉଛି ।

"ଆପଣ ଗୋଟିଏ ଚିଠି ପାଇଛନ୍ତି କି ?" ପଚାରନ୍ତି ଆଗନ୍ତୁକ ।

ଘର ଭିତର କବାଟ ଆଡକୁ ମୁହଁ ବୁଲାଇ ମଲ୍ଲିକା ଦେଖୁଛି, ଘରୁ ସମସ୍ତେ ହସି ହସି ଅନାଇଛନ୍ତି ତାଙ୍କ ଝିଅ କଅଣ କହିବ । ଆଗନ୍ତୁକଙ୍କ ଆଡକୁ ମୁହଁ ବୁଲାଇ ମଲ୍ଲିକା ଉତ୍ତର ଦେଲା, "ଆପଣ କଅଣ ସେଇ ଚିଠିଟି ଦେଇଛନ୍ତି ?"

ନିରବ ରହିଲେ ଆଗନ୍ତୁକ । କୌତୁକରେ ଅନାଇଛନ୍ତି ମଲ୍ଲିକାକୁ । ଆଉ ଦି ଚାରିଟା ପ୍ରଶ୍ନକୁ ଅପେକ୍ଷା କରିଛନ୍ତି ଶୁଣିବାକୁ ।

"ଆପଣ କଅଣ ସୁନ୍ଦର ଚିତ୍ର କରନ୍ତି ଆଉ ଆପଣଙ୍କର ହ୍ୟାଣ୍ଡ ରାଇଟିଂ ଖୁବ୍ ସୁନ୍ଦର ?"

ମଲ୍ଲିକା ଦେଖିଲା ଆଗନ୍ତୁକ ବାପାମାଆଙ୍କ ଆଡକୁ ଅନାଇଁ ହସୁଛନ୍ତି । ମନରେ ଟିକିଏ ଗର୍ବ ନାହିଁ ନିଜ ପ୍ରଶଂସା ଶୁଣି ।

ମୁହଁ ବୁଲାଇ ମଲ୍ଲିକାକୁ ପଚାରିଲେ, " ଆପଣ ଚିଠିଟି ପଢି କଅଣ ନିଜର ମତ ରଖିଛନ୍ତି ?"

ନିଦରୁ ଚିହିଁକି ଉଠିଲା ମଲ୍ଲିକା । ସିଏ ବେଡ୍‌ରେ ଶୋଇଛି । କେହି କୁଆଡେ ନାହାନ୍ତି ।

ସମୟ ହେଲାଣି ଭୋର ୪ଟା ବାଜି ୩୦ ମିନିଟ୍ ।

କୌତୂହଳ ତାର ବଢିବାକୁ ଲାଗିଲା । ସ୍ୱପ୍ନ ବି ଅନେକ ସମୟରେ ସତ ହୁଏ । ଆଶାୟୀ ହୋଇ ପଡିଲା ମଲ୍ଲିକା । ଜୀବନର ସବୁଜ ଭବିଷ୍ୟତରେ ପାଦ ଦେଇ କେତେ ସ୍ୱପ୍ନର ଲହରି ସ୍ପର୍ଶରେ ଆସିଲା ।

ହେଲେ ଚିଠିଟିରେ କଅଣ ରହିଛି, ତାକୁ ରହସ୍ୟଜନକ ମନେହେଲା । କେହି ଜଣେ ନାହିଁ ଯିଏ ପଢି ଗୋପନ କଥା କହିବ ! ସତରେ କଅଣ ସେଇ ଅରୁଣ ଉଦୟ ନିଜେ ପଢି ଶୁଣାଇବେ ଭବିଷ୍ୟତରେ ! ଗୁମର ହୋଇଗଲା ଚିଠିଟି । ନା ପଢି ପାରୁଛି ନା ପଢାଇ ପାରୁଛି ।

ମାଆ ବହୁବାର ବୁଝାଇ ତା ପାଇଁ ଅନେକ ଦିନ ତଳୁ ଶିଖିବାକୁ ଦେଇଥିବା ବର୍ଣ୍ଣବୋଧ ବହିଟିକୁ କେଉଁଠି ରଖିଦେଇଛି, ମନେ ପକାଇବାକୁ ଚେଷ୍ଟା କଲା ।

ସମାରୋହ, ୧୨୮, ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର – ୩୦
ମୋବାଇଲ୍ - ୯୪୩୮୦୦୭୫୦୯

✠✠✠

# ଓଡ଼ିଆ ସାହିତ୍ୟରେ ଆଦର୍ଶ ନାରୀ ଚରିତ୍ର - ଶ୍ରୀୟା

ଡ. ମଞ୍ଜୁଳା ମହାନ୍ତି

ବୈଦିକ ଯୁଗରୁ ମହାଲକ୍ଷ୍ମୀଙ୍କର ପୂଜା ଆରାଧନା ଭାରତରେ ପ୍ରଚଳିତ ହୋଇଆସୁଥିଲେ ମଧ୍ୟ ପୁରୁଷକୈନ୍ଦ୍ରିକ ସମାଜରେ ମହାଲକ୍ଷ୍ମୀଙ୍କର ପ୍ରତିଷ୍ଠା ଓ ପ୍ରଭାବ ବିଶେଷ ପରିଲକ୍ଷିତ ହୁଏ ନାହିଁ । ଓଡ଼ିଆ ସଂସ୍କୃତି ଓ ସମାଜରେ ମହଲକ୍ଷ୍ମୀ ଅର୍ଥ ଓ ସମୃଦ୍ଧିର ଦେବୀ ଭାବେ ପୂଜିତା ହୋଇଆସୁଥିଲେ ମଧ୍ୟ ଷୋଡ଼ଶ ଶତାବ୍ଦୀର ବିଶିଷ୍ଟ କବି ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ରଚନା ହେବା ଦ୍ୱାରା ମା' ଲକ୍ଷ୍ମୀଙ୍କର ପ୍ରଭାବ ଓ ପ୍ରତିଷ୍ଠା ବୃଦ୍ଧି ପାଇଥିଲା ।

'ଲକ୍ଷ୍ମୀପୁରାଣ' ରଚନା କରିବା ପଛରେ କବି ବଳରାମ ଦାସଙ୍କର ଦୁଇଟି ମହାନ୍ ଉଦ୍ଦେଶ୍ୟ ନିହିତ । ପ୍ରଥମତଃ ନାରୀ ଓ ପୁରୁଷ ମଧ୍ୟରେ ସମତା ଓ ଦ୍ୱିତୀୟରେ ଅସ୍ପୃଶ୍ୟତା ଦୂରୀକରଣ ଏବଂ ସାର୍ବଜନୀନ ଏକ ମୈତ୍ରୀମୟ ସମାଜ ଗଠନ । କବି ବଳାରାମ ଦାସ ଜାତୀୟ ଜୀବନର ଜଣେ ଯଥାର୍ଥ ରୂପକାର । ଷୋଡ଼ଶ ଶତକର ସାମାଜିକ ବୈଷମ୍ୟ, ରାଜନୈତିକ ଅସ୍ଥିରତା ମଧ୍ୟରେ ସର୍ବଦାସ ଜଗନ୍ନାଥ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତଙ୍କ ପରି ଯେଉଁ କେତେଜଣ କ୍ରାନ୍ତିକାରୀ ସ୍ରଷ୍ଟା ଏ ଜାତି ଓ ଜନତାଙ୍କୁ ଦିଗଦର୍ଶନ ଦେଇଯାଇଛନ୍ତି, ତନ୍ମଧ୍ୟରେ କବି ବଳରାମ ଦାସ ଅଗ୍ରଗଣ୍ୟ । ଦୀର୍ଘ ଚାରିଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହା ଓଡ଼ିଶାର ସାମାଜିକ ଜୀବନକୁ ପ୍ରଭାବିତ କରିଆସିଛି । ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଲକ୍ଷ୍ମୀ ଭକ୍ତର ଗଙ୍ଗୋତ୍ରୀ ଏ ଗ୍ରନ୍ଥ ପୁଣି ସିଦ୍ଧିଦାତ୍ରୀ ଓ ମଙ୍ଗଳକାରୀ । ଏହା କେବଳ ଏକ ଧର୍ମଶାସ୍ତ୍ର ନୁହେଁ, ଏହା ଏ ଯୁଗର ଶ୍ରେଷ୍ଠ ଅର୍ଥଶାସ୍ତ୍ର ଓ ଅନନ୍ୟ ଆଚାର ସଂହିତା ।

ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'ରେ ଶ୍ରୀୟା ଏକ ଅନନ୍ୟ ଅନୁପମ ଚରିତ୍ର । ଶ୍ରୀୟା କବିଙ୍କର ମାନସ ସନ୍ତାନ । ଜାତିରେ ଚଣ୍ଡାଳୁଣୀ, ଆଚାରରେ ସମାଜର ଶ୍ରେଷ୍ଠ ଜାତି ବ୍ରାହ୍ମଣଠାରୁ ମଧ୍ୟ ଅଧିକ ଶୁଚିନିଷ୍ଠ, ପବିତ୍ର, ସଦାଚାରୀ, ଭକ୍ତି ଓ ଶ୍ରଦ୍ଧାଯୁକ୍ତ । ଲକ୍ଷ୍ମୀପୁରାଣର ଏହି ମହନୀୟ ଚରିତ୍ର ସଂପର୍କରେ ପରିଚୟ ଦେବାକୁ ଯାଇ କବି ବଳରାମ ଦାସ କହିଛନ୍ତି-

"ଶ୍ରୀୟା ଚାଣ୍ଡାଳୁଣୀ ନଗ୍ର ବାହାରେ ତା ଘର ।
ତାହାର ମହିମା ଯେ ଦେବଙ୍କୁ ଅଗୋଚର ।।
ପ୍ରତିଦିନ ଖରକଇ ଗୁଣ୍ଡିଚା ନଗର ।
ବିଷ୍ଣୁ ଭକତିରେ ସେ ଯେ ଅତି ତତ୍ପର ।।

ଶ୍ରୀୟା ଚାଣ୍ଡାଳୁଣୀର ଶିକ୍ଷାଦୀକ୍ଷା ନଥିଲା ମାତ୍ର ତା ପାଖରେ ପ୍ରତିଭା, ବୁଦ୍ଧିମତା, କୌଶଳ ଏବଂ ନିଷ୍ଠା ଥିଲା । ଧନ ଆୟର ପ୍ରଧାନ ଶତ୍ରୁ ଆଳସ୍ୟ ବିଳାସ । ତା ପାଖରେ ନଥିଲା ଆଳସ୍ୟ ଅଲକ୍ଷ୍ମୀଙ୍କର ସ୍ୱରୂପ । ଶ୍ରୀୟା ଚାଣ୍ଡାଳୁଣୀର ସ୍ୱବୃତ୍ତି ବା କୌଳିକ ବୃତ୍ତି ଥିଲା ପ୍ରତିଦିନ ଗୁଣ୍ଡିଚା ନଗର ଝାଡୁଦ୍ୱାରା ପରିଷ୍କାର କରିବା । ଏହାଛଡ଼ା ଘର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ପାଇଁ ସେ ଗାଈଗୋରୁ ପାଳନ କରୁଥିଲା । ଗାଈ ଗୋବରରେ ଘରଦ୍ୱାର ଲିପି ଘରକୁ ପରିଷ୍କାର ରଖୁଥିଲା ।

ମାର୍ଗଶିର ମାସଟି ମାସମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ସ୍ୱୟଂ ପରଂବ୍ରହ୍ମ ଶ୍ରୀକୃଷ୍ଣ ଭଗବତ୍‌ଗୀତାରେ କହିଛନ୍ତି । ଏଇ ମାସରେ ଧନ ସଂପଦ ଐଶ୍ୱର୍ଯ୍ୟ ସୌଭାଗ୍ୟର ଦେବୀ ମହାଲକ୍ଷ୍ମୀଙ୍କର ବିଶେଷ ଆରାଧନା ହୁଏ । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ଏହି ମାସରେ କୃଷକ ତାର ଖଳାରେ ଅମଳ କରି ରଖେ ବର୍ଷସାରା କରିଥିବା ଶ୍ରମର ଫଳ-ଧାନ । କୃତଜ୍ଞତା ସ୍ୱରୂପ ମା' ମହାଲକ୍ଷ୍ମୀଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରି ସେ ନିଜକୁ ଧନ୍ୟ ମନେକରେ । ମହାଲକ୍ଷ୍ମୀ ସନ୍ତୁଷ୍ଟ ହୁଅନ୍ତି ସଦାଚାର, ଶୁଚିତା, ଶ୍ରଦ୍ଧା, ନିରଳସ, କର୍ମଦ୍ୟୋତନାରେ । ମାର୍ଗଶିର ମାସର ପବିତ୍ର ବୃହସ୍ପତି ବାରର ପ୍ରାତଃକାଳରେ ମା' ମହାଲକ୍ଷ୍ମୀ ସ୍ୱାମୀ ମହାବିଷ୍ଣୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞା ନେଇ ନିଜେ ଯାଆନ୍ତି ନଗ୍ର ବୁଲି ଭକ୍ତମାନଙ୍କୁ ଅକୁଣ୍ଠ ଆଶୀର୍ବାଦ ପ୍ରଦାନ କରିବାକୁ । ମାର୍ଗଶିର ମାସ ଗୁରୁବାର ଦିନ ମହାଲକ୍ଷ୍ମୀ ସମାଜର କୁଳୀନ ଏବଂ ଉଚ୍ଚବର୍ଗର ଗୃହିଣୀମାନଙ୍କୁ ଶଯ୍ୟାରେ ଶୋଇ ରହିବାର ଦେଖି ହତାଶ ହୋଇଛନ୍ତି । କବି ଲକ୍ଷ୍ମୀପୁରାଣରେ ଏହି କଥାକୁ  ପରିବେଷଣ କରି କହିଛନ୍ତି-

"ଘରେ ଘରେ ପୁରେ ପୁରେ ଲକ୍ଷ୍ମୀ ବିଜେ କଲେ
କାହାରି ଦୁଆର ସେହି ଶୁଚି ନ ଦେଖିଲେ
କେବଣ ଯୁବତୀ ନିଦେ ହୋଇ ଅଚେତନ
କାହାରି ଫିଟିଯାଇଛି ପିନ୍ଧିଲା ବସନ
କାହାର ଶିରରେ କେଶ ମୁକୁଳିତ ହୋଇ

ଭୂମି ପରେ ପଡ଼ିଅଛି କେରି କେରି ହୋଇ
ଏହି ରୂପେ ମହାଲକ୍ଷ୍ମୀ ଦେଖି କରିଗଲେ
ଚଣ୍ଡାଳ ସାହିରେ ଯାଇ ପ୍ରବେଶ ହୋଇଲେ ।।"

ଉଚ୍ଚ କୁଳରେ ଜନ୍ମ ହେଲେ ମଣିଷ ଉଚ୍ଚ ହୁଏନାହିଁ । ଉଚ୍ଚ ବା ମହାନ୍ ହୁଏ ତାର ମହତ୍‌କର୍ମ, ଉଚ୍ଚଆକାଂକ୍ଷା ସଦ୍‌ଭାବନା ଏବଂ ସକରାତ୍ମକ ଚିନ୍ତାଧାରା ଦ୍ୱାରା । ଚଣ୍ଡାଳ କୁଳରେ ଜନ୍ମ ହେଲେ ମଧ୍ୟ ଶ୍ରୀୟାଠାରେ ଉପରୋକ୍ତ ସଦ୍‌ଗୁଣ ଥିଲା । ଭବିଷ୍ୟ ପୁରାଣ ଉତ୍ତର ଖଣ୍ଡରେ କୁହାଯାଇଛି-

"ଆଚାର ଏକ ଧର୍ମସ୍ୟ ମୂଳଂ ରାଜନ୍ କୁଳସ୍ୟ ଚ
ଆଚରାଦ୍ ବିଚ୍ୟୁତ୍ ଜନ୍ତୁନ କୁଳୀନୋ ନ ଧାର୍ମିକ ।।"

ସର୍ବଦା ଆଚାର ହେଉଛି କୁଳର ମୂଳମନ୍ତ୍ର । ଆଚାରହୀନ ବ୍ୟକ୍ତି କୁଳୀନ ନୁହେଁ କି ଧାର୍ମିକ ନୁହେଁ । ଆଚାର ପ୍ରତ୍ୟେକ କୁଳବଧୂ ପାଇଁ ଧର୍ମ, ଅର୍ଥ, କାମ ତ୍ରିବର୍ଗପ୍ରଦ । ଶ୍ରୀୟା ଚଣ୍ଡାଳୁଣୀ ଚଣ୍ଡାଳ ବଂଶରେ ଜନ୍ମହେଲେ ଆଚାରରେ ଅର୍ଥାତ୍ ଆଚରଣରେ ବ୍ରାହ୍ମଣଙ୍କ ଠାରୁ ମଧ୍ୟ ଅଧିକ ନିଷ୍ଠାପର । ତା'ର ଜୀବନ ଓ ଅଧ୍ୟାତ୍ମିକ ଚିନ୍ତନ ଶ୍ରଦ୍ଧା ଓ ଭକ୍ତି ଉପରେ ପର୍ଯ୍ୟବେସିତ ଥିଲା । ତେଣୁ ମହାଲକ୍ଷ୍ମୀଙ୍କର ଆରାଧନା ପାଇଁ ସେ ରାତ୍ର ଦୁଇଘଡ଼ିରୁ ଶଯ୍ୟା ତ୍ୟାଗ କରି ଏକବର୍ଣ୍ଣୀ ଗାଈର ଗୋବରରେ ତା'ର ଭଙ୍ଗା କୁଡ଼ିଆର ଦ୍ୱାରଦେଶକୁ ପରିଷ୍କାର କଲା । ଛଡ଼ା ପାଣି ମୁନ୍ଦିଏ ପକାଇଲା । ହିନ୍ଦୁ ସଂସ୍କୃତିରେ ଗୋବର ଓ ଗୋମୂତ୍ର ଠାରୁ ପବିତ୍ର ଓ ଅଧିକ ବିଶୋଧକ କିଛି ନାହିଁ । ସ୍ନାନ ଶୌଚକର୍ମ ସାରି ଦ୍ୱାର ମୁହଁରେ ଚାଉଳ ଚୂନାରେ ଆଙ୍କିଲା ପଦ୍ମଫୁଲ, ଆଙ୍କିଲା ମା ମହାଲକ୍ଷ୍ମୀଙ୍କର ବରଦ ପାଦପଦ୍ମ । ପୋଖରୀରୁ ତୋଳି ଆଣିଲା ସୁନ୍ଦର ସତେଜ ପଦ୍ମଫୁଲରୁ ଗୁଡ଼ିଏ । ପଦ୍ମାଳୟା ମହାଲକ୍ଷ୍ମୀଙ୍କର ପାଦପଦ୍ମରେ ପୁଷ୍ପାଞ୍ଜଳି ଦେଲା । ଗୋ'ଘୃତ ଜାଳିଲା ଦୀପ । ପରିବେଶକୁ ଆମୋଦିତ କଲା ଧୂପ ଓ ଝୁଣାର ଭୁରୁଭୁରୁ ଗନ୍ଧରେ । ନିଜର ସମସ୍ତ ବିନିମ୍ରତାର ସହିତ ଆଖିଲୁହରେ ନିରାଜନା କଲା ମା ମହାଲକ୍ଷ୍ମୀଙ୍କୁ ।

"ନମସ୍ତେ ନମସ୍ତେ ମାଗୋ ହରିଙ୍କ ଘରଣୀ ।
ମୁହିଁ ଛାର ହୀନ ଜାତି ନ ଜାଣଇ ପୁଣି ।।
ଚଣ୍ଡାଳ ସାହିରେ ଘର ପୁଣି ଚଣ୍ଡାଳୁଣୀ ।
କିଞ୍ଚିତେ ଭକତି ମୋର ଘେନ କମଳିନୀ ।।"

ଶ୍ରୀୟାର ଭକ୍ତି, ଅନାବିଳ ଶ୍ରଦ୍ଧା ଶ୍ରୀମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ମହାଲକ୍ଷ୍ମୀଙ୍କୁ ଟାଣି ଆଣିଛି ଚଣ୍ଡାଳସାହିକୁ । ମା' ପହଞ୍ଚିଯାଇଛନ୍ତି ଶ୍ରୀୟାର ଭଙ୍ଗାକୁଡ଼ିଆ ଦ୍ୱାରରେ । ଐଶ୍ୱର୍ଯ୍ୟ ଶୋଭା ସଂପଦର ଦେବୀଙ୍କର ଉପସ୍ଥିତିରେ ଶ୍ରୀୟାର ଭଙ୍ଗାକୁଡ଼ିଆ ଝଲମଲ କରି ଉଠିଛି ଅନନ୍ୟ ସୌନ୍ଦର୍ଯ୍ୟରେ । ମା ଯାଚନା କରିଛନ୍ତି ବର । ଶ୍ରୀୟା ବିନୟରେ କହିଛି ତା'ର ଶିକ୍ଷା ନାହିଁ ଦୀକ୍ଷା ନାହିଁ । ତାକୁ ବର ମାଗିବାର କୌଶଳ ମଧ୍ୟ ଜଣାନାହିଁ । ଦୟିନୀ କରି କହନ୍ତି-

"ଚଣ୍ଡାଳୁଣୀ କହୁଅଛି ଶିରେ କରଦେଇ
କି ବର ମାଗିବି ମାଗୋ ମାଗି ନ ଜାଣଇ
ଗୋ ଗୋଷ୍ଠକୁ ଦେବୁ ମୋର ଲକ୍ଷେ ପଦ୍ମଗାଈ
କୁବେର ସମାନ ଧନ ଦେବୁ ମାତା ତୁହି
କୋଳକୁ ନନ୍ଦନ ଯେ ହସ୍ତକୁ ସୁନାବାହି
ଚାରିଯୁଗେ ବସିବି ଅମର ବର ପାଇ ।"

ମହାଲକ୍ଷ୍ମୀ କେବଳ ଧନଦା ନୁହନ୍ତି ବରଦା ମଧ୍ୟ । ଅମର ବର ଛାଡ଼ି ମା' ଲକ୍ଷ୍ମୀ ଶ୍ରୀୟାକୁ ଯେଉଁ ବର ଦେଲେ ତାହା ଅମର ବରଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ ।

"ଯେତେ ଦିନ ଜୀଇଥିବୁ ଐଶ୍ୱର୍ଯ୍ୟ ଭୁଞ୍ଜିବୁ ।
ଅନ୍ତକାଳେ ଯାଇ ବିଷ୍ଣୁ ପଂଜରେ ପଶିବୁ ।।"

ଶ୍ରୀୟା ଉଚ୍ଚ ବଂଶରେ ଜନ୍ମ ନେଇଥିବା କୁଳୀନା ନାରୀ ନୁହେଁ । ଐଶ୍ୱର୍ଯ୍ୟର ଦେବୀ ବିଷ୍ଣୁ ପାଟରାଣୀ ମହାଲକ୍ଷ୍ମୀଙ୍କୁ ଆରାଧନା କରିବା ପାଇଁ ତା' ନିକଟରେ ମହାର୍ଘ ସାଧନ ନାହିଁ । କିନ୍ତୁ ମହାଲକ୍ଷ୍ମୀ ସନ୍ତୁଷ୍ଟ ହୁଅନ୍ତି ଶ୍ରଦ୍ଧାରେ ଭକ୍ତିରେ । ଶ୍ରୀୟାର ଭକ୍ତ ଅନନ୍ୟ ଅସାଧାରଣ । ତେଣୁ ଏହିଭଳି ଏକ ଚରିତ୍ରକୁ ନେଇ କବି ବଳରାମ ଦାସ ତତ୍କାଳୀନ ରକ୍ଷଣଶୀଳ ବ୍ରାହ୍ମଣ ଆଧିପତ୍ୟ ସମାଜରେ କିଛି ପରିବର୍ତ୍ତନ ଆଣିବାର ପ୍ରୟାସ କରିଛନ୍ତି । ବୈଶ୍ୟ, ଶୂଦ୍ର ଆଦି ନୀଚ ଜାତି ବୋଲାଉଥିବା ବ୍ୟକ୍ତି ବିଶେଷଙ୍କର, ନାରୀମାନଙ୍କର ଦେବତା ପୂଜାରେ ଅଧିକାର ଅଛି ସାବ୍ୟସ୍ତ କରିଛନ୍ତି ।

"ଲକ୍ଷ୍ମୀପୁରାଣ'ରେ କବି ବଳରାମ ଦାସ ମା ମହାଲକ୍ଷ୍ମୀଙ୍କୁ ନେଇଆସିଛନ୍ତି ଏକ ବିପ୍ଳବିନୀ ଚରିତ୍ର ରୂପେ । ତତ୍କାଳୀନ ରକ୍ଷଣଶୀଳ ସଂସ୍କୃତ ପଣ୍ଡିତମାନଙ୍କର ଧର୍ମାଚାର ବିରୁଦ୍ଧରେ ମହାଲକ୍ଷ୍ମୀଙ୍କ ମାଧ୍ୟମରେ କବି ବଳରାମ ଦାସ ବଳିଷ୍ଠ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି । ଶ୍ରୀୟାକୁ ଅନୁଗୃହୀତ କରି ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କଲାପରେ ତତ୍କାଳୀନ ରକ୍ଷଣଶୀଳ ସମାଜର ପ୍ରତିନିଧିତ୍ୱ କରୁଥିବା ପ୍ରଭୁ ବଳରାମ ନିଜର ଅନୁଜ ଜଗନ୍ନାଥଙ୍କୁ ତାଙ୍କର ପତ୍ନୀ ଲକ୍ଷ୍ମୀଙ୍କର ଅନାଚାର ବିରୁଦ୍ଧରେ ସତର୍କ କରାଇ କହିଛନ୍ତି-

"ହାଡ଼ି ଘରେ ଥିବ ଲକ୍ଷ୍ମୀ ପାଣ ଘରେ ଥିବ
ସ୍ନାନ ନ କରିଣ ବଡ଼ ଦେଉଳେ ପଶିବ ।।
ଏହିପରି ସବୁଦିନେ ଦେଉଳେ ପଶୁଚି
ଦୁଇଗୋଟି ଭାଇଙ୍କୁ ବିଟାଳ କରାଉଛି ।।

... ... .... .... ....

ଭାରିଜାରେ କାର୍ଯ୍ୟ ଯେବେ ଅଛିରେ କହ୍ନାଇ
ଚଣ୍ଡାଳ ସାହିରେ ନଗ୍ର ବେଗେ ତୋଳ ଯାଇ ।।"

ଶ୍ରୀଜଗନ୍ନାଥ ନିରୁପାୟ, ଏକ ଦିଗରେ ବଡ଼ଭାଇଙ୍କ ପ୍ରତି ନିଷ୍ଠା, ତାଙ୍କର ତାତ୍ସଲ୍ୟ, ଅପର ଦିଗରେ ପତ୍ନୀଙ୍କ ପ୍ରତି ଅକୁଣ୍ଠ ପ୍ରେମ । ତଥାପି ପୁରୁଷକୈନ୍ଦ୍ରିକ ସମାଜରେ ପୁରୁଷର ଅହଂ ନିକଟରେ ନାରୀର ଅବଦାନ

ମୂଲ୍ୟହୀନ ହୋଇପଡ଼ିଲା । ମହାଲକ୍ଷ୍ମୀଙ୍କୁ ଶ୍ରୀମନ୍ଦିରରୁ ବାହାରିଯିବାକୁ ନିର୍ଦ୍ଦେଶ ଦେଲେ ଜଗନ୍ନାଥ । ଶ୍ରୀଜଗନ୍ନାଥ ନିଜେ ଭକ୍ତବତ୍ସଳ, ଭାବଗ୍ରାହୀ ହୋଇ ଅନେକ ଭକ୍ତଙ୍କୁ କୃତାର୍ଥ କରିଛନ୍ତି, ଶବରୀର ଅଇଁଠା କୋଳି ଖାଇଛନ୍ତି । ଜାତିରେ ଗୋଳକ ସିପୁଟି ନାମକ ଭକ୍ତ ଘରେ ଅନ୍ନ ଖାଇଛନ୍ତି । ଜାରା ଶବରର ସେବାପୂଜାକୁ ଗ୍ରହଣ କରିଛନ୍ତି । ମହାଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କୁ ତାଙ୍କର ଦୋଷଗୁଣ କହି ନିଜକୁ ନିର୍ଦ୍ଦୋଷୀ ସାବ୍ୟସ୍ତ କଲେ ମଧ୍ୟ ଶ୍ରୀଜଗନ୍ନାଥ ଶୁଣିନାହାନ୍ତି । ମହାଲକ୍ଷ୍ମୀ ଅଭିମାନରେ ତ୍ୟାଗ କରିଛନ୍ତି ଶ୍ରୀମନ୍ଦିର । ମାତ୍ର ଯିବାପୂର୍ବରୁ ଶ୍ରୀଜଗନ୍ନାଥ ବଳରାମଙ୍କୁ ଅଭିଶାପ ଦେଇଯାଇଛନ୍ତି ।

"ମୁହିଁ ଯାଉଅଛି ହୀନ ଅରକ୍ଷିତା ହୋଇ
ମୋର ଅଭିଶାପ ଘେନ ପ୍ରଭୁ ଭାବଗ୍ରାହୀ
ବାରବର୍ଷ ଯାଏ ତୁମେ ଦରିଦ୍ର ହୋଇବ
ଅନ୍ନବସ୍ତ୍ର ଜଳ ଯେ ତୁମ୍ଭକୁ ନ ମିଳିବ
ଯେବେ ମୁହିଁ ଚଣ୍ଡାଳୁଣୀ ଟେକିଦେବି ଅନ୍ନ
ଭୋଜନ କରିବ ଯାଇ କାଳୀୟ ଗଞ୍ଜନ ।।"

ଲକ୍ଷ୍ମୀଙ୍କ ଅଭିଶାପରେ ବାରବର୍ଷ କାଳ ଜଗନ୍ନାଥ ବଳରାମ ଅନ୍ନଜଳର କଷ୍ଟ ଭୋଗକରି ଶତ ଲାଞ୍ଛନା, ଅପମାନପାଇ ପହଞ୍ଚିଛନ୍ତି ମହାଲକ୍ଷ୍ମୀଙ୍କ ଦ୍ୱାରରେ । ଦାସୀମାନଙ୍କ ଠାରୁ ଏହା ଏକ ଚଣ୍ଡାଳୁଣୀର ଘର ବୋଲି ଜାଣିବା ପରେ ମଧ୍ୟ ଦୁହେଁ ଭୋଜନ କରିବା ପାଇଁ ପ୍ରସ୍ତୁତ ହୋଇଯାଇଛନ୍ତି । ମହାଲକ୍ଷ୍ମୀଙ୍କ ଅନ୍ନଦାନରେ ହିଁ ସେ କ୍ଷୁଧା ପରମ ତୃପ୍ତିରେ ରୂପାନ୍ତରିତ ହୋଇଯାଇଛନ୍ତି । "ଅନ୍ନଦାନ ମହାପୁଣ୍ୟ" । ଦୟା ଓ କରୁଣା ହିଁ ନାରୀର ପ୍ରଥମ ଓ ଚରମ ପରିଚୟ । ମହାଲକ୍ଷ୍ମୀଙ୍କ ଅଭିମାନ ଶ୍ରୀଜଗନ୍ନାଥ ଓ ବଳରାମଙ୍କ କ୍ଷୁଧାକୁ ଦେଖି ଏକ ମମତାମୟୀ ବାତ୍ସଲ୍ୟରେ ରୂପାନ୍ତରିତ ହୋଇଯାଇଛି । ବଳରାମ ଅନୁତାପର ଜ୍ୱାଳାରେ ଜର୍ଜରିତ ହୋଇ ଶ୍ରୀଜଗନ୍ନାଥଙ୍କୁ ପ୍ରରୋଚିତ କରିଛନ୍ତି ଲକ୍ଷ୍ମୀଙ୍କ ଠାରେ କ୍ଷମାପ୍ରାର୍ଥନା କରି ଶ୍ରୀମନ୍ଦିରକୁ ଫେରାଇ ନେବା ପାଇଁ ।

"ବଳରାମ ବୋଲୁଛନ୍ତି ବାବୁ ଚକ୍ରଧର
ତୁମେ ଯାଇ ହସ୍ତଧର ମହାଲକ୍ଷ୍ମୀଙ୍କର
ଆମ୍ଭେ ଦୋଷ କଲୁ ବୋଲି କହ ତାଙ୍କୁ ଯାଇ
ଯହିଁ ଇଚ୍ଛା ତହିଁ ଯାଅ ଆମ ମନା ନାହିଁ ।।"

ମାତ୍ର ଲକ୍ଷ୍ମୀଙ୍କର ଦୁର୍ଜୟ ଅଭିମାନ ଶ୍ରୀଜଗନ୍ନାଥଙ୍କର ଏ ଚାଟୁକଥାରେ ତରଳି ଯାଇନାହିଁ । ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ ପୂର୍ବରୁ ଜଗନ୍ନାଥଙ୍କ ନିକଟରେ ଦୁଇଟି ସର୍ତ୍ତ ରଖିଛନ୍ତି-

"ଚଣ୍ଡାଳ ବ୍ରାହ୍ମଣ ଯାଏ ଖୁଆଖୋଇ ହେବେ
ସମସ୍ତେ ଖାଇଣ ହସ୍ତ ଜଳେ ନଧୋଇବେ
ହାଡ଼ିର ହସ୍ତୁ ବ୍ରାହ୍ମଣ ଛଡ଼ାଇ ଖାଇବେ
ବ୍ରାହ୍ମଣ ଖାଇ ହସ୍ତକୁ ମୁଣ୍ଡରେ ପୋଛିବେ
ଅନ୍ନ ଖାଇ ସର୍ବେ ମୁଣ୍ଡେ ପୋଛୁଥିବେ ହସ୍ତ
ତେବେ ବଡ଼ଦେଉଳକୁ ଯିବି ଜଗନ୍ନାଥ ।।"

ଏଇଠି ଭାଙ୍ଗିପଡ଼ିଛି ଜାତିପ୍ରଥାର ଦୁର୍ଭେଦ୍ୟ ପ୍ରାଚୀର । ବିଜୟ ହୋଇଛି ଭକ୍ତର । ଚୂର୍ଣ୍ଣ ହୋଇଯାଇଛି ବ୍ରାହ୍ମଣ ସମାଜର ନିରର୍ଥକ ଅହଙ୍କାର । ଲକ୍ଷ୍ମୀ ଦର୍ଶାଇଛନ୍ତି ବ୍ୟକ୍ତିର ପରିଚୟ ତାହାର ଆଚରଣରେ କର୍ମରେ – ଜନ୍ମରେ ନୁହେଁ । ଏକ ପୂର୍ଣ୍ଣାଙ୍ଗ ବଳିଷ୍ଠ ସମାଜ ନିର୍ମାଣରେ ପରସ୍ପରର ସଂହତି ଓ ସଂପ୍ରୀତି ଏକାନ୍ତ କାମ୍ୟ । ନାରୀ ଓ ପୁରୁଷର ସମାନ ଅଧିକାର ଓ ସହଯୋଗରେ ପାରିବାରିକ ଜୀବନ ଯେପରି ସୁଖମୟ ହୁଏ, ବର୍ଣ୍ଣବୈଷମ୍ୟ ହୀନ ସାମାଜିକ ଜୀବନ ସେହିପରି ସମୁନ୍ନତ ଓ ପ୍ରଗତିଶୀଳ ହୋଇଥାଏ । ଏଇ ଚିନ୍ତାଧାରାକୁ ସମାଜରେ ସଂପ୍ରସାରିତ କରିବା ପାଇଁ କବି ବଳରାମ ଦାସ ଶ୍ରୀୟା ଚରିତ୍ରକୁ ଆଧାର କରିଛନ୍ତି ।

ସମାଲୋଚକ ରଘୁନାଥ ରାଉତ ମହାଲକ୍ଷ୍ମୀ ଓ ଶ୍ରୀୟାକୁ ସମପର୍ଯ୍ୟାୟବାଚୀ ମନେକରିଛନ୍ତି । ତାଙ୍କ ମତରେ ଏ ନାମ ମହାଲକ୍ଷ୍ମୀଙ୍କର ଏ ସଂପର୍କରେ ପ୍ରଣବାନନ୍ଦଜୀ ମଧ୍ୟ ଲେଖନ୍ତି– "ମହାଲକ୍ଷ୍ମୀଙ୍କର ନାନା ରୂପ ଅଛି, ମାଣବସାରେ ସେ ଶ୍ରୀୟା ନାମରେ ନାମିତା । ଧନସଂପଦ ପ୍ରାପ୍ତି ପାଇଁ ଶ୍ରୀୟା ରୂପ ସର୍ବାଧିକ କାର୍ଯ୍ୟକାରୀ ଶକ୍ତି ଉତ୍ପନ୍ନ କରନ୍ତି ।" ଅର୍ଥାତ୍ ଆମେ ଯଦି ଶ୍ରୀୟାର ଶ୍ରେୟମାର୍ଗରେ ଯିବା, ତାରି ଭଳି ଆମେ ମଧ୍ୟ ଅଶେଷ ଧନ ସଂପଦର ଅଧିକାରୀ ହୋଇପାରିବା ।

ପ୍ଲଟ ନଂ-୨୫୦, ପ୍ରାଚୀ ଏନକ୍ଲେଭ୍,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

✠✠✠



# ଭାଷା ପ୍ରସାରରେ ପ୍ରବାସୀ ଓଡ଼ିଆ

**ପ୍ରଶାନ୍ତ କୁମାର ଭୂୟାଁ**

[ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇବାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଏଇ ପ୍ରସଙ୍ଗଟି ଲେଖା ହୋଇଛି । ଏଥିରେ କିଛି ନୂତନ ଆଉ କେତେ ବହୁ ପୂର୍ବରୁ ପ୍ରକାଶିତ ହୋଇଥିବା ପ୍ରବନ୍ଧରୁ ଉପହୃତ । ଜଣେ ପ୍ରବାସୀ ଓଡ଼ିଆର ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଶସ୍ତି ଅନୁଭୂତି ଏହି ପ୍ରବନ୍ଧରେ ସନ୍ନିହିତ । ଏହା ଏକ ସମ୍ବେଦନଶୀଳ ବ୍ୟାପାର । ଅଣଓଡ଼ିଆ ପ୍ରଦେଶରେ ଓଡ଼ିଆବାସୀ ଆଉ ଓଡ଼ିଆଭାଷୀଙ୍କୁ ଭାଷାର ସମ୍ମାନ ଉଦ୍ଦେଶ୍ୟରେ ଏକତ୍ର କରିବା ଆଉ ଭାଷାର ମର୍ଯ୍ୟାଦା ବଜାୟ ରଖିବଜାୟ ରଖିବାକୁ ଚେଷ୍ଟିତ ହେବା ଅତ୍ୟନ୍ତ କଠିନ ହୋଇ ଆସିଛି । ହେଲେ ବି ଆମ ମାତୃଭାଷାର ସମୃଦ୍ଧି ଆଉ ପ୍ରଶସ୍ତିରେ ଆମକୁ ବ୍ରତୀ ହେବାକୁ ପଡ଼ିବ । ଏହା ହିଁ ଲକ୍ଷ୍ୟ ରହି ଆସିଛି । ସେଇ ପ୍ରଚେଷ୍ଟାର ବାର୍ତ୍ତା ଏହି ଆଲେଖ୍ୟ....]

୨୧ ଫେବ୍ରୁଆରୀ, ୨୦୧୪ର କଥା ... ଓଡ଼ିଶାରେ ଥିବା ଜଣେ ବନ୍ଧୁ ଦୂରଭାଷରେ କହିଲେ ...

"ପ୍ରଶାନ୍ତ ଭାଇ, ଜାଣିଲେଣି କି ନାହିଁ ? ଓଡ଼ିଆ ଭାଷାକୁ କ୍ଲାସିକ୍ ଷ୍ଟାଟସ୍ ମିଳିଗଲା !"

: କ'ଣ... । । ।

ମୋ ଓଡ଼ିଆ ଭାଇ ବୋଧହୁଏ ଭାବିଲେ, ଦୂରଭାଷର କିଛି ଗୋଳମାଳ ହେତୁ ମୁଁ ବୋଧହୁଏ ଶୁଣି ପାରିଲି ନାହିଁ । ହେଲେ ସତ ଏହିକି ଯେ, ଓଡ଼ିଆ କଥାକୁ ମୁଁ ଇଂରାଜୀରେ ଶୁଣି ପାରେନାହିଁ । ଟିକିଏ ଅଡୁଆ ବୋଧହୁଏ ।

"କିହୋ, ଏଣ୍ଡୁରି ପିଠାକୁ କ'ଣ ଅଲ୍ ପରପଜ୍ ଫ୍ଲୋର୍‌ରେ କଲେ ସୁଆଦିଆ ହେବ ? ସେ କଥା ବୁଝୁନ । ଗଣ୍ଠି କଥା ସେଠି ଅଛି ପରା ।"

ସେ ନିଜର ଉତ୍‌କଣ୍ଠିତ କଣ୍ଠକୁ ଆହୁରି ଟେକିଦେଇ କହିଲେ, "ମୁଁ କଅଣ କହୁଥିଲି କି ଆମ 'ଓଡ଼ିଆ' ଭାଷାକୁ 'ଶାସ୍ତ୍ରୀୟ ମାନ୍ୟତା' ମିଳିଗଲା ଭାଇ" ।

ଆହାଃ... ଓହୋ...କେଡେ ଉଶ୍ୱାସ ଲାଗିଲା ମୋ ଭାଇର ମୁହଁରୁ ଏଇ କେତେ ପଦ ଓଡ଼ିଆ କଥା ଶୁଣି ।

ଓଡ଼ିଶାବାସୀ ତଥା ଓଡ଼ିଆଭାଷୀ, ହେ ମୋ ଭାଇ ଓ ଭଉଣୀମାନେ,

ମୋ ମନ-ପ୍ରାଣ-ଆତ୍ମାରେ ସଦା ଓଡ଼ିଆ ଭାଷା ଶାସ୍ତ୍ରୀୟ । ଏଥିପାଇଁ ମୋତେ କାହାର ନାମାଙ୍କନ ମୋହରର ଆବଶ୍ୟକ ହୁଏନାହିଁ । ଆହେ । ମୁ ଏହା ଅଲ୍‌ବତ୍ କହିବି ଯେ, ମୋର ପୁଅଝିଅ, ମୋର ବୋଲି ପ୍ରମାଣ କରିବାକୁ ମୋର ଗୁଣସୂତ୍ର ପରୀକ୍ଷଣ କରିବା ଆବଶ୍ୟକ ନାହିଁ ହୋ । ଜନମ ହେଲାଠୁଁ କେତେ କ'ଣ ପଢ଼ି ଆସିଛି, ଜାଣି ଆସିଛି, ବୁଝି ଆସିଛି; ସବୁ ଓଡ଼ିଆରେ । ମନକୁ ଯଦି କ'ଣ ଛୁଇଁଛି ତେବେ ତାହା ଓଡ଼ିଆ । ଇଂରାଜୀ, ଋଷିଆ, ଜାପାନୀ, ଚିନ ପ୍ରଭୃତି ଭାଷାର ସାହିତ୍ୟ ପଢ଼ି ସାରିଲା ପରେ ମନର କେଉଁ କୋଣରେ 'ଦେଖରେ ନଳିନି, ନଳିନୀ, ନଳିନୀରେ ଶୋଭିତ'କୁ ଗୁଣୁଗୁଣୁ ହୋଇ ଭାବିଛି, "ଜଗତେ କେବଳ ... " ।

ମୋର କଥାକୁ ଟିକେ ସଂକ୍ଷିପ୍ତ କରି କହେ -

**ଆମ ଭାଷା ଶାସ୍ତ୍ରୀୟ - ଏହା ସତ୍ୟ ହେଲେ ଏହାର ଅଧିଗମ ବିଶ୍ୱବାସୀଙ୍କୁ ଏବେ ହେଲା** । ଏଣୁ ବର୍ତ୍ତମାନ ଏହାକୁ ନେଇ ଫୁଲିଫାଟି ହେବା ଅପେକ୍ଷା, ଭାଇ ଓ ଭଉଣୀମାନେ ଆସନ୍ତୁ ଓଡ଼ିଆ ଭାଷାକୁ ଓଡ଼ିଆ ଆଉ କେବଳ ଓଡ଼ିଆରେ ହିଁ ଲେଖିବା... । ଅନ୍ୟ ଭାଷାର ଅନାଦର କରନ୍ତୁନାହିଁ,କିନ୍ତୁ ଆମ ମାତୃଭାଷାର ସମ୍ମାନ ରକ୍ଷା କରନ୍ତୁ ।

ମାତୃଭାଷା କେବଳ ପଢ଼ିବା ଅଥବା ଲେଖିବାର ଭାଷା ନୁହେଁ । ବରଂ ଚ ଏହା ପ୍ରତ୍ୟେକ ଧର୍ମ-ଜାତି-ରାଷ୍ଟ୍ରର ଚୈତନ୍ୟଗତ ପରିଚୟ । ଏହା ବିଶ୍ୱମାନବ ଚେତନାର ଏକ ଭାବମୟ ତରଙ୍ଗ । ଏହାର ଝଙ୍କାର ପ୍ରତ୍ୟେକ ସମାଜ ପାଇଁ ଅତୀବ ଅମୂଲ୍ୟ । ଏଣୁ ମାତୃଭାଷାର ସାହିତ୍ୟ ଜାଣିବା ଆଉ ବୁଝିବା ଅତି ପ୍ରାସଙ୍ଗିକ ।

ଭାଷା ରାଷ୍ଟ୍ରୀୟ ରହୁ ବା ନରହୁ, ହେଉ ବା ନହେଉ, ଏହାର କୌଣସି ମୂଲ୍ୟ ନାହିଁ ଯଦି ଏହାର ଆତ୍ମନୀନ ଠାରୁ ଆରମ୍ଭ କରି ବିଶ୍ୱହିତର ଉଦ୍ଦେଶ୍ୟ ନାହିଁ । ଏଣୁ ସମସ୍ତ ବ୍ୟକ୍ତି ଯେଉଁମାନେ ସାହିତ୍ୟ ସହ ଓତପ୍ରୋତ ଭାବେ ଜଡ଼ିତ, ସେମାନଙ୍କୁ ଏହାର ଅବରୋହ କରିବାକୁ ହିଁ ପଡ଼ିବ । ଭାଷା ହେଉ ଅବା ସାହିତ୍ୟ ଏହା ଉଦର୍କର ଏକ କାରଣ ନହେଉ ।

ସାହିତ୍ୟରେ ଥିବା ଦୁଇଟି ସରଳ ପଦ – ସହ ଆଉ ହିତକୁ ବିବେଚନା କରାଯାଉ । ଯେ ଆମର ସ ରହିଛି ଆଉ ଆମର ହିତରେ ରହିଛି ସେ ହିଁ ସାହିତ୍ୟ । ମୁଁ ଏୟା ବୁଝେ । ଏଥିରେ ମୋର ସ୍ୱକୀୟ ଦର୍ଶନ କିଛି ନାହିଁ । ମୁଁ ମୋ ମାତୃଭାଷାରେ ମୋ ସାହିତ୍ୟକୁ ପଢିଛି, ପଢୁଛି ଆଉ ପଢୁଥିବି ଜୀବଦ୍ଦଶାରେ ଥିବା ପର୍ଯ୍ୟନ୍ତ ।ସେଇଥିରେ ହିଁ ମୋର ଦିବ୍ୟତୃପ୍ତି । ଏଣୁ ମୁଁ ସଦା ସମସ୍ତଙ୍କୁ ବୁଝାଇ କହେ –

'ଓଡିଶାବାସୀ' ଓ 'ଓଡିଆଭାଷୀ' ସୁଧୀ... ଜ୍ଞାନୀ...ଗୁଣୀ... ସାହିତ୍ୟପ୍ରେମୀ ଆସନ୍ତୁ 'ଓଡିଆ' ସାହିତ୍ୟ ଶୁଣିବା-ଜାଣିବା-ପଢିବା-ବୁଝିବା-ଲେଖିବା; ଆମ 'ମାତୃଭାଷା' 'ଓଡିଆ' ଅଉ କେବଳ 'ଓଡିଆ'ରେ .... ।

ଏଇ ଓଡିଆପଣକୁ ନେଇ ଅନେକ ସ୍ଥାନରେ ଅପଦସ୍ତ ହୋଇଛି ଆଉ ସ୍ୱାଭିମାନରେ ବାଧା ମଧ୍ୟ ଆସିଛି । ହେଲେ ବି ସେଇ ଓଡିଆ ହିଁ ମୋର ମାନସମ୍ମାନର କବଚ ହୋଇ ରହିଛି । ଛାତି ଫୁଲାଇ ଏବେ ବି କହେ ମୁଁ ଓଡିଆ । ମୁଁ ବାଦକୁ ପିଲା ଜନମେଇବା କଥା କହୁନାହିଁମ । ବିବେକକୁ ଯେତେବେଳେ ବାଧେ ସେତେବେଳେ ଛାଏଁ ଛାଏଁ ଏ ଅଭିମାନ ସବୁ ଶବ୍ଦ ହୋଇ ବାହାରି ପଡନ୍ତି । ଏବେ ସରିକି ଶହେ ଦୁଇଶ ଥାନରେ ଅପଦସ୍ଥ ହେଉଛି । ହେଉଛି ମଧ୍ୟ ଏବେ । କଥାଟି ହେଲା ଯେତେବେଳେ ମୋତେ କେହି ପଚାରନ୍ତି ଯେ,

ଆପଣ କେଉଁଠାର ନିବାସୀ ?

ମୁଁ ଜଗି ରହିଥିଲା ଭଳି ଅତି ଉଚ୍ଛ୍ୱାସ ସହିତ କହିଉଠେ, ଓଡିଶା ... ମୋର ଜନ୍ମଭୂମି...

ସେଇଟା ମୋ ଉତ୍ତରର ପ୍ରଥମ ସୋପାନ ଥାଏ । ହେଲେ ଓଡିଶାର ନାମ ଶୁଣି ସେମାନେ ଆବାକାବା ହୋଇ ମତେ ଟିକିଏ ଅନାନ୍ତି, ତାପରେ ବିଭିନ୍ନ ଅଭିନୟ ମୁଁ ଦେଖେ ମୋ ରାଜ୍ୟର ନାମ ଶୁଣି । ସବୁ ଧାଡିକି ଧାଡି ଲେଖିନିଏ । ଆପଣମାନେ ବି ଏଇମିତି କେତେ ଅଭିନୟ ଦେଖିଥିବେ । ସତସତିକା ସେମାନଙ୍କ ପାଇଁ । ସେମାନେ ସବୁ ପଚାରିବା କେତେ କଥା ହେଲା ...

**୧. ପ୍ରଥମ ଥର ଓଡିଶା ନା ଶୁଣି ଚିହିଁକି ଉଠିଥିବା ଜଣେ ଅଷ୍ଟ୍ରେଲିଆ ନିବାସୀ:**

: ଉ...ଡି...ଶା... । କେଉଁଠି ଏଇ ସହର ?

: ଆଜ୍ଞା... ଉଡିଶା ନୁହଁ ଓଡିଶା । ଏଇଟା'ତ ପ୍ରଥମ କଥା । ତା ପରେ ଓଡିଶା ସହର ନୁହଁ ବରଂ ଚ ଏହା ଏକ ସ୍ୱାଧୀନ ରାଜ୍ୟ, ପୂର୍ବ ଭାରତର ।

: ଓ...ଡି...ଶା... । କେବେ ଶୁଣିନି । ଏଇଟା କଅଣ ନୂଆଦିଲ୍ଲୀ ପାଖରେ ?

: ଆଜ୍ଞା...ଓଡିଶାର ଅବସ୍ଥିତି ପଶ୍ଚିମ ବଙ୍ଗଳା, ଝାଡଖଣ୍ଡ, ଛତିଶଗଡ, ତେଲେଙ୍ଗାନା ଆଉ ଆନ୍ଧ୍ର ପ୍ରଦେଶ ସୀମାକୁ ଛୁଇଁ ରହିଛି ।

: ହଁ ହେଇଥିବ, ମୋର ଧାରଣା ନାହିଁ ।

ହେଉ ଆଜ୍ଞା, କେବେ ଭାରତକୁ ଗଲେ ଓଡିଶା ଯାଇ ଦେଖନ୍ତୁ । କଳା – ସଂସ୍କୃତି – ଐତିହ୍ୟଭରା ସୁନ୍ଦର ରାଜ୍ୟଟିଏ । ପ୍ରତି ପର୍ଯ୍ୟଟକଙ୍କ ରଚି ଅନୁଯାୟୀ ସେଇଠି ବିଭିନ୍ନ ଅଞ୍ଚଳ ରହିଅଛି ।

**୨. ଓଡିଶା ଭାରତର ଏକ ରାଜ୍ୟ ହୋଇଥିବା ଜାଣି ଜଣେ କାରିବିଆନ୍ ନିବାସୀ**

: ଓଡିଶାର ମୁଖ୍ୟ ଜୀବିକା କଣ ? ଏଇଠି ଲୋକମାନଙ୍କର ଖାଦ୍ୟପେୟ କଣ ?

: ଆଜ୍ଞା, କୃଷି ମୁଖ୍ୟ ଜୀବିକା ହେଲେ କୁଟିରଶିଳ୍ପ, କଳାସ୍ଥାପତ୍ୟ, ଶିଳ୍ପ, ଖଣିଜ ସମ୍ପତ୍ତିରେ ଭରା ମୋର ଏଇ ରାଜ୍ୟରେ ସବୁ ପ୍ରକାର ଜୀବିକାକୁ ନେଇ ଲୋକେ ରୁହନ୍ତି । ଆଉ ନଦୀ, ହ୍ରଦ, ସମୁଦ୍ର ସବୁ ଥିବା ହେତୁ ଖାଦ୍ୟପେୟ ସବୁ ବିଭିନ୍ନ ଧରଣର । ହେଲେ ବି ଭାତ ଆମର ପ୍ରଥମ ପସନ୍ଦ । ପନିପରିବା ସବୁପ୍ରକାର ମିଳୁଥିବା ହେତୁ ଅଧିକାଂଶ ସୁସ୍ୱାଦୁ ଅନ୍ନବ୍ୟଞ୍ଜନରେ ପନିପରିବା ହିଁ ପ୍ରଧାନ ଜାଗା ଅକ୍ତିଆର କରିଥାନ୍ତି । ଆମିଷରେ ଆମେ ମାଛ, ଚିଙ୍ଗୁଡି, କଙ୍କଡା, ଛେଳିମାଂସ, କୁକୁଡାମାଂସ, ମୁଖ୍ୟତଃ ଖାଇଥାଉ । ଗାଁଗଣ୍ଡା ଆଉ ପଲ୍ଲୀପଙ୍କାଳରେ ଲୋକେ ସମ୍ବର, ଜିଆଦ, କୁଟୁରା, ପ୍ରଭୃତି ଶିକାର କରି ଖାଆନ୍ତି ।

: ଗାଈ, ଘୁଷୁରି ମାଂସ ଖାଅନି ତୁମେ ସବୁ ?

: ଗାଈ ସହ ଆମର ଧାର୍ମିକ ଆଉ ସମ୍ବେଦନଶୀଳ ସମ୍ପର୍କ ହେତୁ ଆମେ ଗାଈ ମାଂସ ଖାଉନାହୁଁ । ଆଉ ସେଠି ସବୁ ଘୁଷୁରି ଅଖାଦ୍ୟ ଖାଉଥିବା ହେତୁ ସେଥିରେ ମଧ୍ୟ ଆମର ପସନ୍ଦ ନାହିଁ ।(ଏଇ କଥା ଖାଲି ବାଆଁରେଇବାକୁ କହିଥିଲି, ହେଲେ ମୋର ଏଥିପ୍ରତି ମତ ଟିକିଏ ଅନ୍ୟ ପ୍ରକାର ; କେବେ ଲେଖିବି ଏଇ ଆମିଷ ଭୋଜନକୁ ନେଇ)

: ଓଃ...ହୋ... ।

**୩. ଓଡିଶାର କିଛି ଅନ୍ନବ୍ୟଞ୍ଜନ ମୋ ଘରେ ଖାଇସାରିବା ପରେ ଜଣେ ସର୍ବିଆ ନିବାସୀ ।**

: ଆପଣ ଓଡିଶାର ସମସ୍ତେ କହନ୍ତି ଯେ ସେଇଠି ସବୁଲୋକ ଅତି ଖାଦ୍ୟପ୍ରିୟ, ହେଲେ ଆପଣ ପୃଥିବୀର ଯେଉଁ କୋଣ ଅନୁକୋଣକୁ ଯାଆନ୍ତୁ ସେଇଠି ଭାରତର ବିଭିନ୍ନ ରାଜ୍ୟର ଖାଦ୍ୟପେୟର ହୋଟେଲ ବଜାର ଦେଖିବେ । ହେଲେ କାହିଁ ଓଡିଶାର ତ କେଉଁଠି ଚିହ୍ନବର୍ଣ୍ଣ ନାହିଁ ଏଇ ଖାଦ୍ୟପେୟ ବ୍ୟବସାୟରେ ?

ଦେଖନ୍ତୁ ଯେପରିକି : ଆନ୍ଧ୍ରା ରେଷ୍ଟୁରାଣ୍ଟ୍ସ, ପଞ୍ଜାବୀ ଢାବା, ସାଉଥ୍ ଇଣ୍ଡିଆନ୍ ହୋଟେଲ୍, ଚେଟିନାଡ୍ ରେଷ୍ଟୁରାଣ୍ଟ, ନେଲୋର୍ ମେସ୍, ଉଡୁପୀ ହୋଟେଲ୍ ପ୍ରଭୃତି । ଖାଲି ହୋଟେଲ ବା ରେଷ୍ଟୁରାଣ୍ଟ ନୁହଁ ଖାଦ୍ୟର

ନାମ ଯେପରିକି ବମ୍ବେ ଚାଟ୍, ବମ୍ବେ ପାଉଭାଜୀ, ପୁଲିଓଗାରେ, ପୁଳିହାରୀ, ପାନ୍‌ପୁରୀ, ବମ୍ବେ ବିରିୟାନୀ, ଦମ୍ ବିରିଆନୀ, ହଲ୍‌ଦୀରାମ୍ ସ୍ୱୀଟ୍‌ସ, ତଡ୍‌କା, ପନୀର୍ ବଟର୍ ମସାଲା, ଦୋସା, ନାନ୍ ପ୍ରଭୃତି ବିଭିନ୍ନ ଅଞ୍ଚଳର ଖାଦ୍ୟପଦାର୍ଥ ହିସାବରେ ପ୍ରସିଦ୍ଧ ଅଛି, ହେଲେ ଆପଣଙ୍କ ଅଞ୍ଚଳର କୌଣସି ଖାଦ୍ୟପେୟର ନାମ ମୁଁ ଏ ପର୍ଯ୍ୟନ୍ତ ଶୁଣିନାହିଁ ଅଥବା ଖାଇନାହିଁ।

ଆପଣ ଆଜି ମୋତେ ଓଡିଶାର ଏଇ ସବୁ ଯେଉଁ ଅନ୍ନବ୍ୟଞ୍ଜନ ଖୁଆଇଲେ, ଏଇ ସବୁ ଅତି ସୁସ୍ୱାଦୁ ଆଉ ଏହା ମୁ ମୋର ଏଇ ୫୦ବର୍ଷର ଜୀବନକାଳରେ କେଉଁଠି ଖାଇନାହିଁ।

: ଆଜ୍ଞା, ଆପଣ ଯେଉଁ ସବୁ ଅନ୍ନବ୍ୟଞ୍ଜନ ଖାଇଲେ ସେଇ ସବୁ ହେଲା ଓଡିଶାର ନିଜସ୍ୱ ପ୍ରସିଦ୍ଧ ଖାଦ୍ୟପେୟ। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ତଥା ଧନୀକ ଶ୍ରେଣୀ ଠାରୁ ଗରିବ ପର୍ଯ୍ୟନ୍ତ ସଭିଙ୍କ ଘରେ ଏହା ପ୍ରସ୍ତୁତ ହୋଇ ଆସୁଅଛି। ଆପଣ ଯାହା ଖାଇଲେ, ଏଇ ସବୁର ନାମ ହେଲା - ଖେଚୁଡି, ଡାଲ୍‌ମା, ଘାଣ୍ଟ ତରକାରି, ଅମୃତଭଣ୍ଡା-ବୋଇତାଳୁ ସାକରା, ନଡିଆ ପିଠଉ ଭଜା, ଶାଗ ଖରଡା ଆଉ ସବା ଶେଷରେ ଖାଇଲେ ତାହା ହେଉଛି ସାରା ବିଶ୍ୱରେ କେବଳ ମୋ ରାଜ୍ୟରେ ପ୍ରସ୍ତୁତ ହେଉଥିବା ଛେନାପୋଡ...।

ଏଇପରି ଲେଖି ବସିବି ଯଦି ଭାଇ ଓ ଭଉଣୀମାନେ ଆପଣଙ୍କୁ ପୃଥିବୀର ଅଧା ଭୂଗୋଳ ଜ୍ଞାନ ହୋଇଯିବ ଆଉ ମନରେ ପୀଡା ହେବ ଯେ ଆମ ଓଡିଶା ଆଉ ଓଡିଆର ପରିଚୟ କେତେ କଦର୍ଥ ସମସ୍ତଙ୍କ ପାଇଁ। ଆଉ ଯେଉଁ କେତେଜଣ ଓଡିଆ, ଓଡିଶାକୁ ବିଶ୍ୱସ୍ତରରେ ପରିଚୟ ଦେବାକୁ ଚେଷ୍ଟା କରୁଛନ୍ତି, ସେମାନଙ୍କ ପାଇଁ ଅନ୍ୟ ଓଡିଆ ଭାଇ ଭଉଣୀ କରୁଛନ୍ତି କଅଣ ?

ଅନେକ ଓଡିଆଙ୍କୁ ଏଇୟା କହିବାର ଶୁଣିଛି ଯେ,

ଶଃ... ଆମର ପରା କଙ୍କଡା ଜାତି, ଜଣେ ଆଉ ଜଣକୁ ଭିଡାଭିଡି କରିବାରେ ହିଁ ବ୍ୟସ୍ତ। ଏଣୁ ଓଡିଶାର ଉନ୍ନତି ଅସମ୍ଭବ।

ଅତି ନିର୍ଲଜ୍ଜ କଥା ଆଉ ଅଲାଜୁକ ଚିନ୍ତନ ଇଏ। ଓଡିଶାର ଆଉ ଏହାର ମାତୃଭାଷାର ସମୃଦ୍ଧି ନିମନ୍ତେ ସାହିତ୍ୟ ହେଉଛି ଏକ ଯୁଗୋପଯୋଗୀ ଆୟୁଧ। ଆମ ରାଜ୍ୟର କେତେଜଣ ହାତଗଣତି ଆତ୍ମବଡିମାରେ ପାଗଳ ସାହିତ୍ୟିକ ହାଟ ମଝିରେ ବ୍ରହ୍ମଜ୍ଞାନ ବାଢି ବସନ୍ତି। ଏମାନେ ସାହିତ୍ୟରୂପୀ ସୂର୍ଯ୍ୟକୁ ନିର୍ବୋଧତାର ମଶାଲରେ ଦେଖାଇବାକୁ ଚାହୁଁଛନ୍ତି। ଭାଷାର ପ୍ରୟୋଗ, ନିର୍ବାଚନ ତଥା ସମାଦରରେ ହିଁ ପ୍ରତ୍ୟେକ ସାହିତ୍ୟିକର ପରିଚିତି ଥାଏ। ପ୍ରତ୍ୟେକ ସାହିତ୍ୟିକ ଆଗାମୀ ପିଢି ପାଇଁ ଉତ୍ତରଦାୟୀ। ରଚି ଅନୁଯାୟୀ ଲେଖା ଆଉ ସର୍ବଜନ ହିତକର ଲେଖାରେ ପାର୍ଥକ୍ୟ ବୁଝିବାକୁ ପଡିବ। ସେଥିପାଇଁ ମୁଁ ହାଟ ମଝିରେ ବ୍ରହ୍ମଜ୍ଞାନ ବୋଲି ଦର୍ଶାଇଅଛି। ଅନେକ ସାହିତ୍ୟ ପୃଷ୍ଠାରେ ଅନେକ ଉଃ...ଆଃ...ଓଃ...ରୂପୀ ମନ୍ତବ୍ୟ ମୁଁ ଦେଖି ପଢି ଆସୁଛି। ସେଥିରେ କିଏ କାଳିଦାସ ହୋଇଗଲାଣି ତ କିଏ ରାଧାନାଥ। ଅତି ଆଶ୍ଚର୍ଯ୍ୟ ବୋଧହୁଏ ଏଇ ଅଜ୍ଞାନତା ଦେଖି। ପ୍ରକୃତ ପାଠକ ହିଁ ଉତ୍ତମ ସାହିତ୍ୟ ପାଇଁ ଦାୟିତ୍ୱବାନ ହେବା ଉଚିତ। ସେଇଥିପାଇଁ ଅନେକଦିନ ତଳେ ଏକ ଆଲେଖ୍ୟରେ ମୁଁ କହିଥିଲି ଯେ ...

ସାହିତ୍ୟର ଭାବ, ଶବ୍ଦ ସବୁ ଦେଖି ପସନ୍ଦ ହେଉ, ସାହିତ୍ୟିକର ନାମ ଓ ଲିଙ୍ଗ ଦେଖି ନୁହଁ ଏଇ କଥାକୁ ସମସ୍ତେ ଧ୍ୟାନ ଦେବେ ବୋଲି ଅନୁରୋଧ।

ମୋର ଏକ ପ୍ରବନ୍ଧ ସଙ୍କଳନ ସାହିତ୍ୟ ତ୍ରିଭୂଜରେ ଏହା ଲେଖିଥିଲି ଯେ...

ସାହିତ୍ୟ ହେଛି ପ୍ରଜ୍ଞାବାନଙ୍କ ଏକ ବଳିଷ୍ଠ ଶସ୍ତ୍ର। ଏହା ଜନସାଧାରଣ ତଥା ସମାଜର ଉତ୍‌ଥାନ ଏବଂଜନଜୀବନ ସମୃଦ୍ଧି ନିମନ୍ତେ ବ୍ୟବହାର କରାଗଲେ ସତରେ କେତେ ଭଲ ହୁଅନ୍ତା। ସାହିତ୍ୟ ହିଁ ଜନମାନସକୁ ଅର୍ଥ ଶ୍ରମର ସ୍ୱଳ୍ପ ବିନିମୟରେ ପରମାନନ୍ଦ ଦିଏ। ସେଇଥିପାଇଁ ତ ଶ୍ରମଜୀବୀ ଧର୍ମଜୀବୀ ସବୁ ଏଇ ସାହିତ୍ୟର ସାହାଯ୍ୟ ନିଅନ୍ତି। ଜୀବନର ପ୍ରତିଟି ମୂହୁର୍ତ୍ତରେ ପ୍ରତି ପ୍ରାଣୀ ଗୁଣୁଗୁଣୁ ହୋଇ ଝଙ୍କାର ତୋଳିଥାଏ। କେତେବେଳେ ଏହା ଲେଖନୀ ମୁନରୁ ଝରିପଡେ ତ କେତେବେଳେ ସାତସୁର ହୋଇ ଆମର ମୁଖନିସୃତ ହୋଇଥାଏ। ଏଇ ସାହିତ୍ୟ ହିଁ ଦେଶ ବିଦେଶ ଆଉ ବିଭିନ୍ନ ସଂସ୍କୃତି ସହ ଆମକୁ ପରିଚିତ କରାଇଥାଏ। ଏଣୁ ସାହିତ୍ୟର ଉଦ୍ଦେଶ୍ୟ ଆଉ ସାହିତ୍ୟିକଙ୍କ ମନୋଦେଶ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ହେଲେ ସମାଜ ପାଇଁ ଏହା ହିତକାରୀ ନିଶ୍ଚିତ ହୁଅନ୍ତା।

ସମାଜର ବିଭିନ୍ନ ସ୍ତର ଆଉ ବର୍ଗରେ ସାହିତ୍ୟର ବ୍ୟବହାର ଆଉ ପ୍ରସିଦ୍ଧି ଏଇ ପଦ କେଇଟିରୁ ଜଣାଯାଏ... ବୀରବରଙ୍କ ନିମନ୍ତେ ଏଇ କଥା ପ୍ରସିଦ୍ଧ ଥିଲା...

'ଗାଏ ତବ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା
ବିଲେ ଗାଏ ଚଷା, ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା'

କବି ଯଦୁମଣିଙ୍କ...

'ରଜା ସିନା ପୂଜା ପାଏ ଆପଣା ଦେଶରେ
କବି ପୂଜା ପାଉଥାଏ ଦେଶ ବିଦେଶରେ'

ଏଣୁ ସାହିତ୍ୟ ଶସ୍ତ୍ରକୁ ନେଇ ସାହିତ୍ୟିକଗଣ ନିଜିଜର ଦାୟିତ୍ୱ ପାଳନ କରି ସମାଜ ପାଇଁ ଏକ ଶୁଭଙ୍କର ଯୁଗ ଆଣିପାରିବେ, ଏହା ମୋର ମତ। ଭାଇ ଓ ଭଉଣୀମାନେ, ଆମର ଓଡିଶା ମା' ପାଇଁ ମୋ କଥା ଅନୁସାରେ ମୁଁ ସବା ସମସ୍ତଙ୍କୁ ଏଇଭଳି କହେ...

ଆମେ ଓଡିଆ... ଆମ ଓଡିଶା...।।
ଓଡିଆ ବୋଇଲେ କଅଣ ?
ଓଡିଆ କିଏ ?
କ'ଣ ତାର ପ୍ରକୃତ ପରିଚୟ ?

ରଙ୍ଗବତୀ ଗୀତ ଗାଇ ପାରୁଥିବା ବ୍ୟକ୍ତିଟି ଓଡିଆ ନା ଏଣ୍ଡୁରିପିଠା ଖାଉଥିବା ଲୋକଟି ଓଡିଆ ? ମାତୃଭାଷା ଓଡିଆ ପଢୁଥିବା ବ୍ୟକ୍ତିଟି ଓଡିଆ ନା ଓଡିଆ କହି ପାରୁଥିବା ବ୍ୟକ୍ତିଟି ଓଡିଆ ? ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ମାନୁଥିବା ବ୍ୟକ୍ତିଟି ଓଡିଆ ନା ଅଧୁନା ଓଡିଶାରେ ବସବାସ କରୁଥିବା ବ୍ୟକ୍ତିଟି ଓଡିଆ ? ଅପ୍ରେଲ୍ ପହିଲାରେ ଉତ୍କଳ ଦିବସ ପାଳନ କରୁଥିବା ବ୍ୟକ୍ତିଟି ଓଡିଆ ନା କଳିଙ୍ଗ ଯୁଦ୍ଧରେ ଚଣ୍ଡାଶୋକକୁ ଧର୍ମାଶୋକରେ ପରିଣତ କରେଇଥିବା ଇତିହାସ କହୁଥିବା ବ୍ୟକ୍ତିଟି ଓଡିଆ ?

ଏଇପରି କେତେ କଥା ଓ ଲଥାର ଅଡୁଆ ଲଟା ଇଏ । ଏହାର ସଂଜ୍ଞା ଖୋଜିବାକୁ ବସିଲେ ଲୟିଯିବ ଇତିହାସର ଅଙ୍କାବଙ୍କା କେତେ ବାଟ । ଆଜି ନୁହେଁ ଆଉ ଦିନେ କହିବି ଏଇ ଓଡିଆପଣିଆର । ଆସନ୍ତୁ ଆଜି କିଛି କଥା ହେବା ଆମେ ଓଡିଆ...ଆମ ଓଡିଶାର ।

ଧାଡିକରେ କହିବାକୁ ଗଲେ, ଆମରାଜ୍ୟ ଓଡିଶା, ଆମର ଭାଷା ଓଡିଆ ଓ ଆମେ ଓଡିଆ । ଆମର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ । ଆମ ଜୀବନର ପ୍ରଥମ ଏବଂ ଚରମ ସତ୍ୟ ଏହା ହିଁ ଅଟେ । ଏଥିକୁ ନେଇ କୌଣସି ନାଟତାମସା ନହେଉ, କୌଣସି ଖିଲାପ ନହେଉ, କୌଣସି ତର୍କବିତର୍କ ନହେଉ । ଏଇ କଥାଟା ଯେ ମଞ୍ଜକଥା ଏହାକୁ ବୁଝିବାକୁ ପଡିବ ପ୍ରଥମତଃ ।

"ରହିଛି ରହିବ ମୁଣ୍ଡ ଠିଆ କରି ପାଉଥିବ ଦଶଦିଶେ ଯଶ ।
ସେବୁଥିବା ତାରେ ଆମେ ତା ସନ୍ତାନ ଆମେ
ଓଡିଆ ଓଡିଶା ଆମ ଦେଶ । ।
ଉପେନ୍ଦ୍ର, ଗୋପାଳ, ଭୀମ, ବଳଦେବ
ବଳରାମ ଆଉ ଜଗନ୍ନାଥ ।
ଦୀନକୃଷ୍ଣ ଅଭିମନ୍ୟୁ ଓ ସାରଳା ଫକୀର ଗଙ୍ଗା ଓ ରାଧାନାଥ । ।
ଭାଷା ପଞ୍ଚାମୃତ ସିଞ୍ଚନ କରାଇ
ଓଡିଆରେ ଦେଲେ ଜୀବନ୍ନ୍ୟାସ ।
ପଞ୍ଚସଖା ବଳିଦାନେ ଏକାଧାର ହେଲା ଧନ୍ୟ
ମୋ ଓଡିଶା ଦେଶ । ।"

ଆମେ ଓଡିଆ... । । ।

ଏଇ ଓଡିଶା ମା'ର ଆମେ ଦାୟାଦ, ଏହାର ଭବିଷ୍ୟତର ରୂପରେଖ ଆମ୍ଭରି ହାତରେ । ଏହାକୁ ଉନ୍ନତି ଓ ବିକାଶରେ ଅଗ୍ରଗଣ୍ୟ ଏବଂ ବିଶ୍ୱସ୍ତରରେ ପ୍ରତିଷ୍ଠା କରି ଆମକୁ ପ୍ରମାଣ କରିବାକୁ ହେବ ଆମେ ହିଁ ଏହାର ସୁଯୋଗ୍ୟ ବଂଶଧର । ଆମକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବାକୁ ହେଲେ ସମସ୍ତେ ଏକ ମନ ପ୍ରାଣ ଓ ଆତ୍ମା ହୋଇ କାନ୍ଧରେ କାନ୍ଧ ମିଳାଇ ଆଗକୁ ଯିବାକୁ ହେବ । ଆମ ମାତୃଭୂମି ଓ ମାତୃଭାଷାରେ ଉନ୍ନତି କଳ୍ପେ, ସମସ୍ତ ପ୍ରକାର ଚିନ୍ତା ଓ ଚେତନାକୁ ଭବିଷ୍ୟତୋନ୍ମୁଖୀ କରାଇ ପାରିଲେ ଆମର ଉନ୍ନତି ହେବ ବୋଲି ଆମର ଦୃଢ ବିଶ୍ୱାସ ।

"ଭାଷାକୁ ବରଜି ଜ୍ଞାନୀ କି ହୋଇବ, ଓଡିଆ ତୁମର ପରିଚୟ ।
ମାତୃଭୂମି, ମାତୃଭାଷା ନ ବନ୍ଦିଲେ
କିସ ହେବ କଲେ ବିଶ୍ୱଜୟ ?"

ସମସ୍ତ ଓଡିଶାବାସୀ ତଥା ଓଡିଆ ଭାଇ ଓ ଭଉଣୀମାନଙ୍କୁ ବିନମ୍ର ଅନୁରୋଧ ଯେ, ଚାଲନ୍ତୁ ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ଏବଂ କୌଣସି ପ୍ରକାରର ପ୍ରତିଯୋଗିତା ମୂଳକ ଅଭିସନ୍ଧି ନରଖି ଓଡିଆ ତଥା ଓଡିଶାର ଉନ୍ନତି ତଥା ପ୍ରଶସ୍ତି ନିମନ୍ତେ କାର୍ଯ୍ୟକରି ଆଗେଇଯିବା ।

"ଓଡିଆରେ ଆମେ, ଜାତି ଧର୍ମ ପ୍ରେମ ସବୁତ ଓଡିଶା ପାଇଁ,
ବୀର ପ୍ରସବିନୀ ଧରା ଆମ ଓଡିଶା ମା ପରା
ବଞ୍ଚିବା ତାହାରି ପାଇଁ ।
ଓଡିଶା ମାଟିରେ ହସିବା ଖେଳିବା, ତାହାରି ସେବାରେ ପ୍ରାଣ,
ମରିଯିବା ପଛେ କେଭେଁ ନଭୁଲିବା
ଆମ ଓଡିଶାର ଗୁଣଗାନ ।"

ଆମ ଓଡିଶା... । । ।

ଶାନ୍ତି ସ୍ନିଗ୍ଧ କମନୀୟ ଅପରୂପା ଓ ପ୍ରକୃତିର ଗନ୍ତାଘର । ସମୁଦ୍ରର ଉତ୍ତୁଙ୍ଗ ଲହରିମାଳା ଯା'ର ଚରଣ ସ୍ପର୍ଶ କରି ପାଆନ୍ତି ଅନନ୍ତ ତୃପ୍ତି । ପ୍ରାକୃତିକ ଖଣିଜ ସମ୍ପତ୍ତି, ଶିଳ୍ପକଳା ଓ ଭାସ୍କର୍ଯ୍ୟରେ ଯା'ର ତନୁଶ୍ରୀ ଖଚିତ; ନୃତ୍ୟ, ବାଦ୍ୟ ଓ ଲୋକଗୀତିରେ ଯା'ର ଗଗନ ପବନ ପ୍ରକମ୍ପିତ; ପ୍ରାଚୁର୍ଯ୍ୟମୟ ଯା'ର ଇତିହାସ ; ଲୋକକଥାରେ ଯା'ର ସାମାଜିକ ଜୀବନ ଓତଃପ୍ରୋତ ଭାବରେ ପ୍ଲାବିତ ; ହ୍ରଦ, ନଦ ନଦୀ, ବନ ଓ ଝରଣାର କୁଳୁକୁଳୁ ନାଦରେ ଯା'ର ଗାଁଗହଳି ର ଜୀବନସ୍ରୋତ ମୁଖରିତ ସେଇ ରାଇଜର ଭୁବନେଶ୍ୱର ଏବଂ ଜଗନ୍ନାଥଙ୍କ ଶ୍ରୀକ୍ଷେତ୍ର ତାର ଜନମାନସକୁ ଶକ୍ତି ଓ ଭକ୍ତିରେ ଅନୁପ୍ରାଣିତ କରି ଆସିଛି । ସର୍ବୋପରି ଧର୍ମ, କର୍ମ ତଥା ସଂସ୍କାର ଓ ସଂସ୍କୃତି ଯା'ର କୋଣ ଅନୁକୋଣରେ ପ୍ରବାହିତ ହୋଇ ଆବହମାନ କାଳରୁ ଓଡିଆ ମନ, ପ୍ରାଣ ଓ ଆତ୍ମାକୁ ପ୍ରଫୁଲ୍ଲ ଓ ସତେଜ କରି ରଖିଛି । ସେଇ ଗୌରବମୟୀ ଜନ୍ମଭୂମିର ଆମେ ଗର୍ବିତ ସନ୍ତାନ ।

"ଭାଇ ଭଉଣୀଏ... ।
ଲେଖିବାକାହାଣୀ କଥା ଗୀତ କଳା ଓଡିଶାର,
ଦୁନିଆ ଜାଣିବ ଶୁଣିବ ଅପୂର୍ବ ଗଉରବ ଗାଥା ଉତ୍କଳର... । ।
ଆମ ହାଣ୍ଡିଶାଳ ଆମର ଆଖଡା ଆମ ଲୋକକଥା ଆମଭାଷା,
ଆମର ଉତ୍କଳ, ଆମର କଳିଙ୍ଗ,
ଆମର ମାଟି ମା ଏ ଓଡିଶା... । । ।"

ଓଡିଆବାସୀ ଓ ଓଡିଆଭାଷୀ । । ।

ଏଇ ମାଟିରେ ଆମର ଜନ୍ମ । ଏଇ ମନ ଆତ୍ମାରେ ଏହାର ସୁଧାଧାର ନାମ ସଦା ସର୍ବଦା ଝଙ୍କୃତ ପ୍ରାଣ । ଏଇ ଆମ ଜନ୍ମଭୂମି, କର୍ମଭୂମି ଆଉ ଜ୍ଞାନଭୂମି, ଏଇ ଆମ ଓଡିଶା । ଇଏ ଆମ ଓଡିଆ ମାନଙ୍କର ପ୍ରାଣ ପ୍ରବାହର ଅମୃତଧାରା । ସମଗ୍ର ବିଶ୍ୱର ଓଡିଆ ଭାଇ ଓ ଭଉଣୀ ମାନଙ୍କୁ ଆମର ହାର୍ଦ୍ଦିକ ଶୁଭେଚ୍ଛା ଆଉ ଆପଣମାନଙ୍କ ସମୃଦ୍ଧ ପ୍ରାଣପ୍ରାଚୁର୍ଯ୍ୟ ନିମନ୍ତେ ଶ୍ରୀଜଗନ୍ନାଥ ଚରଣ କମଳରେ ଭକ୍ତିପୂତ ପ୍ରାର୍ଥନା କରୁଅଛୁ ।

ଭାଷା ନନ୍ଦିଘୋଷେ ଶ୍ରମରଜ୍ଜୁ ବାନ୍ଧି ଏବେ
ତ୍ୟାଗର ଜୋର୍ ଲଗାଅ,
ବିଶ୍ୱ ବଡଦାଣ୍ଡେ ଟାଣିନେବା ରଥ ଆମେ ଓଡିଶା ମାଟିର ପୁଅ ।
ପ୍ରଗତି କୋଣାର୍କେ ମୁଣ୍ଡି ମାରିଦେବା ଆମେ ଧର୍ମପଦ ବୀର ପରି,
ମାତୃଭୂମି, ମାତୃଭାଷାର ବିକାଶେ ଦେବା ସର୍ବେ ଜାଗ୍ରତ ପ୍ରହରୀ ।

ଅତୀତର ସଂଘର୍ଷମୟ ବିଭୀଷିକା, ଇତିହାସର ପୃଷ୍ଠା ପୃଷ୍ଠାରେ ଆମର ସମୃଦ୍ଧିର ବିବର୍ତ୍ତନ ସଂଗ୍ରାମ, ପ୍ରସ୍ତର ଆଲେଖ୍ୟରେ ରାଜଭାଷା ଆଉ ସାମାଜିକ ଜନଜୀବନରେ ଓତପ୍ରୋତ ଭାବରେ ଆମର ସଂସ୍କାର ଆଉ ସଂସ୍କୃତି । ଆମ୍ଭର ସରଳତା ଆଉ ଜୀବନର ଅନ୍ତଃସ୍ରୋତ ଆମ୍ଭକୁ ଯେତେ ସାମାଜିକ ଚିନ୍ତା  ଓ ଚୈତନ୍ୟରେ ଉଦ୍‌ବୁଦ୍ଧ କରିଛି, ବାହ୍ୟ ଶକ୍ତିମାନେ ଆମ୍ଭକୁ ସେତେ ଦୁର୍ବଳ ଆଉ ସୁପ୍ତ ଭାବି ନିଷ୍ଠୁରତାର କଷାଘାତରେ ଜର୍ଜରିତ କରି ଚାଲିଛନ୍ତି । କେଉଁ ଆବହମାନ କାଳରୁ ଆମ୍ଭ ପ୍ରତି ଅନ୍ୟାୟରେ କୌଣସି କାର୍ପଣ୍ୟତା କରିନାହାନ୍ତି ଆମ ଭାରତର ରାଷ୍ଟ୍ରୀୟ ଜନନାୟକଗଣ ମଧ୍ୟ । ସମୟର ଜୀର୍ଣ୍ଣପୃଷ୍ଠା ଲେଉଟାଇଲେ, ଏବେ ବି ଦୟାନଦୀର ଗୁମୁରି ହୋଇ କାନ୍ଦିବାର ଶୁଣାଯାଏ, କୋଣାର୍କର କୋହ ଏବେ ବି ବେଳାଭୂମିକୁ ଥରାଇଦିଏ । ଆମର ଓଡିଆ ଭାଷାକୁ ବିଲୋପ କରିବାର ଚକ୍ରାନ୍ତ, ଆମ ଓଡିଶାକୁ ବଙ୍ଗ ବିହାରରେ ମିଶାଇଦେବାର କୂଟନୀତି, ଆମ ସଂସ୍କୃତି ଆଉ ପରମ୍ପରାକୁ ଉଧାର ଅଣାଯିବାର ଉଦ୍ଭଟ କଳ୍ପନା କଥା ଏବେ ବି ବ୍ୟାଖ୍ୟା କଲାବେଳେ କେତେ ମହାନ୍ ଆତ୍ମାଙ୍କ କୋଟରଗତ ଆଖିରୁ ଦୁଇବୁନ୍ଦା ତତଲା ଲୁହ ବୋହିପଡେ ।

"ଓଡିଶା ମାଟିର ଭଉଣୀ ଭାଇରେ ! ମରମ କଥା ଏ ଶୁଣିଯାଅ ।
ଓଡିଆ ଭାଷାରେ ଲେଖପଢ କୁହ ଓଡିଶାର ପୋଥି ପୁରାଣ ଗାଅ ।
ବିଶ୍ୱ ଦରବାରେ ପ୍ରତିଷ୍ଠାକୁ ଇଚ୍ଛି ଓଡିଆ ଏକାଠି ହୁଅ ଆଜି ।
ଆମେ ନୋହୁଁ କ୍ଷୁଦ୍ର, ନୁହଁ ତ ଦରିଦ୍ର ଓଡିଆ ଉଠ ତୁ ନିଦ୍ରା ତେଜି ।"

ଏହା ତ ଗଲା ବାହାର ଲୋକଙ୍କ ଆମ୍ଭପ୍ରତି ଉପହାସ ତଥା ତାଚ୍ଛଲ୍ୟର ଚିରାଚରିତ ଉପାଖ୍ୟାନ । ହେଲେ ଏହି ସବୁ ସମୟର କ୍ରୁରତାକୁ ଆମ୍ଭେ କାହିଁକି ଭୁଲି ଯାଉଅଛେ ? ଯେଉଁ ଡାଳରେ ଆମ୍ଭର ଏହି ଜନ୍ମ-କର୍ମ-ଧର୍ମ -ସେଇ ଧର୍ମର ନୀଡଟି ଋତୁଚକ୍ରର ପ୍ରବାହରେ ଦୋଳାୟମାନ । ଆମ୍ଭେ ସେଇ ଡାଳଟିକୁ କୁଠାରାଘାତ କରିବାକୁ ପଶ୍ଚାତ୍‌ପଦ କାହିଁକି ହୋଇପାରୁନେ ? ସମୟର ଲେଲିହାନ ଶିଖାରେ ନିଜକୁ ଝାସ ଦେବାର ଏହି ପ୍ରୟାସ କାହିଁକି ? ଧର୍ମପଦର ଉତ୍ସାହ, ଏକାଗ୍ରତା ଆଉ ମୁଣ୍ଡି ମାରିବାର ଦୃଢତା, ବାଜି ରାଉତର ଅଟଳ ବିଶ୍ୱାସ, ଜନ୍ମଭୂମିର ପ୍ରୀତି ଆଉ ବଳିଦାନ, ଦୋହରା ବିଷୋୟୀ, ଜୟୀ ରାଜଗୁରୁ, ପଞ୍ଚସଖା ଆଉ ଓଡିଶା ଗଠନ, ବିକାଶ ଆଉ ସୁରକ୍ଷା ନିମନ୍ତେ ନିଜର ଜୀବନ, ଯୌବନ ଆଉ ସକଳ ସୁଖସ୍ୱାଚ୍ଛନ୍ଦ୍ୟକୁ ବଳିଦାନ ଦେଇଥିବା ସେହି ଅମର ଓଡିଆ ଭାଇ ଓ ଭଉଣୀଙ୍କ ଏହି ସଫଳ ପ୍ରୟାସ କଅଣ ଆମ୍ଭେ ଭୁଲିଯିବା ?

ଶ୍ରମଦାନ ତ୍ୟାଗ ଉତ୍ସର୍ଗ ଜୀବନ ଓଡିଆ ଭାଷାରେ ଥାଉ ।
ଭାଷାର ବିନ୍ୟାସ ଭୂମିର ବିକାସ ପାଇଁ ଏ ଜୀବନ ଯାଉ । ।
ସମସ୍ତେ ହାତକୁ କାନ୍ଧକୁ ମିଳାଇ ଦୃଦ ମନେ ଏକ ହେବା ।
ଓଡିଶାକୁ ବିଶ୍ୱ ସ୍ତରରେ ପ୍ରତିଷ୍ଠା ନିଶ୍ଚୟ ଆମ୍ଭେ କରିବା । ।

ଜୟ ଓଡିଆ... ଜୟ ଓଡିଶା...ଜୟ ଜଗନ୍ନାଥ !

ଭାଙ୍କୁଭର, ବ୍ରିଟିଶ୍ କଲମ୍ବିଆ, କାନାଡା,
ଜନ୍ମସ୍ଥାନ - ବଡଦାଣ୍ଡ, ଜଗନ୍ନାଥ ପ୍ରସାଦ, ଗଞ୍ଜାମ
+ ୧୬୪୭୯୯୬୫୨୮୦
prasantabhuyan@gmail.com

✠✠✠



# ମୋ ଭାଷା ମୋ ସାହିତ୍ୟ

**ବେଣୁଧର ସୂତାର**

ଭାଷା ଓ ସାହିତ    ଜାତିର ଅସ୍ତିତ୍ୱ
ଭାଷା ଜାତି ପ୍ରାଣ ସ୍ପନ୍ଦନ
ବିଭିନ୍ନତା ମଧ୍ୟେ    ଏକତାର ସୂତ୍ର
ମଧୁମନ୍ତ୍ରେ ବଦିଶ୍ୱ ବନ୍ଧନ ।।

ଜାତି ପ୍ରାଣବିନ୍ଦୁ    ଭାଷା ବଇଭବ
ମାତୃଭୂମି ମାତୃଭାଷା
ଭାଷା ବିଭୂଷଣେ    ଭାସ୍ୱର ଭାରତୀ
ପରିବ୍ୟାପ୍ତ ଜାତି ଆଶା ।।

ଭାଷାର ପ୍ରୟୋଗେ    ସାହିତ୍ୟ ଶୋଭିତ
ସାହିତ୍ୟରେ ଭିଜେ ଭାଷା
ସାହିତ୍ୟ ସାଧନେ    ଶିକ୍ଷାର ପ୍ରଗତି
ଅମୃତ ବିଭବ ଆଶା ।।

ଭାଷାଟି ଜାତିର    ଐଶ୍ୱର୍ଯ୍ୟ ପ୍ରତୀକ
ସଂସ୍କୃତିର ସୂକ୍ଷ୍ମ କଳା
ଜନ ଜୀବନର    ଆକାଂକ୍ଷାର ସୁର
ପ୍ରଗତିର ମୁଖଶାଳା ।।

ଜାତି ସ୍ୱାଭିମାନ    ମର୍ଯ୍ୟାଦା ସଂପନ୍ନ
ଭାବ ରତ୍ନ ହୀରା ମୋତି
ଭାଷା ଚେତନାର    ଦିବ୍ୟ ପରିସର
ଆତ୍ମବିଶ୍ୱାସର ସ୍ଥିତି ।।

ଭାଷା ଯେ ଭାବର    ଆଦାନ ପ୍ରଦାନ
ଭାଷା ମୈତ୍ରୀ ମନ୍ଦାକିନୀ
ଭାଷା ଅନୁରାଗ    ଭାଷାର ପରାଗ
ପ୍ରାଣ ବିନ୍ୟାସର ଧ୍ୱନି ।।

ମାତୃଭୂମି ମାତୃ    ଭାଷାର ମମତା
ମାତୃ ଭାଷାର ପ୍ରୀତି
ସଦାକାଳେ ତୋଳେ    କ୍ରାନ୍ତିର ସୁର
ଚରନ୍ତନୀ ଜୟଗୀତି ।।

ଭାଷା ସମୃଦ୍ଧିର    ଭିନ୍ନ ପରିଚୟ
ଶିକ୍ଷାଦୀକ୍ଷା ଜ୍ଞାନ ଜ୍ୟୋତି
ଶାନ୍ତି ଓ କ୍ରାନ୍ତିର    ଅମୃତ ଲହରି
ଦିବ୍ୟଭୂତି ଅନୁଭୂତି ।।

ଭାଷା ବିକାଶର    ସ୍ୱର ଓ ସ୍ୱାକ୍ଷର
ଭାଷା ପ୍ରାଣ ସଞ୍ଜିବନୀ
ଆସ ସର୍ବେ ମିଳି    ଗାଇବା ଭାଷାର
ମଧୁମୟ ଆବାହନୀ ।।

କେଶଦୁରାପାଳ, କେନ୍ଦୁଝର
ଦୂରଭାଷ:୯୧୭୮୫୬୮୨୪୬

✠✠✠

॥ ପାଞ୍ଚ ॥

# ଓଡ଼ିଆ ରଚିର ଭିନ୍ନତା : ଅନନ୍ୟ ସ୍ୱାଦ ଓ ବିଚିତ୍ର ବର୍ଣ୍ଣବିଭା

# ବାଟ ଅବାଟ

ମନଜ୍ୟୋସ୍ନା ସାମଲ

ବାଟକୁ ପଚାରିଲେ ବାଟୋଇ କଥା
ଦେଖାଇଦିଏ ଅଜସ୍ର ପାଦଚିହ୍ନ ।
ଦେଖାଏ ନିଗିଡା ଦୁଃଖର
ଲୁହତୋପାର ବତୁରା ଧୂଳି
ବାଟ କଢାଇ ନେଇଛି ପାଦକୁ ।
ଛାତିଫଟା କୋହ ଖୋଜିଯାଇଛି
ଏଇବାଟେ ନୂଆ ଜୀବନକୁ ।
ଗଣ୍ଠିଲି କରି ସ୍ୱପ୍ନକୁ
ଚିରକାଳ ଅସହଣୀ ଭୋକ ମାରିବାକୁ ।।

ଦେଖ !
ସକାଳର ଆଶାରେ
ସରାଗର ନିବିଡ ପଣରେ
ଯାଇଥିଲା ଅଣଲେଉଟା
କୁନି କୁନି ଅଳତାବୋଳା ଲକ୍ଷ୍ମୀପାଦ
ପୁଣି ଏଇବାଟେ ଫେରିଥିଲା
ଚାରିକାନ୍ଧ ହୋଇ ଗୋଟେ ମହୁଆ ପ୍ରାଣ ।
ସ୍ୱପ୍ନର ଅଧାପୋଡା ଶବ ।

ତତଲା ନିଶ୍ୱାସରେ ଧୂଳିଉଡାଇ
ଏ ରାସ୍ତାରେ ଯାଇଥିଲା
ଅନିଚ୍ଛାରେ ଦୁଇ ଯୋଡା
ଫଟା ହାଡୁଆ ପାଦ ।
ସନ୍ତାନର ଅଦୌତି
ଘୃଣା କଟାକ୍ଷ
ଜୀବନରେ ବୟିଶାଖୀ ବାଆ
ପଛେପଛେ ଧାଉଁଥିଲା
ଭଙ୍ଗାମନର ଯେତେକ ପ୍ରମାଦ ।।
ମୁଁ ଏମିତି ନିଜକୁ ବିଛାଇ ଦେଇଛି
ନିର୍ବିକାର ହୋଇ କାଳ କାଳକୁ ।
ନା ଡାକି ପାରୁଛି
ଖାଲି ମଉନେ ଶୁଣୁଛି
"ମନେ ପାଂଚିଛ କି
ହାଟ ମଝିଟାରେ
ଠିଆ କରି ବାଟ ହୁଡାଇ ହେ" ।
ହୁଡିଗଲା ପାଦ ଦେଖି
ବାଟରୁ ମୋ ନାଁ ପୁଣି
ଅବାଟ ହେଉଛି ।।

ବରମୁଣ୍ଡା, ଭୁବନେଶ୍ୱର
ମୋ - ୮୨୪୯୮୩୬୬୧୧



# ଆମ ଖାଦ୍ୟ, ଆମ ସଂସ୍କୃତି

ଅସିତ ମହାନ୍ତି

୨୦୧୯ ମସିହା ଜୁଲାଇ ମାସ ୨୯ ତାରିଖ ରାଜ୍ୟବାସୀଙ୍କ ପାଇଁ ଏକ ସୁସମ୍ବାଦ ନେଇ ଆସିଥିଲା । ସେଦିନ ଚେନ୍ନାଇସ୍ଥିତ ଭାରତ ସରକାରଙ୍କର ଜି.ଆଇ. ରେଜିଷ୍ଟ୍ରୀ ପକ୍ଷରୁ 'ଓଡ଼ିଶା ରସଗୋଲା' ଜି.ଆଇ. ମାନ୍ୟତା ପାଇବା ବିଷୟରେ ବିଜ୍ଞପ୍ତି ପ୍ରକାଶ ପାଇଲା । ତାହା ସାରା ରାଜ୍ୟରେ ଏକ ମିଠାମିଠା ଅନୁଭବର ଲହରୀ ଖେଳାଇଦେଲା । କାରଣ ୨୦୧୭ ନଭେମ୍ବର ୧୪ ତାରିଖ ଦିନ ସାରା ରାଜ୍ୟରେ ଏକ ବିଷର୍ଣ୍ଣତାର ବାତାବରଣ ଖେଳି ଯାଇଥିଲା । ସେଦିନ ପଶ୍ଚିମବଙ୍ଗ 'ବାଂଲାର ରସଗୋଲ୍ଲା' ପାଇଁ ଜି.ଆଇ. ମାନ୍ୟତା ପାଇଥିଲା । ବଙ୍ଗବାସୀ ତାହାକୁ ଓଡ଼ିଶା ଉପରେ ଏକ ବଡ଼ ବିଜୟ ବୋଲି ମନେ କରି ଉଠବମୁଖର ହୋଇ ଉଠିଥିଲେ । ପ୍ରଚାର କରିଥିଲେ ଯେ ଏହି ମାନ୍ୟତା ଫଳରେ 'ରସଗୋଲ୍ଲା' ନାମକ ଛେନାମିଠା ତାଙ୍କର ବୋଲି ସାବ୍ୟସ୍ତ ହେଲା । କିନ୍ତୁ 'ଓଡ଼ିଶା ରସଗୋଲା'ର ଜି.ଆଇ. ମାନ୍ୟତା ସେମାନଙ୍କର ସମସ୍ତ ଉଠାହକୁ ଏବେ ଫିକା କରିଦେଇଛି । ସାବ୍ୟସ୍ତ ହୋଇଛି ଯେ 'ରସଗୋଲା' ମୂଳତଃ ଓଡ଼ିଶାର ମିଠା । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବଙ୍ଗଳାରେ 'ରସଗୋଲ୍ଲା'ର ଉଦ୍ଭବ ହୋଇଥିବା ବେଳେ ପଞ୍ଚଦଶ ଶତାବ୍ଦୀ ଶେଷ ଭାଗରେ ରଚିତ 'ଦାଣ୍ଡି ରାମାୟଣ'ରେ 'ରସଗୋଲା' ଅଛି । ଏହା ସାରା ଓଡ଼ିଶାବାସୀଙ୍କୁ ଆଶ୍ୱସ୍ତ କରିବା ସହିତ ବଙ୍ଗଳାର ଦାବିକୁ ଧ୍ୱସ୍ତ କରି ଦେଇଛି । ସେଥିପାଇଁ ଗୋଟିଏ ଇଂରାଜୀ ପୋର୍ଟାଲ୍‌ରେ 'ଓଡ଼ିଶା ରସଗୋଲା'କୁ 'ସୁଇଟ୍ ବମ୍ବ' (ମିଠା ବୋମା) କୁହାଯାଇଛି ।

ଦୁଧଛେନାରୁ ତିଆରି ରସଗୋଲା ପରି ଗୋଟିଏ ଛୋଟ ମିଠା ଯେ ଗୋଟିଏ ଜାତିର ଅସ୍ମିତା ସହିତ ଏତେ ମାତ୍ରାରେ ଜଡ଼ିତ ହୋଇଥାଇପାରେ- ସେହି ଜାତିର ସାଂସ୍କୃତିକ ପରିଚିତି ପାଲଟିଯାଇ ପାରେ- ଏହା ସମ୍ଭବତଃ ଆମେ ସମସ୍ତେ ପ୍ରଥମକରି ଅନୁଭବ କରିଥିଲୁ ୨୦୧୭ ନଭେମ୍ବର ୧୪ ତାରିଖ ଦିନ । ସେଇଥିପାଇଁ ସେଦିନ ରସଗୋଲାକୁ ନେଇ ସାରା ଓଡ଼ିଶା କ୍ଷୁବ୍ଧ ହୋଇ ଉଠିଥିଲା । ସବୁ ତଥ୍ୟ, ପ୍ରମାଣ ଥାଇ ମଧ୍ୟ, ସରକାର ଶୋଇ ରହିଥିବାରୁ ସେହି ଉଦାସୀନତା ନେଇ ଆକ୍ଷେପ କରାଯାଇଥିଲା । ଫଳରେ ସରକାର ରସଗୋଲାର ତୁରନ୍ତ ଜି.ଆଇ. ଆବେଦନ କରିବାପାଇଁ ତତ୍ପର ହୋଇଉଠିଥିଲେ । ତାହାର ସୁଫଳ ଆମକୁ ମିଳିଲା ୨୦୧୯ ଜୁଲାଇ ୨୯ରେ ।

## 'ପ୍ରକୃତି' ଓ 'ସଂସ୍କୃତି'

ଗୋଟିଏ ଲୋକପ୍ରିୟ ଉକ୍ତି ଅଛି ଯେ ଖାଦ୍ୟ,ବସ୍ତ୍ର ଓ ବାସଗୃହ- ଏ ତିନିଟି ହେଉଛି ମଣିଷର ତିନିଟି ମୌଳିକ ଆବଶ୍ୟକତା । କିନ୍ତୁ ବୃହତ୍ତର ଦୃଷ୍ଟିରୁ ଦେଖିଲେ, ଭାଷାଠାରୁ ଆରମ୍ଭ କରି ବେଶପୋଷାକ, ଖାଦ୍ୟପେୟ, ଘରକରଣା- ଏସବୁ ଗୋଟିଏ ଜାତିର ସଂସ୍କୃତି ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କିନ୍ତୁ ଗୋଟିଏ ଅଞ୍ଚଳର ଖାଦ୍ୟପେୟର ରୀତି, ବେଶପୋଷାକର ପରିପାଟୀ ଓ ଘରକରଣାର ପଦ୍ଧତି ଅନ୍ୟ ଗୋଟିଏ ଅଞ୍ଚଳଠାରୁ ଭିନ୍ନ ହୋଇଥାଏ । ଏହାର କାରଣ, ସେ ଅଞ୍ଚଳର ପ୍ରକୃତି । ଏବେ ବିଶ୍ୱାୟନ ଫଳରେ ଏସବୁକୁ ନେଇ ରହିଆସିଥିବା ପରମ୍ପରା ଅବଶ୍ୟ ଦ୍ରୁତ ପରିବର୍ତ୍ତିତ ହେଉଛି- କିନ୍ତୁ କାଳେକାଳେ ଏହା ପ୍ରକୃତି ଅନୁରୂପ ହିଁ ଥିଲା । ଯେଉଁ ଅଞ୍ଚଳର ପ୍ରକୃତି ଯେପରି, ସେ ଅଞ୍ଚଳର ଖାଦ୍ୟ, ବସ୍ତ୍ର ଓ ବାସଗୃହ ମଧ୍ୟ ସେପରି ହେଉଥିଲା । ସେଥିପାଇଁ ଆଞ୍ଚଳିକ ଭେଦରେ ପାରସ୍ପରିକ ଭିନ୍ନତା ପରିଲକ୍ଷିତ ହେଉଥିଲା । ତାହା ସେହି ଅଞ୍ଚଳର ସଂସ୍କୃତିକୁ ଗଢୁଥିଲା । ରସଗୋଲା ପରି ବହୁ ଦୁଗ୍ଧଜାତ ଭୋଗ ସାମଗ୍ରୀ କିପରି ଆମ ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କ ସହ ସମନ୍ୱିତ ହୋଇ ଆମ ସଂସ୍କୃତି ଗଢ଼ିଛି- ତାହା ଆଜି ଆଉ କାହାକୁ ବୁଝାଇବାର ଆବଶ୍ୟକତା ନାହିଁ ।

ଯେହେତୁ ପ୍ରସଙ୍ଗଟି ହେଉଛି- 'ଆମ ଖାଦ୍ୟ, ଆମ ସଂସ୍କୃତି', ସେହେତୁ ଟିକିଏ ତାତ୍ତ୍ୱିକ ଦୃଷ୍ଟିରୁ ହିଁ ପ୍ରଶ୍ନ କରାଯାଇପାରେ ଯେ ଏହି 'ଖାଦ୍ୟ ସଂସ୍କୃତି'ଟି ପ୍ରକୃତରେ କ'ଣ ? ଏ ପ୍ରସଙ୍ଗରେ ସଂକ୍ଷେପରେ କୁହାଯାଇପାରେ- ପଶୁର ଖାଦ୍ୟ ତା'ର ପ୍ରକୃତି ସହିତ ଜଡ଼ିତ, କିନ୍ତୁ ମନୁଷ୍ୟର ଖାଦ୍ୟ ତା'ର ସଂସ୍କୃତି ସହିତ ଜଡ଼ିତ । କିନ୍ତୁ 'ଖାଦ୍ୟ-ସଂସ୍କୃତି' କ'ଣ, ସେ ପ୍ରସଙ୍ଗରେ ଗୋଟିଏ ସୁନ୍ଦର ଓ ସରଳ ଉଦାହରଣ ଦେଇଛନ୍ତି ବିଶିଷ୍ଟ ଭାଷାବିତ୍ ପ୍ରଫେସର ବିଜୟ ପ୍ରସାଦ ମହାପାତ୍ର । 'ସାରଳା ମହାଭାରତରେ ଓଡ଼ିଆ ଖାଦ୍ୟର ପରମ୍ପରା' ଶୀର୍ଷକ ପ୍ରବନ୍ଧରେ ସେ କହିଛନ୍ତି, ''ବାଇଗଣ ପ୍ରକୃତିର । କିନ୍ତୁ ସେଇ ବଣ୍ୟ ଉଦ୍ଭିଦକୁ ଯୁଗଯୁଗ ଧରି ଚାଷ କରି, ଫଳ ଫଳାଇ, ତାକୁ ଯଥା ସମୟରେ ତୋଳି, ଆବଶ୍ୟକୀୟ ଅଗ୍ନିତାପରେ ପୋଡ଼ି, ଚୋପାଛଡ଼ାଇ, ସେଥିରେ ଲୁଣ, ତେଲ, କଞ୍ଚାଲଙ୍କା ଆଦି ମକ୍ଷି, ତାକୁ 'ବାଇଗଣ ଭରତା' ବା ଏକ ଖାଦ୍ୟରେ ପରିଣତ କରିବା ଏକ ଓଡ଼ିଆ ସାଂସ୍କୃତିକ ଉଦ୍ଭାବନ । ବସ୍ତୁତଃ ପ୍ରକୃତିକୁ ସଂସ୍କୃତିରେ ରୂପାନ୍ତରୀକରଣ ମାନବ ସମାଜର ଏକ ଚିରନ୍ତନ, ପ୍ରବହମାନ ଧାରା- ଯେଉଁ ଧାରାରେ ପଡ଼ି ବଣ୍ୟ ଉଦ୍ଭିଦ ଚାଷୋପଯୋଗୀ ହୋଇଥାଏ; ଜଙ୍ଗଲର ପଶୁ ଗୃହପାଳିତ ହୋଇଥାଏ; ନଇମାଟି ହୋଇଥାଏ ସୁଢ଼ଳ ମୃତ୍ପାତ୍ର । ପାର୍ଥିବ ଜଗତର ଏହି ସାଂସ୍କୃତିକ ରୂପାନ୍ତରୀକରଣରେ ରହିଛି ମନୁଷ୍ୟର ଯୁଗଯୁଗର ସାଧନା, ଅଧ୍ୟବସାୟ ଓ ଅନୁଭୂତି । ଏହି ସାଧନା- ଯାହା ବଳରେ ପ୍ରକୃତି ପରିଣତ ହୁଏ ସଂସ୍କୃତିରେ, ତାହା ସେହି ଜାତିର ନିଜସ୍ୱ । ସେହିପରି ଖାଦ୍ୟ ଓଡ଼ିଆ ସଂସ୍କୃତିର ସୃଷ୍ଟି, ଯାହାକୁ ନେଇ ଓଡ଼ିଆ ଜାତିର ଖାଦ୍ୟ ପରମ୍ପରା ।''

ଏଇଥିପାଇଁ ହିଁ ଗତ ପ୍ରାୟ ପାଞ୍ଚ ବର୍ଷ ଧରି ରସଗୋଲାକୁ ନେଇ ଓଡ଼ିଶା ଓ ବଙ୍ଗଳା ଭିତରେ ଏକ ବଡ଼ ବିବାଦ ଠିଆ ହୋଇଥିଲା । ଏ ବିବାଦ ଏକ 'ମିଠା ଯୁଦ୍ଧ'ରେ ବି ପରିଣତ ହୋଇଥିଲା । ଛୋଟଛୋଟ ଆଖ୍ୟାନିକା (ଆନିକ୍‌ଡଟ୍)କୁ ଯୋଡ଼ି, ଇତିହାସର ଛିନ୍ନସୂତ୍ରକୁ ଗଇଁଠେଇ, ତା' ସହିତ ସାହିତ୍ୟକୁ ଓ ବ୍ୟକ୍ତିବିଶେଷଙ୍କ ଅନୁଭୂତିକୁ ମିଶାଇ, ସେମାନେ ତାଙ୍କ ରାଜ୍ୟରେ ରସଗୋଲାର ଏକ ଇତିହାସ ସୃଷ୍ଟି କରିବାକୁ ଚେଷ୍ଟା ଚଳାଇଥିଲେ । କେବଳ ସେତିକି ନୁହେଁ, ନବ୍ୟ ଖାଦ୍ୟ-ଗବେଷକ ଓ ଖାଦ୍ୟ-ଐତିହାସିକମାନଙ୍କୁ ନେଇ ସେମାନେ ରସଗୋଲା ସମେତ ଅନ୍ୟାନ୍ୟ ଖାଦ୍ୟ-ଦ୍ରବ୍ୟକୁ ନିଜର ବୋଲି ପ୍ରତିପାଦିତ କରିବାକୁ ପ୍ରବଳ ଭାବରେ ଉଦ୍ୟମ କରିଥିଲେ ।

## ପାକ-ଗ୍ରନ୍ଥ ଓ ଖାଦ୍ୟ-ଗବେଷଣା

ପାକ-ଗ୍ରନ୍ଥ ରଚନା ଓ ଖାଦ୍ୟ-ଗବେଷଣା ଏ କ୍ଷେତ୍ରରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାବ । ପ୍ରତିବେଶୀ ବଙ୍ଗଳାରେ ଏନେଇ ହୋଇଥିବା ଉଦ୍ୟମ ଲକ୍ଷ୍ୟଣୀୟ । 'ପାକରାଜଶ୍ୱେର' (୧୯୩୧) 'ବ୍ୟଞ୍ଜନ ରତ୍ନାକର' (୧୮୭୪) ଓ 'ବାମାବୋଧିନୀ ପତ୍ରିକା' (୧୮୭୪) ଆଦିର ଲେଖା ମାଧ୍ୟମରେ ସେଠାରେ ପ୍ରସ୍ତୁତ ହୋଇଛି ଏକ ପୃଷ୍ଠଭୂମି । ବହୁ ମିଥ୍ୟାତଥ୍ୟର ଗନ୍ତାଘର ହେଲେ ହେଁ ସଦ୍ୟତମ 'ରସଗୋଲ୍ଲାଃ ବାଂଲାର ଜଗତ୍‌ମାତାନୋ ଆବିଷ୍କାର' (୨୦୧୫, ଅକ୍ଟୋବର) ପୁସ୍ତକ ସେହି ବଙ୍ଗୀୟ ଅସ୍ମିତାକୁ ଅଧିକ ପ୍ରଚୋଦିତ କରିଛି ।

ବଙ୍ଗଳାର ଲୋକପ୍ରିୟ ଔପନ୍ୟାସିକମାନେ ମଧ୍ୟ ଏ କ୍ଷେତ୍ରରେ ପଛରେ ନାହାନ୍ତି । ୨୦୧୭ ନଭେମ୍ବର ୧୪ ପରଠାରୁ ସମ୍ବାଦପତ୍ର, ଟେଲିଭିଜନ ଓ ସାମାଜିକ ଗଣମାଧ୍ୟମରେ ଏ ନେଇ ଚର୍ଚ୍ଚା ତୀବ୍ର ହେବା ପରେ, ବିଶିଷ୍ଟ କଥାକାର ଜ୍ୟୋତି ନନ୍ଦ ତାଙ୍କର ଗୋଟିଏ 'ଫେସ୍‌ବୁକ୍ ପୋଷ୍ଟିଂ'ରେ ଏ ସଂପର୍କରେ ଲେଖିଥିଲେ, ''ରସଗୋଲା କଥା ଉଠିଲା ବେଳେ ମୋର କହିବା କଥା ହେଉଛି, ଏହାକୁ ନେଇ ଖବରକାଗଜରେ ବିତର୍କ ହେଉଛି- ମାତ୍ର ଆମର ଏକାଡେମିକ୍ ସର୍କଲରେ କେତେ ଆଲୋଚନା, ପର୍ଯ୍ୟାଲୋଚନା ହେଉଛି ? ବଙ୍ଗଳାରେ ଅନେକ ବିଦ୍ୱାନ ଖାଦ୍ୟ ଇତିହାସ ଉପରେ ଅନେକ କାମ କରିଛନ୍ତି; ଅନ୍ୟ ପକ୍ଷରେ ଆମର ସେ ଦିଗରେ ଆଗ୍ରହ ଅଛି କି ?... ବଙ୍ଗଳାର ଜନପ୍ରିୟ ଲେଖକ 'ଶଙ୍କର' ତାଙ୍କର ସୁବୃହତ୍ ଉପନ୍ୟାସ ସହ ବିବେକାନନ୍ଦଙ୍କ ଜୀବନୀ ସମେତ ତିନିଶହ ପୃଷ୍ଠାର ଏକ ଅତ୍ୟନ୍ତ ରୋଚକ ପୁସ୍ତକ ଲେଖିପାରନ୍ତି- ଯାହାର ଶୀର୍ଷକ 'ରାନ୍ନା ଘର୍, କିଚେନ୍, କିଂବା ରସବତୀ (ବଙ୍ଗୀୟ ରସନାର ରସାଲୋ କାହିନୀ)' । ଯେଉଁମାନେ ବଙ୍ଗଳାର ଲେଖକ ଶଙ୍କରଙ୍କୁ ପଢ଼ିଛନ୍ତି, ସେମାନେ ଜାଣିଛନ୍ତି ତାଙ୍କର ପଠନୀୟତା ଓ ଲୋକପ୍ରିୟତା କେଉଁ ପର୍ଯ୍ୟାୟର । ଶ୍ରୀଯୁକ୍ତ ଶଙ୍କର ବଙ୍ଗୀୟ ପାଠକଙ୍କପାଇଁ ବଙ୍ଗଳାର ଖାଦ୍ୟ ବିଷୟରେ ଏହି ଐତିହାସିକ ପ୍ରେକ୍ଷାପଟଟି ପ୍ରସ୍ତୁତ କରି ସେମାନଙ୍କର ଖାଦ୍ୟଜ୍ଞାନକୁ ପୁଷ୍ଟ କରିଛନ୍ତି । ଆମର ଲେଖକମାନେ ସେଭଳି ଗୁରୁତ୍ୱହୀନ କାର୍ଯ୍ୟରେ ମନୋନିବେଶ କରି ଏଠିକାର ପାଠକମାନଙ୍କର ଆଧିଭୌତିକ ଓ ଅନ୍ୱେଷାଭିତ୍ତିକ ପୁସ୍ତକୋଚିତ ରୂପାୟନରୁ ବିଚ୍ୟୁତ ହେବାକୁ ସୃଜନଶୀଳତାର ଅପବ୍ୟବହାର ବିଚାରକରି ବିଭିନ୍ନ ପଦ୍ମ ସମ୍ମାନରେ ଭୂଷିତ ହେବାକୁ ଶ୍ରେୟସ୍କର ମଣିଥାଆନ୍ତି । ଅବଶ୍ୟ ଖବରକାଗଜର ଜୀବନଚିନ୍ତାରେ ଆମେ ଡ୍ରମ୍ ପିଟୁଥାଉ ଆଉ ଆମ ଆଖିରେ ଜୋର୍‌ରେ ବନ୍ଧା ଅନ୍ଧପୁଟୁଳି । ... କହିବାର କଥା ହେଉଛି, ଆମର ସ୍ୱାଭିମାନକୁ ଆମର ଅଧ୍ୟୟନ ପରିସରକୁ ଆଣି, ଏକ ଉତ୍ସବ ଭଳି ପାଳନ କରି, ପରବର୍ତ୍ତୀ ପ୍ରଜନ୍ମ ସହିତ ଏହାର ଏକ ଅନ୍ତରଙ୍ଗତା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି- ତାହା ରସଗୋଲା ହେଉ କି ଆଉ ଯେଉଁ କଥା ହେଉ ।''

'ଫେସ୍‌ବୁକ୍' ପରି 'ସୋସିଆଲ୍ ମିଡ଼ିଆ'ରେ ଅତ୍ୟନ୍ତ ସକ୍ରିୟ ଓ ସର୍ଜନଶୀଳ ଥିବା ଜ୍ୟୋତି ନନ୍ଦଙ୍କ ଏହି ଉଦ୍‌ବେଗ ପରିପ୍ରେକ୍ଷୀରେ, 'ଓଡ଼ିଶାର ଖାଦ୍ୟ ସଂସ୍କୃତି' ବାବଦରେ ଓଡ଼ିଆରେ ଏଯାଏ କି କାମ ହୋଇଛି, ତାହାର ଏକ ସଂକ୍ଷିପ୍ତ ଆକଳନ ଆବଶ୍ୟକ । ଏକ ଅତ୍ୟନ୍ତ ଉଦ୍‌ବେଗଜନକ ବିଷୟ ହେଉଛି, ସାରଳା ଦାସଙ୍କ 'ମହାଭାରତ' ଓ ବଳରାମ ଦାସଙ୍କ 'ରାମାୟଣ'ଠାରୁ ଆରମ୍ଭ କରି ଅଭିମନ୍ୟୁ ସାମନ୍ତସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି' ପର୍ଯ୍ୟନ୍ତ; ପୁଣି ଓଡ଼ିଆ ସାହିତ୍ୟର ପ୍ରଥମ କାଳ୍ପନିକ କାବ୍ୟ ଅର୍ଜୁନ ଦାସଙ୍କ 'କଳ୍ପଲତା'ଠାରୁ ଆରମ୍ଭ କରି 'ଇନ୍ଦ୍ରଧନୁ'ରେ ପ୍ରକାଶିତ ଦାମୋଦର ପଟ୍ଟନାୟକଙ୍କ 'ବାଲିଯାତ୍ରା' କବିତା ପର୍ଯ୍ୟନ୍ତ; ସେହିପରି ଫକୀରମୋହନ ସେନାପତିଙ୍କ 'ଛମାଣ ଆଠଗୁଣ୍ଠ'ଠାରୁ ଆରମ୍ଭ କରି ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ 'ଉତ୍କଳ କାହାଣୀ'ର 'ମାଡ଼ହାଣ୍ଡି' ଗଳ୍ପ ପର୍ଯ୍ୟନ୍ତ- ଓଡ଼ିଆ ଖାଦ୍ୟର ପ୍ରଚୁର ବର୍ଣ୍ଣନା ଆମ ସାହିତ୍ୟରେ ଥିଲେ ମଧ୍ୟ, ହୁଏତ ଓଡ଼ିଶାର କୌଣସି ବିଶ୍ୱବିଦ୍ୟାଳୟ ପକ୍ଷରୁ କୌଣସି ଓଡ଼ିଆ ପ୍ରଫେସରଙ୍କ ତତ୍ତ୍ୱାବଧାନରେ ଏଯାଏ ଗୋଟିଏ ହେଲେ ଗବେଷଣା ସନ୍ଦର୍ଭ ସେ ବାବଦରେ ପ୍ରସ୍ତୁତ ହୋଇନାହିଁ ।

ସମ୍ଭବତଃ ଏ ଦିଗରେ ଗୋଟିଏ ପଥିକୃତ୍ ପଦକ୍ଷେପ ଥିଲା କାନାଡ଼ାର 'ସୋସିଆଲ୍ ସାଇନ୍‌ସେସ୍ ଆଣ୍ଡ ହ୍ୟୁମାନିଟିଜ୍ ରିସର୍ଚ୍ଚ କାଉନ୍‌ସିଲ୍' ସହଯୋଗରେ, ୨୦୦୩ ଜାନୁଆରି ୧୯ ତାରିଖରେ ଭୁବନେଶ୍ୱରଠାରେ ଆୟୋଜିତ ଏକ ଆଲୋଚନାଚକ୍ର । ସେହି ଆଲୋଚନାଚକ୍ରର ଉଦ୍ୟୋକ୍ତା ତଥା ଅନ୍ୟତମ ଆଲୋଚକ ଥିଲେ ମକ୍ଗିଲ୍ ବିଶ୍ୱବିଦ୍ୟାଳୟ, କାନାଡ଼ାର ପ୍ରଫେସର ପଲ୍ ସେଣ୍ଟ ପିୟର୍ । ଆଲୋଚନାଚକ୍ରରେ ପଠିତ ପ୍ରବନ୍ଧଗୁଡ଼ିକ ସହିତ ଅନ୍ୟାନ୍ୟ ସୂତ୍ରରୁ ସଂଗୃହୀତ କେତେକ ରଚନାକୁ ନେଇ 'ଓଡ଼ିଶାର ଖାଦ୍ୟ ସଂସ୍କୃତି' (ପ୍ରଥମ ପରିବର୍ଦ୍ଧିତ ପ୍ରକାଶ, ଅଗ୍ରଦୂତ, ୨୦୧୨) ପୁସ୍ତକ ଏବେ ଉପଲବ୍ଧ । ତାହାର ସଂପାଦକ ପ୍ରଫେସର ଗଣେଶ୍ୱର ମିଶ୍ର । ତାହାର ଦୀର୍ଘ ପ୍ରାୟ ଚଉଦ ବର୍ଷ ପରେ, ସମ୍ଭବତଃ 'ଓଡ଼ିଆ ସାହିତ୍ୟ ଓ ଓଡ଼ିଆ ଖାଦ୍ୟ ସଂସ୍କୃତି'କୁ ନେଇ ଦ୍ୱିତୀୟ ଆଲୋଚନାଚକ୍ରର ଆୟୋଜନ ହୋଇଥିଲା ୨୦୧୭ ମାର୍ଚ୍ଚ ମାସ ଶେଷ ଭାଗରେ, କଟକର ପୁରାତନ ଗବେଷଣା ସଂସ୍ଥା 'ଓଡ଼ିଆ ଗବେଷଣା ପରିଷଦ' ପକ୍ଷରୁ ।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ଓଡ଼ିଶାର ଖାଦ୍ୟ ସଂସ୍କୃତି ପରି, ଓଡ଼ିଶାର ମନ୍ଦିର ଓ ମଠମାନଙ୍କର ଭୋଗ ପରମ୍ପରାର ମଧ୍ୟ ଅନେକ ବିଶେଷତ୍ୱ ରହିଛି ଏବଂ ଏହା ଊଣା ଅଧିକେ ଶ୍ରୀଜଗନ୍ନାଥ ମନ୍ଦିରର ଭୋଗ ପରମ୍ପରାଦ୍ୱାରା ପ୍ରଭାବିତ । ଏପରିକି ଏକାଦଶ ଶତାବ୍ଦୀରେ ନିର୍ମିତ ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିର ଏବଂ ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ କୋଣାର୍କର ସୂର୍ଯ୍ୟମନ୍ଦିରର ଭୋଗ ପରଂପରା ମଧ୍ୟ ଦ୍ୱାଦଶ ଶତାବ୍ଦୀର ଏହି ମନ୍ଦିରର ଭୋଗ ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଥିବାର ପ୍ରମାଣ ମିଳେ । କିନ୍ତୁ ଏ ସଂପର୍କରେ ଗବେଷଣା ତ ଦୂରର କଥା, ସବିଶେଷ ଆଲୋଚନା ମଧ୍ୟ ୨୦୧୭ ଆରମ୍ଭ ଯାଏ ହୋଇ ନଥିବା ଜଣାଯାଏ । ସମ୍ଭବତଃ, ପ୍ରଥମଥରପାଇଁ ପୁରୀର 'ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ' ପକ୍ଷରୁ ୨୦୧୭ ଫେବୃଆରି ମାସରେ ଭୁବନେଶ୍ୱରରେ ଗୋଟିଏ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଏବଂ ସେଥିରେ ପଠିତ ଓ ଆଲୋଚିତ ପ୍ରବନ୍ଧଗୁଡ଼ିକୁ ନେଇ ସ୍ୱତନ୍ତ୍ର ପୁସ୍ତକ ମଧ୍ୟ ପ୍ରକାଶ ପାଇଛି । 'ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ' ମଧ୍ୟ ୨୦୧୭ରେ ତାଙ୍କର 'ସଂସ୍କୃତି ଅଧ୍ୟୟନ' ବିଭାଗ

ପକ୍ଷରୁ 'ଓଡ଼ିଶାର ଖାଦ୍ୟ ସଂସ୍କୃତି' ସଂପର୍କରେ ଏକ ବକ୍ତୃତା ସଭାର ଆୟୋଜନ କରିଛନ୍ତି ।

ତେବେ, ପ୍ରଫେସର ଗଣେଶ୍ୱର ମିଶ୍ରଙ୍କଦ୍ୱାରା ସଂପାଦିତ ପୁସ୍ତକ (ଓଡ଼ିଶାର ଖାଦ୍ୟ ସଂସ୍କୃତି) ଭିନ୍ନ ଓଡ଼ିଆରେ ଆଉ କେତୋଟି ଉଲ୍ଲେଖନୀୟ ପୁସ୍ତକ ରହିଛି । ସେହିସବୁ ପୁସ୍ତକ ମଧ୍ୟରେ ସରୋଜିନୀ ଚୌଧୁରୀଙ୍କ 'ଗୃହିଣୀ ସର୍ବସ୍ୱ' ପ୍ରମୁଖ । ଏହା ସମ୍ଭବତଃ ଓଡ଼ିଆ ଭାଷାରେ ଓ ଓଡ଼ିଶାର ରନ୍ଧନକଳା ବାବଦରେ ପ୍ରଥମ ପୁସ୍ତକ । ୧୯୨୮ ମସିହାରେ ପ୍ରଥମେ ପ୍ରକାଶିତ ଏହି ପୁସ୍ତକ ଦୀର୍ଘ ପ୍ରାୟ ୮୦ ବର୍ଷ ପରେ ପୁନଃ ପ୍ରକାଶପାଇଛି । (ଲାର୍କ ବୁକ୍ସ, ଭୁବନେଶ୍ୱର, ୨୦୦୯) । ସେହିପରି ଆଉ ଦୁଇଟି ଉଲ୍ଲେଖନୀୟ ପୁସ୍ତକ ହେଉଛି ପ୍ରସନ୍ନ କୁମାରୀ ଦେବୀଙ୍କ 'ଓଡ଼ିଶୀ ରନ୍ଧନ କଳା' (ଅଗ୍ରଦୂତ, କଟକ, ୧୯୯୭) ଏବଂ ଡ@ର ଭାସ୍କର ମିଶ୍ର ଓ ବିଶ୍ୱନାଥ ସାମନ୍ତରାଙ୍କ 'ଶ୍ରୀମନ୍ଦିରର ରାଜଭୋଗ ଓ ରୋଷଶାଳା-ଐତିହ୍ୟ' (ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୬) । 'ଓଡ଼ିଶୀ ରନ୍ଧନକଳା' ପୁସ୍ତକରେ ଗୋଟିଏ ଦୀର୍ଘ ମୁଖବନ୍ଧ (ଆମ ଭୋଜନ ସଂସ୍କୃତି ବିଷୟରେ ପଦେ) ଲେଖିଛନ୍ତି ବିଶିଷ୍ଟ ଲେଖକ ମହାପାତ୍ର ନୀଳମଣି ସାହୁ ।

କିନ୍ତୁ ଆମର ପାରମ୍ପରିକ ଖାଦ୍ୟ ଦ୍ରବ୍ୟକୁ ବାହାରେ ପରିଚିତ କରାଇବାପାଇଁ ଅତି କମ୍‌ରେ ଇଂରାଜୀ ଓ ହିନ୍ଦୀ ଭାଷାରେ ପୁସ୍ତକ ରଚନାର ଆବଶ୍ୟକତା ରହିଛି । ଏ ଦିଗରେ ଦୁଇଟି ପୁସ୍ତକ ହେଉଛି ଉଷାରାଣୀ ତ୍ରିପାଠୀଙ୍କର- 'Taste of Odisha' (2011) ଓ 'My Odia Kitchen' (2015) ପ୍ରଥମଟି ମୁଖ୍ୟତଃ ଓଡ଼ିଆ ପିଠା ଓ ମିଠା ବାବଦରେ ହୋଇଥିବାବେଳେ ଦ୍ୱିତୀୟଟି ମୁଖ୍ୟତଃ ନିରାମିଷ ଖାଦ୍ୟ ଉପରେ ପର୍ଯ୍ୟବସିତ । ଉଲ୍ଲେଖନୀୟ ଯେ ରସଗୋଲା ପରି ଗୋଟିଏ ନିର୍ଦ୍ଦିଷ୍ଟ ମିଠାକୁ ନେଇ ଏହି ଲେଖକର 'ଶ୍ରୀଜଗନ୍ନାଥଙ୍କ ରସଗୋଲା' ପୁସ୍ତକ (୨୦୧୭) ଏ କ୍ଷେତ୍ରରେ ଏକ ନୂଆ ଦିଗନ୍ତର ଉନ୍ମୋଚନ କରିଛି ।

କିନ୍ତୁ ଏସବୁ ସତ୍ତ୍ୱେ, ଏଠାରେ କହିବାରେ ଆଦୌ କୁଣ୍ଠା ନାହିଁ ଯେ ଓଡ଼ିଆ ଲୋକସାହିତ୍ୟରେ, ଓଡ଼ିଆ ବିଦଗ୍ଧ ସାହିତ୍ୟରେ ଓ ଓଡ଼ିଆ ପରଂପରା ଓ ଚଳଣିରେ ପ୍ରଚୁର ପରିମାଣରେ ମହଜୁଦ ଥିବା ଆମ ଖାଦ୍ୟ ସଂସ୍କୃତିର ନିଦର୍ଶନ ଦୃଷ୍ଟିରୁ, ଏହିସବୁ ପୁସ୍ତକ ଓ ଆଲୋଚନା ଅତ୍ୟନ୍ତ ସ୍ୱଳ୍ପ । ଏ ସଂପର୍କରେ ସ୍ୱତନ୍ତ୍ର ଚର୍ଚ୍ଚା, ଗବେଷଣା ଓ ପଞ୍ଜୀକରଣର ପ୍ରଚୁର ଅବକାଶ ରହିଛି । ତା' ନହେଲେ ସେସବୁର ପରିଣାମ ୨୦୧୭ ନଭେମ୍ବର ପରି ଖଟା ହିଁ ହେବ ।

## 'ବଡ଼ଭାତ-ସାନଭାତ' କଥା

'ଆମ ଓଡ଼ିଶା' ପକ୍ଷରୁ ୨୦୦୭ ଡିସେମ୍ବର ପ୍ରକାଶ ପାଇଛି ସୁରେନ୍ଦ୍ର ମହାନ୍ତିଙ୍କ 'ଶେଷସ୍ତମ୍ଭ'ର ସମଗ୍ର ସଂକଳନ । 'ସମ୍ବାଦ'ର ପ୍ରଥମ ସଂପାଦକ ସୁରେନ୍ଦ୍ର ମହାନ୍ତି ଏହି ଦୈନିକର ପ୍ରଥମ ସଂଖ୍ୟା (୧୯୮୪, ଅକ୍ଟୋବର ୪) 'ସାହିତ୍ୟ' ପୃଷ୍ଠାରେ ଆରମ୍ଭ କରିଥିଲେ ଏହି ସ୍ତମ୍ଭ ଏବଂ ତାହାର ୨୭ ଅଗଷ୍ଟ ୧୯୮୯ ସଂଖ୍ୟାରେ ପ୍ରକାଶ ପାଇଥିବା 'ଶେଷସ୍ତମ୍ଭ'ର ଶୀର୍ଷକ ଥିଲା 'ବଡ଼ଭାତ-ସାନଭାତ' । ସେହି ଲେଖାରେ, ଦୀର୍ଘ ୪୨ ବର୍ଷ ତଳର, ଦେଶ ସ୍ୱାଧୀନ ହେବା ବର୍ଷର ଏକ ସ୍ମୃତିଚାରଣ ସେ କରିଛନ୍ତି ।

୧୯୪୭ ମସିହାର କଥା । ସେଦିନ ଜଣେ ବନ୍ଧୁଙ୍କ ସହିତ, ଓଡ଼ିଶାର ସବୁଠୁ ଅଗ୍ରଗାମୀ କଟକ ଜିଲ୍ଲାର ଗୋଟିଏ ଅନୁନ୍ନତ ଗାଁରେ ପହଞ୍ଚିଥିଲେ ସୁରେନ୍ଦ୍ର ମହାନ୍ତି । କଟକରୁ ବସ୍‌ରେ ଆଜିର ଜଗତସିଂହପୁର ଜିଲାର ରାହାମା ବଜାର ପର୍ଯ୍ୟନ୍ତ ଭଙ୍ଗାତୁଟା ନାଳିଗୋଡ଼ି ରାସ୍ତାରେ ଯିବା ପରେ, ତେଣିକି ଆଉ ବସ୍ ଚଳାଚଳ ନଥିଲା । ସେମାନେ ତେଣୁ ଦୀର୍ଘ ୧୮ ମାଇଲ୍ ଚାଲିଚାଲି ଯାଇ ପହଞ୍ଚିଥିଲେ ସେହି ଗାଁରେ ଏବଂ ରାତିରେ ସେଠି ଆଶ୍ରୟ ନେଇଥିଲେ । ସକାଳେ ଭଟ୍ଟା ବେଳେ ଡଙ୍ଗାରେ ଷଣ୍ଢକୁଦ ଗାଁକୁ ଯିବା ତାଙ୍କର ଲକ୍ଷ୍ୟ ଥିଲା।

ସେ ଗାଁର କୋଠଘରେ ଗୋଟିଏ ଚାଟଶାଳୀ ଖୋଲିଥିବା ଭଦ୍ରବ୍ୟକ୍ତି ସେଦିନ ରାତିରେ ଦୁହିଁଙ୍କ ପାଇଁ ଯେଉଁ ଖାଦ୍ୟର ବନ୍ଦୋବସ୍ତ କରିଥିଲେ, ତାହା ଥିଲା, 'ବଡ଼ଭାତ-ସାନଭାତ' । ''ସାନଭାତ କ'ଣ?'' ବୋଲି ପଚାରିବାରେ ସେ କହିଥିଲେ, ''ବଡ଼ଭାତ ହେଉଛି ନାଲି ବଗଡ଼ା ଉଷୁନା ଚାଉଳ । ଆଉ ସାନଭାତ ହେଉଛି ଖୁଦ । ଏଇ ଖୁଦକୁ କାଞ୍ଜି ପରି ତିଆରି କରି ଭାତରେ ଗୋଳେଇ ଖାଉ ।'' ତାହା ଶୁଣି ସୁରେନ୍ଦ୍ର ମହାନ୍ତି ତାଙ୍କୁ ପଚାରିଥିଲେ, ''କାହିଁକି ? ଇଆଡ଼େ କ'ଣ ମୁଗ, ବିରି, କୋଳଥ, ପନିପରିବା କିଛି ହୁଏ ନାହିଁ ?'' ସେ ଉତ୍ତର ଦେଇଥିଲେ, ''ଲୁଣାମାଟିରେ ସେସବୁ ସ୍ୱପ୍ନ ।''

ଏହା ସୂଚାଏ, ପ୍ରକୃତି ଅନୁସାରେ ହିଁ ସୃଷ୍ଟି ହୋଇଥାଏ ଗୋଟିଏ ଅଞ୍ଚଳର ବା ଗୋଟିଏ ରାଜ୍ୟ କି ଦେଶର ଖାଦ୍ୟାଭ୍ୟାସ ଏବଂ ତାହାକୁ ନେଇ ଗଢ଼ା ହୋଇଥାଏ ତା'ର ଖାଦ୍ୟ ସଂସ୍କୃତି । ବାହ୍ୟ ସଂକ୍ରମଣଦ୍ୱାରା ପ୍ରଭାବିତ ନହେବା ପର୍ଯ୍ୟନ୍ତ ତାହା ରହିଥାଏ ଅପରିବର୍ତ୍ତିତ ।

ଏ ଦୃଷ୍ଟିରୁ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତି ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଓ ଜଳବାୟୁଦ୍ୱାରା ସଂଗଠିତ ଓ ସଂମାର୍ଜିତ ହୋଇଛି ।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଏବଂ ଏହାର ମୁଖ୍ୟ କୃଷି ହେଉଛି ଧାନ ।

ଏଣୁ କେବଳ 'ବଡ଼ଭାତ- ସାନଭାତ' ନୁହେଁ, ପଖାଳ ବି ଓଡ଼ିଶାର ଏକ ପ୍ରମୁଖ ଖାଦ୍ୟ ହୋଇ ରହିଆସିଛି । ଏ ନେଇ ଅନେକ ଗୀତ, ସାହିତ୍ୟ ଓ ତତ୍ତ୍ୱ ବି ରହିଛି ।

## ପଖାଳଃ ଗୀତ, ସାହିତ୍ୟ ଓ ତତ୍ତ୍ୱ

'ଆସ... ଜୀବନ ଧନ... ମୋର ପଖାଳ କଂସା... ସଜନୀରେ ତୋ ବିହୁନେ ଉଡ଼ିଲା ହଂସା... ।' ସଂଗୀତ ସୁଧାକର ବାଳକୃଷ୍ଣ ଦାଶ ଗାଇଥିବା କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କର ଏହି ଗୀତଟି ସତେ ଯେମିତି ସବୁ ଓଡ଼ିଆଙ୍କର ପ୍ରାଣର କଥା କହିଛି । ବିଶେଷକରି ପଖାଳ କଂସାକୁ 'ଜୀବନଧନ' ଓ 'ସଜନୀ' ସମ୍ବୋଧନ ସବୁ ଓଡ଼ିଆଙ୍କ ସହିତ ଏହାର ଏକ ଅନ୍ତରଙ୍ଗ ସଂପର୍କ ଯୋଡ଼ି ଦେଇଛି । ଏପରିକି ଆଜି ଆମେ ଏକବିଂଶ ଶତାବ୍ଦୀର ଦଉଡ଼ରେ ପିଜା, ବର୍ଗର, କେଏଫ୍‌ସି ଯୁଗରେ ପହଞ୍ଚି ଯାଇଥିଲେ ମଧ୍ୟ, ଏହି 'ପଖାଳ' ବା 'ପଖାଳ କଂସା' ସହିତ ଆମର ଆତ୍ମିକ ସଂପର୍କ ଆଦୌ ଛିନ୍ନ ହୋଇଯାଇନାହିଁ । ଏହାର ପ୍ରମାଣ ହେଉଛି, ଗତ କିଛି ବର୍ଷ ଧରି ପାଳିତ ହୋଇଆସୁଥିବା 'ବିଶ୍ୱ ପଖାଳ ଦିବସ' । ବିଶେଷକରି ୨୦୧୬ ମାର୍ଚ୍ଚ ୨୦ ତାରିଖ ଦିନ ସାରା ଦୁନିଆର ସବୁ କୋଣରେ ଥିବା ଓଡ଼ିଆମାନେ ଏବଂ ଓଡ଼ିଶାର ତାରକା ହୋଟେଲ୍‌ଗୁଡ଼ିକ ଯେପରି ଭାବରେ ଏହାକୁ ପାଳନ କରିଥିଲେ ଏବଂ ଫେସ୍‌ବୁକ୍ ପରି ସୋସିଆଲ୍ ମିଡ଼ିଆରେ ଯେପରି ଭାବରେ ଏହା ପ୍ରଚାରିତ, ପ୍ରସାରିତ ହୋଇଥିଲା- ତାହା ପଖାଳକୁ ନେଇ ସାରା ଦୁନିଆର ସବୁ ଓଡ଼ିଆଙ୍କୁ ଆହୁରି ଦୃଢ଼ ଆବେଗିକ

ବନ୍ଧନରେ ବାନ୍ଧି ଦେଇଛି । ବର୍ଷକୁ ବର୍ଷ ଏହି 'ପଖାଳ ଦିବସ' ପାଳନ ବ୍ୟାପକ ହେଉଛି ।

ପଖାଳର ପ୍ରସ୍ତୁତି ବିଧି ଏତେ ସହଜ ଯେ ତାହା ସବୁ ଓଡ଼ିଆଙ୍କୁ ଭଲ ଭାବରେ ଜଣା । କିନ୍ତୁ କୋଉଠୁ ଆସିଲା ଏ 'ପଖାଳ' ଶବ୍ଦ- ତାହା ଗହନ ଭାଷାତତ୍ତ୍ୱର ବିଷୟ । ପଣ୍ଡିତ ଗୋପୀନାଥ ନନ୍ଦଶର୍ମା ତାଙ୍କ 'ଭାଷାତତ୍ତ୍ୱବୋଧ ଅଭିଧାନ' (୧୯୧୬)ରେ ଏହାକୁ ସଂସ୍କୃତ 'ପ୍ରକ୍ଷାଳନ'ରୁ ସୃଷ୍ଟି ଏବଂ 'ପାଣି ଓ ତୋରାଣି ମିଶା ଭାତ' ବୋଲି କହିଛନ୍ତି । କିନ୍ତୁ ତାହାର ୧୧ ବର୍ଷ ପରେ ପ୍ରକାଶିତ ତାଙ୍କ 'ଓଡ଼ିଆ ଭାଷାତତ୍ତ୍ୱ' (Uriya Philology, 1927)ରେ ଏହାର ଏକ ପ୍ରାକୃତ କ୍ରମ ଦିଆଯାଇଛି ।

'ଓଡ଼ିଆ ଭାଷାତତ୍ତ୍ୱ'ର ଶବ୍ଦକ୍ରମ ୫୦ (ପୃ-୭୨୨)ରେ ଅଛି 'ପଖାଳ' ଶବ୍ଦ । ସେଥିରେ ଯାହା କୁହାଯାଇଛି ତାହାର ଅର୍ଥ-'ପ୍ର' ଉପସର୍ଗ 'କ୍ଷାଳ' ଧାତୁ ସହ ଯୁକ୍ତ ହୋଇ 'ପ୍ରକ୍ଷାଳ' ଶବ୍ଦ ସୃଷ୍ଟି ହୋଇଛି । 'ବରରୁଚି'ଙ୍କ ସୂତ୍ର ଅନୁସାରେ, 'କ୍ଷ' ପ୍ରାକୃତରେ 'କ୍ଖ' ଏବଂ ଓଡ଼ିଆରେ ଦ୍ୱିତ୍ୱ ତ୍ୟାଗ କରି 'ଖ' ହୋଇଛି । ଏ ପ୍ରସଙ୍ଗରେ ସେ ପ୍ରାକୃତ ଦୃଶ୍ୟକାବ୍ୟ- 'କର୍ପୂର ମଞ୍ଜରୀ'ର ଗୋଟିଏ ପଦର ଉଲ୍ଲେଖ କରିଛନ୍ତି । ତାହା ହେଉଛି- ''ଏ ସ କଂସ ତାଳାଣଂ ପକ୍ଖାଳଣୁଜ୍ଜଳାଣଂ ହଲ୍ଲବୋଲୋ / ଏଷ କଂସ୍ୟତାଳାନାଂ ପ୍ରକ୍ଷାଳନୋଜ୍ଜ୍ୱଳନାଂ ହଲହଲଃ'' । ଏହା ପ୍ରମାଣ କରେ ଯେ ସଂସ୍କୃତ 'ପ୍ରକ୍ଷାଳ' ଓ ପ୍ରାକୃତ 'ପକ୍ଖାଳ' ଓଡ଼ିଆରେ 'ପଖାଳ'ରେ ପରିଣତ ହୋଇଛି ।

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ 'କର୍ପୂର ମଞ୍ଜରୀ'ର ରଚୟିତା ମହାକବି ରାଜଶେଖର ଦଶମ ଶତାବ୍ଦୀର କବି । ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ 'ଅତିବଡ଼ୀ ଜଗନ୍ନାଥ ଦାସ' ପୁରସ୍କାର ବିଜେତା ଡ@ର ଧନେଶ୍ୱର ମହାପାତ୍ର ଏହାର ଅନୁବାଦ କରିଛନ୍ତି । ସେଥିରେ ପାରିଷଦ ମୁଖରେ ଯାହା କୁହାଯାଇଛି, ତାହାର ଅନୁବାଦ କରି ସେ କହିଛନ୍ତି, ''ସଂସ୍କୃତ ଭାଷାର ରଚନା କର୍କଶ, କିନ୍ତୁ ପ୍ରାକୃତ ଭାଷାର ରଚନା କୋମଳ ହୁଏ । ପୁରୁଷ ଓ ମହିଳାଙ୍କ ଭିତରେ ଯେପରି ପାର୍ଥକ୍ୟ, ସଂସ୍କୃତ ଓ ପ୍ରାକୃତ ଭାଷାର ରଚନା ମଧ୍ୟରେ ସେପରି ପାର୍ଥକ୍ୟ ।'' ଏ ପ୍ରସଙ୍ଗରେ ଆହୁରି ମଧ୍ୟ ଉଲ୍ଲେଖନୀୟ ଯେ ରାଜଶେଖରଙ୍କ ସମୟ ହେଉଛି ଭାରତୀୟ ଆର୍ଯ୍ୟଭାଷାମାନଙ୍କର ଜନ୍ମ ସମୟ । ଏଣୁ ଏକ ପ୍ରମୁଖ ଭାରତୀୟ ଆର୍ଯ୍ୟଭାଷା ଭାବରେ ସଂସ୍କୃତର କର୍କଶତା ଛାଡ଼ି, 'ପ୍ରକ୍ଷାଳ' ପ୍ରାକୃତରେ କୋମଳ ରୂପରେ 'ପକ୍ଖାଳ' ଏବଂ ଓଡ଼ିଆରେ ଆହୁରି କୋମଳ ରୂପ ନେଇ 'ପଖାଳ'ର ପରିଣତ ହୋଇଛି ।

ଓଡ଼ିଆ ଲୋକ ସାହିତ୍ୟ ପରଂପରାରେ ମଧ୍ୟ ଏହି 'ପଖାଳ'ର ବିଶେଷ ଉପଯୋଗ ଅଛି । ଓଡ଼ିଆରେ 'ତବତ' 'ତପ୍ତ' ଶବ୍ଦର ଏକ ରୂପ ଏବଂ ଏହା ତତଲା (ଗରମ) ଭାତକୁ ବୁଝାଏ । ଏଣୁ ଏହାକୁ ନେଇ ଓଡ଼ିଆ ଲୋକ ସାହିତ୍ୟର ଏକ ଆମୋଦଦାୟକ ନିଦର୍ଶନ ହେଉଛି-

''ଆରେ ଚଇତା, ଦି' ମାଇପର ଘଇତା
ତବତ ଖାଇବୁ କି ପଖାଳ ଖାଇବୁ
ବେଳ ଥାଉଁ ଥାଉଁ କହିଥା' ।''

ଏହିପରି ଆଉ ଗୋଟିଏ ଲୋକୋକ୍ତି ଅଛି ପଖାଳର ଜଳ ଅଂଶ 'ତୋରାଣି' ବା 'ତୋଡ଼ାଣି'କୁ ନେଇ । ତାହା ହେଉଛି- ''ମଲୁ ଲୋଡୁଥିଲା କାକର ପାଣି / ବଇଦ ବୋଇଲା ଦେ' ତୋଡ଼ାଣି ।'' ସେହିପରି ଅତୀତ ଯେ ଅତୀତ, ଆଜି ସହ ତା'ର ବେଶି କିଛି ସାମ୍ୟ ନାହିଁ- ଏହା ଦର୍ଶାଇବାପାଇଁ ଓଡ଼ିଆ ଭାଷାରେ ଆଉ ଗୋଟିଏ ଲୋକୋକ୍ତି ଅଛି, ''ସେକାଳ ପଖାଳ ଗଲାଣି ।''

ଏ ପ୍ରସଙ୍ଗରେ ବିଶେଷ ଉଲ୍ଲେଖନୀୟ ଯେ ପ୍ରାଚୀନ ଓଡ଼ିଆ କାବ୍ୟ ପରଂପରାର ଏକ ଉଲ୍ଲେଖନୀୟ କୃତି, କବି ଅର୍ଜୁନ ଦାସଙ୍କ 'କଳ୍ପଲତା'ରେ ବି 'ପଖାଳ'ର ଉଲ୍ଲେଖ ଅଛି । 'ଆଧୁନିକ ଭାରତୀୟ ଭାଷା ସମୂହର ଅଭିବୃଦ୍ଧି' ଯୋଜନାରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ୧୯୬୧ରେ ଏହା ପ୍ରକାଶିତ । ଏହାର ସଂପାଦକ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ତତ୍‌କାଳୀନ କ୍ୟୁରେଟର କେଦାର ନାଥ ମହାପାତ୍ର । ଏହାର ମୁଖବନ୍ଧରେ ଶ୍ରୀ ମହାପାତ୍ର ଲେଖିଛନ୍ତି, ''୧୯୫୮ ମସିହାରେ ଭୁବନେଶ୍ୱରସ୍ଥ ରାଜ୍ୟ ସଂଗ୍ରହାଳୟର ପୋଥି ଭଣ୍ଡାର ପାଇଁ ଖୁରୁଧା ନିକଟବର୍ତ୍ତୀ ହଳଦିଆଗଡ଼ର ଜମିଦାରଙ୍କଠାରୁ ବହୁ ଉପାଦେୟ ପ୍ରାଚୀନଗ୍ରନ୍ଥ କ୍ରୟ କରାଯାଇଥିଲା । ସେଥି ମଧ୍ୟରୁ କବି ଅର୍ଜୁନ ଦାସଙ୍କ 'କଳ୍ପଲତା' କାବ୍ୟ ଏକତମ । ଏହା ପ୍ରାଚୀନ ସାହିତ୍ୟର ଏକ ଉଜ୍ଜ୍ୱଳ ରତ୍ନ ।'' ଶ୍ରୀ ମହାପାତ୍ର ଏହାର ରଚନାକାଳ ୧୫୨୦-୧୫୩୦ ବୋଲି କହିଛନ୍ତି ।

'କଳ୍ପ ଲତା' ପ୍ରାଚୀନ ଓଡ଼ିଆ ଭାଷାର ଏକ 'ଉଜ୍ଜ୍ୱଳ ରତ୍ନ' ଏଇଥିପାଇଁ ଯେ ଏହା ଓଡ଼ିଆ ଭାଷାରେ ରଚିତ ପ୍ରଥମ କାଳ୍ପନିକ କାବ୍ୟ । ଏଥିରେ କାବ୍ୟନାୟିକା, ରାଜଜେମା କଳ୍ପଲତା ରାତ୍ରିଭୋଜନରେ, ସୁନା ଖୁରିରେ ପଖାଳ ଖାଇବାର ବର୍ଣ୍ଣନା ଅଛି । 'ପଞ୍ଚମ ଛାନ୍ଦ'ର ସେହି ବର୍ଣ୍ଣନା ଏହିପରି-

''ମାଜଣା ସାରିଣ କଳ୍ପଲତା ବିବିଧ ବେଶନ୍ତ ହୋଇ ।
ରତ୍ନଯୋଗାଡ଼ ବଢ଼ାଇଣ ଆଡ଼ଖୁରମାନନ୍ତ ଫେଇ ।
ବାଟଳ ଭରିଆ ପଖାଳଭାତ ସୁବର୍ଣ୍ଣ ଖୋରିରେ ଲାଇଂ ।
ପିଠା ପଇଡ଼ ଶ୍ରୀ କର୍ପୂର ଚୂରି ଆମ୍ବ ପଣସ ଦେଇଂ ।
ବୋଲଇ କଳ୍ପଲତା ଦେଇ ମଦନମଞ୍ଜୁକୁ ଚାହିଂ ।
ଲେମ୍ବୁାଉ ପୁଞ୍ଜିଏ ଆଣ ସହି ଭାତେ ଆମ୍ବିଳ ନାହିଂ ।''

''ଲେମ୍ବୁାଉ ଆଣି ମଦନମଞ୍ଜୁ କୁମାରୀ କତିରେ ଦେଲା
ଦୁଇ ଦୁଇ ଫାଳ କରିଣ ମଞ୍ଜି କାଢ଼ି ଶ୍ରୀକରେ ଦେଲା ।
ଭୋ ସଖି ପଈଡ଼ ମେଲି ଆଣ ଖେଡ଼ ରଙ୍ଗେ ବଡ଼ଶୋଷ
ପଖାଳ ଭାତେ ଶୋଷ ନ ଭାଗଇ ଆଜ ବଡ଼ ପିବାସ ।''

ତେବେ କେବଳ ଏହି ଷୋଡ଼ଶ ଶତାବ୍ଦୀର ଆଦ୍ୟପାଦର ରଚନାରେ ନୁହେଁ; ଅଷ୍ଟାଦଶ ଶତାବ୍ଦୀର କବି ସୁଦର୍ଶନ ଦାସଙ୍କ 'ଚୌରାଶୀ ଆଜ୍ଞା'ରେ ମଧ୍ୟ ପଖାଳର ବର୍ଣ୍ଣନା ବେଶ୍ ରୋଚକ । କବି ସୁଦର୍ଶନ ଦାସ ଏହାକୁ ତାଙ୍କ ଗୁରୁ, ମହାପୁରୁଷ ଯଶୋବନ୍ତ ଦାସଙ୍କ ନାମରେ ଭଣିତା କରିଛନ୍ତି ଏବଂ ସେ ପ୍ରଥମ ଜନ୍ମରେ ଯଶୋବନ୍ତ ଦାସ ଓ ପରଜନ୍ମରେ ଲୁହି ଦାସ ଥିଲେ ବୋଲି କହିଛନ୍ତି । ଜଗତସିଂହପୁରର ଅଡ଼ଙ୍ଗ ଅନ୍ତର୍ଗତ ଯଶୋବନ୍ତ ଦାସଙ୍କ ସିଦ୍ଧ ବାରଙ୍ଗ ମଠରେ ପଖାଳ ଓ ଶୁଖୁଆ ଭୋଗ ପ୍ରଚଳିତ ଥିଲା ବୋଲି ସେଥିରୁ ଜଣାଯାଏ । ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ଯେ ୨୦୧୫ର ନବକଳେବରରେ ସେଠାରୁ ଦେବୀ ସୁଭଦ୍ରାଙ୍କର ଦାରୁ ମିଳିଥିଲା । କୁଜଙ୍ଗର ଷଷ୍ଠ ରାଜା ଯଶୋବନ୍ତଙ୍କ ଗାଦିକୁ ଓ ସେହି ମଠକୁ ସରୁ ଚାଉଳ ଓ ମଞ୍ଜି ଶୁଖୁଆ ପଠାଉଥିବା ମଧ୍ୟ ଜଣାଯାଏ । 'ଚଉରାଶୀ ଆଜ୍ଞା'ର ପଖାଳ ଭୋଗ ବର୍ଣ୍ଣନା ବେଶ୍ ରୋଚକ ଏବଂ ତାହା ଓଡ଼ିଆଙ୍କ ପଖାଳଖିଆର ଏକ ଉତ୍କୃଷ୍ଟ ନିଦର୍ଶନ । ସେଥିରେ ବର୍ଣ୍ଣନା ଅଛି-

''ଲେଉଟିଆ କାଟି ତୁରିତ, ଲିମ୍ବକଢ଼ିରେ ସେ ମିଶ୍ରିତ ।
ରନ୍ଧନ କଲେ ସେହିକ୍ଷଣି, ପଖାଳ ଭାତରେ ବଢ଼ାଣି ।
ପ୍ରଭୁଙ୍କୁ ଭୋଗ ଲଗାଇଲେ, ସକଳେ ଭୁଞ୍ଜି ତୋଷ ହେଲେ ।''

ଏ ପ୍ରସଙ୍ଗରେ କବିଶେଖର ଚିନ୍ତାମଣି ମହାନ୍ତି (୧୮୬୭)ଙ୍କ 'କୌତୁକ କବିତା' ଅନ୍ତର୍ଗତ 'ପଖାଳ'ର ଏକ ଉଦାହରଣ ଦିଆଯାଇପାରିବ। ସେଥିରେ କବି ଲେଖିଛନ୍ତି,

''ପଖାଳ ଉତ୍କଳେ ସଂଜୀବନୀ ସୁଧା,
ହରେ ଏକ କାଳେ କ୍ଳାନ୍ତି, ତୃଷା, କ୍ଷୁଧା
ଓଡ଼ିଆ ଜାତିର ପରମ ସମ୍ବଳ,
ବହେ ତରଳାଙ୍ଗେ ଅମାନୁଷୀ ବଳ।''

କିନ୍ତୁ ଏହାର ଏକ ଅତ୍ୟନ୍ତ ରୋଚକ ଓ ବ୍ୟଙ୍ଗାତ୍ମକ ଉପସ୍ଥାପନା ଦେଖିବାକୁ ମିଳେ ବ୍ୟାସକବି ଫକୀରମୋହନ ସେନାପତିଙ୍କ 'ଛ ମାଣ ଆଠଗୁଣ୍ଠ'ରେ। ତାହାର ତୃତୀୟ ଅଧ୍ୟାୟ 'ବାଣିଜ୍ୟେ ବସତେ ଲକ୍ଷ୍ମୀ ସ୍ତଦର୍ଦ୍ଧଂ କୃଷି କର୍ମଣି'ରେ ବର୍ଣ୍ଣନା ଅଛି, ''ମଙ୍ଗରାଜେ ତାଙ୍କର ହଳିଆମାନଙ୍କୁ ପୁଅ ପରି ପାଳିଛନ୍ତି। ମା' ବାପ ପିଲାମାନଙ୍କ ଖିଆପିଆ ନିଜେ ନଦେଖିଲେ ସେମାନଙ୍କ ମନ ମାନେ ନାହିଁ। ହଳିଆମାନେ ଧାଡ଼ି ହୋଇ ଖାଇବାକୁ ବସିଗଲେ ସାଆନ୍ତେ ରାନ୍ଧୁଣିଆକୁ ଉଚ୍ଚ ସ୍ୱରରେ ଡାକ ଦିଅନ୍ତି, ଆରେ ତୋରାଣି ଆଣ, ତୋରାଣି ଆଣ, ଏମାନଙ୍କ ତଣ୍ଟି ଶୁଖିଯାଉଛି। ରାନ୍ଧୁଣିଆ ଅଭ୍ୟସ୍ତ ବିଦ୍ୟା ପ୍ରଭାବରେ ଫି ଜଣକୁ ଦୁଇ କଂସା କରି ତୋରାଣି ଦିଏ। କେହି ହଳିଆ ଏତେଗୁଡ଼ାଏ ତୋରାଣି ପିଇବାକୁ ରାଜି ନହେଲେ ସାଆନ୍ତେ ତାହାର ଉପକାରିତା ଓ ବଳକାରିତ୍ୱ ସମ୍ବନ୍ଧରେ କ୍ଷୁଦ୍ର ଏକ ବକ୍ତୃତା କରି ତାହା ପିଆଇଦେଇ ତହିଁ ଉତ୍ତାରେ ଭାତର ବ୍ୟବସ୍ଥା କରି ଆପେ ଆପେ ସ୍ନାନ କରିବାକୁ ବାହାରି ଯାଆନ୍ତି।''

ସେହି 'ଛମାଣ ଆଠଗୁଣ୍ଠ'ରେ ନେତ ନାମକ ଗାଈ ସହ ସାରିଆର ସ୍ନେହ ସଂପର୍କ ମଧ୍ୟ ଫକୀରମୋହନ ପଖାଳକୁ ଆଧାରକରି ବଖାଣିଛନ୍ତି। କହିଛନ୍ତି, ''ସାରିଆ ଦିନ ରାତି ନେତ ସାଙ୍ଗରେ ଲାଗିଥାଏ। ପଘାରୁ ଫିଟି ମଧ୍ୟ ନେତ କାହିଁ ଯାଏ ନାହିଁ। ସାରିଆ ପାଖେ ପାଖେ ଥାଏ। ଟିକିଏ ଦାଣ୍ଡକୁ ଚାଲିଗଲେ ସାରିଆ ଡାକେ, 'ନେତଲୋ !' ନେତ କହେ- ହଁ-ମାଁ। ଧାଇଁ ଆସି ସାରିଆକୁ ଚାଟେ। ସାରିଆ ତା' ଦେହରେ ହାତ ବୁଲାଇ ଦେଇ ଢେର୍ ଆଦର କରେ, ଢ଼େର୍ ଦୁଃଖସୁଖ କଥା କହେ। ପଖାଳବେଲାରେ ନେତ ମୁହଁ ଡୁବାଇଦେଲେ ସାରିଆ ତାକୁ ଗୋଟିଏ ସାନ ପ୍ରେମଚାପୁଡ଼ା ମାରି 'ଡାଙ୍କୁଣୀଟା' ବୋଲି ଗାଳିଦିଏ। ଆମ୍ଭେମାନେ ଜାଣୁ ସେହି ଗାଳି ଭିତରେ ସାରିଆର ଆନନ୍ଦ ଓ ପ୍ରେମ ପୂର୍ଣ୍ଣ ଥାଏ।''

ଆମ ସାହିତ୍ୟର ଉପରୋକ୍ତ ପ୍ରସଙ୍ଗମାନ ସୂଚାଏ ଯେ ଅର୍ଜୁନ ଦାସଙ୍କ ରାଜଜେମା କଳ୍ପଲତାଙ୍କଠାରୁ ଫକୀରମୋହନଙ୍କ ଭଗିଆ-ସାରିଆ ଓ ନେତ ଯାଏ ପଖାଳ ଓଡ଼ିଆଙ୍କ ଜୀବନଧାରା ସହିତ ଅନ୍ତରଙ୍ଗ ରହିଆସିଛି। ଏଣୁ ମାର୍ଚ୍ଚ ୨୦, ସମ ଦିବାରାତ୍ରି ବା ମହାବିଷୁବ କ୍ରାନ୍ତି ଅବସରରେ 'ବିଶ୍ୱ ପଖାଳ ଦିବସ' ପାଳନ ଏହାର ଏକ ପ୍ରଶସ୍ତି ମାତ୍ର।

କିନ୍ତୁ ୨୦୧୬ ବର୍ଷର ବିଶ୍ୱ ପଖାଳ ଦିବସ ଅବସରରେ 'ଗୁରୁ ଭାଗବତ'ର ରଚୟିତା ତଥା ଶ୍ରୀ ସାଈ ଭକ୍ତ ଚନ୍ଦ୍ରଭାନୁ ଶତପଥୀଙ୍କର ଏକ ଶୁଭେଚ୍ଛା ବାର୍ତ୍ତା ଏହାର ଏକ ଭିନ୍ନ ତତ୍ତ୍ୱ ଦିଏ। ସେହି ଇଂରାଜୀ ବାର୍ତ୍ତାରେ 'ଗୁରୁଜୀ' ରୂପେ ସାଈ ଅନୁଗାମୀଙ୍କ ନିକଟରେ ଖ୍ୟାତ ଶ୍ରୀ ଶତପଥୀ ଯାହା ଲେଖିଛନ୍ତି, ତାହାର ଓଡ଼ିଆ ହେଉଛି-

''ପ୍ରିୟ ଓଡ଼ିଆମାନେ,

ମୁଁ ଜାଣିବାକୁ ପାଇଲି ଯେ ୨୦ ମାର୍ଚ୍ଚ ଦିନଟିକୁ ସାରା ଦୁନିଆରେ ସବୁ ଓଡ଼ିଆ ପଖାଳ ଦିବସ ଭାବରେ ପାଳନ କରୁଛନ୍ତି। ଜ୍ୟୋତିର୍ବିଦ୍ୟାର ପାଶ୍ଚାତ୍ୟ ଧାରା ଅନୁସାରେ ଏହି ସମୟକୁ ସୂର୍ଯ୍ୟ ମୀନ ରାଶିରୁ ମେଷ ରାଶିକୁ ଯାତ୍ରା କରନ୍ତି। ଏଇଠୁ ଗ୍ରୀଷ୍ମର ଆରମ୍ଭ ହୁଏ ଏବଂ ପଖାଳ ଓଡ଼ିଆ ଭୋଜନର ଅନ୍ତର୍ଭୁକ୍ତ ହୁଏ। ତୁମମାନଙ୍କର ଜ୍ଞାନପାଇଁ ଜାଣ ଯେ ଭଗବାନ ବିଷ୍ଣୁ ସାଗର ମନ୍ଥନ ସମୟରେ ଇନ୍ଦ୍ରଙ୍କ ସମେତ ଅନ୍ୟ ଦେବତାମାନଙ୍କୁ ପଖାଳ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ସାଗର ମନ୍ଥନ ହୋଇଥିଲା ଦେବତା ଓ ଅସୁରଙ୍କ ମଧ୍ୟରେ। ସେହି ସାଗରର ଶ୍ୱେତ ଜଳରାଶି ଆମ ତୋରାଣି ଭିନ୍ନ ଅନ୍ୟ କିଛି ନୁହେ। ସେହି ସାଗରମନ୍ଥନ ବେଳେ ଅନେକ ଦ୍ରବ୍ୟ ସେଥିରୁ ବାହାରିଥିଲା- ଐରାବତ ଅଶ୍ୱ, ଚନ୍ଦ୍ର, ଔଷଧୀୟ ଗୁଳ୍ମ, ପିଆଜ, ଲୁଣ, ଆଚାର, ବଡ଼ି, ପାମ୍ପଡ଼ ଓ ଭଜା ପାଇଁ ଆଳୁ। ପରିଶେଷରେ ଲକ୍ଷ୍ମୀଦେବୀ ହାତରେ ପଖାଳ କଳସ ଧରି ବାହାରିଲେ। ଏହି ପଖାଳ କଳସର ଅନ୍ୟନାମ ଅମୃତ କଳସ। ଏକ ଗ୍ରୀଷ୍ମ ଅପରାହ୍ଣରେ ପଖାଳ ଯେତେବେଳେ କଣ୍ଠଦେଇ ତଳକୁ ଗଡିକରେ, ତାହାର ସେବନକାରୀ ଜୀବନର ସବୁ ଦୁଃଖ ଭୁଲିଯାଏ ଏବଂ ଯୋଗନିଦ୍ରାରେ ମଗ୍ନ ହୋଇଯାଏ।

ପଖାଳ ଆମର ଜୀବନ ଓ ପଖାଳ ଆମର ଗର୍ବ।

ଏହାକୁ ସବୁ ଓଡ଼ିଆ ମୋର ପଖାଳ ଦିବସର ବାର୍ତ୍ତା ଭାବରେ ଗ୍ରହଣ କରିପାରନ୍ତି। ସମସ୍ତଙ୍କୁ ପଖାଳ ଦିବସର ସୁଖକର ଓ ଆଳସ୍ୟପୂର୍ଣ୍ଣ ଅଭିନନ୍ଦନ।''

ଆମେ ଜାଣୁ ଯେ ଏକଦା ଚନ୍ଦ୍ରଭାନୁ ଶତପଥୀ ରସୋତ୍ତୀର୍ଣ୍ଣ ରମ୍ୟ ରଚନା ଲେଖୁଥିଲେ। 'ଏକ ଦଶକର ରମ୍ୟ ରଚନା' ନାମରେ ସେ ୧୯୬୪-୧୯୭୪ ମଧ୍ୟରେ ସେ ଲେଖିଥିବା ରମ୍ୟରଚନାଗୁଡ଼ିକର ଏକ ପୁସ୍ତକ ୨୦୦୯ରେ ପ୍ରକାଶ ମଧ୍ୟ ପାଇଛି। ଏଣୁ ଏହି ପଖାଳର ପ୍ରଶସ୍ତି ସେ ଯଦି ଏକ ରମ୍ୟରଚନା ଭାବରେ ଲେଖିଥାଆନ୍ତେ, ସେଥିରେ କାହାର ଆପତ୍ତି କରିବାର କିଛି ନଥିଲା। କିନ୍ତୁ ସେ 'ବିଷ୍ଣୁ ପୁରାଣ' ଅନ୍ତର୍ଗତ ସମୁଦ୍ରମନ୍ଥନ ଉପାଖ୍ୟାନର ଉଦାହରଣ ଦେଇ ଏହା କହିବା ବିଭ୍ରାନ୍ତି ସୃଷ୍ଟି କରେ। ପୁଣି ସମୁଦ୍ର ମନ୍ଥନରୁ 'ଐରାବତ ଅଶ୍ୱ' ନୁହେଁ, ଐରାବତ ହସ୍ତୀ ଓ ଉଚ୍ଚୈଶ୍ରବା ଅଶ୍ୱ ବାହାରିଥିଲେ ବୋଲି 'ଭାଗବତ', 'ମହାଭାରତ' ଓ 'ବିଷ୍ଣୁପୁରାଣ'ରେ ବର୍ଣ୍ଣନା ଅଛି। ସେହି ବର୍ଣ୍ଣନା ଅନୁସାରେ, ସାଗର ମନ୍ଥନ କ୍ଷୀରସମୁଦ୍ରରେ ହୋଇଥିଲା- ତୋରାଣି ସମୁଦ୍ରରେ ନୁହେଁ; ଏବଂ ଦେବୀ ଲକ୍ଷ୍ମୀ ହାତରେ ଅମୃତ କଳସ ଧରି ବାହାରିଥିଲେ- ପଖାଳ କଳସ ନୁହେଁ। ଏଣୁ ପଖାଳ ଦିବସ ଅବସରରେ 'ଗୁରୁ ଭାଗବତ'ର ରଚୟିତା ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀଙ୍କର ଏହି ଶୁଭେଚ୍ଛା ବାର୍ତ୍ତା ସବୁ ଓଡ଼ିଆଙ୍କ ପାଇଁ କେବଳ ନୁହେଁ, ସବୁ ଭାରତୀୟଙ୍କ ପାଇଁ ବିଭ୍ରାନ୍ତି ସୃଷ୍ଟି କରେ।

ପଖାଳର ପ୍ରଶସ୍ତି ଓ ପଖାଳ ପାଇଁ ଗର୍ବ କରିବା ନିମନ୍ତେ ଆମ ଓଡ଼ିଆଙ୍କ ପାଖରେ ଅନେକ ଉପାଦାନ ଅଛି। ସେଥିପାଇଁ ବିଷ୍ଣୁ ପୁରାଣ ବା ଭାଗବତର ବିଭ୍ରାନ୍ତିକର ଉପସ୍ଥାପନା ଅନାବଶ୍ୟକ। ମହାତ୍ମାଗାନ୍ଧୀ ତାଙ୍କର ଓଡ଼ିଶା ପଦଯାତ୍ରା ବେଳେ ଓଡ଼ିଆମାନଙ୍କର ପଖାଳକୁ ପ୍ରଭୂତ ପ୍ରଶଂସା କରିଥିଲେ। 'ଉତ୍କଳ ଖଦୀ ମଣ୍ଡଳ' ପ୍ରକାଶିତ ଗୋପବନ୍ଧୁ ଚୌଧୁରୀଙ୍କ 'ଗାନ୍ଧୀ ଓ ଉତ୍କଳ' ପୁସ୍ତକ (୧୯୫୪)ର ଏକାଦଶ ଅଧ୍ୟାୟରେ ସେ ସଂପର୍କରେ ଉଲ୍ଲେଖ ଅଛି, ''ବାଟରେ ଶିଉଳା ଛକଠାରେ ପଦଯାତ୍ରୀମାନଙ୍କ ପାଇଁ ରୋଷେଇରେ ଭାତ ବଳି ପଡ଼ିଥିଲା।

ତାକୁ ଓଡ଼ିଆ କର୍ମୀମାନେ ସଜ ପଖାଳ କରି ଖାଇବାର ଦେଖି ଗାନ୍ଧୀ ଖୁସି ହୋଇ କହିଥିଲେ, 'ଦେଖ, ଓଡ଼ିଆ ଗରିବ ଦେଶର ଲୋକେ କିପରି ଜିନିଷର ସଦ୍‌ବ୍ୟବହାର କରନ୍ତି।' ଏବଂ ଅନ୍ୟ ପ୍ରଦେଶର କର୍ମୀମାନଙ୍କୁ ଏ ମନୋଭାବର ମୂଲ୍ୟ ବୁଝାଇଥିଲେ।'' ସେହିପରି ମନମୋହନ ଚୌଧୁରୀଙ୍କ ଶାରଳା ପୁରସ୍କାର ପ୍ରାପ୍ତ ଆତ୍ମଜୀବନୀ 'କସ୍ତୂରୀ ମୃଗ ସମ'ର 'ଗାନ୍ଧିଜୀଙ୍କ ପଦଯାତ୍ରା' ଅଧ୍ୟାୟରେ ଉଲ୍ଲେଖ ଅଛି, ''ଥରେ ଚୁନୀ (ଅନ୍ନପୂର୍ଣ୍ଣା ମହାରଣା) ଗୋଡ଼ରେ କଣ୍ଟା ପଶିଛି ଶୁଣି ସେ ନିଜେ କଣ୍ଟା ବାହାର କରିବାକୁ ବସିଗଲେ। ଥରେ ଭାତ ବଳିଛି ବୋଲି ଶୁଣି ତାହାର ପଖାଳ କରାଯାଇ ସଦ୍‌ବ୍ୟବହାର କରାଯିବ ବୋଲି ଜାଣିବା ପରେ ଯାଇ ସନ୍ତୁଷ୍ଟ ହେଲେ।''

ରମା ଦେବୀ ମଧ୍ୟ ତାଙ୍କ ଆତ୍ମଜୀବନୀ 'ଜୀବନ ପଥେ'ର ପୃ-୧୧୧ରେ ଏ ପ୍ରସଙ୍ଗରେ ଲେଖିଛନ୍ତି, ''ଶିଉଳା ଛକ ରହଣିରେ ଦିନ ଓଳି ଖିଆ ସରିବା ପରେ ଦେଖାଗଲା ଭାତ ପ୍ରଭୃତି ବଳିପଡ଼ିଛି ଏବଂ ତାହାର ସଦ୍‌ବ୍ୟବହାର ପାଇଁ ବିଚାର ପଡ଼ିଛି। ମୁଁ କହିଲି, 'ଭାତକୁ ପଖାଳି ଦିଅ, ଡାଲି ତରକାରିରୁ ପାଣି ମାରିଦିଅ, ଉପର ଓଳି ତାକୁ ସମସ୍ତେ ଖାଇବେ।' (ସୂର୍ଯ୍ୟାସ୍ତ ପୂର୍ବରୁ ରାତ୍ରିଭୋଜନ ଶେଷ ହୁଏ) ସେହିପରି କାର୍ଯ୍ୟ ହେଲା। ମୋ ମନରେ ଡର ଥାଏ, ଦିନ ରନ୍ଧା ଜିନିଷ ଖାଇବାକୁ ଦିଆଗଲା ବୋଲି କାଳେ ଗାନ୍ଧିଜୀ ବିରକ୍ତ ହେବେ। ଗାନ୍ଧିଜୀ ବିରକ୍ତ ନହୋଇ ଖୁସି ହେଲେ।''

କେବଳ ଏତିକି ନୁହେଁ; ସର୍ବୋପରି ଆମ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଧୂପରେ ପଖାଳ ଭୋଗ ସବୁ ଓଡ଼ିଆଙ୍କୁ ଗର୍ବିତ କରେ। ତାଙ୍କର ମଧ୍ୟାହ୍ନ ଧୂପରେ ସୁବାସ ପଖାଳ, ସଂଧ୍ୟା ଧୂପରେ ଚୁପୁଡ଼ା ପଖାଳ ଓ ପାଣି ପଖାଳ ଏବଂ ବଡ଼ ସିଂହାର ଧୂପରେ ମିଠା ପଖାଳ ସହ କାଞ୍ଜି ଓ କଦଳୀ ବଡ଼ା ଭୋଗ ହୁଏ।

ଏଣୁ ଆମ ପଖାଳର ପ୍ରଶସ୍ତି, ଆମେ ଗ୍ରୀଷ୍ମର ଅମୃତ ଓ ଶ୍ରୀଜଗନ୍ନାଥଙ୍କ ତିନି ଧୂପର ଅନ୍ତର୍ଭୁକ୍ତ ପବିତ୍ର ଭୋଗ ଭାବରେ କରିପାରିବା। ଏଥିପାଇଁ କୌଣସି ଶାସ୍ତ୍ରପୁରାଣର ବିଭ୍ରାନ୍ତିକର ବ୍ୟାଖ୍ୟା ଅନାବଶ୍ୟକ।

## ଆମିଷର ଇସ୍ତାହାର

ଓଡ଼ିଶା ମଧ୍ୟ ଏକ ନଦୀମାତୃକା ରାଜ୍ୟ ଏବଂ ଏହାର ସମୁଦ୍ର ଉପକୂଳ ସୁଦୀର୍ଘ। ଏଣୁ ଧାନଜାତ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ପନିପରିବା ଓ ଶାଗ ଏବଂ ନଦୀ, ସମୁଦ୍ର, ପୁଷ୍କରିଣୀ, ହ୍ରଦ (ଚିଲିକା)ର ମାଛ ଏବଂ ବନ୍ୟା ଉପଦ୍ରୁତ ଅଞ୍ଚଳ ଦୃଷ୍ଟିରୁ ରବିଫସଲର ଡାଲିଜାତୀୟ ଶସ୍ୟ ଓଡ଼ିଶାର ବହୁ ଅଞ୍ଚଳର ମୁଖ୍ୟ ଖାଦ୍ୟ ହୋଇ ରହିଆସିଛି ଯୁଗଯୁଗ ଧରି। ଏହା ସାଧାରଣ ଲୋକଙ୍କ ରୋଷେଇ ଘରଠାରୁ ଆରମ୍ଭ କରି ଆମ ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କ ମନ୍ଦିରର ରୋଷଶାଳା ପର୍ଯ୍ୟନ୍ତ ପରିବ୍ୟାପ୍ତ। ଶ୍ରୀଜଗନ୍ନାଥ ମନ୍ଦିରରେ ଅବଶ୍ୟ ଶାରଦୀୟ ବଳିପୂଜା ବ୍ୟତୀତ ଅନ୍ୟ ସବୁ ସମୟରେ ଆମିଷ ନିଷିଦ୍ଧ, କିନ୍ତୁ ଶ୍ରୀଜଗନ୍ନାଥଙ୍କ ସେବକ, ପୂଜକ ଓ ବ୍ରାହ୍ମଣମାନଙ୍କ ପାଇଁ ଆମିଷ ନିଷେଧ ନୁହେଁ।

ଏହାର ପ୍ରମାଣ ଆମେ ପାଉ ଅଷ୍ଟାଦଶ ଶତାବ୍ଦୀର ଜଗନ୍ନାଥ ମିଶ୍ର ଆଳଙ୍କାରିକଙ୍କ 'ରସକଳ୍ପଦ୍ରୁମ'ରେ। ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ୧୯୬୫ ମସିହାରେ ତାହା ପ୍ରକାଶିତ। ସେଥିରେ ଥିବା ଗୋଟିଏ ମାଛ ତିଅଣର ବର୍ଣ୍ଣନା ଯେକୌଣସି ଆମିଷ-ପ୍ରିୟଙ୍କ ରସନାକୁ ଲାଳସିକ୍ତ କରିଦେବାପାଇଁ ଯଥେଷ୍ଟ। ସେଥିରେ 'ଅମୃତ-ଆମ୍ବିଳ ରସଦିଆ ମାଛଝୋଳ'ର ବର୍ଣ୍ଣନା ଅଛି। ପୁଣି ମାଛମାନଙ୍କ ଭିତରେ ରାଜା, ରାଣୀ, ପୁରୋହିତ ଓ ଯୁବରାଜ ପଦ ବଣ୍ଟା ହୋଇଛି। କୁହାଯାଇଛି-

''ମତ୍ସ୍ୟାନାଂ ଭର୍କୂଟ ରାଜୋ ରୋହିତସ୍ତୁ ପୁରୋହିତଃ।
ଇଲ୍ଲୀଶଃ ପଟ୍ଟମହିଷୋ ଯୁବରାଜସ୍ତୁ ମଦ୍‌ଗୁରଃ।''

ଅର୍ଥାତ୍ ମାଛମାନଙ୍କ ଭିତରେ ଭାକୁର ହେଉଛି ରାଜା, ରୋହି ପୁରୋହିତ, ଇଲ୍ଲୀଶି ପାଟରାଣୀ ଏବଂ ମାଗୁର ଯୁବରାଜ।

ତେବେ ଏହି ଅଷ୍ଟାଦଶ ଶତାବ୍ଦୀରୁ ଆମେ ଯଦି ପଞ୍ଚଦଶ ଶତାବ୍ଦୀର ଆମ ଆଦିକବି ସାରଳା ଦାସଙ୍କ ପାଖକୁ ଯିବା, ତେବେ ଦେଖିବା ଯେ ଆମର ଆଜିର ଯିଏ ଜଗନ୍ନାଥ ସିଏ ସାରଳା ଦାସଙ୍କ ଅନୁସାରେ ଥିଲେ 'ଶବରୀ ନାରାୟଣ'। ଆଜି ଶ୍ରୀମନ୍ଦିରରେ ବିରାଜିତ ଶ୍ରୀଜଗନ୍ନାଥ 'ଷାଠିଏ ପଉଟି' ଭୋଗ ଖାଆନ୍ତି ବୋଲି କୁହାଯାଏ ଏବଂ ତାଙ୍କର ଭୋଗ 'ଛପନଭୋଗ' ନାମରେ ବି ଲୋକମୁଖରେ ପ୍ରସିଦ୍ଧ। ଶ୍ରୀମନ୍ଦିରର ସେବକ ପରମ୍ପରାରେ 'ଛପନଭୋଗୀ ପଣ୍ଡା' ମଧ୍ୟ ଉପସ୍ଥିତ। ତେବେ ଏ ପ୍ରସଙ୍ଗରେ ସୂଚନାଦେବା ଆବଶ୍ୟକ ଯେ ଏହି 'ଷାଠିଏ ପଉଟି' ଓ 'ଛପନଭୋଗ' ସଂଖ୍ୟାବାଚକ ନୁହେ- ଭାବବାଚକ। ଏହି ଭୋଗ ଭିତରେ କିନ୍ତୁ ଆମିଷ ଭୋଗର ଉପସ୍ଥିତି ନାହିଁ। କେବଳ ଶାରଦୀୟ ଦୁର୍ଗାପୂଜାର ମହାସପ୍ତମୀ, ମହାଷ୍ଟମୀ ଓ ମହାନବମୀରେ ଦେବୀ ବିମଳାଙ୍କ ନିକଟରେ ତିନିଦିନ ଦୁଇଟି ଲେଖାଏଁ ଛାଗବଳି ସହିତ ରକ୍ତତଣ୍ଡୁଳ ନୈବେଦ୍ୟ ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ନିକଟରେ କିନ୍ତୁ ସେହି ଆମିଷ ଭୋଗ ହୁଏ ନାହିଁ। ଏପରିକି ଶ୍ରୀଜଗନ୍ନାଥଙ୍କ ଭୋଗ ଭିତରେ ଯେଉଁ 'ମେଣ୍ଢାମୁଣ୍ଡିଆ ଖେଚେଡ଼ି'ର ଉଲ୍ଲେଖ ଅଛି- ତାହା ଆମିଷ ଭୋଗ ନୁହେଁ।

କିନ୍ତୁ ସାରଳା ଦାସଙ୍କ 'ମହାଭାରତ'ର 'ମୂଷଳୀ ପର୍ବ'ରେ ଶବରୀ ନାରାୟଣଙ୍କ ନିକଟରେ ଆମିଷ ଭୋଗ ହେଉଥିବାର ବର୍ଣ୍ଣନା ଆମ ଆଦିକବି କରିଛନ୍ତି। ସେଥିରେ ଉଲ୍ଲେଖ ଅଛି-

''ଆହୋ ଶବରୀ ନାରାୟଣଙ୍କ ଭୋଗ ତୋତେ କହୁଂ।
ଯେତେଯେତେ ଭୋଜନ କରୁ ଆମ୍ଭେ ତହୁଂ॥
ଗଣ୍ଡା ମୃଗମାଂସ ଶିଆଳି ପତ୍ରେ ଲୋଚି କରି,
ଲୁଣ ବେସର ତହିଂ ସଂଗତରେ ଭରି॥
ଯେ ବିଧି ଯୋଗାଡ଼ ମାନନ୍ତ ଭିଆଇ,
ପତ୍ରପୁଡ଼ା କରି ତହିଂ ଲତା ଗୁଡ଼ିଆଇ॥
ନିର୍ଧୂମ ଅଗ୍ନିରେ ବସାଇ ତାହା ଆଣି,
ସେ ପକ୍ୱ ମେଞ୍ଜନ ହୋୟେ ପାକସିଦ୍ଧ ପୁଣି॥
ସୁପକ୍ୱ ମାଂସ ହୋଇ ପାକସିଦ୍ଧି,
ସ୍ୱଶରୀରକୁ ନିର୍ମଳ ସେ ଶଉରୀ ଯୋଗ ବିଧି॥''

ଏ ପ୍ରସଙ୍ଗରେ ଉଲ୍ଲେଖନୀୟ ଯେ ସେଦିନ ସାରଳା ଦାସଙ୍କ ବର୍ଣ୍ଣିତ ଲୁଣ-ବେସର ଗୋଳା ଓ ଶିଆଳି-ପତ୍ର-ପୋଡ଼ା ଗଣ୍ଡା ବା ମୃଗମାଂସ ଏବଂ ଆମର ଆଜିର ଛତୁ ବା ମାଛର ପତ୍ରପୋଡ଼ା ବା ଆଧୁନିକ ଖାଦ୍ୟାଭ୍ୟାସ ମଧ୍ୟରେ ଲୋକପ୍ରିୟ 'ବାରବେକ୍ୟୁ ମାଂସ' ବା ତନ୍ଦୁର ମାଂସ, ଚିକେନ୍ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। କାରଣ ଓଡ଼ିଶାର ପ୍ରାଚୀନ ରନ୍ଧନ ଶୃଙ୍ଖଳା ଦୃଷ୍ଟିରୁ ଏସବୁର ରନ୍ଧନକ୍ରିୟା ପ୍ରାୟ ସମାନ।

ତେବେ ସାରଳା ଦାସଙ୍କ ଉଲ୍ଲିଖିତ ପଦର 'ଶଉରୀ ଯୋଗବିଧି' ଏ ପ୍ରସଙ୍ଗରେ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ଉତ୍କଳର ପ୍ରାଚୀନ ଓ ପାରମ୍ପରିକ ବିଧି ଅନୁସାରେ, ରାନ୍ଧଣା ଥିଲା ତିନି ପ୍ରକାର। 'ସଉରୀ', 'ଗଉରୀ' ଓ 'ନଳ'

ରାନ୍ଧଣା । ସୌରୀ ରାନ୍ଧଣା ହେଉଥିଲା ସୂର୍ଯ୍ୟ କିରଣର ଉତ୍ତାପରେ । ଏହା ଥିଲା ଦେବଭୋଗ୍ୟ ରାନ୍ଧଣା । ଉଲ୍ଲିଖିତ ପଦରେ କୁହାଯାଇଛି- ''ସ୍ୱଶରୀରକୁ ନିର୍ମଳ ସେ ଶଉରୀ ଯୋଗ ବିଧି ।'' ସେହିପରି 'ଗୌରୀ' ରାନ୍ଧଣା ହେଉଥିଲା ଅଗ୍ନିର ଉତ୍ତାପରେ । ଏହା ଥିଲା ମନୁଷ୍ୟ-ଭୋଗ୍ୟ ରାନ୍ଧଣା । 'ନଳ' ରାନ୍ଧଣା ହେଉଥିଲା ଭୂଗର୍ଭର ଉତ୍ତାପରେ । ଏହା ଥିଲା ଶାବରୀ ରାନ୍ଧଣା । ସାରଳା ଦାସଙ୍କ 'ମହାଭାରତ', ବଳରାମ ଦାସଙ୍କ 'ରାମାୟଣ', ଅଭିମନ୍ୟୁ ସାମନ୍ତ ସିଂହାରଙ୍କ 'ବିଦଗ୍ଧ ଚିନ୍ତାମଣି' ଓ ବ୍ରଜନାଥ ବଡ଼ଜେନାଙ୍କ 'ଅମ୍ବିକା ବିଳାସ' ପର୍ଯ୍ୟନ୍ତ ଆମ ଓଡ଼ିଆ ସାହିତ୍ୟରେ ଏହିପରି ବିଧିର ରାନ୍ଧଣାର ଅନେକ ବର୍ଣ୍ଣନା ରହିଛି । ସମ୍ଭବତଃ ସାରଳା ଦାସଙ୍କ ବର୍ଣ୍ଣିତ ଲୁଣ-ବେସର ଗୋଳା ମୃଗମାଂସର ପତ୍ରପୋଡ଼ା 'ଗଉରୀ' ବିଧିରେ ପ୍ରସ୍ତୁତ ହେଉଥିଲା- 'ଶଉରୀ' ବିଧିରେ ନୁହେଁ । କାରଣ ପତ୍ରପୋଡ଼ା-ମାଂସ 'ଶଉରୀ'ବିଧିରେ ପ୍ରସ୍ତୁତ ହେବା ସମ୍ଭବ ନୁହେ । ମୁଦ୍ରଣ ବା ସଂପାଦନା ପ୍ରମାଦରେ 'ଗଉରୀ' 'ଶଉରୀ' ହୋଇଛି । କାରଣ 'ନିର୍ଧୂମ ଅଗ୍ନି'ରେ ଏହି ପାକସିଦ୍ଧି ହେଉଥିବାର ଉଲ୍ଲେଖ ଅଛି ।

ବଳରାମ ଦାସଙ୍କ 'ରାମାୟଣ'- ଯାହା 'ଜଗମୋହନ ରାମାୟଣ' ବା 'ଦାଣ୍ଡି ରାମାୟଣ' ଭାବରେ ପ୍ରସିଦ୍ଧ, ସେଥିରେ ମଧ୍ୟ ଓଡ଼ିଶାରେ ଷୋଡ଼ଶ ଶତାବ୍ଦୀରେ ପ୍ରଚଳିତ ଥିବା ଅନେକ ଆମିଷ ରାନ୍ଧଣାର ବର୍ଣ୍ଣନା ଅଛି । ବିଶେଷକରି ଏହି ରାମାୟଣର 'ଅଯୋଧ୍ୟା କାଣ୍ଡ'ରେ ଅଛି ଏହାର ପ୍ରାସଙ୍ଗିକ ବର୍ଣ୍ଣନା । ଶ୍ରୀରାମ ବନଗମନ କରିବା ପରେ, ଭରତ ତାଙ୍କୁ ଅଯୋଧ୍ୟାକୁ ଫେରାଇ ଆଣିବାପାଇଁ ଶତ୍ରୁଘ୍ନ ଓ ଅନ୍ୟମାନଙ୍କ ସହିତ ଯାଇ ପହଞ୍ଚିଛନ୍ତି ଭରଦ୍ୱାଜ ଋଷିଙ୍କ ଆଶ୍ରମରେ ଏବଂ ଭରଦ୍ୱାଜ ଋଷି ସେମାନଙ୍କୁ ମାୟା ବ୍ରାହ୍ମଣଙ୍କଦ୍ୱାରା ରନ୍ଧନ କରାଇ ଅନେକ ଖାଦ୍ୟଦ୍ରବ୍ୟ ପରଷିଛନ୍ତି । ଏହି ପ୍ରସଙ୍ଗରେ ଅଛି ମାଛ ଓ ମାଂସର ''ଛଡ଼ା ଓ ଝଡ଼ା'' ବ୍ୟଞ୍ଜନର ବର୍ଣ୍ଣନା । ଏ ପ୍ରସଙ୍ଗରେ ସ୍ମରଣୀୟ ଯେ 'ସମ୍ବାଦ' ସଂପାଦକୀୟ ପୃଷ୍ଠାର ଏକ ଆଲେଖ୍ୟ 'ଓଡ଼ିଆ ଖାଦ୍ୟଃ ଖାଇବା ଓ ଗାଇବା' (୧୪ ଡିସେମ୍ବର, ୨୦୧୭)ରେ ନୀଳକଂଠ ରଥ ''ପୁରୀ ଆଡ଼ର ଝଡ଼ାବେସର'' ମାଛ ରୋଷେଇ କଥା କହିଛନ୍ତି । ସମୟ ବ୍ୟବଧାନ ପ୍ରାୟ ୫୦୦ ବର୍ଷ ହେଲେ ମଧ୍ୟ, ସାରଳା ଦାସ ଓ ନୀଳକଂଠ ରଥଙ୍କ ଏହି 'ଛଡ଼ା ଓ ଝଡ଼ା' ବ୍ୟଞ୍ଜନ ହେଉଛି କଣ୍ଟାହୀନ (ଇଂରାଜୀ ପରିଭାଷାର 'ବୋନ୍‌ଲେସ୍') ମାଛ ବା ମାଂସର ବ୍ୟଞ୍ଜନ ।

ତେବେ ଏଇଠୁ ଆମେ ଯଦି ପୁଣି ସୁରେନ୍ଦ୍ର ମହାନ୍ତିଙ୍କ 'ଶେଷସତ୍ତମ୍'ର 'ବଡ଼ଭାତ-ସାନଭାତ' ପାଖକୁ ଫେରିବା, ଦେଖିବା ଯେ- ଦେଶ ସ୍ୱାଧୀନ ହେବା ସମୟର ସେଇ କଷ୍ଟଗମ୍ୟ ଗ୍ରାମକୁ ଆଉଥରେ ସେ ଫେରିଛନ୍ତି ଦୀର୍ଘ ୨୩ ବର୍ଷ ପରେ, ୧୯୭୧ ମସିହାରେ । ସେତେବେଳକୁ କିନ୍ତୁ ସେ ଗାଆଁ ଆଉ କଷ୍ଟଗମ୍ୟ ହୋଇ ରହିନାହିଁ । ଗାଆଁ ପର୍ଯ୍ୟନ୍ତ ଲମ୍ବିଛି କଳା ରିବନ୍ ପରି ପିଚୁ ରାସ୍ତା । ଗାଆଁ ଦାଣ୍ଡରେ ଇଲେକ୍‌ଟ୍ରିକ୍ ବତିଖୁଣ୍ଟ । ଗାଆଁ ମୁଣ୍ଡରୁ ଲମ୍ବିଯାଇଛି ଗୋଟିଏ ଛୋଟିଆ ବଜାର । ଦୋକାନମାନଙ୍କରୁ ରେଡ଼ିଓର ଚିତ୍କାରରେ ସ୍ଥାନଟି ସହରତଳର ଭ୍ରମ ସୃଷ୍ଟି କରୁଛି । ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି- ସେଦିନ ତାଙ୍କୁ ଆଉ ଆଗ ପରି 'ବଡ଼ଭାତ-ସାନଭାତ' ଖାଇବାକୁ ପଡ଼ିନାହିଁ । ସୁରେନ୍ଦ୍ର ମହାନ୍ତି ଲେଖିଛନ୍ତି, ''ରାତିରେ ସେଦିନ ଆମେ ପରଟା, ମାଂସ ତରକାରୀଠାରୁ ଆରମ୍ଭ କରି ବନ୍ଧାକୋବି ତରକାରୀ ଆଉ ବିଲାତିବାଇଗଣ ଖଟା ପର୍ଯ୍ୟନ୍ତ ସବୁ ଖାଇପାରିଥିଲୁ । ଜଣେ କର୍ମୀ ସୁଦ୍ଧା ଆସି ପଚାରିଥିଲେ, ମୋର 'ଡ୍ରିଙ୍କସ୍' ଦରକାର କି ବୋଲି ! ବାଇଶ-ତେଇଶଟା ବର୍ଷ ଭିତରେ 'ବଡ଼ଭାତ-ସାନଭାତ' ଖାଇଥିବା ଏ ଗାଆଁର ଅଭୂତପୂର୍ବ ପରିବର୍ତ୍ତନ ମୋତେ ବିସ୍ମିତ କରିଦେଇଥିଲା ।'' ତାହାର କାରଣ ଅନୁଧ୍ୟାନ କରି ସେ ବୁଝିଥିଲେ- ସେଦିନର ସେଇ ଗାଆଁ ଆଉ ଗାଆଁ ହୋଇ ରହି ନଥିଲା । ବାହ୍ୟ ପ୍ରଭାବରେ ସେ ଗାଆଁ ପାଲଟିଯାଇଥିଲା ଅଧା ସହର । ତେଇଶ ବର୍ଷ ତଳେ ସେଠି ଚାଟଶାଳୀ ଖୋଲିଥିବା ସେଇ ଗାଆଁ ମାଷ୍ଟର ଜଣକ ସେତେବେଳକୁ ବୃଦ୍ଧ ହୋଇ ସାରିଥିଲେ । ସେ କହିଥିଲେ, ''ପାରାଦୀପ ବନ୍ଦର ଯୋଗୁଁ ସେଦିନର ଗାଁ ଆଜି ଆଉ ନାହିଁ । ଆଜି ଏ ଗାଆଁ ଅଧା ସହର । କିନ୍ତୁ ସେଦିନ ବଡ଼ଭାତ, ସାନଭାତ ଖାଇ ଆମେ ଯେଉଁ ଶାନ୍ତି ସନ୍ତୋଷରେ ଥିଲୁ, ଆଜି ଆମ ଭିତରେ ଆଉ ସେ ଶାନ୍ତି, ସନ୍ତୋଷ ନାହିଁ । ଘରେ ଘରେ ଆଜି ବାପ-ପୁଅ, ଭାଇ-ଭାଇ, ଦଳାଦଳି ପିଟାପିଟି ।''

ସଚରାଚର ଏମିତି ହୁଏ । ସମୟକ୍ରମେ ବଦଳିଯାଏ ସଭ୍ୟତା, ସମାଜ, ସଂସ୍କୃତି । ବଦଳିଯାଏ ବି ଲୋକଙ୍କର ମାନସିକତା ଓ ଖାଦ୍ୟରୁଚି । ଆମେ ସମୟକ୍ରମେ ଏମିତି କେତେ ଯେ ଓଡ଼ିଆ ଖାଦ୍ୟକୁ ଆମ ପଛରେ ଛାଡ଼ିଚାଲିଆସିଲୁଣି, ତାହାର କିଛି ଠିକ୍, ଠିକଣା ନାହିଁ ।

## ଦେଖି ଆସିବା- କୋବି ଫଳୁଛି !

କେବଳ ଶୀତଦିନରେ ନୁହେ- ଏବେ ସବୁଦିନେ କୋବି ମିଳୁଛି । କୋବି ଖାଇ, ସେଥିରେ ପଡୁଥିବା ପୋକମରା ବିଷର ପ୍ରତିକ୍ରିୟାରେ ଲୋକ ମରିବା ଖବର ବି ଅତୀତରେ ପ୍ରକାଶ ପାଇଛି । କିନ୍ତୁ ଦିନ ଥିଲା- କୋବି ଚାଷ ତ ଦୂରର କଥା, ଲୋକେ କୋବି କ'ଣ ଜାଣି ନଥିଲେ । ବିଲାତି ଆଳୁ (ପଟାଟୋ), ବିଲାତି ବାଇଗଣ (ଟମାଟୋ) ବି କ'ଣ ତାହା କାହାକୁ ଜଣାନଥିଲା । ଏପରିକି 'ପପେୟା' (ଅମୃତଭଣ୍ଡା)ବି ଏକ ପରିବା ଭାବରେ ପ୍ରଚଳିତ ନଥିଲା । ଫକୀରମୋହନ ସେନାପତି ତାଙ୍କ 'ଆତ୍ମଚରିତ'ର 'ନୀଳଗିରିରେ ଦେବାନି ଚାକିରି'ରେ ଲେଖିଛନ୍ତି, ''ପଞ୍ଚାଶ, ଷାଠିଏ ବର୍ଷ ପୂର୍ବେ ବାଲେଶ୍ୱରବାସୀ କୋବି, ମଟର ପ୍ରଭୃତିର ଚାଷ ଜାଣୁ ନଥିଲେ । ବିଲାତିଆଳୁ ଗଛର ଫଳ ବା ମୂଳ ତାହା କାହାରିକୁ ଜଣା ନଥିଲା । ନୀଳଗିରି ଗଡ଼ରେ ଗୋଟିଏ ପୁଷ୍ପୋଦ୍ୟାନ ଓ କୋବି ପ୍ରଭୃତିର ଚାଷ କରାଇ କୃତକାର୍ଯ୍ୟ ହୋଇଥିଲି ।'' କିନ୍ତୁ ସେହି କୋବିକୁ ସେତେବେଳେ ଲୋକେ ପସନ୍ଦ କରୁନଥିଲେ ବୋଲି ପଣ୍ଡିତ ମୃତ୍ୟୁଞ୍ଜୟ ରଥ ଲେଖିଛନ୍ତି ।

ପଣ୍ଡିତ ନୀଳକଂଠ ଦାସଙ୍କ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ 'ଆତ୍ମଜୀବନୀ' ଆଉ ଏକ ଉଦାହରଣ । ତାହାର 'କୋବି' ଅଧ୍ୟାୟରେ ସେ ଲେଖିଛନ୍ତି, ନିମାପଡ଼ା ମଧୁସୂଦନ ଦାସଙ୍କ କଟକ ଚାନ୍ଦିନୀଚୌକ ବସାଘରେ ଖାଇବା କଥା । କହିଛନ୍ତି, ''ଗୋଟିଏ ତରକାରି ଦେଖି ମୁଁ ଖାଇବାକୁ ଟିକିଏ ଶଙ୍କା କରୁଥିଲି । ବିଶ୍ୱନାଥ ରଥ କହିଲେ, 'ଖା, ସେ କୋବି ତରକାରି ।' ମତେ ଆକାଶରୁ ଖସିପଡ଼ିଲା ପରି ଲାଗିଲା । ପୁରୀରେ କୋବି ମୁଁ କେବେ ଦେଖି ନଥିଲି । ... ଆଜି ମଧୁସୂଦନ ଦାସଙ୍କ ଘରେ କୋବି ଖାଇଲି । ଜାଣିଲି, ଭଲ ଲୋକ କୋବି ଖାଆନ୍ତି । ତେବେ ବ୍ରାହ୍ମଣ ଖାଆନ୍ତି କି ନା ? କାଇଁକି ନା ବ୍ରାହ୍ମଣଙ୍କ ରକ୍ଷଣଶୀଳତା, ବିଦ୍ୟା ଓ ଚିନ୍ତାହୀନତା ସଙ୍ଗେମିଶି ଅଦ୍ଭୁତ ଭାବରେ ବିକାଶ ପାଇଥିଲା । କୋବିଟା ଯଥାର୍ଥରେ କି ଜିନିଷ, ବିଲାତି ଆଳୁଟା ବା କ'ଣ, ଏହା ଆମ ଗ୍ରାମରେ ଅନେକ ଲୋକ ଅନେକ ଦିନ ଯାଏ ଶୁଣିବାକୁ ମଧ୍ୟ ପାଇ ନଥିଲେ । ଏବେ ବି ଆମର ପିତୃଶ୍ରାଦ୍ଧାଦି ନିମିତ୍ତ ଭୋଜିରେ କୋବି ଓ ପିଆଜ ଦିଆଯାଏ ନାଇଁ । ଅନେକ ବୃଦ୍ଧ ଆଳୁ ଓ କୋବି ନଖାଇ ମରିଚଂତି । ଏବେ ମଧ୍ୟ ବିଧବାମାନଂକ ମଧ୍ୟରେ ଆଳୁ ଖାଇଲେ ମଧ୍ୟ ଅନେକ କୋବି ନଖାଇବା ଲୋକ ଅଛଂତି ।''

ବିନୋଦ କାନୁନ୍‌ଗୋଙ୍କ ଆତ୍ମଜୀବନୀ 'ଋଣ ପରିଶୋଧ'ର 'ଦେଖି ଆସିବା କୋବି ଫଳୁଛି' ଆଉ ଏକ ଉଦାହରଣ । ସେଥିରେ 'ସୀତା ଜେଜେ' (କୃଷି ବିଜ୍ଞାନରେ ଉଚ୍ଚଶିକ୍ଷିତ, ଅବିଭକ୍ତ କଟକ ଜିଲ୍ଲା ନାଗଣପୁର ଗାଆଁର ସୀତାନାଥ ମହାନ୍ତି)ଙ୍କ କଥା ସେ ଲେଖିଛନ୍ତି । କହିଛନ୍ତି, ''ସେ ବିହାରରେ କୃଷି ବିଜ୍ଞାନରେ ପଢ଼ି ଉପାଧି ହାସଲ କରିଥାଆନ୍ତି । ଚାକିରି ନକରି ଚାଷ କରିବେ ବୋଲି ମନ ବଳାଇ ଥାଆନ୍ତି । ଜମିଦାର ଘର ଲୋକ, ଚାକର ଅଭାବ ନାହିଁ । ନୂଆ ଧରଣର ଚାଷ କରିବେ । ପ୍ରଥମେ ଚାଷ କଲେ ଆଳୁ, କୋବି । ତାଙ୍କ ପୂର୍ବରୁ ସେହି ଧୋଇଆ ଅଞ୍ଚଳରେ କେହି କୋବି ବା ଆଳୁ ଚାଷ କରୁ ନଥିଲେ । ଏହି ଦୁଇ ପଦାର୍ଥକୁ ଖାଇବା ଲୋକଙ୍କ ସଂଖ୍ୟା ଥିଲା ଅଳ୍ପ । ତେଣୁ ବନ୍ଧାକୋବି, ଫୁଲକୋବି କେମିତି ସତକୁ ସତ ହେଉଛି, ତାହାହିଁ ଦେଖିବାପାଇଁ ବାହାର ଗାଁର ଲୋକେ ଆସନ୍ତି । ପରିବା ବୋଇଲେ ସେତେବେଳେ ସେ ଅଞ୍ଚଳରେ ବୁଝାଉଥିଲା ବାଇଗଣ, ବୋଇତି କଖାରୁ, ପାଣିକଖାରୁ, କଦଳୀ, ଦେଶୀ ଆଳୁ, କନ୍ଦମୂଳ, ଜହ୍ନି, ଭେଣ୍ଡି, ସଜନାଛୁଇଁ, ଖଡ଼ା । ପପେୟା ଗଛ କାହାରି ବାରିରେ ନଥିଲା । କଞ୍ଚା ପପେୟା ତରକାରି ଆମେ କେବେ ଖାଇନଥିଲୁ । ଟମାଟୋ ନାଆଁ ଶୁଣା ନଥିଲା ।''

## 'ପକ୍ଷ୍ୟଣ୍ଡ' ପ୍ରସଙ୍ଗ

ଏହି ପ୍ରସଙ୍ଗରେ ବିନୋଦ କାନୁନ୍‌ଗୋ ବିଲାତି ଆଳୁ ବିଷୟରେ ଗୋଟିଏ ରୋଚକ ବୃତ୍ତାନ୍ତର ଉଲ୍ଲେଖ କରିଛନ୍ତି । ବିହାରୀଲାଲ ପଣ୍ଡିତ ତାଙ୍କ କଟକ ଚାନ୍ଦିନୀଚୌକ୍ (ବିହାରୀବାଗ) ଘରେ ଗୀତାର ଟୀକା ପ୍ରସ୍ତୁତ କରୁଥିବା ବେଳର ସେ କଥା । ଏହା 'ବିହାରୀଲାଲ ଗୀତା' ଭାବରେ ଖ୍ୟାତ । ସେତେବେଳେ ପ୍ରତି ସଂଧ୍ୟାରେ ତାଙ୍କ ଘରେ ଦୁଇ ଚାରି ଜଣ ପଣ୍ଡିତ ଏକାଠି ହେଉଥିଲେ । ବିନୋଦ କାନୁନ୍‌ଗୋଙ୍କ ପିଲାଦିନର ଜଣେ ବନ୍ଧୁ, ଆଡ୍‌ଭୋକେଟ୍ ଅଶୋକ ଦାସଙ୍କ ଘରେ ମଟର ଗାଡ଼ି ଚଳାଉଥିବା ଜନୈକ ଶତପଥୀଙ୍କ ଜେଜେ ସେମାନଙ୍କ ମଧ୍ୟରୁ ଜଣେ । ବିନୋଦବାବୁ ଲେଖିଛନ୍ତି, ''ରାତିରେ ଫେରିଲାବେଳେ ବିହାରୀଲାଲଙ୍କ ଘରୁ ଗୋଟିଏ ଥାଳିରେ 'ସିଧା' ମିଳେ । ସେଥିରେ ଯେତେ ପରିମାଣରେ ଚାଉଳ, ଡାଲି, ପରିବା ଥାଏ, ସେତକରେ ଶତପଥୀ ପରିବାରର ଗୋଟିଏ ଦିନ ଚଳିଯାଏ । ଏହା ସାଙ୍ଗକୁ ମାସକୁ ମାସ କିଛି ଟଙ୍କା ମିଳେ । ... ଦିନେ ଶତପଥୀଙ୍କୁ ସିଧା ସାଙ୍ଗରେ ଚାରିଟି ଗୋଲ ଆଳୁ ଦେଇଥିଲେ । ପଣ୍ଡିତ ଶତପଥୀ ସେଠି କିଛି କହି ନପାରି ଗାମୁଛାରେ ପୂରାଇ ନେଇଗଲେ । ଘରେ ଯାଇ ସେତକ ସବୁ ବାରିଆଡ଼େ ଫୋପାଡ଼ି ଦେଇ ଘରେ ଆସି ଗାଧୋଇଲେ । ପଇତା ବଦଳାଇଲେ । ପଣ୍ଡିତିଆଣୀ ଆସି ପଚାରିଲାରୁ ଖାଲି ଏତିକି ଜବାବ ଦେଲେ- 'ମୋତେ ସେକଥା ପଚାର ନାହିଁ' । ତା' ପରଦିନ ଯେତେବେଳେ ଗଲେ, ଜମିଦାର ବିହାରୀଲାଲ ପଚାରିଲେ- 'କାଲି ଯେଉଁ ନୂଆ ଚିଜ ଦେଇଥିଲୁ, ତାକୁ କେମିତି ରାନ୍ଧିଲ ? କେମିତି ସୁଆଦ ଲାଗିଲା ?' ଶତପଥୀ ଟିକିଏ ଶଙ୍କିଯାଇ କହିଲେ, 'ଜୀବନରେ କେବେ ପକ୍ଷ୍ୟଣ୍ଡ ଛୁଇଁ ନାହିଁ । ତେଣୁ ତାକୁ ଫୋପାଡ଼ି ଦେଲି । ସିଧା ମାରା ହୋଇଯାଇଥିଲା ବୋଲି ତାକୁ ମଧ୍ୟ ଫୋପାଡ଼ିଲି ।' ବିହାରୀଲାଲ ଯେତିକି ହସିଲେ ସେତିକି ଦୁଃଖିତ ହେଲେ । ତାଙ୍କ ପରିବାରରେ ତ ରୋଷେଇ ହୋଇ ନଥିବ, ସେଥିପାଇଁ ଦୁଃଖ । ଆଳୁକୁ ଯେ ଅଣ୍ଡା (ପକ୍ଷ୍ୟଣ୍ଡ) ବୋଲି ଧରିନେଲେ ସେଥିପାଇଁ ହସ । ତାଙ୍କୁ ସବୁକଥା ବୁଝାଇଦେଲେ । ସେଦିନ ଡବଲ ସିଧା ଦେଲେ । ... ଜଣେ କହିଲେ, 'ଆଳୁ ସପକ୍ଷରେ ତୁମେମାନେ ଯିଏ ଯେତେ ପ୍ରକାର କୁହ ପଛେ, ଆଜି ପର୍ଯ୍ୟନ୍ତ ସେ ପରିବା ତ ଜଗନ୍ନାଥ ମନ୍ଦିରରେ ପଶିନାହିଁ ।' ଅବଶ୍ୟ ୧୯୧୯-୨୦ ବେଳକୁ ଆଳୁ ଆଉ ଅପରିଚିତ ପରିବା ହୋଇ ରହିନଥାଏ । କିନ୍ତୁ ତାହାର ଚାଷଟା ଆସ୍ଥାନ ଜମାଇ ନଥାଏ ।''

ଏ ହେଉଛି ଆମ ଖାଦ୍ୟ ସଂସ୍କୃତିରେ ଏକ ପରିବର୍ତ୍ତନର କେତୋଟି କ୍ରମିକ ଚିତ୍ର । ନୀଳଗିରିରେ ଫକୀରମୋହନଙ୍କ ଦେବାନି (୧୮୭୨)ଠାରୁ ୧୯୧୯-୨୦ ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧଶତାବ୍ଦୀର ଏ ଚିତ୍ର ସୂଚାଏ ଯେ ବିଲାତି ଆଳୁ, ବିଲାତିବାଇଗଣ, ବନ୍ଧାକୋବି ଓ ଫୁଲକୋବି, ଅମୃତଭଣ୍ଡା ଆଦି କ୍ରମେ ଅପରିଚିତ ଓ ଅସ୍ପୃଶ୍ୟରୁ କିପରି ଆମର ପରିଚିତ ଓ ସ୍ପୃଶ୍ୟ ହୋଇଯାଇଛି ।

ଏହିପରି ଭାବରେ, ସମୟକ୍ରମେ ଆମେ ଆମ ଖାଦ୍ୟ ସଂସ୍କୃତିରେ ଅନେକ କିଛିକୁ ପଛରେ ଛାଡ଼ୁ ଏବଂ ନୂଆ କିଛିକୁ ଗ୍ରହଣ କରୁ । କିନ୍ତୁ ଯାହା ବିନୋଦ କାନୁନ୍‌ଗୋ ତାଙ୍କ ଆତ୍ମଜୀବନୀ 'ଋଣ ପରିଶୋଧ'ରେ କହିଛନ୍ତି, ତାହା ଯଥାର୍ଥ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରୋଷଶାଳାରେ ଏ ଯାଏ ଏସବୁ ପଶିନାହିଁ, କେବଳ ଏଗୁଡ଼ିକର ବିଦେଶୀ-ମୂଳ ଯୋଗୁଁ । ଏପରିକି କଞ୍ଚାଲଙ୍କା ମଧ୍ୟ ଆଜି ଶ୍ରୀମନ୍ଦିର ରୋଷଶାଳାରେ ନିଷିଦ୍ଧ ।

ସେହିପରି 'ପକ୍ଷ୍ୟଣ୍ଡ' ବା କୁକୁଡ଼ା ଅଣ୍ଡା ପ୍ରସଙ୍ଗ । ଗୋଟିଏ ସମୟ ଥିଲା, କୁକୁଡ଼ାକୁ 'ରାମପକ୍ଷୀ' ଓ ଗଞ୍ଜା କୁକୁଡ଼ାର ଡାକକୁ 'ଚକ୍ରଧର ରଖ୍'ବୋଲି ଆମେ କହୁଥିଲେ ହେଁ କୁକୁଡ଼ା ଅଣ୍ଡା କି ମାଂସ ଆମ ଘରେ ନିଷିଦ୍ଧ ଥିଲା । ଘରଠାରୁ ଦୂରରେ, ତୋଟା ବା ବାରିରେ, ଅଲଗା ଚୁଲିରେ ତାହା ରୋଷେଇ ହେଉଥିଲା । ଛେଳି, ମେଣ୍ଢା ମାଂସକୁ ମାଂସ ନକହି କୁହାଯାଉଥିଲା 'ଶାଗୁଆତି' । ମାଂସ ତରକାରୀ ପରିଚିତ ଥିଲା 'ନାଲଭାଜି' ନାମରେ । ହାଡ଼କୁ 'କଣ୍ଟା' ଓ ଚର୍ବିକୁ 'ଘିଅ' କୁହାଯାଉଥିଲା । ବିଶିଷ୍ଟ କଥାକାର ମହାପାତ୍ର ନୀଳମଣି ସାହୁ ତାଙ୍କ ପତ୍ନୀ ପ୍ରସନ୍ନ କୁମାରୀ ଦେବୀଙ୍କ 'ଓଡ଼ିଶୀ ରନ୍ଧନ କଳା' ପୁସ୍ତକର ମୁଖବନ୍ଧରେ ଏହା ଲେଖିଛନ୍ତି । କିନ୍ତୁ ଏବେ ଘରେ ଘରେ ଏସବୁର ପ୍ରବେଶ ଅବାଧ । ବିଶେଷକରି ଅଶୀଦଶକରେ, ସେତେବେଳର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ କୁକୁଡ଼ା ପାଳନକୁ ଏକ ଶିଳ୍ପ ରୂପେ ପ୍ରୋତ୍ସାହିତ କରିବା ଫଳରେ, ବ୍ରଏଲର ଚିକେନ୍ ବ୍ୟାପକ ଭାବେ ପ୍ରଚଳିତ ହେବା ସହିତ ଆମ ଖାଦ୍ୟରୁଚି ପରିବର୍ତ୍ତିତ ହୋଇଛି । 'ଓଡ଼ିଶା ଶାସନର ଏକ ସ୍ୱର୍ଣ୍ଣଯୁଗ' ପୁସ୍ତକର 'ଓଡ଼ିଶାରେ କୁକୁଡ଼ା ଶିଳ୍ପର ଆରମ୍ଭ ଓ ବିକାଶ'ରେ ସୁଧାଂଶୁ ଶେଖର ଦାସ ଏ ସଂପର୍କରେ ଲେଖିଛନ୍ତି, ''ତାଙ୍କର (ଜାନକୀବାବୁଙ୍କର) ଦୂରଦୃଷ୍ଟି ଓ ପ୍ରୋତ୍ସାହନରୁ କ୍ରମେ ଏହି 'ବାରିଆଡ଼' ବ୍ୟବସାୟଟି ଗୋଟିଏ ମୁଖ୍ୟ ବ୍ୟବସାୟ ହୋଇ ହଜାର ହଜାର ଯୁବକଙ୍କ ସାହାରା ପାଲଟିଛି ।''

## 'ବ୍ୟଞ୍ଜନ' ଉଠବ

ତେବେ ବିଂଶ ଶତାବ୍ଦୀର ଅଶୀଦଶକରୁ ଆମେ ଯଦି ଅତୀତକୁ ଫେରିବା, ତେବେ ଦେଖିବା ଯେ ଓଡ଼ିଆମାନେ ପାରମ୍ପରିକ ଭାବରେ ଭାତ-ମାଛ ପ୍ରିୟ ଥିଲେ ହେଁ, ଶ୍ରୀଚୈତନ୍ୟଙ୍କ ଆଗମନ ତଥା ବୈଷ୍ଣବ ଧର୍ମଧାରାର ବ୍ୟାପକ ପ୍ରଭାବ ଓ ପ୍ରସାର ଫଳରେ, ଷୋଡ଼ଶ ଶତାବ୍ଦୀରୁ ଆମ ଖାଦ୍ୟ ରୁଚିରେ ବ୍ୟାପକ ପରିବର୍ତ୍ତନ ଆସିଛି । ବୈଷ୍ଣବ ଜୀବନଚର୍ଯ୍ୟାରେ ଆମିଷ ନିଷେଧ ହେତୁ ପନିପରିବାର ବିବିଧ ଓ ବିଚିତ୍ର ସ୍ୱାଦିଷ୍ଟ ରାନ୍ଧଣା ଉଦ୍ଭାବିତ ହୋଇଛି । ଆଜି, ବିଶେଷକରି ଆମର ବୈଷ୍ଣବ ମଠଗୁଡ଼ିକରେ ମହାସମାରୋହରେ ମାର୍ଗଶିର

ଶୁକ୍ଳ ଦ୍ୱାଦଶୀ ତିଥିରେ ପାଳିତ ହେଉଥିବା 'ବ୍ୟଞ୍ଜନ ଦ୍ୱାଦଶୀ' ଉତ୍ସବ ଏହାର ଏକ ପ୍ରକୃଷ୍ଟ ଉଦାହରଣ। ଏଥିରେ ବୈଷ୍ଣବ ମଠଗୁଡ଼ିକରେ ରାଧାକୃଷ୍ଣଙ୍କୁ ଶତାଧିକ ବ୍ୟଞ୍ଜନ ସମ୍ବଳିତ ନୈବେଦ୍ୟ ନିବେଦିତ ହୋଇଥାଏ। ଭାଷା ଦୃଷ୍ଟିରୁ ବିଚାର କଲେ ଲକ୍ଷ୍ୟ କରାଯାଏ ଯେ 'ବ୍ୟଞ୍ଜନ' ପରି ସଂସ୍କୃତ ଶବ୍ଦ 'ଅନ୍ନ' ସହିତ ସଂଯୁକ୍ତ ହୋଇ 'ଅନ୍ନ-ବ୍ୟଞ୍ଜନ' ଭାବେ ସାଧାରଣରେ ପ୍ରଚଳିତ ଥିବା ବେଳେ, ସଂସ୍କୃତ 'ତେମନ୍'ର ଓଡ଼ିଆ ଶବ୍ଦ 'ତିଅଣ' ବା 'ତୁଣ' ଅଧିକ ଲୋକପ୍ରିୟ ହୋଇଛି। 'ଶାକାନ୍ନ'ର ପ୍ରସାର ଘଟିଛି। ଅଷ୍ଟାଦଶ ଶତାବ୍ଦୀର ଜଗନ୍ନାଥ ମିଶ୍ର ଆଳଙ୍କାରିକ ତାଙ୍କ 'ରସକଲ୍ପଦ୍ରୁମ' (ଓ.ସା.ଏ., ୧୯୬୫)ରେ ମାଛମାନଙ୍କ ମଧ୍ୟରେ ଭାକୁରକୁ ରାଜା, ରୋହିକୁ ପୁରୋହିତ, ଇଲିଶିକୁ ପାଟରାଣୀ ଓ ମାଗୁରକୁ ଯୁବରାଜ କହିବା ସହିତ ଶାଗରେ ମଧ୍ୟ ରାଜା-ମନ୍ତ୍ରୀଙ୍କର ରୋଚକ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି-

''ଆରେ ଆରେ ଆରେ ଶାଗ ପକା ପାଗ ଛାଡ଼ି
ସୂପ ରାଜା ବିଜେ ହେଲେ ହେଙ୍ଗୁ ମନ୍ତ୍ରୀ ଧରି।''

କିନ୍ତୁ ବୈଷ୍ଣବ ଧର୍ମ ତଥା ନିରାମିଷ ଖାଦ୍ୟ ପ୍ରସାରର ପରବର୍ତ୍ତୀ କାଳରେ, ବିଶେଷକରି ମୁସଲମାନ ଶାସନ କାଳରେ ଆମିଷ ରନ୍ଧନର ପୁନରଭ୍ୟୁଦୟ ଘଟି ଏକ ନବଯୁଗ ପ୍ରବର୍ତ୍ତିତ ହୋଇଛି। ଭିନ୍ନଭିନ୍ନ ମାଂସରେ ବିଭିନ୍ନ ପ୍ରକାରର କୁର୍ମା, ଚପ୍, କଟଲେଟ୍ ଆଦି ମୁସଲମାନ ଖାନସାମା,ବବୁର୍ଚ୍ଚିଙ୍କ ଠାରୁ ଓଡ଼ିଆ ରାନ୍ଧୁଣିଆମାନେ ଶିଖିଛନ୍ତି। ତା' ସହିତ ପାରମ୍ପରିକ ପ୍ରପାନକ ବା ପଣା ସ୍ଥାନରେ ବିଭିନ୍ନ ପ୍ରକାର ସର୍ବତ ମଧ୍ୟ ପାନୀୟ ଭିତରେ ସ୍ଥାନ ପାଇଛି। ଏବେ ବିଶ୍ୱାୟନ ବଜାରରେ ତାର ସ୍ଥାନ ନେଇଯାଇଛି ମୃଦୁ ପାନୀୟ। କିନ୍ତୁ ପରଂପରାର ଦୃଢ଼ ଭିତ୍ତି ଆଜି ବଞ୍ଚାଇ ରଖିଛି 'ପଣାସଂକ୍ରାନ୍ତି' ପରି ଆମର ପାରମ୍ପରିକ ସଂସ୍କୃତିକୁ।

ଏ ପ୍ରସଙ୍ଗରେ ଉଲ୍ଲେଖୀୟ ଯେ ଓଡ଼ିଶାର ବ୍ରାହ୍ମଣ ସଂପ୍ରଦାୟ ମୁଖ୍ୟତଃ ଥିଲେ ଶାକ୍ତ ଓ ତାନ୍ତ୍ରିକ। ତା' ସହିତ ଗ୍ରାମଦେବୀଙ୍କ ନିକଟରେ ବିଭିନ୍ନ ସମୟରେ ପଶୁ ବା ପକ୍ଷୀ ବଳି ପ୍ରଥା ପ୍ରଚଳିତ ଥିଲା। ବିଶେଷତଃ ଶାରଦୀୟ ଦୁର୍ଗାପୂଜା ସମୟରେ ଦେବୀପୀଠଗୁଡ଼ିକରେ ଏହା ସୁପ୍ରଚଳିତ ଥିଲା। ଗତ ଶତାବ୍ଦୀର ଅଷ୍ଟମଦଶକରେ ବଳିପ୍ରଥା ବନ୍ଦ ପାଇଁ ସାମାଜିକ ଆନ୍ଦୋଳନ ଓ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ଫଳରେ ଏହା ହ୍ରାସ ପାଇଛି। କିନ୍ତୁ ଏବେ ବି ବହୁ ଦେବୀପୀଠ, ଗ୍ରାମଦେବୀ ଓ ଗ୍ରାମଦେବୀଙ୍କ ଜନ୍ତାଳରେ ଆମିଷ ଭୋଗର ପ୍ରଚଳନ ଅଛି।

ଏହିପରି ଭାବରେ ବିଭିନ୍ନ ସମୟରେ ଆମର ଖାଦ୍ୟ ସଂସ୍କୃତି ପରିବର୍ତ୍ତିତ ହୋଇଆସିଛି। ସେଥି ମଧ୍ୟରେ ଆମେ ଅନେକ ନୂଆ ସାମଗ୍ରୀକୁ ଗ୍ରହଣ କରିଛୁ ଏବଂ ଆମ ଖାଦ୍ୟ ସଂସ୍କୃତିର ବହୁ ପୁରୁଣା ସାମଗ୍ରୀ ହୁଏତ ଲୁପ୍ତ ବା କ୍ରମ-ବିସ୍ମୃତ ହୋଇଯାଇଛି।

## ଉପସଂହାର

ଏ ପ୍ରସଙ୍ଗରେ ସୁଧାକର ପଟ୍ଟନାୟକ ସଂପାଦିତ 'ଅମ୍ବିକା ବିଳାସ' (ବ୍ରଜନାଥ ବଡ଼ଜେନା ଗ୍ରନ୍ଥାବଳୀ, ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୬୫)ର ଗୋଟିଏ ପାଦଟୀକା ବିଶେଷ ଉଲ୍ଲେଖ ଦାବି କରେ। ତାହାର ତ୍ରୟୋଦଶ ଛାନ୍ଦରେ ଶିବ ବିବାହ ପ୍ରସଙ୍ଗରେ 'ବରଯାତ୍ରୀ ଚର୍ଚ୍ଚା'ର ବର୍ଣ୍ଣନା ଅଛି। ଶ୍ରୀ ପଟ୍ଟନାୟକ ତାଙ୍କ ପାଦଟୀକାରେ କହିଛନ୍ତି, ''ପ୍ରାଚୀନ ଉତ୍କଳର ଦେବ-ଦେବାଳୟ, ରାଜା-ରାଜୋଡ଼ା ଓ ସମ୍ଭ୍ରାନ୍ତ ପରିବାରରେ ବିବାହ ବ୍ରତୋପନୟନାଦି ପର୍ବପର୍ବାଣିରେ ବ୍ୟବହୃତ ବହୁବିଧ ଭକ୍ଷ୍ୟ ଭୋଜ୍ୟାଦିର ଗୋଟିଏ କ୍ଷୁଦ୍ର ତାଲିକା କବି ଏ ଛାନ୍ଦରେ ଦେଇ ଉତ୍କଳ ଇତିହାସକୁ ପରିପୁଷ୍ଟ କରିଅଛନ୍ତି। ଅତ୍ୟନ୍ତ ଦୁଃଖର ବିଷୟ, କାଳର ଗତି ଓ ଆର୍ଥିକ ପରିସ୍ଥିତିର ପରିବର୍ତ୍ତନ ଅନୁସାରେ, ସମାଜର ଏହି ସୁନ୍ଦର ଉପଭୋଗ୍ୟ ଯୋଗଣ (ଭୋଜ୍ୟ)ଗୁଡ଼ିକ କ୍ରମେ କ୍ରମେ ଲୋପପାଇ ଯାଉଅଛି। କେବଳ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଭୃତି କେତୋଟି ପ୍ରସିଦ୍ଧ ଦେବାଳୟମାନଙ୍କରେ ଏଥିରୁ କିଛିକିଛି ଅଦ୍ୟାପି ପରିଦୃଷ୍ଟ ହୁଏ। ଅନ୍ୟତ୍ର ଏସବୁର ପ୍ରସ୍ତୁତି ପ୍ରଣାଳୀ ଓ ନାମ ମଧ୍ୟ ଲୋକେ ପ୍ରାୟ ଭୁଲିଯାଇସାରିଲେଣି।''

ଏହାର ଏକ ନିଦର୍ଶନ ଆମେ ୨୦୧୭ ଡିସେମ୍ବର ୨୪ ତାରିଖ ଦିନ ଭୁବନେଶ୍ୱରର ଏକ ସ୍ୱତନ୍ତ୍ର ଆୟୋଜନରେ ଦେଖିଛୁ। 'ଓଡ଼ିଶା ମନ୍ଦିରର ଭୋଗ ପରମ୍ପରା' ପୁସ୍ତକର ଉନ୍ମୋଚନ ଅବସରରେ, ସେଥିରେ ୧୧୫ ପ୍ରକାରର ଭୋଗ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ସେହି ସବୁ ଭୋଗ-ସାମଗ୍ରୀ ଶ୍ରୀଜଗନ୍ନାଥ ମନ୍ଦିରର ରୋଷଶାଳାରେ ପ୍ରସ୍ତୁତ ଏବଂ ସେଥିରୁ ଅନେକର ନାଆଁ ବି ସେଯାଏ କେହି ଶୁଣି ନଥିଲେ।

ଏହିପରି ଭାବରେ ଆମର ବହୁ ପାରମ୍ପରିକ ପିଠା ଓ ମିଠା ଏବେ ଦୁର୍ଲଭ ଓ ବିସ୍ମୃତ ହୋଇଯାଉଛି। ତାହା ସ୍ୱତନ୍ତ୍ର ଚର୍ଚ୍ଚା, ଆଲୋଚନା ଓ ପଞ୍ଜୀକରଣ ଦାବି କରେ। ତେବେ ଆଜି କେବଳ ଏତିକି କୁହାଯାଇପାରେ, ଖାଦ୍ୟ-ସଂସ୍କୃତି ଯେ ଗୋଟିଏ ଜାତିର ଐତିହ୍ୟ ଓ ସଂସ୍କୃତି ସହ ଘନିଷ୍ଠ ଭାବେ ଜଡ଼ିତ ଏ ସଂପର୍କରେ ସମ୍ଭବତଃ ଆଜିର ସାହିତ୍ୟ ଓ ସଂସ୍କୃତିପ୍ରେମୀ ଯଥେଷ୍ଟ ସଚେତନ ନୁହନ୍ତି।

ମୋ: ୯୪୩୭୦ ୩୪୮୦୪
mohanty.asit@gmail.com



# ବୈତରଣୀ ଉତ୍କଳୀୟ ସଂସ୍କୃତି

ଡା. ଉର୍ମିମାଳା ଆଚାର୍ଯ୍ୟ

ଇତିହାସର ଅମା ଅନ୍ଧକାରରୁ ମଣିଷ ସମାଜର ଅବସ୍ଥିତି ଉପରେ ବିହଙ୍ଗାବଲୋକନ କଲେ, ଦେଖାଯାଏ କିପରି ପ୍ରକୃତିର ନିର୍ଦ୍ଦେଶରେ ମଣିଷ ସହସା ନିଜର ତୃଷା ନିବାରଣ ପାଇଁ ନଈକୂଳରେ ବସାବାନ୍ଧିବା ଆଦରି ନେଇଛି । ନିଜ ବୁଦ୍ଧିବଳରେ ଜଳସେଚନ ଉପଯୋଗ କରି ଖାଦ୍ୟ ଉତ୍ପାଦନ କରି କ୍ଷୁଧା ନିବାରଣ କରୁଛି, ଆଉ ଅନେକ ସୁବିଧା ପାଉଛି ଗମନାଗମନ ଦିଗରେ । ବିଶ୍ୱରେ ପ୍ରବହମାନ ପ୍ରତିଟି ନଦୀ ସ୍ଥାନୀୟ ସଭ୍ୟତା, ସଂସ୍କୃତି, ସ୍ୱଭାବ ଓ ଲୋକ ଚରିତ୍ରକୁ ଅଦୃଷ୍ଟ ଭାବରେ ପ୍ରଭାବିତ କରନ୍ତି । ନଦୀ କୌଣସିମତେ ସ୍ଥିର ଏକ ଜଳଧାର ନୁହେଁ, ଏହା ଋତୁମତେ ଶୁଷ୍କ ବା ସ୍ଫୀତ ଆଉ କେତେବେଳେ ଭୂଗୋଳରେ ଦିଗଭ୍ରାନ୍ତ ହୋଇ ପଡିଛି । ଦୈନନ୍ଦିନ ଜୀବନକୁ ଛାଡି ଏହା ସଭ୍ୟତାର ପରିପୋଷକ ଏବଂ ସଂସ୍କୃତିର ପୁଷ୍ଟିସାଧକ ।

ଏହି ଅବକାଶରେ ଓଡିଆ ଜୀବନରେ ସ୍ୱଭାବ ଓ ଆଧ୍ୟାତ୍ମିକତାକୁ ଦୀର୍ଘ ଅତୀତରୁ ପ୍ରବାହିତ କରେ ବୈତରଣୀ ନଦୀ ଓ ତାର ପୃଷ୍ଠଭୂମି । ମହାଭାରତରୁ ଆରମ୍ଭ କରି ଏହାର ସୁବର୍ଣ୍ଣ ତ୍ରିଶତାବ୍ଦୀ ୭୦୦ ରୁ ୧୦୦୦ ଖ୍ରୀଷ୍ଟାବ୍ଦ । ଭୌମକରଙ୍କ ଠାରୁ ଆରମ୍ଭକରି ସୋମବଂଶୀ ଶାସନକାଳ । ଏହି ପୁରାତନ କ୍ଷେତ୍ର ଓଡିଶାରେ ଧର୍ମର ପାର୍ଶ୍ୱ ପରିବର୍ତ୍ତନର ଲକ୍ଷଣ ଦେଖିବାକୁ ମିଳେ । ବୌଦ୍ଧଧର୍ମ, ତନ୍ତ୍ର ମାହାତ୍ମ୍ୟ ଏବଂ ବ୍ରାହ୍ମଣ୍ୟଧର୍ମ । ଓଡିଶାରେ ବୌଦ୍ଧଧର୍ମର ଅସ୍ତ ଏବଂ ବ୍ରାହ୍ମଣ୍ୟ ଧର୍ମର ପୁନଃ ଅରୁଣୋଦୟ ଘଟିଛି ଏଠାରେ । ଦୂର ନୁହେଁ ଉତ୍କଳୀୟ ବୌଦ୍ଧ ସଂସ୍କୃତି ଓ ବୌଦ୍ଧ ବିଶ୍ୱବିଦ୍ୟାଳୟର ଅବସ୍ଥିତି ଠାରୁ ବୈତରଣୀ ତୀର । ଏହି ବୌଦ୍ଧ ବିହାରରୁ ବିବର୍ତ୍ତନ ନ ଘଟିଲେ, ଉପଭ୍ରଂଶମୁଖୀ ବୌଦ୍ଧ ତନ୍ତ୍ର ଓ ସଂଘରୁ ମୁକ୍ତି ପାଇବ ନାହିଁ ତଦାନୀନ୍ତନ ଉତ୍କଳୀୟ ସାମାଜିକ ଜୀବନ । ଏହାର ଇତିହାସ ପ୍ରସିଦ୍ଧ ଦଶାଶ୍ୱମେଧ ଯଜ୍ଞ ଆମକୁ ସ୍ମରଣ ଦିଏ ଉତ୍ତର ଭାରତର କନୌଜରୁ ଦଶ ସହସ୍ର ବ୍ରାହ୍ମଣଙ୍କୁ ଆମନ୍ତ୍ରଣକରି ଏହି କ୍ଷେତ୍ରକୁ ପ୍ରତିଷ୍ଠା କରିବା ଏବଂ ଚିରକାଳ ପାଇଁ ହିନ୍ଦୁ ମାନସିକତାର ଏକ ଆକର୍ଷଣୀୟ ଆଧ୍ୟାତ୍ମିକ ବାସନା ଭରିବା ।

ଏହା ନିଶ୍ଚିତ ଭାବେ କୁହାଯାଇ ପାରେ କି ଏକ ସମୟରେ ଯେବେ ଏକାମ୍ର, ଅର୍କକ୍ଷେତ୍ର ନିଜର ରୂପପ୍ରକାଶ ପାଇଁ ଅପେକ୍ଷମାଣ ଥିଲେ ଏବଂ ପୁରୁଷୋତ୍ତମ ରକ୍ତବାହୁ ପ୍ରଭାବରେ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ପାଇଁ ବିସ୍ଥାପିତ ହୋଇଯାଇଥିଲେ, ସେତେବେଳେ ବିରଜା କ୍ଷେତ୍ର ସମଗ୍ର ଉତ୍କଳୀୟ ସଂସ୍କୃତି ବିକାଶର ସ୍ୱପ୍ନ ତୋଳିଥିଲା ଦ୍ୱିତୀୟ ଯଯାତିଙ୍କ ଯଶଦୀପ୍ତ ଶାସନରେ । ଯଯାତି ନିଜ ରାଜଧାନୀ ଯାଜପୁରରୁ ଗସ୍ତ କରି ଭୁବନେଶ୍ୱରର ଲିଙ୍ଗରାଜ ଓ ପୁରୀର ପୁରୁଷୋତ୍ତମଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିଲେ ।

ଓଡିଶାର ସର୍ବ ପ୍ରାଚୀନ ସହର ଯାଜପୁର ବୈତରଣୀ ତଟରେ ଅବସ୍ଥିତ । ମହାଭାରତ ଯୁଗର ବହୁ ପୂର୍ବରୁ ଏହି ସ୍ଥାନର ଉନ୍ନତ ପରମ୍ପରା ଓ ଗୌରବ ସର୍ବଜନ ବିଦିତ । ଏହା ନିଶ୍ଚିତ ଭାବରେ ସତ୍ୟ ଯେ, ସଭ୍ୟତାର ପ୍ରଥମ ଉନ୍ମେଷ ବଡ ବଡ ନଦୀ ଅବବାହିକାରେ ହିଁ ଗଢି ଉଠିଥିଲା । ନଦୀତୀରକୁ ମଣିଷ ନିଜର ଚିରନ୍ତନ ବାସଭୂମି ଭାବରେ ବାଛି ନେଇଥିଲା । ବିଶ୍ୱର ପ୍ରତିଟି ପ୍ରାନ୍ତରେ ନଦୀତଟ ହିଁ ମାନବ ସଭ୍ୟତାର ନିଦର୍ଶନ ବହନକରେ । କାଳର କରାଳ କବଳରେ ବିଧ୍ୱସ୍ତ ଅନେକ ନଦୀ ଅବବାହିକା ସଂଲଗ୍ନ ସଭ୍ୟତାକୁ ବାଦ୍ ଦେଲେ ବି ଅଧୁନା ଶିଳ୍ପକେନ୍ଦ୍ର ଧାରଣକରି ବିଭିନ୍ନ ଆୟତନର ନଗରାଞ୍ଚଳ ନଦୀତଟ ଭୌଗୋଳିକ ପରିବେଶରେ ସନ୍ନିବେଶିତ ।

ଇତିହାସର ପୃଷ୍ଠଭୂମିରେ ଭାରତର ବୈଦିକ ସଭ୍ୟତା ପ୍ରଥମେ ଗଙ୍ଗାନଦୀ ଉପତ୍ୟକାରେ ପ୍ରସାର ଲାଭ କରିଥିଲା । କ୍ରମଶଃ ଆର୍ଯ୍ୟମାନେ ସେମାନଙ୍କର ଦାକ୍ଷିଣାତ୍ୟ ଅଭିଯାନରେ ନିଜର ସଂସ୍କୃତି ଓ ଧର୍ମପ୍ରଚାର ପରିପ୍ରେକ୍ଷୀରେ ବୈତରଣୀ ଉପକୂଳରେ ପହଞ୍ଚିଥିଲେ । ବ୍ରହ୍ମପୁରାଣରେ ଉଲ୍ଲେଖ ଅଛି ଯେ, ଯେଉଁମାନେ ବୈତରଣୀରେ ସ୍ନାନ କରନ୍ତି, ସେମାନେ ସର୍ବପାତକରୁ ମୁକ୍ତ ହୁଅନ୍ତି ।

ଆସ୍ତେ଼ ବୈତରଣୀ ତତ୍ର ସର୍ବପାପହରା ନଦୀ
ଯସ୍ୟାଂ ସ୍ନାତ୍ୱା ନରଶ୍ରେଷ୍ଠ ସର୍ବପାପୈ ପ୍ରମୁଚ୍ୟତେ ।
(ବ୍ରହ୍ମପୁରାଣ, ଅଧ୍ୟାୟ-୧୨)

ନାଭିଗୟାର ସୃଷ୍ଟି ଓ ଗୟା ମାହାତ୍ମ୍ୟ ପ୍ରକରଣ ଜନଗଣଙ୍କ ମଧ୍ୟରେ ପ୍ରଚାରିତ ହେବାର ବହୁ ପୂର୍ବରୁ ଏହି ସ୍ଥାନ ଏକ ପ୍ରସିଦ୍ଧ ପିତୃତୀର୍ଥରୂପେ ପରିଚିତ ଥିବା କଥା ମହାଭାରତରେ ଉଲ୍ଲେଖ ରହିଛି । ସେହି ସୂତ୍ରରୁ ଜଣାଯାଏ ଯେ, ଲୋମଶ ମୁନିଙ୍କ ପରାମର୍ଶରେ ପାଣ୍ଡବମାନେ ତୀର୍ଥଯାତ୍ରା କରିବା ସମୟରେ ବୈତରଣୀ ନଦୀରେ ସ୍ନାନ କରି ବୈତରଣୀ ତୀର୍ଥ ବା

ବିରଜା ତୀର୍ଥରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ । ଲୋମଶ ମୁନି ବୈତରଣୀ ତୀରରେ ବସବାସ କରୁଥିବା ତଦାନୀନ୍ତନ କଳିଙ୍ଗ ଜାତିକୁ ଚିହ୍ନିତ କରିଛନ୍ତି ଏବଂ ପ୍ରକାଶ କରିଛନ୍ତି ଯେ, ସେଠାରେ ଏକ ତୀର୍ଥ ସ୍ଥାପନ କରିବା ଉଦ୍ଦେଶ୍ୟରେ ଧର୍ମଦେବ ଯଜ୍ଞ ସମ୍ପାଦନ କରିଥିଲେ ।

ତତୋ ବୈତରଣୀଂ ଗଚ୍ଛେତ୍ ସର୍ବପାପଂ ପ୍ରମୋଚନୀମ୍
ବିରଜଃ - ତୀର୍ଥମାସାଦ୍ୟ ବିରାଜତେ ଯଥା ଶଶୀ
ପ୍ରଭରେଞ୍ଚ କୂଳଂ ପୁଣ୍ୟଂ ସର୍ବପାପଂ ବ୍ୟପୋହତି
ଗୋ ସହସ୍ର ଫଳଂ ଲବଧ୍ୱା ପୁନାତି ସ୍ୱକୁଳଂ ନରଃ ।

(ମହାଭାରତ - ବନପର୍ବ, ୮୫ ଅଧ୍ୟାୟ)

ତତୋ ବୈତରଣୀଂ ସର୍ବେ ପ୍ରାପ୍ତବା ଦ୍ରୌପଦୀ ତଥା
ଅବତୀର୍ଯ୍ୟ ମହାଭାଗା ସ୍ତର୍ପୟାଣ୍ଟକ୍ରିରେ ପିତୃନ୍ ।

(ମହାଭାରତ - ବନପର୍ବ, ୮୫ ଅଧ୍ୟାୟ)

ଉପରୋକ୍ତ ବର୍ଣ୍ଣନାରୁ ଉପଲବ୍ଧ ହୁଏ ଯେ ତତ୍କାଳୀନ କଳିଙ୍ଗର ରାଜଧାନୀ ଯାଜପୁର (ତତ୍କାଳୀନ ନାମ ରାଜପୁର) ଠାରେ ଅବସ୍ଥିତ ଥିବାରୁ ପାଣ୍ଡବମାନେ ତୀର୍ଥସ୍ନାନ ଓ ତର୍ପଣ ସମୟରେ କଳିଙ୍ଗ ନୃପତିଙ୍କ ଆତିଥ୍ୟ ନିଶ୍ଚିତ ଗ୍ରହଣ କରିଥିବେ ।

ଏତଦ୍‌ବ୍ୟତୀତ ପରବର୍ତ୍ତୀ ହିନ୍ଦୁ ଧର୍ମପୁସ୍ତକ ଓ ମୂଳ ମାହାତ୍ମ୍ୟ କପିଳ ସଂହିତା ତଥା ବିରଜାକ୍ଷେତ୍ର ମହାତ୍ମ୍ୟ ଇତ୍ୟାଦିରେ ବୈତରଣୀ ନଦୀର ପବିତ୍ରତା ଓ ଧାର୍ମିକ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଛି । କଥିତ ଅଛି ଯେ, ଯେଉଁଠାରେ ଶିବ, ବିଷ୍ଣୁ ଓ ପାର୍ବତୀ ଏକତ୍ର ବାସକରନ୍ତି, ସେଠାରେ ଗଙ୍ଗା ମଧ୍ୟ ବାସ କରନ୍ତି । ଶିବ, ବିଷ୍ଣୁ, ଦୁର୍ଗାଙ୍କ ଏକତ୍ର ଅବସ୍ଥାନ ଫଳରେ ବିରଜାକ୍ଷେତ୍ର ଅବିମୁକ୍ତ କ୍ଷେତ୍ର ହୋଇଥିବାରୁ ବୈତରଣୀ ପରମପାବନୀ ଭାବରେ ରୂପାନ୍ତରିତ ହୋଇ ଗଙ୍ଗାନଦୀ ପରି ସମସ୍ତ କାର୍ଯ୍ୟ ପାଇଁ ପବିତ ବିବେଚିତ ହୁଏ । ବୈତରଣୀ ନଦୀ ପ୍ରବାହର ପ୍ରତ୍ୟେକ ସ୍ଥାନ ହେଉଛି ଯାଜପୁର । କାରଣ ଏଠାରେ ଦେବୀ ବିରଜା, ଶ୍ରୀ ବରାହ ଓ ଆଖଣ୍ଡଳେଶ୍ୱରଙ୍କ ମଧ୍ୟବର୍ତ୍ତୀ ସ୍ଥାନ ଅର୍ଥାତ୍ ଆଧୁନିକ ଦଶ୍ୱାଶମେଧ ଘାଟ ପ୍ରସିଦ୍ଧ ବୈତରଣୀ ତୀର୍ଥ ବା ପିତୃତୀର୍ଥ ଭାବରେ ପରିଚିତ । ସେହିଠାରେ ସ୍ନାନ କରିବା ପୂର୍ବରୁ ଭକ୍ତମାନେ ମାତେ ବୈତରଣୀକୁ ନମସ୍କାର ପୂର୍ବକ ପ୍ରାର୍ଥନା କରିଥାଆନ୍ତି ।

ବୈତରଣୀ ପାପହାରୀ ଗଙ୍ଗାୟ ପ୍ରତିରୂପିଣୀ
ସ୍ନାନେ ପାପହାରୀ ଦେବୀ ! ବୈତରଣୀ ନମସ୍ତୁତେ ।
ଅତ୍ର ବୈତରଣୀ ଦେବୀ ! ନଦୀ ମୁକ୍ତି ପ୍ରଦାୟିନୀ
ଗଙ୍ଗାଦେବୀତ୍ୱସୌ ବିପ୍ରାଃ ସତ୍ୟଂ ସତ୍ୟଂ ନ ସଂଶୟଃ ।
ବୈତରଣୀ ମହାପୁଣ୍ୟାଃ ଭୁକ୍ତିଦା ମୁକ୍ତିଦା ନୃଗାମ୍
ମହାପାତକ କୋଟିଘ୍ନୀ ସକୁଦର୍ଶନ ମାତ୍ରତଃ ।

(କପିଳ ସଂହିତା)

କେନ୍ଦୁଝର ଜିଲ୍ଲାର ଗୋନାସିକା ପର୍ବତରୁ ଏହା ଉଦ୍‌ଗତ ହୋଇଛି । ଗୋନାସିକା ଅର୍ଥାତ୍ ଗାଈର ନାକ ସଦୃଶ ଏକ ପ୍ରସ୍ତରରେ ଏହା ପ୍ରବହମାନ ହୋଇଅଛି । ପ୍ରାୟ ଅଧ କିଲୋମିଟର ଦୀର୍ଘ ପର୍ବତ ଗହ୍ୱରରେ ପ୍ରବାହିତ ହୋଇ ବାହାରକୁ ଦୃଶ୍ୟମାନ ହୁଏନାହିଁ । ଏହିଠାରେ ବୈତରଣୀକୁ ଗୁପ୍ତ ଗଙ୍ଗା ଅଥବା ଗୁପ୍ତ ବୈତରଣୀ ଭାବରେ ଅଭିହିତ କରାଯାଇଛି । ପବିତ୍ର ଗଙ୍ଗାନଦୀ ଯେପରି ହିମାଳୟର ଗୋମୁଖ ନାମକ ତୁଷାର ସ୍ରୋତରୁ ଉଦଗମ ହୋଇଛି, ସମ୍ଭବତଃ ଗଙ୍ଗା ଓ ବୈତରଣୀ ଉଭୟଙ୍କୁ ପାବନକାରୀ ନଦୀରୂପେ ବର୍ଣ୍ଣନା କରାଯିବା ସହିତ ବୈତରଣୀକୁ ଓଡିଶାର ଗଙ୍ଗା ଭାବରେ ନାମିତ କରାଯାଇଛି । କେତେକଙ୍କ ମତରେ ବୈତରଣୀ ଗଙ୍ଗାନଦୀର ଜ୍ୟେଷ୍ଠା ଭଗିନୀ ଓ ଗଙ୍ଗା ଜନ୍ମର ଷୋଳଦିନ ପୂର୍ବରୁ ବୈତରଣୀ ଜନ୍ମ ଲାଭ କରିଥିଲା । ଏହି ନଦୀର ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ବାଲୁକାରେଣୁ ଓ ଜଳବିନ୍ଦୁ ପବିତ୍ର ବୋଲି ମନେକରାଯାଏ ।

ଓଡିଶାର ଉପକୂଳୀୟ ସମତଳ ଅଞ୍ଚଳକୁ ମୁଖ୍ୟତଃ ଛଅଟି ନଦୀର ଅବଦାନ ରୂପେ ପରିଗଣିତ କରାଯାଏ । ନଦୀର ତ୍ରିକୋଣଭୂମି ଅଞ୍ଚଳକୁ ଉତ୍ତରରୁ ଦକ୍ଷିଣକୁ ତିନିଭାଗରେ ବିଭକ୍ତ କରାଯାଇଛି । ବୈତରଣୀ, ମହାନଦୀ ଏବଂ ବ୍ରାହ୍ମଣୀ ନଦୀର ତ୍ରିକୋଣଭୂମି ଗୁଡିକ ଦ୍ୱାରା ଏହା ସମୃଦ୍ଧ ତଥା ବୈଭବପୂର୍ଣ୍ଣ । ଏହି ନଦୀ ସମୁଦ୍ର ପତ୍ତନଠାରୁ ୩୦୦୦ ଫୁଟ ଉପରେ ପ୍ରବାହିତ ହେଉଛି । ନଦୀର ଗତିପଥ ହେଉଛି - ଏହାର ସବୁଠାରୁ ଉପରିଭାଗ ୮୦ କିଲୋମିଟର ଲମ୍ୱରେ ଉତ୍ତର ଦିଗକୁ ପ୍ରବାହିତ ହେଉଛି । ତତ୍‌ପଶ୍ଚାତ୍ ନଦୀର ଗତିପଥ ହଠାତ୍ ପରିବର୍ତ୍ତିତ ହୋଇ ୯୦° ପୂର୍ବମୁଖା ହୋଇଯାଇଛି । ବୈତରଣୀର ଉଦ୍‌ଗମ୍ ସ୍ଥଳର କିଛି ଅଂଶ ଓଡିଶା ଓ ଝାଡଖଣ୍ଡ ରାଜ୍ୟ ମଧ୍ୟରେ ସୀମା ଭାବରେ ପ୍ରବାହିତ ହେଉଛି । ଏହି ନଦୀ ଆନନ୍ଦପୁର ଠାରେ ସମତଳ ଅଞ୍ଚଳରେ ପ୍ରବେଶକରି ଆଖୁଆପଦା ପାଖରେ ଏକ ତ୍ରିକୋଣୀୟ ଅଞ୍ଚଳ ସୃଷ୍ଟିକରିଛି । ଗୋନାସିକାରୁ ୩୬୦ କିଲୋମିଟର ଅତିକ୍ରମ କରି ବୈତରଣୀ ଧାମରା ନିକଟରେ ବ୍ରାହ୍ମଣୀ ନଦୀ ସହ ମିଳିତ ହୋଇ ଚାନ୍ଦବାଲିଠାରେ ବଙ୍ଗୋପସାଗରରେ ପଡିଛି । ଏହାର ଅନ୍ୟୂନ ୬୫ଟି ଶାଖାନଦୀ ରହିଛି, ବାମ ଧାରରେ ୩୫ଟି ଏବଂ ଡାହାଣ ଧାରରେ ୩୦ଟି । ଆଠଟି ଜିଲ୍ଲାର ୪୨ଟି ବ୍ଲକ୍‌କୁ ଏହାର ଜଳସଂପଦର ଉତ୍ସ ଭାବରେ ଗଣତିକୁ ନିଆଯାଏ । ବୁଢ଼ୀ, କାଞ୍ଜୋରୀ, ଆମ୍ୱଝରି, ମୁଶଳ, କୁଶେଇ ଏବଂ ଶାଳନ୍ଦୀ ଆଦି ବୈତରଣୀର ପ୍ରମୁଖ ଶାଖାନଦୀ ।

ବୃହତ୍ତର ବୈତରଣୀର ମାର୍ମିକ ଗୁରୁତ୍ୱ ସଙ୍ଗେସଙ୍ଗେ ତ୍ରିବେଣୀ ନାମକ ଏକ ସ୍ଥାନରେ ଏହା ତିନି ଭାଗ ହୋଇ ତିନି ଧାରରେ ବିଭକ୍ତ ହୋଇ ବହିଯାଇଛି । ଏହି ତ୍ରିବେଣୀ ଦୁଇ ପ୍ରକାରର - ବକ ତ୍ରିବେଣୀ ବା ମୁକ୍ତ ତ୍ରିବେଣୀ । ବୈତରଣୀରେ ଅବସ୍ଥିତ ସ୍ଥଳଟି ମୁକ୍ତ ତ୍ରିବେଣୀ । ଏହି ତିନିଗୋଟି ଜଳଧାରାକୁ ଶଙ୍କର, ବ୍ରହ୍ମା ଓ ବିଷ୍ଣୁଙ୍କ ଶକ୍ତି ଯଥାକ୍ରମେ ଶଙ୍କରୀ, ବ୍ରହ୍ମାଣୀ ଓ ବୈଷ୍ଣବୀଙ୍କର ପରିପ୍ରକାଶ ବୋଲି ମନେ କରାଯାଏ । ହିନ୍ଦୁ ମାନଙ୍କର ଏହା ଏକ ପବିତ୍ର ସ୍ଥାନ । କାରଣ ଏହି ତିନିଗୋଟି ଜଳଧାରର ଅଧିଶ୍ୱରୀ ମାନଙ୍କର ଏହା ମିଳନସ୍ଥଳ । ଜଳଧାର ଗୁଡିକର ନାମ ହେଉଛି ତ୍ରିଜଟା, ବେଗମତୀ ଓ ବୈତରଣୀ ।

ପଣସା ଗ୍ରାମର ପୂର୍ବକୁ କିଆନାଳୀକୂଳ ଛକ ନିକଟରୁ ବୈତରଣୀରୁ ମନ୍ଦାକିନୀ ସୃଷ୍ଟି ହୋଇଥିଲା । କଥିତ ଅଛି ଯେ, ଯଜ୍ଞ ସମ୍ପାଦନ କରିବା ପରେ ଦେବଗଣଙ୍କ 'ଅବଭୃଥ' ସ୍ନାନ ନିମିତ୍ତ ବ୍ରହ୍ମା ସ୍ୱର୍ଣ୍ଣଦୀ ବା ସ୍ୱର୍ଣ୍ଣଗଙ୍ଗାଙ୍କୁ ଆବାହନ କରିଥିଲେ । ଫଳ ସ୍ୱରୂପ ବିରଜା କ୍ଷେତ୍ରରେ ସ୍ୱର୍ଣ୍ଣଦୀ ଅବତରିତ ହେଲେ ଏବଂ ମନ୍ଦାକିନୀ ନାମରେ ପ୍ରବାହିତ ହେଲେ । ମନ୍ଦାକିନୀ ନାମ ଅପଭ୍ରଂଶ ହୋଇ ତାହା ମଦାଶିନୀ ନାମରେ ପରିଚିତ । ଏହି ନଦୀର ଉପର ଅଂଶ ଲୁପ୍ତ ହେଲେ ମଧ୍ୟ ସେଇ ନାମରେ ନିମ୍ନାଂଶ ଦୃଷ୍ଟିଗୋଚର ହୁଏ । ଯାଜପୁର ବିରଜାକ୍ଷେତ୍ର ନିକଟରେ ବୈତରଣୀର ପବିତ୍ରତାକୁ ଯେତେ ମାନ୍ୟତା ଦିଆଯାଇଅଛି, ତାହା ଅନ୍ୟତ୍ର କେଉଁଠି ହେବାର ଦୃଷ୍ଟାନ୍ତ ନାହିଁ । ପ୍ରଚଳିତ ଏକ କିମ୍ବଦନ୍ତୀ ଓ କେଶବ ଚନ୍ଦ୍ର ମିଶ୍ରଙ୍କ 'ବୈତରଣୀ' କାବ୍ୟରୁ ଜଣାଯାଏ ଯେ ବୈତରଣୀ ନଦୀର ମୂଳ ଉତ୍ସଠାରୁ ପ୍ରାୟ ଏକ କୋଶ ଅନ୍ତରରେ ସୋମବଂଶୀ ରାଜା ଦ୍ୱିତୀୟ ଯଯାତି ଗୋଟିଏ ଗୋଟିଏ ଶିବଲିଙ୍ଗ ସ୍ଥାପନ କରିଥିଲେ । ଯାଜପୁର ଅଞ୍ଚଳରୁ ତନ୍ତ୍ରର ବିଲୋପ ନିମନ୍ତେ ତନ୍ତ୍ରସାଧନା ପୀଠକୁ ଧ୍ୱଂସ କରି ଶିବଲିଙ୍ଗ ସ୍ଥାପନ କରିଥିଲେ । ସେହି ସ୍ଥାନଗୁଡିକରେ ବୈତରଣୀ ପାପହାରିଣୀ ନାମରେ ପରିଗଣିତ । ଯାଜପୁର ସନ୍ନିକଟ ସିଦ୍ଧେଶ୍ୱର ହେଉଛନ୍ତି ସ୍ଥାପିତ ଅନ୍ତିମ କ୍ରୋଶଲିଙ୍ଗ ।

ଏହା ଏକ ସାଧାରଣ ବିଶ୍ୱାସ ଯେ ବରାହନାଥ ଗ୍ରାମର ଉତ୍ତର ସୀମାରେ ପ୍ରବାହିତ ନଦୀ ହିଁ 'ବୈତରଣୀ' କିନ୍ତୁ ବାସ୍ତବରେ ଏହା ବୈତରଣୀର ଗୋଟିଏ ଶାଖାନଦୀ ଗେଙ୍ଗୁଟି ହେବା ସମୀଚୀନ । ଏହା ମୂଳ ବୈତରଣୀ ବା ସର୍ବଜନବିଦିତ ବୁଢ଼ୀ ବୈତରଣୀରୁ କୁଞ୍ଜବିହାରୀପୁର ଶାସନର ପଶ୍ଚିମକୁ ଶଙ୍ଖାରିମୁହଁ ଠାରୁ ନିର୍ଗତ ହୋଇଛି ।

ହିନ୍ଦୁ ତୀର୍ଥଯାତ୍ରୀମାନଙ୍କ ଉଦ୍ଦେଶ୍ୟରେ ପ୍ରସିଦ୍ଧ ପ୍ରୟାଗ, ପୁଷ୍କର, କାଶୀ, ମହୋଦଧି ଆଦି ଗୁରୁତ୍ୱପୂର୍ଣ୍ଣ ତୀର୍ଥସ୍ଥାନମାନଙ୍କ ଅପେକ୍ଷା ବୈତରଣୀର ମହତ୍ତ୍ୱ ଯଥେଷ୍ଟ ଅଧିକ ବୋଲି ବିରଜାକ୍ଷେତ୍ର ମାହାତ୍ମ୍ୟରେ ରଚିତ ।

"ପ୍ରୟାଗାତ୍ ପୁଷ୍କରାତ୍ କାଶ୍ୟାଃ ସାଗରେଦ୍ରଜନୀପତେ
ଦ୍ରୁତଂ ବୈ ତାରୟେତ୍ ଯସ୍ମାତ୍ତସ୍ମାତ୍ ବୈତରଣୀ ସ୍ମୃତା"
(ବିରଜାକ୍ଷେତ୍ର ମାହାତ୍ମ୍ୟ)

ଯଦି କେହି ବ୍ୟକ୍ତି ବରାହବିଷ୍ଣୁ ଓ ଆଖଣ୍ଡଳେଶ୍ୱର ମଧ୍ୟବର୍ତ୍ତୀ ବୈତରଣୀ ତୀରରେ ମୃତ୍ୟୁ ବରଣ କରେ, ତେବେ ସେ ପୁନର୍ଜନ୍ମରୁ ମୁକ୍ତିଲାଭ କରେ । ଏହି ପ୍ରସଙ୍ଗରେ ପୁନଶ୍ଚ କଥିତ ଅଛି ଯେ, ଯଦି କେହି ବାରୁଣୀ ତୀର୍ଥରେ ସ୍ନାନକରି ପିତୃଗଣଙ୍କୁ ପିଣ୍ଡଦାନ କରେ ଓ ହରନ୍ତେଶ୍ୱରଙ୍କୁ ଦର୍ଶନକରେ, ତେବେ ଏହା ଦଶ ପ୍ରକାର ପାତକରୁ ମୁକ୍ତିଦିଏ । ଆତ୍ମାକୁ ଶିବଲୋକ ପ୍ରାପ୍ତ କରାଏ । ବୈତରଣୀର ଉତ୍ତର ତୀରରେ ବାରୁଣୀ ତୀର୍ଥ ଅବସ୍ଥିତ । ସେଠାରେ ଅଷ୍ଟବସୁ ସମସ୍ତ ଦେବତା ତଥା ଶିବପାର୍ବତୀ ଅବସ୍ଥାନ କରନ୍ତି । ବାରୁଣୀ, ଅଶୋକାଷ୍ଟମୀ, ଗୋବିନ୍ଦ ଦ୍ୱାଦଶୀ ଆଦି ତିଥିରେ ବୈତରଣୀରେ ଯୋଗସ୍ନାନ କରାଯାଏ । ବିଶ୍ୱାସ ରହିଛି, ଏହି ଦିନରେ ବୈତରଣୀ ସର୍ବପାପମୋଚନ କରିଥାଏ । ଏହା ଯେ ସର୍ବପାପହାରିଣୀ, ଏଥିରେ ସନ୍ଦେହନାହିଁ । ଶାସ୍ତ୍ରମତେ, ବୈତରଣୀ ନଦୀ ପ୍ରତି ସାମାନ୍ୟ ଦୃକ୍‌ପାତ ଅନ୍ୟ ଯେ କୌଣସି ତୀର୍ଥଠାରୁ ଅତୁଳନୀୟ ପୁଣ୍ୟପ୍ରାପ୍ତି ହୁଏ ।

ଗୋନାସିକାତଃ ସଂଭୂତା ପୁଣ୍ୟା ବୈତରଣୀ ନଦୀ
ଭୁକ୍ତିଦା ମୁକ୍ତିଦା ନୃଣାମ୍ ସକୃଦର୍ଶନ ମାତ୍ରତଃ ।
(ବିରଜାକ୍ଷେତ୍ର ମାହାତ୍ମ୍ୟ)

ବୈତରଣୀ ଏବଂ ତାହାର ଶାଖାନଦୀ ମାନଙ୍କ ଦ୍ୱାରା ପ୍ରାୟ ୧,୫୩,୦୦୦ ଏକର ଜମିରେ ଜଳସେଚନ କାର୍ଯ୍ୟ ସମ୍ପାଦିତ ହୁଏ । ଭୀମକୁଣ୍ଡ ଏବଂ ଉତ୍ତର ବୈତରଣୀର ବହୁମୁଖୀ ଯୋଜନା ରେ ଅନେକ ବନ୍ଧ ଓ ଡ୍ୟାମ ନିର୍ମିତ ହୋଇ ହେକ୍ଟର ହେକ୍ଟର ଜମିରେ ଜଳସେଚନ କରାଯାଉଛି । ଆନନ୍ଦପୁର ନିକଟରେ ଏକ ନୂଆ ବନ୍ଧ ନିର୍ମାଣ କରାଯାଇଛି ଏବଂ ତାହା ଆମର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ବୈତରଣୀ ନଦୀର ଶଯ୍ୟା ଅଗଭୀର ତଥା ବାଲିରେ ପୂରିରହିଥିବାରୁ, ଅଳ୍ପ ବର୍ଷାରେ ଏଥିରେ ବନ୍ୟା ଆସିଥାଏ । ୨୦୦୫ ଜୁଲାଇ ମାସରେ ଯାଜପୁର ଓ ଭଦ୍ରକ ଜିଲ୍ଲାର ୨୨୦ ଗାଁରେ ବଢ଼ିର ପ୍ରଳୟ ସୃଷ୍ଟି ହୋଇଥିଲା । ବନ୍ୟାରୁ ରକ୍ଷାପାଇବା ପାଇଁ ଅନେକ ଗୁଡିଏ ବନ୍ଧ ଓ ବ୍ୟାରେଜ ନିର୍ମାନ କରିବାର ପରିକଳ୍ପନା ରହିଛି । ଏହି ନଦୀର ନିଷ୍କାସନ ବଙ୍ଗୋପସାଗରକୁ ହେଉଥିବାରୁ ନଦୀର ତଳମୁଣ୍ଡର ଜଳ ଲବଣାକ୍ତ । ଜୁଆର-ଭଟ୍ଟା ମାଧ୍ୟମରେ ସାଗର ଓ ନଦୀଜଳ ଭିତରେ ଏକ ପ୍ରକାର ମିଶ୍ରଣ ହୋଇଯାଏ । ଏହି ସର୍ବଜନବିଦିତ ସର୍ବପାପହାରିଣୀ ନଦୀ ଯାହାକୁ ସମସ୍ତେ ଓଡିଶାର ଗଙ୍ଗା ବୋଲି ଆଧାତ୍ମିକତା ଅନୁଭବ କରନ୍ତି, ତାହାର ମୂଳ ଉଦ୍‌ଗମ ସ୍ଥଳ ପୋତି ହୋଇ ଯାଉଛି ଏବଂ ଏକ ସୂକ୍ଷ୍ମ ଶାଖାଧାର ତୁଲ୍ୟ ପ୍ରତୀୟମାନ ହେଉଛି । ଏହାର ପୁନରୁଦ୍ଧାର ତୁରନ୍ତ ଆବଶ୍ୟକ ।

ଯାସ୍ତେଂ ବୈତରଣୀ ନାମ ନଦୀ ତ୍ରୈଲୋକ୍ୟ ବିଶ୍ରୁତା
ଯାଂବତୀର୍ଣ୍ଣା ଗୟାକ୍ଷେତ୍ରେ ପିତୃଣାଂ ତାରଣାୟ ବୈ
ସ୍ନାତ୍ୱା ଗୋଜୋ ବୈତରଣ୍ୟାଂ ତ୍ରୀସପ୍ତ କୁଳମୁଦ୍ଧରେତ୍ ।
(ବାୟୁ ପୁରାଣ - ଗୟା ମାହାତ୍ମ)

ଆଜିର ଯାଜପୁର ଓଡିଶାର ଏକାଗ୍ରତାର ଅଂଶ ବିଶେଷ ହେଲେ ବି ଏହାର ଧର୍ମପ୍ରବାହ, ଶିକ୍ଷା ଓ ସ୍ୱାକ୍ଷରତା, ନ୍ୟାୟିକ-ସଚେତନତା. ଲୋକମାନଙ୍କର ରାଜନୀତି ଓ ପ୍ରଶାସନରେ ଅଂଶଗ୍ରହଣ ଆଦି ପ୍ରସଙ୍ଗରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣକରେ । ଓଡିଆ ଲୋକଙ୍କର ସ୍ୱଭାବ ଓ ଚରିତ ନିଶ୍ଚିତ ଭାବରେ ରାଜ୍ୟର ବହୁ ସ୍ଥାନୀୟ ଆଚରଣ ଦ୍ୱାରା ପ୍ରଭାବିତ । ସେଇ ଦୃଷ୍ଟିରୁ ଜଣେ ଶିକ୍ଷିତ ବ୍ୟକ୍ତି ଏପରି ପ୍ରଭାବରୁ ମୁକ୍ତ ରହିପାରିବ କିପରି ? ଯାଜପୁର ବହୁମତେ ସାଧାରଣ ଓଡିଆର ମାନସିତା ଓ ଆଇନ ସଚେତନତାକୁ ପ୍ରଭାବିତ କରେ । ଗୋଠ ଭିତରୁ ଜଣେ ଯାଜପୁରିଆଙ୍କୁ ବାଛିବା ବେଶୀ କଷ୍ଟ ନୁହେଁ । ସଚେତନ ସତର୍କ ନ୍ୟାୟ-ଅନ୍ୱେଷୀ ଓଡିଆ ।

୪୫୫, ଅମୃତାୟନ,
ଶକ୍ତିବିହାର, ଭୁବନେଶ୍ୱର-୧୭

# ଏକ ଅଖ୍ୟାତ ଓଡିଆ ଇଲାକାର ପରିଭାଷା

ଡ. ରାମଚନ୍ଦ୍ର ମହାନ୍ତି

ଦ୍ୱି'ମାସ ତଳର କଥା । ମୁଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପରେ ଓଡ଼ିଶା ବାହାରେ ଥିଲି । ଡ. ଜେନାଙ୍କ ଫୋନ୍ ଆସିଲା । ତାଙ୍କ ସହ ରୋଗ-ବୈରାଗ ପାଇଁ ନିୟମିତ ସଂଯୋଗ ରହିଛି । ମୋ ପାଇଁ ତଥା ମୋ ପରିବାର ପାଇଁ ସେ ହିଁ ନିଦାନ କର୍ତ୍ତା । ପ୍ରଫେସର ବିଜୟିନୀ ମହାନ୍ତିଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ତଥା ସଙ୍ଗୀତ ଚର୍ଚ୍ଚା ଜନିତ ସଂପର୍କର ସେତୁ ଅନେକ ଆଗରୁ ପଡ଼ିସାରିଛି । ଫୋନରେ ଡ଼. ଜେନାଙ୍କ ସ୍ୱର "କ'ଣ ଏ ବର୍ଷ "ବିଜୟିନୀ" ପାଇଁ ଲେଖା ଦେବେନି କି ?" ଚମକି ପଡ଼ିଲି । ମୁଁ ବା କି ଲେଖକ ! ମତେ ପୁଣି ବିଜୟିନୀ ସ୍ମରଣିକା ପରି ଏକ ପ୍ରତିଷ୍ଠିତ ମାଗାଜିନ୍ ପାଇଁ ଲେଖିବାକୁ ବରାଦ । ସେ କହିଲେ ଏ ବର୍ଷର ବିଷୟବସ୍ତୁ ହେଉଛି- ଓଡ଼ିଆ ଜାତିର ସ୍ୱଭାବ ତଥା ଓଡ଼ିଆ ଚରିତ । ଶୀଘ୍ର ଲେଖି ପଠାଇବେ । ବିଜୟିନୀ ସହକର୍ମୀ ହେଲେ ବି ଥିଲେ ମୋ ପାଇଁ ଭଉଣୀ ପରି । ତାଙ୍କ ସ୍ମରଣିକା ପାଇଁ କିଛି ଲେଖିବା ମୋ ପାଇଁ ସୌଭାଗ୍ୟର କଥା । ହେଲେ ଲେଖିବି କ'ଣ ? ଫୋନ୍‌ରେ ହୁଏତ ଠିକ୍ କରି ବୁଝିପାରିଲିନି । ଓଡ଼ିଶା ଫେରି ପ୍ରଫେସର ନାରାୟଣ ସାହୁଙ୍କୁ ଫୋନ୍ କରି କାହା ଉପରେ ସୁବିଧାରେ ଲେଖିହେବ ପଚାରିଲି । ଉଦ୍ଭିଦ ବିଜ୍ଞାନରେ ମୋର ଚର୍ଚ୍ଚା । ସାହିତ୍ୟର 'ସ' ଅକ୍ଷର ଧାର ଧରେନାହିଁ । ସେ କିନ୍ତୁ ଆଶ୍ୱାସନା ଦେଇ ଆପଣ ପାରିବେ, ଲେଖନ୍ତୁ ବୋଲି କହିଲେ । ଲେଖିବାକୁ ହିଁ ପଡ଼ିବ । "ବିଜୟିନୀ" ପରି ବଳିଷ୍ଠ ସ୍ମରଣିକା ପାଇଁ ପାଶୁପତ ଯୋଗଇ ନ ପାରିଲେ ବି ଗୁଣ୍ଡୁଚି ମୂଷା ଭଳି ବାଲିକଣାଟିଏ ତ ଦେଇପାରିବି ।

ଚିନ୍ତା କଲି ମୁ ତ ଏକ ଗଡ଼ଜାତରେ ବଢ଼ିଛି । ସେଠାକାର କଥା କିଛି ଲେଖିବି । ବାପା ରାଜାଙ୍କ ପାରିଷଦରେ ସଭ୍ୟ ଥିଲେ । ରାଜାରାଣୀଙ୍କର ଲୋକଙ୍କ ଉପରେ ପ୍ରଭାବ ସହିତ ନିଜ ବାଲ୍ୟ ଓ ଯୁବାବସ୍ଥାର ସ୍ମୃତିକୁ ମିଶାଇ ଲେଖିବାକୁ ପ୍ରୟାସ କରିବି । ମୋର ଜନ୍ମ କଟକ ଜିଲ୍ଲା ଆଠଗଡ଼ ସବ୍ ଡ଼ିଭିଜନ୍ ଅନ୍ତର୍ଗତ ଏକ ଅଣ-ବିକଶିତ ଅଞ୍ଚଳ ନରସିଂହପୁର ଗଡ଼ଜାତରେ, ସେଇଠାରେ ବଢ଼ିଛି । ଅନେକ ଅଭୁଲା ସ୍ମୃତି ମନରେ ଉଙ୍କିମାରୁଛି । ସେ କଥାରୁ ହୁଏତ କିଛି ଲେଖିହେବ । ଯେହେତୁ ବାପା ରାଜାଙ୍କ ଅନ୍ତରଙ୍ଗ ଥିଲେ ଆମଘରେ ରାଜ ପରିବାର କଥା ଅନେକ ସମୟରେ ଆଲୋଚନା ହୁଏ । ରାଜା ରାଣୀଙ୍କ ଲୋକ-ସଂପର୍କ ନେଇ ଅନେକ କଥା ରହିଛି । ସବୁକଥା ତ ଲେଖି ହେବନି । ସେଥିରୁ କିଛି ଲେଖିବାକୁ ଚେଷ୍ଟାକରେ । ଦେଖାଯାଉ ଗଡଜାତ ଓଡିଆ ଜୀବନ ଉପରୁ କଅଣ ମିଳୁଛି ।

କାହିଁ କେତେକାଳରୁ ରାଜାଙ୍କର ପ୍ରତିପତ୍ତି ଥିଲାବେଳେ ରାଜକୋଷରୁ ବେତନ ଖଞ୍ଜି ବଛା ବଛା ପଣ୍ଡତ ଆଣି ନରସିଂହପୁର ନିକଟବର୍ତ୍ତୀ କେତେକ ଗାଁରେ ବସବାସର ବ୍ୟବସ୍ଥା କରିଥିଲେ । ତନ୍ମଧ୍ୟରୁ ହରିଚନ୍ଦନପୁର, ଶାସନ, ପାର୍ବତୀପୁର ଶାସନ ଓ ନୂଆଗାଁ ବାଲିସାହି ଶାସନ ପ୍ରସିଦ୍ଧି ଲାଭ କରିଥିଲା । ଏହି ଗ୍ରାମଗୁଡ଼ିକରେ କେବଳ ବ୍ରାହ୍ମଣମାନେ ରହୁଥିଲେ ଏବଂ ସେମାନେ ମନ୍ତ୍ର ହୋମରେ ପାରଙ୍ଗମ ଥିଲେ । ସେମାନଙ୍କର ରାଜ ପରିବାର ଓ ଅଞ୍ଚଳ ବାସୀଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଅନେକ ଅବଦାନ ରହିଛି । ଗାଁରେ ସେତେବେଳେ ଶତ ପ୍ରତିଶତ ସାକ୍ଷରତା ହାରଥିଲା । ଅନେକ ସମାଜର ବିଭିନ୍ନ ଉଚ୍ଚ ପଦବୀରେ ରହି ବେଶ୍ ନାଁ କମାଇଥିଲେ । ଶିକ୍ଷାର ଆଲୋକ ବିତରଣ କରିବାରେ ବ୍ରାହ୍ମଣମାନେ ଅଗ୍ରଗଣ୍ୟ ଥିଲେ ଏବଂ ସେମାନଙ୍କ ଉଦ୍‌ଯୋଗ ଫଳରେ ରାଜା ଲୋକଙ୍କ ହୃଦୟରେ ଗୌରବମୟ ସ୍ଥାନ ଅଧିକାର କରୁଥିଲେ ।

ନରସିଂହପୁରରେ ଥିବା ଜ୍ଞାନୀ ଗୁଣି ଲୋକଙ୍କ ମଧ୍ୟରୁ ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ ସ୍ୱର୍ଗତଃ ଚକ୍ରଧର ମହାପାତ୍ର । ସେ କଟକ ସହରର ବାସିନ୍ଦା ହେଲେ ବି ରାଜା ଅନନ୍ତ ନାରାୟଣ ସିଂହଦେଓଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଏହି ଅଞ୍ଚଳରେ ରହୁଥିଲେ । ରାଜ ଦରବାରରେ ଅନେକ ପ୍ରଚଣ୍ଡ ଜ୍ଞାନଥିବା ପଣ୍ଡିତ ବ୍ରାହ୍ମଣ ନିକଟସ୍ଥ ଶାସନଗୁଡ଼ିକରୁ ଏବଂ ଅନ୍ୟ ସ୍ଥାନରୁ ଆସି ଶୋଭା ମଣ୍ଡନ କରୁଥିଲେ । ଚକ୍ରଧର ମହାପାତ୍ରଙ୍କର ସେମାନଙ୍କ ସହ ଜ୍ଞାନର ଆଲୋଚନା, ଶ୍ଳୋକ ଆବୃତ୍ତିରେ ଟକ୍କର ସମସ୍ତଙ୍କ ପାଇଁ ବେଶ୍ ଆନନ୍ଦମୟ ତଥା ଶିକ୍ଷଣୀୟ ହୁଏ । ସେ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଅନନ୍ତ ନାରାୟଣ ହାଇସ୍କୁଲର ପରାମର୍ଶଦାତା ଥିଲେ ଏବଂ ସ୍କୁଲରେ ସମୟ ସମୟରେ ତାଙ୍କର ଉପସ୍ଥିତି ଛାତ୍ରଛାତ୍ରୀମାନଙ୍କ ଭିତରେ ଆନନ୍ଦ ଓ କମ୍ପନ ସୃଷ୍ଟି କରୁଥିଲା । ସ୍କୁଲରେ ଶିକ୍ଷକତା କରୁଥିବା ଆକୁଳ ପଣ୍ଡତ ଓ ନାରଣ ପଣ୍ଡିତଙ୍କ ସହ ତାଙ୍କର ଶାସ୍ତ୍ର ତର୍କ ପିଲାମାନଙ୍କୁ ଆମୋଦିତ କରୁଥିଲା । ବହୁ ସାହିତ୍ୟିକ ଅନୁଷ୍ଠାନ ସହିତ ସେ ସଂପୃକ୍ତ ଥିଲେ । ଏହି ଅଂଚଳର ପାଲା, ଦାସକାଠିଆ, ରଜଗୀତ, ଭାଲୁକୁଣି ଓଷା, ଜହ୍ନି ଓଷା,

ଅଷ୍ଟଶମ୍ଭୁ ଯାତ୍ରା, ରଥଯାତ୍ରା, ଦଶହରାର ତୋପଫୁଟା ତାଙ୍କୁ ବେଶ୍ ଅନୁପ୍ରାଣିତ କରିଥିଲା । ସରଳ ଅଂଚଳବାସୀଙ୍କ ଜୀବନ ଯାପନ ଶୈଳୀ ତାଙ୍କୁ ଆକୃଷ୍ଟ କରୁଥିଲା ।

ରାଜାଙ୍କ ଗୃହର ଏକ ସାଧାରଣ ବାସଭବନରେ ଜୀବନର ମଧ୍ୟାହ୍ନ କଟାଇ ସେ ମଣିଷ ଜନ୍ମର ମୂଲ୍ୟବୋଧ ଓ ଶୃଙ୍ଖଳା ଜ୍ଞାନ ବିତରଣ କରୁଥିଲେ । ସାହି ସାହି ଭିତରେ ବନ୍ଧୁତା ସ୍ପର୍ଶରେ ସହାୟକ ଥିଲେ । ସେତେବେଳେ ଖେଳକୁଦ, ନାଚ, ଗୀତର ଆୟୋଜନ ଲାଗି ରହୁଥିଲା । ରାଜାଙ୍କ ସ୍ୱୀକୃତି ଓ ଦିଗ୍‌ଦର୍ଶନ ଏହି ସଂସ୍କୃତିକୁ ଏକାନ୍ତ ଭାବେ ନିଜର କରିବାକୁ ସୁଯୋଗ ଦେଇଥିଲା । ଦୈନନ୍ଦିନ ପତ୍ରିକା "ମଧୁବନ' ଏହାର ଦ୍ୱାରା ରାଜାଙ୍କର ବିଶେଷ ଭାବେ ପ୍ରସାର ଲାଭ କରିଥିଲା । ଏତଦ୍ ବ୍ୟତୀତ ରାଜ ପରିବାରର ମହତ୍ୱ ତଥା ରାଜାଙ୍କର ଅବଦାନ ପ୍ରଚାରିତ ହେବାଦ୍ୱାରା ଲୋକମାନଙ୍କ ହୃଦୟରେ ରାଜାରାଣୀଙ୍କ ପାଇଁ ଏକ ଗୌରବମୟ ସ୍ଥାନ ଦୃଢ଼ କରିଥିଲା । ସେଥିପାଇଁ ବୋଧହୁଏ ରାଜା କୁହନ୍ତି ଗଡ଼ଜାତ ଲୋକଙ୍କର ସ୍ୱଭାବରେ ପରିଣତ ହେଉଥିଲା ।

ଚକ୍ରଧର ପାତ୍ର ନରସିଂହପୁରରେ ବିଭିନ୍ନ ଦିନଗୁଡ଼ିକର ସ୍ମୃତିକୁ ରୋମନ୍ଥନ କରି ଜୀବନର ସାୟାହ୍ନରେ ଅନେକ କଥା ଲେଖିଛନ୍ତି । ଇଂରେଜ ଶାସନ କାଳରେ ଏକ ପ୍ରମୁଖ ଗଡ଼ଜାତ ରୂପେ ନରସିଂହପୁରର ବୈଶିଷ୍ଟ୍ୟ କ'ଣ ଥିଲା ତାହା ସୁନ୍ଦର ଭାବେ ଦର୍ଶାଇଛନ୍ତି । ପ୍ରଜାବତ୍ସଳ ରାଜା ଅନନ୍ତ ନାରାୟଣଙ୍କ ଯେତିକି ସୁଖ୍ୟାତି, ପରବର୍ତ୍ତୀ କାଳରେ ଏମ.ଏଲ୍.ଏ ହୋଇଥିବା ରାଣୀ କନକ ମଞ୍ଜରୀ ଦେବୀଙ୍କ ସେତିକି ଲୋପ୍ରିୟତା । ରାଜା ଗୁଣେ ପ୍ରଜାପରି ରାଜପଦ ଉଚ୍ଛେଦ ପରେ ବି ସ୍ଥିତପ୍ରଜ୍ଞ, ଜ୍ଞାନୀ, ଉଦାର ରାଜାଙ୍କ କାର୍ଯ୍ୟକଳାପ ଯେତେ ସରଳ, ନିଷ୍କପଟ ଅଞ୍ଚଳବାସୀ ଅତ୍ୟନ୍ତ ମାର୍ଜିତ ଓ ପରୋପକାରୀ ଥିଲେ । ସେମାନଙ୍କର ଈଶ୍ୱରବାଦୀ ଚିନ୍ତାଧାରା ଓ ସର୍ବୋପରି ଖୁସିବାସିରେ ରହିବା ସହ ପରଂପରା ବଜାୟ ରଖିବାର ଅଦମନୀୟ ଚିନ୍ତାଧାରା ରହିଥିବା କଥା ସେ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି । ପତ୍ରିକା ହେଉ ବା ସ୍ୱରଚିତ ପୁସ୍ତକ ମଧ୍ୟରେ ହେଉ ନରସିଂହପୁରର ଭୂୟସୀ ପ୍ରଶଂସା କରିବାକୁ ଭୁଲିନାହାନ୍ତି । ରାଜାଙ୍କ ଦ୍ୱାରା ନିର୍ମିତ ହୋଇଛି ସ୍କୁଲ ବ୍ୟତୀତ ଦୁଇଟି ବଡ଼ ରଙ୍ଗମଞ୍ଚ - ଜଗନ୍ନାଥ ଜୀଉ ଓ ରଘୁନାଥ ଜୀଉ । ବିଭିନ୍ନ ସମୟରେ ଏଠାରେ ପ୍ରତିଦ୍ୱନ୍ଦ୍ୱିତା ହେବାପରି ଖୁବ୍ ଜମେ ନାଟକ, ମେଜିକ୍ ଖେଳ ଓ ସଙ୍ଗୀତ ଆସର ।

ମନେପଡ଼େ ଥରେ ଜଗନ୍ନାଥ ଜୀଉ ରଙ୍ଗମଞ୍ଚରେ "ଲକ୍ଷହୀରା" ନାଟକ ମଞ୍ଚସ୍ଥ କରିବା ପାଇଁ ଆମେ କେତେଜଣ ଆଗଭର ହେଲୁ । ସେତେବେଳେ ମୁଁ ବାଣୀବିହାରରେ ପଢୁଥାଏ ଏବଂ ଗ୍ରୀଷ୍ମ ଛୁଟିରେ ଗାଁକୁ ଯାଇଥାଏ । ରିହରସାଲ୍ ଚାଲିଲା । କଟକରୁ ଲେଡି ଆର୍ଟିଷ୍ଟ ଭଡ଼ାରେ ଆସିଥାନ୍ତି । ଡ୍ରାମା ମଞ୍ଚସ୍ଥ ହେବା ପୂର୍ବର ରାଜାଙ୍କୁ ଉଦ୍‌ଘାଟନ କରିବାକୁ କହିବା ପାଇଁ ଆମେ କେତେଜଣ ବାହାରିଲୁ ରାଜବାଟୀକୁ । ସେତେବେଳେ ରାଜା ଥାନ୍ତି ତ୍ରିଲୋଚନ ସିଂହଦେଓ । ଆଗରୁ ତାଙ୍କର ପିତାମାତା ଅର୍ଥାତ୍ ଅନନ୍ତ ନାରାୟଣ ସିଂହଦେଓ ଏବଂ ରାଣୀ କନକ ମଞ୍ଜରୀ ଦେବୀଙ୍କ ଦେହାନ୍ତ ହୋଇସାରିଥିଲା । ତ୍ରିଲୋଚନ ସିଂହଦେଓ ଉଚ୍ଚ ଶିକ୍ଷିତ । ସେ ବି ବହୁତ ଲୋକପ୍ରିୟ ଥିଲେ । ତାଙ୍କ ବିଷୟରେ ପଦେ ଲେଖୁଛି । ନରସିଂହପୁର ଫୁଟ୍‌ବଲ୍ ଟିମ୍‌ର କ୍ୟାପଟେନ୍ ଓ ବ୍ୟାକ୍‌ରେ ଜଣେ ଟାଣୁଆ ଖେଳାଳି ଭାବେ ସେ ସମଗ୍ର କଟକ ଜିଲ୍ଲାରେ ପରିଚିତ ଥିଲେ । ତାଙ୍କ ସମୟରେ ନରସିଂହପୁର ଫୁଟ୍‌ବଲ୍ ଟିମ୍ ବେଶ୍ କିଛି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିଲା । ଏମ୍.ଏଲ୍.ଏ. ଥିଲାବେଳେ ବହୁ ଜନହିତକର କାର୍ଯ୍ୟ କରି ସେ ସୁନାମ ପାଇଥିଲେ । ଜଙ୍ଗଲକୁ ଲାଗି ଜୟପୁର ମୌଜାରେ ଥିବା ବିସ୍ତୀର୍ଣ୍ଣ ଜମିରେ ସେ ବିଭିନ୍ନ କିସମର ଆମ୍ବ ବଗିଚା କରିଥିଲେ । ବିଂଶ ଶତାବ୍ଦୀର ସତୁରି ଦଶକରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟରୁ  ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗରୁ ଛାତ୍ର ଚୟନ କରି ସେମାନଙ୍କୁ ନିଜସ୍ୱ ପାଣ୍ଠିରୁ ବୃତ୍ତି ଦେଇ ଆମ୍ବର ବଂଶଗତ ପ୍ରଭାବ ତଥା ନବୋଦ୍ଭାବନ ଉପରେ ଗବେଷଣା କରାଇଲେ । ଭୁବନେଶ୍ୱରରେ ଆୟୋଜିତ ବାର୍ଷିକ ଆମ୍ବ ପ୍ରଦର୍ଶନୀରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା ।

ହଁ, ଡ୍ରାମା ଉଦ୍‌ଘାଟନ କଥା । ତ୍ରିଲୋଚନ ସିଂହଦେଓ ଆମକୁ ଦେଖି ଆସିବାର କାରଣ ପଚାରିଲେ । ସେତେବେଳକୁ ନାଟକ 'ଲକ୍ଷହୀରା' କଟକ ଅନ୍ନପୂର୍ଣ୍ଣ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇ ଖୁବ୍ ପ୍ରଶଂସା ପାଇସାରିଥାଏ । ନିଶ୍ଚିତ ଭାବେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନାଟକଟି ତାଙ୍କୁ ଆମୋଦିତ କରିଥିଲା । ଆମେ ସେହି ନାଟକ କରୁଛୁ ଶୁଣି ଖୁବ୍ ଖୁସି ହେଲେ । ଗୋଟିଏ ମାତ୍ର ପ୍ରଶ୍ନ କରିଥିଲେ - ଯାହା ଏବେ ବି ଭୁଲିହୋଇନି । "ଏଥିରେ ମାର୍‌ୱାଡ଼ି ସେଠ୍ ଭୂମିକା କିଏ କରୁଛି ?" ସମସ୍ତେ ମୋ ଆଡ଼େ ଆଙ୍ଗୁଠି ଦେଖାଇଲେ । ସେ ହସି ହସି ବେଦମ୍ ହୋଇଗଲେ । 'ଏ ଧେଡ଼ିଆ ପିଲା ପୁଣି ମାର୍‌ୱାଡ଼ି ସେଠ୍ ?' ସେତେବେଳେ ସମସ୍ତଙ୍କ ଧାରଣା ମାର୍‌ୱାଡ଼ିମାନେ ମୋଟା ଲୋକ । ଆମ ଭିତରୁ ଜଣେ କହିଲେ- ଛାମୁ,  ଆପଣ ଆସି ଦେଖନ୍ତୁ ନା ନିଶ୍ଚୟ ପସନ୍ଦ କରିବେ । ରାଜା ସମ୍ମତି ଦେଲେ ଏବଂ ନାଟକଟିକୁ ଉଦ୍‌ଘାଟନ କରି ପୂରା ସମୟ ରହି ସପରିବାର ଦେଖିଥିଲେ ।

ରାଜ ପରିଷଦର ସାହିତ୍ୟିକ ଚକ୍ରଧର ମହାପାତ୍ର ଥିଲେ ଆକର୍ଷଣର କେନ୍ଦ୍ରବିନ୍ଦୁ । ଗୌର ବଳିଷ୍ଠ ସୁନ୍ଦର ଚେହେରା ସାଙ୍ଗକୁ ପ୍ରଚଣ୍ଡ ବୁଦ୍ଧିମତା ତଥା ସରଳ ସାବଲୀଳ ଲୋକସଂପର୍କ ତାଙ୍କୁ ରାଜାଙ୍କ ଠାରୁ ଆରମ୍ଭ କରି ରଙ୍କ ସମସ୍ତଙ୍କ ପାଖରେ ପ୍ରିୟ ଏବଂ ସମ୍ମାନାସ୍ପଦ କରୁଥିଲା । ତାଳପତ୍ର ପୋଥି, ତନ୍ତ୍ର ଶାସ୍ତ୍ର ଏବଂ ଲୋକ ସାହିତ୍ୟର ପାଠାଗାର, ପତ୍ରିକା ଓ ତାଙ୍କ ଦ୍ୱାରା ସଂଗୃହିତ ବିଶିଷ୍ଟ ବ୍ୟକ୍ତିଙ୍କ ଚିଠିର ଆଳାପ କେବଳ ରାଜଦରବାର ପାଇଁ ନୁହେଁ, ସମଗ୍ର ଶିକ୍ଷିତ ଅଂଚଳବାସୀଙ୍କ ପାଇଁ ଉନ୍ମୁକ୍ତ ରହୁଥିଲା । ଜ୍ଞାନ, ବିଦ୍ୟା, ଭ୍ରମଣ ବୃତ୍ତାନ୍ତ, ବକ୍ତୃତା ଓ ଆଲୋଚନାରେ ସେ ବିଶିଷ୍ଟ ସ୍ଥାନ ନେଉଥିଲେ । ସେଥିପାଇଁ ରାଜା ତାଙ୍କୁ ଉତ୍ସାହିତ କରୁଥିଲେ ଏବଂ କେତେକ ସମୟରେ ନିଜେ ଉପସ୍ଥିତ ରହି ଜ୍ଞାନ ଆହରଣ ବ୍ୟତୀତ ନିଜର ଲୋକ ସଂପର୍କ ବୃଦ୍ଧି କରୁଥିଲେ । ଏଠାରେ ରାଜାଙ୍କ ଅଂଚଳ ପାଇଁ କିଛି ଅବଦାନର ଅବତାରଣା କରିବା ପ୍ରୟୋଜନ ମନେକରେ । ସେ ବିଭିନ୍ନ ସ୍ଥାନରେ ନିର୍ମାଣ କରିଥିବା ଦେବଦେବୀଙ୍କ ମନ୍ଦିରର ପ୍ରଶସ୍ତ

ପ୍ରାଙ୍ଗଣରେ ସଭାକାର୍ଯ୍ୟର ଆୟୋଜନ ହେଉଥିଲା - ଯାହା ଲୋକ ସଂଗଠନ ଦ୍ୱାରା ପରିଚାଳିତ ହୁଏ । ଗୁଣମୁଗ୍ଧ ରାଜା ଚକ୍ରଧରଙ୍କୁ ସମ୍ମାନ, ପ୍ରଶଂସା କରୁଥିଲେ ଏବଂ ତାଙ୍କର ପରାମର୍ଶ ଗ୍ରହଣ କରୁଥିଲେ । ମହାପାତ୍ରେ ମଧ ଗଭୀର ଶ୍ରଦ୍ଧାର ସହ ରାଜାଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିବାରେ କେବେ ହେଲା କରୁନଥିଲେ । ସଂପର୍କର ସେତୁ କେବଳ ସେ ଦୁଇଜଣଙ୍କ ଭିତରେ ସୀମିତ ନହୋଇ ସମଗ୍ର ଅଂଚଳବାସୀଙ୍କ ହୃଦୟରେ ଗଭୀରଭାବେ ଅଜାଣତରେ ଆପେ ଆପେ ଯୋଡ଼ି ହୋଇଯାଏ । ଏଠିକାର ଲୋକଙ୍କ ଚରିତ୍ର, ଅନ୍ଧଭାବେ ପ୍ରତ୍ୟେକ ବିଷୟରେ ରାଜ ପରିବାର ପ୍ରତି ଆନୁଗତ୍ୟ ଦେଖି କେତେକ କହନ୍ତି -ଅନ୍ଧାରୀ ମୂଳକ ।

କଟକରେ ଘର, କିନ୍ତୁ ଚକ୍ରଧର ମହାପାତ୍ର ୧୨୦ କି.ମି. ଦୂର ନରସିଂହପୁର ଟାଉନ୍‌ରେ ପ୍ରାୟତଃ ରହୁଥିଲେ । ତାଙ୍କ ସାହିତ୍ୟିକ ଜୀବନର ମୁଖ୍ୟ ଅଧ୍ୟାୟ ଏହି ଜାଗାରୁ ହିଁ ଆରମ୍ଭ । ଲୋକଙ୍କ ରହିବା, ଚାଲିଚଳଣି ଏବଂ ଗାଁମାନଙ୍କର ଦାରିଦ୍ର୍ୟର ଚିତ୍ର ତାଙ୍କ ଜୀବନର ଶ୍ରେଷ୍ଠ କାହାଣୀ 'ଗୋବର ଗୋଟେଇ' ଉପନ୍ୟାସରେ ସେ ଚିତ୍ରିତ କରିଛନ୍ତି । ଯେଉଁଥିରେ ସେ ଦାରିଦ୍ର୍ୟର ନଗ୍ନ ଚିତ୍ର ଏହି ସ୍ଥାନରୁ ଆହରଣ କରି ଓଡ଼ିଆ ସାହିତ୍ୟରେ ଅମର ହୋଇଯାଇଛନ୍ତି । ଏତଦ୍‌ବ୍ୟତୀତ ଗ୍ରାମବାସୀଙ୍କୁ ଈଶ୍ୱର ବିଶ୍ୱାସୀ କରିବା ଲକ୍ଷ୍ୟରେ ଦେବୀ ପୀଠର ମହତ୍ତ୍ୱ ଦର୍ଶାଇବାକୁ ଯାଇ ତାଙ୍କର ଅଭୁଲା କୀର୍ତ୍ତି ପ୍ରକାଶ ପାଇଛି ଅନ୍ୟ ଏକ ଉପନ୍ୟାସ "ପ୍ରବଳା"ରେ । ଏହି ଉପନ୍ୟାସ ନରସିଂହପୁର ଗଡ଼ଜାତର ପୀଠଦେବୀ, ରାଜାଙ୍କ ଦ୍ୱାରା ଜୟପୁରରେ ସ୍ଥାପିତ ପ୍ରବଳା ଠାକୁରାଣୀଙ୍କ ଉପରେ ପର୍ଯ୍ୟବେକ୍ଷିତ । ଘନ ଅରଣ୍ୟାନୀ ଘେରା ଏହି ସ୍ଥାନର ଦୃଶ୍ୟ ଅତ୍ୟନ୍ତ ମନୋହର । ପକ୍ଷୀ କାକଳିର ଗୁଂଜରିତ, ସୂର୍ଯ୍ୟ ରଶ୍ମୀ ରହିତ, ଶାନ୍ତ କୋମଳ ପରିବେଶ ସାଙ୍ଗକୁ ନିକଟରେ ଥିବା ଝରଣାର କୁଳୁକୁଳୁ ନାଦ ଯାତ୍ରୀମାନଙ୍କ ପାଇଁ ବେଶ୍ ରମଣୀୟ ଓ ଉପଭୋଗ୍ୟ । ଘରଦ୍ୱାର କିଛି ନଥାଇ ବି ଜଙ୍ଗଲୀୟ ଶୈଳନିବାସ । ଦିନବେଳେ ମା'ଙ୍କ ଦର୍ଶନ ସାରି ଯାତ୍ରୀଙ୍କୁ ଦିନ ଥାଉ ଥାଉ ୧୫ କି.ମି. ଦୂର ନରସିଂହପୁର ଟାଉନ୍‌କୁ ଫେରିବାକୁ ପଡ଼େ ।

ପ୍ରବଳା ଠାକୁରାଣୀଙ୍କ ବିଷୟରେ ଏକ ସୁନ୍ଦର ଲୋକକଥା ଆମ ପିଲାବେଳୁ ଶୁଣିଆସିଛୁ । ରାଜାରାଣୀଙ୍କ ଉଆସରେ ବି ଆଲୋଚନା ହୁଏ । ଠାକୁରାଣୀ କହିଲେ ଗୋଟିଏ ବିଭାଜିତ ଖଣ୍ଡା । କୌଣସି ଏକ ଅସୁର ଦୌରାତ୍ମ୍ୟରୁ ଜଙ୍ଗଲ ଜୀବଜନ୍ତୁ ଓ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷା ଦେବାକୁ ଯାଇ ମା' ଯୁଦ୍ଧ କରିଥିଲେ । ଯେଉଁ ଖଣ୍ଡାରେ ଅସୁର ସଂହାର କଲେ ତାକୁ ଏହି ସ୍ଥାନରେ ରଖିଦେଇ ସେ ଉଭାନ୍ ହୋଇଗଲେ । ବିଜୟଲାଭ କଲେ; କିନ୍ତୁ ତାଙ୍କ ଖଣ୍ଡାଟି ଯୁଦ୍ଧରେ ଦୁଇଖଣ୍ଡ ହୋଇଗଲା । କାଳକ୍ରମେ ତାହା ଦୁଇଭଉଣୀ ରୂପେ ପୂଜା ପାଇଲା । କୁହାଯାଏ କ୍ୱଚିତ୍ ସମୟରେ ଦୁଇଭଉଣୀ ଏଠି ବି ରହନ୍ତି । ସେହି ଦୁଇଭଉଣୀଙ୍କ ଉପସ୍ଥିତିରେ ହିଁ ଶ୍ରଦ୍ଧାଳୁ ଦୁଇଟି ଯାକ ଖଣ୍ଡିତ ଖଣ୍ଡା ଦର୍ଶନ କରିବାର ସୌଭାଗ୍ୟ ଲାଭ କରିବ । ନଚେତ୍ ଖଣ୍ଡାର ଗୋଟିଏ ଭାଗ ହିଁ ଦର୍ଶନ ମିଳିବ । ଅନେକ ସମୟରେ ଏହାହିଁ ହୁଏ, ଏହା ଲୋକଶ୍ରୁତିରୁ ପ୍ରସାର ହୋଇଛି ।

ସେହି ସ୍ଥାନର ଆଉ ଗୋଟିଏ ଘଟଣା, ଯାହା ସମଗ୍ର ଅଂଚଳବାସୀଙ୍କ ମଧରେ ପ୍ରସାରିତ, ତାହା ପ୍ରଣିଧାନଯୋଗ୍ୟ । କଥାଟି ହେଲା- ଦୁର୍ଗାଦେବୀଙ୍କ ଦଶହରା ପୂଜାରେ ରାଜାଙ୍କ ଘରେ ଆଡମ୍ବରରେ ମା'ଙ୍କ ପୂଜା ଆୟୋଜନ ହୁଏ । ଜୟପୁରରୁ ପ୍ରବଳା ଠାକୁରାଣୀଙ୍କୁ ନିମନ୍ତ୍ରଣ କରି ରାଜା ଆଶ୍ୱିନ ମାସ କୃଷ୍ଣପକ୍ଷ ସପ୍ତମୀ ତିଥିରୁ ଏକ ବିଚିତ୍ରଭାବେ ନିଜର ରାଜପ୍ରାସାଦକୁ ଆଣନ୍ତି । ସେହି ଦିନରୁ ହିଁ ଦେବ୍ୟୁତ୍‌ଥାପନ ତଥା ଦେବୀଙ୍କ କୁମ୍ଭାଭିଷେକ ହୁଏ । ରାଜବାଟୀର ସ୍ଥାପିତ ଦୁର୍ଗାଦେବୀଙ୍କ ସହ 'ପ୍ରବଳା' ଠାକୁରାଣୀଙ୍କ ପୂଜା ଏକା ସମୟରେ ଆରମ୍ଭ ହୁଏ ଠିକ୍ ତା'ର ପରଦିନ । ଯଥାରୀତିରେ ଅଷ୍ଟମୀ ତିଥିରୁ ଷୋଡ଼ଶ ପୂଜା ଚାଲେ । ଆଜିକାଲି ନବରାତ୍ର ପୂଜା ବୋଧହୁଏ ତା'ର ସୂକ୍ଷ୍ମ ଉପଚାର ।

ପ୍ରବଳା ଠାକୁରାଣୀଙ୍କ ନିମନ୍ତ୍ରଣ ଓ ରାଜବାଟୀକୁ ଆଗମନ ସମ୍ବନ୍ଧରେ ଆଉ ଏକ ଚମତ୍କାର ଲୋକକଥା ନରସିଂହପୁରରେ ଶୁଣିବାକୁ ମିଳେ । ଜୟପୁରରେ ପ୍ରବଳା ମନ୍ଦିର ପୂଜା ଦାୟିତ୍ୱରେ ରହିଛନ୍ତି ଜଣେ କାଳେସୀ । ସେ ଜନଜାତି ସଂପ୍ରଦାୟର ଲୋକ । ରାଜାଙ୍କ ଠାରୁ ଘର ଜମିବାଡ଼ି ଓ ଚାଷଜମି ପାଇ ବଂଶାନୁକ୍ରମରେ କୌଳିକ ଦେବୀପୂଜା କରିଆସୁଛନ୍ତି । ଲୋକକଥାରେ ଅଛି ରାଜାଙ୍କ ପାଖରୁ ମା'ଙ୍କୁ ନିମନ୍ତ୍ରଣ ଆସିଲା ପରେ କଳେସୀ ଧ୍ୟାନମଗ୍ନ ହୁଅନ୍ତି । ଧ୍ୟାନଭଗ୍ନ ପରେ ପୂଜା କୀର୍ତ୍ତନ ସହିତ ସେ ଆଶ୍ୱିନର ପବିତ୍ର ସ୍ନାନ ସାରି ମୁଣ୍ଡରେ ଏକ କଳସୀ ଧରି ଜୟପୁର ଗାଁ ମୁଣ୍ଡରେ ଥିବା ଏକ ବିରାଟ ପୁଷ୍କରିଣୀରେ ପ୍ରବେଶ କରିଥାନ୍ତି । ମନ୍ତ୍ର ଜପୁଥାନ୍ତି, ଘଣ୍ଟଘଣ୍ଟା ବାଜୁଥାଏ । ପୁଷ୍କରିଣୀର ଚାରିପାଖରେ ଶହଶହ ଲୋକ, ହରିବୋଲ ହୁଳହୁଳି ନାଦରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହୁଏ । ଜନସ୍ମୃତିରେ ଅଛି ପ୍ରବଳା ଠାକୁରାଣୀ ଏକ ପଦ୍ମଫୁଲ ରୂପରେ କାଳେସୀଙ୍କ ମୁଣ୍ଡରେ ଥିବା କଳସୀ ଭିତରକୁ ଲମ୍ଫ ପ୍ରଦାନ କରନ୍ତି । କାଳେସୀ ମା'ଙ୍କୁ ଆଣି ଏକ ସଜ୍ଜିତ ପାଲିଙ୍କିରେ ସ୍ଥାପନ କରନ୍ତି । ତା'ପରେ ଏକ ବିରାଟ ପଟୁଆରରେ ଦେବୀଙ୍କ ଯାତ୍ରା ଆରମ୍ଭ ହୁଏ । ଗାଁ ଗାଁରୁ ଭୋଗ ପାଇ ମା' ରାଜ ଉଆସରେ ପହଞ୍ଚନ୍ତି । ଏହା ଏକ ଲୋକକଥା ସିନା, ତା'ର ମହକ ଲୋକ ଚରିତ୍ରରେ ବିଶେଷକରି ବାଲ୍ୟ ଜୀବନରେ ବେଶ୍ ଆଲୋଡନ ସୃଷ୍ଟିକରେ ଏବଂ ଦେବୀଙ୍କ ପ୍ରତି ହୃଦୟରେ ଭକ୍ତି ମହାର୍ଘ୍ୟର ଦାନା ବାନ୍ଧେ ।

ପିଲାବେଳର ସେ ରୋମାଞ୍ଚକର ସ୍ମୃତି ଆଜି ବି ସଦ୍ୟ ପରି ଲାଗେ । ନିଶାର୍ଦ୍ଧରେ ନିଦ ମଳମଳ ଆଖିରେ ଘରେ ମା'ଙ୍କ ଡାକରେ ଉଠିପଡ଼ିବା ଓ ସଜ୍ଜିତ ପାଲିଙ୍କରେ ଦେବୀଙ୍କ ଦର୍ଶନ କରିବା ଏକ ନିଆରା ଅନୁଭୂତି । ବାସ୍ତବରେ ଦେହରେ ଶିହରଣ ଖେଳାଇଦିଏ । ଦଶହରା ଦିନ ରାତିରେ ତୋପ ଫୁଟିଲା ପର୍ଯ୍ୟନ୍ତ ରାଜବାଟୀରେ ନିୟମିତ ପୂଜା ଚାଲେ । ପୂଜାର ଶେଷଦିନ ହୋଇଥିବାରୁ ଏହିଦିନ ସକାଳୁ ପ୍ରତ୍ୟେକ ଘରେ ଦେବୀ ପୂଜା ପାଇଁ 'ସଜ' ବସେ । ଦେବୀଙ୍କ ଆଗରେ ଯିଏ ଯାହାର ପ୍ରମୁଖ କର୍ମ ସରଞ୍ଜାମରୁ କିଛି ପବିତ୍ରତା ଉପଲକ୍ଷେ 'ସଜ' ବସାନ୍ତି । ଯେମିତି କି ଆମେ ବହି, ପେନ୍‌ସିଲ୍, କଲମ, ନୂଆଲୁଗା ରଖୁ । ପୂଜାର୍ଚ୍ଚନା ହୁଏ, ଦିନବେଳେ ନୂଆ ଚୁଡ଼ାରେ ନୂଆ ଖିଆ ହୁଏ,

ବନ୍ଧୁବାନ୍ଧବ ଓ ସଂପର୍କୀୟମାନଙ୍କ ସହ ଏକାଠି ବସି । ରାତ୍ରିର ଏକ ଶୁଭମୁହୂର୍ତ୍ତରେ ବାଣ ଫୁଟେ ଏବଂ ମେଳଣ ପଡ଼ିଆରେ ତୋପ ଫୁଟିବାର ଶବ୍ଦ ଦେହରେ ଶିହରଣ ଆଣିଦିଏ । କୌଳିକ ବୃତ୍ତିର ଶୁଭାନୁକୂଳ ହୁଏ । କାଳକ୍ରମେ ଆମ ଘରେ ଆମେ ଲେଖନୀ ପରିବର୍ତ୍ତେ କଲମରେ "ଦୁର୍ଗାଦେବୀ ନମାୟଃ" ଲେଖୁ, ତା'ପରେ ଖିରିପିଠାର ଆସର ଜମେ । ଘରକୁଘର ପିଠାପଣାର ଦିଆନିଆ ହୁଏ । ସମସ୍ତଙ୍କ ଘରେ ପ୍ରାୟ କୁଣିଆ ଥାଆନ୍ତି । ଖିଆପିଆ ସାଙ୍ଗକୁ ଖେଳକୁଦ, ମଉଜ ମଜ୍‌ଲିସ୍‌ରେ ଉତ୍ସବଟା ବେଶ୍ ଜମେ । ଦଶହରା ପରଦିନ ଦେବୀ ପ୍ରବଳା ଜୟପୁରର ସ୍ୱସ୍ଥାନକୁ ଆପେ ଆପେ ବାହୁଡ଼ି ଯା'ନ୍ତି ଏବଂ ତାଙ୍କ ଆଗମନ ପାଇଁ ଆଉ ବର୍ଷେ ସମସ୍ତଙ୍କୁ ଅପେକ୍ଷା କରିବାକୁ ପଡ଼େ ।

ଆମ ଗଡ଼ଜାତର ଏହିସବୁ ଘଟଣା ପ୍ରବାହଦ୍ୱାରା ଜନଜୀବନ ବିଶେଷ ଭାବରେ ପ୍ରଭାବିତ । କହିବା ବାହୁଲ୍ୟ ଏହି ଅଂଚଳର ସ୍ୱାତନ୍ତ୍ର୍ୟ ଆମ ପାଇଁ ଉନ୍ମାଦନା ଆଣେ, ଖୁସି ବାଣ୍ଟେ ଏବଂ ଓଡ଼ିଆ ଘରର ସ୍ୱଭାବ ଅନ୍ୟ ଅଂଚଳଠାରୁ ପୃଥକ୍ କରିଦିଏ । ସୂକ୍ଷ୍ମସ୍ତରରେ ଲକ୍ଷ୍ୟକଲେ ଗଡ଼ଜାତି ରକ୍ତର ସ୍ୱାଭିମାନ, ଅନୁବଂଶତା ଅଭିନ୍ନ ଓ ସୀମିତ । ଆଧୁନିକ କାଳରେ ଏହାର ମାଦକତା କମିଯାଉଛି କିମ୍ବା ମିଶ୍ରିତ ହୋଇ ଯାଉଛି ସିନା ସଂପୂର୍ଣ୍ଣ ଭାବେ ଲୁପ୍ତ ହୋଇନି । ଏବେ ବି ସେଇ ଚରିତ୍ରର ଛଟା ଅଦୃଶ୍ୟ ନୁହେଁ, ବିଶେଷକରି ସେହି ଅଂଚଳରେ, ଯେଉଁଥିପାଇଁ ଆମେ ଗର୍ବିତ ।

ପ୍ରାକ୍ତନ ପ୍ରଫେସର, ଉଦ୍ଭିଦ ବିଜ୍ଞାନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର,
ମୋ: ୯୪୩୭୨୩୧୯୯୪

✠✠✠



# ପଖାଳ ଖିଆର ଅନୁଚିନ୍ତନ

**ଶ୍ୟାମାପଦ ଚାଟାର୍ଜୀ**

ଓଡ଼ିଶା ରାଜ୍ୟର
ଅଧିବାସୀ ଆମେ
ଭାଷା ଆମର ଓଡ଼ିଆ,
ଖରା ଦିନେ ବାସି
ପଖାଳ ସାଙ୍ଗକୁ
ବଡ଼ିଚୁରାତ ବଢ଼ିଆ ।

ଯଥେଷ୍ଟ ସମ୍ମାନ
ଦିଅନ୍ତି ନାରୀଙ୍କୁ
ଏଠିକାର ସବୁ ନର
ଏଠିକାର ନାରୀ
ଅତ୍ୟନ୍ତ ସଂସ୍କାରୀ
ପୂଜନ୍ତି ଶାଶୁ ଶଶୁର

ଆସିଗଲେ ରଜ
ହୋଇ ସଜ ବାଜ
ଆମେ ସସବୁ ଖେଳୁ ଦୋଳି,
ଆସେ ଯେବେ ଦୋଳ
ବାଜେ ଝାଞ୍ଜ ଖୋଳ
ଫଗୁ ହୁଏ ବୋଳା ବୋଳି ।

ବରଷକେ ଥରେ
ଅମାବାସ୍ୟା ଦିନ
ସବୁ ପତ୍ନୀ ଓଡ଼ିଶାର
ସାବିତ୍ରୀ ସାଜନ୍ତି
ପତିଙ୍କୁ ପୁଜନ୍ତି
ଭରି କଷ୍ଟ ଉପାସର ।

କହୁଛି ଦୁନିଆଁ
ଉଠିବା ଲୋକର
ଗୋଡ ଆମେ ଟାଣି ଦେଉ,
ପ୍ରକୃତରେ କିନ୍ତୁ
ଉଠିବା ଲୋକକୁ
ଉପରକୁ ଟାଣି ନେଉ ।

ମାତା ପିତା କିଛି
କହିବା ଆଗରୁ
ତାଙ୍କ ମନ କଥା ବୁଝି,
କରିଯାଉ କର୍ମ
ଏଇ ଆମ ଧର୍ମ
କାଳେ ଯିବ ଋଣ ସୁଝି ।

ବୟସରେ ବଡ଼
ଭେଟିଲେ କାହାକୁ
ପାଦ ତାଙ୍କ ଛୁଇଁ ଥାଉ,
ସାନ ଯଦି କେହି
ଆସିଲା ପାଖକୁ
ସ୍ନେହରେ କୋଳେଇ ନେଉ ।

ଆମ ଏ ଆଚାର
ଏଇ ବ୍ୟବହାର
ଆମ ପାଇଁ ବେଦ ଶାର,
ଈର୍ଷାର ଶିକାର
ପରଶ୍ରୀ -କାତର
ଆମ ପାଇଁ ନର୍କ ଦ୍ୱାର ।

✠✠✠

# ଓଡ଼ିଆ ଜୀବନ ଓ ଜୀବିକା

**ସୁଶାନ୍ତ କୁମାର ଆଚାର୍ଯ୍ୟ**

ପ୍ରାଗୈତିହାସିକ ଯୁଗରେ ମଣିଷ ଯାଯାବର ଜୀବନ ଅତିବାହିତ କରୁଥିଲା । ମୁକ୍ତ ଆକାଶତଳେ ପଶୁମାନଙ୍କୁ ଶିକାର କରି, ନଦୀ ଜଳରୁ ମାଛ ଧରି ଖାଉଥିଲା । ପାହାଡ଼ର ଗୁମ୍ଫାରେ ରହୁଥିଲା । ନିଆଁର ବ୍ୟବହାର ଜାଣି ନଥିଲା । ଧୀରେ ଧୀରେ କାଳାଦିକ୍ରମେ ସେ ନିଜର ଆବଶ୍ୟକତାକୁ ଉପଲବ୍ଧି କଲା । ଖରା, ବର୍ଷା, ଶୀତରୁ ରକ୍ଷା ପାଇବା ପାଇଁ ଗୃହ ନିର୍ମାଣ କଲା । ଉତ୍ପାଦନ କରୁଥିବା ଶସ୍ୟକୁ ସାଇତି ରଖିଲା । କୃଷି, ଶିଳ୍ପ, ବାଣିଜ୍ୟ ଇତ୍ୟାଦି ଉପରେ ଗୁରୁତ୍ୱ ଉପଲବ୍ଧି କରି ନିଜର ସାଧନ ବଳରେ ବିଭିନ୍ନ କାର୍ଯ୍ୟରେ ନିଜକୁ ନିୟୋଜିତ କରି ପରିବାର ପ୍ରତିପୋଷଣ କଲା । ବିଭିନ୍ନ ଭାଷା ବିଭିନ୍ନ ସ୍ଥାନକୁ ନେଇ ଦେଶ ପ୍ରଦେଶ ମାନ ଗଢ଼ିଉଠିଲା ।

ଆଜିର ଓଡିଶା ପୂର୍ବେ ଓଡ୍ର, ଉତ୍କଳ, କୋଶଳ ଓ କଳିଙ୍ଗ ଆଦି ନାମରେ ପରିଚିତ ଥିଲା । ଓଡ଼ିଶାର ଲୋକମାନେ ଓଡ଼ିଆ ଭାଷା କହୁଥିବାରୁ ଓଡ଼ିଆ ନାମରେ ପରିଚିତ ହେଲେ । ଓଡ଼ିଶାର ଲୋକମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଊନବିଂଶ ଶତାବ୍ଦୀରେ ସାଂସ୍କୃତିକ ସଂଗ୍ରାମ ଚଳାଇଥିଲେ । ୧୯୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ନିଜର ପରିଚୟ ପାଇପାରିଥିଲା । ଓଡ଼ିଆମାନଙ୍କର ଭାଷା ଓ ଲିପି ସ୍ୱତନ୍ତ୍ର । ଏକ ପ୍ରାଚୀନ ଜାତି ଭାବରେ ଏହାର ପରିଚୟ ରହିଛି । ଓଡ଼ିଶା ଓ ଓଡ଼ିଆଙ୍କ ଇତିହାସ, ସଂସ୍କୃତି, ଜୀବନଶୈଳୀରେ ପୁରାତନତା ପରିଲକ୍ଷିତ ହୁଏ । ଓଡ଼ିଶାରେ ଥିବା ନଦନଦୀ, ପର୍ବତ, ଅରଣ୍ୟ, କଳାକୃତି ଇତ୍ୟାଦି ଓଡ଼ିଆ ଜାତିର ଜୀବନଧାରା ସହିତ ନିବିଡ଼ ଭାବରେ ସଂପୃକ୍ତ । ଓଡ଼ିଶାର ସଂସ୍କୃତି, ସ୍ଥାପତ୍ୟ, ଶିଳ୍ପ ବାଣିଜ୍ୟ ଓଡ଼ିଆଙ୍କ ଜୀବନ ଶୈଳୀ ଉପରେ ବହୁଳ ପ୍ରଭାବ ପକାଇଥାଏ ।

ଓଡ଼ିଶା ଏକ କୃଷିବହୁଳ ରାଜ୍ୟ । ତେଣୁ ଓଡ଼ିଆମାନେ ଏହି କୃଷିଭିତ୍ତିକ ଅର୍ଥନୀତି ଉପରେ ନିର୍ଭର କରୁଥିବାରୁ ଜନଜୀବନକୁ ଅଧିକ ପ୍ରଭାବିତ କରିଥାଏ । ପୂର୍ବେ ଓଡ଼ିଆମାନେ ଶିକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରୁନଥିଲେ । ଅନେକ ପ୍ରକାର କୁସଂସ୍କାର ଓ ରକ୍ଷଣଶୀଳ ମନୋଭାବ ଭିତରେ ସେମାନେ ଗତି କରୁଥିଲେ । ଯାହା ଯୋଗୁଁ ଓଡ଼ିଶାର ସ୍ତ୍ରୀଲୋକଙ୍କ ଜୀବନ ଅତି ଦୟନୀୟ ଭାବରେ କଟୁଥିଲା । ନାନା ପ୍ରକାର ନିର୍ଯାତନା ସହ୍ୟ କରିବାକୁ ପଡୁଥିଲା । ମାତ୍ର ଇଂରେଜ ଶାସନ ସମୟରେ ଇଂରେଜ ସରକାରଙ୍କ ନୂତନ ଆଇନ ଓ ନୀତି ଦ୍ୱାରା ଶିକ୍ଷାର ପ୍ରଚଳନ ଯୋଗୁଁ ଓଡ଼ିଆଙ୍କ ଭିତରେ ନୂତନ ଚିନ୍ତା ଓ ଚେତନା ଉଦ୍ରେକ ହୋଇପାରିଥିଲା । ତଦ୍ୱାରା ଓଡ଼ିଆମାନଙ୍କ ଜୀବନରେ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ବିଶେଷ ସହାୟକ ହୋଇପାରିଥିଲା । ଧୀରେ ଧୀରେ ଓଡ଼ିଶାରେ ଶିକ୍ଷାର ପ୍ରଚାର ପ୍ରସାର ଯୋଗୁଁ ଓଡ଼ିଆଙ୍କ ମାନସିକତାରେ ପରିବର୍ତ୍ତନ ଘଟିଲା ।

ଓଡ଼ିଆମାନେ ଅତୀବ ଧର୍ମବିଶ୍ୱାସୀ । ପ୍ରତ୍ୟେକ ଓଡ଼ିଆ ନିଜ ଘର ଆଗରେ ତୁଳସୀ ଚଉରା ସ୍ଥାପନା କରନ୍ତି । ତୁଳସୀ ଗଛକୁ ବୃନ୍ଦାବତୀ, ଧାନଗଛକୁ ଲକ୍ଷ୍ମୀ ମାତା ରୂପେ ପୂଜା କରିଥାନ୍ତି । ମଠ, ମନ୍ଦିରମାନଙ୍କରେ ଧର୍ମଚର୍ଚ୍ଚା କରାଯାଏ । ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗୀରେ ସନ୍ଧ୍ୟାବେଳେ ଭାଗବତ ପାଠ କରାଯାଏ । ଓଡ଼ିଶା ଏକ ହିନ୍ଦୁ ଧର୍ମ ବିଶିଷ୍ଟ ରାଜ୍ୟ ହୋଇଥିବାରୁ ଏଠାରେ ଲୋକମାନେ ତେତ୍ରିଶ କୋଟି ଦେବାଦେବୀଙ୍କୁ ପୂଜା କରନ୍ତି । ଓଡ଼ିଆଙ୍କ ଧର୍ମ ଜୀବନ ସାରା ବିଶ୍ୱରେ ପରିଚିତ । ଏହି ସଂସ୍କୃତିର ଆରାଧ୍ୟ ଦେବତା 'ଶ୍ରୀଜଗନ୍ନାଥ' ଓ ତାଙ୍କର ରଥଯାତ୍ରା ସାରା ବିଶ୍ୱରେ ବିଖ୍ୟାତ । ଓଡ଼ିଆମାନେ ଦଶହରା, ମକର ସଂକ୍ରାନ୍ତି, ଦୀପବଳି, ମାର୍ଗଶୀର ମାସ ଗୁରୁବାର, ନୂଆଖାଇ, ଚନ୍ଦନଯାତ୍ରା, ଝୁଲଣ ଯାତ୍ରା, ପ୍ରଥମାଷ୍ଟମୀ ଇତ୍ୟାଦି ଅନେକ ପର୍ବପର୍ବାଣୀ ପାଳନ କରନ୍ତି । ଓଡ଼ିଆମାନେ ବନ୍ଧୁପ୍ରିୟ ଓ ବହୁତ ସରଳ ବିଶ୍ୱାସୀ ଓ ନିଷ୍କପଟ । ଅତିଥି ସେବାକୁ ସେମାନେ ଭଗବାନଙ୍କ ସେବା ଭାବରେ ମାନିନିଅନ୍ତି । ପର୍ବପର୍ବାଣୀରେ ବିଭିନ୍ନ ପ୍ରକାର ପିଠାପଣା ପ୍ରସ୍ତୁତ କରି ସାହି ପଡ଼ିଶା ଓ ବନ୍ଧୁ ଘରମାନଙ୍କରେ ବାଣ୍ଟିଥାନ୍ତି । ପରିବାର ଓ ବନ୍ଧୁବାନ୍ଧବଙ୍କ ମଧ୍ୟରେ ମିଳିମିଶି ବିବାହ ବ୍ରତ ତଥା ଉତ୍ସବମାନ ପାଳନ କରନ୍ତି । ଏହାଦ୍ୱାରା ସେମାନଙ୍କ ଭିତରେ ସ୍ନେହ, ଆଦର ଓ ସଦ୍‌ଭାବ ବଢ଼ିଥାଏ । କହିବାକୁ ଗଲେ ଓଡ଼ିଆମାନେ ବାରମାସରେ ତେର ପର୍ବ ପାଳନ କରିଥାନ୍ତି ।

ସଙ୍ଗୀତ ଓ ନୃତ୍ୟ ଓଡ଼ିଆ ମାନଙ୍କର ମୁଖ୍ୟ ମନୋରଞ୍ଜନର ସାଧନ । ଓଡ଼ିଆଙ୍କର ଲୋକନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ ଓ ସଂଗୀତ ସାରା ବିଶ୍ୱରେ ଆଦର ଲାଭ କରିଛି । ଦେଶ ବିଦେଶରୁ ଅନେକ ପର୍ଯ୍ୟଟକ ଓଡ଼ିଶାର ଏହି ନୃତ୍ୟ, ଚାରୁକଳା, ହସ୍ତଶିଳ୍ପ, ବାଲୁକା ଶିଳ୍ପ, ଚାନ୍ଦୁଆ, ପଟ୍ଟଚିତ୍ର, ପଥରମୂର୍ତ୍ତି, ସୁନା ଗହଣା, ରୂପା ଗହଣା, ନଡ଼ିଆ କତାରେ ନିର୍ମିତ କଣ୍ଢେଇ, ମଠ ମନ୍ଦିର ଇତ୍ୟାଦି ପ୍ରତି ଆକର୍ଷିତ ହୋଇ ଓଡ଼ିଶାକୁ ଆସିଥାନ୍ତି ଓ ଏସବୁକୁ ଶିକ୍ଷା ମଧ୍ୟ କରିଥାନ୍ତି । ଯାହାଯୋଗୁଁ ଓଡ଼ିଶାର ଲୋକମାନେ ରୋଜଗାର

କରି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି । ସମୁଦ୍ର କୂଳରେ ରହୁଥିବା ମତ୍ସ୍ୟଜୀବୀମାନେ ମାଛଧରି ଜୀବନଯାପନ କରନ୍ତି ।

ଓଡ଼ିଶା ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟ ହୋଇଥିବାରୁ ଆଗେ ସାଧବମାନେ ବାଣିଜ୍ୟ କରିବା ପାଇଁ ବିଦେଶକୁ ଯାଉଥିଲେ । ଓଡ଼ିଶାର ବସ୍ତ୍ର, ବନଜାତ ଦ୍ରବ୍ୟ, ବିଭିନ୍ନ ବିଦେଶରେ ଆଦୃତ ହେଉଥିଲା । ସେହି ପରଂପରା ଆଜି ନଥିଲେ ମଧ୍ୟ ଓଡ଼ିଆମାନେ ସେହି ଅତୀତ ସ୍ମୃତିରେ ଆଜି ବି କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଉତ୍ସବ ପାଳନ କରନ୍ତି । ଏହି ପ୍ରାଚୀନ ନୌବାଣିଜ୍ୟ ଯୋଗୁଁ ଆମ ଓଡ଼ିଶା ଓ ଆମ ଓଡ଼ିଆମାନେ ଦେଶ ବିଦେଶରେ ନିଜର ସଂସ୍କୃତି ପ୍ରତିଷ୍ଠା କରିପାରିଛନ୍ତି ।

ଆମ ଓଡ଼ିଆଙ୍କ ସାମାଜିକ ଚଳଣି ସ୍ୱତନ୍ତ୍ର । ବାପା, ମାଆ ଓ ଅଭିଭାବକମାନଙ୍କ ଦ୍ୱାରା ସନ୍ତାନମାନଙ୍କର ଲାଳନପାଳନ ହୁଏ । ପାଠ ପଢ଼ନ୍ତି । ପାଠପଢ଼ା ସରିଗଲା ପରେ ନିଜ ନିଜର ରୁଚି ଓ କୌଳିକ ବୃତ୍ତିକୁ ନେଇ ରୋଜଗାର କରନ୍ତି । ସାନଭାଇ ଭଉଣୀଙ୍କୁ ଆଦର କରନ୍ତି । ପରିବାରର ବୟୋଜ୍ୟେଷ୍ଠ ଲୋକଙ୍କର ଯତ୍ନ ନିଅନ୍ତି । ସହରୀ ହେଉ ବା ଗ୍ରାମାଞ୍ଚଳର ମଣିଷ ହେଉ ଧନୀ ବା ଗରିବ ହେଉ ସମସ୍ତେ ପଖାଳପ୍ରିୟ । ଓଡ଼ିଆର ପ୍ରତି ଘରେ ଘରେ ପଖାଳ ସହିତ ବଡ଼ିଚୁରା, ଶାଗ, ମାଛବେସର ପ୍ରିୟ ଖାଦ୍ୟ ରୂପେ ଆଦର ଲାଭ କରିଛି । କଟକର ଦହିବରା, ପାହାଳର ରସଗୋଲା, ପୁରୀର ଖଜା, ଖିରା, ଛେନାପୋଡ଼, ଢେଙ୍କାନାଳ ବରା ଇତ୍ୟାଦି ବିଭିନ୍ନ ସ୍ଥାନର ଖାଦ୍ୟ ଓଡ଼ିଆଙ୍କର ସ୍ୱାତନ୍ତ୍ର୍ୟ ପରିଚୟ ସୃଷ୍ଟି କରିଥାଏ ।

ଓଡ଼ିଶା ଏକ ଗରିବ ରାଜ୍ୟ ହେଲେ ମଧ୍ୟ ଓଡ଼ିଶାର କଳା ସଂସ୍କୃତି ଓଡ଼ିଆମାନଙ୍କୁ ସାରା ବିଶ୍ୱରେ ପ୍ରାଣବନ୍ତ କରିପାରିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବର୍ତ୍ତମାନ ସମୟରେ ଗ୍ରାମାଞ୍ଚଳର ଲୋକମାନେ ସହରାଭିମୁଖୀ ହେଉଛନ୍ତି । ଆଧୁନିକତାର ପ୍ରଭାବ ସହର ପରି ଗ୍ରାମ୍ୟ ଜୀବନକୁ ପ୍ରଭାବିତ କରୁଛି । ଓଡ଼ିଆ ଘରର ସ୍ତ୍ରୀ ଲୋକମାନେ ଶାଢ଼ୀ ଓ ପୁରୁଷମାନେ ଧୋତି ପିନ୍ଧିବା ଛାଡ଼ି ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରିବାକୁ ଲାଗିଛନ୍ତି । ଖାଦ୍ୟ, ପୋଷାକ ଓ ଚାଲିଚଳଣରେ ଅନେକ ପରିବର୍ତ୍ତନ ଘଟିଛି । ଧୀରେ ଧୀରେ ଓଡ଼ିଆମାନେ ନିଜ ସଂସ୍କୃତିକୁ ଭୁଲିବାକୁ ବସିଲେଣି । ଅଧିକ ଅର୍ଥ ରୋଜଗାର କରିବା ଆଶାରେ ଦୂରଦେଶରେ ରହି ନିଜର ପିତାମାତା ବନ୍ଧୁବର୍ଗଙ୍କ ଠାରୁ ଦୂରେଇ ଯାଉଛନ୍ତି । କମ୍ପ୍ୟୁଟର, ମୋବାଇଲ, ଇଣ୍ଟରନେଟ୍ ଯୁଗରେ କି ଗ୍ରାମାଞ୍ଚଳ କି ସହର ସବୁଠାରେ ମଣିଷ ଜୀବନ ବ୍ୟସ୍ତବହୁଳ ହୋଇପଡ଼ିଛି । ଅର୍ଥଭିତ୍ତିକ କୃତ୍ରିମ ହସର ଜୀବନ ।

ଓଡ଼ିଶାବାସୀଙ୍କୁ ଏବେଠାରୁ ସଚେତନ ହେବାକୁ ପଡ଼ିବ । ନିଜର ଭାଷା, ସଂସ୍କୃତି ଓ ପରଂପରାକୁ ଜୀବିତ ରଖିବା ପାଇଁ ପ୍ରଚେଷ୍ଟା କରିବାକୁ ପଡ଼ିବ । ଓଡ଼ିଆ ଜାତିର ପବିତ୍ରତାକୁ ବଞ୍ଚାଇ ରଖିବା ପାଇଁ ସବୁ ଭିନ୍ନତା ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଛି । ମାତୃଭୂମି, ମାତୃଭାଷାର ମର୍ଯ୍ୟାଦା ରଖିବା ପାଇଁ ପ୍ରତ୍ୟେକ ଓଡ଼ିଆ ନିଜର ସ୍ୱାର୍ଥ ଭୁଲି ନିଜର ସାହିତ୍ୟ ସଂସ୍କୃତିକୁ ଉଦ୍‌ଜୀବିତ କରିବା ପାଇଁ ଭବିଷ୍ୟତ ବଂଶଜମାନଙ୍କୁ ଓଡ଼ିଆ ଜାତି ପାଇଁ ଉତ୍ସର୍ଗୀକୃତ ମହାପୁରୁଷମାନଙ୍କ ଜୀବନୀ ଏବଂ ଏ ମାଟିର ମହତ୍ତ୍ୱ ସଂପର୍କରେ ଅବଗତ କରାଇବାକୁ ଯେପରି ଭୁଲିନଯାଆନ୍ତି । ସେମାନଙ୍କ ହୃଦୟରେ ଏହି ଓଡ଼ିଆ ମାଟିର ମମତା ପ୍ରତି ଆକର୍ଷିତ କରିବାକୁ ହେବ । ଫକୀର ମୋହନଙ୍କ ଦୃଷ୍ଟିରେ-

"ଉତ୍କଳ ପବିତ୍ର ଭୂମି ଭାରତ ମଧ୍ୟରେ
କରନ୍ତି ଏଥିରେ ବାସ ପୁଣ୍ୟବନ୍ତ ନରେ
ଭାରତର ସର୍ବଦେଶେ ଏମନ୍ତ ପ୍ରଚାର
ପବିତ୍ର ଉତ୍କଳ ଭୂମି ଅଟେ ସ୍ୱର୍ଗଦ୍ୱାର ।"

ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର

ମୋ - ୯୪୩୭୨୯୦୬୭୮

✠✠✠



# ଓଡ଼ିଆ ଆଚାର, ସ୍ୱଭାବର ଆନ୍ତର୍ଜାତିକ ସମାଦର

**ପ୍ରଫେସର ବିନାୟକ ରଥ**

ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ ବେଶ୍ ସୁନାମ ଅର୍ଜନ କରିଛି ଉତ୍ତର ପ୍ରଦେଶରେ ଅବସ୍ଥିତ ଏକ ଶିକ୍ଷା ସଂସ୍ଥାନ ଆଇ.ଆଇ.ଟି., କାନପୁର । ସେଠାରେ ମୋର ୩୪ ବର୍ଷର ରହଣି ସମୟରେ ଆମ ଓଡ଼ିଶା ମାଟିର କଳା, ସଂସ୍କୃତି, ଆଚାର, ବ୍ୟବହାର ଓ ଆତିଥେୟତାର ମହକକୁ ମୁଁ ଆଜିଯାଏ ସାଉଁଟି ରଖିଛି । ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟକ୍ରମରେ ଭାଗ ନେବା ଅବସରରେ ଆମର ଗୌରବମୟ କଳା, ନୃତ୍ୟ, ସଂସ୍କୃତି, ଖାଦ୍ୟ, ପାନୀୟକୁ ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପନା କରିବାର ସୁଯୋଗ ମୋତେ ଯଥେଷ୍ଟ ମିଳିଛି, ମୁଁ କେବେହେଲେ ହାତଛଡ଼ା କରିନାହିଁ । ମୋର ପ୍ରୟାସ ଜାରି ରହିଥିଲା ଆମର ମାଟିର ଗୌରବ ଗାଥା ଯଥା – ଓଡ଼ିଶୀ ନୃତ୍ୟ, ଓଡ଼ିଶୀ ସଂଗୀତ, ଜଗନ୍ନାଥ ଭଜନ, ଲୋକଗୀତ ଓ ଲୋକନୃତ୍ୟ, ଛନ୍ଦ, ଆଚାର, ବ୍ୟବହାର ଓ ଖାଦ୍ୟପାନୀୟ ଇତ୍ୟାଦିକୁ କିପରି ବିଶ୍ୱ ଦରବାର ଏବଂ ଭାରତର ବିଭିନ୍ନ ପ୍ରଦେଶବାସୀମାନଙ୍କ ସମ୍ମୁଖରେ ପ୍ରଦର୍ଶନ କରିବି । ସେଭଳି ଅନେକ ସୁଯୋଗ ବି ମୋତେ ଆଇ.ଆଇ.ଟି., କାନପୁରରେ ମିଳିଥିଲା । ସେହି କାର୍ଯ୍ୟକ୍ରମ ମାଧ୍ୟମରେ ମୁଁ ଅନୁଭବ କରିଛି ଯେ ଧୀରେ ଧୀରେ ଆମର କଳା ଓ ସଂସ୍କୃତି ଅନ୍ୟ ପ୍ରଦେଶ ଓ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିପାରିଛି । ଏହି ପ୍ରବନ୍ଧରେ ମୋର ନିଜ ଅନୁଭୂତିରୁ କିଛି ଘଟଣା ଉପସ୍ଥାପିତ କରୁଅଛି । ସେଥି ମଧ୍ୟରୁ ଗୋଟିଏ ବିଶେଷ ଅଭିଜ୍ଞତା ଥିଲା ନେଦରଲ୍ୟାଣ୍ଡର ଏକ ଦମ୍ପତ୍ତି, ପ୍ରଫେସର ପିଟର୍ ଗ୍ଲାସ୍‌ବର୍ଜନ ଓ ତାଙ୍କ ସ୍ତ୍ରୀ ଉଇଲ୍‌ଙ୍କର ସାତଦିନର ଓଡ଼ିଶା ଗସ୍ତ ଅନୁଭୂତି ।

ଆମ ଓଡ଼ିଆ ସଂସ୍କୃତିରେ "ଅତିଥି ଦେବୋଭବଃ" ଅଥବା ଅତିଥିକୁ ଦେବତା ମନେକରି ସତ୍କାର କରିବାର ପରମ୍ପରା ବହୁ କାଳରୁ ଚଳିଆସୁଅଛି । ଆମମାନଙ୍କ ଘରକୁ ଅତିଥି ଆସିଲେ ଆମେ ସେମାନଙ୍କୁ ବିଭିନ୍ନ ସେବା ପ୍ରଦାନ କରିବାରେ ଅବହେଳା କରିନଥାଉ । ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲା – ବର୍ଷ ୨୦୦୦ ମସିହାରେ ନିଦରଲ୍ୟାଣ୍ଡର ଉଟ୍ରେଚ୍ ବିଶ୍ୱବିଦ୍ୟାଳୟର ଭୂଗୋଳ ଓ ପରିବେଶ ବିଜ୍ଞାନର ପ୍ରଫେସର ପିଟର ଗ୍ଲାସ୍‌ବର୍ଜନ ଏବଂ ତାଙ୍କ ସ୍ତ୍ରୀ ଉଇଲ୍ ଆଇ.ଆଇ.ଟି., କାନପୁରରେ ଗୋଟିଏ ସେମିଷ୍ଟର ପାଇଁ ଭିଜିଟିଙ୍ଗ୍ ପ୍ରଫେସର୍ ହିସାବରେ ଆମ ବିଭାଗରେ ଯୋଗ ଦେଇଥିଲେ । ତାଙ୍କର ଗବେଷଣା ପରିବେଶ ବିଜ୍ଞାନ ଓ ପରିବେଶ ଅର୍ଥନୀତି ଉପରେ ପର୍ଯ୍ୟବସିତ ଥିବାରୁ ସେ ମୋ ସାଙ୍ଗରେ ସହଯୋଗୀ ପ୍ରଫେସର ହିସାବରେ ଏମ୍.ଟେକ୍. ଶ୍ରେଣୀର କ୍ଲାସ୍ ନେଇଥିଲେ ଏବଂ ମୋର ପିଏଚ୍‌ଡ଼ି ଓ ଏମ୍‌ଟେକ୍ ଛାତ୍ରମାନଙ୍କୁ ଗବେଷଣାରେ ସାହାଯ୍ୟ କରିଥିଲେ । ଏହି ପ୍ରକ୍ରିୟାରେ ଆମମାନଙ୍କର ବନ୍ଧୁତା ବଢ଼ି ଯାଇଥିଲା । ପ୍ରତିବର୍ଷ କାର୍ତ୍ତିକ ମାସର ବଡ଼ ଏକାଦଶୀ ତିଥିରେ ମୋର ଶ୍ୱଶୁରଙ୍କର ଶ୍ରାଦ୍ଧ ଉତ୍ସବ ପାଳନ କରିବା ପାଇଁ ମୁଁ ଓ ମୋର ସ୍ତ୍ରୀ ଓଡ଼ିଶା ଆସିଥାଉ । ସେହିବର୍ଷ ନଭେମ୍ବର ମାସରେ କାର୍ତ୍ତିକ ବଡ଼ ଏକାଦଶୀ ପଡୁଥିବାରୁ ଆମେ ଯେତେବେଳେ ଓଡ଼ିଶା ଆସିବାର ଯୋଜନା କଲୁ ପ୍ରଫେସର ପିଟର୍ ଓ ତାଙ୍କ ସ୍ତ୍ରୀ ଓଡିଶାର ପରିବେଶ, ପରମ୍ପରା, କଳା, ସ୍ଥାପତ୍ୟ ଓ ସଂସ୍କୃତି ବିଷୟରେ ଜାଣିବା ପାଇଁ ଆମ ସାଙ୍ଗରେ ଓଡ଼ିଶା ଆସିବାକୁ ଆଗ୍ରହ ପ୍ରକାଶ କରିଥିଲେ । ଆମର ଯୋଜନା ଅନୁସାରେ ଗୋଟିଏ ସପ୍ତାହ ପାଇଁ କାନପୁରରୁ ନୀଳାଚଳ ଏକ୍ସପ୍ରେସ୍ ଟ୍ରେନ ଯୋଗେ ଆସି କଟକରେ ନଭେମ୍ବର ପ୍ରଥମ ସପ୍ତାହରେ ପହଞ୍ଚିଥିଲୁ । ଟ୍ରେନ୍‌ରେ ୨୪ ଘଣ୍ଟା ଯାତ୍ରା କରିବା ସେମାନଙ୍କ ପାଇଁ ଥିଲା ପ୍ରଥମ ଅନୁଭୂତି ଏବଂ ସେମାନେ ଟ୍ରେନ୍ ଯାତ୍ରା ସମୟରେ ଟ୍ରେନ୍ ଲାଇନ୍‌ର ଦୁଇ ପାର୍ଶ୍ୱର ପରିବେଶକୁ ବିଶେଷ ଭାବରେ ଉପଭୋଗ କରିଥିଲେ । କଟକରେ ପହଞ୍ଚିବା ପରେ ରହଣି ପାଇଁ କଲେଜ ଛକ ନିକଟରେ ଏକ ହୋଟେଲରେ ଆୟୋଜନ କରାଯାଇଥିଲା । ସେମାନଙ୍କର ହୋଟେଲ୍‌ରେ ରହିବା ଓ ଖାଇବା ବନ୍ଦୋବସ୍ତ କରି ଆମେମାନେ ମୋର ଶାଳୀ ଘରକୁ ରହିବା ପାଇଁ ଯିବା ସମୟରେ ସଂଧ୍ୟାରେ ଆସି ସେମାନଙ୍କର ବିଭିନ୍ନ ଦିନର ଗସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରିବା ପାଇଁ ପ୍ରସ୍ତାବ ଦେଇଥିଲୁ । ମୋର ସଢୁ ଯେ କି କଟକ ଗ୍ରାମ୍ୟ ବ୍ୟାଙ୍କରେ ମ୍ୟାନେଜର ହିସାବରେ କାମ କରୁଥିଲେ ଓ ତାଙ୍କ ପରିବାର ସଦସ୍ୟମାନଙ୍କ ସହିତ ଆମେ ସଂଧ୍ୟାରେ ଆସି ହୋଟେଲ୍‌ରେ ପହଞ୍ଚିଥିଲୁ । ଆମେ ପହଞ୍ଚିବାର କିଛି ସମୟ ପରେ ମୋର ସାନଭାଇ ଯେ ରେଭେନ୍‌ସା କଲେଜରେ ଭୂଗୋଳ ବିଭାଗର ଅଧ୍ୟାପକ ଭାବରେ କାମ କରୁଥିଲା ତା'ର ସ୍ତ୍ରୀ ଓ ଝିଅମାନଙ୍କ ସାଙ୍ଗରେ ପିଟରକୁ ଅଭ୍ୟର୍ଥନା କରିବାକୁ ଆସି ପହଞ୍ଚିଥିଲେ । ଆମେମାନେ ସମସ୍ତେ ମିଶି ପ୍ରଫେସର ପିଟର ଓ ତାଙ୍କର ସହଧର୍ମିଣୀଙ୍କୁ ସ୍ୱାଗତ କରିବା ଉଦ୍ଦେଶ୍ୟରେ ହୋଟେଲ୍‌ରେ ଏକ ରାତ୍ରିଭୋଜନର ବ୍ୟବସ୍ଥା କରିଥିଲୁ । ସେହି ରାତ୍ରିଭୋଜନ ସମୟରେ ଆମେମାନେ ମିଶିକରି ପ୍ରଫେସର ପିଟରଙ୍କର ସାତଦିନର ଭ୍ରମଣ କାର୍ଯ୍ୟକ୍ରମ ନିର୍ଦ୍ଧାରିତ କରିଥିଲୁ । ତା'ମଧ୍ୟରେ ଗୋଟିଏ ଦିନ ଭୁବନେଶ୍ୱରରେ

ପର୍ଯ୍ୟାବରଣ ନିର୍ଦ୍ଦେଶାଳୟରେ ଆଲୋଚନା ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରେ ଗୋଟିଏ ଭାଷଣର ଆୟୋଜନ କରାଯାଇଥିଲା । ୨୪ ଘଣ୍ଟା ଟ୍ରେନ୍‌ରେ ଯିବାର ଅନୁଭୂତି ନଥିବାରୁ ସେମାନେ ଗୋଟିଏ ଦିନ ବିଶ୍ରାମ ନେବା ପାଇଁ ମନସ୍ଥ କରିଥିଲେ ଏବଂ ତୃତୀୟ ଦିବସକୁ ତାଙ୍କର ଢେଙ୍କାନାଳ ଗସ୍ତ ପାଇଁ ମୋ ସାନଭାଇକୁ ଦାୟିତ୍ୱ ଦେଇ ତା'ପରଦିନ ଆମେମାନେ ଢେଙ୍କାନାଳରେ ଶ୍ରାଦ୍ଧର ଆୟୋଜନ କରିବା ପାଇଁ ଚାଲିଯାଇଥିଲୁ । ପ୍ରଫେସର ପିଟରଙ୍କ କାର୍ଯ୍ୟକ୍ରମ ଅନୁସାରେ ସେମାନେ ତୃତୀୟଦିନ ୧୧ଟା ସମୟରେ ଢେଙ୍କାନାଳରେ ପହଞ୍ଚିଥିଲେ । କଟକରୁ ଙ୍କୋନାଳ ଯିବା ରାସ୍ତାରେ ଦୁଇ ପାର୍ଶ୍ୱରେ ସବୁଜ ପାହାଡ଼ ଓ ରାସ୍ତାର ଆମ୍ବଗଛଗୁଡ଼ିକ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ତାକୁ ବହୁତ ଉପଭୋଗ କରିଥିଲେ । ଆମ ଘରେ ପହଞ୍ଚିଲା ପରେ ଆମ ପରିବାରର ସମସ୍ତ ସଦସ୍ୟ ଆମର ପରମ୍ପରା "ଅତିଥି ଦେବୋ ଭବ" ଅନୁସାରେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ମୋର ଭାଇ, ଭଉଣୀ, ପୁତୁରା, ଝିଆରୀ ଓ ଆମ ଶ୍ୱଶୁରଘରର ପରିବାରବର୍ଗଙ୍କୁ ଭେଟି ସେମାନେ ଅଭିଭୂତ ହୋଇଯାଇଥିଲେ ଏବଂ ପ୍ରଶ୍ନ କରିଥିଲେ "ତୁମେମାନେ ଓଡ଼ିଶା ବାହାରେ ଦୀର୍ଘଦିନ ଅବସ୍ଥାନ କରି ମଧ୍ୟ ତୁମର ଏତେ ବନ୍ଧୁବାନ୍ଧବମାନଙ୍କ ସାଙ୍ଗରେ କିପରି ସମ୍ପର୍କ ରଖିଛ ?" ଶ୍ରାଦ୍ଧ ଉତ୍ସବରେ ଯୋଗଦାନ ପାଇଁ ଆସିଥିବା ମୋର କକେଇ ଶ୍ୱଶୁର ଜଷ୍ଟିସ୍ ଶରତ ଚନ୍ଦ୍ର ମହାପାତ୍ର, ତାଙ୍କର ସାନଭାଇ ଡକ୍ଟର ସୁବାସ ଚନ୍ଦ୍ର ମହାପାତ୍ର ଯେ ଆମେରିକାରେ ଅବସ୍ଥାନ କରନ୍ତି ଓ ଅନ୍ୟାନ୍ୟ ସଦସ୍ୟମାନଙ୍କ ସହ ପରିଚିତ ହେବା ପରେ ସେମାନେ ପରିବାର ସଙ୍ଖ୍ୟା ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ଶ୍ରାଦ୍ଧର ପରମ୍ପରା ଓ କର୍ମକର୍ମାଣି ଟିକିନିଖି କରି ଜାଣିବା ଉଦ୍ଦେଶ୍ୟରେ ପ୍ରଫେସର ପିଟର ଓ ତାଙ୍କ ସ୍ତ୍ରୀ ସବୁ କାର୍ଯ୍ୟକ୍ରମକୁ ଭିଡିଓଗ୍ରାଫି କରିଥିଲେ । ବିଶେଷତଃ ମିସେସ୍ ପିଟର ସ୍ତ୍ରୀଲୋକମାନଙ୍କ ଦ୍ୱାରା ପରିବା କାଟିବା ରୋଷେଇରେ ସାହାଯ୍ୟ କରିବା କାର୍ଯ୍ୟକୁ ବେଶ୍ ପସନ୍ଦ କରିଥିଲେ । ସେ ପୂରା ସମୟ ସେମାନଙ୍କ ଗହଣରେ କଟାଇଥିଲେ ଏବଂ କହିଥିଲେ ତାଙ୍କର ପିଲାଦିନର ଇଣ୍ଡୋନେସିଆ ଅନୁଭୂତି ମନେପଡ଼ିଯାଉଛି (ସେ ସେଠାରେ ଜନ୍ମ ହୋଇଥିଲେ ଏବଂ ହାଇସ୍କୁଲ ଶିକ୍ଷା ସମାପ୍ତି କରି ନିଦରଲ୍ୟାଣ୍ଡ ଫେରିଥିଲେ) । ଶ୍ରାଦ୍ଧ କାର୍ଯ୍ୟ ସମାପ୍ତି ପରେ ସମସ୍ତଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଆୟୋଜନ କରାଯାଇଥିଲା ଏବଂ ଆମର ପରମ୍ପରା ଅନୁସାରେ ସମସ୍ତେ ତଳେ ବସି ପତ୍ରରେ ଭୋଜନ କରିବା ବ୍ୟବସ୍ଥା ଥିଲେ ବି ସେମାନଙ୍କ ପାଇଁ ଚଉକି ଟେବୁଲ୍ ବନ୍ଦୋବସ୍ତ କରିବା ସମୟରେ ସେମାନେ କହିଥିଲେ ଆମେ ସମସ୍ତଙ୍କ ସାଙ୍ଗରେ ବସି ପତ୍ରରେ ଭୋଜନ ଗ୍ରହଣ କରିବୁ । ଏପରିକି ଆମମାନଙ୍କ ପରି ହାତରେ ଖାଇବେ ଓ ଚାମଚର ଦରକାର ନାହିଁ । ସମସ୍ତଙ୍କ ସାଙ୍ଗରେ ଏକ ଜାଗାରେ ତଳେ ବସି ଆମର ସଂସ୍କୃତି ସାଙ୍ଗରେ ମେଳ ଦେଇ ଭୋଜନ ଗ୍ରହଣ କରିବା ସେମାନଙ୍କର ପ୍ରଥମ ଅନୁଭୂତିକୁ ସେମାନେ ବହୁତ ଉପଭୋଗ କରିଥିଲେ । ତାପରେ ଆମର ଓଡ଼ିଆ ଖାଦ୍ୟଗୁଡ଼ିକ ସେମାନଙ୍କ ପାଇ ରୁଚିପୂର୍ଣ୍ଣ ଥିଲା । ଏହା ବ୍ୟତୀତ ୧୫୦ ରୁ ଉର୍ଦ୍ଧ୍ୱ ଆମ ପରିବାର ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ସେମାନେ ବିମୁଗ୍ଧ ହୋଇ ଯାଇଥିଲେ ଏବଂ ଭାରତୀୟ ପରମ୍ପରାକୁ ଅନେକ ପ୍ରଶଂସା କରିଥିଲେ ।

ମଧ୍ୟାହ୍ନ ଭୋଜନ ପରେ ସେମାନଙ୍କର କପିଳାସ ପାହାଡ଼ ଓ ସେଠାରେ ଅବସ୍ଥିତ ଚନ୍ଦ୍ରଶେଖରଙ୍କ ମନ୍ଦିରକୁ ଯାତ୍ରାର ଆୟୋଜନ କରାଯାଇଥିଲା । ଇଂରାଜୀରେ କଥୋପକଥନ କରିବାର ସୁଯୋଗ ପାଇଁ ଆମ ପରିବାରର ଅନେକ ସଦସ୍ୟ ସେମାନଙ୍କ ସାଙ୍ଗରେ ଯିବାକୁ ଆଗ୍ରହ ପ୍ରକାଶ କରିଥିଲେ; କିନ୍ତୁ ସେଥିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ ମୋର ଦୁଇଜଣ ଝିଆରୀ ଛୋଟୁ/ଆର୍ଯ୍ୟା (ମୋ ସାନ ଭାଇ ଝିଅ) ଓ ରିଙ୍କି/ ପ୍ରତିନନ୍ଦା (ମୋ ଶାଳୀର ଝିଅ) । ଯେହେତୁ ସେମାନଙ୍କୁ ନୂଆକରି ଇଂରାଜୀରେ କଥାବାର୍ତ୍ତା କରିବାର ସୁଯୋଗ ମିଳିଲା, ସେମାନେ ଏହାକୁ ହାତଛଡ଼ା କରି ନଥିଲେ । ମିସେସ୍ ପିଟର୍ ଢେଙ୍କାନାଳରେ ପହଞ୍ଚିବା ପରଠାରୁ ସେ ଦି'ଜଣ କିଛି ସେବା ପ୍ରଦାନ କରିବା ବାହାନାରେ ପ୍ରତିଯୋଗିତା ଆରମ୍ଭ କରିଦେଇଥିଲେ । ସେମାନଙ୍କ ସାଙ୍ଗରେ ତାଳ ଦେଇ ମୋର ଭାଇ ଭଉଣୀମାନେ ମଧ୍ୟ ଖଣ୍ଡି ଇଂରାଜୀ ଓ ଓଡ଼ିଆ ବ୍ୟବହାର କରି ସେମାନଙ୍କୁ ସତ୍କାର କରିଥିଲେ । ଏପରିକି ମୋର ଗାଁରେ ରହୁଥିବା ସାନଭାଇ, ସୂର୍ଯ୍ୟମଣି ଯେ କି ଇଂରାଜୀ ବ୍ୟବହାରରେ ଅନଭିଜ୍ଞ ସେ ବି ପ୍ରଫେସର ପିଟରଙ୍କ ସାଙ୍ଗରେ କଥାବାର୍ତ୍ତା ଆରମ୍ଭ କରି ଦେଇଥିଲା ଏବଂ ସେମାନଙ୍କର କପିଳାସ ବୁଲାଇବା ଦାୟିତ୍ୱ ନେଇଥିଲା । ପ୍ରଫେସର ପିଟର ଓ ତାଙ୍କ ସ୍ତ୍ରୀ ଆମ ପରିବାରର ସଦସ୍ୟମାନଙ୍କ ସରଳତା, ଆଚାର ଓ ବ୍ୟବହାରକୁ ବହୁତ ପସନ୍ଦ କରିଥିଲେ । ଶେଷରେ ରିଙ୍କି ଓ ଛୋଟୁ ସେମାନଙ୍କ ସାଙ୍ଗରେ କପିଳାସ ଯାଇଥିଲେ । ସେମାନେ କପିଳାସ ମନ୍ଦିର ବେଢ଼ା ଭିତରକୁ ପ୍ରବେଶ କରିପାରିନଥିଲେ ମଧ୍ୟ ବାହାରୁ ମନ୍ଦିରର ଆରାଧ୍ୟ ଦେବତା ଚନ୍ଦ୍ରଶେଖରଙ୍କ ଦର୍ଶନ କରିଥିଲେ ଏବଂ ଏହାର ପ୍ରାକୃତିକ ପରିବେଶକୁ ବେଶ୍ ଉପଭୋଗ କରିଥିଲେ, କାରଣ ତାଙ୍କ ଦେଶରେ ଏତେବଡ଼ ପାହାଡ଼ ଓ ଜଙ୍ଗଲ ଦୃଶ୍ୟମାନ ନଥିଲା ।  କପିଳାସରୁ ଫେରିଲା ପରେ ସେମାନଙ୍କ ସମ୍ମାନରେ ଏକ ଅନୌପଚାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ଆମ ପରିବାର ସଦସ୍ୟମାନେ ଓଡ଼ିଆ ଭଜନ, ସଂଗୀତ, ଲୋକଗୀତ ଏବଂ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ପରିବାର ସଭ୍ୟମାନଙ୍କ କୃତିତ୍ୱକୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ, ପ୍ରଫେସର ପିଟର ଓ ତାଙ୍କ ସ୍ତ୍ରୀ ଉଭୟ ଦୁଇଟି ଡଚ୍ ଗୀତ ଗାନ କରିଥିଲେ । ସେମାନଙ୍କ ମତରେ ସେ ଦିନର ସଂଧ୍ୟାଟି ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିଯିବ । ପ୍ରଫେସର ପିଟର୍ ଭୂଗୋଳର ପ୍ରଫେସର ହୋଇଥିବାରୁ ଜର୍ମାନ୍ ଟାଉନ୍ ପ୍ଲାନର୍ ଅଟୋ କେନ୍‌ସବର୍ଗରଙ୍କ ଦ୍ୱାରା ପ୍ରସ୍ତୁତ ଓଡ଼ିଶାର ନୂଆ ରାଜଧାନୀ ଭୁବନେଶ୍ୱର ବିଷୟରେ ଅଧିକ ଜାଣିବାକୁ ଇଚ୍ଛା ପ୍ରକାଶ କରିଥିଲେ । ତେଣୁ ଚତୁର୍ଥ ଦିନ ନୂଆ ରାଜଧାନୀ ଓ ପୁରୁଣା ଭୁବନେଶ୍ୱର ଅନୁଧ୍ୟାନ କରିବା ଏବଂ ସେଠାରେ ଥିବା ଐତିହାସିକ, ଧାର୍ମିକ, ଲୋକମାନଙ୍କ ଆଚାର ବ୍ୟବହାର ଏବଂ କାରୁକାର୍ଯ୍ୟ ଖଚିତ ମନ୍ଦିରଗୁଡ଼ିକ ପରିଦର୍ଶନ କରିବା ଲକ୍ଷ୍ୟ ରଖାଯାଇଥିଲା । ମଧ୍ୟାହ୍ନ ଭୋଜନ ପୂର୍ବରୁ ଆମେମାନେ ନୂଆ ରାଜଧାନୀର ଅଭିବୃଦ୍ଧି ଉପରେ ଆଲୋଚନା କରିବା ସହିତ, କେନିସବର୍ଗରଙ୍କ ଦ୍ୱାରା ପ୍ରସ୍ତୁତ କୋର୍ ଏରିଆ ମଧ୍ୟରେ ଥିବା ବିଧାନସଭା, ସଚିବାଳୟ, ସରକାରୀ ବାସଗୃହ (ୟୁନିଟ୍‌ରେ ନାମିତ) ଓ ବ୍ୟବସାୟ କଂପ୍ଲେକ୍ସ ବୁଲି ଦେଖିଲା ପରେ ୨୦୦୦ ବର୍ଷ ତଳରୁ ଜୈନ କୀର୍ତ୍ତିରାଜି ଖଣ୍ଡଗିରି ଓ ଉଦୟଗରି

ପରିଦର୍ଶନ କରି ସମ୍ରାଟ ଖାରବେଳଙ୍କର ଜୈନ ଧର୍ମର ପୃଷ୍ଟପୋଷକତାର ପ୍ରସ୍ତର ଖୋଦିତ କୀର୍ତ୍ତିଗୁଡ଼ିକୁ ଦେଖି ଅତ୍ୟନ୍ତ ଖୁସି ହୋଇଥିଲେ ଏବଂ ଜୈନ କୀର୍ତ୍ତିଗୁଡ଼ିକ ସେମାନଙ୍କୁ ବେଶ୍ ପ୍ରଭାବିତ କରିଥିଲା । ମଧ୍ୟାହ୍ନ ଭୋଜନ ପରେ ହିନ୍ଦୁ ଧର୍ମର ଆରାଧ୍ୟ ଦେବତା ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର, ବ୍ରହ୍ମେଶ୍ୱର, କେଦାରଗୌରୀ ଏବଂ ରାଜାରାଣୀ ମନ୍ଦିରର ପାରମ୍ପରିକ କାରୁକାର୍ଯ୍ୟରେ ବିମୋହିତ ହୋଇଥିଲେ । ସଂଧ୍ୟାରେ ସେମାନଙ୍କୁ ବୌଦ୍ଧ କୀର୍ତ୍ତିସ୍ଥଳ ଧଉଳିଗିରି ପାହାଡ଼ରେ ସ୍ଥାପିତ ବୌଦ୍ଧସ୍ତୂପ ଦେଖିବା ପାଇଁ ସୁଯୋଗ ମିଳିଥିଲା ଏବଂ ସେଠାରେ ଜାପାନୀ ବୌଦ୍ଧ ଭିକ୍ଷୁମାନଙ୍କ ଦ୍ୱାରା ପ୍ରସ୍ତୁତ ଆରତୀରେ ଯୋଗ ଦେଇ ଆନନ୍ଦ ଲାଭ କରିଥିଲେ । ଧଉଳିଗିରିର ମହତ୍ତ୍ୱ ବିଷୟରେ ଆମେ ତାଙ୍କୁ ଅବଗତ କରାଇଥିଲୁ । ପାହାଡ଼ର ଶୀର୍ଷଭାଗରେ ଅବସ୍ଥିତ ଶାନ୍ତିସ୍ତୂପରୁ ଭୁବନେଶ୍ୱରର ଆଲୋକମାଳା ସଜ୍ଜିତ ରାସ୍ତାଘାଟର ଦୃଶ୍ୟ ସେମାନଙ୍କ ପାଇଁ ଥିଲା ଚିତ୍ତାକର୍ଷକ ଓ ଅତ୍ୟନ୍ତ ମନୋରମ । ଗୋଟିଏ ଦିନରେ ଏବଂ ଗୋଟିଏ ସ୍ଥାନରେ ତିନୋଟି ଧର୍ମ- ହିନ୍ଦୁ, ଜୈନ ଓ ବୌଦ୍ଧ ଧର୍ମର କୀର୍ତ୍ତିରାଜି, ଏହାର ନିର୍ମାଣ ଶୈଳୀ ଓ କାରୁକାର୍ଯ୍ୟଗୁଡ଼ିକ ଅନୁଧ୍ୟାନ କରି ପ୍ରସନ୍ନ ହୋଇ କଟକ ଫେରିଥିଲୁ । ଉକ୍ତ ସଂଧ୍ୟାରେ ମୋର ସଢ଼ୁ ଓ ଶାଳୀ ସେମାନଙ୍କୁ ରାତ୍ରି ଭୋଜନକୁ ନିମନ୍ତ୍ରଣ କରିଥିଲେ । ତାଙ୍କ  ଘରେ ପ୍ରସ୍ତୁତ ଓଡ଼ିଆ ଖାଦ୍ୟଗୁଡ଼ିକ ସେମାନଙ୍କ ପାଇଁ ଥିଲା ବିଶେଷ ରୁଚିପୂର୍ଣ୍ଣ । ଆମର ପରମ୍ପରାରେ ଶେଷରେ ମିଠା ଖୁଆଇବା ପ୍ରଥାକୁ ଗ୍ରହଣ କରି ସେ ଯେତେବେଳେ ପୁଡ଼ିଙ୍ଗ୍ ଖାଇବାକୁ ଦେଇଥିଲା, ସେମାନେ ବହୁତ ଖୁସି ହେବା ସଙ୍ଗେ ସଙ୍ଗେ ତାଙ୍କର ପୂର୍ବ ପରମ୍ପରାରେ ପୁଡ଼ିଙ୍ଗର ମହତ୍ତ୍ୱ ବିଷୟରେ ଆମମାନଙ୍କୁ ଅବଗତ କରାଇଥିଲେ ।

ମନ୍ଦିରମାଳିନୀ ଭୁବନେଶ୍ୱର ଭ୍ରମଣ ପରେ ପଞ୍ଚମ ଦିବସରେ ମୁଁ ଓ ମୋର ସ୍ତ୍ରୀ ପ୍ରଫେସର ପିଟର ଦମ୍ପତିଙ୍କୁ ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିର ଓ ପୁରୀର ବିଭିନ୍ନ ଦର୍ଶନୀୟ ସ୍ଥାନ ପରିଦର୍ଶନ କରିବାକୁ ସାଙ୍ଗରେ ନେଇକରି ଯାଇଥିଲୁ  । କୋଣାର୍କ ସୂର୍ଯ୍ୟମନ୍ଦିରର କାରୁକାର୍ଯ୍ୟ ସେମାନଙ୍କୁ ଅଧିକ ମାତ୍ରାରେ ବିମୋହିତ କରିଥିଲା । ପଇଡ଼ ପାଣିର ମଜା ମଧ୍ୟ ସେମାନେ ପ୍ରଥମଥର ପାଇଁ ଉପଭୋଗ କରିଥିଲେ । ଚନ୍ଦ୍ରଭାଗାଠାରେ ସମୁଦ୍ରର ଦୃଶ୍ୟ ଦେଖି, ମେରାଇନ୍ ଡ୍ରାଇଭ୍ ରାସ୍ତାରେ ପୁରୀ ଗଲାବେଳେ, ମାନ୍ୟବର ହାଇକୋର୍ଟ ଜଜ୍ ଦେବେନ୍ଦ୍ର ମୋହନ ପଟ୍ଟନାୟକ (ଯେ କି ଆମର ୧୯୭୧ ମସିହାରୁ ବନ୍ଧୁ) ଠାରୁ ଗୋଟିଏ ଟେଲିଫୋନ୍ ବାର୍ତ୍ତା ପାଇଲି । ସେ କହିଲେ ଯେ ମୋର କକେଇ ଶ୍ୱଶୁର ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାପାତ୍ରଙ୍କ ଠାରୁ ଆମର ଓଡ଼ିଶା ଆସିବା ବିଷୟ ଜାଣିପାରିଛନ୍ତି । ଯେହେତୁ ସେ ସିଡିଏ କଟକରେ ତାଙ୍କର ନିଜ ଘର ତିଆରି କରି ରହିବା ଆରମ୍ଭ କରିଛନ୍ତି ଏବଂ ସେ ଦିନ ତାଙ୍କ ପିତାଙ୍କର ଶ୍ରାଦ୍ଧ ଦିବସ ପାଳନ କରିଛନ୍ତି, ଆମମାନଙ୍କୁ ତାଙ୍କ ଘରକୁ ଯିବା ପାଇଁ ବିଶେଷ ନିମନ୍ତ୍ରଣ ରହିଲା । ମୁଁ ଯେତେବେଳେ ତାଙ୍କୁ କହିଲି ଯେ ଆମର ଦୁଇଜଣ ବିଦେଶର ଅତିଥିଙ୍କ ସାଙ୍ଗରେ ଆମେମାନେ ପୁରୀ ଯାଉଛୁ ଏବଂ କଟକରେ ପହଞ୍ଚିଲା ବେଳକୁ ଅନେକ ଡେରି ହେବ । ତେଣୁ ଏଇଥର ଆମେମାନେ ତାଙ୍କ ଘରକୁ ଆସିବା ସମ୍ଭବ ହେବ ନାହିଁ । ଏହାର ପ୍ରତ୍ୟୁତ୍ତରରେ ସେ ଅନୁରୋଧ କରିଥିଲେ କି ଯେତେ ଡେରିହେଉ, ଆମ ଅତିଥିମାନଙ୍କ ସାଙ୍ଗରେ ତାଙ୍କ ଘରକୁ ଆସିଲେ ସେ ବିଶେଷ ଖୁସି ହେବେ । ତାଙ୍କର ଅନୁରୋଧ ରକ୍ଷାକରି ପୁରୀ ବେଳାଭୂମି ଓ ଜଗନ୍ନାଥ ମନ୍ଦିର ବାହାରୁ ଅବଲୋକନ କରି (ଯେହେତୁ ଖ୍ରୀଷ୍ଟିଆନ୍‌ମାନଙ୍କୁ ମନ୍ଦିର ପ୍ରବେଶ ମନା) ସଂଧ୍ୟା ସୁଦ୍ଧା କଟକ ଫେରି ଆସଥିଲୁ ଏବଂ ହୋଟେଲକୁ ନଯାଇ ଜଷ୍ଟିସ୍ ପଟ୍ଟନାୟକଙ୍କ ଘରକୁ ଯାଇଥିଲୁ । ପଟ୍ଟନାୟକ ଦମ୍ପତିଙ୍କର ବ୍ୟବହାର ଓ ସଂବର୍ଦ୍ଧନାରେ ପ୍ରଫେସର ପିଟର ଓ ତାଙ୍କ ସ୍ତ୍ରୀ ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ସେମାନଙ୍କର ନୂଆଘର ବୁଲାଇ ଦେଖାଇବା ପରେ ସ୍ୱାଦିଷ୍ଟ ଖାଦ୍ୟ ପରିବେଷଣ କରିଥିଲେ । ସବୁଠାରୁ ବଡ଼ ଦୃଷ୍ଟାନ୍ତ ସଂବର୍ଦ୍ଧନା ଥିଲା, ତାଙ୍କଘରୁ ବିଦାୟ ନେବା ସମୟରେ ମିସେସ୍ ପଟ୍ଟନାୟକ ମିସେସ୍ ପିଟରଙ୍କୁ ଏକ ରୂପା ତାରକସୀ କାର୍ଯ୍ୟର ଉପହାର ପ୍ରଦାନ କରିଥିଲେ ଯାହାକୁ ଗ୍ରହଣ କରିବାକୁ ସେ ଅନିଚ୍ଛା ପ୍ରକାଶ କରିଥିଲେ ଏବଂ ଆମମାନଙ୍କୁ କହିଥିଲେ ଯେହେତୁ ତାଙ୍କ ଘରେ ସେ ଜଣେ ଅପରିଚିତ ବ୍ୟକ୍ତି, ୟୁରୋପୀୟ ପରମ୍ପରା ଅନୁସାରେ ସେ କୌଣସି ଉପହାର ଗ୍ରହଣ କରିବା ଉଚିତ ହେବ ନାହିଁ । ଏହାର ଜବାବରେ ମିସେସ୍ ପଟ୍ଟନାୟକ କହିଥିଲେ ଯେ ଆମର ଓଡ଼ିଆ ପରମ୍ପରା ଅନୁସାରେ "ଯେତେବେଳେ କୌଣସି ସ୍ତ୍ରୀ ଲୋକ ପ୍ରଥମ ଥର ପାଇଁ ଆମମାନଙ୍କ ଘରକୁ ଆସନ୍ତି, ସେମାନଙ୍କୁ ଖାଲି ହାତରେ ବିଦାୟ ଦିଆଯାଏ ନାହିଁ ।" ତାଙ୍କର ଯୁକ୍ତିକୁ ଆମେ ପ୍ରତିପାଦନ କରିବା ପରେ ସେ ଉପହାରଟି କୃତଜ୍ଞତା ସହ ଗ୍ରହଣ କରିଥିଲେ ।

ଷଷ୍ଠ ଦିବସଟି କଟକ ସହର ବିଭିନ୍ନ ସାଂସ୍କୃତିକ, ଐତିହାସିକ ଓ ଧାର୍ମିକ ସ୍ଥଳର ପରିଦର୍ଶନ ପାଇଁ ନିର୍ଦ୍ଧାରିତ କରାଯାଇଥିଲା । କାରଣ ସେ ଦିନ ଆମେ ପ୍ରଫେସର ପିଟର୍‌ଙ୍କର ଜନ୍ମଦିନ ତାଙ୍କ ଅଜ୍ଞାତରେ ପାଳନ କରିବାକୁ ଯୋଜନା କରିଥିଲୁ । କଟକର ହଜାର ବର୍ଷର ପୁରୁଣା ବାରବାଟି ଦୁର୍ଗ, ବାରାବାଟି ଷ୍ଟାଡିୟମ୍, ଦେଖିବା ପରେ ଆମେମାନେ କଟକ ବାଲିଯାତ୍ରାର ଏକ ଝଲକ ଦେଖାଇ ମା କଟକ ଚଣ୍ଡୀ ମନ୍ଦିର ଏବଂ ସହରର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ତ୍ତିକେଶ୍ୱର ମେଢ଼ଗୁଡ଼ିକ ପରିଦର୍ଶନ କରିଥିଲୁ । ସେମାନେ ମେଢ଼ଗୁଡ଼ିକର ଭିଡିଓଗ୍ରାଫି କରିବା ସହିତ ତାହାର ମହତ୍ତ୍ୱ ବିଷୟରେ ଆମଠାରୁ ବୁଝିଥିଲେ । ଏ ପ୍ରକାର ମୂର୍ତ୍ତି ପୂଜାର ପରମ୍ପରା ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା । ଆମର ଏଇ ମୂର୍ତ୍ତିପୂଜା ପରମ୍ପରାକୁ ସେମାନେ ପସନ୍ଦ କରିଥିଲେ । ସେଇଦିନ ସଂଧ୍ୟାରେ ପ୍ରଫେସର ପିଟର୍ ଦମ୍ପତିଙ୍କୁ ନଜଣାଇ ଏକ ଜନ୍ମଦିନ କେକ୍ ସହିତ ଆମେମାନେ ମୋର ଭାଇ ଓ ଶାଳୀଙ୍କର ପରିବାର ସହିତ ତାଙ୍କ ହୋଟେଲରେ ଆକସ୍ମିକ ଭାବରେ ପହଞ୍ଚିଥିଲୁ । ତାଙ୍କର ଜନ୍ମଦିନ ଅବସର କେକ୍ କାଟିବା ସଙ୍ଗେ ସଙ୍ଗେ ଏକ ଉପହାର ପ୍ରଦାନ କରିଥିଲୁ ଏବଂ ଆମମାନଙ୍କ ସାଙ୍ଗରେ ରାତ୍ରିଭୋଜନ ପାଇଁ ନିମନ୍ତ୍ରଣ କରିଥିଲୁ । ସେମାନେ ଏପରି ଅପ୍ରତ୍ୟାସିତ/ ଆକସ୍ମିକ ବନ୍ଦୋବସ୍ତ ଦେଖି ଆଶ୍ଚର୍ଯ୍ୟ ହେବା ସାଙ୍ଗରେ ଆମମାନଙ୍କୁ ଅଶେଷ ଅଶେଷ କୃତଜ୍ଞତା ଜ୍ଞାପନ କରିଥିଲେ । ଏଭଳି ବିଶେଷ ଜନ୍ମଦିନ ପାଳନ ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ।

ଯେହେତୁ ପ୍ରଫେସର ପିଟରଙ୍କର ସପ୍ତମ ଦିନଟି ଗବେଷଣା ଓ ଶିକ୍ଷାଗତ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ଥିଲା, ଆମେମାନେ ଭୁବନେଶ୍ୱରରେ ସରକାରୀ ସ୍ତରରେ ଆଲୋଚନା ଓ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପାଇଁ ପରିବେଶ ନିର୍ଦ୍ଦେଶାଳୟ ଓ ଅନ୍ୟାନ୍ୟ ଅଫିସ୍‌କୁ ଗସ୍ତ କରିଥିଲୁ । ସେଠାରେ

ଅଧିକାରୀମାନଙ୍କ ସାଙ୍ଗରେ ମତ ବିନିମୟ କରିବା ସଙ୍ଗେ ସଙ୍ଗେ ଅନେକ ନୂଆ ନୂଆ ତଥ୍ୟ ସଂଗ୍ରହ କରିଥିଲୁ ସେ ପବ୍ଲିକ୍-ପ୍ରାଇଭେଟ୍ ସହଯୋଗିତାର ମହତ୍ତ୍ୱ ବିଷୟରେ ତାଙ୍କର ନେଦରଲ୍ୟାଣ୍ଡର ଅନୁଭୂତି ଅଧିକାରୀମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ସୁଯୋଗ ପାଇ ବିଶେଷ ଖୁସି ହୋଇଥିଲେ । ସେହିଦିନ ଉପରବେଳା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ମିଳନୀ କକ୍ଷରେ "ସର୍ବସାଧାରଣ ସହଯୋଗ/ଭାଗିଦାରିତା ଓ ଚିରନ୍ତନ ପ୍ରଗତି" ବିଷୟରେ ଏକ ବକ୍ତୃତା ପ୍ରଦାନ କରିଥିଲେ, ଯାହା ଆମର ବୈଜ୍ଞାନିକମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା । ବିଭିନ୍ନ ଅଫିସରେ ମୋର ଅନେକ ପରିଚିତ ବ୍ୟକ୍ତିମାନେ ତାଙ୍କୁ ବିଶେଷ ଅଭ୍ୟର୍ଥନା ପ୍ରଦାନ କରିଥିବାରୁ, ସେ ମୋ ପ୍ରତି କୃତଜ୍ଞତା ଜ୍ଞାପନ କରିବାକୁ ଭୁଲିନଥିଲେ । ସେହିଦିନ ସଂଧ୍ୟାରେ ମୋ ସାନଭାଇ ରେଭେନ୍ସା କଲେଜରେ ତାଙ୍କର ବାସଭବନରେ ପ୍ରଫେସର ପିଟର ଦମ୍ପତିଙ୍କ ସମ୍ମାନରେ ଏକ ରାତ୍ରିଭୋଜନ ଏବଂ ଭୋଜନ ପରେ ଏକ ସଂଗୀତ ଆସରର ଆୟୋଜନ କରିଥିଲେ ଏବଂ ସେମାନେ ଏହାକୁ ବେଶ ଉପଭୋଗ କରିଥିଲେ ।

ଯେହେତୁ ନିଦରଲ୍ୟାଣ୍ଡର ପରମ୍ପରାରେ ପ୍ରତ୍ୟେକ ବ୍ୟକ୍ତି ତାଙ୍କ ଆୟର ଶତକଡ଼ା ଦୁଇଭାଗ ଅନ୍ୟର ଉପକାର ପାଇଁ ଅନୁଦାନ ଆକାରରେ ପ୍ରଦାନ କରିଥାନ୍ତି, ସେମାନେ କିଛି ଗରିବ ଲୋକଙ୍କୁ ସାହାଯ୍ୟ ପ୍ରଦାନ କରିବାକୁ ଚାହିଁଥିଲେ । ତେଣୁ ଶେଷ ଦିନଟି ସେମାନେ ଆମର ଗାଁଗହଳି ଲୋକଙ୍କର ଆଚାର ବ୍ୟବହାର ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ । ତା ସଙ୍ଗେ ସଙ୍ଗେ ୧୯୯୯ ମହାବାତ୍ୟାର ବିପନ୍ନ କିଛି ପରିବାରକୁ ସାହାଯ୍ୟ କରିପାରିଲେ ଖୁସି ହେବେ । ଆଇ.ଆଇ.ଟି., କାନପୁର ଦ୍ୱାରା ପୋଷ୍ୟଗ୍ରାମ ଭାବେ ଗ୍ରହଣ କରାଯାଇଥିବା ଜଗତସିଂହପୁରର ଅନ୍ତେଇ ଗ୍ରାମକୁ ନେଇକରି ଯାଇଥିଲୁ । ଯେଉଁଠାରେ ଆମେ ୨୭ ପରିବାରକୁ ଏକ ବର୍ଷ ପାଇଁ ବ୍ୟକ୍ତିଗତ ସ୍ତରରେ ଟଙ୍କା ଆକାରରେ ସାହାଯ୍ୟ ପ୍ରଦାନ କରିଥିଲୁ । ରାସ୍ତାରେ ଗଲାବେଳେ ମହାବାତ୍ୟାର ବିଭୀଷିକା ଦେଖି ଦୁଃଖ ପ୍ରକାଶ କରିଥିଲେ । ଅନ୍ତେଇ ଗ୍ରାମରେ ପହଞ୍ଚି ଲୋକମାନଙ୍କ ଦୁର୍ଦ୍ଦଶା ଦେଖି ବିଚଳିତ ହୋଇଥିଲେ ଏବଂ ଦୁଇଟି ପରିବାରକୁ ଟ.୧୦,୦୦୦ ଟଙ୍କା ହିସାବରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଫେରିଲାବେଳେ ରାସ୍ତାରେ କ୍ଷତିଗ୍ରସ୍ତ ହୋଇ ପଡ଼ିଥିବା ଅନେକ ନଡ଼ିଆ ଓ ଗୁଆ ଗଛ ବିଷୟରେ ଜାଣିବାକୁ ଚାହିଁଥିଲେ । ଆମ ସଂସ୍କୃତିରେ ନଡ଼ିଆ ଓ ଗୁଆର ସାମାଜିକ ଓ ଅର୍ଥନୈତିକ ମହତ୍ତ୍ୱ ବିଷୟରେ ବୁଝାଇବା ସଂଗେ ସଙ୍ଗେ କହିଥିଲୁ କି ଏହି ଦୁଇଟି ଫଳ ଆମମାନଙ୍କର ନିମନ୍ତ୍ରଣ ପଦ୍ଧତିରେ ବ୍ୟବହାର କରାଯାଇଥାଏ । ତାହାର ଉଦାହରଣ ଦେବାକୁ ଯାଇ ଗୋଟିଏ ଗୁଆ ମୁଁ ପ୍ରଫେସର ପିଟରଙ୍କ ହାତରେ ଅର୍ପଣ କରି କହିଥିଲି "ଆସନ୍ତା ବର୍ଷ ମୋର ବଡ଼ ପୁଅର ବାହାଘର ନିମନ୍ତ୍ରଣ ଭାବେ ଗ୍ରହଣ କରିବାକୁ ଆମର ଅନୁରୋଧ" । ତାହାକୁ ସେ ଅତ୍ୟନ୍ତ ଆନନ୍ଦର ସହ ଗ୍ରହଣ କରି ନିଜ ସାଙ୍ଗରେ ନେଦରଲ୍ୟାଣ୍ଡ ନେବାକୁ ଭୁଲି ନଥିଲେ । ମୋ ପୁଅର ବାହାଘର ନିମନ୍ତ୍ରଣ କାର୍ଡ ପାଇ ଅତ୍ୟନ୍ତ ଖୁସି ହୋଇ ମୋତେ ଅନୁରୋଧ କରିଥିଲେ ଯେ ସେହି ବାହାଘର ସିଡି ତାଙ୍କ ପାଖକୁ ପଠାଇବା ପାଇଁ । ବାହାଘରର ରୀତିନୀତି ସବୁ ସିଡିରେ ଦେଖି ଏବଂ ଆମ ପରିବାରର ସଦସ୍ୟମାନଙ୍କୁ ଦେଖି ବିଶେଷ ଖୁସି ହୋଇ ଆମମାନଙ୍କୁ ଅଭିନନ୍ଦନ ଓ କୃତଜ୍ଞତାର ବାର୍ତ୍ତା ପ୍ରେରଣ କରିଥିଲେ ।

ଓଡ଼ିଶାରେ ସେମାନଙ୍କର ଶେଷଦିନଟି ସ୍ମରଣୀୟ ହୋଇ ଯାଇଥିଲା କାରଣ ଆମ ପରିବାରର କଟକରେ ଅବସ୍ଥାନ କରୁଥିବା ସଦସ୍ୟମାନେ ସେମାନଙ୍କୁ ବିଦାୟ ଦେବାକୁ ଆସି ସାଙ୍ଗରେ ଗୋଟିଏ ଗୋଟିଏ ଉପହାର ଭେଟି ନେଇକରି ଆସିଥିଲେ, ଯାହାକି ପିଟର ଦମ୍ପତିଙ୍କ ପାଇଁ ଅପ୍ରତ୍ୟାସିତ ଥିଲା । ଭେଟିଗୁଡ଼ିକ ମିସେସ୍ ପିଟରଙ୍କୁ ପ୍ରଦାନ କରିବାରୁ ସେ ନିଜକୁ ଲଜ୍ଜିତ ମନେକରି କହିଥିଲେ, "ଆମେ ତ କାହା ପାଇଁ କିଛି ଉପହାର ଆଣି ନଥିଲୁ, ଆମକୁ ଏପରି ଅପ୍ରତ୍ୟାଶିତ ଭେଟି ପ୍ରଦାନ କରି ଆପଣମାନେ ଆମକୁ ଋଣୀ କରିଦେଇଛନ୍ତି । ପରିଶେଷରେ ରେଳ ଷ୍ଟେସନରେ ମୋ ସାନଭାଇର ସ୍ତ୍ରୀ ବିଦାୟ ପୂର୍ବରୁ ତାଙ୍କୁ ଦୁଇଟି ରୂପାର ଚୁଡ଼ି ପ୍ରଦାନ କରିଥିଲେ । ଏପରି ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ନିଜକୁ ନିରୁପାୟ ମନେକରି ନିଜେ ପିନ୍ଧିଥିବା ରୂପା ଚେନ୍‌ଟି ନିଜ ଗଳାରୁ ବାହାର କରି ମେର ଝିଆରୀ ଛୋଟୁକୁ ପିନ୍ଧାଇ ଦେଇଥିଲେ । ଭେଟି ସାଙ୍ଗରେ ଟ୍ରେନ୍‌ରେ ଖାଇବା ପାଇଁ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରି ଆମମାନଙ୍କୁ ପ୍ରଦାନ କରିଥିଲେ । ମଧ୍ୟାହ୍ନ ଭୋଜନରେ ସେହି ଖାଦ୍ୟଗୁଡ଼ିକ ମିଶିକରି ଖାଇବା ସମୟରେ ପିଟର ଦମ୍ପତି ମନ୍ତବ୍ୟ ଦେଇଥିଲେ କି ଏହା ତ ଟ୍ରେନ୍‌ରେ ପିକ୍‌ନିକ୍ ହୋଇଗଲା । ମାଡାମ୍ ଉଇଲ୍ ଓ ପିଟର ଆମର ଆତିଥ୍ୟ, ପରମ୍ପରା ଓ ସଂସ୍କୃତିରେ ବିଶେଷ ଭାବରେ ପ୍ରଭାବିତ ହୋଇ ନିଜ ଦେଶରେ ପହଞ୍ଚିବା ପରେ ଆମ ପରିବାର ସବୁ ପିଲାମାନଙ୍କ ପାଇଁ କିଛି କିଛି ଉପହାର ଦ୍ରବ୍ୟ କିଣି ଗୋଟିଏ ପ୍ୟାକେଟରେ ମୋ ପାଖକୁ ପଠାଇ ଅନୁରୋଧ କରିଥିଲେ କି ଓଡ଼ିଶା ଯିବା ସମୟରେ ପିଲାମାନଙ୍କୁ ସେମାନଙ୍କ ତରଫରୁ ଭେଟି ଦେଇ ଦେବାକୁ ସେମାନେ ମଧ୍ୟ ତାଙ୍କର ଋଣ ଶୁଝିବା ଉଦ୍ଦେଶ୍ୟରେ ମୁଁ ଓ ମୋର ସ୍ତ୍ରୀଙ୍କୁ ନିଦରଲ୍ୟାଣ୍ଡକୁ ନିମନ୍ତ୍ରଣ କରିଥିଲେ । ତିନିବର୍ଷ ପରେ ଯେତେବେଳେ ଆମେ ତାଙ୍କ ଦେଶକୁ ଯାଇଥିଲୁ, ଆମର ଆତିଥ୍ୟକୁ ଅନୁକରଣ କରି ଆମକୁ ତାଙ୍କର ସମସ୍ତ ବନ୍ଧୁବାନ୍ଧବଙ୍କ (ଯାହାକି ଆମ ତୁଳନାରେ ବହୁତ କମ୍) ସାଙ୍ଗରେ ଭେଟ କରିବାକୁ ଭୁଲି ନଥିଲେ । ତାଙ୍କ ରାଷ୍ଟ୍ରର ସମସ୍ତ ଐତିହାସିକ, ସାଂସ୍କୃତିକ, ପରମ୍ପରା ଓ ଦର୍ଶନୀୟ ସ୍ଥାନମାନ ସେମାନଙ୍କ ସାଙ୍ଗରେ ପରିଦର୍ଶନ କରିବାର ସୁଯୋଗ ପ୍ରଦାନ କରିଥିଲେ ଏବଂ ପ୍ରତ୍ୟେକ ଦିନ ତାଙ୍କ କାରରେ ଯିବାବେଳେ ଓଡ଼ିଶାର ଅନୁଭୂତି ସ୍ମରଣ କରିବାକୁ ଭୁଲି ନଥିଲେ ।

ଏହାହିଁ ହେଉଛି ଆମ ଓଡ଼ିଆମାନଙ୍କର ଆତିଥ୍ୟ, କଳା, ସଂସ୍କୃତି ଓ ଆଚାର ବ୍ୟବହାରର ବିଦେଶୀମାନଙ୍କ ଉପରେ ପ୍ରଭାବ ଯାହା ସେମାନେ ତାଙ୍କ ସାଙ୍ଗସାଥୀମାନଙ୍କ ମଧ୍ୟରେ ପ୍ରଚାର ଓ ପ୍ରସାର କରିବାକୁ ଭୁଲି ନଥିଲେ ।

ଏହାହିଁ ଥିଲା ଓଡ଼ିଶା ମାଟି ମା'ର ଆନ୍ତର୍ଜାତିକ ସ୍ତରରେ ଆଜି ଯୁଗରେ ଅବଦାନ । କେବଳ ଏହି ସଂସ୍କୃତି ପ୍ରିୟ ଡଚ୍ ଦମ୍ପତି କାହିଁକି, ଯେ କେହି ବିବେକବାନ୍ ବିଦେଶୀ ଓଡ଼ିଆ ଆଚାର ବ୍ୟବହାରର ଉଦାହରଣ ଦେଖିବେ, ବିସ୍ମିତ ହୋଇଯିବେ । ମାନବିକତାର ପରାକାଷ୍ଠାରେ ସମ୍ମୋହିତ ହୋଇଯିବେ ।

ବନ୍ଦେ ଉତ୍କଳ ଜନନୀ ।

ପ୍ରାକ୍ତନ କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର
ମୋ-୯୪୩୯୦୧୩୫୮୫

# ବନାଞ୍ଚଳର ଓଡିଆ ଜୀବନ : ପଟ୍ଟାଙ୍ଗୀ ଡାଇରୀ

(ସରଳ ସବୁଜ ସୁନ୍ଦର ଓଡ଼ିଶାର ନିଛକ ପ୍ରତିଛବି)

ଡ. ବିଜୟଲକ୍ଷ୍ମୀ ମହାନ୍ତି

କିପିଲାଦିନୁ ବିଭିନ୍ନ କାରଣବସତଃ ମୁଁ ଓଡ଼ିଶା ପ୍ରଶାସନ ସହ ଜଡ଼ିତ ଥିଲି । ବହୁ ସମୟରେ ଦେଖିଛି ସରକାରୀ କର୍ମଚାରୀଙ୍କର କୋରାପୁଟ ବଦଳି ହେଲେ, ସେମାନେ ବହୁତ ଦୁଃଖ କରନ୍ତି । ବହୁ ବର୍ଷ ଧରି ଓଡ଼ିଶାରେ ଥାଇ ମଧ୍ୟ ମୁଁ କୋରାପୁଟ ଦେଖି ନଥିଲି । କିନ୍ତୁ ଯେବେ କୋରାପୁଟରେ ଯାଇ ରହିବାର ସୁଯୋଗ ମିଳିଲା, ମୁଁ ସେଇ ସରସ, ସୁନ୍ଦର ଓଡ଼ିଶା ଦେଖି ମୁଗ୍ଧ ହୋଇଗଲି ।

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ପ୍ରୋଜେକ୍ଟ ସଂକ୍ରାନ୍ତରେ ମୁଁ କୋରାପୁଟ, ଦାମନ ଯୋଡି, ସୁନାବେଡା, ସେମିଳି ଗୁଡ଼ା, ପଟ୍ଟାଙ୍ଗୀ, କୁନ୍ଦୁଲି ହାଟ ପ୍ରଭୃତି ବହୁ ସ୍ଥାନ ଯାଇଥିଲି । ଦେଓମାଳୀ ପର୍ବତମାଳାର ପାଦ ଦେଶରେ କିଛି ଗାଁ ଯିବାର ସୁଯୋଗ ପାଇଥିଲି । ମୋ ସହିତ ସଂସ୍ଥା ତରଫରୁ ସ୍ଥିରତା ରାଜୀବ ଓ ଅଞ୍ଜଳୀ ମଧ୍ୟ ଥିଲେ । ନାଲ୍‌କୋ କମ୍ପାନୀରୁ ଜିଲ୍ଲାର ବାସିନ୍ଦା ଦୁଃଶିକା ମଧ୍ୟ ଆମକୁ ସାହାଯ୍ୟ କରୁଥିଲେ ।

ପ୍ରଥମେ ଆମେ ସେମିଳିଗୁଡ଼ା ତହସିଲ ଅଧୀନରେ ଥିବା ଦୁରୁକା ଗୁଡ଼ା ଗ୍ରାମ ପରିଦର୍ଶନ କଲୁ । କୁନ୍ଦୁଲି ହାଟଠାରୁ ତିନି କିଲୋମିଟର ଦୂରରେ ପାହାଡ଼ ତଳି ଗାଁ ଟିଏ । ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଅଛି । ୨୬ ଜଣ ଛାତ୍ର ଛାତ୍ରୀ, ଦୁଇ ଜଣ ଶିକ୍ଷକ ଓ ଜଣେ ମଧ୍ୟାହ୍ନ ଭୋଜନ କରିବା ନିମନ୍ତ ରୋଷେଇୟା ଅଛନ୍ତି । ଅଙ୍ଗନବାଡୀ ସେଣ୍ଟର ମଧ୍ୟ ପାଖରେ । ପାହାଡ଼ ଉପରେ ସ୍କୁଲଟି ଅବସ୍ଥିତ । ତାର ପ୍ରଧାନ ଶିକ୍ଷକ ଖିଲୋ ଜଣେ ଅମାୟିକ ଭଦ୍ର ଲୋକ । ଜୀବନରେ ତାଙ୍କର ବହୁତ ପ୍ରସନ୍ନତା ଅଛି । ସେ ନିଜେ ଇଣ୍ଟରମେଡ଼ିଏଟ୍ ହେଲେ ମଧ୍ୟ ତାଙ୍କ ଝିଅକୁ ବହୁତ ଭଲ ଶିକ୍ଷା ଦେଉଛନ୍ତି । ତାଙ୍କ କଥା ସୁନିତା ଖିଲୋ ଅତ୍ୟନ୍ତ ମେଧାବୀ ଛାତ୍ରୀ ଦଶମ ଶ୍ରେଣୀରେ ୭୮ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହେବାପରେ ନଭୋଦୟ ବିଦ୍ୟାଳୟରେ ପ୍ଲସ୍ ଟୁ ବିଜ୍ଞାନ ପଢୁଛନ୍ତି । ବହୁତ ମେଧାବୀ ଛାତ୍ରୀ । ସେ ଗାଁରେ ବହୁତ ଯୁବକ ଯୁବତୀ କେବେ ବିଦ୍ୟାଳୟକୁ ଯାଇନାହାନ୍ତି । କୁନ୍ଦୁଲି ହାଟରୁ ସମସ୍ତେ ତିନି କିଲୋମିଟର ଚାଲି ଚାଲି ଗାଁକୁ ଯାଆନ୍ତି । କିଛି ଗାଡ଼ି ମଟର ଯାଏନାହିଁ ଲୋକେ ସାଇକେଲ ବା ମଟର ସାଇକେଲ୍‌ରେ ଯିବା ଆସିବା କରିପାରିବେ କଚ୍ଚା ଘର, ପ୍ରାକୃତିକ ଝରଣା, ମକା ଚାଷ ଓ କଠା ପଣସ ଚାରି ପାଖରେ । ସେହି ଗାଁରୁ ଏପରି ଦୃଢ଼ମନା ଓ ମେଧାବୀ ଛାତ୍ରୀ ବାହାରିବା ଓଡ଼ିଶାର ପ୍ରଗତିର ସୂଚକ ଅଟେ। ନାଲକୋ କମ୍ପାନୀର ମଧ୍ୟ ଅଦ୍ୟମ ଉଦ୍ୟମ ରହିଛି । ବିଦ୍ୟା କେବଳେ ସହରରେ ସୀମିତ ନୁହେଁ । ଯିଏ ସାରସ୍ୱତ ସାଧନା କରେ, ମା' ସରସ୍ୱତୀ ସେଠି ନିବାସ କରନ୍ତି । ଏହା ସହିତ ବହୁ ମାନବୀୟ ମୂଲ୍ୟବୋଧ ଶିକ୍ଷା କରି ହୁଏ । ସେପରି ସମାଜରେ । ଯେଉଁ ଅଧ୍ୟାତ୍ମିକତାକୁ ଆମେ ବହିରେ ପଢୁ ତାହା ସମାଜରେ ପ୍ରତିଫଳନ ହେବାର ଦେଖି ହୁଏ ।

ଆମେ ସେସବୁ ଗାଁର ଯୁବକ ଓ ଯୁବତୀମାନଙ୍କୁ ମାନସିକ ସ୍ତରରେ ଆତ୍ମନିର୍ଭରଶୀଳ ବନାଇବା ଓ ଦେଶ ଓ ଜାତି ପ୍ରତି ତାଙ୍କର ପ୍ରତିବଦ୍ଧତା ଆଣିବା ନିମିତ୍ତ ଆର୍ଟ ଅଫ୍ ଲିଭିଙ୍ଗ୍ ତରପରୁ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ଆୟୋଜନ କରୁଛୁ । ମାନବ ସେବା ହିଁ ମାଧବ ସେବା । ସେମାନେ ଯେପରି କିଛି ଜ୍ଞାନ ପାଇବା ପାଇଁ ଅପେକ୍ଷା କରି ରହିଛନ୍ତି । ପରିବର୍ତ୍ତନଶୀଳ ଓ ପ୍ରଗତିଶୀଳ ଦ୍ରୁତ ସମାଜରେ କାହା ପାଖରେ ଏତେ ସମୟ ଅଛି ଯେ ସେମାନଙ୍କ ସହିତ ଦିପଦ କଥା ହେବ ବା ତା'କୁ କିଛି ପ୍ରକାର ପ୍ରଶିକ୍ଷଣ ଦେଇ ତାଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ସହାୟକ ହେବ ? ଆମର ସେଠାକୁ ଯିବା ଯେପରି କଷ୍ଟ ସାଧ୍ୟ ଥିଲା, ସେମାନଙ୍କର ଉତ୍ସାହ ଅତୀବ ପ୍ରେରଣା ପ୍ରଦାୟକ ହୋଇଥିଲା । ଆମେ ଆଠଟି ଗ୍ରାମ ପରିଦର୍ଶନ କରୁ । ତନ୍ମଧ୍ୟରୁ ଶିଳାଗୁଡ଼ା, ମୋଦେଇଗୁଡ଼ା, ରାଙ୍ଗିଣିଗୁଡ଼ା, କନ୍ଦପୁଟ୍ରା ଘାଟୀ, ନୁଆଗୁନା ବଡ଼ ମାର୍ଲା ଅନ୍ୟତମ । ମୋଦେଇ ଗୁଡ଼ାର ଗ୍ରାମବାସୀ ଅତି ସ୍ୱାଦିଷ୍ଟ କଠା ପଣସ ଦେଇ ଆମର ଆତିଥ୍ୟ କଲେ । ପୁଣି ସବୁଜ ମକା ବଗିଚାରୁ ଆମେ ମକା ତୋଳି ଖାଇଲୁ । ଦେଓମାଳୀ ପର୍ବତର ଉଚ୍ଚତମ ଶିଖା ତଳୁ ଦିଶୁଥାଏ । ପାହାଡ଼ରେ ମକାଚାଷ ଦୃଶ୍ୟ ବହୁତ ସୁନ୍ଦର ଦିଶୁଥାଏ । ଚାରିଆଡ଼େ ସବୁଜ କିଆରି । ବହୁତ କମ ଜାଗାରେ ଏପରି ମନୋରମ ଦୃଶ୍ୟ ଦେଖିବାକୁ ମିଳିବ ।

ମୋଦେଇ ଗୁଡ଼ାରେ ଆମେ ମଦନ ଭୋଇ ନାମକ ଜଣେ ବିବାହିତ ଯୁବକଙ୍କୁ ଭେଟିଲୁ । ସେ ସବୁଠାରୁ ବେଶୀ ପାଠ ପଢ଼ିଛନ୍ତି ସେ ଗାଁରେ ଫିଟର ପାଠ ପଢ଼ି ଚାକାରୀ ଖୋଜୁଛନ୍ତି । ଏବେ ଅଟୋ ରିକ୍‌ସା ଚଳେଇ ନିଜର ଭରଣ ପୋଷଣ କରୁଛନ୍ତି । ସେ ଇ-ମେଲ୍ ନେଟ୍‌ୱାର୍କ ଆସିଗଲେ, ସେ ବ୍ୟବହାର କରିପାରନ୍ତି । ସେ ମୋତେ ଗୋଟିଏ

ଇ.ମେଲ୍ ପଠାଇଥିଲେ ଓ ବହୁତ ଆନନ୍ଦିତ ହେଲେ । ବିଜୁଳି ଶତାଧିକ ବର୍ଷ ପରେ ମଧ ବହୁ ସ୍ଥାନରେ ପହଞ୍ଚି ପାରି ନାହିଁ । କିନ୍ତୁ ଗୁଗୁଲ୍ ଦୁଇ ଦଶନ୍ଧି ମଧ୍ୟରେ ଗାଁ ଗାଁ ପହଞ୍ଚି ପାରିଛି ।

ଇଂରାଜୀରେ କୁହାଯାଏ, History repeats ଇତିହାସ ଦୋହରାଇ ଥାଏ । ମୋର ଅଜା ଜୟପୁର ରାଜାଙ୍କର ଦିୱାନ ଥିଲେ । ସେ ଜଣେ ଶାସ୍ତ୍ର ବିଶାରଦ ଓ ଜ୍ଞାନୀ ଗୁଣୀ ପୁରୁଷ ଥିଲେ । ସାତ ଆଠ ଦଶନ୍ଧି ପୂର୍ବରୁ ସେ ଖଜଣା ଆଦାୟ କରିବା ପାଇଁ ସେସବୁ ସ୍ଥାନକୁ ଯାଉଥିଲେ । କିନ୍ତୁ ମୁଁ ଏତେ ବର୍ଷ ପରେ, ଯେତେବେଳେ ପୁଣି ସେଇ ଯାଗାକୁ ଯାଉଥିଲି, ମୋତେ ଅଧିକ ରୋମାଞ୍ଚକର ଲାଗୁଥିଲା । ମୋର ମାତାଙ୍କର ବାଲ୍ୟକାଳ କୋରାପୁଟ ଜିଲ୍ଲାର ନଦୀ, ପର୍ବତ ଭିତରେ ହୋଇଛି । ସେ ସବୁବେଳେ ସେସବୁ ବର୍ଣ୍ଣନା କରନ୍ତି । ଆନ୍ଧ୍ରପ୍ରଦେଶ ପାଖରେ ହୋଇଥିବାରୁ, ତା'ର ଭାଷା ଓ ଚଳଣିର ଛାପ କୋରାପୁଟରେ ଦେଖିବାକୁ ମିଳେ ।

ମୁଁ ଯାହା ଶିଖିଲି ତାହା ସଂକ୍ଷିପ୍ତରେ ଲେଖୁଛି । ସନ୍ତୋଷ ଏକ ବଡ଼ ଧନ ।ଏହି ସନ୍ତୋଷ ପାଇଁ ପର୍ଯ୍ୟାପ୍ତ ଧନର ଆବଶ୍ୟକତା ନାହିଁ । ଯାହାର ପର୍ଯ୍ୟାପ୍ତ ଅଛି, ସିଏ ସୁଖୀ ହେବ ଏହି କଥାରେ ମଧ କିଛି ଧରା ବନ୍ଧା ନାହିଁ । ଛୋଟବେଳେ ପଢ଼ିଥିଲୁ 'ଅଳସୁଆ ଦୁଃଖ ପାଏ' । କର୍ମଠ ବ୍ୟକ୍ତି ହିଁ ସଂସାରରେ ଆଦୃତ ଏବଂ ସୁଖୀ । ମଣିଷ ପରିଶ୍ରମ କାତରତା ଯୋଗୁଁ ବହୁ ସୁଯୋଗରୁ ବଞ୍ଚିତ ରହେ । ପ୍ରକୃତି ପ୍ରିୟ ମନୁଷ୍ୟର ସୁଖ ଅଧିକ । ସେମାନେ କଂକ୍ରିଟ ଜଂଗଲରେ ରହୁଥିବା ବ୍ୟକ୍ତି ଗଣଙ୍କଠାରୁ ଅଧିକ ଶକ୍ତିଶାଳୀ ଓ ସୁସ୍ଥ ।

ଏହି ସବୁ ମାନବୀୟ ମୂଲ୍ୟବୋଧକୁ ପାଥେୟ କରି ଯଦି ଆମେ କାଳାତିପାତ କରିବା, ଆମ ଜୀବନ ସୁଖମୟ ହେବା ସ୍ୱାଭାବିକ । ଯଦିଓ ଆମେ ବହୁକଥା ଜାଣି ଥାଉ, କିଛି ଘଟଣାବଳୀ ଓ ପରିଭ୍ରମଣ ଆମକୁ ଆମର ମୂଳ ସ୍ରୋତ ସହିତ ଯୋଡି ରଖେ । ଆମକୁ ଈଶ୍ୱରାଭୀମୁଖୀ କରାଏ । ଲୋକ ସମ୍ପର୍କ ହିଁ ପରମ ଆନନ୍ଦଦାୟକ ।

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକ, ଓଡ଼ିଶା

✠✠✠



॥ ଛଅ ॥

# ଓଡ଼ିଆ ମହକିତ ଚିନ୍ତା ଓ ଚେତନା : ବିବର୍ତ୍ତନବାଦୀ ସଂସ୍କାରଧର୍ମୀୟତା

# ପ୍ରବହମାନ ସଂସ୍କାର ସ୍ରୋତରେ ଓଡିଆ ସଂସ୍କୃତି

**ଡ. ନବନୀତା ରଥ**

ସଂସ୍କୃତି ଗୋଟିଏ ଜାତିର ପ୍ରାଣବିନ୍ଦୁ । ଜାତିର ସ୍ଥିତି ଆଉ ପ୍ରଗତିର ପରିମାପକ । ଐତିହ୍ୟ, ଗର୍ବ ଓ ଗୌରବର ବାର୍ତ୍ତାବହ । ପ୍ରସିଦ୍ଧ ସମାଜ ବିଜ୍ଞାନୀ ଇ.ବି. ଟେଲରଙ୍କ ମତରେ ଜ୍ଞାନ, ବିଶ୍ୱାସ, ଆଇନ, ପ୍ରଥା ବା ଅନ୍ୟ ଯେ କୌଣସି ଅଭ୍ୟାସ ଯାହାକୁ କି ମନୁଷ୍ୟ ସମାଜର ଏକ ସଭ୍ୟ ଭାବରେ ଗ୍ରହଣ କରିଥାଏ, ସେଇ ଜଟିଳ ସମଷ୍ଟି ହେଉଛି ସଂସ୍କୃତି । ସରଳ ଭାଷାରେ ସମାଜରେ ମଣିଷର ଜୀବନଧାରା ହିଁ ସଂସ୍କୃତି । ଭାଷା, ଚଳଣି, ନୃତ୍ୟ, ଗୀତ, ପରମ୍ପରା, ଲୋକକଥା, ଖାଦ୍ୟ, ପୋଷାକ, ପରିଧାନ, କଳା ଭାସ୍କର୍ଯ୍ୟ, ହସ୍ତଶିଳ୍ପ ମାଧ୍ୟମରେ ସଂସ୍କୃତି ଆତ୍ମପ୍ରକାଶ କରିଥାଏ ।

ସଂସ୍କୃତିର ବିବିଧ ରୂପ ରହିଛି ଏବଂ ଏହା ପ୍ରତ୍ୟେକ ସମାଜ ସହିତ ସଂଶ୍ଲିଷ୍ଟ । ସାର୍ବଜନୀନ ହେଲେ ବି ସଂସ୍କୃତିର ବିଶିଷ୍ଟ ଗୁଣ ହେଉଛି ଭିନ୍ନତା । କୌଣସି ଜାତିର ଜଣେ ସଭ୍ୟ ଭାବରେ ମଣିଷ ସେଇ ଜାତିର ପାରମ୍ପରିକ ସଂସ୍କୃତି ଅଜାଣତରେ ବା ଶିକ୍ଷା ମାଧ୍ୟମରେ ଶିଖିଥାଏ । ଗୋଟିଏ ପୁରୁଷରୁ ପରପୁରୁଷ ସ୍ତରକୁ ସଂସ୍କୃତି ଗୋଟିଏ ଭିତ୍ତିଭୂମି ଭାବରେ ତିଷ୍ଠି ରହିଥାଏ । ମାତ୍ର ଏହାର ବିଶେଷତ୍ୱ ହେଉଛି ଏହା ପ୍ରବହମାନ ଏବଂ ପରିବର୍ତ୍ତନୀୟ । ଏହାର ମୌଳିକତା ବଜାୟ ରହିବା ସହିତ ସମୟ ଓ ପରିବେଶ ସହିତ ନୂତନ ଉପାଦାନ ମିଶିପାରେ । ମୌଳିକ ଭାବଧାରାରେ ସଂସ୍କୃତି ଅକ୍ଷୁଣ୍ଣ ରହିପାରେ ଅବା ସଂସ୍କୃତିର ମୌଳିକତା ଅବକ୍ଷୟ ହୋଇ ମୂଳ ସଂସ୍କୃତି ଧ୍ୱଂସମୁଖୀ ହୋଇଯିବାର ବି ଦେଖାଯାଏ ।

ଆଜିର ଯୁଗରେ ଜଗତୀକରଣ ପ୍ରକ୍ରିୟାର କୌଣସି ସମାଜ, ସରକାର, ରାଜନୀତି ଅବା ଅର୍ଥନୀତି ଲୁଚି ରହିଯିବା ବା ଦୂରେଇ ହୋଇ ରହିବା ଅସମ୍ଭବ । ସେଇ ପରିପ୍ରେକ୍ଷୀରେ ଓଡ଼ିଆ ସଂସ୍କୃତିର ପ୍ରସ୍ଥିତି ଓ ଭବିଷ୍ୟତ ଜଗତୀକରଣ ପଦ୍ଧତିରେ ଦୋଳାୟମାନ ହେବା ସ୍ୱାଭାବିକ । ଏହି ପ୍ରବନ୍ଧଟିର ଜଗତୀକରଣ ପ୍ରଭାବରେ ମୌଳିକ ଓଡ଼ିଆ ସଂସ୍କୃତିର ସମ୍ଭାବ୍ୟ ଚ୍ୟୁତି ବିଚ୍ୟୁତି ସମ୍ପର୍କରେ ଆଲୋକପାତ କରିବା ଉଦ୍ଦେଶ୍ୟ ରହିଛି ।

ଓଡିଶାର ପ୍ରଚଳିତ ସଂସ୍କୃତିକୁ ଓଡିଆ ସଂସ୍କୃତି କୁହାଯାଏ । ବହୁ ପୁରାତନ ସଂସ୍କୃତି । ଓଡିଶା ଇତିହାସର ବିସ୍ତାରରେ ବହୁ ଶତାବ୍ଦୀର ସ୍ୱାଧୀନ ଶାସନ ସହିତ ଏହାକୁ ଅନେକ ବିଦେଶୀ ରାଜତନ୍ତ୍ର ପ୍ରଭାବିତ କରିବାର ପ୍ରୟାସ କରିଛନ୍ତି । କିନ୍ତୁ କେହି ଏହାର ମୌଳିକତାକୁ ଦୂର କରିପାରି ନାହାନ୍ତି । ମନେ ହୁଏ ଓଡିଆ ସଂସ୍କୃତି ଏହାର ଗାଁଗଣ୍ଡା, ଜନରାଶି, ଶିଳାଶିଳ୍ପ, ଭାଷା, ପରମ୍ପରା, ଲୋକକଥା, ମନ୍ଦିର, ଦେବତା ମଧ୍ୟରେ ଜୀବନ୍ତ ରହିବା ସମୟରେ ଅନେକ ସମର, ସାମରିକ ଘାତ ପ୍ରତିଘାତ କ୍ଷଣସ୍ଥାୟୀ ଭାବରେ ଆସି ବିଦାୟ ନେଇଛି । ମାତ୍ର ଓଡିଆ ସଂସ୍କୃତି ମୌଳିକତାରୁ ତିଳେମାତ୍ର ବିଚ୍ୟୁତ ହୋଇନି । ପଡୋଶୀ ବଙ୍ଗଳା ରାଜ୍ୟ ହେଉ କି ଅନ୍ୟ କୌଣସି ପଡୋଶୀ, ଆଫଗାନ ଶାସନକୁ ବହୁ ବର୍ଷ ପ୍ରତିରୋଧ କରିଛି ଓଡିଶା । ଭାରତରେ ହିନ୍ଦୁ ରାଜ୍ୟ ଭାବରେ ବହୁବର୍ଷ ନିରବଚ୍ଛିନ୍ନ ଭାବରେ ଜଗନ୍ନାଥ ସଂସ୍କୃତି ଓ ଓଡିଆ ଭାଷା ପରି ଦୁଇଟି ଶିରିସ ଅଠା ଅଦୃଶ୍ୟରେ ସମଗ୍ର ଓଡିଆଜାତିକୁ ଜାବୁଡି ଧରିଛି ।

ଭାରତର ଧର୍ମ-ବଳୟ ମଧ୍ୟରେ ପୁରୀରେ ଶ୍ରୀଜଗନ୍ନାଥ-ଧର୍ମର ପ୍ରତିଷ୍ଠା ଓ ଗଜପତିଙ୍କ ଉଦ୍ୟମରେ ସାମନ୍ତ ରାଜାମାନଙ୍କର ଜନଜୀବନରେ ସମ୍ପୃକ୍ତି ଓ ସମ୍ପ୍ରସାରଣ ଓଡିଆ ଜୀବନରେ ଏମିତି ପାଣିରେ ଲୁଣ ପରି ମିଳାଇଗଲା ପରି ଦ୍ରବଣ, ତାହାର କେବେ ବି ବିଚ୍ୟୁତି ଘଟି ପାରିବ ନାହିଁ । ସମତାଳରେ ଓଡିଆ ଜୀବନରେ ତାଳ ଦେଇ ବିବର୍ତ୍ତନ ଧର୍ମୀ ଓଡିଆ ଭାଷାର ମାଧୁର୍ଯ୍ୟ, ସରଳ ଜୀବନ ଜୀବିକା, ଓଡିଶୀ ନୃତ୍ୟର ମାଦକତା, ଓଡିଶୀ ସଂଗୀତର ଛନ୍ଦ, ଗ୍ରାମ୍ୟ ପରମ୍ପରାର ବଳିଷ୍ଠତା, ଓଡିଆ ଖାଦ୍ୟର ସ୍ୱାଦ, କଳା-ଭାସ୍କର୍ଯ୍ୟର ସ୍ୱତନ୍ତ୍ର ଶୈଳୀ, ହସ୍ତ ଶିଳ୍ପର ନିଖୁଣତା ଓଡିଆ ସଂସ୍କୃତିକୁ ରଚିମନ୍ତ ଓ ଋଦ୍ଧିମନ୍ତ କରି ରଖିଛି । ଓଡିଶାର ପର୍ବ ପର୍ବାଣୀର ଆଡମ୍ବର, ଓଡିଆ ବେଶ ପୋଷାକ, ଓଡିଆଣୀର ଘରକରଣା ମନୋବୃତ୍ତି, ଅଳ୍ପରେ ସନ୍ତୁଷ୍ଟ ସରଳ ଜୀବନ ନିର୍ବାହ ହେଉଛି ଓଡିଆ ସ୍ୱଭାବ ଓ ଚରିତ । ମନ୍ଦିର ସଂସ୍କୃତି ହିଁ ଓଡିଆ ଆଦର ଏବଂ ସଂସ୍କୃତିର ପ୍ରତିଟି ଉପାଦାନକୁ ଆରାଧ୍ୟ ଶ୍ରୀଜଗନ୍ନାଥଙ୍କୁ ଉତ୍ସର୍ଗ କେବଳ ଓଡିଆ ପ୍ରାଣକୁ ପୁଲକିତ କରେନି, ବରଂ ଓଡିଆ ସଂସ୍କୃତିର ସେତୁବନ୍ଧ ।

ଆଜି ଦିନରେ ସାରା ବିଶ୍ୱ ଜଗତୀକରଣ ପ୍ରକ୍ରିୟାରେ ଉବୁଟୁବୁ ହେଉଛି । ବିଂଶ ଶତାବ୍ଦୀର ଅଶୀ ଦଶକର ଶେଷ ଭାଗରୁ ବିଶ୍ୱରେ ଦେଶ ଦେଶ ମଧ୍ୟରେ ରହିଥିବା ଭୌଗୋଳିକ ସୀମାର ଅନ୍ତ ଘଟିଛି, ରାଷ୍ଟ୍ରର ସାର୍ବଭୌମତ୍ୱ କ୍ଷୁଣ୍ଣ ହୋଇପଡିଛି, ବିଶ୍ୱର ବଜାର ବିକାଶର ସୁଅ ଛୁଟିଛି, ବିଭିନ୍ନ ଦେଶ ନିଜ ମାଟିରେ ବଜାର ଖୋଲିବାକୁ ସୀମା ଉନ୍ମୁକ୍ତ କରି

ଅର୍ଥନୀତିର ଉଦାରୀକରଣ କରିଛନ୍ତି । ଆମ ଭାରତରେ ଗତ ଶତାବ୍ଦୀର ଶେଷ ଦଶନ୍ଧିରେ ଜଗତୀକରଣ ଆପଣେଇଛି । ଜଗତୀକରଣ ମୁହଁ ଦେଖାଇଥିଲା ଗୋଟିଏ ଅର୍ଥନୈତିକ ପଦ୍ଧତିରେ, ମାତ୍ର ଏହାର ସୁଦୂରପ୍ରସାରୀ ପ୍ରଭାବ ଆଜି ସବୁ ବର୍ଗ, ସବୁ ଅନୁଷ୍ଠାନ ଠାରେ ପ୍ରତିଫଳିତ । ସଂସ୍କୃତି ଏହି ପଦ୍ଧତିରୁ କୌଣସି ମତେ ଓହରି ଯିବାର ବାଟ ନାହିଁ ।

ଆଜି ଓଡିଆ ସଂସ୍କୃତିକୁ ଅନୁଧ୍ୟାନ କଲେ ପ୍ରତୀୟମାନ ହୁଏ ଯେ, ଏହା ଜଗତୀକରଣ ପଦ୍ଧତି ସହ ପୂର୍ଣ୍ଣ ମାତ୍ରାରେ ଜଡିତ, ଖସିଯିବାର କୌଣସି ଉପାୟ ରହିନି । ଅନେକ ସମୟରେ ଦେଖାଯାଏ, ଓଡିଆ ସଂସ୍କୃତିକ ପରମ୍ପରାକୁ ଦ୍ୱାହି ଦେଇ ଅନେକ ପାଶ୍ଚାତ୍ୟ ସଭ୍ୟତାରେ ଆଶ୍ରିତ । ଆଜିର ଯୁବବର୍ଗ ଓ ନୂତନ ପିଢି ଓଡିଆର ସଂସ୍କୃତି ଓ ଐତିହ୍ୟକୁ ନିମ୍ନ ମାନର ମନେକରି ପାଶ୍ଚାତ୍ୟ ସଂସ୍କୃତି ଦ୍ୱାରା ଅନୁପ୍ରାଣିତ । ଅନୁଭୂତ ହୁଏ, ଓଡିଆ ସଂସ୍କୃତି ଆଜି ପ୍ରବହମାନ ହେବା ବଦଳରେ ପରିବର୍ତ୍ତନଶୀଳ ହୋଇଛି

ସ୍ୱତଃ ମନରେ ପ୍ରଶ୍ନ ଉଠିବା ନିଶ୍ଚିତ, ଓଡିଆ ସଂସ୍କୃତିର ଗତି କୁଆଡକୁ ? ଜଗତୀକରଣ ପଦ୍ଧତି ଆରମ୍ଭ ବେଳକୁ ବୁଦ୍ଧିଜୀବୀ, ସଂସ୍କୃତିବିତ୍ ମାନେ ଆଶାବାନ ଥିଲେ କି ଅନ୍ୟ ସଂସ୍କୃତିର ପ୍ରଭାବରେ ଓଡିଆ ସଂସ୍କୃତି ଅଧିକ ରଚିମନ୍ତ, ସମୟୋଚିତ ଓ ସୁଦୂରପ୍ରସାରୀ ହେବାର ସୁଯୋଗ ଲାଭ କରିବ । ମାତ୍ର ଏହା କେତେ ଦୂର ରୂପାୟିତ ହୋଇଛି, ତାହା ଆଜିର ପ୍ରଶ୍ନବାଚୀ ।

ଅନ୍ୟୁନ ପାଞ୍ଚଗୋଟି ମୁଖ୍ୟ ବିଷୟ ଉପରେ ଆଲୋଚନା ସୀମିତ କରାଯାଉଛି, ଯଥା - ହସ୍ତଶିଳ୍ପ, ଭାଷା, ପୋଷାକ, ଚଳଣି ଓ ଚରିତ୍ର ।

ଓଡିଶାର ଅନ୍ୟ ନାମ ଉତ୍କଳ, ଉତ୍କର୍ଷ କଳାର ଦେଶ ବୋଲି ଏହି ଭୂଖଣ୍ଡର ନାମ ଉତ୍କଳ । ଏହି ଉତ୍କର୍ଷତା ପରିଲକ୍ଷିତ ହୁଏ ତାର ହସ୍ତଶିଳ୍ପର ପ୍ରସିଦ୍ଧି ପାଇଁ, ଚାନ୍ଦୁଆ ପରି ହସ୍ତଶିଳ୍ପ ପାଇଁ, ପଟ୍ଟଚିତ୍ର ବା ତାଳପତ୍ର ଚିତ୍ର ପାଇଁ, କଂସାବାସନ ଓ ପଥର ବାସନ ପାଇଁ, ମନ୍ଦିରମୟୀ କଳାଭାସ୍କର୍ଯ୍ୟ ପାଇଁ, ମନ୍ଦିର ରୀତି ନୀତି ଓ ପରମ୍ପରା ପାଇଁ, ସାମାଜିକ କ୍ଷେତ୍ରରେ ନୃତ୍ୟ, ସଂଗୀତ ଓ ପ୍ରଚଳିତ ବିବିଧ ଲୋକ ନୃତ୍ୟ ଓ ଲୋକକଥା ପାଇଁ, ଆହୁରି ଅସୁମାରି ବିଷୟ ନେଇ । ଏ ସମସ୍ତ କାରିଗରୀ ଓ କୌଶଳ ମନ୍ଦିର ନୀତି ସହିତ ଜଡିତ । ଏମିତି କି, ମାଣିଆବନ୍ଧ, ନୂଆପାଟଣାର ପାଟବୁଣା ପରିଚ୍ଛଦରେ ଶ୍ରୀଜଗନ୍ନାଥ ଭୂଷିତ ହୁଅନ୍ତି । ଏହି ଶିଳ୍ପକଳାରେ ନିଯୁକ୍ତ ଓଡିଆ ଶିଳ୍ପୀଙ୍କୁ ରୋଜଗାର ଯୋଗାଇବା ସହିତ ପ୍ରୋତ୍ସାହନ ମିଳେ ମନ୍ଦିର ପ୍ରଶାସନରୁ । ମାତ୍ର ଜଗତୀକରଣ ପଚ୍ଚଭୂମିରେ ଆମର ପରମ୍ପରା ବଦଳି ଯାଉଛି । ଚାରୁକଳା ଆଉ ହସ୍ତଶିଳ୍ପ ଜଗତୀକରଣର ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ସମ୍ମୁଖରେ ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି । ଏହା ଜଗତୀକରଣ ବ୍ୟବସ୍ଥାର ଓଡିଆ ସଂସ୍କୃତି ଉପରେ କୁଠାରାଘାତ । ଓଡିଆ ଶିଳ୍ପୀ ଆଜିର ଜଗତୀକରଣ ଯୁଗରେ ବଜାର ଚାହିଦାକୁ ଆଖିରେ ରଖି ହସ୍ତଶିଳ୍ପ ଓ କଳାର ଢାଞ୍ଚା ବଦଳାଇବାରେ ବ୍ୟସ୍ତ । ପାଶ୍ଚାତ୍ୟ ଗରାଖକୁ ସୁହାଇବା ନିମନ୍ତେ, ଅତିଥି ଭବନ ଓ ହୋଟେଲଗୁଡିକର ଶୋଭା ବୃଦ୍ଧି ପାଇଁ ଓଡିଶାର ପାରମ୍ପରିକ କଳାର ବର୍ଣ୍ଣ ଓ ବିନ୍ୟାସ ପରିବର୍ତ୍ତିତ । ମନ୍ଦିର ପରମ୍ପରାରୁ ଜାତ ଉତ୍କଳୀୟ ସୃଜନଶୀଳ ହସ୍ତଶିଳ୍ପ ଆଜି ଅତିଥିଶାଳାର ସାଜସଜ୍ଜା ସାମଗ୍ରୀରେ ସୀମିତ ହୋଇଯାଇଛି । ହସ୍ତଶିଳ୍ପୀମାନଙ୍କର ପାରମ୍ପରିକ ଓ ଉତ୍କଳ ଭିତ୍ତିଭୂମିର ଶିଳ୍ପକଳା ଆଧୁନିକତା ସ୍ରୋତରେ ହଜିଗଲାଣି । ବହୁ ପ୍ରତିଦ୍ୱନ୍ଦ୍ୱୀ ନକଲ କରିବାର ସୁଯୋଗ ନେଇ ଜଗତୀକରଣ କ୍ଷେତ୍ରରେ ଅସଲି ଶିଳ୍ପର ବଇରୀ ସାଜୁଛନ୍ତି ।

ଏଠାରେ ମଧ୍ୟ ଆଲୋଚନା କରାଯାଇପାରେ, କୋଣାର୍କର ସୂର୍ଯ୍ୟମନ୍ଦିର ଓ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର କାଳର ଦଂଶନରେ ଆଜି ଅବକ୍ଷୟର ଶିକାର ହୋଇଛନ୍ତି । ସରକାର ଏହାର ପୁନରୁଦ୍ଧାର କାର୍ଯ୍ୟରେ ଚେଷ୍ଟିତ, ମାତ୍ର ମରାମତି ନିମ୍ନ ମାନର ଓ ପାରମ୍ପରିକ ଶୈଳୀ ବ୍ୟତିରେକ । ଦେଖିବାକୁ ଗଲେ, ସାଦା ପଥରରେ ମରାମତି, ଆଜିର ଦିନରେ ଶିଳାଶିଳ୍ପଭରା ମରାମତି କରିବାରେ କୌଣସି ଅଭାବ ନାହିଁ । ଏହି ପ୍ରବନ୍ଧର ଲେଖିକା ତାଙ୍କର ଗବେଷଣା ସମୟରେ ଅନେକ ହସ୍ତଶିଳ୍ପୀ କାରିଗରଙ୍କୁ ପ୍ରଶ୍ନ କରିଥିଲେ, ସେମାନେ ତାଙ୍କର ପର ପିଢିକୁ ଏହି କାରିଗରୀ କୌଶଳ ଶିଖାଇବାକୁ କେତେ ପରିମାଣରେ ଆଗ୍ରହୀ ? ଏହାର ଉତ୍ତର ଥିଲା ନୈରାଶ୍ୟଜନକ । ଶିଳ୍ପୀମାନଙ୍କର ଆଶଙ୍କା ରହିଛି, ଏହି ଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ, ଏହା ଶିଳ୍ପୀକୁ ସ୍ଥିର ରୋଜଗାର ଦେବାକୁ ସକ୍ଷମ ହୋଇ ପାରିବନାହିଁ । ତେଣୁ ଆଜି ଓଡିଆ ସଂସ୍କୃତିର ବାହକ ଆଖିରେ ଦେଖୁଛି, ନିଜର ହସ୍ତଶିଳ୍ପ, କଳା କାରିଗରୀ ଅବକ୍ଷୟଗାମୀ । ଏହି ଅବକ୍ଷୟ କେତେଦୂର ଗ୍ରହଣୀୟ ତାହା ଚିନ୍ତାର ବିଷୟ ।

ସତରେ ପୁରୁଖା ଲୋକମାନେ ଦେଖନ୍ତି ଆଗକାଳର ବେତବୁଣା ଟୋକେଇ, ଗଉଣୀ, ମାଣ, କୁଞ୍ଚା, ଭୋଗେଇ, ଡାଲିଆ, କୁଲା, ବାଉଁଶିଆ, ହାଣ୍ଡି, ମାଠିଆ, ପିତ୍ତଳ ବାସନ ଆଜି ଦେଖିବାକୁ ବିରଳ । ଯୁବକ ଓ ପିଲାମାନେ ଏହି ନାମ ସହିତ ଆଦୌ ପରିଚିତ ନୁହନ୍ତି । ଏହା ଆମ ଓଡିଆ ଗାଁଗଣ୍ଡାରେ ଚାଲି ଚଳନରେ ପ୍ଲାଷ୍ଟିକ ଓ ବିକଳ୍ପ ଝାଡୁରୁ ଆରମ୍ଭ କରି ହାଣ୍ଡିକୁଣ୍ଡେଇ ପର୍ଯ୍ୟନ୍ତ କୃତ୍ରିମ ବସ୍ତୁରେ ପରିପୂର୍ଣ୍ଣ । ଏହା ଗାଁ ଗଣ୍ଡାର କୁମ୍ଭକାର, ବୁଣାକାର, କୌଳିକ ବୃତ୍ତିରେ ପେଟ ପୋଷୁଥିବା ପରିବାର ଗୁଡିକୁ ବୃତ୍ତିବିହୀନ କରିଦେଇଛି ।

ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ, ହସ୍ତଶିଳ୍ପର ପୁନରୁଦ୍ଧାର ନ ହେଲେ, ଓଡିଆ ସଂସ୍କୃତି ତାର ସତ୍ତା ହରାଇ ବସିବ । ସେଥିପାଇଁ ନୀତିସ୍ରଷ୍ଟା, ବୁଦ୍ଧିଜୀବୀ, ସମାଜସେବୀ ଆଉ ବେସରକାରୀ ଅନୁଷ୍ଠାନ ଗୁଡିକ ପାରମ୍ପରିକ ହସ୍ତଶିଳ୍ପର ପ୍ରୋତ୍ସାହକ ଓ ପୃଷ୍ଠପୋଷକ ନହେଲେ, ଏହି ଓଡିଆ ଜାତିର ଉତ୍କର୍ଷତା ସମୟ ସ୍ରୋତରେ ଆମର କଳିଙ୍ଗର ପୁରାତନ ନୌବାଣିଜ୍ୟ ବ୍ୟବସ୍ଥା ସଦୃଶ ଭାସି ନିଶ୍ଚିହ୍ନ ହୋଇଯିବ, ସ୍ମରଣରୁ ଚାଲିଯିବ ଆଉ ଯାହାକୁ ପ୍ରତ୍ନତତ୍ତ୍ୱବିତ୍ ମାନେ ବି ହିସାବ ପାଇବେନି ।

ଜଗତୀକରଣ ଆଜି ସୂଚନା ଓ ପ୍ରଯୁକ୍ତିକରଣ ପ୍ରସାରରେ ଯଥେଷ୍ଟ ସହାୟକ ହୋଇଛି । ଗଣମାଧ୍ୟମ ଘରେ ଘରେ ପହଞ୍ଚି ପାରିଛି । ପାଶ୍ଚାତ୍ୟ ଗଣମାଧ୍ୟମର ବେଶ୍ ଅନୁକରଣପ୍ରିୟ ଭାରତୀୟ ଓ ଓଡିଶା ଗଣମାଧ୍ୟମ ।

ଟେଲିଭିଜନ୍ ଓ ସବୁ ଗଣମାଧ୍ୟମ ବିଭିନ୍ନ ବାସ୍ତବ କାର୍ଯ୍ୟକ୍ରମ ହାତକୁ ନେଇ କୁନିପିଲା ଓ ଅଭିଭାବକ ମାନଙ୍କୁ ଭାଗନେଇଥିବା ପାଶ୍ଚାତ ଶୈଳୀ ନୃତ୍ୟ, ଗୀତ, ବାଜା ଗୁଡିକର ପ୍ରୋଗ୍ରାମ ପ୍ରସ୍ତୁତ କରିବାରେ ବ୍ୟସ୍ତ । ଶିଶୁମାନେ ସେଇ ପାଶ୍ଚାତ ନୃତ୍ୟ, ଗୀତ ଶିଖିବାରେ ସମୟ କଟାନ୍ତି, ଆମର ପାରମ୍ପରିକ ଓଡିଶୀ, ଓଡିଆ ସଂଗୀତ ସଂପୂର୍ଣ୍ଣ ଅବହେଳିତ ମନେହୁଏ । ପାଶ୍ଚାତ୍ୟ ନୃତ୍ୟର ଚାହିଦା, ପାଶ୍ଚାତ୍ୟ ଗୀତ ଓ ବାଜାର ଚାହିଦା ଆଜି ଆମ ପରମ୍ପରାକୁ ହଜାଇ ଦେବାକୁ ବସିଲାଣି । ମନେ ରଖିବାକୁ ହେବ, ଯେଉଁ ଓଡିଶୀ ଦିନେ ବହୁ ବିଦେଶିନୀଙ୍କୁ ଆକର୍ଷିତ କରିଥିଲା, ଆଜି ଓଡିଶା ଦେଖୁଛି ସମାଜରେ ଓଡିଶୀର ଚାହିଦା ଓ ପୃଷ୍ଠପୋଷକତା କିପରି ସ୍ତରରେ ରହିଛି ।

ଭାଷା ସଂସ୍କୃତିର ଏକ ଦିଗନ୍ତ । ଓଡିଆ ଭାଷାର ପ୍ରାଚୀନତା ସବୁଠାରେ ଉପଲବ୍ଧ । ମହାମୁନି ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଜଗନ୍ନାଥ ଦାସଙ୍କ ପର୍ଯ୍ୟନ୍ତ, ମଧୁବାବୁଙ୍କ ଠାରୁ ଗୋଦାବରୀଶଙ୍କ ପର୍ଯ୍ୟନ୍ତ ମହାମନିଷୀମାନେ ନିଜ ନିଜ ଲେଖନୀ ବଳରେ ଏହି ଭାଷାକୁ ପରିପୁଷ୍ଟ କରିଛନ୍ତି । ଏକ ସମୟରେ ଓଡିଆ ଭାଷା ଅସ୍ତିତ୍ୱ ହରାଇବାକୁ ବସିଥିବା ବେଳେ, ଅନେକ ଉତ୍କଳ ସନ୍ତାନ ଏହି ଭାଷାର ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ । ଲେଖନୀ ସହିତ ଉତ୍କଳ ସମ୍ମିଳନୀ ମାଧ୍ୟରେ ଓଡିଆ ଭାଷାର ଉଦ୍‌ଘୋଷଣ କରାଯାଇଥିଲା । ଓଡିଆ ଭାଷା ଏକନିଷ୍ଠ ହୋଇ ସୃଷ୍ଟି କରିବାକୁ ସମର୍ଥ ହୋଇପାରିଥିଲା ସ୍ୱତନ୍ତ୍ର ଓଡିଶା । ତା ପରେ ବି ଚାଲୁ ରହିଛି ବିଚ୍ଛିନ୍ନ ଓଡିଆଭାଷୀଙ୍କ ସମ୍ମିଶ୍ରଣ । ବାସ୍ତବରେ ଏହି ପ୍ରାଚୀନ ଓଡିଆ ଭାଷା ଏକ ରୁଚିମନ୍ତ ଓ ଋଦ୍ଧିମନ୍ତ ଭାଷା । ଏହାର ଶବ୍ଦ ବିନ୍ୟାସ, ଭାବର ପରିପ୍ରକାଶ, ପ୍ରକୃତିର ସମୀକରଣ ଓ ମାଧୁର୍ଯ୍ୟରେ ଏହାର ତୁଳନା ନାହିଁ ।

ଆଜିର ଜଗତୀକରଣ କି ପ୍ରଭାବ ପକାଇଛି ଓଡିଆ ମାତୃଭାଷା ଉପରେ ?

ବିଶ୍ୱ ବଜାରନୀତି ଆଜି ଦାବି କରେ ଭାଷାଗତ କୌଶଳ !

ଇଂରାଜୀ ଭାଷା ଆଜିର ବିଶ୍ୱର ପ୍ରମୁଖ ଭାଷା । ଆମର ଉଦ୍ୟମ ନିଜ ସନ୍ତାନ ସନ୍ତତିଙ୍କୁ ଇଂରାଜୀ ଭାଷାରେ ପୋଖତ କରିବାକୁ । ଓଡିଆ ମାଧ୍ୟମ ବିଦ୍ୟାଳୟରେ ପିଲାଙ୍କୁ ପଢାଇବାକୁ ଅମଙ୍ଗ । ପିଲାମାନେ ଚାକିରି ପାଇବେନି, ବାହାରକୁ ଯାଇ ପାରିବେନି । ଏଥିପାଇଁ ଆମ ଘର ମାନଙ୍କରେ ଓଡିଆ ଅନେକାଂଶରେ ବଦଳି ଗଲାଣି । ବାର୍ତ୍ତାଳାପରେ ଅଧା ଇଂରାଜୀ, କେତେକାଂଶରେ ହିନ୍ଦୀ । ଆଜିର ଜୀବନ ମୂଳ ଓଡିଆ ଭାଷାର ପରିପନ୍ଥୀ ହୋଇ ପଡିଛି । ଆମର କୁଶଳୀ ଟେଲିଭିଜନ୍ ଘୋଷକ ବା ଘୋଷିକା ବହୁ ହିନ୍ଦୀ ବା ଇଂରାଜୀ ଶବ୍ଦକୁ ଓଡିଆ ଭାବରେ କହନ୍ତି, ଏହି ଉପସ୍ଥାପନା ଓଡିଆ ଭାଷାର ଅଜସ୍ର କ୍ଷତି କରୁଛି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଓଡିଆ ଭାଷାକୁ କିମ୍ଭୂତକିମାକାର କରିବାକୁ ଗଣମାଧ୍ୟମର ଏହି ନିନ୍ଦନୀୟ ଭୂମିକାକୁ ଜଗତୀକରଣର ପ୍ରଭାବ ନ କହିବା କିପରି ?

ଆହୁରି ଉଦାହରଣ ସ୍ୱରୂପ କୁହାଯାଇ ପାରେ କି ଆଜିର ସଂସ୍କୃତି ସମ୍ପନ୍ନ ପିତାମାତା କି ଅଭିଭାବକମାନେ ଗର୍ବର ସହ ଘୋଷଣା କରନ୍ତି, ତାଙ୍କ ପିଲା ଓଡିଆ ମାଧ୍ୟମରେ ପଢି ନାହାନ୍ତି କି ଓଡିଆ ବୁଝନ୍ତି ନାହିଁ । ଲେଖିକା ଥରେ ଗୋଆରେ ଗୋଟିଏ ହୋଟେଲରେ ଦୁଇଜଣ ଓଡିଆ ଲୋକଙ୍କ ସହ ମିଶିବାର ସୁଯୋଗ ପାଇଥିଲେ । କିନ୍ତୁ ସେମାନଙ୍କର କଥା କହିବାର ଠାଣିରୁ ସେମାନଙ୍କର ହିନ୍ଦୀ କହିବାର ମାନସିକତା ଆଉ ଓଡିଆ ବୋଲି ଚିନ୍ତା କରିବାର ଅନାଗ୍ରହ ମନରେ କୌତୂହଳ ସୃଷ୍ଟି କରିଥିଲା । ସତରେ ଅନେକ ଓଡିଶା ସୀମା ଟପିଗଲେ ମାତୃଭାଷା ଛାଡି କୁନ୍ଥେଇ କୁନ୍ଥେଇ ଖଣ୍ଡି ହିନ୍ଦୀ କି ଖଣ୍ଡି ଇଂରାଜି କହନ୍ତି । ଏଇଟା କି ମାନସିକତା ବୁଝା ପଡେନି । ଓଡିଆ ବୋଲି ଆମ ମନର ଗର୍ବ ପରିବର୍ତ୍ତେ ଲଜ୍ଜାବୋଧ କରିବା ହୀନମନତା ଛଡା ଆଉ କଅଣ ହୋଇପାରେ ?

ଆମ ପୋଷାକ ପରିଚ୍ଛଦରେ ଓଡିଆ ସଂସ୍କୃତି ଆଜି ସ୍ମୃତିରେ ରହିବାକୁ ଗଲାଣି । ଓଡିଶାରେ ସମ୍ବଲପୁରୀ ଶାଢୀ, ଅଳଙ୍କାର, ଧୋତି କୁର୍ତ୍ତାର ଆଉ କେହି ଧାର ମାଡୁ ନାହାନ୍ତି । ହାଟ ବଜାରରେ ବି ମିଳୁନି । ଏମିତି କି ଆମର ଜେଜେ ବା ଅଜା ଚାହିଲେ, ତାଙ୍କ ଲାଗି କମିଜ ବା କୁରୁତାଟିଏ କିଣିବାକୁ ବିରଳ । ଏମିତିକି ଓଡିଆ ଝିଅ ବୋହୂମାନେ ପୂଜାପଣାରେ, ବିବାହ ବ୍ରତରେ କି ମନ୍ଦିରରେ ଆଉ ଶାଢୀ ନ ପିନ୍ଧି କାମ ଚଳାଇ ନେଉଛନ୍ତି । ପାଶ୍ଚାତ୍ୟ କ୍ଷୁଦ୍ର ଓ ପ୍ରଦର୍ଶନକାରୀ ପୋଷାକ ସମସ୍ତଙ୍କର ପ୍ରିୟ ହୋଇଛି । ଯେଉଁ ଓଡିଆ ମହିଳା ବିଦେଶ ଗଲେ ସେଠିକା ସମାଜ ଘୂରି ଘୂରି ଶାଢୀ ପିନ୍ଧା ଶୈଳୀ କୌତୂହଳ ସହିତ ଦେଖନ୍ତି କିମ୍ବା ଭୁବନେଶ୍ୱର ଆସିଲେ ମେହେର୍ସ ଶାଢୀ ଦୋକାନରୁ ଖଣ୍ଡେ ସମ୍ବଲପୁରୀ ଶାଢୀ କିଣି ଯେନ ତେଣ ପ୍ରକାରେଣ ଦେହରେ ଗୁଡାଇ ମନରେ ଅପୂର୍ବ ତୃପ୍ତି ପାଆନ୍ତି, ଆଜି ସେମାନେ ଆସିଲେ ଦେଖିବେ ଓଡିଆଣୀ ସେମାନଙ୍କ ଚିପା ଛୋଟ ପୋଷାକରେ ବିଦେଶିନୀ ପାଲଟି ଗଲେଣି !

ପରିଶେଷରେ ଓଡିଆ ଚଳଣି ଆଉ ଓଡିଆ ଚରିତକୁ ଦେଖିବା । କେତେ ଦୂର ଆମର ଏ ଦିଗରେ ପୁରୁଣା ସଂସ୍କୃତି ବଜାୟ ରଖି ପାରିଛେ ? ଆମେ ଚିରାଚରିତ ଆଦର୍ଶ ଓଡିଆ ବ୍ୟକ୍ତିତ୍ୱ କେଉଁ ସ୍ତରରେ ରଖିପାରିଛେ ? ଆବାହମାନ କାଳରୁ ଓଡିଆ ବ୍ୟକ୍ତିତ୍ୱ ହେଉଛି ସାଧାରଣ, ଆଡମ୍ବର ଶୂନ୍ୟ, ସରଳ, ଏବଂ ସତ୍ୟବନ୍ତ । ଓଡିଆ ବାକ୍ୟ ଗର୍ବର ବହୁ ନୀଚରେ, ବାହାସ୍ଫୋଟ ମାରିବା ବା ଉଦ୍ଧତ ବ୍ୟବହାର ଅସହ୍ୟ ହୁଏ ଏ ଜାତିକୁ । କମ୍ କଥା ଆଉ ବେଶି କାମ ଏମାନଙ୍କର ଆଦର୍ଶ । ଆଜି ଏମିତି ଆଦର୍ଶ ଯଦି ଗାଁ ଗଣ୍ଡାରେ ଲୁଚି ରହି ପାରିଥିବ, ସହର ବଜାର କି ଦେଖା ଶୁଣାରେ ମିଳେନି । ଜଗତୀକରଣ ଶିଖାଇଛି ଆତ୍ମ ଗାରିମା ଆଉ ଆତ୍ମପ୍ରଚାର । ଲୋପ ପାଇଗଲାଣି ଓଡିଆ ଆତ୍ମ-ସତ୍ତା । ଦୁନିଆରେ ବଞ୍ଚି ରହିବାକୁ ହେଲେ, ବଣିଜ ବ୍ୟବସାୟରେ ତିଷ୍ଠି ରହିବାକୁ ହେଲେ ପ୍ରଚାର ହିଁ ସାର । ଅଳ୍ପକୁ ବହୁତ ଓ ବହୁତକୁ କମ୍ କହିବାର ଅଭ୍ୟାସ ଜଗତୀକରଣ ଶିଖାଉଛି । ଓଡିଆ ଚରିତ ଏହାଠାରୁ ତ୍ରାହି ପାଇବ କିପରି ?

ଟିକିଏ ଦେଖିବା ଆମର ଶତକଡା ଅଶୀ ଭାଗ ଗ୍ରାମବାସୀ ଓଡିଆ ଜୀବନକୁ । କୁହାଯାଏ, ଶାସନ ପରେ ଶାସନ ଗଲାଣି, ଗଲେଣି ଆଫଗାନ, ମୋଗଲ, ମରହଟ୍ଟା ଆଉ ଇଂରେଜ – ମାତ୍ର ଓଡିଆ ଗାଁ ଏମାନଙ୍କ ପ୍ରଭାବରୁ ମୁକ୍ତ । ଗୋଷ୍ଠୀଗତ ଜୀବନ, ଦିଆ ନିଆର ସଂସାର ।

ଅଭାବରେ ଭାବ ଆଉ ଦାରିଦ୍ର୍ୟରେ ବି ପ୍ରାଚୁର୍ଯ୍ୟ । କିନ୍ତୁ ସେହି ସାମୂହିକ ଗ୍ରାମ୍ୟ ଜୀବନ ଆଉ ଯୌଥ ପରିବାର ଆଜି କିପରି ରହିଛି ? ଅତିଥି ପରାୟଣ ପରକୁ ମୁକ୍ତ ଭାବରେ ସହାୟକ ହେଉଥିବା ଓଡିଆ ଆଜି ପରଶ୍ରୀକାତର, ସ୍ୱାର୍ଥୀ ଆଉ ବସ୍ତୁବାଦୀ ଦୁନିଆର ଦାବିଦାର ।

ଜଗତୀକରଣ ବିଶ୍ୱର ବଜାର ବ୍ୟବସ୍ଥାରେ ବୃହତ୍ ରାଷ୍ଟ୍ର ଏବଂ ବହୁରାଷ୍ଟ୍ରୀୟ କମ୍ପାନୀ ଗୁଡିକର ତୁଷ୍ଟିକରଣ ସହିତ ସେମାନଙ୍କର ସଂସ୍କୃତିର ବିତରଣ କରି କ୍ଷୁଦ୍ରାତିକ୍ଷୁଦ୍ର ରାଷ୍ଟ୍ରଗୁଡିକର ଅର୍ଥନୀତି ଓ ସଂସ୍କୃତିର ଅବକ୍ଷୟର ଜ୍ୱଳନ୍ତ ଉଦାହରଣ । ଯେଉଁ ଓଡିଆ ସଂସ୍କୃତି ଯୁଗେ ଯୁଗେ ସହନଶୀଳ, ଈଶ୍ୱରବିଶ୍ୱାସୀ ଆଉ ବିଭୁସତ୍ତାରେ ନିଜକୁ ମଜ୍ଜାଇ ଆନନ୍ଦ ଲାଭ କରୁଥିଲା, ସହନଶୀଳ ଆଉ ବିଶ୍ୱକଲ୍ୟାଣକର ବସୁଧୈବ କୁଟୁମ୍ବକମ୍ ଏବଂ ସର୍ବେ ଭବନ୍ତୁ ସୁଖୀନଃ ନୀତିରେ ବିଶ୍ୱାସ ରଖିଥିଲା, ଆଜି କିନ୍ତୁ ବଦଳି ଯାଇଛି । ଅପର ପକ୍ଷରେ ସିଏ ଆଜି ଅସହିଷ୍ଣୁ, ଜଟିଳ ଆଉ ବସ୍ତୁତନ୍ତ୍ରରେ ବିଶ୍ୱାସ କରେ । ଯୌତୁକ ପ୍ରଥାରେ ବିଶ୍ୱାସ କରି ଯୌତୁକ ଜନିତ ହିଂସାକାଣ୍ଡ, ରକ୍ତ ସମ୍ପର୍କୀୟ ହତ୍ୟା ଓ ଗୋଷ୍ଠୀକନ୍ଦଳ ଘଟାଇବାକୁ ଦ୍ୱିଧା କରୁନାହିଁ । ଚୋରି, ରାହାଜାନୀ, ଠକାମି ଆଜିକାର ଯୁବ ଓଡିଆ ମାନଙ୍କର ଆଉ ଲଜ୍ଜାଜନକ ବା ଅସାମାଜିକ ବୋଲି ମନରେ ଘୃଣାଭାବ ନାହିଁ ।

ଏହି ସବୁ ପର୍ଯ୍ୟାଲୋଚନା ପରେ ଏତିକି କୁହାଯାଇ ପାରେ ଯେ, ଜଗତୀକରଣ ଦ୍ୱାରା ଓଡିଆ ସଂସ୍କୃତି ଆଜି କ୍ଷତବିକ୍ଷତ । ପ୍ରଶ୍ନ ଉଠିବା ସ୍ୱାଭାବିକ - ଏଥିପାଇଁ ଜଗତୀକରଣ ଦାୟୀ  ନା ଓଡିଶାର ଜନତା ଦାୟୀ । କୌଣସି ପ୍ରକ୍ରିୟାର ପ୍ରଭାବକୁ ଉପଯୁକ୍ତ ଭାବରେ ବ୍ୟବହାର କରିବା ମନୁଷ୍ୟର ମାନସିକତା ଉପରେ ନିର୍ଭର କରେ । ଓଡିଆ ଜନମାନସର ପରିବର୍ତ୍ତନ ପାଇଁ ନିଜେ ଜନତା ହିଁ ଦାୟୀ । ତେଣୁ ବର୍ତ୍ତମାନ ପରିପ୍ରେକ୍ଷୀରେ ଆମକୁ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଆମର ଗତାନୁଗତିକ ଓଡିଆ ସଂସ୍କୃତିରେ ଆମେ ଥିଲୁ କଅଣ ଆଉ ଆଜି କଅଣ ହୋଇଛୁ । ଏଥିପାଇଁ ସମାଜରେ ଚେତନା ଜାଗରଣ କରିବାର ସମୟ ଆସିଛି ବୁଦ୍ଧିଜୀବୀ ଆଉ ସମାଜସେବୀ ଲୋକମାନଙ୍କର । ଜନ-ସଚେତନତା ବୃଦ୍ଧିକରି ଜନ-ଜାଗରଣ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି । ପାରମ୍ପରିକ ସଂସ୍କୃତିରେ ତିଷ୍ଠି ରହିବାର ଅବକାଶ ନାହିଁ, ବରଂ ପ୍ରବହମାନ ପ୍ରଯୁକ୍ତି ବିଜ୍ଞାନ ଯୁଗରେ ନିଜକୁ, ନିଜ ସଂସ୍କୃତିକୁ ଆଉ ନିଜ ଭାଷାକୁ ସଜାଇନେବା, ଅବକ୍ଷୟକାରୀ ବୈଦେଶୀ ପ୍ରଭାବକୁ ସମାଲୋଚନା କରି ସେଗୁଡିକୁ ଆମ ଦୈନନ୍ଦିନ ଜୀବନରୁ ବିଯୁକ୍ତ କରିଦେବାର ଶପଥ ନେବା । ଏମିତି ଏକ ସୁପୁଷ୍ଟ ସଂସ୍କୃତିର ସାମାଜିକ ସ୍ରୋତ ଆମର ସ୍ୱାଭିମାନ ଓ ଅସ୍ମିତାକୁ ସ୍ୱତନ୍ତ୍ର ଏବଂ ଅତୁଟ କରି ଗଢି ତୋଳିବ । ବିଶ୍ୱ ଦରବାରରେ ଓଡିଆ ଜାତିର ମାନ ବଢାଇବ ।

ଏହା ହିଁ ଜଗତୀକରଣ ଯୁଗରେ ଆମ ସଂସ୍କୃତିର ସଂରକ୍ଷଣ, ପୁନରୁଦ୍ଧାର ଏବଂ ହୀନମନ୍ୟତା ପରିବର୍ତ୍ତେ ଉଚ୍ଚମନ୍ୟତା ।

ପ୍ରଫେସର ଓ ମୁଖ୍ୟ,
ସୋସିଓଲଜି ଡିପାର୍ଟମେଣ୍ଟ, ଉତ୍କଳ ବିଶ୍ୱ ବିଦ୍ୟାଳୟ,
ବାଣୀ ବିହାର, ଭୁବନେଶ୍ୱର,
ମୋ - ୯୪୩୭୨୧୧୫୮୮

✠✠✠



# ଓଡିଆ ପରବ ହରାଏ ଗୌରବ

**ମନୋଜ କୁମାର ମହାପାତ୍ର**

ଭାଷା ଓ ସଂସ୍କୃତିକୁ ନେଇ ଗୋଟିଏ ଜାତିର ପରିଚୟ । ଭାଷା ଓ ସଂସ୍କୃତି କ୍ଷୀଣ ହେଲେ, ଜାତିର ଅସ୍ତିତ୍ୱ ଟଳମଳ ହୁଏ । ଆମର ପୂର୍ବସୁରୀମାନେ ଏହି କଥାଟିକୁ ହେଜି ଥିବାରୁ ଭାଷାକୁ ବଂଚାଇବାକୁ ଅଂଟା ଭିଡ଼ିଥିଲେ । ଆମକୁ ତାହାର ସୁଫଳ ମିଳିଛି । ଠିକ୍ ସେହିପରି ପର୍ବପର୍ବାଣିକୁ ନେଇ ପରମ୍ପରା ଓ ସଂସ୍କୃତି ଯାହା ଦ୍ୱାରା ଭାଷା ପରିପୁଷ୍ଟ ହୋଇଥାଏ । ଭାଷା ଓ ପରମ୍ପରାକୁ ଜାଣିଶୁଣି କେହି ତିଆରି କରିନାହାଁ । ବରଂ ସ୍ୱତଃସ୍ଫୂର୍ତ ଭାବେ ପରମ୍ପରା ଓ ସଂସ୍କୃତି ସୃଷ୍ଟି ହୋଇଥାଏ । ପ୍ରତ୍ୟେକ ପର୍ବପର୍ବାଣିର ଗାଟିଏ ଲେଖାଏଁ ବୈଶିଷ୍ଟ୍ୟ ରହିଛି । ଗୋଟିଏ ପର୍ବ ଗୋଟିଏ ଜାତି ସହିତ ଓତପ୍ରୋତ ଭାବରେ ଜଡ଼ିତ । ଗୋଟିଏ ଗୋଟିଏ ପର୍ବପର୍ବାଣୀ ଭିତରେ ରହିଛି ସେହି ଜାତିର ଇତିହାସ, ସଂସ୍କୃତି, ଚେତନା, ଭାବାବେଗ, ଚଳଣି ଇତ୍ୟାଦି । ସେହି ଦୃଷ୍ଟିରୁ ଓଡ଼ିଆ ଏକ ପ୍ରାଚୀନ ଭାଷା ଯାହା ଏକ ଜୀବନ୍ତ ଗଦ୍ୟାତ୍ମକ ପରମ୍ପରା ଓ ସଂସ୍କୃତିରୁ ଜନ୍ମ । ପ୍ରକୃତିର ବୈଶିଷ୍ଟ୍ୟ ହେଲା ବିବିଧତା । 'ଦେଶକା ଫାଙ୍କ୍, ନଈକା ବାଙ୍କ୍' ନ୍ୟାୟରେ ସବୁ ପର୍ବପର୍ବାଣିର ସୃଷ୍ଟି । ଯେଉଁ ପରମ୍ପରାରେ ଲୋକେ ନିଜର ପର୍ବପର୍ବାଣିକୁ ହେୟ ଜ୍ଞାନ କରନ୍ତି, ସେହି ପର୍ବଟି ସମୟ ଚକ୍ରରେ ବିଲୁପ୍ତ ହୋଇଯାଏ ।

ଓଡିଶାରେ ଗୋଟିଏ ଢଗ ଅଛି ବାରମାସରେ ତେର ଯାତ୍ରା ଯାହା ଆମର ଜଗନ୍ନାଥ ସଂସ୍କୃତି ସହ ଓତପ୍ରୋତ ଭାବେ ଜଡିତ । ସବୁମାସରେ କିଛି ନା କିଛି ବ୍ରତ କିମ୍ବା ଓଷା ଓଡିଆ ଘରେ ପାଳିତ ହୁଏ । ଆମର ଓଡିଆ ପର୍ବପର୍ବାଣି ଭାରତର ଅନ୍ୟ ରାଜ୍ୟ ତୁଳନାରେ ନିଆରା, ଯାହାର ବୈଶିଷ୍ଟ୍ୟ ରହିଛି । କିନ୍ତୁ ବର୍ତ୍ତମାନ ଲକ୍ଷ୍ୟ କରାଯାଏ ଯେ ଆବହମାନ କାଳରୁ ପ୍ରଚଳିତ ଆମର କେତେକ ମୁଖ୍ୟ ପରମ୍ପରା ନିଜର ମହତ୍ୱ ହରାଇ ବସିଲାଣି ଏବଂ ତା ଜାଗାରେ ଆଉକିଛି ଆମଦାନୀ ହୋଇଥିବା ପରମ୍ପରା ସମାଜ ଉପରେ କର୍ତ୍ତୃତ୍ୱ ଜାହିର କରି ବସିଛି । କିଛି ପରମ୍ପରାଠାରୁ ଲୋକ ଦୂରେଇଯିବାକୁ ଉଚିତ ମଣିବାବେଳେ ଆଉ କିଛି ପରମ୍ପରାକୁ ଅତି ଆଡ଼ମ୍ବର ସହକାରେ ପାଳନ କରିବା ନଜରକୁ ଆସୁଛି । କିନ୍ତୁ ଯେଉଁ ପରମ୍ପରା ସହିତ କିଛି ଫେସନ୍ ଯୋଡ଼ି ହୋଇ ଯାଉଛି ତାହାର ଆଦର ଏବେ ବହୁତ ଅଧିକ ବଢ଼ିଯାଇଛି । ଉତ୍ତର ଭାରତର ସେଇ ଧନତେରାସ୍ ପରମ୍ପରା ଆମ ସହର କେବଳ ନୁହେଁ ଗାଁ ଗହଳିକୁ ଆଜି ପ୍ରଚଣ୍ଡ ଭାବେ ଆକ୍ରାନ୍ତ କରିଛି । ଧନୀ ଗରିବ ଏକାକାର ହେଇ ସେଇ ଦିନ ସୁନା କିଣନ୍ତି କଣ ନା ଲକ୍ଷ୍ମୀ ଘରକୁ ଆସିବେ । ଏମିତି ଅନେକ ବାହାର ଦେଶ ଓ ରାଜ୍ୟର ପରବ ଆମ ଓଡିଆ ସଂସ୍କୃତିକୁ ପାଣିଚିଆ କରି ଗୁରୁତ୍ୱହୀନ କରିସାରିଲେଣି । ଯେତିକି ଓଡିଶା ବାହାରର ବାବାଜୀ ଓ ସାଧୁ ସନ୍ନ୍ୟାସୀଙ୍କର ଭକ୍ତ ଆମ ଓଡିଶାରେ ବେଶୀ, ଆଉ ଆମର ପଂଚସଖା ଏବଂ ସାଧୁ, ସନ୍ନ୍ୟାସୀଙ୍କର ଯେତେ ମଠ ଅଛି ସେଗୁଡ଼ିକ ଶୂନଶାନ । ଶ୍ରାବଣ ମାସରେ ଆମ ଓଡିଶାରେ ହଜାର ହଜାର ସଂଖ୍ୟାରେ ବାଉଙ୍ଗି କାନ୍ଧେଇ ଭକ୍ତମାନେ ନଦୀରୁ ଜଳ ନେଇ ଶିବ ମନ୍ଦିର ଆଡକୁ ଧାଇଁବା ଭଳି ପରମ୍ପରା ପୂର୍ବରୁ ଓଡିଶାରେ ଦେଖା ନଥିଲା ଯାହା ଆଜି ରାସ୍ତା ଘାଟ ସେମାନଙ୍କର ଧ୍ୱନି ଓ ଠାଣିରେ ପ୍ରକମ୍ପିତ ହେଉଛି ।

ଅତୀତରେ ଓଡିଶାର ପୁରପଲ୍ଲୀରେ ରାମନବମୀ ପାଳନ କରାଯାଏ । ସଜା ହେଇଥିବା ସୁନ୍ଦର ମେଢରେ ରାମ, ଲକ୍ଷ୍ମଣ, ସୀତା, ଭରତ, ଶତୃଘ୍ନ ଓ ହନୁମାନଙ୍କର ମୂର୍ତ୍ତି ଶୋଭାପାଏ । ନଅ ଦିନଯାକ ବାଲ୍ମୀକି ରାମାୟଣ ପଢାଯାଏ । ରାମ ଲୀଳା ସହିତ ଯାତ୍ରା ଓ ପାଲା ପରିବେଷିତ ହୁଏ । ବିସର୍ଜନ ପରେ ମେଢକୁ ଶୋଭାଯାତ୍ରାରେ ନେଇ ନଦୀ ଓ ପୋଖରୀରେ ବିସର୍ଜନ କରାଯାଏ । କା ଭାଁ କଉଁଠି ରାମ ମନ୍ଦିର ଅବା ହନୁମାନ ମନ୍ଦିର ଥାଏ । ଲୋକେ ସେଠାକୁ ଯାଇ ପୂଜାର୍ଚ୍ଚନା କରନ୍ତି । କିନ୍ତୁ ଆଜି ଯାହା ସବୁ ଦେଖୁଛୁ ମହାପୁରୁଷ ଓ ଦେବଦେବୀମାନଙ୍କୁ ଯଥା ସ୍ଥାନରେ ସ୍ଥାପିତ କରି ସମ୍ମାନ ଦେବା କଥା ତାହା ଆଜି ହେଉନି । ତେବେ ଆମ ଓଡିଶାରେ ରାମଭକ୍ତ ହନୁମାନ ଯାହାଙ୍କୁ ଆମେ ଖଟୁଳି ବା ଗୋଟିଏ ଆସ୍ଥାନରେ ରଖି କେଉଁ କାଳରୁ ପୂଜା ଉପାସନା କରନ୍ତି,ଆଜି ରାସ୍ତା ଘାଟ ଏମିତିକି ଅପରାନ୍ତ ଜାଗାମାନଙ୍କରେ ବିରାଟ ହନୁମନ୍ତ ମୂର୍ତ୍ତି ଠିଆ କରାଯାଇଛି ? ଭୋଗ ରାଗ ତ ଦୂରର କଥା, ଫୁଲଟିଏ ବି ଏହି ମୂର୍ତ୍ତିମାନଙ୍କରେ ଚଢାଯାଉନି । କୁଆ, ଚଢେଇ ଏହା ଉପରେ ମଳତ୍ୟାଗ କରନ୍ତି, ବୁଲା କୁକୁର ଓ ଷଣ୍ଢ ପ୍ରଭୃତି ସେଠି ମୂତନ୍ତି, ଅରମା ବଣ ଭିତରୁ ଦୁର୍ଗନ୍ଧ ମାଡିଆସେ । କାହିଁକି କାହାର ଆଖି ତ ସେଗୁଡିକ ଉପରେ ପଡେନି । ଆଉ ରାମ ନବମୀ ଦିନ କାର, ବାଇକ୍, ସାଇକେଲ, ହାତରେ ଜୟ ଶ୍ରୀରାମ

ପତାକା ଓ ମୁଣ୍ଡରେ ଗେରୁଆ ପଟି ବାନ୍ଧି ଜୟ ଶ୍ରୀରାମ ନାରାରେ ଗଗନ ପବନ ହୁଲୁସ୍ଥୁଲ କରନ୍ତି, ସେମାନଙ୍କର ନିଘା ବି ଏ ମୂର୍ତ୍ତିମାନଙ୍କ ଉପରେ ପଡେନି ? ଯେଉଁ ପବନପୁତ୍ର ହନୁମାନଙ୍କ ନାଁ ଉଚ୍ଚାରଣରେ ଶନିଙ୍କର କୋପ ଦୃଷ୍ଟିରୁ ତ୍ରାହି ମିଳେ ଓ ଯିଏ ସର୍ବରିଷ୍ଟ ଖଣ୍ଡନ କରନ୍ତି ବୋଲି ଲୋକଙ୍କର ବିଶ୍ୱାସ ତାଙ୍କୁ ଏମିତି ଅବସ୍ଥାରେ ଯେଉଁ ଲୋକ ଓ ଦଳମାନେ ରଖିଛନ୍ତି, ସେମାନଙ୍କ ବିରୋଧରେ କାହିଁ ତ କେହି ପଦଟିଏ କଥା କହୁନାହାନ୍ତି ?

ଉତ୍ତର ଭାରତର ପରମ୍ପରା ଆମର ପର୍ବପର୍ବାଣି ଓ ସଂସ୍କୃତିକୁ କ୍ରମଶଃ ମାଡି ବସୁଛି । ଯେମିତି ରାକ୍ଷୀ ପୂର୍ଣ୍ଣିମା ଭଳି କିଛି ପରବ ଆମ ଗାଁ ମାନଙ୍କରେ ନଥିଲା । ସେଇ ପୂନେଇକି ଆମେ ଗହ୍ମା ପୂନେଇ କହୁ । ଏଣ୍ଡୁରି ପିଠା ତିଆରି ହୁଏ,ଗୋରୁ ମାନଙ୍କୁ ପରିଷ୍କାର ପରିଚ୍ଛନ୍ନ କରି ଗାଧୋଇ ଦିଆଯାଏ, ପେଟ ଭରି ସେମାନଙ୍କୁ ଏଣ୍ଡୁରି ଖାଇବାକୁ ଦିଆଯାଏ । ବ୍ରହ୍ମଣମାନେ ସେଦିନ ପଇତା ସଙ୍ଗାଡି ଯଜମାନଙ୍କୁ ଦେଇ ଦକ୍ଷିଣା ନିଅନ୍ତି । ଆଜିକାଲି ଯେମିତି ଯୁବକ ଯୁବତୀ  ରାକ୍ଷୀ ବାନ୍ଧି ରାସ୍ତାଘାଟରେ ବୁଲୁଛନ୍ତି ,ସେମିତି ଆଗକାଳରେ ଓଡିଶାରେ ପରିଲକ୍ଷିତ ହେଉ ନଥିଲା । କେଉଁ କାଳରୁ ଚଳି ଆସୁଥିବା ଗହ୍ମା ପୂର୍ଣ୍ଣିମାର ପ୍ରକୃତ ମହତ୍ୱକୁ ଆଜି ରାକ୍ଷୀ ପୂର୍ଣ୍ଣିମା ପ୍ରାୟ ଗର୍ଭସାତ କରିସାରିଲାଣି ।

ଏହି କାଉଡ଼ିଆ ପରମ୍ପରା ପ୍ରଥମେ ଗଙ୍ଗାର ପ୍ରମୁଖ ଧାର୍ମିକସ୍ଥଳୀ ହରିଦ୍ୱାର, ଗୋମୁଖ, ଗଙ୍ଗୋତ୍ରୀ, ଉତ୍ତରାଖଣ୍ଡ ଅ*ଚଳରେ ପ୍ରଥମେ ଦେଖିବାକୁ ମିଳୁଥିଲା । ଏହି ସ୍ଥାନରୁ ଶିବଭକ୍ତମାନେ ପାଣି ଭାର ନେଇ ନିଜ ଅ*ଚଳରେ ଥିବା ଶୈବପୀଠରେ ନିଜର ମାନସିକ ପୂରଣ ପାଇଁ ଢାଳନ୍ତି । ଏହାକୁ କନୱାର ଯାତ୍ରା ବୋଲି କୁହାଯାଏ ଯାହା କନୱାରିସ (ଯାହାକୁ କାଉଡ଼ିଆ ବୋଲି ଦେବନାଗରୀ ଭାଷାରେ କୁହାଯାଉଥିଲା), ମାନେ ଭଗବାନ ଶିବଙ୍କୁ ଜଳଲାଗି କରିବାକୁ ଯାଉଥିଲେ । ନିଜର ମନସ୍କାମନା ପୂରଣ କରିବାକୁ ସେମାନେ ଶ୍ରାବଣମାସ ସାରା ନିଷ୍ଠାର ସହ ରହି ସୋମବାରରେ ଜଳାଭିଷେକ କରନ୍ତି । ଏହି ପରମ୍ପରା ବିଶେଷତଃ ଗଙ୍ଗାନଦୀ ପ୍ରବାହିତ ଅ*ଚଳର ଅବବାହିକାର ଥିବା ଲୋକମାନେ ଶ୍ରାବଣମାସକୁ ଶିବଙ୍କର ମାସ ବୋଲି ମାନି ପାଳନ କରନ୍ତି । ଏହି କାଉଡ଼ିଆମାନେ ମଧ୍ୟ ବୋଲବମ୍ ନାମରେ ଅଭିହିତ ।

ତାହା ଆଜି କ୍ରମଶଃ ଭାରତବର୍ଷରେ ବିଭିନ୍ନ ରାଜ୍ୟକୁ ବ୍ୟାପିଥିବା ବେଳେ ଓଡ଼ିଶା ମଧ୍ୟ ସେଥିରୁ ବାଦ୍ ପଡ଼ିନାହିଁ । ଏହା ଧାର୍ମିକ ଭାବାବେଗ ସହ ଜଡ଼ିତ ଥିବାରୁ ହୁଏତ କେହି ପ୍ରତିରୋଧ କରୁନାହାଁନ୍ତି,ବରଂ ତା ବଦଳରେ ସହଯୋଗ ଅଧିକ ମିଳୁଛି । ବିଭିନ୍ନ ସ୍ଥାନରେ କାଉଡ଼ିଆ ଶ୍ରଦ୍ଧାଳୁଙ୍କ ପାଇଁ ରାତ୍ରିଯାପନ କରିବା ସହ ବିଭିନ୍ନ ସୁବିଧା ସୁଯୋଗ ମଧ୍ୟ ଯୋଗାଇ ଦିଆଯାଉଛି । କାଉଡ଼ିଆ ଏକ ଭାକ୍ତିକ ପରମ୍ପରା ଏଥିରେ ସନ୍ଦେହ ନାହିଁ ଯେଉଁଠି ଶିବଙ୍କର ପୂଜାର୍ଚ୍ଚନା କରାଯାଏ । ଏହାର ନକରାତ୍ମକ ଦିଗକୁ ଆଲୋଚନା କଲେ ମନରେ କ୍ଷୋଭ ଉପୁଜେ । ଆଜିକାଲି ଯାନବାହାନ ଓ ଦୁର୍ଘଟଣାର ମାତ୍ରା ଏତେ ବଢ଼ିଗଲାଣି ଯେ ପ୍ରତ୍ୟେକ ଦିନ ଅକାଳରେ କେତେ ଲୋକଙ୍କ ଜୀବନ ଚାଲିଯାଉଛି । ଏହି ପରିପ୍ରେକ୍ଷୀରେ ଶ୍ରାବଣ ମାସ ଉପଲକ୍ଷେ ପାଣିଭାର ନେଇ ଯାଉଥିବା କାଉଡ଼ିଆଙ୍କ ପାଇଁ ମଧ୍ୟ ସମସ୍ୟା ଆହୁରି ବଢ଼ିଯାଇଛି । ସେମାନେ ରାସ୍ତାରେ ଯେଭଳି ଭାବରେ ଯିବାଆସିବା କରୁଛନ୍ତି, ତାହା ମଧ୍ୟ ବିପଦ ପାଲଟିଛି ସମସ୍ତଙ୍କ ପାଇଁ । ଏଇକିଛି ଦିନ ହେବ ଦୁର୍ଘଟଣାରେ କେତେକ କାଉଡ଼ିଆ ଭକ୍ତଙ୍କର ଜୀବନ ହାନି ହୋଇଥିବାର ଦେଖାଯାଇଛି । ଏଇଠି ଗୋଟେ ପ୍ରଶ୍ନବାଚୀ ତିଆରି ହୋଇପାରେ, ଯେଉଁମାନେ କାଉଡ଼ିଆଙ୍କ ପାଇଁ ଏତେ ବ୍ୟବସ୍ଥା କରୁଛନ୍ତି, ସେମାନଙ୍କର ସୁରକ୍ଷା ବାବଦରେ କଣ ଚିନ୍ତା କରିପାରନ୍ତେ ନାହିଁ । କେବଳ ସେତିକି ନୁହେଁ କାଉଡ଼ିଆ ମାନେ ଧାର୍ମିକ ବାତାବରଣ ସୃଷ୍ଟିକରିବା ବଦଳରେ ବଡ଼ ଅସ୍ୱସ୍ତିକର ତଥା ଅପ୍ରୀତିକର ପରିସ୍ଥିତି ମଧ ସୃଷ୍ଟି କରୁଥିବାର ପରିଲକ୍ଷିତ ହେଉଛି । ଉଚ୍ଚଶବ୍ଦରେ ଲାଉଡ଼ସ୍ପିକର ଦେଇ ଶୋଭାଯାତ୍ରାରେ ଯିବା, ରାସ୍ତାରେ ବିଶୃଙ୍ଖଳିତ ଭାବେ ଯାତାୟତ କରିବା, ଦ୍ୱିଅର୍ଥକବୋଧ ଗୀତର ତାଳେତାଳେ ନାଚିବା, ନିଶାଖାଇବା ସହିତ ମହିଳା ମାନଙ୍କର ଭାଗନେବାରେ ବହୁ ଗୁରୁତର ଅଭିଯୋଗ ମଧ୍ୟ ସମୟେ ସମୟେ ଦେଖିବାକୁ ମିଳୁଛି । ଏହାଦ୍ୱାରା କାହାରି କ୍ଷତି କି ଲାଭ ବିଚାର କରିବାର ସମୟ ଯଦିଓ ଏବେ ନୁହେଁ କିନ୍ତୁ ଏତିକି ଗୁରୁତ୍ୱ ଦିଆ ଯାଇପାରେ ଯେ, ଧାର୍ମିକ ଭାବନାରେ ଚାଲୁଥିବା ଏହି ପରମ୍ପରା ପାଇଁ ଯେଉଁ ଆବିଳତା କିମ୍ବା କୁସଂସ୍କାରର ଏକ ମାନସିକତା ପରୋକ୍ଷରେ ବୃଦ୍ଧି ପାଉଛି ତାହାର ପରିଣତି କଣ ହେବ ଓ ଏଥିପାଇଁ କିଏ ଉତ୍ତରଦାୟୀ ରହିବେ ସେଥିପାଇଁ ଟିକେ ଚିନ୍ତା କରିବା ନିହାତି ଦରକାର ।

ଆମର ଓଡିଆ ସାମାଜିକ ପରମ୍ପରା ବ୍ୟବସ୍ଥାରେ ଏହା ଏମିତି ଏକ ଫେସନ ଭାବେ ଲେଶି ହେଇ ଗଲାଣି ଯେ ତାହାର କୁପରିଣାମକୁ ଆମର ଏଇ ଆଖି ଦିନେ ଦେଖିବାର ଆଶଙ୍କା ର ହିଛି । କାଉଡ଼ିଆ ପରମ୍ପରା ଉତ୍ତର ଭାରତରୁ ଆରମ୍ଭ ହୋଇ ଓଡ଼ିଶାକୁ କବଳିତ କରିବା ପଛରେ ଯେଉଁ କାରଣ ବି ଥାଉ, ତାହା ଆମର ପାରମ୍ପରିକ ଧାର୍ମିକ ଭାବନାକୁ ପରିପୁଷ୍ଟ କରିପାରିଛି ବୋଲି କହିପାରିବା ନାହିଁ । ଅବଶ୍ୟ କାହାର ଭକ୍ତି କିପରି ତାହା ଏକ ବ୍ୟକ୍ତିଗତ ବିଷୟ, ସେଥିରେ କାହାର ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ । କିନ୍ତୁ ସେଇ ଭାକ୍ତିକ କାର୍ଯ୍ୟକଳାପ ଯଦି ସାମାଜିକ ସମସ୍ୟା ସୃଷ୍ଟି କରେ ବା ବିପଦର କାରଣ ପାଲଟେ, ତାହା ନିଶ୍ଚିତ ଭାବରେ ଚିନ୍ତାର କାରଣ । ସେ ଯାହା ବି ହେଉ କାଉଡ଼ିଆ ପରମ୍ପରାକୁ ଧାର୍ମିକ ଭାବନାରୁ ବାଦ୍‌ଦେଇ ସାମାଜିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା ଏକ ସୁସ୍ଥ ପରମ୍ପରା ଭାବରେ ଆଶା କରା ଯାଇପାରିବନି । ମଣିଷ ନିଜର ବିଚାରବୁଦ୍ଧିକୁ ଆଧୁନିକ କାଳରେ ଧର୍ମକୁ ଫେସନ ପଛରେ ଉଡ଼େଇ ଦେବାର ମାନେ କିଛି ଥାଇ ନପାରେ । କାହାର ମତବାଦ କିମ୍ବା ଧାର୍ମିକ ଭାବନା ଉପରେ ଆଘାତ ଦେବାର ଉପକ୍ରମ ଏହା ନୁହେଁ ବରଂ ଆମ ଓଡିଆ ସଂସ୍କୃତି ଓ ପରମ୍ପରା ଦିନକୁ ଦିନ ଯେପରି ଭାବେ କଣଠେସା ହୋଇଯାଉଛି ଏବଂ

ଅନ୍ୟ ରାଜ୍ୟର ପର୍ବପର୍ବାଣି ଆମ ଓଡିଆ ସାମାଜିକ ଚେତନାରେ ଦ୍ରୁତଗତିରେ ଆସ୍ଥାନ ଜମାଇ ଚାଲିଛି ତାହା ହିଁ ପରିତାପର ବିଷୟ । ଏଭଳି ପରିସ୍ଥିତିରେ ଆମର କହିବାର କଥା ଏହି ଯେ ଯିଏ ଯାହାର ପରମ୍ପରା କି ସଂସ୍କୃତିକୁ ଅନୁସରଣ କରି ଚାଲିବା କଥା ଚାଲନ୍ତୁ କିନ୍ତୁ ଏମିତି କିଛି ଘଟଣା ନଘଟୁ ଯାହା ଆମର ଓଡିଆ ପାରମ୍ପରିକ ପର୍ବପର୍ବାଣିର ମାନସିକତାକୁ ଖର୍ବ କରିବା ସହ ଆଉ କାହାର ଧାର୍ମିକ ଭାବନାକୁ ଆଘାତ ନଦେଉ । ବର୍ତ୍ତମାନ ସମୟ ଆସିଛି, ଆମେ ଯେପରି ଭାଷାର ଉନ୍ନତି ପାଇଁ ଚେଷ୍ଟା କରୁଛୁ, ସେପରି ଆମର ପର୍ବପର୍ବାଣିକୁ ବାହ୍ୟ ପରମ୍ପରାରୁ ମୁକ୍ତ ରଖିବା ପାଇଁ ଜନ ସଚେତନାର ଆବଶ୍ୟକ ରହିଛି । ଆମର ଭାଷା ସହିତ ପର୍ବପର୍ବାଣି ଅକ୍ଷୁଣ୍ଣ ରହିଲେ, ବିଶ୍ୱ ଦରବାରରେ ଆମର ସାଂସ୍କୃତିକ ପରିଚିତି ବଳିଷ୍ଠ ହେବ ଏଥିରେ ସନ୍ଦେହ ନାହିଁ ।

ପ୍ଲଟ ନମ୍ବର- ୩୭୧/୨୪୭୬
ଶିଶୁ ବିହାର,ଭୁବନେଶ୍ୱର
ମୋ- ୯୯୩୭୨୯୭୦୩୯

✠✠✠



# ଏକଦା ଆମେ

**ବଳଭଦ୍ର ରଥ**

ଆମ ରାଜ୍ୟର କଳା, ସଂସ୍କୃତି, ଭାସ୍କର୍ଯ୍ୟ, ସ୍ଥାପତ୍ୟ, ସାହିତ୍ୟ, ସର୍ଜନା ବେଶ୍ ସମୃଦ୍ଧ, ଅତୀବ ପ୍ରାଚୀନ ଏବଂ ମାଧୁର୍ଯ୍ୟରେ ପରିପୂର୍ଣ୍ଣ । ଆଜି ବିଶ୍ୱ ଦରବାରରେ ଆମର ଯେଉଁ ବିରାଟ ପରିଚୟଟିଏ ସୃଷ୍ଟି ହୋଇପାରିଛି ତାର ମୂଳ ଭିତ୍ତି ହେଉଛି ଆମ ସାହିତ୍ୟ, କଳା, ସଂସ୍କୃତି, ଭାସ୍କର୍ଯ୍ୟ ଏବଂ ପରମ୍ପରା । ତାହା ହିଁ ଆମ ଗର୍ବ, ଗୌରବ ଏବଂ ପ୍ରସିଦ୍ଧି । ତେବେ ଶହ ଶହ ବର୍ଷର କଳା, ସାହିତ୍ୟକୁ ନେଇ ବିଶ୍ୱ ଦରବାରରେ ସାଉଁଟିଥିବା ପ୍ରସିଦ୍ଧି ଆଜି ଆମ ପାଇଁ କେଉଁଠି ନା କେଉଁଠି ଅଲୋଡା ହୋଇଯାଇଛି । ଯାହା ଥିଲା ବା ସେତକକୁ ଦେଖି ଓ ଦେଖେଇ ଆମେ ନିଶରେ ନଡିଆ ତେଲ ଲଗେଇବାରେ ବ୍ୟସ୍ତ ।

ଏ ଜାତିର ସବୁସ୍ତରରେ କଳା, ସାହିତ୍ୟ, ସର୍ଜନା ଆଦିର ଆଦର କମିବାରେ ଲାଗିଛି । ଆଜିର ପୀଢି ଆମ ପ୍ରାଚୀନ ପରମ୍ପରା, ସଂସ୍କୃତି ବାବଦରେ ଜାଣୁନାହାନ୍ତି । ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋପବନ୍ଧୁ ଦାସ କି ରମାଦେବୀ, ମାଳତୀ ଚୌଧୁରୀ କିଏ ବୋଲି ପଚାରି ଦେଲେ ପଚାରି ଦେଇଥିବା ବ୍ୟକ୍ତିର ମୁହଁରେ କୋଉ ଗୋଟେ ଗ୍ରହ ପଶି ଯାଇଥିବା ଭଳି ଭାବୁଛନ୍ତି । ଏମିତିକି ଘୋରଣା, ଚକି, କାଠ ଚୁଲି ଦେଖିଲେ ବି ଅନେକେ ଆଁ କରି, ତାଟକା ହୋଇ ଅନାଉଛନ୍ତି । ଆଉ ଯେତିକି ବି ଜାଣିଛନ୍ତି ସେତକ କେବଳ ବାଧ୍ୟବାଧକତାରେ । ମାନେ ଯେତକ ପଢା ବହିରେ ଅଛି କେବଳ ସେତକ, ତା'ଠାରୁ ଅଧିକ ନୁହଁ । ପାଠପଢା ପୁସ୍ତକ ଭିତରେ ଆଜି ବଢୁଥିବା ଏ ଜାତି ପୀଢିର ଜୀବନ ସୀମିତ ହୋଇଯାଇଛି । ପାଠ୍ୟ ଖସଡା ବାହାରେ ବି ତ ଗୋଟାଏ ଜୀବନ ଅଛି । ତାକୁ ଅନୁଭବ କରିବାକୁ କାହା ପାଖରେ ସମୟ ନାହିଁ କି ସେ ବିଷୟରେ କାହାକୁ ଆଗ୍ରହୀ କରିବାକୁ କେହି ଆଗଭର ନୁହଁନ୍ତି ।

ଏହା ଧ୍ରୁବ ସତ୍ୟ ଯେ ଏ ଭୂଖଣ୍ଡର ଇତିହାସ, କଳା, ସଂସ୍କୃତି, ସାହିତ୍ୟ ଓ ଦର୍ଶନ ଅତୀବ ପ୍ରାଚୀନ ଏବଂ ଗୌରବମୟ ମଧ୍ୟ । ଅନ୍ୟମାନଙ୍କ ପାଖରେ ଚାରଣା ଥିଲେ ଆମ ପାଖରେ ବାରଣା ଅଛି । କିନ୍ତୁ ସାମାନ୍ୟ କଳା, ସଂସ୍କୃତି, ସାହିତ୍ୟ, ସଙ୍ଗୀତ ଥିଲେ ମଧ୍ୟ ଭାରତର ଅନ୍ୟ ରାଜ୍ୟମାନେ ଯେତିକି ଗର୍ବିତ ଏବଂ ତାକୁ ଜାବୁଡି ଧରି ରଖିବାରେ ଯେତିକି ତତ୍ପର, ତାର କାଣିଚାଏ ସୁଦ୍ଧା ଆମ ପାଖରେ ନାହିଁ । ଖାଲି କହିଲା ବେଳକୁ 'ଆମ ପାଖରେ ସବୁକିଛି ଅଛି' ବୋଲି ଖାଲି ଆମେ ସବୁକାଳେ ତୋଟି ଫଟେଇ, ନାଟିକା ଛିଣ୍ଡେଇ ଚିତ୍କାର କରୁଛୁ ସିନା, ବାସ୍ତବରେ ଆମ ପାଖରେ କିଛି ନାହିଁ ବୋଲି କହିଲେ ବି ଚଳିବ । କାରଣ ଆମ ଜାତି ପାଖରେ ଗୋଟେ ମନ ବୋଲି ନାହିଁ । ଯେତକ ଅଛି ସେତକକୁ ବି ଧରି ରଖି ପାରିଲେ କେଡେ କଥା । କିନ୍ତୁ ସେଥିପାଇଁ ଆମ ଆଗ୍ରହ କାହିଁ ?

ଆସାମ୍ କି ବଙ୍ଗଳା ରାଜ୍ୟକୁ ଟିକେ ଦେଖନ୍ତୁ । ଅହମିୟା ଭାଷାର ଜଣେ ବିଶିଷ୍ଟ ସଙ୍ଗୀତଜ୍ଞ, ଗୀତିକାର ହେଉଛନ୍ତି ସ୍ୱର୍ଗତଃ ଶ୍ରୀ ଭୂପେନ୍ ହଜାରିକା । ଭୂପେନ ହଜାରିକାଙ୍କ ଗୀତରେ ଆସାମର ସଂସ୍କୃତି, ଭାବଧାରା, ପରମ୍ପରା ସବୁକିଛି ପ୍ରତଫଳିତ । ତାଙ୍କରି ଗୀତରେ ଆସାମ ଗୁଣୁଗୁଣାଏ । ଆସାମବାସୀ ଭୂପେନ୍ ହଜାରିକାଙ୍କୁ ଦେବତାର ସ୍ଥାନଟିଏ ଦେଇଛନ୍ତି । ସ୍ଥୁଳ ଭାବେ ଦେଖିବାକୁ ଗଲେ ଭୂପେନ୍ ହଜାରିକାଙ୍କୁ ଛାଡି ଦେଲେ ସେମାନଙ୍କ ପାଖରେ ଗର୍ବ କରିବା ଭଳି ବିରାଟ ତତ୍ତ୍ୱ କିଛି ନାହିଁ । କିନ୍ତୁ ଭୂପେନ୍ ହଜାରିକା ହିଁ ଅହମିୟା ଜାତିର ଆଜି ପରିଚୟ । କାରଣ ସେ ଜାତି ତାଙ୍କୁ ମହାନ୍ କରିଦେଇଛି । ଆସାମର କୋଣ ଅନୁକୋଣକୁ ଯାଆନ୍ତୁ, ଦେଖିବେ ଭୂପେନ୍ ହଜାରିକାଙ୍କର ସ୍ମୃତିବହନ କରୁଥିବା କିଛି ନା କିଛି ନିଶ୍ଚୟ ଥିବ । ଠିକ୍ ସେମିତି ବଙ୍ଗଳା ଭାଷାକୁ ଦେଖାଯାଉ । ବଙ୍ଗଳା ଭାଷାର ଉପସ୍ଥିତି ଆଜି ବିଶ୍ୱ ଦରବାରରେ ବେଶ୍ ଅଛି-ଏହାକୁ ସ୍ୱୀକାର କରିବାକୁ ହେବ । ଭାଷା, ସାହିତ୍ୟ, ସଙ୍ଗୀତ, ସଂସ୍କୃତି ସହିତ ବଙ୍ଗଳାର ଲୋକମାନଙ୍କ ଉଭୟ ଆଙ୍ଗିକ ଓ ମାର୍ମିକ ଆବେଗ ରହିଛି । ତେବେ ସେମାନଙ୍କର ସବୁଠାରୁ ବଡ ପରିଚୟ ହେଉଛନ୍ତି ବିଶ୍ୱଗୁରୁ ଶ୍ରୀ ରବୀନ୍ଦ୍ରନାଥ ଟାଗୋର୍ ଏବଂ ତାଙ୍କ ଅସ୍ମିତାର ପରିଚୟ ହେଉଛି ରବୀନ୍ଦ୍ର ସଙ୍ଗୀତ । ବଙ୍ଗଳାରେ ଏମିତି କୌଣସି ଘର ନାହିଁ ଯେଉଁଠି କି ରବି ଠାକୁରଙ୍କ 'ଗୋଟିଏ ନଥିବ, କିମ୍ବା ରବୀନ୍ଦ୍ର ସଙ୍ଗୀତ ବୋଲା ଯାଉନଥିବ । ଆପଣ ଲକ୍ଷ୍ୟ କରିଥିବେ ବଙ୍ଗାଳୀ ମାନଙ୍କର ଚା'ଖଟିର ଆଲୋଚନା ମଧ୍ୟ ରବି ଠାକୁରଙ୍କ ଦି' ପଦ ବାଣୀରେ, ନତୁବା ତାଙ୍କ ପ୍ରଶଂସାରେ ହିଁ ସରୁଥିବ । ଏହା ହିଁ ତ ହେଉଛି ଜାତିପ୍ରେମ । ଏହା ନିଃସନ୍ଦେହ ଯେ ସେମାନେ ଯୋଗଜନ୍ମା; କିନ୍ତୁ ସେମାନଙ୍କୁ ସେମାନଙ୍କ ଜାତି ହିଁ ମହାନ୍ କରିଦେଇଛି-ଏକଥାକୁ ସମ୍ମାନର ସହ ଆମକୁ ସ୍ୱୀକାର କରିବାକୁ ହେବ ।

କିନ୍ତୁ ଆମର ? ଆପଣ ପୁଣି ବିଚାର କରନ୍ତୁ । ସାହିତ୍ୟ, ସଂସ୍କୃତି, ଭାଷା କଥା ଛାଡନ୍ତୁ ଆଜିକାଲି ଆମ ପିଲାଙ୍କୁ ସେମାନଙ୍କ ଜେଜେବାପାଙ୍କ ନାଁ ପଚାରି ଦେଲେ ସୁଦ୍ଧା କହିପାରିବେ ନାହିଁ । ଏସବୁ କାହାର ଭୁଲ ସେକଥା ମଧ୍ୟ ଟିକେ ଭାବନ୍ତୁ । ସେମାନଙ୍କ ଠାରୁ ଆମେ କୋଉଥିରେ ଊଣା ? ଟିକେ ହେଜନ୍ତୁ ।

ସମୟ ଉପରେ ସବୁତକ ଦୋଷ ଲଦି ଦେଇ ଆମେ ନିଜକୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ବିଚାର କରି ଚାଲିଛେ । କିନ୍ତୁ ଏହାଦ୍ୱାରା ହିଁ ଆମର ମୌଳିକତା, ସ୍ୱାଭିମାନ ତଥା ଦେଶର ଅସ୍ମିତା ଛାରଖାର୍ ହେଇଗଲାଣି । 'ଏକଦା ଆମେ' ଘୋଷାମଜା ବୋଲାକୁ ଛାଡିଦେଲେ ଏ ଜାତିର ସୂକ୍ଷ୍ମ ସ୍ମୃତିବାହୀ ଚେତନା ଆଜି କୋଉଠି ? ଯେଉଁଠି ଆମେ ନିଜ ଦେଶର କଳା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ପରିବର୍ତ୍ତେ ସେ ସବୁକୁ ପାସୋରି ଦେଉଛେ, ସେ ସବୁ ଜାଣିଲେ କଣ ହେବ ବୋଲି ଯେଉଁମାନେ ଭାବୁଛନ୍ତି ସେ ଜାତିର ଭବିଷ୍ୟତ ଯେ କଣ ହେବ ତାହା ସହଜରେ ଅନୁମାନ କରି ହେଇଯାଉଛି । ଉଗ୍ର ଆଧୁନିକତା ନାମରେ ନିଜର କଳା, ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବାରେ କି ପ୍ରକାର ରାଷ୍ଟ୍ରପ୍ରେମ ନିହିତ ରହିଛି ?

ପ୍ରତ୍ୟେକ ଜାତି ନିଜର ପରମ୍ପରା ଓ ମୂଲ୍ୟବୋଧକୁ ପାଥେୟ କରି ଆଗକୁ ବଢିଥାଏ । ଯେଉଁ ଭୂଖଣ୍ଡର ସଂସ୍କୃତି ଯେତେ ସଶକ୍ତ ହେବ ସେ ଜାତି ସେତେ ଉନ୍ନତ ହେବ । ନିଜର ଅସ୍ମିତା ଜରିଆରେ ବିଶ୍ୱଜୀବନର ସ୍ୱପ୍ନକୁ ସାକାର କରିବା ଲାଗି ଏ ମଣିଷକୁ ସବୁ ଭୂଗୋଳର ଗାରକୁ ଅତିକ୍ରମ କରିବାକୁ ପଡିବ । ଏହା ସହିତ ଯଦି ଆମେ ଅନୁଭବ କରୁ ଯେ- ଆମ ସୃଜନ ଭବିଷ୍ୟତ ପାଇଁ ଆମ ଜାତିର ଗୌରବ, ତେବେ ଆପଣା ସୃଜନ ବିଶ୍ୱର ଅନ୍ୟ ସୃଜନ କର୍ମକୁ ନିଜ ସହିତ ସଂପର୍କିତ କରି 'ଆମେ ବି କମ୍ ନୋହୁଁ' ବାର୍ତ୍ତାଟିଏ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବାକୁ ହେବ । ଏଥିଲାଗି ଦୃଷ୍ଟିକୋଣକୁ ବଦଳେଇ ଦେବା ପାଇଁ ହେବ । ଏଥିରେ କୌଣସି ନୂତନତ୍ୱ କିମ୍ବା ବିରାଟତ୍ୱ ନାହିଁ । ଏଥିରେ କେବଳ ରହିଛି ଗୋଟେ ଛୋଟିଆ ଆହ୍ୱାନ-ନିଜକୁ ଦେଖିବା, ନିଜ ମାଟିକୁ ଭଲପାଇବା । ଆଉ ପ୍ରଥମେ 'ଏକଦା ଆମେ'କୁ ଛାଡିବାକୁ ହେବ ।

ସହିଦନଗର, ଭୁବନେଶ୍ୱର
୯୯୩୮୧୧୬୧୪୪

✠✠✠



# ଆଜିର ସଂସାରେ ଓଡ଼ିଆ ପରିବାର

**ଡା. ଭାରତ ଭୂଷଣ ରଥ**

ଶାସ୍ତ୍ର କୁହନ୍ତି ସମସ୍ତ ବାତାବରଣ ସ୍ୱର୍ଗରେ ହିଁ ଅନୁଭବ କରିହୁଏ । ତେବେ ସ୍ୱର୍ଗପ୍ରାପ୍ତି ପାଇଁ ଶାସ୍ତ୍ର ବିହିତ ଉପାୟ ହେଉଛି, ମଣିଷ ଯଦି ସତ୍‌ମାର୍ଗରେ ନିଜ ଜୀବନକୁ ପରିଚାଳିତ କରେ ତେବେ ମୃତ୍ୟୁ ପରେ ତାର ସ୍ୱର୍ଗ ପ୍ରାପ୍ତି ହେବ । ମଣିଷ ଜୀବନ୍ତ ଅବସ୍ଥାରେ କେବେ ସ୍ୱର୍ଗ ଦେଖିପାରେନା । ତେବେ ଏ ସଂସାରେ ମଧ୍ୟ ପ୍ରତ୍ୟେକଟି ପ୍ରାଣୀ ପାଇଁ ଗୋଟିଏ ସ୍ୱର୍ଗର ଚଳାଚଳ କରିବାର ବ୍ୟବସ୍ଥା କରାଯାଇଛି । ତାହା ହେଲା ପରିବାର । ପରିବାର ଅନେକ ଦୃଷ୍ଟିରୁ ସ୍ୱର୍ଗ ଠାରୁ ବି ସୁନ୍ଦର । ଏ ଚଳଞ୍ଚଳ ଦୁନିଆରେ ଜନ୍ମ ନେଇ ନିଜ ପରିବାରରେ ଆମେ ଯଦି ଆଜୀବନ ଶାନ୍ତିରେ ରହି ପାରିଲେ ତା'ଠାରୁ ବଳି ସୁଖ ଆଉ କ'ଣ ବା ଥାଇପାରେ । ତେବେ ଏଠାରେ ଏକ ପ୍ରଶ୍ନ ଉଠେ ଆଜିର ମଣିଷ ପରିବାରରେ କେତେ ଖୁସିରେ ରହିପାରୁଛି ? ଏ ପ୍ରଶ୍ନର ଉତ୍ତର ଆମ ସମସ୍ତଙ୍କ ପାଖରେ ଅଛି । ଯାହା ଏକ ନକାତ୍ମକତ୍ମକ ଦିଗକୁ ନିର୍ଦ୍ଦେଶ କରୁଛି ନିଶ୍ଚୟ । କାରଣ ସମାଜରେ ଲୋକ ଚରିତ୍ରରେ ଅନେକ ପରିବର୍ତ୍ତନ ଆସିଯାଇଛି ।

ଆଜକୁ ପ୍ରାୟ ତିରିଶି ବର୍ଷ ତଳେ ଆମ ଦେଶରେ ଯୌଥ ପରିବାର ଏକ ସୁନ୍ଦର ବାତାବରଣ ଦେଖିବାକୁ ମିଳୁଥିଲା । ବାପା, ମା, ଭାଇ, ଭଉଣୀ ମସସ୍ତେ ଏକାଠି ରହି ପରିବାରର ସୁଖଦୁଃଖରେ ମିଳିମିଶି ଏକ ଆନନ୍ଦମୟ ଜୀବନ ବିତାଉଥିଲେ । ବୁଢ଼ା ବାପା, ବୁଢ଼ୀ ମା ଏବଂ ଗୁରୁଜନଙ୍କ ଠାରୁ ଯେଉଁ ଶିକ୍ଷା ମିଳେ ତାହା ପିଲାମାନଙ୍କ ଚାଲିଚଳଣ, ଆଚାର ବ୍ୟବହାରକୁ ମାର୍ଜିତ ଏବଂ ଶୃଙ୍ଖଳିତ କରୁଥିଲା । ସେମାନଙ୍କର ଆଶୀର୍ବାଦର ଆମ ଜୀବନକୁ ସରସ, ସୁନ୍ଦର ଏବଂ ମଧୁମୟ କରିଦେଉଥିଲା । କିନ୍ତୁ ବର୍ତ୍ତମାନର ସମାଜରେ ଘରର ବୁଢ଼ା ବାପା ଏବଂ ବୁଢ଼ୀମା ମାନେ ଦୁନିଆର ସବୁଠାରୁ ଅବହେଳିତ ହେଉ ଥିବାର ସ୍ପଷ୍ଟ ଚିତ୍ର ଆମ ନଜରକୁ ଆସେ । ସମୟର ଆହ୍ୱାନକୁ ସମ୍ମାନ ଦେଇ ରୋଜଗାର କରିବା ଲକ୍ଷ୍ୟରେ ଘରର ପୁଅ ବୋହୂ ଝିଅ ଜ୍ୱାଇଁ ମାନେ ଘର ଛାଡିଲେ । ଏପରିକି ଯେଉଁ ପୁଅ ବୋହୂଙ୍କର ଘର ଛାଡିବାର ଆବଶ୍ୟକତା ନାହିଁ ସେମାନେ ବି ବିଭିନ୍ନ ବାହାନା କରି ନିଜ ଇଛା ମୁତାବକ ବାହାରେ ରହିଲେ । ବର୍ଷରେ ଥରେ ବା ଦୁଇଥର ଘରକୁ ପିକ୍ ନିକ୍ ପରି ଆସିବା ଆମର ପ୍ରକୃତି ହୋଇଗଲା । ସେପଟେ ଭିଟାମାଟିକୁ ଛାଡ଼ି ନପାରି ନଖାଇ ନପିଇ ପଡ଼ି ରହିଥିବା ବାପା ମା'ମାନେ ନା ଏକୁଳର ହେଉଛନ୍ତି ନା ସେ କୁଳର ହେଉଛନ୍ତି । ସେମାନଙ୍କର ଯେ ଅବସ୍ଥା କ'ଣ ହେଲାଣି ତାହା ଭାବିବାକୁ ଆମ ପାଖରେ ସମୟ ନାହିଁ । ବାସ୍ତବରେ ଆଜିର ପୁଅ ବୋହୂମାନଙ୍କୁ ସମୟର ସବୁଠାରୁ ବଡ଼ ଆହ୍ୱାନ ହେଉଛି ନିଜର ବାପା ମାଙ୍କ ଅବସ୍ଥା ସମ୍ପର୍କରେ ଗୁରୁତ୍ୱର ସହ ଚିନ୍ତା କରିବା । ବାପା ମା କ'ଣ ଖାଉଛନ୍ତି ? କେମିତି ରହୁଛନ୍ତି ? ତାଙ୍କର ସ୍ୱାସ୍ଥ୍ୟର ଅବସ୍ଥା କିପରି ଅଛି । ବାପା ମାଙ୍କୁ ନ ପଚାରିବି ବି ବିଚାରକୁ ଆସେ । ତାହା ହେଲା ପୁଅ ବୋହୂଙ୍କ ସହ ସହରରେ ରହିବା ପାଇଁ ବାପା ମା ମାନେ ଆଦୌ ଆଗ୍ରହ ପ୍ରକାଶ କରୁନାହାନ୍ତି । ଏହା ସ୍ୱାଭାବିକ, ଜଣେ ବ୍ୟକ୍ତି ଜୀବନର ଅନ୍ତିମ ପର୍ଯ୍ୟାୟରେ ଗୋଟିଏ ଅତ୍ୟାଧୁନିକ ପରିବେଶ ସହିତ ଖାପ ଖୁଆଇ ରହିପାରିବ ନାହିଁ । ତେବେ ଏହାର ସମାଧାନ ମାର୍ଗ ନିଶ୍ଚୟ ରହିଛି, ଯାହାଦ୍ୱାରା ଆମକୁ ମଣିଷ କରି ଗଢ଼ି ତୋଳିଥିବା ବାପା ମା' ମାନେ ଜୀବନର ଅନ୍ତିମ ସମୟରେ ଶାନ୍ତିରେ ରହିପାରିବେ । ଯଦି ସୂକ୍ଷ୍ମ ଦୃଷ୍ଟିରେ ବିଚାର କରିବା ଜାଣିପାରିବା ୧୯୬୦ ମସିହା ପରଠାରୁ ଜନ୍ମ ହୋଇଥିବା ବ୍ୟକ୍ତି ବିଶେଷ ଅନେକ କ୍ଷେତ୍ରରେ ଆଧୁନିକତାକୁ ଗ୍ରହଣ କରି ସାରିଛନ୍ତି । କିନ୍ତୁ ୧୯୬୦ ପୂର୍ବରୁ ଜନ୍ମିତ ବ୍ୟକ୍ତି ଏବଂ ଯେଉଁମାନେ ବର୍ତ୍ତମାନ ବାର୍ଦ୍ଧକ୍ୟ ଦେଇ ଗତି କରୁଛନ୍ତି ସେମାନେ ଆଧୁନିକତାରୁ ବହୁତ ପଛରେ । ଆଧୁନିକତାକୁ ଗ୍ରହଣ କରିବା ସେମାନଙ୍କ ପାଇଁ ଏତେ ସହଜସାଧ୍ୟ ହେଉନାହିଁ । ଜୀବନକାଳ ଭିତରେ ଆଧୁନିକତାର ସ୍ୱାଦ କେବେ ବି ପାଇନଥିବା ସେମାନଙ୍କର କଷ୍ଟକୁ ଅନୁଧ୍ୟାନ କଲେ ଆମ ଆଖିରୁ ସ୍ୱତଃ ଲୁହ ଝରି ଆସିବ ।

ଆଜକୁ ପଚାଶ ବର୍ଷ ପୁର୍ବରୁ ଭାରତରେ ସାମାଜିକ ଏବଂ ଆର୍ଥିକ ସ୍ଥିତି ଅନ୍ୟନ୍ତ ଦୁର୍ବଳ ଥିଲା । ସେହି ଦୁଖଃଦ ସ୍ଥିତିର ଘାତ ପ୍ରତିଘାତକୁ ସହି ଆମକୁ ମଣିଷ କରିଥିବା ବାପା ମା ମାନେ ନିଶ୍ଚୟ ଆମ ପାଇଁ ସାକ୍ଷାତ୍ ଦେବଦୂତ । ସେମାନଙ୍କର ଦୁଃଖକଷ୍ଟର ଫଳ ସ୍ୱରୂପ ଆମେ ଏକବିଂଶ ଶତାବ୍ଦୀର ସୁଖମୟ ଜୀବନକୁ ପାଇବାରେ ସମର୍ଥ ହୋଇଛେ । ତେବେ ସେମାନଙ୍କର କଷ୍ଟ ଏବଂ ଦୁଃଖ ମୂଲ୍ୟ କ'ଣ ନିଜ ପିଲାମାନଙ୍କଠାରୁ ଆଜୀବନ ବାସନ୍ଦ ହୋଇ ଏକ ନିର୍ବାସିତ

ଜୀବନ ବିତାଇବା । କେଉଁ ଶାସ୍ତ୍ରରେ ଲେଖାଅଛି କେବଳ ବାପା ମା ମାନେ ହିଁ ପିଲାଙ୍କ ଭବିଷ୍ୟତର ସ୍ୱପ୍ନ ଦେଖିବେ ଅର୍ଥାତ୍ ପିଲାମାନେ ବାପା ମାଙ୍କର ସୁସ୍ଥ ଜୀବନ ପାଇଁ ସ୍ୱପ୍ନ ଦେଖି ପାରିବେନି । ଆଜିର ପିଲାମାନେ ଭବିଷ୍ୟତରେ ହୁଏତ ଅନ୍ୟର ସାହାଯ୍ୟ ନ ନେଇ ବଞ୍ଚିଯାଇ ପାରିବେ, କାରଣ ବିଗତ କୋଡ଼ିଏ ବର୍ଷରୁ ଦେଖାଯାଉଛି ସମାଜର ଚଳଣି ଯଥେଷ୍ଟ ଆଧୁନିକତାକୁ ଆପଣେଇ ନେଉଛି । ବ୍ୟକ୍ତି ଏବେ ନିଜ ସ୍ତ୍ରୀ ପିଲାଙ୍କ ସହ ଏକା ବଞ୍ଚିବାକୁ ପସନ୍ଦ କଲାଣି । କିନ୍ତୁ ବିଂଶ ଶତକରେ ଜନ୍ମ ହୋଇଥିବା ବାପା ମା' ମାନେ ଏକବିଂଶ ଶତକରେ ନିଜ ପିଲାଙ୍କଠାରୁ ନିର୍ବାସିତ ହୋଇ ରହିବା ତାଙ୍କ ପାଇଁ ଅଭିଶପ୍ତ ଜୀବନ ନୁହେଁ ତ ଆଉ କ'ଣ ? ଏହା ହିଁ ଆଧୁନିକ ସମାଜର ଅସହାୟ ପିତୃତ୍ୱ ଏବଂ ଲୁହଭରା ମାତୃତ୍ୱର ଜ୍ୱଳନ୍ତ ପ୍ରତିଛବି ।

ଆମକୁ ଶାସ୍ତ୍ର ଉପଦେଶ ଦେଇଛନ୍ତି, ମାତୃ ଦେବୋ ଭବ । ପିତୃ ଦେବୋ ଭବ । ଅର୍ଥାତ୍ ପିତା ଏବଂ ମାତା ଆମ ପାଇଁ ଦେବତା ହୁଅନ୍ତୁ । ଏ ଗୁଢ଼ ଅର୍ଥ ନିହିତ ଥିବା ତୈତ୍ତିରୀୟ ଉପନିଷଦ୍ ବାକ୍ୟ କୁହେ ଆମେ ନିଜର ବାପା ମାଙ୍କ ଠାରେ ହିଁ ଦେବତାଙ୍କର ସାନ୍ନିଧ୍ୟ ଲାଭ କରିପାରିବା । ସେଥିପାଇଁ ତ ବଞ୍ଚିଥିବା ବେଳେ ବାପା ମା' ଆମର ଦେବତା । ସେମାନଙ୍କର ମୃତ୍ୟୁ ପରେ ବି ପିତୃଲୋକ ହୋଇ ସେମାନେ ଘରେ ନିତ୍ୟ ପୂଜା ପାଆନ୍ତି ।

**ପିତା ଶବ୍ଦର ଗରୁତ୍ୱ-**

ପିତା ଶବ୍ଦଟି ସଂସ୍କୃତର 'ପା' ଧାତୁରୁ ଉତ୍ପନ୍ନ । ଯାହାର ଅର୍ଥ ହେଲା ପାଳନ କର୍ତ୍ତା । ଶୁକ୍ରାଚାର୍ଯ୍ୟ ନିଜର ଶୁକ୍ରନୀତିରେ କୁହନ୍ତି-

ବିଦ୍ୟାଗମାର୍ଥଂ ପୁତ୍ରସ୍ୟ ବୃତର୍ଥଂ ଯତତେ ଚ ଯଃ ।
ପୁତ୍ରଂ ସଦା ସାଧୁ ଶାସ୍ତି ପ୍ରୀତିକୃତ୍ସ ପିତାଽନୃଣୀ ॥
ଶୁକ୍ରନୀତି - ୩.୨୫୬

ଅର୍ଥାତ୍ ପରିବାରର ପାଳନ କର୍ତ୍ତା ଭାବରେ ପିତା ଅନେକ ଗୁରୁଦାୟିତ୍ୱ ବହନ କରନ୍ତି । ପୁତ୍ରର ଅଧ୍ୟୟନ, ଜୀବିକା ନିର୍ବାହ ନିମିତ୍ତ ବ୍ୟବସ୍ଥା, ଅନୁଶାସନ, ପ୍ରେମ ଭାବ ଏବଂ ଋଣଭାରରେ ଚାପଗ୍ରସ୍ତ ନ କରିବା ଜଣେ ପିତାଙ୍କର କର୍ତ୍ତବ୍ୟ । ଯାହା ସମାଜରେ ପିତା ତାଙ୍କର ପୁତ୍ରମାନଙ୍କ ପାଇଁ କରିଆସୁଛନ୍ତି । ମହାକବି କାଳିଦାସ ତାଙ୍କର ରଘୁବଂଶ ମହାକାବ୍ୟରେ ଖୁବ୍ ସୁନ୍ଦର ଭାବରେ ଅଭିବର୍ଣ୍ଣିତ କରିଛନ୍ତି । ଯଥା-

ପ୍ରଜାନାଂ ବିନୟାଧାନାଦ୍ ରକ୍ଷଣାଦ୍ ଭରଣାଦପି ।
ସ ପିତା ପିତରସ୍ତାସାଂ କେବଳଂ ଜନ୍ମ ହେତବଃ । ।
ରଘୁବଂଶ -୧.୨୪

ପିତା ଯେଉଁଭଳି ନିଜ ସନ୍ତାନସନ୍ତତିଙ୍କ ବିନୟ ଗୁଣ ଶିକ୍ଷା ଦିଅନ୍ତି, ରକ୍ଷା କରନ୍ତି ଏବଂ ପାଳନ ପୋଷଣ କରନ୍ତି ରାଜା ଦିଲୀପ ମଧ୍ୟ ନିଜ ପ୍ରଜାମାନଙ୍କୁ ସେହିଭଳି ପାଳନ ପୋଷଣ କରୁଥିଲେ । ପିତା ନିଜର କନ୍ୟାକୁ ପାଳନ ପୋଷଣ କରି ଉପଯୁକ୍ତ ସମୟରେ ବିବାହ କରାଇବା ପାଇଁ ମଧ୍ୟ ଶାସ୍ତ୍ର ଉପଦେଶ ଦେଇଛନ୍ତି । ଯଥା-

କାଳେଽଦାତା ପିତା ବାଚ୍ୟଃ । ମନୁସ୍ମୃତି-୯.୪

ବାସ୍ତବରେ ପିତା ପୁତ୍ର ସମ୍ପର୍କ ଅତି ନିବିଡ଼ ଯାହା ଅବର୍ଣ୍ଣନୀୟ । ପୁଅଝିଅମାନଙ୍କୁ ଏତେ କଷ୍ଟରେ ବଡ଼ କରି ବିଭିନ୍ନ ଉଚ୍ଚ ପଦପଦବୀରେ ଅଭିଷିକ୍ତ କରି ଜୀବନର ଅନ୍ତିମ ବାର୍ଦ୍ଧକ୍ୟ ସମୟରେ ଯଦି ପିଲାମାନେ ବାପା ମାଙ୍କ ଠାରୁ ଦୂରେଇ ଯିବେ, ବାପା ମାଙ୍କୁ ପର ଭଳି ବ୍ୟବହାର କରିବେ ତେବେ ଏହାଠାରୁ ବଳି ସଂସାରରେ ଆଉ କ'ଣ ବା ନିନ୍ଦନୀୟ ଦୃଷ୍ଟାନ୍ତ ଥାଇପାରେ । ଜଣେ ବାପା ତାଙ୍କର ପିଲାମାନଙ୍କୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ସ୍ନେହଶ୍ରଦ୍ଧାରେ ଲାଳନପାଳନ କରନ୍ତି, ତାପରେ ଦଶବର୍ଷ ପର୍ଯ୍ୟନ୍ତ ଅନୁଶାସନରେ ରଖନ୍ତି ଏବଂ ପୁତ୍ର ଷୋହଳ ବର୍ଷରେ ଉପନୀତ ହେଲେ ବାପା ନଜ ପୁଅର ଜଣେ ଉତ୍ତମ ବନ୍ଧୁ ହୋଇଯାନ୍ତି । ତେଣୁ ଶାସ୍ତ୍ର କୁହନ୍ତି-

ଲାଳୟେତ୍ ପଞ୍ଚବର୍ଷାଣି ଦଶବର୍ଷାଣି ତାଡ଼ୟେତ୍ ।
ପ୍ରାପ୍ତେ ଚ ଷୋଡ଼ଶେ ବର୍ଷେ ପୁତ୍ରଂ ମିତ୍ରବଦାଚରେତ୍ ॥

ବାସ୍ତବରେ ବାପା ହେଉଛନ୍ତି ସ୍ୱୟଂ ପ୍ରଜାପତି ବ୍ରହ୍ମା । ତେଣୁ କୁହାଯାଏ "ପିତା ମୂର୍ତ୍ତିଃ ପ୍ରଜାପତେଃ" । ମହାଭାରତର ଶନ୍ତିପର୍ବରେ ପିତାଙ୍କୁ ସର୍ବଶ୍ରେଷ୍ଠ ଦେବତାଙ୍କର ଆଖ୍ୟା ଦିଆଯାଇଛି । ଯଥା -

ପିତା ଧର୍ମଃ ପିତା ସ୍ୱର୍ଗଃ ପିତା ହି ପରମଂ ତପଃ ।
ପିତରି ପ୍ରୀତିମାପନ୍ନେ ସର୍ବାଃ ପ୍ରୀୟନ୍ତି ଦେବତାଃ ॥
ମହାଭାରତ - ଶାନ୍ତିପର୍ବ-୨୬୬.୨୧

ପିତା ସମସ୍ତ ଧର୍ମ ମାନଙ୍କ ମଧ୍ୟରେ ଶ୍ରେଷ୍ଠ ଧର୍ମ, ପିତା ହିଁ ସ୍ୱୟଂ ସ୍ୱର୍ଗ, ସମସ୍ତ ତପସ୍ୟାର ଊର୍ଦ୍ଧ୍ୱରେ ପିତୃସେବା । ତେଣୁ ଯଦି ପିତା ସନ୍ତୁଷ୍ଟ ରୁହନ୍ତି ସମସ୍ତ ଦେବତା ପ୍ରଶାନ୍ତ ରହିବେ । କିନ୍ତୁ ପିତାଙ୍କର ଅଶାନ୍ତିରେ ଅନ୍ୟ ସମସ୍ତ ଦେବତା ଅଶାନ୍ତି ହେବେ ।

**ମାତା ଶବ୍ଦର ଗୁରୁତ୍ୱ -**

ମାତା ଶବ୍ଦଟି ସଂସ୍କୃତର 'ମାନ୍' ଧାତୁରେ 'ତୃଚ୍' ପ୍ରତ୍ୟୟ ଦ୍ୱାରା ସୃଷ୍ଟି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଶବ୍ଦ । 'ମା' ବିଶ୍ୱର ସମସ୍ତ ବ୍ୟକ୍ତିବିଶେଷଙ୍କଠାରୁ ସମ୍ମାନନୀୟ । ନିଜର ମା'ଙ୍କର ସେବା ଏବଂ ସମ୍ମାନ ରକ୍ଷା ସମସ୍ତ ସନ୍ତାନସନ୍ତତିଙ୍କର ଉତ୍ତରଦାୟିତ୍ୱ । ମାତୃଶକ୍ତି ହିଁ ପୃଥିବୀର ସର୍ବଶ୍ରେଷ୍ଠ ଶକ୍ତି । ଅଥର୍ବବେଦରେ ଗୋଟିଏ ମନ୍ତ୍ର ଏହାକୁ ପ୍ରତିପାଦନ କରିବାପାଇଁ ଖୁବ୍ ଯୁକ୍ତିଯୁକ୍ତ ମନେହୁଏ । ତାହା ହେଲା-

ମାତା ଭୂମିଃ ପୁତ୍ରୋଽହଂ ପୃଥିବ୍ୟାଃ ॥
ଅଥର୍ବବେଦ - ୩.୩୦.୨

ମହାଭାରତର ଶାନ୍ତିପର୍ବରେ ମା'ଙ୍କର ବର୍ଣ୍ଣନା ଅତି ବାସ୍ତବ ଅଟେ । ତାହା ହେଉଛି -

ମାତା ଦୋହାରଣିଃ ପୁଂସାଂ ସର୍ବସ୍ୟାର୍ତସ୍ୟ ନିବୃତିଃ ।
ମାତୃଲାଭେ ସନାଥତ୍ୱମନାଥତ୍ୱଂ ବିପର୍ଯ୍ୟୟେ ।।
ସମର୍ଥଂ ବାସମର୍ଥଂ ବା କୃଶଂ ବାପ୍ୟକୃଶଂ ତଥା ।
ରକ୍ଷତ୍ୟେବ ସୁତଂ ମାତା ନାନ୍ୟଃ ପୋଷ୍ୟ ବିଧାନତଃ ।।
ନାସ୍ତି ମାତୃସମା ଛାୟା ନାସ୍ତି ମାତୃସମା ଗତିଃ ।
ନାସ୍ତି ସାତୃସମଂତ୍ରାଣଂ ନାସ୍ତି ମାତୃସମା ପ୍ରିୟା ।।

ମହାଭାରତ-୨୬୬.୨୬.୩୧

ମା' ଯେପର୍ଯ୍ୟନ୍ତ ଜୀବିତ ଅଛନ୍ତି ସନ୍ତାନସନ୍ତତି ସେ ପର୍ଯ୍ୟନ୍ତ ସନାଥ ରୁହନ୍ତି । ମା ନିଜର ସମସ୍ତ ଶକ୍ତିକୁ ବିନିଯୋଗ କରେ ତା ସନ୍ତାନର ପାଳନ ପୋଷଣ ପାଇଁ । ଏହା କେବଳ ମାତୃତ୍ୱର ସ୍ନେହ ଆଉ ଶ୍ରଦ୍ଧା । ତାହା ଅନ୍ୟ କୌଣସି ସମ୍ପର୍କରେ ଦୃଷ୍ଟିଗୋଚର ହୁଏନାହିଁ । ମା'ଙ୍କ ପରି ଆଉ ଛାଇ ମଧ୍ୟ ଦୁନିଆରେ ନାହିଁ । ମା ହିଁ ଦୁନିଆରେ ଆମର ସର୍ବଶ୍ରେଷ୍ଠ ସାହାଯ । ଆମେ ସବୁଠାରେ ନିରାଶ ହୋଇଯିବା କିନ୍ତୁ ମା'ର ପଣତକାନି ତଳେ ନିରାଶାର ସ୍ଥାନ ନାହିଁ । ମା ଆମର ସର୍ବଶ୍ରେଷ୍ଠ ରକ୍ଷକ ।

ଶାସ୍ତ୍ର ଏବଂ ମହାପୁରୁଷମାନଙ୍କର ତତ୍ତ୍ୱକୁ ବିଚାର କଲେ ହୁଏତ ସମୁଦ୍ରଠାରୁ ବି ସର୍ବାଧିକ ଚର୍ଚ୍ଚା ବାପା ଏବଂ ମା'ଙ୍କ ଗୁରୁତ୍ୱକୁ ନେଇ ହୋଇଥିବାର ଲକ୍ଷ କରାଯାଏ । ଜଣେ ପ୍ରସିଦ୍ଧ ଶିକ୍ଷକ, ବୈଜ୍ଞାନିକ, ଡ଼ାକ୍ତର, ଇଞ୍ଜିନିୟର, ସମାଜସେବକ, ରାଜନେତା ତଥା ର୍ବୋତପକ୍ଷେ ଜଣେ ସୁସମୃଦ୍ଧ ବ୍ୟକ୍ତି ସେବେ ହୋଇପାରିବ ଯେବେ ସେ ତା ବାପା ମାଙ୍କୁ ସନ୍ତୁଷ୍ଟି କରିପାରିବ । ତେଣୁ ବାଲ୍ମୀକିରାମାୟଣରେ ଶ୍ରୀରାମ ନିଜର ପିତା ଏବଂ ମାତାଙ୍କୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । ଯଥା -

ନ ହ୍ୟତୋ ଧର୍ମଚାରଣଂ କିଂଚିଦସ୍ତି ମହତ୍ତରମ୍ ।

ଯଥା ପିତରି ଶୁଶ୍ରୂଷା ତସ୍ୟ ବା ବଚନକ୍ରିୟା ।। ବାଲ୍ମୀକିରାମାୟଣ - ୨.୧୯.୨୨

ତେବେ ଏଠାରେ ଏକ ପ୍ରଶ୍ନ ଉଠିପାରେ ଯେଉଁ ବ୍ୟକ୍ତି ମାନେ ନିଜ ଘରଠାରୁ ଦୂରରେ ରୁହନ୍ତି ଏବଂ ବାପା ମା ମାନେ ନିଜ ଘର ଛାଡ଼ି ଅନ୍ୟ ସ୍ଥାନକୁ ଯିବାକୁ ଅନିଚ୍ଛା ପ୍ରକାଶ କରନ୍ତି ସେ କ୍ଷେତ୍ରରେ ପିଲାମାନେ କ'ଣ ପଦକ୍ଷେପ ନେଇ ବାପା ମାଙ୍କୁ ଖୁସି ରଖିପାରିବେ । ଅନେକ କ୍ଷେତ୍ରରେ ବାହାରେ ଘରଭଡ଼ା ନେଇ ବାପା ମା ତଥା ନିଜ ସ୍ତ୍ରୀ ପିଲାଙ୍କୁ ପୋଷଣ କରିବା ଆର୍ଥିକ ବିକାଶ ନଥିବା ପରିବାର ପାଇଁ କଷ୍ଟସାଧ ହୁଏ । ଏହା ଜାଣି ପାରି ବାପା ମା ମାନେ ନିଜେ ଏକାକି ଓଳିଏ ଉପାସ ରହି ଜୀବନ କାଟନ୍ତି କିନ୍ତୁ ପୁଅକୁ କଷ୍ଟ ଦିଅନ୍ତି ନାହିଁ । ଦେଖାଯାଉଛି ଅନେକ ବୃଦ୍ଧ ବାପା ମା ଆର୍ଥିକ କ୍ଷେତ୍ରରେ ଖୁବ୍ ସ୍ୱଚ୍ଛଳ ତଥା ପିଲାମାନେ ମଧ୍ୟ ଖୁବ୍ ଉନ୍ନତ ପଦପଦବୀରେ ଅଭିମଣ୍ଡିତ କିନ୍ତୁ ନିଜେ ଖାଦ୍ୟ ରୋଷେଇ କରି ଦି ଓଳି ଠିକ୍ ସମୟରେ ଖାଇବା ସେମାନଙ୍କ ପକ୍ଷେ କଷ୍ଟସାଧ । କେତେବେଳେ ଖାଇବା ପାଇଁ ରୁଚି ନଥାଏ କେତେବେଳେ ପେଟରେ ଭୋକ ଥିଲେ ମଧ୍ୟ ରୋଷେଇ କରିବା ପାଇଁ ସ୍ପୃହା ନଥାଏ । ଏସବୁର ଅନ୍ତରାଳେ ନଃସଙ୍ଗ ଜୀବନ ବେଳେବେଳେ ବାପା ମାଙ୍କ ମଧ୍ୟରେ ଝଗଡ଼ା ମଧ୍ୟ ସୃଷ୍ଟି କରାଏ । ଏମିତି ଅନେକ ଘାତପ୍ରତିଘାତ ଭିତରେ ଆଜିର ସମାଜରେ ବାର୍ଦ୍ଧକ୍ୟ ଗତିକରୁଛି ।

ଆରମ୍ଭରେ ଆମେ ବିଚାର କରିଥିଲେ- "ପରିବାର ସ୍ୱର୍ଗ ଠାରୁ ବି ସୁନ୍ଦର" ତେବେ ଏଠି ପ୍ରଶ୍ନ ଉଠେ ବର୍ତ୍ତମାନର ପରିବାର କ'ଣ ପ୍ରକୃତରେ ସ୍ୱର୍ଗଠାରୁ ସୁନ୍ଦର । ଘରର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କୁ ଭୁଲିଯାଇ କେବଳ ନିଜେ ଏବଂ ନିଜ ସ୍ତ୍ରୀ ପିଲାଙ୍କୁ ନେଇ ଗଠିତ ପରିବାର କେତେଦୂର ସ୍ୱର୍ଗଠାରୁ ବି ସୁନ୍ଦର ତାହା ବିଚାରଯୋଗ୍ୟ ।

ତେବେ ଏହାର କାରଣ ନିରାକରଣ ପାଇଁ ହୁଏତ ଦୂରରେ ରହୁଥିବା ଜଣେ ପୁଅ କିମ୍ବା ଝିଅ ନିଜର ରୋଜଗାର ପନ୍ଥାକୁ ଛାଡି ବାପା ମା'ଙ୍କ ପାଖକୁ ନଆସି ପାରେ କିନ୍ତୁ ବାପା ମାଙ୍କ ପାଇଁ ଯଥିରନାସ୍ତି ବ୍ୟବସ୍ଥା କରିବା ଆବଶ୍ୟକ । ଏମିତି ଅନେକ ପିଲା ଅଛନ୍ତି ବାପା ମାଙ୍କୁ ଫୋନ୍ ଟିକେ କରିବା କୁଣ୍ଠାବୋଧ କରନ୍ତି । ବାପା ମା ନିଜ ପିଲା ସହ ଟିକେ କଥା ହେବା ପାଇଁ ସକାଳପହରୁ ରାତି ଯାଏଁ ଚାହିଁ ଚାହିଁ ଶେଷରେ ଅଶାନ୍ତ ମନରେ ବିଛଣାକୁ ଯାଉଛନ୍ତି । ଦୁର୍ବଳ ଏବଂ କାମ କରିବା ପାଇଁ ଅସମର୍ଥ ବାପା ମା' ମାନଙ୍କୁ ପିଲାମାନେ ଆଗ୍ରହର ସହିତ ନିଜ ପାଖରେ ରଖିବା ଆବଶ୍ୟକ ।

ଯେଉଁ ବାପା ମା ମାନେ ଚଳିବାକୁ ସମର୍ଥ ସେମାନଙ୍କୁ ପ୍ରତିଦିନ ଫୋନ, ଭିଡ଼ିଓ କଲ ଆଦିରେ ଅନୁଭବ କରାନ୍ତୁ ପିଲାମାନେ ଯେମିତି ଅତି ପାଖରେ ଅଛନ୍ତି । ତାଙ୍କର ଖାଦ୍ୟ, ପାନୀୟ, ଔଷଧ ପ୍ରଭୃତିକୁ ପ୍ରତିଦିନ ସଠିକ୍ ସମୟରେ ବୁଝିବା ଆବଶ୍ୟକ । ବାପା ମା' ମାନେ ଯେମିତି ମର୍ମାହତ ନ ହୁଅନ୍ତୁ ଯେ, ମୋ ପୁଅଝିଅ ଏତେ ଦୂରରେ ଅଛନ୍ତି । ସେଥି ନିମନ୍ତେ ପିଲାମାନେ ନିଜର ଦୈନନ୍ଦିନ ସମୟରୁ କିଛି ସମୟ କେବଳ ବାପା ମା'ଙ୍କ ପାଇଁ ରଖନ୍ତୁ । ମଝିରେ ମଝିରେ ସମୟ ବାହାର କରି ବାପା ମା'ଙ୍କ ପାଖକୁ ଯା'ନ୍ତୁ ଏବଂ ବାପା ମା'ଙ୍କୁ ନିଜପାଖକୁ ଆଣନ୍ତୁ । ବାପା ମା'ଙ୍କୁ ଆଖପାଖ ମନ୍ଦିର, ଦର୍ଶନୀୟ ସ୍ଥାନ ତଥା ତୀର୍ଥସ୍ଥଳକୁ ସାଙ୍ଗରେ ନେଇ ଭ୍ରମଣ କରାନ୍ତୁ । ଏହା ପୁଅ, ବୋହୂ, ନାତି, ନାତୁଣୀ ସମସ୍ତଙ୍କ ପାଇଁ ସମାନ । ପୁଅ ନିଜ ବାପା ପାଇଁ ତଥା ନିଜ ଶାଶୂ ଶଶୁରଙ୍କ ପାଇଁ ଏବଂ ଠିକ୍ ସେହିପରି ବୋହୂ ନିଜ ବାପା ମାଙ୍କ ପାଇଁ ତଥା ଶାଶୂ ଶ୍ୱଶୁରଙ୍କ ପାଇଁ ସମୟ ବାହାର କରିବା ଉଚିତ୍ । ଏମିତି ଅନେକ କିଛି ଉପାୟ ଅବଲମ୍ବନ କରି ଅମେ ଆମ ପରିବାରକୁ ସ୍ୱର୍ଗ ତୁଲ୍ୟ କରିପାରିବା । ତେବେ ଏଥିପ୍ରତି ସମାଜରେ ଏକ ବିଶେଷ ସଜାଗତାରୁ ଆବଶ୍ୟକତା ରହିଛି । ଏହା ବର୍ତ୍ତମାନ ପ୍ରତି ଘରର କାହାଣୀ । ଏ ପରମ୍ପରା ଯଦି ଆଉ କିଛି ବର୍ଷ ସମାଜରେ ଗତିଶୀଳ ହେବ ଆମ ଉତ୍ତର ପିଢ଼ି ଅଭିଶପ୍ତ ହୋଇଯିବେ । କାରଣ ବର୍ତ୍ତମାନ ପ୍ରାୟ ଷାଠିଏ ପ୍ରତିଶତ ଯୁବକ ଯୁବତୀଙ୍କ ବ୍ୟବହାରରୁ ଜଣାଯାଉଛି ସେମାନେ ନିଜ ବୟସ୍କ ବାପା ମାଙ୍କ ସହିତ ବାକ୍‌ବିତଣ୍ଡା କରୁଛନ୍ତି । ଆଉ ବୃଦ୍ଧ ବୟସରେ ସେମାନେ କ'ଣ ସମ୍ମାନ ଦେବେ ତାହା ସ୍ପଷ୍ଟ ଅନୁମେୟ । ଏମିତି ଏ ପ୍ରବାହ ଏବେ ଅତି ଛୋଟ ବୟସର ପିଲାଙ୍କୁ

ମଧ୍ୟ ସଂକ୍ରମଣ କଲାଣି । ଏହା ଆମ ସମସ୍ତଙ୍କର ଚକ୍ଷୁ ସାମ୍ନାରେ ଦୈନନ୍ଦିନ ଘଟି ଚାଲିଛି । ଯାହା ଆଜ୍‌କୁ କୋଡ଼ିଏ ବର୍ଷ ତଳେ ମଧ୍ୟ ନଥିଲା । ତେବେ ଏ ସମସ୍ତ ରୋଗର ସୃଷ୍ଟିର କାରଣ ଘରର ମୁରବିମାନଙ୍କର ନିଜ ବୃଦ୍ଧ ବାପା ମା ମାନଙ୍କୁ ଅଣଦେଖା ଏବଂ ଅସମ୍ମାନ । ତାହା ହିଁ ସଂକ୍ରମିତ ହେଉଛି ଯୁବପିଢ଼ି ଏବଂ ଛୋଟ ଛୋଟ ପିଲାମାନଙ୍କ ପାଖକୁ । ଏହି ନୂତନ ସାମାଜିକ ରୋଗର ଆଶୁ ପ୍ରତିକାର ନକଲେ, ଏହାର ପରିଣାମ ଭୟଙ୍କର ରୂପ ଧାରଣ କରିବ ।

ବାସ୍ତବରେ ବର୍ତ୍ତମାନ ସମାଜରେ ଲୋକ ଚରିତ୍ରର ପରିବର୍ତ୍ତନ ଭବିଷ୍ୟତ ବଂଶଧରଙ୍କୁ ଯେଉଁ ଶିକ୍ଷା ଦେଉଛି ତା'ର ଫଳାଫଳ ଆମ ସମାଜକୁ ନଶ୍ଚୟ ଅନ୍ଧକାରର ଗହ୍ୱର ଭିତରକୁ ଟାଣି ନେଉଛି । ଯେ ପର୍ଯ୍ୟନ୍ତ ଲୋକ ଚରିତ୍ର ମାନବିକତାର ସମସ୍ତ ସୀମା ସରହଦର ପରିସୀମା ଭିତରେ ଅଛି ସେ ପର୍ଯ୍ୟନ୍ତ ସମାଜ ସୁସ୍ଥ ରହିବ । ତେଣୁ ଲେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ନିଜକୁ ସାବଧାନ ହୋଇଯିବାର ବେଳ ଆସିଛି ।

ଅଧ୍ୟାପକ, ସଂସ୍କୃତ ସାହିତ୍ୟ
ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାଳୟ, ତିରୁପତି-ଆ:ପ୍ରୋ
ମୋବାଇଲ-୮୮୯୭୪୨୬୨୪୩

✠✠✠



# ଆମେ ଓଡିଆ - ପୁରୁଣାରୁ ନୂଆ

**ବିଦେଶୀ ଭଞ୍ଜ**

ଆମର ଭାରତୀୟ ସଂସ୍କୃତି ବହୁ ପ୍ରାଚୀନ ଏବଂ ସମୃଦ୍ଧ । ଯେତେବେଳେ ପୃଥିବୀର ଅନେକ ମହାଦେଶ ଓ ଦେଶ ସଭ୍ୟତାର ଆଲୋକରୁ ବହୁ ଦୂରରେ ଥିଲେ, ସମସାମୟିକ ଭାରତବର୍ଷ ମୁନିରଷି ମାନଙ୍କର କଠୋର ତପସ୍ୟାଲବ୍ଧ ମାନବିକତା ଓ ଆଧାତ୍ମିକତାର ଉତ୍କର୍ଷ ସ୍ଥାନ ଦଖଲ କରି ବସିଥିଲା । ତଦାନୀନ୍ତନ ଆଦ୍ୟ ସଂସ୍କୃତିସମ୍ପନ୍ନ ଭାରତବର୍ଷର ଏକ ବିକଶିତ ରାଜ୍ୟ ଭାବରେ ତଥା କଳାଭାସ୍କର୍ଯ୍ୟର ଉତ୍କୃଷ୍ଟ ପରମ୍ପରା ପାଇଁ ବିଖ୍ୟାତ ଥିଲା ଆମ ଉତ୍କଳ ଭୂଇଁ ।

ମୁଖ୍ୟତଃ ଆମ ଓଡିଶା ରାଜ୍ୟ ଆଧାତ୍ମିକତା ପାଇଁ ସମ୍ମାନିତ । ତ୍ରେତିଶ କୋଟି ଦେବାଦେବୀଙ୍କ ଆରାଧନାକୁ ନେଇ ଓଡିଆ ଜାତି ସ୍ୱର୍ଦ୍ଧିତ । ବିଶେଷକରି ପୁରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଆଉ କୋଣାର୍କ ସୂର୍ଯ୍ୟମନ୍ଦିର ଏହାର ଆଧାତ୍ମିକ ଭିତ୍ତିଭୂମି ଓ ମୂର୍ତ୍ତିମନ୍ତ ପ୍ରତୀକ । ଓଡିଶାର ଏକ ସ୍ୱତନ୍ତ୍ର ପରିଚୟ ଜଗନ୍ନାଥ ଧାମ ଓ ଏହାର ଅଧିବାସୀ ଓଡିଆ ମାନଙ୍କୁ ସ୍ୱତନ୍ତ୍ର ଭକ୍ତି ଭାବନାର ଅନୁରୂପ ଦିଗଦର୍ଶକ ସମ୍ମାନ ଓ ଶ୍ରଦ୍ଧା ମିଳିଥାଏ । ସମ୍ରାଟ ଅଶୋକଙ୍କର ଆମରି ଭୂଇଁରେ ବିରାଟ ମାନସିକ ପରିବର୍ତ୍ତନ 'ଚଣ୍ଡାଶୋକରୁ ଧର୍ମାଶୋକ' ନିଶ୍ଚିତ ଭାବରେ ଇତିହାସରେ ଏଇ ମାଟିର ଆଉ ଆମ ଜାତିର ଏକ ଉଜ୍ଜ୍ୱଳମୟ ଗାରିମା ।

ମାତୃଶକ୍ତିର ଉପାସନା ଏଠାରେ ଘରେ ଘରେ କରାଯାଇଥାଏ ଯେଉଁଠି ଦେବୀ, ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, କାଳୀ, ସନ୍ତୋଷୀ ମା ମାନଙ୍କର ପୂଜାର୍ଚ୍ଚନା । ଆଦରରେ ଦୁର୍ଗାପୂଜା, କାଳୀପୂଜା ଓ ସରସ୍ୱତୀ ପୂଜା ମହା ସମାରୋହରେ ପାଳିତ ହୁଏ । ରଜ ଆମର ଜାତୀୟ ପର୍ବ ଯାହା ଆମ ଓଡିଆ ଜାତିକୁ ପ୍ରକୃତି ସନ୍ତାନ ଭାବରେ ମାନସିକତା ନେଇଥିବାର ପ୍ରମାଣିତ କରେ । ଧରିତ୍ରୀ ମା କୁ ପୂଜା କରି ନୂଆ ଲୁଗା ପିନ୍ଧି କନ୍ୟାମାନେ ଏହାକୁ ଅତି ଯତ୍ନରେ ପାଳନ କରନ୍ତି । ରଜ ଦୋଳି ସହିତ ଗୀତ ତାମସା କରି ଧରିତ୍ରୀ ମା ଉପରେ ବୋଝ ନ ହେବାକୁ ପାଦ ତଳେ ଲଗାନ୍ତି ନି । ଦୋଳିରେ ବସି ଝୁଲନ୍ତି । ଏହି ପାଳନ ଅବସରରେ ଗାଁଗଣ୍ଡାରେ ଘରେ ଘରେ ବନ୍ଧୁତ୍ୱର ବାର୍ତ୍ତା ବଣ୍ଟନ କରନ୍ତି । ତା ସତ୍ତ୍ୱେ ନାରୀରୂପୀ ନବବଧୂ ଯୌତୁକ ଅବା କୌଣସି ଗୌଣ କାରଣରୁ ପାରିବାରିକ ନିର୍ଯ୍ୟାତନାରୁ ବର୍ତ୍ତିପାରେନା ।

ଗ୍ରାମବହୁଳ ଭାରତରେ ଓଡିଶା ଅଧିକ ଗ୍ରାମାଭିମୁଖୀ । ଗାଁ ମାନଙ୍କରେ ପରିବାର କୈନ୍ଦ୍ରିକ ବହୁଜନ ବିଶିଷ୍ଟ ଯୌଥ ପରିବାର । ଏମିତି ପରିବାରରେ ସ୍ନେହ, ମମତା, ଆନ୍ତରିକତା, ସେବା, ତ୍ୟାଗ ପରି ଗୁଣର ମର୍ଯ୍ୟାଦା ରହିଛି । ପରିବାରରେ ମା' ଏକ ଜୈବିକ ଏବଂ ଉତ୍ସର୍ଗୀକୃତ ଆତ୍ମସତ୍ତା ରୂପେ ଆବିର୍ଭୂତା । ପରିବାରର ସମସ୍ତଙ୍କର ସର୍ବାଙ୍ଗୀନ ଉନ୍ନତି ସହିତ ଶାନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ଉପୁଜାଇବା ତାଙ୍କର ଏକାନ୍ତ ଲକ୍ଷ୍ୟ । ଆଜିର ପରିବର୍ତ୍ତିତ ଓଡିଆ ପରିବାରରେ ମା'ର ଭୂମିକା ନିଭାଇବାର ପରିବେଶ ନିଶ୍ଚିତ ଓଡିଆ ହୃଦୟ ଆଉ ଚରିତର ଯଥାଯଥ ବିକାଶ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଅତିଥି ଦେବୋଭବ ନୀତିକୁ ଓଡିଆ ଜାତି ଆଜନ୍ମରୁ ସମ୍ମାନ ଦେଇ ଆସିଛି । ପରିବାରକୁ ଅତିଥି ଅଭ୍ୟାଗତଙ୍କ ଆଗମନକୁ ସୁସ୍ୱାଗତ କରି ସେବାସଂସ୍କାର କରିବା ଓଡିଆ ସଂସ୍କୃତିର ପରମ୍ପରା । ପୂର୍ବକାଳରେ ଆମର ବାସଗୃହ କ୍ଷୁଦ୍ର ଥିଲା । ସେହି ଛୋଟ କୁଟୀରରେ ପରିବାରର ବହୁ ସଦସ୍ୟ ପାରିବାରିକ ବୁଝାମଣା ସହ ଶାନ୍ତିରେ ବସବାସ କରୁଥିଲେ । ପରସ୍ପର ମଧ୍ୟରେ ସମ୍ପର୍କ ପୁରାଣ ବର୍ଣ୍ଣିତ ରାମ ଲକ୍ଷ୍ମଣ ବା ପଞ୍ଚୁପାଣ୍ଡବ ଉଦାହରଣ ପରି ଥିଲା । ପ୍ରତ୍ୟେକ ରାମାୟଣ ମହାଭାରତ ପ୍ରସଙ୍ଗରେ ନିଜକୁ ପରିଚାଳିତ କରିବାର ମାନସିକତା ରଖିଥିଲେ । ମାତ୍ର ଆଜି ସେ ପ୍ରାଚୀନ ଓଡିଆ ସମାଜ ନାହିଁ । ସହର କଥା ଛାଡନ୍ତୁ, ଗାଁଗଣ୍ଡାରେ ବି ଯୌଥ ପରିବାର ସହରୀ ହାୱାରେ ତୁଟି ଗଲାଣି । ବିରାଟ ବଙ୍ଗଳା ଆଉ କ୍ଷୁଦ୍ର ପରିବାର । ପାଶ୍ଚାତ୍ୟରୁ ଆମଦାନୀ ପରିମାପରେ ସଂଗଠିତ । ପିତା, ମାତା ଓ ତାଙ୍କର ଗୋଟିଏ ବା ଦୁଇଟି ସନ୍ତାନକୁ ନେଇ ଛୋଟ ପରିବାର । ପ୍ରତ୍ୟେକ ବିକଶିତ ହେବାର ନିର୍ଣ୍ଣୟ ନେଇ ସମୟ ପଛରେ ଧାଇଁ ଧାଇଁ ପାରସ୍ପରିକ ସମ୍ପର୍କ ଆଉ ସେମିତି ନାହିଁ । ଯିଏ ଯାହା ବାଟରେ । ନିଜ ସ୍ୱାର୍ଥ-ସର୍ବସ୍ୱ । ଟିକକେ ପାନରୁ ଚୂନ ଖସିଗଲା ପରି କି ସ୍ୱାମୀ-ସ୍ତ୍ରୀ କି ଭାଇ ଭଉଣୀ ? କାହିଁ ସେ ପରିବାର ଯାହା ତଅପୋଇ ଚରିତ୍ରରେ ଲେଖା ଯାଇଛି କି ଉଦାର ଭାବାପନ୍ନ କୌଣସି ଓଡିଆ ପରିବାର ବିଷୟରେ ପଢିବାକୁ ମିଳେ । ସେଇ ଆଦର୍ଶ ଓଡିଆ ପରିବାର ଏବେ ନିଶ୍ଚିହ୍ନ ହୋଇଯାଇଛି । ଆଜି ଅଧିକ ଅର୍ଥ ସମ୍ପନ୍ନ ହୋଇପାରେ ଆମର ଅବସ୍ଥା । କିନ୍ତୁ ଶାନ୍ତି ଓ ସୌହାର୍ଦ୍ଦ୍ୟ ବିଦାୟ ନେଇଛି ପାରିବାରିକ ଜୀବନରୁ ।

ପରିବାରରେ ଜ୍ୟେଷ୍ଠଙ୍କର ଉପଦେଶ ମନେହୁଏ ଆଦେଶ । ଗଣତନ୍ତ୍ରରେ ବିଶ୍ୱାସ କରି ଆଜିର ମଣିଷ ଉପଦେଶକୁ ଆଦେଶ ମଣେ, ନିଜମତେ ଚଳି ପରାଭବ ପାଇଲେ କେବଳ ମନସ୍ତାପ କରେ । କିନ୍ତୁ ସୁଧୁରେ ନି ଉପଦେଶ ଗ୍ରହଣ କରିବାକୁ । ଓଡ଼ିଆ ପରିବାର ଆଜି ସେଇ ବିବର୍ତ୍ତନର ଶିକାର । ଯିଏ ଯାହା ହାତରେ ଚଉଦ ପା । ଓଡ଼ିଆ ପରିବାର ଆଜି ଉଜୁଡ଼ି ଯାଇଛି । ଆଶା ହୁଏନା ଦିନେ ପୂର୍ବବତ୍ ଅବସ୍ଥାକୁ ଫେରିବ । ଆଖିରେ ଦେଖନ୍ତି ପଡୋଶୀ ଆନ୍ଧ୍ର ରାଜ୍ୟର ତେଲୁଗୁ ପରିବାର । ଯୌଥ ଆଉ ଆଦର୍ଶ ହୋଇ ତିଷ୍ଠି ରହିଛି । ସେମିତି ବି କେରଳର ଗାଁଗଣ୍ଡାର ପରିବାର । ଅତୁଟ ଓ ସଫଳ ହୋଇ ରହିପାରିଛି ସମୟଚକ୍ରରେ । ଅନ୍ତତଃ ଏହି ଦୃଷ୍ଟି କୋଣରୁ ଆମର ନିଜକୁ ଆତ୍ମସମୀକ୍ଷା କରି ସ୍ୱାର୍ଥ ବିନିମୟରେ ସମନ୍ୱିତ ପରିବାର ଗଠନ କରିବାର ଯୌକ୍ତିକତା ନିଶ୍ଚିତ ରହିଛି ।

ସରଳ ଜୀବନ ଓ ଉଚ୍ଚ ଚିନ୍ତନ ଆମ ଓଡ଼ିଆ ଜାତିର ସବୁବେଳେ ଲକ୍ଷ୍ୟ ରହିଛି । ଓଡ଼ିଆ କେବେ ବହୁ ଆଡ଼ମ୍ବର କରେନି, ଶେଷଫଳ ଲଘୁ ବା ଗୁରୁ ହେଉ ପଛକେ । ପ୍ରତ୍ୟେକ କାର୍ଯ୍ୟରେ ବିଶ୍ୱାସଭାଜନ ହେବା ସହିତ ନିଷ୍ପାପର ଭାବରେ କାର୍ଯ୍ୟ ସମ୍ପାଦନ କରିବା ତାହାର ଉଦ୍ଦେଶ୍ୟ । ଏହି ଜାତିର ମହାମହିମ ବ୍ୟକ୍ତିତ୍ୱ ତଥା ଉଚ୍ଚାଙ୍ଗ ସାହିତ୍ୟିକ ଯେପରି ଆଦିକବି ସାରଳା ଦାସ, ରୀତିଯୁଗର ପଞ୍ଚସଖା ଯଥା – ଜଗନ୍ନାଥ ଦାସ, ବଳରାମ ଦାସ, ଶିଶୁ ଅନନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ ଓ ଯଶୋବନ୍ତ ଦାସ । ସେମାନଙ୍କର ଉଚ୍ଚ ଆଧ୍ୟାତ୍ମିକ ଦାର୍ଶନିକ ଚିନ୍ତାଧାରା । ସରଳ ଭକ୍ତିଭାବପୂର୍ଣ୍ଣ ଜୀବନ । ଏଭଳି ସରଳତା ଅନ୍ୟ ଜାତିମାନେ ଦୁର୍ବଳ ମନେକରି ଥାଆନ୍ତି । ନିଜର ଅଗାଧ ପାଣ୍ଡିତ୍ୟ ଏହି ସରଳ ମନୋଭାବରେ ଲଘୁ ହୋଇଯିବାର ଭୟ ରହିଛି । ଯଦିଚ ଆଜିର ଜୀବନରେ ନିଜର ଆତ୍ମଜୀବନୀ ପ୍ରତି ଉଦାସୀନ ରହିବା ଓ ସରଳ ହେବା ଆପେକ୍ଷିକ ଭାବରେ କ୍ଷତିକାରକ, ଅନ୍ୟ ମାନଙ୍କ ପାଇଁ ଉଦାହରଣ ହେବାକୁ ହେଲେ ବ୍ୟକ୍ତିତ୍ୱର ପରିଭାଷା ଆଶାଜନକ ହେବା ଆବଶ୍ୟକ ହୋଇପଡ଼ିଛି ।

ଶୃଙ୍ଖଳା ମଣିଷ ସମାଜର ଏକ ଦେବଦତ୍ତ ପ୍ରବୃତ୍ତି, ଯଦ୍ୱାରା ଆମେ ଉତ୍କର୍ଷ ଲାଭ କରିପାରିବା । ଶୃଙ୍ଖଳିତ ସମାଜ ଆଉ ରାଷ୍ଟ୍ର ବିକଶିତ ହୋଇ ନିଜ ରାଷ୍ଟ୍ରକୁ ସ୍ୱର୍ଗରେ ପରିଣତ କରିଥିବାର ଆମେ ଚାକ୍ଷୁଷ ପ୍ରମାଣ ପାଉ । ରାଜନୀତି, ଅର୍ଥନୀତି, ସାମାଜିକ ବିଧାନ, ରାସ୍ତାଘାଟ, ଯାନବାହାନ, ହାଟ ବଜାର, ମେଳା ମହୋତ୍ସବ ସବୁଠାରେ ଶୃଙ୍ଖଳାବୋଧର ପ୍ରୟୋଗ ମହତ ଜଗାଏ । ପ୍ରତ୍ୟେକ ବ୍ୟକ୍ତି ଏଥିରେ ଭୁକ୍ତଭୋଗୀ ହୋଇ ନିଜର ଅଂଶ ଗ୍ରହଣ ଆଉ ନିଜର ଲାଭାଂଶ ଉପଭୋଗ କରନ୍ତି । ଶୃଙ୍ଖଳା ବିହୁନେ ସାମାଜିକ କାର୍ଯ୍ୟକ୍ରମର ମେରୁଦଣ୍ଡ ତୁଟିଯାଏ । ଅଂଶୀଦାର ସମସ୍ତେ ବିତସ୍ପୃହ ହୋଇ ପଡନ୍ତି । ଅନେକ ବିକାଶଶୀଳ ରାଜ୍ୟରେ ବହୁ କ୍ଷେତ୍ରରେ ଶୃଙ୍ଖଳା ପରାହତ ହେବାର ଉପଲବ୍ଧ ହୁଏ । ବିଶୃଙ୍ଖଳ ଆଚରଣ ବଳରେ କେବଳ ସାମାଜିକ ନୁହେଁ, ଅର୍ଥନୈତିକ ଓ ରାଜନୈତିକ ଚେତନାର ବିଲୟ ଘଟିଥାଏ । ଜାତିକୁ ଦୁର୍ନାମ ମିଳେ । ଆମକୁ ବହୁ କବି ଓ ଲେଖକ ଚେତାଇ ଦିଅନ୍ତି, ଚରିତ୍ର ନଥିଲେ ସବୁ ଅସାର ।

ଅତୀତ ଉତ୍କଳର ସୁଶୃଙ୍ଖଳ ରାଜକୀୟ ଶାସନ, ପ୍ରଜା ହିତୈଷୀ ନୀତି, ଧର୍ମ, ଶିକ୍ଷା ଓ ସେବା ଧର୍ମର ବିକାଶ ଆମ ସମାଜକୁ ଶୃଙ୍ଖଳିତ ଆଚରଣ ସହିତ ସୁସ୍ଥ ସାମାଜିକ ଜୀବନ କାଟିବାର ଆଦର୍ଶ ପ୍ରଦାନ କରିଥିଲେ ବି କାଳ ବଦଳି ଯାଇଛି । କୌଣସି ଧର୍ମର ଲୋକଙ୍କୁ ସହାୟକ ହେବା ସବୁ ସମୟରେ ଉତ୍କଳୀୟର ପ୍ରବୃତ୍ତି ହୋଇଛି । ବୁଭୁକ୍ଷୁକୁ ଖାଦ୍ୟ, ତୃଷାର୍ତ୍ତକୁ ଜଳ ଓ ଭିକାରୀକୁ ଭିକ୍ଷା ଦେଇ ମାନସିକ ସନ୍ତୋଷ ପାଏ ଓଡ଼ିଆ । ଗାଁ ଗଣ୍ଡାରେ କୌଣସି ଗୋଟିଏ ଘରେ ବିପତ୍ତି ପଡ଼ିଲେ, ସାଇଭାଇ ତାକୁ ବାଦ୍ ଦେଇ ଅନ୍ନଜଳ ସ୍ପର୍ଶ କରୁ ନଥିବାର ଉଦାହରଣ ରହିଛି । ଜଣେ ଅତିଥି ଅଭ୍ୟାଗତ ଆସି ଅସମୟରେ ପହଞ୍ଚିଗଲେ, ନିଜେ ଉପାସ ରହି ଗୃହକର୍ତ୍ତା ଅଭ୍ୟାଗତଙ୍କୁ ଚର୍ଚ୍ଚାକରେ । ଏହି ରାଜ୍ୟର ଲୋକମାନଙ୍କର ଧାର୍ମିକ ପ୍ରକୃତିରୁ ଭିକ୍ଷା ଓ ପୃଷ୍ଠପୋଷକତାରେ ତିଷ୍ଠି ରହୁଥିବା ଜୈନ, ବୌଦ୍ଧ ଓ ମହିମା ଧର୍ମ ଉତ୍ତରୋତ୍ତର ଉନ୍ନତି ଲାଭକରିଛି ଏଠାରେ । ତେଣୁ ଯେଉଁ ରାଜ୍ୟର ଏମିତି ଐତିହ୍ୟ ରହିଛି, ସେଠାରେ ବିଶୃଙ୍ଖଳା, ଅମାନୁଷିକତା କି ଅନିୟମିତତାର ସ୍ଥାନ କିଏ ଦେବ ?

ଓଡ଼ିଆ ସଂସ୍କୃତି ଏକ ମୌଳିକ ସଂସ୍କୃତି । ତଥାପି ଏହା ସବୁ ସମୟରେ ଡେରିରେ ହେଲେ ବି ବୈଦିକ ଅବା ମଧ୍ୟପ୍ରାଚ୍ୟାଗତ ଉତ୍ତରଭାରତୀୟ ସଂସ୍କୃତି ଓ ଦକ୍ଷିଣ ଭାରତୀୟ ପୁରାତନ ଦ୍ରାବିଡ଼ ସଂସ୍କୃତି ଦ୍ୱାରା ପ୍ରଭାବିତ । ଆଜି ବାଜି ରାଉତ ଓ ଧର୍ମପଦର ତ୍ୟାଗ ତଥା ବଳିଦାନ ପାଇଁ ଆମେଅନ୍ୟ ମାନଙ୍କ ସମ୍ମୁଖରେ ଗର୍ବର ସହ ମଥା ଉତ୍ତୋଳନ କରି ଚାଲୁ । ସୁଲଳିତ ଗୀତ ଗୋବିନ୍ଦର ରଚୟିତା ଜୟଦେବ ଆମର ଆଦର୍ଶ । ଠିକ୍ ସେହିପରି ରାମକୃଷ୍ଣ ଓ ବିବେକାନନ୍ଦ ଆମ ରାଜ୍ୟରେ ଜନ୍ମ ହୋଇ ନଥିଲେ ବି ସେମାନଙ୍କ ନୀତିଗତ ଜୀବନ ଓ ସୁପରାମର୍ଶ ଚିରଦିନ ଆମପାଇଁ ଗ୍ରହଣୀୟ ।

ଆଜି ଦିନରେ ବିଦ୍ୟା ବୁଦ୍ଧି ପୁସ୍ତକଗତ ବିଦ୍ୟାଧାରରୁ ପାଠକ ମନରେ ପ୍ରବେଶ କରିପାରେ । ପଢ଼ିବା ଅଭ୍ୟାସ ବଳରେ ବିଦ୍ୟା ଓ ବୁଦ୍ଧିର ପରିସୀମା ମଣିଷକୁ ଗୁଣୀ ଓ ଜ୍ଞାନୀ କରିପାରେ । ଏହି ଦୃଷ୍ଟିରୁ କୁହାଯାଇ ପାରେ, ପୁସ୍ତକଗତ ବିଦ୍ୟାର ପଠନ ଓ ମାନସ ମନ୍ଥନ ସମସ୍ତଙ୍କର ଆଦର୍ଶ ହେବା ବିଧେୟ । ପୁସ୍ତକ ଶିକ୍ଷିତ ସମାଜର ପ୍ରକୃତ ବନ୍ଧୁ, ସମାଜରେ ପୁସ୍ତକ ପ୍ରସାର ମାନବିକ ଚେତନାର ପ୍ରସାର ବୋଲି କହିଲେ ଚଳେ । ପୁସ୍ତକ ପ୍ରସାର ଅନେକ ଗୁଡ଼ିଏ ସ୍ତରରେ ସମ୍ପାଦିତ ହୁଏ, ପୁସ୍ତକ ରଚନା, ପ୍ରକାଶନ, କ୍ରୟ ଓ ପଠନ । ଏ ଦିଗରେ ପ୍ରତ୍ୟେକ ରାଜ୍ୟର ପରିସ୍ଥିତି ସ୍ୱତନ୍ତ୍ର ଏବଂ ତାହା ଆଗ୍ରହୀ ଉତ୍ସାହୀ ପାଠକଙ୍କ ଆମଶ୍ୟକତା ଆଉ ମାନସିକତା ଉପରେ ନିର୍ଭରଶୀଳ । ପୁସ୍ତକ କ୍ରୟ ଆଉ ପଠନ ପଶ୍ଚିମ ବଙ୍ଗଳା ରାଜ୍ୟର ଏକ ସୁଚରିତ୍ର ହୋଇ ସାରିଛି । ବହିଟିଏ କିଣିବା, କାହାକୁ ସୁନ୍ଦର ଏକ ପୁସ୍ତକ ଉପହାର ଦେବା ଆଉ କିଣିଥିବା ବହିଟିକୁ ଦୋରସ୍ତ କରି ସମସ୍ତ ପାଠ ଆହରଣ କରିବାରେ ବଙ୍ଗାଳୀ ଜାତିର ଉଦାହରଣ ଭାରତରେ ବିରଳ । ମାତ୍ର ସେଇ ରାଜ୍ୟର ପଡୋଶୀ ରାଜ୍ୟ ଭାବରେ ଏବଂ ପ୍ରାକ୍ ସ୍ୱାଧୀନତା କାଳରେ ଶିକ୍ଷାଗତ ସମ୍ପର୍କ ଥିବା ଅବସରରେ ଆମେ ଏହି ପଠନରତ ପଡୋଶୀଙ୍କ ପାଖରୁ

କିଛି ବି ଶିଖି ପାରିଲୁନାହିଁ । କାହିଁକି ଶିକ୍ଷିତ ଓଡିଆ ସମାଜ ବହିଟିଏ କିଣିବା ଆଉ ପଢିବାର ମାନସିକତା ଧାରଣ କରିନି, ଏହା ଗବେଷଣା ଯୋଗ୍ୟ । ଓଡିଶାରେ କବି ଓ ଲେଖକଙ୍କର ଅଭାବ ନାହିଁ । ମାତ୍ର ଅଭାବ ରହିଛି ପାଠକର କ୍ରୟ କରିବାର ମାନସିକତା ଆଉ ପଢିବାର ଆଗ୍ରହ । ଏହି ଦୁଇଟି ଅଭାବରୁ ପୁସ୍ତକ ପ୍ରକାଶନ ଶିଳ୍ପ ଶିଥିଳ ପଡି ଆସୁଥିଲେ ହେଁ, ଏହାର କାରଣ କେବଳ କ୍ରୟ କରିବାରେ କାର୍ପଣ୍ୟ ଯେତିକି ଅଛି, ପାଠ ପଢିବାର ଆଗ୍ରହ ସମ୍ପୂର୍ଣ୍ଣ ଶୂନ୍ୟ । ଏମିତି ପୁସ୍ତକ ପ୍ରକାଶନ ଚାରାଟି ନିଶ୍ଚିନ୍ତ ଝାଉଁଳି ପଡିବାର ଆଶଙ୍କା ରହିଛି । ମାନସିକତା ସକାରାତ୍ମକ କରି ଆମେ ପଡୋଶୀ ରାଜ୍ୟଗୁଡିକର ଅବସ୍ଥା ଦେଖି ନିଜର ପ୍ରତିକାର କରିବାର ବେଳ ଆସିଛି । ଏହା ବ୍ୟକ୍ତିଗତ ଭାବରେ ପ୍ରତ୍ୟେକ ସ୍ୱାକ୍ଷର ତଥା ଶିକ୍ଷିତ ଓଡିଆଙ୍କ ପାଇଁ ।

ସଭ୍ୟତାର ଲେଉଟାଣି ଅନେକ ଜାତିକୁ ଆଜିର ଘୂର୍ଣ୍ଣନଶୀଳ ପରିବେଶରେ ଉପରକୁ ନେଇଛି ତ କାହାକୁ ଖାପ ଖୁଆଇ ନପାରି ନିଶ୍ଚିହ୍ନ କରିଦେଇଛି । ସମୟ ଆସିଛି ବିଜ୍ଞାନର । ଯନ୍ତ୍ର ସଭ୍ୟତାର । ଜଳ ଜାହାଜ, ଯାନ୍ତ୍ରିକ ଶିଳ୍ପ, ଛପା ଯନ୍ତ୍ର, ଉଡାଜାହାଜ, ସରବରାହ ଆଉ କମ୍ପ୍ୟୁଟର ସଭ୍ୟତାକୁ ପୁନର୍ମୂଲ୍ୟାୟନ କରୁଛି ପ୍ରତିଟି ଦଶନ୍ଧିରେ । ଓଡିଆ ଜାତି ତା ପ୍ରକୃତି କୋଳର ପରିବେଶରେ ନିଜକୁ ନିର୍ଦ୍ୱନ୍ଦ୍ୱରେ ଚଳି ପାରୁନାହିଁ କି ନିଜ କୁଟୀରରେ ଶାନ୍ତି ନାହିଁ । ସାଗର, ପର୍ଯ୍ୟଟନ, ସରବରାହ, ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ ସବୁଠି ପଛରେ । ପଛରେ ହିଁ ପଛରେ । ଏହା ପ୍ରତ୍ୟେକ ବାହାର ରାଜ୍ୟ କି ବାହାର ଦେଶ ଭ୍ରମଣ କଲେ ଅନୁଭବ କରନ୍ତି ।

ଆମ ଅତୀତର ଐତିହ୍ୟ ଫେରାଇ ଆଣିବାରେ ଆମ ନିଜର ବ୍ୟକ୍ତିଗତ ଉଦ୍ୟମ ନିଶ୍ଚିତ ସାକାର ହେବ । ଜଗନ୍ନାଥଙ୍କ ନାମ ଉଚ୍ଚାରଣ ସହିତ ଆମେ କର୍ମମୁଖର ଓ ଲକ୍ଷ୍ୟସିଦ୍ଧିର ଉଦ୍ଦେଶ୍ୟରେ ଆଗେଇବାର ସମୟ ଉପନୀତ ହୋଇଛି ।

ଡୁମୁଡୁମା (କ), ଖଣ୍ଡଗିରି, ଭୁବନେଶ୍ୱର-୩୦
ମୋ - ୯୪୩୭୦୮୨୧୦୬

✠✠✠



# ନୂଆଟା ନକଲି ପୁରୁଣା ଅସଲି

**ରଞ୍ଜନ କୁମାର ସାମଲ**

ଓଡ଼ିଆ ସଂସ୍କୃତି ହଜାଇଛି ସ୍ଥିତି
ପାଶ୍ଚାତ୍ୟର ଆକ୍ରମଣେ
ଶିରିହୀନ ହୁଏ ଆମରି ଚଳଣି
ବିଗିଡ଼ଇ ପ୍ରତି କ୍ଷଣେ ।।

ବିଦେଶୀ ଭାଷାରେ ଯୁବଗୋଷ୍ଠୀ ବାୟା
ଭୁଲନ୍ତି ତ ନିଜ ଭାଷା
ପିଲାଟିଏ ଡାକେ ମମି ଡାଡି ଡାକ
ଇଂରାଜୀ କରୁଛି ଘୋଷା ।।

ବାପା ବୋଉ ଡାକ କେତିକି ମଧୁର
ଶୁଣିବାକୁ ମିଳେ ନାହିଁ
ମାତୃଭାଷା ଆମ ହଜି ହଜି ଯାଏ
କହିଲେ ଲାଜ ଲାଗଇ ।।

ଧୋତି, କୁର୍ତ୍ତା, ଜାଗା ମାଡ଼ିବସିଲାଣି
ସୁଟ୍, ଶାର୍ଟ ଓ ଟାଇ
ଏଣ୍ଡୁରି ଚକୁଳି ରୁଚୁ ନାହିଁ ଆଉ
ପିଜା, ବର୍ଗରରେ ବାଇ ।।

ଗାଁରେ ଝୁଲୁନି ରଜ ଦୋଳି ଆଉ
ପଡୁନାହିଁ ଝୋଟି ଚିତା
ଭାଲେଣ୍ଟାଇନ୍ ଡେ ପାଳନ ହେଉଛି
କହିବାକୁ ଲାଗେ ବ୍ୟଥା ।।

ପୁରୁଣା ସଭ୍ୟତା ପୁରୁଣା ବ୍ୟବସ୍ଥା
ଲିଭିଯାଏ ଦିନୁ ଦିନ
ଓଡ଼ିଆ ସଂସ୍କୃତି ରଖୁ ତାର ସ୍ଥିତି
ଛାଡନା ତା କୀର୍ତ୍ତିମାନ ।।

ଗୀତା ଭାଗବତ ପାସୋରୀ ଗଲୁଣି
ଫେସ୍ ବୁକ୍‌ରେ ବାଇଆ
ଡୁଡୁ ବୋହୂଚୋରୀ ହଜି ସାରିଲାଣି
କ୍ରିକେଟ୍ ମାୟାରେ ବାୟା ।।

ଛୁଆ ଶୁଣୁନାହିଁ ନାନା-ବାୟା ଗୀତ
କାର୍ଟୁନ ଛବିରେ ବ୍ୟସ୍ତ
ପଖାଳ ସାଙ୍ଗକୁ ଶାଗ ବଡ଼ିଚୁରା
ଦେଖି ମରିଯାଏ ଭୋକ ।।

ଓଡ଼ିଆଣୀ ଆଉ ପିନ୍ଧୁନାହିଁ ଆଜି
ସମ୍ବଲପୁରୀର ଶାଢ଼ୀ
ଜିନ୍‌ସ ପ୍ୟାଣ୍ଟରେ ଟି-ସାର୍ଟ ଯୋଡି
ଚଢି ଯାଉଅଛି ଗାଡ଼ି ।।

ଅପସଂସ୍କୃତିର ବିଜୟ ପଣରେ
ମଥା ଯାଏ ଲାଜେ ନଇଁ
ଜଗତର ନାଥ ହୁଅ ହେ ସହାୟ
ପାଦ ତଳେ ମୋ ଗୁହାରି ।।

ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର, ଭୁବନେଶ୍ୱର-୭୫୧୦୦୪

✠✠✠

# Life Lessons From My Lovely State Odisha

***Aswasana Kar***

Odisha is one of the 29 States of the Incredible India. It is located in the eastern region of India on the Bay of Bengal. It is the 11th largest state by population and is a home to 4.6 crore people. Being a resident of Odisha for the first 23 years of my life, I have observed people of Odisha, their nature and habits that make them different from others. Being a proud Odia, I have learnt some life lessons from my state and these lessons have inspired me time and again in my life.

Being a coastal state,Odisha faces cyclones and floods nearly every year. The two most severe cyclones seen by me are Super Cyclone of 1999 and Cyclone Fani in the year 2019. There are people who have experienced none of them, yet crib and complain about the infrastructural problems in the state after a natural calamity. Being a witness to both the cyclones, I can clearly say how Odisha has developed from a disaster-victim state to a disaster ready state. We have come a long way from losing 10,000+ people in 1999 to savings lakhs of lives in Fani in 2019. Moreover,this preparedness of the Odisha Government is not only lauded by me as a citizen but also by Organisations like United Nations and by the Centre and, in fact, The New York Times had a special article dedicated to the disaster-readiness of Odisha titled ‘How Do You Save A Million People in Cyclone? Ask A Poor State in India’. The disaster readiness of my state gave me the First Life Lesson -‘At one time you may fail miserably, but if you keep on trying and improving yourself, one day you will be able to scale the heights you want to and become successful in achieving a dream which otherwise seemed impossible.’

The second life lesson I learnt is also in the context of Cyclone but here it is about the people of Odisha. Cyclone Fani hit Odisha on the 2nd of May 2019 and the worst affected districts were the Land of Lord Jagganath Puri and Khordha under which the capital city Bhubaneswar is located. The world-Famous Chariot Festival or Rath Yatra was on the 4th of July 2019 and the FIH Men’s Series Finals were on 6th June 2019 which was scheduled to be conducted in Bhubaneswar. These two events were just two and one months away respectively from the day Fani created havoc in the state. Seeing the dilapidated state of Puri and Bhubaneswar in the first week of May 2019, no one would ever think the cities would be ready for the great Rath Yatra or FIH Men’s Series Finals as it takes a great deal of hard work and management to be organised in a proper manner. When I saw the cities preparing for the events and ultimately the events being successfully organised, I realised the unparalleled spirit of the people of my state, which conveys-‘You don’t lose until you decide to give up.’

For an Odia, city of Puri is an emotion. It may seem monotonous to us to visit Puri each time an outing is planned, but seeing Puri in darkness is not less than an emotional turmoil for us. I still remember the moment I saw the

picture of Badadanda after the electricity restoration after the cyclone Fani. It was a goose bumps moment for many of us. Rath Yatra is no less than a carnival in our state. Seeing Rath Yatra on TV was a like a ritual performed every year. This year on the day of the Chariot Festival, seeing people soaking in the divine colours of Rath Yatra in the same way as they used to do in all other years, I learnt one of the most important life lessons-'No matter how big the damage is or how deep the hurt is, one can always bounce back and continue the beautiful journey of life'.

The nature and behaviour of the Odia people has inspired me as well as made me feel proud of the people in my state. Their courage and patience during calamities or testing times is unparalleled. May it be the crucial time of demonetization or Cyclone; I have always seen people taking things in a positive manner. It's not that during demonetization we had a surplus pool of cash or we didn't bear the brunt of cash crunch but people believed that this was a positive move in the path of curbing black money and fake notes and were ready to bear it out with a smile. At the time of demonetization, as the withdrawal limit of every bank account was limited and people had to stand in the queue for a longer period as well, people generally preferred to use 2-3 ATM cards to withdraw cash at a time. It is generally expected from people to lose their cool over a single person taking too much time to withdraw cash but I saw people understanding each other's sentiments even if the other person is a stranger, and waiting for their turn patiently. The testing time of demonetization gave me my third life lesson- 'If you feel the move of your Leaders, may it be Centre or State or any other organization is a positive move and has the capability of changing things then cultivate a habit of dealing with the inconvenience patiently and bravely.' In addition to this, the fourth life lesson that I learnt from my people or State at large is 'Be helpful and considerate for the people even if you don't know them or may not know in the future.'

I have seen my state's journey from making headlines for poverty, malnutrition or backwardness to being in news for positive things like Bhubaneswar being ranked # 1 in the Smart Cities List, Women Empowerment or being the budding sports capital of India. While I believe there is a lot of scope for improvement in many aspects, but I acknowledge and feel proud of the changes that have taken place over the years. From not having a proper stadium with proper arrangements to winning the Best State for Promotion of Sports honour after successfully hosting the Hockey World Cup 2018, Hero Super Cup and Asian Athletics Championship, the state has come a long way in its journey of becoming the budding Sports Capital of India. In addition to this, in this male dominated era of politics in India, Odisha has managed to set an example in the political empowerment of the women in the state. Odisha was among the first states to reserve 50% seats for women in Panchayati Raj Institutions and in Lok Sabha Elections 2019, 7 out of 21 Lok Sabha seats in Odisha were won by women making Odisha the first state to get 33% women MPs. These are few examples of how the state has taken baby steps and grown over the years. This gives us the next life lesson which states that 'At one time, aiming high may seem futile , but if you keep on trying and taking small steps in the direction of achieving the impossible you may achieve it one day but if you keep on complaining about what you don't have, probably you will never achieve anything in life.'

Without any reference to any political inclinations of mine or of anyone else, the next lesson is in relation to the politics of my State. It is a well-known fact that different political parties have different ideologies. According to me, whatever their ideology may be but all should share at least one common ideology i.e. welfare of the people. Not taking the literary meaning of opposition too seriously, a party should always ponder upon the facts and should have a perfect reason for opposing any Bill or Scheme. Mudslinging is a part of the election campaigning but beyond that it should all be about the welfare

of the people. I have seen many instances in my state where people's welfare has taken a front seat and political rivalry a back seat. One of such examples is the acceptance of PM-KISAN Yojana by the Odisha Government in spite of the fact that farmers were already getting benefited by the KALIA Scheme of my State Government. The life lesson which can be learnt from here is 'You may encounter many people in your life who have different ideologies and principles than yours. Don't be so judgmental and narrow-minded that you fail to see the rights and wrongs of any aspect or any event.'

Last but not the least, I have learnt the importance of simplicity and elegance from my State, may it be the Odia Cuisine or the handloom/handicrafts of Odisha. Odia cuisine has a rustic deliciousness hidden in it. Cooked in less spice and oil by following simple cooking techniques, it is flavourful and unique in taste. One of the best examples is the Puri Mahaprasad which is cooked with ingredients that are readily available but has a huge range of dishes- anna(plain rice), kanika(sweet rice), dalma (dal cooked with many traditional vegetables like raw banana, brinjal, drumstick etc), mitha dali (sweet dal which is unique in its taste and hardly ever tastes the same when you try to cook the same at home), besara (vegetables cooked in mustard paste and) etc. In fact, the Odisha Rasagola which got GI Tag recently is said to have been originated in Puri as Khira Mohana according to historians of Odisha. In the era of complex dishes like Butter Masala, Tarts and cheesecakes, Odia cuisine offers some of the most simple yet delectable dishes like Saga Mooga (Saag cooked with moong dal), Macha Beshara (Fish cooked in mustard paste), Dahi Bara-Aloodum(A chat made of Dahi-Bara, Aloo-Dum, Ghugni), Pakhala (Rice in fermented water), Poda Pitha (Cake made with urad dal, rice flour and jaggery), Chena Poda(Steamed cake made with chenna)etc. In addition to this, if we look at the handloom of Odisha, they look simple to the eyes yet can be the most gorgeous thing when someone wears it, may it be Sambalpuri, Bomkai or Kotpad. In fact, Kotpad of Koraput district is an eco-friendly fabric, which is chemical-free and naturally dyed. These are some of the instances of simplicity in my State and the simplicity and honesty people hold in their hearts is something that makes them unique.

According to me, these are some of the essential life lessons, which can inspire people, whether they belong to Odisha or some other state or region of the world. And the fact which I have heard people saying and I truly believe in is 'Odisha is the hidden treasure of India and has many secrets embeded in its resources, which are waiting to be discovered'.

C-305, Vaisakha Enclave, Bomikhal,
Bhubaneswar-751010
Mob-7735623264

✠✠✠



॥ ସାତ ॥

# ସ୍ୱଭାବ ବିଚିତ୍ରା

# ହାଟର ସଉଦା : ବାଟର କଥା

**ତପନ ମହାପାତ୍ର**

ସକାଳୁ ସକାଳୁ ମୁଁ ଯେତେବେଳେ ଆମ ବିଗିଚାରେ ପାଣି ଦେଉଥାଏ, ସେତେବେଳେ ତାଙ୍କ ପଟାଳିରୁ ସେ ଶାଗ ଖୁଣ୍ଟୁଥାନ୍ତି । ମୋତେ ଦେଖି କୁହନ୍ତ; ଶୁଣ, ତମର ଯେତେବେଳେ ଶାଗ ଦରକାର ଏପଟକୁ ଆସି ନେଇଯିବ, କିଛି ଭାବିବନି । ମୁଁ ବି କ'ଣ କରିବି; ନଇଁକରି କିଛି କରିଦେଲେ ଅଣ୍ଟା ବିନ୍ଧୁଛି । କିନ୍ତୁ ମନ କୋଉ ବୁଝୁଛି ? ଭାଇଙ୍କୁ ବି ମୁଁ ମନାକରୁଥିଲି । ଏ ବୟସରେ ନିଜେ ପଟାଳି କରି ମଂଜି ବୁଣିଲେ । କହିଲେ; ପରିଶ୍ରମ ଟିକେ ପଡୁ ପଛେ; ଥରେ କି ଦି'ଥର ଭଲ ଶାଗଟିକେ ତ ଖାଇପାରିବା । ବଜାରର ସାର ପିଡ଼ିଆଦିଆ ଶାଗ କିଣିଲେ ତାଙ୍କୁ ବି ଭଲ ଲାଗେନା । ସହଜେ ଯା' ସୁଆଦ କ'ଣ ବଜାର ଶାଗରୁ ମିଳିବ ?

ମୁଁ କହେ; ହଁ ଭାଉଜ, ତମର ତ ଅଣ୍ଟା ଖରାପ । ନଇଁ ନଇଁ ତମେ କେତେ ତୋଳିବ ? ତମେ ବ୍ୟସ୍ତ ହୁଅନା, ସମୟ ପାଇଲେ ମୁଁ ନିଜେ ତୋଳି ଆଣିବି ।

ଶାଗ ଖୁଣ୍ଟୁ ଖୁଣ୍ଟୁ ଆମର କଥା ଚାଲେ । ମଝିରେ ମଝିରେ ସେ ଅଣ୍ଟା ସଳଖି ଛିଡ଼ା ହୋଇଯା'ନ୍ତି । ଅଣ୍ଟାରେ ଭିଡ଼ିଥିବା ବେଲଟ୍‌କୁ କେବେ ଢିଲା କରନ୍ତି କି ଜୋର ଦେଇ ବାନ୍ଧନ୍ତି । ଥରେ ଥରେ ମୁଁ ମନା କରିବା ସତ୍ତ୍ୱେ ଥରେ ହେଲା ପରି କିଛି ଶାଗ ବି ଦିଅନ୍ତି ।

ସତ କହିଲେ- ମୋତେ ବି କୋଉ ବେଳଥାଏ ? ବାଡ଼ି ବଗିଚାରେ ଲାଗି, କୁକୁର କଥା ବୁଝି ମୋ ବେଳ ସରିଯାଉଥାଏ । ଖଡ଼ାପତ୍ର ସରି ଆସୁଥାଏ ।

ସେ ସେଇ ଏକା କଥା କହି, ଥରେ ଦି'ଥର ବି ଦେଇଦିଅନ୍ତି ଖୁଣ୍ଟା ଶାଗ ଜରି ପୁଡ଼ିଆଟେ ।

ସେ ଶାଗ ପୁଡ଼ିଆକୁ ହାତରେ ଧରିଲା ବେଳେ ମୋତେ ବି କଷ୍ଟ ଲାଗେ । କୁହେ, ତମେ ଖାଅ, ଦରକାର ବେଳେ ମୁଁ ନିଜେ ଯାଇ ଆଣିବି ।

ଏଥର ଶାଗ ପୁଡ଼ିଆଟେ ବଢ଼ାଇଦେଲା ବେଳେ ସେ ମାନଅଭିମାନ କଲାପରି କହିଲେ; ବୁଝିଲ; ଏତେ କରି କହିଲି ଥରେ ବି ନେଲନି । ଗଛ ବି ବୁଢ଼ା ହୋଇ ଆସିଲାଣି । ଭାଇ କହୁଛନ୍ତି ଏଇ ରବିବାର ପଟାଳି ହାଣିଦେବେ । ତମେ ନେବା କଥା ଯଦି ସୁବିଧା କରି ନେଇଯିବ ।

ପ୍ରକୃତରେ ଭାରି ସୁଆଦିଆ ଶାଗ । ପିଆଜ ଟିକେ ପକାଇ ଖାଲି ସୋରିଷ ଫୁଟାଇ ଦେଲେ ବି ଗୋଟେ ବାସ୍‌ନା ଚହଟି ଆସେ । ପାଟିରେ ପକାଇଲେ ମିଳାଇଗଲାପରି ଲାଗେ । କିନ୍ତୁ ନିଜେ ଯାଇ ଶାଗ ଖୁଣ୍ଟି ଆଣିବାକୁ ବେଳ କାଇଁ ? ମୋ ସ୍ତ୍ରୀଙ୍କୁ ବି ବେଳ କୋଉଠି ? ଘର ବାହାର କାମ ଯେତିକି ସେତିକି କରୁ କରୁ ଦିନ ବଢ଼ିଯାଏ । ଶାଗକଥା ବି ଭୁଲି ହୋଇଯାଏ ।

ଥରେ ଥରେ ଅବଶ୍ୟ ମୁଁ ଭାବିଛି ନିଜେ ଯାଇ କିଛି ନେଇଆସିବି । ନଆଣିଲେ ହୁଏତ ଖରାପ ଭାବିବେ । ଭାବିଦେବେ; ଦେଲେ ତ ଖାଉଛନ୍ତି, ସୁଆଦ ଲାଗୁଛି କହୁଛନ୍ତି, ତୋଳିନେଲେ କ'ଣ ସମ୍ମାନରେ ଆଂଚ ଆସିଯାଉଛି ? ତେବେ ଗୋଟି ଗୋଟି କରି ପତ୍ର ଛିଣ୍ଡାଇ ଆଣିବାକୁ ସତରେ ବେଳ ନଥାଏ ।

ଆଜି ଯେତେବେଳେ କହିଦେଲେ; ପଟାଳି ହାଣିଦେବେ ବୋଲି ମୋର ବି ଲୋଭ ଆସିଲା । ଥରେ ବି ହେଉ ଏଇ ରବିବାର ଶାଗ କିଛି ନେଇଆସିବି ।

ଯୋଗକୁ ଭଉଣୀ ଦି'ଜଣ ବି ଆସିଥିଲେ ଘରକୁ । ପଚାରିଲି; ଶାଗ ଖାଇବ ?

ଆଣୁନୁ, ପଚାରୁଛୁ କ'ଣ ?

ଆଣିବି କ'ଣ ? ତମେ ନିଜେ ଯାଇ ଆଣିବ ।

ଆମେ ଆଣିବୁ ? କୋଉଠୁ ମ ?

ପଡ଼ୋଶୀ ଭାଉଜଙ୍କ ଘରୁ ।

ଦୁହେଁ ହସିଦେଇ କହିଲେ; କ'ଣ ଶାଗ ଖାଇବୁବୋଲି ନିଜେ ଯାଇ କାହା ବାଡ଼ିରୁ ଆଣିବୁ ? ଆମକୁ ଭଲ ଲାଗିବ ପାହିଁ ।

ମୁଁ କହିଲି; ଖରାପ କାହିଁକି ଲାଗିବ ? ତମେ ତ ମୋ ପାଖକୁ ଆସି ତାଙ୍କ ଘର ଆଡ଼େ ଯାଉନ ବୋଲି ଭାଉଜ କେତେଥର ମନଦୁଃଖ କରିଛନ୍ତି । ବରଂ ତମେ ଯାଇ ତାଙ୍କ ଘର ଟିକେ ବୁଲିଆସିବ, ଶାଗ ଖୁଣ୍ଟି

ଆଣିବ । ସେ ବି ଭାରି ଖୁସି ହେବେ ।

ଦି'ଭଉଣୀ ହସିଦେଇ କହିଲେ; ତାଙ୍କ ଘରକୁ ଯାଇ ବୁଲିଆସିବା ଅଲଗା କଥା । ତା'ମାନେ ତାଙ୍କ ଘରକୁ ଯାଇ ଶାଗ ଖୁଣ୍ଟି ଆଣିବୁ ?

ଆରେ ଭାଉଜଙ୍କର ଅଣ୍ଟାଖରାପ । ନଇଁକରି ସେ ତୋଳି ପାରୁନାହାନ୍ତି; ଦେବାକୁ କିନ୍ତୁ ତାଙ୍କର ଭାରି ଆଗ୍ରହ ।

ମୋ କଥା ଭାଙ୍ଗି ନପାରି ସେମାନେ ଗଲେ । ଚା'ପିଇଲେ, କଥା ହେଲେ, ଶାଗ ଆଣି ଆସିଲେ । ଖାଇଲାବେଳକୁ ଆମ କାହାକୁ ବି ପାଇଲାନି ।

ମୁଁ କହିଲି; ଦି'ଜଣ ଗଲ, ଏତିକି ଆଣିଲ । ଆଉ ଆଣିଲନି ।

ଦି'ଜଣଯାକ କଥା ଖଂଜି ରଖିଥିବା ପରି କହିଲେ; ବେଶି ଆଣିଥିଲେ ସେ କାଳେ ଖରାପ ଭାବିଥାନ୍ତେ । ଗଛ ନଣ୍ଡା କରି ନେଇଗଲେ ଭାବିଥାନ୍ତେ ।

ମୁଁ ଆଉ କଥା ବଢ଼ାଇଲିନି ।

ତା'ପରଦିନ ଭାଇ ପଟାଳି ହାଣୁଥିଲେ । ଭାଉଜ କିଛି କିଛି ପତ୍ର ଖୁଣ୍ଟୁଥିଲେ । ମୋତେ ଦେଖି କହିଲେ; ବୁଝିଲ; ତମ ଦି'ଭଉଣୀଙ୍କୁ ଯେତେ କହିଲି ଆଉ ଯୋଡ଼େ ନିଅ, ସେମାନେ ତ ଖାଲି ତରତର ହେଲେ । ତମମାନଙ୍କୁ ପାଇଲାଟି ।

ସେମାନଙ୍କ କଥା ମୁଁ କହିପାରିଲିନି ।

ସେ ମୁହଁ ସୁଖାଇ କହିଲେ; ନିଜେ ତୋଳି କାହାକୁ ଦେଇ ପାରୁନୁ ବୋଲି ମନଦୁଃଖ ଲାଗୁଛି । କିଏ ନେଇ ଖାଉଥିଲେତ ମୋତେ ଖୁସି ଲାଗନ୍ତା ।

ମୁଁ ଭାଉଜଙ୍କୁ ବୁଝେଇ ପାରିଲିନି ।

ପ୍ରକୃତରେ ଏମାନଙ୍କୁ ଖରାପ କାହିଁକି ଲାଗିଲା ? ପ୍ରଥମରେ ଯିବାକୁ ଖରାପ ଲାଗିବାର ହେତୁ କ'ଣ ? କି ମାନସିକତା ଏ ? ମୁଁ ଖିଅ ପାଇଲିନି ।

ମୁଁ ଆମ ବାଡି କଥା କୁହେ ।

ବାଟରେ ସଜନା ଗଛଟାଏ । ଡାହି-ଡାଳ ଖୁବ୍ । ଶାଗଟା ବି ଭାରି ସୁଆଦିଆ । ପାଖ ପଡୋଶୀ ଯିଏ ତରେ ଖାଇଛି ସେ ଆଉଥରେ ମାଗିଛି । ମାଗିଲେ କିଏ ଦେଇ ଦେବାକୁ ବି ଖୁସି ଲାଗେ । କିନ୍ତୁ ତୋଳି ଦେବାକୁ ବେଳ ନାହିଁ ମୋର ?

ଏଇ ପାଖରେ ଗାଁର ପୁତୁରାଟାଏ ଭଡାଘର ନେଇ ଅଛି । ଆମ ବାଡିରେ ସଜନାଗଛ ଦେଖି ଭାରି ଖୁସି ହୋଇଗଲା । କହିଲା; ଦାଦା ଏଠି ତ ଗୋଟେ ସଜନା ଗଛ ଅଛି ?

ମୁଁ କହିଲି; କାଇଁ କ'ଣ ହେଲା କି ?

ଛୁଇଁ ହେଉଛି ?

ହଁ !

ପୁତୁରା କହିଲା; ତମ ବୋହୂର ଛୁଇଁକୁ ଭାରି ଆଗ୍ରହ ବଜାରରୁ ତ ବିଡ଼ାଏ କିଣିଲେ ପଚିଶି ତିରିଶି ଟଙ୍କା । ଥରେ ଅଧେ କିଣି ନେଇଗଲେ ସେ ବି ଭାରି ଖୁସି ହୋଇଯାଏ କିନ୍ତୁ ସୁଆଦ ଲାଗେନି । ମୁଗୁନା ଗୁଡାକ ।

ମୁଁ କହିଲି; ବୋହୂ ଯଦି ଏତେ ଖୁସି ହେଉଛି ତୁ ଆସି ନେଉନୁ ।

ହଁ ଆସିବି । ଛୁଇଁ ହେଲେ କହିବ ।

ଗଛରେ ଗୁଡ଼ାଏ ଛୁଇଁ

ଫଳ ଧରୁ ଧରୁ ଭାବିଲି ପାକଳ ହେଲେ ଡାକି ଦେବି । କହିବି ମନ ଇଛା ଯାହା ତୋଳି ନେଇଯା । ବୋହୂ ପାଇଁ । ଛୁଇଁ ବି ଯେତିକି ହୋଇଛି ବାଣ୍ଟି ଖାଇଲେ ବି ସରିବନି ।

ଗଛରେ ଛୁଇଁ ପାକଳ ହୋଇ ଆସିଲା । ଫୋନ୍ କରି କହିଲି ତାକୁ । ମୋତେ କହିଲା; ରବିବାର ଦିନ ଯିବି । ଗଛରେ ଛୁଇଁ ଥାଉ ରବିବାର ଯାଇ ଶୁକ୍ରବାର ହେଲା, ହେଲେ ସେ ଆସିଲା ନାଇଁ ।

ଫୋନ୍ କଲାରୁ କହିଲା; ଭୁଲିଗଲି ଦାଦା, ଏ ରବିବାର ଯିବି ନିଶ୍ଚେ ।

ଗଛରେ କାହିଁକି ବୁଢ଼ା କରିବି ଭାବି ମୁଁ ସେତକ ତୋଳିଲି; ଆଉ ଗୋଟେ ଡାଳ ଛାଡି ଦେଲି ତା'ପାଇଁ ।

ସକାଳ ଯାଇ ରବିବାର ରାତି ହେଲା, ସେ ଆସିଲା ନାହିଁ । ଫୋନ୍ କଲାରୁ କହିଲା; ମୁଁ ବାହାରକୁ ଚାଲିଆସିଛି । କାଲି ପରଦିନ ଯାଇ ଆଣି ଆସିବି ।

ମୁଁ ପୁଣି ଫୋନ୍ କଲି । କହିଲି; ତୋଳି ଦେଇ ଫ୍ରିଜ୍‌ରେ ରଖିଦେଇଛି । ଖୁଡ଼ିକୁ ବି ତୋର କହି ଦେଇଛି । ମୁଁ ଥାଏ ନଥାଏ ଘରୁ ନେଇଯିବୁ ।

ଦି'ଦିନ ଫ୍ରିଜ୍‌ରେ ରହିଲା ଛୁଇଁ । ତାକୁ ବେଳ ହେଲାନି । ତାକେ ବାଟରେ ସେ । ପରିବା କିଣିଲେ ବି ଆସିବ ଏଇ ବଜାରକୁ । ମିନିଟ କି ଦି'ମିନିଟର ବାଟରେ ମୋର ଘର । ତେବେବି ସେ ଆସିଲା ନାହିଁ ।

ଛୁଇଁ ନିଜେ ନେଇ ଗଲି । କହିଲି; ଆରେ ପଇସା ଦେଇ ଏଇ ବଜାରରୁ ପରିବା କିଣିଛୁ ଅଥଚ ନିଜେ ଘରକୁ ଯାଇ ଆଣି ପାରିଲୁନି ?

ସେ ଖୁବ୍ ସ୍ୱାଭାବିକ ଭାବେ କହିଲା; ସତ ଦାଦା ବଜାରରୁ କିଣି ଆଣିବାକୁ ବେଳ ହେଉଛି କିନ୍ତୁ ଘରକୁ ଯାଇ ଆଣିବାକୁ ବେଳ ହେଉନି । ଗଲେ ତ ବସି ପଡି ଦୁଃଖ ସୁଖ ଦି'ଚାରିପଦ ହେବା । ଟିକେ ବସି ପାରିବିନି ଭାବି ମୁଁ ଯିବି ଯିବି ହୋଇ ଯାଇପାରିନି । ବେଳ ବି ହେଉନି ମ ଦାଦା ।

ମୁଁ ତାକୁ କୌଣସି ଉତ୍ତର ଫେରାଇ ପାରୁ ନଥିଲି । ସେ ଯାହା କହୁଛି ତା' ଗୋଟେ ଦୃଷ୍ଟିରୁ ଠିକ୍ । କିନ୍ତୁ କଥା ନହୋଇ ଚା'ନପିଇ

ଖାଲି ଛୁଇଁ ଧରି ଚାଲି ଆସିଥିଲେ କ'ଣ ହୋଇଥାନ୍ତି ? କ'ଣ ନା ବେଳ ନାହିଁ ।

ଏ ବେଳ ତା'ର କୁଆଡେ ଯାଉଛି ? ଭଡାଘର ଯେ ମାଟି ପାଦଟେ ନାହିଁ । ବଜାର ଆସି କିଣି ନେବାକୁ ବେଳ ଅଛି, ଅଥଚ ଗଛରୁ ତୋଳି ସଜ ଛୁଇଁ ନେବାକୁ ବି ବେଳ ନାହିଁ । ତୋଳି ରଖିଲେ ଫ୍ରିଜ୍‌ରୁ ଆସି ନେଇ ଯିବାକୁ ବେଳ ନାହିଁ । ଅଥଚ ବଜାରରେ ଭଲ ଜିନିଷ ନାଇଁ, ଯାହା ଖାଇବ ସାର ପିଡ଼ିଆ ଦିଆ, ଯେଉଁ ପରିବାରେ ହାତ ମାରିଲେ ଆକାଶଛୁଆଁ ଦର, ଏକଥା ଆମେ କାହିଁକି କହୁ ?

କିଣି ଖାଇ ବିରକ୍ତ ହେବାକୁ ବେଳ ଅଛି ଅଥଚ ମାଗଣାରେ ଖାଇବାକୁ ବେଳ ନାହିଁ ।

ସତରେ ଆମର ବେଳ କୁଆଡେ ଗଲା ? ନା' ଆମେ ମାଟି ହାତ ହେଲୁ; ନା' ଆମେ ଗଛରୁ ତୋଳିଲୁ, ନା'ଆମେ କାହା ସ୍ନେହ ଶ୍ରଦ୍ଧାର ବାଡି ବଗିଚାର ସଜ ସାଇତା ଜିନିଷ ଆଣିବାକୁ ବେଳ ପାଇଲୁ ?

ଲାଗୁଛି; ଭଲ ଖାଇବାକୁ ଆମର ବେଳ ନାହିଁ । ସ୍ନେହ ଶ୍ରଦ୍ଧାରେ ହାଟ ଦେଉଥିବା ଫୁଲଫଳକୁ ଗ୍ରହଣ କରି ଦାତାକୁ ଟିକେ ଖୁସି ଦେବାକୁ ବେଳ ନାହିଁ । ମୋଟେ ସଙ୍କୁଚିତ ମନ ମାନସିକତାରେ ବଂଚିବାର ଅଭ୍ୟାସରେ ଦିନକୁ ଦିନ ଆମେ ସଂକ୍ରମିତ ଯେମିତି ।

ଏଥିରୁ ମୁକୁଳିବାର ଉପାୟ ?

ଭଲ ପାଇବାକୁ ଗ୍ରହଣ କରିବା ଲାଗି ଆମକୁ ଯେ କିଛି ବେଳ ବାହାର କରିବାକୁ ପଡ଼ିବ; ମୋର ହୃଦବୋଧ ହୋଇଛି । ଆପଣ କ'ଣ ଭାବୁଛନ୍ତି ?

✠✠✠



# ଏକ ଅବିସ୍ମରଣୀୟ ସନ୍ଧ୍ୟା କୋଣାର୍କରେ

ପ୍ରତିମା ମହାପାତ୍ର

କଟକ ପାଖରୁ ବିଜୟଦର୍ପରେ ଉଲ୍ଲସିତ ପୁତ୍ରର ମୁଖମଣ୍ଡଳକୁ ଦେଖି ଯେତିକି ମୁଁ ଖୁସି ଅନୁଭବ କଲି, ତା'ଠାରୁ ଦୁଇଗୁଣ ଆଶ୍ୱସ୍ତ ମଧ ହେଲି । ଖୁସି ହେଲି ଏଇଥି ପାଇଁ କି, ବୋଧହୁଏ ଆଜି ପରୀକ୍ଷାରେ ପୁତ୍ର ମୋର ଆଜିଠାରୁ ଅଧିକ କିଛି ଅଙ୍କ ହାସିଲ କରି ସମ୍ପର୍କ ରଣାଙ୍ଗନାରୁ ଫେରବା ପରି ପ୍ରତୀତ ହେଉଛି । ଆଶ୍ୱସ୍ତ ହେବାର କାରଣ ହେଲା; ଗୋଟାଏ ମଲା ସଙ୍କଟରୁ ତାକୁ ମୁକ୍ତି ମିଳିଗଲା ଆଜି ସତେକି !

ମୋ ଭିତରେ ଉତ୍ସୁକତା ବଢ଼ି ଚାଲିଥାଏ ଜାଣିବାକୁ, କେମିତି ସମ୍ଭବ କରି ପାରିଲା ? ଫୋର୍ଥ ଅପ୍‌ସନାଲ୍ ? ଜିଓଗ୍ରାଫି ପାଠଟିକୁ ଯେମିତି ଅବହେଳା କରିଥିଲା ସିଏ । ତାର ପରିମାଣ କିଛି ସୁଖଦ ହେବାପରି ମୁଁ କେବେ କଳ୍ପନା କରୁନଥିଲି ।

ସେ ଦିନ ଥିଲା ଜିଓଗ୍ରାଫି, ଭାଇଭା (ମୌଖିକ ପ୍ରଶ୍ନ)

– "କେତେ ମାର୍କ ମିଳିଲା" ?

– "ଟୋଣ୍ଟି ଏଇଟ୍ ଆଣ୍ଡ୍ ହାପ୍" । ମୋତେ ଯଥେଷ୍ଟ ଖୁସି ଏବଂ ଚକିତ କଲାପରି

ସମ୍ପର୍କ ମୋ ପ୍ରଶ୍ନର ଚଟାପଟ୍ ଉତ୍ତର ଦେଲା ।

– "ପ୍ରଶ୍ନ ସହଜ ଥିଲା ବୋଧେ ? ସହଜ ବି ତ ତୁ ଆୟତ୍ତ କରି ନଥିଲୁ । ନା ଭ୍ରମରେ ମାତା ସରସ୍ୱତୀ ତୋ କଣ୍ଠ ଦେଶରେ ବିଜେ କରି ଗଲେ ?"

ପୂର୍ଣ୍ଣ ନମ୍ବର, ତିରିଶରୁ ଅଠେଇଶ ଅଧା ହାସଲ କରିବା ତାର ଦକ୍ଷତା ବାହାରେ ଥିଲା ବୋଲି ସାମାନ୍ୟ ପରିହାସରେ ପଚାରିଲି ।

– "ଭ୍ରମ ମାତା ସରସ୍ୱତୀଙ୍କର ନୁହେଁ, ଭ୍ରମଣକାହାଣୀ ଏକ୍‌ଷ୍ଟରନାଲ୍ ଜୟସ୍ୱାଲ୍ ସାର୍‌ଙ୍କର । ଗପିଲେ ଗପିଲେ ଏତେ ଗପିଲେ ଯେ ଅଧା ସମୟ ପାର..... ।" ଅତି ଉତ୍ସୁକତା ଭରେ କହୁଥିଲା ଯେମିତି ଗୋଟିଏ ଅସତର୍କ ହାତରୁ ତାର ଇପ୍‌ସିତ ପଦାର୍ଥଟିକୁ ନିଜ ହାତକୁ ନେଇ ଆସିଛି ।

– "ତା ପରେ ?" ମୁଁ ପଚାରିଲି ।

– "ତା ପରେ ସମୟ ଆଉ କାହିଁଥିଲା ? ଗୋଟେ ଦୁଇଟା ଇଜି କୋଶ୍ଚିନ୍ 'ବାସ୍' କଥା ହେଲା:କୋଣାର୍କ ଭ୍ରମଣରେ ଯାଇଥିଲେ ସାର୍ । କେବେ କେଜାଣି ? କୋଣାର୍କର ସୌନ୍ଦର୍ଯ୍ୟରେ ଅତି ପ୍ରସନ୍ନ ହୋଇଥିଲେ ସେତେବେଳେ । ମହାପାତ୍ର, ଯେ ହେତୁ ମୋର ସର୍‌ନେମ୍ ଏଣୁ ସହଜେ ଅନୁମେୟ ଯେ ମୁଁ ଓଡ଼ିଶା ନିବାସୀ । ତେଣୁ ମୋ ଉପସ୍ଥିତିରେ ନିଜର ଭ୍ରମଣ ବୃତ୍ତାନ୍ତ ଅନ୍ୟ ଅଧ୍ୟାପକମାନଙ୍କୁ ଶୁଣେଇବାକୁ ତାଙ୍କୁ କିଛିଟା ପ୍ରୋତ୍ସାହନ ମିଳିଗଲା । ଅନ୍ତତଃ ପନ୍ଦର କି କୋଡିଏ ମିନିଟ୍ ଯାଏ ବର୍ଣ୍ଣନା କଲେ । କଲ୍ୟାଣ ହେଲା ମୋର ।"

ବିଜୟ ଉଲ୍ଲାସରେ ସଂପର୍କ ହସରୁ ଥୋକାଏ ମୋ ପାଖରେ ରଖିଦେଇ, ପୁଅ ଉଠିଗଲା ମୁହଁ ହାତ ଧୋଇ ଖାଇବା ଟେବୁଲ ପାଖକୁ । ମୋ ପାଖରେ ଥୋଇ ଦେଇଗଲା । ମୁହୂର୍ତ୍ତକ ଅନ୍ତେ ମୁଁ ଉପସ୍ଥିତ ହୋଇ ସାରିଥିଲି । ମୋ ଓଡ଼ିଆ କାରିଗରୀର ଅଦ୍ଭୁତ କଳା ଚାତୁରୀ । ବିଶ୍ୱ ଦରବାରରେ ମାନ୍ୟତା ପ୍ରାପ୍ତ, ସପ୍ତାଶ୍ଚର୍ଯ୍ୟରୁ ଏକ ଅନନ୍ୟ ଭାସ୍କର୍ଯ୍ୟ, ମୋର କୋଣାର୍କ ।

"କୋଣାର୍କ" ନାମ ଶ୍ରବଣ ମାତ୍ରକେ ହିଁ ଏକ ଏକ କରି ଅନେକ ସ୍ମୃତି ମାନସ ପଟରେ ଉଦ୍‌ଭାସିତ ହେଉଥିଲେ । ଏକାଧିକ ବାର କୋଣାର୍କ ଭ୍ରମଣର ଅବିସ୍ମରଣୀୟ ପରି ମନରେ ରହିଯାଇଛି । କାରଣ ସେ ଦିନ ଆମେ କୋଣାର୍କର ବାହ୍ୟ ସୌନ୍ଦର୍ଯ୍ୟ ସହିତ ଆତ୍ମ ସୌନ୍ଦର୍ଯ୍ୟଙ୍କୁ ମଧ ଅନୁଭବ କରିବାକୁ ପ୍ରୟାସ କରିଥିଲି । ବିଶ୍ଳେଷଣ ପାଇଁ ଯେପରି ସ୍ୱଳ୍ପ ସମୟ ମିଳିଥିଲା, ତଥାପି ପାଇଥିଲୁ କିଛି ତଥ୍ୟ ।

ପୂର୍ଣ୍ଣିମା ଥିଲା ସେ ଦିନ । ଦିନରୁ ଦୀର୍ଘ ଚାରିଘଣ୍ଟା ସମୟ ନେଇ ଆମେ କୋଣାର୍କର ସୌନ୍ଦର୍ଯ୍ୟକୁ ଉପଭୋଗ କରଥିଲୁ । ପୁନଶ୍ଚ ଇଚ୍ଛାହେଲା; ଜ୍ୟୋତ୍ସ୍ନା ସ୍ନାନ କୋଣାର୍କର ସୌନ୍ଦର୍ଯ୍ୟ ଦର୍ଶନ କରିବାକୁ । ଆମେ ଅପେକ୍ଷା କଲୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ । ଆମେ ବୋଇଲେ, ସାହିତ୍ୟ ବିଭାଗର ଛାତ୍ର ଛାତ୍ରୀ, ଅଧ୍ୟାପିକା ବୃନ୍ଦ । ସାଥିରେ ମଧ ଥିଲେ, ବିଭାଗୀୟ ମୁଖ୍ୟ ପ୍ରଫେସର ସାରଦା ମହାନ୍ତି ।

ଆଜିକାଲି ପରି ନଥିଲା ସେତେବେଳେ କୋଣାର୍କରେ ପାରିପାର୍ଶ୍ୱ । ନା ଥିଲା ଆଜିକାଲି ପରି ଶବ୍ଦ-ଆଲୋକ ସମ୍ମିଳିତ ଇତିହାସ- କିମ୍ବଦନ୍ତୀକୁ ନେଇ ଚିତ୍ର-ଚାତୁରୀ ପ୍ରଦର୍ଶନ । ଥିଲା କେବଳ ପ୍ରକୃତ ପରିବେଶ ଘେରା ସୁଉଚ୍ଚ ଝାଉଁ ବୃକ୍ଷ ଆଉ ଭାବ ବିହ୍ୱଳ କଲାପରି କୋଣାର୍କର କଳା ଚାତୁରୀ । ଚନ୍ଦ୍ରାଲୋକରେ, ଅପରୂପ କୋଣାର୍କର ରୂପ କିଭଳି ଦୃଶ୍ୟମାନ ହେବ ସେଇ ଆଶାରେ ଅପେକ୍ଷା କଲୁ ଆମେ, ପୂର୍ଣ୍ଣ ଚନ୍ଦ୍ରାଲୋକ କୋଣାର୍କକୁ ତାର ରୁପାର ଚଦରରେ ଢ଼ାଙ୍କିବା ପର୍ଯ୍ୟନ୍ତ ।

ମେଘମୁକ୍ତ ଆକାଶ । ତେଣୁ ମାତ୍ରାଧିକ ଜ୍ୟୋତ୍ସ୍ନାଲୋକ ମନ୍ଦିର ଉପରେ ତଥତା ଚତୃପାର୍ଶ୍ୱରେ ଢ଼ାଳି ହେଲା ପରି ମନେ ହେଉଥାଏ । ପ୍ରସସ୍ତ କୋଣାର୍କ ପ୍ରାଚୀର ଉପରେ ବସିଥାଉଁ ଆମେ ସଭିଏଁ । ସହରଠାରୁ ଦୂରରେ ସଂପୂର୍ଣ୍ଣ ପ୍ରକୃତି କୋଳରେ ଆତ୍ମ ନିୟନ୍ତ୍ରିତ ହୋଇ ଥାଆନ୍ତି ଧୀରେ ଧୀରେ ପ୍ରାୟ ଅନେକ । ସ୍ୱାଭାବିକ, ଜ୍ୟୋତ୍ସ୍ନାର ସ୍ନିଗ୍ଧତା ଅଳ୍ପ-ବହୁତ୍ ପ୍ରତ୍ୟକଙ୍କ ମନକୁ ସ୍ପର୍ଶ କରିବା କଥା । କେହି କେହି ଜ୍ୟୋତ୍ସ୍ନାସ୍ନାତ ମନ୍ଦିରକୁ ଅବଲୋକନ କରି ଭାବପ୍ରବଣ ହେଉ ଥିବେ ତ ଆଉ କାହା ମନରେ କୋଣାର୍କକୁ ନେଇ କେତେ ପ୍ରଶ୍ନ ଉଙ୍କିମାରୁ ଥିବ । କେହି କେହି ଅବା ଖୋଜୁଥିବେ ଇତିହାସ ପୃଷ୍ଠାରୁ ଆମ ରାଜ୍ୟର ଗୌରବ ଗାଥା ।

– "ସମ୍ଭବ ହେଲା କିପରି ? ମନ୍ଦିର ଚୂଡାରୁ ସମୁଦ୍ର ପର୍ଯ୍ୟନ୍ତ ? ଅସମ୍ଭବ ! ଗୋଟାଏ, ବାରବର୍ଷର ବାଳକ ପକ୍ଷରେ ଏକ୍‌ଦମ୍ ଅସମ୍ଭବ ।" ଅନ୍ୟମାନଙ୍କ ଭାବନା ଶ୍ରୋତକୁ ସାମାନ୍ୟ ଚହଲେଇ ଦେଇ ସ୍ୱର୍ଗତୋକ୍ତି କଲା ପରି ପ୍ରଶ୍ନଟିଏ ଉଚ୍ଚାରିତ ହେଲା ।

ସମସ୍ତଙ୍କ ଦୃଷ୍ଟି ପହଁରି ଗଲା ଶଚିକାନ୍ତ ଆଡକୁ । ପୁନଶ୍ଚ ଶଚିକାନ୍ତ, ଦୋହରାଉଛି ସେହି ପ୍ରଶ୍ନକୁ । ଏଥର ସ୍ୱର୍ଗତୋକ୍ତି ନୁହେଁ ବରଂ ଏକ ତାର୍କିକ ଉତ୍ତର ପାଇବା ଆଶାରେ କିଛିଟା ଉଚ୍ଚସ୍ୱରରେ ପଚାରୁଛି ।

ଅବଶ୍ୟ ଉପସ୍ଥିତ ସହପାଠୀ ଏବଂ ଅଧ୍ୟାପକମାନଙ୍କୁ ମଧ୍ୟ ପରୋକ୍ଷରେ ଶଚିକାନ୍ତ ଏ ପ୍ରଶ୍ନ ପଚାରୁଥିଲା ।

ଜ୍ୟୋତ୍ସ୍ନାସ୍ନାତ କୋଣାର୍କର ମାଧୁର୍ଯ୍ୟରେ ଯେଉଁମାନେ ମୋହିତ ଥିଲେ କିମ୍ବା ଝାଉଁ ବଣରେ ଛାୟା-ଆଲୋକରେ ଯିଏ କବିତାର ପଂକ୍ତିଟିଏ ଖୋଜୁଥିଲେ, ସେମାନଙ୍କୁ ଲାଗିଲା, ଚିତ୍ରଟିଏ ପୂର୍ଣ୍ଣ ଆଙ୍କିବା ବେଳେ କାନ୍‌ଭାସ୍ ଉପରେ ପୁଳାଏ କାଳି ସଚିକାନ୍ତ ଛାଟି ପକେଇଲା ଯେମିତି ।

– "ହୋ, ମିଷ୍ଟର ଆବିଷ୍କାର ! ସାହିତ୍ୟର ଛାତ୍ର ଆମେ ଏଠି ଇତିହାସ ଖୋଜନା ! ଏନ୍‌ଜଏ କର, ଏନ୍‌ଜଏ !"

ବିନ୍‌ଦାସ୍ ପ୍ରାଚୀର ଧାରକୁ ଗୋଡ ଝୁଲେଇ ବସିଥିଲା ଦୀନବନ୍ଧୁ । ଏମିତି ପରିହାସଟିଏ ସଚିକାନ୍ତ ଆଡକୁ ନିକ୍ଷେପ କରି ଓ ପ୍ରଶ୍ନରୁ ନିବୃତ ହେବାକୁ କହିଲା । ମିଷ୍ଟର ଆବିଷ୍କାର ବା ମିଷ୍ଟର ଅନ୍ୱେଷଣ ନାମରେ ପ୍ରାୟ ସମ୍ବୋଧନ କରେ ଦୀନବନ୍ଧୁ ସଚିକାନ୍ତକୁ । ଦୁହେଁ ଅନ୍ତରଙ୍ଗ ମଧ୍ୟ ।

ଦୀନବନ୍ଧୁର ପରିହାସ ହାସ୍ୟ ରୋଳରେ ପରିଣତ ହେଲା । ବାଧିବା କଥା ସଚିକାନ୍ତକୁ କିନ୍ତୁ ସେଇ ପ୍ରଶ୍ନକୁ ସଚିକାନ୍ତ ସିଧା ତଥା ବିନମ୍ରତା ସହିତ ପ୍ରଫେସର ମହାନ୍ତିଙ୍କୁ ପଚାରି ବସିଲା ।

– "ସାର୍ ! ଇଏ ଇତିହାସ ନା କିମ୍ବଦନ୍ତୀ ? ମନ୍ଦିର ଚୂଡାରୁ ସମୁଦ୍ର ପର୍ଯ୍ୟନ୍ତ କେହି କେବେ କ'ଣ ଡେଇଁ ପାରିବ ? ସେ ପୁଣି ବାରବର୍ଷର ବାଳକ ଧର୍ମପଦ ? ଯଦି ଇତିହାସ, ତେବେ ହତ୍ୟାକୁ ଆତ୍ମହତ୍ୟାର ରୂପ ଦିଆ ଯାଇନିତ ?"

ପ୍ରଫେସର କିଛି କରିବା ପୂର୍ବରୁ ଅଧ୍ୟାପକ ଦାସ ଆରମ୍ଭ କଲେ– "କାହିଁକି ସମ୍ଭବ ନୁହେଁ ? ସମ୍ଭବ, ବିଲ୍‌କୁଲ୍ ସମ୍ଭବ । ତୁମେ ଇତିହାସରୁ ଅବଗତ ଥିବ, ଚନ୍ଦ୍ରଭାଗା ନଦୀ ଏବଂ ସମୁଦ୍ରର ମିଳନ ସ୍ଥଳରେ କୋଣାର୍କ ମନ୍ଦିର ନିର୍ମାଣ କରାଯାଇଛି । ସେତେବେଳେ ଚନ୍ଦ୍ରଭାଗା ଥିଲା ପ୍ରଖର ସ୍ରୋତସ୍ୱିନୀ । ଆଉ ନଦୀ-ସମୁଦ୍ରର ସଂଗମ ସ୍ଥଳରେ ଯେଉଁ ଉତ୍ତାଳ ତରଙ୍ଗ ଉଠେ ସେଥିରେ ବାରବର୍ଷ କଣ, ପଚିଶ ବର୍ଷର ଯବାନ ପଡିଲେ ତ ନବଖଣ୍ଡ ହେବ । ଅସମ୍ଭବ କିଛି ନାହିଁ ।"

– "ସାର, ମନ୍ଦିରଠାରୁ ସମୁଦ୍ରର ଦୂରତାକୁ କଳ୍ପନା କରନ୍ତୁ !"

– "ତୁମେ କାହିଁକି କଳ୍ପନା କରୁ ନାହିଁ ଯେ, ସେତେବେଳେ ସମୁଦ୍ରର ଉତ୍ତାଳ ଢ଼େଉ ମନ୍ଦିରକୁ ସ୍ୱର୍ଶ କରୁଥିଲା ବୋଲି ? ବାରଶହ ପଚାଶରୁ ଏ ଯାବତ୍ ଦୀର୍ଘ ସାତଶହ ବର୍ଷ ମଧ୍ୟରେ କେତେ ଝଡ ବର୍ଷା ବହି ସାରିବଣି । କେତେ ବର୍ଷ କ'ଣ ଯଥେଷ୍ଟ ନୁହେଁ, ଉପର ଭୂମିରୁ ମୃତ୍ତିକା କ୍ଷରଣ ହେତୁ ମନ୍ଦିର ଆଉ ସମୁଦ୍ର ମଧ୍ୟରେ ଦୂରତା ବଢ଼ିବାର କାରଣ" ଅବଶିଷ୍ଟ ବାକ୍ୟକୁ ଶେଷ କଲେ ଏପରି "ଏହା ହିଁ ସତ୍ୟ"

ଇତିହାସ ପୃଷ୍ଠାରୁ ସାକ୍ଷାତ୍ ପ୍ରମାଣ ପୃଷ୍ଠାଏ ଚିରି ଆଣି ରଖିଲା ପରି ଅଧ୍ୟାପକ ଦାସ ସଙ୍ଗଭୀରେ ସ୍ମିତ ହସଟିଏ ହସି ସଚିକାନ୍ତକୁ ବୁଝା କରାଇଲେ ।

– "ଦେଖନ୍ତୁ... !" ପ୍ରଫେସର ମହାନ୍ତିଙ୍କର କଣ୍ଠରୁ ଉଚ୍ଚାରିତ ଗମ୍ଭୀର ତଥା ଆଦେଶ ମିଶ୍ରିତ ଶବ୍ଦରେ, ତର୍କର ପ୍ରାୟ ବିରାମ ଘଟିଲା । ନିରବ ରହିଲେ, ଯେମିତି ସଭିଏଁ ଶୁଣିବାକୁ । ପ୍ରଫେସର ଇତିହାସ ଏବଂ କିମ୍ବଦନ୍ତୀ ମଧ୍ୟରୁ ସାରାଂଶତକ ଉଦ୍ଧାର କରିବାର ମଗ୍ନ ରହିଛନ୍ତି । ତାହା ପୁଣି ଯୁକ୍ତି ସଂଗତ ହେବା ଦରକାର ।

କଣ୍ଠ ଝାଡି, ପ୍ରଫେସର ତାଙ୍କର ବକ୍ତବ୍ୟ ରଖିଲେ-

– "ଦେଖ, ଇତିହାସ ଏବଂ କିମ୍ବଦନ୍ତୀ ଦୁହେଁ ଦୁହିଁଙ୍କର ଅତି ଅନ୍ତରଙ୍ଗ । ଦୁହିଁଙ୍କ ଭିତରେ ସଂପର୍କ ଅତି ନିବିଡ । ଜଣେ ଅଗ୍ରଜ ହେଲେ ଅନ୍ୟଟି ଅନୁଜ । ଏଠି ସମବେତ ସଭିଏଁ ଅବଗତ ଯେ, କିମ୍ବଦନ୍ତୀର ଜନ୍ମ କେଉଁଠି, କେବେ ଏହାର ସଠିକ୍ ଉତ୍ତର କାହା ପାଖରେ ନାହିଁ । ହୁଏତ ମଣିଷ ଯେବେଠାରୁ ମୌଖିକ ଭାଷା ମାଧ୍ୟରେ ତାର ମନର ଅଭିବ୍ୟକ୍ତି ପ୍ରକାଶ କରିବାକୁ ସକ୍ଷମ ହେଲା । ସେବେଠାରୁ ଜନ୍ମ, କିମ୍ବଦନ୍ତୀର ସ୍ରଷ୍ଟା କିଏ ତାହା ମଧ୍ୟ ଅଜଣା । ଅନ୍ୟପଟରେ ଇତିହାସର ଜନ୍ମ କିମ୍ବଦନ୍ତୀ ଜନ୍ମର ହଜାର ହଜାର ବର୍ଷ ପରେ ଯେତେବେଳେ ଭାଷା ମଣିଷ ହାତରେ ଲିଖିତ ରୂପ ଦେଇଥିଲା । ତେବେ କିମ୍ବଦନ୍ତୀ ଏବଂ ଇତିହାସ ଦୁହେଁ ଅନ୍ତରଙ୍ଗ କିପରି ? କିମ୍ବଦନ୍ତୀ କାଳ୍ପନିକ ରୂପନେଇ ମନଲୋଭା କାହାଣୀରେ ରୂପାନ୍ତରିତ ହୋଇ ଚାଲିଥାଏ । ଗଡ଼ି ଗଡି ଲୋକ ମୁଖରୁ, ଲୋକ ମୁଖକୁ । ସେହିପରି ଯେତେବେଳେ ଇତିହାସର ସତ୍ୟପାତ୍ରଟିଏ ସିଏ ପାଇଯାଏ ସେତେବେଳେ କିମ୍ବଦନ୍ତୀ ଆହୁରି ସମୃଦ୍ଧ ହୋଇଉଠେ; ମନ ଲୋଭା ଗୌରବାନ୍ୱିତ କରିଦିଏ କେତେବେଳେ ପାତ୍ରଟିକୁ ନିମ୍ନରୁ ଅତି ନିମ୍ନ ସ୍ତରରେ ପହଞ୍ଚାଇ ଦେଇ ପାରେ ।"

ନିରବତା ସୂଚକ ସମ୍ମତି ଦେଇ ସମସ୍ତେ ଶୁଣୁଥାଆନ୍ତି ପ୍ରଫେସରଙ୍କୁ ।

– "ପ୍ରଥମ କଥାଟି ହେଲା...."ପ୍ରଫେସର ମୁଖ୍ୟ ପ୍ରସଙ୍ଗକୁ ଆସିଲେ ଏବେ । କହିଲେ –

– "ବାରଶହ ପଚଶ ଖ୍ରୀଷ୍ଟାବ୍ଦରୁ ବାରଶହ ଷାଠିଏ ଖ୍ରୀଷ୍ଟାବ୍ଦ ମଧ୍ୟରେ ଗଙ୍ଗ ବଂଶର ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ଦ୍ୱାରା ନିର୍ମାଣ ହେଲା କୋଣାର୍କ ମନ୍ଦିର । ଏହା ହେଲା ଐତିହାସିକ ସତ୍ୟତା ।

କ୍ଷତ୍ରୀୟ ହେଲା ବାରଶହ ବଢ଼େଇ ପ୍ରସଂଗ – ହୋଇ ପାରେ ବାରଶହ, କିମ୍ବା ତତୋଽଧିକ, ଅଥବା ତାଠାରୁ କମ । ଏପରି ଏକ ନିପୁଣ କଳାକୃତି ଭରା ବୃହତ ମନ୍ଦିର ନିର୍ମିତ୍ତ ଏତେ ସଂଖ୍ୟକ କାରିଗରଙ୍କ ଆବଶ୍ୟକତା ଅନିର୍ବାର୍ଯ୍ୟ ଅଟେ । " ଏଥିରେ ବିସ୍ମୟ ହେବାର ନାହିଁ ।

– "ସାର୍ ଧର୍ମପଦ ?"

ସଚିକାନ୍ତର କଥାରେ ସାମାନ୍ୟ ହସିଲେ ପ୍ରଫେସର । ବୋଧ ହୁଏ ସଠିକ୍ ନୁହେଁ; କିଛି କିମ୍ବଦନ୍ତୀ-ଇତିହାସକୁ ଫେଣ୍ଟା ଫେଣ୍ଟି କରି କହିବାକୁ ଯାଉଛନ୍ତି ସିଏ । କହିଲେ – "ଧର୍ମପଦକୁ ଏଥର ଛାଡି ଦିଅ ସଚିକାନ୍ତ । କିମ୍ବଦନ୍ତୀ ହେପାଜତରେ ଧର୍ମପଦ ହେଉ କଳ୍ପନା ବିଭାଜିତ । କଳ୍ପନା କର ତୁମେ –ବାରଶହ ଖ୍ରୀଷ୍ଟାବ୍ଦ, ବାର ଏକର ଜମି ବାରଶହ ବଢ଼େଇ, ବାରବର୍ଷର ବାଳକ, ବାରବର୍ଷର ତପସ୍ୟା ସାମ୍ୱଙ୍କର, ଏ ସମସ୍ତ କ'ଣ ସତ୍ୟ-ସଂଯୋଗ ମାତ୍ର ? କଳ୍ପନା କରି ପାର ନାହିଁ ଏଥିରେ କିଛି ?" ଅବଶ୍ୟ ଶିଳ୍ପୀ ଶିରୋମଣି ବିଶୁ ମହାରଣା ଏବଂ ତାଙ୍କର କୁଶଳୀ ପୁତ୍ର ଧର୍ମପଦକୁ ମୁଁ ତ ଇତିହାସରୁ ଅଲଗା କରିବାର ଧୃଷ୍ଟତା କରିବି ନାହିଁ ।

କୋଣାର୍କ ଆମ ଓଡ଼ିଆ ଜାତିର ଗୌରବ । ତାର ମହିମା ଏଥିରେ ଯୋଡା ହୁଏ । ତେବେ କ୍ଷତି କ'ଣ ? ଆଉ ତୁମେ କହିପାରିବ କି ଭାରତ କିମ୍ବା ସାରା ବିଶ୍ୱରେ ଏପରି କୌଣସି କଳାକୃତି ରହିଛି ଯେଉଁଠି ଲୋକକଥା ସମ୍ବଳରେ ସେ ସ୍ଥାନ ଗୌରବାନ୍ୱିତ ନୁହେଁ? ନାହିଁ ଏ ପରି କିଛି ନାହିଁ, ମନ୍ଦିର କି କଳାକୃତି ।

ହେଲେ ଧର୍ମପଦ ଆତ୍ମହତ୍ୟା କରିଥିଲା କି ତାକୁ ହତ୍ୟା କରାଯାଇଥିଲା, ଏ ସବୁର ତର୍କ ପରିସରକୁ ଆଗାଅ ନାହିଁ । ନ ହେଲେ ଆମେ ଆମ ଗୌରବମୟ ଇତିହାସକୁ ବି ଖଣ୍ଡିତ କରିଯିବା ।

ସଚିକାନ୍ତ ପ୍ରାୟ ଆସ୍ୱସ୍ତ ଥିଲା ପ୍ରଫେସରଙ୍କ ଉତ୍ତରରେ । ପରେ ପରେ ଆଉ ଗୋଟିଏ ପ୍ରଶ୍ନ ଖଳବଳ ହେଉଥିଲା ତା ଭିତରେ । ଭାବିଲା ଏଇ ପ୍ରକୃଷ୍ଟ ସମୟ ସୁଯୋଗକୁ ହାତଛଡା ନ କରିବାକୁ ପଚାରିଲା- "ସାର୍ ଅନେକ ଦିନରୁ ଆଉ ଗୋଟିଏ ଜିଜ୍ଞାସା ମୋ ଭିତରେ ରହିଛି । ମୁଁ ମାନେ.... ପ୍ରାୟ ସମସ୍ତ ଛାତ୍ରଙ୍କ ଭିତରେ ଥିବ । ପଚାରି ପାରିବି କି ?"

– "ଅନୁମତି ଲୋଡା ନାହିଁ, ଛାତ୍ରଙ୍କୁ ପ୍ରଶ୍ନ ପଚାରିବାକୁ । ଆମେ ଶିକ୍ଷକ କାହା ପାଇଁ ? ତା ଛଡା ଅନ୍ୟମାନଙ୍କ କଥା ଛାଡ... ତୁମ ମନରେ ଯେଉଁ ପ୍ରଶ୍ନ ଆସିଛି, ତାକୁ ପଚାର" । ଅଭୟ ପ୍ରଦାନ କଲେ ଫଫେସର ସଚିଙ୍କୁ ।

– "ସାର୍ ..... ମୁଁ.... ମାନେ ମୁଁ ଜାଣିବାକୁ ଚାହୁଁଚି କି ... ମାନେ...ସମସ୍ତେ ପ୍ରାୟ ଭାବିଥିବେ ଏ ବିଷୟରେ...."

ସଚିକାନ୍ତର ଅସାମଂଜସ୍ୟତାକୁ ଭାରି ଭ୍ରାନ୍ତି ଅନୁଭବ କରୁଥିଲେ ପ୍ରଫେସର । ନିର୍ଭୟ ପ୍ରଦାନ କଲେ- "ନିସଂକୋଚରେ ପଚାର । ପ୍ରାପ୍ତ ବୟସ୍କ ତୁମେମାନେ । ପଚାର ଯାହା ପଚାରିବାକୁ ଇଚ୍ଛା କରୁଛ ।"

ଇତି ମଧ୍ୟରେ ଦୀନବନ୍ଧୁର ଆଖି ହେଲସଣି ସନ୍ଦେହରେ ବିସ୍ଫାରିତ । ଗୁଣୁଗୁଣେଇ କହିଲା ସୁଧାଂଶୁ କାନରେ – "ଭାଇ ! ଦେଖ୍ ତା ଶରୀରର ଭାଷାକୁ । ପଦ ! କିଛି ଗୋଟାଏ ଉଟ୍ ପଟାଙ୍ଗ ପ୍ରସଙ୍ଗ ଆଜି ଉଠାଇବ ଓ ମିଷ୍ଟର ଆବିଷ୍କାର ।

ଏକା ଦୀନବନ୍ଧୁ ବା ସୁଧାଂଶୁ ନୁହଁନ୍ତି ଆମ ସମସ୍ତଙ୍କର ଏକ ଆଶିଂକ ଓ ଦୃଷ୍ଟି ଯାଇ ନିବଦ୍ଧ ହେଲା, ସଚିକାନ୍ତ ଉପରେ ।

ସଚିକାନ୍ତ ସିଧା ନ ପଚାରି ଉପକ୍ରମରୁ ଆରମ୍ଭ କଲାଣି- "ସାର୍ ମନ୍ଦିର ଆମର ପବିତ୍ର ସ୍ଥାନ, ଉପାସନାସ୍ଥଳ । ମନ୍ଦିର ଆସୁଛୁ ଆମେ ମନକୁ ପବିତ୍ର କରିବାକୁ.... ।"

– "ତେବେ କ୍ଷତି କ'ଣ ?" ମୁଖ୍ୟ ପ୍ରଶ୍ନ ପାଖକୁ ଫେରିବାକୁ ସଚିକାନ୍ତଙ୍କୁ ବାଧ୍ୟ କଲେ ପ୍ରଫେସର ମହାନ୍ତି । ତାର କଥାକୁ ବାଧା ଦେଇ କହିଲେ – "ପ୍ରଶ୍ନ କୁହ ସଚି"

– "ଏପରି ପବିତ୍ର ସ୍ଥାନରେ ଅଶ୍ଳୀଳ ଯୌନଚିତ୍ର କାହିଁକି ? ଦର୍ଶକଙ୍କର ମନକୁ ପରୀକ୍ଷା ପାଇଁ, ବା ଶିଳ୍ପୀର ବିକାର ମାନସିକତା ହେତୁ ଅଥବା ବିଳାସୀ ରାଜାଙ୍କର ଆଦେଶ ହେତୁ ଖୋଦିତ ହୋଇଛି ?"

ପ୍ରାୟ ଶୀତଳ-ମଧୁର ଚନ୍ଦ୍ରାଲୋକରେ ଅଚାନକ ଘୋଡି ହୋଇ ଗଲା ଲଜ୍ଜାର ଲାଲିମା । ନିରବତାରେ ସିଇଁ ହୋଇ ଯାଇଥିଲା ସଭିଙ୍କ ମୁହଁଟିମାନ । ଦୟା ଆସିଲା ବୋଧେ ଖଣ୍ଡେ ଭଷା ବାଦଲର । କିଛି ମୁହୂର୍ତ୍ତ ପାଇଁ ପହଁରି ଗଲା ଜହ୍ନର ମୁଖ ଉପରେ । ଉଠେଇ ଦେଲା କେତେକ ଆରକ୍ତ ମୁଖ ମଣ୍ଡଳର ପ୍ରତିକ୍ରିୟା । ପରେ ପରେ ତିଆରି ହୋଇ ଚାଲିଗଲା ଚାପା ଗୁଂଜରଣ, ସୁମିତ୍ରା ତ ମୋ ବାହୁରୁ ପୁଳାଏ ଚିମୁଟି ଧରି ଚାପା କଣ୍ଠରେ କହିଚାଲିଲା– "ଅସଭ୍ୟ... ଅତି ଅନାର୍ଯ୍ୟ । ସ୍ଥାନ, କାଳ ପାତ୍ରର ବିବେକ ନାହିଁ ଏଇଟାର" ତାକୁ ଚୁପ୍ ରହିବାକୁ ଇସାରା କରି ମୁଁ ବି ଚୁପ୍ ରହିଲି ।

କିନ୍ତୁ ଦୀନବନ୍ଧୁ ଚୁପ୍ ରହିବା ପିଲା ଭିତରେ ନଥିଲା । ଅଧା-ଅଧିକଙ୍କୁ ଶୁଣେଇବା ପରି କହିଲା– "ଭାଇ ! ଯେ ମିଷ୍ଟର ଆବିଷ୍କାର ଏତେ ଅଧିକା ଖୋଜା ଖୋଜି କରନ୍ତି ଯେ, ଦିନାକେତେ 'ମଣିଷ' ଅନ୍ୱେଷଣ କରି ଚାଲିଲେ ।"

– "କ'ଣ ପାଇଲେ ?" କେହି ଜଣେ ଅଟ୍ଟହାସ୍ୟ ସହିତ ପଚାରିଲା ।

– "ଅର୍ଥାତ୍ ?... ବନ୍ଧ ପାଗଳାମୀ ଛଡା ଆଉ କିଛି ନୁହେଁ । ଆରେ ଭାଇ ହାଉ ଯାଉ ଅସଂଖ୍ୟ ମଣିଷଙ୍କ କୋଳାହଳରୁ ମୁକ୍ତି ଲାଗି ଆମେ ଟିକେ ନିରୋଳା ମୁହୂର୍ତ୍ତ ବିତେଇବାକୁ ଏଠିକୁ ଆସିଛୁ । ତାକୁ ମଣିଷ ଟାଏ ମିଳିଲାନି ? ତା ହେଲେ ତୁମେ ତାକୁ ମଣିଷ ସନ୍ଧାନରେ କିଛି ସାହାଯ୍ୟ କଲନି ?" କିଛିଟା ତାଚ୍ଛଲ୍ୟ ମିଶା ବେପରୁଆ ମନ୍ତବ୍ୟ ଶୁଣେଇଲା ସୁଧାଂଶୁ, ଦୀନବନ୍ଧୁ କୁ ।

– "କରିଛିନା ! ଦେଇଛି ମଣିଷର ସନ୍ଧାନ । ଜଣେ ସଚ୍ଚା ମଣିଷର ସନ୍ଧାନରେ ସିଏ ଥିଲା ଦେଲି । ତା ପରଠାରୁ ଆଉ ମଣିଷ ଅନ୍ୱେଷଣରେ ଅସଫଳ ସଚିକାନ୍ତର ନିରାସକ୍ତ ମାନସିକ ସ୍ଥିତିକୁ ଦେଖି, ଦିନେ ଦୀନବନ୍ଧୁ 'ସନ୍ଥ କବିର'ଙ୍କର ଦୁଇ ପଂକ୍ତି ଦୋହା ଖଣ୍ଡେ କାଗଜରେ ଲେଖି ସଚିକାନ୍ତକୁ ଧରେଇ ଦେଲା । ଆଉ କହିଲା – ଏଇଥିରେ ଅଛି ତୋ ସଚ୍ଚା ମଣିଷର ଠିକଣା ।

– "କ'ଣ ଏମିତି ଥିଲା ସେ ପଦରେ ? "

– "ରହିବ କ'ଣ ? ସମୀକ୍ଷା ! ଆଉକଣ ?" ଦୀନବନ୍ଧୁ ଉତ୍ତର ଦେଲା ଏବଂ ପରେ ପରେ ଆବୃତ୍ତି କଲା ମହାନ ସନ୍ଥ କବିରଙ୍କର ସେଇ ଦୁଇ ଖଣ୍ଡି ଦୋହାକୁ ସଚିକାନ୍ତକୁ ଦେଇଥିଲା କାଗଜ ଖଣ୍ଡକରେ ଲେଖି ।

"ବୁରା ଯୋ ଦେଖନେ ମେ ଚଲା, ବୁରା ନ ମିଲିଆ କୋଇ ।
ଯୋ ଦିଲ୍ ଖୋଜା ଅପନା,ମୁଝସେ ବୁରା ନା କୋଇ ।"
(ସନ୍ଥ କବୀର)

ଶୁଣିବା ପରେ ସୁଧାଂଶୁ କିଛି କ୍ଷଣ ଚୁପ ରହିଲା । ଅପନେ ଆପ୍ ତନ୍ମୟ ସୂଚକ ଯୋଗସୂତ୍ର ମୁଖରୁ ତାର ନିଃସୃତ ହେଲା – "ଚମତ୍‌କାର, ଅତି ଚମତ୍‌କାର ଅତି ଚମତ୍‌କାର ପର୍ବ –" ଅଧ୍ୟାପିକାମାନଙ୍କ ମଧ୍ୟରେ ଉତ୍ତର ଖୋଜିବା ପ୍ରୟାସରେ ଅନେକ ଦୂର ଅଗ୍ରସର ହୋଇ ସାରିଲାଣି । ବିଶେଷ କରି ପ୍ରଫେସର ମହାନ୍ତି ଯୁକ୍ତି ଯୁକ୍ତ ଉତ୍ତର ଦେବାକୁ ହୁଏତ ପ୍ରସ୍ତୁତ ହୋଇ ସାରିବେଣି । ଏଠି ଦୀନବନ୍ଧୁର ହସ୍ତକ୍ଷେପ ପୂରାପୂରି ନିଷ୍କ୍ରିୟ ହୋଇ ଚୁପ ରହିଲା ସିଏ ।

ଅନେକ ଟୀକା ତପ୍ତପାଣିର ଶୀକାର ହୋଇ ହୋଇ ସାରିଥିଲା ସେତେବେଳକୁ ସଚିକାନ୍ତ ହସ ମଜାକ୍‌ରେ କେତେକ ତୀର୍ଯ୍ୟକ ତୀର ମଧ୍ୟ ସହିବାକୁ ପଡୁଥିଲା ତାକୁ ।

ବିରାମ ଘଟିଲା ଏଇଠି – "ବାସ୍ତବିକ୍ ଯଥେଷ୍ଟ ଗୁରୁତ୍ୱ ରହିଛି ଏ ପ୍ରଶ୍ନଟିର ? ପ୍ରଫେସର ମହାନ୍ତି ଆରମ୍ଭ କଲେ ତାଙ୍କର ବକ୍ତବ୍ୟ । ପୁନଶ୍ଚ କହିଲେ ।"

– "ପ୍ରତ୍ୟେକ ଦର୍ଶକ ମନରେ , ପ୍ରକାର ପ୍ରଶ୍ନ ଆସେ । କେହି ଖୋଲା ଖୋଲି ପ୍ରକାଶ କରି ପାରନ୍ତି ନାହିଁ । ଭୟ ଥାଏ କାଳେ ଭଦ୍ରମୁଖାଟି ଖୋଲି ଯିବ ନାହିଁ ଏମାନେ ହେଲେ ସାଧାରଣ ଦର୍ଶକ । ସଚିକାନ୍ତ ଜଣେ ସାଧାରଣ ଦର୍ଶକ ନୁହେଁ । ଜଣେ ଜିଜ୍ଞାଷାର ଶିକାର ହୋଇଛି । ଏଇଟା ଜଣେ ଜିଜ୍ଞାସୁର ସ୍ୱାଭାବିକ ଇଚ୍ଛା । ଆମେ ତାକୁ ସମ୍ମାନ କରିବା ଉଚିତ୍ ।"

ଟିକିଏ ଚୁପ୍ ରହି କହିଲେ ପ୍ରଫେସର – "କିନ୍ତୁ ସଚିକାନ୍ତଙ୍କର ଗୋଟିଏ ଶବ୍ଦକୁ ମୁଁ ଖଣ୍ଡନ କରୁଛି । 'ଅଶ୍ଳୀଳ ଚିତ୍ର' । ଏହି ଚିତ୍ରକୁ ତୁମେ ଅଶ୍ଳୀଳ ଆଖ୍ୟା ଦେଇ ପାରିବ ନାହିଁ । କାରଣ ଏହା ପ୍ରକୃତିର ଏକ ପ୍ରକୃତ ଚିତ୍ର । ଅପ୍ରାକୃତି କ'ଣ ଏଥିରେ କୌଣସି ପାଶବିକ ଆଚରଣର ଚିତ୍ର ନାହିଁ । ତେବେ ଅଶ୍ଳୀଳ ଏହାକୁ କହି ପାରିବାନି ଆମେ ।"

– "ସାର୍ କି କାରଣ ମନ୍ଦିର ଗାତ୍ରରେ ଏ ସବୁ ଖୋଦିତ ହୋଇଛି ।" ଏଇଥିଲା ସଚିକାନ୍ତର ମୂଳ ପ୍ରଶ୍ନ । ପଚାରିଲା ଏଥର ନିସଂକୋଚରେ । ପ୍ରଫେସର ମହାନ୍ତି ପ୍ରସ୍ତୁତ ଥିଲେ ଏଥି ପାଇଁ । କହିଲେ – "ସଚିକାନ୍ତ ! ପୃଥିବୀର ଆଦି କଳା ହେଲା "ଶୃଙ୍ଗାର" ।

ସମସ୍ତ କଳାର ମୂଳ ଉତ୍ସ ହେଉଛି ଶୃଙ୍ଗାର ।" ତେବେ ମୂଳ ଉତ୍ସ ଶୃଙ୍ଗାରକୁ ବାଦ୍ ଦେଇ କଳା କାରୁକାର୍ଯ୍ୟ ସମ୍ଭବ କି ? ତେଣୁ ଶିଳ୍ପୀ ପ୍ରଥମରୁ ହିଁ କାମ-କଳାକୁ ଖୁଦାଇ କରିଥିବା ସମ୍ଭବ କରାଯାଏ । ଗୀତ କୁହ, ସଂଗୀତ କୁହ ଅବା ନୃତ୍ୟ କି କବିତା, ସମସ୍ତ ଆବେଗର ମୂଳରେ ରହିଛି ଶୃଙ୍ଗାର ରସରୁ ପ୍ରୋତ୍ସାହନ ।

ଆଉ ମଧ ତୁମେ ମନ୍ତବ୍ୟ ଦେଲ- ଶିଳ୍ପୀର ବିକାର ମାନସିକତା ହେତୁରୁ ଏପରି ଚିତ୍ର ଖୋଦିତ ହୋଇଛି । ଭାବି ଦେଖ ! ରାଜାଙ୍କର ଆଦେଶ ବିନା ଶିଳ୍ପୀ ନିଜ ଇଚ୍ଛାରେ ଏପରି ଚିତ୍ର ମନ୍ଦିର ଗାତ୍ରରେ ଖୋଦାଇ କରିପାରିବ କି ? ଏତିକିରେ ଆଲୋଚନା ପ୍ରାୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା ।

କ୍ରମଶଃ ବୟସ ବୃଦ୍ଧି ଘଟୁଥିଲା ରାତିର । ରାତି ବାରଟା ପୂର୍ବରୁ ଆକମ୍ଭୁ କଟକ ରେଭେନ୍ସା କଲେଜରେ ପହଞ୍ଚିବାକୁ ପଡ଼ିବ । ଜଗୁଆଳିର ହୁଇସିଲ ମଧ ସତର୍କ କରେଇ ଦେଲା ଆମକୁ । ଫେରିଲୁ ଆମେ ।..

ଦିନେ (ପ୍ରାୟ କଲେଜ ଛାଡିବାର ଚାରି କିମ୍ବା ପାଞ୍ଚ ବର୍ଷ ପରେ) ଅଚାନକ ଭେଟ ହେଲା ମୋର ପ୍ରିୟ ବାନ୍ଧବୀ 'ସୁମିତ୍ରା' । ସାଥିରେ ଥିଲା ସଚିକାନ୍ତ । ହାତ ଧରି ମୋର କୌତୂହଳ କିଛି ଆଶ୍ଚର୍ଯ୍ୟ ବି । ବୁଝିପାରି, ସୁମିତ୍ରା ସଚିକାନ୍ତର ହାତଧରି ମୋର କୌତୂହଳକୁ ପ୍ରଶମିତ କଲା ଯେ, ଇତି ମଧରେ ସେମାନେ ପତି-ପତ୍ନୀ ହୋଇ ସାରିଛନ୍ତି; ଦୁଇ ବର୍ଷ ପୂର୍ବରୁ ।

ଉତ୍‌ଫୁଲିତ ତଥା ପରିବେଶକୁ ପ୍ରତିଧ୍ୱନିତ କଲାପରି ହସ ହସି ଆମେ ପରସ୍ପରକୁ ସ୍ୱାଗତ କଲୁ । ଗୋଟିଏ କଲେଜରେ ଅଧ୍ୟାପକ, ଅଧ୍ୟାପିକା ଥିଲେ ଦୁହେଁ । ମୋ ଭିତରେ ବାକିଥିବା ପରିହାସକୁ ସୁମିତ୍ରାର କାନ ପାଖରେ ଆଜାଡି ଦେଇ ମୁଁ କହିଲି- ହେ ମୋର ପ୍ରିୟ ବାନ୍ଧବୀ । ଇଏ ମିଷ୍ଟର ଆବିଷ୍କାର କେବେଠାରୁ ଅସଭ୍ୟରୁ - ସଭ୍ୟ ହେଲେ ? ଖୁବ୍ ହସିବାକୁ ଲାଗିଲୁ ଆମେ ।

- "ମମି ! ଆକ୍‌ଚୁଆଲି ମୁଁ ଅସଲ ଇଣ୍ଟରେଷ୍ଟିଙ୍ଗ୍ କଥା କହିନି ତୁମକୁ । ହସୁଛ କାହିଁକି ?"

ଓଃ ! ସଚେତନ ହେଲି । ସ୍ମୃତିରୁ ଝଲକାଏ ହସର-ମଳୟ ହୋଇ କେତେବେଳେ ମୋ ମୁଖ ଉପର ଦେଇ ବୋହିଗଲାଣି ଜାଣି ପାରିଲି ନାହିଁ । ପୁଅ କଥାରେ ଫେରିଆସିଲି ତା ପାଖକୁ ।

- "ଇଣ୍ଟେରେଷ୍ଟିଙ୍ଗ୍ କ'ଣ ହେଲା କହ ।"

ପୁଅର କଥା ଅନୁସାରେ - ଏକ୍‌ଷ୍ଟରନାଲ୍ ମିଷ୍ଟର ଜୟସ୍ୱାଲ ସାହାବଙ୍କର ଘର ବିହାରର ନାଳନ୍ଦା ନିକଟବର୍ତ୍ତୀ ଅଂଚଳରେ । ଜୟସ୍ୱାଲ ମହାଶୟ, ପୁଅର ମହାପାତ୍ର ଟାଇଟିଲରୁ ଅବଗତ ହେଲେ ଯେ, ଛାତ୍ରଟି ଓଡ଼ିଶା ନିବାସୀ । ନିକଟ ଅତୀତରେ ଜୟସ୍ୱାଲ ସାହାବ ଆସିଥିଲେ କୋଣାର୍କ ଭ୍ରମଣରେ । କୋଣାର୍କର ଅଦ୍ଭୁତ ଚିତ୍ର କଳାରେ ଅତ୍ୟନ୍ତ ପ୍ରଭାବିତ ଓ ଅଭିଭୂତ ମଧ ହୋଇଥିଲେ । କୋଣାର୍କ ପରେ ପରେ ଦର୍ଶନ କରିଥିଲେ ଶାନ୍ତିସ୍ତୂପ ଧଉଳି । ଧଉଳି ଭ୍ରମଣ ସମୟରେ କୌଣସି ଜଣେ ଚତୁର ଗାଇଡ୍ ସାହାବଙ୍କୁ ବିହାର ନିବାସୀ ଜାଣି, ଖୁସି କରିବା ଉଦ୍ଦେଶ୍ୟରେ ସମ୍ରାଟ ଅଶୋକଙ୍କର ବୀରତ୍ୱ କାହାଣୀ ଅତି ବଢ଼ାଚଢ଼ା କରି ବକି ଦେଇଛି ପ୍ରାୟ । ତେଣୁ ଜୟସ୍ୱାଲ ସାହାବ ନିଜର ଓଡ଼ିଶା ଭ୍ରମଣ ବୃତ୍ତାନ୍ତ ତଥା ଅଶୋକଙ୍କର ବୀରତ୍ୱ କାହାଣୀ ଜଣେ ଓଡ଼ିଆ ଛାତ୍ର ସମ୍ମୁଖରେ ଅନ୍ୟ ଉପସ୍ଥିତ ଇଣ୍ଟରନାଲ୍ ଶିକ୍ଷକବୃନ୍ଦଙ୍କୁ ସଗର୍ବେ ବର୍ଣ୍ଣନା କରିବାକୁ ଲାଗିଗଲେ । ମଗଧ ସମ୍ରାଟ ବୀର ଅଶୋକ ହିଁ କେବଳ ଆଚ୍ଛାଦିତ ହୋଇ ରହିଥିଲେ ତାଙ୍କ ମାନସ ପଟ୍ଟରେ । ସେଇ ବଦ୍‌ହୋସ ବଳରେ ପୁଅକୁ ପଚାରି ବସିଲେ - "ମହାପାତ୍ର ! ଯଦି ମୁଁ ଭୁଲ୍ କହୁନାହିଁ, ତେବେ ସମ୍ରାଟ ଅଶୋକ ହିଁ କୋଣାର୍କ ମନ୍ଦିର ନିର୍ମାଣ କରିଥିଲେ ନା ?"

ହଠାତ୍ ମିଷ୍ଟର ତିଓ୍ୱାରୀ ଲକ୍ଷ୍ୟ କଲେ, ପୁଅର ଅସହଜ ମୁଖ ଭାବକୁ । ପୁଅକୁ ଚୁପ୍ ରହିବାକୁ ଇସାରା କରି ଅନ୍ୟ ପ୍ରଶ୍ନ ଆଡ଼କୁ ତତ୍‌କ୍ଷଣାତ୍ ଜୟସ୍ୱାଲଙ୍କର ଧ୍ୟାନ ଆକର୍ଷଣ କଲେ । (ଇଣ୍ଟରନାଲ୍ ଥିଲେ ମିଷ୍ଟର ତିଓ୍ୱାରୀ) ।

ଭୃ-ଉଚ୍ଚାକରି ଆକଣ୍ଠ ପିଇଗଲା ପରି ଆଁ'କରି ପୁଅର କଥା ଗୁଣକୁ ମୁଁ ପିଇ ଯାଉଥିଲି । କହିଲି- "କାହିଁ ଖ୍ରୀ.ପୂ. ଦ୍ୱିତୀୟ - କାହିଁ ଖ୍ରୀଷ୍ଟ ପର ଦ୍ୱାଦସ ଶତାବ୍ଦୀ ? ଏତିକ ଉଚ୍ଚାରଣ ସହିତ ମୁଁ ପୁନଶ୍ଚ ଫେରି ଯାଇଥିଲି ମୋର ସ୍ମୃତି ବିଜଡ଼ିତ ଚନ୍ଦ୍ରାଲୋକ ଧୌତ କୋଣାର୍କ ପ୍ରାଚୀର ଉପରକୁ । ଭାବୁଥିଲି- ଆଜି ଯଦି ଇତିହାସର ପ୍ରାମାଣିକ, ଲିଖିତ ରୂପରେଖ ନଥାଆନ୍ତା, ତେବେ କିମ୍ବଦନ୍ତୀ ଏଇଠୁ ଆରମ୍ଭ କରିଥାଆନ୍ତା । ତାର କାଳ୍ପନିକ କାହାଣୀ- କୋଣାର୍କର ନିର୍ମାଣ ରାଜା ଲାଙ୍ଗୁଡ଼ା ନରସିଂହ ଦେବ ନୁହଁନ୍ତି, ଆଉ କେହି କେଉଁ ରାଜ୍ୟର ପ୍ରବଳ ପ୍ରତାପି ରାଜା ।

ଭି.ଆଇ.ଏମ - ୩୩୧, ଶୈଳେଶ୍ରୀବିହାର
ସ୍ଥାନ -ପ୍ରୟୋଗରାଜ (ଆହ୍ଲାବାଦ) - ୨୦୦୦ ମସିହା

✠✠✠

# ଏ ମନ ବୃନ୍ଦାବନ

**ଦ୍ୱାରିକା ମୋହନ ମିଶ୍ର**

'ଯଦ୍ ଭବଂ ତତ୍ ଭବତି'
ଯେ ଯେମିତ କର୍ମ କରେ ସେମିତି ଫଳ ମିଳେ,
ମନ ହିଁ ଆକାଶର ରୂପ ସୃଷ୍ଟି କରେ ।
ସବୁଠି ମନର ମୁଁ ଦେଖାଯାଏ ।
ଅହଂକାର କ୍ଷେତ୍ରରେ ମନର ଅସ୍ତିତ୍ୱ ନଥାଏ ।
ଆତ୍ମା ସର୍ବେସର୍ବା ।

(ସଂସାର-ସର୍ବସ୍ୱ ହେବା ହିଁ ବନ୍ଧନ, ଆତ୍ମ-ସର୍ବସ୍ୱ ହେବା ହିଁ ମୁକ୍ତି କାରଣ ଈଶ୍ୱରଙ୍କ ସାମ୍ରାଜ୍ୟ ଏଠି ସେଠି କେଉଁଠି ନଥାଏ କିନ୍ତୁ ଥାଏ ସମସ୍ତଙ୍କ ହୃଦୟ କନ୍ଦରରେ।)

ଊର୍ଦ୍ଧ୍ୱଗାମୀ ବା ନିମ୍ନଗାମୀ ହେବା ପାଇଁ ପ୍ରତ୍ୟେକ ବ୍ୟକ୍ତିକୁ ମାନବ ଜନ୍ମ ରୂପେ ପ୍ରକୃତି ଦେଇଛି ଏକ ଅପୂର୍ବ ସୁଯୋଗ । ବିବର୍ତ୍ତନକାରୀ ଶିଢ଼ିରେ ମଣିଷର ମନ ତାର ବନ୍ଧୁ ବା ଶବଚ୍ଛର ହୋଇପାରେ । ମଣିଷ ମନ ଅତି ଶକ୍ତିଶାଳୀ । ମନର ଗତି ଅତି ପ୍ରଖର । ଏହା ଆକାଶଠାରୁ ଏବଂ ଏପରିକି ବିଦ୍ୟୁତ୍ ଶକ୍ତି ଠାରୁ ଆହୁରି ସୂକ୍ଷ୍ମ । ମନ ଆଲୋକ ଅପେକ୍ଷା ଅଧିକ ଗତିଶୀଳ ହୋଇପାରେ ମନ ସମୁଦ୍ରରୁ ଉଠୁଥିବା ତରଙ୍ଗମାଳାର କୌଣସି ଶେଷ ନାହିଁ । କ୍ଷଣସ୍ଥାୟୀ ପାର୍ଥିବ ଜୀବନ, ଆବେଗ, ଅତୃପ୍ତ ବାସନା, ଅହଂକାର ଓ ଭବିଷ୍ୟତ ସମ୍ପର୍କରେ ଉତ୍କଣ୍ଠା ଉପରେ ମନୋନିବେଶ କରିବାର ଅଭ୍ୟାସବଶତଃ ଏହା ସର୍ବଦା ବିକ୍ଷୁବ୍ଧ ମନ ନିଜର ଅନ୍ତର୍ନିହିତ ଦିବ୍ୟସତ୍ତାର ମଧୁରତା ଆସ୍ୱାଦନ କରିବାରେ ଅସମର୍ଥ ହୋଇଥାଏ । ସେହି ଦିବ୍ୟ ସତ୍ତା ହିଁ ଅବର୍ଣ୍ଣନୀୟ ପ୍ରଶାନ୍ତି । ମନ ଅମାପ ଶକ୍ତିର ଭଣ୍ଡାର । ଏହି ଗୁପ୍ତ ଶକ୍ତିର ଉପଯୋଗ କରିପାରିଲେ ଜଣେ ସଫଳତାର ଯେକୌଣସି ଶୀର୍ଷ ଦେଶରେ ପହଞ୍ଚି ପାରିବ । କିନ୍ତୁ ସେଥିପାଇଁ ମନକୁ ତାଲିମ ଦେବାକୁ ପଡ଼ିବ, ଏକାଗ୍ର ହେବାକୁ ପଡ଼ିବ ଓ ଅନ୍ତର୍ମୁଖୀ ହେବାକୁ ପଡ଼ିବ । ଆମ ଆତ୍ମସତ୍ତାର ଗଭୀରତର ସ୍ତରକୁ ଭେଦ କରିବାର ଶକ୍ତି ଏହାର ଅଛି । ମଣିଷ ପାଇଁ ଏହାଠାରୁ ବଳି ଚମତ୍କାର ଅସ୍ତ୍ର ଆଉ କିଛି ଥାଇନପାରେ ।

ମନ ଗୋଟିଏ କଳ୍ପନାରୁ ଅନ୍ୟ ଗୋଟିଏ କଳ୍ପନାରୁ ଉଡ଼ି ବୁଲୁଥାଏ । ଗୋଟିଏ ଜିନିଷକୁ ଧରି କିଛି ସମୟ ଖେଳେ ଏବଂ ପର ମୁହୂର୍ତ୍ତରେ ପୁଣି ତାକୁ ଛାଡ଼ିଦିଏ । ଜଣେ ହୁଏତ ତାର ପାଟିକୁ ବନ୍ଦ ରଖିପାରେ କିନ୍ତୁ ମନଟିକୁ ବନ୍ଦ କରି ରଖିବା ଏକାବେଳେକେ ଅସମ୍ଭବ । ତାହା ହିଁ ମନର ପ୍ରକୃତି । କାମନାବାସନାର ସୂତ୍ରରେ ଏହା ସେହିପରି ଭାବେ ଗୁନ୍ଥା ହୋଇ ରହିଛି । ଏହାର ଲକ୍ଷ୍ୟ ହେଲା ଏଠି ସେଠି ଘୂରି ବୁଲିବା, ଗୋଟିଏ ବିଷୟରୁ ଅନ୍ୟ ବିଷୟକୁ ଲମ୍ଫ ପ୍ରଦାନ କରିବା । ଇନ୍ଦ୍ରିୟମାନେ ତାକୁ ଅସ୍ଥିର କରିପକାନ୍ତି । ବାହ୍ୟ ଜଗତର ରୂପ, ରଙ୍ଗ, ସ୍ୱାଦ, ଶବ୍ଦ, ସ୍ପର୍ଶ ଓ ଗନ୍ଧରେ ସେ ଆମୋଦିତ ହୁଏ ଓ ଆକର୍ଷିତ ହୁଏ । କିନ୍ତୁ ଏହି ଚଞ୍ଚଳ ମନକୁ ବଶୀଭୂତ କରି ସତ୍କର୍ମରେ ନିୟୋଜିତ କରିହେବ । ତାକୁ ଯଦି ସତ୍ୟ-ନିତ୍ୟ ବିଶ୍ୱସତ୍ତାର ଆଧାର ଈଶ୍ୱରଙ୍କଠାରେ ନିମଜ୍ଜିତ କରାଯାଇ ପାରିବ ଏହା ବିପଥଗାମୀ ହେବ ନାହିଁ କି ମଣିଷକୁ ଧ୍ୱଂସ ପଥକୁ ଟାଣିନେବ ନାହିଁ, କାରଣ ଈଶ୍ୱର ହେଲେ ଅସରନ୍ତି ଶକ୍ତିର ଉତ୍ସ ବା ଚିରନ୍ତନ ଆନନ୍ଦ ଓ ଗଭୀରତମ ପ୍ରଜ୍ଞାର ଉତ୍ସ ।

ମନ ମଣିଷକୁ ଗଢ଼ିଦିଏ । ନଷ୍ଟ କରିଦିଏ । ଯେତେବେଳେ ଏହା ସାଂସାରିକ ଭୋଗ ବିଳାସରେ ବୁଡ଼ିରହେ ସେତେବେଳେ ବନ୍ଧନର କାରଣ ହୁଏ । ସଂସାର ଆଡକୁ ମୁହାଁଇଲେ ବଦ୍ଧଜୀବ ହୋଇଯାଏ । ସୁଖ ତାକୁ ବନ୍ଧନରେ ଛନ୍ଦି ଦିଏ । କିନ୍ତୁ ଏ ସୁଖ କ୍ଷଣସ୍ଥାୟୀ । ଭୋଗାସକ୍ତି ତ୍ୟାଗ କରି ସେ ଯେତେବେଳେ ବିବେକ-ବୈରାଗ୍ୟର ପଥିକ ହୋଇଯାଏ ସେତେବେଳେ ମୁକ୍ତ ହୋଇ ଜ୍ଞାନ ପ୍ରାପ୍ତ ହୁଏ । ତେଣୁ କୁହାଯାଏ ମାନବର ଏହି ମନ ହେଉଛି ବନ୍ଧ ଓ ମୋକ୍ଷ କାରଣ । ମନ ବହିର୍ମୁଖୀ ହେଲେ ବନ୍ଧନଗ୍ରସ୍ତ ବୋଲି କୁହାଯାଏ । ତାକୁ ଚତୁରତାର ସହ ଅନ୍ତଃର୍ମୁଖୀ ହେଲେ ବନ୍ଧନଗ୍ରସ୍ତ ବୋଲି କୁହାଯାଏ ଅର୍ଥାତ୍ ମନ ଇନ୍ଦ୍ରିୟାଶ୍ରୟୀ ହେଲେ ବନ୍ଧନରେ ପଡେ ଏବଂ ଜ୍ଞାନର ପ୍ରାଧାନ୍ୟ ରହିଲେ ମନ ଅନ୍ତରର ପରମାନନ୍ଦ ଉପଲବ୍ଧି କରେ । ତେଣୁ ମନ କେବଳ ଆଜ୍ଞାବହ ହେବା ପର୍ଯ୍ୟନ୍ତ ନୁହେଁ, ମୃତ୍ୟୁ ପର୍ଯ୍ୟନ୍ତ ତାଠାରୁ ଦୂରରେ ସମ୍ପର୍କହୀନ ଭାବରେ ରହିବା ପାଇଁ ଚିର ଜାଗ୍ରତ ରହିବାକୁ ପଡ଼ିବ ।

ମନ ଦେଖେ ଓ ଦେଖେ ନାହିଁ, କହେ ଓ କହେନାହିଁ, ନିଦ୍ରା ଯାଏ  ନିଦ୍ରା ଯାଏ ନାହିଁ । ମନ ହିଁ ସବୁ କାମନାବାସନା, ଦୁଃଖକ୍ଲେଶ, ପସନ୍ଦ ଅପସନ୍ଦ, ଆସକ୍ତି ଓ ଘୃଣାର ବାସସ୍ଥଳୀ ସଂସାର ପ୍ରତି ଥିବା ତାର ଆସକ୍ତି ଏବଂ ତଦ୍‌ଜନିତ ଦୁଃଖଯନ୍ତ୍ରଣା ପାଇଁ ମନ ହିଁ ଅସଲ ଅପରାଧି ବୋଲି ଜାଣି ମଧ୍ୟ ମଣିଷ ମନରୁ ନିଜକୁ ଅଲଗା କରିପାରେ ନାହିଁ ବା

ନିଜର ବିପର୍ଯ୍ୟୟକୁ ନିୟନ୍ତ୍ରଣ କରିପାରେ ନାହିଁ । ଫଳରେ ସେ ଦୁଃଖ ଯନ୍ତ୍ରଣାରୁ ମୁକ୍ତି ପାଇବାରେ ବିଫଳ ହୁଏ । ମନର କାର୍ଯ୍ୟ ହେଲା ଚିନ୍ତା କରିବା । ମନ ମୁହୂର୍ତ୍ତଟିଏ ମଧ୍ୟ ଚିନ୍ତାନକରି ରହିପାରିବ ନାହିଁ । ଯଦି ଏହାକୁ ଗୋଟିଏ ଭଲ କଥା ଚିନ୍ତା କରିବାକୁ ହେବ ସେ ନିଶ୍ଚୟ ଭଗବାନଙ୍କ କଥା ଚିନ୍ତା କରିବାକୁ ଆରମ୍ଭ କରିବ । ଯେତେବେଳେ ସେହି ସମସ୍ତ କାମନାବାସନାର ପ୍ରବୃତ୍ତିକୁ ସେ ନିୟନ୍ତ୍ରଣ କରିପାରିବ ଏବଂ ବିଷୟା ଜଞ୍ଜାଳରୁ ନିଜକୁ ପ୍ରତିନିବୃତ୍ତ କରିପାରିବ ତେବେ ତାର ବୋଧଶକ୍ତି ମନରେ ଆଉ ଦୂରାଗ୍ରହ ସୃଷ୍ଟି କରିପାରିବ ନାହିଁ । ସେତେବେଳେ ମନର ଏକାଗ୍ରତା ଆସିଯିବ । ଏହିପରି ଭାବେ ଯେତେବେଳେ ମନ ଚିନ୍ତାଧାରାକୁ ଅଚେତନ ଠାରୁ ପ୍ରତ୍ୟାହୃତ କରି ଆଣିବ ସେତେବେଳେ ମନର ଭାରସାମ୍ୟ ରହିପାରିବ ଓ ସେ ଏକ ଉଚ୍ଚତର ଚେତନାରେ ବାସ କରିପାରିବ ।

ସାଧାରଣଭାବେ ଆମେ ଦେଖୁ ଯେ ମନ ଓ ବୁଦ୍ଧି ସାଧାରଣତଃ ପରସ୍ପର ସହିତ ଏକମତ ହୁଅନ୍ତି ନାହିଁ । ବୁଦ୍ଧି ଯାହା ଗ୍ରହଣ କରେ ମନ ତାହା ପ୍ରତ୍ୟାଖ୍ୟାନ କରେ ଏବଂ ମନ ଯାହା ଚାହେଁ, ବୁଦ୍ଧି ତାହା ଗ୍ରହଣ କରିପାରେ ନାହିଁ ଓ ତାକୁ ସେ ହସରେ ଉଡ଼ାଇ ଦିଏ । ଆଧ୍ୟାତ୍ମିକ ପ୍ରଗତିର ବିକାଶ ପାଇଁ ମନ ଓ ବୁଦ୍ଧିର ମିଳନ ବା ଐକ୍ୟଭାବ ଏକାନ୍ତ ଆବଶ୍ୟକ । ଏଥି ସହିତ ନିଜର ଅବିରତ ଏକନିଷ୍ଠ ସଙ୍କଳ୍ପବଦ୍ଧ ଉଦ୍ୟମ ମଧ୍ୟ ଆବଶ୍ୟକ । ମନ ଓ ବୁଦ୍ଧିର ପର୍ଯ୍ୟବେକ୍ଷଣକୁ ବି ଏହା ଜଡ଼ିତ କରାଇଥାଏ । ଆମେ ଯେତେବେଳ ଉପଲବ୍ଧି କରିପାରିବା ଯେ ଶରୀର, ମନ ଓ ବୁଦ୍ଧି କେବଳ ଆମ ହାତରେ ଥିବା କେତୋଟି ଉପକରଣ ଏବଂ ଆମେ ସେଗୁଡ଼ିକ ଠାରୁ ଭିନ୍ନ, କେବଳ ସେତିକିବେଳେ ହିଁ ସେପରି ପର୍ଯ୍ୟବେକ୍ଷଣ ସମ୍ଭବପର ହେବ । କେବଳ ଅଜ୍ଞାନତାବଶତଃ ଆମେ ଯୁଗଯୁଗ ଧରି ଆମ ଶରୀର, ମନ ଓ ବୁଦ୍ଧି ସହିତ ଏକାତ୍ମତା ଅନୁଭବ କରି ଆସିଛୁ । ଏ ପ୍ରକାର ଏକାତ୍ମତାଭାବ ଅତି ଦୃଢ଼ ହୋଇଥାଏ, କେବଳ ମନ ଉପରେ ପାହାର ଉପରେ ପାହାର ବସିଲେ ସେହି ମିଥ୍ୟା ପରିଚିତିକୁ ଧ୍ୱସଂ କରାଯାଇ ପାରିବ । ଆମେ ଶରୀର, ମନ ଓ ବୁଦ୍ଧିରୁ ଆମ ବୈଶିଷ୍ଟ୍ୟମୂଳକ ପାର୍ଥକ୍ୟ ସମ୍ପର୍କରେ ନିଜର ହୃଦ୍‌ବୋଧ କରାଇବାକୁ ଆରମ୍ଭ କରିବା ପରେ ଅନ୍ତଃର୍ଦୃଷ୍ଟି ଆରମ୍ଭ ହୋଇପାରିବ । ଆମେ ମନ ଓ ବୁଦ୍ଧିର କାର୍ଯ୍ୟଧାରାକୁ ଲକ୍ଷ୍ୟ କଲାବେଳେ ଦୁଇଟି କଥା ଆମ ଦୃଷ୍ଟିରେ ପଡ଼େ । ପ୍ରଥମତଃ, ମନ ଭିତରେ ଅବିରତ ଚିନ୍ତାର ପ୍ରଖର ସ୍ରୋତ ବହି ଚାଲିଥାଏ ଏବଂ ସେଗୁଡ଼ିକୁ ପ୍ରତିହତ କରିବା ବସ୍ତୁତଃ ଅସମ୍ଭବ । ଦ୍ୱିତୀୟତଃ, ଆମେ ତା ପାଇଁ ଗର୍ବ ଅନୁଭବ କରୁଥିବା ଆମ ବୁଦ୍ଧି ଅନେକ ସମୟରେ ଭୁଲ ନିଷ୍ପତ୍ତି ନେଇଥାଏ ଯାହା ଶେଷକୁ ଭୟଙ୍କର କ୍ଷତି ଘଟାଏ । ତେଣୁ କେବଳ ଅନ୍ତର୍ନିରୀକ୍ଷଣ ହିଁ ଆତ୍ମୋପଲବ୍ଧିର ଅସଲ ଚାବିକାଠି ।

ମୃଦୁ ତରଙ୍ଗ ବି ନଥାଇ, ମନ ଯେତେବେଳେ ଗୋଟିଏ ଜଳାଶୟର ଉପରିଭାଗ ପରି ସମ୍ପୂର୍ଣ୍ଣ ସ୍ଥିର ହୋଇଯିବ, କେବଳ ସେତିକିବେଳେ ଜଣେ ଦେଖିବାକୁ ପାଇବ ଯେ ଏ ଜଗତ ଈଶ୍ୱରଙ୍କ ସୃଷ୍ଟି ଏବଂ ଈଶ୍ୱରମୟ । ମାନସିକ ଆଲୋଡ଼ନ ଦ୍ୱାରା ଚିନ୍ତାଧାରା ଜନ୍ମ ନିଏ । ଗୋଟିଏ ବିଶୃଙ୍ଖଳ, ଉଦ୍ଧତ ଓ ଅମାନିଆଁ ମନ ଅସଂଖ୍ୟ ଚିନ୍ତାର ଦାସ ପାଲଟି ଯାଇଥାଏ ଏବଂ ସମୁଦ୍ର ଉପରେ ସୃଷ୍ଟି ହୋଇଥିବା ଭୟଙ୍କର ଝଡ଼ବ୍ୟାତ୍ୟା ପରି ମନରେ କାମନା ବାସନାର ଉତ୍ତାଳ ତରଙ୍ଗ ସୃଷ୍ଟି କରାଇଥାଏ । ଏହା ସର୍ବଦା ଅସ୍ଥିର ଓ ଚଞ୍ଚଳ କିନ୍ତୁ ଏହି "ଚଞ୍ଚଳତାରେ ବି ସ୍ଥିର ।" ମନକୁ ସାଧାରଣତଃ ଗୋଟାଏ ବଡ଼ ମାଙ୍କଡ଼ ସହିତ ତୁଳନା କରାଯାଏ; କିନ୍ତୁ ବନ୍ଧନରୁ ମୁକ୍ତି ପାଇବା ପାଇଁ ଏହା ମଧ୍ୟ ଏକ ସୁନ୍ଦର ଉପକରଣ ବା ମାଧ୍ୟମ । ଜଣେ କିପରି କୁଶଳତାର ସହିତ ଏହାକୁ ପରିଚାଳନା କରିପାରିବ ସବୁ ତା ଉପରେ ନିର୍ଭର କରେ । ଏହି ମନ ହିଁ ବନ୍ଧନର କାରଣ ପୁଣି ମୁକ୍ତିର କାରଣ । ଏହାର ସୁପରିଚାଳନା ନିର୍ଭରକରେ ମଣିଷର ବ୍ୟକ୍ତିତ୍ୱ ଉପରେ । ଏହା ଟିକିନିକି ଆଦେଶ ପାଳନ କରି ରାଜମାର୍ଗରେ ନେଇ ଆତ୍ମୋପଲବ୍ଧିର ଠିକ୍ ଦ୍ୱାର ଦେଶରେ ପହଞ୍ଚାଇ ଦେଇପାରେ ଅଥବା ଜଣକୁ ପ୍ରତ୍ୟେକ ପାଦ ଆଗକୁ ପକାଇଲାବେଳେ ଗୋଡ଼ କର୍ଦ୍ଦମାକ୍ତ ହୋଇଥିବା ଏକ ଅନ୍ଧାରୁଆ ସରୁ ଗଳିର ଯାତ୍ରୀ କରି ଦେଇପାରେ ।

ସ୍ୱାଭାବିକଭାବେ ପ୍ରତ୍ୟେକ ନିଜ ନିଜର ମନ ଉପରେ ସମ୍ପୂର୍ଣ୍ଣଭାବେ ନିର୍ଭର କରିଥାନ୍ତି ଏବଂ ଭୁଲ ହେଉ ବା ଠିକ୍ ହେଉ, ଏହାର ସବୁ ପ୍ରକାର ଅମାନିଆଁ ଦାବିକୁ ମାନି ନେଇଥାନ୍ତି । ଆମେ ପ୍ରତ୍ୟେକ ଏହାରି ଇନ୍ଦ୍ରଜାଲରେ ପଡ଼ି ଯାଇଥିଲେ ହେଁ, ମଣିଷ ଏ ବିଷୟରେ ସଚେତନ ନଥାଏ । ଲୋଭ, ଭୟ, ଘୃଣା ଓ ଉତ୍କଣ୍ଠା ପରି ପ୍ରତ୍ୟେକ ଦୁର୍ବଳତା ସବୁ ସମାନ, କେବଳ ସ୍ଥାନ ଭେଦରେ ଭିନ୍ନ ନାମ ଗ୍ରହଣ କରିଥାନ୍ତି । ମନକୁ ନିୟନ୍ତ୍ରଣ କଲେ, ସବୁ ବ୍ୟକ୍ତିଙ୍କ ମନର ଆଭ୍ୟନ୍ତରୀଣ ଢ଼ାଞ୍ଚା ଓ ଗୋପନୀୟତାର ପକ୍କା ନକ୍‌ସା ଜଣାପଡ଼ିଯାଏ । ଭାଷା, ସାଂସ୍କୃତିକ ପୃଷ୍ଠଭୂମି ଏବଂ ଲୋକମାନଙ୍କର ଶାରୀରିକ ରଙ୍ଗ ମଣିଷର ଏକ ବିଭ୍ରାନ୍ତିକର ପୃଷ୍ଠଭୂମି ସୃଷ୍ଟି କରିଥାଏ । କିନ୍ତୁ ପ୍ରତ୍ୟେକ ସ୍ଥାନରେ ଏହା ଏକା ପ୍ରକାରର ଅଟେ । ତେଣୁ କୁହାଯାଏ, ଶରୀର ଗୋଟିଏ ଟର୍ଚ୍ଚ ଲାଇଟ ପରି, ଆଖି ଦୁଇଟି ତାର ବଲ୍‌ବ ଏବଂ ବୁଦ୍ଧି ହେଉଛି ତାର ସୁଇଚ୍, କିନ୍ତୁ ତାର ଅସଲ ଶକ୍ତି ହେଉଛି ମନ । ହୁଏତ ଜଣେ ଟର୍ଚ୍ଚରେ ନୂଆ ବଲବ୍ ଲଗାଇ ଥାଇପାରେ, ସୁଇଚ ଠିକ୍ ଚିପା ହୋଇଥିବ, କିନ୍ତୁ ଜାଗ୍ରତ ମନ ଓ କେନ୍ଦ୍ରୀୟ ଚେତନା ନଥିଲେ ଟର୍ଚ୍ଚରୁ ଆଲୋକ ବିଚ୍ଛୁରିତ ହେବ ନାହିଁ ।

ଗୋଟିଏ କଥା ଚିନ୍ତା କରିବା, ଅନ୍ୟ ଗୋଟିଏ କଥା କହିବା ଏବଂ ସମ୍ପୂର୍ଣ୍ଣ ଭିନ୍ନ ଅନ୍ୟ ଗୋଟିଏ କଥା କରିବା ହେଉଛି ଗୋଟିଏ ଅସ୍ଥିର ମନର ମୂଳ କାରଣ । ଏହି କଥା ଅନେକ ଲୋକ କରନ୍ତି । ତେଣୁ ମନ ହେଉଛି ସବୁ ବିକୃତିର ମୂଳ । ଖରାପ ଚିନ୍ତା ଦ୍ୱାରା ମନ ମଣିଷକୁ ଅଭେଦ୍ୟ ଅନ୍ଧକାରରେ ବୁଡ଼ାଇ ରଖେ ଏବଂ ସେହି ମନ ପୁଣି ମଣିଷକୁ ଉଚ୍ଚ ଚିନ୍ତା ଓ ପବିତ୍ର ଚିନ୍ତା ଦ୍ୱାରା ଊର୍ଦ୍ଧ୍ୱଗାମୀ କରିପାରେ । ଚାଲିବା, ସ୍ୱପ୍ନ ଦେଖିବା ଓ ଗଭୀର ନିଦ୍ରାଭିଭୂତ ଥିବାବେଳେ ତିନିଗୋଟି ଯାକ ଅବସ୍ଥାରେ ମଣିଷ ଅବିରତ ମନ ଦ୍ୱାରା ବାନ୍ଧିହୋଇ ରହିଥାଏ । ମଣିଷ ଯେତେବେଳେ ତାର ଅନ୍ତର୍ଦୃଷ୍ଟିକୁ ବିକଶିତ କରି ବୁଦ୍ଧି ଦ୍ୱାରା ଏହି

ତିନିଗୋଟି ଅବସ୍ଥାକୁ ଅତିକ୍ରମ କରିଥାଏ, ସେତେବେଳେ ସେ ସତ୍‌ଚିନ୍ତା, ସତ୍ ଅନୁଭବ ଓ ସତ୍ ଉଦ୍ଦେଶ୍ୟ ମାନବତ୍ତ୍ୱରୁ ଦିବ୍ୟତ୍ୱକୁ ରୂପାନ୍ତରିତ ହୋଇପାରେ । ଫଳରେ ମନ ପବିତ୍ର ଓ ଶୁଦ୍ଧ ହୋଇଯାଏ ଓ ବୁଦ୍ଧି ଶାଣିତ ହୋଇଯାଏ । ତାର କର୍ମଧାରା ଓ କର୍ମଫଳ ପବିତ୍ର ଓ ସ୍ୱଚ୍ଛ ହୋଇ ସେ ଦାନବତ୍ୱରୁ ମାନବତ୍ୱ ଆଡ଼କୁ ଗତିକରେ ଏବଂ ପରିଶେଷରେ ସେ ମାଧବତ୍ୱର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ଯାଇପାରେ । ତାହାହିଁ ବ୍ରହ୍ମ ସାଯୁଜ୍ୟ ଲାଭ ସହ ନିର୍ବାଣ ପ୍ରାପ୍ତିର ଶେଷ ସୀମା ।

ମନ ସାଇତା ହୋଇ ରଖା ହୋଇଥିବା ଗୋଟିଏ ଚିନ୍ତାଗୁଚ୍ଛ ବ୍ୟତୀତ ଆଉ କିଛି ନୁହେଁ । କୌଣସି ବସ୍ତୁ ବା ଦ୍ରବ୍ୟକୁ ନେଇ ଚିନ୍ତା କରାଯାଏ । ବସ୍ତୁ ବା ଦ୍ରବ୍ୟକୁ ନେଇ ଚିନ୍ତା କରାଯାଉ । ବସ୍ତୁ ବା ଦ୍ରବ୍ୟ କେତେଗୁଡ଼ିଏ ଗୁଣବତ୍ତାର ସମାହାର । ତାହା ଗୋଟିଏ ବସ୍ତୁଠାରୁ ଅନ୍ୟ ବସ୍ତୁର ପାର୍ଥକ୍ୟ ସ୍ଥିର କରିଥାଏ । ଗୁଣସତ୍ତାଗୁଡ଼ିକ ସ୍ୱତଃ ବାସ୍ତତବ ସତ୍ତା ନୁହଁନ୍ତି, ସେଗୁଡ଼ିକ ଆମ ମାନସିକ ଅଙ୍କନ ମାତ୍ର । ଯଦି ତୁମେ କୌଣସି ବସ୍ତୁର ବାସ୍ତବତା ବା ସାରବତ୍ତାକୁ ଦେଖିବାକୁ ଚାହଁ, ତୁମକୁ ନାମ ଓ ରୂପ ସହିତ ବସ୍ତୁର ଗୁଣବତ୍ତାକୁ ସମ୍ପୂର୍ଣ୍ଣ ମୂଳପୋଛ କରିଦେବାକୁ ପଡ଼ିବ । ଉଦାହରଣ ସ୍ୱରୂପ, ଯଦି ଜଣେ ଗୋଟିଏ ମାଟିହାଣ୍ଡିର ମୂଳବସ୍ତୁ କ'ଣ ଜାଣିବାକୁ ଚାହେଁ, ତାକୁ ଏହାର ନାମ ଓ ରୂପ ସେପାରିକୁ ଚାହିଁବାକୁ ହେବ । ତା'ପରେ ସେ ଦେଖିବ ଯେ ପାତ୍ରଟିର ମୂଳବସ୍ତୁ ମାଟି ଥିବା ପରି, ନାମ ଓ ରୂପର ସମଗ୍ର ଜଗତ ଭଗବାନଙ୍କୁ ମୂଳବସ୍ତୁ ରୂପେ ଆଶ୍ରୟ କରି ଗଢ଼ି ଉଠିଛି । ଯଦି ଜଣେ ଏହାକୁ ଗୋଟି ଗୋଟି କରି ବିଯୁକ୍ତି କରି ଚାଲିବ ତେବେ ସବୁ କର୍ମବାଚକ ରୂପ ଓ ଗୁଣଧର୍ମ ସହିତ ଜଡ଼ିତ ଥିବା ସ୍ମୃତି ମଧ୍ୟ ଉଭେଇ ଯିବ । ତା'ପରେ ଯାହା ରହିବ ତାହା କେବଳ ଶୂନ୍ୟ ଏବଂ ଶୂନ୍ୟ ହିଁ ପରମାତ୍ମା-ବ୍ରହ୍ମ ।

ଆମ ଧର୍ମଶାସ୍ତ୍ରମାନଙ୍କରୁ ଜଣାଯାଏ ଯେ ଇନ୍ଦ୍ରିୟମାନେ ଶରୀରଠାରୁ ଶ୍ରେଷ୍ଠ, ମନ ଇନ୍ଦ୍ରିୟମାନଙ୍କ ଠାରୁ ଶ୍ରେଷ୍ଠ, ବୁଦ୍ଧି ମନଠାରୁ ଶ୍ରେଷ୍ଠ ଏବଂ ଆତ୍ମା ବୁଦ୍ଧିଠାରୁ ଶ୍ରେଷ୍ଠ । ତେଣୁ ଦେଖାଯିବ ଯେ ବୁଦ୍ଧି ଆତ୍ମାର ସବୁଠାରୁ ନିକଟତମ । ଫଳରେ ଏହାର ଆତ୍ମାଠାରୁ ସର୍ବାଧିକ ଶକ୍ତି ଓ ଜ୍ୟୋତି ଲାଭର ସୁଯୋଗ ରହିଛି । ତେଣୁ ବୁଦ୍ଧିକୁ ଠିକ୍‌ଭାବେ ଉପଯୋଗ କରିପାରିଲେ ଏବଂ ନିୟନ୍ତ୍ରିତ ତଥା ଶୃଙ୍ଖଳିତ କରି ପାରିଲେ ମନ ଆତ୍ମୋପଲବ୍ଧି କରିପାରିବ । ଫଳରେ ଶେଷକୁ ଆତ୍ମା ଜୀବନର ଆନନ୍ଦମୟ ସ୍ଥିତିକୁ ଲାଭ କରି କୃତାର୍ଥ ହୋଇଯିବ । ମୋକ୍ଷପ୍ରାପ୍ତି ପାଇଁ ପ୍ରଗାଢ଼ ପ୍ରଚେଷ୍ଟା, ସର୍ବଶକ୍ତିମାନ ଈଶ୍ୱରଙ୍କୁ ଦର୍ଶନ କରିବାପାଇଁ ଏକାନ୍ତ ଓ ଏକନିଷ୍ଠ ଇଚ୍ଛା, ସାଂସାରିକ ବିଷୟବାସନାରୁ ସମ୍ପୂର୍ଣ୍ଣ ନିରାସକ୍ତି ଏବଂ ଦୃଢ଼ ଈଶ୍ୱର ବିଶ୍ୱାସ ଓ ଭକ୍ତି-ଏସବୁ ମନର ଜାଗୃତିର ସୂଚନା ଦେଇଥାଏ ।

ଏହି ପରିପ୍ରେକ୍ଷୀରେ ଦିଆସିଲି କାଠି, କଣ୍ଟା ଓ କନା ପରି ଖୁବ୍ ଛୋଟ ଅଥଚ ତାତ୍ପର୍ଯ୍ୟପୂର୍ଣ୍ଣ ଉଦାହରଣକୁ ବିଚାରକୁ ନିଆଯାଇପାରେ । ଗୋଟିଏ ଦିଆସିଲି କାଠି ଓ ତାର ରଞ୍ଜକ(ବାରୁଦ) ଲାଗିଥିବା ମୁଣ୍ଡ ପାଖଟିକୁ ଦିଆସିଲି ଖୋଳର ରଞ୍ଜକ ଲାଗିଥିବା ଜାଗାରେ ଘଷିଲେ ସେଥିରୁ ନିଆଁ ବାହାରିବ । ଠିକ୍ ସେହିପରି ମନ ଓ ହୃଦୟରେ ଦିବ୍ୟତ୍ୱ ରହିଛି; କିନ୍ତୁ ଯେତେବେଳେ ତାହା ଶୁଦ୍ଧ ଓ ସ୍ୱଚ୍ଛ ମନ ଏବଂ ହୃଦୟ ସଂସ୍ପର୍ଶରେ ନିବିଡ଼ଭାବେ ଆସିବ ସେତିକିବେଳେ ଦିବ୍ୟ ଆଲୋକ ବିଚ୍ଛୁରିତ ହେବ । ଦିଆସିଲି କାଠିକୁ ପାଣିରେ ଭିଜାଇ ସାରିବା ପରେ ମାରିଲେ ସେଥିରୁ ନିଆଁ ବାହାରିବ ନାହିଁ । ସେହିପରି ମନ ଓ ହୃଦୟ ଯଦି ଇନ୍ଦ୍ରିୟ ଲାଳସା ରୂପକ ଜଳରେ ବୁଡ଼ିଯାଆନ୍ତି, ତେବେ ସେଥିରୁ ଦିବ୍ୟ ତେଜ ପ୍ରକାଶପାଇବ ନାହିଁ ।

ସେହିପରି ଗୋଡରେ କଣ୍ଟା ପଶିଲେ ତାକୁ କାଢ଼ିବାକୁ ଆଉ ଗୋଟିଏ କଣ୍ଟା ଦରକାର ହୁଏ । ପାଦରେ ଫୁଟିଥିବା କଣ୍ଟାକୁ କାଢ଼ିଦେବା ପରେ ଦୁଇଟିଯାକ କଣ୍ଟାକୁ ଫୋପାଡ଼ି ଦିଆଯାଏ । ସେହିପରି ଯେଉଁସବୁ ବିଷୟ ବୃତ୍ତି ମନ ସୃଷ୍ଟି କରିଥାଏ ଅନ୍ୟ ଏକ ପରି ଶୁଦ୍ଧ ସ୍ଥିର ବୁଦ୍ଧି ସମ୍ପନ୍ନ ମନ ଦ୍ୱାରା ସେ ସବୁକୁ ବର୍ଜନ କରିବାକୁ ପଡ଼େ । ତାପରେ ସଂସାର ଓ ମନ ଉଭୟର ବିଳୟ ଘଟେ । ପାଦରେ ଫୁଟିଥିବା କଣ୍ଟା ଓ ତାକୁ କାଢ଼ିଥିବା କଣ୍ଟା ସମାନ । ମନ ବନ୍ଧନ ସୃଷ୍ଟି କରେ, ପୁଣି ସେଇ ମନ ମୁକ୍ତିଦାନ କରେ । ମୁକ୍ତି ପାଇଁ ପ୍ରଗତିର ଏକ ମାଧ୍ୟମରେ ପରିଣତ କରିବାକୁ ମନର ରୂପାନ୍ତରଣ ଆବଶ୍ୟକ, ତାହାହେଲେ କାମନାବାସନାର ଲାଳସାକୁ ଦୂରେଇ ଦେଇ ହେବ । ତେଣୁ କୁହାଯାଉଛି ଯେ ମନ ଦ୍ୱାରା ସୃଷ୍ଟି ହୃଦୟସ୍ଥିତ ସବୁ କାମନାବାସନାକୁ କାଢ଼ି ଫୋପାଡ଼ି ଦିଆଗଲେ ମଣିଷ ମରରୁ ଅମର ହୋଇଯିବ ଅର୍ଥାତ୍ ମୃତ୍ୟୁରୁ ଅମରତ୍ୱ ପ୍ରାପ୍ତ ହେବ ।

ମଣିଷ ଚିନ୍ତା ହେଉଛି ତୁଳା, ଚିନ୍ତାରୁ ସୃଷ୍ଟି ହେଉଥିବା କାମନା ବାସନା ସୂତା ଭଳି । ପରସ୍ପର ଏକତ୍ରିତ ତିଆରି କରନ୍ତି ଇଚ୍ଛା ରୂପକ ବସ୍ତ୍ର । ଚିନ୍ତାର ଖିଅଗୁଡ଼ିକୁ ଗୋଟି ଗୋଟି କରି ବାହାର କରିଦେଲେ ବସ୍ତ୍ରର ଅସ୍ତିତ୍ୱ ଆଉ ରହିବ ନାହିଁ । ଅର୍ଥାତ୍ କାମନାବାସନାକୁ ଗୋଟି ଗୋଟି କରି ମନରୁ କାଢ଼ି ଦିଆଗଲେ ମନ ସ୍ୱତଃ ଅନ୍ତର୍ଦ୍ଧାନ ହୋଇଯିବ । ସେହିପରି ମନର ଶକ୍ତିକୁ ଠୁଳ କରି ନିଜ ଆଡ଼କୁ ଫେରାଇ ଆଣିବା ଉଚିତ୍ । ସବୁଠାରୁ ଅନ୍ଧକାରମୟ ସ୍ଥାନଗୁଡ଼ିକର ଗୋପନୀୟ ତଥ୍ୟ ଯେପରି ତୀକ୍ଷଣଭେଦୀ ସୂର୍ଯ୍ୟ ରଶ୍ମି ଦ୍ୱାରା ଉନ୍ମୋଚିତ ହୋଇଯାଇଥାଏ । ସେହିପରି ଏହି ଏକାଗ୍ର ମନ ତାର ନିଜର ପ୍ରକ୍ରିୟା ମାଧ୍ୟମରେ ନିଜ ମଧ୍ୟକୁ ଭେଦ କରି ପାରିଥାଏ । ଏଥିପାଇଁ ଏକ ଜାଗ୍ରତ ବା ସଚେତନ ମନ ଆବଶ୍ୟକ । ଏହିପରି ମନର ଭାଷା-ପରିଭାଷାକୁ ବୁଝି ଯୋଗ ଶିକ୍ଷା କରିବାକୁ ହୁଏ । ଏହା ଅଭ୍ୟାସ କଲେ ବା ସାଧନା ଆରମ୍ଭ କଲେ ମନଟି ସ୍ଥିର ହୋଇ ରହିଥାଏ । ସେ ଆନନ୍ଦ ଉଲ୍ଲାସରେ ଭରି ଉଠେ । ଆତ୍ମା ହିଁ ଆତ୍ମାକୁ ଦେଖେ ଏବଂ ଆରମ୍ଭ କଲେ ମନଟି ସ୍ଥିର ହୋଇ ରହିଥାଏ । ସେ ଆନନ୍ଦ ଉଲ୍ଲାସରେ ଭରି ଉଠେ । ଆତ୍ମା ହିଁ ଆତ୍ମାକୁ ଦେଖେ ଏବଂ ସେଇଥିରେ ସେ ଆନନ୍ଦ ଉପଲବ୍ଧି କରେ ।

ମନକୁ ସଂସ୍କାରିତ ଓ ନିୟନ୍ତ୍ରିତ କରି ମାନବ ପୂର୍ଣ୍ଣତାର ଶୀର୍ଷଦେଶରେ ପହଞ୍ଚିବା ଭାରତୀୟ ସାଧୁ ସନ୍ଥ ମହାତ୍ମାମାନେ ସେମାନଙ୍କୁ ଅମୂଲ୍ୟ ଚିନ୍ତାଧାରାକୁ ମାନବ ଜୀବନର ସର୍ବଶ୍ରେଷ୍ଠ ଲକ୍ଷ୍ୟରୂପେ ଉପସ୍ଥାପିତ କରିଛନ୍ତି ଏବଂ ମନୁଷ୍ୟ କିପରି ଶେଷକୁ ମାନସରୋବର ରୂପକ ବହୁ ଅଭିଳଷିତ ଏହି ଲକ୍ଷ୍ୟସ୍ଥଳରେ ମନ ସାହାଯ୍ୟରେ ପହଞ୍ଚି ପାରିବ ତାର

ପଥ ପ୍ରଦର୍ଶନ କରିଯାଇଛନ୍ତି । ସେଠାରେ ମଧ୍ୟ କାମନାବାସନାରେ ବିଷଧର ସର୍ପ ଛକି ରହିଥାଏ । ତାକୁ ବିନାଶ କଲେ ତା ପ୍ରଭାବରେ ଭୋଗୁଥିବା ବିଭିନ୍ନ ନୈତିକ ଦୁର୍ବଳତା ଓ ଗାମ୍ଭୀର୍ଯ୍ୟହୀନତା, ବିଜୟ, ପରୀକ୍ଷାମୂଳକ ପ୍ରୟୋଗ, ବିଫଳତା, ସୁଖ, ଯନ୍ତ୍ରଣା ଓ କାମନାବାସନା ଭଗବାନଙ୍କୁ ସମର୍ପିତ ହୋଇଯିବ । ସେମାନେ ପ୍ରମାଣିତ କରି ଦେଇଛନ୍ତି ଯେ ମନ ହେଉଛି ବାସ୍ତବତାର ଭିତର ଓ ବାହାର ମଧ୍ୟରେ ଥିବା ଏକ ସନ୍ଧିସ୍ଥଳ ଏବଂ ଏହାର ଛାୟା ।

ପ୍ରଣବ (ଓଁ) ହେଉଛି ଧନୁ । ଆତ୍ମା ତୀର ସ୍ୱରୂପ । ଏହାର ଲକ୍ଷ୍ୟ ହେଉଛି ବ୍ରହ୍ମ ଲକ୍ଷ୍ୟ ଧାର୍ଯ୍ୟ କର, ନିରନ୍ତର ସେହି ଲକ୍ଷ୍ୟକୁ ଧ୍ୟାନ କର ତାହାହେଲେ ଧନୁତୀର ଲକ୍ଷ୍ୟ ଭେଦ କରି ସେଥିରେ ଲାଖି ଯିବ, ଏକାତ୍ମ ହୋଇଯିବ, ଲୀନ ହୋଇଯିବ । ସେଥିରେ ଅଛି ପୃଥିବୀ ଓ ଆକାଶ, ମଧ୍ୟବିତ୍ତ ଶୂନ୍ୟସ୍ଥାନ, ମନ ଓ ସମସ୍ତ ପ୍ରାଣଶକ୍ତି । ସବୁ ଏକାଠି ଗୁନ୍ଥିହୋଇ ରହିଛନ୍ତି । ସବୁ ସେହି ଗୋଟିଏ ଆତ୍ମାର ଭିନ୍ନ ଭିନ୍ନ ଅବସ୍ଥା । ତାହା ଉପଲବ୍ଧି କର । ମନକୁ ଗୋଟିଏ ପାଗଳମାନଙ୍କ ପରି ଏଣେ ତେଣେ ଘୂରିବାକୁ ଅନୁମତି ହେବାରୁ କ୍ଷାନ୍ତ ରୁହ । ଏହାହିଁ ହେବ ଅମରତ୍ୱ ପାଇଁ ଏକ ସେତୁ ସଦୃଶ ।

ବୁଢ଼ିଆଣୀ ଯେପରି ନିଜ ପେଟରୁ ସୂତାକାଢ଼ି ଜାଲ ନିର୍ମାଣ କରେ ଏବଂ ପୁଣି ଏହାକୁ ନିଜ ଭିତରକୁ ପ୍ରତ୍ୟାହାର କରି ନେଇଯାଏ, ମନ ସେହିପରି ନିଜେ ସଂସାର ସୃଷ୍ଟି କରେ । ସଂସାର ମନ ଦ୍ୱାରା ଅନୁଭୂତ ହୁତ ହୁଏ ଓ ପୁଣି ସେଇ ମନ ଦ୍ୱାରା ବିସ୍ତାରିତ ହୁଏ । ମନ ନଥିଲେ ସଂସାର ନାହିଁ, ଆସକ୍ତି ନାହିଁ କି ଉତ୍ସାହ ନାହିଁ, ଦୁଃଖ ନାହିଁ କି ଶୋଚନା ନାହିଁ । ମନ ଏପରି ଗୋଟିଏ ଜିନଷ ଯିଏ କିଛି କଥା ଦେଖିପାରେ ନାହିଁ କିନ୍ତୁ କେବଳ ନିଜେ ତିଷ୍ଠି ରହେ । ଜଣେ ନିଜକୁ ମନ ସହିତ ଏକାତ୍ମ କରିଦେବା ମାତ୍ରେ ସେ ଜଣେ ବ୍ୟକ୍ତିରେ ପରିଣତ ହୋଇଯାଏ । ଯଦି ସେ ନିଜକୁ ଏକାତ୍ମ କରି ନ ପାରିଛି ତାହାହେଲେ ସେ ଅସୀମ, ଅନନ୍ତ । ଏହି ବାସ୍ତବ ସତ୍ୟ ପରିପ୍ରେକ୍ଷୀରେ ତେଣୁ କୁହା ଯାଇଥାଏ ଯେ ମନ-ରହିତ ମାନବ ହିଁ ଭଗବାନ ।


ଗଜପତି ନଗର, ସୈନିକ ସ୍କୁଲ, ଭୁବନେଶ୍ୱର-୫

ଦୂରଭାଷ : ୯୪୩୭୦୬୦୭୦୩


✠✠✠



# ରୁବାଇୟାତ୍ (ଓମାର୍ ଖାୟାମ୍)

**ଅନୁସୃଜନ - ଆଶାଲତା ବେଉରା**

ଆସ ଆସ ସଖୀ ଏ ମଧୁବସନ୍ତେ
ପାନପତ୍ରଦିଅ ଭରି
ଶତ ବେଦନାର ଶୀତର ଚାଦର
ଗଲାଣି କେବେଠୁ ଉଡି
ସୁଖର କପୋତ ଆସିବ ଆସିବ ବୋଲି
ଏଇ ଦେଖ ଏବେ ସଜ ହୋଇଲାଣି
ଦୁଇ ଡେଣା ତାର ମେଲି ।।

ପ୍ରିୟତମା ଆଜି ଭରିଦିଅ ଶୂନ୍ୟପାତ୍ର
ଶେଷହେଉ ଯେତେ ବିଗତ ବେଦନା
ଅବା ଭୟ ଅନାଗତ
ଆଜି ଭରିଦିଅ କୁହ ନାହିଁ କାଲି ବୋଲି
ଆଗାମୀ ସକାଳେ ପାଇଯିବି ପରେ
ଗତାୟୁ ସହସ୍ର ବର୍ଷ ।।

ଏବେ ଚାଲି ଆସ ଛାଡିଦେଇ ଯେତେ
ଜ୍ଞାନୀ, ମାନୀ, ଗୁଣୀଜନ
ମଗ୍ନ ବିଭୋର ଆଳାପେ ଶୁଣିବା
ଜୀବନର ଜୟଗାନ
ଏହି ଏକା ସତ୍ୟ ଆଉ ଯାହା ସବୁ
ମିଥ୍ୟାର ଆବରଣ
ଯେଉଁ କଢୀ ଫୁଲ ହୋଇ ଫୁଟିଥିଲା
ମଉଳିବ ନଷ୍ଟେ ଜାଣ ।।



ଏହି ତରୁ ତଳେ, ପଟେ ରୁଟି ଆଉ
ମଦିରା ପାତ୍ର ନେଇ
ପାଖରେ ଥିବ ମୋ ପ୍ରଣୟ କବିତା
ଆଉ ତୁମେ ଥିବ ରହି

ତୁମେ ତୋଳିଥିବ ମଧୁ ମୂର୍ଚ୍ଛନା
ସପ୍ତସୁରର ତାଳେ
ସେ ମୂର୍ଚ୍ଛନା ଯହିଁ ଗଢି ଦେଉଥିବା
ନୂତନ ସ୍ୱର୍ଗଟିଏ ।।

ଥୋକାଏ କହନ୍ତି ସ୍ୱର୍ଗ ଆସିବାକୁ ନାହିଁ ଆଉ ବେଶି ଦୂର
ହାୟ, ସୁଝିଦିଅ ଋଣ ନଥାଉ ବାକି ଆଜି ହିଁ ତୁଟାଇ ଦିଅ
କେଉଁ ଦୂର ପଥ ସଙ୍ଗୀତ ତାହାକୁ କିଏବା ଶୁଣିଛି କହ

ଆମେ ଯେ ମଞ୍ଜୁଳ ଶ୍ୟାମଳ ଘାସର କୋମଳ ଶେଯରେ ଶୋଇ
ଦେଖ ଏବେ ତାକୁ ନଦୀ ଅଧଟାରେ ଯାଇଛି ବିଛେଇ ହୋଇ
ଧୀରେ ଶୋଇ ଦେଖ କିଏ ବା ଜାଣିଛି
ଯାହାର ମଧୁର ଅଧରୁ ଅଦେଖା ଝରଣା ଯାଉଛି ବୋହି ।





ନୈଶପୁର ଅବା ବାବିଲୋନ୍‌ର ଯହିଁର ପିଆଲା ହେଉ
ମଧୁର ଅବା ସେ ତିକ୍ତରସରେ ପିଆଲାଟି ଭରିଥାଉ
ଜୀବନ ସୁରେଇ ଖାଲି ହେଉଥାଏ ବୁନ୍ଦାଏ ବୁନ୍ଦାଏ କରି
ଗୋଟେପରେ ଗୋଟେ ଜୀବନତରୁର ପତ୍ର ପଡୁଥାଏ ଝରି

ନଦୀଶଯ୍ୟା ଧାରେ ଗୋଲାପ କଳିକା ଯେବେ ଫୁଟି ଯାଉଥିବ
ଖୟାମ ସଙ୍ଗରେ ଗୋଲାପ ମଦ ବି ସିଏ ପାନ କରୁଥିବ
ଦେବଦୂତଟିର ମଦିରା କଳସ ଆମଠାରେ ଉଛୁଳିଲେ
ନେଇଯିବ ସଖି ! ଅଞ୍ଜଳି ଭରି ଦ୍ୱିଧା ନରଖିବ ତିଳେ ।



ବୃଥା ସମ୍ଭାବନା ପଛରେ ଦଉଡି
ସମୟ ସାରିବା ସାର
ଏଣୁତେଣୁ ଯେତେ କୁଭାବନା ସବୁ
ବିବାଦର ମାୟାଜାଲ
ଜୀବନରେ ଯଦି ଆନନ୍ଦ ଆଣିବ
ମିଠା ମିଠା ଦ୍ରାକ୍ଷାଫଳ
ତାହେଲେ କାହିଁକି ତିକ୍ତ ଫଳ ପାଇଁ
ଏତିକି ଧାଆଁ ଦଉଡ ?

ଜାଣିଛ କି ବନ୍ଧୁ ମୋ ଘରେ ଅନେକ
ଦିନରୁ ପ୍ରସ୍ତୁତ ହୋଇ
ସଜାଡୁଥିଲି ମୁଁ ସୁରାର ସୁରେଇ
ନୂତନ ବିବାହ ପାଇଁ
ପୁରୁଣା ସୁରାଇ ଶଯ୍ୟା ସମୀପରୁ
ଯେବେ ତ୍ୟାଗ କରିଦେଲି
ଦ୍ରାକ୍ଷାର ଲତାକୁ ପ୍ରିୟତମା କରି
ବରଣ ମୁ କରିନେଲି ।।

ଯଦି କେବେ ସେହି ଅମର ଆତ୍ମା
ମାଟି ମୋହ ତୁଟାଇବ
ଶୂନ୍ୟ ଦେହ ନେଇ ଶୂନ୍ୟ ମଣ୍ଡଳକୁ
ଶୂନ୍ୟପଥେ ଚାଲିଯିବ
ନଥିବ କ୍ଷୋଭ, ବିଷାଦ ବା ଇଚ୍ଛା
କେବେ ବି ତାଠାରେ ତିଳେ
ମାଟିର ଏହି ମୃତଘଟରୁ
ଯେ ମୁକ୍ତି ପଥରେ ଚଳେ ।।

ଭୟନାହିଁ ଆମ ଜୀବନର ଦିନେ
ହିସାବ ନିକାଶ ହେବ
ସେଇ ଚିରନ୍ତନ ନାୟିକା ଯେବେଳେ
ସୁରାପାତ୍ର ଭରୁଥିବ
ଆମପରି ଲକ୍ଷେ ବୁଦ୍ ବୁଦ୍ କ୍ଷଣକେ
ଜାତ ହୋଇ ମିଳାଇବ
ତଥାପି ତାହାର ଚିରନ୍ତନ ପାତ୍ର
ନିଇତି ସେ ଭରୁଥିବ ।।



ତୁମେ ମୋ ମନର ନିଭୃତ କୋଣରେ ଥିଲ ପର୍ଦା ଆଢୁଆଳେ
ଖୋଜି ମୁଁ ଆଣିଲି ଦୀପକ୍ ଗୋଟିଏ ଅନ୍ଧାରର ମୁଲକରେ
କିଏ ଯେମିତିକି କହି ଦେଉଥିଲା ପାଖେପାଖେ ମୋର ରହି
ତୁମଠାରେ ସମାହିତ ନହେଲେ ମୁଁ ଯିବି ବୋଧେ ଅନ୍ଧ ହୋଇ

ଆଜିପାଇଁ କିଏ ସଜ ହେଉ ଅବା କାଲିପାଇଁ ଦେଖୁ ସ୍ୱପ୍ନ
ସେହି ଏକା କଥା ସଭିଙ୍କର ଲାଗି କେବଳ ଗୋଟିଏ ସତ୍ୟ
ଅନ୍ଧାର ଦୁର୍ଗରୁ ଭାସି ଆସୁଥାଏ ପାଦ୍ରୀର ତୀବ୍ର ସ୍ୱର
ମୁର୍ଖ,
ତୁମପାଇଁ ନାହି ଏଠାରେ ଅଥବା ସେଠାରେ ବି ପୁରସ୍କାର

ଯେଉଁମାନେ ଥିଲେ ଆମ ଜୀବନର
ପ୍ରିୟ, ପ୍ରିୟତମ ଜନ
ଥରେ ବା ଦିଥର ମଦିରା ସଭିଏଁ
କରିଥିଲେ ନିଷ୍ଟେ ପାନ
ଭାଗ୍ୟ ନେଇଥିଲା ମୋଡ ସେତେବେଳେ
ସମୟର ଅନୁକୋଣେ
ସବୁଦିନ ପାଇଁ ଶୋଇ ଯାଇଥିଲେ
ଜଣେ ପରେ ଆଉ ଜଣେ

ହାୟ,
ଆଗାମୀ କାଳକୁ ବିତେଇବା ପାଇଁ ହେବା ଏବେ ସଜବାଜ
ପୋତିହେବା ଆଗୁ ଆମେ ଦୁଇଜଣ ଧରା ଧୂଳିର ଏ ଶେଯ
ଧୂଳି ପରେ ଧୂଳି ଗଦା ହେଉଥିବ ଧୂଳିର ପାହାଡ ତଳେ
ନଥିବ ମଦିରା, ନଥିବ ସଂଗୀତ, ନଥିବ ଗାୟକ
ଅସୀମ ସମୟ କୋଳେ







ଭାବୁଥିଲି କାହିଁ ମଦିରା ସୋରାଇ ଯାଇଛି ଉଭାନ୍ ହୋଇ
ରସନାସିକ୍ତ ଓଠ ମୋ ଡାକିଲା, ପ୍ରତିଧ୍ୱନୀ ଦେଲା ରହି
ପାନକର ଏବେ ଯେବେ ତା ଶୀତଳ ଓଠକୁ ଛୁଇଁଲି ଆହା
କେତେ ଯେ ଚୁମ୍ବନ ଦେଲା ଆଉ ନେଲା ହିସାବ ନାହିଁ ତା ଯାହା

ଯଦି ତୁମେ ସେଇ ମଦିରା ପିଇବ ଦୁଇ ଓଠ ବୁଜିଦେଇ
ଶେଷରେ ଜାଣିବ ଶେଷ ନୁହେଁ ଏହା ଆରମ୍ଭ ମାତ୍ର ବୋଲି
କାଲି ଯାହା ତୁମେ ଥିଲ ତାହାଠାରୁ ଆଜି ଦେଖ କେତେ ଭିନ୍ନ
ଆଗାମୀ କାଲି ବି କିଛି କମ୍ ନୁହେଁ ଥରେ ହେଲେ ତାକୁ ଚିହ୍ନ

ମାଟିର ଏହି ମଦ୍ୟପାତ୍ରରେ ଓଠ ଥାପି ଦେଉ ଦେଉ
ଜୀବନର ଏହି ଗୂଢ ରହସ୍ୟ ଲାଭକଲି ଚାହୁଁ ଚାହୁଁ
ପ୍ରତି ଚୁମକ୍‌ରେ ଗୁଣୁଗୁଣୁ ହୋଇ କହୁଥିଲା ଯେଉଁ କଥା
ପାନକର ଆଜି ମରିଗଲେ କାଲି ଫେରି ଆସିବାଟା ବୃଥା

ଦରବାଜା ଅଛି ହଜିଗଲା ଚାବି ପାଉନାହିଁ ଖୋଜି ଖୋଜି
ପର୍ଦା ଥିଲା ବୋଲି ଶୁଣିଥିଲି ଏବେ ପାରୁନାହିଁ କିଛି ଦେଖି
କିଛି ଶୁଣାକଥା ଶୁଣା ଯାଉଥିଲା ତୁମକୁ ଓ ମୋତେ ନେଇ
କେବେ ଥିଲା ଯାହା ଏବେ ଆଉ କିନ୍ତୁ ଜମା ଶୁଣାଯାଉ ନାହିଁ



ତୁମେ ଚାଲିଆସ ମୋ ସାଥିରେ ଏବେ
ଛାଡିଦେଇ ସବୁ ଜ୍ଞାନର ଚଉହଦି
ସଂସାରର ଯେତେ କୋଳାହଳ ଆଉ କଳହର ଘେରାବନ୍ଦୀ
ଖେଳଘର ଏକ ରଚି ଦିଅ ତୁମ ଇଚ୍ଛାର ଅନୁରୂପେ
କେଉଁ ଏକ ଦୂର ନବୀନ ଗ୍ରହର ନୂତନ ଅନ୍ତରୀପେ

ସ୍ୱର୍ଗ ଅଟଇ ଦୃଶ୍ୟମାନ ସବୁ କାମନାର ପରିତୃପ୍ତି
ନର୍କ ଅଟଇ ଅଗ୍ନି ଗଭରେ ଡହଡହ ଏକ ଆତ୍ମାର ପ୍ରତିକୃତି
ଅନ୍ଧାରକୁ ଦୃଷ୍ଟି ନିକ୍ଷେପି ଏବେ ନିଜକୁ ନିରେଖ ଥରେ
ସେଇଠାରେ ସୃଷ୍ଟି ସେଇଠି ସମାପ୍ତି ଶୀଘ୍ର ହେଉ ଅବା ଧୀରେ

ଅର୍ଦ୍ଧରେ ହେଉକି ଉର୍ଦ୍ଧ୍ୱରେ ହେଉ
ଏ ଦିଗେ ହେଉ କି ସେ ଦିଗେ ହେଉ
ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ
କିଛି ନୁହେଁ ଏହା ଗୋଟିଏ ଭୋଜବାଜି
ଯାଦୁ ପେଟରାର ଖେଳ ଖେଳାଉଛି
ଅସୀମ କାଳରୁ ଯିବା ଆସିବାର କ୍ରମ ଚାଲିଅଛି ସୂରୁଜର ଚଉକତି

ଗତକାଲିର ସେ ବାଚାଳତା ଆଜି ଆଣିଦେଲା ଅବସାଦ
ନିରବତା ଆଉ ହତାଶାର ଏକ ମିଳିତ ତୂର୍ଯ୍ୟନାଦ
ପିଇଦିଅ ଏବେ ଜାଣିନାହଁ ଯେବେ
କେଉଁଠାରୁ ତୁମେ ଆସିଲ ଏଠିକି କିଆଁ
ପିଇଦିଅ ଏବେ ଜାଣିନାହଁ ଯେବେ
କେଉଁଠାକୁ ଯିବ କାହିଁକି ବା ଯିବ ଆହା

ତନ୍ଦ୍ରା ତୁଟିଗଲା ପ୍ରତ୍ୟୁଷରୁ ଯେବେ ଶୁଣିଥିଲି କାହା ସ୍ୱର
କେଉଁ ଦୂରରୁ ଭାସି ଆସୁଥିଲା ଖୋଲିଦିଅ ଏବେ ଦ୍ୱାର
ତୁମେକି ଜାଣିନ ଅଳପ ଦିନର ରହଣି ଆମରି ପାଇଁ
ଥରେ ବିଚ୍ଛେଦରେ ଆଉ ଆମେ କେବେ ଫେରି ତ ପାରିବା ନାହିଁ
କୋଳାହଳ ସବୁ ଥମିଗଲା ପରେ ଶୁଭେ ଖାଲି ଏକ ସ୍ୱର
ସେ କେଉଁ ସ୍ୱର୍ଗୀୟ ଆକୁଳତାର କରୁଣ ମନ୍ଦର ଧୀର
ମଦିରା ମଦିରା ଗୁଞ୍ଜନ ଖାଲି ଶୁଣାଯାଉଥାଏ ଯାହା
ଲାଲ ଗୋଲାପର ରଙ୍ଗଟିକେ ପାଇଁ ହଳଦୀବସନ୍ତ ବାୟା

ସ୍ୱପ୍ନ ଅଛି ବାକି ସରିଗଲା ରାତି ଉଷା ପଦପାତେ
ଶତକଣ୍ଠର କୋଳାହଳ ମଧ୍ଯୁ ଶୁଭୁଥିଲା କଥା ପଦେ
ଜାଗିଉଠ ପ୍ରିୟ ଜାଗିଉଠ ଆଉ ପୂର୍ଣ୍ଣକର ପାନପାତ୍ର
କିଏ ଜାଣେ ଅବା କେଉଁ ମୁହୂରତେ ଲିଭିବ ଜୀବନ ଦୀପ
ଏବେ ଚାହିଁ ଦେଖ ସହସ୍ର କଳିକା ଫୁଟି ଉଠିଲେଣି ପରା
ସହସ୍ର ପାଖୁଡା ଭୂମି ଉପରେ ତ ଝରି ପଡିଲେଣି ଆହା
ଯେଉଁ ନିଦାଘର ପ୍ରଥମ ପରଶେ ଫୁଲଟିଏ ପ୍ରାଣ ପାଏ
ସେଇ ନିଦାଘ ବି ରାଜା ଓ ସନ୍ନ୍ୟାସୀ ଦୁହିଙ୍କର ପ୍ରାଣ ନିଏ



ରାଉରକେଲା,
ମୋ - ୮୬୩୭୨୭୦୬୯୮

# ଓଡ଼ିଆ ବୈଶିଷ୍ଟ୍ୟ

**ଡ. କେଶବ ଚନ୍ଦ୍ର ଶତପଥି**

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେଲା ୧ ଅପ୍ରେଲ ୧୯୩୬ ମସିହା ସ୍ୱାଧୀନତା ପ୍ରାପ୍ତିର ଯଥେଷ୍ଟ ପୂର୍ବରୁ ଆମକୁ ସ୍ୱତନ୍ତ୍ର ପରିଚୟ ତଥା ଗୌରବ ମିଳି ସାରିଥିଲା । ଏହି ପ୍ରଦେଶ ଗଠନ ପଛରେ ଯେଉଁ ମହାପୁରୁଷମାନଙ୍କ ତପୋନିଷ୍ଠ ସାଧନା ରହିଥିଲା, ସେମାନେ ଆମର ପ୍ରାତଃସ୍ମରଣୀୟ ତଥା ଚିର ବନ୍ଦନୀୟ । ଆପଣାର ସ୍ୱାର୍ଥପୂରଣ ଅପେକ୍ଷା ଜାତିର ମହାନଲିପି ସାଧନାକୁ ସେହି ମହାପୁରୁଷମାନେ ଅଗ୍ରାଧିକାର ଦେଉଥିଲେ । ଜାତୀୟତା ବୋଧର ଉଦ୍ରେକ ସହ ପ୍ରଦେଶିକ ସ୍ୱାତନ୍ତ୍ର୍ୟ ଲାଭ ସମାନ ରୀତିରେ ଚାଲୁଥିବାରୁ ବିରୋଧାଭାଷର ପ୍ରଶ୍ନ ହିଁ ନଥିଲା । ବରଂ ଦୁଇଟି ମହାନ ଲକ୍ଷ୍ୟ ପରସ୍ପରର ପରିପୂରକ ସାଜି ଉଭୟଯାକ ହାସଲ କରିବାରେ ସହାୟକ ହୋଇଥିଲେ ।

ଆଜି ତାରିଖରେ ଆମ ପ୍ରଦେଶରେ ସମସ୍ତ କ୍ଷେତ୍ରରେ ଅଖିଦୃଶିଆ ଦୃଷ୍ଟିଗୋଚର ହେଉଛି । ତଥାପି, ଅନେକ କିଛି ଆମକୁ ହାସଲ କରିବାକୁ ଅଛି । ପ୍ରଗତିର ସୁଫଳ ପ୍ରତ୍ୟେକ ଜନତାଙ୍କୁ ସମପରିମାଣରେ ଉପଲବ୍ଧ ହେବା ଏଥିପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ । ଅଧିକାର ହାସଲ କରିବାର ମାନସିକତାକୁ ପଛରେ ରଖି ଦେଶ ଓ ଦଶର କଲ୍ୟାଣ ଦିଗରେ ଆତ୍ମୋତ୍ସର୍ଗ କରିବାକୁ ପଡ଼ିବ । ସମସ୍ତଙ୍କ ସହ ସମକକ୍ଷ ହେବା ପାଇଁ ଆମକୁ ଅନେକ ଦୂର ଯିବାର ଅଛି । ପରିଶ୍ରମ କାତରତା ଓ ପରମୁଖାପେକ୍ଷିତାକୁ ପରିହାର ନ କଲେ ଏହା ସମ୍ଭବ ନୁହେଁ । କର୍ତ୍ତବ୍ୟବୋଧର ମାର୍ଗ ପ୍ରଶସ୍ତ ନ ହେଲେ ଉନ୍ନତି ଆସିବନି । ଜାତିପ୍ରୀତି, ଓଡ଼ିଆ ସଂସ୍କୃତି ଓ ଓଡିଆ ମନୋଭାବ ନ ଆସିଲେ, ରାଜ୍ୟଟା ସଂସ୍କୃତି ହରାଇ ବସିବ, ଏହା ପ୍ରତ୍ୟେକ ହୃଦୟଙ୍ଗମ କରିବା ବିଧେୟ ।

ଡ଼ିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର ଓ ଆଞ୍ଚଳିକ ଅଧିକାରୀ,
ଡ଼ିଏଭି ଅନୁଷ୍ଠାନ ସମୂହ, ଓଡ଼ିଶା ଜୋନ୍ -୧



# ଓଡ଼ିଶା ଜନନୀ

ଡ. ଦେବେନ୍ଦ୍ର କୁମାର ପତି



ଅତୀତର ଅନ୍ଧାରି ଗୁହାରୁ ମୁକ୍ତି ଲଭି
ତ୍ୟାଗବଳେ ଲାଭ କଲୁ ସ୍ୱପ୍ନର ପ୍ରଦେଶ
ଆର୍ଯ୍ୟାମର୍ତ୍ତେ ଆଭାବନ୍ତ ଭାଷାର ପୁଲନେ
ଭରିଦେଲା କୋଟି ପ୍ରାଣେ ନୂତନ ସନ୍ଦେଶ ।

ଗୌରବର ଗାରିମାରେ ଦିନେ ଥିଲା ଭୁବନ ଘୋଷିତ
କୀର୍ତ୍ତି କିରୀଟିନୀ ଉର୍ଜ୍ଜାଶୀଳା ଭୂମି
ଉଦାସୀନେ ଉହାନରେ ରହିଗଲା ଦୀର୍ଘକାଳ
ନାଭିରେ କସ୍ତୁରୀ ଥାପି ସୁଗନ୍ଧରେ ଭ୍ରମି ।

ଇତିହାସ ଇତିବୃତ୍ତ ଲେଖାଅଛି ଶିଳାର ରେଣୁରେ
ଜଗତର ନାଥ ପୂଜା ପା'ନ୍ତି ହୃଦକନ୍ଦରରେ
ମହୋଦଧି ମହୋଲ୍ଲାସେ କରେ ଚରଣ ଧଉତ
ବୀରଭୋଗ୍ୟା ନାମେ ଖ୍ୟାତ ଏ ସାରା ଜଗତ ।

ଆଦର୍ଶରେ ଆସ୍ଥାବାନ ହେବା ବିବେକ ନିର୍ଦ୍ଦେଶ
ଆସୁରିକ ପ୍ରବୃତ୍ତିର ନିର୍ମଳ ବିନାଶ
ସ୍ୱାଭିମାନ ଜାଗରଣେ ଉଡ଼ାଇଲେ ଅସ୍ମିତାର ଧ୍ୱଜା
ଲବ୍ଧହେବ ଜନନୀଙ୍କ କରୁଣା ଅଶେଷ ।

ଡ଼ିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଦୂରଭାଷ-୯୪୪୩୭୩୫୮୯୬୯

# ରିଚେଲ ସ୍ମିଥ୍

**ଭୋର୍ ପତ୍ରିକାରେ ପ୍ରକାଶିତ ଗଳ୍ପ ଆଧାରରେ**

ବହୁ ବର୍ଷ ତଳର କଥା, ୧୯୮୨ ମସିହା । ଆମେ ରହୁଥିଲୁ ଜଗତସିଂହପୁର ଡାକ୍ତରଖାନା ପରିସର ମଧ୍ୟରେ । ଜଗତସିଂହପୁର ଥିଲା କଟକ ଜିଲ୍ଲାର ଗୋଟିଏ ସବ୍‌ଡିଭିଜନ୍ । ଡାକ୍ତରଖାନାଟି କେବଳ ସବ୍‌ଡିଭିଜନାଲ୍ ହସ୍ପିଟାଲ୍ ନ ଥିଲା, ତା ସହିତ ଥିଲା କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟର ଗ୍ରାମୀଣ ସ୍ୱାସ୍ଥ୍ୟ କେନ୍ଦ୍ର । ଡାକ୍ତରୀ ପାସ୍ କରିଥିବା ହାଉସ୍ ସର୍ଜନ୍ ମାନଙ୍କର ଗ୍ରାମୀଣ ଆଭିମୁଖ୍ୟ ସମ୍ପର୍କିତ ପ୍ରଶିକ୍ଷଣ ପାଇଁ ଗଠିତ ହୋଇଥିଲା ଏହି କେନ୍ଦ୍ରଟି । ତିନିମାସିଆ ଅନ୍ତେବାସୀ ମାନେ ମାସେ ଦେଢମାସ ଏଠାରେ ନ ରହିଲେ ପରିପୂର୍ଣ୍ଣ ଚିକିତ୍ସକ ବନି ପାରନ୍ତି ନି । ଆଶାୟୀ ଡାକ୍ତର ଡକ୍ତରାଣୀ ମାନେ ଘରଘର ବୁଲି ଖାଇବା ଖାଦ୍ୟ ପଳପଳ କରି ଓଜନ କରିବା ସହ ଗ୍ରାମବାସୀମାନଙ୍କର ଚିକିତ୍ସା ବ୍ୟବସ୍ଥାର ଅନୁଧ୍ୟାନ କରନ୍ତି । ରହିବାପାଇଁ ହଷ୍ଟେଲ ଅଛି, ଗ୍ରାମୀଣ ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ ।

ସୌଭାଗ୍ୟକ୍ରମେ ସ୍ୱାସ୍ଥ୍ୟ କେନ୍ଦ୍ରର ସୁଦୂର ସମ୍ପର୍କ ଥାଏ ଦେଶ ବାହାରକୁ । ଆମ ପ୍ରଫେସର୍ ମାଡାମ୍ ସ୍ୱାଇଁଙ୍କ ସ୍ୱାମୀ ଶ୍ରୀ ରାୟ ଦେଶର ସ୍ୱାସ୍ଥ୍ୟମନ୍ତ୍ରୀ, ବିଲାତଗସ୍ତରୁ ଆଣିପାରିଛନ୍ତି ଦେଶ ପାଇଁ କେତେକ ଧଳା ହାତୀ ଆଉ ଜଗତସିଂହପୁର ପାଇଁ ଅଧିକ ଜଣେ ସାମାକିକ ଶିକ୍ଷାକ୍ଷେତ୍ରର ସ୍ନାତକ ଛାତ୍ରୀ, ରିଚେଲ୍ ସ୍ମିଥ୍ । ଧଳା ବିରାଟ ଭ୍ୟାନ୍ ଭିତରେ ଅଛି ଡାକ୍ତରି ଯନ୍ତ୍ରପାତି, ଡାକ୍ତର ଓ ସହକାରୀ ମାନେ ଗାଁମୁଣ୍ଡରେ ବସି ସେବା ଯୋଗାଇବେ, ଖାଲି ଜଗତସିଂହପୁର ଗାଁରାସ୍ତାରେ ଧଳାହାତୀଟି ନିଜ ଆକାର ଦୃଷ୍ଟିରୁ ପଶି ଯାଇ ପାରିଲେ ହେଲା । ଲମ୍ବା, ଚଉଡା ଓ ଉଚ୍ଚତାରେ ମୁଖ୍ୟ ରାସ୍ତାରୁ ଗଡିବା ସମ୍ଭବ ନ ଥିଲା । ରିଚେଲ୍ ସରକାରୀ ଭାବରେ ଓଡିଶା ଆସି ନି, ବ୍ୟକ୍ତିଗତ ଭାବରେ ଆସିଛି ଗୋଟିଏ ସାମାଜିକ ପ୍ରସଙ୍ଗରେ ଅନୁଧ୍ୟାନ ପରେ ସନ୍ଦର୍ଭଟିଏ ରଚନା କରିବ । ଅବଶ୍ୟ ଆମର ପ୍ରଫେସର୍ ମାଡାମ୍ ଏଇ ୨୨ ବର୍ଷୀୟା ଶ୍ୱେତା ତରୁଣୀର ରହିବା ଓ ଗବେଷଣାର ପୃଷ୍ଠଭୂମି ପାଇଁ ସୁବିଧା କରିବେ ।

ମୋର ଅବା ରିଚେଲ୍ ସହ ଦେଖହେବାର ଅବକାଶ କାହିଁ ? ଗହଳି ଆଉଟ୍‌ଡୋର୍ ଓ ଇନ୍‌ଡୋର୍ କାମରୁ ମୁଣ୍ଡଟେକିବାକୁ ବେଳ ମିଳେନି, ଆଉ ଯେଉଁଦିନ ମୁଁ ଡେରି ରାତିରେ ଶୁଣିବାକୁ ପାଇଲି ରିଚେଲ୍ ସ୍ମିଥ୍ ବିଲାତ୍‌ରୁ ଆସି ଆମେ ରହୁଥିବା ଗ୍ରାମୀଣ ସ୍ୱାସ୍ଥ୍ୟ କେନ୍ଦ୍ର ପରିବେଶ ମଧ୍ୟରେ ରହୁଛି, ସେ ଦିନଟିକୁ ମୁଁ ପାସୋରିଦେବା ସମ୍ଭବ ନୁହେଁ । ସକାଳ କାମ ସାରି କଟକ ଯାଇ ସନ୍ଧ୍ୟାରେ ଘରକୁ ଫେରିବାରେ ମୋର ଅହେତୁକ ଡେରି ହୋଇଯାଇଛି । କାରଣଟି ମୁଁ ପାଠକମାନଙ୍କୁ ନ ବତାଇ ରହି ପାରୁନି । ସେତେବେଳେ କଟକ ଜଗତସିଂହପୁର ମଧ୍ୟରେ ଆପାତତଃ ଭଲ ବସ୍ ଚାଲୁଥାଏ, ପୂର୍ବର ଦିଆସିଲିପେଡି ପରି ଆକାରର ଛୋଟ ବସ୍ ଗୁଡିକ ବିବର୍ତ୍ତିତ ହୋଇସାରିଥାଏ । କିନ୍ତୁ ଏହି ବସ୍ ଗୁଡିକର ଗୋଟିଏ ପ୍ରକାରର ଅନ୍ତର୍ନିହିତ ଗୁଣ ସବୁବେଳେ ଲକ୍ଷ୍ୟ କରିହେବ – କଟକ ଓ.ଏମ୍.ପି. ବସ୍ ଷ୍ଟାଣ୍ଡରେ ଷ୍ଟାର୍ଟ ଅବସ୍ଥାରେ ଅଧିକ ଶବ୍ଦର ସହ ଆଗପଛ ହୋଇ ସଦ୍ୟ ପଳାଇବାର ଭ୍ରମ ସୃଷ୍ଟି କରୁଥିବେ । ସବୁବେଳପାଇଁ ଯାତ୍ରା ସମୟରେ କୌଣସି ଦୈବଦୁର୍ବିପାକ ଅବା ଦୁର୍ଘଟଣା ପାଇଁ କମ୍ପାନୀ ଦାୟୀ ନୁହଁନ୍ତି । ସେଇୟା ଘଟିଛି ସେ ଦିନ । ସନ୍ଧ୍ୟା ୬ଟାରେ କଟକରୁ ବାହାରି ଦି ଘଣ୍ଟାରେ ଜଗତସିଂହପୁରରେ ପହଞ୍ଚିବା ବସ୍ ପହଞ୍ଚିଛି ୫ ଘଣ୍ଟା ବିଳମ୍ବରେ ରାତି ୧୧ଟାରେ । କନ୍ଦରପୁର ଆଉ ଜଗତସିଂହପୁର ମଧ୍ୟରେ ଅତିଶୟ ଡେରି । ଏମିତି କି ପୁନଙ୍ଗବସ୍ ଷ୍ଟାଣ୍ଡପାଖରେ ଆଉ ସହି ନ ପାରି ବସ୍ ଚାଳକ ବ୍ୟସ୍ତ ବିବ୍ରତ ହୋଇ ଉହ୍ଲାଉଥିବା ଯାତ୍ରୀଙ୍କୁ ଅନୁରୋଧ କରୁଥିଲା – ଭାଇ, ଆପଣଙ୍କ ଗାଁରେ ବିଲେଇଗୁଡିକୁ ଘରେ ବାନ୍ଧି ରଖିବାକୁ ଅନୁରୋଧ, ଶହଶହ ସଂଖ୍ୟାରେ ବିଲେଇ ରାସ୍ତାକୁ ଆସିଲେ, ଗାଡି ବ୍ୟାକ୍ କରିକରି ଆମର ପ୍ରାଣ ଅଧା ହୋଇଯାଉଛି, କେବଳ ଆପଣମାନଙ୍କର ସମୟର ଅପଚୟ ।

ଘରକୁ ଫେରି ଅସିବାପାଇଁ ଯେତିକୁ ବ୍ୟସ୍ତ ଲାଗୁଥିଲା, ଘରେ ମଧ ବିଜୟିନୀ ଅଧିକ ବ୍ୟସ୍ତଥିଲେ, ଆହୁରି ଅଧିକ ବ୍ୟଗ୍ର ଥିଲେ ଜଣାଇବାକୁ ଯେ, ରିଚେଲ୍ ସ୍ମିଥ୍ ତାଙ୍କସହିତ ଅନେକ ସମୟ କଟାଇବ । ଲଣ୍ଡନରୁ ଆସିବାର ସାତଦିନ ଭିତରେ ତାହାର ରହିବା ଏତେ ଦୁର୍ବିସହ ହୋଇପଡିଲାଣି ଯେ, ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧିକାରୀ ଡାକ୍ତର ମିଶ୍ର ବ୍ୟକ୍ତିଗତ ଭାବେ ଅନୁରୋଧ କରିଛନ୍ତି ବିଜୟିନୀଙ୍କୁ ରିଚେଲ୍‌ର ଯତ୍ନ ନେବାକୁ । କ୍ୟାମ୍ପସ୍ ଭିତରେ ଅନ୍ୟ କେହି ଇଂରାଜୀ କହିବା ମହିଳା କେହି ନାହାନ୍ତି ପ୍ରଫେସର ସ୍ୱାଇଁଙ୍କ ମାର୍ଫତରେ ଆସିଥିବା ରିଚେଲ ସ୍ମିଥ୍‌ର ଯତ୍ନ ନେବାକୁ ।

ବିଜୟିନୀ ବେଶୀ ଖୁସି, ସ୍ନାତକୋତ୍ତର ପାଠର ଏଇଟା ଗୋଟିଏ ପରିଚୟ, ସେଇ ବିଲାତି ଝିଅ ସହ କଥାବାର୍ତ୍ତା ହୋଇ ତାକୁ ସୁବିଧାରେ ଚଳାଇନେବା ନିଜର ଗୋଟିଏ ଛୋଟ ପରୀକ୍ଷା । ଡାକ୍ତରଖାନା କଲୋନିରେ ଆମ ଘରଟି ଉପଯୁକ୍ତ ବୋଲି ବିବେଚନା କରିବାର କାରଣ ମୋ ସ୍ତ୍ରୀ ସମ୍ପୂର୍ଣ୍ଣ ଭାବରେ ଗୃହିଣୀ, ଚାକିରୀ କରି ନ ଥାନ୍ତି, ସଜଫେରନ୍ତା ବାଣୀବିହାରରୁ, ଇଂରାଜୀ କହିବାରେ ନିପୁଣା । ମୁଁ ମଧ୍ୟ ମନେମନେ ଖୁସୀ, କାରଣ ସିଏ ଜଣେ ଅଭ୍ୟାଗତଙ୍କ ସେବାରେ ବ୍ୟସ୍ତ ରହିଲେ ତାଙ୍କର ଏକାକିନୀ ଭାବରୁ ମୁକ୍ତି ପାଇବେ । ନ ହେଲେ ସବୁବେଳେ କହିଚାଲିଥିବେ, ତୁମ ଘରର ମୁଁ ବୁଢ଼ୀ ଦରଓ୍ୟାନ୍ । ମନରେ ମୋର ସନ୍ତୋଷ ଆସୁଥାଏ, ସନ୍ଦେହ ଥାଏ ନବାଗତା କେତେଦିନ ଲାଷ୍ଟିଂ କରିବେ । ଅତି କମ୍ ରେ ଛ ମାସ ତ ରହିପାରିବେ ।

ଆମ କଲୋନିର ଆଉ କେତେଜଣ ମହିଳା ଯଦିଚ ରିଚେଲ୍ ସହିତ ଅନ୍ତରଙ୍ଗ ହେବାକୁ ଚାହୁଥିଲେ, ତାହାର ଭାଷା ଓ ଭାବ ବୁଝିବାରେ ସମର୍ଥ ନ ହେବାରୁ ଦର୍ଶକ ବନିଥିଲେ ଯାହା । ପ୍ରକୃତ ରହସ୍ୟଟି ରିଚେଲ୍ ବିଷୟରେ ଭାରପ୍ରାପ୍ତ ଡାକ୍ତର ମିଶ୍ର କହିଥିଲେ । ରିଚେଲ୍ ଅନ୍ୟୁନ ବର୍ଷଟିଏ ପାଇଁ ଏଠାରେ ରହିବ ଆମ ଡାକ୍ତରଖାନାର ଅତିଥି ଭାବରେ, ଭାଷା ଟିକିଏ ବୁଝି ବିଦେଶ ମାଟିରେ ଚଳି ପାରିଲେ, ଆମକୁ ଆଉ ତାହାର ଯତ୍ନ ନେବାକୁ ଦରକାର ପଡିବ ନି । ନିଜେ ରୋଷେଇକରି ଖାଇବ ବୋଲି ପ୍ରଥମ ଦିନ ସେଓ ସିଝାଇ ଖାଇଲା, ଦ୍ୱିତୀୟ ଦିନ ଭେଣ୍ଡି କାଟି ପାଣିରେ ପକାଇ ସିଝାଇ ଲାଳୁଆ କରିଦେଲା ଯେ ଖାଇ ନ ପାରି ଉପାସ ଶୋଇଲା । ଏଠାରେ ରିଚେଲ୍‌ର ଚଳଣିର ଏଇଟା ଗୋଟିଏ ମାତ୍ର ଉଦାହରଣ । ଏଠିକାର ବଜାରକୁ ତାକୁ ଏକୁଟିଆ ଛାଡିବା ନିରାପଦ ନୁହେଁ ।

ଜଗତସିଂହପୁର ର ବଇଦମାମୁଁ ମୋର ମଳାଶୁର । ସିଏ ବିଜୟିନୀଙ୍କର ବଇଦ ମାମୁଁ, ବୈଦ୍ୟନାଥ ସ୍ୱାଇଁ । ପରଦିନ ଆମ ଘରେ ରିଚେଲ୍‌କୁ ଦେଖି ପଚାରିଥିଲେ, ସିଏ କଅଣ ଏଠାରେ  ରହୁଛି ? ଜଣାଇଥିଲେ, ରିଚେଲ୍ ଜଗତସିଁହପୁର ବଜାର ଓ ପାଖ ସୋମନାଥ ହାଟର କୌଣସି ଦୋକାନ ଛାଡି ନି । ପ୍ରତିଟି ଦୋକାନ ତନଖି କଲାପରି ଡାଲି, ଚାଉଳ, ତେଲ ଓଗେର ସମେତ ସବୁ ପଦାର୍ଥ ଗୁଡ଼ିକୁ ନେଡ଼ିରେ ନେଇ କଅଣ ବୋଲି ଚାଖୁଛି । ଆମକୁ ଯେତିକି ଆଶ୍ଚର୍ଯ୍ୟ ଲାଗିଲା, ସେତିକି ହସ ବି ଲାଗିଲା ।

ମୋ ଝିଅ ସେତେବେଳକୁ ଦେଢ଼ବର୍ଷ ବୟସର, ସିଏ ଧୀର ସ୍ଥିର ଉଦ୍ୟମରେ ଜଣକୁ ନିଜ ଅର୍ଥରେ ଚିହ୍ନୋ ଦେଖିବା ପରଠାରୁ ରିଚେଲ୍ କୁ ମିଆଁଉ ବୋଲି ନାମକରଣ କରିଛି । ରିଚେଲ୍‌ର ଆଖି ଦିଓଟି ବୋଧେ ଏହାର କାରଣ ହୋଇଛି । ଏଇ ନାଁଟି ତାହାର ଶେଷ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି । ରିଚେଲ୍ ହଷ୍ଟେଲରେ ରହିଲେ ବି ଦିନର ଅନେକ ସମୟ  ଆମ ଘରେ ଥାଏ । ଅଳ୍ପ କେତେ ଦିନ ପାଇଁ ଆମ ଘରର ଏକ ଅଂଶ ହୋଇଛି । ସମସ୍ତେ କହନ୍ତି ବିଲାତି ଲୋକ ରାଗ ଖାଆନ୍ତି ନି, ଅମୁକ ଖାଆନ୍ତି, ସମୁକ ଖାଆନ୍ତି ନି । କିନ୍ତୁ ଆମେ ଦେଖୁଛୁ ରିଚେଲ୍ ସବୁ ଖାଉଛି । ତରକାରୀ ଯେତେ ରାଗ ହେଉ ନା କାହିଁକି, ସିଏ ବାଁ ହାତରେ ପାଣି ଗ୍ଲାସେ ଧରି ଚାମଚ୍‌ରେ ରାଗ ପ୍ଲେଟ୍‌ଟି ପୂରା ଖାଇପାରିବ । ପିଲାଙ୍କ ସାଥିରେ ମିଶି ଖୁଦୁରୁକୁଣୀ ଓଷା କରୁଛି ଆମ ଘରେ । ହୁଳହୁଳି ଶିଖିଗଲାଣି ଆଉ ସମସ୍ତେ ହସିଲେ ବି ସିଏ ହୁଳହୁଳି ପକାଇବାରେ ତାହାର ଲାଜ ନାହିଁ । ବିନା ଚାମଚରେ ହାତରେ ଭାତ ଖାଇବା ଓ ହୁଳହୁଳି ଯେମିତି ଆମ ଓଡିଆଙ୍କର ଏକଚାଟିଆ କାରବାର । ମୋ କୁନିଝିଅର କିନ୍ତୁ ରିଚେଲ୍‌ର ହୁଳହୁଳି ଶୁଣିବାକୁ ଭାରି ଆଗ୍ରହ । ତା ମୁହଁକୁ ବକବକ କରି ଅନାଇଥାଏ ସିଏ ଗୋରା ମୁହଁରେ ନାଲି ଜିଭଟି କେମିତି ଅଖାଡ

ରିଚେଲ୍ ଦିନେ ଶୁଣିଲା ଯେ ମୁଁ ଟେବୁଲ୍ ଟେନିସ୍ ଖେଳେ, ଆଗ୍ରହର ସହ ବାହାରିଲା ମୋ ସହିତ ଖେଳିବା ପାଇଁ । କିନ୍ତୁ ଜଗତଜିତା ବିଲାତି ତରୁଣୀଙ୍କ ଚିରା ବିଲାତି ସ୍ପୋର୍ଟସ୍ ଗଞ୍ଜିକୁ ଦେଖି ଆମେ କିଛି ଚିନ୍ତା କରିବା ଆଗରୁ ସେ କୈଫିୟତ ଦେଉଛନ୍ତି, ଏଇଟି ତାଙ୍କର ଅତିପ୍ରିୟ ଗଞ୍ଜି, ଅତି ଫେଭୋରାଇଟ୍, ସେଇଟିକୁ ଛାଡି ସିଏ ଖେଳି ପାରିବେ ନି । ଏଇ କଥାଟା ଆମକୁ ଖାପଛଡା ଲାଗୁଥିଲା, ନୂଆଗଞ୍ଜି ନଥାଇ ଏଇଟା ତାଙ୍କର ଛଳନା ଥିବ, ବିଲାତ୍ ଲୋକଙ୍କୁ କଥାରେ ପାରିବ କିଏ  ? ଅବଶ୍ୟ ଯେତେଦିନ ରିଚେଲ୍ ଆମ ସହ ଥିଲେ, ତାଙ୍କୁ ଆମେ ଖେଳବେଳେ ଅନ୍ୟ ଗଞ୍ଜି ପିନ୍ଧିବାର ଆମେ ଦେଖିନୁ ।

ରିଚେଲ୍ ସ୍ମିଥ ଆମ ସହ ମାସଟିଏ ରହିଛି କି ନା, ଜଗତସିଂହପୁର ପ୍ଲାବିତ ହେଲା ଗୋଟିଏ ବିରାଟ ବନ୍ୟାରେ । ସାମାଜିକ କ୍ଷେତ୍ରରେ ଗାଁ ଗାଁ ବୋଲି କିଛି ସର୍ଭେ ଆରମ୍ଭକରିଥିବା ରିଚେଲ୍ ପାଇଁ ଆଉ ସ୍ଥାନ ନ ଥିଲା କାମପାଇଁ । ପାଠ୍ୟକ୍ରମଟିକୁ ୬ ମାସ ଘୁଞ୍ଚାଇଦେଇ ୩ ଦିନ ମଧ୍ୟରେ ଫେରିଯିବାର ଖବର ଆସିଲା । ରିଚେଲ୍ ଅଳ୍ପ କେଇଦିନ ରହଣି ଭିତରେ ବିଜୟିନୀଙ୍କୁ ଦୁଇଟି ଅନୁରୋଧ ଲରିଥିଲା ।

ପ୍ରଥମ ଅନୁରୋଧ ହେଲା ସିଏ ଗଲାବେଳେ ଶାଢୀ ବ୍ଲାଉଜ ପିନ୍ଧି ଜଗତସିଂହପୁର ଛାଡିବ । ଏବେ ବନ୍ୟାକ୍ଲିଷ୍ଟ ସ୍ଥାନରେ ଏଇଟି ଆମପାଇଁ କାଠିକର ପାଠ ହୋଇଛି । ଛଅ ଫୁଟ୍ ଉଚ୍ଚ ରମଣୀଙ୍କପାଇଁ ଲମ୍ବା ଶାଢୀଟିଏ ମିଳିବ ନି । କିଣା ଅଣ୍ଡର ଗାର୍ମେଣ୍ଟ ବି ମାପରେ ହେବ ନି । ମୋ ସ୍ତ୍ରୀ ବିଚାରୀ ଗୋଟିଏ ଛୋଟ ଅନୁରୋଧ ପାଖରେ ହାର ମାନିନେବେ, ମୁଁ ଆଦୌ ଚିନ୍ତା କରିପାରୁ ନ ଥିଲି । ମିଳୁଥିବା ସବୁଠାରୁ ଲମ୍ବା ଶାଢୀଟି କିଣାଗଲା, ବଜାରର ବ୍ୟସ୍ତ ଖନୀ ଟେଲର୍ କୁ ଅନୁନୟ ହୋଇ ଆବଶ୍ୟକ ବଡ ଅଣ୍ଡର ଗାର୍ମେଣ୍ଟ ଜିନିଷ ଦୁଇଟି ଯୋଗାଡ ହେଲା । ଯାହା ହେଲେବି ଶାଢୀ କାନିଟା ଛୋଟ ବୋଲି ବାରି ହୋଇ ପଡୁଥିଲା ।

ଦ୍ୱିତୀୟ ଅନୁରୋଧଟି ଥିଲା – କେତୋଟି ରଙ୍ଗବେରଙ୍ଗ ଭୋଗେଇ ଡାଲିଆ ଆଉ କୁଲେଇ ନେଇ ନିଜ ହାଫ୍ ବ୍ରଦର ଓ ହାଫ୍ ସିଷ୍ଟର (ସାବତ ଭାଇ ଓ ଭଉଣୀ) ମାନଙ୍କୁ ସରପ୍ରାଇଜ୍ ଗିଫ୍ଟ ଦେବ । ରିଚେଲ୍ ଏଠାରୁ ସିଧା ବିଲାତ୍ ନ ଫେରି ଅଷ୍ଟ୍ରେଲିଆ ଦେଇ ଯିବ, ମାଆ ତାର ସିନା

ଛାଡପତ୍ର ପରେ ଲଣ୍ଡନରେ ରହି ଚାକିରି କରୁଛନ୍ତି, ବାପା କିନ୍ତୁ ଅଷ୍ଟ୍ରେଲିଆରେ ଦ୍ୱିତୀୟ ବିବାହ କରି ସରକାରୀ ଚାକିରି କରନ୍ତି । ଏ ହିସାବରେ ତାହାର ବେହିସାବୀ ଭାଇ ଓ ଭଉଣୀ ମାନେ ଅଷ୍ଟ୍ରେଲିଆରେ ।

ରିଚେଲ୍ ଗୋଟିଏ ଭାବବିହ୍ୱଳ ପରିବେଶରେ ଆମଠାରୁ ବିଦାୟ ନେଲା, କିଛିଦିନ ପରେ ଆମେ ତା ଠାରୁ ଚିଠିଟିଏ ପାଇଲୁ । ସିଏ ଅବଶ୍ୟ ରଙ୍ଗିନ୍ ଭୋଗେଇ ସବୁ ଠିକ୍‌ରେ ଉପଯୋଗ କରିପାରିଛି, କିନ୍ତୁ ତାହାର ଶାଢୀ ପିନ୍ଧା ରୂପ ମେଲ୍‌ବୋର୍ଣ୍ଣ ବିମାନ ବନ୍ଦରରେ ବିରାଟ ହାସ୍ୟରୋଳ ସୃଷ୍ଟିକରିଥିଲା । ରିଚେଲ୍ ମନ ଦୁଃଖରେ ଅଛି, ଶୁଖିଲା ଲଙ୍କା, ଜିରା, ସୋରିଷ, ପୋସ୍ତକ ଓ ଗରମ ମସଲା ଉପକରଣ ନେଇଥିଲା ଓଡିଆ ବ୍ୟଞ୍ଜନ ବନାଇବା ପାଇଁ ଆଉ ଆମମାନଙ୍କ ସ୍ମୃତି ରକ୍ଷାପାଇଁ । ଡ୍ରଗ୍ସ ଯୁଗର କଷ୍ଟମ୍ ଚେକ୍ ରେ ତାକୁ ବହୁ ସମୟ ଅଟକ ରଖିବାପରେ ସେମାନେ ସେଗୁଡିକୁ ଫୋପାଡି ଦେଲେ । ଓଡିଆ ଖାଦ୍ୟର ସ୍ୱାଦ ଚାଖିଥିବା ବିଚରା ରିଚେଲ୍ ସ୍ମିଥ୍ ମନଦୁଃଖରେ ମେଲ୍‌ବୋର୍ଣ୍ଣ ବିମାନ ବନ୍ଦରରୁ ପ୍ରସ୍ଥାନ କରୁଥିଲା ।

ରିଚେଲ୍ ବିଦା ହୋଇ ଗଲାପରେ ବିଜୟିନୀ ଖୋଲି କହିଲା । ଗୁରୁବାରଟି ରିଚେଲ୍‌ର ଚିଠି ଲେଖା ପର୍ବ । ବୁଝିଲା ବେଳକୁ ତାର ବୟଫ୍ରେଣ୍ଡ ପାଖକୁ । ବିଜୟିନୀ ପଚାରିଥିଲା ତାଙ୍କର କେବେ ବାହାଘର ହେଉଛି ? ରିଚେଲ କହିଲା, ମୁଁ ତାକୁ କଦାପି ବାହା ହେବିନି । କିନ୍ତୁ ଜଗତସିଂହପୁରରେ ଗୁରୁବାରଟି ସେ ମୌନବ୍ରତ ପରି ଲେଖାରେ ନିମଗ୍ନ ହେଉଥିଲା । ଦିନେ ବିଜୟିନୀଙ୍କ ପଚାରିଲା, ତୁମେ ବିଭାଘର ପୂର୍ବରୁ ଡା. ଜେନାଙ୍କୁ କେତେ ଚିଠି ଲେଖିଛ ?

ବିଜୟିନୀ ଠାରୁ ଆମ ଦେଶର ବାହାଘର ପ୍ରଥା ଶୁଣିଲା । ବାପା ମାଆଙ୍କ ପସନ୍ଦରେ ବାହା ହେବା କଥା ସିଏ ତିନିଦିନ ହଜମ କରିପାରି ନଥିଲା । ମଝିରେ ମଝିରେ କହି ପକାଉଥାଏ, ମୂଳରୁ ନଜାଣି ତୁମେ କିପରି ବାହାହେଲ ? ଆମ ଦେଶରେ ସେମିତି କେହି ବାହା  ହୋଇପାରିବେ ନାହିଁ । ବୟଫ୍ରେଣ୍ଡ ନିଶ୍ଚୟ, କିନ୍ତୁ ବିବାହ ନିଶ୍ଚୟ ନୁହେଁ ।

ବନ୍ୟା ଥମି ଯିବା ପରେ ରିଚେଲ୍ ଆସି ପହଞ୍ଚିଲା । ଏଥର କିନ୍ତୁ ଆଉ ଗୋଟିଏ ସାଙ୍ଗ ଝିଅପିଲା ଧରି ଆସିଥାଏ । ଦିନେ ଆମ ଘରକୁ ଆସି ଜଣାଇଲା କି ସେ ଦୁଇଜଣ ହେଲେଣି, ରୋଷେଇ କରି ଖାଇବେ । ଏମିତି ବେଳ ପାଇଲେ କେବେ କେବେ ରିଚେଲ୍ସ ଆମ ଘରକୁ  ମାଡି ଆସେ ।

ବହୁ ଭାବିଚିନ୍ତି ସେ ଅନୁଭବ କରିଛି, ଓଡିଶାରେ ଜନଗହଳି ଭିତରେ ବି ସମାଜର ଜୀବନ ଅଛି । ପ୍ରଥା ଅଛି, ଯାହା ବାହାରକୁ ଦେଖା ନଗଲେ ବି ଲୋକମାନେ ସମାଜର ଅଭିଜ୍ଞତା ବଳରେ ପରିବାରର ବନ୍ଧନ ବଳରେ ସାମାଜିକତା ବନ୍ଧନରେ ଚଳଣି ଗ୍ରହଣ କରନ୍ତି । ସେଇ କାରଣରୁ ବିବାହ ଆଉ ବିବାହ ବନ୍ଧନ ଚିରସ୍ଥାୟୀ ।

ରିଚେଲ ସାମାଜିକ ବିଜ୍ଞାନରେ ଗବେଷିକା ।

ରିଚେଲ୍ ବୁଝି ସାରିଥିଲା, ପ୍ରେମ ପତ୍ର, ବୟ ଫ୍ରେଣ୍ଡ ଆଉ ତା ସମାଜରେ ପ୍ରାଦୁର୍ଭାବ ଥିବା ଛାଡପତ୍ର, ଅଧା ଆଉ ଏକ-ଚତୁର୍ଥାଂ ଭାଇ-ଭଉଣୀ ସହିତ ସାମାଜିକତା ।

ଜଗତସିଂହପୁର ତାକୁ ଜନଗହଳି ଲାଗୁଥିଲେ ବି ଏଠାରର ସଂସ୍କୃତି-ଧାରାର ଅଦୃଶ୍ୟ ସାମଜିକତା କିପରି କାଳ କାଳ ଧରି ଚଳି ଆସିଛି, ତାହା ଦେଖିବାକୁ ଆଗ୍ରହ ତାର ବଢି ଉଠିଛି ।

✠✠✠

ସମ୍ପାଦକ



# ଓଡ଼ିଆ ମଧୁର : ଓଡ଼ିଶା ମଧୁର

**କିଶୋର ମହାନ୍ତି**

ମଧୁର ସବୁବେଳେ ମଧୁର, ସ୍ୱାଦମୟ, ଅନୁଭବପ୍ରତିମ ଆଉ ମନପ୍ରାଣରେ ଶାନ୍ତି ଆଉ ପ୍ରଶାନ୍ତି ଉଦ୍ରେକକରେ । ଏହି ମଧୁର ଅନୁଭବର ଗୁଣବତ୍ତା କି ତା ବିଶେଷତା ଉପରେ କେହି ଟିପ୍ପଣୀ ଦେଇ ପାରବେ ନାହିଁ । ମଣିଷ ଏହି ସବୁଜ ସୃଷ୍ଟିରେ ଯେବେ ପ୍ରଥମ ସ୍ୱାଦିଷ୍ଟ ପଦାର୍ଥର ରସାନୁଭବ କଲା, ତାହା ବୋଧହୁଏ ମହୁ ବା ମଧୁ । ମଧୁ ହିଁ ଅନେକ ଉପାଦାନରେ ମନବୋଧିଆ ଆବେଶକୁ ମଧୁର ବା ମଧୁମୟ କରି ଦିଏ । ଆମର ଜୀବନଶୈଳୀରେ ସବୁଠାରୁ ରଚିଶୀଳ ଓ ଆନନ୍ଦଦାୟକ ବସ୍ତୁ ବା ଅନୁଭବକୁ ଆମେ ଏମିତି ମଧୁର ଶବ୍ଦରେ ପରିପ୍ରକାଶ କରୁ । ମିଠା ସମସ୍ତଙ୍କର ଆକର୍ଷଣର ଚିଜ । ବିଶ୍ୱର ସର୍ବଶ୍ରେଷ୍ଠ ବସ୍ତୁ ହିଁ ମଧୁର । ସେହି ପରି ଚଇତ ମଧୁର, ବସନ୍ତ ମଧୁର, କାକଳି ମଧୁର, କଥା ମଧୁର, ଗୀତ ମଧୁର, ସ୍ୱର ମଧୁର, ସ୍ୱଭାବ ମଧୁର, ଚରିତ୍ର ମଧୁର ଆଉ ଜଗତ ମଧୁର । ଦେଖିବା ଆମକୁ ଆଉ ଆମ ରାଇଜକୁ । ଆମେ କେତେ ମଧୁର !

ଆମ ଚଳଣି, ଆମ ପରମ୍ପରା, ଆମ ଧର୍ମ ଆଉ ଆମ ସଂସ୍କୃତି ମଧୁର ଆଉ ମଧୁମୟ । ଆମର କର୍ଣ୍ଣଯୁଗଳ ଯୁଗଯୁଗରୁ ତଟିନୀର କୁଳୁକୁଳୁ ନାଦ ଆଉ ପକ୍ଷୀକୁଳର କାକଳିର ମଧୁର ସ୍ୱରରେ ପୁଲକିତ । ଆମ ଓଡ଼ିଶୀ ତାନ ଆଉ ଆମ ଦେଶୀୟ ବାଦ୍ୟର ତାଳରେ ସ୍ପନ୍ଦିତ । ପର୍ବପର୍ବାଣି ଆଉ ଧରିତ୍ରୀ ଆକାଶର ରୂପଭେଦ ତାଳମେଳରେ ଆମର ଗାଁ ଗଣ୍ଡାର ପିଠାପଣା ଆମର ସ୍ୱାଦର ନିର୍ଣ୍ଣାୟକ ହୋଇରହିଛି । ଶକ୍ତ ପରମ୍ପରାର ଓଡ଼ିଆ ଜୀବନ । ବିଭାଘର ପରେ ବାପଘରୁ ଶାଶୂଘରକୁ ପଥମେ ପ୍ରବେଶ କରୁଥିବା ନବବଧୂଟି ପରିବାରକୁ ଭବ୍ୟ ସମ୍ବର୍ଦ୍ଧନା କରେ ଗୁଡ଼ ପରି ମଧୁର ପଦାର୍ଥରେ । ଏଇଠି ପ୍ରତୀୟମାନ ହେଉଛି, ଏହି ମୁହଁ ମିଠାର ସମ୍ପର୍କ ଯୋଡି ବ୍ୟଞ୍ଜନ ଓ ଜୀବନକୁ ମଧୁର କରିଦେବାର ପ୍ରତିଶ୍ରୁତି ଧରି ଆସିଛି ଓଡ଼ିଆ ଘରର କୁଳବଧୂ । ଏମିତି ସୁଦୂର ପ୍ରସାରୀ ଅନୁଚିନ୍ତନ ଆଉ କେଉଁ ଜଗତରେ ଥିବା ମନେହୁଏନି । ସତରେ ଓଡ଼ିଆ ମନପ୍ରାଣ ମଧୁର !

ମଣିଷ ମନଟି ସକାରାତ୍ମକ ଧାରାରେ ପ୍ରସ୍ତୁତ । ଆସନ୍ତା କାଲିଟିକୁ କାହିଁକି ଗଲାଦିନ ଗୁଡିକଠାରୁ ଅନୁଜ୍ଜଳ ହେବ ? ଶିଶୁଟି ବିଦ୍ୟାରମ୍ଭ କଲାବେଳେ ଶିକ୍ଷାପାଏ - ମଧୁର ବିନୟ ବଚନ, କହି ତୋଷିବ ଜନମନ । ଏମିତି ବ୍ୟକ୍ତି ନିଜର ଚାଲିଚଳଣ, କଥାଭାଷା ଆଉ ପରର ସମ୍ମାନ ଉଚ୍ଚାରଣ କର୍ତ୍ତୃକ ପରକୁ ତୃପ୍ତିଦିଏ, ସମାଜକୁ ମଧୁରମୟ କରିପାରେ । ସହନଶୀଳତା, ନମ୍ରତା ଆଉ ସମ୍ବେଦନଶୀଳତାରେ ପରକୁ ନିଜର କରିପାରେ । କେତେ କେତେ ବ୍ୟବହାରିକ ଉପଦେଶ ରହିଛି ସଂସ୍କୃତ ଭାଷାରେ - ନମ୍ରନ୍ତି ଫଳିନ ବୃକ୍ଷାଃ ନମ୍ରନ୍ତି ଗୁଣିନ ଜନାଃ । ବଚନେ କି ଦରିଦ୍ରତା ? ଆମ ବ୍ୟବହାରର ମଧୁରତା !

ଏମିତି ଆମ ଓଡ଼ିଶାରେ ପରିବାର ଭିତରେ ରାମାୟଣ ପରିବାର ଦେଖିବାକୁ ମିଳେ । ଭାଇ ଭାଇ ସମ୍ପର୍କ, ପିତାମାତାଙ୍କ ଯତ୍ନର ଆଦର୍ଶ ରାମାୟଣର ଶ୍ରବଣ କୁମାର । ବାପା ମାଆ ପୁଅ ଝିଅମାନଙ୍କର ଯେତିକି ଶୁଭ ମନାସନ୍ତି, ପିଲାମାନେ ତଦୃପ ସେମାନଙ୍କର ଯତ୍ନ ନିଅନ୍ତି । ପରିବାରରେ ବୁଢ଼ା ବାପାମାଆଙ୍କ ସ୍ୱାସ୍ଥ୍ୟ ନେଇ ବା ବାଳୁତପିଲାଙ୍କ ଯତ୍ନ ବିଷୟକୁ ପ୍ରାଧାନ୍ୟ ଦେବା ଆମ ଓଡ଼ିଆ ପରିବାରର ଆଦର୍ଶ । ଏମିତି ମଧୁରମୟ ସାମାଜିକ ସୁରକ୍ଷା ଅକଳ୍ପନୀୟ ।

ସେମିତି ଆମର ଓଡ଼ିଆ ସମାଜ । ଓଡ଼ିଆ ସତେ ଜୀବନ ବିତାଏ ଗ୍ରାମାଞ୍ଚଳରେ । ନିପଟ ମଫସଲରେ । ଆଉ ବି ବଣଜଙ୍ଗଲଭରା ପର୍ବତାଞ୍ଚଳରେ । ଦେଶ ଯେତେବେଳେ ସହର ଗଢିଚାଲିଛି, ଆମେ ଓଡ଼ିଆ ସହରକୁ ଗ୍ରାମପରି କରି ଭାଇଚାରା ଓ ମାନବିକ ମୂଲ୍ୟବୋଧର ବସତି କରିଛୁ । ଏକ ତୃତୀୟାଂଶ ବନଜାତିକୁ ନିଜର କରି ଓଡ଼ିଆ ପରମ୍ପରା ଆଉ ଧର୍ମ ପରିଚୟ ସୃଷ୍ଟି କରିଛୁ । ଏଇଟା ପ୍ରତି ଓଡିଆ ହୃଦୟରେ ଉଦିତ । ଏମିତି ଆଚରଣ ଆଉ ଜୀବନଧାରଣରେ ଆମେ ନିଶ୍ଚିତ ମଧୁରିଆ ଜନଜୀବନ ଧାରଣ କରିଛୁ । ଅମେ ନୁହେଁ, ଦୁନିଆ କହେ ଏହି ଓଡ଼ିଆ ମନୋଭାବର କାହାଣୀ । ନିଜତ୍ୱକୁ ଜାତିରେ ହଜାଇଥିବା ଓଡ଼ିଆ !

ଅଳ୍ପରେ ପୂରିଯାଏ ଓଡ଼ିଆ ମନ, ଅଳପ ଚର୍ଚ୍ଚାରେ ଭରିଯାଏ ଓଡ଼ିଆ ପ୍ରାଣ । ଅଳପ ଦାନରେ ଭରିଯାଏ ଓଡ଼ିଆ କାନି । ଆଉ କିଞ୍ଚିତ୍ ସମ୍ମାନରେ ସମ୍ମୋହିତ ହୋଇଯାଏ ଓଡ଼ିଆ ସ୍ୱାଭିମାନ । ତିଳେମାତ୍ର ଅସମ୍ମାନରେ ଓଡିଆ ରାଜକୁମାରୀକୁ କରିପାରେ ଚଣ୍ଡାଳୁଣୀ, ପୁଣି କର୍ମ ଆଉ ଗୃହ ପରିଚାଳନାରେ ଚଣ୍ଡାଳୁଣୀକୁ କରିପାରେ ଲକ୍ଷ୍ମୀ ସାଆନ୍ତାଣୀ । ଓଡିଆ ମାନସିକତା । ବେଦପରି କଠୋର ନହୋଇ ବ୍ୟବହାରଯୋଗ୍ୟ ଚଳନଶୀଳତା । ଏଇଟା ଓଡ଼ିଆ ଜୀବନର ସିଦ୍ଧାନ୍ତଶୀଳତା । ମଧୁରମୟତା ।

ସମୟ ଅପେକ୍ଷା କରେନି । ଚଳଚଞ୍ଚଳ ଓଡିଆ ଜୀବନ କଟିଛି କୃଷିରେ, ପ୍ରାଚୀନ ଶିଳ୍ପରେ, ସାଗରଯାତ୍ରାରେ କି ସମର କ୍ଷେତ୍ରରେ । ବିଶ୍ୱର କେଉଁ କୋଣରେ ବିଜ୍ଞାନର କୃତ୍ରିମତା ଭୀମରୂପ ଧାରଣ କରିବା ବେଳକୁ ଓଡ଼ିଆ ଅର୍ଥନୀତି ମୁଦ୍ରାକୁ ରୂପାନ୍ତରିତ ହୋଇନି, ଚାଲିଛି କଉଡ଼ିରେ । କଉଡ଼ିଆ ଓଡ଼ିଆ ଜୀବନ ! ସତରେ କେତେ ଆଦର୍ଶର, କେତେ ମାନବିକତାର । ଏଇଠି ନାହିଁ ମୁଦ୍ରାର ମନକୁ ଲାଞ୍ଛିଆ କରିଦେବାର ମୋହିନୀ ଶକ୍ତି । ଓଡ଼ିଆ ଦିଆନିଆ ବଦଳ-ଉଦଳରେ । ଗାଁରେ କାହାର ବାଡ଼ିରେ ଶାଗ କଅଁଳିଲେ, ମୁଠେ ମୁଠେ ସମସ୍ତେ ଖାଆନ୍ତି । ବୋହୂକାନି ବନ୍ଧା ଭାରଟି ଗାଁର ସବୁ ମୁହଁରେ ପଡେ ।

ଶୁଣିବାକୁ ଭଲ ଲାଗୁଛି । ଅକଳ୍ପନୀୟ ସରଳ ଓଡ଼ିଆ ଜୀବନ ।

ବଦଳି ଗଲାଣି ଓଡ଼ିଆ ଜୀବନ । ମଧୁମୟ ନୁହେଁ ବୋଲି ଚିତ୍କାର କରନ୍ତି ବୟୋଜ୍ୟେଷ୍ଠ ମାନେ । ଓଡ଼ିଆ ସହରିଆ ହେଲା । କଟକିଆ ହେଲା । କଲିକତିଆ ବି ହେଲା । ଏବେ ହୋଇଗଲା ବିଦେଶିଆ କହନ୍ତୁ ଆମେରିକା, ଅଷ୍ଟ୍ରେଲିଆ କି ବିଲାତି ପ୍ରବାସୀ ଓଡ଼ିଆ । ସତରେ ଆମର ମାନଧାତା ଅମଳର ଘର ଆଉ ଗାଁ ପଡିଗଲା ବିଦେଶୀ ପାଠ, ବିଦେଶୀ ଶିଳ୍ପ, ଶାସନଗତ ଜୁଲମ ଆଉ ରାଜନୀତିର ପଶାପାଲିରେ ।

ବିଜ୍ଞାନର ଗାଡି ଗଡି ଚାଲିଛି । ଗୋଦରା କୋଡେ ଯେତେ ମାଡେ ସେତେ ପରି ବିଶ୍ୱ ପରିବେଶର କୂଳ ଖାଇ ଖାଇ ଚାଲିଛି । ତଥାପି ବିଜ୍ଞାନ ଗ୍ରହଣୀୟ । ଆଜି ଆମେରିକାରେ ପଲିଥିନି ତ କାଲି ଦିଲ୍ଲୀରେ । ଆଜି ଦିଲ୍ଲୀରେ ତ କାଲି ଓଡିଶାରେ । ଏମିତି ଆମ ପରିବାର ଆଜି ବିଦେଶୀ ଢାଞ୍ଚାରେ । ପିଲାମାନେ ପଇସା ଗଣି ଗଣି ବେଦମ୍ । କିନ୍ତୁ ନିଜପାଇଁ । ବାପା ମାଆଙ୍କ ପାଇଁ କାଣି କଉଡିଟିଏ ନାହିଁ । ଆସ୍ତେ ଆସ୍ତେ ସବୁର ନିଃଶେଷ ହେଉଛି । ବାପା ଶୁଦ୍ଧ ଘରକୁ ପୁଅ ନ ଆସି ଚଳେଇନେଉଛି ।

ଏବେ ଲେଖକ କୋଉ ମଧୁରିମାର ଉପାଖ୍ୟାନ କରିବ ? ଅଛି କି ସେ ମଧୁର ଓଡିଆ ଜୀବନ ?

ଏହି ଓଡିଆ ବହୁବାର ସ୍ଖଳିତ ହୋଇଛି ନିଜର ମଧୁର ଚରିତରୁ । ଇତିହାସରେ ବହୁ ସମୟରେ ଲାଞ୍ଛିତ ହୋଇଛି ବିଦେଶୀ ପରାଭବରୁ । ସନ୍ତୁଳନ ରଖି ପୁନଶ୍ଚ ମୁଣ୍ଡଟେକି ନିଜର ଶିରି ପୁନଃ ଉତ୍ଥାପନ କରିପାରିଛି କି ନା ? ସେଇଟି ଆମର ଅନ୍ତର୍ନିହିତ ଶକ୍ତି । କେଉଁ ମତେ ଆମ ଭିତରେ ରହି ପାରିଛି, ସେଇଟା ଗୋପନ ରହିଛି । ମାତ୍ର ସେ ଶକ୍ତିର ଗୁମର ଗୋପନୀୟ ନୁହେଁ । ପ୍ରତି ପାଠକ ଅନୁଭବ କରନ୍ତି ସେ ଶକ୍ତିକୁ ।

ଆମକୁ ଆଜି ନିଜକୁ ମୂଲ୍ୟାୟନ କରିବାର ସମୟ ଆସନ୍ନ । ଯଦି ଆମର ବହୁ ସନ୍ତାନସନ୍ତତି ଓଡିଶା ବାହାରେ, ସେମାନଙ୍କ ସମ୍ପୃକ୍ତି ବିନା ଓଡିଆ ଜୀବନର ଓ ଓଡିଶା ରାଇଜର ବିକାଶ ଅଧୁରା ରହିଯିବ । ସେମାନେ ବିଦେଶରେ ଆମର ଧର୍ମଧ୍ୱଜ । ଓଡ଼ିଆ ଗୋଟିଏ ଜାତି ଏହା ବିଶ୍ୱର କୋଣ ଅନୁକୋଣରେ ପ୍ରତିଫଳିତ ହେବା ଆବଶ୍ୟକ । ଆମର ଦୃଢ ବିଶ୍ୱାସ, ବିଶ୍ୱ ଭରିଯିବ ଜଗନ୍ନାଥ ରୂପରେ, ଗୁଣରେ ଆଉ ମାନବିକତାର ଆକଳନ ଜଗନ୍ନାଥ ଧର୍ମର ସାମାଜିକତାରେ ।

ପ୍ରତିଟି ଓଡ଼ିଆ । ଆଜି ନିଜକୁ ଯେଉଁ ସ୍ତରକୁ ନେଇଥାଇ ପାର, ଫେରିଆସ ନିଜର ମୂଳ ଚରିତକୁ । ଆଉ ଚରିତ୍ରହୀନ ହୁଅନି । ଥିଲେ ଥାଉ ପଛେ ଗୁଣ ହଜାର । ମୂଳ ଚାରିତ୍ରିକ ଓଡ଼ିଆ ଗୁଣ ପୁଣି ଥରେ ଆଗକୁ ଆଣ । କିଏ କହେ ଓଡ଼ିଆ ଈର୍ଷାପର ? ଏଇ ସ୍ୱାଭିମାନୀ ଜାତି କଅଣ ଈର୍ଷାରେ ବଞ୍ଚିବ ? ଆଦୌ ନୁହେଁ । ଉପରକୁ ଉଠୁଥିବା ଓଡ଼ିଆ ଭାଇକୁ ଟେକିଦିଅ । ସେ କାଲିକୁ ତୁମ ଆତ୍ମୀୟଙ୍କ ଯତ୍ନ ନେବ ।

ସତ କଥା, ଓଡିଶାକୁ ଟଙ୍କା ପଇସାର ଆକର୍ଷଣ ବହୁତ ପଛରେ ଆସିଛି । ଏହାର ସଦ୍‌ବ୍ୟବହାର କର । ଚିଟ୍ ଫଣ୍ଡ ବେଳକୁ ଏତେ ବିନିଯୋଗ କରିପାରୁଛ, ନିଜର ଆଉ ନିଜ ପଇସାର ସଠିକ୍ ବିନିଯୋଗ କର । ଚିଟ୍ ଫଣ୍ଡରେ ହରାଇବା ସରଳତା ନୁହେଁ, ଅତିରିକ୍ତ ମୂର୍ଖାମୀ । ଲୋଭର ପରିଚୟ, ଓଡ଼ିଆ ସରଳ ଚରିତ୍ରର ଉଦାହରଣ ଆଦୌ ନୁହେଁ ।

ଓଡ଼ିଆ ଜୀବନକୁ ଆଜିର ଯୁଗରେ ମଧୁର କରିବାର ଆଉ ଗୋଟିଏ ଦିଗ ଅଛି । ଆମର କର୍ମମୟ ଜୀବନ । ଓଡ଼ିଆ ଜୀବନ ଯୁଗେ ଯୁଗେ କର୍ମମୟ । ଦୁଇଟଙ୍କିଆ ଚାଉଳ ତୁମକୁ ବେକାର କରିଦେବ, ଏଇଟା ତୁମ ଓଡ଼ିଆ ଜୀବନକୁ ଉପହାସ । ନିଜ ଗାଁ ପରିବେଶ, କୃଷି ଉତ୍ପାଦନ ଆଉ କାମୁକା ଜୀବନର ସରଳ ସମ୍ପାଦନ କରିପାରିଲେ, ବ୍ୟକ୍ତିଗତ, ସାମାଜିକ ଆଉ ଅର୍ଥନୈତିକ ଜୀବନର ମୂଲ୍ୟବୋଧ ଆସିବ ।

ଆଉ ଗୋଟିଏ ସଚେତନତା । ଟଙ୍କିଆ ଚାଉଳ, ସାଇକେଲ, କାଳିଆ ଯୋଜନା ଆଦି ତୁମ ନିଜ ଟିକସ ପଇସାର ସଦୁପଯୋଗ କରନ୍ତି ସରକାର । ଏହାର ଅର୍ଥ ନୁହେଁ ଏହାର ମୂଲ ଫେରାଇବ କୌଣସି ପ୍ରତିଦାନରେ । ଗଣତନ୍ତ୍ରର ସୁଯୋଗ୍ୟ ସନ୍ତାନ ଭାବରେ ନିଜର ନିର୍ଭୀକ ମତଦାନ କର । ପ୍ରତି ନାଗରିକ ମତଦାନ କର, ଜଣେ ବି ମତଦାନରୁ ବିରତ ରହନି । ଏହା ନକରି ପାରିଲେ, ଗଣତନ୍ତ୍ର ଚିତ୍‌ପଟାଙ୍ଗ ମାରିବ । ତୁମର ନିଜ ବ୍ୟକ୍ତିଗତ ଜୀବନ ଆଉ ସାମାଜିକ ଜୀବନ ବିପନ୍ନ ହେବ ।

ସୁତରାଂ ଏହା କୁହାଯାଇ ପାରେ ଅସନ୍ତାକାଲିକୁ ପ୍ରତି ଓଡ଼ିଆ ନିଜକୁ ସୁଧାରିବାକୁ ନିଶ୍ଚୟ ଚାହିବେ । ନିଜର ଭାଷା ରଖିବେ, ଯେତେ ନୂଆ ବ୍ୟବହାର ଯୋଗ୍ୟ ଯାନ୍ତ୍ରିକ ବା ଆବଶ୍ୟକ ବିଦେଶୀ ଶବ୍ଦ ଦରକାର ତାକୁ ଆମର ବିଶାଳ ପ୍ରାଚୀନ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ମନପ୍ରାଣ ଦେଇ ଗ୍ରହଣ କରିବେ । ଆମର ସଂସ୍କୃତିକୁ ବଞ୍ଚାଇ ରଖିବାକୁ ସଂକଳ୍ପବଦ୍ଧ ହେବେ । ଓଡ଼ିଆ ରହି ଦୁନିଆ ଦେଖିବେ

ଏହି ଅନୁଚିନ୍ତନରୁ କାଲିକୁ ସୁମଧୁର ହେବ ଓଡ଼ିଆ ଆଉ ଓଡ଼ିଶା ।


ସି.ଡି.ଏ. , କଟକ.

ମୋ - ୯୪୩୭୭୨୮୪୭୫